ନବ କଳେବରରେ

ଉତ୍କଳ ପରିଚୟ

୧୯୫୦

Digitized by srujanika@gmail.com

ମହାମାନ୍ୟ ଗଭର୍ଣ୍ଣର ଜନାବ୍ ଏମ୍, ଅସଫ୍ ଅଲି

ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀନବକୃଷ୍ଣ ଚୌଧୁରୀ

ମାନ୍ୟବର ପଣ୍ଡିତ ଶ୍ରୀଲିଙ୍ଗରାଜ ମିଶ୍ର

ମାନ୍ୟବର ଶ୍ରୀସଦାଶିବ ତ୍ରିପାଠୀ

ମାନ୍ୟବର ଶ୍ରୀନିତ୍ୟାନନ୍ଦ କାନୁନଗୋ

ମାନ୍ୟବର ଶ୍ରୀଲାଲ ରଣଜିତ୍ ସିଂହ ବରିହା

...ମୋହନ ପ୍ରଧାନ

ମାନ୍ୟବର ଶ୍ରୀରାଜକୃଷ୍ଣ ବୋଷ

ପ୍ରଥମ [illegible]
ମାନ୍ୟବର ଶ୍ରୀ[illegible]

ବାଚସ୍ପତି
ମାନ୍ୟବର ଶ୍ରୀଲାଲମୋହନ ପଟ୍ଟନାୟକ

Digitized by srujanika@gmail.com

ଅବତରଣିକା

ନିମ୍ନଲିଖିତ ତିନୋଟି ଉଦ୍ଦେଶ୍ୟ ନେଇ “ନବକଳେବର ଯାତ୍ରା ପରିଚୟ” ପୁସ୍ତିକା ପ୍ରକାଶ କରାଯାଇ ଅଛି:—

(କ) ପାଠକ ପାଠିକାମାନଙ୍କୁ ଓଡ଼ିଶା ବିଷୟରେ ଜ୍ଞାତବ୍ୟ ତଥ୍ୟମାନ ଯୋଗାଇବା ।

(ଖ) ସଂକ୍ଷେପରେ ଓଡ଼ିଶା ଇତିହାସର ପରିଚୟ ଦେବା ଏବଂ ରାଜ୍ୟର ପ୍ରଧାନ ପ୍ରଧାନ ଧର୍ମାନୁଷ୍ଠାନମାନଙ୍କର ତାତ୍ପର୍ଯ୍ୟ ବର୍ଣ୍ଣନା କରିବା ।

ଏବଂ

(ଗ) ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ଆସନ୍ତା “ନବକଳେବର ଯାତ୍ରା”ରେ ପୁରୀକୁ ଆସୁଥିବା ଯାତ୍ରୀ ଓ ଦର୍ଶକମାନଙ୍କର କଅଣ କଅଣ କରିବା ଓ କଅଣ କଅଣ ନ କରିବା ଉଚିତ ତାହା ସେମାନଙ୍କୁ ବୁଝାଇଦେବା ।

ତେଣୁ ପୁସ୍ତିକାକୁ ତିନୋଟି ଅଧ୍ୟାୟରେ ବିଭକ୍ତ କରାଯାଇଅଛି ।

ପ୍ରଥମ ଅଧ୍ୟାୟ—(୧ମ ପୃଷ୍ଠାରୁ—୨୪ ପୃଷ୍ଠା)ରେ ଚୁମ୍ବକରେ ଓଡ଼ିଶା ପରିଚୟ ଦିଆଯାଇ ଅଛି ।

ଦ୍ୱିତୀୟ ଅଧ୍ୟାୟ—(୨୫ ପୃଷ୍ଠାରୁ—୪୨ ପୃଷ୍ଠା)ରେ ଓଡ଼ିଶାର ଗରିମାମୟ ଅତୀତ ବର୍ଣ୍ଣିତ ହୋଇଅଛି । ଏଥିରେ ଯୁଗେ ଯୁଗେ ଓଡ଼ିଶା ଶିରୋନାମାରେ ଓଡ଼ିଶାର ଐତିହାସିକ ବିବରଣ ସଂକ୍ଷେପରେ ପ୍ରଦତ୍ତ ହୋଇଅଛି । ଏ ଅଧ୍ୟାୟରେ ଓଡ଼ିଶାର ପ୍ରଧାନ ପ୍ରଧାନ ଧର୍ମାନୁଷ୍ଠାନମାନଙ୍କର ତାତ୍ପର୍ଯ୍ୟ ସମ୍ବନ୍ଧରେ ମଧ୍ୟ ତଥ୍ୟମାନ ଦିଆଯାଇଅଛି ।

ତୃତୀୟ ଅଧ୍ୟାୟ—(୪୩ ପୃଷ୍ଠାରୁ—୪୮ ପୃଷ୍ଠା) ନବକଳେବର ଯାତ୍ରା ଉପଲକ୍ଷରେ ପୁରୀ ସହରରେ କିପରି ପୁଲିସ ଓ ସ୍ୱାସ୍ଥ୍ୟରକ୍ଷାମୂଳକ ବ୍ୟବସ୍ଥା କରାଯାଇଅଛି ସେ ବିଷୟ ବର୍ଣ୍ଣିତ ହୋଇଅଛି । ଏ ଉତ୍ସବ ସମୟରେ ଯାତ୍ରୀ ଓ ଦର୍ଶକମାନଙ୍କର କଅଣ କଅଣ ଜାଣିବା ଓ କଅଣ କଅଣ କରିବା ଦରକାର, ସେ ସମ୍ବନ୍ଧରେ ମୂଲ୍ୟବାନ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଅଛି ।

ଓଡ଼ିଶା ସରକାରଙ୍କ ଲୋକ ସମ୍ପର୍କ ବିଭାଗ

Digitized by srujan ka@gmail.com

ବିଶ୍ୱଶାନ୍ତି ପଥେ—

ଯୁଗେ ଯୁଗେ ଶାନ୍ତିଦୂତମାନଙ୍କ ବାଣୀ

"ସମସ୍ତ ମନୁଷ୍ୟ ମୋର ସନ୍ତାନ, ସମସ୍ତେ ସୁଖୀ ଓ ସମୃଦ୍ଧିଶାଳୀ ହୁଅନ୍ତୁ:—ଏହା ଛଡ଼ା ମୋ ସନ୍ତାନମାନଙ୍କ ପାଇଁ ମୁଁ ଆଉ କଅଣ ଅଧିକ କାମନା କରି ପାରିବି ? ପ୍ରତ୍ୟେକ ବ୍ୟକ୍ତିର ଆଚରଣ ଦ୍ୱେଷ ବିରହିତ ହେଉ, ପ୍ରତ୍ୟେକ ବ୍ୟକ୍ତି ଏଥିପାଇଁ ତାର ସର୍ବୋତ୍ତମ ପ୍ରଯତ୍ନ କରୁ । ମୁଁ ସବୁଠାରେ—ଏପରିକି ସୁଦୂର ତକ୍ଷଶିଳାରେ ମଧ୍ୟ ଏ ବିଷୟ ଉଲ୍ଲେଖ କରିଅଛି ।

—ଅଶୋକ (ଧଉଳି ଅନୁଶାସନ)

ଆମ୍ଭେମାନେ ଯଦି ମାନୁଁ ଯେ, ମଣିଷର ସମୁଦ୍ଧ ଶକ୍ତିର ବିକାଶ ଘଟାଇବା ପାଇଁ ପ୍ରକୃତି ମାନବସମାଜର ସୃଷ୍ଟି କରିଅଛି, ତାହାହେଲେ ମାନବଜାତିର ସବୁଠୁଁ ବଡ଼ ପ୍ରୟୋଜନ ହେଉଛି ଶାନ୍ତିର ବାତାବରଣ ଭିତରେ ନିରୁଦ୍‌ବେଗରେ ବାସ କରିବା । ତାହାହେଲେ ଯାଇଁ ସେ ଅଧିକ ଅବାଧଭାବରେ ଓ ଅନାୟାସରେ ଉକ୍ତ ଲକ୍ଷ୍ୟ ସାଧନରେ ମନପ୍ରାଣ ଢାଳି ଦେଇ ପାରିବ । ଏଥିରୁ ଏହା ସିଦ୍ଧାନ୍ତ ହୋଇଅଛି ଯେ ସମସ୍ତ ଉତ୍ତମ ପଦାର୍ଥ ମଧ୍ୟରେ ଶ୍ରେଷ୍ଠ ହେଉଛି ବିଶ୍ୱଜନୀନ ଶାନ୍ତି । ଏହାହିଁ ମାନବଜାତିର ପ୍ରକୃତ ସୁଖବିଧାୟକ ।

ଇଟାଲୀର ବିଶ୍ୱକବି—ଦାନ୍ତେ

ପୃଥିବୀ ଯେତେବେଳେ ଯୁଦ୍ଧ ଲୋପ କରିବାକୁ ଚେଷ୍ଟା କରୁଅଛି ସେତେବେଳେ ଗୋଟାଏ ଜାତି ଅନ୍ୟ ଗୋଟାଏ ଜାତିକୁ ଶୋଷଣ କରିବାର ବା ଗୋଟାଏ ଜାତି ଅନ୍ୟ ଗୋଟାଏ ଜାତି ଉପରେ ଆଧିପତ୍ୟ କରିବାର ପ୍ରଶ୍ନ ଆଉ ଉଠି ନ ପାରେ । ପୃଥିବୀର ମନୋବୃତ୍ତି ସର୍ବଦା ଯୁଦ୍ଧ ବିରୋଧୀ ରହିଲେ ଦୁର୍ବଳ ସାମରିକ ବଳ ଥିବା ଜାତିମାନଙ୍କର ଧ୍ୱଂସ ଓ ଶୋଷିତ ହେବାର ଆଶଙ୍କା ରହିବ ନାହିଁ । ପୃଥିବୀର ଚିନ୍ତାଶୀଳ ସୁଜନମାନଙ୍କର ଆଜି ଇଚ୍ଛା ଯେ, ପରସ୍ପର ସହିତ ଲଢ଼ୁଥିବା ପୂର୍ଣ୍ଣ ସ୍ୱାଧୀନ ରାଜ୍ୟସବୁ ନ ରହୁ, ବରଂ ପରସ୍ପର ଉପରେ ନିର୍ଭରଶୀଳ ଓ ପରସ୍ପର ପ୍ରତି ବନ୍ଧୁଭାବାପନ୍ନ ଗୋଟିଏ ମାତ୍ର ରାଜ୍ୟଗୋଷ୍ଠୀ ରହୁ । ଏ ଇଚ୍ଛା ପୂର୍ଣ୍ଣ ହେବାକୁ ଅହୁରି ବହୁଦିନ ଲାଗିପାରେ । ଏଥିପାଇଁ ଆମ୍ଭମାନଙ୍କ ଦେଶ ବିଶେଷ ପ୍ରଯତ୍ନ କରୁଛି ବୋଲି ମୁଁ କହୁ ନାହିଁ । କିନ୍ତୁ ପୂର୍ଣ୍ଣ ସ୍ୱାଧୀନତା ନ ଚାହିଁ ବିଶ୍ୱଜନୀନ ପାରସ୍ପରିକ ନିର୍ଭରଶୀଳତା ସପକ୍ଷରେ ଆମ୍ଭମାନଙ୍କ ଦେଶ ଯଦି ମତ ପ୍ରକାଶ କରେ, ତାହାହେଲେ ତାର ସେ ଆଦର୍ଶକୁ ଅଲଭ୍ୟ ବା ଅସାଧ୍ୟ କୁହାଯାଇ ପାରିବ ନାହିଁ ।

—ମହାତ୍ମାଗାନ୍ଧୀ

Digitized by srujan ka@gmail.com

ଏ ଉ କ ଳେ ର ର

ଉତ୍କଳ ପରିଚୟ

ପ୍ରଥମ ଅଧ୍ୟାୟ

ଚୁମ୍ବକରେ ଓଡ଼ିଶା ପରିଚୟ

(କ) ଓଡ଼ିଶାର କ୍ଷେତ୍ରଫଳ:—୫୯,୦୧୮ ବର୍ଗ ମାଇଲ

ଲୋକ ସଂଖ୍ୟା—୧୩୭,୬୮,୦୦୦ (୧୯୪୧ ମସିହାର ଜନଗଣନା ଅନୁସାରେ)

ସବ୍ଡିଭିଜନ ସଂଖ୍ୟା—୩୦

ଗ୍ରାମ ସଂଖ୍ୟା—୪୫,୪୬୭

Digitized by srujan ka@gmail.com

ଓଡ଼ିଶା ଜିଲ୍ଲା ସମୂହର ବିଶଦ ବିବରଣୀ

ଜିଲ୍ଲାମାନଙ୍କର ନାମ	(କେନ୍ଦ୍ର ସ୍ଥାନର ନାମ ବନ୍ଧନୀ ମଧ୍ୟରେ)	କ୍ଷେତ୍ରଫଳ (ବର୍ଗମାଇଲ)	ଲୋକ ସଂଖ୍ୟା (୧୯୪୧ ଜନଗଣନା)	ନୂତନ ଶାସନବିଧାନ ଅନୁସାରେ ଓଡ଼ିଶା ବ୍ୟବସ୍ଥାପକ ସଭାପାଇଁ (ଅପାତତଃ) ନିର୍ଦ୍ଦିଷ୍ଟ ହୋଇଥିବା ସଭ୍ୟ ସଂଖ୍ୟା	ନୂତନ ଶାସନ ବିଧାନ ଅନୁସାରେ ଅପାତତଃ ଧାର୍ଯ୍ୟ ହୋଇଥିବା ଭୋଟଦାତାଙ୍କ ସଂଖ୍ୟା
କଟକ	(କଟକ)	୪୨୧୦	୨୪,୪୯,୦୦୦	୨୫	୧୪,୧୨,୬୮୮
ପୁରୀ	(ପୁରୀ)	୪୦୪୩	୧୪,୫୭,୦୦୦	୧୫	୮,୧୭,୧୧୫
ବାଲେଶ୍ୱର	(ବାଲେଶ୍ୱର)	୨୩୧୮	୧୧,୧୧,୦୦୦	୧୧	୬,୩୯,୦୩୧
ସମ୍ବଲପୁର	(ସମ୍ବଲ ପୁର)	୬୬୩୫	୧୨,୦୨,୦୦୦	୧୨	୭,୦୪,୬୨୩
ଗଞ୍ଜାମ	(ଛତ୍ରପୁର)	୪୭୨୪	୧୫,୬୧,୦୦୦	୧୬	୮,୩୪,୩୧୦
କୋରାପୁଟ	(କୋରାପୁଟ)	୯୮୪୪	୧୧,୨୮,୦୦୦	୧୧	୫,୯୮,୭୪୪
ଢେଙ୍କାନାଳ	(ଢେଙ୍କାନାଳ)	୪୧୬୧	୭,୪୨,୦୦୦	୮	୪,୧୮,୮୮୬
ସୁନ୍ଦରଗଡ଼	(ସୁନ୍ଦରଗଡ଼)	୩୭୫୭	୪,୯୧,୦୦୦	୫	୨,୬୮,୫୩୨
ମୟୂରଭଞ୍ଜ	(ବାରିପଦା)	୪୦୩୪	୯,୮୨,୦୦୦	୧୦	୫,୨୫,୬୦୬
କେନ୍ଦୁଝର	(କେନ୍ଦୁଝର ଗଡ଼)	୩୨୦୬	୫,୩୦,୦୦୦	୫	୨,୭୪,୮୮୬
କଳାହାଣ୍ଡି	(ଭବାନୀପାଟଣା)	୪୩୮୮	୭,୯୪,୦୦୦	୮	୪,୦୭,୯୬୬
ବଲାଙ୍ଗୀର ପାଟଣା	(ବଲାଙ୍ଗୀର)	୩୪୭୮	୮,୭୨,୦୦୦	୯	୪,୭୦,୪୫୯
ବୌଦ୍ଧ-ଫୁଲବାଣୀ	(ଫୁଲବାଣୀ)	୪୧୨୦	୪,୫୦,୦୦୦	୫	୨,୩୦,୭୭୨
	ସର୍ବ ମୋଟ—	୫୯,୦୧୮	୧୩୭,୬୮,୦୦୦	୧୪୦	[illegible]

Digitized by srujan ka@gmail.com

(ଖ) ଓଡ଼ିଶା ସରକାରଙ୍କର ଲାଟ ଏବଂ ମନ୍ତ୍ରିମଣ୍ଡଳ

(ମାନ୍ୟବର ମନ୍ତ୍ରୀମାନଙ୍କ ଅଧୀନ ବର୍ତ୍ତମାନ ବଣ୍ଟନୀ ଭିତରେ ଉଲ୍ଲେଖ କରାଯାଇଅଛି)

ମହାମାନ୍ୟ ଜନାବ୍ ଏମ୍, ଆସଫ୍ ଅଲି, ବାରିଷ୍ଟର—ଲାଟ ସାହେବ

୧। ମାନ୍ୟବର ଶ୍ରୀ ନବକୃଷ୍ଣ ଚୌଧୁରୀ—ପ୍ରଧାନ ମନ୍ତ୍ରୀ (ଅର୍ଥ, କୃଷି ଏବଂ ଜଙ୍ଗଲ, ସ୍ୱାୟତ୍ତ ଶାସନ ଏବଂ ସମବାୟ, ଅବକାରୀ ଏବଂ ସାହାଯ୍ୟ ଓ ପୁନର୍ବସତି ବିଭାଗ)

୨। ମାନ୍ୟବର ଶ୍ରୀ ନିତ୍ୟାନନ୍ଦ କାନନଗୋ—(ଘରୋଇ ବିଭାଗ, ଆଇନ, ନଦୀ ଉପତ୍ୟକା ଉନ୍ନୟନ, ଶିଳ୍ପ ଓ ଯୋଜନା ବିଭାଗ)

୩। ମାନ୍ୟବର ପଣ୍ଡିତ ଶ୍ରୀ ଲିଙ୍ଗରାଜ ମିଶ୍ର—(ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ)

୪। ମାନ୍ୟବର ଶ୍ରୀ ରାଜକୃଷ୍ଣ ବୋଷ—(ପୂର୍ତ୍ତ ବିଭାଗ)

୫। ମାନ୍ୟବର ଶ୍ରୀ ଲାଲ ରଣଜିତ ସିଂହ ବରିହା—(ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗ)

୬। ମାନ୍ୟବର ଶ୍ରୀ ସଦାଶିବ ତ୍ରିପାଠୀ—(ରାଜସ୍ୱ, ଯୋଗାଣ ଓ ସରବରାହ ବିଭାଗ)

୭। ମାନ୍ୟବର ଶ୍ରୀ ପବିତ୍ରମୋହନ ପ୍ରଧାନ—(ଲୋକସମ୍ପର୍କ, ବାଣିଜ୍ୟ ଓ ଶ୍ରମ ବିଭାଗ)

(ଗ) ଓଡ଼ିଶା ବ୍ୟବସ୍ଥାପକ ସଭା—(ସଭ୍ୟସଂଖ୍ୟା—୯୧)

ମାନ୍ୟବର ଶ୍ରୀ ଲାଲମୋହନ ପଟ୍ଟନାୟକ—ବାଚସ୍ପତି
ମାନ୍ୟବର ଶ୍ରୀମତୀ ଲକ୍ଷ୍ମୀ ବାଈ—ସହକାରୀ ବାଚସ୍ପତି

ଅନ୍ୟାନ୍ୟ ସଭ୍ୟମାନଙ୍କର ନାମ

ମାନ୍ୟବର ଶ୍ରୀ ନବକୃଷ୍ଣ ଚୌଧୁରୀ, ମାନ୍ୟବର ଶ୍ରୀ ନିତ୍ୟାନନ୍ଦ କାନନଗୋ, ମାନ୍ୟବର ପଣ୍ଡିତ ଶ୍ରୀ ଲିଙ୍ଗରାଜ ମିଶ୍ର, ମାନ୍ୟବର ଶ୍ରୀ ରାଜକୃଷ୍ଣ ବୋଷ, ମାନ୍ୟବର ଶ୍ରୀ ଲାଲ ରଣଜିତ୍ ସିଂହ ବରିହା, ମାନ୍ୟବର ଶ୍ରୀ ସଦାଶିବ ତ୍ରିପାଠୀ, ମାନ୍ୟବର ଶ୍ରୀ ପବିତ୍ର ମୋହନ ପ୍ରଧାନ, ଶ୍ରୀ ଗୌରାଙ୍ଗ ଚରଣ ଦାସ, ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ, ଶ୍ରୀ ଭୈରବଚନ୍ଦ୍ର ମହାନ୍ତି, ଶ୍ରୀ କାହ୍ନୁଚରଣ ଦାସ, ଶ୍ରୀ ନାରାୟଣ ବୀରବର ସାମନ୍ତ, ଶ୍ରୀ ଦୀନବନ୍ଧୁ ସାହୁ, ଶ୍ରୀ ସତ୍ୟଦେବ ଦାସ, ଶ୍ରୀ ଗଦାଧର ଦତ୍ତ, ଶ୍ରୀ ସାନ୍ତନୁକୁମାର ଦାସ, ଶ୍ରୀ ଦ୍ୱାରକାନାଥ ଦାସ, ଶ୍ରୀ ମଦନମୋହନ ପଟ୍ଟନାୟକ, ଶ୍ରୀ ହୃଷୀକେଶ ତ୍ରିପାଠୀ, ଶ୍ରୀ ଜୟକୃଷ୍ଣ ମହାନ୍ତି, ଶ୍ରୀ ଲୋକନାଥ ମିଶ୍ର, ଶ୍ରୀ ପୂର୍ଣ୍ଣାନନ୍ଦ ସାମଲ, ଶ୍ରୀ ବନମାଳୀ ପଟ୍ଟନାୟକ, ଶ୍ରୀ ସତ୍ୟବାଦୀ ନନ୍ଦ, ଶ୍ରୀ ସୁରେନ୍ଦ୍ରନାଥ ଦାସ, ଶ୍ରୀ ନୀଳମଣି ରାଉତରାୟ, ଶ୍ରୀ କରୁଣାକର ପାଣିଗ୍ରାହୀ, ଶ୍ରୀ ଭାଗବତ ସାହୁ, ଶ୍ରୀ ବୃନ୍ଦାବନଚନ୍ଦ୍ର ଦାସ, ଶ୍ରୀ ଶ୍ରଦ୍ଧାକର ସୁପକାର, ଶ୍ରୀ ମୋହନ ସିଂହ, ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ର, ଶ୍ରୀ ବଂଶୀ ବହୁର; ଲାଲ ବ୍ରଜମାଧବ ଦେଓ, ଶ୍ରୀ ଦୀନବନ୍ଧୁ ବେହେରା, ଶ୍ରୀ ଜଗନ୍ନାଥ ମିଶ୍ର, ଶ୍ରୀ ନାରାୟଣ ପଣ୍ଡା, ଶ୍ରୀ ମଧୁସୂଦନ ମହାପାତ୍ର, ଶ୍ରୀ ଈଶ୍ୱର ନାୟକ, ଶ୍ରୀ ଉମାଚରଣ ପଟ୍ଟନାୟକ, ଡାକ୍ତର ସୋମନାଥ ପଣ୍ଡା, ଶ୍ରୀ କ. ନାରାୟଣ ମୂର୍ତ୍ତି, ଶ୍ରୀ ନାରାୟଣ ପାଢ଼ୀ, ଶ୍ରୀ ଅନନ୍ତ ତ୍ରିପାଠୀ ଶର୍ମା, ଶ୍ରୀ ରାଧାମୋହନ ସାହୁ, ଶ୍ରୀ ରାଧାକୃଷ୍ଣ ବିଶ୍ୱାସରାୟ, ମୌଲବୀ ମହମ୍ମଦ ୟୁସୁଫ୍, ମୌଲବୀ ଫଜଲ ହକ୍, ମୌଲବୀ ମହମ୍ମଦ ଖାଁ, ମୌଲବୀ ମହମ୍ମଦ ଲତିଫୁର୍ ରହମନ୍, ଶ୍ରୀମତୀ ପ୍ରିୟମ୍ବଦା
ଶ୍ରୀ ଘନଶ୍ୟାମ ଦାସ ଥରନୀ, ରାଜା ଶ୍ରୀ ଶୈଳେନ୍ଦ୍ର ନାରାୟଣ ଭଞ୍ଜ ଦେଓ, ଶ୍ରୀ ଲୋକନ୍
ଶ୍ରୀ ବୈଦ୍ୟନାଥ ରଥ, ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ମିସ ଅନେ ବ

Digitized by srujan ka@gmail.com

ସନ୍‌ରେ, ଶ୍ରୀ ଅନ୍ତର୍ଯାମୀ ମଲ୍ଲିକ, ଶ୍ରୀ ଗୋଦାବର୍ଥୀ ରାମଦାସ, ଶ୍ରୀ ଲାଲମୋହନ ପତି, ଶ୍ରୀ ହରିଶ୍ଚନ୍ଦ୍ର ଦାସ, ଶ୍ରୀ ଗିରିଶଚନ୍ଦ୍ର ଦାସ, ଶ୍ରୀ ଯାଦବଗୋବିନ୍ଦ ପତି, ଶ୍ରୀ ଗୋପୀନାଥ ନାୟକ, ଶ୍ରୀ ଜଳନ୍ଧର ଦେବ, ଶ୍ରୀ ସୁରେନ୍ଦ୍ର-ମୋହନ ପଟ୍ଟନାୟକ, ଶ୍ରୀ ମହେଶଚନ୍ଦ୍ର ସୁବାହୁ ସିଂହ, ଶ୍ରୀ ଜୟକାବନ ପ୍ରଧାନ, ଶ୍ରୀ ଆଠଗଡ଼ ରୁଦ୍ରପ୍ରତାପ ସିଂହ ଦେଓ, ଶ୍ରୀ କାଳୀପ୍ରସାଦ ବାବୁ, ଶ୍ରୀ ଗଜାନନ ନାୟକ, ଶ୍ରୀ ଶ୍ରୀଧର ଦାସ, ଶ୍ରୀ ଦିବାକର ବହିଦାର, ଶ୍ରୀ ନିମାଇଁ ଚରଣ ପାଣିଗ୍ରାହୀ, ଶ୍ରୀ କପିଳେଶ୍ୱର ପ୍ରସାଦ ନନ୍ଦ, ଶ୍ରୀ କପୁରଚନ୍ଦ୍ର ନାୟକ, ଶ୍ରୀ ନରହରି ଦଣ୍ଡପାଟ, ଶ୍ରୀ ରାମଚରଣ ପଟେଲ, ଶ୍ରୀ ଶିବନାରାୟଣ ମହାପାତ୍ର, ଶ୍ରୀ ମାଣିକ୍ୟରାମ ମହନ୍ତ, ଶ୍ରୀ ଲକ୍ଷ୍ମୀନାରାୟଣ ଭଞ୍ଜଦେଓ, ଶ୍ରୀ ଗଉଁନବନ୍ଧୁ ମହାନ୍ତି, ଶ୍ରୀ ଶରତଚନ୍ଦ୍ର ମହାନ୍ତି, ଶ୍ରୀ ରାଧାନାଥ ରଥ, ଶ୍ରୀ ଅନ୍ତର୍ଯାମୀ ସାହୁ, ଶ୍ରୀ ଦଶରଥ ପ୍ରଧାନ, ଶ୍ରୀ ମୋହନ ମିଶ୍ର, ଶ୍ରୀ ଶଶିଭୂଷଣ ପ୍ରଧାନ। (ଗୋଟିଏ ସ୍ଥାନ ଖାଲି ଅଛି)

(ଘ) ଭାରତର କେନ୍ଦ୍ର ମନ୍ତ୍ରିମଣ୍ଡଳ ଏବଂ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ଓଡ଼ିଶାର ସଦସ୍ୟ ବୃନ୍ଦ—(୧୪)

ମହତାବ୍‌ଜୀ

(୧) ମାନ୍ୟବର ଶ୍ରୀ ହରେକୃଷ୍ଣ ମହତାବ—ଶିଳ୍ପ ଓ ଯୋଗାଣ ବିଭାଗ ମନ୍ତ୍ରୀ

(୨) ଅନ୍ୟାନ୍ୟ ସଦସ୍ୟ ବୃନ୍ଦ—

ଶ୍ରୀ ବିଶ୍ୱନାଥ ଦାସ, ଶ୍ରୀ ନନ୍ଦକିଶୋର ଦାସ, ଶ୍ରୀ ଭୁବନାନନ୍ଦ ଦାସ, ଶ୍ରୀ କୃଷ୍ଣଚନ୍ଦ୍ର ...ପତି ନାରାୟଣ ଦେଓ, ଶ୍ରୀ ଜଗନ୍ନାଥ ଦାସ, ଶ୍ରୀ ବିଜୟକୁମାର ପାଣି, ଶ୍ରୀ ଜଗନ୍ନାଥ ମିଶ୍ର, ...ନାବ ମହମ୍ମଦ ହନିଫ୍, ଶ୍ରୀ ଏନ୍. ମାଧବ ରାଓ, ଶ୍ରୀ ଲାଲ ରାଜଚନ୍ଦ୍ରଦେଓ.ର ଶ୍ରୀ ସାରଙ୍ଗଧର ଦାସ, ...ରି ମିଶ୍ର, ଶ୍ରୀ ମହେଶ୍ୱର ନାୟକ

ଓଡ଼ିଶା ହାଇକୋର୍ଟ:—

ମାନ୍ୟବର ଶ୍ରୀ ବୀରକିଶୋର ରାୟ—ପ୍ରଧାନ ବିଚାରପତି

" ଶ୍ରୀ ଜଗନ୍ନାଥ ଦାସ—ବିଚାରପତି

" ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ— "

" ଶ୍ରୀ ଆର. ଏଲ୍. ନରସିଂହମ୍, ଆଇ. ସି. ଏସ୍.—ବିଚାରପତି

Digitized by srujan ka@gmail.com

	ପୁରୁଣା ଜିଲ୍ଲା	ପୂର୍ବତନ ଗଡ଼ଜାତ ଅଞ୍ଚଳ (ଏକର)	ସର୍ବ ମୋଟ (ଏକର)
(ଚ) କୃଷି			
(କ) ଗୃଷୋପଯୋଗୀ ଜମିର ମୋଟ କ୍ଷେତ୍ର ଫଳ	୨୦୧,୪୧,୯୨୧	୧,୭୨,୩୫,୭୨୬	୩୭୩୭୭୬୪୭
(ଖ) ଗୃଷ ଜମିର ମୋଟ କ୍ଷେତ୍ରଫଳ	୭୫,୬୨,୯୧୯	୪୯,୧୫,୮୦୦	୧୨୫୨୪୭୧୯
(ଗ) ବିଭିନ୍ନ ଶସ୍ୟ ଗୃଷ କରାଯାଉଥିବା ଜମିର ପରିମାଣ			
(୧) ଶୀତଦିନିଆ ଧାନ (ଶାରଦ)	୪୬,୫୭,୧୯୭	୩୫,୬୮,୩୦୦	୮୨,୨୫,୪୯୭
(୨) ବିଅଳ ଧାନ	୬,୬୨,୮୦୫	୩,୪୦,୩୦୦	୧୦,୦୩,୧୦୫
(୩) ଦାଳୁଅ ଧାନ	୭୮,୦୭୭	୧,୨୦୦	୭୯,୨୭୭
(୪) ଗହମ	୬,୨୫୬	୫,୪୦୦	୧୧,୬୫୬
(୫) ବାର୍ଲି	୯୬୦	—	୯୬୦
(୬) ଜଓ୍ୱାର	୩୮,୬୧୯	୨୨୯୦୦	୬୧,୫୧୯
(୭) ବାଜରା	୪୪୪,୦	୪,୬୦୦	୯,୦୪୦
(୮) ରାଗି ବା ମାଣ୍ଡିଆ	୨୭୦୭୯୦	୪୩,୬୦୦	୩୧୪,୩୯୦
(୯) ମକା	୨୫,୨୧୨	୨୮,୯୦୦	୫୪,୧୧୨
(୧୦) ମୁଗ, ବିରି, ବୁଟ ପ୍ରଭୃତି	୧୨୯,୮୬୪	୫୬,୦୦୦	୧୮୫,୮୬୪
(୧୧) ଅନ୍ୟାନ୍ୟ ଖାଦ୍ୟଶସ୍ୟ ଏବଂ ରବିଶସ୍ୟ	୮୭୪,୯୦୫	୨୭୫,୦୦୦	୧୧୪୯,୯୦୫
(୧୨) ଚେପଶି	୫୬୮୪	୧୬,୦୦୦	୨୧,୬୮୪
(୧୩) ସଷି	୮୨,୯୭୬	୨୦୫,୦୦୦	୨୮୭,୯୭୬
(୧୪) ରେଢ଼ି ଏବଂ ସୋରିଷ	୨୩,୦୨୮	୪୭,୬୦୦	୭୦,୬୨୮
(୧୫) ଚିନାବାଦାମ	୩୨୦୧୩	୨୨,୯୦୦	୫୪୯୧୩
(୧୬) ନଡ଼ିଆ	୧୦,୯୪୯	—	୧୦,୯୪୯
(୧୭) ଗଞ୍ଜ ବା ଜଡ଼ା	୨୨,୨୪୬	୨୨,୦୦୦	୪୪,୨୪୬
(୧୮) ଅନ୍ୟାନ୍ୟ ତୈଳବୀଜ	୯୦,୭୮୧	୨୬,୭୦୦	୧୧୭,୪୮୧
(୧୯) ମସଲା	୨୦,୨୩୪	—	୨୦,୨
(୨୦) ଆଖୁ	୩୩,୧୩୪	୨୯୦୦୦	୬୨,୦
(୨୧) କପା	୯୦୦୦ (ଅନୁମାନିକ)	—	୯୦
(୨୨) ଝୋଟ	୪୫୩୦୦	୫,୭୦୦	୫୧

(ଅ

(୨୩) ଅନ୍ୟାନ୍ୟ ତନ୍ତୁଜାତୀୟ	୯,୨୪୪	—	୯,୨୪୪
(୨୪) ଅନ୍ୟାନ୍ୟ ରଙ୍ଗ	୧,୨୪୫	—	୧,୨୪୫
(୨୫) କଫି	୧୩୫	—	୧୩୫
(୨୬) ଧୂଆଁପତ୍ର	୩୦,୭୭୫	୧,୯୦୦	୩୨୬୭୫
(୨୭) ଲୁଣପଟ	୨୫୦	—	୨୫୦
(୨୮) ଅନ୍ୟାନ୍ୟ ଔଷଧ ଏବଂ ନିଶାଦ୍ରବ୍ୟ	୬,୮୩୧	—	୬,୮୩୧
(୨୯) ପଶୁଖାଦ୍ୟ ଶସ୍ୟ	୧୨,୬୧୭	—	୧୨,୬୧୭
(୩୦) ଫଳ ଏବଂ ପନିପରିବା	୧,୮୪,୩୫୬	—	୧୮୪,୩୫୬
(୩୧) ବିବିଧ ଖାଦ୍ୟ ଶସ୍ୟ	୧୧,୮୪୯	୧୯୫,୧୦୦	୨,୦୬,୯୪୯
(୩୨) ଅନ୍ୟାନ୍ୟ ଫସଲ	୧୧୩,୨୮୮	୧୦,୧୦୦	୧,୨୩,୩୮୮

(ଛ) ଗୋରୁ ମଇଁଷି — ୭୫୨୮୦୦୨

(ଜ) ଜଙ୍ଗଲ—

(୧) ଜମିଦାରୀ ଜଙ୍ଗଲରୁ	ପୁରୁଣା ଜିଲ୍ଲାସମୂହ	ପୂର୍ବତନ ଗଡ଼ଜାତ ଅଞ୍ଚଳ	ସର୍ବମୋଟ
ମିଶାଇ କ୍ଷେତ୍ରଫଳ (ବର୍ଗମାଇଲ୍)	୫୭୧୧	୭୨୫୪	୧୨୯୬୫

(୨) ଜଙ୍ଗଲଜାତ ଦ୍ରବ୍ୟ—ମୁଉବା, ବୃକ୍ଷ, କାଠଗଣ୍ଡି ବା ଦଲମ୍, ଘାସ, ଜାଳେଣି କାଠ, ବେତ, ଲତା, କାଇଁଆ ପତ୍ରଛ, ତନ୍ତୁ, ପତ୍ର, ଫୁଲ, ମଞ୍ଜି, ଶିଉଳି, ଫଳମୂଳ, ମସଲା, ରସ, ଖଇର, ଝୋଟ, ଗମ୍ ଅଠା, କାଠତେଲ, ଝୁଣା, ପାକୃତିକ ବାର୍ଣ୍ଣିସ ରଙ୍ଗ, ଲାଖ, କାଠ କୋଇଲା, ମହୁ ଏବଂ ମହମ; ଚମଡ଼ା, ହାଡଦାନ୍ତ, ହାଡ଼ ଏବଂ ଶିଙ୍ଗ, ମହୁଅ ଫୁଲ, ମହୁଅ ମଞ୍ଜି, ହରଡ଼ା, ରେଶମ ଗୋଟି, କୋଚିଲା ମଞ୍ଜି ଇତ୍ୟାଦି ।

(ଝ) ଓଡ଼ିଶାର ଶିଳ୍ପ ସମ୍ପଦ

(୧) ବଡ଼ ଓ ମଧ୍ୟମ ଧରଣର ଶିଳ୍ପ :—କାଗଜକଳ (ଓରିଏଣ୍ଟ କାଗଜ କଳ, ସମ୍ବଲପୁର ଜିଲ୍ଲା) ମିଲ ଲୁଗା (ଓଡ଼ିଶା ଟେକ୍ସଟାଇଲ୍ ମିଲସ୍, ଚଉଦ୍ୱାର, କଟକ ଜିଲ୍ଲା), କାଚ ଏବଂ ଫାୟାର ବ୍ରିକ୍ସ୍ (ବାରଙ୍ଗ, କଟକ ଜିଲ୍ଲା), ଲୁଣ (ପୁରୀ ଏବଂ ଗଞ୍ଜାମ ଜିଲ୍ଲା), ଚିନି (କଟକ, ଗଞ୍ଜାମ ଏବଂ କୋରାପୁଟ ଜିଲ୍ଲା) ରେଫ୍ରିଜରେଟର୍ (କଳିଙ୍ଗ ରେଫ୍ରିଜରେଟର୍ କର୍ପୋରେସନ ଲିମିଟେଡ୍, କଟକ) କୋଲ୍ଡ ଷ୍ଟୋରେଜ୍ ପ୍ଲାଣ୍ଟ ବା ଥଣ୍ଡା ରଖିବା ଯନ୍ତ୍ର (କଟକ,) ଚେଳିଙ୍କ କାରଖାନା (ମୟୁରଭଞ୍ଜ ଏବଂ କଟକ) ମାଟିପାତ (ମୟୂରଭଞ୍ଜ),ସାବୁନ (ଖଡ଼ଅଳ ବେଡ଼୍, କଳାହାଣ୍ଡି ଜିଲ୍ଲା) ।

) କୁଟୀର ଶିଳ୍ପ :—ତନ୍ତବୁଣା ଲୁଗା (ଟେକ୍ସଟାଇଲ୍ ମାର୍କେଟିଙ୍ଗ୍ ଅନୁଷ୍ଠାନ, କଟକ), ଲୁଗା ବୁଣା (ସୋନପୁର, କଳାହାଣ୍ଡି, ବଲାଙ୍ଗୀର ଏବଂ ବରଗଡ଼), ଟସର ଶିଳ୍ପ,

Digitized by srujan ka@gmail.com

ହାତବୁଣା ସତା, ଟାଇଲ୍, ସାବୁନ୍, ବାଦସ ସୁଟ୍‌କେ ତିଆରି, ଛପା କାମ, ଫିନାଇଲ୍, ତେଲଘଣା, ଚମଡ଼ା କାମ, ହାତବୁଣି, ବାଲ୍‌ଟି, ଗେଞ୍ଜି, ପିତଳ ଏବଂ କଂସା ବାସନ, ଖେଳଣା, ସୁନା ଏବଂ ରୁପାର ତାରକସୀ କାମ, ଶିଙ୍ଗକାମ ପ୍ରଭୃତି ।

(ଘ) ରେଜେଷ୍ଟ୍ରୀ ହୋଇଥିବା କାରଖାନାଗୁଡ଼ିକର ସଂଖ୍ୟା—

(ପ୍ରେସ୍ ସବୁକୁ ବାଦ୍‌ଦେଇ)—୧୫୭

(ଙ) ମାଛକୁଣ୍ଡ ଜଳୀୟ—ବିଦ୍ୟୁତ୍ ଯୋଜନା (ଡୁଡୁମା ଯୋଜନା ନାମରେ ପରିଚିତ ଓ ହୀରାକୁଦ ବହୁମୁଖୀ ଯୋଜନା ବିଷୟରେ କେତେକ ଜାଣିବାର କଥା—

(କ) ଡୁଡୁମା ଯୋଜନା:—ମାଛକୁଣ୍ଡ ନଦୀରେ ଏ ଯୋଜନା କାର୍ଯ୍ୟକାରୀ ହେଉଅଛି ଏ ନଦୀର କିୟଦଂଶ ଓଡ଼ିଶା ଓ ମାଦ୍ରାଜର ସୀମାରୂପେ ରହିଅଛି । ଡୁଡୁମାଠାରେ ଗୋଟିଏ ଅତ୍ୟନ୍ତ ଜଳପ୍ରପାତ ଅଛି । ପ୍ରପାତର ଉପର ଓ ତଳର ଛୋଟ ଓ ବଡ଼ ପ୍ରବାହ ସବୁକୁ ନେଇ ମୋଟରେ ୮୩୭ ଫୁଟ ଉଚ୍ଚତା ବିଶିଷ୍ଟ ଜଳରୁ ବର୍ତ୍ତମାନ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାର ବ୍ୟବସ୍ଥା କରାଯାଉଅଛି । ଖରାଦିନେ ପାଣିର ପରିମାଣ ବୃଦ୍ଧି କରିବା ନିମିତ୍ତ ଡୁଡୁମା ଜଳପ୍ରପାତଠାରୁ ୪୮ ମାଇଲ ଦୂରରେ ନଦୀଶଯ୍ୟାର ୧୩୪ ଫୁଟ ଉପରେ ୨୫, ୪୫୦୦ ଲକ୍ଷ ଘନଫୁଟ ଜଳ ଧରି ରଖିଲା ଭଳି ଗୋଟିଏ ବନ୍ଧ ତିଆରି ହେବ । ଏ ବନ୍ଧ ଯୋଗେ ବର୍ଷାଦିନର ବଳକା ପାଣିରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବା ଉଦ୍ଦେଶ୍ୟରେ ନଦୀରେ ଛାଡ଼ି ଦିଆଯିବ । ପରିଶେଷରେ ୧୦୦,୦୦୦ କିଲୋୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କଲାଭଳି ଯନ୍ତ୍ର ବସିବ । ଓଡ଼ିଶା ଏ ବିଦ୍ୟୁତ୍ ଶକ୍ତିର ଶତକଡ଼ା ୫୦ଭାଗ (ବା ଅଧେ) ପାଇବାର କଥା, କିନ୍ତୁ ମାଦ୍ରାଜରେ ବିଦ୍ୟୁତ୍ ଶକ୍ତିର ଅଧିକ ଦରକାର ଥିବାରୁ ଓଡ଼ିଶା ୧୦୦ ବର୍ଷ ପାଇଁ ମାଦ୍ରାଜକୁ ଯଥାଯୁକ୍ତ ସର୍ତ୍ତରେ ୭୦ ଭାଗ ଦେଇ ନିଜେ ୩୦ ଭାଗ ନେବ ବୋଲି ଠିକ୍ ହୋଇଅଛି ।

(ଖ) ମାଦ୍ରାଜ ସରକାର ଉଭୟ ସରକାରଙ୍କ ପକ୍ଷରୁ ଯୋଜନାଟିକୁ କାର୍ଯ୍ୟକାରୀ କରୁଅଛନ୍ତି । ୧୩୨ କିଲୋଭୋଲ୍ଟ ଲାଇନ୍‌ରେ ଓଡ଼ିଶାକୁ (ଜୟପୁର, ରାୟଗଡ଼, ବ୍ରହ୍ମପୁର) ବିଦ୍ୟୁତ୍-ଶକ୍ତି ଯୋଗା ହେବ । ଜୟପୁରଠାରୁ ଲାଇନ୍ ବୋରିଗୁମା, ନବରଙ୍ଗପୁର, କୋଟପାଡ଼ ଓ କୋରାପୁଟକୁ ଯିବ । ରାୟଗଡ଼ରୁ ସେଠାର ଟାଉନକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯିବାର ଆଶା । ପୁଣି ମାଙ୍ଗୀନଙ୍କ ଟେଣି ଓ ବ୍ରହ୍ମପୁରକୁ ଓ ଶେଷରେ ପାରଳାଖେମୁଣ୍ଡିକୁ ସହର ଓ ତାହାର ଆଖପାଖରେ ଥିବା ଗୋପାଳପୁର, ଛତ୍ରପୁର, ରମ୍ଭା ଓ ଅସ୍କାକୁ ଏବଂ ଶେଷରେ ଋଷିକୁଲ୍ୟାକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯିବ । ଏ ସବୁ ସ୍ଥାନରେ ବିଦ୍ୟୁତ୍ ଶକ୍ତି ଖୁବ୍ ଶସ୍ତାରେ ମିଳିବ । ୧୯୫୩ ମସିହାରେ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯିବାର ଆଶା ।

Digitized by srujan ka@gmail.com

ହୀରାକୁଦ ଯୋଜନା :

(କ) ଏ ଯୋଜନାଟିକୁ ଓଡ଼ିଶା ସରକାରଙ୍କ ତରଫରୁ ଭାରତ ସରକାରଙ୍କ "କେନ୍ଦ୍ର ଜଳଶକ୍ତି, ଜଳସେଚନ ଓ ନୌଚାଳନ" କମିସନ କାର୍ଯ୍ୟକାରୀ କରୁଅଛନ୍ତି । ଏ ଯୋଜନା ଅନୁସାରେ ମହାନଦୀ ଉପରେ ଗୋଟିଏ ବନ୍ଧ ହେବ—ଏହାର ଦୈର୍ଘ୍ୟ ୧୫,୭୦୦ ଫୁଟ୍ । ପ୍ରଧାନ ବନ୍ଧର ଦୁଇ ପାଖରେ ଦୁଇଟି ଖାଇ ଖୋଳା ହେବ ଓ ଡାହାଣପାଖ ଖାଇର ଲମ୍ବ ୩୪୫୦୦ଫୁଟ ଓ ବାଁ ପାଖ ଖାଇର ଲମ୍ବ ୨୭,୦୦୦ ଫୁଟ୍ ହେବ । ଜଳୀୟ ବିଦ୍ୟୁତ୍ ଉତ୍ପାଦନ ଓ ଜଳସେଚନ ସକାଶେ ପାଣିର ଉପଯୋଗ କରାଯିବ ।

(ଖ) ମୋଟରେ ୩୫୦,୦୦୦ କିଲୋୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବା ଭଳି ଯନ୍ତ୍ର ବସିବ । ଏଥିଭିତରୁ ବର୍ତ୍ତମାନ ୧୨୩,୦୦୦ କିଲୋୱାଟ୍ ଶକ୍ତି ଉତ୍ପାଦନ କଲାଭଳି ଯନ୍ତ୍ର ବସିବ; ଅଧିକନ୍ତୁ ବିଦ୍ୟୁତ୍ ଯୋଗାଇବା ପାଇଁ ଅବଶିଷ୍ଟ ପରିମାଣର ଶକ୍ତି ଉତ୍ପାଦନ କରିବାକୁ ଯନ୍ତ୍ର ବସିବ । ଅନୁଗୁଳ, ଝାରସୁଗୁଡ଼ା, ଗାଙ୍ଗପୁରରୁ ଟାଟାନଗରକୁ, ବଣେଇରୁ ବାରକୋଟ (ଯଦି ଏଠାରେ ଇସ୍ପାତ୍ କାରଖାନା ବସେ) କୁ ୧୩୨ କିଲୋଭୋଲ୍ଟ ଓ ୬୬ କିଲୋଭୋଲ୍ଟ ଲାଇନ ଯୋଗେ ହୀରାକୁଦରୁ ବିଦ୍ୟୁତ୍‌ଶକ୍ତି ନିଆ ଯିବ । ସମ୍ବଲପୁରରୁ ବଲାଙ୍ଗୀର, କଳାହାଣ୍ଡି ଷ୍ଟେଟ୍ ବାଟେ ରାୟଗଡ଼କୁ ଗୋଟିଏ ଲାଇନ ଯିବ; ଏ ଲାଇନ୍ ଡୁଡୁମା ଓ ମାଛକୁଣ୍ଡ ସହିତ ସଂଯୋଗ ସ୍ଥାପନ କରିବ । ଆଶା କରାଯାଏ ଯେ, କଟକ, ଭୁବନେଶ୍ୱର, ଖୋର୍ଦ୍ଧାରୋଡ଼, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଆଠଗଡ଼କୁ ପାୱାର ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯିବ । କଟକ ଷ୍ଟେସନରୁ ତାଳଚେର ଟିକରପଡ଼ା ଓ ଅନୁଗୁଳ ଏବଂ ଝାରସୁଗୁଡ଼ା ଓ ଗାଙ୍ଗପୁରକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯିବ ।

(ଗ) ଯୋଜନାଦ୍ୱାରା ପାୱାର ଯୋଗାଇ ଦିଆଯିବ । ତାହାଛଡ଼ା ବନ୍ୟାର ପତନ କମିବ, ୧୦ ଲକ୍ଷ ଏକର ଜମିରେ ପାଣି ମାଡ଼ିବ, ମହାନଦୀରେ ଦୀର୍ଘ ସମୟ ପାଇଁ ନୌଚାଳନର ସୁବିଧା ହେବ ।

(ଘ) ଯୋଜନା କାର୍ଯ୍ୟକାରୀ ହେବା ଫଳରେ ଯେଉଁ ଲୋକମାନେ ଜମିବାଡ଼ି ହରାଇବେ, ସେମାନଙ୍କ ଥଇଥାନ ପାଇଁ ସମ୍ବଲପୁର ଜିଲ୍ଲା ଓ ଓଡ଼ିଶାରେ ମିଶିଥିବା ଗଡ଼ଜାତମାନଙ୍କର ରକ୍ଷିତ (ରିଜର୍ଭ) ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲରେ ୧,୧୨,୬୭୨ ଏକର ଚାଷୋପଯୋଗୀ ଅନାବାଦୀ ଜମି ଠିକ୍ ହୋଇଅଛି ।

(ଙ) ଏ ସମ୍ପର୍କରେ ଯେଉଁମାନଙ୍କର ଜମି ଅକ୍ୱାୟାର୍ (ବା ହାସଲ) କରାଯାଇଅଛି, ସେମାନଙ୍କୁ ୧୯୫୦ ମସିହା ଅପ୍ରେଲ ମାସ ଶେଷ ସୁଦ୍ଧା ପ୍ରାୟ ୧୨ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଅଛି ।

Digitized by srujan ka@gmail.com

(ଟ) ଶିକ୍ଷା—

(୧) ଉତ୍କଳ ବିଶ୍ୱବିଦ୍ୟାଳୟ:—୧୯୪୩ ରେ ସ୍ଥାପିତ
ପ୍ରଥମ ଭାଇସ୍-ଚାନ୍ସେଲର—ଡକ୍ଟର ପି. କେ. ପରିଜା, ଆଇ.ଇ.ଏସ୍. (ଅବସର ପ୍ରାପ୍ତ)
ବର୍ତ୍ତମାନ ଭାଇସ-ଚାନସେଲର—ଶ୍ରୀ ଚିନ୍ତାମଣି ଆଚାର୍ଯ୍ୟ, ଏମ୍. ଏ. ବି. ଏଲ

ଶ୍ରୀ ଚିନ୍ତାମଣି ଆଚାର୍ଯ୍ୟ

(୨) ବୈଷୟିକ (ଟେକ୍ନିକାଲ) ଅନୁଷ୍ଠାନ ଗୁଡ଼ିକର ସଂଖ୍ୟା— ୩୮

	ସ୍କୁଲ୍ ସଂଖ୍ୟା—	ଛାତ୍ର ସଂଖ୍ୟା
(୩) ନିମ୍ନପ୍ରାଥମିକ ବିଦ୍ୟାଳୟ	୮୩୪୦	୩୮୨୩୦୭
ଉଚ୍ଚ ପ୍ରାଥମିକ ବିଦ୍ୟାଳୟ	୭୪୨	୨୩୫୩୭
ମଧ୍ୟ ଇଂରାଜୀ ବିଦ୍ୟାଳୟ	୪୬୭	୨୨୮୦୩
ଉଚ୍ଚ ଇଂରାଜୀ ବିଦ୍ୟାଳୟ	୧୮୯	୨୦୫୩୭
କଲେଜ	୧୯	୩୦୨୩

Digitized by srujan ka@gmail.com

ଅନ୍ୟାନ୍ୟ ବଶିଷ୍ଟ ଶିକ୍ଷାନୁଷ୍ଠାନ
(ଟୋଲ, ମଦ୍ରାସା ପ୍ରଭୃତି) ୧୫୯ ୪୩୧୧

(୪) ଶତକଡ଼ା କେତେଜଣ ସାକ୍ଷର ୯.୭

(୫)	ସ୍କୁଲ ସଂଖ୍ୟା	ଛାତ୍ରସଂଖ୍ୟା
ସିନଅର ମୌଳିକ ସ୍କୁଲ	୧	୯୧
ଜୁନଅର ମୌଳିକ ସ୍କୁଲ	୩୨	୧୮୩୧
ମୌଳିକ ଟ୍ରେନିଙ୍ଗ୍ ସ୍କୁଲ	୭	୨୩୦

(୬) ପ୍ରୌଢ ଶିକ୍ଷା କେନ୍ଦ୍ର ୫୨୨

(୭) ଦୈନିକ ସମ୍ବାଦପତ୍ର ସଂଖ୍ୟା— ୫

(କ) ଇଷ୍ଟର୍ଣ୍ଣ ଟାଇମସ୍, (ଖ) ନଉ ଓଡ଼ିଶା, (ଗ) ସମାଜ, (ଘ) ପ୍ରଜାତନ୍ତ୍ର, (ଙ) ଦୈନିକ ଆଶା ।

ଅନ୍ୟାନ୍ୟ ସମ୍ବାଦପତ୍ର ୧୧

ପତ୍ରିକା ୨୭

ଗାଁ ଗହଳରେ ସରକାରଙ୍କ ଦ୍ୱାରା ବସାଯାଇଥିବା ରେଡ଼ିଓ ସଂଖ୍ୟା ୩୦୫

ସରକାରଙ୍କ ଦ୍ୱାରା ଖୋଲାଯାଇଥିବା ସର୍ବସାଧାରଣ ପାଠାଗାର ସଂଖ୍ୟା ୫୮

(୦) ବୃହତ୍ ଜଳସେଚନ ଯୋଜନାମାନଙ୍କର ସଂଖ୍ୟା—୩

(୧) ମହାନଦୀ ଜଳସେଚନ ଯୋଜନା
(୨) ବୈତରଣୀ ଜଳସେଚନ ଯୋଜନା } ଉତ୍ତର ଓଡ଼ିଶା କେନାଲ ସମ୍ବନ୍ଧ

(୩) ଋଷିକୁଲ୍ୟା ଜଳସେଚନ ଯୋଜନା (ରସୁଲକୁଣ୍ଡା ଏବଂ ସୁରଡ଼ା ଜଳଭଣ୍ଡାର ଦ୍ୱାରା ପରିପୁଷ୍ଟ) } ଗଞ୍ଜାମ କେନାଲ ସମ୍ବନ୍ଧ

ଛୋଟ ଛୋଟ ଜଳସେଚନ ଯୋଜନାଗୁଡ଼ିକର ସଂଖ୍ୟା ।—୨୫୧

ଜଳସେଚିତ ଜମିର ପରିମାଣ— ୧୯୨୫୭୮୦ ଏକର

(ଡ) ଖଣି ଏବଂ ଖଣିଜ ଦ୍ରବ୍ୟ—ଅସ୍‌ବେଷ୍ଟସ୍, ଲୁହା, ଚିନାମାଟି, ଗ୍ରାଫାଇଟ୍ (ମୟୂରଭଞ୍ଜ), ଡୋମାଇଟ୍, ମାଙ୍ଗାନିଜ, ଲୁହା (କେନ୍ଦୁଝର), ଚୂନପଥର ଏବଂ ଅଗ୍ନିବାରଣ ମାଟି (ସୁନ୍ଦରଗଡ଼), କୋଇଲା, (ଢେଙ୍କାନାଳ-ତାଳଚେର), ଗ୍ରାଫାଇଟ୍ (ଢେଙ୍କାନାଳ—ଅଠମଲ୍ଲିକ ଏବଂ ବଲାଙ୍ଗୀର ପାଟଣା)

Digitized by srujan ka@gmail.com

(ଡ) ସ୍ୱାସ୍ଥ୍ୟ ଏବଂ ସ୍ୱାୟତ୍ତଶାସନ ବିଭାଗ

(୧) ମେଡ଼ିକାଲ କଲେଜ—	୧
(୨) ହାସପାତାଳ ଏବଂ ଡାକ୍ତରଖାନା—	୩୩୯
(୩) ଆୟୁର୍ବେଦ କଲେଜ—	୧
(୪) ଆୟୁର୍ବେଦୀୟ ଡାକ୍ତରଖାନା—	୪୨
(୫) ରାଜଯକ୍ଷ୍ମା ଚିକିତ୍ସାଳୟ—	୧
(୫) ମ୍ୟୁନିସିପାଲିଟି	୧୦
(୬) ଜିଲ୍ଲା ବୋର୍ଡ	୬
(୭) ଗ୍ରାମ ପଞ୍ଚାୟତ	୫୨୮
(୮) ଅଦାଲତ ପଞ୍ଚାୟତ	୧୭୩

(ଢ) (କ) ଆଦିବାସୀଙ୍କ ସଂଖ୍ୟା ୨୮୪୨୮୬୫

ସମୁଦାୟ ଲୋକସଂଖ୍ୟାର ଶତକଡ଼ା ଅନୁପାତ— ୨୫.୮

(ଖ) ଆଦିବାସୀଙ୍କ ଉନ୍ନତ ସକାଶେ ବ୍ୟବସ୍ଥା—

(୧) ୮ଟି ଆଶ୍ରମ ସ୍କୁଲ ସ୍ଥାପନ କରାଯାଇ ସେଠାରେ ଆଦିବାସୀ ଛାତ୍ରମାନଙ୍କୁ ବଢ଼େଇକାମ, କୃଷି, ସୂତାକଟା ଏବଂ ଲୁଗାବୁଣା ପ୍ରଭୃତି ବିଷୟରେ ଶିକ୍ଷା ଦିଆଯାଉଅଛି । ସାଧାରଣ ଶିକ୍ଷା ମାଇନର ସ୍ତର ପର୍ଯ୍ୟନ୍ତ ଦିଆଯାଏ । ଏହି ଛାତ୍ରମାନଙ୍କର ଖାଇବା ପିଇବା, ଲୁଗାପଟା, ରହିବା ଏବଂ ଶିକ୍ଷାରେ ଯେତେ ଖର୍ଚ୍ଚ ହୁଏ, ସେସବୁ ସରକାର ବହନ କରୁଛନ୍ତି ।

(୨) ୧୪୦ ଟି ସେବାଶ୍ରମ (ପ୍ରାଥମିକ ବିଦ୍ୟାଳୟ) ସ୍ଥାପନ କରାଯାଇ ସେଠାରେ ଛାତ୍ରମାନଙ୍କୁ ସୂତାକଟା, ବଗିଚା କାମ, ଗ୍ରାମର ପରିଷ୍କାରପରିଚ୍ଛନ୍ନତା ଏବଂ ଖେଳ ପ୍ରଭୃତି ଶିକ୍ଷା ଦିଆଯାଏ । ତାହା ସଙ୍ଗେ ସଙ୍ଗେ ଲେଖାପଢ଼ା ମଧ୍ୟ ଶିଖାଯାଏ । ଏହିସବୁ ସେବାଶ୍ରମରେ ସର୍ବମୋଟ ଛାତ୍ରସଂଖ୍ୟା ୪୮୮୩ । ସେବାଶ୍ରମର ଅନୁନ୍ନତ ଶ୍ରେଣୀର ଗରିବ ଛାତ୍ରମାନଙ୍କୁ ଲୁଗାପଟା ମାଗଣାରେ ଦିଆଯାଏ ।

(୩) ଗୋଟିଏ ତାଲିମ୍ କେନ୍ଦ୍ର ଖୋଲାଯାଇଛି । ସେଠାରେ ଗ୍ରାମମଙ୍ଗଳ କର୍ମୀମାନଙ୍କୁ ଲେଖାପଢ଼ା, ସୂତାକଟା ଲୁଗାବୁଣା, ସିଲେଇ, ବଢ଼ାଇକାମ, ଗ୍ରାମର ପରିଷ୍କାର ପରିଚ୍ଛନ୍ନତା, କୀର୍ତ୍ତନ, ପ୍ରାଥମିକ ଚିକିତ୍ସା ଏବଂ ପଶୁପାଳନ ପ୍ରଭୃତି ବିଷୟରେ ତାଲିମ କରାଯାଏ ।

(୪) ପିଲାମାନଙ୍କୁ ଲେଖାପଢ଼ା ଶିଖାଇବା ପାଇଁ ୬୨ଟି ନୈଶବିଦ୍ୟାଳୟ ସ୍ଥାପନ କରାଯାଇଅଛି ।

(୫) ମାଇନର ସ୍କୁଲ, ହାଇସ୍କୁଲ ଓ କଲେଜରେ ପଢ଼ିବା ସକାଶେ ଗରିବ ଆଦିବାସୀ ଛାତ୍ରମାନଙ୍କୁ ମାସିକ ଷ୍ଟାଇପେଣ୍ଡ ଦିଆଯାଏ ।

Digitized by srujan ka@gmail.com

(୬) ୮ ଜଣ ଆଦିବାସୀ ସ୍ତ୍ରୀଲୋକଙ୍କୁ ବରିଷ୍ଠ ହସ୍ପିଟାଲ୍ ଏବଂ ଘରକାମରେ ତାଲିମ ଦିଆଯାଉଅଛି ।

(୭) ମଫସଲ ଅଞ୍ଚଳର ଅନୁନ୍ନତ ଶ୍ରେଣୀର ଲୋକଙ୍କ ଭିତରେ ସାଧାରଣ ଔଷଧ ମାଗଣାରେ ବାଣ୍ଟିବାପାଇଁ ବ୍ୟବସ୍ଥା କରାଯାଇଅଛି ।

(୮) ଏଣ୍ଡି ପୋକ ଗୃହ କରିବାପାଇଁ ୩୫ କେନ୍ଦ୍ର ସ୍ଥାପନ କରାଯାଇଅଛି ।

(୯) କେନ୍ଦୁଝର ଜିଲ୍ଲାର ଆଦିବାସୀମାନଙ୍କୁ ମାଗଣାରେ ଅରଟ ଏବଂ ତୁଳା ଯୋଗାଇ ଦିଆଯାଇଅଛି ।

(୧୦) ଅଣ-ଆଦିବାସୀମାନେ ପ୍ରାୟ ୩୦୦୦ ଏକରରୁ ବେଶୀ ଜମି ବେଆଇନଭାବରେ ଆଦିବାସୀମାନଙ୍କଠାରୁ ନେଇ ଯାଇଥିଲେ । ସେସବୁ ଜମି ଆଦିବାସୀମାନଙ୍କୁ ଫେରାଇ ଦିଆଯାଇଅଛି ।

(୧୧) ବହୁ ଅନାବାଦୀ ଏବଂ ଜଙ୍ଗଲ ଜମିକୁ ଆବାଦକରି ଗୃହ କରିବାକୁ ଆଦିବାସୀମାନଙ୍କୁ ଛାଡ଼ିଦିଆ ଯାଇଅଛି ।

(୧୨) ଭଲ କୁକୁଡ଼ା ଏବଂ ଛେଳି ଯେପରି ଜନ୍ମ ହୋଇ ପାରିବେ, ସେଥିପାଇଁ ଉନ୍ନତ ଧରଣର ବୋଦା ଏବଂ କୁକୁଡ଼ା ସବୁ (ଲେଗ ହର୍ଣ୍ଣ ଏବଂ ରୋଡ଼ ଆଇଲାଣ୍ଡ ରେଡ୍ କୁକୁଡ଼ା) ଆଦିବାସୀମାନଙ୍କୁ ଯୋଗାଇ ଦିଆଯାଇଛି । କଲମୀ ଫଳଗଛ ମଧ୍ୟ ଯୋଗାଇ ଦିଆଯାଇଅଛି ।

(୧୩) ଶବରମାନଙ୍କର ନିତ୍ୟବ୍ୟବହାର୍ଯ୍ୟ ଜିନିଷସବୁ ସୁବିଧା ଦରରେ ଯୋଗାଇ ଦେବା ସକାଶେ ଗଞ୍ଜାମ ମାଳ ଅଞ୍ଚଳର ଜଙ୍ଗଲ ଭିତରେ ସରକାରୀ ଦୋକାନସବୁ ବସା ଯାଇଅଛି ।

(୧୪) ଗଞ୍ଜାମ ଏବଂ କୋରାପୁଟର ପାହାଡ଼ିଆ ଅଞ୍ଚଳରେ ଗୋତି ପ୍ରଥା ଥିଲା । ଏହାଦ୍ୱାରା ପାହାଡ଼ିଆ ଜାତିର ଲୋକେ କମ୍ ମଜୁରିରେ ଅନ୍ୟମାନଙ୍କ ପାଖରେ ବେଠି ଖଟୁଥିଲେ । ଉକ୍ତ ପ୍ରଥାକୁ ଉଠାଇ ଦିଆଯାଇଅଛି ।

(ଡ) ଗ୍ରାମମଙ୍ଗଳ ଅନୁଷ୍ଠାନ

ଗ୍ରାମ ମଙ୍ଗଳ କେନ୍ଦ୍ର	୩୨
ନାରୀ ମଙ୍ଗଳ ଶିକ୍ଷା କେନ୍ଦ୍ର	୧

(ଥ) ବିଭିନ୍ନ ଧରଣର ସମବାୟ ସମିତି

ଓଡ଼ିଶା ପ୍ରାଦେଶିକ ସମବାୟ ବ୍ୟାଙ୍କ୍	୧
ଓଡ଼ିଶା ପ୍ରାଦେଶିକ ସମବାୟ ଜମି ବନ୍ଧକ ବ୍ୟାଙ୍କ୍—	୧
ଓଡ଼ିଶା ପ୍ରାଦେଶିକ ସମବାୟ ଇଉନିୟନ—	୧
ନିଖିଳ ଓଡ଼ିଶା ବୁଣାକାରୀମାନଙ୍କର ସମବାୟ ଲୁଗାସୂତା ସଙ୍ଗଠନ	୧

Digitized by srujan ka@gmail.com

କେନ୍ଦ୍ର ସମବାୟ ବ୍ୟାଙ୍କ—
କୃଷି ସମିତି (ଋଣ ଦେଉଥିବା ଏବଂ ଋଣ ନ ଦେଉଥିବା) [illegible]
କୃଷି ଇତର ଅନ୍ୟ ସମିତି— [illegible]
ସର୍ବମୋଟ [illegible]
ସମବାୟ ସମିତିମାନଙ୍କର ମୋଟ ସଭ୍ୟସଂଖ୍ୟା [illegible]

(ଦ) ଭ୍ରମଣକାରୀମାନଙ୍କ ସକାଶେ ଓଡ଼ିଶାର ଦ୍ରଷ୍ଟବ୍ୟ ସ୍ଥାନମାନଙ୍କର ସଂକ୍ଷିପ୍ତ ପରିଚୟ

ପୁରୀ ଜିଲ୍ଲା

(୧) ପୁରୀ (ପୁରୁଷୋତ୍ତମ କ୍ଷେତ୍ର)

ଶ୍ରୀ ଜଗନ୍ନାଥଦେବଙ୍କ ଏବଂ ତାଙ୍କର ମନ୍ଦିର ସକାଶେ ପ୍ରସିଦ୍ଧ, ସ୍ୱାସ୍ଥ୍ୟନିବାସ ରୂପେ ମଧ୍ୟ ବିଖ୍ୟାତ ।

(୨) ସାକ୍ଷୀଗୋପାଳ

ଏହା ସାକ୍ଷୀଗୋପାଳ ଦେବଙ୍କ ଅଧିଷ୍ଠାନ ଏବଂ ଗୋଟିଏ ବିଖ୍ୟାତ ତୀର୍ଥସ୍ଥଳୀ ।

(୩) ଭୁବନେଶ୍ୱର

ଉତ୍କଳୀୟ କଳାର ଶ୍ରେଷ୍ଠ ନିଦର୍ଶନ ଲିଙ୍ଗରାଜ ମନ୍ଦିର, ରାଜରାଣୀ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଏବଂ ଗରମ୍ପାଣି କେଦାର ଗୌରୀ ଝରଣା ନିମନ୍ତେ ପ୍ରସିଦ୍ଧ—ଉକ୍ତ ଝରଣାର ପାଣି ପିଇଲେ ସମସ୍ତ ଅଜୀର୍ଣ୍ଣ ଦୋଷ ଦୂର ହୋଇଯାଏ ବୋଲି ଏହାର ଖ୍ୟାତି ରହିଛି ।

(୪) ଧଉଳି ପାହାଡ଼

ଅଶୋକଙ୍କର ଶିଳାଲିପି ସକାଶେ ପ୍ରସିଦ୍ଧ ।

(୫) ଖଣ୍ଡଗିରି ଓ ଉଦୟଗିରି

କାରୁକାର୍ଯ୍ୟପୂର୍ଣ୍ଣ ଗୁମ୍ଫାମାନ ଥିବାରୁ ପ୍ରସିଦ୍ଧ । ଏସବୁ ଗୁମ୍ଫା ପାହାଡ଼ ଦେହରେ ଖୋଳା-ହୋଇଅଛି । ଗୋଟିକରେ କଳିଙ୍ଗ ସମ୍ରାଟ ଖାରବେଳଙ୍କ ପ୍ରସିଦ୍ଧ ଶିଳାଲେଖ ଅଛି ।

(୬) କୋଣାର୍କ ମନ୍ଦିର

ଏହା ସୂର୍ଯ୍ୟ ଦେବତାଙ୍କ ଉପାସନାପାଇଁ ନିର୍ମିତ ହୋଇଥିଲା; ବର୍ତ୍ତମାନ ଏହାର ଧ୍ୱଂସା-ବଶେଷ ରହିଅଛି । ପ୍ରାଚ୍ୟ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ମନମୋହନକାରୀ ଚରମ ଉତ୍କର୍ଷ ଏଥିରେ ବିକଶିତ ହୋଇଛି ବୋଲି ଏହା ଜଗଦ୍ ବିଖ୍ୟାତ ।

Digitized by srujan ka@gmail.com

(୭) ଅତ୍ରି ଉଷ୍ଣ ପ୍ରସ୍ରବଣ

ଖୋର୍ଦ୍ଧା ସବଡ଼ିଭିଜନରେ ଗୋଟିଏ ଗନ୍ଧକ ଜଳ ବାହାରୁଥିବା ଉଷ୍ଣ ପ୍ରସ୍ରବଣ ।

(୮) ବରୁଣେଇ ପାହାଡ ଓ ମନ୍ଦିର

ଓଡ଼ିଶାର ଖୋର୍ଦ୍ଧା ବଂଶର ରାଜପ୍ରାସାଦର ଧ୍ୱଂସାବଶେଷ ଓ ଗୋଟିଏ ଶରସ୍ରାବୀ ନିର୍ଝରିଣୀ ପାଇଁ ପ୍ରସିଦ୍ଧ ।

(୯) କାଇପଦାର

ମୁସଲମାନ ପଏଗମ୍ବର ବୋଖାରି ସାହେବଙ୍କ କବର ଅଛି । ହିନ୍ଦୁ ଓ ମୁସଲମାନ ଉଭୟଙ୍କର ତୀର୍ଥସ୍ଥାନ ।

(୧୦) ଶିଶୁପାଳ ଗଡ (ଭୁବନେଶ୍ୱର ନିକଟବର୍ତ୍ତୀ)

ଅଳ୍ପଦିନ ତଳେ ଏଠାରେ ଭୂଗର୍ଭ ଖୋଳାଯାଇ ଗୋଟିଏ ନଗର ଅବିଷ୍କୃତ ହୋଇଅଛି । ଏହା କଳିଙ୍ଗ ସମ୍ରାଟ୍ ଖାରବେଳଙ୍କ ରାଜଧାନୀ ବୋଲି କଥିତ ।

(୧୧) ଚିଲିକା ହ୍ରଦ

ଭାରତର ପୂର୍ବ ଉପକୂଳର ବୃହତ୍ତମ ହ୍ରଦ ଏହା (କ) ବର୍ଷର ସବୁ ଋତୁରେ ନାନା ଦୃଶ୍ୟ ବୈଭବ, (ଖ) ମାଛ ବ୍ୟବସାୟ ଓ (ଗ) ବତକ ବା ପାଣିହଂସ ଶିକାର ନିମିତ୍ତ ବିଖ୍ୟାତ ।

କଟକ ଜିଲ୍ଲା

(୧) ବାରବାଟୀ ଦୁର୍ଗ

ବର୍ତ୍ତମାନ କେବଳ ଧ୍ୱଂସାବଶେଷ ରହିଅଛି; ଦିନେ ଏହା ସୂର୍ଯ୍ୟବଂଶୀ ରାଜାମାନଙ୍କ ରାଜଧାନୀ ଥିଲା ।

(୨) କାଠଯୋଡ଼ି ପଥର ବନ୍ଧ

କଟକ ସହରକୁ ବନ୍ୟାବିପତ୍ତିରୁ ରକ୍ଷା କରିବା ନିମିତ୍ତ ୧୦୬୪-୧୦୪୧ ମସିହାରେ ଜଣେ କେଶରୀ ବଂଶୀୟ ରାଜା (ମର୍କତ କେଶରୀ)ଙ୍କ ଦ୍ୱାରା ନିର୍ମିତ । ଓଡିଆ ଜାତିର ନିର୍ମାଣ-କୌଶଳ ବା ଇଞ୍ଜିନିୟରିଙ୍ଗ ବିଦ୍ୟାର ପରାକାଷ୍ଠା ଏଥିରେ ପ୍ରକାଶ ପାଇଛି ।

(୩) କଦମରସୁଲ

କଟକ ସହରର କେନ୍ଦ୍ର ସ୍ଥଳରେ ଅବସ୍ଥିତ—ମକ୍କା ନଗରୀରୁ ଅଣା ଯାଇଥିବା ମହାପୁରୁଷ ମହମ୍ମଦଙ୍କ ସ୍ମାରକ ଏଠାରେ ଥିବାର କଥିତ ।

(୪) **ନରାଜ**:—ମହାନଦୀ କୂଳରେ ଗୋଟିଏ ରମଣୀୟ ସ୍ଥାନ ।

(୫) **ବିରଜା ମନ୍ଦିର** :—(ଯାଜପୁର) ଗୋଟିଏ ତୀର୍ଥ ସ୍ଥାନ

(୬) **ଚଣ୍ଡୀଖୋଲ**—ଗୋଟିଏ ରମଣୀୟ ବିଶ୍ରାମସ୍ଥଳୀ । ଏଠାରେ ଗୋଟିଏ ମନ୍ଦିର ଅଛି ଏବଂ ଶବରମାନଙ୍କ ପାଇଁ ଗୋଟିଏ ବିଦ୍ୟାଳୟ ଅଛି ।

Digitized by srujan ka@gmail.com

ସୁନ୍ଦରଗଡ଼ ଜିଲା

(୧) **ବେଦବ୍ୟାସ**:—ପାନପୋଷ ରେଲୱେ ଷ୍ଟେସନଠାରୁ ଏକ ମାଇଲ ଦୂରରେ ଶଙ୍ଖ ଓ କୋଏଲ୍ ନଦୀଦ୍ୱୟର ସଙ୍ଗମ ସ୍ଥଳରେ ଅବସ୍ଥିତ । ଏଠାରୁ ବ୍ରାହ୍ମଣୀ ନଦୀର ଉତ୍ପତ୍ତି । ଏଠାରେ ମହାଭାରତକାର ମହର୍ଷି ବେଦବ୍ୟାସ ଜନ୍ମ ହୋଇଥିଲେ ବୋଲି କଥିତ ।

(୨) **ଖଣ୍ଡାଧାର ଜଳପ୍ରପାତ**—ବଣେଇଗଡ଼ ସହରଠାରୁ ପ୍ରାୟ ୧୦ ମାଇଲ ଦୂରରେ ଅବସ୍ଥିତ; ଏଠାରେ ପାଣି ପ୍ରାୟ ୧୫୦୦ ଫୁଟ ଉଚ୍ଚରୁ ତଳକୁ ପଡ଼ୁଛି ।

(୩) **କ୍ଷୀରେଶ୍ୱର ମନ୍ଦିର**—ବଣେଇଗଡ଼ଠାରୁ ୨୫ ମାଇଲ ଦୂରରେ ଅବସ୍ଥିତ—ମନ୍ଦିରର ଧ୍ୱଂସାବଶେଷ ରହିଅଛି—ଗୋଟିଏ କ୍ଷୁଦ୍ର ଗର୍ତ୍ତରୁ ଚିରସ୍ରାବୀ ଝରଣା ପ୍ରବାହିତ ହେଉଅଛି ।

ସମ୍ବଲପୁର ଜିଲା

(୧) **ହୀରାକୁଦ**:—ସମ୍ବଲପୁରର ଉତ୍ତରରେ ପ୍ରାୟ ୭ ମାଇଲ ଦୂରରେ ମହାନଦୀର ଦୁଇଟି ଶାଖା ନଦୀ ମଧ୍ୟରେ ଗୋଟିଏ ଛୋଟ କୁଦ (ବା ଦ୍ୱୀପ) । ବର୍ତ୍ତମାନ କାର୍ଯ୍ୟରେ ପରିଣତ କରାଯାଉଥିବା ହୀରାକୁଦ ବନ୍ଧ ଯୋଜନା ନିମିତ୍ତ ଖ୍ୟାତି ଲାଭ କରିଅଛି ।

(୨) **ସମଲେଶ୍ୱରୀ ମନ୍ଦିର**—

ସମ୍ବଲପୁର ସହରରେ ସମ୍ବଲପୁର ରାଜବଂଶର ଅଧିଷ୍ଠାତ୍ରୀ ଦେବୀଙ୍କ ମନ୍ଦିର ।

(୩) **ବ୍ରଜରାଜ ନଗର**:—ଏଠାରେ ଓରିଏଣ୍ଟ କାଗଜକଳ ଅଛି । ଭାରତର ଅତି ଆଧୁନିକ ପଦ୍ଧତି ବିଶିଷ୍ଟ କାଗଜକଳମାନଙ୍କ ମଧ୍ୟରେ ଏହା ଅନ୍ୟତମ ।

(୪) **ପ୍ରଧାନପାଟ ଜଳପ୍ରପାତ**—ଦେବଗଡ଼ରେ ଅବସ୍ଥିତ । ଏଠାରେ ୨୫୦ ଫୁଟ ଉଚ୍ଚରୁ ପାଣି ପଡୁଅଛି—ବର୍ଷର ସବୁ ସମୟରେ ଏହା ଗୋଟିଏ ସୁଦୃଶ୍ୟ ସ୍ଥାନ ।

ବାଲେଶ୍ୱର ଜିଲା

(୧) **ଚାନ୍ଦିପୁର**—ବାଲେଶ୍ୱରର ପୂର୍ବକୁ ପ୍ରାୟ ୯ ମାଇଲ ଦୂରରେ ଏବଂ ବୁଢ଼ାବଳଙ୍ଗ ନଦୀଠାରୁ ୨ମାଇଲ ଦୂରରେ ସମୁଦ୍ର ଉପକୂଳରେ ଗୋଟିଏ ସ୍ୱାସ୍ଥ୍ୟନିବାସ । ଏଠାରେ ସାମରିକ ବିଭାଗ ଅର୍ଡନାନ୍ସ ପ୍ରୁଫ୍ ଡିପାର୍ଟମେଣ୍ଟର ଅଫିସ ଅଛି ।

(୨) **ଚାନ୍ଦବାଲି**—ଭଦ୍ରଖ ସବଡିଭିଜନରେ ଅବସ୍ଥିତ—ଗୋଟିଏ ଜଣାଶୁଣା ବନ୍ଦର ।

Digitized by srujan ka@gmail.com

ମୟୂରଭଞ୍ଜ ଜିଲ୍ଲା

(୧) **ଖିଚିଙ୍ଗ:**—ବାରିପଦାଠାରୁ ୯୧ ମାଇଲ ଦୂରରେ ଅବସ୍ଥିତ— ଏଠାରେ ନାଗର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ନାନା ନିଦର୍ଶନ ରହିଅଛି ।

(୨) **ବରେହିପାଣି ଜଳପ୍ରପାତ:**—ମୟୂରଭଞ୍ଜ ଜିଲ୍ଲାର ସିମିଳି-ପାଳ ପାହାଡ଼ ନିକଟରେ ଗୋଟିଏ ରମଣୀୟ ସ୍ଥାନ । ଏଠାରେ ପାଣି ୧୩୦୮ ଫୁଟ ଉଚ୍ଚରୁ ତଳକୁ ପଡ଼ୁଛି ।

(୩) **ବାଦାମପାହାଡ଼, ଗୋରୁମହିଷାଣୀ, ସୁଲେଇପାଟ:**—ଏ ତିନୋଟିଯାକ ଶିଳ୍ପ କେନ୍ଦ୍ରରେ ଟାଟା ଲୁହା ଓ ଇସ୍ପାତ କମ୍ପାନୀ ତରଫରୁ ଲୁହା ଖଣି ଖୋଲା କାମ ଚାଲିଅଛି ।

କଳାହାଣ୍ଡି ଜିଲ୍ଲା

(୧) **ଇନ୍ଦ୍ରମାଳୀ:**—କାଶୀପୁରରେ ପ୍ରାୟ ତିନି ହଜାର ଫୁଟ ଉଚ୍ଚ ପାହାଡ଼ ଶୃଙ୍ଗ— ଗୋଟିଏ ଅତି ସୁଦୃଶ୍ୟ ସ୍ଥାନ ।

(୨) **ଗୁଡହାଣ୍ଡି ପାହାଡ଼:**—ପ୍ରାକୃତିକ ଦୃଶ୍ୟ ଓ କେତେକ ପ୍ରାକୃତିକ ଗୁମ୍ଫା ନିମିତ୍ତ ବିଖ୍ୟାତ । ଏ ଗୁମ୍ଫାରେ ଲାଲ ଓ କଳା ରଙ୍ଗର ବହୁ ପ୍ରାଚୀନ ଚିତ୍ର ଅଛି—ଏହା ପ୍ରାକ୍—ଐତିହାସିକ ଯୁଗର ଚିତ୍ରଲିପି ବୋଲି ଅନୁମାନ କରାଯାଉ ଅଛି ।

(୩) **ବେଲଖଣ୍ଡି:**—ତେଲ ଓ ଉତ୍ତେଇ ନଦୀର ସଙ୍ଗମସ୍ଥଳରେ ଅବସ୍ଥିତ—କେସିଙ୍ଗା ରେଲ ଷ୍ଟେସନଠାରୁ ୨୨ ମାଇଲ ଦୂର—ଏ ସ୍ଥାନର ପ୍ରତ୍ନତାତ୍ତ୍ୱିକ ଗୁରୁତ୍ୱ ଯଥେଷ୍ଟ ।

(୪) **ନାରଲା—ଅସୁରଗଡ଼:**—ଅନେକ ପ୍ରାଚୀନକୀର୍ତ୍ତିର ଭଗ୍ନାବଶେଷ ଏଠାରେ ଅଛି ।

(୫) **ରାବଣ ଧାର:**—ଭବାନୀପାଟଣାଠାରୁ ୮ ମାଇଲ ଦୂରରେ ଅବସ୍ଥିତ ଗୋଟିଏ ଜଳପ୍ରପାତ ।

(୬) **ଝଣ୍ଟ୍ରାବଙ୍କ ଧାର:**— ଭବାନୀପାଟଣାଠାରୁ ଅଳ୍ପଦୂରରେ ଥିବା ଅନ୍ୟ ଗୋଟିଏ ଜଳପ୍ରପାତ ।

କେନ୍ଦୁଝର ଜିଲ୍ଲା

(୧) **ସୀତାବାଞ୍ଜି:**—କେନ୍ଦୁଝର ଗଡ଼ଠାରୁ ୧୬ ମାଇଲ ଦୂରରେ ଗୋଟିଏ ଐତିହାସିକ ସ୍ଥାନ । ଏଠାରେ ପର୍ବତ ଗୁମ୍ଫାରେ ପ୍ରାଚୀନ ରଙ୍ଗୀନ ଚିତ୍ର ରହିଅଛି ।

(୨) **ବଡଘାଗରା ଜଳପ୍ରପାତ:**—କେନ୍ଦୁଝର ଗଡ଼ଠାରୁ ୨ ମାଇଲ ଦୂରରେ ଅବସ୍ଥିତ ।

(୩) **ଗନ୍ଧମାର୍ଦ୍ଦନ ପର୍ବତ:**—କେନ୍ଦୁଝର ଗଡ଼ଠାରୁ ୧୦ ମାଇଲ ଦୂରରେ ଅବସ୍ଥିତ । ୩୪୭୯ ଫୁଟ ଉଚ୍ଚ—ଔଷଧିବୃକ୍ଷ ଓ ଫଳ ପ୍ରଭୃତି ପାଇଁ ବିଖ୍ୟାତ ।

Digitized by srujan ka@gmail.com

(୪) **ଗୋନାସିକା:**—ବୈତରଣୀ ନଦୀର ଉତ୍ପତ୍ତିସ୍ଥାନ—ସୁଦୃଶ୍ୟ ସ୍ଥାନ—ଏଠାରେ ଅନେକ ପ୍ରାଚୀନ ମନ୍ଦିର ରହିଅଛି । କେନ୍ଦୁଝରଗଡ଼ରୁ ୧୭ ମାଇଲ ଦୂର ।

(୫) **ବଡ଼ବିଲ ମାଙ୍ଗାନିଜ ଖଣିଜ:**—ବଡ଼ଜାମଦା ରେଲ ଷ୍ଟେସନଠାରୁ ୬ମାଇଲ ଦୂରରେ ଅବସ୍ଥିତ ।

ଢେଙ୍କାନାଳ ଜିଲ୍ଲା

(୧) **କପିଳାସ:**—ଢେଙ୍କାନାଳରେ ଗୋଟିଏ ପାହାଡ଼ ଶ୍ରେଣୀ—ଏହାର ଉଚ୍ଚତମ ଶୃଙ୍ଗର ଉଚ୍ଚତା ୨୨୩୯ ଫୁଟ—ଏଠାରେ ଗୋଟିଏ ନିରସ୍ରାବୀ ଝରଣା ଅଛି—ଏ ଝର ପାଣିର ରୋଗହାରକ ଗୁଣ ଅଛି । କପିଳାସ ଗୋଟିଏ ତୀର୍ଥସ୍ଥାନ ।

(୨) **ସପ୍ତଶଯ୍ୟା:**—ଗଡ ଢେଙ୍କାନାଳଠାରୁ ୧୦ମାଇଲ ଦୂର—ବିଶ୍ରାମ ଓ ବନଭୋଜି ପାଇଁ ମନୋରମ ସ୍ଥଳୀ ।

(୩) **ଟିକରପଡ଼ା:**—ମହାନଦୀକୂଳରେ ଅବସ୍ଥିତ—ମେରାମଣ୍ଡଳୀରୁ ୩୬ମାଇଲ ଦୂର-ବସ୍‌ରେ ଯିବାକୁ ହୁଏ—ମନୋରମ ସ୍ଥାନ—ବଡ଼ ବଡ଼ ଜୀବଜନ୍ତୁ ଶିକାର ପାଇଁ ଉପଯୁକ୍ତ କ୍ଷେତ୍ର ।

ଫୁଲବାଣୀ-ବଉଦ ଜିଲ୍ଲା

(୧) **ସାତକୋଶିଆ ଗଣ୍ଡ:**—୧୪ମାଇଲ ଲମ୍ବ ଗୋଟିଏ ଗଣ୍ଡ—ବୌଦଠାରୁ ପୂର୍ବକୁ ୩୬ ମାଇଲ ଦୂରରେ ଅବସ୍ଥିତ—ମନୋରମ ଦୃଶ୍ୟ ଲାଗି ପ୍ରସିଦ୍ଧ ।

(୧) **ପୁରୁଡ଼ି ଓ କେଣ୍ଟାମାରି ଜଳପ୍ରପାତ:**—ଫୁଲବାଣୀ ଥାନାର ସାଲୁଙ୍କି ନଦୀରେ ଅବସ୍ଥିତ । ଫୁଲବାଣୀଠାରୁ ପୁରୁଡ଼ି ୧୦ ମାଇଲ ଏବଂ କେଣ୍ଟାମାରି ୧୫ ମାଇଲ—କେଣ୍ଟାମାରି ଜଳପ୍ରପାତରେ ପ୍ରାୟ ୬୦ ଫୁଟ ଉଚ୍ଚରୁ ପାଣି ପଡ଼ୁଅଛି ।

ଗଞ୍ଜାମ ଜିଲ୍ଲା

(୧) **ନିର୍ମଳଝର:**—ଖଲ୍ଲିକୋଟର ଗୋଟିଏ ପାହାଡ଼ର ଉଚ୍ଚତର ପ୍ରଦେଶରେ ଗୋଟିଏ ମନ୍ଦିରର ପାଦଦେଶରେ ପ୍ରବାହିତ ନିରସ୍ରାବୀ ଝରଣା—ରେଳ ଷ୍ଟେସନଠାରୁ ୩ ମାଇଲ ଦୂର—ଏଠାକୁ ବସ୍‌ରେ ଯିବାକୁ ହୁଏ ।

(୨) **ଗୋପାଳପୁର:**—ସ୍ୱାସ୍ଥ୍ୟନିବାସ । ସମୁଦ୍ର ଦୃଶ୍ୟ ମନୋହର ଓ ଉପଭୋଗ୍ୟ । ବ୍ରହ୍ମପୁର ରେଳଷ୍ଟେସନଠାରୁ ବସ ଯୋଗେ ୮ ମାଇଲ ଦୂର ।

Digitized by srujan ka@gmail.com

(୩) ରସୁଲକୁଣ୍ଡା ଜଳ ଭଣ୍ଡାର:—ଏ ନଦୀର ଶହ ଶହ ଏକର ଜମିରେ ଏ ଜଳ ଭଣ୍ଡାରର ପାଣି ମଡ଼ାଯାଏ । ଏହାର ପ୍ରାକୃତିକ ଦୃଶ୍ୟ ମନୋହର । ନିକଟତମ ରେଳବାଇ ଷ୍ଟେସନ ବ୍ରହ୍ମପୁର ଏଠାରୁ ୫୦ ମାଇଲ ଦୂର । ଏଠାରୁ ଜଳଭଣ୍ଡାର ନିକଟକୁ ବସ୍‌ରେ ଯାଇ ହେବ ।

(୪) ତପ୍ତପାଣି ଉଷ୍ଣ ପ୍ରସ୍ରବଣ:—ବ୍ରହ୍ମପୁରଠାରୁ ୩୨ ମାଇଲ ଦୂରରେ ଅବସ୍ଥିତ । ଏ ଗନ୍ଧକାକ୍ତ ଉଷ୍ଣ ପ୍ରସ୍ରବଣର ଜଳରେ ରୋଗହାରକ ଗୁଣ ଅଛି ।

କୋରାପୁଟ ଜିଲା

(୧) ଡୁଡୁମା ଜଳପ୍ରପାତ:—ଡୁଡୁମା ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ଯୋଜନାକୁ ମାନ୍ଦ୍ରାଜ ସରକାର ଓ ଓଡ଼ିଶା ସରକାର ମିଶି କାର୍ଯ୍ୟକାରୀ କରୁଅଛନ୍ତି । ଏ ଜଳପ୍ରପାତରୁ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହେବ ।

(୨) ଦମୟନ୍ତୀ ସାଗର:—ଜେପୁରଠାରୁ ୪୨ ମାଇଲ ଦୂରରେ ନବରଙ୍ଗପୁର ସବ୍‌ଡ଼ିଭିଜନ୍‌ର କୋଟପାଡ଼ରେ ଥିବା ଗୋଟିଏ ମନୋହର ଓ ବୃହତ୍ ପୁଷ୍କରିଣୀ— ଏହା ପୁରାଣର ନଳରାଜା ଓ ରାଣୀ ଦମୟନ୍ତୀଙ୍କ ସ୍ମୃତି ସହ ଜଡ଼ିତ ।

ଅନ୍ୟାନ୍ୟ ରାଜ୍ୟ

(୧) ଶରଣକୁଳ:—ନୟାଗଡ଼ରେ ଗୋଟିଏ ପ୍ରସିଦ୍ଧ ତୀର୍ଥସ୍ଥାନ—ଲଡୁକେଶ ମହାଦେବଙ୍କ ଅସ୍ଥାନ ।

(୨) ଓଡଗାଁ—ନୟାଗଡ଼ରେ ଅବସ୍ଥିତ—ରଘୁନାଥ ଦେବଙ୍କ ମନ୍ଦିର ଅଛି—ଏହା ଗୋଟିଏ ପ୍ରସିଦ୍ଧ ତୀର୍ଥସ୍ଥାନ ।

(୩) ମଣିନାଗ ମନ୍ଦିର:—ରଣପୁରର ମଣିନାଗ ପାହାଡ ଉପରେ ଅବସ୍ଥିତ— ଏଠାରୁ ଚଉଦିଗ ଦୂରର ମନୋହର ଦୃଶ୍ୟ ଦେଖାଯାଏ ।

(୪) ନୀଳମାଧବ ମନ୍ଦିର:—ଖଣ୍ଡପଡ଼ାର କଣ୍ଟିଲୋଠାରେ ମହାନଦୀ କୂଳରେ ଗୋଟିଏ ପୁରୁଣା ଦେଉଳ—ଏଠାର ଦୃଶ୍ୟ ମନୋମୁଗ୍ଧକର ।

(୫) ବାଣେଶ୍ୱର:—ନରସିଂହପୁରରେ ଅବସ୍ଥିତ—ପ୍ରାଚୀନ ବୌଦ୍ଧ ମନ୍ଦିର ଥିବାରୁ ପ୍ରସିଦ୍ଧ ।

(୬) ଭଟାରିକା:—ବଡ଼ମ୍ବାରେ ମହାନଦୀ ଶଯ୍ୟାରେ ଗୋଟିଏ ଛୋଟିଆ ପାହାଡ଼— ଦୃଶ୍ୟ ଅତି ମନୋରମ ।

(୭) ଅଂଶୁପା ହ୍ରଦ:—ଅଠଗଡ଼ରେ ଅବସ୍ଥିତ—ପାଖରେ ଦୃଶ୍ୟ ମନୋହର ।

Digitized by srujan ka@gmail.com

(୮) ବଡ଼ମ୍ବୂଲ ଘାଟି—ଦଶପଲ୍ଲାରେ ଗୋଟିଏ ବଡ଼ ଓ ସୁନ୍ଦର ଦୃଶ୍ୟସ୍ଥଳୀ ଅଛି

(ଧ) ରାସ୍ତା ଓ ରେଳ ରାସ୍ତାର ଦୈର୍ଘ୍ୟ—

(୵) ରାସ୍ତା	୧୨୭୪୨ ମାଇଲ
(୶) ରେଳରାସ୍ତା	୮୭୩ ମାଇଲ

(ନ) ଭାରତର ଖାଦ୍ୟ ସମସ୍ୟାର ସମାଧାନ ଦିଗରେ ଓଡ଼ିଶାର ଅବଦାନ—

ଭାରତର ଅନ୍ୟାନ୍ୟ ପ୍ରଦେଶକୁ ଧାନ ଚାଉଳ ରପ୍ତାନି

୧୯୪୩-୪୪	୬୨୬୨୪ ଟନ୍
୧୯୨୪-୪୫	୮୧୯୫୧ ,,
୧୯୪୫-୪୬	୮୪୯୧୧ ,,
୧୯୦୬-୪୭	୧୨୫୧୪୯ ,,
୧୯୪୭-୪୮	୧୩୯୯୨୦.୪୯ ,,
୧୯୪୮-୪୯	୧୨୭୭୦୦.୧୫ ଟନ୍

(ପ) ବାସହରା ଶରଣାର୍ଥୀମାନଙ୍କ ପୁନର୍ବସତି ସମ୍ବନ୍ଧରେ କେତେକ ଜାଣିବାର କଥା:—

(୵) ଓଡ଼ିଶାରେ ପୂର୍ବ ପାକିସ୍ଥାନ (ବଙ୍ଗ) ର ୨୫୦୦୦ ବାସହରା ଲୋକଙ୍କୁ ଅସ୍ଥାନ କରାଯିବ। ଆଜି ସୁଦ୍ଧା ୧୩୨୪ ଜଣ ଶରଣାର୍ଥୀ ଓଡ଼ିଶାକୁ ଆସିଅଛନ୍ତି। ସେମାନେ ନିମ୍ନଲିଖିତ ୫ଗୋଟି ଅସ୍ଥାୟୀ ଛାଉଣିରେ ରହୁଅଛନ୍ତି ଯଥା—

ଅମର୍ଦ୍ଦୀ	୮୦୦୨
ମହତାବ ପୁର	୨୩୧୫
ଗୃହପୁର	୧୬୨୮
ଜାଜବର	୫୦୭
ଗୃହବାଟିଆ	୧୩୧୮

(୶) ଅସ୍ଥାୟୀ ଛାଉଣିରେ ଶରଣାର୍ଥୀମାନଙ୍କୁ ପ୍ରଥମ ତିନି ଦିନ ବିନା ପଇସାରେ ଖାଦ୍ୟ ଦିଆଯାଏ। ତାହାପରେ ସେମାନଙ୍କ ସାବାଳକ ବ୍ୟକ୍ତି ପିଛା ପାଇବ ଦାନ ସାପ୍ତାହିକ ଭିତ୍ତିରେ

Digitized by srujan ka@gmail.com

ଟ ୧୨୯ ଲେଖାଏଁ ଦିଆଯାଏ ଓ ପିଲାମାନଙ୍କୁ ଜଣପିଛା ଟ୮୯ ଦରରେ ଦିଆଯାଏ । ପିଲାମାନଙ୍କୁ ସପ୍ତାହକୁ ୮ ଆଉନ୍ସ ହିସାବରେ ଦୁଧ ଦିଆଯାଏ ।

(୶) ଅମର୍ଦ୍ଦା ଛାଉଣିରେ କର୍ମ କେନ୍ଦ୍ରମାନ ଖୋଲାଯାଇଅଛି । ଏଠାରେ ବଢେଇ କାମ, ଦରଜି କାମ, ଲୁଗାବୁଣା, ଝୋଟେଇ ତିଆରି, ଦରି ତିଆରି, ଦାଉଡ ବଳା, ମସିଣା ତିଆରି, ବାଉ ବନ୍ଧା, ବାଉଁଶ କାମ, ବେତ କାମ, ସ୍ତ୍ରୀଙ୍କ ପାଇଁ ଛୁଞ୍ଚକାମ, ଟ୍ରଙ୍କ ବାକ୍ସ ତିଆରି କାମ ଓ ମାଟି ବାସନ ତିଆରି କାମ ହେଉଅଛି ।

(୲) ସୁକନ୍ଦା, ରେଡାଖୋଲ, ବଣେଇ, ଦଶପଲ୍ଲା, କେନ୍ଦୁଝର ଓ ବୁଢାଙ୍ଗରେ ୧୦୦ ଟି ପରିବାରଙ୍କୁ, କେନ୍ଦ୍ରାପଡ଼ାରେ ୨୩ଟି ପରିବାରଙ୍କୁ ଓ କଳାହାଣ୍ଡିର ଭବାନୀପାଟଣାରେ ୮୫ଟି ପରିବାରଙ୍କୁ ଘରଦ୍ୱାର ଓ ଜମିବାଡ଼ି ଦେଇ ଥଇଥାନ କରିବା ପାଇଁ ଜାଗା ଠିକ୍ ହୋଇ ଘର ତିଆରି ଚାଲିଛି ।

(୲୵) ବାସହରା ଲୋକମାନଙ୍କ ଭିତରେ ଯେଉଁମାନେ କୃଷୀ ସେମାନଙ୍କୁ ଜମିଦେଇ ଥଇଥାନ କରିବାକୁ ଏବଂ ଯେଉଁମାନେ ତନ୍ତୀ, କାରିଗର, ଶିଳ୍ପୀ ଓ କେଉଟ ସେମାନଙ୍କୁ ସେମାନଙ୍କ ନିଜ ନିଜ ଜୀବିକା ଯୋଗାଇ ଦେଇ ଥଇଥାନ କରିବାକୁ ଯୋଜନା କାର୍ଯ୍ୟକାରୀ ହେଉଅଛି ।

(୲୶) ଶରଣାର୍ଥୀମାନଙ୍କ ଭିତରେ ଥିବା ଯୋଗ୍ୟଲୋକଙ୍କୁ ସରକାରୀ ଚାକିରିରେ ଭର୍ତ୍ତି କରିବାପାଇଁ ସେମାନଙ୍କର ବୟସଗତ କଟକଣାକୁ ସରକାର କୋହଳ କରି ଦେଇଅଛନ୍ତି ।

(୲୷) ଅସନ୍ତା ସପ୍ଲିମେଣ୍ଟାରି ମ୍ୟାଟ୍ରିକୁଲେସନ, ଆଇ. ଏ., ଆଇ. ଏସ୍‌ସି., ବି. ଏ., ବି. ଏସ୍‌ସି, ଓ ବି. କମ୍ ପରୀକ୍ଷା ଦେବାକୁ ଶରଣାର୍ଥୀ ଛାତ୍ରମାନଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁମତି ଦେଇଅଛନ୍ତି । ଭରଣପୋଷଣ, ବହିପତ୍ର ଓ ପାଠ୍ୟପାଠ ତଥା ଫିସ୍ ସକାଶେ ଶରଣାର୍ଥୀ ଛାତ୍ରମାନଙ୍କୁ ଋଣ ଦିଆଯାଉଅଛି ।

(୳) ଅମର୍ଦ୍ଦାରେ ୮୦ଟି ଶଯ୍ୟା ବିଶିଷ୍ଟ ଗୋଟିଏ ହାସପାତାଳ ଖୋଲିଅଛି । ଏଠାରେ ଆବଶ୍ୟକସଂଖ୍ୟକ କର୍ମଚାରୀ ଓ ଯନ୍ତ୍ରପାତି ମଧ୍ୟ ଅଛି । ମହତାପୁର, ନାଲବର, ଗୁରବାଡିଆ ଓ ଗୁଡପୁର ଶରଣାର୍ଥୀ ଛାଉଣି ନିକଟରେ ଗୋଟିଏ ଲେଖାଏଁ ହାସପାତାଳ ମଧ୍ୟ ଖୋଲିଅଛି; ଏସବୁ ହାସପାତାଳରେ ଆବଶ୍ୟକସଂଖ୍ୟକ କର୍ମଚାରୀ ଓ ଯନ୍ତ୍ରପାତି ରହିଅଛି । ପୁଷ୍ଟିହୀନତାଜନିତ ରୋଗରେ ପଡ଼ିଥିବା ପିଲାମାନଙ୍କୁ ଦୁଧ, ତାଜା ଫଳ ଓ ଭିଟାମିନ ଔଷଧ ଦେବାର ବନ୍ଦୋବସ୍ତ ହୋଇଅଛି । ଶରଣାର୍ଥୀ ଛାଉଣିମାନଙ୍କରେ ସ୍ୱାସ୍ଥ୍ୟମୂଳକ ବ୍ୟବସ୍ଥା ଯଥା—ପାଇଖାନା, ନର୍ଦ୍ଦମା ଓ ଅଗଣା ସଫା ଓ ପାଣି ଯୋଗାଣ ବ୍ୟବସ୍ଥା କରାଯାଇ ଅଛି ।

Digitized by srujan ka@gmail.com

(ଫ) ମିଶ୍ରଣ ପରେ ଗଡ଼ଜାତମାନଙ୍କରେ ରାଜନୈତିକ ଘଟନାବଳୀ

ମିଶ୍ରଣ ତାରିଖ—୧।୧।୪୮

୧୯୪୮ ମସିହା ଜାନୁୟାରୀ ମାସ ପହିଲା ଦିନଠାରୁ ଓଡ଼ିଶା ସରକାର ଓଡ଼ିଶା ଗଡ଼ଜାତ ଗୁଡ଼ିକର ଶାସନଭାର ହାତକୁ ନେଲା ପରେ କେନ୍ଦ୍ର ସରକାରଙ୍କ ଅନୁମୋଦନରେ ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ ହୋଇଥିବା ଲୋକପ୍ରତିନିଧିମୂଳକ ଅନୁଷ୍ଠାନମାନ ସହଯୋଗରେ ଗଡ଼ଜାତ ଗୁଡ଼ିକର ଶାସନକାର୍ଯ୍ୟ ଚଳୁଥିଲେ ।

୨୩ଟି ଯାକ ଗଡ଼ଜାତ ଭିତରୁ ପ୍ରତ୍ୟେକରେ ଗୋଟିଏ ଲେଖାଏ ପରାମର୍ଶଦାତା ପରିଷଦ ଗଠିତ ହୋଇଥିଲା । ଗଡ଼ଜାତର ସର୍ବାଧିକ ଜନପ୍ରିୟ କଂଗ୍ରେସ ଲୋକମାନେ ଏସବୁ ପରିଷଦର ସଭ୍ୟ ଥିଲେ । ଯେ କୌଣସି ବିଷୟରେ ସରକାରଙ୍କୁ ପ୍ରଶ୍ନ କରିବାକୁ ଏବଂ ପରାମର୍ଶ ଦେବାକୁ ଏମାନଙ୍କର ପ୍ରଚୁର କ୍ଷମତା ଥିଲା । ଏ ପରିଷଦଗୁଡ଼ିକ କପୂର୍ଣଭାବରେ କାର୍ଯ୍ୟସମ୍ପାଦନ କରିଥିଲେ ।

ଏହାପରେ ଗଡ଼ଜାତମାନଙ୍କ କଂଗ୍ରେସ ଦଳର ଲୋକଙ୍କ ଭିତରୁ ୪୦ ଜଣ ମନୋନୀତ ସଭ୍ୟଙ୍କୁ ନେଇ ଗୋଟିଏ ବ୍ୟବସ୍ଥାପକ ସଭା ଗଠିତ ହେଲା । ପରାମର୍ଶ ଦେବା ସକାଶେ ଏ ସଭାର ଯଥେଷ୍ଟ କ୍ଷମତା ଥିଲା । ଓଡ଼ିଶା ବ୍ୟବସ୍ଥାପକ ସଭାର ସଭ୍ୟମାନେ ଯେଉଁ ହାରରେ ଦରମା ଓ ଭତ୍ତା ପାଉଥିଲେ ଓ ସେମାନେ ଯେଉଁ ଆସନ ଲାଭ କରିଥିଲେ, ଗଡ଼ଜାତ ବ୍ୟବସ୍ଥାପକ ସଭାର ସଭ୍ୟମାନେ ଠିକ ସେହି ହାରରେ ଦରମା ଓ ଭତ୍ତା ପାଉଥିଲେ ଓ ସେମାନଙ୍କର ମଧ୍ୟ ସେହି ଆସନ ଥିଲା ।

ଗଡ଼ଜାତ ଅଞ୍ଚଳରେ ଶାସନ ପରିଚାଳନା ସକାଶେ ଗୋଟିଏ ମନ୍ତ୍ରିପରିଷଦ ବା ଏକଜିକ୍ୟୁଟିଭ୍ କାଉନ୍‌ସିଲ ଗଢ଼ା ହୋଇଥିଲା । ଏଥିରେ ଶ୍ରୀଯୁକ୍ତ ସାରଙ୍ଗଧର ମୋହନ ପ୍ରଧାନ, ଶ୍ରୀଯୁକ୍ତ କପିଳେଶ୍ୱର ପ୍ରସାଦ ନନ୍ଦ ଓ ଶ୍ରୀଯୁକ୍ତ କୈଳାସଚନ୍ଦ୍ର ମହାନ୍ତି ଏକଜିକ୍ୟୁଟିଭ୍ କାଉନ୍‌ସିଲର ହୋଇଥିଲେ ।

ଓଡ଼ିଶା ମନ୍ତ୍ରିମଣ୍ଡଳର ସଭ୍ୟ (ମନ୍ତ୍ରୀ) ମାନଙ୍କ ପରି ଏମାନେ ଦରମା, ଭତ୍ତା ପାଉଥିଲେ ଏବଂ ସେମାନଙ୍କ ଆସନ ସହିତ ଏମାନଙ୍କ ଆସନ ସମାନ ଥିଲା । ଏମାନଙ୍କର ସରକାରଙ୍କୁ ପରାମର୍ଶ ଦେବାର କ୍ଷମତା ଥିଲା ଓ ମନ୍ତ୍ରୀମାନଙ୍କ ସହିତ ମିଳିତ ଦାୟିତ୍ୱ ଥିଲା । ଏକଜିକ୍ୟୁଟିଭ କାଉନ୍‌ସିଲରମାନଙ୍କର କେବଳ ପରାମର୍ଶ ଦେବାକୁ କ୍ଷମତା ଥିଲେ ମଧ୍ୟ ସେମାନଙ୍କର ଆଦେଶକୁ ମନ୍ତ୍ରୀମାନଙ୍କର ଆଦେଶ ରୂପେ ଗଣ୍ୟ କରାଯାଉଥିଲା; ମନ୍ତ୍ରୀମାନଙ୍କ ଆଦେଶବଳରେ ସେମାନଙ୍କ ଆଦେଶକୁ କେବେହେଲେ ରଦ କରି ଦିଆଯାଉ ନ ଥିଲା ।

Digitized by srujan ka@gmail.com

୧୯୪୯ ମସିହା ଜୁଲାଇ ୩୧ ତାରିଖରେ ଗଡ଼ଜାତମାନଙ୍କର ବୈଧାନିକ ମିଶ୍ରଣ ପରେ ଗଡ଼ଜାତମାନଙ୍କରୁ ୩୧ ଜଣ ସଭ୍ୟ (ସେମାନଙ୍କ ମଧ୍ୟରୁ କଂଗ୍ରେସଦଳର ୨୪ ଜଣ) ଓଡ଼ିଶା ବ୍ୟବସ୍ଥାପକ ସଭାର ସଭ୍ୟରୂପେ ମନୋନୀତ ହୋଇଅଛନ୍ତି । ସେମାନଙ୍କ ଭିତରୁ ଶ୍ରୀଯୁକ୍ତ ପବିତ୍ରମୋହନ ପ୍ରଧାନ ମନ୍ତ୍ରୀରୂପେ ମନୋନୀତ ହୋଇଅଛନ୍ତି । ଅଳ୍ପଦିନ ଭିତରେ ଗଡ଼ଜାତ ଅଞ୍ଚଳର ସଭ୍ୟଙ୍କ ଭିତରୁ ଆଉ ଜଣେ ମନ୍ତ୍ରୀରୂପେ ମନୋନୀତ ହେବେ । ଫଳତଃ ଓଡ଼ିଶା ମନ୍ତ୍ରିମଣ୍ଡଳରେ ଦୁଇଜଣ ଗଡ଼ଜାତ ପ୍ରତିନିଧି ମନ୍ତ୍ରୀରୂପେ ରହିବେ ।

ଏଥିରୁ ସ୍ପଷ୍ଟ ଜଣାପଡ଼ୁଛି ଯେ ଓଡ଼ିଶା ପ୍ରଦେଶର ଶାସନଗତ ବ୍ୟାପାରରେ ଓଡ଼ିଶା ଗଡ଼ଜାତମାନଙ୍କୁ ଉଚିତ ଭାଗ ଦିଆଯାଇଅଛି । ସ୍ୱାଧୀନତା ପ୍ରାପ୍ତି ସକାଶେ ଗଡ଼ଜାତବାସୀମାନେ ଯେଉଁ ତ୍ୟାଗ ସ୍ୱୀକାର କରିଥିଲେ, ସେଥିପାଇଁ ସେମାନେ ଏହା ପାଇବାକୁ ହକ୍‌ଦାର ।

(୮) ଅଲ୍‌ଇଣ୍ଡିଆ ରେଡ଼ିଓର କଟକ କେନ୍ଦ୍ର ବିଷୟରେ କେତେକ ଜ୍ଞାତବ୍ୟ କଥା

(କ) ୧୯୪୮ ମସିହା ଜାନୁୟାରୀ ମାସ ୨୮ ତାରିଖରେ ଅଲ ଇଣ୍ଡିଆ ରେଡ଼ିଓର ଗୋଟିଏ ଷ୍ଟେସନ୍ କଟକରେ ଖୋଲାଯାଇଥିଲା ।

(ଖ) ବର୍ତ୍ତମାନ ୧ କିଲୋଓ୍ୱାଟ୍ ବିଦ୍ୟୁତ୍ ଶକ୍ତିସଂପନ୍ନ ବାହକ ଯନ୍ତ୍ର ଯୋଗେ ବେତାରବାର୍ତ୍ତା ପରିବେଷଣ କରାଯାଉଅଛି । ବେତାର କେନ୍ଦ୍ରର ଚତୁର୍ଦ୍ଦିଗରେ ଅନୁମାନିକ ୭୦ ମାଇଲ ପର୍ଯ୍ୟନ୍ତ ବେତାର ଅନୁଷ୍ଠାନମାନ ଭଲରୂପେ ଶୁଣାଯାଉଅଛି । କିନ୍ତୁ ଭବିଷ୍ୟତରେ ଗୋଟିଏ ଉଚ୍ଚଶକ୍ତିବିଶିଷ୍ଟ ବାହକ ଯନ୍ତ୍ର ସ୍ଥାପନ କରିବା ପାଇଁ ପ୍ରସ୍ତାବ କରାଯାଇଅଛି । ଏହାହେଲେ ଓଡ଼ିଶାର ସୁଦୂର ପ୍ରାନ୍ତରେ କଟକ ବେତାର କେନ୍ଦ୍ରର ଅନୁଷ୍ଠାନମାନ ଶୁଣାଯାଇ ପାରିବ ।

(ଗ) ବେତାର କାର୍ଯ୍ୟକ୍ରମରେ ନାନା ପ୍ରକାରର ସାଂସ୍କୃତିକ ବିଷୟ ସ୍ଥାନ ପାଇଥାଏ । ନିମ୍ନଲିଖିତ ବିଷୟ ଗୁଡ଼ିକ ନିୟମିତ ଭାବରେ ପ୍ରଚାରିତ ହୁଏ । ଯଥା—(୧) ସ୍ୱର ସଙ୍ଗୀତ (୨) ନାଟିକା (୩) ଆଲୋଚନା (ଓଡ଼ିଆ ଓ ଇଂରାଜୀ), (୪) ଗାଁ ଗହଳ ପାଇଁ କାର୍ଯ୍ୟକ୍ରମ, (୫) ନାରୀ ମହଲ, (୬) ଶିଶୁସଂସାର, (୭) ସାହିତ୍ୟାଲୋଚନା, (୮) ସଂସ୍କୃତ କାର୍ଯ୍ୟକ୍ରମ (୯) ବ୍ୟାୟାମ, (୧୦) ହିନ୍ଦୀଶିକ୍ଷା । ସାହିତ୍ୟ, ସଙ୍ଗୀତ ଓ ଇତିହାସକୁ ନେଇ ଓଡ଼ିଶାର ଯେଉଁ ସଂସ୍କୃତି ଗଢ଼ି ଉଠିଛି, ତାହାକୁ ଲୋକସାଧାରଣଙ୍କ ଆଗରେ ପରିବେଷଣ କରିବା, ତାହାର ପୁନରୁଦ୍ଧାର କରିବା ତଥା ତାକୁ ଲୋକପ୍ରିୟ କରିବା ପାଇଁ କାର୍ଯ୍ୟକ୍ରମରେ ବ୍ୟବସ୍ଥା ହୋଇଥାଏ । ଓଡ଼ିଆ ଓ ଇଂରାଜୀରେ ସମ୍ବାଦ ପରିବେଷଣ ମଧ୍ୟ କରାଯାଇଥାଏ ।

Digitized by srujan ka@gmail.com

ଓଡ଼ିଆରେ ସମ୍ବାଦ—ସକାଳ ୭ଟା ୧୫—ସକାଳ ୭।୨୫ଟା
ଅପରାହ୍ଣ ଘ୧।୧୦—ଘ୧।୨୦
ସନ୍ଧ୍ୟା ଘ୭।୧୫—ଘ୭।୩୦
ବଙ୍ଗଳାରେ ସମ୍ବାଦ—ସକାଳ ଘ୮—ଘ୮।୧୫
ଅପରାହ୍ଣ ଘ୧।୩୦—ଘ୧।୪୦
ସନ୍ଧ୍ୟା ଘ୭—ଘ୭।୧୦
ରାତ୍ର ଘ୯—ଘ୯।୧୫

ଏହାଛଡ଼ା ତା ୨୭।୧୧।୫୦ରୁ ସକାଳ ଘ୮।୧୫ ଓ ରାତ୍ର ଘ୯।୧୫ରେ ହିନ୍ଦୀରେ ସମ୍ବାଦ ପ୍ରଚାରିତ ହେଉଅଛି।

(ଭ) ଓଡ଼ିଶାର ନୂତନ ରାଜଧାନୀ

(କ) ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ହେବା ପାଇଁ ବଛାଯାଇଅଛି। ଭାରତର ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ତା ୧୩।୪।୪୮ ରିଖରେ ଉକ୍ତ ରାଜଧାନୀର ଭିତ୍ତି ଦିଆଯାଇଥିଲା। ନିର୍ମାଣକାର୍ଯ୍ୟରେ ପ୍ରାୟ ୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ହିସାବ କରାଯାଇଅଛି। ଭାରତ ସରକାରଙ୍କର ନିର୍ମାଣକାର୍ଯ୍ୟବିଶାରଦ ଡକ୍ଟର କୋନିଗ୍ସବର୍ଗେରଙ୍କ ଯୋଜନା ଅନୁସାରେ ନୂତନ ରାଜଧାନୀର ନିର୍ମାଣକାର୍ଯ୍ୟ ଚାଲିଛି। ଏହି ଯୋଜନା ଅନୁସାରେ ଉକ୍ତ ସହରରେ ୫ଟି ୟୁନିଟ୍ (ବା ମଣ୍ଡଳ) ରହିବ। ପ୍ରତ୍ୟେକ ୟୁନିଟ୍‌ରେ ଶିକ୍ଷା, ଦୋକାନ, ଡାକ୍ତରଖାନା, ଖେଳ ପଡ଼ିଆ ଏବଂ ଆମୋଦ ପ୍ରମୋଦ କେନ୍ଦ୍ର ପ୍ରଭୃତି ରହିବ ଏବଂ ଏ ସବୁ ବିଷୟରେ ସବୁ ୟୁନିଟ୍ ଆତ୍ମନିର୍ଭରଶୀଳ ହେବ। ପ୍ରଥମେ ସହରରେ ୨୫ ହଜାର ଲୋକ ରହିବେ ବୋଲି ସ୍ଥିର କରାଯାଇଅଛି ଏବଂ ସେଥିରୁ ପ୍ରାୟ ଶତକଡ଼ା ୨୫ ଭାଗ ରହିବେ ବେ-ସରକାରୀ ଲୋକ।

(ଖ) କୋଠାବାଡ଼ି ନିର୍ମାଣ:—ଜଙ୍ଗଲ ସଫା ହେବା ପରେ ୨ୟ ୟୁନିଟ୍ ନିକଟରେ ୧୯୪୮ ମସିହା ଅକ୍ଟୋବର ମାସରେ ନିର୍ମାଣକାର୍ଯ୍ୟ ଆରମ୍ଭ ହେଲା ଏବଂ କର୍ମଚାରୀମାନଙ୍କର ରହିବା ପାଇଁ କୋଠାବାଡ଼ି ତିଆରି କରାଗଲା। ଉକ୍ତ ୟୁନିଟ୍‌ର ସମସ୍ତ କୋଠାବାଡ଼ି ପ୍ରାୟ ଶେଷ ହେବା ଉପରେ। ୧୯୪୯ ମସିହା ଜୁଲାଇ ମାସରେ ପ୍ରଥମ ୟୁନିଟ୍‌ର କାମ ଆରମ୍ଭ ହେଲା। ସେଠାରେ ଅଧିକାଂଶ କୋଠା ତିଆରି ସରିଲାଣି ଏବଂ ଅବଶିଷ୍ଟ ଗୃହଗୁଡ଼ିକର କାମ ଶେଷ ହେବା ଉପରେ। ଅନ୍ୟ ୟୁନିଟ୍‌ରେ ମଧ୍ୟ କୋଠାବାଡ଼ି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଯାଇଛି ଏବଂ କାମ ଖୁବ୍ ଜୋର୍‌ସୋର୍‌ରେ ଚାଲିଛି। ଏ ପର୍ଯ୍ୟନ୍ତ ପ୍ରାୟ ୮୦୦ କ୍ୱାର୍ଟର ତିଆରି ହୋଇଛି।

Digitized by srujan ka@gmail.com

ପୂର୍ତ୍ତବିଭାଗ ସେକ୍ରେଟେରିଏଟ୍‌ର "ରାସ୍ତା ଏବଂ କୋଠାବାଡ଼ି ନିର୍ମାଣ ବିଭାଗ" ୧୯୪୯ ମସିହା ଜୁନ୍ ୮ ତାରିଖରେ କଟକରୁ ନୂତନ ରାଜଧାନୀକୁ ଆସିଲା ଏବଂ ୧୯୫୦ ମସିହା ଜୁନ୍ ମାସର ୧ମ ସପ୍ତାହରେ ସ୍ୱାସ୍ଥ୍ୟବିଭାଗ ଡିରେକ୍ଟରଙ୍କ ଅଫିସ, ପୋଲିସ ଇନ୍‌ସପେକ୍ଟର ଜେନେରାଲ୍‌ଙ୍କ ଅଫିସ ଏବଂ ସମବାୟ ସମିତିର ରେଜିଷ୍ଟ୍ରାର୍‌ଙ୍କ ଅଫିସ ଭୁବନେଶ୍ୱରକୁ ଆସିଲା ।

ରାଜଧାନୀ ଭିତରେ ପ୍ରାୟ ୪୭ ମାଇଲର ରାସ୍ତା ତିଆରି କରାଯିବ ବୋଲି ହିସାବ କରାଯାଇ ଅଛି । ଏହା ମଧ୍ୟରେ ପ୍ରଧାନ ରାସ୍ତା, ଶାଖା ରାସ୍ତା, ଗଳି, ଘର ସାମନା ରାସ୍ତା ଏବଂ କ୍ୱାର୍ଟର ମଧ୍ୟବର୍ତ୍ତୀ ଗଳି ପ୍ରସ୍ତୁତ ହିବ । ପ୍ରାୟ ୨୬ ମାଇଲ ରାସ୍ତା ତିଆରି ସରିଲାଣି । ସେଥିରୁ ୬ ମାଇଲ୍‌କୁ ପିଚୁରାସ୍ତା କରା ଗଲାଣି ।

(ଗ) ଜଳ ଯୋଗାଣ:—ଭୂ-ତତ୍ତ୍ୱବିତ୍‌ମାନଙ୍କର ପରାମର୍ଶରେ ରାଜଧାନୀର ନିକଟବର୍ତ୍ତୀ ୨ଟି ବଡ଼ ସ୍ଥାନରେ ପରୀକ୍ଷା ସ୍ୱରୂପ ଭୂଇଁରେ ଗାତ ଖୋଳା ଯାଇଥିଲା; କିନ୍ତୁ ପାଣି ପଡ଼ିଲା ନାହିଁ । ତେଣୁ ସରକାର ବର୍ତ୍ତମାନ ଶେଷ ସିଦ୍ଧାନ୍ତ କରିଛନ୍ତି ଯେ କୁଆଖାଇ ନଦୀରୁ ପାଣି ନେଇ ରାଜଧାନୀରେ ଯୋଗାଇ ଦିଆଯିବ । ଯେଉଁଠାରୁ ପାଣି ନିଆଯିବ, ସେ ସ୍ଥାନ ରାଜଧାନୀଠାରୁ ପ୍ରାୟ ସାଢ଼େ ୪ ମାଇଲ୍ ଦୂର । ସ୍ଥାୟୀ ଜଳଯୋଗାଣ ବ୍ୟବସ୍ଥା ବର୍ତ୍ତମାନ କାର୍ଯ୍ୟକାରୀ ହୋଇ ନାହିଁ । ତେଣୁ ଅସ୍ଥାୟୀ ଭାବରେ ଝରଣା ଜଳକୁ ଶୁଦ୍ଧକରି ବର୍ତ୍ତମାନ୍ ସେଠାରେ ବାସିନ୍ଦାମାନଙ୍କୁ ଯୋଗାଇ ଦିଆ ଯାଉଅଛି ।

(ଘ) ନାଳ ଏବଂ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା:—ନାଳରେ ଯେଉଁ ମଇଳା ପାଣି ସବୁ ବୋହିଯିବ, ସେ ଜଳକୁ ଜଳସେଚନ କାର୍ଯ୍ୟରେ ବ୍ୟବହାର କରାଯିବ ବୋଲି ପ୍ରସ୍ତାବ କରାଯାଇ ଅଛି । ରାଜଧାନୀ ନିକଟରେ ବହୁତ ଜଙ୍ଗଲ ଜମି ଅଛି । ସେଠାରେ ଏହି ମଇଳା ପାଣି ଜମିକୁ ଉର୍ବର କରିବା ପାଇଁ ଜମିରେ ମଡ଼ାଇ ଦିଆଯିବ । ଯଦି ସୁବିଧା ହୁଏ, ତେବେ ଏହି ମଇଳା ପାଣିକୁ ନିକଟବର୍ତ୍ତୀ ଧାନ ଜମିରେ ମଧ୍ୟ ମଡ଼ାଯାଇ ପାରିବ ।

Digitized by srujan ka@gmail.com

ଦ୍ୱିତୀୟ ଅଧ୍ୟାୟ

ଓଡ଼ିଶାର ଗରିମାମୟ ଅତୀତ

(କ)—ଯୁଗେ ଯୁଗେ ଓଡ଼ିଶା

ବେଦ, ରାମାୟଣ, ମହାଭାରତ ଓ ବୌଦ୍ଧ ଜାତକସାହିତ୍ୟରେ ଓଡ୍ର, ଉତ୍କଳ ଓ କଳିଙ୍ଗ ଏ ତିନି ନାମର ଉଲ୍ଲେଖ ରହିଅଛି । କଳିଙ୍ଗ ସହିତ ଅଶୋକ ଯେଉଁ ଯୁଦ୍ଧ କରିଥିଲେ ତହିଁରେ ତାଙ୍କ ଜୀବନର ଗତି ଓ ଭାରତରେ ବୌଦ୍ଧଧର୍ମର ଭାଗ୍ୟ ବଦଳିଯାଇଥିଲା । ସେହି ଯୁଦ୍ଧରେ କଳିଙ୍ଗ ମଧ୍ୟ ଇତିହାସରେ ପ୍ରାଧାନ୍ୟ ଲାଭ କଲା ।

ମଗଧର ମୌର୍ଯ୍ୟ ସାମ୍ରାଜ୍ୟ ଭାରତର ପ୍ରଥମ ସାମ୍ରାଜ୍ୟ ଥିଲା । ସେ ସାମ୍ରାଜ୍ୟର ପତନ ପରେ କଳିଙ୍ଗ ବା ଓଡ଼ିଶାର ଜୈନ ସମ୍ରାଟ ଖାରବେଳ ପୁଣି ଗୋଟିଏ ସାମ୍ରାଜ୍ୟ ଗଠନ କଲେ । ଉତ୍ତର ଭାରତ ଓ ଦକ୍ଷିଣ ଭାରତରେ ସେ ସୁଦୂରପ୍ରସାରୀ ଦିଗ୍‌ବିଜୟ କଲେ । ଭାରତରେ ଏପରି କୌଣସି ରାଜ୍ୟ ରହିଲା ନାହିଁ, ଯାହା କି ତାଙ୍କ ଆଧିପତ୍ୟରୁ ବାଦ୍ ଗଲା । ମଗଧର ପ୍ରବଳପରାକ୍ରମୀ ସମ୍ରାଟ ଯେଉଁ ପୁଷ୍ପମିତ୍ର ଡେମିଟ୍ରିଅସ ଓ ମିନାଣ୍ଡରଙ୍କୁ ଉତ୍ତର ଭାରତରୁ ତଡ଼ି ଦେଇଥିଲେ ଏବଂ ନିଜ ପରାକ୍ରମର ନିଦର୍ଶନ ରୂପେ ଅଶ୍ୱମେଧ ଯଜ୍ଞ ଅନୁଷ୍ଠାନ କରିଥିଲେ ତାଙ୍କୁ ପରାଭୂତ କରି ମଗଧ ବିଜୟ କରିବା ଖାରବେଳଙ୍କ ପକ୍ଷରେ କମ୍ କୃତିତ୍ୱ ନ ଥିଲା । ଏ ବିଜୟ ଫଳରେ ଖାରବେଳ ଭାରତବର୍ଷର ଏକଚ୍ଛତ୍ର ଅଧିପତି ହେଲେ ଏବଂ କିଛି କାଳ ନିମନ୍ତେ ଓଡ଼ିଶାର ଇତିହାସ ଭାରତର ଇତିହାସରେ ପରିଣତ ହେଲା ।

ଖାରବେଳଙ୍କ ବଳିଷ୍ଠ ବ୍ୟକ୍ତିତ୍ୱର ଅବସାନ ପରେ ଓଡ଼ିଶା କିଛି କାଳ ସ୍ୱାଧୀନତା ହରାଇ କିନ୍ତୁ ୫୨୦ ଖ୍ରୀଷ୍ଟାବ୍ଦରେ କେଶରୀବଂଶୀୟ ରାଜାମାନେ ଆଧିପତ୍ୟ ଲାଭ କରିବାରୁ ଓଡ଼ିଶା ତାର ପୂର୍ବଗୌରବ ଫେରି ପାଇଲା । କେଶରୀ ରାଜାମାନଙ୍କ ମଧ୍ୟରେ ଜନ୍ମେଜୟ, ଯଯାତି ଓ ଲଲାଟେନ୍ଦୁ ସବୁଠୁଁ ଅଧିକ ପରାକ୍ରମଶାଳୀ ଥିଲେ । ଓଡ଼ିଶୀ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଅଲୌକିକସାମାନ୍ୟ ନିଦର୍ଶନ ଭୁବନେଶ୍ୱର ମନ୍ଦିର ଲଲାଟେନ୍ଦୁଙ୍କ କୀର୍ତ୍ତି । ଜଗନ୍ନାଥ ମନ୍ଦିରର ମାଦଳା ପାଞ୍ଜିରୁ ଜଣାଯାଏ ଯେ କେଶରୀବଂଶୀୟ ନରପତିମାନଙ୍କ ସାମ୍ରାଜ୍ୟ ଉତ୍ତରରେ କାଂଶବାଂଶ ନଦୀଠାରୁ ଦକ୍ଷିଣରେ ଋଷିକୁଲ୍ୟା ନଦୀ ପର୍ଯ୍ୟନ୍ତ ଏବଂ ପୂର୍ବରେ ସମୁଦ୍ରଠାରୁ ପଶ୍ଚିମରେ ତାଳଚେର ଓ ବୌଦ ପର୍ଯ୍ୟନ୍ତ ବିସ୍ତୃତ ଥିଲା । କେଶରୀ

Digitized by srujan ka@gmail.com

ସାମ୍ରାଜ୍ୟର ଆୟତନ ପ୍ରାୟ ୧୫୦୦୦ ବର୍ଗମାଇଲ ଓ ଏଥିର ବାର୍ଷିକ ରାଜସ୍ୱର ପରିମାଣ ୧୫ ଲକ୍ଷ ମାତ୍ର ସୁବର୍ଣ୍ଣ ଥିଲା । କେଶରୀ ବଂଶୀୟ ନରପତିମାନେ ତ୍ରିକଳିଙ୍ଗାଧିପତି ଓ ମହାରାଜାଧିରାଜ ବୋଲାଉଥିଲେ । ସେମାନେ ଯେ ଅତ୍ୟନ୍ତ ପରାକ୍ରମଶାଳୀ ଥିଲେ ଏହା ତାହାର ପ୍ରମାଣ ।

କେଶରୀବଂଶୀୟ ନରପତିମାନଙ୍କ ପରେ ଓଡ଼ିଶାରେ ଗଙ୍ଗବଂଶୀୟ ନରପତିମାନେ ରାଜତ୍ୱ କଲେ । ଏମାନଙ୍କ ସମୟରେ କେଶରୀବଂଶୀୟ ନରପତିମାନଙ୍କ ସମୟ ଅପେକ୍ଷା ଓଡ଼ିଶା ସାମ୍ରାଜ୍ୟ ଅଧିକ ବିସ୍ତାର ଲାଭ କରିଥିଲା ଏବଂ ଅଧିକ ପରାକ୍ରାନ୍ତ ହୋଇଥିଲା । ଋଷିକୁଲ୍ୟା ନଦୀର ଦକ୍ଷିଣରେ ଥିବା ଭୂଭାଗ ଦକ୍ଷିଣ କଳିଙ୍ଗ ବୋଲାଉଥିଲା । ଏହା କେଶରୀ ସାମ୍ରାଜ୍ୟର ଅଧୀନ ହୋଇ ନ ଥିଲା କିନ୍ତୁ ଗଙ୍ଗାବଂଶୀୟ ନରପତିମାନେ ଏହାକୁ ଓଡ଼ିଶା ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କଲେ । ମୋଟାମୋଟି କହିବାକୁ ଗଲେ ଗଙ୍ଗବଂଶୀୟ ନରପତିମାନଙ୍କ ସାମ୍ରାଜ୍ୟ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ଓ ପୂର୍ବରେ ସମୁଦ୍ରଠାରୁ ଆରମ୍ଭ କରି ପଶ୍ଚିମରେ ମହାରାଷ୍ଟ୍ର ଦେଶପର୍ଯ୍ୟନ୍ତ ବିସ୍ତୃତ ଥିଲା । ଖ୍ରୀଷ୍ଟ ୭ମ ଶତାବ୍ଦୀର ପ୍ରଥମାର୍ଦ୍ଧ ପରେ ବା ହର୍ଷବର୍ଦ୍ଧନଙ୍କ ମୃତ୍ୟୁରୁ ଉତ୍ତର ଭାରତରେ ଉଲ୍ଲେଖଯୋଗ୍ୟ କୌଣସି ହିନ୍ଦୁ ସାମ୍ରାଜ୍ୟ ନ ଥିଲା । ଏକତାର ବନ୍ଧନ ଛିଣ୍ଡାଇ ପୃଥକ ପୃଥକ ହୋଇଯିବାର ପ୍ରବୃତ୍ତିରୁ ଭାରତର ରାଜନୀତିକ୍ଷେତ୍ରରେ ବାରବାର ବିଷମୟ ଫଳ ଫଳିଅଛି । ଏ ସମୟରେ ସେହି ପ୍ରବୃତ୍ତିର ପ୍ରାଦୁର୍ଭାବ ଘଟିଲା । ଏହି କାରଣରୁ ଭାରତରେ ତେତେବେଳେ ସାମ୍ରାଜ୍ୟ ପରେ ସାମ୍ରାଜ୍ୟ ଭାଙ୍ଗି ପଡ଼ୁଥିଲା । ଏହା ସତ୍ତ୍ୱେ ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶୀ ନରପତିମାନେ ଯେ ଓଡ଼ିଆ ସାମ୍ରାଜ୍ୟକୁ ଅତୁଟ ରଖିପାରିଥିଲେ ଏହା ସେମାନଙ୍କ ପକ୍ଷରେ ନିଶ୍ଚୟ ଅତ୍ୟନ୍ତ ଗୌରବାବହ ବୃତ୍ତି ବୋଲି ମାନିବାକୁ ହେବ । ଓଡ଼ିଶାର ଗୌରବମୟ ଦିନ ବହୁକାଳଯାଏଁ ଅକ୍ଷତ ରହିଥିଲା । ମଧ୍ୟଯୁଗର ଭେଦ ବୁଦ୍ଧି ଓଡ଼ିଶା ରାଜନୀତିରେ ବହୁକାଳ ଯାଏଁ ପ୍ରବେଶ କରିପାରି ନ ଥିଲା । ବାସ୍ତବରେ ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶୀ ନରପତିମାନଙ୍କ ପାଞ୍ଚଶ ବର୍ଷ ବ୍ୟାପୀ ରାଜତ୍ୱ ମଧ୍ୟରେ ଓଡ଼ିଶାର ସଭ୍ୟତା ସକଳ ଦିଗରେ ପରିପୂର୍ଣ୍ଣତା ଲାଭ କରିଥିଲା । ଏହି କେତେକ ବର୍ଷ ଓଡ଼ିଶା ଇତିହାସରେ ସବୁଠୁ ବଳି ଗୌରବାବହ । ଭାରତ ଇତିହାସରେ କୌଣସି ଗୌରବାବହ ଯୁଗ ଏତେ ଦୀର୍ଘକାଳସ୍ଥାୟୀ ହୋଇ ନାହିଁ । ମୌର୍ଯ୍ୟ ଯୁଗର ପରାକ୍ରମ ଶତେହି ବର୍ଷ ମାତ୍ର ସ୍ଥାୟୀ ହୋଇଥିଲା ଏବଂ ଗୁପ୍ତଯୁଗର ପରାକ୍ରମ ମଧ୍ୟ ପ୍ରାୟ ତେତିକି କାଳ ସ୍ଥିର ରହିଥିଲା । ମୋଗଲ ଓ ଇଂରେଜମାନଙ୍କ ପରାକ୍ରମ ମଧ୍ୟ ପ୍ରାୟ ଦୁଇ ଶତାବ୍ଦୀ ଲେଖାଏଁ ଅକ୍ଷୁଣ୍ଣ ରହିଥିଲା । ମରହଟ୍ଟାମାନଙ୍କ ଆଧିପତ୍ୟ ଆହୁରି କମ କାଳ ଅତୁଟ ରହିଥିଲା । କିନ୍ତୁ ଓଡ଼ିଶା ଇତିହାସର ସବୁଠୁଁ ବଳି ଗୌରବାବହ ଯୁଗ ପୂର୍ଣ୍ଣ ପାଞ୍ଚଶହ ବର୍ଷକାଳ ସ୍ଥାୟୀ ଓ ଅକ୍ଷୁଣ୍ଣ ରହିଥିଲା ।

ଚୋଡ଼ଗଙ୍ଗଦେବ ଗଙ୍ଗବଂଶର ପ୍ରଥମ ନରପତି ଥିଲେ । ଗଙ୍ଗାନଦୀକୂଳରେ ଅବସ୍ଥିତ ବଙ୍ଗଦେଶର ମନ୍ଦରରାଜ୍ୟ ସେ ବିଜୟ କରିଥିଲେ । ମଧ୍ୟପ୍ରଦେଶର ବିଲାସପୁରରେ ଅବସ୍ଥିତ ରତନପୁରର ହୈହୟବଂଶୀୟ ରାଜାଙ୍କୁ ସେ ପରାଭୂତ କରି ମଧ୍ୟ ପ୍ରଦେଶର ଗଣ୍ଡୋୟାନା ପର୍ଯ୍ୟନ୍ତ ଓଡ଼ିଶା ସାମ୍ରାଜ୍ୟ ବିସ୍ତାର କରିଥିଲେ । ଗଙ୍ଗବଂଶର ସପ୍ତମ ନରପତି ଅନଙ୍ଗଭୀମ ଦେବ ଇତିହାସ ପ୍ରସିଦ୍ଧ । ତାଙ୍କର ରାଜତ୍ୱକାଳରେ ମୁସଲମାନମାନେ ପ୍ରଥମେ ଭାରତ ଆକ୍ରମଣ କଲେ । ବୈଦେଶିକ

Digitized by srujan ka@gmail.com

ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ପ୍ରସିଦ୍ଧ ଦାସବଂଶୀୟ ସମ୍ରାଟ ବଲବନଙ୍କ ପରି ଅନଙ୍ଗଭୀମଦେବ ତାଙ୍କ ସାମ୍ରାଜ୍ୟସାରା ଦୁର୍ଗମାନଙ୍କରେ ଘଇ ଦେଲେ ଓ ସାମ୍ରାଜ୍ୟର ସାମରିକ ଶକ୍ତି ଯଥେଷ୍ଟ ବୃଦ୍ଧି କରିଦେଲେ । ମୌର୍ଯ୍ୟବଂଶୀୟ ଭାରତସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ସୈନ୍ୟସଂଖ୍ୟା ୬୦୦୦୦୦ ଥିଲା । କିନ୍ତୁ ଓଡ଼ିଶାର ସମ୍ରାଟ ଅନଙ୍ଗଭୀମଦେବଙ୍କ ସୈନ୍ୟସଂଖ୍ୟା ଥିଲା ୪୩୨୦୦୦ । ଚନ୍ଦ୍ରଗୁପ୍ତ ତାଙ୍କର ବିପୁଳ ବାହିନୀ ନେଇ ଯେପରି ସେଲ୍ୟୁକସଙ୍କୁ ପରାଜିତ କରି ଭାରତରୁ ହଟାଇ ଦେଇଥିଲେ, ଅନଙ୍ଗଭୀମ ବଙ୍ଗର ଶେଷ ହିନ୍ଦୁ ରାଜା ଲକ୍ଷ୍ମଣ ସେନଙ୍କୁ ଆଶ୍ରୟ ଦେଇଥିବାରୁ ବଙ୍ଗର ମୁସଲମାନ ନରପତିମାନେ ଏଥିନିମନ୍ତେ ତାଙ୍କୁ ଶାସ୍ତି ଦେବାକୁ ବାରମ୍ବାର ଓଡ଼ିଶା ଉପରେ ଯେଉଁ ଆକ୍ରମଣ କଲେ ସେ ନିଜର ସୁଦକ୍ଷ ବାହିନୀକୁ ନେଇ ସେ ସବୁ ଆକ୍ରମଣକୁ ସେହିପରି ପ୍ରତିହତ କରିଥିଲେ । ବଙ୍ଗଦେଶକୁ ମୁସଲମାନମାନେ ଆକ୍ରମଣ କରିବାରୁ ଲକ୍ଷ୍ମଣସେନ ସଂପୃକ୍ତ ଓ ଭୟଭୀତ ହୋଇ ଓଡ଼ିଶା ସମ୍ରାଟଙ୍କ ଆଶ୍ରୟ ନେଇଥିଲେ । ଓଡ଼ିଶା ସାମ୍ରାଜ୍ୟକୁ ସୁଦୃଢ଼ କରିବା ପାଇଁ ଅନଙ୍ଗଭୀମଦେବ ଯେଉଁସବୁ ବ୍ୟବସ୍ଥା କରିଥିଲେ ତାହା ପ୍ରକୃତରେ ଅତୁଳନୀୟ । ବିହାର ଓ ବଙ୍ଗ ମୁସଲମାନ ଆକ୍ରମଣରେ ନିଜ ନିଜର ସ୍ୱତନ୍ତ୍ର ସତ୍ତା ହରାଇଥିଲାବେଳେ ଓଡ଼ିଶା ଯେ ନିଜର ସ୍ୱାଧୀନତା ଅକ୍ଷୁଣ୍ଣ କରି ରଖି ପାରିଥିଲା ଏହା ଅନଙ୍ଗଭୀମ ଦେବଙ୍କ କୃତିତ୍ୱ ମାତ୍ର । ମଗଧ କେତେକାଳ ହିନ୍ଦୁ ସଭ୍ୟତାର ଧ୍ୱଜାକୁ ଉନ୍ନତ ରଖିଥିଲା, କିନ୍ତୁ ମୁସଲମାନ ଆକ୍ରମଣ ପରେ ଅବସ୍ଥା ପରିବର୍ତ୍ତିତ ହୋଇ ଯିବାରୁ ବହୁ କାଳ ପର୍ଯ୍ୟନ୍ତ ଓଡ଼ିଶା ହାତରେ ହିନ୍ଦୁ ସାମ୍ରାଜ୍ୟର ଧ୍ୱଜା ରହିଲା ।

ଗଙ୍ଗବଂଶର ସର୍ବଶ୍ରେଷ୍ଠ ନରପତି ନରସିଂହ ଦେବ । ସେ ଅନଙ୍ଗଭୀମ ଦେବଙ୍କ ପୁତ୍ର ଓ ଉତ୍ତରାଧିକାରୀ । ସେ ୧୨୩୮ ରୁ ୧୨୬୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଖାରବେଳଙ୍କ ପରକୁ ସେ ହେଉଛନ୍ତି ସବୁଠୁଁ ପରାକ୍ରମୀ ଦିଗ୍ୱିଜୟୀ ସମ୍ରାଟ । ବିଖ୍ୟାତ ଗୁପ୍ତବଂଶୀ ସମ୍ରାଟ୍ ସମୁଦ୍ର ଗୁପ୍ତଙ୍କ ବିଜୟ ସବୁକୁ ନରସିଂହ ଦେବଙ୍କ ବିଜୟମାନଙ୍କ ସହିତ ତୁଳନା କରାଯାଇପାରିବ ନାହିଁ । ବିନ୍ଧ୍ୟ ପର୍ବତର ଦକ୍ଷିଣରେ ଥିବା ବହୁ ରାଜ୍ୟ ସମୁଦ୍ର ଗୁପ୍ତ ଜୟ କରିଥିଲେ କିନ୍ତୁ ସେ ସବୁକୁ ସେ ତାଙ୍କ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରି ପାରି ନ ଥିଲେ କିନ୍ତୁ ନରସିଂହ ଦେବଙ୍କ ବିଜିତ ରାଜ୍ୟମାନ ଓଡ଼ିଶାରୁ ବହୁ ଦୂରରେ ଥିଲେ ମଧ୍ୟ ସେ ସେସବୁକୁ ଓଡ଼ିଶା ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ । ଅନ୍ଧ୍ର ଓ ମହାରାଷ୍ଟ୍ର ଦେଶର ମଝିରେ ଓ ଆଧୁନିକ ବେରାରର ପଶ୍ଚିମରେ ଥିବା କଳବର୍ଗ ଦେଶକୁ ଜୟ କରି ସେ ତାଙ୍କ ସାମ୍ରାଜ୍ୟରେ ମିଶାଇ ଥିଲେ । ୧୨୪୪-୪୫ ଖ୍ରୀଷ୍ଟାବ୍ଦରେ ସେ ବଙ୍ଗ ଆକ୍ରମଣ କରି ତାହାର ପଶ୍ଚିମ ଭାଗ ବା ଗୌଡ଼କୁ ଅଧିକାର କରିଥିଲେ । ସୁଦୂର ପ୍ରସାରୀ ଦିଗ୍ୱିଜୟ ପରେ ସେ ଯଥାର୍ଥରେ ନିଜକୁ କଳବର୍ଗେଶ୍ୱର ଓ ଗୌଡ଼େଶ୍ୱର ବୋଲି ଘୋଷଣା କରିଥିଲେ । ଏ ଦୁଇ ଉପାଧି ଏ ପର୍ଯ୍ୟନ୍ତ ସୁଦ୍ଧା ପୁରୀର ଗଜପତି ମହାରାଜା ବ୍ୟବହାର କରୁଅଛନ୍ତି । ନରସିଂହ ଦେବଙ୍କର ଏ ସବୁ ବିଜୟ ଆଜି ଇତିହାସର କଥାରେ ପରିଣତ ହୋଇ ସାରିଅଛି । କିନ୍ତୁ ଓଡ଼ିଶାର ଜନସାଧାରଣ ଆଜି ନରସିଂହ ଦେବଙ୍କୁ ସ୍ମରଣ କରୁଅଛନ୍ତି କୋଣାର୍କର ସୂର୍ଯ୍ୟମନ୍ଦିର ଯୋଗୁଁ । କାରଣ ନରସିଂହ ଦେବହିଁ ତାହାର ନିର୍ମାତା । କୋଣାର୍କ ମନ୍ଦିରର ଉଚ୍ଚତା ଥିଲା ୨୨୦ ଫୁଟ । ଏହି ବିରାଟ ମନ୍ଦିରକୁ ତୋଳିବା ପାଇଁ ବାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ଏବଂ ପୂରା ଷୋଳବର୍ଷ କାଳ ବାରଶହ

Digitized by srujan ka@gmail.com

ବାରବର୍ଷର ଧନସଞ୍ଚ ଅକ୍ଳାନ୍ତ ପରିଶ୍ରମ କରି ନିର୍ମାଣ କାର୍ଯ୍ୟ ସମାପ୍ତ କରିଥିଲେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଓଡ଼ିଶାର ଅନ୍ୟାନ୍ୟ ମନ୍ଦିର ପରି ଏ ମନ୍ଦିର ମଧ୍ୟ କଳାପାହାଡ଼ର ଉତ୍ପାତରୁ ରକ୍ଷା ପାଇ ପାରିନ ନାହିଁ । ଭଙ୍ଗା କୋଣାର୍କ ମନ୍ଦିର ବର୍ତ୍ତମାନ ୧୯୦ ଫୁଟ ମାତ୍ର ଉଚ୍ଚ । କିନ୍ତୁ ମନ୍ଦିରର ଧ୍ୱଂସାବଶେଷରୁ ମଧ୍ୟ ଜଣାପଡ଼ୁଛି ଯେ ଏହା ସ୍ଥାପତ୍ୟ ଓ ଭାସ୍କର୍ଯ୍ୟରେ ଅତୁଳନୀୟ ଏବଂ ଭାରତର ଅନ୍ୟ କୌଣସିଠାରେ ଏହାର ପଟାନ୍ତର ନାହିଁ । ଜଣେ ପ୍ରସିଦ୍ଧ ଚୀନ ପରିବ୍ରାଜକ ପାଟଳୀପୁତ୍ର ରାଜପ୍ରସାଦ ଦେଖି ବିସ୍ମୟରେ କହିଥିଲେ ଯେ ଏହା ଅତିମାନବମାନଙ୍କ ଦ୍ୱାରା ନିର୍ମିତ ହୋଇଥିବ, ମାନବ ହାତରେ ଏହାର ନିର୍ମାଣ ଅସମ୍ଭବ; କିନ୍ତୁ ସେ ଯଦି ଓଡ଼ିଶାର ଏହି କୋଣାର୍କ ମନ୍ଦିର ଦେଖିବାର ସୁଯୋଗ ପାଇଥାନ୍ତେ ସେ ଅବଶ୍ୟ ଆହୁରି ଅଧିକ ବିସ୍ମୟାଭିଭୂତ ହୋଇ କହିଥାନ୍ତେ ଯେ ଏ ମନ୍ଦିର ମନୁଷ୍ୟମାନଙ୍କର କୀର୍ତ୍ତି ନୁହେ ଦେବତାମାନଙ୍କର କୀର୍ତ୍ତି । ଏ ବିରାଟ ମନ୍ଦିର ଚିର କାଳକୁ ଓଡ଼ିଆ-ମାନଙ୍କର ଶିଳ୍ପ କାରୁ କାର୍ଯ୍ୟର ନିଦର୍ଶନ ହୋଇ ରହିବ । ଅନ୍ୟ କେଉଁ ଯୁଗରେ ବା ଅନ୍ୟ କେଉଁ ଜାତି ଦ୍ୱାରା ଏହା ତୁଲ୍ୟ କୀର୍ତ୍ତି ସମ୍ପାଦିତ ହୋଇ ନାହିଁ । ଓଡ଼ିଶାର ଗୌରବାତ୍ମ ଇତିହାସର ଏହା ଗୋଟିଏ ସ୍ଥାୟୀ ନିଦର୍ଶନ ।

ନରସିଂହ ଦେବ ୧୨୬୪ ଖ୍ରୀଷ୍ଟାବ୍ଦରେ ପ୍ରାଣତ୍ୟାଗ କଲେ । ତାଙ୍କ ପରେ ତାଙ୍କର ୯ଜଣ ଉତ୍ତରାଧିକାରୀ ଓଡ଼ିଶାରେ ରାଜତ୍ୱ କରିଥିଲେ । ସେମାନେ ଦୁର୍ବଳ ଥିଲେ ସୁଦ୍ଧା ଓଡ଼ିଶା ସାମ୍ରାଜ୍ୟର ମୂଳଦୁଆ ଅନଙ୍ଗଭୀମଦେବ ଓ ନରସିଂହଦେବ ଏତେ ଦୃଢ଼ଭାବରେ ସ୍ଥାପନ କରି ଯାଇଥିଲେ ଯେ ଓଡ଼ିଶାର ଚତୁର୍ଦ୍ଦିଗରୁ ମୁସଲମାନମାନଙ୍କଦ୍ୱାରା ବାରମ୍ବାର ଆକ୍ରମଣ ହେଲେ ସୁଦ୍ଧା ତାହା ଟଳେ ମାତ୍ର ହଲ୍‌ଚଲ ହୋଇ ନ ଥିଲା । ଯେତେବେଳେ ମୁସଲମାନମାନଙ୍କ ପ୍ରବଳ ଆକ୍ରମଣ ଫଳରେ ଭାରତରେ ସମସ୍ତ ପ୍ରଦେଶ ମୁସଲମାନମାନଙ୍କ ପଦାନତ ହୋଇଥିଲା ସେତେବେଳେ ଓଡ଼ିଶାରୁ ସ୍ୱାଧୀନତା ଧ୍ୱଜାକୁ ଅବନତ କରିଦେବା ନିମନ୍ତେ ପାକିସ୍ତାମ୍ଭ ଚେଷ୍ଟାକରି ଯାଇଥିଲେ ସୁଦ୍ଧା ତାହାକୁ ସେ ଚିର ଉନ୍ନତ ରଖିଥିଲା । ଓଡ଼ିଶାର ଚତୁର୍ଦ୍ଦିଗରେ ମୁସଲମାନ ଶକ୍ତି ଏତେ ପ୍ରବଳ ଥିଲା ଯେ ଓଡ଼ିଶାର ରାଜା ଓ ପ୍ରଜା, ସାମନ୍ତ ଓ ସେନାପତି ସମସ୍ତେ ଦେଶପ୍ରେମରେ ଅନୁପ୍ରାଣିତ ହୋଇ ସେମାନଙ୍କର ଅଭ୍ୟନ୍ତରୀଣ ସମସ୍ତ ମତଭେଦ ପୋତି ପକାଇଥିଲେ ଏବଂ ରାଣୀ ଏଲିଜାବେଥଙ୍କ ସମୟରେ ଇଂଲଣ୍ଡର ଲୋକେ ଯେପରି ସ୍ପାନିଶ୍ ଅର୍ମାଡ଼ା ବା ସ୍ପେନର ନୌବାହିନୀକୁ ଓ ବୈଦେଶିକ ଆକ୍ରମଣକୁ ହଟାଇ ଦେବାକୁ ଏକତାବଦ୍ଧ ହୋଇଥିଲେ, ଓଡ଼ିଆମାନେ ମଧ୍ୟ ସେହିପରି ଜାତିର ସମୂହ ଶତ୍ରୁକୁ ହଟାଇ ଦେବାପାଇଁ ଏକତାବଦ୍ଧ ହୋଇଥିଲେ । କିନ୍ତୁ ସମୂହ ଶତ୍ରୁଙ୍କ ବିପକ୍ଷରେ ଏପରି ଏକତାବଦ୍ଧ ହେବା ସବୁଦିନେ ସମ୍ଭବ ହୁଏନାହିଁ । ଉତ୍କଳ (ଓଡ଼ିଶା) ତାର ଦୁର୍ଦ୍ଦଶାରେ ସହାୟ ହେବାପାଇଁ ଆହୁରି ଗୋଟିଏ ପ୍ରବଳ ପରାକ୍ରମୀ ରାଜଶକ୍ତିର ପ୍ରୟୋଜନ ଅନୁଭବ କରିଥିଲା ଏବଂ ସୌଭାଗ୍ୟରୁ ସୂର୍ଯ୍ୟବଂଶୀ ରାଜାମାନେ ଯଥା ସମୟରେ ଉତ୍କଳର ସିଂହାସନରେ ଆରୁଢ଼ ହେଲେ ।

କପିଳେନ୍ଦ୍ରଦେବ ଏ ବଂଶର ପ୍ରଥମ ନରପତି । ଉତ୍କଳର ପୁନର୍ଗଠନ ଯୁଗର ତାଙ୍କୁ ଅଗ୍ରଦୂତ ବା ପ୍ରବର୍ତ୍ତକ କୁହାଯାଇପାରେ । ଅତି ଶରବାନା ଅବସ୍ଥାରୁ ଉଠି ସେ ଉତ୍କଳର ସମ୍ରାଟ

Digitized by srujan ka@gmail.com

ଆସନରେ ବସିଥିଲେ କିନ୍ତୁ ନିଜ ଆସନ ଦୃଢ଼ କରିବା ନିମନ୍ତେ ସାମ୍ରାଜ୍ୟ ଭିତରେ ତାଙ୍କୁ ବହୁ ବିଦ୍ରୋହ ଦଳନ କରିବାକୁ ହୋଇଥିଲା । ସେ ୧୪୩୫ ଖ୍ରୀଷ୍ଟାବ୍ଦରେ ଉତ୍କଳର ସିଂହାସନ ଆରୋହଣ କଲେ । ୧୪୪୨ ଖ୍ରୀଷ୍ଟାବ୍ଦ ବେଳକୁ ତାଙ୍କ ବିରୁଦ୍ଧରେ ହୋଇଥିବା ସମସ୍ତ ବିଦ୍ରୋହ ଦଳନ ହୋଇ ସାମ୍ରାଜ୍ୟରେ ଶାନ୍ତି ପୁନଃସ୍ଥାପିତ ହୋଇ ପାରିଥିଲା ।

ଏହାପରେ ତାଙ୍କର ଦିଗ୍‌ବିଜୟ ଆରମ୍ଭ ହେଲା । ବଙ୍ଗଳାର ସୁଲତାନ ନାସିରୁଦ୍ଦୀନ ମହମ୍ମଦ ଉତ୍କଳ ସାମ୍ରାଜ୍ୟର ଉତ୍ତର ଅଂଶ ଅଧିକାର କରିବାକୁ ଚେଷ୍ଟା କରିଥିଲେ କିନ୍ତୁ; କପିଳେନ୍ଦ୍ର ଦେବଙ୍କ ଦ୍ୱାରା ସେ ଏତେ ଶୋଚନୀୟ ଭାବରେ ପରାଜିତ ହୋଇଥିଲେ ଯେ ବଙ୍ଗଳାର ମୁସଲମାନମାନେ ଓଡ଼ିଶା ଆକ୍ରମଣ କରିବାକୁ ବହୁଦିନ ଯାଏ ସାହସ କରି ପାରି ନଥିଲେ । ୧୪୫୫ ଖ୍ରୀଷ୍ଟାବ୍ଦରେ କପିଳେନ୍ଦ୍ର ନେଲୋର ଜିଲ୍ଲାରେ ଅବସ୍ଥିତ ଚନ୍ଦ୍ରଗିରି ଓ ଉଦୟଗିରି ରାଜ୍ୟଦ୍ୱୟ ଜିଣି ପୁଣି ଉତ୍କଳ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ । ଏହି ଦୁଇ ରାଜ୍ୟ ଗଙ୍ଗାବଂଶୀ ସମ୍ରାଟମାନଙ୍କର ଅଧୀନ ଥିଲା । କିନ୍ତୁ ସେ ବଂଶର ଦୁର୍ବଳ ଉତ୍ତରାଧିକାରୀମାନଙ୍କ ରାଜତ୍ୱକାଳରେ ପୁଣି ସ୍ୱାଧୀନତା ଲାଭ କରିଥିଲା । ୧୪୫୭ ଖ୍ରୀଷ୍ଟାବ୍ଦରେ ସେ କାବେରୀ ନଦୀ ନିକଟସ୍ଥ କେତେକ ରାଜ୍ୟ ଅଧିକାର କରିଥିଲେ । ୧୪୫୬ ଖ୍ରୀଷ୍ଟାବ୍ଦରେ ଘୋର ଯୁଦ୍ଧ ପରେ ଦାକ୍ଷିଣାତ୍ୟର ପ୍ରବଳପରାକ୍ରାନ୍ତ ହିନ୍ଦୁ ସାମ୍ରାଜ୍ୟ ବିଜୟ ନଗରର ବିପୁଳ ବାହିନୀ କପିଳେନ୍ଦ୍ରଙ୍କଦ୍ୱାରା ପରାଭୂତ ହେଲା । ବିଜୟ ନଗର ବାହିନୀ ପରାଭୂତ ହେବାରୁ ଦାକ୍ଷିଣାତ୍ୟରେ କପିଳେନ୍ଦ୍ରଙ୍କ ଗୌରବ ବହୁତ ବୃଦ୍ଧି ପାଇଲା ଏବଂ ଦକ୍ଷିଣାତ୍ୟର ବହୁତ ରାଜା କପିଳେନ୍ଦ୍ରଙ୍କର ଶରଣପ୍ରାର୍ଥୀ ହେଲେ । ବିଶେଷ କରି ତେଲିଙ୍ଗ ଦେଶର ରାଜାମାନେ କପିଳେନ୍ଦ୍ରଙ୍କର ସାହାଯ୍ୟପ୍ରାର୍ଥୀ ହେଲେ । ବାହାମନୀ ରାଜ୍ୟର ମୁସଲମାନ ରାଜା ଏମାନଙ୍କ ପ୍ରତି ବହୁ ଅନ୍ୟାୟ କରିଥିଲେ । ବର୍ତ୍ତମାନ ସେମାନେ କପିଳେନ୍ଦ୍ରଙ୍କ ସାହାଯ୍ୟରେ ତାଙ୍କ ଉପରେ ପ୍ରତିଶୋଧ ନେବାକୁ ଉଦ୍ୟତ ହେଲେ । କପିଳେନ୍ଦ୍ର ଅକୁଣ୍ଠିତ ଭାବରେ ସାହାଯ୍ୟ ପ୍ରଦାନ କଲେ । ଉତ୍କଳ ଓ ତେଲିଙ୍ଗ ଦେଶର ମିଳିତ ବାହିନୀ ବାହାମନୀ ରାଜ୍ୟ ଆକ୍ରମଣ କଲେ । ବାହାମନୀ ରାଜ୍ୟର ସୁଲତାନଙ୍କ ସହିତ ଘୋର ଯୁଦ୍ଧ ହେଲା । ୧୪୪୬ ଖ୍ରୀଷ୍ଟାବ୍ଦରେ କପିଳେନ୍ଦ୍ର ବାହାମନୀ ରାଜ୍ୟର ଦୁର୍ଜ୍ଜୟ ଦେବଳକୁଣ୍ଡ ଦୁର୍ଗ ଅଧିକାର କଲେ । ନରସିଂହ ଦେବଙ୍କ ଦୁର୍ବଳ ଉତ୍ତରାଧିକାରୀମାନଙ୍କ ସମୟରେ ବିଦର ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡ ଉତ୍କଳ ସାମ୍ରାଜ୍ୟରୁ ବାହାରି ଯାଇ ବାହାମନୀ ସୁଲତାନଙ୍କ ଅଧୀନସ୍ଥ ହୋଇ ପଡ଼ିଥିଲା; କପିଳେନ୍ଦ୍ର ତାକୁ ଜିଣି ପୁନର୍ବାର ଉତ୍କଳ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କଲେ । ବିଜୟ ନଗରର ରାଜା ପୁଣି ବିଦ୍ରୋହୀ ହେବାରୁ କପିଳେନ୍ଦ୍ର ତାଙ୍କ ବିରୁଦ୍ଧରେ ଅଭିଯାନ କଲେ । ଦାକ୍ଷିଣାତ୍ୟର ରାଜ୍ୟମାନେ କ୍ରମାନ୍ୱୟେ କପିଳେନ୍ଦ୍ରଙ୍କର ଅଧୀନସ୍ଥ ହେଲା ଏବଂ କପିଳେନ୍ଦ୍ରଙ୍କର ସାମ୍ରାଜ୍ୟ ସୀମା ଦାକ୍ଷିଣାତ୍ୟର ସୀମାକୁ ଛୁଇଁଲା ଦିଗବିଜୟରେ କପିଳେନ୍ଦ୍ରଙ୍କୁ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ପରାକ୍ରମୀ ବୀର ନେପୋଲିୟନଙ୍କ ସହିତ ତୁଳନା କରିପାରି ପାରେ । କିନ୍ତୁ ନେପୋଲିୟନ ଓ କପିଳେନ୍ଦ୍ରଙ୍କ ମଧ୍ୟରେ ଗୋଟିଏ ପ୍ରଭେଦ ରହିଛି । ନେପୋଲିୟନ ତାଙ୍କ ଜୀବଦ୍ଦଶାରେ ଶତ୍ରୁମାନଙ୍କ ଦ୍ୱାରା

Digitized by srujan ka@gmail.com

ତାଙ୍କର ସମସ୍ତ ରାଜ୍ୟରୁ ବଞ୍ଚିତ ହୋଇଥିଲେ କିନ୍ତୁ ମହାପରାକ୍ରମୀ କପିଳେନ୍ଦ୍ରଙ୍କ ରାଜ୍ୟର ପ୍ରତିଦ୍ୱନ୍ଦିତା କରିବାକୁ ବା ତାଙ୍କୁ ବଞ୍ଚିତ କରିବାକୁ ସେ ସମୟରେ ଭାରତରେ କୌଣସି ଶକ୍ତି ନଥିଲା । ମୁସଲମାନମାନେ ଯେପରି ଉତ୍ତର ଭାରତର ଏକଚ୍ଛତ୍ର ଅଧୀଶ୍ୱର ହୋଇଥିଲେ କପିଳେନ୍ଦ୍ର ମଧ୍ୟ ସେହିପରି ଦକ୍ଷିଣ ଭାରତର ଏକଚ୍ଛତ୍ର ଅଧିପତି ହୋଇଥିଲେ । କପିଳେନ୍ଦ୍ର ଯେବେ ଆଉ କିଛିଦିନ ବଞ୍ଚିଥାଆନ୍ତେ ତହିଁ ହେଲେ ଦିଲ୍ଲୀର ସୁଲତାନଙ୍କ ସହିତ ଭାରତ ସମ୍ରାଟ ପଦପାଇଁ ସେ ପ୍ରତିଦ୍ୱନ୍ଦିତା କରିଥାନ୍ତେ । ବିଜୟନଗର ଓ ବାହାମନୀ ରାଜ୍ୟର ପରବର୍ତ୍ତୀ ରାଜାମାନେ କପିଳେନ୍ଦ୍ରଙ୍କଦ୍ୱାରା ପରାସ୍ତ ହେଲେ । ଦିଲ୍ଲୀ ସିଂହାସନରେ ଯେତେବେଳେ ଯେଉଁ ସମ୍ରାଟମାନେ ଥିଲେ ସେମାନେ ଅତ୍ୟନ୍ତ ଦୁର୍ବଳ ଥିବାରୁ ସେମାନଙ୍କୁ ପରାସ୍ତ କରିବା କପିଳେନ୍ଦ୍ରଙ୍କ ପକ୍ଷରେ ସହଜ ହୋଇଥାନ୍ତା ।

କପିଳେନ୍ଦ୍ରଙ୍କ ପରେ ପୁରୁଷୋତ୍ତମ ଦେବ ୧୪୬୭ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କଲେ । କର୍ଣ୍ଣାଟରେ ଥିବା କାଞ୍ଚୀ ରାଜ୍ୟ ଓଡ଼ିଆ ସମ୍ରାଟମାନଙ୍କ ମଧ୍ୟରେ ସେ ପ୍ରଥମେ ଆକ୍ରମଣ କରିଥିଲେ ।

ପ୍ରତାପରୁଦ୍ର ଦେବ ଏ ବଂଶର ଆଉ ଜଣେ ପ୍ରସିଦ୍ଧ ନରପତି । ବଙ୍ଗଦେଶର ମୁସଲମାନମାନେ ଓଡ଼ିଶାର ଉତ୍ତର ଭାଗ ଆକ୍ରମଣ କରିବାକୁ ଯେତେ ଯେତେ ଉଦ୍ୟମ କରିଥିଲେ, ସେ ସମସ୍ତ ଉଦ୍ୟମ ତାଙ୍କଦ୍ୱାରା ବ୍ୟର୍ଥ ହୋଇଥିଲା । କିନ୍ତୁ ପ୍ରତାପରୁଦ୍ରଙ୍କ ସମୟରୁ ଉତ୍କଳ ସାମ୍ରାଜ୍ୟର ପତନ ଆରମ୍ଭ ହେଲା । ଉତ୍କଳରେ ଗୋଟିଏ ନବ ଯୁଗର ଉଦୟ ହେଲା ।

ଶ୍ରୀ ଚୈତନ୍ୟଙ୍କ ଦ୍ୱାରା ବୈଷ୍ଣବ ଧର୍ମ ଉତ୍କଳରେ ବିସ୍ତୃତ ଭାବରେ ପ୍ରଚାରିତ ହେଲା । ଏହାରି ମଧ୍ୟରେ ଉତ୍କଳ ସାମ୍ରାଜ୍ୟଭଙ୍ଗର ବୀଜ ନିହିତ ଥିଲା । ପ୍ରତାପରୁଦ୍ର ନିଜେ ବୈଷ୍ଣବ ଧର୍ମ ଗ୍ରହଣ କଲେ । ରାଜନୀତି, ଧର୍ମର ପ୍ରଭାବ ପଡ଼ିଲେ ଦେଶ ଉପରକୁ ବିପଦ; ଇତିହାସ ଏହା ବହୁ ନିର୍ଦ୍ଦେଶରେ ଘୋଷଣା କରେ । ବିଶେଷତଃ ଭାରତ ପକ୍ଷରେ ଏହିଭଳି ବିପଦର ସମ୍ଭାବନା ଅଧିକ କାରଣ ଭାରତ ଖୁବ୍ ସହଜରେ ଧର୍ମଗତ ଆନ୍ଦୋଳନ ପ୍ରଭାବରେ ନିଜର ଗତି ଦିଏ ।

ପ୍ରତାପରୁଦ୍ର ଓ ତାଙ୍କ ଦକ୍ଷ ମନ୍ତ୍ରୀ ରାମାନନ୍ଦରାୟ ବୈଷ୍ଣବଧର୍ମକୁ ଓଡ଼ିଶାର ମୁଖ୍ୟ ଧର୍ମରେ ପରିଣତ କଲେ । ଓଡ଼ିଶାର ଗଜପତି ରାଜାମାନେ ଏତେ ଦୃଢ଼ ଓ ଅଟଳ ଭାବରେ ଯେଉଁ ସାମ୍ରାଜ୍ୟ ଗଢ଼ି ଯାଇଥିଲେ, ଏତଦ୍ୱାରା ତା ମୂଳରେ କୁଠାରାଘାତ ହେଲା । ଓଡ଼ିଶାର ସାମରିକ ଶକ୍ତି ହ୍ରାସ ପାଇଲା । ଓଡ଼ିଶାର ସାମନ୍ତ ରାଜାମାନେ ନିଜ ନିଜ ମଧ୍ୟରେ କ୍ଷମତା ଲାଭ ପାଇଁ ଗୋଷ୍ଠୀବାନ୍ଧ କଳହରେ ପ୍ରବୃତ୍ତ ହେଲେ । ୧୫୩୦ରୁ ୧୫୬୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ବିରାଟ ଉତ୍କଳ ସାମ୍ରାଜ୍ୟ ଖଣ୍ଡ ଖଣ୍ଡ ହୋଇଗଲା । ଉତ୍କଳ ସାମ୍ରାଜ୍ୟର ନାମ ଶୁଣି ମୁସଲମାନ ଶତ୍ରୁ ଭୟଭୀତ ହେଉଥିଲେ, କିନ୍ତୁ ଖଣ୍ଡ ବିଖଣ୍ଡିତ ଉତ୍କଳ ସାମ୍ରାଜ୍ୟ ବର୍ତ୍ତମାନ ନିର୍ଦ୍ଦ୍ୱନ୍ଦ୍ୱରେ ମୁସଲମାନ ଶତ୍ରୁର ଶିକାରରେ ପରିଣତ ହେଲା । ଦକ୍ଷିଣରୁ ଗୋଲକୁଣ୍ଡାର ସୁଲତାନ ଇବ୍ରାହିମ ଏବଂ ଉତ୍ତରରୁ ବଙ୍ଗର ସୁଲତାନ ସୁଲେମାନ କରରାଣୀଙ୍କ ନିର୍ଦ୍ଦେଶରେ କଳାପାହାଡ଼ ଏ ଶିକାରକୁ ଦୁଇପଟୁ ଟାଣି

Digitized by srujan ka@gmail.com

ବିଖଣ୍ଡ କରି ପକାଇଲେ । ପ୍ରବଳ ପରାକ୍ରମୀ ନରସିଂହଦେବ ବା କପିଳେନ୍ଦ୍ରଙ୍କ ସମୟରେ କଳାପାହାଡ଼ ଉତ୍କଳର କୀର୍ତ୍ତି ଧ୍ୱଂସ କରି ଯେଉଁ ତାଣ୍ଡବଲୀଳା ଲଗାଇଲା, ତାହା ଅସମ୍ଭବ ହୋଇଥାନ୍ତା କିନ୍ତୁ ଦୁର୍ବଳ ମୁକୁନ୍ଦଦେବଙ୍କ ସମୟରେ ଉତ୍କଳକୁ ଛନ୍ନ ପଟେଳ ତାହା ସାଧ୍ୟ କରିବାକୁ ପଡ଼ିଲା । ଯେଉଁସବୁ ମହାମାନ୍ୟ କୀର୍ତ୍ତିକୁ ଘେନି ଉତ୍କଳର ଅତି ଗର୍ବ, କଳାପାହାଡ଼ ସେ ସବୁକୁ ଅପହରଣ କଲା ଏବଂ କେତେକଙ୍କୁ ଏମିତି ବିକଳାଙ୍ଗ କଲା ଯେ ସେ ସବୁକୁ ଚିହ୍ନିବାର ଆଉ ବାଟ ରହିଲା ନାହିଁ । ମହୋଛ ଦାସେର ଅବସ୍ଥର୍ଗ ସ୍ୱର୍ଗତ ରାଖାଳ ଦାସ ବନ୍ଦୋପାଧ୍ୟାୟ କହୁଅଛନ୍ତି, ଉତ୍କଳକୁ ଶ୍ରୀ ଚୈତନ୍ୟଙ୍କ ଆଗମନ ଉତ୍କଳ ପ୍ରତି ଗୋଟିଏ ମହା ବିପଦ । ତାଙ୍କର ଏ ଉକ୍ତି ବାସ୍ତବରେ ଯଥାର୍ଥ । ଆଗରୁ ଓଡ଼ିଶାରେ ବୈଷ୍ଣବଧର୍ମର ମୂଳଦୁଆ ରହିଥିଲା । ଶ୍ରୀଚୈତନ୍ୟ ଓଡ଼ିଶାରେ ବୈଷ୍ଣବଧର୍ମର ଦୀପଶିଖାକୁ ନେଇ ଦେଲେ । ବସ୍ତୁତଃ ଉତ୍କଳ ସାମ୍ରାଜ୍ୟ ଭାରତର ଶ୍ରେଷ୍ଠ ସାମ୍ରାଜ୍ୟ ଥିଲା । ନରସିଂହ-ଦେବ ବା କପିଳେନ୍ଦ୍ର ଦେବଙ୍କ ପରି ଆଉ ଜଣେ ବୀର ନରପତି ଜନ୍ମଗ୍ରହଣ କରିଥିଲେ ଉତ୍କଳ ସାମ୍ରାଜ୍ୟ ଭାରତ ସାମ୍ରାଜ୍ୟରେ ପରିଣତ ହେବାର ସମ୍ଭାବନା ରହିଥିଲା, କିନ୍ତୁ ଶ୍ରୀଚୈତନ୍ୟ ଯାହାଙ୍କଲେ ତଦ୍ୱାରା ଉତ୍କଳ ସାମ୍ରାଜ୍ୟର ମୂଳଦୁଆ ଭୁଷୁଡ଼ି ପଡ଼ିଲା ।

ଆଗରୁ କୁହାଯାଇ ଅଛି ଯେ ଉତ୍କଳର ପତନ ପ୍ରତାପରୁଦ୍ରଙ୍କ ସମୟରୁ ଆରମ୍ଭ ହୋଇଅଛି । ଉତ୍କଳ ପତନଯୁଗର କାହାଣୀ ଅଳ୍ପ କଥାରେ କୁହା ଯାଇ ପାରିବ । ଏ ଯୁଗର ମୋଟାମୋଟି ତିନିଗୋଟି ବିଭାଗ କରାଯାଇ ପାରେ । ପ୍ରଥମ ବିଭାଗ ୧୫୬୮ରୁ ୧୭୫୧; ପର୍ଯ୍ୟନ୍ତ ଦ୍ୱିତୀୟ ବିଭାଗ ୧୭୫୧ରୁ ୧୮୦୩ ଏବଂ ତୃତୀୟ ବିଭାଗ ୧୮୦୩ ରୁ ୧୯୪୭ ପର୍ଯ୍ୟନ୍ତ । ୧୯୪୭ଠାରୁ ୧୯୫୦ ମଧ୍ୟରେ ପ୍ରାୟ ଚାରି ଶତାବ୍ଦୀର ପରାଧୀନତା ପରେ ଉତ୍କଳ ସ୍ୱାଧୀନତା ପଥରେ ପଥିକ ହୋଇ ସ୍ୱାଧୀନ ରାଷ୍ଟ୍ରର ଯାବତୀୟ କ୍ଷମତା ଲାଭ କରିଅଛି ।

୧୫୬୮ରୁ ୧୭୫୧ ମସିହା ପର୍ଯ୍ୟନ୍ତ ଓଡ଼ିଶା ମୋଗଲ ରାଜତ୍ୱର ଅଧୀନରେ ରହିଥିଲା । ଏ ଯୁଗରେ ଲୋକଙ୍କ ଅବସ୍ଥା ମନ୍ଦ ନ ଥିଲା । ପୂର୍ବେ ଗଜପତି ରାଜାମାନେ ଯେଉଁ ରୀତିରେ ଶାସନ କରୁଥିଲେ ମୋଗଲ ନରପତିମାନେ ତହିଁରେ ବିଶେଷ ପରିବର୍ତ୍ତନ କରି ନ ଥିଲେ । ଓଡ଼ିଆମାନଙ୍କୁ ସାମରିକ ଶିକ୍ଷାରୁ ବଞ୍ଚିତ କରିବା ମୋଗଲ ରାଜତ୍ୱର ଏକମାତ୍ର ଦୋଷ ବୋଲି କୁହାଯାଇ ପାରେ । ଏତଦ୍ୱାରା ଓଡ଼ିଆ ଜାତିର ସାମରିକ ଶକ୍ତି ହ୍ରାସ ପାଇଲା । ଓଡ଼ିଆମାନେ ଏପର୍ଯ୍ୟନ୍ତ ସମରଭୂମିରେ ନିଜର ପରାକ୍ରମ ଘେନି ପ୍ରସିଦ୍ଧ ଥିଲେ କିନ୍ତୁ ମୋଗଲମାନଙ୍କର ଏ ନୀତି ଫଳରେ ଚିରକାଳକୁ ସେମାନଙ୍କର କପାଳ ଫାଟିଲା । କିନ୍ତୁ ସ୍ୱାଧୀନତା ହରାଇଲେ ଯାହା ହେବାର କଥା ମୋଗଲ ନରପତି ମାନଙ୍କ ନୀତି ଫଳରେ ତାହାହିଁ କେବଳ ଘଟିଲା । ମୋଗଲ ରାଜତ୍ୱରେ ଓଡ଼ିଶାର ତିନୋଟି ମଙ୍ଗଳ ହୋଇଥିଲା । ଯଥାଃ—

(୧) ଆକବରଙ୍କ ପ୍ରସିଦ୍ଧ ରାଜସ୍ୱ ମନ୍ତ୍ରୀ ତୋଡ଼ରମଲଙ୍କ ନିର୍ଦ୍ଦେଶରେ ଓଡ଼ିଶାର ବନ୍ଦୋବସ୍ତ ।

Digitized by srujan ka@gmail.com

(୨) ଓଡ଼ିଶାର ଜଳ ଓ ସ୍ଥଳ ବାଣିଜ୍ୟର ଅଭ୍ୟୁଦୟ । ହରିହରପୁର, ବାଲେଶ୍ୱର, ଧମ୍ରା ଓ ସୁବର୍ଣ୍ଣରେଖା ନଦୀକୂଳରେ ଥିବା ପିପ୍ପିଲି ଏବଂ ମେଦିନୀପୁରର ହିଜଳିରେ ଇଂରେଜ ସୌଦାଗରମାନଙ୍କର ବାଣିଜ୍ୟ କେନ୍ଦ୍ରମାନ ସ୍ଥାପିତ ହେବାରୁ ତାହା ଓଡ଼ିଶା ବାଣିଜ୍ୟର ଉନ୍ନତି ପ୍ରତି ସହାୟକ ହୋଇଥିଲା ।

(୩) ଓଡ଼ିଆ ସାହିତ୍ୟର ମଧ୍ୟ ବିପୁଳ ଅଭ୍ୟୁଦୟ ଘଟିଥିଲା କାରଣ ମୋଗଲମାନଙ୍କ ରାଜତ୍ୱ ସମୟରେ ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ ଓ ଲୋକନାଥ ଖୁଣ୍ଟିଆ ପ୍ରଭୃତି କବିମାନେ ସେମାନଙ୍କ ଅମର କାବ୍ୟମାନ ରଚନା କରିଥିଲେ । ଓଡ଼ିଆ ସାହିତ୍ୟରେ ସେସବୁ ଆଜିଯାଏଁ ମଧ୍ୟ ଅତୁଳନୀୟ ରହିଅଛି । କିନ୍ତୁ ମୋଗଲ ରାଜତ୍ୱର ସବୁଠାରୁ ବଡ଼ କୃତିତ୍ୱ ଓଡ଼ିଶାର ସିଂହାସନରେ ଭୋଇବଂଶ ରାଜାମାନଙ୍କୁ ସ୍ଥାପନ କରି ସେମାନଙ୍କୁ ମୋଗଲବାଦସାହାଙ୍କ ଅଧୀନସ୍ଥ ସ୍ୱାଧୀନ ନରପତିରୂପେ ସ୍ୱୀକାର କରିବା । ଭୋଇବଂଶୀୟ ରାଜାମାନେ ୧୫୬୮ ରୁ ୧୭୫୧ ଖ୍ରୀ: ପର୍ଯ୍ୟନ୍ତ ଓଡ଼ିଶାରେ ରାଜତ୍ୱ କରିଥିଲେ ।

ଖ୍ରୀ: ୧୭୫୧ ରୁ ଖ୍ରୀ: ୧୮୦୩ ପର୍ଯ୍ୟନ୍ତ ଓଡ଼ିଶା ମରହଟ୍ଟାମାନଙ୍କ ଦ୍ୱାରା ଶାସିତ ହେଲା । ମୋଗଲ ଶାସନଠାରୁ ମରହଟ୍ଟା ଶାସନ ବିଶେଷ ଭିନ୍ନ ନ ଥିଲା । ମରହଟ୍ଟାମାନେ ମୋଗଲମାନଙ୍କଠାରୁ ଓଡ଼ିଶାର ଧର୍ମଗତ ବିଷୟମାନଙ୍କ ପ୍ରତି ଅଧିକ ନଜର ଦେଇଥିଲେ । ଜଗନ୍ନାଥ ମହାପ୍ରଭୁଙ୍କ ପୂଜା ଓ ଜାନିଯାନି ଉପଯୁକ୍ତ ଭାବରେ ଅନୁଷ୍ଠିତ ହେବା ନିମନ୍ତେ ସେମାନେ ଯଥେଷ୍ଟ ବ୍ୟବସ୍ଥା କରିଥିଲେ । ସେମାନେ ନୂଆ ଦେଉଳମାନ ତୋଳାଇ ଥିଲେ ଏବଂ ପୁରୁଣା ଦେଉଳମାନଙ୍କର ମରାମତି କରାଇଥିଲେ । ସେମାନେ କୋଣାର୍କ ଦେଉଳର ଭଙ୍ଗା ନାଟମନ୍ଦିରର ପଥର ଆଣାଇ ଜଗନ୍ନାଥ ମନ୍ଦିରର ଭୋଗମଣ୍ଡପ ତିଆରି କରାଇଥିଲେ । କୋଣାର୍କର ଅରୁଣ ସ୍ତମ୍ଭ ଆଣାଇ ସେମାନେ ପୁରୀ ମନ୍ଦିର ଆଗରେ ସ୍ଥାପନ କରାଇଥିଲେ । ଏହାଛଡ଼ା ସେମାନଙ୍କ ସମୟରେ କାଠଯୋଡ଼ି ବନ୍ଧ ମରାମତି କରାଯାଇ ଥିଲା । ଏସମସ୍ତ ଜନହିତକର କାର୍ଯ୍ୟ କରିବା ସତ୍ତ୍ୱେ, ମରହଟ୍ଟାମାନେ ଲୋକଙ୍କ ଉପରେ ବହୁତ ଅତ୍ୟାଚାର କରୁଥିଲେ । ସବୁବେଳେ ଧନ ହରଣ ଓ ଲୁଣ୍ଠନ ଲାଗି ରହିଥିଲା । ଯେଉଁମାନେ ଖଜଣା ଆଦାୟ କରୁଥିଲେ, ସେମାନେ ପ୍ରଜାମାନଙ୍କୁ ଭାରି ହଇରାଣ କରୁଥିଲେ । ଏ ଅତ୍ୟାଚାର ଫଳରୁ ଓଡ଼ିଶାର ଶିଳ୍ପ ଓ ବାଣିଜ୍ୟ ଧ୍ୱଂସ ପାଇଲା । କିନ୍ତୁ ସାହିତ୍ୟଚର୍ଚ୍ଚାରେ ବିଶେଷ ବାଧା ପଡ଼ି ନ ଥିଲା । ମରହଟ୍ଟା ଯୁଗର ସର୍ବଶ୍ରେଷ୍ଠ ଓଡ଼ିଆ କବି ଅଭିମନ୍ୟୁ ସାମନ୍ତ ସିଂହାର ସେ ତାଙ୍କର ବିଦଗ୍ଧ ଚିନ୍ତାମଣି ଓ ଅନ୍ୟାନ୍ୟ ଅମର କାବ୍ୟମାନ ରଚନା କରିଥିଲେ ।

ଖ୍ରୀ: ୧୮୦୩ ରୁ ଖ୍ରୀ: ୧୯୪୭ ପର୍ଯ୍ୟନ୍ତ ଓଡ଼ିଶା ଇଂରାଜମାନଙ୍କ ଦ୍ୱାରା ଶାସିତ ହେଲା । ଇଂରେଜମାନଙ୍କ କବଳରୁ ସମଗ୍ର ଭାରତକୁ ମୁକ୍ତ କରିବା ନିମନ୍ତେ ମହାତ୍ମା ଗାନ୍ଧି ଯେଉଁ ଆନ୍ଦୋଳନ ଆରମ୍ଭ କଲେ, ତା ଫଳରେ ଭାରତର ଅନ୍ୟାନ୍ୟ ଅଂଶ ସହିତ ଓଡ଼ିଶା ମଧ୍ୟ ସ୍ୱାଧୀନ

Digitized by srujan ka@gmail.com

ହେଲା । ବ୍ରିଟିଶ ରାଜତ୍ୱରେ ଭାରତର କେବଳ ଯେ ଅମଙ୍ଗଳ ହୋଇଛି ବହୁ ମଙ୍ଗଳ ହୋଇ ନାହିଁ, ଏହା କୁହାଯାଇ ନ ପାରେ । ଭାରତୀୟ ଲୋକଙ୍କ ମନରେ ଏହା ନିଖିଳ ଭାରତୀୟ ଜାତୀୟ ଭାବ ଉଦ୍ରେକ କଲା ଏବଂ ରାଜନୀତି କ୍ଷେତ୍ରରେ ବିଭିନ୍ନ ପ୍ରଦେଶ ମଧ୍ୟରେ ଯେଉଁ ଭେଦଭାବ ଥିଲା ତାକୁ ସମୂଳେ ଲୋପ କଲା । ସମୁଦାୟ ଭାବରେ ଇଂରେଜ ରାଜତ୍ୱ ଯୋଗୁଁ ଭାରତର ଯାହା ଅନିଷ୍ଟ ହୋଇଅଛି ତାହା ସମସ୍ତଙ୍କୁ ଉତ୍ତମରୂପେ ଜଣା ଏବଂ ତାହା କାହା ମନରୁ ପାଶୋରି ଯାଇନାହିଁ । ତେଣୁ ତହିଁର ଅବତାରଣା ଅନାବଶ୍ୟକ । ଇଂରେଜମାନଙ୍କ ଅମଳରେ ଓଡ଼ିଆଭାଷୀ ରାଜ୍ୟ ଖଣ୍ଡବିଖଣ୍ଡିତ ହେଲା, ଏବଂ କେତେକ ଓଡ଼ିଆ ଜମିଦାରୀ ଓଡ଼ିଆମାନଙ୍କ ହାତରୁ ଚାଲିଗଲା । ଏ ଦୁଇ ଘଟଣା ଯୋଗୁଁ ଇଂରେଜ ରାଜତ୍ୱ ବିରୁଦ୍ଧରେ ଓଡ଼ିଆମାନଙ୍କ ମନରେ ବହୁତ ଉତ୍ତେଜନା ରହିଗଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ଏବଂ ବହୁକାଳ ବାହାରେ ରହିଯାଇଥିବା କେତେକ ଓଡ଼ିଆ ଭାଷୀ ଅଞ୍ଚଳକୁ ଓଡ଼ିଶାରେ ମିଶାଇବାଦ୍ୱାରା ଇଂରେଜମାନେ ସେମାନଙ୍କର ଭୁଲକୁ ବହୁପରିମାଣରେ ସୁଧାରିଥିଲେ ।

୧୯୪୭ ମସିହାରେ ଭାରତ ସ୍ୱାଧୀନତା ହାସଲ କଲା ପରେ ଓଡ଼ିଶା ସବୁ ଦିଗରେ ଆଗେଇ ଚାଲିଅଛି । ଦେଶବିଭାଗ ପରେ ୧୯୪୮ ମସିହା ଜାନୁୟାରୀ ପହିଲାରେ ବହୁ ଶତାବ୍ଦୀ ହେଲା ସ୍ୱତନ୍ତ୍ର ରାଜନୈତିକ ଅସ୍ତିତ୍ୱ ବଜାୟ ରଖି ଆସିଥିବା ଓଡ଼ିଶାର ଗଡ଼ଜାତଗୁଡ଼ିକର ମୂଳ ପ୍ରଦେଶ ସହିତ ମିଶ୍ରଣ ଘଟିଲା । ଫଳତଃ ଏ ଆଦର୍ଶ ଭାରତ ୟୁନିୟନ ସଙ୍ଗେ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ କାର୍ଯ୍ୟକାରୀ ହେବାରେ ସାହାଯ୍ୟ କଲା । ମାନ୍ୟବର ଶ୍ରୀ ହରେକୃଷ୍ଣ ମହତାବ ଏ କାର୍ଯ୍ୟରେ ଅଗ୍ରଣୀ ଥିଲେ । ଯଥାର୍ଥରେ ସେ ଆଜି ନବୀନ ଉତ୍କଳର ନିର୍ମାତାରୂପେ ପରିଚିତ । ଜଳୀୟ ବିଦ୍ୟୁତ୍ ଯୋଜନା, ଶିଳ୍ପଯୋଜନା, ଅର୍ଥନୈତିକ ଯୋଜନା ଓ କୃଷି ଉନ୍ନୟନ ଆଦି ଯେଉଁ ବଡ଼ ବଡ଼ ଯୋଜନାମାନ ଓଡ଼ିଶାରେ କାର୍ଯ୍ୟକାରୀ ହେଉଅଛି, ସେସବୁଗୁଡ଼ିକରେ ଓଡ଼ିଶାର ଭବିଷ୍ୟତ ଉନ୍ନତିର ପଥ ଅବଶ୍ୟ ପରିଷ୍କାର ହେବ ।

(ଗ) ଶ୍ରୀ ଜଗନ୍ନାଥ ମନ୍ଦିରର ଇତିହାସ

ମହାରାଜା ଇନ୍ଦ୍ରବଳ ବା ଇନ୍ଦ୍ରଦ୍ୟୁମ୍ନ ଗୋଟିଏ କ୍ଷୁଦ୍ର ମନ୍ଦିର ନିର୍ମାଣ କରି ତାଙ୍କର ପୁରୋହିତ ବିଦ୍ୟାପତିଙ୍କ ସହାୟତାରେ ଉକ୍ତ ମନ୍ଦିରରେ ନୀଳମାଧବ (ମାଧବଂଧ)ଙ୍କ ମୂର୍ତ୍ତି ପୂଜା କରୁଥିଲେ । କାଳକ୍ରମେ ମନ୍ଦିରଟି ଭାଙ୍ଗି ପଡ଼ିଲା । ସପ୍ତମ ଶତାବ୍ଦୀରେ ମହାଭବ ଗୁପ୍ତ ଯଯାତି ଉକ୍ତ ନୀଳମାଧବ ବିଗ୍ରହକୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ନାମକ ତିନି ମୂର୍ତ୍ତିରେ ପରିଣତ କଲେ ଏବଂ ସେମାନଙ୍କର ପୂଜା ନିମନ୍ତେ ୩୮ ହାତ ଉଚ୍ଚ ଗୋଟିଏ ମନ୍ଦିର ନିର୍ମାଣ କଲେ । ମାତ୍ର ତାହା ମଧ୍ୟ ସମୁଦ୍ରର ଲୁଣି ପବନ ବାଜି ଧ୍ୱଂସପ୍ରାପ୍ତ ହେଲା । ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀରେ ଚୋଡ଼ଗଙ୍ଗ ଦେବ ଏହି ସୁବିଶାଳ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ଓ ୧୨୦୦ ଖ୍ରୀଷ୍ଟାବ୍ଦରେ ସାଢ଼େ ସାତ କୋଟି ଟଙ୍କା ବ୍ୟୟରେ ମହାରାଜା ଅନଙ୍ଗଭୀମ ଦେବ ତାହା ପୂର୍ଣ୍ଣ କଲେ । ଓ ଜଗନ୍ନାଥ ମହାପ୍ରଭୁଙ୍କ ସେବା ପୂଜାର ସୁଚାରୁ ବ୍ୟବସ୍ଥା କରିଦେଲେ । ଜଗନ୍ନାଥ ମହାପ୍ରଭୁ ହିନ୍ଦୁଜାତିର ଶ୍ରେଷ୍ଠ ଦେବତା । ଉପନିଷଦରେ ବର୍ଣ୍ଣିତ ପରମବ୍ରହ୍ମ ରୂପେ ତାଙ୍କୁ ଆରାଧନା କରାଯାଏ ଏବଂ ତାଙ୍କର ଦୈନନ୍ଦିନ ନୀତି ଅତି ପବିତ୍ର ଭାବରେ ପାଳନ କରାଯାଏ । ପ୍ରତିଦିନ ଜଗନ୍ନାଥଙ୍କ ନିକଟରେ ଛପନ ଭୋଗ ଲାଗେ । ସେ

Digitized by srujan ka@gmail.com

ସବୁର ମୂଲ୍ୟ ୫୭୨୩୩୪/-ରୁ ଢେର ବେଶୀ । ସର୍ବମୋଟ ୧୪୮୦ ଜଣ ସେବାୟତ ଜଗନ୍ନାଥ ମହାପ୍ରଭୁଙ୍କ ସେବାରେ ନିଯୁକ୍ତ ଥାଆନ୍ତି । ସେମାନଙ୍କ ମଧ୍ୟରୁ ପ୍ରତିଦିନ ୧୦୮ ଜଣ ସେବାୟତଙ୍କୁ ମନ୍ଦିରରେ ଜଗନ୍ନାଥଙ୍କ ସେବା କରିବାକୁ ପଡ଼େ । ଅବଶିଷ୍ଟ ସେବାୟତମାନେ ପାର୍ଶ୍ୱ ଦେବତାଙ୍କ ପୂଜାରେ ନିଯୁକ୍ତ ଥାନ୍ତି । ପୁରୀର ରାଜା ପରମ୍ପରାକ୍ରମେ ମନ୍ଦିରର ପରିଚାଳକ । ଏହି ମହାନ ଅନୁଷ୍ଠାନର ଦୈନନ୍ଦିନ ପରିଚାଳନା ନିମନ୍ତେ ତାଙ୍କର ଗୋଟିଏ ସ୍ୱତନ୍ତ୍ର ଅଫିସ ଅଛି । ବର୍ଷକ ବାରମାସରେ ଜଗନ୍ନାଥ ମହାପ୍ରଭୁଙ୍କର ତେରଗୋଟି ଯାତ ହୁଏ । ଉକ୍ତ ଯାତ୍ରାଉତ୍ସବ ଦେଖିବା-ନିମନ୍ତେ ଭାରତର ପ୍ରତ୍ୟେକ ଅଞ୍ଚଳରୁ ଲକ୍ଷ ଲକ୍ଷ ଯାତ୍ରୀ ଆସନ୍ତି । ରଥଯାତ୍ରା ସବୁଠୁଁ ବଡ଼ ଉତ୍ସବ ।

(ଗ) ନବକଳେବର ଯାତ୍ରାର ପରିଚୟ

ଜଗନ୍ନାଥ ମହାପ୍ରଭୁଙ୍କର ଯେତେ ଯେତେ ଉତ୍ସବ ଅଛି ସେଥିଭିତରେ ନବକଳେବର ଯାତ୍ରା ସର୍ବାପେକ୍ଷା ଅତି ପ୍ରାଚୀନ ବୋଲି ବୋଧହୁଏ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ କିମ୍ବା ତାହାର ଆଖପାଖ ସମୟରେ ଉକ୍ତ ଉତ୍ସବର ଆରମ୍ଭ ହୋଇଥିଲା । ବଂଶାନୁକ୍ରମେ ଜଗନ୍ନାଥ ମହାପ୍ରଭୁଙ୍କୁ ଶବର ପାର୍ବତୀୟ ଜାତିର ଲୋକମାନେ ପୂଜା କରି ଆସୁଥିଲେ । ବହୁପୂର୍ବ କାଳରେ ପ୍ରାଚୀ ନଦୀ କୂଳରେ ପୂଜା କରୁଥିବା ଜୈନମାନଙ୍କଠାରୁ ଏହି ମୂର୍ତ୍ତିକୁ ଶବରମାନେ ଉଦ୍ଧାର କରିଥିବା ପ୍ରବାଦ ରହିଅଛି । ଶବରମାନେ ତନ୍ତ୍ର ବିଦ୍ୟା ଭଲରୂପେ ଜାଣିଥିଲେ ଏବଂ ମୂର୍ତ୍ତି ସେମାନଙ୍କ ହାତକୁ ଆସିଗଲା ପରେ, ମୂର୍ତ୍ତିର ଘଟ ପରିବର୍ତ୍ତନ କରି ତାହାକୁ ନୀଳମାଧବ ନାମ ଦେଲେ । ଏହି ଘଟଣା ଯେଉଁ ବର୍ଷ ଘଟିଥିଲା, ସେବର୍ଷ ଯୋଡ଼ା ଆଷାଢ଼ ପଡ଼ିଥିଲା । ଗୋଟିଏ ଆଷାଢ଼ରେ ନ ହୋଇ ପ୍ରାୟ ପ୍ରତି କୋଡ଼ିଏ ବର୍ଷରେ ଯେଉଁବର୍ଷ ଯୋଡ଼ା ଆଷାଢ଼ ପଡ଼େ ସେବର୍ଷ ଜଗନ୍ନାଥ ମହାପ୍ରଭୁ, ତାଙ୍କର ଭାଇ ବଳଭଦ୍ର ମହାପ୍ରଭୁ ଏବଂ ଭଉଣୀ ସୁଭଦ୍ରାଙ୍କର ଘଟ ପରିବର୍ତ୍ତନ ହୁଏ; ଅର୍ଥାତ୍ ସେମାନେ ନବକଳେବର ଧାରଣ କରନ୍ତି ଏବଂ ଦେବଦେବୀଙ୍କର ପୁରାତନ ଘଟକୁ ମନ୍ଦିର ବେଢ଼ାମଧ୍ୟସ୍ଥ କୈବଲ୍ୟ ବୈକୁଣ୍ଠରେ ପୋତି ଦିଆଯାଏ । କୈବଲ୍ୟ ବୈକୁଣ୍ଠ ପୁରାତନ ମୂର୍ତ୍ତିଗୁଡ଼ିକର ଶ୍ମଶାନ ରୂପେ ପରିଚିତ । 'ନବକଳେବର' ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ଜଗନ୍ନାଥ ମହାପ୍ରଭୁ, ବଡ଼ଭାଇ ବଳଭଦ୍ର ମହାପ୍ରଭୁ ଓ ଭଉଣୀ ସୁଭଦ୍ରା ଦେବୀଙ୍କର ନୂତନ କଳେବର ବା ଘଟଧାରଣ । ଭାରତର ସବୁ ଅଞ୍ଚଳର ଶବରମାନେ ଆଷାଢ଼ ମାସକୁ ପବିତ୍ର ମନେ କରନ୍ତି । କାରଣ ସେମାନଙ୍କର ବିଶ୍ୱାସ ଯେ ଆଷାଢ଼ ମାସରେ ଭଗବାନ ମର୍ତ୍ତ୍ୟକୁ ଅବତରଣ କରନ୍ତି । ସେଥିନିମନ୍ତେ ଯୋଡ଼ା ଆଷାଢ଼ ପଡ଼ୁଥିବା ବର୍ଷଟି ସେମାନଙ୍କ ପକ୍ଷରେ ଅତୀବ ପବିତ୍ର । ପୁରୀର ଦଇତାମାନେ ଶବର ରାଜା ବିଶ୍ୱାବସୁ (ଯାହାଙ୍କଠାରୁ ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥ ମହାପ୍ରଭୁଙ୍କୁ ଲାଭ କରିଥିଲେ) ଙ୍କ କନ୍ୟାକୁଳରେ ତାଙ୍କ ବଂଶଧର, ସେମାନେ ଜଗନ୍ନାଥ ମନ୍ଦିରର ପ୍ରଧାନ ସେବକ ଏବଂ ସେମାନେ ଜଗନ୍ନାଥଙ୍କର ଜ୍ଞାତିକୁଟୁମ୍ବ । ଯେତେବେଳେ ଜଗନ୍ନାଥ, ତାଙ୍କର ଭାଇ ବଳଭଦ୍ର ଓ ସୁଭଦ୍ରାଙ୍କ ଜୀର୍ଣ୍ଣ କଳେବରକୁ ସମାଧି ଦିଆଯାଏ, ସେମାନେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ପାଳନ୍ତି । ଦଇତାମାନେ ଅନ୍ୟ ସେବାୟତମାନଙ୍କ ସଙ୍ଗରେ ନବକଳେବର ବର୍ଷର ଚୈତ୍ରପୂର୍ଣ୍ଣିମା ଦିନ ବାସେଲୀ ଦେବୀଙ୍କ ନିକଟରେ ଜଗନ୍ନାଥ ମହାପ୍ରଭୁ, ବଳଭଦ୍ର ମହାପ୍ରଭୁ ଓ ସୁଭଦ୍ରା ଦେବୀଙ୍କ ଘଟ ପରିବର୍ତ୍ତନ ନିମନ୍ତେ

Digitized by srujan ka@gmail.com



ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର

Digitized by srujan ka@gmail.com

ଅନୁମତି ଭିକ୍ଷା କରନ୍ତି । ଦେବୀଙ୍କ ଅନୁମତିର ନିଦର୍ଶନସ୍ୱରୂପ ତାଙ୍କର ମାଳା ଭିତରଛ ମହାପାତ୍ର (ମନ୍ଦିର ସେବାୟତମାନଙ୍କ ଭିତରୁ ଜଣଙ୍କ ଉପାଧି) ଙ୍କୁ ଦିଆଯାଏ ଏବଂ ସେ 'ନବକଳେବର'କୁ କରାଇବାର ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରନ୍ତି । ଦେବତାମାନଙ୍କ ଘଟ ପରିବର୍ତ୍ତନ ନିମନ୍ତେ ପ୍ରଚଳିତ ପ୍ରଥା ଅନୁଯାୟୀ ଅଙ୍କ ପ୍ରଦାନ କରିବା ପରେ ଭିତରଛ ମହାପାତ୍ରଙ୍କ ମୃତ୍ୟୁ ଘଟେ । ଏ ବର୍ଷ ମଧ୍ୟ ଦିଅଁଙ୍କର ଘଟ ପରିବର୍ତ୍ତନ ପାଇଁ ଆଦେଶ ଦେବାପରେ ଭିତରଛ ମହାପାତ୍ରଙ୍କ ମୃତ୍ୟୁ ହୋଇଅଛି ।

ତାପରେ ବିଗ୍ରହ ନିର୍ମାଣ ନିମନ୍ତେ ଦାରୁ ଅର୍ଥାତ୍ ନିମଗଛ ଅନୁସନ୍ଧାନ କରିବା ସକାଶେ ସେବାୟତମାନଙ୍କର ଗୋଟିଏ ଦଳ ମଙ୍ଗଳା ଦେବୀଙ୍କ ନିକଟକୁ ଯାଆନ୍ତି । ପୁରୀ ଜିଲ୍ଲାର ପ୍ରାଚୀନଦୀ କୂଳରେ କାକଟପୁରଠାରେ ଦେବୀ ମଙ୍ଗଳାଙ୍କ ପୀଠ । କେଉଁଠାକୁ ଗଲେ ପ୍ରୟୋଜନୀୟ ଦାରୁ ମିଳିବ ମଙ୍ଗଳା ଦେବୀ ସେବାୟତ ଦଳଙ୍କୁ ସ୍ୱପ୍ନରେ ସୂଚନା ଦିଅନ୍ତି ବୋଲି କଥିତ ଅଛି । ଦେବୀଙ୍କର ନିର୍ଦ୍ଦେଶ ପାଇ ସେବାୟତମାନେ ତିନି ଭାଗରେ ବାଣ୍ଟି ହୋଇ ଯାନ୍ତି । ପ୍ରତି ଦଳ ପରମ୍ପରା ଅନୁଯାୟୀ ଯେଙ୍ଗା ବାଟରେ ଯାଆନ୍ତି ।

ବଳଭଦ୍ର ମହାପ୍ରଭୁଙ୍କ ବିଗ୍ରହ ତିଆରି ପାଇଁ ଯେଉଁ ନିମଗଛ ଦାରୁ ଯୋଗାଇବ ତାହାର ରଙ୍ଗ ଧଳା; ସେଥିରେ ଗୋଟିଏ ଶଙ୍ଖ ଚିହ୍ନ ଥିବା ଆବଶ୍ୟକ । ସେ ଗଛରେ କୌଣସି ପକ୍ଷୀ ବାସ କରୁ ନ ଥିବେ । ମାତ୍ର ତା ଉପରେ ଗୋଟିଏ ନାଗ ସାପ ଥିବା ଦରକାର । ସୁଭଦ୍ରାଙ୍କ ବିଗ୍ରହ ନିମନ୍ତେ ଯେଉଁ ନିମଗଛଟି ଦରକାର, ତାର ରଙ୍ଗ ଗାଢ଼ ଲୋହିତ ବା ରକ୍ତ ବର୍ଣ୍ଣ ହୋଇଥିବ ଓ ଗଛଟିରେ ପାଞ୍ଚଟି ମାତ୍ର ଶାଖା ଥିବ । ସୁଦର୍ଶନ ପାଇଁ ଯେଉଁ ଦାରୁ ଦରକାର ସେଥିରେ ଗୋଟିଏ ଗଦା ଚିହ୍ନ ଥିବା ଦରକାର ଏବଂ ଯେଉଁ ଗଛ ଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହ ତିଆରିରେ ଲାଗିବ ସେଥିରେ ଚକ୍ରଚିହ୍ନ ଥିବା ଦରକାର । ଅଧିକନ୍ତୁ ମଧ୍ୟ ସେ ଗଛରେ ସାତଟି ମାତ୍ର ଶାଖା ଥିବ ଏବଂ ଗଛଟି ସୁଗନ୍ଧଯୁକ୍ତ ହୋଇଥିବ ।

ଦାରୁ ବୃକ୍ଷର ସ୍ଥାନ ନିର୍ଣ୍ଣୟ କରାଯିବା ପରେ ଦିଗପାଳ ଏବଂ ଦେବତାମାନଙ୍କ ତୃପ୍ତି ନିମନ୍ତେ ଗଛ ମୂଳରେ ହୋମ କରି ବଳିଦାନ ଦେବାକୁ ହୁଏ । ସୁବର୍ଣ୍ଣ ଓ ରୌପ୍ୟ ନିର୍ମିତ କୁରାଢ଼ୀରେ ଦାରୁମାନଙ୍କରେ ପ୍ରଥମ ଚୋଟ ଦିଆଯାଏ । ତାପରେ ଯଥାରୀତିରେ କଟା ସରିବା ପରେ ପୁରୀକୁ ଅଣାଯାଏ । ମନ୍ଦିର ଭିତରେ ସେଥିରେ ନୂତନ ବିଗ୍ରହ ତିଆରି ହୁଏ । ପୁରାତନ ବିଗ୍ରହକୁ ପରିବର୍ତ୍ତନ କରିବା ପାଇଁ ନୂତନ ବିଗ୍ରହ ତିଆରି ହେବା ପରେ ଅଜ୍ଞାତ ଏବଂ ଅଜ୍ଞେୟ ସତ୍ତା ପଦାର୍ଥ ବ୍ରହ୍ମ ନାମରେ ଅଭିହିତ, ପୁରାତନ ଘଟମାନଙ୍କ ମଧ୍ୟରୁ ବାହାର କରି ନୂତନ ବିଗ୍ରହମାନଙ୍କ ମଧ୍ୟରେ ସ୍ଥାପନ କରାଯାଏ । ପତିମହାପାତ୍ର ନାମକ ମନ୍ଦିରର ସେବକଙ୍କ ଆଖିରେ ଅନ୍ଧପୁଟୁଳି ଦିଆଯାଏ ଓ ତାଙ୍କ ହାତରେ କନା ବନ୍ଧାଯାଏ । ଏ ଅବସ୍ଥାରେ ସେ ଏ କାର୍ଯ୍ୟ ସମ୍ପାଦନ କରନ୍ତି । ବ୍ରହ୍ମ ଯେଉଁ ତୁଳସୀ ଓ ଚନ୍ଦନରେ ଭୂଷିତ ହୋଇଥାନ୍ତି କୋଡ଼ିଏ ବର୍ଷ ପରେ ବି ସେ ତୁଳସୀ ଓ ଚନ୍ଦନ ଶୁଖିଯାଇ ନ ଥାଏ, ବରଂ ପୂର୍ବପରି ତଟକା ରହିଥାଏ । ଦ୍ୱିତୀୟ ଆଷାଢ଼ର ଅମାବାସ୍ୟା ଦିନ ଏହା ସମ୍ପନ୍ନ ହୁଏ ।

Digitized by srujan ka@gmail.com

'ନବ କଳେବର' ବା ଦିଅଁଙ୍କର ନୂତନ ବିଗ୍ରହଧାରଣ ଯେଉଁପରି ହୁଏ ସେଥିପାଇଁ ଏହାହିଁ ତାର ପଦ୍ଧତି। ପ୍ରଥମ ନବ ବିଗ୍ରହ ଦର୍ଶନରେ ଭକ୍ତମାନେ ମହାପୁଣ୍ୟ ଲାଭ କରନ୍ତି ବୋଲି କଥିତ ଅଛି। ସେଥିପାଇଁ ପୁରୀରେ ନବକଳେବର ଯାତ୍ରା ଦେଖିବାକୁ ଲକ୍ଷ ଲକ୍ଷ ଯାତ୍ରୀ ଠୁଳ ହୁଅନ୍ତି।

(ଘ) ଜଗନ୍ନାଥ ମହାପ୍ରଭୁଙ୍କ ପ୍ରଧାନ ପ୍ରଧାନ ଉତ୍ସବ

ରଥଯାତ୍ରା—ସ୍ନାନ ପୂର୍ଣ୍ଣିମା ଦିନ ତିନି ମୂର୍ତ୍ତିଙ୍କର ସର୍ବାଙ୍ଗ ସ୍ନାନ ହୁଏ। ଫଳରେ ସେମାନଙ୍କର ଶ୍ରୀଅଙ୍ଗର ରଙ୍ଗ ସବୁ ଧୋଇଯାଏ, ମୂର୍ତ୍ତିମାନଙ୍କର ନୂଆ ରଙ୍ଗ ହେବାକୁ ୧୨ ଦିନ ସମୟ ଲାଗେ। ଏହି ସମୟକୁ 'ଅନବସର' କୁହାଯାଏ। ଏହି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟର ଭାର ଦଇତାପତି ସେବାୟତମାନେ ବହନ କରନ୍ତି। 'ଗୁଣ୍ଡିଚା ଦିନ' ଦିଅଁମାନେ ରଥ ଆରୋହଣ କରନ୍ତି। ନଗର



ପୁରୀ ରଥଯାତ୍ରାର ଗୋଟିଏ ଦୃଶ୍ୟ

Digitized by srujanika@gmail.com



କୋଣାର୍କର ସୂର୍ଯ୍ୟ ମନ୍ଦିର

Digitized by srujan ka@gmail.com

ଭ୍ରମଣ କରି ଗୁଣ୍ଡିଚା ଘରକୁ ଯାଆନ୍ତି । ଶ୍ରୀଗୁଣ୍ଡିଚା ଦିନ ରଥଯାତ୍ରା ଗୁଣ୍ଡିଚା ଘରକୁ ଯିବା ଆଗରୁ 'ଛେରା ପହଁରା' କରାଯାଏ । ପୁରୀର ଠାକୁର ରାଜା ନିଜେ ନିଜ ହାତରେ ସୁବର୍ଣ୍ଣ ମାର୍ଜନୀରେ ରଥ ଆଗରେ ବଡ଼ ଦାଣ୍ଡ ପହଁରନ୍ତି । କାଳ କାଳରୁ ଚଳି ଆସୁଥିବା ଏହି ପ୍ରଥାର ଅର୍ଥ ଏହି ଯେ ଈଶ୍ୱରଙ୍କ ଦୃଷ୍ଟିରେ ରାଜା ଓ ସାଧାରଣ ମନୁଷ୍ୟ ମଧ୍ୟରେ କିଛି ପାର୍ଥକ୍ୟ ନାହିଁ । ଜଗନ୍ନାଥ ମହାପ୍ରଭୁଙ୍କ ରଥର ନାମ 'ନନ୍ଦିଘୋଷ' ଓ ତାହା ରକ୍ତ ଓ ପୀତ ବର୍ଣ୍ଣ । ବଳଭଦ୍ର ମହାପ୍ରଭୁଙ୍କ ରଥନାମ 'ତାଳଧ୍ୱଜ', ତାହା ରକ୍ତ ଓ ନୀଳବର୍ଣ୍ଣ । ସୁଭଦ୍ରାଙ୍କ ରଥ ଦର୍ପଦଳନ, ତାହା ରକ୍ତ ଓ କୃଷ୍ଣବର୍ଣ୍ଣ । ଯାତ୍ରାଟି ୯ ଦିନ ଧରି ହୁଏ । ଏହାପରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ସେହି ବଡ଼ ଦାଣ୍ଡରେ ବଡ଼ ଦେଉଳକୁ ଯାକଜମକରେ ଫେରି ଆସେ । ଏହି ଫେରିବା ସମୟର ଯାତ୍ରାକୁ ବାହୁଡ଼ା ଯାତ୍ରା କୁହାଯାଏ । 'ଏକାଦଶୀ' ଅର୍ଥାତ୍ ମାସର ଏକାଦଶ ତିଥିରେ ଦିଅଁମାନେ 'ରାଜବେଶ' ଧାରଣ କରନ୍ତି । ଯେଉଁ ବର୍ଷ ବିଗ୍ରହମାନଙ୍କର ପରିବର୍ତ୍ତନ ହୁଏ, ତାହାକୁ ନବକଳେବର ବର୍ଷ କୁହାଯାଏ ।

ଝୁଲଣ ଯାତ୍ରା—ଶ୍ରାବଣ ମାସର ଶୁକ୍ଳପକ୍ଷ ଏକାଦଶୀ ତିଥିରୁ ଝୁଲଣ ଆରମ୍ଭ ହୋଇ ପୂର୍ଣ୍ଣମୀ ଦିନ ଶେଷ ହୁଏ । ବିଜେ ପ୍ରତିମା ଝୁଲଣରେ ବସନ୍ତି । ସେ ଉତ୍ସବରେ ନୃତ୍ୟ ଓ ଗୀତ ହୁଏ ।

ରାସଯାତ୍ରା—କାର୍ତ୍ତିକମାସ ସାରା ହୁଏ । ଜଗନ୍ନାଥଙ୍କ ପାଖରେ ବିଶେଷ ଭୋଗ ଲାଗେ ଓ ମହାପ୍ରଭୁ ପ୍ରତ୍ୟହ ରାଜବେଶ ହୁଅନ୍ତି ।

ଦୋଳଯାତ୍ରା—ଫାଲ୍‌ଗୁନ ଶୁକ୍ଳ ଦଶମୀଠାରୁ ଆରମ୍ଭ ହୁଏ । ଜଗନ୍ନାଥ ଜୀଉଙ୍କ ବିଜେ ପ୍ରତିମା 'ଦୋଳ ଗୋବିନ୍ଦ' ଦୋଳ ମଣ୍ଡପକୁ ଆଣାଯାନ୍ତି । ସେଠାରେ, ହୋରି ଖେଳ ହୁଏ । ପୂର୍ଣ୍ଣିମା ଦିନ ଆନନ୍ଦଉତ୍ସବ ହୁଏ ।

ଚନ୍ଦନ ଯାତ୍ରା—ବୈଶାଖ ଶୁକ୍ଳ ତୃତୀୟାରୁ ୨୧ ଦିନ ପର୍ଯ୍ୟନ୍ତ ହୁଏ । ଜଗନ୍ନାଥ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ନରେନ୍ଦ୍ର ସରୋବରକୁ ନିଆଯାଏ । ସେଠାରେ ଦିଅଁଙ୍କର ଜଳରେ ଦୈନିକ ନୌକା ବିହାର ହୁଏ ।

ସ୍ନାନ ପୂର୍ଣ୍ଣିମା—ଜ୍ୟେଷ୍ଠମାସ ପୂର୍ଣ୍ଣିମା ଦିନ ଏ ଉତ୍ସବ ହୁଏ । ଜଗନ୍ନାଥଜୀଉ ଗଣେଶ ବେଶ ଧାରଣ କରନ୍ତି ।

(ଙ) ପୁରୀ ଧାମରେ ଦର୍ଶନୀୟ ସ୍ଥାନ

ଗୁଣ୍ଡିଚା ଘର:—ଜଗନ୍ନାଥ ମହାପ୍ରଭୁ ପ୍ରଥମେ ଏହି ସ୍ଥାନରେ ପୂଜା ପାଉଥିଲେ । ରଥ ଯାତ୍ରା ସମୟରେ 'ଗୁଣ୍ଡିଚା', ଦିନଠାରୁ 'ବାହୁଡ଼ା' ପର୍ଯ୍ୟନ୍ତ ଏହିଠାରେ ତାଙ୍କର ପୂଜା ହୁଏ; ଏହା ଜଗନ୍ନାଥ ମନ୍ଦିରର ଉତ୍ତରରେ ବଡ଼ ଦାଣ୍ଡର ଶେଷ ମୁଣ୍ଡରେ ଅବସ୍ଥିତ ।

ଇନ୍ଦ୍ରଦ୍ୟୁମ୍ନ ପୁଷ୍କରଣୀ—ଏହା ପୁରୀରେ ସବୁଠୁଁ ପୁରାତନ ପୁଷ୍କରଣୀ । ଜଗନ୍ନାଥଙ୍କୁ ସ୍ଥାପନ କରିଥିବା ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ନାମ ଅନୁସାରେ ଏହାର ନାମକରଣ ହୋଇ ଅଛି ।

ସିଦ୍ଧ ହନୁମାନ—ଇନ୍ଦ୍ରଦ୍ୟୁମ୍ନ ପୋଖରୀ ନିକଟରେ ଅଛନ୍ତି ।

Digitized by srujan ka@gmail.com

ନରେନ୍ଦ୍ର ପୁଷ୍କରିଣୀ—ବଡ଼ ଦାଣ୍ଡର ପଶ୍ଚିମ ପଟେ ଅବସ୍ଥିତ । ଏଠାରେ 'ଚନ୍ଦନ ଯାତ୍ରା' ହୁଏ ।

ଦରିଆ ହନୁମାନ ଓ ସୁନା ଗୌରାଙ୍ଗ—'ଚକ୍ରତୀର୍ଥ'ରେ ଅବସ୍ଥିତ ।

ଟୋଟା ଗୋପୀନାଥ—ଏହା ଗୋଟିଏ ମନୋହର ସ୍ଥାନ—ହରଚଣ୍ଡୀ ସାହିରେ ଅବସ୍ଥିତ । ରୂପ ଗୋସ୍ୱାମୀ ଏଠାରେ ଥିବା ମୂର୍ତ୍ତି ପୂଜା କରୁଥିଲେ ।

ଲୋକନାଥ—ଲୋକନାଥ ମହାପ୍ରଭୁଙ୍କ ମନ୍ଦିରରେ ଲୋକନାଥ ସେତୁର ଶେଷ ଅଂଶରେ ଅବସ୍ଥିତ ।

ଅନ୍ୟ କେତୋଟି ଦର୍ଶନୀୟ ସ୍ଥାନ—ବଳଭଦ୍ର କୃଷ୍ଣ ଆଶ୍ରମ, ଶ୍ୱେତଗଙ୍ଗା, ଯମେଶ୍ୱର ମନ୍ଦିର, ଏମାରମଠ, ଶ୍ରୀରାମ ଦାସ ମଠ, ଗଙ୍ଗାମାତା ମଠ, ଶ୍ରୀ ରାଧାକାନ୍ତ ମଠ ଓ ରଘୁନନ୍ଦନ ଲାଇବ୍ରେରୀ ।

(ଚ) କୋଣାର୍କ

ପୁରୀ ସହରର ଉତ୍ତରରେ ୨୧ ମାଇଲ ଦୂରରେ ସମୁଦ୍ର ଉପକୂଳରେ କୋଣାର୍କ ମନ୍ଦିର ଅବସ୍ଥିତ । ଏ ମନ୍ଦିର ଗଙ୍ଗ ବଂଶର ରାଜା ନରସିଂହ ଦେବଙ୍କ ଦ୍ୱାରା ୧୨୭୭ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା । ଏହାକୁ ନିର୍ମାଣ କରିବାରେ ୪୦ କୋଟି ଟଙ୍କା ବ୍ୟୟିତ ହୋଇଥିଲା । ଏହାକୁ ଶେଷ କରିବା ଲାଗି ବାର ଶହ ବଢ଼େଇଙ୍କୁ ପୂରା ଷୋଳ ବର୍ଷ ଲାଗିଥିଲା ! ଏହାର ଉଚ୍ଚତା ୨୮୦ ଫୁଟ ଥିଲା । ବର୍ତ୍ତମାନ ଏହାର ଧ୍ୱଂସାବଶେଷ ରହିଅଛି । ଭଗ୍ନାବସ୍ଥାରେ ମଧ୍ୟ ଏହାର ଉଚ୍ଚତା ୧୩୦ ଫୁଟ । ୧୬ ଶ ଶତାବ୍ଦୀରେ କଳାପାହାଡ଼ ଦ୍ୱାରା ଏ ମନ୍ଦିର ଧ୍ୱସ୍ତବିଧ୍ୱସ୍ତ ହୋଇ ପରେ ପରିତ୍ୟକ୍ତ ହୋଇଥିଲା । ମରହଟ୍ଟା ରାଜତ୍ୱରେ ଏହାର ଅରୁଣସ୍ତମ୍ଭଟିକୁ ପୁରୀ ମନ୍ଦିରର ସିଂହଦ୍ୱାରକୁ ଉଠାଇ ନିଆ ଯାଇଥିଲା ।

ଅବୁଲ ଫଜଲଙ୍କ 'ଆଇନ ଆକବରୀ' ପୁସ୍ତକରେ ଏ ମନ୍ଦିର ସମ୍ପର୍କରେ ନିମ୍ନଲିଖିତ ଚମତ୍କାର ବିବରଣ ଲିପିବଦ୍ଧ ହୋଇଅଛି:—

"ଜଗନ୍ନାଥଙ୍କ ମନ୍ଦିର ନିକଟରେ ସୂର୍ଯ୍ୟଦେବଙ୍କ ମନ୍ଦିର ରହିଅଛି । ଏହାକୁ ନିର୍ମାଣ କରିବାରେ ଓଡ଼ିଶାର ବାର ବର୍ଷର ରାଜସ୍ୱ ବ୍ୟୟିତ ହୋଇଥିଲା । ଏ ବିଶାଳ ମନ୍ଦିରକୁ ଦେଖିଲେ ଆଶ୍ଚର୍ଯ୍ୟରେ ଅଭିଭୂତ ନ ହୋଇ କେହି ରହି ପାରିବ ନାହିଁ । ମନ୍ଦିର ଚତୁଃପଟେ ଘେରିଥିବା ବେଢାର ପାଚେରୀ ୧୫୦ ହାତ ଉଚ୍ଚ, ୧୯ ହାତ ମୋଟ । ମନ୍ଦିର ଭିତରକୁ ତିନୋଟି ପ୍ରବେଶ ପଥ ଅଛି । ପୂର୍ବ ଦ୍ୱାରରେ ଦୁଇଟି ସୁନ୍ଦର ହାତୀ ମୂର୍ତ୍ତି ଅଛି; ହାତୀଙ୍କ ଶୁଣ୍ଢରେ ଜଣେ ଲେଖାଏଁ ମନୁଷ୍ୟ ବସି ଅଛନ୍ତି । ପଶ୍ଚିମ ଦ୍ୱାରରେ ସୁସଜ୍ଜିତ ଅଶ୍ୱଶଯ୍ୟାରେ ସଜ୍ଜିତ ଦୁଇଜଣ ବଳିଷ୍ଠ ଉତ୍ସାହୀ ଅଶ୍ୱାରୋହୀଙ୍କ ମୂର୍ତ୍ତି ରହିଅଛି । ଉତ୍ତର ଦ୍ୱାରରେ ଦୁଇଟି ବାଘଙ୍କ ମୂର୍ତ୍ତି ଖୋଦିତ ହୋଇଅଛି । ଏମାନେ ଦୁଇଟି ହାତୀ ମାରି ସେମାନଙ୍କ ଉପରେ ବସି ଅଛନ୍ତି । ଦ୍ୱାର ଆଗରେ ଅଷ୍ଟକୋଣ ଥିବା ମୁଗୁନି ପଥରର ସ୍ତମ୍ଭଟିଏ ରହିଅଛି; ଏହା ପଚାଶ ହାତ ଉଚ୍ଚ । ମନ୍ଦିରକୁ ଯିବାକୁ ଖୁବ୍ ପ୍ରଶସ୍ତ ନଅ ଧାଡ଼ ପାହାଚ ପଡ଼ିଛି । ଏ ପାହାଚ ଉପରକୁ ଉଠିବା ପରେ ଗୋଟିଏ ବିସ୍ତୃତ ଅଗଣା ଦେଖାଯାଏ; ଏଠାରେ ଗୋଟିଏ ବିରାଟ ଗମ୍ବୁଜ ଆଖି ଆଗରେ ପଡ଼େ । ଏ ଗମ୍ବୁଜଟି ପଥରରେ ତିଆରି । ଏହାର ଉପରେ

Digitized by srujan ka@gmail.com



ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର

Digitized by srujan ka@gmail.com



ଭୁବନେଶ୍ୱର ସକାର୍ଣ୍ଣୀ ମନ୍ଦିରର ଏକ ଦୃଶ୍ୟ

Digitized by srujan ka@gmail.com

ସୂର୍ଯ୍ୟ ଓ ତାଙ୍କ ରଥ ଖୋଦିତ ହୋଇଅଛି । ଏହାଙ୍କ ଗୃହପଟେ ଗୋଟିଏ ବେଦିକା ରହିଅଛି । ଏହି ବେଦିକା ଉପରେ ମନର ବିଭିନ୍ନ ଭାବାବେଶ ପ୍ରକାଶ କରୁଥିବା ମନୁଷ୍ୟମୂର୍ତ୍ତି ଖୋଦିତ ହୋଇଅଛି:—କେତେକେ ଅଣ୍ଟୁମାଡ଼ି ବସି ଅଛନ୍ତି; କେତେକ ମାଟିରେ ମୁଣ୍ଡ ଲଗାଇ ସାଷ୍ଟାଙ୍ଗ ହୋଇ ପଡ଼ି ଅଛନ୍ତି । ଏମାନଙ୍କ ପାଖରେ ନୃତ୍ୟଗୀତବାଦ୍ୟ ଚାରଣମାନେ ଅଛନ୍ତି ଏବଂ କେତେ ଗୁଡ଼ିଏ ଆଶ୍ଚର୍ଯ୍ୟଜନକ ଜୀବଜନ୍ତୁ ରହି ଅଛନ୍ତି; ଏ ଜୀବଜନ୍ତୁଙ୍କ ଭିତରୁ କୌଣସିଟି ବାସ୍ତବ ଜଗତରେ ଦେଖାଯାନ୍ତି ନାହିଁ; ସମସ୍ତେ କାଳ୍ପନିକ । ଏ ମନ୍ଦିର ୭୩୦ ବର୍ଷ ହେବ ତିଆରି ହୋଇଛି । ରାଜା ନରସିଂହ ଦେବ ଏ ମନ୍ଦିରର ଚୂଳ ମାରିଲେ । ଏହାଦ୍ୱାରା ସେ ଗୋଟିଏ ପ୍ରସିଦ୍ଧ ସ୍ଥାୟୀ କୀର୍ତ୍ତି ରଖି ଦେଇଗଲେ । ଏ ମନ୍ଦିର ସହିତ ଅନ୍ୟୂନ ଅଠେଇଶଟି ମନ୍ଦିର ଅଛି—ଏଥି ମଧ୍ୟରୁ ୭ଟି ଉତ୍ତର ଦ୍ୱାରରେ ଓ ୨୨ ଟି ବେଢ଼ା ବାହାରେ ରହିଅଛି ।"

ମନ୍ଦିରତତ୍ତ୍ୱ ବିଶେଷଜ୍ଞ ପ୍ରସିଦ୍ଧ ଐତିହାସିକ ମିଷ୍ଟର ଫର୍ଗୁସନ୍ ମନ୍ଦିରର କାରୁକାର୍ଯ୍ୟ ଓ ସ୍ଥାପତ୍ୟ ବିଷୟରେ ନିମ୍ନଲିଖିତମତେ ବର୍ଣ୍ଣନା କରିଅଛନ୍ତି:—

"ଓଡ଼ିଶାର ଅନ୍ୟାନ୍ୟ ମନ୍ଦିରମାନଙ୍କର ଆକୃତି ସଙ୍ଗେ ଏ ମନ୍ଦିରର ଆକୃତି ସମାନ । ଭୁବନେଶ୍ୱର ଓ ପୁରୀର ବିରାଟ ମନ୍ଦିରମାନଙ୍କର ଆୟତନ ସଙ୍ଗେ ଏହାର ଆୟତନ ପ୍ରାୟ ସମାନ । ମାତ୍ର ଏ ମନ୍ଦିରର ପ୍ରତ୍ୟେକ ଅଂଶ ବିପୁଳ କଳାବୈଭବରେ ପୁରୀ ଓ ଭୁବନେଶ୍ୱର ମନ୍ଦିରମାନଙ୍କର କଳାବୈଭବକୁ ଟପି ଯାଇଅଛି । ବାସ୍ତବିକ ଏ ମନ୍ଦିରର ବିରାଟ ଆକାରକୁ ଚାହିଁଲେ ଅନ୍ତତଃ ଏହାର ବାହାର ପଟ ଯେପରି କାରୁକାର୍ଯ୍ୟଖଚିତ ହୋଇଥିବାର ଦେଖାଯାଏ, ସାରା ପୃଥିବୀରେ ଆଉ କୌଣସି ମନ୍ଦିର ସେପରି କାରୁକାର୍ଯ୍ୟ ଖଚିତ ହୋଇଥିବାର ଦେଖାଯାଏ ନାହିଁ; ଏହା କହିଲେ ସମ୍ଭବତଃ ଅତିରଞ୍ଜିତ ହେବ ନାହିଁ । ମୋର ଅଭିଜ୍ଞତାରୁ ଅନୁଭବ କରି ମୁଁ କହୁଛି ଯେ, ଏ ମନ୍ଦିରର ବହିର୍ଭାଗର କାରୁକାର୍ଯ୍ୟ ଭାରତର ଶ୍ରେଷ୍ଠ କାରୁକାର୍ଯ୍ୟଖଚିତ ମନ୍ଦିରମାନଙ୍କର ବହିର୍ଭାଗର କାରୁକାର୍ଯ୍ୟ ଭିତରେ ଏକତମ ବୋଲି ବିବେଚିତ ହେବ; ମାତ୍ର ଉତ୍ତର ଭାରତରେ କେତେକ ମନ୍ଦିରର ଅଭ୍ୟନ୍ତର ଅପୂର୍ବ ସୁନ୍ଦର । ମନ୍ଦିରର ବିଭିନ୍ନ ଅଂଶ ମଧ୍ୟରେ ଏପରି ସାମଞ୍ଜସ୍ୟ ରହିଅଛି ଓ ପ୍ରତ୍ୟେକ ସୂକ୍ଷ୍ମ ଅଂଶ ଏପରି ସୁସଙ୍ଗତ ହୋଇଅଛି ଯେ ସମୁଦାୟ ମନ୍ଦିରଟି ସମଗ୍ରଭାବରେ ଦେଖିଲେ ମନ ଏକାବେଳକେ ମୁଗ୍ଧ ହୋଇଯାଏ । ଏ ମନ୍ଦିର ସର୍ବତୋରୂପେ ବିଶେଷଭାବରେ ମନୋଜ୍ଞ ।"

ଓଡ଼ିଶା ଇତିହାସ ପ୍ରଣେତା ମିଷ୍ଟର ଷ୍ଟାର୍ଲିଙ୍ଗ୍ ମଧ୍ୟ ନିମ୍ନଲିଖିତ ଭାବରେ କୋଣାର୍କର ଗରିମାମୟ ସ୍ଥାପତ୍ୟ ବର୍ଣ୍ଣନା ଅଛନ୍ତି:—

"ଦ୍ୱାରମାନଙ୍କର ବହିର୍ମୁଖମାନଙ୍କୁ ପରିଶୋଭିତ ଓ ସଜ୍ଜିତ କରୁଥିବା ସୁନ୍ଦର ସୁଚିକ୍କଣ ମୁଗୁନିପଥର ଖଣ୍ଡମାନଙ୍କରେ କାରୁକାର୍ଯ୍ୟ ଫୁଟାଇବା ପାଇଁ ଶ୍ରେଷ୍ଠ କଳାକାର କାରିଗରମାନେ ନିପୁଣ ଭାବରେ ହାତସଫେଇ ଦେଖାଇ ପରିଶ୍ରମ କରିଅଛନ୍ତି । ମନୁଷ୍ୟ, ଜୀବଜନ୍ତୁ, ଗଛପତ୍ର ଓ କାଳ୍ପନିକ ଲତା ପଲ୍ଲବ ଏ ମନ୍ଦିରର ସ୍ଥାପତ୍ୟରେ ଏପରି ନିପୁଣଭାବରେ ଫୁଟିଅଛି ଯେ, ତହିଁରୁ ଶିଳ୍ପୀମାନଙ୍କ ଉଚ୍ଚତରୁଚି ସଙ୍ଗତିଜ୍ଞାନ ଓ ଅବାରିତ ହାତ ସଫେଇର ପରିଚୟ ମିଳୁଅଛି । ଇଉରୋପର ଗଥିକ୍ ଶିଳ୍ପର କେତେକ ଶ୍ରେଷ୍ଠ କାରୁକାର୍ଯ୍ୟ ସହିତ ଏହା ସମକକ୍ଷ ହୋଇ ପାରେ । ଏ ମନ୍ଦିରର କାରୁକାର୍ଯ୍ୟ

Digitized by srujan ka@gmail.com

ଅଛି ମଧ୍ୟ ଏପରି ଅଟୁଟ ଓ ଅକ୍ଷୁଣ୍ଣ ରହିଅଛି ଯେ ତାହା ଦେଖିଲେ ମନେ ହୁଏ, ସତେ ଯେପରି ବର୍ତ୍ତମାନ ଏହା କାରିଗରର ବାଟାଳିରୁ ବାହାରି ଅଛି; ମନ୍ଦିର ଦେହର ପଥର ଅତି କଠିନ ଓ ସ୍ଥାୟୀ ହୋଇ ଥିବାରୁ ଏହା ସମ୍ଭବ ହୋଇଅଛି ।"

କୋଣାର୍କ ମନ୍ଦିର ଉପରେ ବର୍ତ୍ତମାନ ସମଗ୍ର ସଭ୍ୟ ଜଗତର ଆଖି ପଡ଼ିଲାଣି । ଏହି ଶ୍ରେଷ୍ଠ ମନ୍ଦିରକୁ ସଂରକ୍ଷଣ କରିବା ଓ ନୂଆ କରି ତୋଳିବା ନିମନ୍ତେ ଭାରତ ସରକାର ଅଳ୍ପଦିନ ହେଲା କେତେକ ବିଶେଷଜ୍ଞଙ୍କୁ ନେଇ ଗୋଟିଏ କମିଟି ଗଢ଼ିଅଛନ୍ତି ।

(ଛ) ସାକ୍ଷୀଗୋପାଳ

ପୁରୀ ସହରର ଉତ୍ତରରେ ୧୬ ମାଇଲ ଦୂରରେ ଏବଂ ସାକ୍ଷୀ ଗୋପାଳ ରେଳଷ୍ଟେସନ ଠାରୁ ଏକ ମାଇଲରୁ କମ୍ ଦୂରରେ ଥିବା ସତ୍ୟବାଦୀ ଗ୍ରାମରେ ସାକ୍ଷୀଗୋପାଳ ମହାପ୍ରଭୁଙ୍କ ପୀଠ । କିମ୍ବଦନ୍ତୀ ଅଛି ଯେ ଜଣେ ଭକ୍ତ ପକ୍ଷରୁ ସାକ୍ଷ୍ୟ ଦେବା ନିମନ୍ତେ ସାକ୍ଷୀଗୋପାଳ ପ୍ରତିମା ମଥୁରାର ନିକଟ-ବର୍ତ୍ତୀ ବୃନ୍ଦାବନଠାରୁ ପଦବ୍ରଜରେ ବିଦ୍ୟାନଗରକୁ ବିଜେ ଆସିଲେ । ରାଜା ପୁରୁଷୋତ୍ତମ ଦେବ (୧୪୭୦—୧୪୯୭ ଖ୍ରୀଷ୍ଟାବ୍ଦ) ବିଦ୍ୟାନଗରକୁ ଦଖଲ କରି ସାରିବା ପରେ ସେଠାରୁ ସାକ୍ଷୀଗୋପାଳଙ୍କ ପ୍ରତିମାକୁ ସଙ୍ଗରେ ନେଇ ଆସିଥିଲେ । ସେ ପ୍ରଥମେ କଟକରେ ଏ ପ୍ରତିମାକୁ ସ୍ଥାପନ କରିଥିଲେ । ୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀ ଚୈତନ୍ୟ ଏ ମୂର୍ତ୍ତିଙ୍କୁ କଟକରେ ଦର୍ଶନ କରିଥିଲେ । ମୋଗଲ ରାଜତ୍ୱକାଳରେ ଏ ମୂର୍ତ୍ତିଙ୍କୁ ସତ୍ୟବାଦୀରେ ସ୍ଥାପନ କରାଯାଇ ଥିଲା । ସାକ୍ଷୀଗୋପାଳଙ୍କ ମନ୍ଦିର ଯେଉଁ ଟୋଟାଭିତରେ ରହିଅଛି, ତାହାକୁ ଗୁପ୍ତ ବୃନ୍ଦାବନ କହନ୍ତି ।

(ଜ) ଭୁବନେଶ୍ୱର

ଭୁବନେଶ୍ୱର ସହର ଭୁବନେଶ୍ୱର ରେଳଷ୍ଟେସନର ନିକଟବର୍ତ୍ତୀ । ଏ ସହର ତୀର୍ଥରୂପେ ଖ୍ୟାତ ଥିଲା । ଏବେ ଏହା ଓଡ଼ିଶାର ନୂଆ ରାଜଧାନୀରୂପେ ମନୋନୀତ ହୋଇଥିବାରୁ ଏହା ରାଜନୈତିକ ଖ୍ୟାତି ମଧ୍ୟ ଲାଭ କରିଅଛି । ଲିଙ୍ଗରାଜ ମନ୍ଦିର ଭୁବନେଶ୍ୱରର ମନ୍ଦିରମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ । କଳିଙ୍ଗ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଏହା ଶ୍ରେଷ୍ଠ ନିଦର୍ଶନ ଏବଂ ଭାରତର ଅନ୍ୟତମ ଶ୍ରେଷ୍ଠ କାରୁକାର୍ଯ୍ୟଖଚିତ ପୂତ କୀର୍ତ୍ତି । ୫୨୦ ଫୁଟ × ୪୬୫ ଫୁଟ ପରିମିତ ଗୋଟିଏ ବିସ୍ତୀର୍ଣ୍ଣ ହତା ମଧ୍ୟରେ ଅନେକଗୁଡ଼ିଏ ଛୋଟ ମନ୍ଦିରର ମଧ୍ୟ ଭାଗରେ ଲିଙ୍ଗରାଜ ମନ୍ଦିର ବିରାଜିତ । ମନ୍ଦିର ଚାରିପଟେ ପଥରର ପାଚେରୀଟିଏ ବୁଲିଛି । ଓଡ଼ିଶାର ମନ୍ଦିରମାନଙ୍କ ଭିତରେ ମୋଟାମୋଟି ଭାବରେ ଦେଖିଲେ ଲିଙ୍ଗରାଜ ମନ୍ଦିର ଓଡ଼ିଶୀ କାରୁକାର୍ଯ୍ୟର ସର୍ବୋତ୍ତମ ନିଦର୍ଶନ । କେବଳ ଜଗନ୍ନାଥ ଓ କୋଣାର୍କ ମନ୍ଦିରମାନଙ୍କ ବ୍ୟତୀତ ଅନ୍ୟ ସବୁ ମନ୍ଦିରକୁ ଅତି ଓ ସୂକ୍ଷ୍ମ କାରୁକାର୍ଯ୍ୟରେ ଏ ମନ୍ଦିର ବଳି ଯାଇଅଛି । ଏଥିରେ ମୂର୍ତ୍ତିମାନଙ୍କର ବିନ୍ୟାସ, ଖୋଦନପ୍ରଣାଳୀ ଓ କାରିଗରିର ମୌଳିକତା ଅନେକ ସ୍ଥଳରେ ଅନ୍ୟାନ୍ୟ ମନ୍ଦିରଠାରୁ ଉତ୍କୃଷ୍ଟତର ।

Digitized by srujan ka@gmail.com

ଭୁବନେଶ୍ୱରରେ ଅନ୍ୟ କେତେକ ମନ୍ଦିର ଅଛି । ସେସବୁର କାରୁକାର୍ଯ୍ୟ ଲିଙ୍ଗରାଜ ମନ୍ଦିରର କାରୁକାର୍ଯ୍ୟଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ ।

(୪) ମୁକ୍ତେଶ୍ୱର ମନ୍ଦିର

ଏ ମନ୍ଦିରକୁ ଦେଖିଲେ ମନେ ହୁଏ ସତେ ଯେପରି ଏହା 'ବାଲିଆ ପଥରରେ ରଚିତ ଗୋଟିଏ ସ୍ୱପ୍ନପୁରୀ !' ଏହା କାରୁକାର୍ଯ୍ୟର ଗୋଟିଏ କ୍ଷୁଦ୍ର ମଞ୍ଜୁମଣି । ଭୁବନେଶ୍ୱର ମନ୍ଦିରମାନଙ୍କ ମଧ୍ୟରେ ଏହା ସବୁଠାରୁ ମନୋଜ୍ଞ ଓ ସୁନ୍ଦର । ଓଡ଼ିଶାର ସ୍ଥାପତ୍ୟ ଏହି ମନ୍ଦିରରେ ହିଁ ଯେପରି ପୂର୍ଣ୍ଣତା ପ୍ରାପ୍ତ ହୋଇଅଛି । କାଳର ହଜାର ହଜାର ବର୍ଷର ଧ୍ୱଂସକାରୀ ପ୍ରଭାବରେ ମଧ୍ୟ ଏହାର ସୌନ୍ଦର୍ଯ୍ୟ ମଉଳି ପଡ଼ି ନାହିଁ । ଏହାର ଉଚ୍ଚତା ମୋଟେ ୩୫ ଫୁଟ । ଏହାର ବିମାନର ଉଚ୍ଚତା ୨୫ ଫୁଟ । ମାତ୍ର ମନ୍ଦିରର ଅଂଶମାନ ଏପରି ସୁସଂଲଗ୍ନ ହୋଇଛି ଏବଂ ଏପରି ଖାପ ଖାଇଅଛି ଯେ ଏଥିରେ କୌଣସି ଅଂଶରେ କୌଣସି ଜିନିଷ କ୍ଷୁଦ୍ର ବୃହତ୍ ବା ସାଧାରଣ ବୋଲି ଆଖିକୁ ଦେଖାଯାଏ ନାହିଁ । ଏଥିରେ ଯାହା ଅଛି ତାହା ସବୁ ଅନିନ୍ଦ୍ୟସୁନ୍ଦର । ଏହା ପ୍ରଚୁର କାରୁକାର୍ଯ୍ୟରେ ପରିପୂର୍ଣ୍ଣ । ଅତୀବ ଯତ୍ନ ଓ ଅତି ଉନ୍ନତ ରୁଚି ନେଇ ଏହାର କଳା ସମ୍ପାଦିତ ହୋଇଅଛି । ଏ ମନ୍ଦିର ୮ମ ଶତାବ୍ଦୀର ଗଢ଼ି ।

(୫) ରାଜରାଣୀ ମନ୍ଦିର

ଉତ୍କଳୀୟ କଳା ମଧ୍ୟରେ ଏହା ଗୋଟିଏ ସମୁଜ୍ଜ୍ୱଳ ରତ୍ନ । ଏ ମନ୍ଦିରଟି ବହିଲ ମୂର୍ତ୍ତିରେ ଏପରି ଭାବରେ ସଜ୍ଜିତ ହୋଇଅଛି ଯେ ଏଥିରେ ଆଲୋକ ଓ ଛାୟାର ଅପୂର୍ବ ବିଳାସ ସମ୍ଭବ ହୋଇ ପାରିଅଛି । ଏହାର ସୂକ୍ଷ୍ମ ଅଂଶଗୁଡ଼ିକ ଅତୀବ ମନୋହର । ଏ ମନ୍ଦିର ୧୦୦୦ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିବାର ଅନୁମାନ । ମନ୍ଦିରଟିର ଥିବା ପ୍ରତ୍ୟେକ ପଥରଟିରେ ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ଛାଞ୍ଚରେ କଳା ଫୁଟାଯାଇ ଅପୂର୍ବ ବୈଚିତ୍ର୍ୟ ସୃଷ୍ଟି କରାଯାଇଅଛି । ଦର୍ଶକର ଆଖି ଏହାକୁ ଦେଖି ଯେପରି କ୍ଲାନ୍ତ ଅନୁଭବ ନ କରେ ସେଥିପାଇଁ ଏତେ ପ୍ରକାର ବୈଚିତ୍ର୍ୟ ଏଥିରେ ଫୁଟାଯାଇଅଛି । ଭୁବନେଶ୍ୱର ମନ୍ଦିରମାନଙ୍କରେ ଉତ୍କଳୀୟ କଳାର ଗୋଟିଏ ବିଶେଷତ୍ୱର ନିଦର୍ଶନ ମିଳେ, ଅର୍ଥାତ୍ ବିରାଟ ବିରାଟ ପ୍ରସ୍ତରଖଣ୍ଡମାନଙ୍କର ବ୍ୟବହାର ସଙ୍ଗେ ସଙ୍ଗେ ସୂକ୍ଷ୍ମାତିସୂକ୍ଷ୍ମ ପ୍ରଚୁର ଅଳଙ୍କାରରେ ସେସବୁକୁ ଅମୂଳଚୂଳ ଭୂଷିତ କରାଯାଇଛି ।

(୬) କେଦାରଗୌରୀ ଓ ଗୌରୀ କୁଣ୍ଡ

ଗୌରୀକୁଣ୍ଡ ଗୋଟିଏ ଛୋଟ ପୁଷ୍କରିଣୀ । ଏହା ୭୦ ଫୁଟ ଲମ୍ବା ଓ ୨୮ ଫୁଟ ଚଉଡ଼ା । ଏହାର ଜଳ ସାମାନ୍ୟ ଉଷ୍ଣ ଓ ସ୍ୱାଦ ମଧୁର । ଏହା ନିକଟରେ କେଦାରଗୌରୀ ଝରଣା । ଏ ଝରଣା ପାଣିର ରୋଗହାରକ ଗୁଣ ଅଛି ।

Digitized by srujan ka@gmail.com

(ଠ) ଧଉଳି ଗୁମ୍ଫା

ଭୁବନେଶ୍ୱରର ଦକ୍ଷିଣ-ପଶ୍ଚିମ ଦିଗରେ ଧଉଳିଗିରିରେ ଏହି ଗୁମ୍ଫା ରହିଅଛି । ଏଠାରେ ଅଶୋକଙ୍କର ଅନୁଶାସନ ଅଛି ।

(ଡ) ଉଦୟଗିରି ଗୁମ୍ଫା

ଭୁବନେଶ୍ୱରର ଉତ୍ତର ପଶ୍ଚିମ ପଟେ ଛଅମାଇଲ ଦୂରରେ ଅବସ୍ଥିତ । ଏଠାରେ ସମ୍ରାଟ ଖାରବେଳଙ୍କ ଶିଳାଲିପି ଖୋଦିତ ହୋଇଅଛି । ଏଭଳି ଶିଳାଲିପି ଭାରତରେ ଅନ୍ୟତ୍ର କୁଆପି ଦେଖାଯାଏ ନାହିଁ । କାରଣ ଏଥିରେ ଖାରବେଳଙ୍କ ରାଜତ୍ୱର ବାର୍ଷିକ ବିବରଣୀମାନ ଲିପିବଦ୍ଧ ହୋଇଅଛି । ଭାରତର ଶିଳାଲିପିରେ ଏଭଳି ବାର୍ଷିକ ବିବରଣୀ କୌଣସିଠାରେ ଦେଖାଯାଏ ନାହିଁ । ପୁଣି ସମ୍ରାଟଙ୍କ ଗଠନମୂଳକ କାର୍ଯ୍ୟ ଓ ପାରିବାରିକ ଘଟଣାର ବିବରଣ ସଙ୍ଗେ ସଙ୍ଗେ ଏଥିରେ ବୈଦେଶିକ ବ୍ୟାପାର ଓ ସାମରିକ ଅଭିଯାନମାନ ଉଲ୍ଲେଖ ହୋଇଅଛି ।

(ଢ) ଚିଲିକା

ଚିଲିକା ହ୍ରଦ ପୁରୀ ଜିଲ୍ଲାର ଦକ୍ଷିଣରେ ଅବସ୍ଥିତ । ଏହା ଗଞ୍ଜାମ ଜିଲ୍ଲା ଭିତରକୁ ମଧ୍ୟ ବିସ୍ତାରିତ ହୋଇଅଛି । ପଟୁମାଟି ଦ୍ୱାରା ଗଠିତ କେତେକ ଦ୍ୱୀପ ଓ ଜନପ୍ରାଣୀଶୂନ୍ୟ ୨୦୦ ଗଜ ଦୈର୍ଘ୍ୟର ଗୋଟିଏ ବାଲିବନ୍ଧଦ୍ୱାରା ଏହା ବଙ୍ଗୋପସାଗରରୁ ବିଚ୍ଛିନ୍ନ ହୋଇଅଛି । ଅନ୍ୟ ଗୋଟିଏ ବାଲିବନ୍ଧ ବାଟେ ଚିଲିକାରେ ବଙ୍ଗୋପସାଗରର ପାଣି ପଶିଥାଏ ।

ଚିଲିକା ହ୍ରଦରେ ନାନା ପ୍ରକାର ଶୋଭା ପରିଦୃଷ୍ଟ ହୁଏ । ସ୍ଥାନେ ସ୍ଥାନେ ଦୃଶ୍ୟ ଅତୀବ ମନୋରମ । ଏ ହ୍ରଦରେ ସବୁପ୍ରକାର ମାଛ ଯଥେଷ୍ଟ ପରିମାଣରେ ଅଛନ୍ତି । ବଡ଼ ଚିଙ୍ଗୁଡ଼ି ଓ ବଡ଼ କଙ୍କଡ଼ା ବହୁତ ଦେଖାଯାନ୍ତି । ସମୁଦ୍ର ନିକଟରେ ହ୍ରଦର ଦକ୍ଷିଣ ଦିଗରେ ଗଭୀର ଓ ପ୍ରଣାଳୀମାନ ହେଉଛି ବଡ଼ ବଡ଼ ମାଛମାନଙ୍କ ଜାଗା ।

ସବୁପ୍ରକାର ଜଳଚର ପକ୍ଷୀ ଓ ବିଶେଷ କରି ଶୀତକାଳରେ ବହୁସଂଖ୍ୟକ ପାତିହଂସ ହ୍ରଦର ସବୁ ଅଞ୍ଚଳରେ ଦେଖାଯାଆନ୍ତି । ଦ୍ୱୀପମାନଙ୍କରେ ଓ ଉପକୂଳରେ ବହୁତ ମିରିଗ ଓ ହରିଣ ଦେଖାଯାନ୍ତି । ଚିଲିକାରୁ ପ୍ରଚୁର ପରିମାଣରେ ମାଛ କଲିକତାକୁ ରପ୍ତାନି ହୁଏ ।

Digitized by srujan ka@gmail.com

ତୃତୀୟ ଅଧ୍ୟାୟ

୧୯୬୯ ମସିହାର ନବକଳେବର ଯାତ୍ରା ଉପଲକ୍ଷେ ପୁରୀକୁ ଆସୁଥିବା ଯାତ୍ରୀ ଓ ପରିଦର୍ଶକମାନଙ୍କର କଅଣ ଜାଣିବା ଓ ମନେ ରଖିବା ଦରକାର

୧୯୬୯ ମସିହାର ନବକଳେବର ଯାତ୍ରା ଉପଲକ୍ଷେ ପୁରୀକୁ ଆସୁଥିବା ଯାତ୍ରୀମାନଙ୍କର ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ନିମନ୍ତେ ନିମ୍ନଲିଖିତ ମତେ ବିଶେଷ ପୋଲିସ ଓ ସ୍ୱାସ୍ଥ୍ୟମୂଳକ ବ୍ୟବସ୍ଥାମାନ କରାଯାଇଅଛି—

(କ) ପୁଲିସ ବ୍ୟବସ୍ଥା

ପୁରୀରେ ନିମ୍ନଲିଖିତ ସ୍ଥାନମାନଙ୍କରେ ପୋଲିସ ପହରା ଦଳ ଓ ଅନୁସନ୍ଧାନକାରୀ ଦଳ ରଖାଯାଇ ଅଛନ୍ତି । ସେମାନଙ୍କ ସହିତ ଟେଲିଫୋନ ସମ୍ପର୍କର ବ୍ୟବସ୍ଥା କରାଯାଇଅଛି ।

୧ । ଡ୍ରିଷ୍ଟ୍ରିକ୍ଟ ଇଣ୍ଟେଲିଜେନ୍ସ ବ୍ୟୁରୋ ଅଫିସ, ଚକତୀର୍ଥ
୨ । ସମୁଦ୍ରକୂଳ ଓ. ପି. ଫ୍ଲାଗ ଷ୍ଟାଫ୍
୩ । ସିଂହଦ୍ୱାର ଫାଣ୍ଡି
୪ । ଟାଉନ ଥାନା
୫ । ଗୁଣ୍ଡିଚାବାଡ଼ି ଫାଣ୍ଡି
୬ । କୁମାରପଡ଼ା ଫାଣ୍ଡି
୭ । ବାସେଲିସାହି ଫାଣ୍ଡି
୮ । ସ୍ୱର୍ଗଦ୍ୱାର (ନିଜ ସି ବିଚ୍) ଫାଣ୍ଡି

ଦାୟିତ୍ୱପୂର୍ଣ୍ଣ ପୋଲିସ ସବ୍‌ଇନ୍‌ସପେକ୍ଟରମାନେ ଏସବୁ ପ୍ରତ୍ୟେକ କେନ୍ଦ୍ରର ଭାର ନେଇ ଅଛନ୍ତି । ଏମାନେ ଇନ୍‌ସପେକ୍ଟର ଓ ଡି. ଏସ୍. ପି. ମାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରିବେ । ସହରରେ ଓ ବାହାର ଗଳି ଅଞ୍ଚଳରେ ଓ ନିମ୍ନଲିଖିତ ରାସ୍ତାମାନଙ୍କରେ ସର୍ଜେଣ୍ଟ ଓ ସର୍ଜେଣ୍ଟ ମେଜରମାନେ ପହରାଦିଆ କାର୍ଯ୍ୟର ତତ୍ତ୍ୱାବଧାନ କରିବେ ।

୧ । କୁମାରପଡ଼ା—ଚନ୍ଦନପୁର
୨ । ଚନ୍ଦନପୁର—ସତ୍ୟବାଦୀ
୩ । ସତ୍ୟବାଦୀ—ସାତଶଙ୍ଖ
୪ । ସାତଶଙ୍ଖ—ପିପିଲି
୫ । ପିପିଲି—ସରଦେଇ ପୁର
୬ । ସରଦେଇପୁର—ଭୁବନେଶ୍ୱର

ମାଲିମକଦ୍ଦମା ଭିଡ଼ିଲ ଚକ୍ରଲ ଛଣ୍ଡାଇ ଦେବା ସକାଶେ ଭ୍ରାମ୍ୟମାଣ କୋର୍ଟ ଓ ମକଦ୍ଦମା ଚଳାଇବା କର୍ମଚାରୀ ନିଯୁକ୍ତ ହୋଇଅଛନ୍ତି ।

Digitized by srujan ka@gmail.com

ପୁଲିସର କର୍ତ୍ତବ୍ୟ ହେଉଛି—

(କ) ଅପରାଧ ନିବାରଣ କରିବା
(ଖ) ବୃଦ୍ଧ ଓ ଅକ୍ଷମ ବ୍ୟକ୍ତିଙ୍କୁ ହେପାଜତ କରିବା ।
(ଗ) ସର୍ବସାଧାରଣଙ୍କୁ ସବୁପ୍ରକାର ସମ୍ଭବପର ସାହାଯ୍ୟ ଦେବା ।
(ଘ) ସମୁଦ୍ର କୂଳରେ ପହରା ଦେବାର ବ୍ୟବସ୍ଥା କରିବା ଏବଂ କେହି ଯେପରି ବୁଡ଼ି ନ ମରନ୍ତି, ସେଥିପ୍ରତି ଦୃଷ୍ଟି ଦେବା ।
(ଙ) ମାରାତ୍ମକ ସଂକ୍ରାମକ ରୋଗ ହେଲେ ରୋଗୀର ଚିକିତ୍ସା କରିବାର ବ୍ୟବସ୍ଥା କରିବା ।
(ଚ) ଗୁଣ୍ଡାମୀ ବନ୍ଦ କରିବା ଓ ମହିଳାମାନଙ୍କ ପ୍ରତି ଯେପରି କେହି ଦୁର୍ବ୍ୟବହାର ନ କରେ ତହିଁର ବ୍ୟବସ୍ଥା କରିବା ।
(ଛ) ସମସ୍ତ ଅପ୍ରୀତିକର ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ଏବଂ ମାରାତ୍ମକ ସଂକ୍ରାମକ ରୋଗ ହୋଇଥିବା ଲୋକଙ୍କୁ ରାସ୍ତାରୁ ଅଲଗା ରଖିବା, ଭିକାରୀମାନଙ୍କୁ ରାସ୍ତାକୁ ଛାଡ଼ି ନ ଦେବା ।
(ଜ) ବୁଲା ଗୋରୁଗାଈଙ୍କୁ ରାସ୍ତାରୁ ବାହାର କରି ଦେବା ।
(ଝ) ମ୍ୟୁନିସିପାଲ ବାଇ-ଲ ଓ ଅନ୍ୟାନ୍ୟ ସ୍ଥାନୀୟ ଆଇନ ଅନୁଯାୟୀ ଅପରାଧୀଙ୍କୁ ଧରିବା ।
(ଞ) ଧର୍ମଶାଳା, ବସାଘର ଓ ହୋଟେଲ ପାଖରେ ତଥା ସନ୍ଦେହଜନକ ସ୍ଥଳରେ ବୁଲୁଥିବା ବିଦେଶୀମାନଙ୍କ ଉପରେ ନଜର ରଖିବ ।
(ଟ) ଯାନବାହନ ନିୟନ୍ତ୍ରଣ କରିବା ଏବଂ
(ଠ) ପୋଖରୀ ପ୍ରଭୃତି ଯେପରି ଦୂଷିତ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବା ।

ହଜିଯାଇଥିବା ଲୋକମାନଙ୍କ ନାମ ଧରି ଡାକିବା ଓ ସର୍ବସାଧାରଣଙ୍କ ଜାଣିବାକାରଣ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖବର ଘୋଷଣା କରିବା ସକାଶେ ପୋଲିସ ଲାଉଡ୍‌ସ୍ପିକର (ଡାକବାଜା ଯନ୍ତ୍ର) ବ୍ୟବହାର କରିବେ । ନିଜ ହିତଦୃଷ୍ଟିରୁ ସର୍ବଦା ଏ ସବୁ ଘୋଷଣା ପ୍ରତି ବିଶେଷ ଧ୍ୟାନ ଦେବା ସକାଶେ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଉ ଅଛି । ସମୁଦ୍ରରେ ଗାଧୋଉଥିବାବେଳେ ଯଦି କୌଣସି ଆକସ୍ମିକ ବିପଦ ଘଟେ, ତେବେ ତେତେବେଳେ ସାହାଯ୍ୟ ଦେବା ସକାଶେ ପୋଲିସ ବୋଟ ଓ ନାଳିଆ ମଧ୍ୟ ମିଳିବେ ।

ଏ ପ୍ରଦେଶରେ ବି. ଏନ. ଆର୍‌ର ପୂର୍ବ ଉପକୂଳ ଲାଇନରେ ସବୁ ବଡ଼ ବଡ଼ ଷ୍ଟେସନରେ ପୋଲିସ ଅଫିସରମାନେ ମୁତୟନ ହୋଇ ଅଛନ୍ତି । ଏ କର୍ମଚାରୀମାନେ ପ୍ଲାଟଫର୍ମରେ କାମ କରିବେ, ଯାନ ବାହନ ରଖିବା ପ୍ରତି ନଜର ଦେବେ, ରାସ୍ତାରେ ପହରା ଦେବେ ଓ ସ୍ଥାନ ବିଶେଷରେ

Digitized by srujan ka@gmail.com

ପହରା ଦେବେ । ଆଇନ ଶୃଙ୍ଖଳା ରକ୍ଷା କରିବାରେ ଏବଂ ଠକାମି ଓ ପକେଟମାରୁ ଦମନ ତଥା ନିବୃତ୍ତ କରିବାରେ ଏ କର୍ମଚାରୀମାନଙ୍କୁ ରେଳବାଇ ଅଫିସରମାନଙ୍କ ସହିତ ସହଯୋଗ କରିବାକୁ ହେବ । ଏ ପ୍ରଦେଶକୁ ଆସୁଥିବା ରେଳଗାଡ଼ିରେ ପୋଲିସ ପହରାର ବ୍ୟବସ୍ଥା କରାଯାଇଅଛି ।

(ଖ) ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା

ଯାତ୍ରୀମାନଙ୍କର ଏବଂ ପ୍ରଦେଶର ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ସକାଶେ ବିସ୍ତୃତ ଭାବରେ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା କରାଯାଇଅଛି । ପୁରୀ ସହରର ସ୍ୱାସ୍ଥ୍ୟରକ୍ଷା ଏବଂ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବାର ଦାୟିତ୍ୱ ପ୍ରଧାନତଃ ପୁରୀ ମ୍ୟୁନିସିପାଲିଟି, ପୁରୀ ଭଡ଼ାଘର କମିଟି ଏବଂ ପୁରୀ ଜିଲ୍ଲାବୋର୍ଡ଼ର ହେଲେ ସୁଦ୍ଧା, ଓଡ଼ିଶା ସରକାର ବର୍ତ୍ତମାନ ପରିସ୍ଥିତିରେ ସେମାନଙ୍କୁ ସାହାଯ୍ୟ କରୁଛନ୍ତି । ଔଷଧପତ୍ର, ଯନ୍ତ୍ରପାତି ଏବଂ ରୋଗୀ ନେବା ଆଣିବା ପାଇଁ ଓ ଖଟିଆ ମଟର ପ୍ରଭୃତିର ଖର୍ଚ୍ଚ ତୁଲାଇବା ପାଇଁ ସରକାର ଟଙ୍କା ସାହାଯ୍ୟ ଦେଇଛନ୍ତି । ଏହାଛଡ଼ା ମାଗଣାରେ କଲେରା ଇଞ୍ଜେକ୍‌ସନ୍, ଟୀକା ଏବଂ କାମ କରିବାକୁ ଅନେକ ସ୍ୱାସ୍ଥ୍ୟବିଭାଗ ମେଡ଼ିକାଲ୍ ଅଫିସର, ସବ୍ ଆସିଷ୍ଟାଣ୍ଟ ସର୍ଜନ ଏବଂ ହେଲଥ ଇନ୍‌ସପେକ୍ଟରଙ୍କୁ ଯୋଗାଇ ଦିଆଯାଇଅଛି ।

୧୮୯୭ ମସିହାର "ଭାରତୀୟ ସଂକ୍ରାମକ ରୋଗ ଆଇନ" ଅନୁସାରେ ପୁରୀ ମ୍ୟୁନିସିପାଲିଟି ଅଞ୍ଚଳ, ଷ୍ଟେସନ ପାଖ ଅଞ୍ଚଳ, ଭୁବନେଶ୍ୱର ଷ୍ଟେସନ ଅଞ୍ଚଳସମେତ ଭୁବନେଶ୍ୱରର ବିଜ୍ଞାପିତ ଅଞ୍ଚଳ ସାକ୍ଷୀଗୋପାଳ ରେଳବାଇ ଷ୍ଟେସନ ଏବଂ ଯାଜପୁର ମ୍ୟୁନିସିପାଲିଟି ଅଞ୍ଚଳରେ ଅସ୍ଥାୟୀ ନିୟମସବୁ ପ୍ରଚଳନ କରାଯାଇ କଲେରା ଇଞ୍ଜେକ୍‌ସନକୁ ବାଧ୍ୟତାମୂଳକ କରାଯାଇଅଛି । ପୁରୀ ସହରକୁ ଯାଇଥିବା ବଡ଼ ରାସ୍ତାରେ ଇଞ୍ଜେକସନ କେନ୍ଦ୍ର ସ୍ଥାପନ କରାଯାଇଅଛି । ଗାଡ଼ିରେ ଏବଂ ମଟରରେ ଯେଉଁ ଯାତ୍ରୀମାନେ ଯିବେ, ସେମାନଙ୍କୁ ଇଞ୍ଜେକ୍‌ସନ ଦେବାପାଇଁ ବ୍ୟବସ୍ଥା କରାଯାଇଅଛି । ଯେଉଁମାନେ ଇଞ୍ଜେକ୍‌ସନ୍ ନେଇଛନ୍ତି ବୋଲି ସାର୍ଟିଫିକେଟ୍ ଦେଖାଇବେ, କେବଳ ସେହିମାନଙ୍କୁ ରେଲଟିକେଟ୍ ବା ମଟର ଟିକେଟ୍ ଦେବାପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଅନୁରୋଧ କରାଯାଇଅଛି । ବଡ଼ ସ୍ଥାନରେ ବିଶେଷତଃ ବାଲେଶ୍ୱର, ବୈତରଣୀ ରୋଡ଼, ଯାଜପୁର ରୋଡ଼, କଟକ, ଭୁବନେଶ୍ୱର ଏବଂ ସାକ୍ଷୀଗୋପାଳ ରେଳବାଇ ଷ୍ଟେସନମାନଙ୍କରେ କୌଣସି ଯାତ୍ରୀ ସଂକ୍ରାମକ ରୋଗରେ ପୀଡ଼ିତ ହୋଇଛନ୍ତି ବୋଲି ଜଣାପଡ଼ିଲେ, ତାଙ୍କର ପ୍ରାଥମିକ ଚିକିତ୍ସା କରିବାପାଇଁ ଏବଂ ଔଷଧପତ୍ର ଦେବା ସକାଶେ ବ୍ୟବସ୍ଥା କରାଯାଇଅଛି ।

ଓଡ଼ିଶାର ସବୁ ଜିଲ୍ଲା ଏବଂ ମ୍ୟୁନିସିପାଲିଟି ହେଲଥ୍ ଅଫିସର ଏବଂ ଅନ୍ୟାନ୍ୟ ପ୍ରଦେଶର ସାଧାରଣ ସ୍ୱାସ୍ଥ୍ୟବିଭାଗ ଡିରେକ୍ଟରମାନଙ୍କୁ ଅନୁରୋଧ କରାଯାଇଅଛି ଯେ, ସେମାନଙ୍କ ଅଞ୍ଚଳରୁ ଯେଉଁମାନେ ପୁରୀ ଆସିବାପାଇଁ ଇଚ୍ଛା କରୁଛନ୍ତି, ସେମାନଙ୍କୁ କଲେରା ପ୍ରତିଷେଧକ ଇଞ୍ଜେକ୍‌ସନ ଏବଂ ବସନ୍ତ ପ୍ରତିଷେଧକ ଟୀକା ଦେବାର ବ୍ୟବସ୍ଥା କରିବା ଦରକାର ।

Digitized by srujan ka@gmail.com

ଛତ୍ରାଘର, ସରାଇ ଏବଂ ଧର୍ମଶାଳାମାନଙ୍କ ଛଡ଼ା ଯାତ୍ରୀମାନଙ୍କର ରହିବା ସକାଶେ ପୁରୀ ସହରରେ ଅସ୍ଥାୟୀ ଅଧିକ ବ୍ୟବସ୍ଥା କରାଯାଇଅଛି । ଯାତ୍ରା ଦିନମାନଙ୍କରେ ଦିନରାତି ସବୁବେଳେ ମାଗଣା ପାଣି ଯୋଗାଇ ଦେବାପାଇଁ ପୁରୀ ୱାଟର୍ ୱାର୍କସ୍ କମିଟିକୁ ଅନୁରୋଧ କରାଯାଇଛି ।

ସଂକ୍ରାମକ ରୋଗୀଙ୍କର ଚିକିତ୍ସା କରିବାପାଇଁ ପୁରୀର "ସଂକ୍ରାମକ ରୋଗ ହାସପାତାଳ"ରେ ବିସ୍ତୃତ ବ୍ୟବସ୍ଥା କରାଯାଇଅଛି । ସେଥିପାଇଁ ଔଷଧପତ୍ର ଖର୍ଚ୍ଚ କରିବାକୁ ଗ୍ରାଣ୍ଟ ଉପରେ ଅଧିକା ଟ ୮୦୦୦୯ ମଞ୍ଜୁର କରାଯାଇଛି । ଆମ୍ବୁଲାନ୍ସ ସବୁ ରଖାଯାଇଛି । ଏହି ମଟରଗାଡ଼ି ସବୁ ସହରରେ ଏବଂ ପ୍ରଧାନ ରାସ୍ତାରେ ଯାତାୟତ କରିବ ଏବଂ ସଂକ୍ରାମକ ରୋଗରେ ପୀଡ଼ିତ ରୋଗୀମାନଙ୍କୁ ନେଇ "ସଂକ୍ରାମକ ରୋଗ ହାସପାତାଳ"ରେ ଛାଡ଼ିଦେଇ ଆସିବ; ପୁରୀ ବ୍ୟତୀତ ଅନ୍ୟାନ୍ୟ ଅଞ୍ଚଳର ରୋଗୀମାନଙ୍କୁ ନିକଟବର୍ତ୍ତୀ ହାସପାତାଳକୁ ନେଇଯିବ ।

ଜଣେ ବିଶେଷଜ୍ଞ ମେଡ଼ିକାଲ୍ ଅଫିସରଙ୍କ ତତ୍ତ୍ୱାବଧାନରେ ପୁରୀରେ ଗୋଟିଏ ସ୍ୱତନ୍ତ୍ର ଲାବରେଟରୀ ବା ଗବେଷଣାଗାର ସ୍ଥାପନ କରାଯାଇଅଛି । ସେଠାରେ କଲେରା ଏବଂ ଆମାଶୟ ରୋଗୀମାନଙ୍କୁ ପରୀକ୍ଷା କରାଯିବ ଯାତ୍ରୀମାନଙ୍କର ନିରାପତ୍ତା ପାଇଁ ଓ ସେମାନଙ୍କୁ ପରାମର୍ଶ ଦେବାପାଇଁ ଯେ କି ବ୍ୟବସ୍ଥା କରାଯାଇଅଛି ସେ ବିଷୟ ପ୍ରଚାର କରିବା ନିମନ୍ତେ ସ୍ୱାସ୍ଥ୍ୟବିଭାଗ ଡିରେକ୍ଟରଙ୍କ ଅଫିସ୍‌ର ସ୍ୱାସ୍ଥ୍ୟ କର୍ମଚାରୀ ଦଳଙ୍କୁ ଅନୁରୋଧ କରାଯାଇଅଛି । ଯାତ୍ରୀ ଏବଂ ଦର୍ଶକମାନେ ସେମାନଙ୍କ ରୋଗର ଚିକିତ୍ସା କରିବାପାଇଁ ଚାହିଁଲେ, ସେମାନଙ୍କୁ ପୁରୀର ସରକାରୀ ହେଡ଼କ୍ୱାଟର ହାସପାତାଳରେ ଗ୍ରହଣ କରାଯିବ । ଏଥିପାଇଁ ପୁରୀର ସରକାରୀ ହେଡ଼କ୍ୱାଟର ହାସପାତାଳ ଏବଂ ସଂକ୍ରାମକ ରୋଗ ହାସପାତାଳରେ ବିଶେଷ ବ୍ୟବସ୍ଥା କରାଯାଇଅଛି । ସାକ୍ଷୀଗୋପାଳର ସରକାରୀ ହାସପାତାଳରେ ମଧ୍ୟ ତଦ୍ରୂପ ବ୍ୟବସ୍ଥା କରାଯାଇଛି ।

ଉପଯୁକ୍ତ ସ୍ୱାସ୍ଥ୍ୟରକ୍ଷା ଏବଂ ରୋଗ ନିବାରଣ ପାଇଁ ପୁରୀ ସହରକୁ କେତେଗୁଡ଼ିଏ ଭିତର ଏବଂ ବାହାର ସ୍ୱାସ୍ଥ୍ୟରକ୍ଷା ସର୍କଲରେ ବିଭକ୍ତ କରାଯାଇଅଛି । ଭିତର ସର୍କଲକୁ ପୁଣି ୭ ଭାଗରେ ବିଭକ୍ତ କରାଯାଇଅଛି ଏବଂ ଉକ୍ତ ୟୁନିଟ୍ ଗୁଡ଼ିକର ହେଡ଼କ୍ୱାର୍ଟର ହେଉଛି—ଲକ୍ଷ୍ମୀ ବଜାର, ଗାଣ୍ଡ୍ରୁ ଅଟଡ଼ା, ରାଧାକାନ୍ତ ମଠ, ମ୍ୟୁନିସିପାଲ ମାର୍କେଟ, ନରେନ୍ଦ୍ରକୋଣ ପ୍ରତ୍ୟେକ ୟୁନିଟ୍‌ରେ ଜଣେ ଲେଖାଏ ହେଲଥ୍ ଅଫିସର ଓ ଜଣେ ହେଲଥ୍ ଇନସ୍‌ପେକ୍ଟର ଅଛନ୍ତି । ସେମାନେ ତାଙ୍କ ଦାୟିତ୍ୱରେ ଥିବା ଅଞ୍ଚଳର ସ୍ୱାସ୍ଥ୍ୟରକ୍ଷା ପ୍ରତି ଦୃଷ୍ଟି ଦେବେ ଏବଂ ଯାତ୍ରୀମାନଙ୍କୁ ଇଞ୍ଜେକ୍‌ସନ ବା ଟୀକା ଦେବାର ବ୍ୟବସ୍ଥା କରିବେ ।

ଗରିବ ଯାତ୍ରୀମାନେ ସାଧାରଣତଃ ଗୁଣ୍ଡିଚା ମନ୍ଦିର ଏବଂ ନରେନ୍ଦ୍ରକୋଣ ନିକଟରେ ଖୋଲା ଆକାଶତଳେ ଆଶ୍ରୟ ନେଇଥାନ୍ତି । ସାଧାରଣତଃ ଏହି ଯାତ୍ରୀମାନଙ୍କ ମଧ୍ୟରେ ରୋଗ ଆରମ୍ଭ ହୋଇ ସହରର ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପେ । ତେଣୁ ଏହି ଦୁଇଟି ସ୍ଥାନରେ ୨ଟି କ୍ୟାମ୍ପ ସ୍ଥାପନ କରାଯାଇଅଛି

Digitized by srujan ka@gmail.com

ପ୍ରତ୍ୟେକ କ୍ୟାମ୍ପ ଦାୟିତ୍ୱରେ ଜଣେ ହେଲଥ୍ ଇନସ୍‌ପେକ୍ଟର, ଜଣେ ମୁକଦ୍ଦମ ଏବଂ ଜଣେ ମେହେନ୍ତର ଅଛନ୍ତି । ସେମାନଙ୍କର କର୍ତ୍ତବ୍ୟ ହେଉଛି ଯେ ଉକ୍ତ ସ୍ଥାନର ସ୍ୱାସ୍ଥ୍ୟରକ୍ଷା ପ୍ରତି ସେମାନେ ଦୃଷ୍ଟି ଦେବେ । ଏହିସବୁ ସ୍ଥାନରେ ଆଶ୍ରୟ ନେବାପାଇଁ ଯେଉଁ ଯାତ୍ରୀମାନେ ଆସିବେ, ସେମାନଙ୍କୁ ରୋଗର ପ୍ରତିଷେଧକ ବ୍ୟବସ୍ଥାରୂପେ ଇଞ୍ଜେକସନ୍ ଦେବେ । ସେମାନଙ୍କ ମଧ୍ୟରେ କାହାର ପେଟ ଗୋଳମାଳ ହେଉଛି, ସେ କଥା ତନଖି କରି ସେମାନଙ୍କୁ ଡାକ୍ତରଖାନାକୁ ପଠାଇବାର ବ୍ୟବସ୍ଥା କରିବେ ।

ବାହାରେ ଯେଉଁ ସ୍ୱାସ୍ଥ୍ୟରକ୍ଷା ସର୍କଲ ଅଛି, ତାହା ଅଧୀନରେ ୫ଟି ପଥପ୍ରଦର୍ଶକ ପୋଷ୍ଟ ଅଛି—୪ଟି-ଅଠରନଳା ପାଖ ରାସ୍ତା, ମଙ୍ଗଳାଘାଟ, ଲୋକନାଥଘାଟ ଏବଂ ବାଲିଘାଟ ପାଖରେ ଅବସ୍ଥିତ ଏବଂ ଅନ୍ୟଟି ରେଲବାଇ ଷ୍ଟେସନ ପାଖରେ ।

(ଗ) ଯାତ୍ରୀ ଏବଂ ଦର୍ଶକମାନଙ୍କୁ ପୋଲିସର ନିର୍ଦ୍ଦେଶ—

(୧) ଆପଣଙ୍କର ଜୀବନ ଏବଂ ସମ୍ପଦ ରକ୍ଷା କରିବାପାଇଁ ପୋଲିସ୍ ସଙ୍ଗେ ସହଯୋଗ କରନ୍ତୁ । ପୋଲିସ୍‌ମାନେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ସଦା ସର୍ବଦା ତତ୍ପର ।

(୨) ଆପଣଙ୍କର ଯଦି କୌଣସି ଜିନିଷ ହଜିଯାଇଥାଏ, କିମ୍ବା ଆପଣ ଯଦି କୌଣସି ଅସୁବିଧା ଭୋଗୁଥାନ୍ତି ଅଥବା ଆପଣଙ୍କୁ କେହି ଠକାଉଥାନ୍ତି, ସେ ବିଷୟ ଶୀଘ୍ର ପୋଲିସ୍‌କୁ ଜଣାନ୍ତୁ ।

(୩) ପକେଟମାରୁ, ଚୋର, ଠକ ଏବଂ ବିଷ ଦେଉଥିବା ଲୋକଙ୍କ ପ୍ରତି ସାବଧାନ ହୁଅନ୍ତୁ ।

(୪) କୌଣସି ଅଜଣା ଲୋକଠାରୁ ଖାଦ୍ୟ, ପାନୀୟ, ପାନ, ବିଡ଼ି କିମ୍ବା ସିଗାରେଟ୍ ପ୍ରଭୃତି ଗ୍ରହଣ କରନ୍ତୁ ନାହିଁ । ହୁଏତ ସେଥିରେ ବିଷ କିମ୍ବା ନିଶାଦ୍ରବ୍ୟ ଥାଇପାରେ । ଯଦି ବିଷ ଅଛି ବୋଲି ସନ୍ଦେହ କରୁଥାନ୍ତି ତେବେ ସେ ବିଷୟ ଶୀଘ୍ର ନିକଟବର୍ତ୍ତୀ ପୋଲିସ କିମ୍ବା ଡାକ୍ତରଙ୍କୁ ଜଣାନ୍ତୁ ।

(୫) ଲୋକ ଗହଳି ଭିତରେ ଧସେଇ ପଶିବାପାଇଁ ଚେଷ୍ଟା କରନ୍ତୁ ନାହିଁ ।

(୬) ସବୁବେଳେ ରାସ୍ତାର ବାଁ ପାଖରେ ଚାଲନ୍ତୁ । କଥାଭାଷା ହେବା ସକାଶେ ରାସ୍ତାରେ ଜମାହୋଇ ଲୋକଙ୍କର ଯାତାୟତରେ ବାଧା ଦିଅନ୍ତୁ ନାହିଁ ।

(୭) ସମୁଦ୍ରରେ ଗାଧୋଇବା ବେଳେ ଟଙ୍କାପଇସା ଏବଂ ଅନ୍ୟାନ୍ୟ ଜିନିଷକୁ ଯତ୍ନରେ ରଖନ୍ତୁ ଏହି ସବୁ ଜିନିଷର ଦାୟିତ୍ୱରେ ନିଜର ଜଣେ ଲୋକଙ୍କୁ ରଖନ୍ତୁ । ମନେ ରଖନ୍ତୁ ସମୁଦ୍ରରେ ଗାଧୋଇଲା ବେଳେ ଆପଣଙ୍କ ହାତର ମୁଦି ଅଙ୍ଗୁଠିରୁ ଖସି ପାଣିରେ ପଡ଼ିଯାଇ ପାରେ ।

(୮) ଅଜଣା ଲୋକ ଯେତେ ସହାନୁଭୂତିଶୀଳ ବୋଲି ବୋଧ ହେଲେମଧ୍ୟ, ତାଙ୍କ ଉପରେ ଅତିରିକ୍ତ ବିଶ୍ୱାସ କରନ୍ତୁ ନାହିଁ ।

(୯) କାମ ଉପରେ ଥିବା ପୋଲିସ୍ ଲୋକେ ଯାହା କରିବାକୁ କହିବେ, ତାହା କରନ୍ତୁ ଏବଂ ସେମାନଙ୍କ ସହିତ ଯୁକ୍ତିତର୍କ କରନ୍ତୁ ନାହିଁ । ପୋଲିସ ଆପଣଙ୍କର ବିଶ୍ୱସ୍ତ ବନ୍ଧୁ ଏବଂ ଚାଲକ ।

Digitized by srujan ka@gmail.com

ପୋଲିସଙ୍କ କଥା ଶୁଣନ୍ତୁ,

ପୋଲିସଙ୍କୁ ସବୁ କଥା ବୁଝାଇ କହନ୍ତୁ,

ପୋଲିସଙ୍କ ସହିତ ସହଯୋଗ କରନ୍ତୁ ।

(ଘ) ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟବିଭାଗ କର୍ତ୍ତୃପକ୍ଷଙ୍କ ପରାମର୍ଶ

୧ । ହଇଜା ଏବଂ ବସନ୍ତ ରୋଗର ପ୍ରତିଷେଧକ ବ୍ୟବସ୍ଥାରୂପେ ଆପଣ ଏବଂ ଆପଣଙ୍କର ପରିବାରର ଲୋକେ ଇଞ୍ଜେକ୍ସନ ଏବଂ ଟୀକା ନିଅନ୍ତୁ ।

୨ । ଶୋଷ ହେଲେ ସର୍ବଦା ନଳପାଣି କିମ୍ବା ଫୁଟା ପାଣି ପିଅନ୍ତୁ । ନଳପାଣି ନଷ୍ଟ କରନ୍ତୁ-ନାହିଁ ।

୩ । ମାଛି ପ୍ରତି ସବୁବେଳେ ସତର୍କ ରହନ୍ତୁ । ବାସି ଖାଦ୍ୟ ଜିନିଷ ଖାଆନ୍ତୁ ନାହିଁ ।

୪ । ଭଡ଼ା ଘରେ ଯେତିକି ଲୋକ ରହିବାର କଥା ତାଠାରୁ ବେଶିଲୋକ ରହନ୍ତୁ ନାହିଁ ।

୫ । ଯେଉଁଠାରେ ରହୁଛନ୍ତି ବା ଯେଉଁ ବାଟେ ଯାଉଛନ୍ତି ସେଠାରେ ମଇଳା କରନ୍ତୁ ନାହିଁ ।

୬ । ହଇଜା କିମ୍ବା ଅନ୍ୟ ରୋଗ ଧରିଲେ ତାହାକୁ ନ ଲୁଚାଇ ସିଧା ନିକଟବର୍ତ୍ତୀ ହାସପାତାଳକୁ ଆସନ୍ତୁ ।

ରୋଗରେ ପଡ଼ି ଚିକିତ୍ସିତ ହେବା ଅପେକ୍ଷା ଆଗରୁ ରୋଗକୁ ପ୍ରତିଷେଧ କରିବା ଭଲ ।

ଆପଣଙ୍କ ନିଜର ଓ ପିଲାପିଲିଙ୍କର ସ୍ୱାସ୍ଥ୍ୟକୁ ରକ୍ଷା କରନ୍ତୁ ।

ଶୁଚିମନ୍ତ ହେଲେ ଭଗବାନ ମିଳନ୍ତି ।

ଜୟ ହିନ୍ଦ୍

ମୁଦ୍ରାକର—ଶ୍ରୀ ନୀଳମଣି ରାଉତରାୟ, ପ୍ରଜାତନ୍ତ୍ର ପ୍ରେସ, କଟକ

Digitized by srujan ka@gmail.com

କମିଶନରଗଣ

ଶ୍ରୀ ଏନ୍, ସେନାପତି, ଆଇ, ସି, ଏସ୍, ଫୁଡ଼ କମିଶନର୍

ଶ୍ରୀ ଜି, ରମାନାଥନ୍ ଆଇ, ସି, ଏସ୍, ...

ଶ୍ରୀ ...ଶିବରମଣି, ଆଇ, ସି, ଏସ୍, କମିଶନର, ନର୍ଦ୍ଦର୍ଣ୍ଣ ଡିଭିଜନ୍

ଶ୍ରୀ ଅର୍, ସି, ରଥ, ବି, ଏ, କମିଶନର ଅଫ୍ ଏକ୍ସାଇଜ୍ ଅଣ୍ଡ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ

to Voluntary Educational Organisations working Public Libraries in the State / MSS.

ସରକାରଙ୍କ ସେକ୍ରେଟେରୀଗଣ

ଶ୍ରୀ ବି. ମୁଖର୍ଜୀ ଆଇ, ସି, ଏସ୍, ଚିଫ୍ ସେକ୍ରେଟେରୀ ସ୍ୱରାଷ୍ଟ୍ର ଓ ଅର୍ଥ ବିଭାଗ

ସ୍ୱରାଷ୍ଟ୍ର ବିଭାଗ

ଶ୍ରୀ ସୋମନାଥ ମହାପାତ୍ର ଆଇ, ଏ, ଏସ୍, ଅଡ଼ିସନାଲ୍ ସେକ୍ରେଟେରୀ

ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱାୟତ୍ତଶାସନ ବିଭାଗ

ଶ୍ରୀ ପି. କେ. ତ୍ରିପାଠୀ, ଆଇ, ଏ, ଏସ୍, ସେକ୍ରେଟେରୀ

ଉନ୍ନୟନ ଏବଂ ବାଣିଜ୍ୟ ଓ ଶ୍ରମବିଭାଗ

ଶ୍ରୀ ପି, ଏନ୍. ମହାନ୍ତି ଆଇ, ଏ, ଏସ୍. ସେକ୍ରେଟେରୀ

ଡକ୍ଟର ଏଚ୍. କେ. ମହାନ୍ତି, ଏମ୍, ଏ, ଡି, ଏମ୍, ଏସ୍ ସି, ପି, ଏଚ୍, ଡି (କ୍ୟାଣ୍ଟବ୍) ଅଡ଼ିସନାଲ ସେକ୍ରେଟେରୀ

ରାଜସ୍ୱ ବିଭାଗ

ଶ୍ରୀ ଟି, ଏସ୍. ମହାନ୍ତି, ଆଇ, ଏ. ଏସ୍, ସେକ୍ରେଟେରୀ

ଆଇନ ବିଭାଗ

ଶ୍ରୀ ଏଚ୍, ଆର୍, ମିଶ୍ରନ୍ ଆଇ, ସି, ଏସ୍, ସେକ୍ରେଟେରୀ

ଯୋଗାଣ ଓ ସରବରାହ ବିଭାଗ

ଶ୍ରୀ ...ର ଷଡ଼ଙ୍ଗୀ, ଆଇ, ଏ, ଏସ୍, ସେକ୍ରେଟେରୀ

ଲୋକ ସମ୍ପର୍କ ବିଭାଗ

ଶ୍ରୀ ପି, ଏନ, ମହାନ୍ତି ଆଇ, ଏ, ଏସ୍, ସେକ୍ରେଟେରୀ

ଶ୍ରୀ ସୁଧୀର ଚନ୍ଦ୍ର ଘୋଷ, ପବ୍ଲିକ୍ ରିଲେସନସ୍ ଅଫିସର

ଗ୍ରାମ ମଙ୍ଗଳବିଧାନ ବିଭାଗ

ଶ୍ରୀ ଚନ୍ଦ୍ରମଣି ମିଶ୍ର ବି, ଏ, ଗ୍ରାମ ମଙ୍ଗଳବିଧାନ ଡିରେକ୍ଟର ଓ ସେକ୍ରେଟେରୀ

ନଦୀ ଉପତ୍ୟକା ଉନ୍ନୟନ ବିଭାଗ

ଡକ୍ଟର ଏଚ୍, କେ, ମହାନ୍ତି, ଏମ, ଏ, ଡି, ଏମ୍, ଏସ୍ ସି ପି, ଏଚ୍, ଡି (କ୍ୟାଣ୍ଟବ୍) ସେକ୍ରେଟେରୀ

ପୂର୍ତ୍ତବିଭାଗ ଓ ଯୋଗାଯୋଗ

ସି, ଏମ୍, ବେନେଟ, ଆଇ, ଏସ୍, ଇ, ସେକ୍ରେଟେରୀ

ଜଳସେଚନ ଓ ଜଳ ନିଷ୍କାସନ

ଜେ, ଶ, ଓ, ବି, ଖ, ଆଇ, ଏସ, ଇ, ସେକ୍ରେଟେରୀ

ବିଦ୍ୟୁତ୍ ବିଭାଗ

ଶ୍ରୀ ଅର, ଏଲ, ନାରାୟଣନ୍, ବି, ଏସ୍, ସି, (ଲଣ୍ଡନ) ବି, ଇ, ଏମ୍, ଆଇ. ଇ, ଇ, ସେକ୍ରେଟେରୀ

ମହାମାନ୍ୟ ଗଭର୍ଣ୍ଣରଙ୍କ ସେକ୍ରେଟେରୀ

ଶ୍ରୀ ଭାନୁଗ୍ରାହୀ ମିଶ୍ର ଏମ୍, ଏସ୍. ସି,

ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ସେକ୍ରେଟେରୀ

ଶ୍ରୀ ପଞ୍ଚାନନ ତ୍ରିପାଠୀ ଏମ୍, ଏ,

Digitized by srujanika@gmail.com

Organisations working Public Libraries/MSS Libraries in the Year



Digitized by srujanika@gmail.com

ଶ୍ରୀ ଭକ୍ତଭୂମି କେନ୍ଦୁଝର

ORR
343

Digitized by srujanika@gmail.com

ଶ୍ରୀ ଭଞ୍ଜଭୂମି କେନ୍ଦୁଝରୀ

ŚRI BHANJABHUMI KENDUJHARI

ପ୍ରଥମ ଭାଗ

ପ୍ରଥମ ସଂସ୍କରଣ—୧୯୫୦

ପ୍ରଥମ ପ୍ରକାଶ—୧୯୮।

ପ୍ରଣେତା—ଶ୍ରୀ ବିପିନ ବିହାରୀ ଦାସ

Digitized by srujanika@gmail.com

ଶ୍ରୀ ଭଞ୍ଜଭୂମି କେନ୍ଦୁଝରୀ

ପ୍ରଣେତା—ଶ୍ରୀ ବିପିନ ବିହାରୀ ଦାସ

ପ୍ରକାଶକ

ଶ୍ରୀ ବିପିନ ବିହାରୀ ଦାସ
ନୀଳାଚଳ ପ୍ରିଣ୍ଟିଂ ୱାର୍କସ
ବଉଳବଳ-୭୫୮୦୩୫
କେନ୍ଦୁଝର

ମୁଦ୍ରାକର

ଶ୍ରୀ ବିପିନ ବିହାରୀ ଦାସ
ନୀଳାଚଳ ପ୍ରିଣ୍ଟିଂ ୱାର୍କସ
ବଉଳବଳ-୭୫୮୦୩୫
କେନ୍ଦୁଝର

—ପ୍ରାପ୍ତି ସ୍ଥାନ—

ନୀଳାଚଳ ପ୍ରିଣ୍ଟିଂ ୱାର୍କସ
ବଉଳବଳ, କେନ୍ଦୁଝର

ମୂଲ୍ୟ—ଦଶଟଙ୍କା

ବନ୍ଧାଇ—ବାରଟଙ୍କା

Digitized by srujan ka@gmail.com

ମୁଖବନ୍ଧ

ପ୍ରଥମ ଭାଗ । ପ୍ରଥମ ସଂସ୍କରଣ

ଦେବ ସ୍ନାନ ପୂର୍ଣ୍ଣିମା ୧୯୮୦

ନଗ-ନଦ-ନଦୀ-ନଗର ପରିଶୋଭିତ "ଶ୍ରୀ ଭଞ୍ଜଭୂମି କେନ୍ଦୁଝର" ପୁସ୍ତକର ଲେଖକ ଭାବରେ ମୁଁ ତାହାର ମୁଖବନ୍ଧ ଲେଖୁଅଛି । କାରଣ ଏକ ଅନାମଧେୟ ଲେଖକ ଭାବରେ ଗୋଟିଏ ଅଜ୍ଞାତ ଅଞ୍ଚଳର ଇତିହାସ ରଚନା କରି ତାହାର ପ୍ରଶଂସା ମୂଳକ ମୁଖବନ୍ଧ ଜଣେ ସୁନାମଧେୟ ବ୍ୟକ୍ତିଙ୍କ ଠାରୁ ଲେଖାଇ ନେବାକୁ ମୁଁ ଶ୍ରେୟ ମନେ କରିନାହିଁ । ଏହି ପୁସ୍ତକ ରଚନା କରିବାକୁ ମୁଁ ଯେଉଁ ଦୁଃସାହାସିକ ଉଦ୍ୟମ କରିଛି ତାହାର ମୂଳରେ ରହିଛି ପୁଣ୍ୟତୋୟା ବୈତରଣୀ ନଦୀର ସୂତିକାଗାର ଗୋନାସିକା ପର୍ବତର ସର୍ପଗୁମ୍ଫା ଭିତରୁ ମିଳିଥିବା ଶାଶ୍ୱତ ପ୍ରେରଣା ।

କୁଶଭଦ୍ରା ନଦୀ ଉପକଣ୍ଠରେ ଅବସ୍ଥିତ ମୋର ପ୍ରିୟ କର୍ମଭୂମି କେନ୍ଦୁଅ ଗ୍ରାମ ଠାରୁ ମୁଁ ଆରମ୍ଭ କଲି ପଦଯାତ୍ରା ।

କେନ୍ଦୁଝର ଜିଲ୍ଲାର ବନ୍ଧୁରଙ୍କର ଘନ ବନ ପ୍ରଦେଶରେ ନିର୍ଜ୍ଜନ ପଦଯାତ୍ରା । ଦୁର୍ଗମ ଗିରି ଗହ୍ୱରରେ ସତ୍ୟର ସନ୍ଧାନ । ଝରଣାର ଜଳ, ହରିଡ଼ା ଅଁଳା ପକ୍ୱ ଫଳର ଭୋଜନ ଓ କେବେ କେବେ ଗିରିଜନ ବସ୍ତିରେ ଅନ୍ନ ଆହାର କରିବାକୁ ପଡ଼ିଛି । ଏହିପରି ପ୍ରାୟ ଏକମାସ କାଳ ବନ ପ୍ରଦେଶରେ ପଦଯାତ୍ରା କରି ମୁଁ ଫାଲ୍‌ଗୁନ ସଂକ୍ରାନ୍ତି ଦିନ ସନ୍ଧ୍ୟା ସମୟରେ ଗୋନାସିକା ଠାରେ ପହଞ୍ଚିଲି । ୩୨୧୯ ଫୁଟ ଉଚ୍ଚତା ବିଶିଷ୍ଟ ଗୋନାସିକା ଗିରିର ପାଦ ଦେଶରେ ଗୋନାସିକା ଗ୍ରାମ ଅବସ୍ଥିତ । ଏହି ଗ୍ରାମରେ ଭୂୟାଁ ଜାତିର ଲୋକେ ବିଶେଷ ଭାବରେ ବାସ କରନ୍ତି । ଏହି ଗୋନାସିକା ଗ୍ରାମରେ ଶ୍ରୀ ବ୍ରହ୍ମେଶ୍ୱର ଦେବଙ୍କ, ମନ୍ଦିର ଓ ବ୍ରହ୍ମକୁଣ୍ଡ ଅବସ୍ଥିତ । ବୈତରଣୀ ନଦୀ ଗୋନାସିକା ପର୍ବତର ୩୧୦୦ ଫୁଟ ଉଚ୍ଚରୁ ନିମ୍ନକୁ ବହି ଆସି ପର୍ବତର ପାଦ ଦେଶରେ ବ୍ରହ୍ମକୁଣ୍ଡ ଠାରେ ସଞ୍ଚିତ ହେଉଅଛି । ଏହା ଆଦ୍ୟ ବୈତରଣୀ ତୀର୍ଥ କ୍ଷେତ୍ର ଅଟେ ।

ବ୍ରହ୍ମେଶ୍ୱରଙ୍କ ମନ୍ଦିର ଠାରୁ ପ୍ରାୟ ୩୧୦୦ ଫୁଟ ଉଚ୍ଚରେ ଶୀର୍ଷ ବୈତରଣୀ ତୀର୍ଥ ଅବସ୍ଥିତ । ସେହିଠାରୁ ବୈତରଣୀର ସର୍ବଦା ଜଳଧାର ଗୋନାସାରୁ କୁଶାଗ୍ର ପରିମାଣ ନିର୍ଗତ ହୋଇ ତ୍ରିବେଣୀ କୁଣ୍ଡରେ ସଞ୍ଚିତ ହୋଇ ପ୍ରଖର ବେଗରେ ବହିଯାଇ ଶ୍ରୀ ବ୍ରହ୍ମେଶ୍ୱରଙ୍କର ଜଟାଜୁଟ ପ୍ରକ୍ଷାଳନ କରି ଶ୍ରୀ ବଇତରଣୀ କ୍ଷେତ୍ରକୁ ଗମନ କରିଅଛି । ସେହି ତ୍ରିବେଣୀ କୁଣ୍ଡର ଦକ୍ଷିଣ ପାର୍ଶ୍ୱରେ ସର୍ପଗୁମ୍ଫା ନାମରେ ଏକ ଅଦ୍ଭୁତ ପ୍ରାକୃତିକ ପଥର ଗୁମ୍ଫା ରହିଅଛି । ଏହି ସର୍ପଗୁମ୍ଫାର ସମ୍ମୁଖ [illegible] ରେ

Digitized by srujanika@gmail.com

ମାଟି ଉପରେ ଫୋଟ ହୋଇ ରହିଅଛି ଶ୍ରୀ ବୈତରଣୀ ଦେବୀଙ୍କର ପଞ୍ଚମୂର୍ତ୍ତି । ସେହି ପ୍ରତିମୂର୍ତ୍ତିର ଅବିକଳ ରୂପ ପୁସ୍ତକର କଭର ପୃଷ୍ଠାର ବ୍ଲକ ହୋଇଅଛି ।

ଗୋନାସିକା ବା ଗୁପ୍ତଗଙ୍ଗା ଗିରିର ଶୀର୍ଷ ଦେଶରେ ଅବସ୍ଥିତ ଶ୍ରୀବୈତରଣୀ ତୀର୍ଥ କ୍ଷେତ୍ର ନୈସର୍ଗିକ ଶୋଭା ସମ୍ଭାରରେ ପରିପୂର୍ଣ୍ଣ ଅଟେ । ନିର୍ଜନ ବନ ପ୍ରଦେଶରେ ଗିରି ନିର୍ଝରିଣୀ ପୁଣ୍ୟତୋୟା ବୈତରଣୀର କଳ କଳ ନାଦ ଦର୍ଶକର ମନରେ ନବ ଝଙ୍କାର ସୃଷ୍ଟି କରେ । ମୁଁ ସର୍ପ ଗୁମ୍ଫା ଠାରେ ପହଞ୍ଚି ଦେଖିଲି ଜଣେ ଜୀର୍ଣ୍ଣ ଶୀର୍ଣ୍ଣ କାୟ ବୃଦ୍ଧ ସାଧୁ ବସି ଜଲମ ଝାଣୁ ଅଛନ୍ତି । ମୁଁ ତାଙ୍କୁ ନମସ୍କାର କଲି । ସେ ମୋତେ ବସିବା ପାଇଁ ସଙ୍କେତ ଦେଲେ ମୁଁ ମଧ୍ୟ ବସିଲି । ସାଧୁ ଜଣଙ୍କ ହସ୍ତରେ ଗୋଟିଏ ପଥରର ମସ୍ତକ ଧାରଣ କରିଥାନ୍ତି ଓ ତାଙ୍କର ନାମ ଶକ୍ତିଶୂଳ ଋଷୀ ବୋଲି ସେ କହିଲେ । ସାଧୁଙ୍କର ଅସ୍ଥିମାନ ଶରୀରରୁ ଦିବ୍ୟଜ୍ୟୋତି ବିକଶିତ ହେଉଥିବା ମୁଁ ସ୍ପଷ୍ଟ ଉପଲବ୍ଧ କରୁଥିଲି । ସେହି ସର୍ପ ଗୁମ୍ଫାଠାରେ ମୁଁ ସେହି ସାଧୁବାବାଙ୍କ ଠାରୁ ଯେଉଁ ସବୁ ତଥ୍ୟ ସଂଗ୍ରହ କରିଥିଲି ତାହାହିଁ ହେଉଛି "ଶ୍ରୀ ଭଞ୍ଜଭୂମି କେନ୍ଦୁଝର" ପୁସ୍ତକର ନିର୍ଯ୍ୟାସ ଓ ଶାଶ୍ୱତ ପ୍ରେରଣା ।

ଏହାଛଡ଼ା ପଦଯାତ୍ରା ସମୟରେ ମୋର ହସ୍ତଗତ ହୋଇଥିବା ଗ୍ରାମର ଜାବଳୀପୁ କିମ୍ବଦନ୍ତୀ, କଥା, କାହାଣୀ, ଜନଶ୍ରୁତି, ଗଳ୍ପ, ଉପ ଉପାଖ୍ୟାନ, ପ୍ରଭୃତିକୁ ପୁସ୍ତକର ବିଷୟବସ୍ତୁ ରୂପେ ଗ୍ରହଣ କରାଯାଇଅଛି । ଯେଉଁହେତୁ ଭୌଗଳିକ ଭିନ୍ନିନ୍ନତା ଭିତରେ ଐତିହାସିକ, ସାମାଜିକ, ସାଂସ୍କୃତିକ, ଆର୍ଥନୀତିକ ଓ ରାଜନୀତିକ ଘଟଣା ବିନ୍ୟାସରେ ପରିସ୍ଥିତିର ରୂପାନ୍ତରିତ ହୋଇଥାଏ, ସେହେତୁ ପ୍ରତ୍ୟେକ ଅଞ୍ଚଳର ସ୍ୱାତନ୍ତ୍ର୍ୟତା ରହିଅଛି । ଏଣୁ ଅଞ୍ଚଳର ଐକ୍ୟ ଓ ବୈଚିତ୍ର୍ୟ ନିର୍ଣ୍ଣୟ କରିବା ହେଉଛି ଲେଖକର ଅନ୍ତର ନିହିତ ଉଦ୍ଦେଶ୍ୟ । ଏହି ପୃଷ୍ଠ ଭୂମି ଉପରେ "ଶ୍ରୀଭଞ୍ଜଭୂମି କେନ୍ଦୁଝର" ପୁସ୍ତକ ଆଧାରିତ ।

ବୌଦ୍ଧ ଧର୍ମଶାସ୍ତ୍ର ସମ୍ବନ୍ଧକୁ ଭିତ୍ତିକରି ଭଞ୍ଜ ରାଜବଂଶର ସୁଦୃଢ଼ ରାଜନୈତିକ ସ୍ଥିତି ନିର୍ମାଣ କରାଯାଇ ଭଗବାନ ଗୌତମ ବୁଦ୍ଧଙ୍କ ଧର୍ମ ସହିତ ଭଞ୍ଜ ବଂଶର ଆରମ୍ଭ କରାଯାଇଅଛି । ପୁସ୍ତକର ପ୍ରଥମ ଭାଗରେ ପ୍ରାୟ ୩୬୦୦ ବର୍ଷର ଧାର୍ମିକ, ସାଂସ୍କୃତିକ, ସାମାଜିକ, ଆର୍ଥନୀତି ତଥା ରାଜନୀତିକ ଘଟଣାବଳୀ ସନ୍ନିବେଶିତ ହୋଇଅଛି ।

ଶିଳାଉତ୍କୀର୍ଣ୍ଣ, ଶୈଳ ଚିତ୍ରାଙ୍କନ, ତାମ୍ର ଶାସନ, ଶାସ୍ତ୍ର ପୁରାଣ, କାଳ୍ପନିକ ତଥା ଅତି ମାନସିକ ତଥ୍ୟ ସମ୍ଭାରରୁ ବିଷୟ ବସ୍ତୁ ଉପାଣିତ ହୋଇ ଅଛି । ସୁବସ୍ତୃତ ସାମଗ୍ରିକ ପୃଷ୍ଠଭୂମି ଉପରେ ଅନୁସୃତ ହୋଇଅଛି ଭାରତୀୟ ପ୍ରାଚୀନତମ ଭଞ୍ଜ ରାଜବଂଶର ଇତିବୃତ୍ତି । କେତେକ କ୍ଷେତ୍ରରେ ଅତୀତର ଭ୍ରମପୂର୍ଣ୍ଣ ସିଦ୍ଧାନ୍ତ ଉପରେ କୁଠାରଘାତ କରାଯାଇ ନୂତନ ଦୃଷ୍ଟିଭଙ୍ଗୀ ଓ [illegible] ଅନ୍ୱେଷ

Digitized by srujanika@gmail.com

ହୋଇଅଛି । ଲେଖକ ଇତିହାସର ଧାରାବନ୍ଧା ପରମ୍ପରାରୁ ଊର୍ଦ୍ଧ୍ୱେ ଯାଇ ସୁପାଠ୍ୟ ଓ ସୁଶ୍ରାବ୍ୟ କରିବା ନିମନ୍ତେ କଥାବସ୍ତୁ ଗାଳ୍ପିକ ଶୈଳୀରେ ସନ୍ନିବେଶ କରିଥିଲେହେଁ ଏହା ଇତିହାସ ରୀତି ଅନୁଯାୟୀ ତଥ୍ୟନିଷ୍ଠ ଅଟେ । ଅତିରଞ୍ଜନ, ତୋଷାମଦି, ସ୍ୱାର୍ଥସାଧନ, ପକ୍ଷପାତିତା ଏଥିରେ ସ୍ଥାନ ପାଇନାହିଁ । ଏହା ହେଉଛି ଓଡ଼ିଶା ଗଡ଼ଜାତ ରାଜ୍ୟର ନିଚ୍ଛକ ଟିପ୍ପଣୀ । ଏହାର ଅବମ୍ଳାନ ଉଜ୍ଜଳ ସାହିତ୍ୟାକାଶରେ ପ୍ରସ୍ଫୁଟିତ ଚନ୍ଦନ କୁସୁମ ସଦୃଶ ଭାଷା ଓ ଭାବରେ ସୁସଜ୍ଜିତ ହୋଇଅଛି ।

ସ୍ୱର୍ଗୀୟ କ୍ଷେତ୍ରମୋହନ ମିଶ୍ରଙ୍କ ରଚିତ କେନ୍ଦୁଝର ଭୂଗୋଳ ଓ ଇତିହାସ ଏବଂ କେନ୍ଦୁଝର ସାହିତ୍ୟ ମାଳାକୁ ସବିଶେଷ ସହାୟକ ଗ୍ରନ୍ଥ ରୂପେ ଗ୍ରହଣ କରାଯାଇଅଛି । ଏହାଛଡ଼ା ପ୍ରାୟ ୨୦୦୦୦ ପୁସ୍ତକ, ପାଣ୍ଡୁଲିପି, ତାଳପତ୍ର ପୋଥି; ପତ୍ରପତ୍ରିକା, ଗ୍ରନ୍ଥାବଳୀ, ସରକାରୀ ରିପୋର୍ଟ ବେଙ୍ଗଲ, ମୟୂରଭଞ୍ଜ; ସିଂହଭୂମି ଗେଜେଟିୟର ପ୍ରଭୃତିର ସାହାଯ୍ୟ ନିଆଯାଇଅଛି ।

ସର୍ବଶେଷରେ ଏହି ପୁସ୍ତକ ରଚନା ସମୟରେ ପୁରୀ ଜିଲ୍ଲାର ଜଗତପୁର ଠାରେ ଅବସ୍ଥିତ ବାଣୀନିଧି ପାଠାଗାର ଓ ତାହାର ସମ୍ପାଦକ ମହୋଦୟଙ୍କର ମୂଲ୍ୟବାନ ପରାମର୍ଶ ଓ ପ୍ରେରଣା ଚିରସ୍ମରଣୀୟ ଅଟେ ।

ମୁଁ ଏହି ପୁସ୍ତକର କେବଳ ଲେଖକ ନୁହେଁ । ଏହାର ପ୍ରକାଶକ, ମୁଦ୍ରାକର, ପ୍ରୁଫ୍‌ରିଡର ମଧ୍ୟ ଅଟେ । ଏଣୁ ସବୁ ଜାଣିଥିବା ଲୋକ କହୁ ଜାଣିନଥିବା ନ୍ୟାୟରେ ପୁସ୍ତକରେ ଭ୍ରମ ରହିଯାଇଥିବା ସ୍ୱାଭାବିକ ଅଟେ । ଏହାକୁ ଏକ ପାଣ୍ଡୁଲିପି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଲେଖକ ତାହାର ସମସ୍ତ ଦୋଷ ତ୍ରୁଟି ମାର୍ଜ୍ଜନୀୟ ମନେ କରି ଏହି ପାଣ୍ଡୁଲିପିର ମୂଲ୍ୟାଙ୍କନ ନିମନ୍ତେ ସହୃଦୟ ପାଠକ ମାନଙ୍କ ହାତରେ ସନମ୍ର ଅର୍ପଣ କରୁଅଛି ।

ପ୍ରଣେତା ।

—o—

Digitized by srujan ka@gmail.com

– ସୂଚୀପତ୍ର –

ବିଷୟ		ପୃଷ୍ଠାଙ୍କ
୧-	ଭଞ୍ଜଭୂମି କେନ୍ଦୁଝର ଜିଲ୍ଲାର ଭୌଗଳିକ ଅବସ୍ଥିତି	୧
୨-	ଲୋକ ସଂଖ୍ୟା	୨
୩-	ଚନ୍ଦ୍ରମାଳମା କେନ୍ଦୁଝର	୩
୪-	କେନ୍ଦୁଝର ରାଜ୍ୟର ଉତ୍ପତ୍ତି	୪
୫-	ମନ୍ଦିର ମାଳମା କେନ୍ଦୁଝର	୫
୬-	ଶିଳ୍ପ ନିପୁଣତା	୬
୭-	ପ୍ରାଚୀନ ସାହିତ୍ୟରେ କେନ୍ଦୁଝର	୮
୮-	ବୈତରଣୀ ସଭ୍ୟତା	୧୦
୯	ଜଳଙ୍କୋଡ୍ରୋକୋକ	୧୧
୧୦-	ପୁଣ୍ୟତୋୟା ବୈତରଣୀ	୧୩
୧୧-	ବୈତରଣୀ ନାମର ଉତ୍ପତ୍ତି	୧୯
୧୨-	ଶାକ୍ତ କ୍ଷେତ୍ର ଗୋନାସିକା	୨୦
୧୩-	ବୈତରଣୀ ମାହାତ୍ମ୍ୟ	୨୦
୧୪-	ବ୍ରହ୍ମ ତାରିଣୀ	୨୩
୧୫-	ଗୋ-ରକ୍ଷ ସମାଜ ଗଠନ	୨୩
୧୬	ଗିରିନନ୍ଦିନୀ ଚମ୍ପାବରଣୀ ବୈତରଣୀ	୨୫
୧୭-	ବାରୁଣୀ ଯାତ୍ରା	୨୬
୧୮-	ପୌରାଣିକ ପ୍ରାଧାନ୍ୟ	୨୯
୧୯-	ବୈତରଣୀ ସଭ୍ୟତାର ବୈଶିଷ୍ଟ୍ୟ	୪୧
୨୦-	ଶାକ୍ତ ସଂସ୍କୃତି	୪୫
୨୧-	କୀର୍ତ୍ତିବନ୍ତ ଶ୍ରୀଭଞ୍ଜଭୂମି	୫୭
୨୨-	ବଲ୍ଦେଶ୍ୱର	୫୮
୨୩-	ଆଖଣ୍ଡଳେଶ୍ୱର	୫୮
୨୪-	କୋଶଳେଶ୍ୱର	୫୯
୨୫-	ଝାଡେଶ୍ୱର	୬୧
୨୬	ଚକ୍ରତୀର୍ଥ	୬୩
୨୭-	କପିଳେଶ୍ୱର	୬୭
୨୮-	ଖଲିତବୃନ୍ତ ଘଟ	୬୮

Digitized by srujanika@gmail.com

୨୯	ଶ୍ରୀ ମୃଗେଶ୍ୱର	୬୯
୩୦	ଭୀମକୁଣ୍ଡ	୭୧
୩୧	ଜଳପ୍ରପାତ	୭୧
୩୨	ଖଣ୍ଡାଧାର ଜଳପ୍ରପାତ	୭୧
୩୩	ବଡ଼ଘାଗର	୭୩
୩୪	ସାନଘାଗର	୭୩
୩୫	ଡାଣ୍ଡି ଭଙ୍ଗା ଜଳପ୍ରପାତ	୭୪
୩୬	ଚୈଲଅଡ଼ଦା	୭୪
୩୭	ଧାନବେଣୀ	୭୫
୩୮	ଭଞ୍ଜଭୂମି କେନ୍ଦୁଝର ପ୍ରତ୍ନତାତ୍ତ୍ୱିକ ପ୍ରସିଦ୍ଧି	୭୭
୩୯	ଅସନପାଟ ଶିଳାଭିଲେଖ	୭୭
୪୦	ସୀତାବିଞ୍ଜି ଅଭିଲେଖ ଓ ଶୈଳ ଚିତ୍ରାଙ୍କନ	୮୧
୪୧	ସୀତାବିଞ୍ଜି ପର୍ବତ	୮୧
୪୨	ଖଣ୍ଡଘର	୮୩
୪୩	ଜକେଇର ଦୁଡ଼ି	୮୩
୪୪	ଘାଟଗଡ଼	୮୩
୪୫	ଚନ୍ଦନପେଣ୍ଡ୍	୮୪
୪୬	ବୁଢ଼ିଘାଟ ପର୍ବତ	୮୪
୪୭	ଜଳଖଣ୍ଡି ପାହାଡ଼	୮୪
୪୮	ଚନ୍ଦ୍ରକାନ୍ତମଣି	୮୫
୪୯	ଫୁଲବାଡ଼ି	୮୫
୫୦	ଢେଙ୍କିକୋଟ	୮୫
୫୧	ଭଣ୍ଡାରିଘର	୮୭
୫୨	ସନ୍ଧୁଣୀଝଦା	୮୭
୫୩	ଋଷିଗୁମ୍ଫା	୮୮
୫୪	ହର୍ଚଣ୍ଡୀ	୮୮
୫୫	ସୁବର୍ଣ୍ଣଗୁମ୍ଫା	୮୯
୫୬	ସୀତାଦେବୀଶାଳ	୯୧
୫୭	ସୀତାବିଞ୍ଜିର ଚିତ୍ରାଙ୍କନ	୯୨
୫୮	ସୀତାବିଞ୍ଜିର ଲିପି	୯୪
୫୯	ତପସ୍ୱୀ କେନ୍ଦୁଝର	୯୮
୬୦	ଆଶ୍ରମ ବର୍ଣ୍ଣନା	୧୦୦
୬୧	ଭଞ୍ଜ ରାଜବଂଶ	୧୧୧

Digitized by srujan ka@gmail.com

ପ୍ରଥମ ପରିଚ୍ଛେଦ

ଭଞ୍ଜଭୂମି କେନ୍ଦୁଝର ଜିଲ୍ଲାର ଭୌଗୋଳିକ ଅବସ୍ଥିତି ।

ସ୍ୱାଧୀନ ବୃହତ୍ତର ଓଡ଼ିଶାର ତେର ଗୋଟି ଜିଲ୍ଲା ମଧ୍ୟରେ କେନ୍ଦୁଝର ଜିଲ୍ଲା ତ୍ରୟୋଦଶତମ ଜିଲ୍ଲା ଅଟେ । ଏହା ଉତ୍ତର ଅକ୍ଷାଂଶର ୨୧° ଓ ୨୨°୯ ଏବଂ ପୂର୍ବ ଦ୍ରାଘିମାର ୮୫°୩୨ ଓ ୮୬°୩୧ ମଧ୍ୟରେ ଅବସ୍ଥିତ ଅଟେ । ଏହାର ବିସ୍ତାର ପୂର୍ବ ଓ ପଶ୍ଚିମରେ ଜରଦାଠାରୁ କଣ୍ଟବୁରୁ ପର୍ଯ୍ୟନ୍ତ ପ୍ରାୟ ୧୨୦ ମାଇଲ ଓ ଉତ୍ତର-ଦକ୍ଷିଣରେ ୪୦ ମାଇଲ ଅଟେ । ଏହା ସମୁଦ୍ର ପତ୍ତନଠାରୁ ୧୫୭୫ ଫୁଟ ଉଚ୍ଚରେ ଅବସ୍ଥିତ ଅଟେ । ଏହାର କ୍ଷେତ୍ର ଫଳ ୩୨୧୭ ବର୍ଗ ମାଇଲ ମଧ୍ୟରୁ ପ୍ରାୟ ୨୦୦୦ ବର୍ଗ ମାଇଲ କୃଷୋପଯୋଗୀ ଜମି ଓ ଅବଶିଷ୍ଟାଂଶ ଘନବନ ପର୍ବତ ପରିପୂର୍ଣ୍ଣ ଖଣିଜ-ବନଜ ଅଞ୍ଚଳ ଅଟେ । ଏହି ଜିଲ୍ଲାର ଉତ୍ତରରେ ସିଂହଭୂମି ଓ ମୟୂରଭଞ୍ଜ ଜିଲ୍ଲା ପୂର୍ବରେ ବାଲେଶ୍ୱର ଜିଲ୍ଲା, ଦକ୍ଷିଣରେ କଟକ ଜିଲ୍ଲା ଓ ପଶ୍ଚିମରେ ଢେଙ୍କାନାଳ ଓ ସୁନ୍ଦରଗଡ଼ ଜିଲ୍ଲା ଅବସ୍ଥିତ । ଏହା ଦେଖିବାକୁ ତ୍ରିଭୁଜାକାର ଅଟେ । ଏହି ଜିଲ୍ଲାର ଉତ୍ତରରେ ଶାଳୁକୀ ଶୈଳ ସମ୍ଭବା ଶାଳନ୍ଦୀ, ମଧ୍ୟ ଦେଶରେ ନାସା ସଦୃଶ ଅବସ୍ଥିତ ଗୋନାସା ଶୈଳ-ତନୁଜା ବୈତରଣୀ ଓ ଦକ୍ଷିଣ ପାର୍ଶ୍ୱରେ ମେଘାସନ ପର୍ବତ ଉଦ୍ଭବା କୁଶଭଦ୍ରା ନଦୀ ତ୍ରୟ ପ୍ରବାହିତ ହେଉ ଅଛନ୍ତି । ଇଅଁଳା, ପିଅଁଳା ଓ ସୁଷୁମ୍ନା ନାଡ଼ୀ ତ୍ରୟ ଜୀବ ଶରୀରକୁ ପୁଷ୍ଟ କଲାପରି ଉପର ବର୍ଣ୍ଣିତ ନଦୀ ତ୍ରୟ କେନ୍ଦୁଝର ରାଜ୍ୟର ପୁଷ୍ଟି ସାଧନ କରି ଏହି ପାର୍ବତ୍ୟ-ସମତଳ ପ୍ରଦେଶକୁ ଏକ ନଦୀ-ମାତୃକା ଭୂମି ରୂପେ ଗଢି ତୋଳିଛନ୍ତି ।

ପ୍ରାକୃତିକ ଅବସ୍ଥିତି ଦୃଷ୍ଟିରୁ ସମଗ୍ର ଜିଲ୍ଲାଟି ତିନି ଭାଗରେ ବିଭକ୍ତ ହୋଇ ଅଛି । ଯଥା :—

(୧)	ସମତଳ ପ୍ରଦେଶ – ଆନନ୍ଦପୁର ସବ୍‌ଡିଭିଜନ	— ୭୩୭	ବର୍ଗ ମାଇଲ
(୨)	ପାର୍ବତ୍ୟ ,, – ସଦର ,,	— ୧୯୯୦	,,
(୩)	,, ସମତଳ ,, – ଚଂପୁଆ ,,	— ୪୯୦	,,
	ସର୍ବମୋଟ	୩୨୧୭	ବର୍ଗ ମାଇଲ

ସଦର ଓ ଚଂପୁଆ ସବ୍‌ଡିଭିଜନ ଦୁଇଟିକୁ ଅପର କେନ୍ଦୁଝର ଓ ଆନନ୍ଦପୁର ସବ୍‌ଡିଭିଜନକୁ ଲୋଅର କେନ୍ଦୁଝର ବୋଲି ଯାଏ ।

Digitized by srujanika@gmail.com

ଲୋକ ସଂଖ୍ୟା

୧୯୭୧ ଜନଗଣନା ଅନୁସାରେ କେନ୍ଦୁଝର ଜିଲ୍ଲାର ଲୋକ ସଂଖ୍ୟା ୯୫୫୫୧୪ ଜଣ ଅଟେ । ଏହାର କ୍ଷେତ୍ରଫଳ ବା ଆୟତନ ୮୨୪୦୦ ବର୍ଗ କିଲୋମିଟରରେ ଅଟେ । ୧୯୦୧ ମସିହାରେ ଉକ୍ତ ଜିଲ୍ଲାର ଲୋକ ସଂଖ୍ୟା ଥିଲା ୨୮୫୭୫୮ ଜଣ । ଏହା ବୃଦ୍ଧିପାଇ ୧୯୫୧ରୁ ୧୯୭୧ ମସିହା ଭିତରେ ଲୋକ ସଂଖ୍ୟା ଶତକଡ଼ା ୨୨'୩ ଭାଗ ବୃଦ୍ଧି ପାଇଲା । ମାତ୍ର ଏହି ସମସ୍ତ ଭିତରେ ଗାଁ ଗହଳର ଲୋକ ସଂଖ୍ୟା ଶତକଡ଼ା ୨୨'୮ ଭାଗ ବୃଦ୍ଧି ପାଇଥିବା ସ୍ଥଳେ ସହରାଞ୍ଚଳର ଲୋକ ସଂଖ୍ୟା ଶତକଡ଼ା ୨୫'୨ ଭାଗ ବୃଦ୍ଧି ପାଇ ଅଛି ।

ଜିଲ୍ଲାର ସର୍ବମୋଟ ଲୋକ ସଂଖ୍ୟା ୯୫୫୫୧୪ ଜଣଙ୍କ ମଧ୍ୟରୁ ଆଦିବାସୀମାନଙ୍କର ସଂଖ୍ୟା ୪୪୮୭୨୭ ଜଣ ଓ ହରିଜନମାନଙ୍କର ୧୦୭୮୪୦ ଜଣ ଅଟେ । ଏହି ଜିଲ୍ଲାର ଶତକଡ଼ା ୭୦ ଭାଗ ଲୋକ ଆଦିବାସୀ ଓ ହରିଜନ ଶ୍ରେଣୀର ହୋଇଥିବାରୁ ଭାରତ ସରକାର ଏହାକୁ ଏକ ଅନୁନ୍ନତ ଜିଲ୍ଲା ଘୋଷଣା କରି ଅଛନ୍ତି ।

ଜନଗଣନା ସମୀକ୍ଷାରୁ ଜଣାଯାଏ ଯେ, ଏହି ଅନୁନ୍ନତ ଜିଲ୍ଲାରେ କ୍ରମଶଃ ଆଦିବାସୀ ଅନୁନ୍ନତ ଶ୍ରେଣୀର ସଂଖ୍ୟା କମି ଯାଉଛି, ଏବଂ ଅପର ଦିଗରେ ଅଣ ଆଦିବାସୀମାନଙ୍କର ସଂଖ୍ୟା ବୃଦ୍ଧି ପାଉ ଅଛି ।

ଏହି ଜିଲ୍ଲାରେ କେନ୍ଦୁଝର ଓ ବଡ଼ବିଲ ପୌରପରିଷଦ ଓ ଯୋଡ଼ା ଆନନ୍ଦପୁର ନାମକ ଦୁଇ ଗୋଟି ବିଜ୍ଞାପିତ ଅଞ୍ଚଳ ରହି ଅଛି । ଜିଲ୍ଲାର ସଦର ମହକୁମା କେନ୍ଦୁଝର ପୌରପରିଷଦର ଲୋକ ସଂଖ୍ୟା ୧୯୩୪୦ ଜଣ ହୋଇଥିବା ସ୍ଥଳେ ଖଣି-ଶିଳ୍ପ ସହର ବଡ଼ବିଲ ପୌରପରିଷଦର ଲୋକ ସଂଖ୍ୟା ୨୪୩୫୫ ଜଣ ଅଟେ । ଆନନ୍ଦପୁର ବିଜ୍ଞାପିତ ଅଞ୍ଚଳର ଲୋକ ସଂଖ୍ୟା ପ୍ରାୟ ୧୨୦୦୦ ଜଣ ହୋଇଥିବା ସ୍ଥଳେ ଯୋଡ଼ା ବିଜ୍ଞାପିତ ଅଞ୍ଚଳର ଲୋକ ସଂଖ୍ୟା ୧୭୩୫୩ ଜଣ ଅଟେ । ଏଥିରୁ ଅନୁମିତ ହେଉଅଛି ଯେ, ବଡ଼ବିଲ ଓ ଯୋଡ଼ା ଖଣି ଶିଳ୍ପ ସହରର ଲୋକ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଅଛି । ଏଣୁ ଏହି ସହର ହେତୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇ ଥିଲେ ହେଁ ଏଠାରୁ ଆଦିବାସୀମାନଙ୍କର ସଂଖ୍ୟା କ୍ରମଶଃ କମି ଯାଉଅଛି । ଏହା ନିଶ୍ଚିତ ଭାବେ ଉଦ୍‌ବେଗ ଜନକ ଅଟେ ।

—: o :—

ପର୍ବତମାଳିନୀ କେନ୍ଦୁଝରୀ

କେନ୍ଦୁଝର ଜିଲ୍ଲା ଗୋଟିଏ ପାର୍ବତ୍ୟ ପ୍ରଦେଶ ଅଟେ । ରାଜ୍ୟରେ ପର୍ବତ ଗୁଡ଼ିକ ପୂର୍ବ ପଶ୍ଚିମ ଓ ଉତ୍ତର ଦକ୍ଷିଣ ଭାବରେ ଦଣ୍ଡାୟମାନ ରହି ଥିବାରୁ ଜିଲ୍ଲାର ସମତଳ ଅଞ୍ଚଳ ଗୁଡ଼ିକ ପର୍ବତ ଗହ୍ୱର ଦେଶରେ ଅବସ୍ଥିତ ଅଟେ । ପର୍ବତ ମାଳିନୀ କେନ୍ଦୁଝରରେ ଶୋଭା ପାଉଥିବା ପର୍ବତ ଗୁଡ଼ିକ ମଧ୍ୟରେ ଗୋନାସିକା, ଖଣ୍ଡାଧାର, ମେଦାସନ, ମାଲ୍ୟଗିରି, ସନ୍ଧେଇଭଞ୍ଜ, ବୋଲ୍ଡ଼ଲା, ଠାକୁରାଣୀ, ବଳୀ ଦେଈଙ୍କ ଗନ୍ଧମାର୍ଦ୍ଦନ ପର୍ବତ ଅନ୍ୟତମ ଅଟେ । ଏହି ସବୁ ପର୍ବତ ଗୁଡ଼ିକ ଖଣିଜ, ବନଜ ଓ ବନୌଷଧି ପୂର୍ଣ୍ଣ ଅଟନ୍ତି ।

Digitized by srujanika@gmail.com

କେନ୍ଦୁଝର ଗଡଠାରୁ ତିନ ମାଇଲ ଦୂରରେ ଅବସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତର ଉଚ୍ଚତା ୩୪୭୯ ଫୁଟ ଅଟେ । ବର୍ତ୍ତମାନ ଏଠାରୁ ଲୁହା ପଥର ଉତ୍ତୋଳିତ ହୋଇ ପାରା-ଦୀପ ବନ୍ଦର ବାଟେ ବିଦେଶକୁ ରପ୍ତାନି ହେଉଅଛି । ଏହି ପର୍ବତର ପାଦ ଦେଶରେ ରାଜ୍ୟ ସରକାରଙ୍କର ଗୋଟିଏ ଔଷଧି ବନ ରହିଅଛି । କଥିତ ଅଛି କୋଷ୍ଠ ରୋଗର ଉପଶମ ପାଇଁ ଏଠାରେ ଭ୍ରମରମାରୀ ଔଷଧ ବୃକ୍ଷ ରହିଅଛି । ପୌରାଣିକ କିମ୍ବଦନ୍ତୀରୁ ଜଣା ଯାଏ ଯେ, ତ୍ରେତା ଯୁଗରେ ରାମ ରାବଣ ମଧ୍ୟରେ ହୋଇଥିବା ଯୁଦ୍ଧରେ, ଲକ୍ଷ୍ମଣଙ୍କର ଶକ୍ତିଭେଦ ସମୟରେ ବନ୍ୟ ପଶୁ ଜାମ୍ବବାନ ଓ ସୁଷେଣ ବୈଦ୍ୟଙ୍କ ନିର୍ଦ୍ଦେଶ କ୍ରମେ; ବୀରହନୁମାନ ଏହି ଗନ୍ଧମାର୍ଦ୍ଦନ ପର୍ବତରୁ ବିଶଲ୍ୟକରଣୀ ଓ ମୃତ ସଞ୍ଜୀବନୀ ନାମକ ବନୌଷଧି ନେଇ ଲକ୍ଷ୍ମଣଙ୍କୁ ବଞ୍ଚାଇ ଥିଲେ । ଏହି ପର୍ବତ ବନୌଷଧି ପୂର୍ଣ୍ଣ ହୋଇଥିବାରୁ ଏହା ଗନ୍ଧର୍ବମାନ-ଙ୍କର ବାସ ସ୍ଥାନ ଅଟେ । ଏହାର ପବନ ସୁଗନ୍ଧମୟ ଓ ରୋଗ ନାଶକ ଅଟେ । ତେଣୁ କବି ଲେଖିଛନ୍ତି :—

"କେତେ ଥର ଦେଖି ଅଛି ଖଣ୍ଡଗିରି
ଦେଖିଛି ଉଦୟଗିରି ଧଉଳିଗିରି ।
ଦକ୍ଷିଣରେ ଭ୍ରମି ମହେନ୍ଦ୍ର ତନୁ
ଦେଖିଛି ଯା, ପୁଣି ନପିବଇଁ ମନୁ ।
ଗନ୍ଧମାର୍ଦ୍ଦନର ଶିଖରେ ମୁଁ ଥରେ
ବସି କେତେ ଚିନ୍ତା ଚିତ୍ତୁ ଥିଲି କରେ ।
କିନ୍ତୁ କାହିଁ କେବେ କହିଲେ ସୁନ୍ଦରୀ
ଦେଖିନାହିଁ ପୁଣି ଉଜ୍ଜ୍ୱଳ ତୋ ଶିରୀ ।
ଧନ୍ୱନ୍ତରୀଙ୍କର ପ୍ରିୟ ସ୍ଥଳ ଯେଣୁ
ନାନା ବନସ୍ପତି ଢାଙ୍କି ଅଛୁ ତେଣୁ ।
ତୋ ହୃଦେ ଲୁଚାଇ ରଖିଛୁ ଗୁପତେ
ଔଷଧ ଆଳୟ ତୁ ସିନା ମରତେ ।
କୁଷ୍ଠ ରୋଗୀଙ୍କର ଦୁଃଖନାଶ ପାଇଁ
କହଲେ ରଖିଛୁ ଲୁଚାଇ ତୁ କାହିଁ ।
ଭ୍ରମର ମାରଣ ତୋ ଗର୍ଭ ପ୍ରଦେଶେ
ଦେଉଛୁ ହି କଷ୍ଟେ ନୃପତି ଆଦେଶେ ।
କେତେ କେତେ ଦେଶୁଁ ଅଗଣିତ ଜନ
ବର୍ଷେ ବର୍ଷେ ଆସି ନିଅନ୍ତି ଏ ଧନ ।"

ପର୍ବତ ମାଳିନୀ କେନ୍ଦୁଝରର ପ୍ରସିଦ୍ଧ ପର୍ବତ ଗନ୍ଧମାର୍ଦ୍ଦନ ପ୍ରାକୃତିକ ସମ୍ପଦରେ ପରି-ପୂର୍ଣ୍ଣ ହେଲେ ହେଁ, ବନସ୍ପତି ପ୍ରଦାନ କରିବାରେ ଏହା ଧନ୍ୱନ୍ତରୀଙ୍କର ଅବ୍ୟୟ ଔଷଧ ଭଣ୍ଡାର ଅଟେ । ଏହି ପର୍ବତର ଶୀର୍ଷ ଦେଶରେ ପ୍ରବାହିତ ପବନ ସୁଗନ୍ଧଭରା ହୋଇଥିବାରୁ ଏହା ଭଞ୍ଜ ରାଜବଂଶର ଅଧିଷ୍ଠାତ୍ରୀ ଦେବୀ 'ଦଣ୍ଡଦେବୀ'ଙ୍କର କ୍ରୀଡ଼ାସ୍ଥଳୀ ଅଟେ ।

Digitized by srujanika@gmail.com

ଏହି ରାଜ୍ୟକୁ ଉତ୍କଳ କମଳାର ଅବ୍ୟୟ ରତ୍ନ ଭଣ୍ଡାର ଓ ଧନ୍ୱନ୍ତରୀଙ୍କର ଅମୂଲ୍ୟ ଔଷଧ ଭଣ୍ଡାର ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ଗନ୍ଧମାର୍ଦ୍ଦନ ପର୍ବତ ଭୂୟାଁ ପୀଠରେ ଅବସ୍ଥିତ ଥିବାରୁ ଏହା କେନ୍ଦୁଝରର ଆଦିମ ଅଧିବାସୀ ଭୂୟାଁମାନଙ୍କର ବାସସ୍ଥଳୀ ଅଟେ ।

ରଶ୍ମିରେଖା ଚହ୍ନି ଧାଇଁ ଆସିଥିବ
ଚଲକେ ଗନ୍ଧମାର୍ଦ୍ଦନେ;
ଦଣ୍ଡ ଦେବୀ ଅଧି- ଷ୍ଠିତ ସେହି ଶୈଳେ
ଶାଳ କାଠ କରି ଗଦା,
ଅନଳ ଲଗାଇ ହୋଇଥିବେ ମତ୍ତ
ସଙ୍ଗୀତେ ଭୂୟାଁ ପ୍ରମଦା ।
ସ୍ତରେ ସ୍ତରେ ନୀଳ ଶୃଙ୍ଗମାନ ନଭେ
ଟେକିଛନ୍ତି ଗିରି ଯହିଁ,
ଯାର ତୁଙ୍ଗ ତଟେ ବନସ୍ପତି ପୁଞ୍ଜି
ତାରା ପୁଞ୍ଜ ସଂଚରଇ ।"

ଏହି ରାଜ୍ୟଟି ପୁଣ୍ୟ ତୋୟା ବୈତରଣୀ ନଦୀର ଆବିର୍ଭାବ ସ୍ଥଳୀ ଓ ସ୍ୱଚ୍ଛନୀରା ଶାଳନ୍ଦୀ ନଦୀର କ୍ରୀଡ଼ାସ୍ଥଳୀ ଅଟେ ।

"ବ୍ରହ୍ମାଣ୍ଡ ପାଳନୀ ବ୍ରାହ୍ମୀ, ଗୋନାସା ଶୈଳଜା,
ପୁଣ୍ୟତୋୟା ବୈତରଣୀ (ସ୍ନାନ କରି ଯହିଁ
ଲଭନ୍ତି ପରମ ଗତି ବିନା ତତ୍ତ୍ୱଜ୍ଞାନେ ନରେ)
ଦେବଃ ମନ ପ୍ରାପ୍ତ ପୁତ ସ୍ୱଚ୍ଛଜଳା,
ଶାଳନ୍ଦୀ ଶାଳ୍ମଳୀ ଶୈଳ ତନୁଜା ସୁଦର୍ଶା ।"

ଏତଦ୍‌ବ୍ୟତୀତ କୁଶଭଦ୍ରା, ସେଣ୍ଡ୍ରେଇ, ଟେମୋକ, ଅରଡେଇ, ସୀତା, ମୁଷଳ, ମୁହାଣ, ମାଛକାନ୍ଦଣା ଆଦି ଗିରି ନିର୍ଝରଣୀ ଗୁଡ଼ିକ ଏହି ରାଜ୍ୟକୁ ନଦୀମାତୃକା ରୂପେ ଗଢ଼ି ତୋଳିଛନ୍ତି ।

Digitized by srujanika@gmail.com

କେନ୍ଦୁଝର ରାଜ୍ୟର ଉତ୍ପତ୍ତି

ଭୂତତ୍ତ୍ୱବିତ୍‌ମାନଙ୍କ ମତରେ ଭୂଗର୍ଭର ଆଭ୍ୟନ୍ତରୀଣ ପ୍ରଦେଶ ଉତପ୍ତ ଅବସ୍ଥାରେ ରହିଥିବାରୁ କୌଣସି ଏକ ଭୂକଂପନ ସମୟରେ ଭୂଗର୍ଭ ମଧ୍ୟରେ ସଞ୍ଚିତ ଥିବା ତରଳ ଧାତବ ପଦାର୍ଥ ସମୂହ ଭୂପୃଷ୍ଠରେ ଅବସ୍ଥାନ କରିବା ଦ୍ୱାରା ପ୍ରକୃତିର ଗନ୍ତାଘର କେନ୍ଦୁଝର ରାଜ୍ୟର ଉତ୍ପତ୍ତି ହୋଇଥିବା ସ୍ୱାଭାବିକ ଅଟେ ।

ଏହିପରି ଏକ ଆବର୍ତ୍ତନ ଓ ବିବର୍ତ୍ତନଶୀଳ ପ୍ରାଚୀନ ପୃଥିବୀ ପୃଷ୍ଠରେ କେନ୍ଦୁଝର ରାଜ୍ୟର ଇତିହାସ ବର୍ଣ୍ଣନା କରିବା ସ୍ୱଳ୍ପ ଆୟୁ ବିଶିଷ୍ଟ ମନୁଷ୍ୟ ପକ୍ଷରେ ବସ୍ତୁତଃ ଅସମ୍ଭବ ହେଲେହେଁ; ଓଡ଼ିଆ ଭାଷା-ସାହିତ୍ୟ ଉଦ୍ୟାନରେ ପ୍ରସ୍ଫୁଟିତ ସୁଗନ୍ଧ କୁସୁମତୁଲ୍ୟ ଅମୂଲ୍ୟ ଐତିହାସିକ ତଥ୍ୟ ଗୁଡ଼ିକର ସଂଗ୍ରହ, ସମୀକ୍ଷା, ଓ ସାଧନ କରି ମୁଁ ମୋର ବିବେକ ସୂତ୍ରରେ ମାଳା ଗୁନ୍ଥି ବିନମ୍ର ଭାବରେ ଉତ୍କଳ-କମଳାର କନିଷ୍ଠ ଭଗ୍ନି ଧନଶ୍ରୀ ଓ ବନଶ୍ରୀ କେନ୍ଦୁଝରର କଣ୍ଠ ମଣ୍ଡନ କରିଅଛି । ଇତିହାସ ବସ୍ତୁତଃ ଅତୀତ ଘଟଣାବଳୀ ଉପରେ ପର୍ଯ୍ୟବସିତ ହୋଇଥିବାରୁ ଏହା କସ୍ମିନ କାଳେ ବ୍ୟକ୍ତି ସର୍ବସ୍ୱ ହୋଇ ନପାରେ । ଏଣୁ ମୋର ରଚିତ ଏହି ପୁସ୍ତକରେ ଯେଉଁ ସବୁ ଐତିହାସିକ ତଥ୍ୟାବଳୀ ସନ୍ନିବେଶିତ ହୋଇ-ଅଛି, ସେ ଗୁଡ଼ିକ ବ୍ୟକ୍ତି ସର୍ବସ୍ୱ ନହୋଇ ପରନ୍ତୁ ସଂଗୃହିତ ହୋଇଅଛି ବୋଲି କହିଲେ ଯଥାର୍ଥ ହେବ ।

ଆବହମାନ କାଳରୁ ମଣିଷ ବାସ କରି ଆସୁଥିବା ଏହି ପ୍ରାଚୀନ ପୃଥିବୀ ପୃଷ୍ଠରେ ଭାରତ ତଥା ଓଡ଼ିଶା ମଧ୍ୟରେ ଅବସ୍ଥିତ ବିଶ୍ୱ ବିଖ୍ୟାତ ଖଣିଜ-ବନଜ-ଜଳଜ ବହୁଳ, ପ୍ରାକୃତିକ ଶୋଭା ପରିପୂର୍ଣ୍ଣ, ନଭଃସ୍ପର୍ଶୀ ନୀଳ ଶୈଳ ବିମଣ୍ଡିତ, ନୈସର୍ଗିକ ଶୋଭା ସମ୍ଭାର ସୁଶୋଭିତ, ଶସ୍ୟ ଶ୍ୟାମଳା, ସୁଜଳା ସୁଫଳା ଗିରି ନିର୍ଝରିଣୀ ଚଂପାବରଣୀ ବୈତରଣୀ, ଶାଳନ୍ଦୀ ଶାଳ୍ମଳୀ ଶୈଳ ତନୁଜା ସୁନ୍ଦରୀ ନଦୀ ପ୍ରବାହିତା, ବନଗିରିବାସୀ ଅଧ୍ୟୁଷିତା, ପରମପୂଜ୍ୟା, ବିଶ୍ୱବନ୍ଦନୀୟା, ଗର୍ଭମୁକ୍ତ ପ୍ରଦାୟିନୀ ମାତୃ ଶ୍ରେଷ୍ଠା ଜନ୍ମଭୂମି କେନ୍ଦୁଝରୀ ବିଶାଳ ବିଶ୍ୱ ବକ୍ଷରେ ଗୋଟିଏ କ୍ଷୁଦ୍ରତମ ବିନ୍ଦୁ ହେଲେହେଁ ଏହାର ଐତିହ୍ୟପୂର୍ଣ୍ଣ, ଜାଜ୍ୱଲ୍ୟମାନ, ଗୌରବମୟ ଇତିହାସ ଯେପରି ପ୍ରାଚୀନତମ ସେହିପରି ଗୁରୁତ୍ୱପୂର୍ଣ୍ଣ ମଧ୍ୟ ଅଟେ ।

ମନ୍ଦିରମାଳିନୀ କେନ୍ଦୁଝରୀ

ପୁଣ୍ୟତୋୟା ସୁରଗଙ୍ଗା ବୈତରଣୀ ସ୍ନାତା କେନ୍ଦୁଝରୀ ନାନା ଦେବଦେବୀଙ୍କର ଚୀରସ୍ଥାୟୀ ବାସସ୍ଥଳୀ ଅଟେ । ସମଗ୍ର ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଶୋଭା ପାଉଥିବା ଅସଂଖ୍ୟ ଦେବ ଦେବୀ ମନ୍ଦିର ଗୁଡ଼ିକ ଏହାକୁ ଏକ ମନ୍ଦିରମାଳିନୀ ନଗରୀ ରୂପେ ଗଢ଼ି ତୋଳିଛନ୍ତି । ଏହି ସବୁ ମନ୍ଦିର ଗୁଡ଼ିକରେ ଯେଉଁପରି ଐଶ୍ୱର୍ଯ୍ୟମୟ ପୂଜା ଆରାଧନାର ବ୍ୟବସ୍ଥା ଆବହ-ମାନ କାଳରୁ ପ୍ରଚଳିତ ହୋଇ ଅଛି, ତାହା ଅନ୍ୟତ୍ର କ୍ୱଚିତ ଦେଖାଯାଏ । ଏହାହିଁ ହେଉଛି

Digitized by srujanika@gmail.com

ଦେବଭୂମି କେନ୍ଦୁଝର ରାଜ୍ୟର ରାଜା ପ୍ରଜା ପୁଞ୍ଜଙ୍କର ଧର୍ମପରାୟଣତାର ପ୍ରକୃଷ୍ଟ ନିଦର୍ଶନ । ଘଟଗାଁଠାରେ ବିଦ୍ୟମାନ ରାଜ୍ୟର ଅଧିଷ୍ଠାତ୍ରୀଦେବୀ, ତ୍ରିକାଳ ବନ୍ଦନୀୟା, ଅଶେଷ କରୁଣାଳୟା, ଭକ୍ତପ୍ରିୟା ମା’ତାରିଣୀ ପରମ ଆରାଧ୍ୟା ଦେବୀ ଓ ବଳଦେବ ଜୀଉଙ୍କ ବିଗ୍ରହ ପ୍ରଧାନ ଉପାସ୍ୟ ଦେବତା ଅଟନ୍ତି । ଏଠାରେ ପୁରୀ ବଡଦେଉଳ ଅନୁକରଣରେ ଏହାଙ୍କର ସେବା କାର୍ଯ୍ୟ ସମାହିତ ହୁଏ ।

ତନ୍ତ୍ରଭୂମି :— ତନ୍ତ୍ର ସାଧନା ଦିଗରେ କେନ୍ଦୁଝର ରାଜ୍ୟର ଉତ୍କଳ ତଥା ଭାରତ ବର୍ଷରେ ପ୍ରାଚୀନ ପ୍ରସିଦ୍ଧି ରହି ଆସିଛି । କିମ୍ବଦନ୍ତୀ କହେ କୁଶଭଦ୍ରା ନଦୀତୀରବାସୀ ସହରେଇଁ ଗ୍ରାମର ସ୍ୱର୍ଗୀୟ ସୁଦର୍ଶନ ମିଶ୍ର ମହାଭୈରବୀ ତନ୍ତ୍ର ବଳରେ ବଳଦେବ ଜୀଉଙ୍କ ମନ୍ଦିରର ଶୀର୍ଷ ଦେଶରେ ନୀଳଚକ୍ର ପ୍ରତିଷ୍ଠା କରିଥିଲେ । ଶ୍ରୀମନ୍ଦିରର ଶୀର୍ଷ ଦେଶରେ ଶୋଭା ପାଉଥିବା ନୀଳଚକ୍ର, ନୀଳମହୋଦଧିର ନୀଳାଦ୍ରି ବିନ୍ଦୁରେ ପ୍ରତିବିମ୍ବିତ ହେଲପରି, ବିଶାଳକାୟ ବଳଦେବ ଜୀଉଙ୍କ ମନ୍ଦିରର ଶୀର୍ଷ ଦେଶରେ ଅବସ୍ଥାପିତ ନୀଳଚକ୍ରର ପ୍ରତିବିମ୍ବ ରାଜପ୍ରାସାଦର ଦକ୍ଷିଣପାର୍ଶ୍ୱରେ ଅବସ୍ଥିତ ଚନ୍ଦନ ପୁଷ୍କରିଣୀର ଦାଣ୍ଡି ଖୁଣ୍ଟ ମୂଳରେ ଦୃଶ୍ୟମାନ ହୋଇଥାଏ । ଏହାହିଁ ହେଉଛି ଶ୍ରୀ ଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା କ୍ଷେତ୍ରରେ କେନ୍ଦୁଝର ରାଜ୍ୟର ଚରମ ନିଷ୍ଠାପରତା ।

ଏହା ଛଡା ଭଞ୍ଜ ରାଜବଂଶର ଅଧିଷ୍ଠାତ୍ର ଦଣ୍ଡଦେବୀଙ୍କର ତାନ୍ତ୍ରିକ ପୂଜା ପଦ୍ଧତି, ଗୋର-ନର,-ପଶୁ ପକ୍ଷୀ ବଳୀର ବହୁଳ ପ୍ରସାର, ସର୍ବୋପରି ରାଜ୍ୟରେ ସର୍ବତ୍ର ଶିବଶକ୍ତି ପୂଜା ଏହାକୁ ଶୈବଶାକ୍ତ କ୍ଷେତ୍ର ରୂପେ ଗଢି ତୋଳିଛି । ଭୂଭାଗରେ ଏପରି କୌଣସି ରାଜ୍ୟ ନାହିଁ ଯାହାର ପ୍ରତି ଏକକ୍ରୋଶ ଦୂରତ୍ୱରେ ଗୋଟିଏ ଗୋଟିଏ ଶିବଲିଙ୍ଗ ପୂଜିତ ହେଉ ଅଛନ୍ତି ।

—: ୦ :—

ଶିଳ୍ପ ନିପୁଣତା

ଶିଳ୍ପ ଓ ସଙ୍ଗୀତ ବିଦ୍ୟାରେ ମଧ୍ୟ କେନ୍ଦୁଝରର ପ୍ରାଚୀନ ପ୍ରସିଦ୍ଧି ରହିଅଛି । ସୀତାର ବାଦ୍ୟ ବାଦନ ପାଇଁ ବ୍ୟବହୃତ ହେଉଥିବା ସୂକ୍ଷ୍ମ ଲୌହତାର ଏଠାରେ ନିର୍ମିତ ହେଉଥିଲା ।

"ରମ୍ଭା ଧରାଙ୍କର ଚଂପକ ଅଙ୍ଗୁଳି
କଂପନେ ମଧୁ ଝଙ୍କାର
ଉପୁଜିବା ଆଶେ କେନ୍ଦୁଝରେ ଗଢା
ହେଉଥିଲା ଲୌହତାର ।"

ଏପରି କି କୋଣାର୍କ ମନ୍ଦିର ଗାନ୍ତରେ ବ୍ୟବହୃତ ହୋଇଥିବା ବିଶାଳକାୟ ଲୌହଦଣ୍ଡ, ଭୁରୁକ, କୁଶଭଦ୍ରା ନଦୀତୀରରେ ଅବସ୍ଥିତ ବାହୁଣୀପାଳ ଗ୍ରାମର ଲୋହୁରା ନାମକ ଜାତି ବୈଡ୍ୟାରୀ-ଚମକା ପର୍ବତରୁ ଲୁହାପଥର ସଂଗ୍ରହ କରି ତାହାକୁ ଗ୍ରାମ୍ୟଭାଟି ପ୍ରଣାଳୀରେ ତରଳାଇ ନିର୍ମାଣ କରିଥିଲେ । ଏହାର ପ୍ରମାଣ ସ୍ୱରୂପ ଉକ୍ତ ଗ୍ରାମର ଚତୁଃପାର୍ଶ୍ୱରେ

Digitized by srujanika@gmail.com

ଗଦା ଗଦା ହୋଇ ଲୌହମଳ ବହୁତ ବନରୁ ପଡ଼ି ରହିଛି । ଏପରିକି ବର୍ତ୍ତମାନ ମଧ୍ୟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ଲହୁରା ଜାତିର ଲୋକମାନେ ବାସ କରି ପର୍ବତରୁ କଞ୍ଚା ଲୁହାପଥର ସଂଗ୍ରହ କରି ତାହାକୁ ଗ୍ରାମ୍ୟ ଭାଟି ପ୍ରଣାଳୀରେ ତରଳାଇ ଚର୍ବିରୁ ଲୌହପିଣ୍ଡ ଉତ୍ପନ୍ନ କରି ଜୀବିକା ନିର୍ବାହ କରି ଆସୁ ଅଛନ୍ତି ।

ଗଜପତି ପୁରୁଷୋତ୍ତମଦେବଙ୍କର କାଞ୍ଚି ଯୁଦ୍ଧଯାତ୍ରାରେ କେନ୍ଦୁଝର ରାଜକୁମାର ଗୋବିନ୍ଦ ଭଞ୍ଜଙ୍କର ଓଡ଼ିଆ ସେନାବାହିନୀର ସେନାପତିତ୍ୱ ଗ୍ରହଣ ଓ ଆନନ୍ଦପୁର ସବ୍‌ଡିଭିଜନ ସହିତ ଶିରପା ଓ ଜୟ ଗୋବିନ୍ଦ ଉପାଧି ପ୍ରାପ୍ତି, ରାଜା ବଳଭଦ୍ର ନାରାୟଣ ଭଞ୍ଜଙ୍କ ଶାସନ କାଳରେ ବାମଣ୍ଡା ଓ ଢେଙ୍କାନାଳ ସମର ସଜ୍ଜା, ରାଜା ଜନାର୍ଦ୍ଦନ ନାରାୟଣ ଭଞ୍ଜଙ୍କ ରାଜତ୍ୱରେ ଇଂରେଜ ଶାସନ ବିରୁଦ୍ଧରେ ହୋଇଥିବା ସିପାହୀ ବିଦ୍ରୋହ ଦମନ ପାଇଁ ପୋଡ଼ାହାଟର ରାଜା ଅର୍ଜ୍ଜୁନ ସିଂହଙ୍କୁ ଧରାଇ ଦେବା ପାଇଁ ଇଷ୍ଟଇଣ୍ଡିଆ କମ୍ପାନୀଙ୍କୁ ସୈନ୍ୟ ଓ ଅର୍ଥ ସାହାଯ୍ୟ, ମହାରାଜା ଧନୁର୍ଜ୍ଜୟ ନାରାୟଣ ଭଞ୍ଜଙ୍କ ରାଜତ୍ୱ ବିରୁଦ୍ଧରେ ଭାରତର ସର୍ବ ପ୍ରଥମ ପ୍ରଜା ଆନ୍ଦୋଳନ ଧରଣୀ ବିଦ୍ରୋହ, କଟକରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ଗୃହ ଓ ଛାତ୍ରାବାସ ନିର୍ମାଣ ଓ ଉତ୍କଳ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅଜସ୍ର ଅର୍ଥଦାନ, ଶ୍ରୀ ଜଗନ୍ନାଥ ଧର୍ମ ସଂସ୍କୃତିର ପ୍ରସାର ପାଇଁ ସମଗ୍ର ରାଜ୍ୟରେ ମନ୍ଦିର ନିର୍ମାଣ, ବିଗ୍ରହ ପ୍ରତିଷ୍ଠା ଓ ରଥଯାତ୍ରା ପ୍ରଚଳନ, ବେଦ ବିଧାନର ସୁରକ୍ଷା ପାଇଁ ଏକାଧିକ ବ୍ରାହ୍ମଣ ଶାସନ ପ୍ରତିଷ୍ଠା ଓ ନିଷ୍କର ଭୂମି ବଣ୍ଟନ ଭଞ୍ଜ ରାଜବଂଶର ବୀରତ୍ୱ ଓ ସ୍ୱଦେଶାନୁରାଗର ପରିଚୟସୂଚକ ଅଟେ ।

"ଅହୋ ! କାହା ନାମ ପୁଣି ପଡ଼ିଗଲା ମନେ, କ୍ଷତ୍ରୀୟ ରାଜନ୍ୟୋଚିତ ଗୁଣ ବିଚକ୍ଷଣ,
ନୃପ ଧନୁର୍ଜ୍ଜୟ ଭଞ୍ଜ ଧନଞ୍ଜୟୋପମ, ପ୍ୟାରୀ ଏକାଡେମୀ ଗୃହ ତାର ଛାତ୍ରାବାସ,
ବାଳିକା ବିଦ୍ୟା ଆଗାର ତିନିହେଁ କଟକେ ଧରିଛନ୍ତି ସେ କୃତିର କୀର୍ତ୍ତିର ନିଶାଣ,
କ୍ଷତ୍ରୀୟ ତେଜେ ତେଜସ୍ୱୀ ନଥିଲେ କେବଳ ରାଏ, ଜାଣୁ ତେଜର ସୁଧା ଥିଲା ସେଥିରୁ
ସତତ ତେଜସ୍ୱୀ, ତେଣୁ ସ୍ୱଦେଶୀଙ୍କର ଥିଲା ପୂର୍ଣ୍ଣ ପକ୍ଷପାତି, କରି ଥିଲା ପୁଣି
ସ୍ୱଦେଶୀ ଗୁଣୀଗଣର ସମ୍ୟକ ଆଦର ।"

ସୀତାବିଞ୍ଜି, ଅଣନପାଟ, ବଇଦାଖିଆ, 'ଛେଳିଆଡ଼ିହା, ସନ୍ଥେଇଭଞ୍ଜ ଗୁମ୍ଫା ପ୍ରଭୃତି ଶିଳାଭିଲେଖ ଓ ଶୈଳ ଚିତ୍ରାଙ୍କନ, କୁଶଳେଶ୍ୱର, ସିଦ୍ଧମଠ, ବାଇଆ ପାଗଳା ସାଧୁଙ୍କର ଜନ୍ମ ଓ ସିଦ୍ଧି ସ୍ଥାନ, ଅମ୍ବିକା ବିଳାସ ଭଞ୍ଜ ମହୋଦୟମ ପ୍ରଭୃତି ସାହିତ୍ୟ ସୃଷ୍ଟି ବାସ୍ତବରେ ଏହି ରାଜ୍ୟରେ ଗୌରବୋଜ୍ଜ୍ୱଳ ଇତିହାସ ଅଟେ । ସ୍ଥୂଳତଃ କହିବାକୁ ଗଲେ ଅନ୍ୟ ଦେଶୀୟ ରାଜ୍ୟ ଗୁଡ଼ିକର ଇତିହାସଠାରୁ କେନ୍ଦୁଝର ରାଜ୍ୟର ଇତିହାସ ଉନ୍ନତ ଓ ପ୍ରାଚୀନତମ ହୋଇଥିଲେ ହେଁ, ଏହା ବନଗିରିବାସୀ ଅଧ୍ୟୁଷିତ ଅଟବିକ ଅଞ୍ଚଳ ହୋଇ ଥିବାରୁ ଏହାର ଗୌରବମୟ ଇତିହାସ ଓ ରାଜା ପ୍ରଜାଙ୍କର କାର୍ଯ୍ୟକଳାପ ଗିରିଗହ୍ୱର ଅନ୍ତରାଳ କରି ବାହାର ଜଗତରେ ପ୍ରକାଶିତ ହୋଇ ପାରି ନାହିଁ । ଏହି ରାଜ୍ୟର ଗୁପ୍ତ ତଥ୍ୟ ଗୁଡ଼ିକ ଉନ୍ମୋଚନ କରି ଲୋକ ଲୋଚନକୁ ଆଣିବା ଏହି ପୁସ୍ତକର ଲକ୍ଷ୍ୟ ଅଟେ ।

Digitized by srujanika@gmail.com

ପ୍ରାଚୀନ ସାହିତ୍ୟରେ କେନ୍ଦୁଝର

ସ୍ୱର୍ଗୀୟ ଐତିହାସିକ କ୍ଷେତ୍ରମୋହନ ମିଶ୍ରଙ୍କ ରଚିତ କେନ୍ଦୁଝର ଇତିହାସ ପୁସ୍ତକରେ ଲେଖା ଅଛି ଯେ, ୧୧୨୮ ଖ୍ରୀଷ୍ଟାବ୍ଦରେ କେନ୍ଦୁଝର ରାଜ୍ୟ ତାହାର ଜ୍ୟେଷ୍ଠଭ୍ରାତୃ ରାଜ୍ୟ ମୟୂରଭଞ୍ଜ ରାଜ୍ୟରୁ ବିଚ୍ଛିନ୍ନ ହୋଇ ଗୋଟିଏ ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହେଲା । ଏହାର ପ୍ରଥମ ରାଜା ହେଲେ ଜ୍ୟୋତିଭଂଜ ଓ ରାଜ୍ୟର ନାମ ହେଲା ଜ୍ୟୋତିପୁର । ତେଣୁ କେନ୍ଦୁଝର ରାଜ୍ୟର ପ୍ରାଚୀନ ଇତିହାସ ଜାଣିବାକୁ ହେଲେ ଆମ୍ଭମାନଙ୍କୁ ଏହାର ଜ୍ୟେଷ୍ଠ ଭ୍ରାତୃ ରାଜ୍ୟ ମୟୂରଭଞ୍ଜ ରାଜ୍ୟର ଇତିହାସ ସମ୍ବନ୍ଧରେ ସମ୍ୟକ ଜ୍ଞାନ ଆହରଣ କରିବା ବିଧେୟ ।

ମୟୂରଭଂଜ ରାଜ୍ୟ ଉତ୍ତର ଅକ୍ଷାଂଶର ୨୧'୭୨ ଓ ୨୨°୩୪ ଏବଂ ପୂର୍ବଦ୍ରାଘିମାର ୮୫°୪୦ ଓ ୮୭°୧୦ ମଧ୍ୟରେ ଅବସ୍ଥିତ ଅଟେ । ଏହାର କ୍ଷେତ୍ରଫଳ ୪୦୨୨ ବର୍ଗ ମାଇଲ ଅଟେ ।

ବର୍ତ୍ତମାନର କେନ୍ଦୁଝର ଓ ମୟୂରଭଂଜ ଜିଲ୍ଲା ଦ୍ୱୟ ପୂର୍ବେ ଏକତ୍ର ମିଶିଯାଇ ଖିଜିଙ୍ଗ ମଣ୍ଡଳ ନାମରେ ଏକ ବିଶାଳ ଭଞ୍ଜ ସାମ୍ରାଜ୍ୟ ଗଠନ କରି ସମଗ୍ର ଉତ୍ତର ଓଡ଼ିଶାରେ ଶକ୍ତିଶାଳୀ ଶାସନ ପ୍ରତିଷ୍ଠା କରିଥିଲେ । ଖିଜିଙ୍ଗ ମଣ୍ଡଳର କ୍ଷେତ୍ରଫଳ ଥିଲା ୭୨୩୯ ବର୍ଗ ମାଇଲ । ଏହି ରାଜ୍ୟର ରାଜଧାନୀର ନାମ ଥିଲା ଖିଚିଙ୍ଗକୋଟ ବା ଆଧୁନିକ ଖିଚିଙ୍ଗ ସହର ।

ପ୍ରତ୍ନତାତ୍ତ୍ୱିକ ଗବେଷଣାରୁ ଜଣାଯାଏ ଯେ, ପ୍ରାୟ ବିଗତ ପଚିଶ ସହସ୍ର ବର୍ଷ ଧରି ଏହି ଅଞ୍ଚଳରେ ମଣିଷ ବସବାସ କରି ଆସୁଅଛି । ଖିଜିଙ୍ଗ ମଣ୍ଡଳର ଆଦିମ ଅଧିବାସୀମାନେ ବ୍ୟବହାର କରୁଥିବା ପ୍ରାଚୀନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର ଗୁଡିକ ଏସିଆ, ୟୁରୋପ ଓ ଆଫ୍ରିକା ପ୍ରଭୃତି ମହାଦେଶରେ ବ୍ୟବହୃତ ହେଉଥିବା ପ୍ରାଚୀନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ରଠାରୁ ଅଧିକ ଉନ୍ନତ ଓ ମସୃଣ ଥିଲା ।

ଏହି ସଭ୍ୟତା ନଦୀମାତୃକା ଖିଜିଙ୍ଗ ମଣ୍ଡଳରେ ପ୍ରବାହିତ ହେଉଥିବା ବୁଢାବଳଙ୍ଗ, ସୁବର୍ଣ୍ଣରେଖା, ଖଇରାଭଣ୍ଡାର, ବୈତରଣୀ, ଶାଳନ୍ଦୀ, କୁଶଭଦ୍ରା ପ୍ରଭୃତି ନଦୀ ଅବବାହିକାରେ ପ୍ରସିଦ୍ଧି ଲାଭ କରିଥିଲା । ନଦୀ ଅବବାହିକା ଗୁଡ଼ିକ ଅପେକ୍ଷାକୃତ ଅଳ୍ପ ଜଙ୍ଗଲପୂର୍ଣ୍ଣ ହୋଇଥିବାରୁ ଏବଂ ନଦୀତୀର ଦେଶରେ ସ୍ନାନପାନ ଭୋଜନ ପାଇଁ ପ୍ରଚୁର ପରିମାଣରେ ଜଳ, ମତ୍ସ୍ୟ ଓ ପଶୁପକ୍ଷୀ ମିଳୁଥିବାରୁ ଖିଜିଙ୍ଗ ମଣ୍ଡଳର ଆଦିମ ଅଧିବାସୀ ନଦୀ ଉପତ୍ୟକାରେ ବାସ କରି ପ୍ରାକୃତିକ ଜୀବନ ଯାପନ କରୁଥିଲେ । ହୁଏତ ସେମାନଙ୍କର ଆକୃତି ଆଜି କାଲିର ମଣିଷମାନଙ୍କ ପରି ନହୋଇ ମେରୁଦଣ୍ଡ ବକ୍ର ଥିଲା । ଏବଂ ସେମାନେ ସିଧା ଚାଲି ପାରୁ ନଥିଲେ । ସେମାନଙ୍କର ତଳ ପାଟିରେ ହାଡ଼ ନ ଥିବାରୁ କଥା କହି ପାରୁ ନଥିଲେ । ସେମାନଙ୍କ ଦେହ ଘନ ଲୋମାବୃତ ଥିଲା । ମନୁଷ୍ୟମାନଙ୍କ ପରି ସେମାନଙ୍କର ମୁହଁ, କପାଳ, ମସ୍ତିଷ୍କ, କ୍ଷୁଦ୍ର କ୍ଷୁଦ୍ର ବାହୁ ଓ ଅଙ୍ଗୁଳି ଥିଲା । ଏମାନେ ଆଦି ମାନବ ରୂପରେ କଥିତ ଅଟନ୍ତି ।

Digitized by srujanika@gmail.com

କ୍ରମ ବିବର୍ତ୍ତନ ଓ ପ୍ରଯୋଜନ ପ୍ରକ୍ରିୟା ଫଳରେ ଆଦିମ ମନୁଷ୍ୟର କ୍ରମୋନ୍ନତି ହୋଇ ପ୍ରକୃତ ମାନବ ରୂପ ଦେଖାଦେଲା ପ୍ରାୟ ପଚାଶ ସହସ୍ର ବର୍ଷ ପୂର୍ବେ । ଜୀବଜଗତରେ ବିବର୍ତ୍ତନ ଫଳରେ ପ୍ରକୃତ ମାନବର ସୃଷ୍ଟି ଏକ ବିଶିଷ୍ଟ ଘଟଣା ଅଟେ । ସେମାନେ ପର୍ବତ ଗୁହାରେ ଓ ବଣଜଙ୍ଗଲରେ ଗଛ କୋରଡ଼ରେ ପଶୁଙ୍କ ପରି ବାସ କରୁଥିଲେ । ସେମାନେ ବନ୍ୟ ପଶୁ ପକ୍ଷୀ ଓ ମୃତ ଜୀବର କଞ୍ଚା ମାଂସ ଭକ୍ଷଣ କରି ଜୀବିକା ନିର୍ବାହ କରୁଥିଲେ । ତେଣୁ ଉଲଗ୍ନ ରହୁଥିଲେ ବା ପତ୍ର, ବକଳ, ଚମଡ଼ାକୁ ବସ୍ତ୍ର ରୂପେ ବ୍ୟବହାର କରୁଥିଲେ । ବିଭିନ୍ନ ସ୍ୱର ଓ ଠାର ଦ୍ୱାରା ସେମାନେ ଭାବ ପ୍ରକାଶ କରୁଥିଲେ । ଶିକାର କରିବା ଓ ଆତ୍ମ ରକ୍ଷା ପାଇଁ ସେମାନେ ଯେଉଁ ସବୁ ପ୍ରସ୍ତର ଅସ୍ତ୍ରଶସ୍ତ୍ର ଗୁଡ଼ିକ ବ୍ୟବହାର କରୁଥିଲେ । ତାହା ପ୍ରାଚୀନ ପ୍ରସ୍ତର ଯୁଗର ଥିଲା । ସେମାନେ କାଳକ୍ରମେ ଦଳବଦ୍ଧ ହୋଇ ସାମାଜିକ ଜୀବନ ଯାପନ କରିବାକୁ ଶିଖିଲେ । ନିଆଁର ବ୍ୟବହାର ଜାଣି ହିଂସ୍ର ଜନ୍ତୁଙ୍କ ଆକ୍ରମଣ ଓ ଶୀତରୁ ରକ୍ଷା ପାଇଲେ । ସେମାନେ ପୋଡ଼ହାଡ଼ର ମାଳ ପିନ୍ଧୁଥିଲେ ଏବଂ ଦେହକୁ ବିଭିନ୍ନ ପ୍ରକାର ରଙ୍ଗମାଟିରେ ରଙ୍ଗାଉ ଥିଲେ । ସେମାନଙ୍କର ସଭ୍ୟତା ନିମ୍ନ ସ୍ତରର ଥିଲେ ମଧ୍ୟ ଚିତ୍ରକଳା ଅନୁନ୍ନତ ନଥିଲା । କଳା, ଧଳା, ହଳଦିଆ, ନାଲି, ନେଳି ପ୍ରଭୃତି ରଙ୍ଗରେ ସେମାନେ ନାନା ପ୍ରକାର ଚିତ୍ର ପର୍ବତ ଓ ପାହାଡ଼ର ଗୁମ୍ଫାମାନଙ୍କରେ ଆଙ୍କିଥିଲେ । ସୀତା-ବିଞ୍ଜିଠାରେ ଥିବା ଶୈଳଚିତ୍ର ଏହାର ପ୍ରକୃଷ୍ଟ ପ୍ରମାଣ ଅଟେ । କ୍ରମଶଃ ପ୍ରକୃତ ମନୁଷ୍ୟ ଉନ୍ନତ ହୋଇ ଶିକାର ଓ ବନ୍ୟ ଫଳମୂଳ ସଂଗ୍ରାହକ ନହୋଇ କୃଷି ଓ ପଶୁପାଳନ କରି ଉତ୍ପାଦକ ପଦବାଚ୍ୟ ହେଲା । ତେଣୁ ସେମାନେ ଯାଯାବର ଜୀବନ ତ୍ୟାଗ କରି ନଦୀ ଉପତ୍ୟକାରେ ଚିରସ୍ଥାୟୀ ବସତି ସ୍ଥାପନ କଲେ । ଶିକାର ପରିବର୍ତ୍ତେ କୃଷି ପ୍ରଧାନ ଜୀବିକା ହେବାରୁ ତାହାର ଜୀବନ ଯାତ୍ରା ପ୍ରଣାଳୀରେ ଘୋର ପରିବର୍ତ୍ତନ ଘଟିଲା ଏବଂ ସ୍ଥାୟୀ ବସତି ଆରମ୍ଭ ହୋଇ ସାମାଜିକ ଜୀବନର ଉନ୍ନତି ଘଟିଲା ।

ମନୁଷ୍ୟ ଏକ ସ୍ଥାନରେ ବସବାସ କରିବା ଦ୍ୱାରା ପରସ୍ପର ମଧ୍ୟରେ ସାମାଜିକ ସଂପର୍କ ଦୃଢ଼ ହେବାକୁ ଲାଗିଲା । ଜୀବନ ଯାପନ ପ୍ରଣାଳୀ ସଭ୍ୟ, ଉନ୍ନତ ଓ ସୁଖମୟ ହେଲା । ମନରେ ଧର୍ମ ବିଶ୍ୱାସ ଜାଗ୍ରତ ହୋଇ ପୂଜା ପଦ୍ଧତିର ବିକାଶ ଘଟିଲା । ସେମାନେ କ୍ରମେ ଏକ ରାଷ୍ଟ୍ରର କଳ୍ପନା କରି ସଂଗଠିତ ଶାସନ ପ୍ରଣାଳୀର ଭିତ୍ତିପ୍ରସ୍ତର ପ୍ରତିଷ୍ଠା କଲେ । ଲେଖା ପଢ଼ା ପାଇଁ ଚିତ୍ରଲିପି ଉଦ୍ଭାବନ କରି ମନର ଭାବ ପ୍ରକାଶ କଲେ ।

Digitized by srujan ka@gmail.com

ବୈତରଣୀ ସଭ୍ୟତା

ଚୀନ, ମିଶର, ସୁମେରିଆ ଓ ଭାରତର ସିନ୍ଧୁନଦୀ ଉପତ୍ୟକାର ସଭ୍ୟତା ପରି କେନ୍ଦୁଝରରେ ଏକ ପ୍ରାଚୀନ ନଦୀ ଉପତ୍ୟକା ସଭ୍ୟତା ଗଢି ଉଠିଥିଲା । ଏହି ସଭ୍ୟତା ବୈତରଣୀ ସଭ୍ୟତା ନାମରେ ଖ୍ୟାତ ଅଟେ ।

ପଣ୍ଡିତମାନଙ୍କ ମତରେ ଆର୍ଯ୍ୟ ସଭ୍ୟତାର ବିକାଶ ପୂର୍ବରୁ ଦ୍ରାବିଡମାନେ ଆଜକୁ ପ୍ରାୟ ପାଞ୍ଚ ସହସ୍ର ବର୍ଷ ପୂର୍ବେ ସିନ୍ଧୁ ସଭ୍ୟତା ପ୍ରତିଷ୍ଠା କରିଥିଲେ ମେହେଞ୍ଜୋଦାରୋ ଓ ହରପ୍ପାଠାରେ । ସେହିପରି ବୈତରଣୀ ନଦୀ ତୀରରେ ବାସ କରୁଥିବା ଆଦିମ ଅଧିବାସୀମାନେ ସୀତାବିଞ୍ଜି, ଅଣନପାଟ ପ୍ରଭୃତି ସ୍ଥାନରେ ଉନ୍ନତ ନଗ୍ର ଗଠନ କରି ଶୈଳଚିତ୍ର ଓ ଶିଳାଙ୍କନ କରି ଅଛନ୍ତି । ଏହିପରି ଶୈଳଚିତ୍ର ଅନ୍ୟତ୍ର କ୍ୱଚିତ ଦେଖାଯାଏ ।

ଯେତେବେଳେ ସମଗ୍ର ବିଶ୍ୱରେ ମାନବ ସମାଜ ଉଲଗ୍ନ ଜୀବନ ଯାପନ କରୁଥିଲା ଏବଂ ଯୌନ ପ୍ରବୃତ୍ତି ସାଧନ ପାଇଁ କୌଣସି ପ୍ରକାର ବାଛବିଚାର ନଥିଲା, ସେହି ଉଚ୍ଛୃଙ୍ଖଳିତ ସମାଜର ଶୃଙ୍ଖଳାଗତ ବିଧାନ ପାଇଁ ଗୋନାସିକାଠାରେ ଦୀର୍ଘତମା ନାମକ ଜଣେ ଋଷି ସର୍ବ ପ୍ରଥମେ ମାନବ ସମାଜରେ ବୈବାହିକ ବ୍ୟବସ୍ଥା ପ୍ରଚଳନ କରାଇ ଥିଲେ । ତେଣୁ ସିନ୍ଧୁ ସଭ୍ୟତା ବିକାଶର ବହୁ ପୂର୍ବରୁ ଯେ ବୈତରଣୀ ସଭ୍ୟତା ପ୍ରସିଦ୍ଧି ଲାଭ କରିଥିଲା ଏଥିରେ ସନ୍ଦେହ ନାହିଁ ।

ପୌରାଣିକ ବର୍ଣ୍ଣନାରୁ ଜଣାଯାଏ ଯେ, ଦକ୍ଷିଣ ସମୁଦ୍ର ବେଳାଭୂମିଠାରୁ ବୈତରଣୀ ନଦୀର ଦକ୍ଷିଣ ତୀର ଦେଶ ପର୍ଯ୍ୟନ୍ତ ଅଞ୍ଚଳ ମତ୍ସ୍ୟଦେଶ ନାମରେ ଓ ବୈତରଣୀ ନଦୀର ଉତ୍ତର ତୀର ଦେଶରୁ ଗଙ୍ଗା ନଦୀର ଦକ୍ଷିଣ ପାର୍ଶ୍ୱ ପର୍ଯ୍ୟନ୍ତ ସମୁଦାୟ ଅଞ୍ଚଳ ମଦ୍ଧ ଦେଶ ନାମରେ ବିଖ୍ୟାତ ଅଟେ । ବିରାଟ ପର୍ବରେ ବର୍ଣ୍ଣିତ ହୋଇଅଛି ଯେ, ମଦ୍ଧ-ମତ୍ସ୍ୟ ରାଷ୍ଟ୍ରଦ୍ୱୟ ବିରାଟ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ସେହି ଦିନଠାରୁ ମଦ୍ଧ-ମତ୍ସ୍ୟ ରାଷ୍ଟ୍ରଦ୍ୱୟ ପରସ୍ପର ସହିତ ମିଶି ଯାଇ ଗୋଟିଏ ବିଶାଳ ରାଜ୍ୟ ଗଠନ କରିଥିଲେ । କାଳକ୍ରମେ ଏହି ମଦ୍ଧମତ୍ସ୍ୟ ଦେଶଦ୍ୱୟ ଖିଚିଙ୍ଗ ମଣ୍ଡଳ ନାମରେ ଅଭିହିତ ହୋଇଥିବା ଅନୁମାନ କରାଯାଏ । ବର୍ତ୍ତମାନର ମୟୂରଭଞ୍ଜ ରାଜ୍ୟ ମହାଭାରତ ଯୁଗରେ ମଦ୍ଧଦେଶ ଥିବାର ପ୍ରମାଣ ସ୍ୱରୂପ ଖିଚିଙ୍ଗଠାରେ ବିରାଟଗଡର ଧ୍ୱଂଶାବଶେଷ ଓ କିଚକେଶ୍ୱରୀ ମନ୍ଦିର ଅଦ୍ୟାବଧି ବିଦ୍ୟମାନ ରହିଅଛି । "ବିଶ୍ୱକୋଷ" ପୁସ୍ତକ ବର୍ଣ୍ଣନାରୁ ଦେଖାଯାଏ ଯେ, ମୟୂରଭଞ୍ଜ ଅନ୍ତର୍ଗତ କୋଇଁସାରି ଗ୍ରାମ ବିରାଟପୁର ନାମରେ ପରିଚିତ ଅଟେ । କୋଇଁସାରିଠାରୁ ନୀଳଗିରି ପର୍ଯ୍ୟନ୍ତ ଅଞ୍ଚଳରେ ବିରାଟ ବଂଶ ରାଜ୍ୟ ଶାସନ କରୁଥିଲେ ।

ଅପର ପକ୍ଷରେ ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ ମତ୍ସ୍ୟଦେଶ ବିନାମ ଆଧୁନିକ କେନ୍ଦୁଝର ରାଜ୍ୟର ଚଂପୁଆ ନିକଟରେ ହସ୍ତୀନା, ଜଇନ୍ତ୍ରା, ବାରୁଣା, ଯମପ୍ରସ୍ଥ ଓ ଇନ୍ଦ୍ରପ୍ରସ୍ଥ ନାମକ ପାଞ୍ଚ ଗୋଟି ଗ୍ରାମ ଅଦ୍ୟାବଧି ବିଦ୍ୟମାନ ରହି ପାଣ୍ଡବମାନଙ୍କର ନାମକୁ ସ୍ମରଣ କରାଇ ଦେଉଛି । ଏତଦ୍‌ବ୍ୟତୀତ ଅଣନପାଟଠାରେ ଥିବା ଶିଳାଭି

Digitized by srujanika@gmail.com

ଲେଖରେ ପାଶ୍ଚାତ୍ୟମାନଙ୍କର ପୂର୍ବ ଧାରଣାର ଚିହ୍ନାଙ୍କନ ଦର୍ଶକର ଧାରଣାକୁ ଅଧିକ ଦୃଢ଼ କରୁଅଛି । ତେଣୁ ଦ୍ୱାପର ଯୁଗରେ ମଗଧ ମତ୍ସ୍ୟ ଦେଶଦ୍ୱୟ କିଛି କାଳ ପାଇଁ ବିରାଟ ରାଜାଙ୍କ ନେତୃତ୍ୱରେ ଗୋଟିଏ ସାମ୍ରାଜ୍ୟଭୁକ୍ତ ହୋଇଥିଲେ ହେଁ, ଇତିହାସ ଯୁଗର ପ୍ରାରମ୍ଭରେ ଏହି ଦୁଇ ରାଜ୍ୟ ଖିଜଙ୍ଗ ମଣ୍ଡଳ ନାମରେ ଅଭିହିତ ହୋଇ ଦ୍ୱାଦଶ ଶତାବ୍ଦୀରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ଯାଇ ମୟୂରଭଞ୍ଜ ଓ କେନ୍ଦୁଝର ନାମକ ଦୁଇ ଗୋଟି ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହେଲେ ।

ମହାଭାରତରୁ ପ୍ରମାଣ ମିଳେ ଯେ ଖ୍ରୀଷ୍ଟପୂର୍ବ ୩୧୦୦ ବର୍ଷ ପୂର୍ବେ କେନ୍ଦୁଝର ରାଜ୍ୟ କେତେବେଳେ କଳିଙ୍ଗ ବା କେତେବେଳେ ଉତ୍କଳ ରାଜ୍ୟର ଅଙ୍ଗବିଶେଷ ହୋଇ ଦୁର୍ଦ୍ଧର୍ଷ ଯୁଦ୍ଧପ୍ରିୟ ବନଗିରିବାସୀଙ୍କ ଦ୍ୱାରା ଶାସିତ ହେଉଥିଲା । ସେତେବେଳେ ଏହାର ନାମ ଗିରି-ନର୍ଝର ବା ଗୁଝର ବା ଝର ରାଜ୍ୟ ଥିବାର ଅନୁମାନ ହୁଏ ।

ବୌଦ୍ଧ ଧର୍ମ ଶାସ୍ତ୍ର "ବିନୟପିଟକ"ରେ ଲେଖା ଅଛି ଯେ, ଖ୍ରୀ: ପୂ: ୬୦୦ ବର୍ଷ ପୂର୍ବେ ଖିଜଙ୍ଗ ମଣ୍ଡଳ ଉତ୍କଳ ରାଜ୍ୟର ଅଙ୍ଗ ବିଶେଷ ଥିଲା ଏବଂ ସେଠାରେ ଯେଉଁ ଶବର ଜାତିର ଲୋକ ବାସ କରୁଥିଲେ, ସେମାନେ ଭଞ୍ଜ ରାଜବଂଶର ମୂଳ ବଂଶଧର ଅଟନ୍ତି ।

—: ୦ :—

କଳିଙ୍ଗୋଡ୍ରକୋଳ

ଆଜି ଓଡ଼ିଶା ପ୍ରଦେଶ କହିଲେ ଯେଉଁ ବିକଳାଙ୍ଗ ଓଡ଼ିଶା ଭୂଖଣ୍ଡକୁ ବୁଝାଉ ଅଛି ତାହା କଳିଙ୍ଗ, ଓଡ୍ର ଓ ଉତ୍କଳ ନାମକ ତିନ ଗୋଟି ରାଷ୍ଟ୍ରକୁ ନେଇ ଗଠିତ ହୋଇ ସତ୍ତ୍ୱ, ରଜୋ ଓ ତମୋ ନାମକ ତ୍ରିଗୁଣର ମିଶ୍ରଣରେ ଜୀବ ଦେହର ଉତ୍ପତ୍ତି ହେଲାପରି କଳିଙ୍ଗ, ଓଡ୍ର ଓ ଉତ୍କଳ ରାଷ୍ଟ୍ର ତ୍ରୟର ମିଳନ ଫଳରେ ଓଡ଼ିଶା ପ୍ରଦେଶ, ଓଡ଼ିଆ ଜାତି ଓ ଓଡ଼ିଆ ଭାଷା ସଂସ୍କୃତିର ଉତ୍ପତ୍ତି ନିତ୍ୟ ସତ୍ୟ ଅଟେ । ଏହି ମହାମିଳନର ନିଦର୍ଶନ ସ୍ୱରୂପ ଓଡ଼ିଆ ଜାତିର ପରମ ଇଷ୍ଟଦେବତା ତ୍ରୟୀର ସଗୁଣ ପ୍ରକାଶ-ଅଭିନବ ପରିକଳ୍ପନା ଅଟେ । ଏହାହିଁ ହେଉଛି ଓଡ଼ିଆ ଜାତିର ବିଶ୍ୱବନ୍ଦନୀୟ ବୈଶିଷ୍ଟ୍ୟ ବିକାଶ ।

ଆଦିମ ଯୁଗରୁ ଏଠାରେ ଶାବରୀ ସଂସ୍କୃତିର ବିଶାଳ ଗର୍ଭରେ ଦ୍ରାବିଡ଼ ଓ ଆର୍ଯ୍ୟ ସଭ୍ୟତା ଆଶ୍ରୟ ନେଇ ମହାଭାରତୀୟ ସଭ୍ୟତାର ପ୍ରାଣ କେନ୍ଦ୍ର ହୋଇ ରହି ଆସିଛି । ଉତ୍ତର ଓ ଦକ୍ଷିଣ ଭାରତର କେନ୍ଦ୍ରବିନ୍ଦୁରେ ଅବସ୍ଥିତ କଳିଙ୍ଗୋଡ୍ରକୋଳ ପ୍ରଦେଶର ବିଶାଳ ଶାବରୀ ସଂସ୍କୃତି ଆର୍ଯ୍ୟ ଓ ଦ୍ରାବିଡ଼ ନାମକ ବିବଦମାନ ସଂସ୍କୃତି ମଧ୍ୟରେ ଭାରସାମ୍ୟ ରକ୍ଷା କରି ଧର୍ମ-ଐକ୍ୟ ଧ୍ୱଜା ଉଡ଼ାଇ ଅଛି । ଓଡ଼ିଶାର ଶାବରୀ ସଂସ୍କୃତି ସହିତ ଆର୍ଯ୍ୟ ଓ ଦ୍ରାବିଡ଼ ସଂସ୍କୃତିର ମହାମିଳନ ଘଟି ଶ୍ରୀ ଜଗନ୍ନାଥ ଧର୍ମ ସଂସ୍କୃତି ନାମରେ ମହାଭାରତୀୟ ଧର୍ମ ସଂସ୍କୃତିର ଉତ୍ପତ୍ତି ହୋଇଥିଲେ ହେଁ ଏହା ଯେ ବିଶ୍ୱ ମାନବ ସଂସ୍କୃତି ଏଥିରେ ସନ୍ଦେହ ନାହିଁ ।

ଶାବରୀ, ଦ୍ରାବିଡ଼ ଓ ଆର୍ଯ୍ୟ ସଂସ୍କୃତିର ମହାମିଳନର ନିଦର୍ଶନ ସ୍ୱରୂପ ଶ୍ୱେତାଙ୍ଗ ବଳଦେବ, ଲୋହିତାଙ୍ଗ ସୁଭଦ୍ରା ଓ କୃଷ୍ଣାଙ୍ଗ ଜଗନ୍ନାଥ ମୂର୍ତ୍ତି ତ୍ରୟ କଳ୍ପିତ ହୋଇଥିବା ସ୍ୱାଭାବିକ ଅଟେ ।

Digitized by srujanika@gmail.com

ମଧ୍ୟ ଭାରତ ଉତ୍କଳର ଶାବର ସଂସ୍କୃତି ସହିତ ଦକ୍ଷିଣ ଭାରତର ଦ୍ରାବିଡାନୁସୃତ ରୁଦ୍ର ସଂସ୍କୃତି ଓ ଉତ୍ତର ଭାରତର ଆର୍ଯ୍ୟାନୁସୃତ ବ୍ରାହ୍ମଣ୍ୟ ସଂସ୍କୃତିର ମହାମିଳନ ଘଟି ଭାରତୀୟ ଜାତୀୟ ସଂସ୍କୃତି, ଧର୍ମ ଐକ୍ୟ ଓ ବିଶ୍ୱ ଭ୍ରାତୃପ୍ରୀତି ପ୍ରତିଷ୍ଠିତ ହୋଇ ଅଛି । ଅପର ପକ୍ଷରେ ବିଶ୍ୱ ମାନବ ସମାଜ ଶ୍ୱେତ, ଲୋହିତ ଓ କୃଷ୍ଣ-ତ୍ରିବର୍ଣ୍ଣ ବିଶିଷ୍ଟ ହୋଇଥିବାରୁ ତାହାର ବର୍ଣ୍ଣାଢ୍ୟ ବିକାଶ ସ୍ୱରୂପ ଓଡ଼ିଶୀ ସଂସ୍କୃତି ଜନ୍ମ ଲଭ କରି ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ବିଶ୍ୱ ମାନବ ପ୍ରତି ପ୍ରଚାର କରୁଅଛି । ଓଡ଼ିଶୀ ଧର୍ମ ସଂସ୍କୃତିରେ ଏହିପରି ବର୍ଣ୍ଣାଢ୍ୟ ପ୍ରକାଶ ଅଭିନବ ଧାରଣା ଅଟେ ।

ସ୍ୱାଧୀନ ଭାରତର ଜାତୀୟ ପତାକା ଶ୍ୱେତ, ଲୋହିତ ଓ ପୀତ-ତ୍ରିବର୍ଣ୍ଣ ଧାରଣ କରି ସତ୍ୟ, ଶାନ୍ତି ଓ ଅହିଂସା ବାର୍ତ୍ତା ପ୍ରଚାର କରି ବିଶ୍ୱ ପ୍ରସିଦ୍ଧି ଲଭ କରିଛି । ଶ୍ରୀ ଜଗନ୍ନାଥ ଧର୍ମ ସଂସ୍କୃତି ଓଡ଼ିଆ ଜାତିର ନିଜସ୍ୱ ଧର୍ମ ଧାରଣା ହେଲେ ହେଁ, ବାସ୍ତବରେ ଏହା ବିଶ୍ୱ ମାନବ ଧର୍ମର ପ୍ରାଣ କେନ୍ଦ୍ର ଅଟେ । ଅହଂକାରୀ ଅଣଓଡ଼ିଆ ଓଡ଼ିଆ ଜାତିର ଏହି ମହାନୁଭବତାକୁ ମୁଖରେ ସ୍ୱୀକାର କରିବାକୁ କୁଣ୍ଠାବୋଧ କରୁଥିଲେ ହେଁ, ତାହା ହୃଦୟର ନିଭୃତ କୋଣରେ ଯେ ଏହି ଚିରନ୍ତନ ସତ୍ୟକୁ ଗୋପନ ରଖିଛି ଏଥିରେ ସନ୍ଦେହ ନାହିଁ ।

କଳିଙ୍ଗ, ଉଡ୍ର ଓ ଉତ୍କଳ-ଏହି ତିନି ରାଷ୍ଟ୍ର ଗୋଷ୍ଠୀର ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ମିଳନ ଘଟି ଓଡ଼ିଶା ଦେଶ, ଓଡ଼ିଆ ଜାତି ଓ ଭାଷା ସଂସ୍କୃତିର ଉତ୍ପତ୍ତି ହୋଇଥିବା ପ୍ରମାଣ ନିମ୍ନ ମତେ ପ୍ରତିପାଦିତ ହୁଏ । ଯଥା :—

	(୧)			(୨)	|
ଓ	ଡ଼	ଶା	ଉଷା	ଦିବସ	ରାତ୍ରି
ଅ	ଉ	ମ	ସୂର୍ଯ୍ୟାୟଣ	ଚନ୍ଦ୍ରାୟଣ	କୃଷ୍ଣାୟଣ
ସତ୍ତ୍ୱ	ରଜ	ତମୋ	ଜନ୍ମ	ଜରା	ମୃତ୍ୟୁ
ଋକ୍	ସାମ	ଯଜୁଃ	ବାତ	ପିତ୍ତ	କଫ
ଶୁକ୍ଳ	ଲୋହିତ	କୃଷ୍ଣ	ହରଡ଼ା	ବହେଡ଼ା	ଅଁଳା
ରୁଦ୍ର	ବ୍ରହ୍ମା	ବିଷ୍ଣୁ	ଇଅଁଳା	ପିଅଁଳା	ସୁଷୁମ୍ନା
ମନ	ଚନ୍ଦ୍ର	ପବନ	ଗଙ୍ଗା	ଯମୁନା	ସରସ୍ୱତୀ
ଶିବ	ସୁନ୍ଦର	ସତ୍ୟ	ପୁଂ	ସ୍ତ୍ରୀ	କ୍ଳୀବ
ବଳଦେବ	ସୁଭଦ୍ରା	ଜଗନ୍ନାଥ	ଭାଷା	ସ୍ୱର	ଲିପି
ଆର୍ଯ୍ୟ	ଦ୍ରାବିଡ	ଶାବର	ନିହାଣ	ମୁଗୁର	ବାଉଁଶି
ବ୍ରାହ୍ମଣ	କ୍ଷତ୍ରିୟ	ଶୂଦ୍ର	କୃଷି	ଶିଳ୍ପ	ବାଣିଜ୍ୟ
ଜାତି	ଧର୍ମ	ବର୍ଣ୍ଣ	କଳିଙ୍ଗ	ଉଡ୍ର	ଉତ୍କଳ
ବିଦ୍ୟାପତି	ଇନ୍ଦ୍ରଦ୍ୟୁମ୍ନ	ବିଶ୍ୱାବସୁ	ଓ	ଡ଼	ଆ
ସ୍ଥିତି	ସୃଷ୍ଟି	ପ୍ରଳୟ			

Digitized by srujanika@gmail.com

ଦ୍ୱିତୀୟ (୧୩) ପରିଚ୍ଛେଦ

ପୁଣ୍ୟତୋୟା ବୈତରଣୀ

କେନ୍ଦୁଝରର ଗିରିକନ୍ଦରର ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳ ହୋଇଥିବାରୁ ଏହା ଓଡ଼ିଶା, ଭାରତ ତଥା ପୃଥିବୀ ପୃଷ୍ଠରେ ଏକ ପ୍ରାଚୀନତମ ସ୍ଥାନ ଅଟେ । ପୁଣ୍ୟତୋୟା ବୈତରଣୀ ନଦୀ ଯେଉଁ ପର୍ବତରୁ ବାହାରିଅଛି ତାହାର ଆକୃତି ଗୋନାସିକା ସାଦୃଶ୍ୟ ହୋଇଥିବାରୁ ଏହି ପର୍ବତର ନାମ ଗୋନାସିକା ଅଟେ । ଗୋନସିକା ପର୍ବତ କେନ୍ଦୁଝରଗଡଠାରୁ ଦଶ ମାଇଲ ଦକ୍ଷିଣରେ କେନ୍ଦୁଝର-ତେଲକୋଇ ରାସ୍ତାର ଅନତି ଦୂରରେ ଅବସ୍ଥିତ । ଏହାର ଉଚ୍ଚତା ୩୨୧୯ ଫୁଟ ଅଟେ । ବୈତରଣୀ ନଦୀ ଏହି ପର୍ବତର ୩୧୦୦ ଫୁଟ ଉଚ୍ଚରୁ ନିମ୍ନ ଦେଶକୁ ପ୍ରବାହିତ ହୋଇ ୩୪୪ କି: ମି: ପଥ ଅତିକ୍ରମ କରି ଧାମରା ମୁହାଣରେ ଅବସ୍ଥିତ ବୃନ୍ଦବାଳିଠାରେ ପୂର୍ବ ସାଗର ସହିତ ମିଶିଅଛି । ଏହାର ଅବବାହିକା ୧୦୪୪୦ ବର୍ଗ କି:ମି: ଅଟେ । ଏହି ନଦୀ କେନ୍ଦୁଝର ଜିଲ୍ଲା ମଧ୍ୟରେ ୨୦୦ ବର୍ଗ କି: ମି: ପ୍ରବାହିତ ହୋଇଅଛି ।

ଶାସ୍ତ୍ରୀୟ ପ୍ରବାଦ ଅଛି ସତ୍ୟ ଯୁଗରେ ରାଜା ଯଜାତିଙ୍କ ନିମନ୍ତ୍ରଣ କ୍ରମେ ବ୍ରହ୍ମା ବିରଜା କ୍ଷେତ୍ରରେ ଦଶାଶ୍ୱମେଧ ଯଜ୍ଞ କାର୍ଯ୍ୟ ସମାପନ ନିମନ୍ତେ ସ୍ୱର୍ଗର ଦେବତାମାନଙ୍କ ସହିତ ସୁରଗଙ୍ଗା ବୈତରଣୀଙ୍କୁ ନିମନ୍ତ୍ରଣ କରିଥିଲେ । ଗଙ୍ଗା ନବଧା ଅଟନ୍ତି ଓ ତନ୍ମଧ୍ୟରେ ବୈତରଣୀ ଅନ୍ୟତମ । ସ୍ୱର୍ଗସରଣୀ ବୈତରଣୀ ମର୍ତ୍ତ୍ୟରେ ପ୍ରବାହିତ ହେବା ପାଇଁ ଗୋନାସିକା ପର୍ବତର ଶୀର୍ଷ ଦେଶରେ ହଠାତ୍ ଯେଉଁ ସ୍ଥାନରେ ପ୍ରକାଶ ପାଇଲେ ତାହା ଆରଣ୍ୟକ ଜାତି ଜୁଆଙ୍ଗମାନଙ୍କର କ୍ରିଡାସ୍ଥଳୀ ହୋଇଥିବାରୁ ସେମାନେ କର୍କଷ ପଥରବକ୍ଷରେ ଆକସ୍ମିକ ଜଳ ପ୍ରବାହ ଦେଖି ତାହାର ନିର୍ଗମପଥ ନିରୋଧ କରିବା ନିମନ୍ତେ ନିକଟରେ ପଡିଥିବା ଗୋଟିଏ ଗୋରୁ ମୁଣ୍ଡକୁ ଗୋଟାଇ ଆଣି ଗର୍ତ୍ତଦ୍ୱାରରେ ଠେସ ଦେଲେ । ମାତ୍ର ଏଥିରେ ଜଳଧାର ବନ୍ଦ ନ ହୋଇ ଗୋମୁଣ୍ଡର ଗୋଟିଏ ନାସାରୁ ଜଳ ଓ ଅପର ନାସାରୁ ବାଲି ନିର୍ଗତ ହୋଇ ବହିବାକୁ ଲାଗିଲା । ଏହି ଏଠାରୁ ବୈତରଣୀର ନାମ ଗୋନାସା ପ୍ରଭବା ଓ ପର୍ବତର ନାମ ଗୋନାସିକା ହେଲା ।

ଜୁଆଙ୍ଗ ଜାତି :— ବୈତରଣୀ ନଦୀର ଇତିହାସ ଯେପରି ପ୍ରାଚୀନତମ ଅଟେ ସେହିପରି ଗୋନାସିକା ପର୍ବତର ପାଦ ଦେଶରେ ବାସ କରୁଥିବା ଜୁଆଙ୍ଗ ଜାତିର ଇତିହାସ ମଧ୍ୟ ପ୍ରାଚୀନତମ ଅଟେ । ସେମାନେ ଜହ୍ନୁ ଋଷିଙ୍କର ଅଙ୍ଗଜ ହୋଇଥିବାରୁ ଜୁଆଙ୍ଗ ନାମରେ ଖ୍ୟାତ ଅଟନ୍ତି । ବୈଦିକ ଧର୍ମ ମତରେ ପ୍ରତ୍ୟେକ ମନୁଷ୍ୟ "ଋଷିପୁତ୍ରାଃ" ହୋଇଥିବାରୁ ଜୁଆଙ୍ଗମାନେ ଯେ, ଜହ୍ନୁ ଋଷିଙ୍କ ପୁତ୍ର ଏଥିରେ ସନ୍ଦେହ ନାହିଁ ।

ଜୁଆଙ୍ଗମାନେ ଭୂୟାଁମାନଙ୍କ ଅପେକ୍ଷା ଅଧିକ ଦିନର ଆଦିମ ଅଧିବାସୀ ଅଟନ୍ତି ଓ କେନ୍ଦୁଝରଗଡର ଦକ୍ଷିଣ ଭାଗ ପର୍ବତରେ ଅଧିକ ପରିମାଣରେ ଦେଖାଯାନ୍ତି । ସେମାନଙ୍କର କଥିତ ଭାଷା ସ୍ୱତନ୍ତ୍ର ଓ ଏହା ନାକରୁ ଉଚ୍ଚାରଣ ହେଲପରି ଶୁଣାଯାଏ । ଯଥା :—

"ଅଲୁ ମିସ୍ତିଛିଆନ୍ ବଡ ମହରଗିଆନ୍ ମିସନ୍ ଏତାବଅମ୍ କନାଡେ ଟିଲେଇକ୍ୟା ଖୋସ୍ ଆରେନ୍ ଅଖସିରିଆନ୍ କବ କପିକା ।"

Digitized by srujanika@gmail.com

ଅର୍ଥାତ ଅଳ୍ପଦିନ ପରେ ବଡ଼ ଦୁର୍ଭିକ୍ଷ ଉପସ୍ଥିତ ହେବାରୁ ଜୁଆଙ୍ଗ ଖାଦ୍ୟାଭାବରେ ବଡ଼ କଷ୍ଟ ଅନୁଭବ କରିଥିଲେ ।

ଭାଇ-କକ, ଭଉଣୀ-ବଳସିଏ, ପୁଅ-ଲଣ୍ଡା, ମରଦ-କାମେଲ, ସ୍ତ୍ରୀ-ଜୁଆଙ୍ଗଡା, ଗାଈ-ଓଲେଇ, କୁକୁର-ସେଲେକ, ନାକ-ମଡ଼େଇ, ପାଟି-ଅମର, ଆଖି-ଅମଟ, ପାନଆ-କାଠ, ଆରସି-ଦର୍ପଣ, ଗଛ, ଡଅଣ ବା ଘରକାଣ୍ଡି-ଆରଗା, ତେଲ-ହଜନ, ପିକା-କାହାଲ, ଦୋକ୍ତା-ବଜେରାଂ ।

ଜୁଆଙ୍ଗମାନେ ଦେଖିବାକୁ ସାଧାରଣତଃ ମୋଟା ଓ କଦାକାର । ସେମାନେ ଶାନ୍ତି-ପ୍ରିୟ ଜାତି ଅଟନ୍ତି । ଚେଲା କୃଷି ସେମାନଙ୍କର ପ୍ରଧାନ ଜୀବିକା ଅଟେ । ସେମାନେ ହାଣ୍ଡିଆ ଖାଇ ଚାଙ୍ଗୁ ବଜାଇ ନୃତ୍ୟ କରିବାକୁ ଭଲ ପାଆନ୍ତି । ସ୍ତ୍ରୀମାନେ ପୁରୁଷଠାରୁ ଅଳ୍ପ ଖର୍ବକାୟ । ଜୁଆଙ୍ଗ ଯୁବତୀମାନେ ବେକରେ ବିଭିନ୍ନ ବର୍ଣ୍ଣର ପଥର ପୋହଳା ମାଳ ପକାଇ ହୃଦୟ ଦେଶ ପର୍ଯ୍ୟନ୍ତ ଆବୃତ ରଖିଥାନ୍ତି । ନାକରେ ଏକ ପ୍ରକାର ଲମ୍ବା ପିତଳ କାଠି ପିନ୍ଧନ୍ତି ଓ ହାତରେ କଉଡ଼ି ମାଳ ବାନ୍ଧିବାର ଦେଖାଯାଏ । ଏହା ସେମାନଙ୍କର ଅତିପ୍ରିୟ ଗହଣା ଅଟେ । ସେମାନେ ହାତ, ଗୋଡ଼ ଓ ମୁଣ୍ଡରେ ଚିତା କୁଟାନ୍ତି । ଜୁଆଙ୍ଗମାନେ ଗୋମାଂସ ଓ ମୃତପଶୁର ମାଂସ ଭକ୍ଷଣ କରନ୍ତି । ଏମାନେ ଏକତ୍ର ବାସ କରନ୍ତି ଓ ଜଣଙ୍କୁ ଦଳପତି ରୂପେ ମାନନ୍ତି । ବୈତରଣୀ ଦେବୀ ଏମାନଙ୍କର ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି । ଏମାନେ ଭୂତ ପ୍ରେତ ବିଶ୍ୱାସ କରନ୍ତି । ମୃତ ଲୋକର ଶବକୁ ପୋତି ଦିଅନ୍ତି । ଏମାନେ ଖଜୁରି ପଟିଆ ବୁଣି ବିକ୍ରୟ କରନ୍ତି । ଏମାନଙ୍କର ସ୍ୱହସ୍ତ ନିର୍ମିତ ବାଂଶ ପାନଆ ଦେଖିବାକୁ ଅତି ସୁନ୍ଦର ।

ପୃଥିବୀର ଅନ୍ୟତ୍ର ଏହି ଜାତିର ଲୋକ କ୍ୱଚିତ ଦେଖାଯାନ୍ତି । କେନ୍ଦୁଝରରେ ଏମାନଙ୍କ ସଂଖ୍ୟା ପ୍ରାୟ ଛ' ହଜାର ହେବ । ଦାରିଦ୍ର୍ୟ, ଅଶିକ୍ଷା ଓ ଅସ୍ୱାସ୍ଥ୍ୟକର ବାସଭୂମି ଓ ଅଖାଦ୍ୟ ଭକ୍ଷଣ ଏମାନଙ୍କୁ ଅସଭ୍ୟ ବର୍ବର ଜାତି କରି ରଖିଅଛି । ଏହି ସଂପ୍ରଦାୟର ଲୋକେ ବଞ୍ଚି ରହିବାର ଅଧିକାରରୁ ବଞ୍ଚିତ ହୋଇ କ୍ରମଶଃ ନିଃଶେଷ ହୋଇ ଯାଉଛନ୍ତି । ୧୯୫୧ ମସିହାରେ ଏମାନଙ୍କର ସଂଖ୍ୟା ୧୭୦୦୦ ଥିଲା । ଦଶ ବର୍ଷ ପରେ ୧୯୬୧ ମସିହାରେ ତାହା ୧୨୦୦୦ କୁ ଖସି ଆସିଲା । ୧୯୭୧ ମସିହା ଜନଗଣନାରେ ଏମାନଙ୍କର ସଂଖ୍ୟା ୯୦୦୦ ହୋଇଛି । ରୋଗ ଓ ସୁଷମ ଖାଦ୍ୟର ଅଭାବ ଏହାର ମୁଖ୍ୟ କାରଣ ଅଟେ । ଏହି ସ୍ୱଭାବଭୀରୁ ଜୁଆଙ୍ଗମାନେ ଦୁଧବାଲାଠାରୁ ଆରମ୍ଭ କରି ଛୋଟ ଛୋଟ କର୍ମଚାରୀମାନଙ୍କ ଦ୍ୱାରା ଶୋଷିତ ହେଉ ଅଛନ୍ତି । ରାଜ୍ୟ ପୋଲିସ ବିଭାଗ ଏହି ଶୋଷଣର ସମାପ୍ତି ଘଟାଇ ସେମାନଙ୍କର ଅଧିକାର ସୁରକ୍ଷା କରିବାକୁ ଦୃଢ଼ ପରିକର । ଜାତୀୟ ସରକାର ଜୁଆଙ୍ଗପୀଢ଼ ଯୋଜନା ଗ୍ରହଣ କରି ବହୁ ସାମାଜିକ ଓ ଅର୍ଥନୈତିକ ପଦକ୍ଷେପ ନେଇଛନ୍ତି । ପ୍ରତ୍ୟେକ ଜୁଆଙ୍ଗଙ୍କୁ ଏକରେ ଲେଖାଏଁ ଜମି କୃଷି କରିବାକୁ ଦିଆ ଯାଇଅଛି । କୃଷି ଉପକରଣ, ବିହନ, ସାର, ଗୃହପାଳିତ ପଶୁ ପକ୍ଷୀ ପ୍ରଭୃତି ଯୋଗାଇ ଦିଆ ଯାଇଛି । କିନ୍ତୁ ରାଜ୍ୟ ପୋଲିସ ବିଭାଗର ସକ୍ରିୟ ସହଯୋଗ ବିନା ଆବଶ୍ୟକୀୟ ପରିବର୍ତ୍ତନ ସମ୍ଭବ ନୁହେଁ । ଯୋଜନା କର୍ତ୍ତୃପକ୍ଷ ଓ ପୋଲିସଙ୍କ ସମନ୍ୱିତ ସହଯୋଗରେ ସଂପ୍ରତି କାର୍ଯ୍ୟ ଚାଲିଛି ।

Digitized by srujanika@gmail.com

"ତୋ କୋଳରେ ଗିନା ଜୁଆଙ୍ଗ ବସନ୍ତି
ଆହାଙ୍କ ସୁନ୍ଦର ବ୍ରହ୍ମେଶ୍ୱର କଣ୍ଠ. ।
ଯୁଆଙ୍ଗ ଯୁବତୀ ଆହାଙ୍କ ସୁନ୍ଦରୀ
ଅଛନ୍ତି ଆନନ୍ଦେ ସୁତସୂତା ଧରି ।
ରକତ ବରନ ଗୁଞ୍ଜା ଥାଉଁ ଥାଉଁ
ସୁନା ରୂପା ହାର ଖୋଜିବବା କାହିଁ ।
କେହ୍ନି କେବେ ପିନ୍ଧେ ପ୍ରବାଳର ହାର
ଅମୂଲ୍ୟ ସେ ପୁଣି ନଥାଏ କାହାର ।
ସୁଗନ୍ଧ ସୁମନ ଯା ଅଙ୍ଗ ଭୂଷଣ
କୃତ୍ରିମ ଧାତୁରେ ଦେବ କିବା ମନ ।
ପରିଶ୍ରମେ ରତ ରଜନୀ ଦିବସ
ଶୋଭା ପାଏ ସଦା ମୁଖ ହସ ହସ ।
ଆଜି କଏ ପିନ୍ଧେ କୋଇଲି ସୁତାଏ
ସୁନା ସୂତା ଅବା ଗଳେ ଶୋଭା ପାଏ ।
କାହିଁ ବା ଯୁବକ ହୋଇ ଦଳ ଦଳ
ବୁଲନ୍ତି, କଙ୍କର ଯେଣୁ ମହାବଳ ।
କାଣ୍ଡ, ବଠା, ଠାଙ୍ଗି ଧରିଥାନ୍ତି କରେ
ଏହିତ ସମ୍ବଳ ଧନ ନାହିଁ ଘରେ ।
ବନ୍ୟ ଫୁଲ ଫଳେ ପୂରନ୍ତି ଉଦର
ଦୁର୍ଭିକ୍ଷେ ନଥାଏ ତିଳେ ମାତ୍ର ଡର ।
ମାଂସ ପୁଡ଼ା ବାନ୍ଧି ବୁଲେ ଶିଶୁ କାହିଁ ?
ପୃଷ୍ଠେ ଧନୁଶର ଦେଇଛି ଝୁଲାଇ ।
କେହି ଅବା ବୁଲେ ବଠା ହାତେ ବନେ
ଭୀତ ଉପୁଜାଇ ବିହଙ୍ଗମ ମନେ ।
ଶ୍ୟାମ ଲତାକୁଞ୍ଜେ ବସିଛି ଗୁପତେ
ଭୀମ ଦନ୍ତାବଳ ବଧିବାକୁ ସତେ ।
ଦନ୍ତାବଳ ମାରି ଯେମନ୍ତ ଦଶନ
ନୃପଙ୍କୁ ସତ୍ୱର କରିବ ଦର୍ଶନ ।
ଭେଟି ତାହା ସୁଖେ ଆସିବ ସଦନେ
ପୁରସ୍କାର ଲଭି ଅତି ହୃଷ୍ଟମନେ ।
କାହିଁ ଅବା ବାଳା ଲେଉଟୁଛି ଭୂତଳେ
ପୁଂସ କାନ୍ଧେ ହାତ ଦେଇ କୁତୁହଳେ ।
ସୁସ୍ୱରେ ବୋଲଇ ମଧୁର ସଙ୍ଗୀତ
ଶୁଣି ଅବା ମୁଗ୍‌ଧ ନହେବ କା ଚିତ୍ତ ।

Digitized by srujanika@gmail.com

ପ୍ରେମେ ଯେଣୁ ବନ୍ଧା ଦୁହେଁ ପରସ୍ପରେ
ଥିଲେ ଅଦର୍ଶନେ ବିକଳ ଅନ୍ତରେ ।
କ୍ଷଣେ କେହ୍ନ କେବେ ହୋଇଲେ ଅନ୍ତର
ଦେନଙ୍କ ମାନସେ ଦୁଃଖ ଗୁରୁତର ।
ମନେ ନାହିଁ ଦୟା ଥିଲେ ଗୁରୁଜନେ
କାନନେ ବୁଲନ୍ତି ଉଲ୍ଲସିତ ମନେ ।
ଲତା ନିକୁଞ୍ଜରେ ଖେଳୁଥାନ୍ତି ଦୋଳି
ଏକ ବୃନ୍ତେ ଆନ ଦେଉଥାଏ କୋଳି ।
ଫୁଲ ତୋଳି ଯୁବା ଯୁବତୀର ଗଳେ
ସେ ଗୂଢ଼ ରହସ୍ୟ ବଚନକୁ ବଳେ ।
ବୃକ୍ଷ କିସଲୟେ କେବେ ତନୁବାସ
ପିନ୍ଧାଇ ବାଳାରେ ହାସ ପରିହାସ ।
ଦୁର୍ଦ୍ଧର୍ଷ ଜୁଆଙ୍ଗ ଦିଗମ୍ବର ବେଶ
ନାହିଁ ତହିଁ ମାତ୍ର କୂଟନୀତି ଲେଶ ।
ମିଥ୍ୟା ନଜାଣଇ କଦାପି ଜୀବନ
ଫଳ ମୂଳାହାରୀ ପଲ୍ଲବ ବସନ ।
ପର ପଦାର୍ଥରେ ନଥାଏ ମାନସ
ଉଚ୍ଛୁଳେ ହୃଦୟେ ଦେଶ ଭକ୍ତି ରସ ।"

ଗୋନାସିକା ପର୍ବତ ପାଦ ଦେଶରେ ବାସ କରୁଥିବା ଏହି ଜୁଆଙ୍ଗମାନଙ୍କ ଦ୍ୱାରା ବୈତରଣୀ ନଦୀର ପବିତ୍ର ଜଳଧାର ଗୋରକ୍ତ ରଞ୍ଜିତ ହୋଇ ଅପବିତ୍ର ହେବାରୁ ଜଳଧାର ଉତ୍ପତ୍ତି ସ୍ଥଳରୁ କିଛି ଦୂର ପ୍ରବାହିତ ହୋଇ ଗୁପ୍ତଗଙ୍ଗା ଗ୍ରାମଠାରେ ବା ବରେଡ଼ା ଗ୍ରାମଠାରେ ଗୋଟିଏ କ୍ଷେତ ମଧ୍ୟରେ ଗୁପ୍ତ ହୋଇ ଯାଇଛି । ଏହି ସ୍ଥାନକୁ ଗୁପ୍ତ ଗଙ୍ଗା ବୋଲିଯାଏ ।

ବରେଜା କ୍ଷେତ୍ରରେ ଦଶାଶ୍ୱମେଧ ଯଜ୍ଞର ପୁରୋଧା ବ୍ରହ୍ମା ଯୋଗ ବଳରେ ବୈତରଣୀ ନଦୀର ଅନୁପସ୍ଥିତିର କାରଣ ଜାଣି ପାରି ଗୁପ୍ତ ଗଙ୍ଗା ଗିରିଠାରେ ପ୍ରବେଶ କରି ଭୂଭାଗର ଆଦ୍ୟକୁଣ ଲିଙ୍ଗ ବ୍ରହ୍ମେଶ୍ୱର ଲିଙ୍ଗ ସ୍ଥାପନ କରିଥିଲେ । ବ୍ରହ୍ମକୁଣ୍ଡ ନାମକ ଯଜ୍ଞକୁଣ୍ଡ ଖୋଳାଇ ତହିଁରେ ଶୈବାଗ୍ନି ପ୍ରତିଷ୍ଠା କରି ଅଜପା ମନ୍ତ୍ରଣରେ ଘୃତାହୁତି ପ୍ରଦାନ କରନ୍ତେ ଯଜ୍ଞକୁଣ୍ଡ-ଠାରେ ଅବସ୍ଥିତ ଗୋଟିଏ ବୃହତ ପଥର ବକ୍ଷ ଫଟାଇ ବ୍ରହ୍ମ ବିନ୍ଦୁ ରୂପେ ଜଳବ୍ରହ୍ମଧାର ନିର୍ଗତ ହୋଇ ଯଜ୍ଞକୁଣ୍ଡରେ ପ୍ରବେଶ କରି ଯଜ୍ଞ ଶାନ୍ତି ପୂର୍ବକ ମୁଷଳ ଧାରରେ ନିମ୍ନକୁ ଗତି କରି ଦ୍ୱିଧାରରେ ପର୍ବତ ପଥ ଅତିକ୍ରମ କରି ପୂର୍ବ କ୍ଷୀର ସାଗରରେ ପତିତ ହୋଇଅଛି । ବ୍ରହ୍ମା ଯେଉଁ କୁଣ୍ଡରେ ଯଜ୍ଞ କରିଥିଲେ ଓ ଯେଉଁ କୁଣ୍ଡରେ ସଞ୍ଚିତ ହୋଇ ବୈତରଣୀ ନଦୀ ମୁଷଳ ଧାରରେ ପ୍ରବାହିତ ହେଉଅଛି ତାହାକୁ ବ୍ରହ୍ମକୁଣ୍ଡ ବୋଲିଯାଏ । ବୈତରଣୀ ନଦୀ ନିମ୍ନକୁ ପ୍ରବାହିତ ହୋଇ ତୀର୍ଥ ରାଜ ବରେଜା କ୍ଷେତ୍ରର ପାଦ ପ୍ରକ୍ଷାଳନ କରି ସାଗରେ ସଙ୍ଗମ

Digitized by srujanika@gmail.com

କରିଛନ୍ତି ଧାମର ମୁହାଣଠାରେ । ଏହି ଧାମର ମୁହାଣର ଉପକଣ୍ଠରେ ଅବସ୍ଥିତ ଚନ୍ଦ୍ରବାଲି ବା ଗୃହବାଲି ସହର ପୂର୍ବେ କଳିଙ୍ଗର ପ୍ରଧାନ ବନ୍ଦର ଥିଲା । ବ୍ରହ୍ମେଶ୍ୱର ମହେଶ ଆଦ୍ୟ-କୁଣ୍ଡ-ଲିଙ୍ଗ, ଝାଡେଶ୍ୱର ମଧ୍ୟ-କୁଣ୍ଡଲିଙ୍ଗ ଓ ଅଖଣ୍ଡଳମଣି ପାଦ-କୁଣ୍ଡଲିଙ୍ଗ ଅଟନ୍ତି । ବୈତରଣୀର ଉତ୍ପତ୍ତି ସ୍ଥଳରେ ଅବସ୍ଥିତ ବ୍ରହ୍ମେଶ୍ୱରଙ୍କର ଠାରୁ ପାଦଲିଙ୍ଗ ପର୍ଯ୍ୟନ୍ତ ପ୍ରତି ଏକକ୍ରୋଶ ଦୂରତ୍ୱରେ ଗୋଟିଏ ଗୋଟିଏ କୁଣ୍ଡଲିଙ୍ଗ ବିଦ୍ୟମାନ । ବର୍ତ୍ତମାନ ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳରେ ବ୍ରହ୍ମେଶ୍ୱର ଲିଙ୍ଗ, ବ୍ରହ୍ମକୁଣ୍ଡ, ବଗ୍ରେଦା ବା ବଗ୍ରେଡା ଗ୍ରାମ, ବୈତରଣୀ ଦେବୀଙ୍କର ପ୍ରତିମୂର୍ତ୍ତି ଓ ଜୁଆଙ୍ଗ ଜାତିର ଅବଶେଷ ଦେଖିବାକୁ ମିଳେ ।

ବ୍ରହ୍ମକୁଣ୍ଡଠାରୁ ତିନ ମାଇଲ ଦୂରରେ ଗୁପ୍ତଗଙ୍ଗା ଗିରିର ୩୦୦୦ ଫୁଟ ଉଚ୍ଚରେ ଗୋନାସାରୁ ବିନ୍ଦୁ ଆକାରରେ ଜଳ ନିର୍ଗତ ହୋଇ ଯେଉଁ ପଥର କୁଣ୍ଡରେ ସଞ୍ଚିତ ହୋଇ ନିମ୍ନକୁ କିଛି ଦୂର ପ୍ରବାହିତ ହୋଇ ଗୁପ୍ତଗଙ୍ଗା ଗ୍ରାମଠାରେ ଗୁପ୍ତ ହୋଇଗଲେ ତାହାର ନାମ ତ୍ରିବେଣୀ କୁଣ୍ଡ ଅଟେ । ଏହି ତ୍ରିବେଣୀ କୁଣ୍ଡର ଚତ୍ୱରରେ "ଆଦ୍ୟ ବୈତରଣୀ ଓ ଲକ୍ଷ୍ମୀ ନାରାୟଣ ଭଞ୍ଜ" ବୋଲି ଖୋଦିତ ହୋଇଛି । ଏଠାରେ କେନ୍ଦୁଝର, ମୟୂରଭଞ୍ଜ, ସିଂହଭୂମ, ଧଳଭୂମ, ବଣେଇ, ସୁନ୍ଦରଗଡ଼, ଢେଙ୍କାନାଳ, ପାଲଲହଡ଼ା, ବାମଣ୍ଡା ପ୍ରଭୃତି ରାଜ୍ୟର ପିତୃଭକ୍ତ ପୁତ୍ରମାନେ ସେମାନଙ୍କର ପିତୃଗଣଙ୍କର ଅସ୍ଥି ବିସର୍ଜନ କରିଥାନ୍ତି । ଏଠାରେ ସ୍ନାନ ତର୍ପଣାଦି କଲେ ଗୋବ୍ରହ୍ମ ହତ୍ୟା ଦୋଷ ବିନଷ୍ଟ ହୋଇଥାଏ । ଏହା ଭାରତର ପ୍ରସିଦ୍ଧ ତୀର୍ଥ କ୍ଷେତ୍ର ଅଟେ । ତ୍ରିବେଣୀ କୁଣ୍ଡର ପଶ୍ଚିମ ତୀର ଦେଶରେ ଗୁପ୍ତଗଙ୍ଗା ଗୁମ୍ଫା ଓ ପୂର୍ବ ପାର୍ଶ୍ୱରେ ଦୁଇହସ୍ତ ବିଶିଷ୍ଟ ଅମୃତ କୁମ୍ଭ ଧାରଣ କରିଥିବା ଦ୍ୱାଦଶ ବର୍ଷୀ ନବ ଯୌବନୀ ବୈତରଣୀ ଦେବୀଙ୍କର ଅର୍ଦ୍ଧ ବିକଶିତ ଅପୂଜିତ ପ୍ରସ୍ତର ମୂର୍ତ୍ତି ବିଦ୍ୟମାନ । ଗୁପ୍ତଗଙ୍ଗା ଗୁମ୍ଫାରେ ଯୋଗାବିଷ୍ଟ ଅଷ୍ଟାବକ୍ର ଋଷି ପ୍ରଥମେ ଭଗୀରଥଙ୍କୁ ଏହି ସ୍ଥାନରେ ସୁରଗଙ୍ଗା-ଙ୍କର ଧ୍ୟାନ କରିବା ପାଇଁ ମନ୍ତ୍ର ଉପଦେଶ ଦେଇ ଥିବାର ପ୍ରବାଦ ଅଛି ।

କଥିତ ଅଛି ବ୍ରହ୍ମପ୍ରଳୟ ସମୟରେ ନାରବତୀ କନ୍ୟା ରଜୋବତୀ ହୋଇ ଗୁପ୍ତଗଙ୍ଗା ଗୁମ୍ଫାର ଗର୍ତ୍ତରୁ ରକ୍ତସ୍ରାବ ହୋଇଥାଏ । ଏହା ବିଶ୍ୱଯୋନୀ ମଣ୍ଡଳ ନାମରେ ଖ୍ୟାତ ଅଟେ ।

ଦୃଷ୍ଟାନ୍ତ ସ୍ୱରୂପ ତ୍ରିବେଣୀ କୁଣ୍ଡଠାରୁ ୩୦୦ ଫୁଟ ଉଚ୍ଚରେ ଗୁପ୍ତଗଙ୍ଗା ଗିରିର ଶୀର୍ଷ ଦେଶରେ ଅବସ୍ଥିତ ଗୋଟିଏ ପଥର ବକ୍ଷ ଫଟାଇ ହସ୍ତୀଶୁଣ୍ଢ ପ୍ରାପ୍ତ ଜଳଧାର ପ୍ରବାହିତ ହେଉଅଛି । ଏହାହିଁ ହେଉଛି ଆଦ୍ୟ ବୈତରଣୀର ଆଦ୍ୟ ପବିତ୍ର ଜଳଧାର । ଯେଉଁ ସୁପୁତ୍ର ଏହିଠାରେ ପିତୃ ପୁରୁଷମାନଙ୍କୁ ଜଳ ତିଳ ତର୍ପଣ କରେ ତାହାର ପିତୃ ପୁରୁଷଗଣ ଗୋବ୍ରହ୍ମ ହତ୍ୟା ପାପରୁ ବିମୁକ୍ତ ହୋଇ ସ୍ୱର୍ଗବାସ କରନ୍ତି ।

"ତୀର୍ଥ ମଧ୍ୟେ ବୈତରଣୀ
ସୁରଗଙ୍ଗା ପ୍ରବାହିନୀ
ବନ୍ଦେ ପତିତ ପାବନୀ ପିୟୁଷ ଧାର
ସେ ଜଳେ ଯେ କରେ ସ୍ନାନ
ଖଣ୍ଡେ ତାର ପାପ ମାନ
ତା ପାଇଁ ଇନ୍ଦ୍ର ବିମାନ ପଠାନ୍ତି ଭବ ।

Digitized by srujanika@gmail.com

ଆଚରିବସେ ଦେବ ବମାନେ
ବସେ ଯାଇ ସ୍ୱର୍ଗ ପୁରେ ଶଙ୍କ ସମାନେ ।”

ଉତ୍ପତ୍ତି କ୍ଷେତ୍ରରୁ ଏହି ଜଳଧାର କିଛିଦୂର ପ୍ରବାହିତ ହେବାପରେ, ଗିରିବକ୍ଷରେ ଗୁପ୍ତ ହୋଇ ଯାଇ; ପୁନର୍ବାର ଗୋନାସିକା ସାଦୃଶ୍ୟ ପଥର ବକ୍ଷରୁ କୁଶବନ୍ଦୁ ପରି, ତିଧାରରେ ନିର୍ଗତ ହୋଇ, ତ୍ରିବେଣୀ କୁଣ୍ଡରେ ସଞ୍ଚିତ ହୋଇ, ସେଠାରୁ ମୂଷଳ ଧାରରେ ପ୍ରବାହିତ ହୋଇ ପୁନର୍ବାର ଗୁପ୍ତଗଙ୍ଗା ଗ୍ରାମଠାରେ ଗୁପ୍ତ ହୋଇଯାଇ ବ୍ରହ୍ମକୁଣ୍ଡରେ ଯାଜ୍ଞିକ ପ୍ରକାଶ ଲାଭ କରିଅଛି । ଗୁପ୍ତଗଙ୍ଗା ଗିରର ଶୀର୍ଷ ଦେଶରେ ଯେଉଁଠାରେ ବୈତରଣୀର ଆଦ୍ୟ ଜଳ ଧାର ହସ୍ତୀଶୁଣ୍ଢ ପ୍ରାପ୍ତ ପ୍ରବାହିତ ହେଉଅଛି ସେସ୍ଥାନର ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ ଗୋଟି ଏ ବୃହଦାକାର ପଥରବକ୍ଷ ଫାଟିଯାଇ ତହିଁରୁ ସର୍ବଦା ରକ୍ତସ୍ରାବ ହେଉଅଛି । ଏହାହିଁ ହେଉଛି ଗିରବଣ୍ଟ କନ୍ୟା ରଜୋବଣ୍ଟ ହେବାର ପ୍ରତ୍ୟକ୍ଷ ପ୍ରମାଣ । ମାତ୍ର ଏହି ସ୍ଥାନ ଘନ ଅରଣ୍ୟ ପୂର୍ଣ୍ଣ ଓ ଶ୍ୱାପଦଶଙ୍କୁଳ, ବନ୍ୟପଶୁ ବହୁଳ ବଣ୍ୟଯୋଗ୍ୟ ମଣ୍ଡଳ ହୋଇଥିବାରୁ ନିଷେଧ ସ୍ଥାନ ବା ଅଗମ୍ୟ ଅଟେ । ସାଧାରଣ ଦର୍ଶକ ତ୍ରିବେଣୀ କୁଣ୍ଡଠାରୁ ବୈତରଣୀ ନଦୀର ଆଦ୍ୟ ଜଳଧାର ଉତ୍ପତ୍ତି ହୋଇଅଛି ବୋଲି ମନେ କରିଥାଏ ।

ମୁଁ କେନ୍ଦୁଝର ଜିଲ୍ଲାର ବନ ପ୍ରଦେଶରେ ପଦଯାତ୍ରା କରୁଥିବା ସମୟରେ ଗୋନାସିକାର ତ୍ରିବେଣୀ କୁଣ୍ଡଠାରେ ଜଣେ ଅପରିଚିତ ବୃଦ୍ଧ ସନ୍ନ୍ୟାସୀଙ୍କର ଅନୁକମ୍ପା ଲାଭ କରି ଏହି ଗୁପ୍ତ ସ୍ଥାନ ଦର୍ଶନ କରିବାର ପରମ ସୌଭାଗ୍ୟ ଲାଭ କରିଅଛି । ସେହି ସନ୍ନ୍ୟାସୀ ଗୁରୁଙ୍କ ନିର୍ଦ୍ଦେଶ କ୍ରମେ ମୁଁ ଏହି ପୁସ୍ତକ ଲେଖିବା ଆରମ୍ଭ କଲି । ଏହି କଥା ପାଠକମାନଙ୍କ ପ୍ରତି କପୋଳ କଳ୍ପିତ ହେଲେହେଁ, ମୋ ପକ୍ଷରେ ଏହା ଯେ ସତ୍ୟ ଓ ଚିରନ୍ତନର ଏଥିରେ ସନ୍ଦେହ ନାହିଁ ।

“କାହିଁ ଅବା ଜଣେ ଜଣେ ବ୍ରହ୍ମବୃକ୍ଷ
ଶିଖରୁ ଆସନ୍ତି ଓଁକାର ଉଚ୍ଚାରି ।
ଦୀର୍ଘ ଜଟା ଜୁଟେ ମସ୍ତକ ମଣ୍ଡିତ
ଶୁକ୍ଳ ଶ୍ମଶ୍ରୁ ରାଜି ଅଧରେ ଶୋଭିତ ।
ଆଜାନୁ ଲମ୍ବିତ ବାହୁ କ ସୁନ୍ଦର
କରେ କମଣ୍ଡଳୁ ଆହାକ ରୁଚିର ।
ଭସ୍ମ ବିମଣ୍ଡିତ ବୃଦ୍ଧ ଅପଘନ
ନିରେଖି ନହେବ ବନ୍ଦିକାର ମନ ।
ଦିବ୍ୟ ଶଙ୍ଖ ଧ୍ୱନି ମୁଖରୁ ନିଃସ୍ୱରେ
କେହିବା ଆସନ୍ତି ସଶିଷ୍ୟେ ସ୍ନେହରେ ।
କାହା ବାମକରେ ଶୋଭଇ ଅଜିନ
କେହୁ ବିଭୂଷିତ ପଲ୍ଲବ ବସନ ।”

Digitized by srujanika@gmail.com

ଧନ୍ୟ ଗୋନାସିକା ! ଧନ୍ୟ ତୋହର ମହିମା !

"ବୈତରଣୀ" ନାମର ଉତ୍ପତ୍ତି

ବୈତରଣୀ ନଦୀ ଏକ ଧାରାରେ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ପୁରରେ ପ୍ରବାହିତ ହୋଇ ଏହି ତ୍ରିପୁରକୁ ତ୍ରାଣ କରୁଥିବାରୁ ଏହାର ନାମ ବୈତରଣୀ ଅଟେ ।

ମର୍ତ୍ତ୍ୟପୁରରେ ପ୍ରବାହିତ ବୈତରଣୀ ନଦୀର ଅନ୍ୟତମ ନାମ ଶୋଣିତ-ସୁର-ଗଙ୍ଗା ଅଟେ । କାରଣ ଗୁପ୍ତଗଙ୍ଗା ଗିରିର ଶୀର୍ଷ ଦେଶରେ ଜଳ ଓ ରକ୍ତ ଏକତ୍ର ପ୍ରବାହିତ ହୋଇ-ଥିବାରୁ, ତ୍ରିବେଣୀ କୁଣ୍ଡଠାରେ ପୁନର୍ବାର ନିର୍ଗତ ସମୟରେ ଜନ୍ତୁମାନଙ୍କ ଦ୍ୱାରା ଗୋରକ୍ତ ରଞ୍ଜିତ ହୋଇଥିବାରୁ ଓ ବ୍ରହ୍ମକୁଣ୍ଡରେ ପତିତ ଜଳଧାର ରଜପର୍ବ ଦିନ ପଶୁ ରକ୍ତ ରଞ୍ଜିତ ହେଉଥିବାରୁ ଶୋଣିତ-ଗଙ୍ଗା ନାମରେ ଏହାର ପ୍ରସିଦ୍ଧି ରହିଅଛି । ଜନଶ୍ରୁତି ଅଛି ରାଜା ଯଯାତି ବିରଜା କ୍ଷେତ୍ରରେ ଦଶାଶ୍ୱମେଧ ଯଜ୍ଞର ପୂର୍ଣ୍ଣାହୂତି ପାଇଁ ବ୍ରାହ୍ମଣମାନଙ୍କର ବ୍ରହ୍ମତ୍ୱର ପରୀକ୍ଷା କରିବା ନିମନ୍ତେ ବୈତରଣୀ ଜଳଧାରରେ ଅଗ୍ନି ସଂଯୋଗ କରାଇବାକୁ ବ୍ରାହ୍ମଣ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଜଳରେ ଅଗ୍ନି ସଂଯୋଗ କରିବା ସହଜ ବ୍ୟାପାର ହୋଇ ନଥିବାରୁ ନିମନ୍ତ୍ରିତ ବ୍ରାହ୍ମଣମାନେ ଲଜ୍ଜା ପାଇବା ଭୟରେ ଯଜ୍ଞ କ୍ଷେତ୍ର ଛାଡି ପଳାଇ ଗଲେ । କଥିତ ଅଛି ବ୍ରାହ୍ମଣ ସମାଜର ମର୍ଯ୍ୟାଦା ରକ୍ଷା କରିବା ଚିନ୍ତା କରି ଜନୈକ ବୃଦ୍ଧ ବ୍ରାହ୍ମଣ ସ୍ତ୍ରୀଙ୍କ ଶୁଣ୍ଠିର ସାହାଯ୍ୟରେ ନଦୀର ଜଳଧାରରେ ମଦ୍ୟ ଢଳାଇ ଜଳରେ ଅଗ୍ନି ସଂଯୋଗ କରାଇଥିଲେ । ତେଣୁ ଯାଜପୁରଠାରୁ ବୈତରଣୀର ନାମ ଶୋଣିତ-ସୁର-ଗଙ୍ଗା ନାମରେ କଥିତ ଅଟେ ।

ପ୍ରବାଦ ଅଛି ବୈରୋଚନ ନାମକ ଦୈତ୍ୟ ଏକଦା ବନ ପ୍ରଦେଶରେ ଭ୍ରମଣ କରୁ କରୁ ଗୋନାସିକାର ପାର୍ବତ୍ୟ ପ୍ରଦେଶରେ ଜଳାଭାବ ଲକ୍ଷ୍ୟ କରି କ୍ରୋଧରେ ପର୍ବତ ବକ୍ଷରେ ତ୍ରିଶୂଳ ପ୍ରହାର କରନ୍ତେ ପଥର ବକ୍ଷ ଫାଟି ଯାଇ ଯେଉଁ ତ୍ରିଧାର ଜଳ ପ୍ରବାହିତ ହେଲା ତାହାର ନାମ ବୈରୋଚନୀ ବା ବୈତରଣୀ ଅଟେ ।

କେନ୍ଦୁଝର ରାଜ୍ୟର ପ୍ରାକୃତିକ ଆକୃତି ତ୍ରିଭୁଜାକାର ହୋଇଥିବାରୁ ଏବଂ ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଏହି ରାଜ୍ୟ ତିନି ଗୋଟି ପ୍ରଦେଶରେ ବିଭକ୍ତ ହୋଇଥିବାରୁ ଏହାର ନାମ ବୈତରଣୀ ହୋଇଥିବାର ଅନୁମାନ କରାଯାଏ । ବିଶେଷତଃ ବୈତରଣୀ ଜଳଧାର ତ୍ରିବାର ଗୁପ୍ତ ଓ ତ୍ରିବାର ପ୍ରକାଶ ପାଇଥିବାରୁ ଏହାର ନାମ ବୈତରଣୀ ଅଟେ । ଏହା ଶୀର୍ଷ ଦେଶରେ ବ୍ରହ୍ମେଶ୍ୱର, ମଧ୍ୟ ଦେଶରେ ଝାଡେଶ୍ୱର ଓ ପାଦଦେଶରେ ଆଖଣ୍ଡ-ଳେଶ୍ୱର ନାମକ ତ୍ରିଲିଙ୍ଗଙ୍କୁ ସ୍ପର୍ଶ କରୁଥିବାରୁ ଏହାର ନାମ ବୈତରଣୀ ହୋଇଅଛି ।

ଗୋନାସିକା ପର୍ବତର ପାଦ ଦେଶରେ ଅବସ୍ଥିତ ବରେଡା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ପୀଠ ବୈତରଣୀ ହୋଇଥିବାରୁ ନଦୀର ନାମ ବୈତରଣୀ ହେବା ସ୍ୱାଭାବିକ ଅଟେ ।

ଯେଉଁ ନଦୀକୁ କେବଳ ନୌକା ଦ୍ୱାରା ପାର ଉତ୍ତାର କରିବାକୁ ହୁଏ କିନ୍ତୁ ନଦୀ ମଧ୍ୟରେ ପ୍ରବେଶ କରି ପାଦରେ ଅତିକ୍ରମ କରାଯାଇ ପାରେ ନାହିଁ - ତାହାକୁ ବୈତରଣୀ ନଦୀ ବୋଲାଯାଏ ।

Digitized by srujanika@gmail.com

ବୈତରଣୀର ବ୍ୟୁତ୍ପତ୍ତି ନିମ୍ନମତେ କରା ଯାଇଅଛି ।

"ସର୍ବତ୍ର ସୁଲଭା ଗଙ୍ଗା
ତ୍ରିଷୁ ସ୍ଥାନେଷୁ ଦୁର୍ଲ୍ଲଭାଃ
ହରଦ୍ୱାରେ ପ୍ରୟାଗେଷ୍ଟ ଗଙ୍ଗା ସାଗର ସଙ୍ଗମେ ।
ହରଦ୍ୱାରତ୍, ପ୍ରୟାଗାତ ସାଗର ସଙ୍ଗମାତ୍,
ବିଶେଷାତ୍ ତାରୟେତ ଯସ୍ମାତ୍ ତସ୍ମାତ୍
ବୈତରଣୀ ସ୍ମୃତାଃ ।"

ଅର୍ଥାତ ଗଙ୍ଗା ଅତି ପବିତ୍ର ନଦୀ ଅଟେ । ତାହା ସର୍ବତ୍ର ସୁଲଭା । କିନ୍ତୁ ତିନିଗୋଟି ସ୍ଥାନରେ ଦୁର୍ଲ୍ଲଭ ଅର୍ଥାତ ପବିତ୍ରତମା । କିନ୍ତୁ ଯେଉଁ ନଦୀ ହରଦ୍ୱାର, ପ୍ରୟାଗ ଓ ଗଙ୍ଗା ସାଗର ସଙ୍ଗମଠାରୁ ବିଶେଷ ରୂପେ ତ୍ରାଣ କରେ ତାହାକୁ ବୈତରଣୀ କହନ୍ତି ।

ଶାକ୍ତକ୍ଷେତ୍ର ଗୋନାସିକା

ପଶୁବଳୀ ପ୍ରଥା କେନ୍ଦୁଝରରେ ଗୋଟିଏ ସାର୍ବଜନୀନ ବ୍ୟବସ୍ଥା ଅଟେ । ମାଂସ ଭକ୍ଷଣ ପାଇଁ ହେଉ ବା ଅନ୍ୟ ଯେ କୌଣସି କାରଣରୁ ହେଉ ପୃଥିବୀର ବିଭିନ୍ନ ଧର୍ମାବଲମ୍ବୀ ପଶୁବଳୀ କରିଥାଏ ବା କରାଇଥାଏ । ଏପରିକି କାରଣ ନଥାଇ ମଧ୍ୟ କେତେକ ନରବଳୀ ପ୍ରଭୃତି ଜଘନ୍ୟ କାର୍ଯ୍ୟ କରିଥାନ୍ତି ।

ବ୍ରହ୍ମେଶ୍ୱର ମହେଶଙ୍କ ବେଢ଼ା ମଧ୍ୟରେ ପୂଜିତ ହେଉଥିବା ତାରଣୀଙ୍କ ଶାଳରେ ଦୈନିକ ପଶୁବଳୀ ହୋଇଥାଏ । ଏଠାରେ ପ୍ରତିଦିନ ଏତେ ସଂଖ୍ୟାରେ ପଶୁବଧ ହୋଇଥାଏ ଯେ, ବଳୀଖମ୍ବ ମୂଳରେ ସର୍ବଦା ପ୍ରାୟ ତିନି ଅଙ୍ଗୁଳ ଗଭୀରରେ ସଦ୍ୟରକ୍ତ ଧାର ବିଦ୍ୟମାନ ଥାଏ । ବର୍ଷର କୌଣସି ଦିନ ଏଠାରୁ ରକ୍ତ ଧାର ଶୁଖିଯାଏ ନାହିଁ । କାରଣ ବନ ଗିରିବାସୀଙ୍କର ବିଶ୍ୱାସ ଯେଉଁ ଦିନ ଏହିଠାରୁ ରକ୍ତଧାର ଶୁଖି ଯିବ ସେହିଦିନ ଶୀର୍ଷ ବୈତରଣୀର ଗୁପ୍ତଗଙ୍ଗା ଗୁମ୍ଫା ଗର୍ତ୍ତରୁ ରଜ ବା ରକ୍ତ ପ୍ରବାହିତ ହୋଇ ଗ୍ରାମ ବୁଡ଼ାଇ ଦେବ ।

ବୈତରଣୀ ମହାତ୍ମ୍ୟ

ପୁଣ୍ୟତୋୟା ବୈତରଣୀ ତୀର୍ଥ ଜଳରେ ସ୍ନାନ କରି ବିରଜା ମଣ୍ଡଳରେ ପିତୃ ପୁରୁଷଗଣଙ୍କୁ ପିଣ୍ଡ ପ୍ରଦାନ କଲେ ସପ୍ତପୁରୁଷ ସନ୍ତୋଷ ଲାଭ କରନ୍ତି ।

କେଉଁ ଆବହମାନ କାଳରୁ ବୈତରଣୀ ନଦୀ ବିରଜା କ୍ଷେତ୍ର ଯଜ୍ଞପୁର ବା ଯାଜପୁର କଣ୍ଠ ଦେଶରେ ମୁକ୍ତାହାର ସ୍ୱରୂପ ଶୋଭା ପାଉଅଛି । ମହାଭାରତରେ ବର୍ଣ୍ଣିତ ବୈତରଣୀ ନଦୀର ବର୍ଣ୍ଣନାରୁ ଜଣା ଯାଏ ଯେ, ଦ୍ୱାପର ଯୁଗରେ ବୈତରଣୀ ନଦୀ କଳିଙ୍ଗ ରାଜ୍ୟାନ୍ତର୍ଗତ ଥିଲା । ବିରଜା କ୍ଷେତ୍ରର ପ୍ରତିଷ୍ଠାତା ଯଯାତି କେଶରୀ ଏଠାରେ ଦଶାଶ୍ୱମେଧ ଯଜ୍ଞର ପୂର୍ଣ୍ଣାହୁତି ସମୟରେ କ୍ଷେତ୍ରାଧିପତି ମା' ବିରଜା ଯଜ୍ଞକୁଣ୍ଡରୁ ଜାତ

Digitized by srujanika@gmail.com

ହୋଇ ସ୍ୱଦେହରେ ଏଠାରେ ପ୍ରତିଷ୍ଠିତ ଓ ପୂଜିତ ହେଉ ଅଛନ୍ତି । ତେଣୁ ମହାଭାରତ ଯୁଗର ପ୍ରାରମ୍ଭରୁ ବିରଜା କ୍ଷେତ୍ର ଭାରତର ଅନ୍ୟତମ ପ୍ରସିଦ୍ଧ ତୀର୍ଥ ଭୂମି ଅଟେ । ଏହି ପବିତ୍ର ସ୍ଥାନର ପ୍ରତ୍ୟେକ ରେଣୁ ଦିବ୍ୟଶକ୍ତି ପ୍ରଦାୟକ ଅଟେ । କବି ଭାଷାରେ :—

"ଗୋନାସା ପ୍ରଭବା ଶ୍ରୀ ବିରଜା ଦେବୀ
ଦେଉଳ ପାବଛି ଧୋଇ,
ତୀର ଘନ-ବନ ଲକ୍ଷ୍ମୀ ଛାମୁରେ କି
ମଣି ଦରପଣ ଥୋଇ ।
ଭବର ଭଙ୍ଗୁର ବିଳାସକୁ ହସି
ମର୍ମିଳ ଫେନ ନିବନ୍ଧେ;
ଯା ଶାଶ୍ୱତ ସ୍ରୋତ ଶାଶ୍ୱତ ଶଙ୍କେ
ଶାଶ୍ୱତ ସିନ୍ଧୁକୁ ବନ୍ଦେ ।"

ବହୁ ପ୍ରାଚୀନ କାଳରୁ ଓଡ଼ିଶାକୁ ଦୁଇଗୋଟି ସାଂସ୍କୃତିକ ମଣ୍ଡଳରେ ବିଭକ୍ତ କରା ଯାଇଅଛି । ଗୋଟିଏ ହେଲା ଜଗନ୍ନାଥ ମଣ୍ଡଳ ପୁରୁଷୋତ୍ତମ କ୍ଷେତ୍ର ଶ୍ରୀକ୍ଷେତ୍ର ପୁରୀ ଓ ଅନ୍ୟଟି ବିରଜା ମଣ୍ଡଳ ଯାଜପୁର । ଏହି ଦୁଇଗୋଟି ମଣ୍ଡଳ ଉତ୍କଳରେ ପ୍ରସିଦ୍ଧି ଲାଭକରି ଅଛି । ଶାରଳା ମହାଭାରତର ବର୍ଣ୍ଣନାରୁ ଜଣାଯାଏ ଯେ, ବିରଜା ମଣ୍ଡଳ ବା ଯାଜନଗ୍ର ମଣ୍ଡଳ ଦକ୍ଷିଣରେ ଚିତ୍ରୋତ୍ପଳା ତୀରସ୍ଥିତ ବାରାଣସୀ କଟକ ବା ଆଧୁନିକ କଟକ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏଣୁ ମହାନଦୀ ଜଗନ୍ନାଥ ମଣ୍ଡଳ ଓ ବୈତରଣୀର ବିରଜା ମଣ୍ଡଳର ସୀମାରେଖା ଥିଲା । ବାଲେଶ୍ୱର, ମେଦନୀପୁର, ମୟୂରଭଞ୍ଜ, ସିଂହଭୂମି, ଓ କେନ୍ଦୁଝର ପ୍ରଭୃତି ରାଜ୍ୟ ଗୁଡିକୁ ନେଇ ବିରଜା ମଣ୍ଡଳ ଗଠିତ ହୋଇ ଯାଜନଗ୍ର ରାଜଧାନୀ ଥିଲା ।

ଭୌମ ଯୁଗର ତାମ୍ର ଶାସନ ଅନୁଧ୍ୟାନରୁ ଜଣାଯାଏ ଯେ, ଅଷ୍ଟମ-ନବମ ଶତାବ୍ଦୀରେ ବିରଜା ମଣ୍ଡଳ ଉତ୍କଳ ନାମରେ ଅଭିହିତ ହେଉଥିଲା ଓ ଯାଜପୁର ରାଜଧାନୀ ଥିଲା । କେଶରୀ ବଂଶର ରାଜା ଯଯାତି କେଶରୀଙ୍କ ଶାସନ କାଳରେ ବିରଜା ମଣ୍ଡଳ ନାମ ପରିବର୍ତ୍ତେ ଯଯାତି ନଗର ନାମରେ ପ୍ରସିଦ୍ଧି ଲାଭ କରିଥିଲା । ମାଦଳା ପାଞ୍ଜିରେ ଯଯାତି ନଗର ଅଭିନବ ନଗ୍ର ନାମରେ ବର୍ଣ୍ଣିତ ହୋଇଅଛି ।

ଏହି ଦୁଇଗୋଟି ମଣ୍ଡଳ ଅନୁସାରେ ଓଡ଼ିଶାରେ ଜଗନ୍ନାଥ ଓ ବିରଜା ପଞ୍ଜିକା ନାମରେ ଦୁଇଗୋଟି ପଞ୍ଜିକାର ପ୍ରଚଳନ ହୋଇଅଛି । ପରବର୍ତ୍ତୀ ସମୟରେ ଏହି ଦୁଇଗୋଟି ମଣ୍ଡଳ ଖଡ଼ଙ୍ଗ ମଣ୍ଡଳ ଓ ଖିଞ୍ଜିଲି ମଣ୍ଡଳ ନାମରେ ଅଭିହିତ ହୋଇ ମହାନଦୀକୁ ସୀମରେଖା ରୂପେ ନିର୍ଦ୍ଦିଷ୍ଟ କରା ଯାଇଥିଲା । ତେଣୁ ପଣ୍ଡିତ ବିନାୟକ ମିଶ୍ର ଖିଞ୍ଜିଲି ମଣ୍ଡଳର ଗ୍ରାମ ବା ବିଷୟ ଗୁଡକ ମହାନଦୀ କୂଳରେ ଅବସ୍ଥିତ ଥିଲା ବୋଲି ମତ ପୋଷଣ କରି ଅଛନ୍ତି ।

କଥିତ ଅଛି ରାଜା ଯଯାତି କେଶରୀ ପୁଣ୍ୟତୋୟା ବୈତରଣୀ ନଦୀର କଣ୍ଠଦେଶରେ ଅବସ୍ଥିତ ଯାଜନଗ୍ରଠାରେ ଦଶାଶ୍ୱମେଧ ଯଜ୍ଞ କାର୍ଯ୍ୟ ସମାପନ ପାଇଁ କାନ୍ୟକୁବ୍ଜ ରାଜ୍ୟରୁ

Digitized by srujanika@gmail.com

ଦଶ ସହସ୍ର ବେଦଜ୍ଞ ବ୍ରାହ୍ମଣ ଅଣାଇ ଯଜ୍ଞ କରାଇ ଥିଲେ । ଏହାର ମୁଣ୍ଡ ସ୍ୱରୂପ ବିରଜା କ୍ଷେତ୍ରରେ ପିଣ୍ଡଦାନ ସମୟରେ କାନ୍ୟକୁବଜର ବ୍ରାହ୍ମଣମାନଙ୍କୁ ସ୍ମରଣ କରାଯାଇ ଅର୍ଘ୍ୟ ପ୍ରଦାନ କରାଯାଇ ଥାଏ । ଯାଜପୁର ଉତ୍କଳର କ୍ରମାଗତ ଦୁଇଗୋଟି ରାଜବଂଶର ରାଜଧାନୀ ରହିଲା ପରେ ଗଙ୍ଗବଂଶ ଶାସନ କାଳରେ ଉତ୍କଳ ଓ କଳିଙ୍ଗ ରାଜ୍ୟ ଦ୍ୱୟର ଏକତ୍ରି କରଣ ଘଟି ଗଙ୍ଗବଂଶର ରାଜଧାନୀ ହୋଇ ରହିଲା ।

ମହାଭାରତରେ ବିରଜା କ୍ଷେତ୍ରର ବର୍ଣ୍ଣନା ରହିଥିବାରୁ ଏହି କ୍ଷେତ୍ର ରାଜର ପ୍ରତିଷ୍ଠାତା ରାଜା ଯଯାତି ପୁରାଣ ଯୁଗର ରାଜା ଯଯାତି ପରି ମନେହୁଏ ।

ଦ୍ୱିତୀୟତଃ ସତ୍ୟଯୁଗରେ ବିଷ୍ଣୁଙ୍କ ଚକ୍ରରେ ନିହତ ହୋଇଥିବା ଭକ୍ତ ଗୟାସୁରର ନାଭି କ୍ଷେତ୍ରର ନାମ ନାଭିଗୟା ନାମରେ ସତ୍ୟଯୁଗରୁ ପୌରାଣିକ ପ୍ରସିଦ୍ଧି ଲାଭ କରିଅଛି ।

ବିରଜା ଦେବୀ ଉଷ୍ମପା ପିତୃଗଣଙ୍କ ମାନସୀ କନ୍ୟା ହୋଇଥିବାରୁ ଏହି କ୍ଷେତ୍ରରେ ପିତୃଗଣଙ୍କୁ ପିଣ୍ଡ ପ୍ରଦାନ କଲେ ସେମାନେ ସନ୍ତୋଷ ହୋଇ ବଂଶର କଲ୍ୟାଣ କାମନା କରନ୍ତି । ଏହି ପବିତ୍ର କ୍ଷେତ୍ର ଦର୍ଶନରେ ସହସ୍ର ଗୋଦାନ ପୁଣ୍ୟ ଫଳ ମିଳିଥାଏ ।

ବୈତରଣୀ ତୀର୍ଥ ଓ ବିରଜା କ୍ଷେତ୍ର ଏକ ସର୍ବଭାରତୀୟ ତୀର୍ଥ କ୍ଷେତ୍ର ଅଟେ । ଲୋମଶଋଷି ଧର୍ମ ଯୁଧିଷ୍ଠିରଙ୍କୁ କହିଥିଲେ ଯେ, ଗଙ୍ଗା ସାଗର ସଙ୍ଗମଠାରୁ କଳିଙ୍ଗ ରାଜ୍ୟ ଆରମ୍ଭ ହେଲା । କଳିଙ୍ଗରେ ବୈତରଣୀ ନଦୀ ପ୍ରଧାନ ନଦୀ ଅଟେ । ଏହି ନଦୀ ଜଳରେ ଧର୍ମଦେବ ବା ବ୍ରହ୍ମା ଦେବତାମାନଙ୍କ ସହ ଯଜ୍ଞ ଅନୁଷ୍ଠାନ କରିଛନ୍ତି । ଏଠାରେ ଋଷିମାନେ ମଧ୍ୟ ଯଜ୍ଞ କରି ଭୂମିକୁ ପବିତ୍ର କରି ଅଛନ୍ତି । ସ୍ୱର୍ଗଲୋକ କାମନା କରୁଥିବା ପୁଣ୍ୟାତ୍ମାଙ୍କ ନିମନ୍ତେ ଏହି ବୈତରଣୀ ତୀର୍ଥ ଦେବଯାନ ମାର୍ଗ ସଦୃଶ ।

ଆଜକୁ ପାଞ୍ଚ ହଜାର ବର୍ଷ ପୂର୍ବେ ବ୍ୟାସକବିଙ୍କ ଦ୍ୱାରା ରଚିତ ମହାଭାରତରେ କଳିଙ୍ଗର ଏହି ତୀର୍ଥ ଛଡା ଅନ୍ୟ କୌଣସି ତୀର୍ଥର ନାମ ଉଲ୍ଲେଖ ନଥିବାରୁ ଏହା ପ୍ରଥମ ଓ ପ୍ରାଚୀନ ।

ଏହି ବୈତରଣୀ ସର୍ବ ପାପ ହରଣ କରେ । ଏହି ନଦୀରେ ସ୍ନାନ କଲେ ସମସ୍ତ ପାପ ମୋଚନ ହେବା ସଙ୍ଗେ ସଙ୍ଗେ ନରଶ୍ରେଷ୍ଠତ୍ୱ ପ୍ରାପ୍ତ ହୁଏ ।

ହର ଓ ବରାହ ଠାକୁର ମଧ୍ୟରେ ପ୍ରବାହିତା ବୈତରଣୀ ନଦୀ ଅଂଶ ବିଶେଷକୁ ଗଙ୍ଗା ପରି ପବିତ୍ର ବୋଲିଯାଏ । ଏହି ସ୍ଥାନରେ ଗୋଦାନ କରି ଧର୍ମାତ୍ମାମାନେ ସ୍ୱର୍ଗବାସ କରିଥାନ୍ତି । ଏହାକୁ ବୈତରଣୀଦାନ କୁହାଯାଏ । ଏଠାରେ ଗୟାତୀର୍ଥରେ ନାଭି ଥିବାପରି ଏହାକୁ ନାଭିଗୟା ମଧ୍ୟ ବୋଲିଯାଏ । ଏଠାରେ ପିଣ୍ଡଦାନ କଲେ ସପ୍ତପୁରୁଷ ଉଦ୍ଧାର ହୋଇଯାନ୍ତି ।

ବୈତରଣୀର ଅବସ୍ଥିତି ଦୃଷ୍ଟିରୁ ଏହାର ଶୀର୍ଷ ଦେଶରେ ବା ତ୍ରିକୁଟ ସ୍ଥାନରେ ବ୍ରହ୍ମେଶ୍ୱର, ବକ୍ଷ ଦେଶରେ ଝାଡେଶ୍ୱର ନାଭି ଦେଶରେ ବରାହେଶ୍ୱର ଓ ପାଦ ଦେଶରେ ଆଖଣ୍ଡଳେଶ୍ୱର କୃଷ୍ଣ ଲିଙ୍ଗ ଅସ୍ଥିତ ।

ଏହାର ପ୍ରତି ଏକକ୍ରୋଶ ଦୂରତାରେ ଜଳ ମଧ୍ୟରେ ଗୋଟିଏ ଗୋଟିଏ କୁଣ୍ଡଳିଙ୍ଗ

Digitized by srujanika@gmail.com

ସ୍ଥାପିତ ହୋଇଥିବାରୁ ଏହା ଜଳଧାର ସହିତ ପବିତ୍ର ଅଟେ । ବସ୍ତ୍ରହରଣେଶ୍ୱରଙ୍କଠାରୁ ଆଖଣ୍ଡଳେଶ୍ୱର ପର୍ଯ୍ୟନ୍ତ ନଦୀର ଅଂଶକୁ ତୀର୍ଥ କ୍ଷେତ୍ର କହିବା ଅର୍ଥ ଯାଜପୁରଠାରୁ କେନ୍ଦୁଝରର ଗୋନାସିକା ପର୍ଯ୍ୟନ୍ତ ଅଂଶ ବା ନାଭିଠାରୁ ଶୀର୍ଷ ପର୍ଯ୍ୟନ୍ତ ଅଂଶକୁ ଅତୀର୍ଥ ବୋଲି ବୁଝାଯାଇ ନପାରେ । କାରଣ କୌଣସି ଅବୟବର ନାଭିଠାରୁ ପାଦ ପର୍ଯ୍ୟନ୍ତ ଅଂଶକୁ ପବିତ୍ର ବୋଲି ଗ୍ରହଣ କରି ତାହାର ଅପର ଅଂଶକୁ ଅତୀର୍ଥ ବୋଲି କହିବା ଅର୍ଥ ପୁଣ୍ୟତୋୟା ବୈତରଣୀ ମାହାତ୍ମ୍ୟର ମର୍ଯ୍ୟାଦା ଠିକ୍ ରୂପେ କର୍ତ୍ତିତ ହୋଇ ପାରିନାହିଁ । ତେଣୁ ନାଭି ଠାରୁ ପାଦ ତୀର୍ଥର ଉନ୍ନତି କାମନା କରାଯିବା ସଙ୍ଗେ ସଙ୍ଗେ ବୈତରଣୀର ଶୀର୍ଷ ଦେଶରେ ଅବସ୍ଥିତ ଉତ୍ପତ୍ତି କ୍ଷେତ୍ର ଗୋନାସିକା ତୀର୍ଥର ଉନ୍ନତି ପାଇଁ ଦାବୀ ହେବା ବିଧେୟ । ଗୋନାସିକା ତୀର୍ଥ ପ୍ରସ୍ତାବିତ ଯଖପୁର ବାଂଶପାଣି ରେଳ ରାସ୍ତାର ସନ୍ନିକଟରେ ଅବସ୍ଥିତ ଥିବାରୁ ଯାଜପୁର କେନ୍ଦୁଝର ରୋଡଠାରୁ ଯାଜପୁର ସହରକୁ ରେଳରାସ୍ତା ପଡିବା ଉଚିତ ।

ବ୍ରହ୍ମତାରିଣୀ

ପରମ ବୈଷ୍ଣବ ବ୍ରହ୍ମେଶ୍ୱର ମହେଶଙ୍କ ମନ୍ଦିର ବେଢାରେ ପଶୁବଳୀ ସଂହାରରେ ଜ୍ଞାନୀମାନେ କହନ୍ତି ଯେ, ବ୍ରହ୍ମେଶ୍ୱର ନିଖିଳ ଜଗତର ବ୍ରହ୍ମଲିଙ୍ଗ ଅଟନ୍ତି । ଗୁପ୍ତଗଙ୍ଗାର ବିଶ୍ୱଯୋନୀ ମସ୍ତକରୁ ପ୍ରବାହିତ ଜଳଧାର ରଜ ମିଶ୍ରିତ ଅଟେ । ମାତୃ ରଜ ସହିତ ପିତାର ବ୍ରହ୍ମବୀର୍ଯ୍ୟ ଜନନୀ ଜଠରରେ ଏକତ୍ରିତ ହୋଇ ସନ୍ତାନ ଜାତ ହେଲାପରି ବୈତରଣୀର ଶୋଣିତ-ଗଙ୍ଗା ଧାର ସହିତ ବ୍ରହ୍ମବୀର୍ଯ୍ୟ ମିଶ୍ରିତ ହୋଇ ନବ ସୃଷ୍ଟି ହୋଇଥାଏ ।

ବନଗିରି ଜନଙ୍କର ବିଶ୍ୱାସ ବ୍ରହ୍ମେଶ୍ୱରଙ୍କ ପାଖରେ ଯେଉଁ ପଶୁପକ୍ଷୀ ବଳିହୁଏ ସେହି ବଧଜୀବ ଗୁଡ଼ିକ ପୂର୍ବ ଜନ୍ମରେ ନାସ୍ତିକ ରୂପେ ଜାତ ହୋଇ ଗୋହତ୍ୟା ପ୍ରଭୃତି ଜୀବ ବଧ କରିଥିବାରୁ ଇହଜନ୍ମରେ ପଶୁଯୋନୀରେ ଜାତ ହୋଇ କୃତ ପାପର ବିନାଶ ନିମନ୍ତେ ଦେବୀ ଭୋଗ୍ୟ ହୋଇ ପର ଜନ୍ମରେ ହିନ୍ଦୁ କୁଳରେ ଜନ୍ମ ଲଭକରି ସଗୁଣ ବ୍ରହ୍ମ ସାଧନ ପୂର୍ବକ କ୍ରମଶଃ ଊର୍ଦ୍ଧ୍ୱରେତା ହୋଇଥାନ୍ତି । ତେଣୁ ଇହଜନ୍ମରେ ଜୀବହତ୍ୟାକାରୀ ତାର ମୃତ୍ୟୁପରେ ଛାଗଳ କୁକୁଟ ରୂପେ ଜନ୍ମ ଲଭକରି ବ୍ରହ୍ମେଶ୍ୱରଙ୍କର ବଳୀ ଭୋଗ୍ୟ ହୋଇ ମନୁଷ୍ୟରୁ ପଶୁ ଓ ପଶୁରୁ ପୁନଶ୍ଚ ପୁଣ୍ୟାତ୍ମା ହେଉଥିବାରୁ ଶୋଣିତ ଗଙ୍ଗାର ନାମ ବ୍ରହ୍ମ ତାରିଣୀ ବା ବୈତରଣୀ ଅଟେ ।

ଗୋରକ୍ଷ ସମାଜ ଗଠନ

ଗୋଜାତି ମାନବ ଜାତିର ପରମୋତ୍କୃଷ୍ଟ ବନ୍ଧୁ ଅଟେ । ଏହାର ଅପର ନାମ ଗାୟତ୍ରୀ ବା ଜନନୀ ଅଟେ । ଯେଉଁମାନେ ଜନନୀର ହତ୍ୟା କରନ୍ତି ସେମାନେ ଯାତୁଧାନ ବା ଯବନ ଅଟନ୍ତି । ଗୋନାସିକା ତୀର୍ଥ ଗୋହତ୍ୟା ପାପରୁ ମୁକ୍ତ କରୁଥିବାରୁ ଏହାଯେ ଗୋରକ୍ଷ ଶିକ୍ଷା କେନ୍ଦ୍ର ଅଟେ ଏଥିରେ ସନ୍ଦେହ ନାହିଁ । ତେଣୁ ଗୋରକ୍ଷକ ରୂପେ ଶ୍ରେଷ୍ଠ ବିବେଚିତ ହୋଇଥିବା ଭଗବାନ ଶ୍ରୀ ରାମକୃଷ୍ଣ ମଧ୍ୟ ଏହା ଦର୍ଶନ କରିବାରୁ

Digitized by srujanika@gmail.com

ଆସି ଅଛନ୍ତି ।

"ସତ୍ୟାଦି ଯୁଗେ ଏହି ମତେ
ଗୋଜାତି ପୂଜିଲେ ଜଗତେ ।
ଯଜାତି ଆଦି ନର ଗଣ
କରି ଅସଂଖ୍ୟ ଧେନୁ ଦାନ ।
ଅର୍ଜିଲେ ଅ କ୍ଷ ୟ କୀରତି
ପୂଣ୍ୟ ପାଳଲେ ବସୁମତି ।
ତ୍ରେତାରେ ରା ମ ମହାରାଜ
ଗୋ-ବିପ୍ର ପାଳି କଲେ ରାଜ୍ୟ ।
ଦ୍ୱାପରେ ନିଜେ ଦେବ ହରି
ଗୋପେ ମାନବ ଦେହ ଧରି ।
କଲେ ଗୋ-କୁଳ ହିତ ଯେତେ
ତାହାବା କହିବି ମୁଁ କେତେ ।
ପୂର୍ବେ ଏ ପ ରି ମହାଜନ
ପାଳଲେ ଆଦରେ ଗୋଧନ ।
ମରଣେ ଗଲେ ପୂଣ୍ୟ ସ୍ଥାନେ ।
ଅତି ଦୁର୍ଲ୍ଲଭ ଦେବ ଯାନେ ।
ଗୋମାତା ସାକ୍ଷାତେ ଦେବତା
ଜଗତ ଜନ ପିତା ମାତା ।
ଇହ ସଂ ସା ରେ ମହାଧନ
ମରଣେ ମୁକତି କାରଣେ ।"

ଇହ ଜଗତରେ ଯେଉଁ ଲୋକ ଗୋପୁଚ୍ଛ ଧାରଣ କରି ବୈତରଣୀ ନଦୀ ସନ୍ତରଣ କରି ଧେନୁଦାନ ଦେଇଥାଏ, ମରଣ ପରେ ତାହାର ଆତ୍ମା ଗୋପୁଚ୍ଛ ଧରି ତପ୍ତ ବୈତରଣୀ ଅତିକ୍ରମ କରି ସ୍ୱର୍ଗବାସ କରେ ।

Digitized by srujan ka@gmail.com

ଗିରି ନନ୍ଦିନୀ-ଚଂପା ବରଣୀ ବୈତରଣୀ

ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ ହେଉଛି ନଦୀର ମାତୃରୂପ ଚିନ୍ତନ କରିବା । ଜନ୍ମ-ଦାତ୍ରୀ ଜନନୀ ଯେପରି ନିଜ ଶିଶୁର ସ୍ତନ୍ୟ ଦାୟିନୀ ଓ ପ୍ରାଣ ପ୍ରଦାୟିନୀ, ସେହିପରି ଗୋଟିଏ ଦେଶର ନଦନଦୀ ସେହି ଦେଶର ସଭ୍ୟତା, ସଂସ୍କୃତି ଓ ଜୀବନୀ ଶକ୍ତିର ଆଧାର ସ୍ୱରୂପ ଅଟେ । ତେଣୁ ବୈତରଣୀ ମହାନଦୀଠାରୁ ଆରମ୍ଭ କରି ପୃଥିବୀର ବିଭିନ୍ନ ଦେଶରେ ପ୍ରବାହିତ ମୁଖ୍ୟ ନଦନଦୀ ଗୁଡ଼ିକ ସହିତ ଏକ ନିବିଡ଼ ମାନବିକ ଚେତନ ସଂଶ୍ଲିଷ୍ଟ ରହିଛି ।

ଭାରତୀୟ ଧର୍ମ ଧାରଣାନୁଯାୟୀ ଗଙ୍ଗା ନଦୀର ମହାତ୍ମ୍ୟ ଓ ମହତ୍ତ୍ୱ ଶ୍ରେଷ୍ଠତମ ହୋଇ ଥିଲେହେଁ, ଓଡ଼ିଆମାନଙ୍କ ପାଇଁ ବୈତରଣୀ ଶବ୍ଦଟିର ମଧ୍ୟ ତତୋଧିକ ଧାର୍ମିକ ପ୍ରଭାବ ରହି ଅଛି । ତେଣୁ କେନ୍ଦୁଝରର ତଥା ଓଡ଼ିଶାର ଶ୍ରେଷ୍ଠ ସମ୍ପଦ ହେଲା ପୁଣ୍ୟତୋୟା ବୈତରଣୀ । ପ୍ରତ୍ୟେକ ନଦନଦୀ ଯେବେ ମାନବ ଜୀବନର ପ୍ରତୀକ ଅଟେ, ତେବେ ବୈତରଣୀ ନଦୀକୁ କେନ୍ଦୁଝରବାସୀଙ୍କର ଜୀବନ ପ୍ରତୀକ ବୋଲି ଧରିବାକୁ ହେବ । କାରଣ ବୈତରଣୀ ନଦୀ କେନ୍ଦୁଝରବାସୀଙ୍କ ଜୀବନ ଚେତନକୁ ଏକ ନୂତନ ରଙ୍ଗରେ ରୂପାୟିତ କରିଛି । ତେଣୁ ବୈତରଣୀ ନଦୀ ସହିତ କେନ୍ଦୁଝରର ସଂପର୍କ ଅତ୍ୟନ୍ତ ନିଗୂଢ଼ ଅଟେ । କେନ୍ଦୁଝରର ଜୀବନ ଯୌବନ ଗାଥା ଓ ଆଧ୍ୟାତ୍ମିକ ଚେତନା ବୈତରଣୀ ନଦୀର ସ୍ୱଚ୍ଛ ଜଳଧାର ପରି ନିର୍ମଳ, ସୁଶୀତଳ ଓ ଚୀରସ୍ରୋତା ଅଟେ ।

ଗଙ୍ଗା ପରି ବୈତରଣୀ ମଧ୍ୟ ସ୍ୱର୍ଗ ଗାମିନୀ ଅଟେ । ଗଙ୍ଗାଠାରୁ ଦ୍ୱାଦଶ ବର୍ଷ ବୟୋଧିକ ବୈତରଣୀକୁ ସ୍ୱର୍ଗର ସରଣୀ ବୋଲାଯାଏ । ବୈତରଣୀ ତୀରସ୍ଥ ଧ୍ୟାନମଗ୍ନ ସିଦ୍ଧ ପୁରୁଷର ବୈକୁଣ୍ଠ ପ୍ରାପ୍ତି ହୋଇଥାଏ, ମହାପ୍ରସ୍ଥାନ ପଥରେ ତପ୍ତ ବୈତରଣୀ ପଥିକମାନଙ୍କର କ୍ଳେଶ ମୋକ୍ଷଦାୟିନୀ ହେବାର ପୁରାଣ ପ୍ରସିଦ୍ଧି ରହିଅଛି । ନଦୀର ଉତ୍ପତ୍ତି ସ୍ଥଳର ଜଳ ପର୍ବତ ଗହ୍ୱର ମଧ୍ୟରୁ ବାହି ଆସୁଥିବା ହେତୁ ଉଷ୍ମ ପ୍ରସ୍ରବଣର ଜଳପରି ଉତପ୍ତ ଅବସ୍ଥାରେ ଥିବା ସ୍ୱାଭାବିକ । ଏଣୁ ଗିରିନନ୍ଦିନୀ ବୈତରଣୀକୁ ତପ୍ତ ବୈତରଣୀ ଆଖ୍ୟା ଦେବାରେ ସାର୍ଥକତା ପ୍ରତିପାଦିତ ହେଉଥିଲେହେଁ, ଏହାର ଜଳ ମୁଖ୍ୟତଃ ଚୀର ସୁଶୀତଳ ଅଟେ ।

ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳୀର ନିକଟବର୍ତ୍ତୀ ଗ୍ରାମଟି ଗୋନାସିକା ନାମରେ ପରିଚିତ । ଏହି ସ୍ଥାନଟିର ନୈସର୍ଗିକ-ଅତୁଳନୀୟ-ରମଣୀୟ ବନ ଶୋଭା ଗିରି ନନ୍ଦିନୀ ଚଂପା ବରଣୀ ବୈତରଣୀର ପ୍ରଭାବରେ ମନୋଜ୍ଞ ଗୋନାସିକାର ଆଦିମ ଅଧିବାସୀ ଯୁଆଙ୍ଗ ମାନଙ୍କର ଜୀବନର ସରଳତା ତଥା ନିସ୍ପୃହତା ବସ୍ତୁତାନ୍ତ୍ରିକ ସଭ୍ୟତାର କୃତ୍ରିମ ମନୋବୃତ୍ତି ଠାରୁ ବହୁ ଦୂରରେ । ଗୋନାସିକାଠାରେ କଳକଳ ନିନାଦିନୀ, ଗିରି ନିର୍ଝରିଣୀ ବୈତରଣୀ କ୍ଷୀଣତନ୍ୱୀ-ସତେ ଯେପରି ପ୍ରକୃତିର ଜଳ ତରଙ୍ଗ ବାଜଣା । ତାର ନିଭୃତ ଭାଷା କେନ୍ଦୁଝରର ଆଦିମ ଅଧିବାସୀମାନଙ୍କର ଜୀବନର ଅକୁହା କାହାଣୀକୁ ବହିନେଇ ପୂର୍ବ ସମୁଦ୍ରରେ ମିଶାଇ ଦେଉ ଅଛି ।

ଗୋନାସିକା ନିକଟବର୍ତ୍ତୀ ବୈତରଣୀର ରଙ୍ଗ ବର୍ଷର ଅଧିକାଂଶ ସମୟରେ ଚଂପକ ବର୍ଣ୍ଣ ଅଟେ ।

Digitized by srujanika@gmail.com

ଏହି ଦୃଷ୍ଟିରୁ ବୈତରଣୀର ଅନ୍ୟ ଏକ ବିଶେଷଣ ହେଲା "ଚମ୍ପା ବରଣୀ ବୈତରଣୀ" । ରଙ୍ଗ ମାଟିର ବର୍ଣ୍ଣ ନେଇ ଜଳର ବର୍ଣ୍ଣ ଚମ୍ପକ ବର୍ଣ୍ଣ ହେବା ସ୍ୱାଭାବିକ । କିନ୍ତୁ ବୈତରଣୀର ଚମ୍ପା ବର୍ଣ୍ଣ ସହିତ ଗୋନାସିକାରେ ଚମ୍ପା ଫୁଲର ପ୍ରାଚୁର୍ଯ୍ୟ ଏକ ବିଚିତ୍ର ଲୀଳା ଭଳି ଜଣାଯାଏ । ଶିବଲିଙ୍ଗ ପୂଜା ପାଇଁ ଚମ୍ପାଫୁଲହିଁ ଉଦ୍ଦିଷ୍ଟ, ସତେ ଅବା ବ୍ରହ୍ମେଶ୍ୱର ମହେଶଙ୍କର ପୂଜା ପାଇଁ ସୁସଜ୍ଜିତ ଅଗଣିତ ଚମ୍ପା ଫୁଲର ନୈସର୍ଗିକ ସମାବେଶ ।

ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ହେଉଅଛି ଯେ, ନଦୀର ଉତ୍ପତ୍ତି ସ୍ଥଳଠାରୁ ଆରମ୍ଭ କରି ସାଗର ସଙ୍ଗମ ପର୍ଯ୍ୟନ୍ତ ପ୍ରତି ଏକକୋଶ ଦୂରତ୍ୱରେ ଶିବଲିଙ୍ଗ ସ୍ଥାପିତ ହୋଇ ଅଛନ୍ତି । ଶିବଲିଙ୍ଗଙ୍କୁ ଯେପରି ସମଗ୍ର ସୃଷ୍ଟିର ଆଧାର ରୂପରେ ପୂଜା କରାଯାଇ ଥାଏ ବୈତରଣୀ ନଦୀ ସେହିପରି ପୂଜ୍ୟା, ପରମା ଆରାଧ୍ୟା ଅନୁକମ୍ପାମୟୀ ଧାତ୍ରୀ ସ୍ୱରୂପା । ଏହାର ଅବବାହିକାରେ ଅବସ୍ଥିତ ଉର୍ବର ଭୂମି କେନ୍ଦୁଝରର ଶସ୍ୟ ଭଣ୍ଡାର । ସତେ ଅବା ସ୍ୱର୍ଗ ବାସିନୀ, ବ୍ୟୋମ ଚାରିଣୀ, ସନାତନୀ ବୈତରଣୀ କେନ୍ଦୁଝର ବାସୀଙ୍କ ପାଇଁ ସୁଧାଧାର ବିତରଣ ନିପୁଣା, ପ୍ରଜା ପାଳନୀ ନନ୍ଦିନୀ ବେଶରେ ଉଦ୍‌ଭବା ।

ବୈତରଣୀ କୂଳବାସୀ ବହୁଗ୍ରାମର ଶ୍ମଶାନ ନଦୀର ବାଲୁକା ଶଯ୍ୟା ରାଶିରେ ଅବସ୍ଥିତ ଥିବାରୁ ସେଠାରେ ଚିତାଗ୍ନିରେ ଦଗ୍‌ଧିଭୂତ ହୋଇଥିବା ମୃତାତ୍ମା ପାଇଁ ମହାପ୍ରସ୍ଥାନ ଓ ସ୍ୱର୍ଗ ଲାଭର ପଥ ଉନ୍ମୁକ୍ତ କରେ ।

ବୈତରଣୀର ଗତି ଅବାରିତ ବାତ୍ସାପ୍ରୀତି-ବିଧୂରିତ ଶାନ୍ତ ଓ ମୈତ୍ରିରେ ଅନୁପ୍ରାଣିତ । ଏହାହିଁ ହେଉଅଛି ପୁଣ୍ୟତୋୟା ବୈତରଣୀ ପ୍ରବାହିତ ସ୍ୱର୍ଣ୍ଣଭୂମି କେନ୍ଦୁଝରର ନିଗୂଢ଼ ରହସ୍ୟ ।

ବାରୁଣୀ ଯାତ୍ରା

"ଉତ୍କଳ ଦେଶ ମଧ୍ୟରେ ସାର କେନ୍ଦୁଝର
ଜନାକୀର୍ଣ୍ଣ ଜନପଦ ବେଷ୍ଟିତ କନ୍ଦର ।
ସୁପତ ଭାବରେ ଯହିଁ ବିରାଜେ ଜାହ୍ନବୀ
ସୁବିଖ୍ୟାତ ବୈତରଣୀ ଗୋନାସା ସମ୍ଭବୀ ।"

ଐଶ୍ୱର୍ଯ୍ୟମୟୀ ଗୋନାସିକା ପର୍ବତର ପାଦ ଦେଶରେ, ପୁଣ୍ୟତୋୟା ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳରେ ବ୍ରହ୍ମେଶ୍ୱର ନାମକ ଆଦ୍ୟ କୁଶଲିଙ୍ଗ ପୂଜିତ ହେଉ ଅଛନ୍ତି । ଏଠାରେ ପ୍ରତିବର୍ଷ ଚୈତ୍ରମାସ କୃଷ୍ଣ ଦ୍ୱାଦଶୀ ତିଥିରେ ବାରୁଣୀ ସ୍ନାନ ଯୋଗ ଓ ମେଳା ଅନୁଷ୍ଠିତ ହୋଇଥାଏ । ସେହି ପୁଣ୍ୟ ତିଥିରେ କଳକଳ ନିନାଦିନୀ, ଗିରି ନିର୍ଝରିଣୀ ଚମ୍ପକ ବରଣୀ, କ୍ଷିଣତନ୍ୱୀ, ଉତ୍କଳ ଜାହ୍ନବୀ ବୈତରଣୀର ସୁତିକାଗାର ଦର୍ଶନ କରି ଦର୍ଶକର ମନନୟନ ସାର୍ଥକ ହୁଏ । ପବିତ୍ର ବାରୁଣୀ ଯୋଗରେ ତୀର୍ଥ ଯାତ୍ରୀ ବ୍ରହ୍ମକୁଣ୍ଡରେ ସ୍ନାନ ତର୍ପଣ କରି ବ୍ରହ୍ମେଶ୍ୱର ମହେଶଙ୍କର କୃପାମୟ ଦର୍ଶନ ଲାଭ କରିବା କେବଳ ଭାଗ୍ୟବାନ ବ୍ୟକ୍ତିର ପକ୍ଷରେ ସମ୍ଭବ ହୋଇଥାଏ ।

ନଭସ୍ପର୍ଶୀ ନୀଳଶୈଳ ଶ୍ରେଣୀର ଶିଖର ଦେଶରେ ଉଦିତ ବାଳସୂର୍ଯ୍ୟର ସ୍ୱର୍ଣ୍ଣ କିରଣମାଳ

Digitized by srujanika@gmail.com

ଏକ ବିଚିତ୍ର ଶୋଭା ସମ୍ଭାର ଯେମିତି ବନଶ୍ରୀର ଶୋଭା ବୃଦ୍ଧି କରିଥାଏ । ବସନ୍ତର ଆଗମନରେ ବନସ୍ପତିଗଣ ନବକିଶଳୟ ଆଭରଣ ପରିଧାନ କରି ମୃଦୁମଳୟ କମ୍ପନରେ ମର୍ମର ଶବ୍ଦ କରି ଋତୁରାଜ ବସନ୍ତର ଗୁଣଗାନ କରିବା ସଙ୍ଗେ ସଙ୍ଗେ ତୀର୍ଥଯାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଉପହାର ଦେଇ ଅଭ୍ୟର୍ଥନା କରିଥାନ୍ତି ।

ଗୋବରା ପାହାଡ଼ ତଳେ ବିଦ୍ୟମାନ ସିଦ୍ଧ ଜଗନ୍ନାଥ ମନ୍ଦିରର ରକ୍ତଧ୍ୱଜା ଗୋନାସିକା ତୀର୍ଥଯାତ୍ରୀଙ୍କ ଭକ୍ତିପୂର୍ଣ୍ଣ ଅଞ୍ଜଳୀ ଯେମିତି ସେମାନଙ୍କର ଶୁଭାଗମନକୁ ଅଭିନନ୍ଦନ କରେ । ସୁଶୀତଳ ଜଳଧାରର ଉଭୟ ପାର୍ଶ୍ୱରେ ଅସଂଖ୍ୟ ସଂଖ୍ୟାରେ ଆମ୍ର କାନନ ଶ୍ରେଣୀବଦ୍ଧ ଭାବରେ ଦଣ୍ଡାୟମାନ ରହି ମୁକ୍ତିକାମୀ ବୈତରଣୀ ଯାତ୍ରୀଗଣଙ୍କୁ ସଜ୍ଜିତ ସେନାନୀ ପରି ହାର୍ଦ୍ଦିକ ଅଭିବାଦନ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ଶୀତଳ ଛାୟା ପ୍ରଦାନ କରନ୍ତି । ପର୍ବତର ବକ୍ଷ ଦେଶରେ କଙ୍କରିତ ବନ୍ଧୁର ପଥ କ୍ରମଶଃ ଉପରକୁ ଉଠି ଯାଇଛି ନୀଳ ଆକାଶକୁ ଯାବଜ୍ଜ ପଡ଼ଲ୍ ପରି । ଠିକ୍ ସେହି ପାର୍ବତ୍ୟ ସରଣୀର ଧାରେ ଧାରେ ଉପରୁ ତଳକୁ ଓହ୍ଲାଇ ଆସିଛି ଗିରି ନିର୍ଝରିଣୀ ସ୍ୱର୍ଗ ମନ୍ଦାକିନୀ ବୈତରଣୀ । ପାଦ ଦେଶରୁ ଶୀର୍ଷ ଦେଶ ପର୍ଯ୍ୟନ୍ତ ସମସ୍ତ ଶ୍ୟାମଳ ବନାନୀ ପ୍ରକୃତି ଦେବୀର ନିକୁଞ୍ଜ କେଳି କାନନ ପରି ମନେ ହୁଏ । ଧନ୍ୟ ଏହି ବିଭବ । କି ମଧୁର ଏହି ଅନୁଭବ । ଏହାହିଁ ହେଉଛି ସୁଖ ଦୁଃଖର ସମାବେଶ । ଆବର୍ତ୍ତନ-ବିବର୍ତ୍ତନ ବାଦର ଗବେଷଣାଗାର । ଉଠାଣି ସଙ୍ଗେ ସଙ୍ଗେ ଗଡ଼ାଣି । ମଧ୍ୟ ଦେଶରେ ଶସ୍ୟ ଶ୍ୟାମଳ ସମତଳ ଭୂମି । ଯେତିକି ବନ୍ଧୁର ସେତିକି ଶୀତଳ ପ୍ରଦ । ଚତୁଃପାର୍ଶ୍ୱରେ ନଭସ୍ପର୍ଶୀ ଗିରିରାଜ ଗର୍ବୋନ୍ନତ ଐଶ୍ୱର୍ଯ୍ୟ ଭରା ଶିରୋନ୍ନତ କରି ଗୁରୁଗମ୍ଭୀର ଭାବରେ ଦଣ୍ଡାୟମାନ । ଏହି ସୁବିଶାଳ ଶ୍ୟାମଳ ଶୈଳ ବକ୍ଷ ବିଦାର୍ଣ୍ଣ କରି ସ୍ୱଚ୍ଛନୀରା ବୈତରଣୀ ଶ୍ୟାମଳ ଶସ୍ୟ କ୍ଷେତ୍ରରେ ରସମୟ ଚମ୍ବନ ଅଙ୍କନକରି ବନାନୀର ଶୋଭା ବର୍ଦ୍ଧିତ କରୁଅଛି । ଜଳ ଧାରର ଉଭୟ ପାର୍ଶ୍ୱରେ ଧ୍ୟାନମଗ୍ନ ଋଷି ପରି ପର୍ବତ ଶୃଙ୍ଗ ନିଶ୍ଚଳ ରହି ତୀର୍ଥ ଯାତ୍ରୀଗଣଙ୍କୁ ପଥ ପ୍ରଦର୍ଶନରେ ଦିକ୍ ନିର୍ଦ୍ଦେଶ ଦେଉ ଅଛନ୍ତି । ଅରଣ୍ୟ ସମାଚ୍ଛନ୍ନ ଲତା ଗୁଳ୍ମରେ ପରିପୂର୍ଣ୍ଣ । କଳ୍ପନାର କୁଞ୍ଜ ବନ । ବନଶ୍ରୀର ରମ୍ୟ କାନନ । ଉତ୍କଳ କମଳାର କେଳିକୁଞ୍ଜ ।

ଏହି ନିର୍ଜ୍ଜନ ପ୍ରକୃତି କୋଳରେ କିଛି କ୍ଷଣ ଅବସ୍ଥାନ କଲେ ହୃଦୟରେ ଭଗବତ ପ୍ରେମ ସ୍ୱତଃ ଜାଗ୍ରତ ହୋଇଥାଏ । ପ୍ରାଣ, ହୃଦୟ ଓ ମନ ଏକ ନୂତନ ରାଗିଣୀରେ ଝଙ୍କୃତ ହୁଏ । ଏହି ନୈସର୍ଗିକ ସୁଷମା ରାଜି, ଭାବୁକର ଚିତ୍ତରେ ବିଶ୍ୱ ଚେତନାର ପ୍ରେରଣା ପ୍ରଦାନ କରିଥାଏ । ଜଗତର ସମସ୍ତ ସୌନ୍ଦର୍ଯ୍ୟକୁ ସତେ ଯେପରି ବିଶ୍ୱ ସ୍ରଷ୍ଟା ବ୍ରହ୍ମେଶ୍ୱର ଏକତ୍ର ମନ୍ଥନ କରି ନବନୀତ ଏହିଠାରେ ଗୁପ୍ତରେ ସାଇତି ରଖିଛନ୍ତି । ଏହି ସ୍ଥାନ ବିଶ୍ୱକର୍ମାର ମନ ମୋହିନୀ ତୂଳିକା ସ୍ପର୍ଶରେ ଚିତ୍ରିତ ହୋଇ ଦର୍ଶକର କଳ୍ପନାକୁ ସ୍ତବଧ, ମୁଗ୍ଧ, ବିସ୍ମିତ ଓ ନତମସ୍ତକ କରାଉ ଅଛି ।

ଧନ୍ୟ ରାଜା ଲକ୍ଷ୍ମୀ ନାରାୟଣ ଭଞ୍ଜ । ଧନ୍ୟ ଭୁମର ସ୍ୱର୍ଗିତ ଆତ୍ମା । ଏହି ଜନ ମାନବ ଶୂନ୍ୟ ଗୋପନ ତୀର୍ଥ କ୍ଷେତ୍ରକୁ ଜନ ସମାଜରେ ଚିହ୍ନାଇ ଦେଇ ତୁମ୍ଭେ ଉତ୍କଳ-ଭାଗୀରଥର ସମ୍ମାନରେ ଭୂଷିତ ହୋଇଅଛ । ତେଣୁ ତ୍ରିବେଣୀ କୁଣ୍ଡର ତଟର ବକ୍ଷରେ

Digitized by srujanika@gmail.com

"ଆଦ୍ୟ ବୈତରଣୀ" ଓ "ଲକ୍ଷ୍ମୀ ନାରାୟଣ ଭଞ୍ଜ" ଖୋଦିତ ହୋଇଅଛି । ଷୋଡ଼ଷ ଶତାବ୍ଦୀରେ ଏହି ରାଜା ଲକ୍ଷ୍ମୀ ନାରାୟଣ ଭଞ୍ଜଙ୍କ ଦ୍ୱାରା ବ୍ରହ୍ମେଶ୍ୱର ମନ୍ଦିର ଓ ସିଦ୍ଧଜଗନ୍ନାଥ ମନ୍ଦିର ନିର୍ମାଣ ଏବଂ ପ୍ରତିଷ୍ଠା ଓ ରଥଯାତ୍ରାର ପ୍ରଚଳନ ହୋଇଥିଲା । ବ୍ରହ୍ମକୁଣ୍ଡ ଚତୁଃପାର୍ଶ୍ୱରେ ପକା ବନ୍ଧ, ବ୍ରହ୍ମେଶ୍ୱର ମନ୍ଦିରବେଢ଼ା ମଧ୍ୟରେ ଏହାଙ୍କର ଭୋଗଘର ଓ ମନ୍ଦିର ସଂଲଗ୍ନ ବାସୁକୀ ଓ ମନ୍ଦିର ଗୁଣ୍ଡିଚା ମଣ୍ଡପ ପ୍ରଭୃତି ନିର୍ମିତ ହୋଇଥିଲା । ଦଧିବାମନ ମନ୍ଦିର ଏହାଙ୍କର ନିକଟରେ କୋଠଘର ବିଦ୍ୟମାନ । ଠାକୁରଙ୍କ ନାମରେ ଥିବା କେତେକ ଭୂସମ୍ପତ୍ତି ଆୟରୁ ମନ୍ଦିରର ଭୋଗ ନିତି ସମ୍ପାଦିତ ହୁଏ ।

ବ୍ରହ୍ମେଶ୍ୱର ମନ୍ଦିର ନିକଟରେ କେତେଗୋଟି ଗୃହଘର ପାନ୍ଥଶାଳାର କାର୍ଯ୍ୟ କରେ । ବନଦେବୀ ପ୍ରକୃତି ଅପୂର୍ବ ଶୋଭା ସମ୍ଭାରରେ ଏହି ଗୋପନ ସ୍ଥାନଟିକୁ ସଜାଡ଼ି ରଖିଛନ୍ତି । ଏହି ଉତ୍କଳ କୈଳାସର ଅନନ୍ତ ସୌନ୍ଦର୍ଯ୍ୟ ପଥିକ ପ୍ରାଣକୁ ଏକ ଅଦ୍ଭୁତ ଆଧ୍ୟାତ୍ମିକ ଭାବ ବିଭୋର କରି ପକାଏ । ଗିରିଆଡ଼େ, ନିକଟରେ ଦୂରରେ, ଆହୁରି ଦୂରରେ, ହରିତ, ନୀଳ-ଧୂମ୍ର ଶୈଳମାଳା ଓ ଦିଗନ୍ତ ବିସ୍ତାରିତ ବନାନୀର ଶ୍ୟାମଳିମା-ଏକ ଅପୂର୍ବ ସମାବେଶ । ସ୍ତରେ ସ୍ତରେ ସମୁଦ୍ର ତରଙ୍ଗ ପରି ପର୍ବତଶ୍ରେଣୀ ଯେତେଦୂର ଦୃଷ୍ଟି ପାଏ-ଦିଗନ୍ତ କୋଳରେ ଯେଉଁଠାରେ ନୀଳ ଆକାଶ ଧରଣୀ ରାଣୀକୁ ଚୁମ୍ବନ କରୁଛି । ସେହି ଦିକ୍ ଚକ୍ରବାଳ ରେଖାର ବକ୍ଷରେ ନୀଳ ଶ୍ୟାମଳ ମିଶାମିଶି-ସେହି ଅନନ୍ତ ସୁଷମାର ଅପରିସୀମା ମାଧୁରୀ ପ୍ରାଣକୁ ଆକୁଳ କରି ପକାଏ ।

"ସୁଦୂରୁ ଚପଳା ଲାସ୍ୟେ ନିରତେ ଗିରିବର
ନିରତ ମୁଖର କେକା-କେକା କଳରବେ ।
ପୂତ ବୈତରଣୀ ସ୍ରୋତ ପ୍ରଭବ ଗୋନାସା
ଋଷି ସଭା ମଧ୍ୟେ ଯହିଁ ଭାର୍ଗବ ମୁଖରୁ
ଝରେ ପୂତତର ପୁଣ୍ୟ ଶ୍ଳୋକ କଥାମୃତ ।"

ଗୋନାସିକା ନିକଟବର୍ତ୍ତୀ ଗୋଟିଏ ପଥର ଚଟାଣକୁ ଋଷି ସଭା ବୋଲାଯାଏ । ପ୍ରବାଦ ଅଛି ଭାର୍ଗବଋଷି ଭକ୍ତମାନଙ୍କ ଗହଣରେ ଏଠାରେ ଧର୍ମାଲୋଚନା କରନ୍ତି । ଏହି ବିରାଟ ପ୍ରସ୍ତର ଚଟାଣର ଗୋଟିଏ ପ୍ରାନ୍ତରେ ଦୁଇ ତିନ ଇଞ୍ଚ ପରିଧି ବିଶିଷ୍ଟ ଗୋଟିଏ ଗର୍ତ୍ତ ଅଛି । ସର୍ବଦା ଗର୍ତ୍ତର ମୁଖରେ ଗୋଟିଏ ପଥର ଖଣ୍ଡ ଢଙ୍କା ଯାଇଥାଏ । ବର୍ଷର ପ୍ରାୟ ସବୁ ସମୟରେ ଏଠାରେ ନିର୍ମଳ ପାନୀୟ ଜଳ ଝରେ । ଏହି ଗର୍ତ୍ତର ଅପର ପାର୍ଶ୍ୱରେ ଔଷଧ ବଟା ଶୀଳ ପଡ଼ି ରହିଅଛି । ପ୍ରବାଦ ଅଛି ତ୍ରେତା ଯୁଗରେ ରାମ ରାବଣ ଯୁଦ୍ଧ କ୍ଷେତ୍ରରେ ଲକ୍ଷ୍ମଣଙ୍କର ଶକ୍ତିଭେଦ ସମୟରେ ବୀରହନୁମାନଗନ୍ଧମାଦନ ପର୍ବତରୁ ଔଷଧ ସଂଗ୍ରହ କରି ତାହାକୁ ଏହି ଶୀଳରେ ମର୍ଦ୍ଦନ କରି ଥିଲେ । ପରବର୍ତ୍ତୀ ସମୟରେ ଭାର୍ଗବଋଷି ଏହି ଶୀଳରେ ଔଷଧ ବାଟି ରୋଗୀମାନଙ୍କୁ ପ୍ରଦାନ କରୁଥିଲେ ।

ଅସ୍ତଗାମୀ ସୂର୍ଯ୍ୟର କନକ କିରଣ ସଙ୍ଗରେ ଆସନ୍ନ ସନ୍ଧ୍ୟାର ଘନକୃଷ୍ଣ ବର୍ଣ୍ଣ ତରୁ ଗୁଳ୍ମ ରାଜିର ସାନ୍ଦ୍ର ଶ୍ୟାମଳିମା ପ୍ରକୃତି ରାଜ୍ୟରେ ଏକ ଅପୂର୍ବ ସୃଷ୍ଟି । ସେହି ନୈସ

Digitized by srujanika@gmail.com

ପ୍ରିତିକର ଛାୟା-ଆଲୋକର ମହାମିଳନ ବାସ୍ତବରେ ଏକ ଅପୂର୍ବ ଦୃଶ୍ୟ, ବଡ଼ ଶାନ୍ତି ପ୍ରଦ, ମନୋହର । ସେ ଦୃଶ୍ୟମୟ ରାଜ୍ୟ ମଧ୍ୟରେ ତନ୍ମୟ ହୋଇଯିବା ସ୍ୱଭାବିକ ।

“ଏ ସୁଖର ମୁହୂର୍ତ୍ତ ନୁହଇଁ ଭଜନ
ମୋ ଭାଗ୍ୟେ ଏ ସିନା ଭଙ୍ଗୁର ସ୍ୱପନ ।”

ପୌରାଣିକ ପ୍ରାଧାନ୍ୟ

ମହାଭାରତର ବନପର୍ବରେ ବର୍ଣ୍ଣିତ ହୋଇ ଅଛି ଯେ, ଧର୍ମରାଜ ଯୁଧିଷ୍ଠିର ମାତା ଭ୍ରାତାଗଣଙ୍କୁ ସଙ୍ଗରେ ଘେନି ତୀର୍ଥଯାତ୍ରା କରୁଥିବା ସମୟରେ ଗଙ୍ଗାସାଗର ସଙ୍ଗମ କ୍ଷେତ୍ରରେ ପ୍ରବେଶ କଲେ । ସେତେବେଳେ ଗଙ୍ଗାସାଗର ତୀର୍ଥ କ୍ଷେତ୍ର କଳିଙ୍ଗ ରାଜ୍ୟର ଅଙ୍ଗ ବିଶେଷ ଥିଲା । ଏହିଠାରେ ଧର୍ମରାଜ ଯୁଧିଷ୍ଠିର ଲୋମଶ ଋଷିଙ୍କଠାରୁ ପୁଣ୍ୟତୋୟା ବୈତରଣୀ ତୀର୍ଥ କ୍ଷେତ୍ରର ମାହାତ୍ମ୍ୟ ଶ୍ରବଣ କରିଥିଲେ ।

“କହନ୍ତି ଲୋମଶ ଋଷି ଶୁଣ ଯୁଧିଷ୍ଠିର
ବୈତରଣୀ ତୀର୍ଥ କ୍ଷେତ୍ର କ୍ଷେତ୍ର ମଧ୍ୟେ ସାର ।
ଶୁଣ ସତ୍ୟ ଯୁଗର ଏ ପୁରାତନ ବାଣୀ
ସୋମକ ନାମରେ ବ୍ରହ୍ମା କ୍ଷିତି ନାମ କ୍ଷୌଣୀ ।
ସ୍ୱୟମ୍ଭୂ ନାମରେ ବିଷ୍ଣୁ ଶ୍ରୀ ନାମରେ ଲକ୍ଷ୍ମୀ
ସୁରାଜ୍ଞ ନାମରେ ଇନ୍ଦ୍ର ପାଳେ ସ୍ୱର୍ଗ ଭୂମି ।
ସୁବ୍ରତ ନାମେ କରଣ ହଂସ ନାମେ ସୂର୍ଯ୍ୟ
ସୁଧାଂଶୁ ନାମରେ ଚନ୍ଦ୍ର ଶ୍ରୀମନ୍ତ ଯେ ଦ୍ୱିଜ ।
ଶ୍ରୀକଣ୍ଠ ନାମରେ ହର ଯମ ଯେ ଶମନ
ସ୍ୱାହାଃ ନାମରେ ପାବକ ସତ୍ୟ ନାମେ ଧର୍ମ ।
ପଞ୍ଚଭୂତଙ୍କୁ ଘେନିଣ ପାଳନ୍ତି ଏ ମହୀ
ମନ ପବନ ବିନ୍ଦୁଙ୍କୁ ଦେହେ ଠାବ ଦେଇ ।
ମନ ପବନ ବିନ୍ଦୁରୁ ଜାତ ରୂପ କର୍ମ
ମନ ରୂପିଣୀ ଯେ ମାୟା ବାୟୁ ରୂପୀ ବ୍ରହ୍ମ ।
ବ୍ରହ୍ମରୁ ପ୍ରକୃତି ଜାତ ପ୍ରକୃତିରୁ ବିନ୍ଦୁ
ଜନ୍ମେ ଭବ ବିନ୍ଦୁ ରଜବୀର୍ଯ୍ୟ ବାୟୁ ମଧ୍ୟେଁ ।
ଏ ରୂପେ ମନ ପବନ ବିନ୍ଦୁ ହୋଲେ ତିନ
ସତ୍ତ୍ୱ ରଜ ତମ ରୂପେ ପାଳିଲେ ମେଦନୀ ।
ଆତ୍ମା ହୋଇ ସର୍ବଜୀବ ପିଣ୍ଡେ ଯାଇ ବସେ
ପ୍ରାଣାଦି ପବନ ଘେନି ପ୍ରକାଶଇ ନାସେ ।
ଜୀବଙ୍କୁ ସୂକ୍ଷ୍ମ ଧରିଣ ପରମଙ୍କୁ ଚଳେ
ପରମରୁ ଯାଇ ପୁଣି ପବନରେ ମିଳେ ।

Digitized by srujanika@gmail.com

ପବନକୁ ଧରି ଚଳ ଆସେ ଗଲ ମାଗେ
ନିଃଶ୍ୱାସ ରୂପରେ ତହୁଁ ସଞ୍ଚରଇ ଅଙ୍ଗେ ।
ସେହି ନିଃଶ୍ୱାସରୁ ବାବୁ ଷଷ୍ଠଗୋଟି ଲେଖି
ସଂସାରେ ଲିତାଏ କରି ତାହା ଅଛି ଯୋଖି ।
ଏରୂପେ ଷାଠିଏ ଲିତା ଗଣନ୍ତି ପ୍ରମାଣେ
ଦଣ୍ଡେ ବୋଲଣ ତାହାକୁ ବେଦରେ ବଖାଣେ ।
ଏହି ରୂପେ ବେନି ଦଣ୍ଡ ଘଡ଼ିଏ ଦିନରି
ଚାରି ଘଡି ହେଲେ ଜାଣ ବୋଲଇ ପ୍ରହର ।
ଚାରି ପ୍ରହରରେ ଦିନ ହୋଇଥାଏ ଶେଷ
ରାତ୍ରି ଚାରି ପ୍ରହରରେ ପ୍ରକାଶେ ଦିବସ ।
ସେହିଠାରୁ ପ୍ରଥମରେ ବାର ଲେଖା ହୋଇ
ରବି ସୋମ ମଙ୍ଗଳ ଯେ ବୁଧ ନାମ କହି ।
ବୃହସ୍ପତି ଶୁକ୍ରବାର ଆବର ଯେ ଶନି
ଏହି ସପ୍ତବାର ଘେନି ଚଳଇ ମେଦିନୀ ।
ଗଣନା ହୁଅଇ ଏହି ସାତ ବାର ନିତ
ମାସକରେ ଅମାବାସ୍ୟ ପୌର୍ଣ୍ଣମୀ ସଂକ୍ରାନ୍ତି ।
ତହୁଁ ଯାଇ ସାତବାର ଖଞ୍ଜିଲେ ଲେଉଟି
ପ୍ରତିପଦ ଦ୍ୱିତୀୟା ଯେ ତୃତୀୟା ଚଉଠି ।
ପଞ୍ଚମୀ ଷଷ୍ଠୀ ସପ୍ତମୀ ଅଷ୍ଟମୀ ନବମୀ
ଦଶମୀ ଯେ ଏକାଦଶୀ ଦ୍ୱାଦଶୀକୁ ଘେନି ।
ତ୍ରୟୋଦଶୀ ଚତୁର୍ଦ୍ଦଶୀ ଅମାବାସ୍ୟା ଯାଏ
ଏହିପରି କୃଷ୍ଣ ଶୁକ୍ଳ ବେନି ପକ୍ଷ ହୁଏ ।
ବେନି ପକ୍ଷେ ମାସେ କହି ବାର ମାସେ ବର୍ଷେ
ବରଷକେ ଭୋଗ ଯାଇ ତାରା ସତାଇଶେ ।
ପ୍ରଥମେ ଅଶ୍ୱିନୀ ଦ୍ୱିଜା କୃତ୍ତିକା ରୋହିଣୀ
ମୃଗଶିରା ଆରଦ୍ରା ଯେ ପୁନର୍ବସୁ ପୁଣି ।
ପୁଷ୍ୟା ଅଶ୍ଳେଷା ମଘା ପୁରୁବା ଉତ୍ତରା
ହସ୍ତା ଚିତ୍ରା ସ୍ୱାତି ପୁଣି ବିଶାଖା ଯେ ତାରା ।
ଅନୁରାଧା ଜ୍ୟୋଷ୍ଠା ମୂଳା ପୂର୍ବାଷାଢା ପୁଣ
ଉତ୍ତରାଷାଢ଼ା ଶ୍ରବଣା ଧନିଷ୍ଠା ଯେ ଜାଣ ।
ଶତଭିଷା ପୂର୍ବଭାଦ୍ର ଉତ୍ତର ରେବତୀ
ଏହାକୁ ଘେନିଣ ଚନ୍ଦ୍ର ଭୋଗକରେ ନିତି ।
ବାରମାସେ ଯାଣ ବାର ଲଗ୍ନ ମୂଳ ହୋଇ
ମେଷ ବୃଷ ମିଥୁନ ଯେ କର୍କଟା ବୋଲଇ ।

Digitized by srujanika@gmail.com

ସିଂହ କନ୍ୟା ତୁଳା ବିଛା ଧନୁ ଯେ ମକର
କୁମ୍ଭ ମୀନ ଯେନ ଲଗ୍ନ ଅଟେ ଏହି ବାର ।
ଯୋଗ କରଣ ଇତ୍ୟାଦି ଏଥି ମଧ୍ୟେ ଯାଇ
ହିମ ଶିଶିର ବସନ୍ତ ଗ୍ରୀଷ୍ମ କାଳ କହି ।
ବରଷା ଶରତ ମିଶି ଷଡ ଋତୁ ହୁଏ
ପ୍ରାଣୀମାନଙ୍କୁ ଏମାନ କ୍ରମେ ଭୋଗ ଯାଏ ।
ମାଘରୁ ଆରମ୍ଭ କରି ଛ' ମାସ ପର୍ଯ୍ୟନ୍ତେ
ଉତ୍ତରାୟଣ ବୋଲିଣ ବୋଲନ୍ତି ପଣ୍ଡିତେ ।
ମାଘ ଫାଲଗୁଣ ଚଇତର ବଇଶାଖ
ଜ୍ୟେଷ୍ଠ ଆଷାଢ଼ ମିଶାଇ ଛଡମାସ ଲେଖ ।
ଶ୍ରାବଣୁ ଗଣନ୍ତି ଜନେ ଦକ୍ଷିଣ ଅୟନ
ଭାଦ୍ରବ ଆଶ୍ୱିନ କାର୍ତ୍ତିକେୟ ଯେ ପୁଣ ।
ମାର୍ଗଶିର ପୌଷ ମିଶି ଅଟେ ଛଡ ମାସ
ଦକ୍ଷିଣ ଅୟନ ନାମେ ଶାସ୍ତ୍ରରେ ପ୍ରକାଶ ।
ମକର ସଂକ୍ରାନ୍ତି ଦିନ ଉତ୍ତର ଅୟନ
କର୍କଟ ସଂକ୍ରାନ୍ତି ଦିନ ଦକ୍ଷିଣ ଅୟନ ।
ବାରମାସେ ସ ମ୍ବ ତ୍ସ ର ଦୁଇଟି ଅୟନ
ଏରୂପେ ମାନବ ବର୍ଷ ହୁଅଇ ଗଣନ ।"

ମାନବ ବର୍ଷ ଗଣନାନୁଯାୟୀ ଉତ୍ତରାୟଣ ଛ' ମାସ ଅର୍ଥାତ ମାଘ ବା ମକର ସଂକ୍ରାନ୍ତି ଠାରୁ କର୍କଟ ବା ଶ୍ରାବଣ ସଂକ୍ରାନ୍ତି ପର୍ଯ୍ୟନ୍ତ ଛ' ମାସ ପିତୃଦେବଗଣଙ୍କର ଗୋଟିଏ ଦିବସ ଓ ଦକ୍ଷିଣାୟନ ଛ' ମାସ ଅର୍ଥାତ ଶ୍ରାବଣ ବା କର୍କଟ ସଂକ୍ରାନ୍ତିଠାରୁ ମାଘ ବା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ସମୟ ଗୋଟିଏ ରାତ୍ରି ସହିତ ସମାନ ଅଟେ । ଏହିପରି ଦୁଇଗୋଟି ଅୟନ ବା ବାର ମାସରେ ପିତୃଦେବ ଗଣଙ୍କର ଗୋଟିଏ ଅହୋରାତ୍ରି ହୁଏ । ଅର୍ଥାତ ମନୁଷ୍ୟମାନଙ୍କର ଗୋଟିଏ ବର୍ଷ ପିତୃଦେବ ଗଣଙ୍କର ଗୋଟିଏ ଦିବସ ସମୟ ସହିତ ସମାନ ଅଟେ । ତେଣୁ ବୈଦିକ କର୍ମକାଣ୍ଡ ଅନୁଯାୟୀ ଆର୍ଯ୍ୟ ପୁତ୍ରଗଣ ବର୍ଷକରେ ଥରେ ଶ୍ରଦ୍ଧାର ସହିତ ପିତୃଗଣଙ୍କୁ ପିଣ୍ଡାନ୍ନଜଳ ପ୍ରଦାନ କରିବାର ବିଧି ନିର୍ଦ୍ଦେଶ ରହିଅଛି । ଯେଉଁ ଆର୍ଯ୍ୟ ପୁତ୍ର ନିଜର ମୃତ୍ପିତା ବସତଃ ପିତୃଦେବ ଗଣଙ୍କୁ ସାମ୍ବତ୍ସରିକ ପିଣ୍ଡ ପ୍ରଦାନ ନ କରନ୍ତି ସେହି ବଂଶ କୁଳାଗ୍ରର ନଷ୍ଟ ଦୋଷରେ ବିନଷ୍ଟ ହୋଇଥାଏ । ସାମ୍ବତ୍ସରିକ ଶ୍ରାଦ୍ଧ ଦିବସରେ ଯେଉଁ ସୁପୁତ୍ର ବୈତରଣୀ ତୀର୍ଥ କ୍ଷେତ୍ରରେ ପିତୃ ପୁରୁଷଙ୍କୁ ପିଣ୍ଡ ପ୍ରଦାନ କରନ୍ତି ତାଙ୍କର ପୂର୍ବପୁରୁଷଗଣ ଗୋବ୍ରହ୍ମ ହତ୍ୟା ପାପ ବିମୁକ୍ତ ହୋଇ ସ୍ୱର୍ଗବାସ କରନ୍ତି ।

Digitized by srujan ka@gmail.com

ଦେବ ବର୍ଷ — ଦେବ ବର୍ଷ ଗଣନାନୁଯାୟୀ

ସତ୍ୟ	ଯୁଗର	ପରମାୟୁ	ହେଉଛି	୪୦୦୦	ବର୍ଷ
ତ୍ରେତା	,,	,,	,,	୩୦୦୦	,,
ଦ୍ୱାପର	,,	,,	,,	୨୦୦୦	,,
କଳି	,,	,,	,,	୧୦୦୦	,,

ଗୋଟିଏ ଦେବ ମହାଯୁଗର ପରମାୟୁ ହେଉଛି ୧୦୦୦୦ ବର୍ଷ
ଏହା ସହିତ ଗୋଟିଏ ମହାଯୁଗର ସଂଧି, ସଂଧ୍ୟାଂଶ
ଓ ସାୟଂ ସମୟ ଯୋଗ କଲେ ୨୦୦୦ ବର୍ଷ

ସର୍ବମୋଟ ପରମାୟୁ ହେଉଛି ୧୨୦୦୦ ବର୍ଷ

ଦେବତାମାନଙ୍କର ଗୋଟିଏ ବର୍ଷ ମନୁଷ୍ୟମାନଙ୍କର ୧୨୦୦୦ ବର୍ଷ ଅଟେ । ତେଣୁ ଦେବତାମାନଙ୍କର ଗୋଟିଏ ବର୍ଷ ବା ୩୬୦X୧୨୦୦୦ = ୪୩୨୦୦୦୦ ମାନବ ବର୍ଷ ଅଟେ । ଏହିପରି ୭୧ ଗଣ୍ଡା ଯୁଗ ବା ୩୦୬୭୨୦୦୦୦ ମାନବ ବର୍ଷରେ ଗୋଟିଏ ମନୁ ହୁଏ । ୧୪ ଗୋଟି ମନୁ ବା ୪୨୯୪୦୮୦୦୦୦ ମାନବ ବର୍ଷରେ ଗୋଟିଏ କଳ୍ପ ବର୍ଷ ହୁଏ । କଳ୍ପ ବର୍ଷ ସହିତ କଳ୍ପାନ୍ତ ସଂଧି, ସଂଧ୍ୟାଂଶ ଓ ସାୟଂ କାଳ ୨୫୯୨୦୦୦୦ ବର୍ଷ ଯୋଗ କଲେ ୪୩୨୦୦୦୦୦୦୦ ମାନବ ବର୍ଷରେ ବ୍ରହ୍ମାଙ୍କର ଗୋଟିଏ ଦିବସ ହୁଏ । ୮୬୪୦୦୦୦୦୦୦ ମାନବ ବର୍ଷରେ ଗୋଟିଏ ଅହୋରାତ୍ର ହୁଏ । ଏହାକୁ ବ୍ରହ୍ମାହୋରାତ୍ର ବୋଲିଯାଏ । ଏହିପରି ୩୬୦ ଗୋଟି ଅହୋରାତ୍ର ୩୧୧୦୪୦୦୦୦୦୦୦୦୦ ମାନବ ବର୍ଷରେ ଗୋଟିଏ ବ୍ରହ୍ମ ବର୍ଷ ହୁଏ । ଏହିପରି ବ୍ରହ୍ମାଙ୍କର ସର୍ବମୋଟ ପରମାୟୁ ହେଉଛି ୧୦୦ ବ୍ରହ୍ମବର୍ଷ ବା ୩୧୧୦୪୦୦୦୦୦୦୦୦୦୦୦୦ ମାନବ ବର୍ଷ । ଏହାକୁ ବ୍ରହ୍ମପ୍ରଳୟ ବୋଲିଯାଏ ।

ପ୍ରମାଣ :—

"ସତ୍ୟ ତ୍ରେତା ଦ୍ୱାପର କଳି । ଶୁଣ ତୁ ମନ ମହାବଳୀ ।
ଏ ଚାରି ଯୁଗକୁ ମିଶାଇ । ବୁଝିଲେ ଗଣ୍ଡାଏ ହୁଅଇ ।
ଏପରି ଏକସ୍ତରି ଯୁଗ । ବ୍ରହ୍ମ ଘଡିଏ ହୁଏ ଭୋଗ ।
ବ୍ରହ୍ମାଙ୍କୁ ଘଡିଏ ହୁଅଇ । ସ୍ୱର୍ଗରୁ ଏକ ଇନ୍ଦ୍ର ଯାଇ ।
ଏପରି ଚଉଦ ମନୁରେ । ଚଉଦ ଇନ୍ଦ୍ର ସ୍ୱର୍ଗପୁରେ ।
ଚଉଦ ଇନ୍ଦ୍ର ପଦ ହୋଇ । ବ୍ରହ୍ମାଙ୍କୁ ଦିବସେ ହୁଅଇ ।
ବ୍ରହ୍ମାର ହେଲେ ଅହୋରାତ୍ର । ଚନ୍ଦ୍ର, ଭାସ୍କର ହିନ୍ତ୍ରହତ ।
ଏହି ପରାୟେ ବାର ମାସ । ହୋଇଲେ ଗୋଟିଏ ବରଷ ।
ଏପରି ଶ ତ ବରଷରେ । ବ୍ରହ୍ମାର ଆୟୁ ଏ ସୂତ୍ରରେ ।
ବ୍ରହ୍ମ ପ୍ରଳୟ ତାକୁ କହି । ଶୁଣ ତୁ ପଣ୍ଡୁଙ୍କ ତନୟୀ ।

ଗୋଟିଏ ବ୍ରହ୍ମକଳ୍ପ ଦିବସରେ ବିଶ୍ୱ ବ୍ରହ୍ମାଣ୍ଡର ସକଳ ଅବ୍ୟକ୍ତ ପଦାର୍ଥ ସମୂହ ବ୍ୟକ୍ତ ହୋଇଥାନ୍ତି ଓ ଗୋଟିଏ ବ୍ରହ୍ମକଳ୍ପ ରାତିରେ ସମସ୍ତ ବ୍ୟକ୍ତ ପଦାର୍ଥ ସମୂହ ଅବ୍ୟକ୍ତରେ ମିଶିଥାଏ ।

Digitized by srujanika@gmail.com

ପ୍ରମାଣ :—

"ବ୍ରହ୍ମାଙ୍କ ଦିବସେ ସୃଜନ ହୁଅଇ
ରାତ୍ରିରେ ହୁଏ ପ୍ରଳୟ,
ଏକ କଲ୍ପେ ଦିନ ଏକ କଲ୍ପେ ରାତ୍ରି
ଏ ଅହୋରାତ୍ର ନିର୍ଣ୍ଣୟ ।"

"ସହସ୍ର ଯୁଗ ପର୍ଯ୍ୟନ୍ତେ ମହର୍ଯଦ ବ୍ରହ୍ମଣୋ ବିଦୁଃ,'

ରାତ୍ରି ଯୁଗ ସହସ୍ରାନ୍ତାଂ ତେଽହୋରାତ୍ର ବିଦୋ ଜନାଃ ।"

ଅର୍ଥାତ ଦେବତାମାନଙ୍କର ସହସ୍ର ଯୁଗରେ ବ୍ରହ୍ମାଙ୍କର ଗୋଟିଏ ଦିବସ ହୁଏ ଓ ଦେବତାମାନଙ୍କର ସହସ୍ର ଯୁଗରେ ବ୍ରହ୍ମାଙ୍କର ଗୋଟିଏ ରାତ୍ରି ହୁଏ । ଯୋଗୀମାନେ ଅହୋରାତ୍ର ଜ୍ଞାନ ବଳରେ ଏହା ନିର୍ଣ୍ଣୟ କରି ଅଛନ୍ତି ।

"ଭୂତଗ୍ରାମଃ ସ ଏବାୟଂ ଭୂତ୍ୱାଭୂତ୍ୱା ପ୍ରଲୀୟତେ,
ରାତ୍ର୍ୟାଗମେଽବଶଃ ପାର୍ଥ ! ପ୍ରଭବତ୍ୟ ହରାଗମେ ।"

ଅର୍ଥାତ ଯେଉଁ ଚରାଚର ଭୂତଗଣ ପୂର୍ବ କଳ୍ପ ବା ଅବ୍ୟକ୍ତ ଭାବରେ ଥାନ୍ତି ସେମାନେ ବ୍ରହ୍ମାଙ୍କର ଦିବସାଗମ ହେଲେ ଅବଶ ହୋଇ ଅର୍ଥାତ ନିଜ ନିଜ କର୍ମର ଅଧୀନ ହୋଇ ସେହି ସେହି କର୍ମ ପ୍ରବୃତ୍ତି ରୂପକ ପ୍ରକୃତିରୁ ଜନ୍ମ ଗ୍ରହଣ କରନ୍ତି ।

"ଅବ୍ୟକ୍ତାଦ୍ ବ୍ୟକ୍ତୟଃ ସର୍ବାଃ
ପ୍ରଭବନ୍ତ୍ୟହରାଗମେ
ରାତ୍ର୍ୟାଗମେ ପ୍ରଲୀୟନ୍ତେ ତତ୍ରୈବ
ବ୍ୟକ୍ତ ସଞ୍ଜ୍ଞକେ ।"

ଅର୍ଥାତ ବ୍ରହ୍ମାଙ୍କର ଦିବସାଗମରେ ଅବ୍ୟକ୍ତ ବା ପ୍ରକୃତିରୁ ସମସ୍ତ ବ୍ୟକ୍ତ ପଦାର୍ଥ ବା ଚରାଚର ପ୍ରାଣୀଗଣ ଜାତ ହୁଅନ୍ତି । ବ୍ରହ୍ମାଙ୍କର ରାତ୍ର୍ୟାଗମ ହେଲେ ଅବ୍ୟକ୍ତରେ ଉକ୍ତ ଚରାଚର ପ୍ରାଣୀଗଣ ଲୀନ ହୁଅନ୍ତି । ମାତ୍ର ଏହା ବ୍ରହ୍ମ ପ୍ରଳୟ ନୁହେଁ । କାରଣ ଏହି ପ୍ରଳୟ କାଳରେ ବିଶ୍ୱ ସୃଷ୍ଟିର ଭୌତିକ ପ୍ରଳୟ ହୁଏ ନାହିଁ । ତେଣୁ ଏହାକୁ କଳ୍ପାନ୍ତକ ପ୍ରଳୟ ବୋଲି ଯାଏ । ଏହାର ଅନ୍ୟ ନାମ "ବ୍ରହ୍ମାହୋରାତ୍ର" ପ୍ରଳୟ ଅଟେ ।

ବ୍ରହ୍ମକଳ୍ପ ବର୍ଷ ଗଣନାନୁଯାୟୀ ବ୍ରହ୍ମାଙ୍କର ଦୁଇ କଳ୍ପରେ ଗୋଟିଏ ଅହୋରାତ୍ର ଓ ୬୦×୧୨=୭୨୦ କଳ୍ପ ବର୍ଷରେ ଗୋଟିଏ ବ୍ରହ୍ମ ବର୍ଷ ଓ ୭୨୦×୧୦୦=୭୨୦୦୦ କଳ୍ପ ବର୍ଷରେ ବ୍ରହ୍ମ ପ୍ରଳୟ ହୋଇ ବିଶ୍ୱର ସଚରାଚର ପ୍ରାଣୀଗଣ ବିନାଶ ପ୍ରାପ୍ତ ହୋଇଥାନ୍ତି ।

ବ୍ରହ୍ମାଙ୍କର ସମସ୍ତ ପରମାୟୁ ବା ୭୨୦୦୦ କଳ୍ପ ବର୍ଷ ବିଷ୍ଣୁଙ୍କର ଗୋଟିଏ ଅହୋରାତ୍ର ଅଟେ । ବିଷ୍ଣୁଙ୍କର କଳ୍ପିତ ପରମାୟୁ ହେଉଛି ୧୧୧୯୭୮୪୦୦୦୦୦୦୦୦୦୦୦ ମାନବ ବର୍ଷ । ବିଷ୍ଣୁଙ୍କର ସର୍ବମୋଟ ଆୟୁ ଶିବଙ୍କର ଗୋଟିଏ ଅହୋ... ସମାନ

Digitized by srujanika@gmail.com

ଅ୮୫ । ଏହା ହେଉଛି ୪୦୩୧୦୭୮୪୦୦୦୦୦୦୦୦୦୦୦୦୦୦୦୦ ମାନବ ବର୍ଷ ।

ବ୍ରହ୍ମ ପ୍ରଳୟ ଟିକା :

"ଯୁଧିଷ୍ଠି ବୋଇଲେ ସ୍ୱାମୀ ପ୍ରଳୟ କାଳରେ
ପ୍ରଥମରୁ କିଏ ମଲ କହ ମୋ ଆଗରେ ?
ଲକ୍ଷ୍ମଣ ବୋଇଲେ ବାବୁ ଆଗ ଇନ୍ଦ୍ର ମଲେ
ଇନ୍ଦ୍ର ମରିବାରୁ ମେଘେ ଜଳ ନ ବର୍ଷିଲେ ।
ଜଳ ବୃଷ୍ଟି ନ ହୁଅନ୍ତେ ଜନ୍ତୁ ଗଲେ ନାଶ
ଆଚ୍ଛାଦିଲା ଅନ୍ଧକାର ସକଳ ଆକାଶ ।
ସଂସାର ବିନଷ୍ଟ ହେବା ଦେଖି ପଞ୍ଚଭୂତେ
ପଞ୍ଚାପୁତ କରି ଭୂତେ ବିଚାରନ୍ତି ଚିତ୍ତେ ।
ସୁରପତି ନାଶ ଗଲେ କେହେବ ନୃପତି
"ଆମ୍ଭେ ରାଜାହେବୁ ବୋଲି ପ୍ରକାଶିଲେ ପୃଥିବୀ ।"
ପାଳିବଇଁ ସଂସାର ମୁଁ ଜୀବଜନ୍ତୁ ଯେତେ
ନୋହିଲେ ପ୍ରଳୟ ହେବ ଜାଣିଥା ସମସ୍ତେ ।
ପୃଥ୍ୱୀବାକ୍ୟ ଚାରିଭୂତେ ଆରମ୍ଭିଲେ ଗୋଳ
ପ୍ରତିଭୂତ ଇଚ୍ଛାକଲେ ହେବାକୁ ଭୂପାଳ ।
ଅଗ୍ନି ବୋଇଲେ କପାଇଁ ଅନ୍ୟକୁ ସେବିବ
ମୋତେ ନୃପ ନ କରିଲେ ଜାଳିପୋଡ଼ି ଦେବି ।
ପବନ ଉଠିଲା ତାହା ଶୁଣି କୋପ ହୋଇ
ବୋଇଲା ସଭିଙ୍କି ଅଜ ମାରିବି ଉଡ଼ାଇ ।
ଅଣଗୁଣ ମୂର୍ତ୍ତି ଧରି ପ୍ରଖରେ ବହିଲା
ବାୟୁ ରୂପ ଦେଖି ଆପ ହସିଣ ବୋଇଲା ।
ବସିବି ଉପରେ ମାତ୍ର ଜଳାର୍ଣ୍ଣବ ହୋଇ
ଆକାଶ ଉଠିଲା ତାହା ଶୁଣି କୋପ ବହି ।
ପୃଥିବୀ ଅଗ୍ନି ବାୟୁ ଭୂତ ତିନ କ୍ଷୟ ଗଲେ
ଆପ ଶୂନ୍ୟ ବେନି ଭୂତ କେବଳ ରହିଲେ ।
ଦେବଲୋକ ଯାଏ ଜଳ ବର୍ଦ୍ଧିତ ହୋଇଲେ
ଚନ୍ଦ୍ର ସୂର୍ଯ୍ୟ ଆଦି ଦେବେ ଜଳେ ବୁଡ଼ିମଲେ ।
ଦେବଙ୍କ ପ୍ରଳୟ ଦେଖି ମରୁ ଗଲା ବୁଡି
ପଙ୍କ ହୋଇ ମିଶିଗଲା ପ୍ରଳେ ଜଳେ ଜଡ଼ି ।
ବ୍ରହ୍ମ ପ୍ରଳୟ ପରାଏ ଜୀବର ମରଣ
ଯେହୁ ମରିଯାଏ ତାର ପ୍ରଳୟଟି ଜାଣ ।
ଯେତେବେଳେ ଯାର ପିଣ୍ଡୁ ଆତ୍ମା ଗୋଟିଯାଇ
ଅଗ୍ନି ବାୟୁ ବେନିଭୂତେ ଜଳେ ଲୀନ ହୋଇ ।

Digitized by srujanika@gmail.com

ପ୍ରଥମରେ ଜ୍ୱଳାକରେ ମଧ୍ୟେକରେ ଶୀତ
ପ୍ରାନ୍ତରେ ବହିଲେ ଜଳ ବୋଲି ସନ୍ନିପାତ ।
ପିଣ୍ଡ ବ୍ରହ୍ମାଣ୍ଡ ଏହୁଦ୍ଧେ ବର୍ଣ୍ଣିଲେ ଏକା
ଶୁଣ ହେ ଯୁଧିଷ୍ଠି ଏହି ପ୍ରଳୟର ଟିକା ।
ଦେବଙ୍କ ପ୍ରଳୟ ହେଲା ଯେତେବେଳେ ଜାଣ
ଯୋଗରେ ଜାଣିଲେ ବ୍ରହ୍ମା ଆପଣା ମରଣ ।
ପରମାୟୁ ପୂର୍ଣ୍ଣ ହେଲେ ନ ରହଇ ଦେହ
ହଂସେ ବସି ବେଦବର ଚେଜିଲେ ସ୍ୱଦେହ ।
ହଂସ ସୋଽହଂ ସୂତ୍ରେ ପିଣ୍ଡା ଅଜପା କରଣ
ଚେଜିଲେ ଆପଣା ଦେହ ବିଦେହ ହୋଇଣ ।
ବିଷ୍ଣୁଙ୍କ ଶରୀରେ ଯାଇ ଲୀନ ହୋଇ ଗଲା
ବିଷ୍ଣୁଲୋକ ଯାଏ ଜଳ ବର୍ଦ୍ଧିତ ହୋଇଲା ।
ଗରୁଡ ପୃଷ୍ଠରେ ବସି ଶୂନ୍ୟେ ବିହରିଲେ
ସେ ମଧ୍ୟ ବ୍ରହ୍ମ ପ୍ରଳୟ ଏଡ଼ି ନ ପାରିଲେ ।
ଶରୀରେ ଗରୁଡ ଅଟେ ଜୀବ ନାଶା ଦ୍ୱାର
ଭ୍ରମର ଗୁମ୍ଫା ମଧ୍ୟରେ ବସଇ ସମୀର ।
ସମୀର ରୁନ୍ଧିଣ ହୃଦେ ବିଷ୍ଣୁ ଭଗବାନ
ଶିବ ଦେହେ ଲୀନଗଲେ ବିଦେହ ହୋଇଣ ।
ନିଜ ଆତ୍ମା ସହିତରେ ବ୍ରହ୍ମା ଆତମା ଘେନି
ଶିବ ଅଙ୍ଗେ ଲୀନହେଲେ ବ୍ରହ୍ମା ବିଷ୍ଣୁ ବେନି ।
ଶିବଙ୍କ ଆତ୍ମାରେ ବ୍ରହ୍ମା ବିଷ୍ଣୁ ପ୍ରାଣ ମିଶି
ତ୍ରିଦେବ ଏକତ୍ର ହେଲେ ପ୍ରଳେ ଜଳେ ପଶି ।
ଶବାସନ କଲେ ଶିବ ସ୍ୱଦେହ ଚେଜିଣ
ତିନି ଆତମା ଘେନି ଗଲେ ଧର୍ମଙ୍କ ଶରଣ ।
ପ୍ରଳେଜଳ ଘର ଧର୍ମ ସହି ନ ପାରିଲେ
ଶତକଳ୍ପ ବୁଡି ନିରଞ୍ଜନେ ମିଶି ଗଲେ ।
କାଳେ ନିରଞ୍ଜନେ ପୁଣି ପ୍ରଳୟ ଗ୍ରାସିଲା
ନିରାକାରେ ନିରଞ୍ଜନ ଲୀନ ହୋଇଗଲା ।
ନିରାକାର ଜ ଗ ନ୍ନା ଥ ଦେବ ସୁମରିଲେ
ମହାବିଷ୍ଣୁ ରୂପ ଧରି ପ୍ରକଟ ହୋଇଲେ ।
ଛାୟାକାରେ ଦେଲେ ପଦ୍ମପାଦକୁ ପ୍ରକାଶି
ଶୂନ୍ୟକୁ ପ୍ରଳୟ ଜଳ ନ ପାରିଲା ଗ୍ରାସି ।
ସେ ପାଦର ଜ୍ୟୋତି ଦଶେ କୋଟି ସୂର୍ଯ୍ୟପ୍ରାୟ
ପାଦ ତଳେ ବ୍ରହ୍ମାଣ୍ଡ ହୋଇଲା ବିଳୟ ।

Digitized by srujanika@gmail.com

ଯାବତ ଆତ୍ମା ହୋଲେ ଏକ ଠାବେ ଠୁଳ
ନବତି ରହିଲ ସ୍ଥିର ପ୍ରଳୟର ଜଳ ।
ତେତେବେଳେ ଜଗନ୍ନାଥ ଏକାଛନ୍ତ ଜାଣ
ବୁଟପୁଟଶାୟୀ ବାଳ ଗୋପାଳ ରୂପେଣ ।
ଜଗତନାଥ ଅନନ୍ତ କୋଟି କୋଟି କଳ୍ପ
ସମସ୍ତଙ୍କୁ ରଖି ଗର୍ଭେ ହେଲେ ଏକରୂପ ।
ଜଳ ସ୍ଥଳ ଆକାଶରେ ଅଚ୍ଛୁଦ୍ରେ ସେ ପୁଣ
ସେ ଠଳ ପୁରୁଷ ଦେହେ ଯାବତ ସଞ୍ଚର ।
ଜଳଶୂନ୍ୟ ଲୀନ ହୋନ୍ତେ ଆଉ ନାହିଁ କେହି
ନିର୍ବିକଳ୍ପ ନଦ୍ରାଗଲେ ଅଣାକ୍ଷର ହୋଇ ।
ବିନ୍ଦୁ ପ୍ରମାଣେ ମଣ୍ଡଳ ଆକାରେ ବ୍ୟାପିଲେ
ସୁଦର୍ଶନ ଚକ୍ର ପ୍ରାପ୍ତ ଆକୃତି ବହିଲେ ।
କୋଟି ପଦ୍ମକାଠି ଯାଏ ରହି ସ୍ଥିର ହୋଇ
ଅକ୍ଷର ଦୁଇଟି ଶିର ଚରଣ ଅଟଇ ।
ସେହି ଦୁଇ ଚରଣର ମଧ୍ୟ ଭାଗ ଯାକ
ମହାଶୁକ୍ଳ ଶରୀର ସେ ଅଦୃଶ୍ୟ ଅଲେକ୍ୟ ।
ପାଦକେ ଶବଦ ଆର ପାଦେ ନିଃଶବ୍ଦଟି
କହନ୍ତି ଲୋମଶ ଋଷି ଶୁଣନ୍ତି ଯୁଧିଷ୍ଠି ।
ଯେତେବେଳେ ଜଳଶୂନ୍ୟ ବ୍ରହ୍ମରେ ମିଶିଲେ
ଶବ୍ଦ ବ୍ରହ୍ମେ ମିଶି ଶୁକ୍ଳ ଦେହେ ନମସ୍କିଲେ ।
ନିଶବଦ ବ୍ରହ୍ମ ଯୋଗୁଁ ଶୁକ୍ଳ ପ୍ରକାଶିଲ
ଚିହ୍ନ ପ୍ରତିମା ସଂଜ୍ଞାରେ ଲେଉଟି ପଡ଼ିଲ ।
ଅକ୍ଷର ଲେଉଟି ଯାନ୍ତେ ଶବ୍ଦ ହେଲ ଜାତ
ହକାର ସକାର ବେନି ଶବ୍ଦ ବ୍ରହ୍ମ ତତ୍ତ୍ୱ ।
ସକାର ଜୀବ ଅଟଇ ପରମ ହକାର
ପରମ ବୋଇଲେ ବୁଝାଏଟି ନିରାକାର ।
ସେ ନିରାକାର ବ୍ରହ୍ମର ପ୍ରକାଶ ଯେ କାଳେ
ଶୂନ୍ୟତା ଗର୍ଭରୁ ଆସି ରହିଲେକ ତଳେ ।
ଶୂନ୍ୟ ପ୍ରକାଶନ୍ତେ ଜଳ ତଳେ ପ୍ରକାଶିଲ
ନାରାୟଣ ପାଦ ନଖ କୋଣରୁ ବହିଲ ।
ତିନିଧାର ହୋଇ ଅମ୍ବୁ ପଡ଼ିଲେକ ଖସି
ଗଙ୍ଗା ଯମୁନା ଆବର ସରସ୍ୱତୀ ଭାଷି ।
ଇଅଁଳା, ପିଅଁଳା ସୁଷୁମ୍ନା ନାମକୁ ବହି
ସତ୍ତ୍ୱ ରଜ ତମ ରୂପେ ତ୍ରିଗୁଣ ଅଟଇ ।

Digitized by srujanika@gmail.com

ସର ସର ହୋଇ ନଖୁଁ ଝର ଝର ଆସୁ
ପୁଚ୍ଛାକଲେ ଜଗନ୍ନାଥ କାହାକୁ ତୁ ତ୍ରାସୁ ।
କାହିଁକି ପ୍ରଳୟ ପ୍ରାପ୍ତ ପୁଣି ଆସୁ କହି
ରହତୁ ନିସ୍ତଳେ ହେବ ମୁଁ ଅନନ୍ତଶାୟୀ ।
ଜଳ ବୋଲେ ଜଗନ୍ନାଥ ଥିଲି ରଜୋବଶୀ
ଶୁଦ୍ଧସ୍ନାନେ ନଖକୋଣୁଁ ଏବେ ଉତପତ୍ତି ।
ଏବେ ଯିନା ମୋତେ ଜୀବେ ଜଗତେ ଭଜିବେ
ବର୍ତ୍ତିବେ ଆତ୍ମା କୁଶଳ କରି ସର୍ବଜୀବେ ।
ମୁହିଁ ଯେବେ ରହିବି ଶୁଚିମନ୍ତ ନୋହିଁ
ତୁମ୍ଭେ ଯେ ଅନନ୍ତ ଶଯ୍ୟା କରିବ ହେ କାହିଁ ?
ବୋଲନ୍ତି ଶ୍ରୀ ଜଗନ୍ନାଥ ବଚନ ଘଟଣି
ଅଶୁଦ୍ଧ ହୋଇ ସଂସାରେ ରହୁ କେତେ ଦିନ ।
ଆମ୍ଭେତ ଜାଣୁ ତିନଷ ଷାଠି ଦିନ ଯାକେ
କେହିତୋ ପାକୋପ୍ତରଣ ନଜାଣନ୍ତି ଲୋକେ ।
ସ୍ନାନ ଦାନ କରି ସବ ଦିବା ଭଜୁଥାନ୍ତି
ବିଷ୍ଣୁ ପ୍ରତିମା ସ୍ଥାପିଣ ସର୍ବେ ଚନ୍ଦ୍ରଦ୍ୟନ୍ତି ।
ତୋତେ ନ ଭୂଷିଣ କ୍ଷଣେ ନବର୍ତ୍ତିବେ କେହି
ବ୍ରହ୍ମାଣ୍ଡ କାଠ ପରିଯନ୍ତେ ଛନ୍ତି ଯେତେ ଦେହି ।
କେଉଁ ଦିନ ତୋତେ ପୂଜି ନଛୁଅନ୍ତି ଲୋକେ
ଏ କଥା ନିଷ୍ଠା କରିଣ କହ ଆମ୍ଭ ବାକ୍ୟେ ।
ପ୍ରକାଶିଲେ ଅମ୍ବୁବତୀ ଷୋଳ ବର୍ଷୀ ମୁହିଁ
ରଜ ସ୍ୱାନା ହେଲେ ଜାଣ ପ୍ରଳୟ ହୁଅଇ ।
ବ୍ରହ୍ମାଣ୍ଡ କାଠ ପରିଯନ୍ତେ ନ ବର୍ତ୍ତନ୍ତି କେହି
ଶୁଦ୍ଧ ସ୍ନାନ ଅନ୍ତେ ସର୍ବେ ଥାନ୍ତି ଜନ୍ମ ହୋଇ ।
ତୋ ଅଙ୍ଗେ ସମସ୍ତେ ଜଡ଼ ତରନ୍ତି ସଂସାରୁ
ତୁହିତ ଅଶୁଦ୍ଧ ହେଲେ କାହିଁ ସ୍ନାନ କରୁ ।
ତଥାପିତୁ ସାତ ଦିନେ ସ୍ନାନ କରୁ ଯେବେ
ଏତେକେ ପ୍ରଳୟ କିବା ହ୍ରନ୍ତି ବ୍ରହ୍ମା ଶିବେ ?
ଆପ ବୋଲି କହୁଅଛି ଶୁଣ ମହାପ୍ରଭୁ
ମୋ ରଜ ସ୍ରବିଲେ ଆଗ ମରଇ ଆତ୍ମାଭୁ ।
ଆବର ଦେବ ଦାନବ ମାନବେ ମରନ୍ତି
ଏମାନେ ମଳରୁ ପୁଣି ବିଷ୍ଣୁ ନାଶ ଯାନ୍ତି ।
ମୋ ଦେହ ଅଶୁଦ୍ଧ ହେଲେ ସକଳେ ମରନ୍ତି
ସମସ୍ତେ ମଳରୁ ମୋତେ କେହି ନଛୁଅନ୍ତି ।

Digitized by srujanika@gmail.com

ସାତ ଦିନ ଅନ୍ତେ ମୁହିଁ କରେ ଶୁଦ୍ଧସ୍ନାନ
ତେବେ ଯାଇ ସମସ୍ତେ ହିଁ ହୁଅନ୍ତି ଜନମ ।
ଏ ସାତ ଦିନେ ଯାହାକୁ ଯେତେ କାଳ ହୁଏ
ତାହା ମୁଁ ଲେଖି ଛାମୁରେ କରୁଛି ନିର୍ଣ୍ଣୟେ ।
ପାଞ୍ଚ କୋଟି ପଦ୍ମ କାଠି ଯୁଗ ହୁଏ ଜାଣ
ଏଥି ଭିତରେ ସମସ୍ତେ ଲଭନ୍ତି ମରଣ ।
ବ୍ରହ୍ମା, ବିଷ୍ଣୁ, ଶିବ, ଧର୍ମ, ନିରଞ୍ଜନ ଯାଏ
ଏହାଙ୍କ ଆୟୁଷ ଯାକ ମାସେ ମୋତେ ହୁଏ ।
ମାସକୁ ମାସ ମୁହିଁ ଯେ ହୁଏ ପୁଷ୍ପବତୀ
ଯହିଁ ସ୍ନାନ କରେ ଶୁଣ ମୁହିଁ ମାରବତୀ ।
କାରୁଣ୍ୟ କରୁଣାନିଧି ଯେଉଁ ଭବଗ୍ରାହୀ
ତାହାଙ୍କ ପାଦପଦ୍ମରେ ଯାଇଁ ମୁଁ ବୁଡ଼ଇ ।
ସେ ପାଦ ନଖ କୋଣରୁ ବୁଡି ବାହାରନ୍ତେ
ସର୍ବ ସୃଷ୍ଟିମନ୍ତ ମୁହିଁ ଅଟଇ ଜଗତେ ।
ମୁହିଁ ରଜ ସ୍ୱଳା ହେଲେ ସକଳେ ମରନ୍ତି
ଶୁଦ୍ଧ ସ୍ନାନ ଅନ୍ତେ ପୁଣି ଗର୍ଭୁ ଜନମନ୍ତି ।
ଯେଉଁ ରୂପେ ଜନମନ୍ତି ଜୀବସୃଷ୍ଟି ଶୁଣ
ଜଳରୁ ସର୍ବ ଜଗତ ଜାତ ହୁଅନ୍ତି ଜାଣ ।
ଜୀବ ମାତ୍ରକେ ଜଗତେ ଯେତେକ ଜନମ
ବ୍ରହ୍ମ ବୀର୍ଯ୍ୟ ପଡ଼ି ଗର୍ଭେ ହୁଅନ୍ତି ଉତ୍ପନ୍ନ ।
ଆତ୍ମାରୁ ହିଁ ଆତ୍ମା ଗୋଟି ଆସେ ଆତ୍ମା ହୋଇ
ଆତ୍ମା ଅଚିହ୍ନା ମନୁଷ୍ୟ ଜାଣି ନ ପାରଇ ।
ଆତ୍ମାର ଆସିବା ସ୍ଥାନ ଯେ ଚିହ୍ନି ପାରିବ
ଯମର ଯାତନାକୁ ସେ କାହିଁକି ଡରିବ ।
ସେତ ପାଞ୍ଚିବ ଆସିଲା ମୁହିଁ ଏକ ସୂତ୍ରେ
ଗଲେ ଲେଉଟି ରହିବ ଯାଇଁ ବ୍ରହ୍ମ ଗାତ୍ରେ ।
ବ୍ରହ୍ମରୁ ଆସି ଜନ୍ମିବ ପୁଣି ଜୀବ ହୋଇ
ଯହିଁ ସେ ଗମିବ ସେହି ବ୍ରହ୍ମେ ମିଶିବଇଁ ।
ବୀର୍ଯ୍ୟ ନ ମିଶିଲେ ନାହିଁ କାହାର ଜନମ
ସକଳ ଜୀବର ଆତ୍ମା ଅଟେ ଏକ ବ୍ରହ୍ମ ।
ବ୍ରହ୍ମରୁ ପ୍ରକୃତି ଜାତ ପ୍ରକୃତିରୁ ବିନ୍ଦୁ
ସେ ବିନ୍ଦୁରୁ ଦୁଇ ଜାତି ଜନମଇ ହିନ୍ଦୁ ।
ଦୁଇ ଜାତି ବୋଲେ ଯେହୁ ସ୍ତ୍ରୀ ପୁରୁଷ ହିଁ
ଦେଖ ଏକା ଦେହୁଁ ସ୍ତ୍ରୀ ପୁରୁଷ ଜନ୍ମନ୍ତି ।

Digitized by srujanika@gmail.com

ସେ ପୁରୁଷ ପ୍ରକୃତି ଯେବେ ହୋନ୍ତି ଏକ ଠାଏ
ବ୍ରହ୍ମ ବୀର୍ଯ୍ୟ ରୂପେ ଖସି ପଡ଼ଇ ଥୋପାଏ ।
ତେବେ ଯାଇ ସବୁ ଜୀବେ କଳେବର ପାନ୍ତି
ବ୍ରହ୍ମଁ କୀଟ ଯାଏ ଯେତେ ସଂସାରେ ଅଛନ୍ତି ।
ଜଳଯେବେ ରଜସ୍ୱଳା ନ ହୁଅନ୍ତା ପ୍ରଭୁ
ଜୀବ ହୋଇ କରି ଆଉ ଜନ୍ମନ୍ତା କେ ଗର୍ଭୁ ।
ଏଣୁ କରି ଜଳ ଭୂତ ଅଟେ ମହାବ୍ରହ୍ମ
ବୀର୍ଯ୍ୟ ହୋଇ ଗର୍ଭେ ପଡି ପ୍ରକାଶଇ ଆତ୍ମା ।
ଆତ୍ମାରୁ ଆତ୍ମା ଜନ୍ମିଣ ବହୁ ରୂପ ଧରେ
କ୍ରୀଡାର ଅନ୍ତେ ସେ ପୁଣି ସକଳ ସଂହରେ ।
ଏକ ରୂପ ଧରି ସେହୁ ରହେ ପୁଣି ଶେଷେ
ଅଣାକାର ବ୍ରହ୍ମ ହୋଇ ମଣ୍ଡଳେ ପ୍ରକାଶେ ।
ଅବ୍ୟକ୍ତ ବ୍ରହ୍ମ ବୋଲିଣ ଯାହାକୁଟି କହି
ରହନ୍ତି ପ୍ରଳୟୁ ଜଳେ ସର୍ବେ ଯାଇ ତହିଁ ।

ପ୍ରଶ୍ନ — ମଲେ ସର୍ବ ଜୀବ ଯେବେ ମିଶନ୍ତି ବ୍ରହ୍ମରେ
କି ହେବ ସଂସାରେ ତେବେ ଧର୍ମ କରିବାରେ ?
ପାପି ଆଉ ପୂଣ୍ୟବନ୍ତ ଏହି ଦୁଇ ଲୋକେ
ମରିଲେ ସମାନ ଯେବେ ହୋଇବେ ପାବକେ ।
ଜପତପ ଦାନପୁଣ୍ୟ କରି ହେବ କିସ
ଏହି କଥା ଗୋଟି ଅମ୍ଭ କରନ୍ତୁ ପ୍ରକାଶ ।

ଉତ୍ତର ÷ ବ୍ରହ୍ମରେ ମିଶନ୍ତି ସର୍ବେ ଅଟଇ ଏ ସତ
ଯେଉଁ ରୂପେ ଜୀବ ମିଶେ ଶୁଣ ସେହି ତତ୍ତ୍ୱ ।
ପିଣ୍ଡ ମଧ୍ୟ ଆତମା ଗୋଟି ଯେତେବେଳେ ଯାଏ
ଷଡ଼ ଲକ୍ଷ ଯୋଜନ ସେ ସ୍ଥାନୁଁ ଭ୍ରମିଁ ଥାଏ ।
ଷଡ ଲକ୍ଷ ଯୋଜନ ଯେ ଷଡ ଚକ୍ର ମାପେ
ତହିଁ ପରେ ବ୍ରହ୍ମ ଗୋଟି ରହିଅଛି ଗୋପ୍ୟେ ।
ଯେହ୍ନେ ଜାଣ ଗତ ଆତ୍ମା ବ୍ରହ୍ମ ଭେଟ ପାଇ
ପ୍ରତକ୍ଷ୍ୟ କହୁଛି ତାହା ଶୁଣହେ ଗୋସାଇଁ ।
ଯେତେ ବେଳେ ଜୀବ ଆତମା ଶରୀରକୁ ଛାଡେ
ଚକ୍ରେ ଚକ୍ରେ ଭେଦ ଯାଇ ବ୍ରହ୍ମ ପାଦ ଲୋଡେ ।
ପୂଣ୍ୟବନ୍ତ ପ୍ରାଣୀ ହେତୁ ମୁହୂର୍ତ୍ତିକେ ମିଶେ
ଅଣାକାର ବ୍ରହ୍ମ ଗର୍ଭେ ତକ୍ଷଣେ ପ୍ରବେଶେ ।
ସୁଭାଗ୍ୟ ହେତୁରୁ ପୁଣି ସୁସ୍ଥାନେ ଜନ୍ମଇ
ପାପି ଲୋକ ମରିଗଲେ ମାର ଯୋନି ପାଇ ।

Digitized by srujanika@gmail.com

ସେ ବ୍ରହ୍ମ ମହିମା ଶୁଣ ଏ ପ୍ରକାରେ ଅଛି
ଯେ ଯାହାକୁ ଯୋଗ୍ୟ ତାକୁ ରଖେ ତହିଁ ସଞ୍ଚି ।
ପାତକ ବୁଦ୍ଧିଣ ପୁଣି ବୀର୍ଯ୍ୟ ନେଇ ଖଞ୍ଜେ
ପାପୀ ଲୋକ ଗୋଟି ପାପ ଯୋନରେ ଉପୁଜେ ।
ଶ୍ୱାନ କ ଚଣ୍ଡାଳ, କୀଟ, ଗୃଧ, ଖର ହୁଏ
ନମାନନ୍ତ ଜନମକୁ ଏକା ଯେ ଜ୍ଞାଣଏ ।
ଯହିଁକ ନ ମାନେ ସେହି କହନ୍ତି ତା ହେତୁ
ଆତ୍ମାର ଆସିବା ସ୍ଥାନ ଦେଖିଲ ଯେ ତହୁଁ ।
ଗଲେ ମୁଁ ଲେଉଟି ଯାଇଁ ରହିବତ ତହିଁ
ଏଣୁ କରି ଜନ୍ମମୃତ୍ୟୁ ଜ୍ଞାନର ଯେ ନାହିଁ ।
ଅନ୍ୟ ପ୍ରାଣୀଗଣଙ୍କର ନିଶ୍ଚେ ଅଛି ଜନ୍ମ
ପାପୀ ପାଏ ପାପ ଯୋନ ଜ୍ଞାନୀ ପୁଣ୍ୟ ସ୍ଥାନ ।
ଜନମ ନୋହିଲେ ଅବା କାହିଁ କ ମରନ୍ତା
ଏଣୁ ଜନ୍ମ ମରଣର ଅଟେ ଏକ ପନ୍ଥା ।
କେତେ ବେଳେ ଜୀବକୁଟି ଅବସର ନାହିଁ
ତହୁଁ ଆସି ଏଥେ ଜନ୍ମେ ଏଥୁ ଗଲେ ତହିଁ ।
ରୂପରୁ ଗଲେ ଅରୂପ ଅରୂପରୁ ରୂପ
ଜ୍ଞାନୀଏ ଜାଣନ୍ତି ତାହା ଅଜ୍ଞାନୀକୁ ଗୋପ୍ୟ ।
ଏ ରୂପେ କହନ୍ତେ ଆପ ଜୀବ ଗତାଗତ
ବୋଇଲେ ଯେ ମହା ବସ୍ତୁ ଏହା ବ୍ରହ୍ମତତ୍ତ୍ୱ" ।
ଶୁଣ ଆହେ ଯୁଧିଷ୍ଠିର ପ୍ରଳୟ ବର୍ତ୍ତନ
ବୈତରଣୀ ଜଳେ ସୃଷ୍ଟି ହୋଇଯାଏ ଲୀନ ।
ଏଠାରୁ ପ୍ରଳୟ ଜଳ ପ୍ରବାହିତ ହୋଇ
ଗ୍ରାସଇ ଶ୍ରୀକ୍ଷେତ୍ର ଗାତ ବିଶ୍ୱରୂପ ହୋଇ ।
ପ୍ରଳୟ କାଳରେ ଜଳ ରଜ ଦୁଇ ଧାର
ଏକତ୍ର ପ୍ରବହମାନ ହୁଅଇ ଏଠାର ।
ଜଳ ଯୋନି ମଣ୍ଡଳ ଏ ଗୁପ୍ତ ଗଙ୍ଗା ଗିରି
ନିରତେ ଝରଇ ଜଳ ରଜ ଭିନ୍ନ କରି ।
ପଶ୍ଚିମେ ବସଇ ରଜ ପୂର୍ବେ ଜଳଧାର
ପଶ୍ଚିମ ଦର୍ଶନ ଅଟେ ନିଷେଧ ବିଚାର ।
ଏଣୁ ପୂର୍ବେ ପ୍ରବାହିତ ଆଦ୍ୟ ଜଳଧାର
ସେ ଜଳେ କରିବ ତୁମ୍ଭେ ପିତୃଙ୍କ ସତ୍କାର ।
ଗଙ୍ଗାଠାରୁ ବପୁସରେ ବଡ ବୈତରଣୀ
ବାର ବ୍ରହ୍ମ ବର୍ଷ ବଡ ବୋଇଲେ ବ୍ରହ୍ମଜ୍ଞାନୀ ।

Digitized by srujanika@gmail.com

ସୋମକ ମାନରେ ବ୍ରହ୍ମା କ୍ଷେତ୍ର ନାମେ କ୍ଷୌଣୀ
ଛାପିଲେ ଅନନ୍ତ ଲିଙ୍ଗ ତୀର ବୈତରଣୀ ।
ବ୍ରହ୍ମେଶ୍ୱର ଆଦ୍ୟ ଲିଙ୍ଗ କରିବ ପୂଜନ
ବ୍ରହ୍ମ କୁଣ୍ଡେ ଯଥାବିଧ ସ୍ନାନ କରେ ଜନ ।
ଯେତୁ ବ୍ରହ୍ମ ହତ୍ୟା ପାପ ନାଶ ହୋଇବ
ହେବ ଅକ୍ଷୟ କୀର୍ତ୍ତି ଧନ ବଢ଼ିବ ।
କେମନ୍ତ ବଚନେ ଧର୍ମ ସେ ସ୍ଥାନ ଚେତନ
ଗୋପିକା ଶ୍ରେଷ୍ଠ କଲେ ବାରୁଣୀ ସ୍ନାନ ।

ବୈତରଣୀ ନଦୀର ପ୍ରାଚୀନତା ଉପରେ କେନ୍ଦୁଝରର ପ୍ରାଚୀନତା ସମ୍ବନ୍ଧରେ ଏହିପରି ଧାରଣା କରନ୍ତି ।

ବୈତରଣୀ ସଭ୍ୟତାର ବୈଶିଷ୍ଟ୍ୟ

ଭାରତ ବର୍ଷରେ ଗଙ୍ଗା, ସିନ୍ଧୁ ନଦୀ ଉପତ୍ୟକାରେ ଗାଙ୍ଗେୟ ସଭ୍ୟତା ପ୍ରତିଷ୍ଠିତ ହେଲା ପରି ବୈତରଣୀ ନଦୀ ଅବବାହିକାର ମଧ୍ୟ ଏକ ସ୍ୱତନ୍ତ୍ର ସଭ୍ୟତା ଜନ୍ମ ଲାଭ କରି ଅଛି । ଏହି ସଭ୍ୟତା ବୈତରଣୀ ସଭ୍ୟତା ନାମରେ ପ୍ରସିଦ୍ଧ ଅଟେ । ସିନ୍ଧୁ ଗାଙ୍ଗେୟ ସଭ୍ୟତାର ନିଦର୍ଶନ ସ୍ୱରୂପ ହରପ୍ପା ,ମହେଞ୍ଜୋଦାରୋ ବର୍ତ୍ତମାନ ପରି ବୈତରଣୀ ସଭ୍ୟତାର ସଙ୍କେତ ସ୍ୱରୂପ ସୀତାବିଞ୍ଜି, ଋଷଭ ପାଟ, ବଉଦେଶିଆ ଛେଳଆଡ଼ା ପ୍ରଭୃତି ଗୁମ୍ଫା ଓ ଶୈଳଚିତ୍ର ରହିଅଛି ।

ଯଦିଓ ଇତିହାସରେ ସିନ୍ଧୁ ଗାଙ୍ଗେୟ ସଭ୍ୟତା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇ ଥିଲେ ହେଁ ଏହି ସଭ୍ୟତାର ସମସାମୟିକ ବା ତାହା ଠାରୁ ପ୍ରାଚୀନତମ ବୈତରଣୀ ସଭ୍ୟତାକୁ ଐତିହାସିକ ମର୍ଯ୍ୟାଦା ଦିଆଯାଇ ନାହିଁ । ବୈତରଣୀ ସଭ୍ୟତା ସ୍ୱତନ୍ତ୍ର ଯୁଗରୁ ଅଭିବୃଦ୍ଧି ଲାଭ କରିଥିଲେ ହେଁ ଇତିହାସ ଯୁଗରେ ଏହି ସଭ୍ୟତା ପ୍ରତି ଆଜି ଧ୍ୟାନ ଦିଆ ଯାଇ ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଶାସ୍ତ୍ର ମତରେ ବୈତରଣୀ ନଦୀ ଗଙ୍ଗା ନଦୀଠାରୁ ଦ୍ୱାଦଶ ବ୍ରହ୍ମ ବର୍ଷ ବୟୋଜ୍ୟେଷ୍ଠ ହୋଇଥିବାରୁ ବୈତରଣୀ ସଭ୍ୟତା ମଧ୍ୟ ଗାଙ୍ଗେୟ ସଭ୍ୟତାଠାରୁ ପ୍ରାଚୀନ ଏହା ନିଶ୍ଚିତ ସତ୍ୟ ଅଟେ । ପ୍ରସ୍ତର ଯୁଗରେ ବାଘଚମା ପିନ୍ଧା ଲୋକ ଜାଗ୍ର କୃଷି ଗୋପାଳନ ଆଦି ସ୍ଥାନ କରି ସଦା, ପ୍ରଥମେ ଖଣ୍ଡ ମାନବ ସମାଜରେ ଅବାଧ ବସ୍ତୁ ବା "ପାଷାଣକ ଜଙ୍ଗଲ" ବ୍ୟବସ୍ଥା ପ୍ରଚଳନ କରିଥିଲେ । ବୈଦିକ ଯୁଗରେ । ଋଷିଙ୍କ ଅବାଧ ବ୍ୟବସ୍ଥା ପ୍ରଚଳନ ହେବାରୁ ଆର୍ଯ୍ୟ ମାନବ ସମାଜରେ

Digitized by srujanika@gmail.com

ସାମାଜିକ ଶୃଙ୍ଖଳା ନଥିଲା । ପୁରୁଷ ନବ କାର ଭାବରେ ଯେ କୌଣସି ସ୍ତ୍ରୀକୁ ଅବାଧରେ ରମଣ କରି ପାରୁଥିଲେ । ସେ ସମୟରେ ଗୁରୁ ଗୌରବ ବୋଲି କିଛି ନଥିଲା । ମାନବ ସମାଜରୁ ପାଶବିକ ଯୌନ ପ୍ରବୃତ୍ତିର ଚିର ସମାପ୍ତି ଘଟାଇ ସୁସ୍ଥ ସାମାଜିକ ଜୀବନ ଯାତ୍ରା ପ୍ରଚଳନ ଉଦ୍ଦେଶ୍ୟରେ ଦୀର୍ଘତମା ଋଷି ଏ ଜଗତରେ ସର୍ବ ପ୍ରଥମେ ବିବାହ ବ୍ୟବସ୍ଥାର ପରିବର୍ତ୍ତନ କରାଇଥିଲେ । ଯେଉଁ ସମୟରୁ ମନୁଷ୍ୟ ସମାଜରେ ସ୍ଥାୟୀ ବିବାହ ବ୍ୟବସ୍ଥା ପ୍ରଚଳିତ ହୋଇ ବୈଦିକ କର୍ମକାଣ୍ଡର ଆରମ୍ଭ ହେଲା, ସେହିଦିନ ଠାରୁ ବୈତରଣୀ ସଭ୍ୟତା ହୋଇ ଅଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଖ୍ରୀଷ୍ଟ ପୂର୍ବର ବହୁ ଆଗରୁ ବୈତରଣୀ ସଭ୍ୟତା ପ୍ରସିଦ୍ଧ ଲାଭ କରି ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବ୍ୟାପୃତ ଥିଲା । କଳିଙ୍ଗ, ଓଡ୍ର, ଉତ୍କଳ, କୋଶଳ ପ୍ରଭୃତି ରାଜ୍ୟ ଗୁଡିକ ଏହି ସଭ୍ୟତାର ଅଙ୍ଗ ବିଶେଷ ଥିଲା । ପରବର୍ତ୍ତୀ ସମୟରେ ବୈତରଣୀ ସଭ୍ୟତା ଉତ୍ତରରେ ସୁବର୍ଣ୍ଣରେଖା ନଦୀ ଠାରୁ ଦକ୍ଷିଣରେ ଋଷିକୁଲ୍ୟା ନଦୀ ମଧ୍ୟରେ ସୀମିତ ହୋଇଗଲା । ଏହାର ଉତ୍ତରରେ ଖିଜିଙ୍ଗ ମଣ୍ଡଳ ଓ ଦକ୍ଷିଣରେ ଖିଞ୍ଜାଲି ମଣ୍ଡଳ ନାମକ ଦୁଇ ଗୋଟି ଭଞ୍ଜ ସାମ୍ରାଜ୍ୟ ପ୍ରତିଷ୍ଠିତ ହୋଇ ଭାଷା, ସାହିତ୍ୟ, ଶିଳ୍ପ, କଳା ସାହିତ୍ୟ, ଶୋଭା, ଶ୍ରୀ, ଐଶ୍ୱର୍ଯ୍ୟ, ବାଣିଜ୍ୟ, ବ୍ୟବସାୟ, ଧର୍ମ, ଶାସନ ପ୍ରଭୃତି କ୍ଷେତ୍ରରେ ବିଶେଷ ପ୍ରଧାନ୍ୟ ଲାଭ କରି ଗାଙ୍ଗେୟ ସଭ୍ୟତାଠାରୁ ଉତ୍କୃଷ୍ଟ ଧରଣର ଥିଲା ।

ବୈତରଣୀ ସଭ୍ୟତା କେନ୍ଦୁଝରର ଗୋନାସିକା ପର୍ବତରୁ ଜନ୍ମଲାଭ କରି ଚରିକ ଚୋପ୍ନା ପ୍ରାପ୍ତ ପ୍ରବାହିତ ହୋଇ ସିଂହଭୂମ, ଧଳଭୂମି ମୟୂରଭଞ୍ଜ, ବାଲେଶ୍ୱର ଓ ଯାଜପୁର ଦେଇ ପୂର୍ବ ସମୁଦ୍ର ପର୍ଯ୍ୟନ୍ତ ବ୍ୟାପିତ ଥିଲା । ଖ୍ରୀଷ୍ଟ ପୂର୍ବର ବହୁ ଆରମ୍ଭରୁ ବୈତରଣୀ ସଭ୍ୟତା ଅନ୍ତର୍ଗତ କଳିଙ୍ଗ ରାଜ୍ୟର ନୌବାଣିଜ୍ୟ ଧାମରା ମୁହାଣ ଦେଇ ସାତ ସମୁଦ୍ର ତେର ନଦୀ ଅତିକ୍ରମ କରି ସିଂହଳ, ବାଲି, ଜାଭା, ବର୍ମା ଓ ପ୍ରଭୃତି ଦ୍ୱୀପ ପୁଞ୍ଜରେ ପ୍ରସିଦ୍ଧି ଲାଭ କରି ତାମ୍ରଲିପ୍ତ ନାମକ ସାମୁଦ୍ରିକ ଘାଟି ମେଣ୍ଡ ସ୍ଥାପିତ ହୋଇଥିଲା । ପୃଥିବୀରେ ନୌ ବାଣିଜ୍ୟ ଆରମ୍ଭ ହେବାର ବହୁ ପୂର୍ବରୁ ବୈତରଣୀ ସଭ୍ୟତା ଏକ ସମୁନ୍ନତ ଅବସ୍ଥାରେ ଦାର୍ପଣ କରି ଓଡିଆ ଜାତି ଏକ ନୌ-ସାମ୍ରାଜ୍ୟ ଜାତି ରୂପେ ଖ୍ୟାତି ଅର୍ଜନ କରିଥିଲା ।

ଗାଙ୍ଗେୟ ସଭ୍ୟତା ସହିତ ବୈତରଣୀ ସଭ୍ୟତାର ମିଳନ ଆର୍ଯ୍ୟ ଧର୍ମ ମାଧ୍ୟମରେ ଯେତିକି ସମ୍ଭବ ହୋଇ ନ ଥିଲା ତତୋଧିକ ଭାବରେ ବୌଦ୍ଧ ଧର୍ମ ମାଧ୍ୟମରେ ସମ୍ଭବ ହୋଇ ଥିଲା । ବୌଦ୍ଧ ଧର୍ମ ଶାସ୍ତ୍ର ଅନୁଯାୟୀ ତପସୁ ଓ ଭଲ୍ଲିକ ନାମକ ଦୁଇ ଜଣ ଉତ୍କଳବାସୀ ଭୂୟାଁ । ଭାତ ସ୍ଥଳପଥରେ ପୂର୍ବ ଭାରତରେ ବ୍ୟବସାୟ କରିବାକୁ ଯାଉଥିବା ସମୟରେ ଉରୁବେଲା ବନ ମଧ୍ୟରେ ବୋଧିଦ୍ରୁମ ତଳେ ଗୌତମ ବୁଦ୍ଧଙ୍କର କୃପାମୟ ଦର୍ଶନ ଲାଭ କରି ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ ।

Digitized by srujanika@gmail.com

ନୌବାଣିଜ୍ୟ :— ପ୍ରାଚୀନ କଳିଙ୍ଗ ବା ଓଡ଼ିଶାର ନୌବାଣିଜ୍ୟ ଓଡ଼ିଶାର ଗୌରବମୟ ଇତିହାସର ଅନ୍ୟ ଏକ ଗୌରବମୟ ଅଧ୍ୟାୟ । ବନ୍ଧନ ଯୁଗ, ବୌଦ୍ଧ ସାହିତ୍ୟ, ଓଡ଼ିଶାର ଲୋକ କଥା, ବ୍ରତକଥା ପ୍ରଭୃତିରେ ନୌବାଣିଜ୍ୟର ପ୍ରସଙ୍ଗ ରହିଛି । ସାଧବ ସାଧବାଣୀ କଥା ଭିତରେ ପ୍ରାଚୀନ ଓଡ଼ିଶାର ଲୁପ୍ତ ନୌବାଣିଜ୍ୟର ଇଙ୍ଗିତ ଦେଖିବାକୁ ମିଳେ । ଶାରଳା ମହାଭାରତ ରଚନା ସମୟ ଅର୍ଥାତ ୧୫ ଶ ଶତାବ୍ଦୀରେ ଓଡ଼ିଶାରେ ନୌବାଣିଜ୍ୟ ସମୃଦ୍ଧ ଥିଲା ।

ରାଜସୂୟ ଯଜ୍ଞ ଆୟୋଜନରେ ଶ୍ରୀକୃଷ୍ଣ ମୁଷଳୀମାନଙ୍କୁ ୮୦ ଲକ୍ଷ ନାବ ତିଆରି କରିବା ନିମିତ୍ତ ଆଦେଶ ଦେଇଛନ୍ତି ।

"ଅଶିଲକ୍ଷ ନାବ ଦେବ ତୁମ୍ଭେ ଗଢ଼ି
ଉତ୍ତମ ପବନ ହୋଇବ ଜାଣ ଚେଢ଼ି ।
ମୁଦ୍ଗଳ, ମୁଗ, ନଡ଼ିଆ, ଚଉବା ଧାନ
ନାବ ଚଢ଼ି ଆଣୁଥିବ ଦ୍ୱର ସେ ଉଦ୍ୟାନ ।"

ପୁଣି

"ଶ୍ରୀଭୁଜେ ଟାଙ୍ଗି ନେଇ ଦେଲେକ ଶ୍ରୀପତି
ଅଶୀଲକ୍ଷ ନାବ ବାନ୍ଧୁଥିବ ଦିନ ରାତି ।
କାଟ କେରୁଆଳ ନାବ ମାନ ସବୁ
ତରନ କଣ ସେମାନ ନମନ୍ତେ କରିବୁ ।

ଯଜ୍ଞ ଶାଳ ନିର୍ମାଣ ନିମିତ୍ତ ନାବରେ ଦାରୁ ଓ ପାଷାଣ ବୁହା ଯିବାର ବର୍ଣ୍ଣନା ରହିଛି ।

କୈବର୍ତ୍ତ ନୃପତି ନାବରେ ଦାରୁ ମାନନ୍ତ ପୁରାଇ
ପାଷାଣ ମାନନ୍ତ ପୁରାଇ ସମନ୍ତୁ କୂଳକୁ ନେଇ ।"

ଆଜି ମଧ୍ୟ ଓଡ଼ିଶାର କୈବର୍ତ୍ତମାନେ ଗ୍ରାମ୍ୟ ନୌବାଣିଜ୍ୟର ଅଧିକାରୀ । ତେଣୁ କୈବର୍ତ୍ତ ରାଜାଙ୍କ ନିର୍ଦ୍ଦେଶରେ ଲକ୍ଷ ଲକ୍ଷ କୈବର୍ତ୍ତ ମାନେ ନାବ ବାନ୍ଧିଛନ୍ତି ଓ ସୁରପୁର ନିର୍ମାଣ କାର୍ଯ୍ୟରେ ସାହାଯ୍ୟ କରି ଅଛନ୍ତି । ପ୍ରାଚୀନ ଓଡ଼ିଶାରେ ରାଜପଥ ସୁବ୍ୟବସ୍ଥ ନଥିଲା, ନଦୀ ମାତୃକା ଦେଶରେ ନୌବାଣିଜ୍ୟ ଥିଲା ପରିବହନର ପ୍ରଧାନ ସଂସ୍ଥା । ଓଡ଼ିଶାର ଅନେକ କ୍ଷୁଦ୍ର ବୃହତରେ ନଦୀ ଗୁଡ଼ିକ ବନ ବନ ପର୍ବତ ଦେଶରେ ପ୍ରବାହିତ ହୋଇ ସମୁଦ୍ରରେ ମିଶି ଥିବାରୁ ଏବଂ ଓଡ଼ିଶାର ସମଗ୍ର ପୂର୍ବ ଉପକୂଳ ଦୀର୍ଘ ସାଗର ବେଳାରେ ଅବସ୍ଥିତ ଥିବାରୁ ପ୍ରାଚୀନ କାଳରେ ଓଡ଼ିଶାରେ ଯେ ଉନ୍ନତ ନୌବାଣିଜ୍ୟ ଥିଲା ଏଥିରେ ସନ୍ଦେହ ନାହିଁ । ଭାରତର ଅନ୍ୟ କୌଣସି ରାଜ୍ୟ ଏହିପରି ଭୌଗୋଳିକ ସୁଯୋଗ ଲାଭ କରିନାହିଁ । ପ୍ରାଚୀନ ଓଡ଼ିଶାର ଖର୍ବ ଖର୍ବ ସଂଖ୍ୟା ନାବରେ କଦଳୀ, ନଡ଼ିଆ, ପନସ, ଅମ୍ବ, ଟଗର, ନାରଙ୍ଗ, ଲେମ୍ବୁ, କଣ୍ଟାଫୁଲ ପ୍ରଭୃତି ଫଳ ପରିବା ଓ ବଡ଼ ବଡ଼ ନିର୍ମାଣ ଯୋଜନା ପାଇଁ କାଠ ପାଷାଣ ବୁହା ଯାଉଥିଲା ।

ବହୁ ଆଞ୍ଚଳରେ ଥାଇ ନୌକା ଗୁଡ଼ିକ ପରିଚାଳିତ ହେବାର କଥା ରହିଛି । ନୌବାଣିଜ୍ୟ ବ୍ୟତୀତ ଆନନ୍ଦ ପରି ଶେଷ ଭିତ ନୌକା ସୌଖିନ ଜଳକ୍ରୀଡ଼ା ପାଇଁ ନାବ-ବିମାନ ବ୍ୟବହୃତ ହେଉଥିଲା ।

Digitized by srujanika@gmail.com

"ଅନେକ ରଙ୍ଗେ ଦେବ ମୋହିଲେ ଗୋପ ସ୍ତ୍ରୀଗ
ନଉକା ଜଳକ୍ରୀଡ଼ା ଦେବ କ୍ରୀଡ଼ା ରଙ୍ଗ ସାରି ।"
"ଅର୍ଜ୍ଜୁନଙ୍କୁ ଦେଖ ସେ ଦେବ ଜନାର୍ଦ୍ଦନ
କଲେ ଜଳକ୍ରୀଡ଼ା ଦେବ ନଉକା ବିମାନ ।"

ଏହା ପ୍ରାଚୀନ ଓଡ଼ିଶାର ରାଜସିକ ଆଭିଜାତ୍ୟର ପରିଚୟ । ଓଡ଼ିଆ ସାଧବ ପୁଅମାନେ ଏକଦା ନୌବାଣିଜ୍ୟରେ ବହୁ ପ୍ରସିଦ୍ଧି ଲାଭ କରି ଏକ ବିଶାଳ ନୌସାମ୍ରାଜ୍ୟ ବୋଧିକ୍ଷେତ୍ରରୂପେ ଅନେକ ଦ୍ୱୀପ ଦେଶକୁ ନେଇ ଥିଲା । ତା ବନ୍ଦର ଥିଲ ପେଣ୍ଠ । ବେଦପୁର ୫୨,୦୦,୦୦୦ ଲୋକ ବସତିର ନଗରୀ । ପ୍ରାଚୀନ ଓଡ଼ିଶା ଶିଳ୍ପ, ନୌବାଣିଜ୍ୟ ଓ ବସ୍ତ୍ରକଳାର ଗନ୍ତାଘର । କଳାକୁଶଳୀ ଓଡ଼ିଆ ଜାତିର ଲଳିତ-କଳା ଖ୍ରୀଷ୍ଟାବ୍ଦ ପୂର୍ବରୁ ବୌଦ୍ଧ ଜୈନ ସଂସ୍କୃତିରେ ବୃଦ୍ଧିମନ୍ତ ହୋଇଅଛି । ତାହାର ଉନ୍ମେଷ ଘଟିଛି ଧଉଳି, ଖଣ୍ଡଗିରି, ଉଦୟଗିରି, ସୀତାବିଞ୍ଜି ପ୍ରଭୃତି କାରୁକାର୍ଯ୍ୟରେ । ଏହା ଛଡ଼ା ଓଡ଼ିଶାର ଗ୍ରାମେ ଗ୍ରାମେ ପ୍ରାନ୍ତରେ ପ୍ରାନ୍ତରେ କାରୁକାର୍ଯ୍ୟର ଅଜସ୍ର ଅପରୂପ ସମ୍ଭାର ପରିପୂର୍ଣ୍ଣ ହୋଇ ରହିଛି; ଯାହାର ଇତିହାସ ଆମେମାନେ ସଂଗ୍ରହ କରି ପାରିନୁ ।

ଆଦିପର୍ବରେ ଦୁର୍ଯ୍ୟୋଧନ ଶିଳ୍ପୀ ଓ ବଢ଼େଇମାନଙ୍କୁ ଡାକି ଏବଂ ପ୍ରତ୍ୟେକଙ୍କୁ ପାଞ୍ଚ ଗୋଟି ଗ୍ରାମ ବର୍ତ୍ତନ ଦେଇ ପର୍ବତ ଭିତରେ ଏକ ଗୃହ ନିର୍ମାଣ କରିବା ନିମନ୍ତେ ଆଦେଶ ଦେଇ ଅଛନ୍ତି । ଶିଳ୍ପୀମାନେ ବର୍ତ୍ତନ ପାଇ ୧୨ ବର୍ଷ କାଳ ପଥର କାଟି ଗୃହ ନିର୍ମାଣ କରିଛନ୍ତି ଓ ଗୃହର ଅଭ୍ୟନ୍ତରରେ ବହୁ ପିତୁଳ ଓ ଚିତ୍ର ମଧ୍ୟ ଅଙ୍କନ କରି ଅଛନ୍ତି ।

"ଭିତରେ ପିତୁଳ ଲେଖିଲ ଚିତ୍ରଯେ ଲେଖନ ।"

ଏହି ପଥର ଗୃହ ଓ ପଥରରେ ବହୁ ପିତୁଳ ଓ ଚିତ୍ର ଥିବା ସ୍ଥାନ 'ସୀତାବିଞ୍ଜି' ବୋଲି ମନେ ହୁଏ ।

ନୈସର୍ଗିକରେ ଯେ କେବଳ ଭିତ୍ତିଚିତ୍ର ଥିଲା ତାହା ନୁହେଁ, ତାମ୍ର ପାଠଆରେ ମଧ୍ୟ ଚିତ୍ର ଲେଖିବା ପଦ୍ଧତି ଥିଲା ଯାହା ଏବେ ବି ରହିଅଛି । ପ୍ରସ୍ତର ଖଣ୍ଡରେ ବିଭିନ୍ନ କାରୁକାର୍ଯ୍ୟ ନିମିତ୍ତ ଓଡ଼ିଶା ବହୁ ପ୍ରସିଦ୍ଧ । ଓଡ଼ିଶାର ବିଭିନ୍ନ ମୂର୍ତ୍ତି ଓ ଦେବାଳୟ ନିର୍ମାଣ ଶାସ୍ତ୍ରାନୁସାରେ ନିର୍ମାଣ ହୋଇଅଛି । ମୂର୍ତ୍ତି ଓ ସ୍ଥାପତ୍ୟ ବହୁ ଶିଳ୍ପକାର୍ଯ୍ୟ, ଅମୂଲ୍ୟରତ୍ନ ଓଡ଼ିଶାରେ ରହିଅଛି । ଓଡ଼ିଶାରେ ଚିତ୍ରକଳା [illegible] ଓ [illegible] ପ୍ରାଚୀନ କାଳରେ ଉନ୍ନତ ଚିତ୍ରକଳା ଥିଲା ।

ଭଞ୍ଜ ରାଜବଂଶ ଶାସିତ ପୁରାତନ ଦଶପଲ୍ଲା ଗଡ଼ଜାତ ଅନ୍ତର୍ଗତ ପୁରୁଣା [illegible] ନୂଆଗାଁ ଥାନାର ଉଦୟପୁର ଗ୍ରାମରେ ବିଦ୍ୟମାନ [illegible] ପାଠାଗାରରେ ଏକାଧିକ ଅଲଭ୍ୟ ଓ ଦୁର୍ଲ୍ଲଭ [illegible] ପୋଥି [illegible] ରକ୍ଷିତ ହୋଇଅଛି । ବର୍ତ୍ତମାନ ଏହି ପାଠାଗାରର ପରିଷ୍କାର, ପରିଚାଳନା, [illegible] ଓ ପ୍ରସାର ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ସାହାଯ୍ୟ ଦେଉ ଅଛନ୍ତି । [illegible] ପୋଥିରୁ ଦେଖିଲେ ଜଣାଯାଏ ଯେ, ପ୍ରାଚୀନ ପ୍ରସ୍ତର ଯୁଗରୁ ମଧ୍ୟ ଓଡ଼ିଆ ଚିତ୍ରକର ଶିଳା, ମୃତ୍ତିକା, ଧାତୁ, କାଷ୍ଠ, ପତ୍ର, ପାଷାଣ ପ୍ରଭୃତିରେ ଚିତ୍ର ଅଙ୍କନ କରି [illegible] ଜାତିରୁ [illegible] ମଧ୍ୟ ବହୁ ରହିଅଛି [illegible] ବୈଚିତ୍ରଣୀ [illegible] ବିଶିଷ୍ଟ ।

Digitized by srujanika@gmail.com

ଶାବରୀ ସଂସ୍କୃତି

ଭଗବାନଙ୍କ ସୃଷ୍ଟିରେ ଶବର ଜାତି ନିଷ୍ପେଷିତ, ଅବହେଳିତ, କଦାକାର, ଦରିଦ୍ର ଓ ମୂର୍ଖ ରୂପେ ପରିଚିତ ଅଛି । ତା'ର ଜନ୍ମଗତ ସଭ୍ୟ ସମାଜରେ ସ୍ଥାନ ନାହିଁ, ସେମାନଙ୍କର ନିଜସ୍ୱ ଲିଖିତ ଭାଷା ନାହିଁ । ଅତୀତରେ ଆର୍ଯ୍ୟମାନେ ଦ୍ରାବିଡ଼ ଏବଂ ଅନ୍ୟାନ୍ୟ ଆଦିବାସୀମାନଙ୍କୁ ସେମାନଙ୍କ ଅଧିକାରରେ ଥିବା ଶସ୍ୟ ଶ୍ୟାମଳ ସୁଜଳା ସୁଫଳା ସମତଳ ଭୂମିରୁ ବଣ ପର୍ବତକୁ ତଡ଼ି ଦେଇଥିଲେ । ତେଣୁ ଆଦିମ ଯୁଗରୁ ତାହାର ପୂର୍ବ ପୁରୁଷ ଏ ଭୂମିରେ ବନ ଜଙ୍ଗଲ ମାରି ଟାଙ୍ଗିଆ ହାଣି, ଚାଷ ସଫଳ, ଉର୍ବର ଓ ଶସ୍ୟ ଶ୍ୟାମଳ କରିଥିଲେ । କେବଳ ସେତିକି ନୁହେଁ ହିନ୍ଦୁ ସମାଜ ସେମାନଙ୍କ ଆରାଧ୍ୟ ଦେବତା ଶ୍ରୀ ନୀଳମାଧବଙ୍କୁ ଶ୍ରୀ ଜଗନ୍ନାଥ ରୂପରେ, ତା'ର କୁଳ ଦେବତାଙ୍କୁ ଶିବଲିଙ୍ଗ ଭାବରେ ଏବଂ ଶବର କନ୍ୟାକୁ ଉପଭୋଗ୍ୟ ଭାବେ ହସ୍ତଗତ କଲା ।

ରାମାୟଣ, ମହାଭାରତ, ଭାଗବତ ଓ ଅଷ୍ଟାଦଶ ପୁରାଣ ଗ୍ରନ୍ଥରେ ଶବର ଜାତିର ଉଲ୍ଲେଖ ଦେଖିବାକୁ ମିଳେ । ପୁରାଣ ଯୁଗରେ ଶବରମାନେ କିରାତ, ପୁଳିନ୍ଦ, ନିଷାଦ ବା ବ୍ୟାଧ ନାମରେ ଖ୍ୟାତ ଅଟନ୍ତି ।

ଓଡ଼ିଶାରେ ଶବର ଜାତିର ଲୋକ ସଂଖ୍ୟା ତିନି ଲକ୍ଷରୁ ଅଧିକ । ଗଞ୍ଜାମ, କୋରାପୁଟ, କଳାହାଣ୍ଡି, ସମ୍ବଲପୁର, ଢେଙ୍କାନାଳ, ପୁରୀ, କଟକରେ ଶବରମାନେ ବିଶେଷ ଭାବରେ ବାସ କରୁଥିଲେ ହେଁ କେନ୍ଦୁଝର, ମୟୂରଭଞ୍ଜ, ସରାଇକେଳା, ସିଂହଭୂମି ଓ ଧଳଭୂମିରେ ସେମାନଙ୍କର ସଂଖ୍ୟା କମ୍ ନୁହେଁ । ଶବରମାନେ ଶବର, ଶଉରା, ଶୟର, ସଅର ଓ ଶବରା ବୋଲି ଖ୍ୟାତ ଅଟନ୍ତି । ଏମାନଙ୍କ ମଧ୍ୟରେ ଦଶ ଗୋଟି ଉପଜାତି ଅଛି, ଯଥା—ଜମକଞ୍ଜିଆ, ଯାଦୁ, ମାଳେ, ସୁକା, ପାଡ଼େଙ୍ଗା, କଣ୍ଡ୍ରାଜ, ଆରସି, ସୁଆର, କାଟେଗ ଓ କୁଡ଼ୁମ୍ବା । ଏ ବ୍ୟତୀତ ଶୁଦ୍ଧ ଶବର, ହଟି ଶବର, ଏବଂ ଜରଶବର ମଧ୍ୟ ଅଛନ୍ତି । ଏମାନେ ଓଡ଼ିଆ ଭାଷା କହନ୍ତି । ଏହି ଉପଜାତିମାନଙ୍କ ମଧ୍ୟରେ ନିଜ ନିଜର ଜାତି ଭାବ ଏବଂ ବସା ବାସଗତ ପାର୍ଥକ୍ୟ ମଧ୍ୟ ରହିଅଛି ।

କେନ୍ଦୁଝର ଜିଲ୍ଲାରେ କେତେ ଗୋଟି ଶବର ଗାଁକୁ ନେଇ ଗୋଟିଏ ଗୋଟିଏ ଶବର ପଲ୍ଲୀ ଗଠିତ ହୋଇଅଛି ଏବଂ ପ୍ରତ୍ୟେକ ପଲ୍ଲୀର ପ୍ରଧାନ ବ୍ୟକ୍ତି 'ପରିଚ୍ଛା' ନାମରେ ବିଖ୍ୟାତ । ତାଙ୍କ ତଳେ ଜଣେ 'ଦଣ୍ଡୁଆ' ଅଛନ୍ତି । ଶବର ପଲ୍ଲୀ ଗୁଡ଼ିକୁ ନେଇ ବର୍ଷକରେ ଥରେ ଦୁଇଥର ଶବରମାନଙ୍କର ଜାତି ସଭା ଅନୁଷ୍ଠିତ ହୋଇ ଥାଏ । ସେହି ସଭାକୁ ପ୍ରତି ଗ୍ରାମର ମୁଖିଆ ଲୋକ ବା ଗ୍ରାମ ପ୍ରତିନିଧି ଯାଆନ୍ତି । ସେହି ଜାତି ସମ୍ମିଳନୀରେ ଶବରମାନଙ୍କ ମଧ୍ୟରେ ସାମାଜିକ ବିବାଦ, ବିଚ୍ଛେଦ, ବିରୁଦ୍ଧ ବିବାହ, ସାମାଜିକ ଦୋଷ ଇତ୍ୟାଦି ବିଷୟରେ ବିଚାର ଆଲୋଚନା ହୋଇ ନିଷ୍ପତ୍ତି ଗ୍ରହଣ କରାଯାଏ । ଜାତି ନିଷ୍ପତ୍ତିକୁ ଅବମାନନା କଲେ ଶବର ସମାଜ ଅପରାଧୀକୁ ଦାଣ୍ଡ ବା ଜାତିଚ୍ୟୁତ କରନ୍ତି । ଜାତିଚ୍ୟୁତ ଶବର ଶ୍ରୀକ୍ଷେତ୍ର ପୁରୀ ଯାଇ ସେଠାରେ ଲଣ୍ଡା ହୋଇ ଶ୍ରୀଜଗନ୍ନାଥ ଦର୍ଶନ ଓ ମହାପ୍ରସାଦ ସେବନ କରି ଗ୍ରାମକୁ ଫେରିଆସି ଜାତିଭାଇଙ୍କ ଉପସ୍ଥିତିରେ ଭୁକ୍ତିଭୋଜନ

Digitized by srujanika@gmail.com

ନଧାଇ ମୁ ଜାଙ୍କରେ ମଣିଖା ।

ଏମାନେ ହିନ୍ଦୁମାନଙ୍କ ପରି ବହୁତ ଦେବତା ପୂଜା କରନ୍ତି ଏବଂ ହିନ୍ଦୁ ଶାସ୍ତ୍ର ପଠନ କରନ୍ତି । ଏମାନେ ଶ୍ରାଦ୍ଧ, ହୋମ, ଯାଗ, ବିବାହବ୍ରତ ପ୍ରଭୃତି ପାଳନ କରନ୍ତି । ଜାଙ୍ଗଲ ପଇଡା ପକାନ୍ତି, ଏମାନେ ମୁ ଦେବୁଙ୍କ ଉପାୟ ଧାରଣ କରି ଜଗନ୍ନାଥଙ୍କର ସୂଚକ କାର୍ଯ୍ୟ କରିଥାନ୍ତି । ଶବରମାନଙ୍କରେ ଆସୁରୀ ବିବାହ ପ୍ରଥା ଚଳିଥିଲେ ମଧ୍ୟ ବେଦମତରେ ବିବାହ କାର୍ଯ୍ୟ ସମ୍ପାଦିତ ହୋଇଥାଏ । ଏମାନେ ଶବଦାହ କରନ୍ତି ଓ ଚିତାଭସ୍ମକୁ ମାଟିରେ ପୋତି ଦିଅନ୍ତି । ହିନ୍ଦୁମାନଙ୍କ ପରି ଦଶାହ କ୍ରିୟା ସମ୍ପାଦନ କରନ୍ତି । ମୃତ୍ୟୁ ଦିବସର ପରଦିନ ମାସିକିଆ ଓ ବାର୍ଷିକିଆ ଶ୍ରାଦ୍ଧ ଭୋଜି ଦିଅନ୍ତି । ବାର୍ଷିକିଆ ଦିନ ସେମାନେ ମୃତବ୍ୟକ୍ତିର ଦାହ ସ୍ଥାନରେ ନାଚନ୍ତି ଏବଂ ଗାଁ ନିକଟରେ ଏକଗଛ ତଳେ ମୃତବ୍ୟକ୍ତିର ସ୍ମାରକ ସ୍ୱରୂପ ଏକ ପଥର ପୋତି ଦିଅନ୍ତି । ମୃତ ବ୍ୟକ୍ତିର ବ୍ୟବହୃତ ପଦାର୍ଥ ଯଥା-ଧନୁଶର, ଟାଙ୍ଗିଆ, ଛୁରି, ମାଳ, ଲୁଗା, ଖୁଡକ ଇତ୍ୟାଦି ଶବ ସଙ୍ଗେ ପୋଡ଼ା ଯାଏ । ଏମାନେ ଭୂତ ପ୍ରେତ ବିଶ୍ୱାସ କରନ୍ତି ।

ଶବରମାନେ ହିନ୍ଦୁ ସମାଜର ନିକଟତମ ସମ୍ପ୍ରଦାୟ ଏବଂ ହିନ୍ଦୁଧର୍ମର ଦେବଦେବୀ ସେମାନଙ୍କ ଦେବଦେବୀ ମଧ୍ୟରେ ଅନେକ ସାମଞ୍ଜସ୍ୟ ଦେଖାଯାଏ ।

ପୌରାଣିକ ସଙ୍କେତରୁ ଜଣାଯାଏ ଯେ, ବେଣୁ ନାମକ ଜଣେ ଦାସ ରାଜା ବା ଦସ୍ୟୁ ମହା ପରାକ୍ରମଶାଳୀ ହୋଇ ନାନା ଅତ୍ୟାଚାର କଲା ଏବଂ ବହୁ ଜୀବଜନ୍ତୁଙ୍କୁ ହତ୍ୟାକଲା । ଋଷିମାନେ ତାହାର ଦକ୍ଷିଣ ଜାନୁକୁ କୁଶବିଦ୍ଧ କରିବାରୁ ତହିଁରୁ ଏକ ଖର୍ବକାୟ ମନୁଷ୍ୟ ଜାତ ହେଲା । ତାହାର ଚକ୍ଷୁଦ୍ୱୟ ରକ୍ତବର୍ଣ୍ଣ ଓ କେଶ ଗୁଚ୍ଛ ଘନ କୃଷ୍ଣ ବର୍ଣ୍ଣ । ଏ ନିଷାଦ ନାମରେ ଅଭିହିତ ହେଲା ଏବଂ ଏହାର ବଂଶଧରମାନଙ୍କୁ ନିଷାଦ, କିରାତ, ପୁଳିନ୍ଦ, ମ୍ଲେଚ୍ଛାଦି କୁହାଗଲା । ଭାଗବତ ବର୍ଣ୍ଣନାରେ ସେମାନେ କୁଆପରି କଳା, ଅଙ୍ଗ ଅବୟବ ଛୋଟ ବା ଦେହ ଖର୍ବାକୃତି, ପାଦ କ୍ଷୁଦ୍ର, ନାକ ନିମ୍ନମୁଖୀ, ହନୁ ବିଶାଳ, ଆଖି ଦୁଇଟି ରକ୍ତବର୍ଣ୍ଣ ଏବଂ କେଶ କମାଳ ତାମ୍ରବର୍ଣ୍ଣ ।

"କାଦମ୍ବରୀ"ର ଲେଖକ ବାଣଭଟ୍ଟଙ୍କ ଭାଷାରେ କୃଷ୍ଣପକ୍ଷର ସମସ୍ତ ଅନ୍ଧକାର ରାତ୍ରିକୁ ଏକତ୍ର ମିଶାଇ ଦେଲେ ଯେପରି କଳମା ଦିଶିବ ଶବରମାନେ ସେହିପରି କୃଷ୍ଣବର୍ଣ୍ଣ ଅଟନ୍ତି । ସେମାନଙ୍କ ରାଜାର ହସ୍ତ ମନୁଷ୍ୟ ରକ୍ତ ରଞ୍ଜିତ, ସେମାନଙ୍କର ଧର୍ମ ହେଲା ନରରକ୍ତ ଓ ମାଂସରେ ଦୁର୍ଗାଙ୍କ ଉପାସନା; ଚଣ୍ଡୀଙ୍କ ଗୁରୁ ହେଲେ ସେମାନଙ୍କ ଶାସ୍ତ୍ରବାଣୀ, ପେଚକ ସେମାନଙ୍କ ଶିକ୍ଷାଦାତା ଗୁରୁ, ଶୁକର ସେମାନଙ୍କ ବନ୍ଧୁ । ହିଂସା ସେମାନଙ୍କର ବ୍ୟବସାୟ ଏବଂ ଅପହୃତା ରମଣୀ ସେମାନଙ୍କର ଅର୍ଦ୍ଧାଙ୍ଗିନୀ ।

ବାଣଭଟ୍ଟ ଶବର ରାଜାର ଚରିତ୍ର ବର୍ଣ୍ଣନରେ ଲେଖିଛନ୍ତି ଯେ ଶବର ରାଜା ବିରାଟ କାୟ ଯୋଗୁଁ ଭୟଙ୍କର ହେଲେ ମଧ୍ୟ ସେ ମହତ ଏବଂ ବନ କେଶ ଅନୁସାରେ ତା'ର ଶରୀର କୃଷ୍ଣବର୍ଣ୍ଣର ପଦ୍ମ ସଦୃଶ୍ୟ ଘନକୃଷ୍ଣ ଏବଂ ଦମ୍ଭ ... ଜଳବାଣ ସଦୃଶ୍ୟ ତା'ର କୁଞ୍ଚିତ କେଶ ପାଶ ସ୍କନ୍ଧ ଦେଶରେ ଲମ୍ବାମାନ, ତାକୁ ରୌଦ୍ର ତାପରୁ ରକ୍ଷା କରିବା ନିମନ୍ତେ ତାର ମସ୍ତକ ଉପରେ ଅସଂଖ୍ୟ ମହୁମାଛି ଉଡୁଛନ୍ତି । ତାର ଗୃହ ପଟରେ ଶିକାରୀ କୁକୁର ବୁଲୁଛନ୍ତି ।

Digitized by srujanika@gmail.com

ଏକାଦଶ ଶତାବ୍ଦୀର ରଚିତ "କଥା ସରିତ୍ସାଗର"ରେ ଶବର ଜାତିର ଚରିତ୍ର ଚିତ୍ରଣ କରିବାକୁ ଯାଇ ଲେଖାଯାଇଛି ଯେ, ଶବରମାନେ ଦୁର୍ଦ୍ଧର୍ଷ ଓ ଚଞ୍ଚଳ । ସେମାନଙ୍କର ଚର୍ମ ଚକ୍କଣ, ମସ୍ତକରେ ଶୁଭ୍ର ପକ୍ଷୀର ପର, ଅଲଙ୍କାର ମାଳିକା ଓ ଶିକାର ଏବଂ ଆହାର ମୃଗମାଂସ । ସେମାନଙ୍କ କୁଦାଳୀ ଓ ଧନୁର୍ବାଣ, ଶବର ରାଜ ଦଣ୍ଡନୀତି ଓ ବୃତ୍ତିମାନ ।

ସଂସ୍କୃତ ସାହିତ୍ୟରେ ଶବରମାନଙ୍କୁ ଘୃଣାର ସହିତ ବର୍ଣ୍ଣନା କରାଯାଇଛି । "ଦଶକୁମାର ଚରିତ" ଓ "କାଦମ୍ବରୀ"ରୁ ଜଣାଯାଏ ଯେ, ଏକଦା ବିନ୍ଧ୍ୟ ଓ ମଧ୍ୟ-ପ୍ରଦେଶରେ ଶବରମାନେ ବହୁଳ ସଂଖ୍ୟାରେ ବାସ କରୁଥିଲେ । କଳିଙ୍ଗ ଓ କୋଶଳ ଏକ ସମୟରେ ବାଣଭଟ୍ଟଙ୍କ ସମୟରେ ଶବର ଅଧ୍ୟୁଷିତ ଦେଶ ଥିଲା ବୋଲି କୁହାଯାଏ ।

ପ୍ରାୟ ୨୫୦୦ ବର୍ଷ ତଳେ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ରଚନା ସମୟରେ ଶବରମାନେ ଗ୍ରାମ ନଗରର ଅନ୍ତପାଳରେ ଅରଣ୍ୟର ଜଗୁଆଳି ସ୍ୱରୂପ ରହୁଥିଲେ । ରାଜା ଶବରମାନଙ୍କୁ ସହରର ସୀମାରେ ଓ ଦ୍ୱାରଦେଶରେ ଅନ୍ତପାଳ ଦୁର୍ଗ ନିର୍ମାଣ କରାଇ ଅନ୍ତପାଳ ନାମକ ଅଧ୍ୟକ୍ଷମାନଙ୍କୁ ଦୁର୍ଗରକ୍ଷା କାର୍ଯ୍ୟରେ ନିୟୋଜିତ କରୁଥିଲେ । ଏହି ଦୁର୍ଗମାନଙ୍କର ବ୍ୟବଧାନ ସ୍ଥାନମାନଙ୍କରେ ଅରଣ୍ୟ ମଧ୍ୟରେ ଦୁର୍ଗ ଓ ସହରମାନଙ୍କର ସୁରକ୍ଷା ପାଇଁ ବ୍ୟାଧ, ଶବର, ପୁଳିନ୍ଦ, ଚଣ୍ଡାଳ ପ୍ରଭୃତି ଆରଣ୍ୟକମାନଙ୍କୁ ନିଯୁକ୍ତ କରୁଥିଲେ । ସେମାନଙ୍କୁ ରାଜା ହସ୍ତୀଦୁର୍ଗ ନିର୍ମାଣ କାର୍ଯ୍ୟରେ ନିଯୁକ୍ତ କରୁଥିଲେ । ସେମାନେ ହାତୀ ଖେଦା, ହାତୀଧରା, ହାତୀ ଶିକାର ଏବଂ ହାତୀଦାନ୍ତ ସଂଗ୍ରହ କାର୍ଯ୍ୟରେ ନିଯୁକ୍ତ ହେଉଥିଲେ ।

ଐତରେୟ ବ୍ରାହ୍ମଣରେ ଶବରମାନଙ୍କୁ ଅନ୍ଧ୍ର ଶବର ବୋଲି ପରିଚୟ ଦିଆଯାଇଛି । ସେଥିରେ ସେମାନେ ବିଶ୍ୱାମିତ୍ରଙ୍କ ପୁତ୍ରର ବଂଶଧର ବୋଲି କଥିତ ହୋଇଛି । ବିଶ୍ୱାମିତ୍ରଙ୍କ ପୁତ୍ରଗଣ ପିତାଙ୍କର ଆଜ୍ଞା ପାଳନ ନ କରିବାରୁ ଅଭିଶପ୍ତ ହୋଇ ବନରେ ବାସ କରିବାକୁ ବାଧ୍ୟ ହେଲେ ଏବଂ ଶବର ବୋଲି ପରିଚିତ ହେଲେ ।

ରାମାୟଣରେ ବର୍ଣ୍ଣିତ ହୋଇଛି ଯେ, ମହର୍ଷି ବଶିଷ୍ଠଙ୍କ କାମଧେନୁ ବଳାତ୍କାରରେ ଅପହରଣ କରିବା ସମୟରେ ବିଶ୍ୱାମିତ୍ରଙ୍କ ସହିତ ଯୁଦ୍ଧ କରିବାକୁ କାମଧେନୁ ନିଜ ଶରୀରରୁ ଯେଉଁ ବୀରଯୋଦ୍ଧାମାନଙ୍କୁ ଜାତ କଲା, ସେମାନେ ଶବର ହେଲେ । ଶବରମାନେ ଶବର ବିଦ୍ୟାରେ ଓ ଭୂତ ପ୍ରେତ ସାଧନ ବିଦ୍ୟାରେ ଧୁରନ୍ଧର ଅଟନ୍ତି । ଅଥର୍ବ ବେଦରେ ଏ ବିଦ୍ୟାର ଉଲ୍ଲେଖ ଦେଖାଯାଏ । ବୋଧହୁଏ ଶବର ତଥା ଅନ୍ୟାନ୍ୟ ଆଦିବାସୀମାନଙ୍କଠାରୁ ଅନୁକରଣ କରି ଆର୍ଯ୍ୟମାନେ ପରେ ପରେ ଏହି ବିଦ୍ୟା ଚର୍ଚ୍ଚା କଲେ । ଅଥର୍ବବେଦରେ ବିଶେଷ ଭାବରେ ଶବର ବିଦ୍ୟାର ପ୍ରୟୋଗ ପ୍ରଣାଳୀ ଓ ପରିଣାମ ବର୍ଣ୍ଣିତ ବର୍ଣ୍ଣନା । ସେଥିପାଇଁ ତାହା ଅପର ନାମ ଯନ୍ତ୍ର ମନ୍ତ୍ର ବିଦ୍ୟା ଅଟେ । ପରବର୍ତ୍ତୀ ସମୟରେ ବଡ଼ ବଡ଼ ବ୍ରାହ୍ମଣମାନ ଅଥର୍ବବେଦୋକ୍ତ କାମନା ସିଦ୍ଧି ପାଇଁ ଶବରମାନଙ୍କଠାରୁ ଶବରବିଦ୍ୟା ଶିକ୍ଷା କରି ତାହାକୁ ଅଥର୍ବବେଦ ବୋଲି ଆଖ୍ୟା ଦେଇଛନ୍ତି । ଏହାହିଁ ହୋଇଛି ଆର୍ଯ୍ୟ ଅନାର୍ଯ୍ୟ ମିଳନର ପ୍ରକୃଷ୍ଟ ପ୍ରମାଣ ।

Digitized by srujanika@gmail.com

ପ୍ରଥମ ଶତାବ୍ଦୀରେ ପ୍ଲିନି ଓଡ଼ିଶା ଅଧିବାସୀଙ୍କୁ ଶବର ବୋଲି କହି ଅଛନ୍ତି । ଦ୍ୱିତୀୟ ଶତାବ୍ଦୀରେ ଟୋଲେମୀ ଏମାନଙ୍କୁ ଶବରଇ ବୋଲି ବର୍ଣ୍ଣନା କରି ଅଛନ୍ତି । କୋଶଳ ରାଜ୍ୟରେ ବହୁଳ ଭାବରେ ଶବରମାନେ ବାସ କରୁ ଥିବାରୁ ଏହାର ନାମ ଶବରପୁର ବା ସମ୍ବଲପୁର ହୋଇଥିବାର ଅନୁମାନ କରାଯାଏ । ଏହି ଶବର ବା ସମ୍ବର ଶବ୍ଦ ଯୋଗରେ ଆର୍ଯ୍ୟେତର ଭାଷାରେ ବୋଡ଼ା ସମ୍ବର ରାଜ୍ୟ ସୃଷ୍ଟି ହୋଇଥିବାର ପ୍ରମାଣ ମିଳେ ।

ଢେଙ୍କାନାଳର ନାମକରଣ ଢେଙ୍କାଶବର ନାମରୁ ହୋଇଛି ବୋଲି କିମ୍ବଦନ୍ତୀରୁ ଜଣାଯାଏ । କଥିତ ଅଛି ଢେଙ୍କାଶବର ଏକ ଦୁର୍ଗମ ସ୍ଥାନରେ ପର୍ବତ ଉପରେ ଏକ ଦୁର୍ଗ ସ୍ଥାପନ କରି ଏକକୋଶ ବ୍ୟାପି ଏକନାଳୀ ଖୋଳାଇ ଥିଲା । ଏହି ଢେଙ୍କାନାଳୀରୁ ଢେଙ୍କାନାଳ ହୋଇ ଅଛି ବୋଲି ପ୍ରବାଦ ରହିଛି ।

“କପିଳାସ ଖୋଲ ନିବାସୀ ଶବର
ରଣରଙ୍କା ଢେଙ୍କା ଯାବଂଶ ଶେଖର ।”

ଢେଙ୍କା ଶବରର ସମସାମୟିକ ଓଡ଼ିଶାର ଗଜପତି ପ୍ରତାପରୁଦ୍ରଦେବଙ୍କ ଶାସନ କାଳରେ ବଣାଳିଆ ଦୁର୍ଗର ଭଞ୍ଜରାଜା ଶ୍ରୀଧର ଭଞ୍ଜ ତାହାର ସୌଭାଗ୍ୟ ସହି ନପାରି ବଡ଼ଯୋଡ଼ା ନାଳ ପାରି ହୋଇ କୁଟିନିଆ ପର୍ବତ ଉପରେ ସୈନ୍ୟ ସମାବେଶ କରି ତାହାକୁ ଆକ୍ରମଣ କରି ସସୈନ୍ୟେ ପୃଷ୍ଠଭଙ୍ଗ ଦେଇଥିଲେ । ଭଞ୍ଜରାଜା ଶ୍ରୀଧର ଭଞ୍ଜ ସମ୍ମୁଖ ଯୁଦ୍ଧରେ ଢେଙ୍କାଶବରକୁ ଜୟ କରିବାର ଆଶା ତ୍ୟାଗକରି ତାହାକୁ ଗୋପନରେ ହତ୍ୟା କରିବା ପାଇଁ ଚକ୍ରାନ୍ତ କଲେ । ରାଜାଙ୍କ ନିର୍ଦ୍ଦେଶ କ୍ରମେ କେତେକ ସଶସ୍ତ୍ର ସର୍ଦ୍ଦାର ଢେଙ୍କାର ଗଡ଼ ନିକଟରେ ଲୁଚି ରହିଲେ ଏବଂ ଏକଦା ଢେଙ୍କାକୁ ନିଦ୍ରିତ ଥିବାର ଦେଖି ହଠାତ୍ ଆକ୍ରମଣ କରି ତାହାକୁ ବନ୍ଦୀ କଲେ । ଢେଙ୍କାଶବର ଭଞ୍ଜ ରାଜାଙ୍କୁ ଧିକ୍କାର କରନ୍ତେ ସେ ଅପମାନିତ ହୋଇ ତାହାର ଶିରଚ୍ଛେଦନ ପାଇଁ ଆଦେଶ ଦେଲେ । ଢେଙ୍କା ମୃତ୍ୟୁ ପୂର୍ବରୁ ରାଜାଙ୍କୁ କହିଲା “ଆମର ଗୁରୁଦ୍ରୋହ ହେତୁ ମୋର ଏଦଶା ଘଟିଲା । ମୋର କଟା ମୁଣ୍ଡକୁ ଆମ ପୀଠ ଉପରେ ବସାଇ ପୂଜା କରିବୁ ଏବଂ ସେହିଠାରେ ଗଡ଼ ନିର୍ମାଣ କରି ମୋ ନାମରେ ନାମିତ କରିବୁ; ନୋହିଲେ ତୋ ରାଜ୍ୟ ଶତ୍ରୁ କବଳିତ ହେବ ।” ଶ୍ରୀଧର ଭଞ୍ଜ ଦର୍ପ କରି ଏକଥାକୁ ହସି ଉଡ଼ାଇ ଦେଲେ । ଢେଙ୍କା ମୁଣ୍ଡ ଭୂତଳରେ ଲୋଟି ପଡ଼ିଲା । ଢେଙ୍କାନାଳ ରାଜ୍ୟର ସ୍ଥାପନ କର୍ତ୍ତା ପରବର୍ତ୍ତୀ ହରିସିଂହ ବିଦ୍ୟାଧର ବଣାଳିଆ ଗଡ଼ର ଭଞ୍ଜ ରାଜା ଶ୍ରୀଧର ଭଞ୍ଜଙ୍କୁ ଯୁଦ୍ଧରେ ଜୟ କରି ଆହତ କରିଥିଲେ । ମୃତ୍ୟୁ ପୂର୍ବରୁ ଶ୍ରୀଧର ଭଞ୍ଜ ଢେଙ୍କା ଶବରର ଅନ୍ତିମ କାମନା ହରିସିଂହ ବିଦ୍ୟାଧରଙ୍କୁ ଶୁଣାଇ ଦିଅନ୍ତେ ହରିସିଂହ ସେ କଥାନୁସାରେ ପ୍ରତ୍ୟୟ ସ୍ଥାପନ କରି ନିଜ ଅଧିକୃତ ରାଜ୍ୟର ନାମ ଢେଙ୍କାନାଳ ରଖିଥିଲେ ଏବଂ ପାଣିଅଁଳା ପର୍ବତ କଟିଦେଶରେ ଢେଙ୍କାର ପୀଠ ସ୍ଥାନରେ ନିଜ ରାଜଧାନୀ ସ୍ଥାପନ କଲେ । ଏହି ଦୁର୍ଗ ସମୀପରେ ବଳଭଦ୍ର ମନ୍ଦିର ନିକଟରେ ଢେଙ୍କାର ପାଷାଣ ମୂର୍ତ୍ତି ସ୍ଥାପନ କରିଥିଲେ ।

Digitized by srujanika@gmail.com

ବର୍ତ୍ତମାନ ପ୍ରଶ୍ନ ହେଉଛି, ଏହି ଶ୍ରୀଧର ଭଞ୍ଜ କିଏ ? କେନ୍ଦୁଝରର ଭଞ୍ଜ ରାଜ ବଂଶର କୁଷିନାମାରୁ ଜଣାଯାଏ ଯେ, ଏହି ବଂଶର ଚତୁର୍ଦ୍ଦଶ ପୁରୁଷରେ ଶ୍ରୀଧର ଭଞ୍ଜ ନାମରେ ଜଣେ ରାଜା ଖ୍ରୀ: ୧୩୫୪ ରୁ ୧୩୭୯ ଖ୍ରୀ: ପର୍ଯ୍ୟନ୍ତ କେନ୍ଦୁଝରରେ ରାଜା ଥିଲେ । ଏହି ରାଜା ଶ୍ରୀଧର ଭଞ୍ଜ ଢେଙ୍କା ଶବର ସହିତ ଯୁଦ୍ଧରେ ଲିପ୍ତ ଥିଲେକି ନା ଗବେଷଣା ସାପେକ୍ଷ ଅଟେ । ମାତ୍ର ଏହା ନିଃସନ୍ଦେହରେ କୁହାଯାଇ ପାରେ ଯେ ଢେଙ୍କାନାଳ ଓ କେନ୍ଦୁଝର ରାଜ୍ୟଦ୍ୱୟ ପରସ୍ପର ପଡ଼ୋଶୀ ରାଜ୍ୟ ହୋଇ ଥିବାରୁ ବହୁ ସମୟରେ ଉଭୟ ରାଜ୍ୟ ମଧ୍ୟରେ ଯୁଦ୍ଧ ଲାଗି ରହିଥିଲା ।

ଶାରଳା ମହାଭାରତରେ ଲେଖା ଯାଇଛି ଯେ ଶିଖର ନାମକ ଜଣେ ଶବର ବିଶେଷ ତପସ୍ୟା ଫଳରେ ଶିବତ୍ୱ ପ୍ରାପ୍ତ ହୋଇ କପିଳାସ ପର୍ବତରେ ପୂଜା ପାଉଅଛି ।

"ଶିଖର ବୋଲି କରଣ ଏକଇ ଶବର
ସେହି ମୋତେ ସେବା କଲା ଅନେକ କଠୋର ।
ସେ ଶିଖର ଶବରକୁ ଭୋଳେ ଦେଲେ ବର
କପିଳାସବାସୀ ହେଲା ସେ ଶିଖରେଶ୍ୱର ।"

ତ୍ରିନାଥ ଓ ସ୍ୱାମୀ ନାମକ ଦୁଇଜଣ ଶବର ସେହି ଦିନଠାରୁ କପିଳାସରେ ଶିବ ପୂଜାର ଅଧିକାରୀ ଅଟନ୍ତି । କପିଳାସ ଭିନ୍ନ ଅନ୍ୟ କୌଣସି ସ୍ଥାନରେ ଦେବଦେବୀ ମନ୍ଦିରରେ ଶବରମାନଙ୍କର ସେବା ପୂଜା ଅଧିକାର ଦେଖାଯାଏ ନାହିଁ । ଏଥିରୁ ଜଣାଯାଏ ଯେ, ପଞ୍ଚଦଶ ଶତାବ୍ଦୀ ପୂର୍ବରୁ ଶବରମାନେ ହିନ୍ଦୁ ସମାଜର ନିକଟତର ହୋଇଥିଲେ । ସେମାନଙ୍କର ଶୌର୍ଯ୍ୟ, ବୀର୍ଯ୍ୟ, ଗାମ୍ଭୀର୍ଯ୍ୟ ଏବଂ ସ୍ୱାବଲମ୍ବୀ ପ୍ରଭୃତି ସମ୍ମାନର ଥିଲା ।

ଦ୍ୱାପର ଯୁଗରେ ଜରାଶବରର ଶରରେ ଭଗବାନ ଶ୍ରୀକୃଷ୍ଣ ପ୍ରାଣ ହରାଇ ଥିଲେ । ରାମ ରାବଣ ଯୁଦ୍ଧରେ ଉତ୍ତର ଭାରତରୁ ଆର୍ଯ୍ୟାଧିପତି ଶ୍ରୀରାମ, ଦକ୍ଷିଣ ଭାରତରେ ଦ୍ରାବିଡ଼ାଧିପତି ରାବଣକୁ ବିନାଶ କରିଥିବାରୁ ଦ୍ରାବିଡ଼ମାନେ ଆର୍ଯ୍ୟମାନଙ୍କ ପ୍ରତି ଅସୂୟା ପ୍ରଦର୍ଶନ କଲା ପରି; ଦ୍ୱାପର ଯୁଗରେ ଆର୍ଯ୍ୟାଧିପତି ଶ୍ରୀକୃଷ୍ଣଙ୍କୁ ଶବର ନୃପତି ଜରାଶବର ହତ୍ୟା କରିଥିବାରୁ ଆର୍ଯ୍ୟମାନେ ସେମାନଙ୍କ ସାହିତ୍ୟରେ ଶବର ଜାତିକୁ ଘୃଣା କରିଥିବା କଥା ବିଚିତ୍ର ନୁହେଁ । ଏଥିରୁ ଅନୁମିତ ହେଉଅଛି ଯେ, ଭାରତରେ ଆର୍ଯ୍ୟ, ଦ୍ରାବିଡ଼ ଓ ଶବର ବା ଆଦିବାସୀ ସଂସ୍କୃତି ମଧ୍ୟରେ ସର୍ବଦା ଦ୍ୱନ୍ଦ୍ୱ ଲାଗି ରହିଥିଲା ।

ଭୀଷ୍ମପର୍ବରେ ବର୍ଣ୍ଣିତ ହୋଇଅଛି ଯେ, କୁରୁକ୍ଷେତ୍ର ଯୁଦ୍ଧରେ ଯୋଗ ଦେବା ପାଇଁ ବର୍ବରୀକସେନ ନାମକ ଶବର ନୃପତି ଏକାନ୍ତ ଇଚ୍ଛୁକ ପ୍ରାର୍ଥୀ ହୋଇ ଥିଲେ । ବର୍ବରୀକସେନର ବଳବୀର୍ଯ୍ୟର ସନ୍ଧାନ ପାଇ ଶ୍ରୀକୃଷ୍ଣ ମହାପ୍ରଭୁ କପଟ କରି ସୁଦର୍ଶନ ଚକ୍ରରେ ତାହାର ଶିରୋଚ୍ଛେଦନ କରିଥିଲେ । ଏଥିରୁ ଜଣାଯାଏ ଯେ, ଆର୍ଯ୍ୟମାନେ କୁରୁକ୍ଷେତ୍ର ଯୁଦ୍ଧକୁ ଅନାର୍ଯ୍ୟ ବା ଶବର ବୀରମାନଙ୍କୁ ବରଣ କରି ନଥିଲେ । ଏହା ଯେ ଆର୍ଯ୍ୟମାନଙ୍କର ବର୍ଣ୍ଣବୈଷମ୍ୟ ନୀତିର ପ୍ରମାଣ ଏଥିରେ ସନ୍ଦେହ ନାହିଁ ।

ଦ୍ରୋଣ ଗୁରୁ ହସ୍ତିନାରେ କୁରୁକୁଳଙ୍କୁ ଧନୁର୍ବେଦ ଶିକ୍ଷା ଦେଉଥିବା ସମୟରେ ଏକଲବ୍ୟ ନାମକ ଶବର ଯୁବକ ଯୁଦ୍ଧ ବିଦ୍ୟା ଶିକ୍ଷା କରିବା ପାଇଁ ଗୁରୁ ଦ୍ରୋଣଙ୍କ

Digitized by srujanika@gmail.com

ଆଖଡ଼ା ଶାଳରେ ପଡ଼ାଶୁଣା, ଆର୍ଯ୍ୟ ପୁତ୍ର ସହିତ ଅନାର୍ଯ୍ୟ ଯୁବକଙ୍କ ସମ ଆସନରେ ବସି ଶିକ୍ଷାର୍ଜ୍ଜନ କରିପାରିବ ନାହିଁ ବୋଲି ତାହାକୁ ଫେରାଇ ଦିଆଗଲା । ଏଥିରୁ ଜଣାଯାଏ ଯେ ତତ୍‌କାଳୀନ ସମାଜରେ ଜାତିଭେଦ ଏପରି ପ୍ରବଳ ଥିଲା ଯଦ୍ୱାରା କିଶିକ୍ଷା କ୍ଷେତ୍ରରେ ମଧ୍ୟ ବର୍ଣ୍ଣବୈଷମ୍ୟ ନୀତି ଅନୁସୃତ ହେଉଥିଲା । ମହାଭାରତ ସମାଜରେ ଅନାର୍ଯ୍ୟ ପ୍ରତି ଆର୍ଯ୍ୟର ଏହି ଅକଥନୀୟ ଅତ୍ୟାଚାରରେ ଶବର ଜାତି ନିଜର ସହନଶୀଳତା ଗୁଣର ବଶବର୍ତ୍ତୀ ହୋଇ ଯେବେ ଆର୍ଯ୍ୟର ଏହି ଅନ୍ୟାୟର ପ୍ରତିଶୋଧ ନେବାପାଇଁ ଅସ୍ତ୍ର ଧାରଣ କରିଥାନ୍ତା ତେବେ ଆଜି ବୋଧେ ଭାରତର ଇତିହାସ ବଦଳି ଯାଇଥାନ୍ତା ।

କୁରୁ ସମ୍ରାଟ ଦୁର୍ଯ୍ୟୋଧନ ନିଜର ଭ୍ରାତୃବର୍ଗଙ୍କ ସହିତ ମୃଗୟା କରୁଥିବା ସମୟରେ ମାଣିକ୍ୟ ପର୍ବତର ପାଦଦେଶରେ ଏକ ପାଣି ଘାଟଠାରେ ଜରା ଶବରର ସ୍ତ୍ରୀ ଶ୍ରୀୟାର ରୂପ ଯୌବନ ସମ୍ଭାରରେ ପ୍ରଲୁବଧ ହୋଇଥିଲେ । ଯେଉଁ ସମୟରେ ଭାରତ ସମ୍ରାଟ ଲମ୍ପଟ, ଠିକ୍ ସେହି ସମୟରେ ଅନାର୍ଯ୍ୟ ଶବର ରାଜା କରାତସେନ, ବିଶ୍ୱସୁନ୍ଦରୀ ଦ୍ରୁପଦ ରାଜାଙ୍କ ପତ୍ନୀ ପଦ୍ମାବତୀଙ୍କୁ ଅଭୟ ପ୍ରଦାନ କରି ମାତୃଜାତିକୁ ସମ୍ମାନିତ କରିଛନ୍ତି । ଏହି ସବୁ ବାଖ୍ୟାରୁ ପାଠକେ ଆର୍ଯ୍ୟ ଅନାର୍ଯ୍ୟର ପ୍ରକୃତ ଅର୍ଥ ଖୋଜି ବାହାର କରିବା ଉଚିତ। ଶାବରୀ ସଂସ୍କୃତିରେ ମାତୃଜାତି ପ୍ରତି ଦୟା ଓ ଭଦ୍ର ବ୍ୟବହାର ପ୍ରଦର୍ଶନ କରିବା ଯେ, ଅପରିହାର୍ଯ୍ୟ ବିଧି ବିଧାନ ଥିଲା ଏକଥା କହିବା ବାହୁଲ୍ୟ ମାତ୍ର । ଶବର ଜାତିର ଏହି ମହୀୟସୀ ଗୁଣ ପାଖରେ ଅହଂକାରୀ ସଭ୍ୟ ମନୁଷ୍ୟର ଯେ ଶିରୋନତ ହୋଇଯାଏ ଏଥିରେ ସନ୍ଦେହ ନାହିଁ । ଏହିପରି ସ୍ୱଗୁଣ ସଂପନ୍ନ ଶବର ଜାତିକୁ ଅନାର୍ଯ୍ୟ, ଅସଭ୍ୟ, ବର୍ବର ବୋଲି କହିବା ପଛରେ କି ଯଥାର୍ଥତା ରହିଛି ତାହାହିଁ ଚିନ୍ତାର ବିଷୟ ଅଟେ ।

ତୃତୀୟ ପାଣ୍ଡବ ଅର୍ଜ୍ଜୁନ ବନବାସ କରୁଥିବା ସମୟରେ ମହ୍ଲାର ଦେଶର ଶବର ରାଜା ଚିନ୍ତା କର କନ୍ୟାକୁ ବିବାହ କରିଥିଲେ । ଏପରିକି ଅଜଗର ଶବର କନ୍ୟା ମୃଗାକ୍ଷୀଙ୍କୁ ଯଜାତି ବିବାହ କରିଥିଲେ । ଏଥିରୁ ଜଣାଯାଏ ଯେ ପୁରାଣ ଯୁଗରେ କ୍ଷତ୍ରିୟମାନେ ଶବର ରାଜାଙ୍କୁ କ୍ଷତ୍ରିୟୋଚିତ ସମ୍ମାନ ପ୍ରଦର୍ଶନ କରି ସେମାନଙ୍କ ସହିତ ସାମାଜିକ ବନ୍ଧନ ସ୍ଥାପନ କରୁଥିଲେ । ତେଣୁ ପୌରାଣିକ ବର୍ଣ୍ଣନାରେ ଶବର ଓ ଆର୍ଯ୍ୟ ମାନଙ୍କ ମଧ୍ୟରେ ସାମାଜିକ ବନ୍ଧନ, ସଭ୍ୟତା ଓ ଧର୍ମ ମଧ୍ୟରେ ଘନିଷ୍ଠ ସମ୍ପର୍କର ଉଲ୍ଲେଖ ଅଛି ।

ପୁରାଣ ଯୁଗକୁ ଛାଡ଼ି ଦେଲେ ଇତିହାସ ଯୁଗରେ ଯେ ଓଡ଼ିଶା ଶବର ଅଧ୍ୟୁଷିତ ରାଜ୍ୟ ଥିଲା ଏଥିରେ ସନ୍ଦେହ ନାହିଁ । କଳିଙ୍ଗର ଶବରମାନେ ବିଶ୍ୱାମିତ୍ରଙ୍କର ବଂଶଧର ବୋଲି ଦାବି କରନ୍ତି । ଐତରେୟ ବ୍ରାହ୍ମଣରେ ଶବରମାନେ ବିଶ୍ୱାମିତ୍ରଙ୍କ ବଂଶଧର ଓ ବହିଷ୍କୃତ ଗୋତ୍ର ବୋଲି ଉଲ୍ଲେଖ ଅଛି । ଶ୍ରୀ ଜଗନ୍ନାଥଙ୍କ ବିଶିଷ୍ଟ ସେବକ ଯୋଉ ମହାପାତ୍ରଙ୍କୁ ବୈଶ୍ୱାମିତ୍ରୀ ବୋଲି କୁହାଯାଏ । ଶ୍ରୀ ଜଗନ୍ନାଥ ଶବର ମନ୍ତ୍ରରେ ମଧ୍ୟ ପୂଜିତ ହୁଅନ୍ତି । ଯଣାଯାଏ ଯେ ମହାଭାରତ ଯୁଦ୍ଧ ରେ ପୁରୁଷୋତ୍ତମ କ୍ଷେତ୍ର ପରିତ୍ୟକ୍ତ ଅର୍ଜ୍ଜନ କଲା । ଶବର ରାଜା ବିଶ୍ୱାବସୁ ଫାଲ୍‌ଗୁନ ଶୁକ୍ଳ-ଦ୍ୱାଦଶୀ ତିଥିରେ ତାଙ୍କୁ ଜଳରୁ ଉଦ୍ଧାର କରି ନୀଳକନ୍ଦର ପର୍ବତରେ ପ୍ରତିଷ୍ଠା କରି ଜଗନ୍ନାଥ ରୂପେ ଆରାଧନା କଲେ ।

Digitized by srujanika@gmail.com

ଏହି ଶବରର ବଂଶଧରମାନେ ବର୍ତ୍ତମାନ ସୁଦ୍ଧା ଶ୍ରୀ ଜଗନ୍ନାଥଙ୍କ ଉପାସକ ଭାବରେ ରହି ଅଛନ୍ତି । ଦକ୍ଷିଣ କୋଶଳର ରାଜା ଇନ୍ଦ୍ରବଳ ବା ଇନ୍ଦ୍ରଦ୍ୟୁମ୍ନ ଜଗନ୍ନାଥ ମନ୍ଦିର ଓ ବିଗ୍ରହର ପ୍ରତିଷ୍ଠାତା ଅଟନ୍ତି । ଶ୍ରୀ ଜଗନ୍ନାଥ ବିଗ୍ରହ ଓ ଶ୍ରୀମନ୍ଦିରର ସ୍ଥାପୟିତା ହୋଇଛନ୍ତି ପୁରାଣ ଓ କିମ୍ବଦନ୍ତୀ କଥିତ ରାଜା ଇନ୍ଦ୍ରଦ୍ୟୁମ୍ନ । ସେ ଶବର ରଜା ବିଶ୍ୱାବସୁଙ୍କ ପୂଜିତ ବିଗ୍ରହକୁ ବଳାତ୍କାରରେ ଛଡ଼ାଇ ନେଇଥିଲେ ।

ଏହା ନିଃସନ୍ଦେହରେ କୁହାଯାଇ ପାରେ ଯେ, ହିନ୍ଦୁ ଧର୍ମ ଜଗତରେ ଶ୍ରୀଜଗନ୍ନାଥଙ୍କ ସ୍ଥାନ ଅଦ୍ୱିତୀୟ ଓ ପବିତ୍ରତା କ୍ଷେତ୍ରରେ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ପୃଥିବୀରେ ଅଦ୍ୱିତୀୟ । ହିନ୍ଦୁ ମାନେ ବିଶ୍ୱାସ କରନ୍ତି ଯେ ଦ୍ୱାପର ଯୁଗର ଦ୍ୱାରିକାପତି ନନ୍ଦସୁତ ଭଗବାନ ଶ୍ରୀକୃଷ୍ଣ, ବଳରାମ ଓ ସୁଭଦ୍ରା କଳିଯୁଗରେ ଶ୍ରୀକ୍ଷେତ୍ର ପୁରୀରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ରୂପରେ ପୂଜିତ ହେଉଛନ୍ତି । ସୁଦର୍ଶନ ଚକ୍ର ସୁଦର୍ଶନ ମୂର୍ତ୍ତି ରୂପରେ ରତ୍ନ ସିଂହାସନରେ ପୂଜିତ ହେଉ ଅଛନ୍ତି । ଲୋକେ ବିଶ୍ୱାସ କରନ୍ତି ଯେ ଜରାଶବରର ଶରାଘାତରେ ପ୍ରାଣ ହରାଇବା ପରେ ପାଣ୍ଡବମାନେ ତାଙ୍କର ମୃତ ଶରୀରକୁ ଶ୍ରୀକ୍ଷେତ୍ରକୁ ଆଣି ସ୍ୱର୍ଗଦ୍ୱାରରେ ଅପୋଡ଼ା ସ୍ଥାନରେ ଦାହ କରିଥିଲେ । ଶରୀରର ଅପୋଡ଼ା ଅଂଶକୁ ଶୂନ୍ୟ ନାଦ ଶୁଣି ସମୁଦ୍ରରେ ଭସାଇ ଦେଲେ । ଏହି ବ୍ରହ୍ମ ପଦାର୍ଥ ଇନ୍ଦ୍ରନୀଳ ମଣିମୟ ବୋଲି ରାମଦେବ ପ୍ରମାଣ କରି ଅଛନ୍ତି ।

ଋକ୍‌ବେଦରେ ମଧ୍ୟ ଶ୍ରୀଜଗନ୍ନାଥ ସମୁଦ୍ରରେ ଦାରୁ ରୂପରେ ଭାସମାନ ହେଉଥିଲେ ବୋଲି ସାୟଣାଚାର୍ଯ୍ୟଙ୍କ ଭାଷ୍ୟରୁ ପ୍ରମାଣ ମିଳେ ।

ଭାଗବତ, ବ୍ରହ୍ମ ପୁରାଣ, ବାମନ ପୁରାଣ, ମତ୍ସ୍ୟ ପୁରାଣ, କୂର୍ମ ପୁରାଣ ପ୍ରଭୃତିରେ ଇନ୍ଦ୍ରଦ୍ୟୁମ୍ନ ଜଣେ ଦ୍ରାବିଡ଼ ପାଣ୍ଡ୍ୟରାଜ ବୋଲି ବର୍ଣ୍ଣିତ ହୋଇ ଅଛନ୍ତି । ରାଜା ଇନ୍ଦ୍ରଦ୍ୟୁମ୍ନ ଅଶ୍ୱମେଧୀ ରାଜା ଇନ୍ଦ୍ରବଳ ଅଟନ୍ତି । ସେ ସୋମବଂଶୀୟ ରାଜା ଥାଇ କୋଶଳରେ ରାଜତ୍ୱ କରୁଥିଲେ ।

ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ନିର୍ଦ୍ଦେଶ କ୍ରମେ ବିଦ୍ୟାପତି ବ୍ରାହ୍ମଣ ଅରଣ୍ୟ ପଥରେ ନୀଳ-ମାଧବଙ୍କର ଅନୁସନ୍ଧାନ କରି କର୍ଣ୍ଣିଲୋଠାରେ ବିଶ୍ୱାବସୁ ଶବରର କନ୍ୟା ଲଳିତାଙ୍କୁ ବିବାହ କରି ଦାଅଁଙ୍କର ଠାବ କରିଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ସ୍ୱପ୍ନରେ ନୀଳମାଧବଙ୍କର ନିର୍ଦ୍ଦେଶ ପାଇ ଦକ୍ଷିଣ କୋଶଳର ରାଜଧାନୀ ଶ୍ରୀପୁରରୁ ଶ୍ରୀକ୍ଷେତ୍ର ପୁରୀ ଆସି ଶ୍ରୀମନ୍ଦିର ନିର୍ମାଣ ଓ ଶ୍ରୀବିଗ୍ରହ ପ୍ରତିଷ୍ଠାକରି ନିଜ ରାଜଧାନୀ ଶ୍ରୀପୁର ନାମର ସ୍ମୃତି ବର୍ଦ୍ଧନ ନିମନ୍ତେ ଏହି ସ୍ଥାନର ନାମ ଶ୍ରୀପୁରୀ ବା ଶ୍ରୀକ୍ଷେତ୍ର ପୁରୀ ରଖିଲେ ।

ଓଡ଼ିଶାରେ ଶ୍ରୀ ଜଗନ୍ନାଥ ଧର୍ମ ସଂସ୍କୃତି ଆର୍ଯ୍ୟ ଏବଂ ଆର୍ଯ୍ୟେତରଙ୍କ ମଧ୍ୟରେ ଏକ ମିଳନ ପୀଠ ଅଟେ । ଆର୍ଯ୍ୟପୁତ୍ର ବିଦ୍ୟାପତି ଓ ଅନାର୍ଯ୍ୟ ଶବର କନ୍ୟା ଲଳିତାଙ୍କ ଶୁଭପରିଣୟ, ଏହି ମିଳନର ସାକ୍ଷୀ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରାଚୀନ ଭାରତର ଧର୍ମ ଏବଂ ଆଧ୍ୟାତ୍ମିକ ଇତିହାସରେ ଶ୍ରୀ ଜଗନ୍ନାଥଙ୍କର ଏ ଦାନ ଅତୁଳନୀୟ ଅଟେ । ଶବର ଦେବତା ନୀଳମାଧବ ଶବରଙ୍କର ପର୍ଣ୍ଣକୁଟୀର ଛାଡ଼ି, [illegible] ଓ ଆଡ଼ମ୍ବରପୂର୍ଣ୍ଣ ଗମ୍ଭୀରା ଭିତରେ ପୂଜିତ ହେଲେ । ସାରା [illegible] ନୀଳମାଧ[illegible]

Digitized by srujanika@gmail.com

ବଣର ଫଳ ମୂଳ ଖାଇ ଝରଣାର ସୁଶୀତଳ ଜଳ ପାନ କରିବାକୁ ପୃହୁଁ ନଥିଲେ । ଆର୍ଯ୍ୟ ଅକୁଣ୍ଠିତ ଚିତ୍ତରେ ସୁନ୍ଦରୀ ଆଦିବାସୀ ରମଣୀ ଗ୍ରହଣ କଲାପରି, କମ୍ବା ବଳାତ୍କାରେ ଆଦିବାସୀ ଭୂମି ବୃତ୍ତି ଦଖଲ କରି ନେଲାପରି, ଆଦିବାସୀର ଇଷ୍ଟଦେବତା ନୀଳମାଧବଙ୍କୁ ନେଇ ଆସି ଜଗନ୍ନାଥ ନାମରେ ସମ୍ପୂନ୍ନତ ଆର୍ଯ୍ୟ ଧର୍ମ କ୍ଷେତ୍ର ସଂସ୍ଥାପନ କରି ତାହାକୁ ସେମାନ ମହାନ ମାନବ ଧର୍ମରେ ସଞ୍ଚିତ କରାଇଲେ । ଆଦିବାସୀର ଧର୍ମ ସଂସ୍କୃତି, ଧନ ଜୀବନ ଓ ଯୌବନ ଉପରେ ଆର୍ଯ୍ୟାକଟର ଏହା ଯେ ଅକୁଣ୍ଠ ଲୁଣ୍ଠନ ଏଥିରେ ସନ୍ଦେହ ନାହିଁ । କେବଳ ସେତିକ ନୁହେଁ, ଆର୍ଯ୍ୟମାନଙ୍କର ଯେଉଁ ସବୁ ମନ୍ଦିର ଶିଳ୍ପୋନ୍ନତ କରି ଅଦ୍ୟାବଧି ବିଦ୍ୟମାନ ରହି ଶିଳ୍ପସ୍ଥାପତ୍ୟରେ ଜଗତକୁ ଚମତ୍କୃତ କରୁଅଛି, ସେ ସବୁ ନିର୍ମାଣ କ୍ଷେତ୍ରରେ ଆଦିବାସୀ ମାନଙ୍କର ଅବଦାନ ଅଭୁଳନୀୟ ।

ଓଡ଼ିଶାର ଶବରମାନେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ କାୟିକ ପରିଶ୍ରମ କରି ବହୁ ଦୂରରୁ ବିରାଟ ପଥର ଖଣ୍ଡମାନ ବୋହି ଆଣିଥିଲେ । ତ୍ରେତା ଯୁଗରେ ବନ୍ୟପଶୁ-ବାନର, ଭଲ୍ଲୁକମାନେ ପର୍ବତରୁ ପଥର ବୋହିନେଇ ସମୁଦ୍ର ମଧ୍ୟରେ ଏକ ଭାସମାନ ସେତୁବନ୍ଧ ନିର୍ମାଣ କଲାପରି ନରବାନର ଶବରମାନେ ଶ୍ରୀମନ୍ଦିର ନିର୍ମାଣ ପାଇଁ ପଥର ଖଣ୍ଡମାନ ବୋହି ଆଣିଥିବା ଅସମ୍ଭବ ନୁହେଁ । ଆର୍ଯ୍ୟ ଜାତିର ଆତ୍ମ ପ୍ରତିଷ୍ଠାରେ ଆଦିବାସୀ ମାନଙ୍କର ଅକୁଣ୍ଠ ଧର୍ମ, ଧନ ଜୀବନ ଓ ଶ୍ରମଦାନ ବାସ୍ତବରେ ଜଗତର ହିତ ପାଇଁ ଦଧିଚି ଋଷିଙ୍କର ଅକାତର ଅସ୍ଥିଦାନଠାରୁ କେଉଁ ଗୁଣରେ ନ୍ୟୁନ ନୁହେଁ ।

ଆଦିମ ଅଧିବାସୀ ଶବର ମାନଙ୍କର ଦେବଦେବୀ ପୂଜାର ସବିଶେଷ ଅନୁଧ୍ୟାନ କଲେ ଜଣାଯାଏ ଯେ, ଜଗନ୍ନାଥ ନାନା ରୂପରେ କୌଣସି କୌଣସି ଆଦିବାସୀ ସଂପ୍ରଦାୟରେ ପୂଜିତ ହେଉ ଅଛନ୍ତି । ଶବରମାନେ ପୂଜା କରୁଥିବା ଜଙ୍ଗଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆଦିବିଗ୍ରହ ପରି ମନେ ହୁଏ । ଗଞ୍ଜାମ ଓ କୋରାପୁଟର ଶବରମାନେ ଯେଉଁ "କିଂଭୁଙ୍ଗ" ଦେବତାଙ୍କର ପୂଜା କରନ୍ତି ତାଙ୍କର ବିଗ୍ରହ କାଠରେ ନିର୍ମିତ ହୋଇ ବିଭିନ୍ନ ରଙ୍ଗରେ ଚିତ୍ରିତ ହୋଇଥାଏ । କିଂଭୁଙ୍ଗ ଅର୍ଥ ଜଗତର ନାଥ । ଏଥିରୁ ପ୍ରମାଣିତ ହେଉଅଛି ଯେ, ଶ୍ରୀଜଗନ୍ନାଥ ପ୍ରକୃତରେ ଆଦିମ ଅଧିବାସୀମାନଙ୍କର ଆରାଧ୍ୟ ଦେବତା ଅଟନ୍ତି । ଆର୍ଯ୍ୟ ଓ ଦ୍ରାବିଡମାନେ ପରବର୍ତ୍ତୀ ସମୟରେ ଆଦିମ ଅଧିବାସୀଙ୍କର ଶାବର ଧର୍ମରେ ଦୀକ୍ଷିତ ହୋଇ ଆଦିବାସୀ ଦେବତା ଜଗନ୍ନାଥଙ୍କୁ ସେମାନଙ୍କର ପରମ ଆରାଧ୍ୟ ଦେବତା ରୂପେ ଆରାଧନା କଲେ । ଏହାର ନିଦର୍ଶନ ସ୍ୱରୂପ ଶବର କନ୍ୟା ଲଳିତାର ପୁତ୍ର ଦଇତାପତି ନାମରେ ଖ୍ୟାତ ହୋଇ ଶ୍ରୀମନ୍ଦିରର ଭୋଗ ଚନ୍ଦନ ଦାୟିତ୍ୱରେ ନିଯୁକ୍ତ ହୋଇ ଆସି ଅଛନ୍ତି ଓ ବ୍ରାହ୍ମଣମାନେ ତାଙ୍କର ସେବାପୂଜା କାର୍ଯ୍ୟ ସମାପନା କରି ଅଛନ୍ତି । ଏଣୁ ଶ୍ରୀଜଗନ୍ନାଥ ଶବର ପୂଜିତ ନୀଳମାଧବଙ୍କର ହିନ୍ଦୁ ସଂସ୍କରଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

"ହରିବଂଶିୟ ବିରୁଦାବଳୀ ଲେଖନ" ପୋଥିରେ ଦାରୁବ୍ରହ୍ମ ପ୍ରତିଷ୍ଠା ବିଷୟରେ ରଚିତ ହୋଇଅଛି ଯେ, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଶୂନ୍ୟବାଣୀ ଆଜ୍ଞାମତେ ବିଶ୍ୱ ଶବର ମଥାରେ ପାଟ ଚମ୍ପୁଳା ଥୋଇ ତହିଁ ପରେ ବାରବ୍ରହ୍ମ ମୁଣ୍ଡାଇ ନିମ୍ମନ୍ତ୍ର ଉଚ୍ଚାରଣ କରି

Digitized by srujanika@gmail.com

ବାକି ମୁହାଣ ଠାରୁ ବଡ଼ ଦେଉଳର ଜଗମୋହନ ଠାକୁ ନେଇ ଆସିଥିଲେ ।

ମନ୍ତ୍ର – ଓଁ ଶବର ଶୁଦ୍ଧ କାରଣ
ଶ୍ରୀ ରସ ପ୍ରିୟ କାରକ
ଗୌରୀ ଦେବୀ ପୂଜସ୍ୟ
ବ୍ରହ୍ମ ଦାନା ଧ୍ୟକ୍ଷ ।"

ଏଥିରୁ ଅନୁମିତ ହେଉଛି ଯେ ଆର୍ଯ୍ୟ ଓ ଦ୍ରାବିଡ଼ ମାନଙ୍କ ଠାରୁ ଶବର ମାନେ ଶ୍ରୀ ଜଗନ୍ନାଥଙ୍କର ନିକଟତମ ଓ ଆତ୍ମୀୟ ଅଟନ୍ତି । ତେଣୁ ଶ୍ରୀ ଜଗନ୍ନାଥ ଧର୍ମ ସଂସ୍କୃତି ଶବରୀ ସଂସ୍କୃତି ନାମରେ ଖ୍ୟାତ ଅଟେ ।

ବେଦ ପୁରାଣ ଶାସ୍ତ୍ରରେ ଶବର ଜାତି ଆଦିମ ଅଧିବାସୀ ହୋଇଥିବାରୁ ଏବଂ ଏମାନେ ବୈଦିକରଣୀ ସଭ୍ୟତାର ଅନ୍ତର୍ଗତ ହୋଇଥିବାରୁ ଏହି ସଭ୍ୟତା ଓ ଧର୍ମ ଯେ ଆର୍ଯ୍ୟ ଦ୍ରାବିଡ଼ ସଭ୍ୟତା ଓ ଧର୍ମଠାରୁ ପ୍ରାଚୀନତମ ଏଥିରେ ସନ୍ଦେହ ନାହିଁ । ପୌରାଣିକ ମତରେ ସତ୍ୟ ଯୁଗର ଯାଜ୍ଞିକ ନୃପତି ଶ୍ୱେତ ରାଜା କଳି ଯୁଗରେ ରାଜା ଇନ୍ଦ୍ରବଳ ବା ଇନ୍ଦ୍ରଦ୍ୟୁମ୍ନ ନାମରେ ଜନ୍ମହୋଇ କୋଶଳ ଦେଶର ନୃପତି ଥାଇ ଶବର ମାନଙ୍କ ସହାୟତାରେ ଶ୍ରୀ ମନ୍ଦିର ନିର୍ମାଣ ଓ ଶ୍ରୀ ଦାରୁବିଗ୍ରହ ପ୍ରତିଷ୍ଠା କରିଥିଲେ ।

ଋକ୍ ବେଦରେ ଶ୍ରୀ ଜଗନ୍ନାଥଙ୍କର ଆବିର୍ଭାବ ବିଷୟ ବର୍ଣ୍ଣିତ ହୋଇଥିବାରୁ ଅନୁମାନ କରାଯାଏ ଯେ ପ୍ରାକ୍ ଆର୍ଯ୍ୟ ଯୁଗରେ ଜଗନ୍ନାଥ ଏ ଦେଶରେ ପୂଜିତ ହେଉଥିଲେ । ଇନ୍ଦ୍ରନୀଳମଣି ମୟୀ ବ୍ରହ୍ମମୂର୍ତ୍ତି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ସ୍ଥାପିତ ହୋଇଅଛନ୍ତି ।

ରାଜା ଇନ୍ଦ୍ରଦ୍ୟୁମ୍ନ ଦ୍ରାବିଡ଼ ବଂଶଧର ଥାଇ କୋଶଳ ରାଜତ୍ୱ କରୁଥିଲେ । ଏହି ସମୟରେ ଶବରମାନେ ଶିବଭକ୍ତ ଥାଇ ଶ୍ରୀଜଗନ୍ନାଥଙ୍କୁ ଭୈରବ ଭାବରେ ପୂଜା କରୁଥିଲେ । କଥିତଅଛି ନୀଳମାଧବ ବ୍ୟାଘ୍ର ଗୁମ୍ଫା ଭିତରେ ରହି ବିଶ୍ୱାବସୁ ଶବର ଦ୍ୱାରା ପୂଜିତ ହେଉଥିଲେ ।

ଶବରମାନେ ବ୍ୟାଧ ରୂପେ କଥିତ ହେଲେହେଁ ସେମାନେ ଧନୁର୍ବେଦର ଅଧିକାରୀ ହୋଇଥିବାରୁ କ୍ଷତ୍ରିୟ ଭବାପନ୍ନ ଅଟନ୍ତି । ତେଣୁ ଶବର ନୃପତି ବିଶ୍ୱାବସୁ ଶ୍ରୀକ୍ଷେତ୍ର ପୂର୍ବରେ ଦାରୁବ୍ରହ୍ମ ପ୍ରତିଷ୍ଠା ସମୟରେ ବ୍ରାହ୍ମଣ ଓ କ୍ଷତ୍ରିୟ ମାନଙ୍କ ପରି ସମ ଆସନର ଅଧିକାରୀ ହୋଇଅଛି । ମାନବ ସମାଜର ସୁରକ୍ଷା ଓ ବିକାଶ ଦିଗରେ ବେଦ ପ୍ରତିଷ୍ଠା ପାଇଁ ବ୍ରାହ୍ମଣ ଧର୍ମର ଗୁରୁତ୍ୱ ଯେପରି ଅପରିହାର୍ଯ୍ୟ ରାଜ୍ୟ ରକ୍ଷା କ୍ଷେତ୍ରରେ ଧନୁର୍ବେଦୀ ଶବର ମାନଙ୍କର ଦାୟିତ୍ୱ ସେହିପରି ଅତୁଳନୀୟ । ବ୍ରାହ୍ମଣ ଓ ଶବର ଶକ୍ତି ଦ୍ୱୟ ଧର୍ମ ସଂସ୍ଥାପନ ଓ ଦେଶରକ୍ଷା ପାଇଁ ରାଜଶକ୍ତିର ଦୁଇଗୋଟି ବାହୁ ସଦୃଶ । ତେଣୁ ଶ୍ରୀମନ୍ଦିରରେ ବ୍ରାହ୍ମଣ ପୂଜକ ଓ ଶବର ପାଚକ ମଧ୍ୟରେ ନିବିଡ଼ ସଂପର୍କ ସ୍ଥାପନ କରି ଯାଇଅଛି । ଏଠାରେ ଶବର

Digitized by srujanika@gmail.com

ମଣ୍ଡିତ ଯା'ରୂପେ ପୂର୍ଣ୍ଣଚନ୍ଦ୍ର ପ୍ରଭା
ମହାଦେବୀ ଦେବ ଯଜନ ସମ୍ଭବା ।
ବସନ୍ତ ପାଞ୍ଚମୀରେ ବିରଜା ସୁନ୍ଦରୀ
ନମୋର ସ୍ତୋତ୍ର ସେଧେ ଯଥା ବନ୍ଦେଶ୍ୱରୀ ।
ଗୋନାସିକା-ଗିରି ପୂତ ଝରୁ ଜାତ
ଯାର ସ୍ରୋତ, ମହା ବଇତ ଆଖ୍ୟାତ ।
ମହାବିଷୁବ ସ୍ନାନେ ପୁଣ୍ୟ ଯାର ନୀର,
ଯଶଖା ଜଙ୍ଗଲେ ଆଢ୍ୟ ନଇଖର ।
ସେହି ବୈତରଣୀ ଅଗ୍ରତେ ଭୂମ୍ବର,
ବନ୍ଧ ବନ୍ଧୁ, ଭକ୍ତେ ଦେବୀଙ୍କ ପୟୂର ।
ବାହାରିଲେ ବ୍ରହ୍ମକୁଣ୍ଡୁଁ ବିରଜା ସୁନ୍ଦରୀ
ଦେବଯଜ୍ଞେ ପୂତମନା ବୈତରଣୀ ତୀରେ
ଆଜ୍ୟପାତ୍ର ନମ୍ରଦେବୀ ବୀଣାଦୋନ୍ଧ କରେ ।
ଝଜ୍ଜଳର ବେଗେ ଗଲେ ଉଡ଼େଇ ପଲକେ
ସେ ଅନଳକୁ ଉଷୁନେଇ ସେ ଆଜ୍ୟେ ମିଶାଇ
ରଚି ହବ୍ୟାଞ୍ଜଳି ତହିଁ ଦେବ ହବ୍ୟବାହ

× × ×

ଏହି ସେ ଅଞ୍ଜନ, ଯାହା ଏ ଦ୍ୱୈପାୟନ ଋଷି
ଦେଇଥିଲେ ସଞ୍ଜୟଙ୍କୁ ଏ ଅଞ୍ଜନ ଯୋଗେ
ଦୂର କୁରୁକ୍ଷେତ୍ର ରଣ ଦେଖି ସ୍ୱ ନୟନେ
କହିଥିଲେ ବାର୍ତ୍ତା ଭୂମ୍ବ ଜ୍ୟେଷ୍ଠ ଭ୍ରାତ ପଦେ ।

ବିରଜା ଦେବୀ ଯଜ୍ଞାନଳରୁ ବାହାରିଥିବାର କଥା ବିରଜା ମହାତ୍ମ୍ୟରେ ବର୍ଣ୍ଣିତ ଅଛି । ଏଥିରୁ ଅନୁମିତ ହୁଏ ଯେ ପ୍ରାକ ଆର୍ଯ୍ୟ କାଳରୁ ବୈତରଣୀ ସଭ୍ୟତାର ପ୍ରାଣକେନ୍ଦ୍ର ବିରାଜା ମଣ୍ଡଳ ପ୍ରାଚୀନ ପ୍ରସିଦ୍ଧି ଲାଭ କରି ସିନ୍ଧୁ-ଗାଙ୍ଗେୟ ସଭ୍ୟତା ଠାରୁ ଅନନ୍ୟତର ଥିଲା । ଏହି ମହାନ କ୍ଷେତ୍ରର ପ୍ରସିଦ୍ଧି ପ୍ରତିଷ୍ଠା କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ।

—o—

Digitized by srujan ka@gmail.com

ତୃତୀୟ ପରିଚ୍ଛେଦ

କୀର୍ତ୍ତିରାଜି ଯଜ୍ଞଭୂମି

ପ୍ରାଚୀନ କଳିଙ୍ଗ ରାଜ୍ୟ ଉତ୍ତରରେ ଗଙ୍ଗା ମୁହାଣଠାରୁ ଦକ୍ଷିଣରେ ଗୋଦାବରୀ ମୁହାଣ ଯାଏ ସମୁଦ୍ର ଉପକୂଳରେ ବିସ୍ତୃତ ଥିଲା ଓ ତାହାର ପୃଷ୍ଠ ଦେଶରେ ଥିଲା ବନବନାନୀ ପର୍ବତ ସମାକୀର୍ଣ୍ଣ ଭୂଖଣ୍ଡ ମାଳଭୂମି । ମାତ୍ର କେତେକ ଐତିହାସିକ ଗଙ୍ଗାନଦୀ ପରିବର୍ତ୍ତେ ବୈତରଣୀ ନଦୀକୁ କଳିଙ୍ଗ ରାଜ୍ୟର ଉତ୍ତର ସୀମା ରୂପେ ନିର୍ଣ୍ଣୟ କରିଥାନ୍ତି । ଗଙ୍ଗା ମୁହାଣ ସମୀପରେ ଲୋମଶ ଋଷୀ ଯୁଧିଷ୍ଠିରଙ୍କୁ କଳିଙ୍ଗ ରାଜ୍ୟ ପ୍ରତି ଲକ୍ଷ କରି କହିଛନ୍ତି—"ଏଠାରୁ ହେଉଅଛି କଳିଙ୍ଗ ଜନତାଙ୍କ ରାଜ୍ୟ ଯେଉଁ ରାଜ୍ୟରେ ବୈତରଣୀ ନଦୀ ପ୍ରବାହିତ ।" ଲୋମଶ ଋଷୀ ବୈତରଣୀ ନଦୀ ତୀରବର୍ତ୍ତୀ ଭୂମିରେ ଆଦିଜନମାନେ ବହୁକାଳରୁ ବାସ କରୁଥିବା ବିଷୟ ବ୍ୟକ୍ତ କରିଥିଲେ । ମାତ୍ର ବୈତରଣୀ ନଦୀକୁ କଳିଙ୍ଗ ରାଜ୍ୟର ଉତ୍ତର ସୀମା ରୂପେ ନିର୍ଦ୍ଧାରିତ କରିବା ଠିକ ହେବ ନାହିଁ ।

ମହାଭାରତ ବର୍ଣ୍ଣନାନୁସାରେ ବୈତରଣୀ ନଦୀ କୂଳରେ ଦକ୍ଷଙ୍କ ଯଜ୍ଞ ଭଙ୍ଗ କରାଯାଇଥିଲା । ମୟୂରଭଞ୍ଜର ତାମ୍ର ଶାସନରୁ ଜଣାଯାଏ ଯେ 'ଭବଭକ୍ତାମୀଶଃ' ରାଜ୍ୟ ବୈତରଣୀ ତୀର ପ୍ରଦେଶରେ ଦକ୍ଷ ଅନ୍ୟ କୌଣସି ଯଜ୍ଞ ଆରମ୍ଭ କରି ଶିବଙ୍କୁ ବରଣ ନ କରିବାରୁ ଶିବ କ୍ରୋଧ ହୋଇ ସେହି ଯଜ୍ଞ ଭଙ୍ଗ କରିଥିଲେ । ସେତେବେଳେ ବୈତରଣୀ କୂଳରେ କଳିଙ୍ଗମାନେ ବାସ କରୁଥିବା କୁହାଯାଇଛି । ବୈତରଣୀ ନଦୀ ତୀରରେ ଅବସ୍ଥିତ କେନ୍ଦୁଝର ରାଜ୍ୟ ଯମଗର୍ତ୍ତ ମଣ୍ଡଳ ନାମରେ ଅଭିହିତ ଥିବାର ପ୍ରାଚୀନ ତାମ୍ର ଶାସନରୁ ଜଣାଯାଏ । ସେଠାରେ 'ଯମ' ସାଧନା କରାଯାଉଥିଲା । ଏହି ସାଧନାରେ ସାଧକର ଶରୀର କାଟି ଚେକଣାର କରାଯାଉଥିବାର ଅନୁମିତ ହୁଏ । ଯାହାର ଜଳ ବହୁ ପ୍ରକାର ରକ୍ତମୟ ହୋଇଥିଲା । ସେହି ବୈତରଣୀ ପାର ହୋଇ ତପ୍ତ ବାଲୁକାରେ ଭଗ୍ନୀମାନେ ଛାଟି ଛାଟି ଗତି କରୁଥିବାର ରାବଣ ଦେଖିଥିବା କଥା ରାମ ପୁରାଣରେ ବର୍ଣ୍ଣିତ ହୋଇଅଛି ।

ସୃଷ୍ଟିର ପୂର୍ବରୁ ଅନ୍ଧକାର ଥିଲା ଓ କେବଳ ବ୍ରହ୍ମରୁ ସୃଷ୍ଟି ଜାତ ହୋଇ ଦୀର୍ଘତମା ଋଷୀ ନିଜ ସୂକ୍ତରେ ରଚନା କରିବାରୁ ବୈତରଣୀ ନଦୀ କୂଳରେ ନର ନାରୀଙ୍କ ମଧ୍ୟରେ ଗଙ୍ଗା ବା ଗାନ୍ଧର୍ବ ବିବାହ ପ୍ରଚଳିତ ହୋଇଥିଲା । ତେଣୁ ପ୍ରମାଣିତ ଭାବରେ କୁହାଯାଇଅଛି ଯେ ଦୀର୍ଘତମା ଋଷୀ ଯମଗର୍ତ୍ତ ମଣ୍ଡଳରେ ଅବସ୍ଥାନ କରି ଯମ ସାଧନା ପୂର୍ବକ ସମାଜରେ ସର୍ବ ପ୍ରଥମ ଗାନ୍ଧର୍ବ ବିବାହ ବ୍ୟବସ୍ଥା ପ୍ରଚଳନ କରାଇ ଥିଲେ । ପୌରାଣିକ ଯୁଗରେ ବୈତରଣୀ ଅବବାହିକା ପ୍ରସିଦ୍ଧି ଲାଭ କରି ଯମଗର୍ତ୍ତ ମଣ୍ଡଳ ନାମରେ ଖ୍ୟାତ ଥିଲା ।

Digitized by srujan ka@gmail.com

ବରାହେଶ୍ୱର

ଓଡ଼ିଶାରେ ସପ୍ତମ ଶତାବ୍ଦୀରେ ଭୌମ ବଂଶ ରାଜ୍ୟ ଶାସନ କରୁଥିଲେ । ଆହୋମ (ଆସାମ) ସହିତ ଏହି ରାଜବଂଶର ବୈବାହିକ ଓ ସାଂସ୍କୃତିକ ସମ୍ପର୍କ ରହିଥିଲା । ଆହୋମମାନଙ୍କ ପୂର୍ବରୁ ଆସାମର ନାମ ଥିଲା କାମରୂପ । ଭୌମମାନଙ୍କ ସମସାମୟିକ କାଳରେ ଆହୋମରେ ସାମନ୍ତ ତନ୍ତ୍ର ଶାସନ-ନୀତି ପ୍ରଚଳିତ ଥିଲା । କେତେ ଜଣ ସାମନ୍ତଙ୍କ ପରାମର୍ଶରେ ରାଜା ଶାସନ ପରିଚାଳନା କରୁଥିଲେ । ସେହି ସମୟରେ ଓଡ଼ିଶାରେ ଭୌମ ଶାସନ କାଳରେ ସାମନ୍ତ ତନ୍ତ୍ର ଶାସନ ନୀତି ମଧ୍ୟ ପ୍ରବର୍ତ୍ତିତ ହୋଇଥିଲା ।

ଭୌମ ରାଜା "ଶାନ୍ତିକର"ଙ୍କ ମୃତ୍ୟୁ ପରେ ଭୌମ କୁଳରେ ପୁତ୍ର ନ ଥିବାରୁ "ତ୍ରିଭୁବନ ଦେବୀ" ଭୌମ ସିଂହାସନରେ ବସିଲେ । ଏହି ବଂଶର ରାଣୀ ବକୁଳ ମହାଦେବୀ ମଧ୍ୟ ଭୌମ ସିଂହାସନରେ ବସିଥିଲେ । ସେ ଭଞ୍ଜ ରାଜ କନ୍ୟା ଥିଲେ । ଏହି ସମୟରେ ଭୌମ ରାଜ୍ୟ ଦକ୍ଷିଣରେ ଶୈଳୋଦ୍ଭବ ଶାସିତ କଙ୍ଗୋଦ ମଣ୍ଡଳ ଯାଏ ପ୍ରସାରିତ ହୋଇ "ଗୁହେଶ୍ୱର ପାଟକ" ବା ଆଧୁନିକ ଯାଜପୁର । ଏହାର ଗୌରବମୟ ରାଜଧାନୀ ଥିଲା । ଏଠାରେ ବରାହେଶ୍ୱର ସୟମ୍ଭୁ ଅଟନ୍ତି । କେଶରୀ ବଂଶ ଶାସନ କାଳରେ ଏଠାରେ ଦଶାଶ୍ୱମେଧ ଘାଟ ପ୍ରତିଷ୍ଠା, ସପ୍ତମାତୃକା ମୂର୍ତ୍ତି ସ୍ଥାପନ, ବିରଜା ମନ୍ଦିର ନିର୍ମାଣ ଓ ଶୁଭସ୍ତମ୍ଭ କୀର୍ତ୍ତିରାଜି ଅଦ୍ୟାବଧି ରହିଅଛି ।

ଭାରତର ଅନ୍ୟତମ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ଓ ପ୍ରାଚୀନ ଓଡ଼ିଶାର ରାଜଧାନୀ ଏହି ଯାଜପୁର ଆଜ ଯେପରି ଅବହେଳିତ ହୋଇ ପଡ଼ି ରହିଛି ତାହା ଦେଖିଲେ ଏ ଜାତିର ଯେ ମୁକବୁଆ ଭୁଷୁଡ଼ି ଯାଇଛି ଏଥିରେ ସନ୍ଦେହ ରହେନାହିଁ । ଏହି ଐତିହ୍ୟପୂର୍ଣ୍ଣ ସ୍ଥାନର ସାମଗ୍ରିକ ଉନ୍ନତି ଆମର ଧ୍ୟେୟ ହେବା ବିଧେୟ ଅଟେ । ଏହା ଭୌମ ଓ କେଶରୀ ବଂଶର କୀର୍ତ୍ତି ସ୍ତମ୍ଭର ମିଳନ ପୀଠ, ଶୈବଶାକ୍ତ କ୍ଷେତ୍ରର ପେଣ୍ଠ ଭୂମି ।

ଆଖଣ୍ଡଳେଶ୍ୱର

ଅନନ୍ତ କୋଣକଙ୍କ କୋଳରେ ଧରି ବୈତରଣୀ ନଦୀ ସାଗର ସଙ୍ଗମ କରିଅଛି । ଆଖଣ୍ଡଳେଶ୍ୱର ବା ଆଖଣ୍ଡଳମଣି ଶେଷ ପାଦ ଲିଙ୍ଗ ଅଟନ୍ତି । ସର୍ବ ପ୍ରଥମେ ଏହି ଲିଙ୍ଗଙ୍କୁ ଆଖଣ୍ଡଳ ବା ଇନ୍ଦ୍ର ପୂଜା କରି ରାଜ୍ୟ ପ୍ରାପ୍ତ ହୋଇଥିବାରୁ ଲିଙ୍ଗଙ୍କର ନାମ ଆଖଣ୍ଡଳେଶ୍ୱର ହୋଇ ଅଛି । ବାଲେଶ୍ୱର ଜିଲ୍ଲାର ଭୁଇଁପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆରଡ଼ି ଗ୍ରାମରେ ଏହି ମନ୍ଦିର ବିଦ୍ୟମାନ । ଏଠାରେ ସର୍ପ ଦଂଶନ କଲେ ଲୋକେ ଆଖଣ୍ଡଳମଣିଙ୍କ ପାଦୁକା ପାନ କରାଇ ରୋଗୀକୁ ଭଲ କରିଥାନ୍ତି । ଶୁଣାଯାଏ ଆଖଣ୍ଡଳମଣିଙ୍କ ଶଙ୍ଖ କୁଣ୍ଡରେ ସଞ୍ଚିତ ଥିବା ପାଦୁକା କଂସା ପାତ୍ରରେ ପାନ କରାଇଲେ ବିଷ ହରଣ ହୋଇଥାଏ । ଏହି ଲିଙ୍ଗ ପରଶମଣି ଅଟେ । ଆଖଣ୍ଡଳ ଏହି ପ୍ରକାର ମଣି ନିଜର ରାଜମୁକୁଟରେ ଧାରଣ କରିଥାନ୍ତି ।

Digitized by srujanika@gmail.com

ପ୍ରାୟ ୨୫୦ ବର୍ଷ ଧରି ଆଖଣ୍ଡମଣି ଆଡ଼େ ଗ୍ରାମରେ ପୂଜିତ ହୋଇ ଆସୁଅଛନ୍ତି । ବର୍ତ୍ତମାନର ମନ୍ଦିର କନକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ନିର୍ମାଣ କରାଇ ଥିଲେ । ଏଠାକୁ ଯିବାକୁ ମଟର ରାସ୍ତା ଓ ଜଳପଥ ରହିଅଛି । ବୈତରଣୀ ନଦୀର ଆପାଦ ମସ୍ତକ ଶିବଶକ୍ତି ପୂଜାରେ ପରିପୂର୍ଣ୍ଣ ହୋଇଥିବାରୁ ଭଞ୍ଜ ରାଜବଂଶ ଯେ "ଭବଭବାମଶଃ" ଥିଲେ ଏହା ତାହାର ପ୍ରମାଣ ଅଟେ ।

କୋଣାକେଶ୍ୱର

କୋଣକେଶ୍ୱର ବା କୁଶକେଶ୍ୱର ମହାଦେବ ପ୍ରତ୍ୟକ୍ଷ ଫଳଦାୟକ ଅଟନ୍ତି । ଆନନ୍ଦପୁର ଠାରୁ ୮ କି: ମି: ଦୂରରେ କୁଶଭଦ୍ରା ନଦୀ ଉପକଣ୍ଠରେ ଅବସ୍ଥିତ ଦେଓଗାଁ ଗ୍ରାମ । କଳକଳ ନିନାଦୀ ତୀର ପ୍ରବାହମାନା-ଖରସ୍ରୋତା ଗିରି ନିର୍ଝରିଣୀ-କୁଶଭଦ୍ରା ନଦୀର ଶ୍ୟାମଳ କୃଷି କ୍ଷେତ୍ର ପରିଶୋଭିତ ଉପତ୍ୟକା-ନାଗେଶ୍ୱର, ଚମ୍ପକ, ବକୁଳ, ବରଓପ୍ତ, ଆମ୍ବ, ପଣସ, ନଡ଼ିଆ, କଇଥା, ହରମଙ୍ଗା ପ୍ରଭୃତି ବୃକ୍ଷ ଶୋଭିତ ଏକ ପ୍ରାକୃତିକ ଉପବନ ମଧ୍ୟରେ କୋଣକେଶ୍ୱରଙ୍କର ମନ୍ଦିର ବିଦ୍ୟମାନ । ପ୍ରାଚୀନ କାଳରେ ଏହି ଶିବ ଲିଙ୍ଗର ପାଦୁକା ପାନ କରି କୁଷ୍ଠ ରୋଗୀ ଭଲ ହୋଇ ଯାଉ ଥିବାର ଜନଶ୍ରୁତି ପ୍ରଚଳିତ ଅଛି ।

କୁଶଭଦ୍ରା ନଦୀ କେନ୍ଦୁଝର ଜିଲ୍ଲାର କାଳିଆହତା ଗ୍ରାମପଞ୍ଚାୟତର ନେଧାସନ ପର୍ବତରୁ ବାହାରି ପ୍ରାୟ ୮୦ କି: ମି: ପ୍ରାକୃତିକ ଭୂମି ଅତିକ୍ରମ କରି ବାଟୋ ଗ୍ରାମଠାରେ ବୈତରଣୀ ନଦୀ ସହିତ ମିଶି ଅଛି । ଏହି ନଦୀର ଉଭୟ ତୀର ଦେଶ ଘନ କୁଶ ଶଯ୍ୟା ପୂର୍ଣ୍ଣ ହୋଇ ଥିବାରୁ ନଦୀର ନାମ କୁଶଭଦ୍ରା ଓ ଦେବଙ୍କର ନାମ କୋଣକେଶ୍ୱର ବା କୁଶକେଶ୍ୱର ହୋଇଅଛି । ଐତିହାସିକ ଦୃଷ୍ଟିକୋଣରୁ କେନ୍ଦୁଝର ପ୍ରାଚୀନ କୋଶଳ ରାଜ୍ୟ ଅନ୍ତର୍ଗତ ଥିବାର ନିଦର୍ଶନ ସ୍ୱରୂପ ଏହି ଲିଙ୍ଗଙ୍କର ନାମ କୋଣକେଶ୍ୱର ଅଟେ ।

କୋଣକେଶ୍ୱର ମନ୍ଦିରର ଆକୃତି କ୍ଷୁଦ୍ର ହେଲେହେଁ ଏଠାରେ ଦର୍ଶନ ଯୋଗ୍ୟ ଓ ଗବେଷଣା ସାପେକ୍ଷ କଳା ସ୍ଥାପତ୍ୟ ଓ ମୂର୍ତ୍ତିମାନ ରହିଅଛି । ଏହି ଲିଙ୍ଗ ସ୍ୱୟମ୍ଭୂ ଓ ଅର୍ଦ୍ଧ ଗୋଲାକୃତି ଅଟେ । ପାର୍ଶ୍ୱଦେବଙ୍କ ଗହଣରେ ଗଣେଶ, ଦୁର୍ଗା, କାର୍ତ୍ତିକେୟ, ଭୈରବ ମୂର୍ତ୍ତିମାନ ବିଦ୍ୟମାନ । ଏଠାରେ ଥିବା ଭୈରବ ଓ କାର୍ତ୍ତିକେୟ ମୂର୍ତ୍ତି ନିର୍ମାଣ କୌଶଳ ବିରଳ ପ୍ରକାରର ଅଟେ ।

ଭୈରବ ମୂର୍ତ୍ତି

ଏଠାରେ ଏକ ଗୋଡ଼ରେ ଦଣ୍ଡାୟମାନ ପାଷାଣ ଭୈରବ ମୂର୍ତ୍ତିଙ୍କର ନାମ ଘଣ୍ଟାକର୍ଣ୍ଣ ହୋଇ ଥିଲେହେଁ କର୍ଣ୍ଣର ଆକୃତି ଘଣ୍ଟା ସଦୃଶ୍ୟ ନୁହେଁ । ଏହି ଘଣ୍ଟା କର୍ଣ୍ଣ ଭୈରବ ସବ ବ୍ୟାଧି ନିବାରକ, ସର୍ବୋପଦ୍ରବ୍ୟ ସଂହାରକ ଏବଂ ମନ୍ଦିର ରକ୍ଷକ ରୂପେ କଥିତ ଅଟନ୍ତି । ଏହି ଭୈରବ ମୂର୍ତ୍ତି ଜୈନ ସିଦ୍ଧଙ୍କର ଯେ ନ ହୋଇଥିବ ଏକଥା କିଏ କହିବ ?

Digitized by srujanika@gmail.com

କାର୍ତ୍ତିକେୟ

ଏହି ମନ୍ଦିରରେ ଥିବା କାର୍ତ୍ତିକେୟ ମୂର୍ତ୍ତି ଅନ୍ୟ କୌଣସିଠାରେ ଦେଖା ଯାଏ ନାହିଁ । କାର୍ତ୍ତିକେୟଙ୍କ ଧ୍ୟାନମନ୍ତ୍ର ବର୍ଣ୍ଣନା ନିମ୍ନମତେ କରାଯାଇ ଅଛି :—

"କାର୍ତ୍ତିକେୟଂ ମହାଭାଗଂ ମୟୂରୋପରିସଂସ୍ଥିତଂ
ତପ୍ତ କାଞ୍ଚନ ବର୍ଣ୍ଣାଭଂ ଶକ୍ତି ହସ୍ତଂ ବରପ୍ରଦଂ ।
ଦ୍ୱିଭୁଜଂ ଶତ୍ରୁହନ୍ତାରଂ ନାନାଲଙ୍କାର ଭୂଷିତ
ପ୍ରସନ୍ନ ବଦନଂ ଦେବଂ ସର୍ବସେନା ସମାବୃତଂ ।"

କାର୍ତ୍ତିକେୟଙ୍କର ଛଅଗୋଟି ମୁଖଥିବାରୁ ତାହାଙ୍କର ନାମ ଷଡ଼ାନନ ଅଟେ । ତାହାଙ୍କର ଦ୍ୱାଦଶ ହସ୍ତ ଥାଏ । ମାତ୍ର ମନ୍ଦିର ମାନଙ୍କରେ ଅଙ୍କିତ କାର୍ତ୍ତିକେୟ ମୂର୍ତ୍ତି ଛଅ ମୁଖ ଓ ଦୁଇ ହସ୍ତ ବିଶିଷ୍ଟ ଅଟେ । ଦେବତା ମାନଙ୍କର ମୁଣ୍ଡର ଯେ ଦୁଇଗୁଣ ହସ୍ତ ହେବ ସେକଥା ସ୍ୱତଃସିଦ୍ଧ ନୁହେଁ । ବ୍ରହ୍ମା ଚାରିମୁଖ ହୋଇଥିଲେହେଁ ଅଷ୍ଟ ହସ୍ତ ବିଶିଷ୍ଟ ନୁହନ୍ତି । ବିଷ୍ଣୁ ଏକ ମୁଖ ହୋଇ ସୁଦ୍ଧା ଚତୁର୍ଭୁଜ ଅଟନ୍ତି । ଶିବ ପଞ୍ଚମୁଖ ହୋଇ ଥିଲେହେଁ ଦଶଭୁଜ ନୁହନ୍ତି । ଶିଳ୍ପକର ନିଜର କଳ୍ପନାନୁସାରେ ମାନସମୂର୍ତ୍ତିର ରୂପ ଅଙ୍କନ କରିଥାଏ । ମାତ୍ର ଏହି ମନ୍ଦିରରେ ଥିବା କାର୍ତ୍ତିକେୟ ମୂର୍ତ୍ତି କେଉଁ ଧ୍ୟାନ ଧାରଣା ଅନୁସାରେ ନିର୍ମିତ ତାହା ଗବେଷଣା ସାପେକ୍ଷ । ଏହାଙ୍କର ଏକମୁଖ ଓ ଚାରିବାହୁ ଅଟେ । ଦକ୍ଷିଣ ପ୍ରଥମ ହସ୍ତରେ ଶକ୍ତି ବା ଖଡ଼ଗ୍ ଦକ୍ଷିଣ ଦ୍ୱିତୀୟ ହସ୍ତରେ ମୟୂର ଚଞ୍ଚୁ ଗୃହୀତ ଗୋଟିଏ ବିକଶିତ ପଦ୍ମ ଫୁଲ, ପ୍ରଥମ ବାମ ହସ୍ତରେ ଭୂମି ସ୍ପର୍ଶ କରିଥିବା ଗଦା ବା ଲଗୁଡ଼, ଓ ଦ୍ୱିତୀୟ ବାମ ହସ୍ତରେ ଉପବିଷ୍ଟ ଗୋଟିଏ କୁକ୍କୁଟ ଧରି ରହିଅଛି । ମସ୍ତକରେ ଦେବ ପଟଳ ରହିଅଛି । ମୂର୍ତ୍ତି ଦଣ୍ଡାୟମାନ ଓ ସନ୍ନିକଟରେ ବାହାନ ମୟୂର ମଧ୍ୟ ଦଣ୍ଡାୟମାନ ।

ସ୍କନ୍ଦ ଦେବତା ହାତରେ ଏକ କୁକୁଡ଼ା ପକ୍ଷୀ ଧାରଣ କରିବା ଏକ ବିଚିତ୍ର ବ୍ୟାପାର ପରି ମନେ ହୁଏ । କାର୍ତ୍ତିକେୟଙ୍କର ଅନେକ ନାମ ମଧ୍ୟରୁ "କୃକବାକୁ-ଧ୍ୱଜ" ଅନ୍ୟତମ ନାମ ଅଟେ । "କୃକବାକୁ ଧ୍ୱଜ" ଶବ୍ଦର ଅର୍ଥ କୁକ୍କୁଟ ଏବଂ ମୟୂର ଅଟେ । ମହୀଧର ସ୍ପଷ୍ଟ ଲେଖିଛନ୍ତି :—

"କୃକବାକୁ ତାମ୍ର ଚୂଡ଼"

ସବିତାଙ୍କ ପକ୍ଷରେ ଏହି ପକ୍ଷୀ ପବିତ୍ର ଅଟେ । ଯାସ୍କଙ୍କ ଅର୍ଥରେ କୁକ୍କୁଟ ରାତ୍ରିର ବିନାଶ ଓ ସବିତାଙ୍କର କାଳାନୁବାଦ ବାର୍ତ୍ତା ପ୍ରଚାର କରି ସୁପ୍ତ ଜଗତକୁ ଜାଗ୍ରତ କରୁଥିବାରୁ ଏହା ସୂର୍ଯ୍ୟଙ୍କର ପ୍ରିୟ ପକ୍ଷୀ ଅଟେ । ଏହାର ନାମ କୃକବାକୁ ହେବାର କାରଣ ଏହି ଯେ ଏହି ପକ୍ଷୀ ପୂର୍ବଙ୍କୁ ଅନୁକରଣ କରେ ବା "କୃକ" ଶବ୍ଦ କରେ । ସୁତରାଂ କୃକବାକୁ ଧ୍ୱଜ ଶବ୍ଦର ଅର୍ଥ ଯେ କୁକ୍କୁଟ ଧ୍ୱଜ ଏଥିରେ ସନ୍ଦେହ ନାହିଁ । କାର୍ତ୍ତିକେୟ ଯେ କେବଳ ମୟୂର ବାହନା ନୁହେଁ,

Digitized by srujanika@gmail.com

ସେ ଭଳି ଜାଗ୍ରତ କୁକ୍କୁଟ ମଧ୍ୟ ଅନ୍ୟତମ ଅଟନ୍ତି । ଶିବଙ୍କ ପରିବାରରେ ଶିବ ସ୍ୱୟଂ ପାଳିତ ପଶୁର ରକ୍ଷକ ଭାବରେ, ପାର୍ବତୀ ସିଂହ ପ୍ରମୁଖ ବନ୍ୟ ପଶୁଙ୍କ ପାଳିକା ରୂପେ, ବଡ଼ ପୁଅ କାର୍ତ୍ତିକେୟ ମୟୂର କୁକୁଡ଼ା ପ୍ରମୁଖ ପକ୍ଷୀ ଜାତିର ପାଳକ ପରି ଏବଂ ସାନ ପୁଅ ଗଣେଶ ମୂଷା, ସରୀସୃପ ଗଣଙ୍କର ରକ୍ଷକ ଅଟନ୍ତି । ଏଣୁ ଶିବ ପରିବାର ପଶୁ ପକ୍ଷୀ ସରୀସୃପଙ୍କର ପାଳନ କର୍ତ୍ତା ଅଟନ୍ତି ।

ଦେଶର ଅନ୍ୟତ୍ର ଏହିରି ମୂର୍ତ୍ତି ଅଛି କି ନା ଗବେଷଣା ସାପେକ୍ଷ । ସୁଖ ମନ୍ଦିର ଗାତ୍ରରେ କୁକୁଡ଼ା ମୂର୍ତ୍ତି ସ୍ଥାନ ପାଇଲା ପରି ସେଠାରେ କୁକୁଡ଼ା ମୂର୍ତ୍ତି ସ୍ଥାନ ପାଇବାର ବିଶେଷ ବିଚିତ୍ରତା ନାହିଁ । ଏପରି କି ବୈଦିକ କର୍ମକାଣ୍ଡ ମତରେ ଅଶ୍ୱମେଧ ଯଜ୍ଞରେ ମଧ୍ୟ କୁକ୍କୁଟ ବଳିର ବ୍ୟବସ୍ଥା ରହିଅଛି । ଧନ୍ୟ କେନ୍ଦୁଝର ଧନ୍ୟ ତୋର ଗୌରବମୟ ଗରିମାରାଜି ।

ଝାଡ଼େଶ୍ୱର

ବୈତରଣୀ ନଦୀର ସମତଳ ଅବବାହିକାରେ ଅବସ୍ଥିତ ପ୍ରାଚୀନ ଆନନ୍ଦପୁର ସହରର ଦକ୍ଷିଣ ପାର୍ଶ୍ୱରେ ସରିପୁର ଗ୍ରାମର ଶ୍ମଶାନ ମଧ୍ୟରେ ଅବସ୍ଥିତ ଝାଡ଼େଶ୍ୱର ଶିବ ଲିଙ୍ଗ ମଧ୍ୟ ଲିଙ୍ଗ ନାମରେ କଥିତ । ନଦୀର ଆମ୍ରକାନନ ପରିଶୋଭିତ ଏକ ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ଏହି ମନ୍ଦିର ଅବସ୍ଥିତ । ଝାଡ଼େଶ୍ୱର ସ୍ୱୟମ୍ଭୂ ଲିଙ୍ଗ ଅଟନ୍ତି । ଏହି ଶିବ ମନ୍ଦିରର ଦକ୍ଷିଣ ପଶ୍ଚିମରେ ବିଶ୍ୱଗୁରୁ ବାଇଆ-ପାଗଳା ସିଦ୍ଧପୀଠ ସଇଲିଙ୍ଗ ମଠ ଅବସ୍ଥିତ । ଝାଡ଼ବଣ ମଧ୍ୟରେ ଅବସ୍ଥିତ ଝାଡ଼େଶ୍ୱର ପ୍ରଧାନ ଶୈବକ୍ଷେତ୍ର ଅଟେ । ଲୋକଶ୍ରୁତି ଅଛି ଯେ ୧୪୮୦ ଖ୍ରୀଷ୍ଟାବ୍ଦରେ ଆନନ୍ଦପୁରରେ ଦୀର୍ଘଦିନ ବସବାସ କରୁଥିବା ଏକ ପାଟର ପରିବାରରେ ଆନନ୍ଦ ଓ ପୂର୍ଣ୍ଣା ନାମକ ଦୁଇ ଜଣ ବାଳକ ବାଳିକା ପ୍ରତ୍ୟହ ବୈତରଣୀ ନଦୀ ପାର ହୋଇ ଆସି ଝାଡ଼ବଣ ମଧ୍ୟରେ ଅବସ୍ଥିତ ଝାଡ଼େଶ୍ୱରଙ୍କର ସେବା ପୂଜା କରୁଥିଲେ । ଏକଦା ଆନନ୍ଦପୁରର ଗୋଟିଏ ଶଙ୍କର ଜାତିର ବୁଢ଼ାର ଦୁଧିଆ ଗାଈ ହଜି ଗଲା । ସେ ଗାଈ ଖୋଜିଖୋଜି ଆସି ଦେଖିଲେ ଝାଡ଼ବଣରେ ଗୋଟିଏ ବିଲ୍ୱ ବୃକ୍ଷ ମୂଳରେ ଅର୍ଦ୍ଧଉନ୍ମୋଚିତ ଗୋଟିଏ ଶିବ ଲିଙ୍ଗ ରହିଅଛି । ଗାଈଟି ସେଠାରେ ଠିଆ ହୋଇଛି ଏବଂ ତାହାର ପହ୍ନାରୁ କ୍ଷୀର ଝରି ଲିଙ୍ଗରେ ପଡୁଅଛି । ସଙ୍କର୍ଷଣ ଦାସ ବୁଢ଼ା ଏହି ବିଚିତ୍ର ଦୃଶ୍ୟ ଦେଖି ଆନନ୍ଦିତ ହୋଇଗଲେ ଓ ସେହି ଦିନଠାରୁ ଆନନ୍ଦ ଓ ପୂର୍ଣ୍ଣାର ପରାମର୍ଶରେ ଝାଡ଼େଶ୍ୱରଙ୍କର ପୂଜା ଆରାଧନା କଲେ । ପରବର୍ତ୍ତୀ ସମୟରେ ଏହି ଆନନ୍ଦ ଓ ପୂର୍ଣ୍ଣାର ମିଳିତ ନାମରୁ ଆନନ୍ଦପୁର ନାମର ଉତ୍ପତ୍ତି ହେଲା । କେନ୍ଦୁଝରର ତତ୍କାଳୀନ ରାଜା ତ୍ରିଲୋଚନ ଭଞ୍ଜ ଝାଡ଼େଶ୍ୱରଙ୍କର ପୂଜା ଆରାଧନା ନିମନ୍ତେ ବିଜୟ ସ୍ଥଳୀରେ ଗୋଟିଏ ମଣ୍ଡପ ନିର୍ମାଣ କରାଇ ବ୍ରାହ୍ମଣ ପୂଜକ ନିଯୁକ୍ତ କରାଇଥିଲେ ।

Digitized by srujan ka@gmail.com

କରିଥିଲେ । କଳ୍ପକାଳ ପରେ ନଦୀ ବନ୍ୟାରେ ଏହି ମଣ୍ଡପ ଭାଙ୍ଗି ଯିବାରୁ ୧୮୫୦ ମସିହାରେ ରାଜା ଗଦାଧର ଭଞ୍ଜ ଆଉ ଗୋଟିଏ ମଣ୍ଡପ ନିର୍ମାଣ କରାଇ ଥିଲେ । ୧୮୮୦ ଖ୍ରୀଷ୍ଟାବ୍ଦରେ ରାଜା ଧନୁର୍ଜୟ ନାରାୟଣଭଞ୍ଜ ଏଠାରେ ମନ୍ଦିର ନିର୍ମାଣ କରାଇ ଥିଲେ । ମାତ୍ର ୧୯୨୭ ମସିହା ବନ୍ୟାରେ ସେହି ମନ୍ଦିର ଭାଙ୍ଗି ଯିବାରୁ ତାହାର ଇଟା ପଥରରେ ଛଟାରାୟ ଲକ୍ଷ୍ମୀନାରାୟଣ ଭଞ୍ଜ ବର୍ତ୍ତମାନର ମନ୍ଦିର ନିର୍ମାଣ କରାଇ ଅଛନ୍ତି ।

ଆନନ୍ଦପୁର ବହୁ ପ୍ରାଚୀନ ଯୁଗରୁ ଧର୍ମ, ଦର୍ଶନ, ଶିକ୍ଷା, ସଂସ୍କୃତି, ଭାଷା କ୍ଷେତ୍ରରେ ସବିଶେଷ ପ୍ରାଧାନ୍ୟ ଅର୍ଜନ କରି ଆସିଛି । ପ୍ରାଚୀନ କାଳରେ ଉତ୍ତର ଓ ଦକ୍ଷିଣ ଭାରତ ମଧ୍ୟରେ ପୂର୍ବ ଭାରତରେ ଅବସ୍ଥିତ ଆନନ୍ଦପୁର ଦେଇ ସ୍ଥଳ ପଥରେ ବାଣିଜ୍ୟ କାରବାର ହେଉଥିଲା । କେନ୍ଦୁଝର ରାଜ୍ୟର ପଣ୍ୟଦ୍ରବ୍ୟ ଗୁଡିକ ଆନନ୍ଦପୁରଠାରୁ ନଦୀ ପଥରେ ମଧ୍ୟ ଧାମରା ମୁହାଣ ଦେଇ ବିଦେଶକୁ ରପ୍ତାନି ହେଉଥିଲା । ଏତେବେଳେ ପ୍ରସ୍ତର ଯୁଗରୁ ଓ ଧାତବ ଯୁଗରୁ ଶାଳନ୍ଦୀ ବୈତରଣୀ ଅବବାହିକାରେ ଲୌହ, ତମ୍ବା, ମାଙ୍ଗାନିଜ ପ୍ରଭୃତି ଧାତୁର ଆଦ୍ୟ ବ୍ୟବହାର ପ୍ରଚଳିତ ହୋଇଥିଲା ।

ପୌରାଣିକ ବର୍ଣ୍ଣନାରୁ ଜଣାଯାଏ ଯେ ଆନନ୍ଦପୁରଠାରେ ବୈତରଣୀ ନଦୀର ତୀର ଦେଶରେ ଅବସ୍ଥିତ ସୁବିସ୍ତୃତ ବାଲୁକା ଭୂମି ମହାଶ୍ମଶାନ ନାମରେ କଥିତ । ଏଠାରେ କବନ୍ଧ ଦୈତ୍ୟର ନିଦାଣ ହୋଇଥିଲା । ଏହି ମହାଶ୍ମଶାନର ପୂର୍ବରେ ଅନତି ଦୂରରେ ମହାଶକ୍ତି ପୀଠ ଯାଜପୁର ଅବସ୍ଥିତ । ସପ୍ତମାତୃକା ବିରଜା, ଦଶାଶ୍ୱମେଧ ଘାଟ, ବିରଜା ଯଜ୍ଞକୁଣ୍ଡ, ଶୁଭସ୍ତମ୍ଭ ସମେତ ଅସଂଖ୍ୟ ଶୈବ ଶାକ୍ତ ମନ୍ଦିର ରହିଅଛି । ବରାହେଶ୍ୱର ନାଭିଲିଙ୍ଗ ଅଟନ୍ତି । ଏହାକୁ ନାଭିଗୟା ମଧ୍ୟ କୁହାଯାଏ । ଯାଜପୁର ପରି ଆନନ୍ଦପୁର ମଧ୍ୟ ପ୍ରାଚୀନତମ ଓ ଗୌରବମୟ ନଗ୍ର ଥିଲା ।

ଏହି ମହାଶ୍ମଶାନର ଉତ୍ତର ଦିଗରେ ଉତ୍ତରେଶ୍ୱର ଓ ଦକ୍ଷିଣ ଦିଗରେ ଝାଡେଶ୍ୱର ସ୍ୱୟମ୍ଭୂ ଲିଙ୍ଗ ଓ ମଧ୍ୟ ଦେଶରେ ବହ୍ନି ରକ୍ତ ରଞ୍ଜିତ ବୈତରଣୀର ଜଳଧାର ପ୍ରବାହିତ ହେଉଅଛି । ଏଠାରେ ଥିବା ବିଶାଳ ତପ୍ତ ବାଲୁକା ରାଶିରେ ମୁନିଋଷିମାନେ ପାଦରେ ଗୁଳାଗୁଳି ଅତିକ୍ରମ କରୁଥିବା ଦୃଶ୍ୟ ରାବଣ ଦେଖିଥିଲେ ବୋଲି ରାମାୟଣରେ ବର୍ଣ୍ଣିତ ହୋଇଅଛି । ଆନନ୍ଦପୁରର ପୂର୍ବରେ ଶାଳନ୍ଦୀ ନଦୀର ଅବବାହିକାରେ ଅବସ୍ଥିତ ଭାରତର ଅନ୍ୟତମ ଜୈନ୍ୟ ତୀର୍ଥ କ୍ଷେତ୍ର "ଚନ୍ଦ୍ରତୀର୍ଥ" ଓ ପ୍ରସିଦ୍ଧ ଶିଳାଲେଖ "ବୈଦାଖ୍ୟା" ବା "ବୌଦ୍ଧ ଆଖ୍ୟା" ଅବସ୍ଥିତ । ବର୍ତ୍ତମାନ ଏଠାରେ ଶାଳନ୍ଦୀ ନଦୀବନ୍ଧ ଯୋଜନା, ବିଦ୍ୟାଧରପୁର ଜଳ ଭଣ୍ଡାର ଓ ବିଖ୍ୟାତ ବୋଉଲା କ୍ରୋମାଇଟ ଖଣି ଅବସ୍ଥିତ ।

ପୌରାଣିକ ତଥା ପ୍ରାଗ୍ ଐତିହାସିକ ଯୁଗ ବ୍ୟତୀତ ଇତିହାସ ଯୁଗରୁ ମଧ୍ୟ ଆନନ୍ଦପୁରର ଗୌରବମୟ ଇତିହାସ ଭଞ୍ଜ ରାଜ ବଂଶକୁ ଉଜ୍ଜୀବିତ କରିଅଛି ।

Digitized by srujanika@gmail.com

କଥିତ ଅଛି ୧୪୮୦ ଖ୍ରୀଷ୍ଟାବ୍ଦରେ ଆନନ୍ଦପୁର ବା ଆଠଗଡ଼ ଖୋର୍ଦ୍ଧାର ଗଜପତି ପୁରୁଷୋତ୍ତମ ଦେବଙ୍କ ଶାସନ କାଳରେ ଖୋର୍ଦ୍ଧା ରାଜ୍ୟରୁ ଆସି କେନ୍ଦୁଝରର ରାଜା ଗୋବିନ୍ଦ ଭଞ୍ଜଙ୍କ ନେତୃତ୍ୱରେ କେନ୍ଦୁଝର ସହିତ ସାମିଲ ହୋଇଥିଲା ।

କେନ୍ଦୁଝରର ରାଜା ପ୍ରତାପ ବଳଭଦ୍ର ନାରାୟଣ ଭଞ୍ଜ ଆନନ୍ଦପୁର ରାଜବାଟୀରେ ଅବସ୍ଥାନ କରି ପ୍ରସିଦ୍ଧ ଅମ୍ବିକା ବିଳାସ ରଚନା କରିଥିଲେ । ସମଗ୍ର ଓଡ଼ିଶାରେ କେବଳ ଆନନ୍ଦପୁରରେ ଅଭିଧାନିକ ଓଡ଼ିଆ ଭାଷା କଥିତ ଭାଷା ଅଟେ । ଏଣୁ ଏହି ପରିମାର୍ଜିତ ଭାଷା ଅମ୍ବିକା ବିଳାସର ନିଜସ୍ୱ ଭାଷା ଅଟେ ।

ଊନବିଂଶ ଶତାବ୍ଦୀର ଶେଷ ଭାଗରେ ବ୍ୟାସକବି ଫକୀର ମୋହନ ଏହିଠାରେ କେନ୍ଦୁଝର ମ୍ୟାନେଜର ଥାଇ ତାଙ୍କର "ଉତ୍କଳ ଭ୍ରମଣ" କାବ୍ୟ ରଚନା ଓ ମୁଦ୍ରଣ କରାଇ ଥିଲେ । ଆନନ୍ଦପୁର ସହରର ମଧ୍ୟଦେଶରେ ଅବସ୍ଥିତ ଆନନ୍ଦେଶ୍ୱର ମନ୍ଦିର ଆନନ୍ଦପୁର ନାମର କୀର୍ତ୍ତି ସ୍ତମ୍ଭ ପରି ମନେ ହୁଏ ।

ଚକ୍ରତୀର୍ଥ

ଆର୍ଯ୍ୟମାନେ ସିନ୍ଧୁ ଗାଙ୍ଗେୟ ଅବବାହିକାରେ ସ୍ଥିତି ପ୍ରତିଷ୍ଠା କରି ଶେଷରେ କଳିଙ୍ଗ ରାଜ୍ୟରେ ଶେଷ ଉପନିବେଶ ସ୍ଥାପନ କଲେ । ସେମାନେ ପୂର୍ବରୁ କଳିଙ୍ଗରେ ବାସ କରୁଥିବା ଆଦିମ ଅଧିବାସୀମାନଙ୍କୁ ବଣ ଜଙ୍ଗଲକୁ ତଡ଼ି ଦେଇ ଥିଲେ ।

ସେତେବେଳେ କଳିଙ୍ଗର ପଡ଼ୋଶୀ ରାଜ୍ୟ "ଚମ୍ପା" ବା "ଚମ୍ପାନଗ୍ର" ଆଧୁନିକ (ଭଦ୍ରକ)ରେ ଦଧିବାମନ ଓ ପଦ୍ମାବତୀ ନାମରେ ରାଜାରାଣୀ ହୋଇଥିଲେ । ଏକଦା ଗର୍ଭବତୀ ରାଣୀ ପଦ୍ମାବତୀ ରାଜାଙ୍କ ସହିତ ବନ ଭ୍ରମଣ କରୁଥିବା ସମୟରେ ପଥହରା ହୋଇ ରାଜାଙ୍କ ଠାରୁ ଅଲଗା ହୋଇ ଶେଷରେ କଳିଙ୍ଗ ରାଜ୍ୟର ଜଣେ ବ୍ରାହ୍ମଣ ଘରେ ଆଶ୍ରୟ ନେଇ ସେହିଠାରେ ଗୋଟିଏ ପୁତ୍ର ଜାତ କରାଇ ତାଙ୍କର ନାମ "କରକଣ୍ଡୁ" ରଖିଥିଲେ । ଏହି "କରକଣ୍ଡୁ" କଳିଙ୍ଗର ରାଜା ହୋଇଥିଲେ । ସେତେବେଳେ କଳିଙ୍ଗର ରାଜସିଂହାସନ ପୁରୁଷାନୁକ୍ରମିକ ନହୋଇ ପରନ୍ତୁ ସକ୍ଷମ ଯୋଗ୍ୟ ବ୍ୟକ୍ତି ଦାୟିତ୍ୱରେ ନ୍ୟସ୍ତ ହେଉଥିଲା । ଲୋକେ ନିଜ ଭିତରୁ ନିଜ ଇଚ୍ଛାରେ ନୂଆ ରଜାଟିଏ ବାଛୁଥିଲେ । ଯିଏ ପ୍ରଜାମାନଙ୍କୁ ଶତ୍ରୁ ହାତରୁ ରକ୍ଷା କରି ପାରିବ, ସେଇ ଭଳି ଲୋକ ରାଜା ହେଉଥାଏ । ସେଥିପାଇଁ ହାତୀ ମଥାରେ ସୁନା କଳସ ଥୋଇ ଲୋକେ ନୂଆ ରାଜା ଖୋଜି ଖୋଜି "କରକଣ୍ଡୁ"ଙ୍କୁ ବାଛି ଥିଲେ । କରକଣ୍ଡୁ କଳିଙ୍ଗର ରାଜା ହେବାପରେ ନିଜର ପିତୃରାଜ୍ୟ ଚମ୍ପା ବା ଚମ୍ପାନଗ୍ର ମଧ୍ୟ ପିତାଙ୍କଠାରୁ ପାଇଥିଲେ । ସେ ଜଣେ ପ୍ରଜାରଞ୍ଜକ ଓ ଧାର୍ମିକ ରାଜା ଥିଲେ । ସେ ରାଜ୍ୟରେ ଜୀବ ହତ୍ୟା ନିଷେଧ କରି ଜୈନଧର୍ମ ଗ୍ରହଣ କରିଥିଲେ । ସେ ସ୍ଥାପନ କରିଥିବା "କରକଣ୍ଡୁ-ବିହାର"

Digitized by srujanika@gmail.com

ଏଠିକାର ଚକ୍ରତୀର୍ଥ କି ନା ଗବେଷଣା ସାପେକ୍ଷ ଅଟେ । ମାତ୍ର ଆଧୁନିକ ଭଦ୍ରକର ପ୍ରାଚୀନ ନାମ ଚମ୍ପାନଗ୍ର ଥିବାରୁ ଏବଂ ଚକ୍ରତୀର୍ଥ ଭଦ୍ରକର ନିକଟତମ ପ୍ରକୃତିଶ୍ରୀ ବୋଇଲା ପର୍ବତ ଶ୍ରେଣୀ ବକ୍ଷରେ ରାଜା ଚନ୍ଦ୍ରକେତୁ ବିହାର ନିର୍ମାଣ କରି ଥିବା ନିଶ୍ଚିତ ।

ବୋଇଲା ପର୍ବତ ଶ୍ରେଣୀ ଲୋଅର କେଁଦୁଝରର ସୁବିସ୍ତୃତ ଉଚ୍ଚତମ ପର୍ବତ ଅଟେ । ଏହି ପର୍ବତ ଶ୍ରେଣୀ ଜିଲ୍ଲାର ଉତ୍ତର ପୂର୍ବ କୋଣରେ ଅବସ୍ଥିତ ହୋଇ ମୟୂରଭଞ୍ଜ ଓ କେଁଦୁଝର ସୀମାକୁ ପୃଥକ କରୁଅଛି । ଏହାର ଉଚ୍ଚତା ୨୨୦୦ ଫୁଟ ଅଟେ ।

ଶାଳନ୍ଦୀ ନଦୀ ମୟୂରଭଞ୍ଜର ଶିମିଳିପାଳ ପର୍ବତର କନ୍ୟା ସ୍ୱରୂପା । ଏହି ନଦୀ ମୟୂରଭଞ୍ଜ କେଁଦୁଝର ଓ ବାଲେଶ୍ୱର ଜିଲ୍ଲାରେ ପ୍ରବାହିତ ହୋଇ ବୈତରଣୀ ସହିତ ମିଶି ଅଛି । ଏହାର ତୀର ଦେଶ ନାଗେଶ୍ୱର, ଚମ୍ପକ, ଜୁଆଇନା, ଆମ୍ବ, ଅଗୁରୁ ଆଦି ବିଭିନ୍ନ ବୃକ୍ଷ ଲତା ଆଦିବାସୀ ପଲ୍ଲୀ ବାଳା ମାନଙ୍କର ଉନ୍ମୁକ୍ତ ସ୍ନାନ, ଜଳକ୍ରୀଡ଼ା, କେଶ ମାର୍ଜନ, ଜଳକୁମ୍ଭ କାଖରେ ଲମ୍ବିତ ଗତିରେ ଯାତ୍ରା, ଚଞ୍ଚଳ, ଶୈଳ୍ପିକ, ଜଳଜାଦି ମତ୍ସ୍ୟ ଓ କୁମ୍ଭୀରାଦିଙ୍କ କ୍ରୀଡ଼ା, ବରାହ, ହସ୍ତୀ, ଭଲ୍ଲୁକ ବ୍ୟାଘ୍ର, ମୃଗ ପ୍ରଭୃତି ବନ୍ୟ ପଶୁ ପକ୍ଷୀ ଶ୍ୱାପଦ ଗଣଙ୍କର ଜଳପାନ, ଶିକାରୀ ମାନଙ୍କର ଶିକାର ଦୃଶ୍ୟ-ପାଳନ ଓ ମାଛଧରାର ଏକ ଅପୂର୍ବ ସମାବେଶ । ଆଦିବାସୀ ଅଧ୍ୟୁଷିତ ଏହି ନଦୀ ଉପତ୍ୟକା ଶରତ ଋତୁରେ କାଶତଣ୍ଡି, ହେମନ୍ତରେ ଧାଣ ଶିଶିରରେ ସର୍ଷପ, ବସନ୍ତରେ କିଂଶୁକ ଓ ଅଶୋକ ଭୂଷା ଭୂଷିତା ନବ ଯୌବନଶ୍ରୀ ଓ ନିଦାଘରେ ତାର ଦିଗମ୍ବର ମୂର୍ତ୍ତି, ଶୁଷ୍କ ତପ୍ତ ବାଲୁକା ଶଯ୍ୟା ଓ ଘୂର୍ଣ୍ଣିବାୟୁର ଝଞ୍ଜଝଞ୍ଜା ଦର୍ଶକ ମନରେ ଆନନ୍ଦ ତଥା ଆତଙ୍କ ସୃଷ୍ଟି କରିଥାଏ । ଶାଳନ୍ଦୀ ନଦୀର ସୁଶୋଭିତ ଉପକଣ୍ଠରେ ସୀତାକୁଣ୍ଡ, ବାଙ୍କେଶ୍ୱର, ଅଣିଜ, ଅସ୍ତ୍ରଳ ମଠର ଧ୍ୱଂସାବଶେଷ, ଅଦ୍ୟାବଧି ରହିଅଛି । ବୋଇଲା ପର୍ବତ ଶ୍ରେଣୀ ମଧ୍ୟରେ ଥିବା ଗୋଟିଏ ପଥର କୁଣ୍ଡକୁ ଚକ୍ରତୀର୍ଥ ବୋଲି ଯାଏ । ଲୋକ ଶୁଣି ଅଛନ୍ତି ଯେ ଦ୍ୱାପର ଯୁଗ ଶେଷରେ ସୁଦର୍ଶନଚକ୍ର ଶ୍ରୀକୃଷ୍ଣଙ୍କ ଆଜ୍ଞାରେ ତାଙ୍କର ପୁତ୍ର ପ୍ରଦ୍ୟୁମ୍ନଙ୍କର ଶିରୋଚ୍ଛେଦନ କରି ପୁତ୍ର ହତ୍ୟା ଦୁଃଖରେ ମର୍ମାହତ ହୋଇ ଏହିଠାରେ ପାତାଳ ପୁରରେ ଗୁପ୍ତ ହୋଇ ଯାଇଥିଲେ । ପ୍ରତ୍ୟେକ ରଜ ସଂକ୍ରାନ୍ତି ଦିନ ଏଠାରେ ଗୋଟିଏ ପ୍ରକାଣ୍ଡ ମେଳା ହୋଇଥାଏ । ଲୋକଙ୍କର ବିଶ୍ୱାସ ଯେ ରଜସଂକ୍ରାନ୍ତି ଦିନ ଯେଉଁ ଲୋକ ସେହି କୁଣ୍ଡ ଜଳରେ ସ୍ନାନ ତର୍ପଣ କରନ୍ତି ତାଙ୍କର ପିତୃପୁରୁଷମାନେ ସ୍ୱର୍ଗବାସ କରନ୍ତି ।

"ପାରିମଣ୍ଡଳ ବିଦଗ୍ଧ ଅଭିଜାତ୍ୟ ଓ ସଂସ୍କୃତ ସାହିତ୍ୟ ସୃଷ୍ଟିର ଭିତ୍ତି । ଅଖ୍ୟାତ ଅଞ୍ଚଳକୁ ପ୍ରଖ୍ୟାତ କରାଇଇ, ଅପରିଚିତ ଦୃଶ୍ୟକୁ ଲୋକ ଲୋଚନକୁ ଆଣିବା, ପୌରୁଷ ମଧ୍ୟରେ ଅପୌରୁଷେୟ ଖ୍ୟାତିର ପ୍ରଖ୍ୟାତି ଗାନ କରି

Digitized by srujan ka@gmail.com

ଅଖ୍ୟାତ ଦୂର କରିବା ସାହିତ୍ୟ ସେବାର ଲକ୍ଷ । ବ୍ୟକ୍ତିର ଅଖ୍ୟାତି ବା ଅପବାଦ ବା ନିନ୍ଦାସ୍ତୁତି ଗାନ ସାହିତ୍ୟରେ ବର୍ଜନୀୟ" ।

କବି କଲମରୁ ଦେଖିବାକୁ ମିଳେ —

"ଶତ ଶତ ଯାତ୍ରୀଦଳ ପୁଲକିତ ମନେ
ଗୃଳିଛନ୍ତି ଅବିରତ ତୀର୍ଥ ପର୍ଯ୍ୟଟନେ ।
ବୌଳା ନାମେ ପରିଚିତ ପ୍ରସିଦ୍ଧ ପର୍ବତେ
ରହିଛି ପ୍ରାଚୀନ କାଳୁଁ କେନ୍ଦୁଝର ପ୍ରାନ୍ତେ ।
ଅତ୍ୟୁଚ୍ଚ ଅଟଇ ସେହି ନଗ ଶିରୋନ୍ନତ
ଦେଖିଲେ ନୟନ ଜ୍ୟୋତି ହୁଏ ପରାଭୂତ ।
ପୁଣି ସେହି ବୌଳା ଶୈଳେ ଅଛି ପୁଣ୍ୟମୟ
ଚକ୍ରତୀର୍ଥ ନାମେ ଏକ ସ୍ଥାନ ଶୋଭାମୟ ।
ବିରାଜେ ଅଦ୍ୟାପି ଶୈଳ ମଧ ବର୍ତ୍ତୀ ସ୍ଥାନେ
ଯହିଁ ସ୍ୱୟଂ ଭଗବାନ ପ୍ରବଳ ପିପାସା-
ମେଣ୍ଟାଇବା ପାଇଁ କୂପ ଖୋଳିଲେ ସ୍ୱହସ୍ତେ ।"

ଲୋକେ କହନ୍ତି, ଯଦୁବୀର ଶ୍ରୀକୃଷ୍ଣ ସ୍ୱବଂଶ ଘେନି ଏକଦା ମୃଗୟା କରୁଥିବା ସମୟରେ ଯଦୁବଂଶ ବାଳକଙ୍କୁ ତୃଷାରୁ ରକ୍ଷା କରିବା ପାଇଁ ଏହିଠାରେ ଗୁପ୍ତରେ ରହିଥିବା ଏକ କୂପ ମଧ୍ୟରୁ ବ୍ରହ୍ମଶାପ ଭୋଗ କରୁଥିବା କୃକଳାସ ରୂପୀ ସୋମବଂଶୀ ଧାର୍ମିକ ରାଜା ନୃଗଙ୍କୁ ଉଦ୍ଧାର କରିବା ସାଙ୍ଗେ ସଙ୍ଗେ ଶୁଦ୍ଧ ସ୍ୱଚ୍ଛ ଜଳ ପାନ କରିବାକୁ ଦେଇଥିଲେ ।

ବୌଳା ପର୍ବତର ମଝିରେ ମଝିରେ ଗୋଟାଏ ଗୋଟାଏ କେନ୍ଦୁ, ଶାଳ, ପିଆଶାଳ, ଅସନ, ମହୁଲ, ହରିଡ଼ା, ବାହାଡ଼ା ଅଁଳା, ଅଗୁରୁ, ନିମ୍ବ, ମହାନିମ୍ବ, ପ୍ରଭୃତି ବୃକ୍ଷ, ଗୁଡ଼ିକର ସବୁଜ ଶିର ଜମୁଲ, ଶିଆଳି ପ୍ରଭୃତି ଲତାବୃନ୍ଦ ହୋଇ ବାବନାଭୂତ ପରି ଦଣ୍ଡାୟମାନ । ପର୍ବତର ପାଦ ଦେଶରେ ଠିଆ ହୋଇ ଉପରକୁ ଚାହିଁଲେ ଅଗ୍ରଦେଶ ଦେଖାଯାଏ ନାହିଁ । ଏହି ପର୍ବତର ଚତୁଃର୍ଦ୍ଦିଗରେ ପରସ୍ପ ପରସ୍ପ ହୋଇ ମାଳ ଶୈଳ ଶ୍ରେଣୀ ଦଣ୍ଡାୟମାନ ରହି ଏକ ଶୈଳବର୍ତ୍ତ ସୃଷ୍ଟି କରିଅଛି । ଏହି ସ୍ଥାନର ନଗ ଗୁଡ଼ିକର ଶୋଭା ମାଳ ବସନ ପରିଧାନ କରି ନବ କଶୋରୀର ଅଳସ ଅଙ୍ଗ ରେଖା ଓ ଅନାବୃତ ପୀନସ୍ତନପରି ପ୍ରତୀୟ-ମାନ ହୁଏ । ଏହି ପର୍ବତ ଶ୍ରେଣୀକୁ ଅର୍ଦ୍ଧଚନ୍ଦ୍ର ଆକାରରେ ବେଷ୍ଟନ କରି ରଖିଅଛି ଶାଳନ୍ଦୀ ଶାଳନ୍ଦୀ ଶୈଳ-ତନୂଜା ସୁନ୍ଦରୀ । ବନ୍ଧୁରିତ ଶୈଳ ବକ୍ଷ ବିଦାରଣ କରି ସ୍ଥାନେ ସ୍ଥାନେ ଜଳପ୍ରପାତ ସୃଷ୍ଟି କରି ଜଳ ତରଙ୍ଗ

Digitized by srujanika@gmail.com

ବାଦ୍ୟନାଦରେ ନୃତ୍ୟରତା- ଶାଳନ୍ଦୀ ବହି ଯାଉଛି କ୍ରମେ ନିମ୍ନକୁ ।

ପ୍ରାଚୀନ କାଳରୁ କେନ୍ଦୁଝରର ପ୍ରାକୃତିକ, ପୌରାଣିକ ତଥା ଐତିହାସିକ ଗୌରବ ଗରିମାମୟ ହୋଇ ରହି ଆସିଛି । କେନ୍ଦୁଝର ରାଜ୍ୟ କଳିଙ୍ଗର ରତ୍ନଗର୍ଭା ନାମରେ ସୁପରିଚିତ । ପ୍ରାଗ୍ ଐତିହାସିକ ଯୁଗରୁ ଆରମ୍ଭ କରି ଅଦ୍ୟାବଧି ବହୁ କବି, ମହାପୁରୁଷ, ଧର୍ମ ପ୍ରଚାରକ ପୂଣ୍ୟତୋୟା ବୈତରଣୀ ତୀରରେ ଜନ୍ମ ହୋଇ କୀର୍ତ୍ତି ଧ୍ୱଜା ଉଡ଼ାଇ ଅଛନ୍ତି ।

ଭାରତରେ କେଂଦୁଝରର ଭୌଗୋଳିକ ଅବସ୍ଥିତି ହେତୁ ସୃଷ୍ଟିର ଆବହମାନ କାଳରୁ ଯେଉଁ ସବୁ ଧର୍ମ ପ୍ରଚାରକମାନେ ଶ୍ରୀଜଗନ୍ନାଥ ତୀର୍ଥ ଦର୍ଶନରେ କଳିଙ୍ଗ ଆସି ଅଛନ୍ତି ସେମାନେ ସମସ୍ତେ ଏହି ମଧ୍ୟଦେଶ ବା କେଂଦୁଝର ରାଜ୍ୟ ଦେଇ ଉତ୍କଳ ଜାହ୍ନବୀ ବୈତରଣୀ କୂଳେ କୂଳେ ଶ୍ରୀକ୍ଷେତ୍ରକୁ ଯାଇ ଅଛନ୍ତି । ଏପରିକି ପ୍ରାଚୀନ ଯୁଗରେ ଉତ୍ତର ଓ ଦକ୍ଷିଣ ଭାରତ ମଧ୍ୟରେ ବାଣିଜ୍ୟ ବ୍ୟବସାୟ ଏହି କେଂଦୁଝର ରାଜ୍ୟ ଦେଇ ସ୍ଥଳପଥରେ ହେଉଥିଲା । ପୌରାଣିକ ତଥା ଐତିହାସିକ ଗୁରୁତ୍ୱପୂର୍ଣ୍ଣ ଏହି କେଂଦୁଝର ରାଜ୍ୟର ଏକ ପବିତ୍ର ତଥା ପ୍ରଧାନ ତୀର୍ଥକ୍ଷେତ୍ର ହେଉଛି ଆନନ୍ଦପୁରର ଚକ୍ରତୀର୍ଥ ।

ଗବେଷକମାନଙ୍କ ମତରେ ଏହି ବୈତରଣୀ ତୀର ଦେଶରେ ଅବସ୍ଥିତ ବଉଳା କ୍ଷେତ୍ର ବା ବୈତରଣୀ ତୀର୍ଥ ପର ଶାଳନ୍ଦୀ ନଦୀ ଅବବାହିକାରେ ପ୍ରସିଦ୍ଧ ଚକ୍ରତୀର୍ଥ ଓ ପ୍ରାଚୀନ ଶିଳାଭିଲେଖ ବୌଦ୍ଧ ଆଖ୍ୟା ଅବସ୍ଥିତ । ଚକ୍ରତୀର୍ଥ ଜୈନ ଧର୍ମ କ୍ଷେତ୍ରର ଏକ ପ୍ରଧାନ ତୀର୍ଥ ସ୍ଥାନ । ସେମାନଙ୍କ ମତରେ ପୃଥିବୀର ସର୍ବ ପ୍ରଥମ ଧର୍ମ ଜୈନଧର୍ମର ଆଦି ପ୍ରବର୍ତ୍ତକ ଋଷଭଦେବଙ୍କର ଏହା ହେଉଛି ଏକ ପ୍ରଧାନ ଧର୍ମ କ୍ଷେତ୍ର । ତେଣୁ ଏହାର ନାମ ଚକ୍ରକ୍ଷେତ୍ର ବା ଚକ୍ରତୀର୍ଥ ହୋଇଅଛି । ଆନନ୍ଦପୁର କଚେରୀ ଠାରୁ ୧୫ କ: ମି: ଦୂରରେ ବଉଳା ପର୍ବତ ମାଳା ଶିଖର ଦେଶରେ ଅବସ୍ଥିତ ଏହି ଚକ୍ରତୀର୍ଥ କ୍ଷେତ୍ରରେ ବହୁ ପ୍ରାଚୀନ ଯୁଗରୁ ଋଷଭନାଥ ଜୈନଧର୍ମ ପ୍ରଚାର କରିଥିଲେ ।

ଆନନ୍ଦପୁରର ପୋଡ଼ାସିଙ୍ଗିଡ଼ା ଗ୍ରାମରେ ପ୍ରାୟ ଏକ ମାଇଲ ପରିମିତ ଏକ ବର୍ଗାକାର ସୁବୃହତ ଭୂମି ରହିଅଛି । ଏହାର ଅପର ପାର୍ଶ୍ୱରେ ଗୋଟିଏ ପ୍ରାଚୀନ ଦୁର୍ଗର ଧ୍ୱଂସାବଶେଷ ଦେଖାଯାଏ । ବର୍ତ୍ତମାନ ଏଠାରେ ଶତାଧିକ ଜୈନ ତୀର୍ଥଙ୍କର କାରୁକାର୍ଯ୍ୟ ପୂର୍ଣ୍ଣ ପ୍ରସ୍ତର ମୂର୍ତ୍ତି, ଯକ୍ଷ, ଯକ୍ଷଣୀ ମୂର୍ତ୍ତିମାନ ଅଯତ୍ନ ଭାବରେ ପଡ଼ି ରହିଛି । ଅନେକ ଭଗ୍ନପ୍ରାପ୍ତ ବହୁ ଜୈନ ଦେବ ଦେବୀ ମୂର୍ତ୍ତିକୁ ଆଜି ହିନ୍ଦୁମାନେ ନିଜର ଆରାଧ୍ୟ ଦେବତା ରୂପେ ପୂଜା କରୁ ଅଛନ୍ତି । ବଉଳା ପର୍ବତର ପାଦ ଦେଶରେ ଏକ ଜୈନମୂର୍ତ୍ତି ବଉଳାଗୁଣ୍ଡି ଠାକୁରାଣୀ ରୂପେ ପୂଜିତ ହେଉ ଅଛନ୍ତି । କୁଶଳେଶ୍ୱର ଓ ବାଲୁକେଶ୍ୱର ମନ୍ଦିର ବେଢ଼ାରେ ଅନେକ ଜୈନ ମୂର୍ତ୍ତି ପୂଜା ପାଉ ଅଛନ୍ତି ।

Digitized by srujanika@gmail.com

ବଉଳା ପର୍ବତର ଶିଖର ଦେଶରେ ମହାବୀରଙ୍କ ମୂର୍ତ୍ତି ପୂଜା ପାଉଥିବାର ଭଗ୍ନାବଶେଷ ମଧ୍ୟ ଦେଖାଯାଏ ।

ଭୌଗଳିକ ଅବସ୍ଥିତିରୁ ଜଣାଯାଏ ଯେ କେନ୍ଦୁଝରର ବୋଉଳା ପର୍ବତ ଏକଦା ତୋଷାଳୀ ରାଜ୍ୟର ଶୈଳପୁର ନାମରେ ଏକ ପବିତ୍ର ତୀର୍ଥ ସ୍ଥାନ ଥିଲା । ତୋଷାଳୀରେ ଜୈନ୍ୟ ଋଷିମାନେ ଯେଉଁ ଗୋଟାଏ ପୋଖରୀ ଖୋଳାଇ ଥିଲେ ତାହା ପବିତ୍ର ଚନ୍ଦତୀର୍ଥ ନିକଟରେ ଥିବା ନୈସର୍ଗିକ ହ୍ରଦ "କୁଦଗଡ଼ଠାରେ" ରହିଥିବା ମନେହୁଏ । ବୋଉଳା ପର୍ବତର ପ୍ରାକୃତିକ ଶୋଭା ଅତ୍ୟନ୍ତ ମନୋରମ ହୋଇ ଥିବାରୁ ଏହି ସ୍ଥାନରେ ଜୈନ ଋଷି ଋଷଭନାଥ ଚନ୍ଦକ୍ଷେତ୍ର ସ୍ଥାପନ କରିଥିବା ସ୍ୱାଭାବିକ । ଦୁଇଶତ ଫୁଟ ଉଚ୍ଚରୁ କଳ କଳ ନାଦ କରି ନିର୍ଝରଣୀ ଆରୋହଣ ହୋଇ ପର୍ବତର ପାଦ ଧୋଇ ଦେବା ପାଇଁ ଧାଇଁ ଯାଉଛି ନିମ୍ନକୁ । ଘନ ଅରଣ୍ୟ ପରିବେଷ୍ଟିତ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ ଓ ବିଭିନ୍ନ ପଶୁ ପକ୍ଷୀମାନଙ୍କର ଏହି ବିହାର ସ୍ଥଳୀ ଅତ୍ୟନ୍ତ ମନୋରମ । ଏହିପରି ଏକ ପବିତ୍ର ଭୂମିରେ ଶୈଳପୁର ନିର୍ମିତ ହେବା ଅସମ୍ଭବ ନୁହେଁ ।

ମହାଭାରତ ଯୁଗରେ କେନ୍ଦୁଝର କୋଶଳ ରାଜ୍ୟ ନାମରେ କଥିତ ହୋଇ ସେଠାରେ ଋଷଭନାଥ ପୂଜା ପାଉଥିବା କଥା ଜଣାଯାଏ । କେନ୍ଦୁଝରର ପ୍ରାଚୀନ ନାମ କୋଶଳ ଥିବା କଥା କୁଶଳେଶ୍ୱର ମହାଦେବ ଓ କୁଶଭଦ୍ରା ନଦୀର ନାମରୁ ଅନୁମିତ ହୁଏ । ମହାଭାରତ ଯୁଗରୁ ଏହି ଚନ୍ଦତୀର୍ଥ ପ୍ରତିଷ୍ଠା ଲାଭ କରି। ଜୈନ ସାଧୁ ଋଷି ମାନଙ୍କର ଯଜ୍ଞସ୍ଥାନ ଥିବାର ପ୍ରମାଣ ସ୍ୱରୂପ ଏଠାରେ ଜାଗମରା ଗ୍ରାମ ରହିଅଛି । ଜୈନ ସାଧୁମାନେ ତୀର୍ଥଙ୍କର ନାମରେ ଖ୍ୟାତ ଥିବାରୁ ଏହି ଜୈନ ବିହାର ଚନ୍ଦତୀର୍ଥ ନାମରେ ପ୍ରସିଦ୍ଧ ଅଟେ ।

ଜୈନ ଧର୍ମକ୍ଷେତ୍ର ବୋଢ଼ଲା ପର୍ବତ ଶ୍ରେଣୀର ପାଦ ଦେଶରେ ବୈଦାଖ୍ୟା ନାମରେ ଏକ ସ୍ଥାନ ରହିଅଛି । ସେହିଠାରେ ଗୋଟିଏ ପଥର ଦେହରେ ଶିଳାଲେଖ ରହିଅଛି । ପ୍ରତ୍ନତତ୍ତ୍ୱବିତ୍ ମାନଙ୍କ ମତରେ ଏହି ଶିଳାଲେଖ ଆର୍ଯ୍ୟ ସଂସ୍କୃତିର ନିଦର୍ଶନ ବୋଲି କହିଥାନ୍ତି ! ମାତ୍ର କେତେକ ଗବେଷକ ବୈଦାଖ୍ୟାକୁ ବୌଦ୍ଧ-ଆଖ୍ୟା ବୋଲି କହିଥାନ୍ତି । ଏହା ଗବେଷଣା ସାପେକ୍ଷ ।

କପିଳେଶ୍ୱର

କେନ୍ଦୁଝର ଜିଲ୍ଲାର ଜ୍ୟୋତିପୁର ଗ୍ରାମ ପଞ୍ଚାୟତରେ କପିଳେଶ୍ୱର ବିଦ୍ୟମାନ । ପୁରାଣ ଯୁଗରେ ଏହି କପିଳେଶ୍ୱର କପିଳ ମୁନିଙ୍କର ଯୋଗାଶ୍ରମ ଥିଲା ବୋଲି ଜନଶ୍ରୁତି ରହିଅଛି । ଏହା ଗୋଟିଏ ରମଣୀୟ ସ୍ଥାନ ।

Digitized by srujanika@gmail.com

ଅଛି । ପ୍ରାୟ ଦଶ ଏକର ଜମି ଉପରେ ଅବସ୍ଥିତ ଏକ ବର୍ତ୍ତୁଳାକାର ପଥର ଚଟାଣକୁ କପିଳେଶ୍ୱର କୁହାଯାଏ । ସେଠାରେ ବହୁ ଦେବ ଦେବୀଙ୍କର ଭଗ୍ନାଂଶ ଦେଖିବାକୁ ମିଳେ । ସେଠାରେ ଥିବା ଭଗ୍ନ ଦେବ ଦେବୀଙ୍କର ମନ୍ଦିରର ନିର୍ମାଣ ପରିପାଟି ବଡ଼ ଚିତ୍ତାକର୍ଷକ ଅଟେ । ଏହାର ଜଳବାୟୁ ଅତ୍ୟନ୍ତ ସ୍ୱାସ୍ଥ୍ୟକର । ଏଠାରେ ପଥର ବକ୍ଷରେ ଗୋଟିଏ ପ୍ରାକୃତିକ ପୁଷ୍କରଣୀ ରହିଅଛି । କାଠ ଉପରେ ଅଗ୍ନିର ଅବସ୍ଥିତି ପରି ପଥର ବକ୍ଷରେ ଜଳ ଭଣ୍ଡାରର ଅବସ୍ଥିତି ଯେତିକି ସାତ୍ତ୍ୱିକ ସେତିକି ମଙ୍ଗଳମୟ ଅଟେ ।

କପିଳେଶ୍ୱର ଚଟାଣରେ ଅବସ୍ଥିତ "ପିନ୍ଧୁଳି ପେଟ" ନାମରେ ଗୋଟିଏ ଦେବୀଶାଳ ଅଛି । ପ୍ଲୀହା ରୋଗାକ୍ରାନ୍ତ କୌଣସି ରୋଗୀ ଦେବୀଙ୍କର ପାଦୁକା ସେବନ କଲେ ରୋଗ ଉପଶମ ହୋଇଥାଏ । ତେଣୁ ଏଠାକୁ ବହୁ ପେଟ ରୋଗୀଙ୍କର ଆଗମନ ହୋଇଥାଏ ।

କପିଳେଶ୍ୱର ଚତ୍ୱର ଉପରେ ଦେବଖିର ନାମରେ ଗୋଟିଏ ପର୍ବ ପାଳିତ ହୋଇଥାଏ । ମହା ସପ୍ତମୀ ଦିନ ଏହି ଉତ୍ସବ ସମ୍ପାଦିତ ହୋଇଥାଏ । ଏହି ଦିନ ଜ୍ୟୋତିପୁର ଦଣ୍ଡପାଟର ପ୍ରାୟ ପ୍ରତ୍ୟେକ ପରିବାରରେ ପ୍ରତିନିଧିମାନେ ଅରୁଆ ଚାଉଳ, ଗୁଡ଼, ମୁଗ, ଦୁଧ, କଦଳୀ, ଘିଅ, ବାଇଗଣମସଲା, ହାଣ୍ଡି, କାଠ, ପ୍ରଭୃତି ଏକତ୍ର ମିଶାଇ ଦେଇ ଦେବଖିର ଖିରି ପ୍ରସ୍ତୁତ କରାଯାଇ କପିଳେଶ୍ୱରଙ୍କୁ ଭୋଗ ଦିଆଯାଇ ସମବେତ ଜନତା ଏକତ୍ର ବସି ଚଟାଣ ଉପରେ ପ୍ରସାଦ ସେବନ କରନ୍ତି । ଏହି କାର୍ଯ୍ୟ ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥାଏ ।

କପିଳ ଋଷିଙ୍କର କାମଧେନୁ ବନ୍ଦଳା ଗାଈକୁ ବାଘ ଏହି ଚଟାଣ ଉପରେ ମାରି ଦେଇ ଥିବାର ସଙ୍କେତ ସ୍ୱରୂପ ଏହି ପଥର ବକ୍ଷରେ ଗୋ-ଖୋଜର ଚିହ୍ନ ରହି ଅଛି ।

ଖଲି-ଚଢୁଣି-ଘାଟ

ବାଟିହା ଥାନାର ସିଙ୍ଗି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଫୁଲ-କଅଁଳେଇ ଗ୍ରାମ ମୁଖ୍ୟତୋୟା ବୈତରଣୀ ନଦୀ କୂଳରେ କଅଁଳ ପରିବେଷ୍ଟନୀ ମଧ୍ୟରେ ଗ୍ରାମବଧୂ ପରି ଅନ୍ତରାଳରେ ଲୁଚି ରହିଛି । ତାର ମୁଖର ଶିଶୁ ସମାନ କଳରବା ବୈତରଣୀ ନଦୀ କଳକଣ୍ଠରେ କଳ କରି କରି ପ୍ରଖର ଗତିରେ ବହି ଯାଉଛି । ଏଠାକୁ ଯିବା ପାଇଁ ଯାତ୍ରୀବାହୀ ବସର ବ୍ୟବସ୍ଥା ଅଛି ଓ ଏହି ଗ୍ରାମ ଜ୍ୟୋତିପୁରର ଅନତି ଦୂରରେ ରହିଅଛି ।

ଫୁଲ କଅଁଳେଇ ଗ୍ରାମଠାରେ ଥିବା ବୈତରଣୀ ନଦୀଘାଟ ଖଲିଚଢୁଣି

Digitized by srujanika@gmail.com

ଘାଟ ନାମରେ ପରିଚିତ । କଥିତ ଅଛି ମତ୍ସ୍ୟ ଦେଶରେ ପାଣ୍ଡବମାନେ ଅଜ୍ଞାତ ବନବାସ କରିବା ପୂର୍ବରୁ ଏଠାରେ ଅନ୍ନପାକ କରି ପଥର ଚଟାଣ ବକ୍ଷରେ ରଖି ଭୋଜନ କରିଥିବା ଦୃଷ୍ଟାନ୍ତ ଅନୁଯାୟୀ ପଥର ବକ୍ଷରେ ଖଳି, ଚଟୁ ଓ ଘଟର ଚିହ୍ନ ରହିଛି । ଏଣୁ ଲୋକେ ଏ ସ୍ଥାନକୁ ଖଳି-ଚଟୁ-ଘଟ ବା ଖଳି-ଚଟୁଡି-ଘାଟ ବୋଲି କହନ୍ତି ।

ଗତ ତା ୨୫ । ୧୧ । ୬୭ ରିଖ ଦିନ ସେ ଗ୍ରାମର ଜଣେ ଲୋକ ଚାଷ କରୁଥିଲା ସମୟରେ କେତେ ଗୋଟି ଦେବ ଦେବୀଙ୍କର ପଥର ମୂର୍ତ୍ତି ପାଇଥିଲେ । ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ତାହା ଗବେଷଣା କରି ଏହି ପଥର ମୂର୍ତ୍ତି ଗୁଡିକ ପ୍ରାଚୀନ ପ୍ରସ୍ତର ଯୁଗର ବୋଲି କହି ଅଛନ୍ତି । ଏହି ସବୁ ମୂର୍ତ୍ତି ମଧ୍ୟରେ ଗୋଟିଏ ଛଡଭୁଜା ବନଦୁର୍ଗା ମୂର୍ତ୍ତି ମିଳି ଅଛି । ଏଥିରୁ ଅନୁମାନ ହୁଏ ଯେ, ପ୍ରାଚୀନ ପ୍ରସ୍ତର ଯୁଗରୁ ଏଠାରେ ମୂର୍ତ୍ତି ପୂଜନ ପଦ୍ଧତି ପ୍ରଚଳିତ । ଏହି ସ୍ଥାନରେ ପୁଙ୍ଖାନୁପୁଙ୍ଖ ପ୍ରତ୍ନତାତ୍ତ୍ୱିକ ଗବେଷଣା କରାଗଲେ ପ୍ରସ୍ତର ଯୁଗର ସଭ୍ୟତା ସମେତ ଭଞ୍ଜବଂଶ ସମ୍ବନ୍ଧରେ କିଛି ଗୁପ୍ତ ତଥ୍ୟ ଜଣାଯିବ । ଆନନ୍ଦପୁର ଓ କେଓଁଝରଗଡ ରାଜ୍ୟ ପଥର ଅନତି ଦୂରରେ ଏହି ସ୍ଥାନ ଅବସ୍ଥିତ । ବରଟଙ୍ଗରର ଭଗ୍ନାବଶେଷ, ଖିଚିଙ୍ଗ ମନ୍ଦିର ଓ ଏକାଦଶ ରୁଦ୍ର ମନ୍ଦିର ଏଠାରୁ ଅଳ୍ପ ଦୂରରେ ରହିଅଛି ।

ଶ୍ରୀ ମୃଗେଶ୍ୱର

ଶ୍ରୀ ଶ୍ରୀ ମୃଗଧର ମହାଦେବଙ୍କ ମନ୍ଦିର ଯୋଡ଼ା ବ୍ଲକ ଅନ୍ତର୍ଗତ ଦେବଝର ଗ୍ରାମର ଠାକୁରାଣୀ ଗିରିର ପାଦ ଦେଶରେ ଅବସ୍ଥିତ । ଏଠାରେ ପ୍ରବାହିତ ହୋଇ କ୍ଷୁଦ୍ର ଜଳପ୍ରପାତ ସୃଷ୍ଟି କରୁଥିବା ଗିରି ଝରଣା ମହାଦେବ ନଂସାଝର ଚୀର ପ୍ରବାହମାନ । ଏହି ଗିରି ନିର୍ଝରିଣୀ ଠାକୁରାଣୀ ପର୍ବତର କୋଳରୁ ବହି ଆସି ମହାଦେବ ନସାଠାରେ ଶ୍ରୀ ଶ୍ରୀ ମୃଗଧର ମହାଦେବଙ୍କର ପାଦ ପ୍ରକ୍ଷାଳନ କରି ବରକଳା ଗ୍ରାମଠାରେ ସୁନା ନଦୀ ସହିତ ମିଶି ବୈତରଣୀରେ ପଡିଅଛି । ମୃଗ ମହାଦେବଙ୍କ ମନ୍ଦିର ଖମଳା-ଯୋଡ଼ା-ବଡ଼ବିଲ ରାସ୍ତାରେ ଅବସ୍ଥିତ ବଲେଇପଦାଠାରୁ ମାତ୍ର ୫ କି:ମି: ଦୂରରେ ଅବସ୍ଥିତ । ଏହା ବଲେଇପଦା-ନୂଆମୁଣ୍ଡି ରାସ୍ତାର ମଧ୍ୟଦେଶରେ ଓଡିଶା ବିହାର ସୀମାନ୍ତରେ ବିଦ୍ୟମାନ ରହିଅଛି । ଏହା ଏକ ପରିପୂର୍ଣ୍ଣ ନିର୍ଜ୍ଜନ ସ୍ଥାନ ଅଟେ । ଏଠାରେ ଓଡିଶା ଖଣିଜ ଉନ୍ନୟନ ସଂସ୍ଥା, ସମେତ ଅନେକ ଗୁଡ଼ିଏ ଖଣି କମ୍ପାନୀ କାର୍ଯ୍ୟ କରୁ ଅଛନ୍ତି ।

ଏହି ବନ ମୃଗବନ ନାମରେ ଖ୍ୟାତ । ଏଠାରେ ମୃଗଧର ମହାଦେବଙ୍କର ସ୍ୱୟମ୍ଭୂ ଲିଙ୍ଗ ବିରାଜମାନ । ଶିବ ଏହି ବନରେ ବାସ କରୁଥିବା ସମୟରେ ମୃଗ ରୂପୀ ବ୍ରହ୍ମା ନିଜର ମୃଗୀରୂପୀ କନ୍ୟାକୁ ହରଣ କରିବାକୁ ଉଦ୍ୟମ କରୁଥିଲା

Digitized by srujan ka@gmail.com

ସମୟରେ ବ୍ରହ୍ମାଙ୍କ କନ୍ୟା ସନ୍ଧ୍ୟା ଶିବଙ୍କର ଶରଣାଗତ ହେଲେ । ଶିବ ଏହି ଅନ୍ୟାୟକୁ ସହି ନପାରି ଧନୁଶର ପ୍ରହାରକରି ମୃଗରୂପୀ ବ୍ରହ୍ମାର ଶିରଚ୍ଛେଦନ କରିଥିବାରୁ ସେହି ଦିନଠାରୁ ଶିବଙ୍କର ନାମ ମୃଗଧର ଓ ବନର ନାମ ମୃଗବନ ହେଲା । ସେହି ଦିନଠାରୁ ବ୍ରହ୍ମାଙ୍କର ମୃଗୀରୂପୀ ସନ୍ଧ୍ୟା କନ୍ୟା ଏହି ମୃଗବନରେ ବାସ କରି ମୃଗଧର ମହାଦେବଙ୍କର ସେବା ପୂଜା କଲେ । ତେଣୁ ଶିବଙ୍କର ନାମ ବର୍ଣ୍ଣନାରେ ଅଛି :—

"ବନ୍ଦେ ପନ୍ନଗ ଭୂଷଣଂ ମୃଗଧରଂ ବନ୍ଦେ ପଶୂନା ପତିମ୍ ।"

ପୂର୍ବେ ଏହି ବନରେ ଶତ ଶତ ସଂଖ୍ୟାରେ ମୃଗ ତଥା ସର୍ପମାନେ ବାସ କରୁଥିଲେ ଓ ଶିବ ଏହିମାନଙ୍କୁ ପାଳନ କରି ମୃଗଧର ନାମ, ପଶୁପତି ନାମ ଓ ପନ୍ନଗ ଭୂଷଣ ଗୁଣର ସାର୍ଥକତା ପ୍ରତିପାଦନ କରି ଅଛନ୍ତି ।

ପୌରାଣିକ ଯୁଗରୁ ମର୍ତ୍ତ୍ୟପୁରରେ ଗଙ୍ଗା ଜନ୍ମ ହେବାର ଅବ୍ୟବହିତ ପୂର୍ବରୁ ଏହି ତୀର୍ଥ ସ୍ଥାନର ଉତ୍ପତ୍ତି ହୋଇଅଛି । କାରଣ ବାମନ ଜନ୍ମ ପୂର୍ବରୁ ଗଙ୍ଗା ବ୍ରହ୍ମାଙ୍କ କମଣ୍ଡଳୁ ମଧ୍ୟରେ ସଞ୍ଚିତ ଥାଇ ଭଗବାନ ବାମନ ଅବତାର ଧରି ବଳୀକୁ ନାଭିବ୍ରହ୍ମ ପାଦରେ ପାତାଳରେ ଚାପିବା ପରେ ବ୍ରହ୍ମା ସେହି ଦୁର୍ଲ୍ଲଭ ବ୍ରହ୍ମପାଦକୁ ଗଙ୍ଗା ଜଳରେ ଧୋଇ ଦେବା ସମୟରେ ଗଙ୍ଗା ବିଷ୍ଣୁ ନଖକୋଣରେ ଗୁପ୍ତ ହୋଇ ଗଲେ ମାତ୍ର ଏହି ବ୍ରହ୍ମପଦ ଧୌତ ସମୟରେ କମଣ୍ଡଳରୁ କିଛି ଗଙ୍ଗାଜଳ ଝର୍ପିପଡି ଗୁପ୍ତଗଙ୍ଗା ବା ଗୋନାସିକା ସ୍ରୋତରେ ପଡ଼ି ମର୍ତ୍ତ୍ୟରେ ବୈତରଣୀ ନାମରେ ପ୍ରବାହିତ ହେଲେ । ଏହିଘଟଣାର ବାର ବ୍ରହ୍ମ ବର୍ଷ ପରେ ସୂର୍ଯ୍ୟବଂଶୀ ରଜା ଭଗୀରଥଙ୍କର ତପସ୍ୟାରେ ସନ୍ତୋଷ ହୋଇ ଗଙ୍ଗା ବିଷ୍ଣୁ ନଖ କୋଣରୁ ଝରି ଗଙ୍ଗାଧରଙ୍କ ଜଟାରେ ପଡ଼ି ହିମାଳୟ ବକ୍ଷ ଭେଦି ଦେଇ ମର୍ତ୍ତ୍ୟରେ ପ୍ରବାହିତ ହେଲେ । ଏହି କାରଣରୁ ବୈତରଣୀ ନଦୀ ଗଙ୍ଗାଠାରୁ ପବିତ୍ରତମ ଓ ବାର ବ୍ରହ୍ମ ବର୍ଷ ବୟୋଜ୍ୟେଷ୍ଠ ଅଟେ ।

ଅନୁମାନ କରାଯାଏ ଗଙ୍ଗା ଜନ୍ମ ପୂର୍ବରୁ ଶିବ ଗୋ-ବ୍ରହ୍ମହତ୍ୟା ପାତକରୁ ଉଦ୍ଧାର ପାଇବା ପାଇଁ ପତିତପାବନୀ ବୈତରଣୀ ତୀର ଦେଶରେ ଅବସ୍ଥାନ କରି ଯୋଗ ସାଧନ କରୁଥିଲେ । ମୃଗଧର ନାମ ଧାରଣ ପରେ ଶିବ ଗଙ୍ଗାଧର ନାମ ଧାରଣ କରିଥିବା ମନେ ହୁଏ । ବୈତରଣୀ ନଦୀ ଉତ୍ପତ୍ତିର ବାର ବ୍ରହ୍ମ ବର୍ଷ ପରେ ବିଷ୍ଣୁ ନଖକୋଣରୁ ଜନ୍ମ ହେବା ସମୟରେ ମୃଗଧର ମହାଦେବ ବୈତରଣୀ ତୀର୍ଥରୁ ଗୋ-ବ୍ରହ୍ମ ହତ୍ୟା ଦୋଷ ମୁକ୍ତ ହୋଇ ମସ୍ତକରେ ଗଙ୍ଗାଙ୍କୁ ଧାରଣ କରି ଗଙ୍ଗାଧର ନାମ ଧାରଣ କରିଥିଲେ ।

(ଆମ୍ଭ ରଚିତ ଶ୍ରୀ ଶ୍ରୀ ମୃଗ ମହାଦେବ ପୁସ୍ତକ ଦ୍ରଷ୍ଟବ୍ୟ)

Digitized by srujan ka@gmail.com

ମହାଭାରତର ପ୍ରଭୃତରେ ଏହି ସ୍ଥାନ ବହ୍ୟାଚଳ ବା ଅର୍ବୁଦାଚଳ ନାମରେ କଥିତ । ଏହା ଆଦିମ ଅଧିବାସୀ ଅଧ୍ୟୁଷିତ ଅଞ୍ଚଳ ଅଟେ । ମୃଗ ମହାଦେବଙ୍କ ପୂଜକ ଜଣେ ଭୂୟାଁ ଅଟେ ।

ଭୀମକୁଣ୍ଡ

ମହାଭାରତ ବର୍ଣ୍ଣନାନୁଯାୟୀ ଦ୍ୱିତୀୟ ପାଣ୍ଡବ ଭୀମସେନ ସତ୍ୟ ରକ୍ଷା କରି ବନବାସ କରୁଥିବା ସମୟରେ ବୈତରଣୀ ତୀର ଦେଶରେ ପ୍ରବେଶ କଲେ । ସେ ସ୍ନାନ କରିବା ପାଇଁ ଏଠାରେ ଜଳରେ ପ୍ରବେଶ କରନ୍ତେ ଜଳ ଅଳ୍ପ ହେବରୁ ସେ ଦୁଇ ପର୍ବତ ମଧ୍ୟ ଦେଶରେ ଶୋଇ ରହିବାରୁ ଜଳଧାର ବନ୍ଦ ହୋଇ ଯାଇ କ୍ରମଶଃ ଗିରି ଫୋଟି ହୋଇ ପାତାଳକୁ ପ୍ରବେଶ କଲା । ତେଣୁ ଏହି ସ୍ଥାନ ଭୀମକୁଣ୍ଡ ନାମରେ ପରିଚିତ ।

ବର୍ତ୍ତମାନ ଏହିଠାରେ ଭୀମକୁଣ୍ଡ ନଦୀବନ୍ଧ ଯୋଜନା ୧୬୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଛି । ଏହା ବନ୍ୟା ନିୟନ୍ତ୍ରଣ ବିଦ୍ୟୁତ ଉତ୍ପନ୍ନ, ଜଳ ସେଚନ, ମତ୍ସ୍ୟଗୃହ ଦ୍ରବ୍ୟ ବହୁମୁଖୀ ଯୋଜନା ଅଟେ । ଏଠାରୁ ଯେଉଁ ବିଦ୍ୟୁତ ଉତ୍ପତ୍ତି ହେବ ତାହା ଭାରତର ବନ୍ଧ ଯୋଜନାରୁ ଉତ୍ପନ୍ନ ହେଉଥିବା ଶକ୍ତିଠାରୁ ସର୍ବନିମ୍ନ ହେବ । ଏହି ଯୋଜନା ଯୋଗୁଁ ଜିଲ୍ଲାର ପ୍ରାୟ ଅର୍ଦ୍ଧାଧିକ ଉଚ୍ଚଭୂମିରେ ଜଳ ସେଚନ ହୋଇ ପାରିବ ।

ଜଳ ପ୍ରପାତ

ଅପର କେନ୍ଦୁଝରରେ ୪ ଗୋଟି ଜଳ ପ୍ରପାତ ଦେଖିବାକୁ ମିଳେ । ଯଥା :- ବଡଘାଗରା, ସାନ ଘାଗରା, ହାଣ୍ଡିଭଙ୍ଗା ଏବଂ ଖଣ୍ଡାଧାର ।

ଖଣ୍ଡାଧାର ଜଳ ପ୍ରପାତ

ଜଳ ପ୍ରପାତ ମୌଳ କେନ୍ଦୁଝର ଗଡର ଉତ୍ତର ପଶ୍ଚିମରେ ପ୍ରାୟ ୫୦ କି: ମି: ଦୂରରେ କେନ୍ଦୁଝର ବଣେଇ ସୀମାରେ ୩୦୦୦ ଫୁଟ ଉଚ୍ଚତା ବଶିଷ୍ଟ ଖଣ୍ଡାଧାର ଜଳ ପ୍ରପାତ ବିଦ୍ୟମାନ । ଦେବଭ ଶିଖରର ୧୫୦ ଫୁଟ ତଳେ ଗୋଟିଏ ସମତଳ ସ୍ଥାନରେ ଶିବ ମନ୍ଦିର, ସାଧୁ ଆଶ୍ରମ ଓ ଅନ୍ୟାଗରା ଅଗ୍ନିକୁଣ୍ଡ ରହିଅଛି । ବର୍ତ୍ତମାନ ଏଠାରେ ଲୁହା ଖଣି କାର୍ଯ୍ୟ ହେଉଅଛି ।

କାଦକଳା ଗ୍ରାମଠାରେ ଏହି ଶୁଭ୍ରଭୁଙ୍ଗ ଗଗନଚୁମ୍ବୀ ଶୈଳ ଶ୍ରେଣୀର ଶିଖର ଦେଶରୁ ପାଦଦେଶ ପର୍ଯ୍ୟନ୍ତ ହସ୍ତୀ ଶୁଣ୍ଡାକୃତି ସ୍ଫଟିକୋଜ୍ଜ୍ୱଳ ଜଳଧାର ଦର୍ଶନରେ ଦର୍ଶକର ହୃଦୟ ଆନନ୍ଦୋଲ୍ଲାସରେ ଆପ୍ଲୁତ ହୋଇଯାଏ । ଏହାର ସ୍ୱଚ୍ଛତା ସୌନ୍ଦର୍ଯ୍ୟ ଓ ବଟାଳତାରେ ଦର୍ଶକ ନିଜର ଅସ୍ତିତ୍ୱ ଭୁଲିଯିବା ସ୍ୱାଭାବିକ ଅଟେ । ଦର୍ଶକ

Digitized by srujan ka@gmail.com

ନିର୍ନିମେଷ ନୟନରେ ଆମ୍ଭମାନେ ବିଭୋର ହୋଇ ଉଠେ । ବାୟୁ ସଞ୍ଚାଳିତ ଶୀକର ରାଶି ସୂର୍ଯ୍ୟରେ ଶରୀର ଅର୍ଦ୍ଧସ୍ନାତ ହୋଇଯାଏ । ଦୂରରୁ ଦୃଷ୍ଟିପାତ କଲେ ଏହି ଜଳ ପ୍ରପାତ ଖଣ୍ଡାଧାର ସଦୃଶ ଦେଖା ଯିବାରୁ ଏହାକୁ ଖଣ୍ଡାଧାର ଜଳ ପ୍ରପାତ କୁହାଯାଏ । ଖଣ୍ଡାଧାର ପର୍ବତରୁ ଏହା ବାହାରି ଅଛି । ପ୍ରାୟ ୩୦୦ ଫୁଟ ଉପରୁ ପାଣି ନିମ୍ନ ଦେଶରେ କୁଣ୍ଡରେ ପଡୁଅଛି । ସେଠାରୁ ଏହି ପାଣି ବୈତରଣୀ ନଦୀ ସଙ୍ଗେ ମିଶୁଅଛି । ଏହା ହିନ୍ଦୁମାନଙ୍କର ଗୋଟିଏ ତୀର୍ଥ ସ୍ଥାନ ଓ ଏଠାରେ ସ୍ନାନ କଲେ ସେମାନେ ନିଜକୁ ପବିତ୍ର ମନେ କରନ୍ତି । ଖଣ୍ଡାଧାର ପର୍ବତର ଉପରିଭାଗ ସମତଳ । ସେଠାରେ ବର୍ଷର ସବୁ ସମୟରେ ଜଳ ଦେଖିବାକୁ ମିଳେ ଏହି ଜଳ ପର୍ବତ ମଧ୍ୟ ଦେଇ କିଛି ଦୂରରେ ଦେଖା ଦେଇ ତଳେ ପଡୁଅଛି । ସତେଅବା ଶିବ ଜଟା ଦେଇ ଗଙ୍ଗା ମୁକ୍ତଳ ଧାରରେ ନିମ୍ନକୁ ଖସି ପଡୁଛନ୍ତି । ପ୍ରାୟ ୪୦୦ ଫୁଟ ଉଚ୍ଚ ପ୍ରାକୃତିକ ପ୍ରସ୍ତର ବକ୍ଷରୁ ଗୋଟିଏ କ୍ଷୁଦ୍ର ଜଳଧାର ନିର୍ଗତ ହେଉଥିବାରୁ ସେଥିରେ ବିଶେଷ ଭାବରେ ପବନ ଧରି ଜଳଧାର ତଳକୁ ଆସିବା ବେଳକୁ ତାହା ବର୍ଷା ଜଳ ସଦୃଶ କ୍ଷୁଦ୍ର କଣାରେ ପରିଣତ ହୋଇଯାଏ । କିଛି କିଛି ବ୍ୟବଧାନରେ ଭୁହାକୁ ଭୁହା ଜଳ ପ୍ରବାହିତ ହୋଇ ନିମ୍ନ ଦେଶରେ ସ୍ନାନ କରୁଥିବା ଲୋକର ଦେହରେ ପଡ଼ିଲେ ତାହା ସୂଚୀବେଧ ସଦୃଶ ଅନୁଭୂତ ହୁଏ । ମେଘ ବିମୁକ୍ତ ଆକାଶରେ ସୂର୍ଯ୍ୟରଶ୍ମି ଶୀକରରାଶିରେ ପ୍ରତିଫଳିତ ହୋଇ ସହସ୍ର ସଂଖ୍ୟାରେ ଇନ୍ଦ୍ରଧନୁର ଶୋଭା ବୃଦ୍ଧି କରିଥାଏ । ଚିର ହାସ୍ୟମୟୀ ସବୁଜ ବନାନୀ, ମେଘମେଦୁର ବିମୁକ୍ତ ନିର୍ମଳ ଆକାଶ, ନୀଳ ପର୍ବତ ଶ୍ରେଣୀର ସବୁଜ ଶୋଭା ହୃଷ୍ଟ ଜଳଧାର ମଧ୍ୟରେ ଇନ୍ଦ୍ରଧନୁର ରହସ୍ୟମୟ ପ୍ରକଟ ମଧ୍ୟରେ ଭୀମଭୟଙ୍କର ଗର୍ଜନ ଅବର୍ଣ୍ଣନୀୟ ଅଟେ । ଧନ୍ୟ ସେହି ସ୍ରଷ୍ଟା ଯେ ତାର ଏହି ଅବର୍ଣ୍ଣନୀୟ ଶରୀର ନିର୍ମାଣ କରି ଅଛନ୍ତି । ମରଣଶୀଳ ମନୁଷ୍ୟ ଏହି ଶୀକରକଣର ସ୍ପର୍ଶ ପାଇ ତାହାକୁ ଅସହ୍ୟ ମନେ କରି ଦୂରକୁ ପଳାଇ ଯାଏ । କିନ୍ତୁ ଏହି ପାଷାଣ ଅହରହ ତାର ପ୍ରେମ ରସ ଗ୍ରହଣରେ ନିପୁଣ ଗ୍ରାହକତା ଦେଖାଇ ନୀରବରେ ଶୋଇ ରହିଛି । ପାଷାଣ ବକ୍ଷରେ ରସଧାର ବାସ୍ତବିକ ଅତି ବିରଳ ମିଳନ ଅଟେ ।

ହେ ! ପ୍ରେମିକ ପ୍ରପାତ ତୁମେ ତୁମ ସାଧନାରେ ନିମଜ୍ଜିତ ଥାଇ ମଧ୍ୟ କ୍ଳିଷ୍ଟ ଭଗ୍ନାଶା ମାନବକୁ ତୁମର ଶୀକରସ୍ନାତ କୋଳକୁ ଟାଣି ଆଣି ନବ ଧର୍ମରେ ଦୀକ୍ଷିତ କରି ଛାଡ଼ି ଦେଉଛ । କେତେ ତୁମର ସମ୍ପଦ, ମାତ୍ର କେତେ ତୁମର ଦୈନ୍ୟ । ଅଚଳ ତୁମକୁ ଶିଖରରେ ସ୍ଥାନ ଦେଲା ବୋଲି ତୁମେ ସ୍ୱଚ୍ଛନ୍ଦରେ ଅବତରଣ କରି ତାର ପଦ ପ୍ରକ୍ଷାଳନ କରୁଅଛ । ଉପକାରୀର ପ୍ରତ୍ୟୁପକାର କରିବା ଧର୍ମରେ ଶିକ୍ଷା ଦେଉଅଛ । ରହସ୍ୟମୟୀ ପ୍ରକୃତିର ସେହି ଅଦ୍ଭୁତ କ୍ରୀଡ଼ା ସ୍ଥଳୀ ଛାଡ଼ି ଆସିବାକୁ କାହାର ବା ମନ ବଳିବ ?

Digitized by srujan ka@gmail.com

"ମନର ବିଷୟ ନୁହେଁ ଏ ଛବି ?
ହୃଦୟ କେବଳ ପାରେ ଅନୁଭବି ।"
"ଖଣ୍ଡାଧାର ଚଣ୍ଡ ପ୍ରପାତ ଶବଦେ ଝଙ୍କାରିତ ଚର୍ତୁଦାର
ଅଟଇ ଯେ ସ୍ଥଳୀ ବୈତରଣୀଙ୍କର ନିର୍ଜନ ପୂଜକା ଗାର ।"

ବଡଘାଗରା

ମାଛକାନ୍ଦଣା ନଦୀ ବହି ଆସୁ ଆସୁ ନଜଗଡର ପଶ୍ଚିମ ଦିଗରେ ପ୍ରାୟ ୩ ମାଇଲ ଦୂରରେ ଦୁଇ ଗୋଟି ଜଳ ପ୍ରପାତ ସୃଷ୍ଟି କରିଅଛି । ସେ ଦୁଇଟିର ନାମ ବଡ଼ଘାଗରା ଓ ସାନଘାଗରା । ଉଭୟ ଘାଗରା ନିକଟରେ ଜଳ ଖୁବ୍ ଉଚ୍ଚରୁ ତଳକୁ ପଡିବା ଯୋଗୁଁ ଜଳ ପ୍ରପାତର ସୃଷ୍ଟି ହୋଇଅଛି ।

ସାନଘାଗରା

ପ୍ରକୃତପ୍ରିୟା କେଂଦୁଝରର ଉତ୍ତୁଙ୍ଗ ଗିରିମାଳା ଦିଗନ୍ତ ବ୍ୟାପୀ ଅରଣ୍ୟାନୀ, କଳ କଳ ନିନାଦିନୀ ଗିରି ନିର୍ଝରିଣୀ, ରମଣୀୟ ଜଳ ପ୍ରପାତ ସାହିତ୍ୟ ସମ୍ପଦ ଅଟେ ।

କେଂଦୁଝର ଗଡ଼ ନିକଟରେ ସାନଘାଗରା ଜଳ ପ୍ରପାତ ଅବସ୍ଥିତ । ଗୋବର୍ଦ୍ଧ ପାହାଡର ସନ୍ନିକଟରେ ବିଦ୍ୟମାନ ପୁରୁଣା ଉଆସ ପାଖ ଦେଇ ଗାଡ଼ିଚଳା ରାସ୍ତା ଯାଇଅଛି । ରାସ୍ତାର ଦୁଇ ଦିଗରେ ପ୍ରକୃତି ରାଣୀ ରଖିଛି ଶ୍ୟାମଳ ଶୋଭା ଭଣ୍ଡାର । ସ୍ଥାନେ ସ୍ଥାନେ ପୁଷ୍ପିତ ଲତାଗୁଳ୍ମ ଗୁଳ୍ମକ ନବ-ପୁଷ୍ପବର୍ଷା ରୂପେ କ୍ଳାନ୍ତ ପଥିକକୁ କିଶଳୟ ଗୁଚ୍ଛ ଉପହାର ଦେଇ ସନ୍ତୋଷ କରନ୍ତି ।

ସାନଘାଗରା ଜିଲ୍ଲା ମଧ୍ୟରେ ଗୋଟିଏ ମନୋରମ ଜଳପ୍ରପାତ ଅଟେ । ତାହାକୁ ଘାଗରା ବୋଲି କହିବାର ଅର୍ଥ ହେଉଛି, ଏହି ପଦ "ଘର୍ଘର" ଶବ୍ଦରୁ ଉତ୍ପତ୍ତି ହୋଇଅଛି । ପ୍ରାୟ ୯୦ ଫୁଟ ଉଚ୍ଚରୁ ମାଛକାନ୍ଦଣା ନଦୀର କଲ୍ଲୋଳିତ ବକ୍ଷ ବିଦାରଣ କରି ଶତଧାରରେ ପ୍ରବାହିତ ଜଳଧାରକୁ ସାନଘାଗରା କୁହାଯାଏ ।

ଅସ୍ତଗାମୀ ସୂର୍ଯ୍ୟର ସ୍ୱର୍ଣ୍ଣ କିରଣ ସ୍ପର୍ଶରେ ଶ୍ୟାମଳ ବନାନୀର ଶୋଭା ଅବର୍ଣ୍ଣନୀୟ ଅଟେ । ତତ୍ରତ୍ୟ ପ୍ରପାତରେ ସହସ୍ର ସଂଖ୍ୟାରେ ପରିବର୍ତ୍ତନଶୀଳ ସୂର୍ଯ୍ୟ ପ୍ରତିବିମ୍ବ ଦେଖାଯାଏ । ସେହିପରି ବଡଘାଗରାର ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋରମ ଅଟେ ।

Digitized by srujan ka@gmail.com

ହାଣ୍ଡିଭଙ୍ଗା ଜଳ ପ୍ରପାତ

ପ୍ରପାତ ମାଳମା କେନ୍ଦୁଝରର ଖଣ୍ଡାଧାର ହେଉଛି ନୂତନ ଭାବରେ ଧରା ପଡ଼ିଥିବା ହାଣ୍ଡିଭଙ୍ଗା ଜଳପ୍ରପାତ । ଘୋଡ଼ା ବ୍ଲକ ଅନ୍ତର୍ଗତ ବଢ଼ଜଳଦା ଗ୍ରାମ-ପଞ୍ଚାୟତର ହାଣ୍ଡିଭଙ୍ଗା ନାମକ ଗ୍ରାମରେ ଅବସ୍ଥିତ ଅତ୍ୟୁଚ୍ଚ କାଳିଆ ପର୍ବତର ବକ୍ଷ ଦେଶରେ ଘନ ଅରଣ୍ୟ ମଧ୍ୟରେ ଏହା ଗୁପ୍ତରେ ରହିଅଛି । ପ୍ରସିଦ୍ଧ ଗୁରୁଡା ଖଣି ହାଣ୍ଡିଭଙ୍ଗା ଜଳପ୍ରପାତର ନିକଟରେ ଅବସ୍ଥିତ । ସୁନ୍ଦରଗଡ଼ ଜିଲ୍ଲାରୁ ପ୍ରବାହିତ ଏକ ସୁନ୍ଦର ଗିରି ନିର୍ଝରିଣୀ ଝର ଝର ଗତିରେ ବହି ଆସି କାଳିଆ ପର୍ବତର ବକ୍ଷ ବିଦାରଣ କରି ଘର୍ଘର ନାଦ କରି ପ୍ରାୟ ୩୦୦ ଫୁଟ ଉଚ୍ଚରୁ କୁଣ୍ଡ ମୋଟ ଜଳଧାର ନିମ୍ନ ଦେଶରେ ପଡ଼ୁଅଛି । ପ୍ରପାତର ଜଳ ଯେଉଁଠାରେ ପଡ଼ୁଅଛି ତାହା ପ୍ରସ୍ତର ବକ୍ଷରେ ପ୍ରାୟ ପାତାଳକୁ ଭେଦ କରିଅଛି । ଶୁଣାଯାଏ ଏହି କୁଣ୍ଡ ଭିତରେ ପ୍ରାୟ କଦ୍ଧୁ ସମୟରେ ଏକ ସୁବିଶାଳ କଚ୍ଛପ ଦେଖାଯାଏ । ଲୋକେ ଏହାକୁ ଦେବୀ ଦର୍ଶନ ବୋଲି ବିଶ୍ୱାସ କରନ୍ତି । ଜଳପ୍ରପାତର ଜଳକୁ ଧରି ରଖିବା ପାଇଁ ହାଣ୍ଡି ପାତିଲେ ତାହା ଜଳର ପ୍ରଖର ଘାତରେ ଭାଙ୍ଗି ଯାଉଥିବାରୁ ଜଳ ପ୍ରପାତ ଓ ଗ୍ରାମର ନାମ ହାଣ୍ଡିଭଙ୍ଗା ହୋଇଅଛି । ହାଣ୍ଡିଭଙ୍ଗା ଗ୍ରାମ ଟିଏ ଜନ ଅଧ୍ୟୁଷିତ ଜଙ୍ଗଲ ଗ୍ରାମ ଅଟେ । ଏହି ଜଳ ପ୍ରପାତର ପ୍ରଖର ଜଳଧାର ସାନକଳାମାଟି ଗ୍ରାମ ଦେଇ ଦୁବୁନା ଖଣିର ଭିତରେ ପ୍ରବେଶ କରି ନୟାଗଡ଼ ଗ୍ରାମଠାରେ ବୈତରଣୀ ନଦୀ ସହିତ ମିଶିଅଛି ।

ପ୍ରପାତ ମାଳମା କେନ୍ଦୁଝରର ଖଣ୍ଡାଧାର ଜଳ ପ୍ରପାତଠାରୁ ହାଣ୍ଡିଭଙ୍ଗା ଜଳ ପ୍ରପାତର ପ୍ରାକୃତିକ ଶୋଭା, ନୈସର୍ଗିକ ଅରଣ୍ୟଶ୍ରୀ, ଅଧିକ ମନୋରମ ଓ ଉପଭୋଗ୍ୟ ଅଟେ । ଏଠାକାର ପ୍ରାକୃତିକ ଶୋଭା, ଚଳଚିତ୍ର ଶିଳ୍ପ ପାଇଁ ଏକ ଲୋଭଜନକ ସ୍ଥାନ ଅଟେ । ଅଧିକ ଆଶ୍ଚର୍ଯ୍ୟ ଓ କୌତୂହଳର କଥା ଯେ ଘନ ଅରଣ୍ୟ ମଧ୍ୟରେ ଅବସ୍ଥିତ ଏହି ଗିରି ଚୋଟର ଶୀର୍ଷ ଭାଗରେ ୩୦୦ ଫୁଟ ଉଚ୍ଚରେ ଅବସ୍ଥିତ ଅବବାହିକା କଦଳୀ, ଆମ୍ବ, ପଣସ, ଲୁଣ୍ଡୁରୁ, ଗୁଆ, କଇଞ୍ଚ ପ୍ରଭୃତି ଫୁଲ ଫଳ ଉପବନ ଶୋଭିତ ଅଟେ । କେତେକ ବନ୍ୟ ଜନ୍ତୁଙ୍କର ଜଳ ଘାଟ । ଏହି ସ୍ଥାନ କେତେକ ଭକ୍ତଙ୍କର ସେବକ ଆଶ୍ରୟସ୍ଥଳିର ଆଶ୍ରମ ଅଟେ । ଏହି ସ୍ଥାନର ଉନ୍ନତି ଉତ୍ତର ଉନ୍ନତ ଓ ଦର୍ଶନୀୟ ସ୍ଥାନ ରୂପେ ସଂରକ୍ଷିତ ହେବା ଉଚିତ ।

ଚେଲିଆଡିହା

ଚଂପୁଆ ସବଡିଭିଜନ ଅନ୍ତର୍ଗତ ଚମକପୁର ଗ୍ରାମର ଅପର ପାର୍ଶ୍ୱରେ ବୈତରଣୀ ତୀରରେ ଚେଲିଆଡିହା ଜିଲ୍ଲାର ଅନ୍ୟତମ ପ୍ରତ୍ନତାତ୍ତ୍ୱିକ କ୍ଷେତ୍ର ଅଟେ ।

Digitized by srujan ka@gmail.com

ଏହି ସ୍ଥାନ ବୈତରଣୀ ନଦୀର ତୀର ଦେଶରେ ଏକ ବୃହତ ନଦୀ ପଠା ଉପରେ ଅବସ୍ଥିତ । ଏଠାରେ ଛେଳଆଉଡ଼ା ନାମରେ କୌଣସି ଗ୍ରାମ ନାହିଁ । ଏହା ଏକ ନିର୍ଜନ ବାଲୁକା ପ୍ରାନ୍ତର ଅଟେ । ଏଠାକୁ ଯିବା ପାଇଁ ଶମିଳ ବଡ଼ବିଲ ରାସ୍ତାରେ ଅବସ୍ଥିତ ବାଲେଇପଦାଠାରୁ ଦକ୍ଷିଣକୁ ଗୋଟିଏ ପାଦଚଲା ରାସ୍ତା ଯାଇ ଅଛି । ପଥ ମଧ୍ୟରେ ସୁନା ନାମକ ଗିରିନିର୍ଝରିଣୀ ଅତିକ୍ରମ କରିବାକୁ ପଡ଼ଥାଏ । ଏହା ବାଲେଇପଦାଠାରୁ ପ୍ରାୟ ୫ କି:ମି: ଦୂରରେ ଅବସ୍ଥିତ ।

ଛେଳଆଉଡ଼ାଠାରେ ଏକ ବିସ୍ତୀର୍ଣ୍ଣ ବାଲୁକା ପ୍ରାନ୍ତରରେ ପ୍ରାଚୀନ ଯୁଗର ବହୁ ଇଟାପଥର ଖଣ୍ଡ ଉନ୍ନତ କଳା ସମ୍ପନ୍ନ ଦେବଦେବୀଙ୍କ ପ୍ରତିମା ବିକ୍ଷିପ୍ତ ଭାବରେ ପଡ଼ି ରହିଅଛି । ଏହି ଭଗ୍ନ ପ୍ରତିମା ଗୁଡ଼ିକର ନିର୍ମାଣ ପରିପାଟୀ ପୁରୀ, ଭୁବନେଶ୍ୱରରେ ଥିବା ମୂର୍ତ୍ତି ଗୁଡ଼ିକ ପରି ଅତ୍ୟନ୍ତ ସୁନ୍ଦର ଅଟେ । ଏଠାରେ ବିକ୍ଷିପ୍ତ ହୋଇ ପଡ଼ିଥିବା ବୃହତ ପଥର ବକ୍ଷରେ ଏକାଧିକ ଶିଳାଲେଖ ଲେଖା ଥିବାର ଦେଖାଯାଏ । ଏହି ସ୍ଥାନରେ ସବଂସ ବୃହତ୍ ଇଷ୍ଟକ ସ୍ତୂପମାନ ରହି ଥିବାର ଦେଖାଯାଏ । ଏହି ସ୍ଥାନ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କର ପ୍ରତ୍ନତତ୍ତ୍ୱ ବିଭାଗର ଦୃଷ୍ଟି ଗୋଚରକୁ ଆସି ନଥିବାରୁ ଏଠାରେ ପଡ଼ିଥିବା ଇଟା ପଥର ଗୁଡ଼ିକୁ ଗ୍ରାମବାସୀମାନେ ବୋହି ନେଇ ଘର ତିଆର କାର୍ଯ୍ୟରେ ଲଗାଇ ଅଛନ୍ତି । ଏଠାରେ ଭୀମକାଣ୍ଡ ନାମରେ ଏକାଧିକ ବର୍ତ୍ତୁଳାକାର ପଥର ଖଣ୍ଡମାନ ପ୍ରାନ୍ତରର ଚତୁଃର୍ଦ୍ଦିଗରେ ପୋତା ହୋଇ ରହିଅଛି । ଏହା ଦ୍ୱାରା ଏହି ସ୍ଥାନର ଚତୁଃସୀମା ମଧ୍ୟ ନିର୍ଦ୍ଦିଷ୍ଟ ହୋଇ ପାରୁଛି । ପୂର୍ବରୁ ଏଠାରେ ଥିବା ଗୋଟିଏ ଶିବଲିଙ୍ଗକୁ ଏବେ ଗ୍ରାମବାସୀମାନେ ଗୋଟିଏ କ୍ଷୁଦ୍ର ମନ୍ଦିର ନିର୍ମାଣ କରି ସ୍ଥାପନ କରି ଅଛନ୍ତି । ଏହି ଶିବଙ୍କର ନାମ ଧବଳେଶ୍ୱର ଅଟେ । ମକର ଦିନ ଏଠାରେ ଗୋଟିଏ ମେଳା ହୋଇଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଲୋକଲୋଚନର ଅନ୍ତରାଳରେ ରହିଥିବା ଏହି ଛେଳଆଉଡ଼ା ସ୍ଥାନର ପ୍ରତ୍ନତାତ୍ତ୍ୱିକ ଗବେଷଣା କରାଗଲେ କେଂନ୍ଦୁଝର ରାଜ୍ୟ ଓ ଭଞ୍ଜବଂଶ ସମ୍ବନ୍ଧରେ ଯେ ବହୁ ତଥ୍ୟ ପ୍ରକାଶ ପାଇବ ଏକଥା ନିଶ୍ଚିତ ସତ୍ୟ ଅଟେ । ଏଥିପାଇଁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମ୍ଭେ ନିବେଦନ କରୁଅଛୁଁ ।

ଧାନବେଣୀ

କେଂନ୍ଦୁଝର ଜିଲ୍ଲାର ସଦର ସବ୍‌ଡିଭିଜନ ଅନ୍ତର୍ଗତ ଖିରେଇଟାଙ୍ଗିରି ଗ୍ରାମର ପାର୍ଶ୍ୱ ଦେଶରେ ଧାନବେଣୀ ପର୍ବତ ଅବସ୍ଥିତ । ପର୍ବତଟି ବୃକ୍ଷଲତା ଶୂନ୍ୟ ଗୋଟିଏ ଗୋଲାକାର ଟାଙ୍ଗର ଅଟେ । ଏହାର ଉଚ୍ଚତା ପ୍ରାୟ ୫୦୦ ଫୁଟ ହେବ । ସମଗ୍ର ଟାଙ୍ଗରଟି ଗୋଟିଏ ପଥର ଓ ଏହାର ପରିଧି ପ୍ରାୟ ପାଞ୍ଚ କିଲୋମିଟର ହେବ । ଏହି ଟାଙ୍ଗରର ଚତୁଃପାର୍ଶ୍ୱ ଜଳାର୍ଣ୍ଣବ ଓ ଜଙ୍ଗଲ ପୂର୍ଣ୍ଣ । ଶୁକ୍ଳବର୍ଣ୍ଣ

Digitized by srujan ka@gmail.com

ଦଧିଗ୍ରାମ ମଧ୍ୟରେ ଖୁଆ ଦଣ୍ଡ ଶୋଭା ପାଉଛି ପର ଚତୁର୍ଦ୍ଦିଗ ଜଳପୂର୍ଣ୍ଣ ଧର ସରରେ ଧାନକ୍ଷେଣୀ ପର୍ବତର ଶୋଭା ଖୁଆଦଣ୍ଡ ଘର ଦୃଶ୍ୟମାନ ଅଟେ । ଏହି ପର୍ବତର ଶୀର୍ଷ ଦେଶରେ ଦଣ୍ଡାୟମାନ ହୋଇ ଅସ୍ତଗାମୀ ସୂର୍ଯ୍ୟଙ୍କର ଦର୍ଶନ କରି ହୋଇଥାଏ । ତେଣୁ ଏହି ପର୍ବତର ଶୀର୍ଷ ଦେଶରେ ଅଲେଖ ନିରଞ୍ଜନ ପରମବ୍ରହ୍ମ ଙ୍କର ନିର୍ଗୁଣ ମଠ ସ୍ଥାପିତ ହୋଇଅଛି । ବିଶାଳ ବର୍ତ୍ତୁଳାକାର ଟାଙ୍ଗର ବକ୍ଷରେ ବୃହତ୍ ଜଳଭଣ୍ଡାର ଓ ନିର୍ଗୁଣ ଉପାସନା ମନ୍ଦିର ରହିଅଛି । ସେଠାରେ ବକୁଳୀ ବାବାଜୀମାନେ ଅବସ୍ଥାନ କରି ନିରାକାର ପ୍ରଭୁଙ୍କର ଉପାସନା କରୁଥିବାରୁ ଏହି ସ୍ଥାନ ଅଲେଖ ଧର୍ମ ପ୍ରଚାର କେନ୍ଦ୍ର ଅଟେ । ଏଠାରେ ସଂସାର ତ୍ୟାଗୀ ଅବସ୍ଥାନ କରି ନିରଞ୍ଜନ ଧ୍ୟାନମଗ୍ନ ହେବାର ଉପଯୁକ୍ତ ସ୍ଥାନ ଅଟେ । ଏଠାରେ ପ୍ରତିବର୍ଷ ଉତ୍ସବ ଅବସରରେ ଗୋଟିଏ ଅଲେଖ ମେଳା ଅନୁଷ୍ଠିତ ହୋଇଥାଏ । ବକୁଳୀ ମାନେ ଶତ ଶତ ସଂଖ୍ୟାରେ ଧୂନି ଲଗାଇ ମହିମା ଧର୍ମ ଭଜନ କୀର୍ତ୍ତନ କରି ରାତି ଉଜାଗର ରହନ୍ତି ।

ଭାରତର ଅନ୍ୟତମ ଲୋକପ୍ରିୟ ଧର୍ମ ମହିମା ଧର୍ମ ବା ଅଲେଖ ଧର୍ମ ଢେଙ୍କାନାଳର ଯୋରନ୍ଦାଠାରେ ଜନ୍ମଲାଭ କରିଥିଲା । ଏହି ଧର୍ମର ପ୍ରତିଷ୍ଠାତା ମହିମାସ୍ୱାମୀ ନିର୍ଗୁଣ ବ୍ରହ୍ମବାଦ ପ୍ରଚାର ପାଇଁ ଭୀମଭୋଇ ନାମକ ଜଣେ କବିଙ୍କୁ ଆଜ୍ଞା ଦେଇଥିଲେ । ଅଲେଖ ଧର୍ମର ନିୟମ ଅନୁଯାୟୀ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଧର୍ମଦୀକ୍ଷା ଦେବାର ବ୍ୟବସ୍ଥା ଥିଲେହେଁ ସମାଜରେ ପରି- ଚାଳିତ ରଜା, ବିପ୍ର, ନାପିତ, ଗ୍ରହପୁଷ୍ଠ ଓ ରଜକକୁ ଦୀକ୍ଷା ଦେବା କିମ୍ବା ଭିକ୍ଷା ଗ୍ରହଣ କରିବା ନିଷେଧ କରାଯାଇ ଥିବାରୁ ଏହି ଧର୍ମ ଯେ ସାର୍ବଜନୀନ ନୁହେଁ ଏ କଥା ସତ୍ୟ ଅଟେ । ଏହି କାରଣରୁ ଅଲେଖ ଧର୍ମ ବୌଦ୍ଧ ଧର୍ମର ପରବର୍ତ୍ତୀ ରୂପାନ୍ତର ହୋଇଥିଲେ ସୁଦ୍ଧା ଏହା ସର୍ବଲୋକ ଧର୍ମ ନୁହେଁ । ଏହି ଧର୍ମରେ ଜନ୍ମାନ୍ତର ବାଦ, କର୍ମ ଫଳରେ ବିଶ୍ୱାସ ଓ ଏକେଶ୍ୱରବାଦ ଉପରେ ପ୍ରତିଷ୍ଠିତ ହୋଇଥିଲେ ସୁଦ୍ଧା ସଗୁଣ ବ୍ରହ୍ମବାଦକୁ ଗ୍ରହଣ କରାଯାଇ ନାହିଁ । ଏପରିକି ଅଲେଖ ଧର୍ମରେ ଜଗନ୍ନାଥ ଦର୍ଶନ ଓ ମହାପ୍ରସାଦ ସେବନକୁ ବାରଣ କରାଯାଇ ଅଛି । ଏହି ଧର୍ମ ଯେତେ ସରଳ ଓ ତାତ୍ତ୍ୱିକ ହେଲେ ମଧ୍ୟ ଯେହେତୁ ଏଥିରେ ଓଡ଼ିଆ ଜାତିର ପରମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ପ୍ରତି ଆକ୍ଷେପୋକ୍ତି କରାଯାଇଛି ସେହେତୁ ଏହି ଧର୍ମକୁ ଓଡ଼ିଶାର ଜାତୀୟ ଧର୍ମ ରୂପେ ଗ୍ରହଣ କରାଯାଇ ନାହିଁ । ମାତ୍ର ଅଲେଖ ଧର୍ମରେ ଜାତିଭେଦ ପ୍ରତି ଧ୍ୟାନ ଦିଆଯାଇ ଥିବାରୁ ଏହା ଯେ ଓଡ଼ିଶାର ଅଦ୍ୱିତୀୟ ଲୋକପ୍ରିୟ ଧର୍ମ ଏଥିରେ ସନ୍ଦେହ ନାହିଁ । ତେଣୁ କେଉଁଝରର ସର୍ବତ୍ର ଅଲେଖ ଟୁଙ୍ଗୀମାନ ରହିଅଛି । ଅଠାସାହି, ନଦୂଆଁର ଟୁଙ୍ଗୀ ସେମାନଙ୍କ ମଧ୍ୟରେ ପ୍ରଧାନ ଅଟେ ।

Digitized by srujan ka@gmail.com

ଭଞ୍ଜଭୂମି କେନ୍ଦୁଝରର ପ୍ରତ୍ନତାତ୍ତ୍ୱିକ ପ୍ରସିଦ୍ଧି

ଉତ୍କଳର ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳର କଳା, ସ୍ଥାପତ୍ୟ, ଐତିହ୍ୟ ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରି ଥିଲେହେଁ ଉତ୍ତରାଞ୍ଚଳ ଯେ ସମୁନ୍ନତ କଳା ସ୍ଥାପତ୍ୟରେ ପରିପୂର୍ଣ୍ଣ ଏହା ନିଶ୍ଚିତ ରୂପେ ଜଣା ଯାଇଛି । ଉତ୍ତର ଓଡ଼ିଶାର ଉତ୍ତର କବାଟ ରୂପେ ଅବସ୍ଥିତ ଆଧୁନିକ ବଣେଇ, କେନ୍ଦୁଝର, ସିଂହଭୂମି ଓ ମୟୂରଭଞ୍ଜ ଜିଲ୍ଲା ଗୁଡ଼ିକୁ ନେଇ ଗଠିତ ହୋଇ ଥିବା ପ୍ରାଚୀନ ରାଜ୍ୟ " ଭଞ୍ଜଭୂମି " ଅନ୍ତର୍ଗତ କେନ୍ଦୁଝର ଜିଲ୍ଲାର ଅସନପାଟ, ସୀତାବିଞ୍ଜି ଓ ବଇଦାଖିଆ ପ୍ରଭୃତି ଶିଳାଲିପିଲେଖ ଓ ଶୈଳ ଚିତ୍ରାଙ୍କନ ଉଲ୍ଲେଖ ଯୋଗ୍ୟ ଅଟେ । ଏହି ସବୁ ପ୍ରତ୍ନତାତ୍ତ୍ୱିକ ପ୍ରସିଦ୍ଧ ସ୍ଥାନ ଗୁଡ଼ିକର ପ୍ରାଥମିକ ଖୋଦନ ଓ ଗବେଷଣାରୁ ଯେଉଁ ସବୁ ଲେଖା, ମୂର୍ତ୍ତି, ଚିତ୍ରାଙ୍କନ, ମୁଦ୍ରା, ଅବଶେଷ, ପଥର ପାତ୍ର ପ୍ରଭୃତି ମିଳିଛି, ସେ ଗୁଡ଼ିକର ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନରୁ ଦେଖାଯାଏ ଯେ ଉତ୍କଳର ପୂର୍ବାଞ୍ଚଳ ଓ ଦକ୍ଷିଣାଞ୍ଚଳପରି ଉତ୍ତରାଞ୍ଚଳ ମଧ୍ୟ ଐତିହ୍ୟ ପୂର୍ଣ୍ଣ କଳା ସ୍ଥାପତ୍ୟରେ ସମୃଦ୍ଧିଶୀଳ ଅଟେ । ତେଣୁ ଭଞ୍ଜଭୂମି କେନ୍ଦୁଝର ରାଜ୍ୟର ଏକଦା ଯେ ଏକ ସମୁନ୍ନତ ଗୌରବମୟ ଅତୀତ ଥିଲା ତାହାର ମୂକ ସାକ୍ଷୀ ହେଉଛି ଅସନପାଟ, ସୀତାବିଞ୍ଜି, ଓ ବଇଦାଖିଆ । ଏହି ସମସ୍ତ ସ୍ଥାନ ଗୁଡ଼ିକରେ ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ଓ ଐତିହାସିକ ପ୍ରସିଦ୍ଧି ନିମ୍ନ ମତେ ନିର୍ଦ୍ଧାରଣ କରା ଯାଇ ଅଛି ।

ଅସନପାଟ ଶିଳାଲିପିଲେଖ

ଅସନପାଟ ହେଉଛି ଗୋଟିଏ ଗିରି ପଲ୍ଲୀ । ଏହା ଝୁମ୍ପୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅସନପାଟ ଗ୍ରାମ ପଞ୍ଚାୟତର ଅସନପାଟ ଗ୍ରାମ ଅଟେ । ଏହି ଗ୍ରାମରେ ବାଥୁଡ଼ି ଜାତିର ଲୋକ ମାନେ ବାସ କରନ୍ତି ଓ ଲୋକ ସଂଖ୍ୟା ହେଉଛି ୨୦୦୦(ଦୁଇ ହଜାର) । ଏଠାକୁ ଯିବାକୁ ଝୁମ୍ପୁରା ଠାରୁ ୧୫ କି.ମି. କଚ୍ଚା ରାସ୍ତା ଯାଇ ଅଛି । ସିଜୁକଳା ଠାରୁ ମଧ୍ୟ ୮ କି. ମି. ଦୂର ଅଟେ ।

ଅସନପାଟ ଗ୍ରାମଟି ଗ୍ରାମ୍ୟ କୁଳବଧୂ ପରି ସଂଗୋପନରେ ଲୁଚି ରହିଛି ବନ ଗିରି ବେଷ୍ଟିତ ନିର୍ଜ୍ଜନ ପ୍ରକୃତି ଶ୍ରୀ କୋଳରେ । ମହାନ ଐତିହ୍ୟ ଓ ଗୁରୁ ଗୌରବର ଅଧିକାରୀ ଅସନପାଟ ଗ୍ରାମରେ ଏକ ସୁବିସ୍ତୃତ ଆମ୍ର କାନନ ମଧ୍ୟରେ ଅସନପାଟ ଶିଳାଲିପିଲେଖ ରହି ଅଛି ।

ଖ୍ରୀଷ୍ଟୀୟ ୧୭୭ ବର୍ଷରେ ଉତ୍ତର ଭାରତରେ ଶକ୍ତିଶାଳୀ କୁଶାଣ-ମୁରୁଣ୍ଡ ଶାସନର ବିଲୋପ ସାଧନ କାରୀ ରୂପେ ପରିଚିତ ବିନ୍ଧ୍ୟାଟବୀ ରାଜ୍ୟର ନାଗ ବଂଶୀୟ ମହାରାଜା ଶତ୍ରୁଭଞ୍ଜଙ୍କର ନାମ ଉଲ୍ଲେଖ ଯୋଗ୍ୟ ଅଟେ ।

Digitized by srujan ka@gmail.com

ଅସନପାଟ ଠାରୁ ମିଳିଥିବା ଓ ବର୍ତ୍ତମାନ ରାଜ୍ୟ ସଂଗ୍ରହାଳୟରେ ରଖା ଯାଇଥିବା ପ୍ରସ୍ତର ନିର୍ମିତ ଏକ ନଟରାଜ ଶିବର ବିଗ୍ରହ ନିମ୍ନାଂଶରେ ଖୋଦିତ ହୋଇଥିବା ସେ କାଳର ଯେଉଁ ଅଭିଲେଖ ଆବିଷ୍କୃତ ହୋଇ ଅଛି ତହିଁରୁ ଶତ୍ରୁଭଞ୍ଜଙ୍କର କୃତ୍ୟା-କଳାପର ସବିଶେଷ ବିବରଣୀ ମିଳେ । ସେହି ଶିଳା ଲେଖରୁ ଜଣା ପଡ଼େଯେ ଶତ୍ରୁଭଞ୍ଜ ବହୁ ଯୁଦ୍ଧ କ୍ଷେତ୍ରରେ କୁଶାଣ ମୁରୁଣ୍ଡ (ଦେବ ପୁତ୍ର) ଙ୍କୁ ପରାସ୍ତ କରିଥିଲେ । ସେ ତାଙ୍କର ବହୁ ସାମନ୍ତ ରାଜାଙ୍କୁ ବଶୀଭୂତ କରି ପାଟଳପୁତ୍ର, ଗୟା, କୃମିଳ, ଦଣ୍ଡାବର୍ଦ୍ଧନ, ପୁଣ୍ଡ୍ର-ବର୍ଦ୍ଧନ, ବର୍ଦ୍ଧମାନ, ଗୌହାଟୀ, କାମରୁକ, ଖଡ୍ଗଙ୍କ ତାମ୍ରଲିପ୍ତ ଓ ଉଦୟ ତୋଷାଳୀ ଠାରେ ଲକ୍ଷ ଲକ୍ଷ ସଂଖ୍ୟାରେ ଗୋଦାନ କରିଥିଲେ ଏବଂ ଅହିଛତ୍ର ଠାରେ ଥିବା ଶଙ୍କାରିମଠ, ଲକ୍ଷେ ଶ୍ୱରସ୍ଥ ମହିଭଦ୍ରା ମଠ ଓ ଅନ୍ୟାନ୍ୟ ବହୁ ମଠ ମନ୍ଦିରକୁ ଲକ୍ଷ ଲକ୍ଷ ସଂଖ୍ୟାରେ ସ୍ୱର୍ଣ୍ଣ ମୁଦ୍ରା ଦାନ କରିଥିଲେ । ସେତେବେଳେ ପାଟଳୀପୁତ୍ର, ଗୟା ଓ କୃମିଳ ରାଜ୍ୟ ମୁରୁଣ୍ଡ ସାମ୍ରାଜ୍ୟର ଦୃଢ଼ପିଣ୍ଡ ଥିଲା ଏବଂ ସେ ସବୁ ଅଞ୍ଚଳରେ ଶତ୍ରୁଭଞ୍ଜ ଆଧିପତ୍ୟ ବିସ୍ତାର କରିଥିବା ଦୃଷ୍ଟିରୁ ସେ ସବୁ ସାମ୍ରାଜ୍ୟର ପତନ ଘଟିଥିବା ସ୍ପଷ୍ଟ ଜଣା ପଡ଼େ । ମଗଧର ମୁରୁଣ୍ଡ ଶାସନର ବିଲୋପ ସାଧନ କରିବାରେ ମଧ୍ୟ ସେ କୃତିତ୍ୱ ଅର୍ଜନ କରିଥିଲେ ।

ମହାରାଜା ଶତ୍ରୁଭଞ୍ଜ ଏହି ଅଭିଲେଖର ଶିରୋଭାଗରେ ନଟରାଜ ଶିବଙ୍କ ବିଗ୍ରହ ସ୍ଥାପନ କରି ସୂଚାଇ ଦେଇ ଅଛନ୍ତି ଯେ ଅଭିଲେଖ ବର୍ଣ୍ଣିତ ବିଷୟବସ୍ତୁ ସତ୍ୟ ଅଟେ । ଭଞ୍ଜରାଜା ମାନେ ଯେ ଭବଭକ୍ତାଶିଷଃ ଥିଲେ ଏହାହିଁ ତାହାର ବିଷୟ ପ୍ରମାଣ । ସେହି ଦୃଷ୍ଟିରୁ ବିଚାର କଲେ ଦେଖା ଯାଏ ଯେ ଅସନପାଟ ଶିଳାଭିଲେଖ ପ୍ରାଚୀନ ଉତ୍କଳ ଇତିହାସରେ ଏକ ନବୀନ ଆଲୋକ ବର୍ତ୍ତିକା ।

ସେହି ଅଭିଲେଖରୁ ଜଣାଯାଏ ଯେ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ ବିନ୍ଧ୍ୟାଟବୀ ରାଜ୍ୟର ଭଞ୍ଜ ଉପାଧି ଧାରୀ ନାଗ ବଂଶୀୟ ରାଜା ମାନେ ପ୍ରବଳ ଶାଳୀ ଥିଲେ । ଆଧୁନିକ କେନ୍ଦୁଝର, ମୟୁରଭଞ୍ଜ, ସିଂହଭୂମି ଓ ବଣେଇ ଅଞ୍ଚଳକୁ ନେଇ ପ୍ରାଚୀନ ବିନ୍ଧ୍ୟାଟବୀ ରାଜ୍ୟ ସଂଗଠନ କରି ତହିଁରେ ମହାରାଜା ଶତ୍ରୁଭଞ୍ଜ ନିରଙ୍କୁଶ ଶାସନ କରୁଥିଲେ । ସେ ମହାରାଜା ମାଣଭଞ୍ଜ ଓ ମହାରାଣୀ ଦମୟନ୍ତୀ ଦେବୀଙ୍କର ପୁତ୍ର ଥାଇ ନାଗବଂଶର ଗୌରବ ବର୍ଦ୍ଧକ ସମ୍ରାଟ ଥିଲେ । ସେ ବହୁ ଯୁଦ୍ଧ କ୍ଷେତ୍ରରେ କୁଶାଣ ମୁରୁଣ୍ଡଙ୍କୁ ପରାସ୍ତ କରି ଥିଲେ ଏବଂ ସୂର୍ଯ୍ୟ ତୁଲ୍ୟ ତେଜ ଓ ବରୁଣ ତଥା କଳ୍ପବଟ ସଦୃଶ ଅକ୍ଷୟ ଗୁଣର ଅଧିକାରୀ ଥିଲେ । ପଶ୍ଚିମରେ ଅହିଛତ୍ର ଠାରୁ ପୂର୍ବରେ ତାମ୍ରଲିପ୍ତ ଓ ଗୌହାଟି ଯାଏ ଏବଂ ଦକ୍ଷିଣ ପୂର୍ବରେ ଉଦୟ ତୋଷଳୀ ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରି ଥିଲେ । ଭାରତରୁ ବୈଦେଶିକ ଶାସନ ହଟାଇବା ନିମନ୍ତେ ସେତେବେଳେ ଯେଉଁ ସାମରିକ ଅଭିଯାନ ହୋଇ ଥିଲା ତହିଁରେ ମଥୁରା, କୌଶାମ୍ବୀ ଓ ପଦ୍ମାବତୀ ରାଜ୍ୟର ନାଗରାଜା ମାନଙ୍କ ସହିତ ବିନ୍ଧ୍ୟାଟବୀ ରାଜ୍ୟର ନାଗ ରାଜା ଶତ୍ରୁଭଞ୍ଜ ସକ୍ରିୟ ଅଂଶ ଗ୍ରହଣ କରି ଉତ୍ତର ଭାରତର ବିଭିନ୍ନ ସ୍ଥାନ ମାନଙ୍କରେ ଗୋଦାନ, ସ୍ୱର୍ଣ୍ଣ ଦାନ ପ୍ରଭୃତି କରି ଥିଲେ ।

Digitized by srujanika@gmail.com

ମଗଧ ସମ୍ରାଟ ଅଶୋକ କଳିଙ୍ଗ ବିଜୟ କରି ଥିଲେହେଁ କଳିଙ୍ଗର ପଶ୍ଚିମାଞ୍ଚଳ ତାଙ୍କ ଦ୍ୱାରା ବିଜିତ ହୋଇ ନଥିଲା । ସେହି ସମୟରେ କଳିଙ୍ଗର ଅଟବିକ ଅଞ୍ଚଳ ବିଦ୍ୟାଧର ରାଜ୍ୟ ନାମରେ ପରିଚିତ ଥିଲା । ଏହାର ଅପର ନାମ ଅଷ୍ଟାଦଶାଟବୀ ବା ଅଠର ଗଡ଼ଜାତ ଥିଲା । ପ୍ରଥମ ଖ୍ରୀଷ୍ଟାବ୍ଦରେ କଳିଙ୍ଗର ସମ୍ରାଟ ଖାରବେଳଙ୍କ ଶାସନ କାଳରେ ଏହି ଅଞ୍ଚଳ ତ୍ରିକଳିଙ୍ଗ ନାମରେ ଖ୍ୟାତ ଥିଲା । ଏହାର ଅପର ନାମ ଗିରି-କଳିଙ୍ଗ ମଧ୍ୟ ଥିଲା । ଏହା ଉଭୟ ତୋଷାଳିକୁ ନେଇ ଗଠିତ ହୋଇଥିଲା । ବାଲେଶ୍ୱର ମୟୂରଭଞ୍ଜ, କେନ୍ଦୁଝର ଓ କଟକର କେତେକ ଅଞ୍ଚଳକୁ ନେଇ ଉତ୍ତର ତୋଷଳୀ ରାଜ୍ୟ ଓ ଗଞ୍ଜାମ, ପୁରୀ, ଫୁଲବାଣୀ, ଢେଙ୍କାନାଳ ଏବଂ କଟକର କେତେକ ଅଂଶକୁ ନେଇ ଦକ୍ଷିଣ ତୋଷଳୀ ରାଜ୍ୟ ଗଠିତ ହୋଇଥିଲା । ମହାନଦୀ ଉଭୟ ରାଜ୍ୟର ସୀମା ବିଭେଦ କାରୀ ରେଖା ଥିଲା । ଅସନପାଟ ଅଭିଲେଖରେ ସେହି ଉଭୟ ତୋଷଳୀ ରାଜ୍ୟ ଏକ ଯୁଗ୍ମ ରାଜ୍ୟ ରୂପେ ସଂଗଠିତ ହୋଇ ଥିଲା । ଚତୁର୍ଥ ଶତାବ୍ଦୀରେ ରଚିତ ଖଣ୍ଡବ୍ୟୂହ ନାମକ ଗ୍ରନ୍ଥରେ ଉଭୟ ତୋଷଳୀ ଅମିତ ତୋଷଳୀ ରାଜ୍ୟ ରୂପେ ବର୍ଣ୍ଣିତ ହୋଇ ସେଠାରେ ମହାରାଜା ଶତ୍ରୁଭଞ୍ଜଙ୍କର ରାଜନୈତିକ ପ୍ରଭାବ ପ୍ରତିଷ୍ଠିତ ହୋଇ ଥିବା ଜଣା ଯାଏ । ଭୁବନେଶ୍ୱର ନିକଟସ୍ଥ ସୁନ୍ଦରପଡ଼ା ଗ୍ରାମ ଠାରେ ଯେଉଁ ନାଗ ରାଜାଙ୍କର ବିଗ୍ରହ ଏବେ ପୂଜିତ ହେଉ ଅଛି ତାହା ସମ୍ଭବତଃ ନାଗବଂଶୀ ମହାରାଜା ଶତ୍ରୁଭଞ୍ଜଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇ ଅଛି । ମଗଧ ରାଜ୍ୟର କୁଶାଣ ମୁରୁଣ୍ଡ ଶାସନର ବିଲୋପ ସାଧନ କରିବାରେ ଶତ୍ରୁଭଞ୍ଜଙ୍କର ସାମରିକ ଅବଦାନ ଯେ ସାଫଲ୍ୟ ଅର୍ଜନ କରି ଥିଲା ଏହା ନିଃସନ୍ଦେହରେ କୁହାଯାଇ ପାରେ । ମହାରାଜା ଶତ୍ରୁଭଞ୍ଜଙ୍କ ପରେ ଅଟବୀ ଅଞ୍ଚଳରେ ନାଗ ବଂଶ ଦୁର୍ବଳ ହୋଇ ପଡ଼ିଥିବା ଜଣା ଯାଏ ।

ମହାରାଜା ଶତ୍ରୁଭଞ୍ଜ ଶିବଙ୍କର ପରମ ଭକ୍ତ ଥିବା କଥା ଅସନପାଟ ଶିଳାଭିଲେଖର ଅଗ୍ର ଭାଗରେ ଖୋଦିତ ଶିବଙ୍କର ଆନନ୍ଦ ତାଣ୍ଡବ ବିଗ୍ରହରୁ ପ୍ରମାଣ ମିଳେ । ରାଜା ଶତ୍ରୁଭଞ୍ଜ ଶୈବ ଧର୍ମାବଲମ୍ବୀ ଥିଲେହେଁ ସେ ବ୍ରାହ୍ମଣ୍ୟ ଓ ବୈଦିକ ଧର୍ମର ପୃଷ୍ଠପୋଷକ ଥିବା ମଧ୍ୟ ଜଣା ଯାଏ । ତାଙ୍କର ଧର୍ମ ମତ ବଡ଼ ଉଦାର ଭିତ୍ତିରେ ପ୍ରତିଷ୍ଠିତ ହୋଇ ଥିବା ଜଣା ପଡ଼ୁଛି । କଳିଙ୍ଗ ସମ୍ରାଟ ଖାରବେଳଙ୍କ ପରି ସେ ସମସ୍ତ ଧର୍ମାବଲମ୍ବୀ ମାନଙ୍କୁ ସମ୍ମାନ ପ୍ରଦର୍ଶନ କରୁ ଥିଲେ । କେବଳ ବ୍ରାହ୍ମଣ୍ୟ ଧର୍ମର ବ୍ରହ୍ମଚାରୀ, ଚରକ ଓ ପରିବ୍ରାଜକ ମାନଙ୍କ ପାଇ ନୁହେଁ ଜାତି-ବର୍ଣ୍ଣ ଧର୍ମ ନିର୍ବିଶେଷରେ ବର୍ଣ୍ଣାତ୍ମକ) ସମସ୍ତଙ୍କ ନିମନ୍ତେ ଏବଂ ଜୈନ୍ୟ (ନିର୍ଗ୍ରନ୍ଥକ) ଓ ବୌଦ୍ଧ (ଭିକ୍ଷୁ) ଙ୍କର ନିମନ୍ତେ ମଠ ଓ ବିହାର ମାନ ନିର୍ମାଣ କରାଇ ଥିଲେ । ସେ କାଳରେ ଶତ୍ରୁଭଞ୍ଜଙ୍କର ଧର୍ମ ନିରପେକ୍ଷ ମତ ଅତୁଳନୀୟ ଥିଲା ପରି ମନେ ହୁଏ । ଅଟବୀ ରାଜ୍ୟର ନାଗ ବଂଶୀୟ ମହାରାଜା ଶତ୍ରୁଭଞ୍ଜଙ୍କ ଠାରୁ କଳିଙ୍ଗରେ ଓ ପରବର୍ତ୍ତୀରେ ନାଗ ଦେବତାଙ୍କର ପୂଜା ପ୍ରଚଳିତ ହୋଇଥିବା ସୂଚନା ମିଳେ ।

Digitized by srujan ka@gmail.com

ସେ କାଳରେ କଳିଙ୍ଗରେ ବହୁଳ ପ୍ରଚଳିତ ଥିବା ବ୍ରାହ୍ମଣ୍ୟ ଧର୍ମ ଶାସ୍ତ୍ର, ପୁରାଣ, ମହାଭାରତ, ରାମାୟଣ ଇତିହାସ, ବ୍ୟାକରଣ, ବେଦ, ଉପନିଷଦ, ନ୍ୟାୟ, ମୀମାଂସା ସାଂଖ୍ୟ, ଷଡ଼ଦର୍ଶନ ଶିକ୍ଷ୍ୟା କରିବାରେ ରାଜା ଶତ୍ରୁଭଞ୍ଜ ପାରଦର୍ଶିତା ଲାଭ କରିଥିବା କଥା ଅସନପାଟ ଶିଳାଭିଲେଖରୁ ଜଣା ପଡ଼େ ।

ଅସନପାଟ ଅଭିଲେଖର ଶିବ ବିଗ୍ରହ ଓଡ଼ିଶାରେ ଏଯାଏ ଆବିଷ୍କୃତ ହୋଇ ଥିବା ଶିବଙ୍କର ପ୍ରାଚୀନତମ ବିଗ୍ରହ ଅଟେ । ଶିବ ଅଷ୍ଟ ଭୁଜରେ ବିବିଧ ପ୍ରକାର ଆୟୁଧ ଧାରଣ କରି ଆନନ୍ଦ ତାଣ୍ଡବ ନୃତ୍ୟ ରଚନା କରୁ ଅଛନ୍ତି ଏବଂ ଉପର ଦୁଇ ହସ୍ତରେ ନିଜର ମଥା ଉପରେ ଏକ ସର୍ପ ଟେକି ଧରି ଅଛନ୍ତି । ଅନ୍ୟ ଦୁଇ ଡାହାଣ ହସ୍ତରେ ସେ ଧାରଣ କରିଛନ୍ତି ଅକ୍ଷମାଳା ଓ ଡମ୍ବରୁ ଏବଂ ଅନ୍ୟ ଦୁଇ ବାମ ହସ୍ତରୁ ଗୋଟିକରେ ବିଜୟ ପତାକା ଶୋଭିତ ତ୍ରିଶୂଳ ଏବଂ ଅନ୍ୟଟି ବରଦା ମୁଦ୍ରା ପ୍ରଦର୍ଶନ କରୁ ଅଛି । ମସ୍ତକରେ ଜଟା ମୁକୁଟ; ତୃତୀୟ ନେତ୍ର ଓ ଚନ୍ଦ୍ରକଳା ଶୋଭା ପାଉ ଅଛି । ଚକ୍ଷୁଦ୍ୱୟ ଅର୍ଦ୍ଧ ନିମିଳିତ ହୋଇ ଦୃଷ୍ଟି ନାସିକାଗ୍ରରେ କେନ୍ଦ୍ରୀଭୂତ ହୋଇ ଅଛି । ତାଙ୍କର ବାମ ପାର୍ଶ୍ୱରେ ନନ୍ଦୀ ଊର୍ଦ୍ଧ୍ୱ ମୁଖରେ ବିମୋହିତ ହୋଇ ରହିଛନ୍ତି ଏବଂ ଡାହାଣ ପାର୍ଶ୍ୱରେ ଜଣେ ଶୈବାଚାର୍ଯ୍ୟ ସ୍ତମ୍ଭ ଉପରେ ଯୁଗ୍ମ ହସ୍ତରଖି ପଦ୍ମାସନରେ ଉପବେସନ କରିଅଛନ୍ତି । ସମ୍ପ୍ରଦାୟ ବିଗ୍ରହରେ ଅପୂର୍ବ ଆଧ୍ୟାତ୍ମିକ ଭାବର ଅଭିବ୍ୟକ୍ତି ପରିଲକ୍ଷିତ ହୁଏ । ଶିବ ସଂପୂର୍ଣ୍ଣ ଯୋଗ ମଗ୍ନ ହେଲେ ହେଁ ବାହ୍ୟ ଜଗତ ପ୍ରତି ଯେ ଉଦାସୀନ ନୁହନ୍ତି ତାହା ତାଙ୍କର ବରଦା ମୁଦ୍ରା, ବୀଣା ଓ ଡମ୍ବରୁ ବାଦନରୁ ସ୍ପଷ୍ଟ:ସୂଚୀତ ହୁଏ । ବିଗ୍ରହ ଖୋଦନରେ ଉତ୍କର୍ଷ କଳାର ପାରଦର୍ଶିତା ପ୍ରକାଶିତ ହୋଇ ଅଛି । ଶିବଙ୍କର ମୁଖ ମଣ୍ଡଳରେ ଯୋଗୀର ଦୃଢ଼ତା ଓ ରୁକ୍ଷତା ସହିତ ଶରୀରର କୋମଳତା ଓ କମନୀୟତା ତଥା ନୃତ୍ୟର ସୌଷ୍ଠବତା ସମନ୍ୱିତ ହୋଇ ଏକ ଅନବଦ୍ୟ କଳାର ପରିଚୟ ପ୍ରଦାନ କରେ ।

ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ ରାଜା ଶତ୍ରୁଭଞ୍ଜ ପ୍ରାକୃତ ଭାଷା ଛାଡ଼ି ସର୍ବ ପ୍ରଥମେ ସଂସ୍କୃତରେ ନିଜର ଅଭିଲେଖ ଉତ୍କୀର୍ଣ୍ଣ କରାଇଥିବା କଥା ଅସନପାଟ ଅଭିଲେଖରୁ ଜଣାଯାଏ । ତାହା କଳିଙ୍ଗର ଭାଷା କ୍ଷେତ୍ରରେ ଏକ ନୂତନ ପଦକ୍ଷେପ । କଳିଙ୍ଗରେ ସଂସ୍କୃତ ଭାଷାର ପ୍ରଚଳନ ଗୁପ୍ତ ଯୁଗରୁ ଆରମ୍ଭ ହୋଇଥିଲା ବୋଲି ଯାହା କୁହାଯାଏ ତାହା ଏହା ଦ୍ୱାରା ମିଥ୍ୟା ପ୍ରମାଣିତ ହୋଇ ଅଛି । ପରନ୍ତୁ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀ ଠାରୁ ମାଠର ବଂଶର ରାଜାମାନେ କଳିଙ୍ଗରେ ସଂସ୍କୃତ ଭାଷାକୁ ରାଜ ଭାଷା ରୂପେ ପ୍ରଚଳନ କରିଥିଲେ ।

ଖ୍ରୀଷ୍ଟାବ୍ଦ ୩୬ ରେ ଖାରବେଳ ଯେଉଁ ବିଶାଳ କଳିଙ୍ଗ ସାମ୍ରାଜ୍ୟ ସ୍ଥାପନ କରି ଥିଲେ ତାହା ତାଙ୍କର ମୃତ୍ୟୁ ପରେ ଖଣ୍ଡ ବିଖଣ୍ଡିତ ହୋଇଥିଲା । ମାତ୍ର ଖ୍ରୀଷ୍ଟାବ୍ଦ ୧୭୭ରେ ରାଜା ଶତ୍ରୁଭଞ୍ଜ ବିନ୍ଧ୍ୟାଟବୀ ରାଜ୍ୟର ଶାସକ ଥାଇ ସେ ବିଖଣ୍ଡିତ କଳିଙ୍ଗ ସାମ୍ରାଜ୍ୟକୁ ଏକ ସାମ୍ରାଜ୍ୟ ଅଧୀନରେ ରଖି ଭୂକଳିଙ୍ଗ ଠାରେ ନାଗ [illegible] ।

Digitized by srujanika@gmail.com

ରାଜା ଶତ୍ରୁଭଞ୍ଜ କଳିଙ୍ଗର ଦ୍ୱିତୀୟ ଖାରବେଳ ଥିଲେହେଁ ଇତିହାସ ତାଙ୍କ ପ୍ରତି ଯଥୋଚିତ ସମ୍ମାନ ଦେଇ ପାରି ନାହିଁ । ଏହାହିଁ ହେଉଛି ଏକ ବୈଚିତ୍ର୍ୟମୟ ଅଧ୍ୟାୟ ।

ସୀତାବିଞ୍ଜି ଶୈଳାଭିଲେଖ ଓ ଶୈଳ ଚିତ୍ରାଙ୍କନ

କେନ୍ଦୁଝର ଜିଲ୍ଲାର ସୀତାବିଞ୍ଜି ଠାରେ ଯେଉଁ ଚତୁଃମୁଖ ଲିଙ୍ଗ ଅଯତ୍ନ ହୋଇ ପଡ଼ି ରହିଛି, ତାହା ମହାରାଜା ଶତ୍ରୁଭଞ୍ଜଙ୍କର ବଂଶଧର ରାଣକ ଦିଶାଭଞ୍ଜଙ୍କର ଶାସନ କାଳର ସୂଚନା ଦିଏ । କାରଣ ସୀତାବିଞ୍ଜି ଠାରେ ଥିବା ରାବଣ ଛାୟା ନାମକ ପ୍ରାକୃତିକ ଆଶ୍ରୟ ସ୍ଥଳୀରେ ଥିବା ଭିତ୍ତିଚିତ୍ର ଧଳଚିତ ମହାରାଜା ଦିଶାଭଞ୍ଜଙ୍କର ନାମ ଦେଖିବାକୁ ମିଳେ । ଏହା ଛଡ଼ା ଦିଶାଭଞ୍ଜଙ୍କ ସମ୍ବନ୍ଧରେ ବିଶେଷ କିଛି ବିବରଣୀ ମିଳିନାହିଁ ।

ଖ୍ରୀଷ୍ଟୀୟ ତୃତୀୟ ଶତକରେ ବୌଦ୍ଧ ଉପାସିକା “ ବୋଧିଶ୍ରୀ ” ଭାରତର ବିଭିନ୍ନ ବୌଦ୍ଧ ତୀର୍ଥ କ୍ଷେତ୍ରରେ ଯେଉଁ ସାତଗୋଟି ଅପବାରକ ବା ଗୁମ୍ଫା ସ୍ଥାପନ କରିଥିଲେ ସେଥିମଧ୍ୟରୁ ପ୍ରଥମ ତିନିଗୋଟି ଅପବାରକ ବା ପିପିଲ ସୀତାବିଞ୍ଜି ସନ୍ନିକଟରେ ଥିବା ଆଧୁନିକ ପିପିଲିଆ ଗ୍ରାମ ଠାରେ ସ୍ଥାପିତ ହୋଇଥିଲା । ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରେ କଳିଙ୍ଗ ଅଞ୍ଚଳରେ ବୌଦ୍ଧ ଧର୍ମକୁ ଲୋକପ୍ରିୟ କରି ରଖିବା ଉଦ୍ଦେଶ୍ୟରେ ଏ ଗୁଡିକ ସ୍ଥାପିତ ହୋଇଥିବା ମନେ ହୁଏ ।

ଖ୍ରୀଷ୍ଟୀୟ ଚତୁର୍ଥ-ପଞ୍ଚମ ଶତାବ୍ଦୀରେ ରାଜା ଦିଶାଭଞ୍ଜଙ୍କ ନେତୃତ୍ୱରେ ସୀତାବିଞ୍ଜି ଶିଳାଲେଖ ଖୋଦିତ ହୋଇଥିବା ପରି ମନେ ହେଲେହେଁ ତାହାଙ୍କର ଶାସନ କାଳର ବିଶେଷ କିଛି ଜଣା ଯାଏ ନାହିଁ । ଏହା ଗବେଷଣ ସାପେକ୍ଷ ଅଟେ । ଉତ୍ତର ଭାରତରୁ କୁଶାଣ - ମୁରୁଣ୍ଡ ଶାସନ ବିଲୋପ ସାଧନ କ୍ଷେତ୍ରରେ ତଥା ଦାନପୁଣ୍ୟ କ୍ଷେତ୍ରରେ ଦାନ କର୍ଣ୍ଣ ସୁଖ୍ୟାତି ଅର୍ଜ୍ଜନ କରିଥିବା ନାଗ ବଂଶର ରାଜା ଶତ୍ରୁଭଞ୍ଜଙ୍କ ପରେ ସୀତାବିଞ୍ଜି ଶିଳାଲେଖର ପ୍ରସିଦ୍ଧ ରାଜା ରାଣକ ଦିଶାଭଞ୍ଜ ପର୍ବତ ବକ୍ଷରେ ଅନବଦ୍ୟ ଶୈଳ ଚିତ୍ରାଙ୍କନ ସୃଷ୍ଟି କରିବାରେ କଳିଙ୍ଗ ରାଜ୍ୟରେ ଅଦ୍ୱିତୀୟ ହୋଇ ରହି ଅଛନ୍ତି ।

ସୀତାବିଞ୍ଜି ପର୍ବତ

ପ୍ରତ୍ନତାତ୍ତ୍ୱିକ ପ୍ରସିଦ୍ଧି ଓ ଐତିହାସିକ ଐଶ୍ୱର୍ଯ୍ୟପୂର୍ଣ୍ଣ ସୀତା ବିଞ୍ଜି ପର୍ବତ କେନ୍ଦୁଝର ଠାରୁ ୨୫ ମାଇଲ ଦୂରରେ ଘନବନ ପର୍ବତ ପରିବେଷ୍ଟିତ ଓଡ଼ାଗଡ଼ିଆ ପଣୀ ଗ୍ରାମରେ ଅବସ୍ଥିତ । ଏହାର ଉଚ୍ଚତା ୨୨୦୦ ଫୁଟ ଅଟେ । ଏଠାରେ ୮୦ ଫୁଟ ଓ ୮୫ ଫୁଟ ଉଚ୍ଚତାର ଦୁଇଗୋଟି ଶୈଳ ଗୁମ୍ଫା ରହି ଅଛି । ସୀତାବିଞ୍ଜି ପର୍ବତ କେନ୍ଦୁଝର ଠାରୁ ଯାଜପୁର ରୋଡ଼କୁ ଯାଇଥିବା (ବର୍ତ୍ତମାନ N.H. 5 ଓ 6)କୁ ସଂଯୋଗ କରୁଥିବା ପ୍ରଧାନ ରାସ୍ତାରେ ଅବସ୍ଥିତ । କଟରା ବେଢ଼ା ଗ୍ରାମ ଠାରୁ ଦକ୍ଷିଣରେ ୮କି:ମି: ଦୂରରେ ଅବସ୍ଥିତ । ସୀତାବିଞ୍ଜି ପର୍ବତର ପାଦଦେଶରେ, କ୍ଷୁଦ୍ର ଗିରି ନିର୍ଝରିଣୀ

Digitized by srujan ka@gmail.com

ସୀତା ନଦୀ ସର୍ପିଳ ଗର୍ଭରେ ପ୍ରବାହିତ ହୋଇ ତାହାର ଜନନୀ — ବୈତରଣୀ କୋଳରେ ମିଶିଯାଉଛି । ସୀତାନଦୀ ସୀତା ବଞ୍ଜିଠାରୁ ମାତ୍ର ୧୦ କ: ମି: ଦୂରରୁ ଏକ ସମତଳ ସ୍ଥାନରୁ ବାହାରି ଅଛି । ଏହି ଛୋଟ ଗିରି ଜଳ ଧାରରୁ ସ୍ୱର୍ଣ୍ଣ ରେଣୁ ସଂଗ୍ରହ କରା ଯାଇ ଥାଏ । ସୀତା ନଦୀର ନାମାନୁସାରେ ପର୍ବତର ନାମ ସୀତାବଞ୍ଜି ହୋଇଥିବା ମନେକରି-ବିବା ସ୍ୱାଭାବିକ ଅଟେ । ମାତ୍ର ଜନଶ୍ରୁତିରୁ ଜଣାଯାଏ ଯେ ଶ୍ରୀରାମପତ୍ନୀ ସୀତା ଦେବୀଙ୍କ ନାମାନୁସାରେ ଏହି ପର୍ବତର ନାମ ସୀତାବଞ୍ଜି ରଖା ଯାଇଛି । ପର୍ବତରନାମ ସୀତାବଞ୍ଜି ହେଲେହେଁ ଲୋକ ବସନ୍ତ ଗ୍ରାମର ନାମ ଓଡ଼ାଙ୍ଗୁଆପଶୀ ଅଟେ । ସେଠାରେ ଚଣ୍ଡ ଜାତିର ଲୋକେ ବିଶେଷ ଭାବରେ ବାସ କରନ୍ତି । ଗ୍ରାମଟି ଏକ ପ୍ରକାଣ୍ଡ ପୁଷ୍କରଣୀ ଉପରେ ଅବସ୍ଥିତ । ଏହି ପୁଷ୍କରଣୀର କେତେକଂଶ ବର୍ତ୍ତମାନ ଶୁଷ୍କଜମି ସହିତ ମିଶିଯାଇ ଥିଲେ ମଧ୍ୟ ସେଥିରେ ଖରା ଦିନରେ ପ୍ରାୟ ୮।୯ ହାତ ଗଭୀର ଜଳ ରହେ । ଏହି ପୁଷ୍କରଣୀର ଭିତ୍ତିକ ନାମ ରାଣୀବନ୍ଧ ଓ ସତ୍ୟବନ୍ଧ ଅଟେ । ସାଧାରଣରେ ଲୋକେ ଏହାକୁ ଯୋଡ଼ାବନ୍ଧ ବୋଲି କହିଥାନ୍ତି ।

ଜନଶ୍ରୁତିରୁ ଜଣାଯାଏ ଯେ ରାମାୟଣ ଯୁଗର ଆରମ୍ଭରୁ ସୀତାବଞ୍ଜି ରତ୍ନାକର ଦସ୍ୟୁର ଆଡ୍ଡା ସ୍ଥଳୀ ଥିଲା ଏବଂ ରତ୍ନାକର ଦସ୍ୟୁ ବ୍ରହ୍ମାଙ୍କ ଠାରୁ ଗୁରୁମନ୍ତ୍ର ଦୀକ୍ଷା ଗ୍ରହଣକରି ଦସ୍ୟୁବୃତ୍ତି ଛାଡ଼ି ସେହିଠାରେ ବାଲ୍ମିକ ମହର୍ଷୀ ହୋଇ ଆଶ୍ରମ ପ୍ରତିଷ୍ଠା କରିଥିଲେ ତ୍ରେତା ଯୁଗରେ ଭଗବାନ ଶ୍ରୀ ରାମଚନ୍ଦ୍ର ରାବଣକୁ ବିନାଶ କରି ଅଯୋଧ୍ୟାରେ ରାଜା ଥିବା ସମୟରେ ରାଜ୍ୟର ଜଣେ ଧୋବଣୀ ମୁଖରୁ ସତୀ ସୀତାଦେବୀଙ୍କର ନିନ୍ଦାଶୁଣି ତାହାଙ୍କୁ ବନକୁ ପଠାଇ ଦେଇଥିଲେ । ଅନୁଜ ଲକ୍ଷ୍ମଣ ଅଗ୍ରଜ ଶ୍ରୀରାମଙ୍କର ଆଜ୍ଞା ବହନ କରି ସୀତାଦେବୀଙ୍କୁ ଏହି ସୀତାନଦୀ କୂଳରେ ଅବସ୍ଥିତ ବାଲ୍ମିକ ମହର୍ଷିଙ୍କ ଆଶ୍ରମ ସନ୍ନିକଟରେ ଛାଡ଼ି ଦେଇ ଯାଇଥିଲେ । ସୀତାବଞ୍ଜି ଠାରେ ସୀତାଦେବୀ ଅବସ୍ଥାନ କରି ଲବ କୁଶ ନାମକ ଦୁଇଗୋଟି ପୁତ୍ରର ଜନନୀ ହୋଇଥିଲେ ।

ଏହାର ସ୍ମାରକ ସ୍ୱରୂପ ସୀତାବଞ୍ଜି ପର୍ବତରେ ଲବ କୁଶ ନାମରେ ଦୁଇଖଣ୍ଡ ଶିଳା ପୂଜା ପାଉ ଅଛି । ଲୌକିକ ବିଶ୍ୱାସ ଅଛିଯେ ସେଠାକୁ ବନ୍ଧ୍ୟାନାରୀ ଆସି ଏହି ଲବକୁଶ ନାମକ ପଥର ଦୁଇଖଣ୍ଡକୁ କାଖରେ କାଖେଇ ସୀତାଦେବୀ ଶାଳର ଚତୁପାର୍ଶ୍ୱ ପରିକ୍ରମା କଲେ ତାହାର ବନ୍ଧ୍ୟାତ୍ୱ ଦୂର ହୋଇ ସେ ପୁତ୍ର କନ୍ୟାବତୀ ହୋଇଥାଏ ।

ଆଉ କେତେକ କହନ୍ତି ଯେ ରାବଣକୁ ବଧ କରି ଶ୍ରୀରାମ ବାହୁଣି ଉତ୍ତରକୁ ପ୍ରତ୍ୟାବର୍ତ୍ତନ ସମୟରେ ଯେଉଁ ଯେଉଁ ସ୍ଥାନରେ ଅବସ୍ଥାନ କରୁଥିଲେ ସେହି ସେହି ସ୍ଥାନରେ ସେମାନେ ସୀତାବଞ୍ଜି ପରି ସୁବିଶାଳ ପଥର ଘରମାନ ତିଆରି କରୁଥିଲେ । ସେ ଗୁଡ଼ିକ ମଧ୍ୟରେ ସୀତାବଞ୍ଜି ଅନ୍ୟତମ ଅଟେ ।

Digitized by srujan ka@gmail.com

ଖଣ୍ଡଘର

ଲୋକ ପ୍ରବାଦ ଅନୁଯାୟୀ ସୀତାବଞ୍ଜି ରତ୍ନାକର ଦସ୍ୟୁର ଆଡ୍ଡାସ୍ଥଳ ଥିବାର ପ୍ରମାଣ ସ୍ୱରୂପ ଏହାର ଅନତିଦୂରରେ ଖଣ୍ଡଘର ନାମରେ ଗୋଟିଏ ଗ୍ରାମ ଏଯାବତ ରହିଅଛି । ଏହି ଖଣ୍ଡ ଘର ଗ୍ରାମ ନିକଟରେ ପ୍ରାୟ ଏକ କିଲୋମିଟର ପରିଧି ବିଶିଷ୍ଟ ଗୋଟିଏ ଗୋଲାକାର ପଥର ଉପର ଦେଇ ଚାଲି ଗଲାବେଳେ ପଥର ଭିତରେ ସୁଡ଼ଙ୍ଗ ଥିବା ପରି ମନେହୁଏ । ଲୋକେ କହନ୍ତି ଏହି ପଥର ସୁଡ଼ଙ୍ଗ ଭିତରକୁ ଯିବା ପାଇଁ ଗୋଟିଏ ସୁଡ଼ଙ୍ଗ ଦ୍ୱାର ଅଛି ଓ ସେହି ଗୁଂଫା ଦ୍ୱାର ଦେଶରେ ଖିଳଣ ଲଗା ପଥର କବାଟ ଲାଗି ଅଛି । ଏହି ସ୍ଥାନର ନାମ ଖଣ୍ଡଘର ଅଟେ ।

ତଳେଇତ ଦୁଡ଼ି—

ପଣ୍ଡାପଡ଼ା ଥାନାର ଛଅ ମାଇଲ ଦୂରରେ ତଳେଇତ ଦୁଡ଼ି ଅବସ୍ଥିତ । ଏଠାରେ ଗୋଟିଏ ପର୍ବତ ଗୁଂଫା ଭିତରେ ଗୋଟିଏ ଦେବୀ ମୂର୍ତ୍ତି ବିଦ୍ୟମାନ ଅଛି । ଲୋକ କଥାରେ ଏହିସ୍ଥାନ ରତ୍ନାକର ଦସ୍ୟୁର ଆଖଡ଼ା ଘର ଥାଇ ଏହି ଦେବୀ ମୂର୍ତ୍ତି ଅଧିଷ୍ଠାତ୍ରୀ ଦେବୀ ରୂପେ ପୂଜିତ ହେଉଥିଲେ ।

ପାଟହରା—

ପିଠାଗୋଲା ଗ୍ରାମ ଠାରେ ଚନ୍ଦନ ଗିରି ନାମରେ ଗୋଟିଏ ପର୍ବତ ଅଛି । ଏହାର ଉଚ୍ଚତା ୧୦୦୦ଫୁଟ । ଏହି ପର୍ବତର ବକ୍ଷ ଦେଶରେ ପାଟହରା ନାମକ ଗୋଟିଏ ଗୁଂଫା ଅଛି । ଗୁଂଫା ଭିତରକୁ ପ୍ରବେଶପାଇଁ ଗୋଟିଏ ସୁଡ଼ଙ୍ଗ ଦ୍ୱାର ଅଛି । ଗୁଂଫା ଦ୍ୱାର ଦେଶରୁ ଅଳ୍ପ କିଛି ଦୂର ପେଟେଇ କରି ଯିବାପରେ ଠିଆହୋଇ ଯିବାର ବାଙ୍କ ବାଙ୍କ ରାସ୍ତା ଅଛି । ଏହି ବାଙ୍କ ବାଙ୍କ ରାସ୍ତାରେ ଗଲା ପରେ ଗୋଟିଏ ପ୍ରଶସ୍ତ ଗୁଂଫା ଦେଖାଯାଏ । ଏହି ଗୁଂଫାର ଶୀର୍ଷ ଦେଶରେ ଛତ୍ରାକାରରେ ଥିବା ଗୋଟିଏ ପଥର ବକ୍ଷରେ ବିଭିନ୍ନ ବର୍ଣ୍ଣର ମୂଲ୍ୟବାନ ପଥର ଖଚିତ ଥିବାର ଦେଖାଯାଏ । ପାହାଡ଼ ପର୍ବତ ପରିପୂର୍ଣ୍ଣ ପ୍ରସ୍ତର ରାଜ୍ୟ କେନ୍ଦୁଝରର ଏହାଯେ ଅମୂଲ୍ୟ ରତ୍ନ ଭଣ୍ଡାର ଏଥିରେ ସନ୍ଦେହ ନାହିଁ । ଏହି ଗୁପ୍ତ ତଥ୍ୟର ଉନ୍ମୋଚନ ଅଦ୍ଭୁତ ଅନୁସନ୍ଧାନ ସାପେକ୍ଷ ଅଟେ । ଏହି ଗୁଂଫାର ଶୀର୍ଷ ଦେଶରେ ଦୃଷ୍ଟି ନିବଦ୍ଧ କଲେ ଦେଖଯାଏ ଯେ ଏହି ମୂଲ୍ୟବାନ ପ୍ରସ୍ତର ଖଣ୍ଡମାନ ମହିପ୍ରର ସହିତ ଖଚିତ ହୋଇ ରହିଅଛି । କୋଣାର୍କ ସୂର୍ଯ୍ୟମନ୍ଦିର ବକ୍ଷରେ ଖିଳଣ ସ୍ଥିରର ପଥର ଖଣ୍ଡମାନ ଖଚିତ ହେଲାପରି ଏହି ଗୁଫାରେ ପଥର ଖଣ୍ଡମାନ ଖଚିତ ହୋଇ ରହିଅଛି । ଖଚିତ ପଥର ଖଣ୍ଡର ଜ୍ୟୋତି ଅଷ୍ଟ ରତ୍ନ ପରି ଦୀପ୍ତିମାନ । ଲୋକେ କହନ୍ତି ରତ୍ନାକର ଦସ୍ୟୁ ଏହି ସମସ୍ତ ଅମୂଲ୍ୟ ପଥର ଖଣ୍ଡମାନ ସଂଗ୍ରହ କରି ସେହିଠାରେ ସଂଗୋପନ ର ଲୁକାୟିତ କରି ରଖି ଯାଇଅଛି ।

Digitized by srujan ka@gmail.com

ଏହି ଚନ୍ଦନଗୌରି ପର୍ବତରୁ ମୂଷଳନଦୀ ପ୍ରବାହିତ ହୋଇ ବୈତରଣୀ ନଦୀ ସହିତ ମିଶି ଯାଇଅଛି ।

ଚନ୍ଦନ ପେଡି

ସୀତାକୁଂଜର ଉତ୍ତରରେ ଟିପିଲଅ ଗ୍ରାମ ଠାରେ ଠାକୁରାଣୀ ନାମରେ ଯେଉଁ ପର୍ବତ ଅବସ୍ଥିତ ତାହାର ଶୀର୍ଷଦେଶ ଗୋଟିଏ ବୃହତ ଗୋଲାକାର ଚନ୍ଦନ ପେଡ ସଦୃଶ ପଥର ଖଣ୍ଡ ହୋଇ ଥିବାରୁ ଲୋକେ ଏହାକୁ ଚନ୍ଦନ ପେଡ଼ି ବୋଲି ବର୍ଣ୍ଣନା କରିଥାନ୍ତି । ଏହି ପର୍ବତରୁ ବିଭିନ୍ନ ବର୍ଣ୍ଣର ବର୍ତ୍ତୁଳାକାର ପଥର ଖଣ୍ଡ ମାନ ସଂଗ୍ରହ କରି ଗ୍ରାମବାସୀ ମାନେ ତହିଁରୁ ମୂଲ୍ୟବାନ ମାଳ ଗୁନ୍ଥି ବ୍ୟବହାର କରିଥାନ୍ତି । ଏହି ପର୍ବତରୁ ସ୍ୱର୍ଣ୍ଣରେଣୁ ଝରୁ ଥିବାର ପ୍ରବାଦ ଅଛି । ଏହି ପଥର ମାଳ ଗୁଡ଼ିକ ସ୍ୱର୍ଣ୍ଣରେଣୁ ଆକୃତିର ହୋଇଥିବାରୁ ଏହି ପର୍ବତକୁ ସ୍ୱର୍ଣ୍ଣଝରା ବୋଲି କୁହାଯାଏ । ସୀତା କୁଂଜରେ ବ୍ୟବହୃତ ହୋଇଥିବା ପଥରମାଳ ଗୁଡ଼ିକ ଏହିଠାରୁ ସଂଗୃହିତ ହୋଇଥିବା ଜଣାଯାଏ ।

ବୁଢିପାଟ ପର୍ବତ

ସୀତା କୁଂଜର ଅଳ୍ପ ଦୂରରେ ଅବସ୍ଥିତ ବୁଢିପାଟ ପର୍ବତ ଗୁଂଫାରୁ ଡାଙ୍ଗୁଆଣି ଗ୍ରାମର ଧନେଶ୍ୱର ନାମକ ଜଣେ ସାଧୁପ୍ରାଣ ଗଣ୍ଡଲୋକ ଗୋଟିଏ ପ୍ରକାଣ୍ଡ ଲୁହା ଖଣ୍ଡା ପାଇଅଛି । ଏହି ଖଣ୍ଡାରେ ଏପର୍ଯ୍ୟନ୍ତ କଳଙ୍କି ଲାଗି ନାହିଁ । ଲୋକେ କହନ୍ତି ରତ୍ନାକର ଦସ୍ୟୁଦଳ ଏହି ପ୍ରକାର ତରବାରୀ ବ୍ୟବହାର କରୁଥିଲେ । ଏହି ଖଣ୍ଡାକୁ ଦେଖିଲେ ସେ ଯୁଗର ଲୋକ ମାନଙ୍କର ବଳବୀର୍ଯ୍ୟ-ବପୁ ସମ୍ବନ୍ଧରେ ସମ୍ୟକ ଧାରଣା କରାଯାଇ ପାରେ ।

ଜରାଷଣ୍ଡୁ ପାହାଡ

ଏହାର ଉଚ୍ଚତା୧୦୦୦ଫୁଟ । ଏହା ସୀତାକୁଂଜ ପର୍ବତର ପୂର୍ବ ଭାଗରେ ଅବସ୍ଥିତ ଅଟେ । ଏଠାରେ ଗୋଟିଏ ଗୁଂଫା ଭିତରେ ଚିତ୍ରିତ ଜମ୍ବୁରୁ ଚିହ୍ନ ପଥର ବକ୍ଷରେ ରହିଅଛି । ଏଠାରେ ପଥର ଦେହରେ କେତେକ ଅଭିଲେଖ ଥିବାର ଦେଖା ଯାଏ । ରାତ୍ର ସମୟରେ ଗୁଂଫା ଦ୍ୱାର ଦେଶରେ ମା’ ମା’ ଧ୍ୱନି ଶୁଣାଯାଏ । ଗୁଂଫା ଭିତରକୁ ଯିବାକୁ ଏକ ସୁଡଙ୍ଗ ଦ୍ୱାର ରହିଅଛି । ଏହାର ଚତୁଃପାର୍ଶ୍ୱରେ ଯୋଡା ଯୋଡ଼ା ହୋଇ ବାର ଯୋଡ଼ା ପୋଖରୀ ଥିବାର ଦେଖାଯାଏ, ମାତ୍ର ବର୍ତ୍ତମାନ ତାହା କୃଷିଜମିରେ ପରିଣତ ହୋଇ ଅଛି । ପୂର୍ବେ ଏହି ସ୍ଥାନଟି ଶୈବ ଧର୍ମ ପ୍ରଚାର କ୍ଷେତ୍ର ଥିଲା ଏଥିରୁ ଅନୁମିତ ହୁଏ ।

Digitized by srujan ka@gmail.com

ଚନ୍ଦ୍ରକାନ୍ତ ମଣି

ସୀତାବିଞ୍ଜିର ପଶ୍ଚିମରେ ଗୋନାସିକା ପର୍ବତର ପାଦଦେଶରେ ଅବସ୍ଥିତ ବ୍ରହ୍ମେଶ୍ୱର ମହାଦେବଙ୍କ ବ୍ୟୋମକେଶ ମଧ୍ୟରୁ ଚନ୍ଦ୍ରକାନ୍ତମଣି ସଦୃଶ ଆଦ୍ୟ ବୈତରଣୀର ଜଳଧାର ନିର୍ଗତ ହୋଇ ଥିବାରୁ ଏହି ପର୍ବତର ଅନ୍ୟ ନାମ ଚନ୍ଦ୍ର ମଣ୍ଡଳ ଗିରି ଅଟେ । ପ୍ରବାଦ ଅଛି ଏହି ପର୍ବତରେ ଚନ୍ଦ୍ରକାନ୍ତ ମଣି ପଥର ମିଳିଥାଏ । ଏହି ପଥର ଅଙ୍ଗରେ ଧାରଣ କଲେ ସର୍ବାଭିଷ୍ଟ ପୂର୍ଣ୍ଣ ହୋଇଥାଏ । ସଂଧ୍ୟା ସମୟରେ ଏହି ଚନ୍ଦ୍ରମଣ୍ଡଳ ଗିରିର ଶୀର୍ଷ ଦେଶ ଧବଳ ଚନ୍ଦ୍ର ଜ୍ୟୋତ୍ସ୍ନାବୃତ ହୋଇ ସୀତାବିଞ୍ଜି ପର୍ବତକୁ ଉଦ୍‌ଭାସିତ କରିଥାଏ ।

ଫୁଲବାଡ଼ି

ସୀତାବିଞ୍ଜିର ଘୋଡ଼ାଗଡ଼ ଠାରେ ଫୁଲବାଡ଼ି ନାମରେ ଗୋଟିଏ ସ୍ଥାନ ଅଛି । ପୂର୍ବେ ଏହା ବାଲ୍ମିକ ମହର୍ଷିଙ୍କ ତପୋବନର ପୁଷ୍ପ ଉଦ୍ୟାନ ଥିଲା । ଏଠାରେ ଷଣ୍ଢବଳଦ ନାମରେ ଗୋଟିଏ ପଥର ଅଛି । ଏହି ପଥରରୁ କାଳଞ୍ଜର ନଦୀ ପ୍ରବାହିତ ହେଉଅଛି । ପ୍ରବାଦ ଅଛି ଋଷିଙ୍କର ଫୁଲବାଡରେ ପଶି ଗୋଟିଏ ଷଣ୍ଢ ତାହା ନଷ୍ଟ କରିବାରୁ ଋଷିଙ୍କର କ୍ରୋଧାଗ୍ନିରେ ଷଣ୍ଢର ମୁଣ୍ଡ ଛିଡଯାଇ ଗୋନାସିକାରେ ପଡ଼ିଲା ଓ ତହିଁରୁ ବୈତରଣୀ ନଦୀର ଉତ୍ପତ୍ତି ହେଲା ଏବଂ ପର୍ବତର ନାମ ଗୋନାସିକା ହେଲା । ଏହି ଷଣ୍ଢର ବକ୍ଷଦେଶ ଫୁଲବାଡି ଠାରେ ପଡ଼ି ରହି ତହିଁରୁ କାଳଞ୍ଜର ନଦୀ ଉତ୍ପନ୍ନ ହୋଇ ବୈତରଣୀ ନଦୀ ସହ ମିଶି ଅଛି ।

ଠେଙ୍କିକୋଟ

କେନ୍ଦୁଝର-ଜାଜପୁର ପ୍ରଧାନ ରାସ୍ତାରେ କେନ୍ଦୁଝର ଗଡ଼ ଠାରୁ ୨୩ ମାଇଲ ଦୂରରେ ଅବସ୍ଥିତ ଠେଙ୍କିକୋଟ ଏକ ଘାଟି ଯାଗା ଅଟେ । ଏହା ଗୋଟିଏ ପଞ୍ଚାୟତ ହେଡ୍ କ୍ୱାଟର ଓ ବ୍ୟବସାୟ କେନ୍ଦ୍ର ଅଟେ । ସେଠାରୁ ସୀତାବିଞ୍ଜି ୭ କି: ମି ଦୂର ଅଟେ । ଠେଙ୍କିକୋଟର ଚତୁଃପାର୍ଶ୍ୱରେ ବିକ୍ଷିପ୍ତ ଭାବରେ ରହିଥିବା ପାହାଡ଼, ପଥର ଖଣ୍ଡରେ ଅଦ୍ଭୁତ ସଂଖ୍ୟାରେ ଢିଙ୍କି ଗାତର ଚିହ୍ନରୁ ଓଡ଼ିଆ ଭାଗବତରେ ଲିଖିତ ଅବଧୂତଙ୍କ ଗୁରୁ ଦୀକ୍ଷା ପ୍ରଣାଳୀର ସତ୍ୟତା ଜଣାପଡ଼େ ।

ଲୋକେ କହନ୍ତି ଏକଦା ଅବଧୂତ ବୈତରଣୀ ସ୍ନାନ କରି ବାଲ୍ମିକ ଋଷିଙ୍କ ଆଶ୍ରମ ପରିଦର୍ଶନରେ ଆସି ଠେଙ୍କିକୋଟ ଠାରେ ପହଞ୍ଚି ମହାମୂଲ୍ୟ କ୍ଷେତ୍ର ସୀତାବିଞ୍ଜି ଅବସ୍ଥାନକାଳରେ ବାସ କରୁଥିବା ଗୋଟିଏ ବ୍ରାହ୍ମଣୀ ଗୃହରେ ପ୍ରାତଃପ୍ରାଶ ଭିକ୍ଷା କଲେ ।

Digitized by srujan ka@gmail.com

ଋଷିଙ୍କର ଆଗମନରେ ବ୍ରାହ୍ମଣୀ ଅନ୍ନ ଭୋଜନର ବ୍ୟବସ୍ଥା କରିବା ନିମନ୍ତେ ତାହାର କନ୍ୟାକୁ ଡାକ କହିଲା —

ବସ୍ତ୍ରର କରି କନ୍ୟା ମାତା
ନିକଟେ ବସାଇ ଦୁହିତା ।
ବୋଲଇ କନ୍ୟା ମୁଖ ଚୁମ୍ବି
ତଣ୍ଡୁଳ ଆନସ ଧାନ ଦେଇ ।
ବେଗେକୁ କୁଟ ଢେଙ୍କି ଭରି
ତା ଶୁଣି ବ୍ରାହ୍ମଣ କୁମାରୀ ।
ଢେଂକି ମୂଷଳ ଏକ କରି
କୁଟଇ ବେନି କରେ ଧରି ।
ଭୁଜେ ତା ବଳୟ କଙ୍କଣ
କୁଟନ୍ତେ ଶୁଭେ ରୁଣ ଝୁଣ ।
ଶୁଣି କୁମାରୀ ଲଜ୍ଜା ପାଇ
ଅଧେ କଙ୍କଣ ହସ୍ତୁ ଫେଇ ।
ପୁଣି କୁଟନ୍ତେ ଧୀରେ ଧୀରେ
ହସ୍ତ କଙ୍କଣ ନାଦ କରେ ।

କୁମାରୀ ମନେ ବିଚାରଇ
ସଂଗ ଗହଳେ ଗୋଳ ହୋଇ ।
ଏମନ୍ତ ବିଧିବିଣ ଥୋକେ
ପୁଣି ଫେଇଲା ଏକେ ଏକେ ।
ବେନି କଙ୍କଣ ବେନି କରେ
କୁଟନ୍ତେ ଶବଦ ନକରେ ।
ଯହିଁ ଅନେକ ସଙ୍ଗ ମିଳି
ଅବଶ୍ୟ ଉପୁଜଇ କଳି ।
ଏଣୁ କୁମାରୀ ଅନୁସାରେ
ଗୁରୁ ବଚନ ଶିକ୍ଷା ଲାଗେ ।
ଏକାନ୍ତେ ଭ୍ରମୁଥାଇ ମୁହିଁ
କେବେହେଁ ସଙ୍ଗ ନକରଇ ।

ଏହି ପ୍ରକାର ଢେଙ୍କି ମୂଷଳ ଚିତ୍ରକୁ ବଧାତା ଚିତ୍ର କୁହାଯାଏ । ନାରଦ ମହର୍ଷୀ ଯେଉଁ ଚିତ୍ର ବାହାନ ବ୍ୟବହାର କରନ୍ତି ତାହା ପକ୍ଷୀରାଜ ଚିତ୍ର ଅଟେ । ଏହି ପ୍ରକାର ବଧାତା ଚିତ୍ର କୁଟା ଚିହ୍ନ ଢେଙ୍କିକୋଠର ପଥର ବକ୍ଷରେ ଦେଖିବାକୁ ମିଳେ ।

ଯୋଡ଼ାଗଡ଼

ସୀତା ଠାକୁରାଣୀଙ୍କ ଶାଳର ଦକ୍ଷିଣ ପୂର୍ବରେ ଅବସ୍ଥିତ ଭଣ୍ଡାରେଧର ଏପର୍ଯ୍ୟନ୍ତ ପ୍ରାପ୍ତ ଛଅ କି. ମି ବ୍ୟାପୀ ଯେଉଁ ଭଗ୍ନ ପ୍ରାଚୀର ରହି ଅଛି ତାହାକୁ ଯୋଡ଼ା ପ୍ରାଚୀର ବୋଲାଯାଏ । ଏହି ଯୋଡ଼ା ପ୍ରାଚୀର କାନ୍ଥ ଦ୍ୱୟ ମଧ୍ୟରେ ଏକଥ ଦୁଇଜଣ ଲୋକ ଧରା-ଧରି ହୋଇ ଯାତାୟତ କରିପାରିବାର ସୁଡ଼ଙ୍ଗ ପଥ ରହି ଅଛି । ଏହାକୁ ଯୋଡ଼ାଗଡ଼ ବୋଲାଯାଏ ।

ଏଥିରୁ ଜଣାଯାଏ ଯେ ଏକଦା ଏଠାରେ ଏକ ସୁ ବୃହତ ଦୁର୍ଗ ନିର୍ମିତ ହୋଇଥିଲା । ଏହି ଯୋଡ଼ା ଦୁର୍ଗର ଦକ୍ଷିଣରେ ସୀତାବିଞ୍ଜି ଗଡ଼ର ସିଂହଦ୍ୱାର ଅବସ୍ଥିତ । ଷ୍ଟେଟ କର୍ତ୍ତୃପକ୍ଷ ଏହି ସ୍ଥାନର ୧୦ ଫୁଟ ପର୍ଯ୍ୟନ୍ତ ଖୋଳାଇ ଦେଖିଲେ ଯେ ମାଟି ଭିତରେ

Digitized by srujan ka@gmail.com

୩।୪ ଫୁଟ ଆକୃତ ବିଶିଷ୍ଟ ଅକର୍ମ ଶିଳା ଖଣ୍ଡ ମାନଙ୍କ ଦ୍ୱାରା କୀର୍ତ୍ତି ନିର୍ମିତ ହୋଇଛି । ଏହି ଯୋଡ଼ା ଗଡ ଠାରୁ ବିଭିନ୍ନ ବର୍ଣ୍ଣର ପଥର ମାନ ସଂଗ୍ରହ କରି ଯାଇଥାଏ ।

ସୀତାବିଞ୍ଜିର ଗିରି ପୃଷ୍ଠରେ ଓ ସୁ ବିସ୍ତୀର୍ଣ୍ଣ ପାଦ ଦେଶରୁ ବହୁ ପ୍ରାଚୀନ କାଳର ବୃହଦାକାର ଇଷ୍ଟକ ସ୍ତୂପ, ପ୍ରାଚୀନ ପ୍ରସ୍ତର ଯୁଗର ଅସ୍ତ୍ର ଶସ୍ତ୍ରର ଭଗ୍ନାବଶେଷ, ବୌଦ୍ଧ ଓ ତାମ୍ର ସଭ୍ୟତାର ସଙ୍କେତ ବହୁଳ ଭାବରେ ମିଳି ଅଛି ।

ବର୍ତ୍ତମାନ ସୀତାବିଞ୍ଜି ବୋଲି ଯେଉଁ ସ୍ଥାନକୁ ନିର୍ଣ୍ଣୟ କରି ଯାଉଅଛି ଓ ପ୍ରାଚୀନ କୀର୍ତ୍ତିର ଧ୍ୱଂସାବଶେଷ ଯେତିକି ସ୍ଥାନ ମାଡି ବସିଛି ତାହାର ପରିମାଣ ୨୦୦ ଏକର ଜମିରୁ କମ୍ ନୁହେଁ । ଏତେ ପରିମାଣ ଜମି ଉପରେ ଏହି ବିଶାଳ ଧ୍ୱଂସସ୍ତୂପ ଦେଖିଲେ ଧାରଣା ଜନ୍ମେ ଯେ ପୂର୍ବେ ଏହା ଏକ ରାଜଧାନୀ କିମ୍ବା ପ୍ରସିଦ୍ଧ ଧର୍ମ ବିହାର ଥିଲା । ଏଠାରେ ବ୍ୟବହୃତ ହୋଇଥିବା ବିରାଟକାୟ ପଥର ଖଣ୍ଡ ଦେଖିଲେ ସେ ଯୁଗର ମନ୍ଦିରର ଗଠନ ସମ୍ବନ୍ଧରେ ଧାରଣା ଜନ୍ମେ । ଜନଶ୍ରୁତିକୁ ପ୍ରତ୍ୟାବର୍ତ୍ତନ ସମୟରେ ଯେଉଁ ଯେଉଁ ସ୍ଥାନରେ ବାନର ଭଲ୍ଲୁକ ପରିବୃତ ରାମ ବାହିନୀ ଅବସ୍ଥାନ କରୁଥିଲେ ସେହି ସେହି ସ୍ଥାନ ମାନଙ୍କରେ ଏହିପରି ପଥର ଘର ନିର୍ମିତ ହୋଇଥିବା ଅନୁମାନ କରାଯାଏ ।

ଭଣ୍ଡାର ଘର

ସୀତାବିଞ୍ଜି ଠାରେ ଥିବା ଛଅ ଗୋଟି ଟାଙ୍ଗୀ ବା ପାହାଡ଼ର ବୈଶିଷ୍ଟ୍ୟ ଏହିଯେ ଏହା ବନ୍ଧ୍ୟାଚଳେ ଅଟେ । ପ୍ରବାଦ ଅଛି ବାଲ୍ମୀକି ଆଶ୍ରମରେ ସମସ୍ତ ଧନ ନେଇ ଏହି ଭଣ୍ଡାର ମଧ୍ୟରେ ସଂଚିତ ରହିଅଛି । ପଥରରେ ନିର୍ମିତ ଏହି ପଥର ଭଣ୍ଡାର ଘର ଦୂରକୁ ଗୋଟିଏ ହାତ ଗଢା ମନ୍ଦିର ପରି ଦେଖାଯାଏ । ଭଣ୍ଡାର ଘରର ଦୁଇ ପାଖରେ ଦୁଇ ଖଣ୍ଡ ବୃହଦାକାୟ ପଥର ଅଲଗା ଅଲଗା ଲଗାଲଗି ହୋଇ ରହିଅଛି । ଲୋକେ ଏହାକୁ ଭଣ୍ଡାର ଘରର ଯାଉଁଳୀ କବାଟ ବୋଲି କହନ୍ତି । ଏହି କବାଟର ଉଚ୍ଚତା ୬୫ ଫୁଟ ହେବ ।

ରାନ୍ଧୁଣୀ ଖଦା

ଭଣ୍ଡାର ଘର ନିକଟରେ ଅବସ୍ଥିତ ଭଗ୍ନସ୍ତୂପକୁ ଆଶ୍ରମର ରନ୍ଧାଘର ବୋଲି କୁହାଯାଏ । ଏଠାରେ ବହୁ ପରିମାଣରେ ମୃତ୍ତିକା ପାତ୍ରର ଭଗ୍ନାବଶେଷ ଦେଖିବାକୁ ମିଳେ । ଅନୁମାନ ଏହି ମୃତ୍ତିକା ପାତ୍ର ଗୁଡ଼ିକ ରନ୍ଧନ, ଭୋଜନ ଓ ପାନୀୟ ପାତ୍ର ରୂପେ ବ୍ୟବହୃତ ହେଉଥିଲା । ଏହି ସ୍ଥାନର ଦକ୍ଷିଣ କୋଣରେ ଯେଉଁ ଭଗ୍ନ ଘରର ଅବଶିଷ୍ଟାଂଶ ରହି ଅଛି ତାହା ରୋଷେଇ ଘରର ସଙ୍କେତ ଅଟେ । ଏଠାରେ ମାଟି ଭିତରୁ ମିଳୁଥିବା ଅସ୍ଥି ଭଗ୍ନକଲେ ତହିଁରେ ବହଳ ରକ୍ତ ଧାରର ରେଖା ଦେଖାଯାଏ ।

Digitized by srujan ka@gmail.com

ଋଷି ଗୁଂଫା

ସୀତାବିଞ୍ଜି ଠାରେ ଋଷି ଗୁଂଫା ନାମରେ ଗୋଟିଏ ବୃହତ ପ୍ରସ୍ତର ସ୍ତୂପ ରହିଅଛି । ଏହା ଚାରି ପାଞ୍ଚ ଖଣ୍ଡ ବିଶାଳକାୟ ପଥର ଉପରେ ଥୁଆ ହୋଇଥିବା ରହି ଅଛି । ସେହି ପଥର ଫାଙ୍କ ଯାଗାକୁ ଗୁଂଫା କୋହାଯାଏ । ଖରା ବର୍ଷାରେ ଏହି ଗୁଂଫାରେ ବିଶ୍ରାମ କଲେ କୌଣସି କଷ୍ଟ ହୁଏ ନାହିଁ । ଏହି ଗୁଂଫାର ଚତୁଃପାର୍ଶ୍ୱରେ ଖୁବ୍ ବଡ଼ ବଡ଼ ଓସାରିଆ ଇଟା ଖଣ୍ଡ ସ୍ଥାନେ ସ୍ଥାନେ ୮।୧୦ ଫୁଟ ଉଚ୍ଚରେ ଜମା ହୋଇ ପଡ଼ି ରହିଛି । ଗୋଟିଏ ଗୋଟିଏ ଇଟାର ଆକୃତି ୧୮" × ୭" × ୩" ହେବ । ଏହି ଇଟାକୁ ଭାଙ୍ଗି ଦେଲେ ତା ଭିତରୁ ଚକ୍ଷୁ ଆକାରରେ ଛିଦ୍ର ମାନ ଥିବାର ଦେଖା ଯାଏ । ଏହି ଇଷ୍ଟକ ସ୍ତୂପ ନିକଟରେ କଙ୍କରିତ ଅକର୍ମ ଶିଳା ଉପରେ ଅନେକ ଲିପି ଖୋଦିତ ହୋଇ ଅଛି । ଏହା ଏତେ ପ୍ରାଚୀନ ଯେ ତାହାର ପାଠୋଦ୍ଧାର ଏପର୍ଯ୍ୟନ୍ତ ହୋଇ ପାରି ନାହିଁ ।

ସୂର୍ପଣଖା

ସୀତାବିଞ୍ଜିରେ ଗୋଟିଏ ବିଶାଳ ଶୈଳ ନିକଟରେ ୯ ଇଞ୍ଚ ବ୍ୟାସ ବିଶିଷ୍ଟ ଖଣ୍ଡିଏ ଗୋଲାକାର ମସୃଣ ପଥର ପୋତା ହୋଇ ରହି ଅଛି । ଭୂମି ଠାରୁ ଏକ ଫୁଟ ଉଚ୍ଚରେ ଏହି ପଥରର ଶୀର୍ଷାଂଶରେ ଚାରି ଦିଗକୁ ଚାରି ଗୋଟି ମୁଖର ଆକୃତି ଦେଖା ଯାଏ । ଅଗ୍ରଭାଗ ମୁଖପରି ଈଷତ୍ ଲମ୍ବାକାର ହେଲେ ମଧ୍ୟ ମୁଖର କୌଣସି ଚିହ୍ନ ବର୍ତ୍ତି ନାହିଁ । ବରଂ ମସୃଣ ହୋଇ ଅଛି । ମୁଖର ଶେଷ ଅଂଶରେ (ଚିବୁକର ପ୍ରାନ୍ତ ଭାଗରେ) ଗୋଟିଏ ବେଷ୍ଟନୀ ରେଖା ଅଛି । ଏହି ପଥରଟି କେତେ ତଳକୁ ଯାଇ ଅଛି ତାହା କେହି କହି ହେବ ନାହିଁ । ହଲାଇଲେ ମଧ୍ୟ ଏହା ହଲେ ନାହିଁ । ଏହା ଋଷୀ ଗୁଂଫାର ଶିଳା-ଲିପିର ନିକଟରେ ଅବସ୍ଥିତ । କାଳକ୍ରମେ ଏହି ମୁଖ ଚାରି ଗୋଟିର ନାସା ଓ କର୍ଣ୍ଣ କେତେକାଂଶରେ କ୍ଷୟ ପ୍ରାପ୍ତ ହୋଇ ଯାଇ ଥିବାରୁ ଲୋକେ ଏହି ବିକୃତ ମୂର୍ତ୍ତିକୁ ସୂର୍ପଣଖା ବୋଲି କହି ଥାନ୍ତି । ପ୍ରାଚୀନ ପ୍ରଥା ଅନୁଯାୟୀ କେହି ସ୍ତ୍ରୀ ଲୋକ ଏହି ବାଟ ଦେଇ ଜଙ୍ଗଲକୁ ଗଲାବେଳେ ସେ ସୂର୍ପଣଖାଙ୍କ ପାଇ ସୁଆଁଳ ଲାଇରେ ଗୋଟିଏ ମୃତ୍ତିକା ଭିଆରି କରି ଉପହାର ଦେଇ ଥାଏ । ଅନୁମାନ କରାଯାଏ ଏହି ସୂର୍ପଣଖା ଅପ୍ରସ୍ତୁ ମୂର୍ତ୍ତିଟି ସୀତାବିଞ୍ଜିର ଅପୂଜିତା ଅଧିଷ୍ଠାତ୍ରୀ ଦେବୀ ଅଟନ୍ତି ।

ମାତ୍ର ସ୍ଥାନୀୟ ଲୋକ ପ୍ରବାଦରେ ଏହି ଅପ୍ରସ୍ତୁ ପଥର ମୂର୍ତ୍ତିଟି ସୂର୍ପଣଖାର ମୂର୍ତ୍ତି ବୋଲି କହିବା ପଛରେ କୋଣସି ଐତିହାସିକତା ଥିବା ଜଣା ଯାଏ ନାହିଁ । କାରଣ ସୀତାବିଞ୍ଜିର ଇତିହାସ ସହିତ ସୂର୍ପଣଖାର କୌଣସି ସଂପର୍କ ଥିବାର ଜଣାଯାଏ ନାହିଁ । ପରନ୍ତୁ ଲୋକେ କହନ୍ତି ଏହି ଅପ୍ରସ୍ତୁ ମୂର୍ତ୍ତିଟି ହେଉଛି ଚତୁର୍ମୁଖ ବ୍ରହ୍ମାଙ୍କର ।

Digitized by srujan ka@gmail.com

ସେମାନଙ୍କର ମତରେ ସୀତାବଞ୍ଜି ପୂର୍ବେ ରତ୍ନାକର ଦସ୍ୟୁର ଆଡ୍ଡା ସ୍ଥଳ ଥିଲା ଏବଂ ଏହାର ପାପର ପ୍ରାୟଶ୍ଚିତ ପାଇଁ ବ୍ରହ୍ମା ଏହିଠାରେ ରତ୍ନାକରଙ୍କୁ ରାମ ନାମ ମହା ମନ୍ତ୍ର ଦୀକ୍ଷା ଦେଇ ଯୋଗ ସାଧନ ନିମନ୍ତେ ପରାମର୍ଶ ଦେଇ ଥିଲେ । ରତ୍ନାକର ଦସ୍ୟୁ ବ୍ରହ୍ମାଙ୍କଠାରୁ ମନ୍ତ୍ର ଦୀକ୍ଷା ନେଇ ଋଷି ଗୁମ୍ଫା ଠାରେ ତପସ୍ୟା କରି ପରବର୍ତ୍ତୀ କାଳରେ ବାଲ୍ମୀକି ମହର୍ଷୀ ନାମରେ ଖ୍ୟାତି ଅର୍ଜନ କରି ରାମାୟଣ ରଚନା କରି ଥିଲେ । ଏହିଠାରେ ବାଲ୍ମୀକି ଯେଉଁ ପ୍ରସିଦ୍ଧ ଧର୍ମ ବିହାର ଗଠନ କରି ଥିଲେ । ତାହାହିଁ ବାଲ୍ମୀକି ତପୋବନ ନାମରେ ଖ୍ୟାତ ଥିଲା ।

ରାବଣ ଛାୟା

ସୀତାବଞ୍ଜି ଠାରେ ଥିବା ରାବଣ ଛାୟା ଆଶ୍ରୟ ସ୍ଥଳୀରେ ଯେଉଁ ଉନ୍ନତ ଚିତ୍ରାଙ୍କନ ଦେଖିବାକୁ ମିଳେ ତାହା ୪ର୍ଥ ପଞ୍ଚମ ଶତାବ୍ଦୀର ବୋଲି ନିରୂପଣ କରାଯାଇ ଅଛି । ସୀତାବଞ୍ଜି ପର୍ବତରେ ରାବଣ ଛାୟା ହେଉଛି ଏକ ପ୍ରାକୃତିକ ଆଶ୍ରୟ ସ୍ଥଳୀ । ଗୋଟିଏ ବିଶାଳକାୟ ପ୍ରସ୍ତର ଉପରେ ୨୨ଫୁଟ ଉର୍ଦ୍ଧ୍ୱରେ ଅନ୍ୟ ଏକ ପଥର ଉଣ୍ଟି ଆଗକୁ ପ୍ରାୟ ୧୫ ଫୁଟ ଯାଏ ମାଡି ଆସି ଏହି ପ୍ରାକୃତିକ ଶୈଳ ଆଶ୍ରୟସ୍ଥଳୀ ସୃଷ୍ଟି କରି ଅଛି । ଛତାକାରରେ ବାହାରିକୁ ମାଡ଼ି ଆସିଥିବା ଏହି ପଥରର ନିମ୍ନ ପୃଷ୍ଠରେ ଏକ ରାଜକୀୟ ବିଜୟ ଯାତ୍ରାର ଚିତ୍ର ଅଙ୍କିତ ହୋଇଥିବା ଦେଖାଯାଏ । ସେହି ଚିତ୍ରରେ ମୂଳତଃ ମାଟିଆ, ଧଳା, ଗେରୁଆ, ନୀଳ ଓ ହଳଦିଆ ରଙ୍ଗ ସ୍ପଷ୍ଟ ଭାବରେ ପ୍ରକାଶିତ ହୁଏ । ଚିତ୍ରଟିରେ ଜଣେ ରାଜପୁରୁଷ ହସ୍ତୀ ଉପରେ ବସି ଦକ୍ଷିଣ ହସ୍ତରେ ଅଙ୍କୁଶ ଓ ବାମ ହସ୍ତରେ ନୀଳ କମଳ ଧରି ଯାତ୍ରା କରୁଥିବାର ଦେଖାଯାନ୍ତି । ତାଙ୍କର ପଶ୍ଚାତ ଦେଶରେ ଜଣେ ଅନୁଚର-ଡାହାଣ ହସ୍ତରେ ଚାମର ଓ ବାମ ହସ୍ତରେ ତାହାଙ୍କ ଉପରକୁ ଛତ୍ର ଉତ୍ତୋଳନ କରି ବସିଛନ୍ତି । ତାଙ୍କ ସମ୍ମୁଖରେ ଜଣେ ଅଶ୍ୱାରୋହୀ ଦ୍ରୁତ ବେଗରେ ଅଶ୍ୱ ଚାଳନା କରି ଧାବମାନ । ତାହାଙ୍କ ଆଗରେ ଦଳେ ଲୋକ ଦ୍ରୁତ ଗତିରେ ଚାଲିଛନ୍ତି । ସେହି ପଦାତିକଙ୍କ ମଧ୍ୟରେ ଜଣେ ନାରୀ ଓ ଚାରିଜଣ ପୁରୁଷଙ୍କୁ ଚିହ୍ନା ଯାଇ ପାରେ । ହସ୍ତୀର ପଶ୍ଚାତ ଭାଗରେ ଆଉଜଣେ ନାରୀ ଅଣ୍ଠୁରୁ ଅଣ୍ଟା ପର୍ଯ୍ୟନ୍ତ ପରିଧାନ କରି ଓ ଦେହ ଉପରେ ଧଳାଲୁଗା ଘୋଡାଇ ଦ୍ରୁତ ବେଗରେ ଚାଲିଛନ୍ତି ଶୋଭା ଯାତ୍ରାରେ । ଆକାଶରେ ବିଦ୍ୟାଧର ମାନେ ବିଚରଣ କରୁଥିବା ଦୃଶ୍ୟ ମଧ୍ୟ ପ୍ରଦର୍ଶିତ ହୋଇ ଅଛି । ହସ୍ତୀ ଚିତ୍ରର ଠିକ୍ ତଳେ ଏକ ଧାଡ଼ି ଅଭିଲେଖ ଦେଖା ଯାଏ ଓ ତାହା " ରାଣକ ଦିଶାଭଞ୍ଜ " ବୋଲି ପାଠ କରାଯାଇ ଅଛି ।

Digitized by srujan ka@gmail.com

ସୀତାବଞ୍ଜି ଚିତ୍ରରେ ଅଜନ୍ତାର ୧୮ ନମ୍ବର ଗୁମ୍ଫାରେ ଥିବା ଗୁପ୍ତ କାଳୀନ ଚିତ୍ର କଳାର ସୌଷ୍ଠବ ପରିଲକ୍ଷିତ ହୁଏ ଏବଂ ତାହାକୁ ସେହି ଶତାବ୍ଦୀର ସମସାମୟିକ ବୋଲି କୁହା ଯାଇ ପାରେ । ଶୋଭାଯାତ୍ରା ଦୃଶ୍ୟଟି ଅତି ଆକର୍ଷଣୀୟ ରୂପେ ପ୍ରଦର୍ଶିତ ହୋଇ ଅଛି । ଚିତ୍ରଟିର ଅଳଙ୍କାରର ଆଧିକ୍ୟ କିମ୍ବା ବର୍ଣ୍ଣାଢ୍ୟତା ପ୍ରଚେଷ୍ଟା ନାହିଁ । ଏତାଦୃଶ୍ୟ ଉନ୍ନତ ରୁଚି କଳା ସେ କାଳର ପୂର୍ବ ଭାରତୀୟ ଅଞ୍ଚଳରେ ଅନୁପମ ଓ ଅତୁଳନୀୟ ଅଟେ ।

ଏହି ଅଭିଲେଖର ରଣାଭଞ୍ଜଙ୍କର ନାମୋଲ୍ଲେଖ ରହିଥିବାରୁ ମନେହୁଏ ଭଞ୍ଜବଂଶର ଏହି କଳା ପ୍ରିୟ ରଣ କୁଶଳୀ ରାଜା ରଣା ଭଞ୍ଜ ଏହି ଶୈଳ ଚିତ୍ରାଙ୍କନ କରାଇ ଥିଲେ । ଏହି ପ୍ରକାର ଶୈଳ ଚିତ୍ରାଙ୍କନରେ ରାଜକୀୟ ପୃଷ୍ଠପୋଷକତା ନଥିଲେ ୨୦।୨୨ ଫୁଟ ଉଚ୍ଚର ଏକ ପଥର ସ୍ତୂପର ନିମ୍ନ ଭାଗରେ ଚିତ୍ର ଅଙ୍କନ ଭଳି ଦୁରୂହ କାର୍ଯ୍ୟ କେହି କଳାକାର ସ୍ୱେଚ୍ଛାକୃତ ଭାବରେ କରି ନଥିବେ । ଏହି ଚିତ୍ରକଳା ଅଙ୍କନ କରିବା ପାଇଁ ନିଶ୍ଚୟ ୨୦।୨୨ ଫୁଟ ଏକ ମଞ୍ଚ ତିଆରି ହୋଇ ଥିବ ଏବଂ ଏହି ମଞ୍ଚ ଉପରେ ଚିତ୍-ହୋଇ ଶୋଇ ରହି ଚିତ୍ରକର ଚିତ୍ର ଅଙ୍କନ କରି ଥିବେ । ଚିତ୍ରାଙ୍କନରେ ନାଲି, ବାଇଗଣି ଧୂସର ଓ ସ୍ଥାନେ ସ୍ଥାନେ ଅସ୍ପଷ୍ଟ ହଳଦିଆ ରଙ୍ଗର ରେଖା ମାନ ଦେଖା ଯାଏ । ନାଲି ରଙ୍ଗ ବିଶେଷ ଭାବରେ ସୁସ୍ପଷ୍ଟ ଅଟେ । ରାବଣ ଗୁମ୍ଫା ନିକଟରେ ଅନ୍ୟ ଏକ ବୃହତ ପଥର ଖଣ୍ଡକୁ ମୁଖ ଲିଙ୍ଗ ବୋଲିଯାଏ । ଏହାର ଦୁଇ ପାର୍ଶ୍ୱରେ ଗୋଟିଗୋଟି ଶିବ ମୂର୍ତ୍ତିର ଖୋଦନ କାର୍ଯ୍ୟ ଦେଖାଯାଏ । ଏହା ଛଡ଼ା ପୁରାତନ ଭଗ୍ନ ଦୁର୍ଗ ଓ ଏକ ଅନୁଚ୍ଚ ବେଢା ଦୃଷ୍ଟି ଗୋଚର ହୁଏ । ଏହି ବେଢା ମଧ୍ୟରେ କ୍ଷୁଦ୍ର କ୍ଷୁଦ୍ର ପ୍ରସ୍ତର ସ୍ତୂପରେ ଅନେକ ଶିଳାଭିଲେଖ ମୁଣ୍ଡ ଟେକି ରହି ଅଛି ।

ଲୋକ ପ୍ରବାଦ ଅଛି ରାବଣ ଗୁମ୍ଫା ଶୈଳ ଚିତ୍ରରେ ଯେଉଁ ସବୁ ଚିତ୍ରାଙ୍କନ ରହି ଅଛି ତାହା ବାଲ୍ମୀକି ତପୋବନର ରକ୍ଷକ ଲବକୁଶଙ୍କର ଅଶ୍ୱମେଧ ଯଜ୍ଞର ଯଜ୍ଞ ଅଶ୍ୱର ବନ୍ଧନ ଚିତ୍ର ଅଟେ । ଧାବମାନ ଅଶ୍ୱ ବନ୍ଧନକାରୀ ଅଟନ୍ତି ଲବକୁଶ ଓ ହସ୍ତୀ ପୃଷ୍ଠରେ ବସିଥିବା ବୀର ପୁରୁଷର ଚିତ୍ର ଯଜ୍ଞ ଘୋଟକ ରକ୍ଷକ ଶତ୍ରୁଘ୍ନଙ୍କର ଯୋଦ୍ଧୃବେଶ । ସୈନ୍ୟ ସାମନ୍ତ ଚିତ୍ର ଗୁଡ଼ିକ ରାମ ସେନାମାନ ଅଟନ୍ତି ।

ଶ୍ରୀରାମଚନ୍ଦ୍ରଙ୍କ ଯଜ୍ଞ ଅଶ୍ୱ ବାଲ୍ମୀକି ତପୋବନରେ ପ୍ରବେଶ କରିବାରୁ ସେ ବନର ରକ୍ଷକ ଲବ କୁଶ ଦୁଇ ଭାଇ ଯଜ୍ଞ ଅଶ୍ୱ ବନ୍ଧନ କରି ଥିଲେ । ତେଣୁ ଏହି ଚିତ୍ରରେ ଯଜ୍ଞ ଅଶ୍ୱର ଧାବମାନ ଚିତ୍ର ଅଙ୍କିତ ହୋଇ ଅଛି ।

ସୀତାବଞ୍ଜିର ଅନତି ଦୂରରେ ଅବସ୍ଥିତ ଗୋଟିଏ ସ୍ଥାନକୁ ଘୋଡ଼ାବନ୍ଧା ବୋଲି କହନ୍ତି । ଏଠାରେ ଲବ କୁଶ ଯଜ୍ଞ ଅଶ୍ୱ ବନ୍ଧନ କରିଥିବା ଅନୁମାନ । ସେମାନେ ଯେଉଁ ଠାରେ ଘୋଡାର ତୁଣ୍ଡି ଖୋଲି ଦେଇଥିଲେ ସେହି ସ୍ଥାନର ନାମ ତୁଣ୍ଡି ବେଢ଼ା ବା ତଣ୍ଡୀ ବେଢ଼ା ନାମରେ ପରିଚିତ ।

Digitized by srujan ka@gmail.com

ଏହି ଚଣ୍ଡି କେନ୍ଦ୍ରା ଗ୍ରାମରେ ସୀତା ନଦୀ କୂଳରେ " ଭଗଧର " ନାମକ ଗୋଟିଏ ସ୍ଥାନ ଅଛି । ପ୍ରବାଦ ଅଛି ଯଜ୍ଞ ଅଶ୍ୱ ରକ୍ଷକ ରାମ ଭ୍ରାତା ଶତ୍ରୁଘ୍ନ ଯଜ୍ଞ ଅଶ୍ୱ ଅନ୍ୱେଷଣ କରି ଏହିଠାରୁ ଘୋଡ଼ା ଭୂର୍ଣ୍ଣିର ସନ୍ଧାନ ପାଇ ବାଲ୍ମିକି ଆଶ୍ରମରେ ଷଡ଼ାଙ୍ଗ ଲବ କୁଶଙ୍କ ସହିତ ଯୁଦ୍ଧ କରି ପରାସ୍ତ ହୋଇ ଥିଲେ ।

ସୀତା ଠାକୁରାଣୀ ଶାଳର ପୂର୍ବରେ କିଛି ଦୂରରେ ପଥର ନିର୍ମିତ ଗୋଟିଏ ହସ୍ତୀର ଅକ୍ଷତ ମୂର୍ତ୍ତି ଏବେ ମଧ୍ୟ ରହି ଅଛି । ଏହା ଗୋଟିଏ ପଥରରେ ନିର୍ମିତ । ଅନୁମାନ ଯଜ୍ଞ ଅଶ୍ୱ ରକ୍ଷକ ଶତ୍ରୁଘ୍ନ ଲବ କୁଶଙ୍କ ଠାରୁ ଯୁଦ୍ଧରେ ହାରିଯାଇ ହସ୍ତୀ ବାହାନ ଛାଡ଼ି ପଳାଇ ଯାଇ ଥିବାର ସଙ୍କେତ ଅଟେ । ଏପରିକି ଶ୍ରୀରାମଚନ୍ଦ୍ର ଯୁଦ୍ଧରେ ଲବ କୁଶଙ୍କ ଠାରୁ ହାରି ଯାଇ ଏହିଠାରେ ସୀତା ଦେବୀଙ୍କର ମାନ ଭଞ୍ଜନ କରି ଥିବାରୁ ଏହି ସ୍ଥାନର ନାମ ସୀତାଭଞ୍ଜି ହୋଇଥିବା ମନେ ହୁଏ ।

ଏହି ସ୍ଥାନକୁ ରାବଣ ଗୁମ୍ଫା କହିବାର ତାତ୍ପର୍ଯ୍ୟ ଏହିଯେ ଯେଉଁ ଶ୍ରୀରାମ ଲଙ୍କାର ମହାପରାକ୍ରମଶାଳୀ ରାବଣକୁ ନିହତ କରି ଥିଲେ ସେହି ଅଜେୟ ଧନୁର୍ଦ୍ଧର ବୀର ଶ୍ରୀରାମ ଅନାୟସରେ ଦୁଇ ଜଣ ବାଳକଙ୍କ ହାତରେ ପରାସ୍ତ ହୋଇ ଥିଲେ । ତେଣୁ ଲୋକ ପ୍ରବାଦରୁ ଜଣା ଯାଏ ଯେ ସୀତାଭଞ୍ଜି ଠାରେ ଅଙ୍କିତ ହୋଇ ଥିବା ଯୁଦ୍ଧଯାତ୍ରାର ଚିତ୍ର ଯଜ୍ଞ ଅଶ୍ୱ ହରଣର ଚିତ୍ର ଅଟେ ।

ସୀତା ଦେବୀ ଶାଳ

ଏହା ଏକ ବିଶାଳ ପଥର ଉପରେ ଆଉ ଦୁଇ ତିନି ଖଣ୍ଡ ପଥରର ଅବସ୍ଥିତ ଦ୍ୱାର ଗଠିତ ହୋଇ ଅଛି । ତଳୁ ୨୦।୨୨ ଫୁଟ ଉଚ୍ଚକୁ ଉଠି ଗଲା ପରେ ଆଉ ଦୁଇ ଗୋଟି ପଥର ପରସ୍ପର ଠେସ ହୋଇ ରହି ଥିବାର ଦେଖା ଯାଏ । ତଳ ପଥରଟି ମସୃଣ । ସେହି ପଥର କୋରଡ଼ ମଧ୍ୟରେ ସୀତା ଦେବୀଙ୍କର ବିଜେ ସ୍ଥଳୀ । ମୂଗୁନି ପଥରରେ ଗୋଟିଏ ବଡ଼ ଶିବ ଲିଙ୍ଗାକାର ପଥରଟିଁ ସୀତା ଦେବୀ ନାମରେ କଥିତ ଅଟେ । ଅଳ୍ପ ବଡ଼ ସାନ ଦୁଇ ଗୋଟି ଗୋଲାକାର ମୂଗୁନି ପଥର ଲବ ଓ କୁଶ ରୂପେ ପୂଜିତ ହେଉ ଅଛନ୍ତି । ଏହାର ପୂଜକ ଜଣେ ଗଣ୍ଡ ଜାତିର ଲୋକ । ଏଠାରେ ଖଣ୍ଡେ ଧଳା ପଥରକୁ ଘସି ଚନ୍ଦନ ରୂପେ ବ୍ୟବହାର କରା ଯାଇ ଥାଏ ।ଏଠାକାର ପୂଜକ କହନ୍ତି ଯେ ଉକ୍ତ ପଥର ଚନ୍ଦନ ଖଣ୍ଡିକ ଘୋରି ହୋଇ ଶେଷ ହୋଇ ଗଲେ ଆଉ ଖଣ୍ଡେ ପଥର ଚନ୍ଦନ ଆପେ ଆପେ ଆସି ଠାକୁରାଣୀଙ୍କ ଆସ୍ଥାନ ପାଖରେ ଥୁଆ ହୋଇ ଥାଏ । ଏହି ପ୍ରକାର ଐନ୍ଦ୍ରଜାଳିକ ବ୍ୟବସ୍ଥା ଆବହମାନ କାଳରୁ ଯୋଏ ପ୍ରଚଳିତ ରହି ଅଛି । ଏହି ପ୍ରକାର ଚନ୍ଦନ ମଧ୍ୟରେ ବିଭିନ୍ନ ବର୍ଣ୍ଣର ରେଖାଙ୍କିତ ସଙ୍କେତ ଥିବାର ଦେଖା ଯାଏ ।

Digitized by srujan ka@gmail.com

ସ୍ୱର୍ଗୀୟ ଅନିରୁଦ୍ଧ ଦାସ ଏହି ଅଞ୍ଚଳରୁ ୧୭ ଗୋଟି ତାମ୍ର ମୁଦ୍ରା ସଂଗ୍ରହ କରି ଅଛନ୍ତି ଏବଂ ଏଠାରେ ଥିବା ଶିଳାଭିଲେଖର ସନ୍ଧାନ କରି ଜାଣି ପାରିଛନ୍ତି ଯେ ଭାରତରେ ଆର୍ଯ୍ୟ ସଭ୍ୟତା ଗାଙ୍ଗେୟ ପ୍ରଦେଶରେ ବିକାଶଲାଭ କରି ମଧ୍ୟପ୍ରଦେଶ ବାଟେ ପୂର୍ବାଭିମୁଖୀ ହୋଇ ଥିଲା ଏବଂ ଉତ୍ତର-ଭାରତ ସହିତ ଦକ୍ଷିଣ ଭାରତର ଯୋଗାଯୋଗ କେନ୍ଦୁଝର ରାଜ୍ୟ ଦେଇ ସଂପ୍ରସାରିତ ହୋଇ ଥିଲା । ଅନ୍ୟ କେତେକ ଐତିହାସିକଙ୍କ ମତରେ କଳିଙ୍ଗ କୋଶଳ ରାଜ୍ୟ ସହିତ ଉତ୍ତର ଭାରତର ବାଣିଜ୍ୟ ବ୍ୟବସାୟ କେନ୍ଦୁଝର ରାଜ୍ୟ ଦେଇ ଚାଲୁ ଥିଲା । ସୀତାବିଞ୍ଜି ଠାରୁ ମିଳି ଥିବା ମୁଦ୍ରା ଗୁଡ଼ିକ ତୃତୀୟ ଓ ଚତୁର୍ଥ ଶତାବ୍ଦୀର ଏବଂ ପ୍ରସ୍ତର ନିର୍ମିତ ଅସ୍ତ୍ର ଶସ୍ତ୍ର ଗୁଡ଼ିକ ପ୍ରାଚୀନ ତଥା ନୂତନ ପ୍ରସ୍ତର ଯୁଗର ଅଟେ ବୋଲି ସ୍ୱର୍ଗୀୟ ଦାସ କହିଛନ୍ତି ।

ସୀତାବିଞ୍ଜିର ଚିତ୍ରାଙ୍କନ

ସୀତାବିଞ୍ଜିର ଚିତ୍ରାଙ୍କନ କେଉଁ ଜାତିର ଏବଂ କି ପ୍ରକାର ଶୈଳୀର, ସେ ସଂପର୍କରେ ଦୁଇ ପ୍ରକାର ମତ ପ୍ରକାଶ ପାଇ ଅଛି । ଶ୍ରୀ ଟି. ଏନ୍. ରାମ ଚନ୍ଦ୍ରନ ତାଙ୍କ ଲିଖିତ "Tempera Painting in Sitabinjhi, District Keonjhar, Orissa" ଶିରୋନାମା ପ୍ରବନ୍ଧ ନିଜର ବିଶ୍ୱବିଦ୍ୟାଳୟର "Institute of Fine Arts"ର ଏକ ପତ୍ରିକାରେ ପ୍ରକାଶ କରି ସୀତାବିଞ୍ଜିର ଚିତ୍ର କଳାକୁ "ଟେମ୍ପରା ପେଣ୍ଟିଂ" ବୋଲି ଅଭିହିତ କରାଇ ଅଛନ୍ତି । ଶ୍ରୀଯୁକ୍ତ ଅର୍ଜୁନ ଯୋଶୀ ମଧ୍ୟ ଏହି ଚିତ୍ରାଙ୍କନକୁ ଟେମ୍ପରା ପେଣ୍ଟିଂ ବୋଲି ବର୍ଣ୍ଣନା କରି ଅଛନ୍ତି । ମାତ୍ର ଅଧ୍ୟାପକ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ ଏହାକୁ "FRESCO PAINTING" ବା ପାଣି ରଙ୍ଗ ଚିତ୍ର ବୋଲି ବର୍ଣ୍ଣନା କରି ଅଛନ୍ତି ।

କାନ୍ଥ ବା ଗୁମ୍ଫା ଦେହରେ ଜିଙ୍କ ଅକ୍ସାଇଡ୍ ଏକପୁଟ ମଡ଼ାଇ ତା ଉପରେ ଅଣ୍ଡା ସୋଲରେ ଗୋଳା ହୋଇଥିବା ରଙ୍ଗ ଦ୍ୱାରା ଚିତ୍ରାଙ୍କନକୁ ଟେମ୍ପରା ପେଣ୍ଟିଂ କୁହାଯାଏ । ଏହି ଚିତ୍ରାଙ୍କନ ପଞ୍ଚଶ ନବମ ଶତାବ୍ଦୀରେ ଇଉରୋପର କଳାକାର ମାନଙ୍କ ଦ୍ୱାରା ଅନୁସୃତ ହୋଇ ଥିଲା । କିନ୍ତୁ ଫ୍ରେସ୍କୋ ପେଣ୍ଟିଂ ବା ପାଣି ରଙ୍ଗ ଚିତ୍ରାଙ୍କନ ଶୈଳୀ ଭିନ୍ନ ଅଟେ । ଚୂନ ଲିପା କାନ୍ଥ ବା ଗୁମ୍ଫା ଦେହରେ ପାଣିରେ ରଙ୍ଗ ଗୋଳାଇ ତୂଳୀରେ ଏହି ଚିତ୍ରାଙ୍କନ କରାଯାଏ । ଚୂନ ପାଣିକୁ ଶିଘ୍ର ଶୋଷଣ କରି ନେଇ ଚିତ୍ରକୁ ଶୁଖାଇ ଦିଏ । ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀରେ କେତେକ ଇଟାଲୀୟ ଚିତ୍ରାଙ୍କନକୁ ପାଣି ରଙ୍ଗ ଚିତ୍ର କୁହା ଯାଇଅଛି । କିନ୍ତୁ ଅଧ୍ୟାପକ ଇନାମ୍ ଅନସାରି ସୀତାବିଞ୍ଜି ଉପରେ ଏକ ପ୍ରବନ୍ଧ ପ୍ରକାଶ କରି ଲେଖି ଅଛନ୍ତି ଯେ-

Digitized by srujan ka@gmail.com

ଉପର ବର୍ଣ୍ଣିତ ଉଭୟ ଶୈଳୀ - କାନ୍ଥ ଚିତ୍ର ବା ପାଣି ରଙ୍ଗ ଚିତ୍ରାଙ୍କନ ସୀତାବିଞ୍ଜିର ଶୈଳୀ ନୁହେଁ । ସେ ଏହି ଚିତ୍ରାଙ୍କନକୁ " MURAL PAINTING "ବା କାନ୍ଥ ଚିତ୍ର ବୋଲି ଆଖ୍ୟା ଦେଇ ଅଛନ୍ତି । ସେ ଲେଖିଛନ୍ତି ପ୍ରକୃତରେ ଏହା ଶ୍ରୀଯୁକ୍ତ ରାମଚନ୍ଦ୍ରନ ଓ ଶ୍ରୀଯୁକ୍ତ ଯୋଶୀଙ୍କ ବର୍ଣ୍ଣିତ ଟେମ୍ପରା ପେଣ୍ଟିଂ ବା ଡକ୍ଟର ପାଣିଗ୍ରାହୀଙ୍କ ବର୍ଣ୍ଣିତ ଫ୍ରେସ୍କୋ ପେଣ୍ଟିଂ ନୁହେଁ । ଏପରି କଳ୍ପନା ଭ୍ରମାତ୍ମକ ହେବ ଏବଂ ଅମୂଳକ ବାଦ ଭିତରକୁ ଟାଣି ନେବ । ତେଣୁ ଏହା କେବଳ ମୁରାଲ ପେଣ୍ଟିଂ ବା କାନ୍ଥ ଚିତ୍ର ଅଟେ ।

ସୀତାବିଞ୍ଜି ଆଖପାଖରେ ଯେଉଁ ବୃହଦାକାର ଇଟା ଖଣ୍ଡ ଦୃଷ୍ଟିଗୋଚର ହୁଏ ତାହା ଧାନ ତଷ୍ ଓ କାଦୁଅ ମଣ୍ଡ ମିଶ୍ରଣରେ ନିର୍ମିତ ହୋଇ ଥିବା ଅନୁମିତ ହୁଏ । ତେଣୁ ରାବଣ ଛାୟା ପ୍ରସ୍ତର ଗାତ୍ରରେ ଧାନତଷ୍ ଓ କାଦୁଅର ମଣ୍ଡ ଘୁଣ୍ଟି ତା ଉପରେ ଏକ ପତଳା ଚୂନର ଆସ୍ତରଣ ଦେଇ ଚିତ୍ରାଙ୍କନ କରାଯାଇ ଥିବା ବିଶ୍ୱାସ ହୁଏ । ଏହା ଯଦି ସତ୍ୟ ହୋଇଥାଏ, ତେବେ ଅଧ୍ୟାପକ ଆନ୍‌ସାରଙ୍କ ଅନୁମାନ ଯୁକ୍ତି ଯୁକ୍ତ ମନେ ହୁଏ । କାରଣ ଯେଉଁଠାରେ ମୁରାଲ ପେଣ୍ଟିଂ ଦେଖାଯାଏ ସେଠାରେ ଏହିପରି ଆସ୍ତରଣ ଦେଖା ଯାଏ । ଏପରିକି ଅଜନ୍ତା ଚିତ୍ରକଳା ମଧ୍ୟ ମୁରାଲ ପେଣ୍ଟିଂ ବୋଲି ଅନେକ ମତ ପୋଷଣ କରନ୍ତି ।

ସୀତାବିଞ୍ଜିର ଶୈଳ ଚିତ୍ରାଙ୍କନକୁ ଦେଖିଲେ ଦର୍ଶକ ମନରେ ସ୍ୱତଃ ପ୍ରଶ୍ନ ଉଠେ ଯେ ସୀତାବିଞ୍ଜି ତପସ୍ୱୀ ବାଲ୍ମିକଙ୍କ ରଚିତ କଥା ବସ୍ତୁକୁ ନେଇ ସେହି ଚିତ୍ରାଙ୍କନ ସମ୍ଭବ ହୋଇଅଛି । ସେହି ଭଳି ଚିତ୍ର ଓ ଘଟଣାକୁ ନେଇ ଉପବାହ୍ୟ କଳ୍ପନା ଚିତ୍ରାଙ୍କନ ନହୋଇ ରାଜକୀୟ ଶୋଭା ଯାତ୍ରାର ଚିତ୍ର ଅଙ୍କିତ ହୋଇଛି କିପରି ? ତେଣୁ ସୀତାବିଞ୍ଜି ଠାରେ ଅଙ୍କିତ ଚିତ୍ରରେ ଶ୍ରୀରାମ ଭ୍ରାତ ଅଶ୍ୱମେଧ ଯଜ୍ଞ ଘୋଟକ ରକ୍ଷକ ମହାବୀର ଶତ୍ରୁଘ୍ନଙ୍କର ଦିଗ୍‌ବିଜୟ ଯାତ୍ରାର ବର୍ଣ୍ଣନା ଅଟେ । ପୁନଶ୍ଚ ଆଶ୍ଚର୍ଯ୍ୟ ହେବାକୁ ହୁଏ ଯେ ସୀତାବିଞ୍ଜିର ମୁଖଶାଳାର ପ୍ରସ୍ତରରେ ଖୋଦିତ ଶିବମୂର୍ତ୍ତି ରାବଣଛାୟାର ଚିତ୍ରାଙ୍କନ ସହିତ ଅପ୍ରାସଙ୍ଗିକ ମନେହୁଏ । ଏଥିରୁ ଅନୁମିତ ହୁଏ ଯେ ଏକଦା ସୀତାବିଞ୍ଜି ଶୈବ ପୀଠର କେନ୍ଦ୍ର ସ୍ଥଳୀ ଥିଲା । ଅଣନ ପାଟଣର ଉଦ୍ଧାର କରାଯାଇଥିବା ବିଶାଳ ଶିବ ଲିଙ୍ଗ ଓ ବାଲାଟପରା ଠାରେ ପୂଜିତ ହେଉ ଥିବା ଶିବ ଲିଙ୍ଗ ଏହି ମତକୁ ଅଧିକ ସୁଦୃଢ଼ କରୁଛି । କେବଳ ଉକ୍ତ ସ୍ଥାନ କାହିଁକି ସମଗ୍ର ଜିଲ୍ଲାଟି ମଧ୍ୟ ଶୈବ ଧର୍ମ କ୍ଷେତ୍ର ଅଟେ । ଏଣୁ ପ୍ରସିଦ୍ଧ ଶୈବ କ୍ଷେତ୍ର ସୀତାବିଞ୍ଜି ଶୈବ ନୃପତି ଦିଶା ଭଞ୍ଜଙ୍କର ଅକ୍ଷୟ କୀର୍ତ୍ତି ବୋଲି । ସୀତାବିଞ୍ଜିର କଳା ଓ ଐତିହ୍ୟ କେନ୍ଦୁଝର ଜିଲ୍ଲାର ଏକ ଗୌରବୋଜ୍ଜ୍ୱଳ ଇତିହାସର ପରିଚୟ ଦିଏ ।

Digitized by srujan ka@gmail.com

ଏହି ଚିତ୍ରାଙ୍କନ ସହସ୍ରାଧିକ ବର୍ଷର ହେଲେ ମଧ୍ୟ ଏହାର ମୌଳିକ ଅଭିବ୍ୟକ୍ତି ଅନୁସନ୍ଧିତ୍ସୁର ଦୃଷ୍ଟି ଆକର୍ଷଣ କରି ଥାଏ । ଏହି ଚିତ୍ରାଙ୍କନରେ କଳା ନୈପୁଣ୍ୟର ଆଙ୍ଗିକ ସୌଷ୍ଠବ ଯେପରି ପରିପୁଷ୍ଟ ଲାଭ କରିଛି ସେହିପରି ମଧ୍ୟ ଏକ ଗଭୀର ଆତ୍ମିକ ଅଭିବ୍ୟକ୍ତି ସୁସ୍ପଷ୍ଟ ହୋଇ ଉଠିଛି । ଏହି ଚିତ୍ରାଙ୍କନର ବର୍ଣ୍ଣ ସଂଯୋଜନା ତଥା ହସ୍ତୀ,ଅଶ୍ୱାଦିର ପ୍ରାକୃତିକ ପରିପ୍ରକାଶ ନବ କିଶନ ସମ୍ମୁଖରେ ଯେପରି ଭାବରେ ପ୍ରକଟିତ ହୋଇ ଥିଲା ଏବେବି ମଧ୍ୟ ଦର୍ଶକର ବୋଧ ଶକ୍ତି, କଳାକୁଶଳତା ଓ ଚିତ୍ର ଶିଳ୍ପ ନିପୁଣତାର ସମ୍ୟକ ପରିଚୟ ଦେଇ ଥାଏ । ବର୍ତ୍ତମାନ ବିଂକୃତ ହୋଇଥିବା ବର୍ଣ୍ଣ ଗୁଡିକର ଔଜ୍ଜ୍ୱଲ୍ୟ ନାହିଁ ସତ୍ୟ ମାତ୍ର ଦର୍ଶନ ମାତ୍ରକେ ଦର୍ଶକ ପ୍ରାଣରେ ନବ ପୁଲକ ସଂଗ୍ରହ କରିବାରେ ସକ୍ଷମ ଅଟେ । ଏକଥା ସତ୍ୟଯେ ସୀତାବଞ୍ଜି ଶିଳାଲିପିଲେଖ ଓ ଶୈଳାଙ୍କନର କଳା କୁଶଳତା କୀର୍ତ୍ତି ମାଳିନୀ କେନ୍ଦୁଝରର ସମୁଜ୍ଜ୍ୱଳ ଗୌରବାବହ ସ୍ମୃତି ସ୍ତମ୍ଭ ଅଟେ ।

ସୀତାବିଞ୍ଜିର ଲିପି

ଋଷି ଗୁମ୍ଫା ଠାରେ କୃଷ୍ଣ ବର୍ଣ୍ଣ ଅକର୍ମଣୀ ଶିଳା ଦେହରେ ଲିଖିତ ହୋଇଥିବା ଲିପି ଗୁଡିକର ଆକାର ପ୍ରକାର ଦକ୍ଷିଣ ଭାରତୀୟ ଲିପିର ଆକାର ପରି ଅଟେ ବୋଲି କେତେକ ପରିଦର୍ଶକ ମତ ପ୍ରକାଶ କରି ଅଛନ୍ତି । ସେମାନଙ୍କର ଯୁକ୍ତି ହେଉଛି ଯେ ବିଜୟୀ ଅନୁଶାସନର ନାୟକ ଉକ୍ତ ଦେଶ ମଧ୍ୟ ଦେଇ କୋଶଳ ରାଜ୍ୟକୁ ଗଲାବେଳେ ସୀତାବଞ୍ଜି ଠାରେ ତାଙ୍କର ଅଭିଯାନର ବିଜୟ ସ୍ମୃତି ରକ୍ଷା ପାଇଁ ଏ ପ୍ରକାର ବିଷମ ପଥର ଖଣ୍ଡ ଦେହରେ ଲିପି ଓ ଚିତ୍ରାଙ୍କନ କରି ଯାଇ ଅଛନ୍ତି । କାରଣ ଅନେକ ବିଂଚୀତ ଅପର କେହି ଏପରି ଭିମା ପଥର ଦେହରେ ଲିପି ଲେଖିବା ସମ୍ଭବ ପର ନୁହେଁ । ଯଦି ଏହି ପଥର ଖଣ୍ଡ ଗୁଡିକ କୌଣସି ଭଗ୍ନ ଗୃହ ବା ପ୍ରାଚୀରର ଅଂଶ ବିଶେଷ ହୋଇ ଥାନ୍ତା ତେବେ ତାହା ମସୃଣ ଓ ଚତୁରସ୍ର ହୋଇ ଥାନ୍ତା, ତାହା ହୋଇ ନଥିବାରୁ ଓ ଲିପିର ଆକାର ଦକ୍ଷିଣ ଭାରତୀୟ ଲିପି ସଦୃଶ ହୋଇ ଥିବାରୁ ଏବଂ କଳିଙ୍ଗରୁ କୋଶଳକୁ ଯିବା ରାସ୍ତାରେ ଏହା ଅବସ୍ଥିତ ଥିବାରୁ ଉପର୍ଯ୍ୟୁକ୍ତ ଅନୁମାନ କରା ଯାଇ ଅଛି । ଯେ ପର୍ଯ୍ୟନ୍ତ ପ୍ରକୃତ ତଥ୍ୟ ଅନୁସଂଧାନ ପାଇଁ ଏଠାରେ ଯଥାଚିତ ଖନନ କାର୍ଯ୍ୟ ନହୋଇଛି ସେ ପର୍ଯ୍ୟନ୍ତ ପ୍ରକୃତ ତଥ୍ୟ ଉନ୍ମୋଚିତ ହୋଇ ପାରିବ ନାହିଁ । ହୁଏତ ଏହାମଧ୍ୟ ଧାରଣା କରାଯାଇ ପାରେଯେ ସୀତାବଞ୍ଜି ଠାରେ ଥିବା ଲିପି ଗୁଡିକ ଦେବନାଗରୀ, ବ୍ରାହ୍ମୀ ବା ଦକ୍ଷିଣ ଭାରତୀୟ ଲିପି ନ ହୋଇ ଏଠାରେ ଆବହମାନ କାଳରୁ ବାସ କରି ଆସିଥିବା ଆଦିମ ଅଧିବାସୀ ଗଣ୍ଡ ଜାତିର ନିଜସ୍ୱ ପ୍ରାକୃତ ଓଡିଆ ଭାଷା ଅଟେ । କାରଣ ପରିସ୍ଥିର

Digitized by srujan ka@gmail.com

ଭାରତରେ ଉତ୍ପତ୍ତି ହୋଇ ପାରୁ ନଥିବା କୌଣସି ଲିପିକୁ ଅନ୍ୟ ଭାଷାର ଲିପି ବୋଲି ଯୁକ୍ତି ବାଢ଼ିବା ଦ୍ୱାରା ନିଜ ମାତୃଭାଷାର ପ୍ରାଚୀନତାକୁ ଅସ୍ୱୀକାର କରାଯାଇ ଅଣ ଓଡ଼ିଶୀ ଭାଷାର ପ୍ରାଚୀନତା ପ୍ରସାରକୁ ସ୍ୱୀକାର କରାଯାଇ ନିଜର ମୌଳିକତାକୁ ଉପେକ୍ଷା କରାଯାଇଥାଏ । ଉଦାହରଣ ସ୍ୱରୂପ ଆର୍ଯ୍ୟାବର୍ତ୍ତ ଭାରତ ଭୂମିକୁ ଆର୍ଯ୍ୟ ମାନେ ପ୍ରଥମେ କାସ୍ପିଆନ ହ୍ରଦ ଠାରୁ ଆସି ଥିବା ଭ୍ରମାତ୍ମକ ତଥ୍ୟ ପ୍ରଦାନ କରିଥିବା ଦ୍ୱାରା ବେଦ ଭୂମି ଭାରତର ପ୍ରାଚୀନତାକୁ ଅସ୍ୱୀକାର କରାଗଲା ପରି ସୀତାବିଞ୍ଜିର ଲିପି ଓ ତାହାଙ୍କର ଅଣଓଡ଼ିଶୀ ବୋଲି କହିବା ସହିତ ସମାନ ହେବ ନାହିଁ କି? ଜନ୍ମ ସୃଷ୍ଟିର ଆଦିମ କାଳରୁ ଏଠାରେ ବସବାସ କରି ଆସୁଥିବା ଆଦିମ ଅଧିବାସୀ ମାନଙ୍କରଠାରେ ପ୍ରାକୃତ ଓଡ଼ିଆ ଲିପି ନ ହୋଇ ଥିବ ଏକଥା କିଏ କହିବ ? କାରଣ ପ୍ରାଚୀନ କାଳରେ କଳିଙ୍ଗରେ ଭାଷା ପାଲି ଭାଷା ଥିଲା ଓ ସେହି ପାଲି ଭାଷାରେ ବୌଦ୍ଧ ଧର୍ମ ପୁସ୍ତକମାନ ରଚିତ ହୋଇ ପୃଥିବୀର ବହୁ ଦେଶରେ ପ୍ରସାର ଲାଭ କରି ଥିଲା ।

ମଗଧ ସମ୍ରାଟ ଅଶୋକଙ୍କ ଶାସନ କାଳର ବହୁ ଆଗରୁ ଉତ୍କଳର ଦୁଇ ଜଣ ଭୂସ୍ୱଂ ଭ୍ରାତ ପୂର୍ବ ଭାରତରେ ବ୍ୟବସାୟ କରିବାକୁ ଯାଉଥିବା ସମୟରେ ଉରୁବେଲା ବନ ମଧ୍ୟରେ ଗୌତମ ବୁଦ୍ଧଙ୍କର ଦର୍ଶନ ଲାଭ କରି ତାଙ୍କର ସର୍ବପ୍ରଥମ ଶିଷ୍ୟତ୍ୱ ଗ୍ରହଣ କରି ଉତ୍କଳ ଓ କଳିଙ୍ଗରେ ବୌଦ୍ଧ ଧର୍ମ ନିଜର କଥିତ ପାଲି ଭାଷାରେ ପ୍ରଚାର କରି ସାରି ସେମାନେ ସିଂହଳକୁ ଯାଇ ସେଠାରେ ସର୍ବ ପ୍ରଥମେ ବୌଦ୍ଧ ଚୈତ୍ୟ ନିର୍ମାଣ କରିବା ସଙ୍ଗେ ସଙ୍ଗେ ପାଲି ଭାଷାରେ ଧର୍ମ ପ୍ରଚାର କରି ଥିଲେ । ଆସାମର ପଣ୍ଡିତ ବଡୁଆଙ୍କ ମତରେ ସେତେବେଳେ ଏହି ଭୂସ୍ୱଂ ମାନଙ୍କର ଭାଷା ଉତ୍କଳଭାଷା ରୂପେ ପରିଚିତ ଥିଲା । ତେଣୁ ଅଶୋକଙ୍କ କଳିଙ୍ଗ ଶାସନ କାଳରେ ପାଲି ଭାଷାରେ ବୌଦ୍ଧ ଧର୍ମର ପ୍ରଚାର କରାଯାଇଥିଲା । ଏତେଣିକ ହୀନଯାନ ମାନଙ୍କର ଧର୍ମ ପୁସ୍ତକ ଗୁଡ଼ିକ ପାଲି ଭାଷାରେ ରଚିତ ହୋଇ ଥିଲା ।

ସେହି ସମୟରେ ବ୍ରାହ୍ମଣ୍ୟ ଧର୍ମର ପଣ୍ଡିତ ମାନେ କଳିଙ୍ଗର ଭାଷାକୁ ପାଲି ଭାଷା ନକହି " ଉଡ୍ର ବିଭାଷା " ବୋଲି କହୁ ଥିଲେ । ନାଟ୍ୟାକାର ଭରତଙ୍କ ଭାଷାରେ ପୂର୍ବ ଭାରତୀୟ ସଂସ୍କୃତି ହେଉଛି "ଉଡ୍ର ସଂସ୍କୃତି" । ସେତେବେଳେ ଯେ ଉଡ୍ର ପ୍ରାକୃତ ପାଲି ଭାଷାରେ ଅତି ଉନ୍ନତ ଥିଲା ଏଥିରେ ସନ୍ଦେହ ନାହିଁ । ଖ୍ରୀଷ୍ଟୀୟ ଏକମ ଶତାବ୍ଦୀ ଠାରୁ ସପ୍ତମ ଶତାବ୍ଦୀ ଯାଏ କଳିଙ୍ଗର ଅଭିଲେଖ ଗୁଡ଼ିକ ପ୍ରାକୃତ ଭାଷା ଥିଲାବୋଲି ଧାରଣା କରାଯାଏ । ତେଣୁ ଚତୁର୍ଥ ଶତାବ୍ଦୀରେ ରଚିତ ସୀତାବିଞ୍ଜି ଶିଳାଭିଲେଖର

Digitized by srujan ka@gmail.com

କେତେକ କ୍ଷୁଦ୍ର ଅଭିଲେଖ ପ୍ରାକୃତ ଭାଷାରେ ରଚିତ ହୋଇ ଅଛି । ଯଥା - "ପୁର ନସ ଛୁଚ ମହୁବ" ।

ଏଥିରୁ ଅନୁମିତ ହୁଏଯେ ୭ମ ଶତାବ୍ଦୀ ଯାଏ କଳିଙ୍ଗର ଭାଷା ପ୍ରାକୃତ ଥିଲା । ସେହି ବିକାଶମୁଖୀ ଉକ୍ତ ପ୍ରାକୃତ ଭାଷାର କ୍ରମାନ୍ୱିତ ହୋଇ ଆଧୁନିକ ଓଡ଼ିଆ ଭାଷା ଜନ୍ମ ଲାଭ କରିଥିବା ସ୍ୱଭାବିକ ଅଟେ ।

ଖ୍ରୀଷ୍ଟପୂର୍ବ ୭୦୦ ବର୍ଷରୁ ଖ୍ରୀଷ୍ଟାବ୍ଦ ୫୦୦ ବର୍ଷ ଯାଏ କଳିଙ୍ଗର ଭାଷା ପାଲି ଭାଷା ଥିବାରୁ ଏହି ଉକ୍ତ ପ୍ରାକୃତ ଭାଷାରୁ ପାଲିଭାଷାର ଜନ୍ମ ହୋଇଥିବା ସତ୍ୟ ମନେ ହୁଏ । ଖ୍ରୀଷ୍ଟପୂର୍ବ ୭୦୦ ବର୍ଷ ପୂର୍ବରୁ ଓଡ଼ିଆ ଲିପି ସୃଷ୍ଟି ହୋଇ ଥିବାରୁ ଓଡ଼ିଆ ଭାଷାର ପ୍ରାକୃତ ଭାଷାରୁ ଯେ ପାଲି ଭାଷାର ଉତ୍ପତ୍ତି ହୋଇଛି ଏଥିରେ ସନ୍ଦେହ ନାହିଁ । ତେଣୁ ମୀମାବଞ୍ଜିର ଭାଷା ଉକ୍ତ ପ୍ରାକୃତ ବା ଉକ୍ତ ବିଭାଷା ଥିଲା ବୋଲି ଅବଧାରଣା କରାଯାଇ ପାରେ । ପ୍ରାଚୀନ କାଳରେ ଅନାର୍ଯ୍ୟ ଅଧ୍ୟୁଷିତ ଅଞ୍ଚଳର ଭାଷାକୁ ବିଭାଷାବୋଲି ବର୍ଣ୍ଣନା କରାଯାଇଛି । ବୁଦ୍ଧଙ୍କ ଜନ୍ମର ୭୦୦ ବର୍ଷ ପୂର୍ବରୁ ପ୍ରାକୃତ ଭାଷାର ଉଦ୍ଭବ ହୋଇ ୫୦୦ ଖ୍ରୀଷ୍ଟାବ୍ଦ ଯାଏ ବ୍ୟାପୃତ ରହିଥିଲା । ଏହାପରେ ନବମ ଶତାବ୍ଦୀ ଠାରୁ ଦ୍ୱାଦଶ ଶତାବ୍ଦୀର ଶେଷ ଭାଗ ଯାଏ ଅପଭ୍ରଂଶ ଓ ପ୍ରାକୃତ ଭାଷାର ଧାରା ଭାରତୀୟ ଆର୍ଯ୍ୟ ଭାଷା ଥିଲା ।

୧୧ ଶହ ଶତାବ୍ଦୀରେ ଜାହୋରର ଶିକ୍ଷାଚାର୍ଯ୍ୟ ଭୁସୁକପାଦ ଶାନ୍ତି ଦେବଙ୍କ ରଚିତ ବୌଦ୍ଧ ଦୁହା ଯଥା-

ଅମ୍ଭ ପଦେଶ୍ୱ ଚନ୍ଦନ ବାରଦ ଅକଳ
ଦେହଠ କମଳ କର ଶପୂନ ଥାକଳ ।
ସୁଜ ଗୃପି ଶଶି ସମର ସଂଜାର
ରାଉଲୁ ବୋଲେ ଜର ମରଣ ଉପ୍ପା ।

× × ×

"ଭୁସୁକୁ ଫୁଲ୍ଲିଲୌ ଅନୁପମ ଫୁଲ୍ଲା
କେହୁରେ କୁସୁମ ଅଭାବ ବମୁଲ୍ଲା ।"

ଏହି ସବୁ ବୌଦ୍ଧ ଦୁହା ଗୁଡ଼ିକରୁ ଉକ୍ତ ପ୍ରାକୃତ ଭାଷାର ଅବସ୍ଥା ଓ ଓଡ଼ିଆ ଭାଷାର ପୂର୍ବ ରୂପର ପ୍ରମାଣ ମିଳେ ।

Digitized by srujan ka@gmail.com

ସୁତରାଂ ଉକ୍ତ ମାଗଧୀ ପ୍ରାକୃତର ବିସ୍ତୃତି ଉତ୍ତରରେ ନେପାଳରୁ ଦକ୍ଷିଣରେ କଳିଙ୍ଗ ପର୍ଯ୍ୟନ୍ତ ଏବଂ ପୂର୍ବରେ ବ୍ରହ୍ମ ଦେଶ, ଶ୍ୟାମ ଦେଶ ଠାରୁ ପଶ୍ଚିମରେ କହ୍ରଗଜ୍ୟ ପର୍ଯ୍ୟନ୍ତ ନିରୂପଣ କରାଯାଇ ଅଛି । ଦକ୍ଷିଣ କୋଶଳ, ତୋଷାଳୀ, (ଉତ୍କଳ) ଉକ୍ତ ପୁଲିନ୍ଦ, କଳିଙ୍ଗ କାମରୂପ ବ୍ରହ୍ମଦେଶ ଓ ଶ୍ୟାମଦେଶାଦିରେ ଉକ୍ତ ପଦ୍ଧତି ପ୍ରବର୍ତ୍ତିତ ହୋଇଥିବା ପ୍ରାୟ ନିଶ୍ଚିତ ଅଟେ । ଏହି ସବୁ ଅଞ୍ଚଳରେ ପ୍ରଚଳିତ ଉକ୍ତ ପ୍ରାକୃତ (ଉକ୍ତ ବିଭାଷା) ରୁ ପାଲି ଭାଷାର ଉତ୍ପତ୍ତି ହୋଇ ଥିଲା । ଯେଉଁ ଅଞ୍ଚଳ ଆର୍ଯ୍ୟ ଅଧ୍ୟୁଷିତ ନୁହେଁ ସେହି ସବୁ ଅଞ୍ଚଳର ଭାଷା ନାଟ୍ୟ ସାହିତ୍ୟରେ ବିଭାଷା ରୂପେ ବର୍ଣ୍ଣିତ ହୋଇ ଅଛି । ଏଣୁ ଉକ୍ତ ପ୍ରାକୃତ ଭାଷା ପ୍ରାଚୀନ କାଳରୁ ଅତି ଉନ୍ନତ ଭାଷା ଭାବରେ ବିଭିନ୍ନ ଶତାବ୍ଦୀରେ ବିକାଶ ଲାଭ କରିଥିବା ସତ୍ୟ ମନେ ହୁଏ । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ଠାରୁ ସପ୍ତମ ଶତାବ୍ଦୀ ଯାଏ କଳିଙ୍ଗର ପ୍ରାକୃତ ଅଭିଲେଖ ଗୁଡିକର ଉଦ୍ଧୃତରୁ ଏହା ଜଣା ଯାଏ । ତେଣୁ ପଞ୍ଚମ ଶତାବ୍ଦୀରେ ରଚିତ ସୀତାବିଞ୍ଜି ଠାରେ ଉକ୍ତ ପ୍ରାକୃତ ଭାଷାର ଅଭିଲେଖ ରଚନା କରି ଯାଇ ଥିଲା । ମାତ୍ର ତୃତୀୟ ଶତାବ୍ଦୀରେ ରଚିତ ଅସନପାଟ ଶୀଳାଭିଲେଖରେ ପ୍ରାକୃତ ଭାଷା ଛାଡି ସର୍ବ ପ୍ରଥମେ ସଂସ୍କୃତ ଭାଷାରେ ଅଭିଲେଖ ଉତ୍କୀର୍ଣ୍ଣ କରା ଯାଇ ଥିବା ଜଣା ପଡେ । ତାହା କଳିଙ୍ଗର ଭାଷା କ୍ଷେତ୍ରରେ ଏକ ନୂତନ ପଦକ୍ଷେପ ପରି ମନେ ହୁଏ । ଏହା ଦ୍ୱାରା କଳିଙ୍ଗରେ ସଂସ୍କୃତ ଭାଷାର ପ୍ରଚଳନ ଗୁପ୍ତ ଯୁଗୀୟ ସଂସ୍କୃତର ପ୍ରଭାବ ପରିତେ ବୋଲି ଯାହା କୁହା ଯାଉଥିଲା ଶତ୍ରୁଭଞ୍ଜଙ୍କର ଅସନପାଟ ଶିଳାଭିଲେଖ ତାହା ଅପ୍ରମାଣିତ କରି ଦେଇଛି ।

୭ମ ଶତାବ୍ଦୀରେ ଚୀନ ପରିବ୍ରାଜକ ହୁଏନସାଂ ଓଡ୍ର, କଙ୍ଗୋଦ ଓ କଳିଙ୍ଗରେ ପ୍ରାକୃତ ଭାଷା କଥିତ ଭାଷା ଥିଲା ବୋଲି ବର୍ଣ୍ଣନା କରି ଅଛନ୍ତି । କାଳକ୍ରମେ ସେହି ବିକାଶ ମୁଖୀ ଉକ୍ତ ପ୍ରାକୃତ ଅବସ୍ଥାର ବିବର୍ତ୍ତିତ ହୋଇ ନୂତନ ରୂପରେଖ ଗ୍ରହଣ କଲା ଏବଂ ଅପଭ୍ରଂଶ ଓଡ଼ିଆ ଭାଷା ରୂପେ ପ୍ରକାଶ ପାଇଲା ।

ଖାରବେଳଙ୍କ ଶାସନ କାଳରେ ରଚିତ ହାତୀ ଗୁମ୍ଫା ଶିଳାଭିଲେଖରୁ ଜଣା ଯାଏ ଯେ ପାଲି କଳିଙ୍ଗର ନିଜସ୍ୱ ଭାଷା ଓ ସେହି ଭାଷାରେ ବୌଦ୍ଧଧର୍ମ ଗ୍ରନ୍ଥ ତ୍ରିପିଟକ ରଚିତ ହୋଇ ଅଛି । ଏପରି କ୍ଷେତ୍ରରେ ଥାଆମର ଦେବକାନ୍ତ ବଡ଼ୁଆ ଉତ୍କଳ କଳିଙ୍ଗରେ ପାଲି ଭାଷା ନଥିବା ଦର୍ଶାଇ ତାହାକୁ ବିଭାଷା ବୋଲି କହିବା ଭ୍ରମାତ୍ମକ ମନେହୁଏ ।

Digitized by srujan ka@gmail.com

ଏବେ ମଧ୍ୟ ଏହି ଆଦିମ ଅଧିବାସୀ ମାନେ ବଣ ଜଙ୍ଗଲରୁ ବିଭିନ୍ନ ବର୍ଣ୍ଣର ରଙ୍ଗ ମାଟି ସଂଗ୍ରହ କରି ଆଣି ପର୍ବରେ ନିଜର ବାସ ଘର କାନ୍ଥରେ ବିଭିନ୍ନ ପ୍ରକାର ଚିତ୍ରାଙ୍କନ କରି ଥାନ୍ତି । ସେହି ଦୃଷ୍ଟିରୁ ବିଚାର କଲେ ଜଣାପଡ଼େ ଯେ ସୀତାବିଞ୍ଜିର ଶୈଳ ଚିତ୍ରାଙ୍କନ ହେଉଛି ଆଦିମ ଅଧିବାସୀ ମାନଙ୍କର ନିଜସ୍ୱ କଳାକୃତି । ମାତ୍ର ଏହି ଦୁରୂହ କାର୍ଯ୍ୟ ସଂପାଦନରେ ଯେ ରାଜ ପୃଷ୍ଠପୋଷକତା ଅପରିହାର୍ଯ୍ୟ ଏକଥା ସର୍ବ ସମ୍ମତ ଅଟେ । ଯେହେତୁ ସୀତାବିଞ୍ଜିର ଚିତ୍ରାଙ୍କନ ଚତୁର୍ଥ-ପଞ୍ଚମ ଶତାବ୍ଦୀର ବୋଲି ଧରାଯାଇଛି ସେହେତୁ ଏହା ନବମ ଶତାବ୍ଦୀରେ ଇଉରୋପରେ ଜନ୍ମଲାଭ କରିଥିବା ଟେମ୍ପରା ପେଣ୍ଟିଂ କିମ୍ବା ପଞ୍ଚଦଶ ଶତାବ୍ଦୀରେ ଇଟାଲୀ ଦେଶରେ ଜନ୍ମଲାଭ କରିଥିବା ଫ୍ରେସ୍କୋ ପେଣ୍ଟିଂ ନୁହେଁ । ଏହା ହେଉଛି ଆଦିବାସୀ ମାନଙ୍କର ଅନବଦ୍ୟ କାରୁ ଚିତ୍ରାଙ୍କନ କୌଶଳର ଅଭିନବ ପରି ପ୍ରକାଶ ।

କେନ୍ଦୁଝର ଜିଲ୍ଲାର ଅସନପାଟ ଶିଳାଲେଖ ଓ ଶୈଳ ଚିତ୍ରାଙ୍କନ ଏଯାବତ ଐତିହାସିକ ମାନଙ୍କର ଦୃଷ୍ଟିଗୋଚର ହୋଇ ଥିବାରୁ କେନ୍ଦୁଝର ରାଜ୍ୟଯେ ଭଞ୍ଜ ରାଜବଂଶର ଉତ୍ପତ୍ତି କ୍ଷେତ୍ର "ଭଞ୍ଜାଦ୍ୟଭୂମି" ଅଟେ ଏଥିରେ ସନ୍ଦେହ ନାହିଁ ।

ତପସ୍ୱିନୀ କେନ୍ଦୁଝରୀ

ସାତକର୍ଣ୍ଣି ଆଶ୍ରମ

ପର୍ବତ ମାଳିନୀ, ଉପବନ ପରିଶୋଭିତ ପ୍ରକୃତିର ଚନ୍ଦ୍ରାଘର କେନ୍ଦୁଝରର ଗନ୍ଧମାର୍ଦ୍ଦନ ପର୍ବତ ରାମାୟଣ ତଥା ପୁରାଣ ପ୍ରସିଦ୍ଧି ଲାଭ କରି ଆସିଅଛି । ପୌରାଣିକ ବ୍ୟାଖ୍ୟାରୁ ଜଣା ଯାଏ ଯେ ତ୍ରେତା ଯୁଗରେ ଶ୍ରୀରାମ-ରାବଣ ଯୁଦ୍ଧରେ ଅନୁଜ ଲକ୍ଷ୍ମଣଙ୍କର ଶକ୍ତି ଭେଦ କାଳରେ ଏହି ପର୍ବତରୁ ମୃତ ସଞ୍ଜିବନୀ ଓ ବିଶଲ୍ୟ କରଣୀ ମହୌଷଧି ମହାବୀର ହନୁମାନ ସଂଗ୍ରହ କରି ନେଇ ଥିଲେ ।

ବିଭିନ୍ନ ପ୍ରକାର ସୁଗନ୍ଧ ବନସ୍ପତିରେ ଏହି ପର୍ବତ ପରିପୂର୍ଣ୍ଣ ଥିବାରୁ ଏହାର ନାମ ଗନ୍ଧମାର୍ଦ୍ଦନ ହୋଇଥିବା ମନେ ହୁଏ । ବିଶଲ୍ୟକରଣୀ, ମୃତସଞ୍ଜିବନୀ, ଭ୍ରମରମାରୀ, ଅନନ୍ତକେଦାର, ପାତାଳଗରୁଡ଼ ପ୍ରଭୃତି ବିଭିନ୍ନ ପ୍ରକାର ମହୌଷଧି ଗୁଡ଼ିକୁ ଜଗି ରହିଛନ୍ତି ବାଘ, ଭାଲୁ, ବାରହା, ସର୍ପ, ମଶା, ମାଛି ଡାଆଁସ ପ୍ରଭୃତି ଗନ୍ଧର୍ବ ମାନେ । ଏହି ପର୍ବତର

Digitized by srujan ka@gmail.com

ଶୀର୍ଷ ଦେଶରେ ଏକ ସୁବିସ୍ତୃତ ସମତଳ ପଥର ଚଟାଣ ଉପରେ ସୃଷ୍ଟି ହୋଇ ଅନାଦିମାନ କାଳରୁ ସାତଗୋଟି ପୁଷ୍କରଣୀ ରହିଅଛି । ଏହାର ଜଳ ସୁମିଷ୍ଟ ଓ ସୁଶୀତଳ ଅଟେ । ଏହି ସପ୍ତ ପୁଷ୍କରଣୀରେ ସାତଗୋଟି ପଦ୍ମ ଫୁଲ ଫୁଟି ଥିବାର ଶୁଣାଯାଏ । ମାର୍କଣ୍ଡେୟ ଋଷିଙ୍କର ଆଶ୍ରମ ଅଟେ ବୋଲି ଜନଶ୍ରୁତି ରହିଅଛି । ଏହିଠାରେ ପୁରାଣ ଯୁଗରୁ ସାଧୁ ସନ୍ଥ ମାନେ ଅବସ୍ଥାନ କରି ଆସିଥିବା ଶୁଣାଯାଏ ।

ଏହି ଉପବନରେ ଗୋଟିଏ ପ୍ରକାର ଗଛର ରସକୁ ସାଧୁମାନେ ସୁମିଷ୍ଟ ଦୁଗ୍ଧ ରୂପେ ଓ ଅନ୍ୟ ଏକ ଗଛର ପତ୍ର ଓ ଫୁଲକୁ ଘୃତ ରୂପେ ବ୍ୟବହାର କରିଥାନ୍ତି ।

ଗନ୍ଧମାର୍ଦ୍ଦନ ପର୍ବତର ବକ୍ଷ ଦେଶରେ ବହୁତ ଗୁମ୍ଫା ରହିଅଛି । ସେ ଗୁଡ଼ିକ ମଧ୍ୟରେ ବ୍ୟାଘ୍ର ଗୁମ୍ଫା ସର୍ବ ପ୍ରଧାନ ଅଟେ । ଏହି ବ୍ୟାଘ୍ର ଗୁମ୍ଫା ଭିତରେ ଗୋଟିଏ ଚତୁର୍ଭୁଜ ନାରାୟଣ ମୂର୍ତ୍ତି ଭଗ୍ନାବସ୍ଥାରେ ପଡ଼ି ରହିଛି । ଲୋକେ ଏହି ମୂର୍ତ୍ତିକୁ ମାରଣ ମୂର୍ତ୍ତି ବୋଲି କହନ୍ତି । ପ୍ରବାଦ ଅଛି ଯେ ଦର୍ଶନ ସମୟରେ ଯଦି ଦର୍ଶକର, ଛାୟା ଏହି ମୂର୍ତ୍ତି ଉପରେ ପଡ଼େ ତେବେ ତାହାର ମୃତ୍ୟୁ ହୋଇ ଥାଏ । ତେଣୁ ଲୋକେ ସେ ସ୍ଥାନକୁ ଯିବାକୁ ଭୟ କରନ୍ତି । ଏହି ଗୁମ୍ଫାର ନାମ ବ୍ୟାଘ୍ର ଗୁମ୍ଫା ଅଟେ ।

ଗନ୍ଧମାର୍ଦ୍ଦନ ପର୍ବତର ପାଦ ଦେଶରେ ପ୍ରବାହିତ ହେଉ ଥିବା ପୁଣ୍ୟତୋୟା ବୈତରଣୀ ନଦୀର ସୁଶୀତଳ ଉପତ୍ୟକା ମଧୁବନ ନାମରେ ଖ୍ୟାତ ଅଟେ । ଏଠାରେ ଜାଗମରା ନାମକ ସ୍ଥାନରେ ମୁନି ଋଷି ମାନେ ଜପ ଯଜ୍ଞ କରୁଥିବା ପ୍ରବାଦ ରହି ଅଛି ।

ବ୍ରହ୍ମବୈବର୍ତ୍ତ ପୁରାଣର ପ୍ରକୃତି ଖଣ୍ଡ ପଠନରୁ ଜଣା ଯାଏ ଯେ ଏହି ଗନ୍ଧମାର୍ଦ୍ଦନ ପର୍ବତର ଶୀର୍ଷ ଦେଶରେ ଅବସ୍ଥିତ ମାର୍କଣ୍ଡେୟ ଋଷିଙ୍କ ଆଶ୍ରମରେ ଜଗତ ପିତା ବ୍ରହ୍ମା ଧର୍ମଦେବଙ୍କ ଠାରୁ ଜଗତ ମାତା ମହା ସରସ୍ୱତୀଙ୍କର କବଚ ଶ୍ରବଣ କରିଥିଲେ । ଯଥା-

" ଯେଉଁ କବଚକୁ ବ୍ରହ୍ମା ଗନ୍ଧମାର୍ଦ୍ଦନରେ
ଭୃଗୁଙ୍କୁ କହିଥିଲେ ହରଷ ମନରେ ।
ସେହି ବିଶ୍ୱ ଶ୍ରେଷ୍ଠ ବିଶ୍ୱ ଜୟ କବଚକୁ
ଶୁଣ ମନ ଦେଇ କରି କହୁଛି ତୁମକୁ ।
ଧର୍ମ ମୁଖୁ ପୂର୍ବକାଳେ ଗନ୍ଧମାର୍ଦ୍ଦନରେ
ଶୁଣିଥିଲି ମାତ୍ର ମୁହିଁ ଏକ ସମୟରେ "

ଧନ୍ୟ ଗନ୍ଧମାର୍ଦ୍ଦନ ଧନ୍ୟ ତୁମର ମହିମା । ତୁମେ ଜଗତକୁ ଆହୁରି ସୁଗନ୍ଧମୟ କର

Digitized by srujan ka@gmail.com

- ଏହା ପ୍ରାର୍ଥନା ଅଟେ ।

ଯେପରି ତୁମର ପବିତ୍ର ଗର୍ଭରୁ ଜଗତଜନନୀ ମହାସରସ୍ୱତୀଙ୍କର ବ୍ରହ୍ମଜ୍ଞାନମୟ କବଚ ଜନ୍ମଲାଭ କରିଛି, ତୋର ଗର୍ଭ ଗହ୍ୱରରୁ ବନପ୍ରାନ୍ତ ଓ ଲୁହାପଥର ବସ୍ତୁକୁ ଅଳ୍ପମୂଲ୍ୟରେ ପ୍ରଦାନ କରୁଅଛନ୍ତି ସେହିପରି ତୋର ଏହି ଦରିଦ୍ର ଅଶିକ୍ଷିତ ଅନୁନ୍ନତ ସନ୍ତାନ ମାନଙ୍କୁ ଦିବ୍ୟ ଜ୍ଞାନ ସମେତ ତୁଷ୍ଟି ପୁଷ୍ଟି ପ୍ରଦ ଖାଦ୍ୟ ପ୍ରଦାନ କରି ଏତିକ ପ୍ରାର୍ଥନା ।

ଆଶ୍ରମ ବର୍ଣ୍ଣନା

ସୀତାବିଞ୍ଜି ଯେପରି ବାଲ୍ମୀକି ଋଷିଙ୍କ ଆଶ୍ରମ ସେହିପରି ଶୀର୍ଷ ବୈତରଣୀ ତୀର୍ଥ ଗୋନାସିକା ହେଉଛି ଜହ୍ନୁ ଓ ସ୍ୱର୍ଗୀବ ଋଷିଙ୍କର ଆଶ୍ରମ ସ୍ଥଳୀ ଅଟେ । ଗଙ୍ଗା ଓ ବୈତରଣୀ ନଦୀ ଦୁଇଟି ସପତ୍ନୀ ଅଟନ୍ତି । ଗଙ୍ଗାଙ୍କର ଜନ୍ମ ହେବାର ବାର ବର୍ଷ ଆଗରୁ ବୈତରଣୀଙ୍କର ଜନ୍ମ ହୋଇଛି । ଭଗବାନଙ୍କର ବାମନ ଅବତାରରେ ବଳୀକୁ ପାତାଳରେ ଚାପିବା ପରେ ବ୍ରହ୍ମା ନିଜ କମଣ୍ଡଳୁ ମଧ୍ୟରୁ ଗଙ୍ଗାକୁ ବାହାର କରି ବାମନ ବିଷ୍ଣୁଙ୍କର ବ୍ରହ୍ମପାଦ ଧୋଇ ଥିଲେ । ମାତ୍ର ଗଙ୍ଗା ପ୍ରଭୁଙ୍କର ବାମ କନିଷ୍ଠ ଅଙ୍ଗୁଳି ମଧ୍ୟରେ ଲୁପ୍ତ ହୋଇ ଗଲେ । ବ୍ରହ୍ମା କମଣ୍ଡଳରୁ ପାଦରେ ଗଙ୍ଗାଜଳ ଢାଳିବା ସମୟରେ ଯେଉଁ ଜଳ ପୃଥିବୀରେ ଖସି ପଡ଼ିଲା ତାହା ଗୋନାସିକା ପର୍ବତର ଶୀର୍ଷ ଦେଶରେ ପଡ଼ି ଗିରି ବକ୍ଷରେ ଗୁପ୍ତ ହୋଇଗଲା । ଆହୁରି ବିସ୍ମୟର କଥାଯେ ଯେଉଁ ସମୟରେ ପର୍ବତ ବକ୍ଷରେ ଲଡ଼ଥିବା ଗଙ୍ଗା ଜଳର ଯେଉଁ କେତେକ ଜଳ ପର୍ବତ ଖୋଲରେ ରହିଲା ତାହା ସେଠାରେ ଚରୁଥିବା ଷଣ୍ଢ ପାନ କରି ଦେଲା । ସେହି ଷଣ୍ଢଟି ଦେବ ପୁଣ୍ୟ ଗଙ୍ଗା ଜଳ ପାନ କରି ଉନ୍ମତ୍ତ ହୋଇ ବୁଲି ବୁଲି ଏକଦା ବାଲ୍ମିକ ଋଷିଙ୍କର ସୀତାବିଞ୍ଜି ଆଶ୍ରମର ପୁଷ୍ପ ଉଦ୍ୟାନ ନଷ୍ଟ କରି ଦେବାରୁ ଋଷିଙ୍କ କ୍ରୋଧରେ ତାହାର ଶିର ଖଣ୍ଡିତ ହୋଇ ଗୋନାସିକାରେ ମୁଣ୍ଡ ପଡ଼ିଲା । ସେହି ଗୋ ମୁଣ୍ଡର ଦୁଇଗୋଟି ନାସା ପୁଡ଼ାର ଗୋଟିଏ ରନ୍ଧ୍ରରୁ ଜଳ ଓ ଅନ୍ୟଟିରୁ ରକ୍ତ ଝରିବାକୁ ଲାଗିଲା ।

ଯେଉଁ ସମୟରେ ଏ ଘଟଣା ଗୁଡ଼ିକ ଘଟିଥିଲା ସେତେବେଳେ ସେହି ସ୍ଥାନରେ ଗୋଟିଏ ଜୁଆଙ୍ଗ ପରିବାର କେତେଗୋଟି ପଶୁ ପକ୍ଷୀ ମାରି ତାହାକୁ ନିଆଁ ଜାଳି ପୋଡ଼ୁ ଥିଲେ ।

Digitized by srujan ka@gmail.com

ହଠାତ୍ ଗୋଟିଏ ଗୋରୁ ମୁଣ୍ଡରୁ ଅଜସ୍ର ପରିମାଣରେ ଜଳ ଓ ରକ୍ତ ପ୍ରବାହିତ ହୋଇ ସେମାନଙ୍କ ନିଆଁ ଲିଭାଇ ଦେଲା ମୁସଳ ଗଙ୍ଗରେ କଟି ବାଟ ଧାଇଁ ଯାଇ ପର୍ବତ ବକ୍ଷରେ ଗୁପ୍ତ ହୋଇ ଗଲା । ସେହି ସ୍ଥାନର ନାମ ହେଉଛି ଗୁପ୍ତ ଗଙ୍ଗା ଗିରି ଓ ଗ୍ରାମର ନାମ ଗୁପ୍ତ ଗଙ୍ଗା ଜୁଆଙ୍ଗ ପଲ୍ଲୀ ।

ଏହି ଜୁଆଙ୍ଗ ମାନେ ଜହ୍ନୁ ଋଷିଙ୍କର ଅଙ୍ଗଜ ବୋଲି ଦାବୀ କରନ୍ତି । କାରଣ ସମସ୍ତେ ଋଷୀପୁତ୍ରାଃ । ଏଣୁ ଗୋନାସିକା ଜହ୍ନୁ ଋଷୀଙ୍କର ଆଶ୍ରମ ଥିବା ମନେହୁଏ । ସେହି ପରି ଗନ୍ଧମାଦନ ପର୍ବତ ସାତକର୍ଣ୍ଣି ଋଷିଙ୍କର ଆଶ୍ରମ ଅଟେ । ବୈତରଣୀଙ୍କର ଅନ୍ୟ ନାମ " ଜହ୍ନୁକନ୍ୟା " ଅଟେ ।

ସପ୍ତପର୍ଣ୍ଣି ବା ସାତ ଗୋଟି ବନୌଷଧିରେ ପରିପୂର୍ଣ୍ଣ ଗନ୍ଧମାଦନ ହୋଇ ଥିବାରୁ ତାହାର ନାମ ସାତକର୍ଣ୍ଣି ଆଶ୍ରମ ବା ଉପବନ ରୂପେ ପୁରାଣ ପ୍ରସିଦ୍ଧ ରହି ଆସିଛି । ଏକ ସୁରମ୍ୟ ତାପସିକ ଉପବନରେ ସୀତାବିଞ୍ଜି ଯେ ସୀତାଦେବୀଙ୍କର ନିର୍ବାସନ କାଳୀନ ସ୍ଥଳ ହୋଇ ନଥିବ ଏକଥା କିଏ କହିବ ? ସେହି ବନାସିତ ସତୀ ଚନ୍ଦ୍ରୀ ସୀତାଦେବୀଙ୍କର ଚକ୍ଷୁ ନୀରରୁ ସୀତା ନଦୀର ଜନ୍ମ ଉତ୍ପନ୍ନ ହୋଇ ନଥିବ !!

ଇତିହାସର ମାପ କାଠରେ ମପାଯାଇ ସୀତାବିଞ୍ଜି ହୁଏତ ପ୍ରାଚୀନ ପ୍ରସ୍ତର ଯୁଗ ବା ଆଦିମ ମାନବ ଯୁଗର ବୋଲି ହିସାବ କରାଯାଇ ଥିଲେହେଁ ଏହାଠାରେ ଆହୁରି ବହୁ ପ୍ରାଚୀନ ବା ପୁରାଣ ଯୁଗର ସେହି ସୀତା ନିର୍ବାସନ ଉପାଖ୍ୟାନ ହୋଇନଥିବ ଏକଥା କେବଳ ଆଈମା ଛଡ଼ା ଆଉ କେହି ସଠିକ କହି ପାରିବେ ନାହିଁ । ଏହା କେଉଁଠାରୁ ଆରମ୍ଭ ହୋଇଛି ତାହା ଠିକ୍ କରି କହିବା ହୁଏତ ସମ୍ଭବ ନୁହେଁ । ତଥାପି ବୁଢ଼ି ଆଈ-ମା କହେ ନାତି ନାତୁଣୀ ତାକୁ ଶୁଣନ୍ତୁ ଓ ବିଶ୍ୱାସର ସହିତ ମନେ ରଖନ୍ତୁ । ପୁଣି ସେମାନଙ୍କର ନାତି ଅଣନାତୁଣୀକୁ ଶୁଣାନ୍ତୁ । " ଭଞ୍ଜଭୂମି କେନ୍ଦୁଝର " ତାହାହିଁ ଠିକ୍ ସେହିପରି ।

କେନ୍ଦୁଝରର ନିଜସ୍ୱ ସାହିତ୍ୟ ଭଞ୍ଜଭୂମି ନାଟକରେ ବର୍ଣ୍ଣିତ ଅଛିଯେ -

ଭାରତ ବର୍ଷର ଅନ୍ୟତମ ପ୍ରସିଦ୍ଧ ତୀର୍ଥ କ୍ଷେତ୍ର ହେଉଛି ନଦ ନଦୀ ନଗର ଶୋଭିତ କେନ୍ଦୁଝର ଗୋନାସିକା ତୀର୍ଥ କ୍ଷେତ୍ର । ଏଠାରେ ଶ୍ରୀ ବୈତରଣୀ ପୁଣ୍ୟ ତରଙ୍ଗିଣୀର ଜନ୍ମ ଭୂମି ଗୋନସିକା ଦୃଷ୍ଟି ଗୋଚର ହୁଏ । ଜମ୍ବୁ ଦ୍ୱୀପ ଭୂଷଣ ଭାରତ ବର୍ଷ ମଧ୍ୟରେ ଏପରି ଚିତ୍ତାକର୍ଷକ ତୀର୍ଥ କ୍ଷେତ୍ର ଅନ୍ୟତ୍ର କେଉଁଠି ଦେଖାଯାଏ ନାହିଁ । ଏଠାରେ ସକଳ ଦୁରିତ ହାରିଣୀ ପୁତତରଙ୍ଗିଣୀ ଶ୍ରୀ ବୈତରଣୀ ଦେବୀ ବିରାଜମାନ କରି ଅଛନ୍ତି । ଏହାର ନାମ ତ୍ରିପଥ ଗାମିନୀ ଅଟେ । ସେହି ଦେବୀ ବୈତରଣୀ ଦୁର୍ଗମ ଗିରି ଗହ୍ୱର ପୂର୍ଣ୍ଣ ଗୋନାସିକା ପର୍ବତ କନ୍ଦରରେ କିପରି ଆବିର୍ଭୂତ ହେଲେ ତାହାର ଇତିକଥା ଶ୍ରବଣ କର ।

Digitized by srujan ka@gmail.com

ପୂର୍ବ କାଳରେ ବ୍ରହ୍ମା ବିରୋଜା ଯଜ୍ଞର ଧୁରନ୍ଧର ହୋଇ ମର୍ତ୍ତ୍ୟମଣ୍ଡଳରେ ପଦାର୍ପଣ ଗୁପ୍ତଗଙ୍ଗା ଗିରି କୋଟରେ ଗୁପ୍ତ ରହିଥିବା ଗଙ୍ଗାଦେବୀଙ୍କୁ ଯଜ୍ଞ ପୀଠକୁ ଆଗମନ କରିବାକୁ ପ୍ରାର୍ଥନା କଲେ ।

ଦେବୀ ପଚ୍ଚାରିଲେ ହେ ପିତାମହ ଆପଣଙ୍କର ଯଜ୍ଞ ଦୀକ୍ଷା କେବେ ଆରମ୍ଭ ହେଉ ଅଛି ?

ବ୍ରହ୍ମା କହିଲେ ହେ ଦେବୀ ଯେଉଁ ସମୟରେ ବାଦ୍ୟ ଧ୍ୱନି ଆପଣଙ୍କର କର୍ଣ୍ଣ ଗୋଚର ହେବ ସେତେବେଳେ ଯଜ୍ଞ ଆରମ୍ଭ ହେଲା ବୋଲି ମନେକରି ଆପଣ ଯାଗକୁ ଶୁଭଗମନ କରିବା ହେବେ ।

କିଛି ଦିନ ଗତ ହୋଇ ଗଲା, ଦିନେ ଗୁପ୍ତ ଗଙ୍ଗା ଗିରିର ପାଦ ଦେଶରେ ବାସ କରୁଥିବା ଗୁପ୍ତ ଗଙ୍ଗା ଜୁଆଙ୍ଗ ଓ କ୍ଷୀର ଜୁଆଙ୍ଗ ମାନଙ୍କର ପର୍ବ ପଡ଼ିଲା । ସେମାନେ ହାଣ୍ଡିଆ ପାନ କରି ଆନନ୍ଦରେ ବାଦ୍ୟ ବଜାଇ ନାଚିବାକୁ ଆରମ୍ଭ କଲେ । ଜୁଆଙ୍ଗ ମାନଙ୍କର ଶୃଙ୍ଗ ବାଦ୍ୟ ନାଦ ଶୁଣି ଗଙ୍ଗାଦେବୀ ବ୍ରହ୍ମାଙ୍କର ବିରୋଜା ଯଜ୍ଞ ଆରମ୍ଭ ହେଲା ବୋଲି ଭ୍ରମରେ ପଡ଼ି ବ୍ୟଗ୍ର ଗତିରେ ଗିରି କୋଟରୁ ନିସୃତ ହେଲେ । ମର୍ତ୍ତ୍ୟ ପୁରରେ ସର୍ବ ପ୍ରଥମେ ପ୍ରବାହିତ ହୋଇଥିବା ଏହି ଗଙ୍ଗା ଜଳ ଧାରା ଶ୍ରୀ ବୈତରଣୀ ଧାର ରୂପେ ପ୍ରଖ୍ୟାତ ହେଲା । କାରଣ ଗଙ୍ଗାଙ୍କର ନବ ବଧ ହେଉଛି ଆଦ୍ୟ ଭାଗ ହେଉଛି ବୈତରଣୀ ଜଳ ଧାର । ଏହି ବୈତରଣୀ ସାକ୍ଷାତ ସ୍ୱର୍ଗତରଙ୍ଗିଣୀ ଅଟେ । ଆଦ୍ୟ ବୈତରଣୀ ଧାର ଶିବଙ୍କର ଜଟା ଜୁଟ ମସ୍ତକରେ ବହନ କରୁ ଅଛନ୍ତି । ଦେବୀ ବୈତରଣୀ ଶଙ୍କରଙ୍କର ଚିତ୍ତ ଶାନ୍ତ ପ୍ରଦାୟିନୀ ତଥା କଳ୍ପିତ ବା ସୂର୍ଯ୍ୟ ବଂଶରୁ ଉତ୍ପତ୍ତି ହୋଇଥିବା ଭଞ୍ଜ ବଂଶର ପାବନ କାରିଣୀ ରୂପେ ପ୍ରବାହିତ ହେଉ ଅଛନ୍ତି ।

ନମୋଽସ୍ତୁତେ ବସ୍ତୁ ପ୍ରଦପ୍ରଭୁତେ
ନମଃ ପବିତ୍ରୀକୃତସର୍ବଭୂତେ
ଗୋନାସିକାବାସିନୀ ନିତ୍ୟପୂତେ
ନମୋଽସ୍ତୁତେ ଭକ୍ତି ଯାମଦୂତେ ।

ହେ ବସ୍ତୁ ପଦ ପ୍ରଦାୟିନୀ ଦେବୀ ବୈତରଣୀ ତୁମ୍ଭଙ୍କୁ କୃତାଞ୍ଜଳିପୂର୍ବକ ନମସ୍କାରକରୁ ଅଛୁ ।

ହେ ସର୍ବଭୂତ ପବିତ୍ର କାରିଣୀ ଗୋନାସିକା ବାସିନୀ ନିତ୍ୟପୂତ ତୁମ୍ଭକୁ ନମସ୍କାର ।

ଯେଉଁ ଦେବୀଙ୍କର ନାମ ସ୍ମରଣରେ ଓ ପବିତ୍ର ଉଦକ ପାନରେ ଯମ ଦୂତ ନନ୍ଦିତ ହୋଇ ପଳାୟନ କରେ । ମୁଁ ସେହି ଦେବୀ ବୈତରଣୀଙ୍କୁ ନମସ୍କାର କରୁ ଅଛି ।

ହେ ପତିତ ପାବନୀ !

ଯତ୍ପୁତଃ - ସ୍ପର୍ଶମାତ୍ରେଣ ବହୁଜନ୍ମସୁ ସଞ୍ଚିତଂ
ଦୂରିତଂ କ୍ଷୀୟତେ ତଂ ତ୍ୱାଂ ବନ୍ଦେ ବୈତରଣୀଂ ମୁହୁଃ ।

Digitized by srujan ka@gmail.com

ଯାହାର ଜଳ ସ୍ପର୍ଶ ମାତ୍ରେକେ ବହୁ ଜନ୍ମରୁ ସଞ୍ଚିତ ଦୁରିତ ମାନ ଖଣ୍ଡନ ହୋଇ ଥାଏ, ସେହି ଦେବୀ ବୈତରଣୀଙ୍କୁ ନମସ୍କାର ।

ପ୍ରିୟ:— ବୟସ୍ୟ ! ତଦୁଦନ୍ତଃ ଶ୍ରୂୟତାଂ ।
ଶୁଭସ୍ଥ ତାଂ ସର୍ବବସୁନ୍ଧରାସ୍ୱାଃ
ଗୋନାସିକା ପର୍ବତ କନ୍ଦରସ୍ୱାଃ
ଜ୍ଞାତ୍ୱାଽକଷ୍ଟାର୍ତ୍ତାଂ କରୁଣୌଘପୂର୍ଣ୍ଣାଂ
ତୂର୍ଣ୍ଣଂ ସ୍ୱଧର୍ମୈର୍ଭୁବିହାଜଗାମ ।

ଗୋନାସିକା ଗିରି ଗୋଷ୍ଠରେ ପବିତ୍ର ପାବନୀ ଦେବୀ ବୈତରଣୀଙ୍କର ଶୁଭ ଆବିର୍ଭାବ ବାର୍ତ୍ତା ପାଇ ବ୍ରହ୍ମା ଇନ୍ଦ୍ରାଦି ଦେବଗଣ ତଥା ବ୍ରହ୍ମର୍ଷୀ ଯୋଗୀ ମୁନି ଗଣ ହର୍ଷ ଉତ୍ଫୁଲ୍ଲିତ ହୋଇ ଗୋନାସିକା ଗିରି ଶିଖରରେ ପହଞ୍ଚେ ସ୍ୱୟଂ ହଂସାରୂଢ଼ ଚତୁର୍ମୁଖ ବ୍ରହ୍ମା ବେଦ ପୁରାଣ ବାକ୍ୟରେ ଦେବୀଙ୍କର ଯେଉଁ ଚାରି ଗୋଟି ସ୍ତବ ଗାନ କଲେ ତାହା ଶ୍ରବଣ କର ।

ଯଥା — ବନେଷ୍ୱମୁଷ୍ୟାଂ ଭୁବି ଜନ୍ତୁକନ୍ୟେ
ଧନ୍ୟେତି ବାସେନ ଭବାଦୃଶ ମନ୍ୟେ
ଏଣାଦିବନ୍ୟା ଅପି ସାର୍ଦ୍ଧପୁଣ୍ୟାଃ
ପାପାପହେ ବୈତରଣୀ ପ୍ରସୀଦ ।
ଅମୀଦ୍ରୁମା ଧନ୍ୟତମା ଜଗତ୍ୟା—
ମମୁକ୍ତକୂଳା ଜଳସିକ୍ତମୂଳାଃ ।
ମୀନା ଅପି ତ୍ୱଜ୍ଜଳପୂତକ୍ଳିକାଃ
ପାପାପହେ ବୈତରଣୀ ପ୍ରସୀଦ ।
ଅଂହଃସମୁଦ୍ରେ କୃତଭଦ୍ରମୁଦ୍ରେ
ନମସ୍କୃତଂ ବୈତରଣିସ୍ତ୍ୱମେବ ।
ତବାସ୍ତୁ ତଦ୍‌ବୈତରଣୀତି ସଂଜ୍ଞା
ପାପାପହେ ବୈତରଣି ପ୍ରସୀଦ ।
ଆଗଚ୍ଛ ମାତଃ କରୁଣାଂ ବିଧତ୍ସ୍ୱ
ପ୍ରଯଚ୍ଛ ମେ ବାଞ୍ଛିତମଚ୍ଛତୋୟେ !
ସତ୍ତ୍ୱଂ ମଦୀୟଂ କୁରୁ ତତ୍ ପବିତ୍ରଂ
ପାପାପହେ ବୈତରଣି ପ୍ରସୀଦ । ଇତି ।

Digitized by srujan ka@gmail.com

ବ୍ରହ୍ମାଦି ଦେବ ଋଷି ଗଣଙ୍କର ସ୍ତବ ଓ ପ୍ରାର୍ଥନାରେ ଦେବୀ ସନାତନୀ ବୈତରଣୀ ସୁପ୍ରସନ୍ନା ହୋଇ ବ୍ରହ୍ମାଙ୍କ ସହିତ ବନସ୍ଥଳୀରୁ ଯଜ୍ଞ ପୀଠକୁ ଯିବାକୁ ଅଗ୍ରସର ହେଲେ । ତାପରେ ଭଗବାନ ବ୍ରହ୍ମା ଦେବୀଙ୍କର ପ୍ରୀତ୍ୟର୍ଥରେ ତାଙ୍କର ଆବିର୍ଭାବ ସ୍ଥଳୀରେ ବ୍ରହ୍ମେଶ୍ୱର ନାମକ ଶିଳାମୟୀ ଲିଙ୍ଗ ସ୍ଥାପନ,ପୂଜନ ଓ ଅର୍ଚ୍ଚନ କରି ଯଜ୍ଞ କୁଣ୍ଡଖୋଳାଇ ଯାଗ କଲେ ।

ତଥାହି — କ୍ରୋଶଂ କ୍ରୋଶଂ ସପଦି ସକଳସ୍ଥାନପର୍ଯ୍ୟନ୍ତମସ୍ମାତ୍
ତତ୍ପ୍ରୀତ୍ୟର୍ଥଂ ବିଷମଗହନେ ଶୈବଲିଙ୍ଗାନି ଦେବଃ
ଭକ୍ତିଶ୍ରଦ୍ଧାଭିରଭିରମଣଃ ସଂପ୍ରତିଷ୍ଠାପ୍ୟ ତେଷାଂ
ପୂଜାଂ କୁର୍ବନ୍ ତଟନିକଟଭୂଦେଶତସ୍ତାଂ ନନାମ ।

ତାପରେ ବ୍ରହ୍ମା ଦେବୀଙ୍କର ପ୍ରୀତି ନିମନ୍ତେ ବ୍ରହ୍ମେଶ୍ୱରଙ୍କର ପୀଠ ଠାରୁ ଯଜ୍ଞ କ୍ଷେତ୍ର ପର୍ଯ୍ୟନ୍ତ ସମଗ୍ର ଗହନ ବନ ପ୍ରଦେଶରେ ପ୍ରତ୍ୟେକ କ୍ରୋଶ ଦୂରତ୍ୱରେ ଗୋଟିଏ ଗୋଟିଏ କୋଶ ଲିଙ୍ଗ ସ୍ଥାପନ କରି ଭକ୍ତି ଓ ଶ୍ରଦ୍ଧାର ସହିତ ପୂଜାର୍ଚ୍ଚନ କରି ଥିଲେ ।

ସଖେ ! ଯିତାମହାଭ୍ୟର୍ଚ୍ଚନ କାଳତୋଽପ୍ୟଂ
ତଦାଜ୍ଞୟାଽଽତ୍ରୈଽମରଚମ୍ପକଦ୍ରୁଃ ।
ବ୍ରହ୍ମେଶ୍ୱରୋଽଦ୍ୟାପି ହି ଯତ୍ପ୍ରସୂନୈଃ
ପ୍ରପୂଜ୍ୟତେ ବୈତରଣୀ ଚ ନିତ୍ୟଂ ।
ତଦାଗଚ୍ଛ ବ୍ରହ୍ମେଶ୍ୱରଂ ଦ୍ରକ୍ଷ୍ୟାବଃ ।

ବ୍ରହ୍ମା ଯେଉଁ କାଳରୁ ସେଠାରେ ବ୍ରହ୍ମେଶ୍ୱରଙ୍କର ପୂଜା କରିଥିଲେ ସେହି କାଳରୁ ଏଠାରେ ଏହି ଚଂପକ ବୃକ୍ଷଟି ପୁଣ୍ୟତୋୟା ବୈତରଣୀ ତଟ ଦେଶରେ ଦଣ୍ଡାୟମାନ ରହି ପ୍ରତ୍ୟହ ଯେଉଁ ସଦ୍ୟ ପୁଷ୍ପ ବୈତରଣୀ ଜଳ ଧାରରେ ମୁଞ୍ଚନ କରେ ସେହି ପୁଷ୍ପରେ ଦେବୀ ବୈତରଣୀ ଶ୍ରୀବ୍ରହ୍ମେଶ୍ୱରଙ୍କର ସେବା ପୂଜା ଅଦ୍ୟାବଧି କରି ଆସୁ ଅଛନ୍ତି । ଏହି ସ୍ଥାନର ଦୃଶ୍ୟ ଅତି ମନୋରମ ତଥା ସୁଶୀତଳ ଅଟେ । ହେ ବନ୍ଧୁ ଏବେ ଆସ ଶ୍ରୀ ବ୍ରହ୍ମେଶ୍ୱରଙ୍କ ଦର୍ଶନ କରିବା । ଏହାପରେ ସେମାନେ କଳିତ ଅଞ୍ଜଳୀ ହୋଇ ଶ୍ରୀ ବ୍ରହ୍ମେଶ୍ୱରଙ୍କ ଲିଙ୍ଗ ସନ୍ନିକଟରେ ପହଞ୍ଚିଲେ ।

Digitized by srujan ka@gmail.com

ମନ୍ଦିର ମଣ୍ଡଳବେଷ୍ଟିତ ଗୋନାସିକା ପର୍ବତର ପାଦ ଦେଶରେ ଶ୍ରୀ ବୈତରଣୀ ନଦୀର ତଟ ଦେଶରେ ଅବସ୍ଥିତ ବ୍ରହ୍ମକୁଣ୍ଡ ସନ୍ନିକଟରେ ଯକ୍ଷ ସମସ୍ତରେ ବ୍ରହ୍ମା ରୋପଣ କରିଥିବା ଚମ୍ପକ ବୃକ୍ଷ ସମେତ ଚନ୍ଦନ ପ୍ରଭୃତି ବନସ୍ପତି ଗଣ ଏବଂ ସୁରମ୍ୟ ଉପବନର ଶୋଭା ନିଳୟ ନିର୍ମାଣ କରି ନବକିଶଳୟ ପ୍ରଦେଶରେ ଦୋଳାୟିତ ହୋଇ ଅଥ କ୍ଷେତ୍ରାଧିପତି ବ୍ରହ୍ମେଶ୍ୱର ମହେଶଙ୍କର ପାଦରେ ପୁଷ୍ପ ଉପହାର ପ୍ରଦାନ କରୁ ଅଛନ୍ତି । ଯକ୍ଷ ଭ୍ରାତୃଦ୍ୱୟ ବଦ୍ଧାଞ୍ଜଳୀପୂର୍ବ ହୋଇ ପ୍ରାର୍ଥନା କଲେ ।

ନିର୍ଦ୍ଧ୍ୱସ୍ତତ୍ରିପୁରାସୁରସ୍ତ୍ରିଭୁବନଗ୍ଲାନୀକୃତୋ ଦର୍ପକଃ
ଜ୍ଞାନାଶୋଽପି ଭସ୍ମସାଦ୍ଧିମହିମା ପୀତଂ ବିଷଂ ଭୀଷଣଂ ।
ଦୀର୍ଘାୟୁଷ୍ଟ କୃତୋ ମୃକଣ୍ଡୁତନୟୋ ଯେନ ଭ୍ରୁବୋ ଲୀଳୟା
ଗୋନାସାଦ୍ରିନିବାସିନଂ ଶିବମିମଂ ବ୍ରହ୍ମେଶ୍ୱରାଖ୍ୟଂ ଭଜେ ।

ହେ ତ୍ରିପୁରାସୁର ନିଧନକାରୀ; ହେ ଅନଙ୍ଗ ଦର୍ପ ଦହନକାରୀ; ହେ ଅସୁର ସଂହାରକାରୀ; ହେ ଭୀଷଣ ବିଷପାୟୀ; ହେ ମୃକଣ୍ଡନେୟ ଦୀର୍ଘାୟୁବର ପ୍ରଦାୟକ ଗୋନାସିକା ନିବାସୀ ଶ୍ରୀ ବ୍ରହ୍ମେଶ୍ୱର ଆପଣଙ୍କୁ ନମସ୍କାର କରୁଅଛୁ । ତତ୍ପରେ ସେମାନେ ଶ୍ରୀ ବ୍ରହ୍ମେଶ୍ୱର ମହାଦେବଙ୍କ ସମ୍ମୁଖରେ ବିରାଜିତ

ପ୍ରଚଣ୍ଡତାଣ୍ଡବାଡମ୍ବରପ୍ରଚଳିତାଖଣ୍ଡମଣ୍ଡଳପ୍ରଭୂତାକାଣ୍ଡଭୁବନ୍ୟାଭ୍ରଚଣ୍ଡଫଣା-
କାଣ୍ଡକ୍ୟାଥିତକୁଣ୍ଡଳିକୁଳାଖଣ୍ଡଳସ୍ତୁତାଂ ଦଶଦୋର୍ଦ୍ଦଣ୍ଡମଣ୍ଡିତାଂ ଚଣ୍ଡିକାଂ" ।

ଦର୍ଶନ କରି ପ୍ରାର୍ଥନା କଲେ ।

ହେ ଦେବୀ ! ନମସ୍ତେ ନମସ୍ତେ —
ଚରାଚରଶୁଭପ୍ରକୃତିସୁରଭିମର୍ଦ୍ଦନ —
ନିରଭିରାମ ଏବଂ ମୁକ୍ତି ସୁଖାପବର୍ଗଦେ
ଧାରାଧରାଧିରାଜାଜାପଦେ ବିରାମସନ୍ତତ
ମୁକ୍ତାଭରାମୁକ୍ତାବଳୀପରାଗରାଜରାଜିତେ ।

ଏଠାରେ ଦେବୀ ବୈତରଣୀ ପତିତପାବନୀ ଜଗତ ତାରିଣୀ "ତାରିଣୀ" ନାମରେ ବିବିଧ ପୂଜା ପାଉଅଛନ୍ତି । ସେ ପରମ ବୈଷ୍ଣବୀ ହୋଇ ଥିଲେହେଁ ଶାକ୍ତ ଓ ଶୈବଙ୍କ ମତରେ ପୂଜିତ ହୋଇଥାନ୍ତି । ବୈତରଣୀ ନଦୀର ଅବବାହିକା ମହାଶାବରୀ ସଂସ୍କୃତିର ଉତ୍ପତ୍ତି କ୍ଷେତ୍ରର ପ୍ରମାଣ ସ୍ୱରୂପ ଭଞ୍ଜଭୂମିରେ ଦେବୀ ତାରିଣୀ ହେଉଛନ୍ତି ସର୍ବମୟୀ କର୍ତ୍ତ୍ରୀ । ଦେବୀ ବୈତରଣୀ ତାରିଣୀ ନାମରେ ବିଖ୍ୟାତ ହୋଇଥିବା ବୈଦାନ୍ତିକ ସମୀକ୍ଷାରୁ ପ୍ରତିପୁଷ୍ଟ ଏ । କାରଣ ମହାଶାବରୀ କ୍ଷେତ୍ର ହେଉଛି "ତାରିଣୀ ପୀଠ" । ସେଠାରେ ଦେବୀ ତାରିଣୀ ମହାଶାବରୀ ମତରେ ପୂଜିତ ହେଉ ଅଛନ୍ତି । ଘଟ ଗ୍ରାମଠାରେ ବିରାଜିତ ଦେବୀ ତାରିଣୀଙ୍କ ପୀଠର ପୂଜକ କନ୍ଧ ଜାତିର ଲୋକ ହୋଇଥିବା ସମୟରେ ବ୍ରହ୍ମେଶ୍ୱରଠାରେ ତଥା ଗୁପ୍ତଗଙ୍ଗା ଗ୍ରାମ ଉତ୍ତରେ ଅବସ୍ଥିତ ଜୁଆଙ୍ଗମାନେ ବୈତରଣୀଙ୍କର ପୂଜକ ହେଉଅଛନ୍ତି ଜୁଆଙ୍ଗ ଜାତି । ବ୍ରାହ୍ମଣୀ ଓ ବୈତରଣୀ ନଦୀର ସୁରମ୍ୟାଦ୍ରି ଉପତ୍ୟକାରେ ବିରାଜିତ ଶ୍ରୀ ବାଣେଶ୍ୱର ଓ ଶ୍ରୀ ମୃଗମହାଦେବ ଭୂୟାଁଜାତିମାନଙ୍କ ଦ୍ୱାରା ପୂଜିତ ହେଉଥିବା ସମୟରେ ବ୍ରହ୍ମେଶ୍ୱର ତଥା ତାରିଣୀ ପୀଠର ପୂଜକ ହେଉଛନ୍ତି ଯଥାକ୍ରମେ

Digitized by srujanika@gmail.com

ଜୁଆଙ୍ଗ ଓ କନ୍ଧ ଜାତିର ଲୋକ । ଏମାନେ ଶବର ଅଟନ୍ତି । ଏଣୁ ବ୍ରାହ୍ମଣୀ ଓ ବୈତରଣୀ ନଦୀର ସମଗ୍ର ପାର୍ବତ୍ୟ ଉପତ୍ୟକା ଶୈବଶାକ୍ତ ପୀଠ ରୂପେ ଖ୍ୟାତି ଅର୍ଜନ କରି ମହାଶାବରୀ ସଂସ୍କୃତିର ପ୍ରାଣକେନ୍ଦ୍ର ଥିବା କଥା ଜଣାଯାଏ ।

ନିଷ୍କାମାଃ ଫଳମୂଳଜାତତୃପ୍ତଃ ଶୂନ୍ୟାରଣ୍ୟେଽକ୍ରୋଧନା
ଯେଽଲବ୍ଧାଃ କନକାଦିବୋଧରହିତା ମୁକ୍ତାଶ୍ଚ ମୋହେନ ଯେ
ଗୁଞ୍ଜାର୍ଥୀ ରମଣୀ ଜନାର୍ଦ୍ଦନପର ମାତ୍ସର୍ଯ୍ୟହୀନାଶ୍ଚ ଯେ
ଦୃଶ୍ୟନ୍ତେ ଶବରାଖ୍ୟସିଦ୍ଧବଚସାଂ ତେଷାମମୀ ପକ୍ତଣାଃ ।

ଏହି ଜୁଆଙ୍ଗମାନେ ନିଷ୍କାମୀ ଅଟନ୍ତି । ସେମାନେ ଗଛର ଫଳମୂଳ ଖାଇ ସବୁଜ ବୃକ୍ଷ ତଳରେ ବାସ କରନ୍ତି । ସେମାନେ ଅକ୍ରୋଧ ସ୍ୱଭାବ ବିଶିଷ୍ଟ ଓ ସୁନା, ରୁପା, ମଣି ମାଣିକ୍ୟ ବୋଧ ରହିତ ଅଟନ୍ତି । ସ୍ତ୍ରୀ ଲୋକମାନେ ସେମାନଙ୍କର ବକ୍ଷ ଦେଶକୁ ଗୁଞ୍ଜି ମାଳ ଦ୍ୱାରା ଆବୃତ୍ତ କରି ରଖିବାକୁ ଭଲ ପାଆନ୍ତି । ସେମାନେ ମାତ୍ସର୍ଯ୍ୟ ବେଶଧାରୀ ହୀନ ଲୋକ ହେଲେହେଁ ସର୍ବଦା ସରଳ ପ୍ରାଣ ଓ ସତ୍ୟନିଷ୍ଠ ଅଟନ୍ତି । ସେମାନେ ଶ୍ରୀ ବୈତରଣୀ ଓ ଶ୍ରୀ ବୃଦ୍ଧେଶ୍ୱରଙ୍କର ଭକ୍ତ ଅଟନ୍ତି ।

ଏତାଃ ପଶ୍ୟ ସମାନପାଦଚଳନାସ୍ତୁଲ୍ୟାବନମ୍ରାନନା—
ସ୍ତୁଲ୍ୟାବସ୍ଥିତରୂପବେଶବୟସଃ ସ୍ତୁଲ୍ୟଂ ଚ ସଂକ୍ରନ୍ଦିତା ॥
ଯାତାୟାତବିଧାନିରୂପନଟନଂ ବାଢଃଗୀତୋଦ୍ଧତେ—
ର୍ଯୁକ୍ତଃ ସ୍ୱୈରମଣୈସ୍ତପାଦରହିତାଃ କୁର୍ବନ୍ତି ବନ୍ୟାଙ୍ଗନାଃ ॥

ସେମାନେ ପୁଣି ଦେଖିଲେ ସମାନ ବୟସ୍କା ବନାଙ୍ଗନାମାନେ ସମତାଳରେ ପାଦ ମିଳାଇ ଗମନ କରିବା ସଙ୍ଗେ ସଙ୍ଗେ ସମାନ ସ୍ୱରରେ ସଙ୍ଗୀତ ଗାନ କରି ଆନନ୍ଦରେ ବନବନ ଭ୍ରମଣ କରୁଅଛନ୍ତି ।

ଭ୍ରମନ୍ତି ପର୍ଣ୍ଣକସନା ଗୁଞ୍ଜାପୁଞ୍ଜୈକମଣ୍ଡନାଃ
ଅନାବୃତସ୍ତନାଃ ପୀନା ବଦାନ୍ୟଃ ଶବରାଙ୍ଗନାଃ ।

ସେମାନେ ପୁଣି ଦେଖିଲେ ଗଛର ପତ୍ର ପରିଧାନ କରିଥିବା ଓ ସର୍ବାଙ୍ଗ ଗୁଞ୍ଜି ମାଳରେ ମଣ୍ଡିତ ହୋଇଥିବା ଅନାବୃତ୍ତ ପୀନ ସ୍ତନା ତରୁଣୀ ଶବରୁଣୀମାନେ ବନ ପ୍ରଦେଶରେ ନିର୍ଭୟରେ ଭ୍ରମଣ କରୁଅଛନ୍ତି ।

ପାଷଙ୍ଗାସକ୍ତପୃଷ୍ଠାଃ ଶିତପରଶୁଲସଦ୍ଦ୍ୱନ୍ଦ୍ୱମଧ୍ୟପ୍ରଦେଶା —
ଗାଢୋଦ୍ୟତ୍କର୍ପଟୀକାଃ ପ୍ରକଟିତଜଠରାଃ କାଣ୍ଡକୋଦଣ୍ଡହସ୍ତାଃ
ଘୋରାଃ ପଶ୍ଚାନ୍ନିଲଭଦ୍ରେ ତତରଣତଭଃ ପୁକ୍କସାକୁକକୂଟାଘୌଘୈଃ
ବ୍ୟଗ୍ରା ଗୃଦ୍ଧାନ୍ମୃଗାଦୀନତିଘନଗହନାନ୍ୟନ୍ତରାଽନ୍ୱେଷୟନ୍ତି ।

ପୃଷ୍ଠ ଦେଶରେ ଧନୁ, ତୂଣୀର ପରଶୁ, କୁଠାର ଧାରଣ କରି କଟି ଦେଶରେ କାଛୁଆ ପରିଧାନ କରିଥିବା ଭୂୟାଁ ଯୁବକମାନେ କୁକୁର ଦଳଧରି ଜଠର ଉଦରରେ ଘୋର ବନ ମଧ୍ୟରେ ଦୁଲିଦୁଲି ଭାଗ କୁକୁଡା ପ୍ରଭୃତି ପକ୍ଷୀ ଶିକାର କରିବା ସଙ୍ଗେ ସଙ୍ଗେ ମୃଗାଦି ଶିକାର ଅନ୍ୱେଷଣ କରୁଅଛନ୍ତି ।

ଘୋରବେଶାଡମ୍ବରଭୂୟକରେ ଭେୟାଽପିନାସ୍ତି ଭାତିରେତେଭ୍ୟଃ, ଯତଃ

Digitized by srujanika@gmail.com

ଏତେ ଯଦ୍ୟପି ସର୍ବଜୀବକବଳାଃ ପଞ୍ଚାସ୍ୟରଙ୍ଗବଳା –
ସ୍ତ୍ରୀକ୍ଷେଣୈର୍କୈଶ୍ଚ-ସମାହ୍ଟତିପ୍ରମଥିତପ୍ରୋନ୍ମଉବନ୍ୟାବଳାଃ ।
ଶବ ହ୍ରାସଦକାଣ୍ଡମଣ୍ଡିତ ମହେଶ୍ବାସୋଲ୍ଲସତ୍ପାଣୟୋ
ଭୀମାଙ୍ଗାସ୍ତଦପି ସ୍ୱଭର୍ତ୍ତୃଭୟତୋ ନ ଘ୍ନନ୍ତି ପାନ୍ଥାନଢ

ଭୟଙ୍କର ବେଶ ଧାରଣ କରିଥିବା ଏହି ବନ୍ୟ ପ୍ରଦେଶ ବ୍ୟାଘ୍ର, ଭଲ୍ଲୁକ ପ୍ରଭୃତି ପ୍ରାଣୀମାନଙ୍କ ଦ୍ୱାରା ପରିପୂର୍ଣ୍ଣ ଥାଇ ପାନ୍ଥ ମନରେ ଭୟ ସଂଚ୍ଚର କରେ ।

ଅହୋ ଘୋରସ୍ଥାଳନତମେତତ୍ ସ୍ଥଳଂ ।
ଯତଶ୍ଚୈତେ କ୍ରମସ୍ତୁକରଚରପରିଚିତାନ୍ ଗର୍ତ୍ତାସ୍ତାନ ସୂକସ୍ତାନ
ନାନାସତ୍ତ୍ୱାସ୍ତ୍ରିର୍ଣ୍ଣି ସ୍ଥି ତପିଶିତଲବାନ୍ ମଷି କାଲକ୍ଷସୂକ୍ତାନ୍ ।
ଜଦ୍ୟତ୍କାଟୈଶ୍ଚ ଭ୍ରକ୍ତାନପି ବକଟରଦାଃ ସାରଭ୍ରସ୍ଥାରମେୟାଃ
କାଟାନୁସ୍ଥାଯ୍ୟ ଦନ୍ତୈର୍ମୁ କୁଳତନୟନା ଧୂତପୁଚ୍ଛାଲିହନ୍ତି ।

ତତ୍ପରେ ଯକ୍ଷ ବନ୍ଧୁଦ୍ୱୟ ଶବର ପଲ୍ଲୀ ଭିତରେ ପ୍ରବେଶ କରି ଦେଖିଲେ ଯେ ବନବାସୀମାନେ କୁକୁର ବେଷ୍ଟିତ ହୋଇ ଶୁଖିଲା ଶାଳ ଫଳ ଖରଡ଼ୀ କଲେଇ ପୋକ ଭକ୍ଷଣ କରୁଥିଲେ । ସେମାନଙ୍କର ମନେହେଲା ଭାରତର ଅନ୍ୟତ୍ର କେଉଁଠି ଏପରି ପ୍ରାକୃତିକ ତଥା ଆଦିମ ମଣିଷର ଜୀବନ ଯାପନର ଚଳଣି ଦେଖା ଯାଏ ନାହିଁ ।

କ୍ୱାଚ ସ୍ଥଳଂ ସ୍ୱଚରଣୋଲ୍ଲିଖିତଂ ଜନନ୍ୟାଃ
ହଂପୂର୍ବିକାଦ୍ରୁତଗତାଗତଧୂତପକ୍ଷାଃ
ଲକ୍ଷ୍ୟଂ ଶର ଇବ ଜବା (୧) ସ୍ତବରଂ ସ୍ତବନ୍ତୋ
ବୈକା ମିଳନ୍ତି ଶିଶବଶ୍ଚରଣ ପ୍ରଧାନାଂ ।

ଏତେ ରାମଚିନ୍ତିଳେଃ ପୁଳିନ୍ଦକଳତୈଃ ସାନ୍ଦ୍ରୀକୃତୈଃ ପୃଷ୍ଟିତୈଃ
ଶୋଣ୍ଡତ୍ୟା ଗିରୟୋ ହରନ୍ତି ପରିତଃ କାନ୍ତିଂ ସୁମେରୋଃ ପରାଂ
ଏତେଷାଂ ପୁନଃ ଚଃ ପୁଳିନ୍ଦବନିତା ଯୂଥୋଦ୍ଧୁରାଃ କୋଟିଶଃ
ପ୍ରୋନ୍ମତ୍ତାଃ ପରିପକ୍ୱକକ୍ଷଦହନେ ଦାବାଗ୍ନିକଲ୍ପାଃ ସ୍ଥିତାଃ ।

ଏହା ଦେଖି ଅନଙ୍ଗ ନାମକ ଯକ୍ଷ ଭୟ ବିହ୍ୱଳିତ କଣ୍ଠରେ ପଚାରିଲା ହେ ବନ୍ଧୁ ! ବରାହ, ଗଜ, ଶାର୍ଦ୍ଦୁଳ ପ୍ରଭୃତି ଦୁଷ୍ଟ ପ୍ରାଣୀମାନେ ସର୍ବଦା ବିଚରଣ କରୁଥିବା ଏହି ଘନବନ ମଧ୍ୟରେ ମନୁଷ୍ୟ କିପରି ବାସ କରୁଛନ୍ତି ? ପ୍ରିୟ ନାମକ ଯକ୍ଷ କହିଲେ ହେ ବନ୍ଧୁ ! ସାରା ସଂସାର ମଧ୍ୟରେ ବାଘ ଓ ମଣିଷ ମଧ୍ୟରେ ଭକ୍ଷ ଭକ୍ଷକ ସମ୍ପର୍କ ଦେଖା ଯାଉଥିଲେ ହେଁ ଏଠାରେ ତାହାର ବ୍ୟତିକ୍ରମ ଘଟି ଲକ୍ଷିତ ହୁଏ । କାରଣ ଏହା ହେଉଛି ଏହି ରାଜ୍ୟର ରାଜ ଧର୍ମ । ଅନଙ୍ଗ ବିସ୍ମୟ ହୋଇ ପଚାରିଲେ ହେ ବନ୍ଧୁ ! ଅଖିଳ ସଂଖ୍ୟାରେ ପର୍ବତ ପରିବେଷ୍ଟିତ ସର୍ବ ଶତ୍ରୁ ପ୍ରବେଶର ସୁଦୁର୍ଗମ ବନ୍ୟ ପ୍ରଦେଶର ରାଜା କିଏ ? ସେ କେଉଁଠି ରହନ୍ତି ? ରାଜ୍ୟର ନାମ କଣ ? ପ୍ରିୟ ନାମକ ଯକ୍ଷ କହିଲେ ହେ ବନ୍ଧୁ ! ଶୁଣ ।

Digitized by srujanika@gmail.com

ରମ୍ୟା ସାଗର କନ୍ୟକୈକବସନା ଦୁର୍ଗୈଃ ପରୈର୍ଦୁର୍ଲଂଘ୍ୟା
ଶଙ୍ଖତୁଙ୍ଗକୁରଙ୍ଗକୁଞ୍ଜରବରୈଃ କାନ୍ତୀର କାନ୍ତୈର୍ବୃତା
ଏଷା ଭୁବନପ୍ରସିଦ୍ଧଯଶସାଂ ଶ୍ରୀଭଞ୍ଜଭୂମୀଭୂଜାଂ
ବଂଶଦ୍ୟୋତକନନ୍ଦନୈସ୍ତତା ବସୁମତୀ ରାଜନ୍ୱତୀ ଭାଜତେ ।

ସୁରମ୍ୟ ପୂର୍ବ ସାଗର ତୀର ଯାଏଁ ବ୍ୟାପୃତ ଥିବା ଏହି ଦୁର୍ଲଂଘ୍ୟ ଉତ୍ତୁଙ୍ଗ ତୁଙ୍ଗ ଗିରିଦୁର୍ଗ-କନକ ନଗରୀ-ସର୍ବଦା କୁରଙ୍ଗ କୁଞ୍ଜର ଓ କାନ୍ତୀର ପରିପୂର୍ଣ୍ଣ ହୋଇ ସୁବିଶାଳ ଯଶ ପ୍ରସିଦ୍ଧି ଧାରଣ କରି ଶ୍ରୀଭଞ୍ଜଭୂମି ନାମରେ ବିଶ୍ୱ ବିଖ୍ୟାତ ଅଟେ । ବଂଶଯୋଜନ ବସ୍ତୃତ ଏହି ରାଜ୍ୟ ପ୍ରଖ୍ୟାତ ଭଞ୍ଜ ରାଜ ବଂଶ ଦ୍ୱାରା ଶାସିତ ହେଉଅଛି ।

କିଂନାମଧେୟମିଦଂ ନଗରୀ ?

ହେ ବନ୍ଧୁ ! ଏହି ନଗରୀର ନାମ କଣ ?

ନିତ୍ୟଂ ଶ୍ରୀରେବତୀକାନ୍ତଂ ସେବନ୍ତେ ଦୈବତୈର୍ବୃତଃ
ଯାମସ୍ମିନ୍ ପ୍ରଭୁରାପ୍ନୁତ ସୈଷା କେନ୍ଦୁଝରୀ ସଖେ ।

ସୈଷା କେନ୍ଦୁଝରୀ ନାମ ? ଯତ୍ର କିଲ ଭ୍ରମରମାରୀନାମୌଷଧିର୍ବିଦ୍ୟତେ ?

ଏହି ମହାନ ନଗରୀର ନାମ ହେଉଛି କେନ୍ଦୁଝରୀ । ଏଠାରେ ଶ୍ରୀରେବତୀକାନ୍ତ ଦେବଗଣ ପରିବେଷ୍ଟିତ ହୋଇ ସୁବିଶାଳ ମନ୍ଦିର ମଧ୍ୟରେ ନିତ୍ୟ ପୂଜା ପାଉ ଅଛନ୍ତି । ସମଗ୍ର ବିଶ୍ୱ ଦୁର୍ଲ୍ଲଭ "ଭ୍ରମରମାରୀ" ନାମକ ମହୌଷଧି ଏଠାରେ ମିଳେ । ବିଶଲ୍ୟକରଣୀ ମଧ୍ୟ ଗନ୍ଧମାର୍ଦନରୁ ମିଳିଥାଏ ।

କେନ୍ଦୁଝରୀତି ନଗରୀ ନଗରୀଷ୍ୱେଷା ଗରୀୟସୀ
ସଂସାରସିନ୍ଧୁସନ୍ତରଣୀର୍ଜାତା ବୈତରଣୀ ଯତଃ ।
ତଦାଗଚ୍ଛ ସକଳଦୁରିତପର୍ବତ ଦମ୍ଭୋଳିକଳ୍ପମିଷ୍ଟଦେବଂ ସାନୁଜଂ
ହଳଧରମବଲୋକୟିଷ୍ୟାବଃ ।

ହେ ବନ୍ଧୁ ଏବେ ଚାଲ ସକଳ ନଗ୍ର ମଧ୍ୟରେ ଗରୀୟସୀ ତଥା ସଂସାର ସିନ୍ଧୁ ତାରଣକର୍ତ୍ତ୍ରୀ ଶ୍ରୀବୈତରଣୀର ଜନ୍ମଭୂମି କେନ୍ଦୁଝରୀ ନଗରୀ ତଥା ତାହାର ଇଷ୍ଟଦେବତା ସକଳ ଦୁରିତ ହରଣ କର୍ତ୍ତା ଭଗବାନ ଶ୍ରୀ ହଳଧରଙ୍କୁ ଦର୍ଶନ କରିବା । ତାହାପରେ ଯକ୍ଷ ବନ୍ଧୁଦ୍ୱୟ ପରମାନନ୍ଦ ବିଭୋର ହୋଇ ଦୁର୍ଗମ ଗିରିଗହ୍ୱର ଭେଦ କରି ଜନ ପ୍ରଦେଶରେ ଉତ୍ତୁଙ୍ଗ ତୁଙ୍ଗ ଶିର ସ୍ପର୍ଶୀ ଶ୍ରୀ ବଳଦେବ ଜୀଉଙ୍କର ମନ୍ଦିର ଦର୍ଶନ କଲେ ।

ନାନାଶିଳ୍ପବିଚିତ୍ରଯନ୍ତ୍ରଘଟନାଟୋପପ୍ରଭୃତ୍ୟୁଦ୍ଭୁତୈଃ
ପାଷାଣପ୍ରତିମାଃଅତିମାତ୍ରରୁଚିରଶ୍ଚିତ୍ରୈଃପରଂ ଭାସ୍ୱରଃ
ପ୍ରୋତ୍ତୁଙ୍ଗଃପ୍ରଳୟାଃବିନାଶିତବପୁର୍ନୀଳାମ୍ବରାଧିଷ୍ଠିତଃ
ପ୍ରାସାଦଃ ସୁଧୟୋଜ୍ଜ୍ୱଳଃ ସୁବିପୁଲୋ ଦୂରାଦପି ଦ୍ୟୋତତେ ।

ନାନା ଶିଳ୍ପ ବିଚିତ୍ର ଯନ୍ତ୍ରଘଟ ନାଟ୍ୟଛନ୍ଦ ପ୍ରଭୃତିଦ୍ୟୁତି ପଚ୍ଛିତ ପାଷାଣ ପ୍ରତିମା ଗୁଡ଼ିକ ଅତିମାତ୍ରାରେ ରୁଚିକର ଓ ସ୍ୱତେଜରେ ଭାସ୍ୱର ହୋଇ ଉଠୁଛନ୍ତି । ପ୍ରଳୟ ଅବିନାଶୀ ପ୍ରଭୁ ନୀଳାମ୍ବର ଏଠାରେ ବପୁ ଧାରଣ କରି ବସି ଅଛନ୍ତି । ଏହି ପ୍ରୋତ୍ତୁଙ୍ଗ ତୁଙ୍ଗ ମନ୍ଦିର ପ୍ରାସାଦର କାନ୍ତି ଜ୍ୟୋତି ସୁବିପୁଳ ଅଧିକାର ସୂଚନା ଦୂରରୁ ଦେଖାଇ ଦିଏ ।

Digitized by srujanika@gmail.com

ଏହି ସୁବିଶାଳ ପ୍ରାସାଦ ମଧ୍ୟରେ ଭଗବାନ ଶ୍ରୀ ରେବତୀକାନ୍ତ ପ୍ରଭୁଙ୍କ ମହିମା ବିସ୍ତାର କରି ଅନୁକମ୍ପା ପୂର୍ବକ ବିରାଜମାନ କରି ଅଛନ୍ତି । ଯାହାଙ୍କର କୃପା ସାନ୍ନିଧ୍ୟ ଲାଭ କରି ଧାର୍ମିକଙ୍କ ଗତ ଜନ୍ମର କଳୁଷ ବିନାଶ ହୋଇଥାଏ । ସେ ସଂସାର ରୂପକ ବାରିନିଧିକୁ ଗୋଷ୍ପଦ ପ୍ରାପ୍ତ ଅତିକ୍ରମ କରି ଯାଇଥାଏ । ଶ୍ରୀ ରେବତୀକାନ୍ତ ଏଠାରେ ବଡ଼ଠାକୁର ନାମରେ ବିଖ୍ୟାତ ଅଟନ୍ତି । ଏହି ବଡ଼ଦେଉଳର ବର୍ଣ୍ଣନା ଅବର୍ଣ୍ଣନୀୟ ଅଟେ । ଏହାର ସୁଗଠିତ ଓ ସୁଉଚ୍ଚ ଆକାଶ ଚୁମ୍ବୀ ଅଟେ । ଏହି ସୁରମ୍ୟ ପ୍ରାସାଦ କଳୁଷ କୁଳ ସମ୍ଭୂତ ଭଞ୍ଜ ରାଜ ବଂଶର ମହୋଜ୍ଜ୍ୱଳ କୀର୍ତ୍ତି ସୌଧ ଅଟେ । ମନେହୁଏ ସତେ ଯେପରିକି ପ୍ରଖ୍ୟାତ ଭଞ୍ଜଭୂମି କେନ୍ଦୁଝରର ସୁବିଖ୍ୟାତ ଇତିହାସର କାର୍ତ୍ତିବହ ହୋଇଛି ଏହି ବଡ଼ଦେଉଳ । ଶ୍ରୀ ଭଞ୍ଜଭୂମି ରାଜ୍ୟର ରାଜଧାନୀ ଅତି ପ୍ରାଚୀନ ଅଟେ । ରାଜବାଟୀର ପଶ୍ଚିମ ପାର୍ଶ୍ୱ ଅତ୍ୟୁଚ୍ଚ ପର୍ବତ "ଇନ୍ଦ୍ର ଛତ୍ର" ଦ୍ୱାରା ଆବୃତ୍ତ ହୋଇ ସୁଦୁର୍ଗମ ଅଟେ । ସେହି ପର୍ବତରେ ମୁକ୍ତିମାର୍ଗ ପଥରଖଣ୍ଡ ଥିବାରୁ ପର୍ବତ ମଧ୍ୟଦେଇ ଗମନ କଲେ ପଥିକ ମୁକ୍ତି ହୋଇଥାଏ ।

ଶ୍ରୀ ଭଞ୍ଜଭୂମି ରାଜ୍ୟର ଏହି ପ୍ରାଚୀନ ରାଜଧାନୀର ଜ୍ୟୋତି ଅରୁଣୋଦୟ ସମୟରେ ଐନ୍ଦ୍ରିକ ରୂପ ସମ୍ଭାର ଶୋଭିତ ହୋଇଥିଲା ପରି ପ୍ରତୀୟମାନ ହୁଏ । ମନେହୁଏ ସତେ ଯେପରିକି ଏହି ରାଜଧାନୀର ଭଞ୍ଜ ରାଜାମାନେ ଶତ୍ରୁ ବଳର ଦର୍ପ ଭଗ୍ନ କରି ସେମାନଙ୍କର ରକ୍ତରେ ରାଜବାଟୀକୁ ଆରକ୍ତ କରି ଅଛନ୍ତି । ଏହି ନଭସ୍ପର୍ଶୀ ସୁବିଶାଳ ସୌଧର ଶୋଭାଶ୍ରୀ ବୃଦ୍ଧି ନିମନ୍ତେ ଅରୁଣୋଦୟ ସମୟରେ ଊଷା ତରୁଣୀ ତାର ଆରକ୍ତ କରପଙ୍କଜର ଦଳପନ ଓ ବାଳସୂର୍ଯ୍ୟର ମଧୁ ଚୁମ୍ବନରେ ଆହୁରି ଅଧିକ ଆରକ୍ତ ହୋଇ ଉଠିଛି ।

ଭଞ୍ଜ ରାଜା ମାନଙ୍କର ଏହି ସୁବିଶାଳ ରାଜସଭା ଶରଣାଗତ ରକ୍ଷଣ, ଅଭୟ ବର ପ୍ରଦାୟନ, ଦୁଃଖୀ ଦୁଃଖ ହରଣ ଓ ସ୍ତ୍ରୀ ମାନଙ୍କ ପ୍ରତି ଦୟାଶୀଳ ଭାବ ପ୍ରଦର୍ଶନ କରିବା ପ୍ରଧାନ ଲକ୍ଷଣ ଅଟେ ।

ବିବିଧ ବିଚିତ୍ର ବାତାୟନ ବ୍ୟୂହ ବିଭୂଷିତ, ଦୁର୍ଗମ ବନ ଶୋଭା ବିରାଜିତ ନଦ-ନଦୀ ପରିପୂର୍ଣ୍ଣ ଏହି ବିଶାଳ ନଗରୀ ହୋଇଛି ଶ୍ରୀ ଭଞ୍ଜଭୂମୀ କେନ୍ଦୁଝରର ରାଜଧାନୀ । ବର୍ତ୍ତମାନ ମୋର ଏହି ମାନସୀ ଭଞ୍ଜଭୂମୀ କେନ୍ଦୁଝର ପ୍ରଖ୍ୟାତ ଭଞ୍ଜ ବଂଶର ଇତିବୃତ୍ତି ବିଷୟରେ ସମ୍ୟକ ଆଲୋଚନା କରିବା ।

ଭାରତର ରାଜବଂଶ ମାନଙ୍କ ମଧ୍ୟରେ ଭଞ୍ଜ ରାଜବଂଶ ପ୍ରାଚୀନତମ ରାଜବଂଶ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ପ୍ରଖ୍ୟାତ ରାଜବଂଶର ଧାରାବାହିକ ଶାସନକାଳ ଖ୍ରୀଷ୍ଟପୂର୍ବର ବହୁ ଆଗରୁ ଆରମ୍ଭ ହୋଇ ୧୯୪୮ ମସିହା ଜାନୁୟାରୀ ମାସ ୧ ତାରିଖ ଯାଏଁ ଅବ୍ୟାହତ ଥିଲା ।

ବୌଦ୍ଧ ଶାସ୍ତ୍ର ପଠନରୁ ଜଣାଯାଏ ଯେ ଖ୍ରୀଷ୍ଟପୂର୍ବ ଅଢ଼େଇ ହଜାର ବର୍ଷରେ

Digitized by srujanika@gmail.com

ଭଞ୍ଜ ରାଜବଂଶ

ଉତ୍କଳ ରାଜ୍ୟର ବରାହ ଓ ଭଞ୍ଜମାନେ ସର୍ବପ୍ରଥମେ ଗୌତମ ବୁଦ୍ଧଙ୍କ ପ୍ରବର୍ତ୍ତିତ ବୌଦ୍ଧ ଧର୍ମର ବିରୋଧ କରି ପରେ ସେହି ଧର୍ମକୁ ଗ୍ରହଣ କରିଥିଲେ । "ମଜ୍ଝିମ ନିକାୟ" ନାମକ ଧର୍ମ ଗ୍ରନ୍ଥରେ ଉତ୍କଳର ବରାହ ଓ ଭଞ୍ଜ ଏହି ଦୁଇ ଜାତିର ଲୋକେ ଯଥାକ୍ରମେ ବ୍ରାହ୍ମଣ ଓ କ୍ଷତ୍ରିୟ ଥାଇ "ନତ୍ଥିକବାଦୀ ଓ ଅକିରିଆବାଦୀ" ଥିଲେ ବୋଲି ବର୍ଣ୍ଣନା କରାଯାଇଅଛି । ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଭାରତ ବିଖ୍ୟାତ ବୌଦ୍ଧ ପଣ୍ଡିତ ବୁଦ୍ଧ ଘୋଷ ବରାହ ଓ ଭଞ୍ଜ ନାମରେ ଉତ୍କଳରେ ଦୁଇଗୋଟି ଜାତିର ଲୋକେ ବାସ କରୁଥିଲେ ବୋଲି ବର୍ଣ୍ଣନା କରି ଅଛନ୍ତି । ସେହିପରି "ଅଙ୍ଗୁତ୍ତର ନିକାୟ" ନାମକ ଧର୍ମ ଗ୍ରନ୍ଥରେ ବରାହମାନେ ବ୍ରାହ୍ମଣ ଜାତି ରୂପେ ଓ ଭଞ୍ଜମାନେ କ୍ଷତ୍ରିୟ ଜାତି ରୂପେ କଳିଙ୍ଗର ପୁରାତନ ଅଧିବାସୀ ଥିଲେ ବୋଲି ବର୍ଣ୍ଣିତ ହୋଇଅଛି । କଥିତ ଅଛି ଯେ ଏକଦା ମୃତ୍ୟୁଞ୍ଜୟ ମନ୍ତ୍ର ଜପ କରି ଭୋଜ ବଂଶର ଏକ ମୁମୂର୍ଷୁ ବାଳକକୁ ବରାହ ବଞ୍ଚାଇ ଦେଇଥିଲେ । ପରବର୍ତ୍ତୀ ସମୟରେ ନବଜୀବନ ପ୍ରାପ୍ତ ସେହି ଭୋଜ ରାଜକୁମାର ଭଞ୍ଜ ରାଜବଂଶ ସ୍ଥାପନ କରିଥିବା ମନେ ହୁଏ ।

ବୌଦ ମଣ୍ଡଳରୁ ଭଞ୍ଜରାଜା ମାନଙ୍କ ଦ୍ୱାରା ପ୍ରଦତ୍ତ ତାମ୍ର ଫଳକରେ ଉଲ୍ଲେଖ ଅଛି ଯେ :—

"ଦୁର୍ବାର ବାରଣ ପ୍ରଚ୍ଛପକ୍ଷ ପକ୍ଷାତ୍ ଲକ୍ଷ୍ମୀ ସିଂହରଣ କଳାୟୁ ।
ପ୍ରସୂତ ଭଞ୍ଜ ନରାଧୀପୋ ତସ୍ମୋ ବନ୍ଧବୋ ବଭୂବ ।"

ଅର୍ଥାତ ଦୁର୍ଦ୍ଦାନ୍ତ ଗଜ ଯୁଦ୍ଧରେ ପ୍ରଚ୍ଛପକ୍ଷ ହୋଇଥିବା ସିଂହ ପକ୍ଷର ନାରୀ ମାନଙ୍କୁ ଭୋଜ ବିଦ୍ୟା ବଳରେ ହରଣ କରିବାରୁ "ବନ୍ଧୁଭଞ୍ଜ" ନାମକ ରାଜାଙ୍କର ଜନ୍ମ ହୋଇଥିଲା ।

କନିକାର ଭଞ୍ଜ ରାଜବଂଶ ସମ୍ବନ୍ଧରେ ନିମ୍ନମତେ ଲିଖିତ ଅଛି .—

"ଭଞ୍ଜ ବିରୁଦ ଧାରକଃ ସୂର୍ଯ୍ୟ ବଂଶୀୟ ରାଜାନାଃ କହୁକାଳ ଦାରଭ୍ୟ ଦେଶ ମିମଂ ଶାସନ୍ତ ଆସନ୍ତେ । ତେଷାଂ ବଂଶାନୁଚରିତ ଦର୍ଣ୍ଣନା ବାସରେ କର୍ଣ୍ଣିକା (କନକା) ରାଜବଂଶୋଦ୍ଭବ ହରିଚନ୍ଦନେନ ସ୍ୱପ୍ରଣୀତ "ସଙ୍ଗୀତ ରସ ମୁକ୍ତ୍ୟା ବଲ୍ୟାଂ ଲିଖିତଂ ।"

ବଶିଷ୍ଟ ମୁନ ପାଳିତା ଶ୍ରୁତି ମୟୂଖକା ନର୍ଗତା ।
ନୃପତ୍ତମନୁ ଲମ୍ଭିତାଃ ସ୍ମୃତି ମୁଖେନ ସୀତଭୁତା
ଗଣେଶ ବର ଦର୍ପିତାଃ ସକଳ ଧର୍ମ କର୍ମାନ୍ୱିତା
ନୃପା ସମ ଭଜନ କ୍ଷିତା ବନୁଦନ ସୁବୀର ବୃତାଃ,
ଭଞ୍ଜୋପାଧିଷ୍ଟିବିଷୟେଽସ୍ମିନ୍ ଗ୍ରନ୍ଥେ ଉକ୍ତଂ —
ଭଞ୍ଜନାତ୍ କ୍ଷତ୍ରୁ ସୈନ୍ୟାନାଂ କମ୍ବା ତନ୍ମସ୍ୟ ଭଞ୍ଜନାତ । ।
ତେ ଭଞ୍ଜାଇତି ବିଖ୍ୟାତାଃ କ୍ଷତ୍ରିୟ ସୂର୍ଯ୍ୟ ବଂଶଯାଃ "

Digitized by srujanika@gmail.com

ଅର୍ଥାତ ଭଞ୍ଜନ କଷ୍ୟପାଇଥିବା ମୟୂର ଡିମ୍ବରୁ ଜାତ ହୋଇଥିବା ବା ଶତ୍ରୁ ସୈନ୍ୟ ମାନଙ୍କର ଗର୍ବ ଗଂଜନ ବା ଭଞ୍ଜନ କରି ଭଂଜ ଉପାଧିର ଉତ୍ପତ୍ତି ହୋଇଥିବା କଥା ଏଇଥିରୁ ଜଣାଯାଏ । "ଭଞ୍ଜନାତ୍ ଛନ୍ତୁ ସୈନ୍ୟାନାଂ"ର ଅର୍ଥ ହେଉଛିଯେ ଭଞ୍ଜ ରାଜାମାନେ ସେମାନଙ୍କର ଶତ୍ରୁମାନଙ୍କର ଗର୍ବଗଂଜନ କରିବାରେ ସିଦ୍ଧହସ୍ତ ଥିଲେ ।

"ଡିମ୍ବସ୍ୟ ଭଂଜନାତ୍ କୋଲି ଯାହା ଲେଖା ଅଛି ତାହାର ବ୍ୟାଖ୍ୟା "ଭଂଜ ବଂଶାନୁ ଚରିତ" ପୁସ୍ତକରେ ନିମ୍ନମତେ ବର୍ଣ୍ଣିତ ହୋଇଅଛି ।

ତ୍ରେତୟା ଯୁଗ ଶେଷେ ବଶିଷ୍ଠ ମହାଋଷି
ତପ କରୁଥିଲେ ପୁଷ୍କର ତୀର୍ଥେ ବସି ।

× + + +

ଇଷକଣେ ସେହି ତଟେ ଦୁଇଗୋଟି ଡିମ୍ବ
ଜାତ କରି ମୟୂର ଚଳଲା ନକରି ବିଳମ୍ବ

\+ + + +

ଏମନ୍ତ ବିଚାରି ଦୁଇଗୋଟି ଡିମ୍ବ ଘେନିଗଲେ ଆପଣା ଆଶ୍ରମେନେଇ ସେ ରଖିଲେ ।
ଚଣ୍ଡ ପ୍ରଚଣ୍ଡ ଭାନୁ କିରଣରେ ଦୁଇଖଣ୍ଡ ହେଲା ଏକ ଅଣ୍ଡା ଦୁଇ ଭାଗରେ
ଜନ୍ମିଲା ତହୁଁ ଏକ ବାଳକ ସୁନ୍ଦର ରୂପ ସମ ନାହିଁ ତାର ପଞ୍ଚସର
କିରଣ ଜାତ ସେ ହୋଇବାର ଘେନି କରି 'ରଣା' ବଂଶ ନାମକୁ ଉଚ୍ଚରି
ମଦନ ବୋଲି ତାକୁ ନିଜ ନାମ ଦେଲେ, ମନେ, ମହର୍ଷି ହରଷ ହୋଇଲେ ।
ଆଉ ଡିମ୍ବ ଗୋଟି ନଫିଟିବାରୁ ଫାଟି ଆଉ ଦିନ ଋଷି ଯଷ୍ଟିରେ ଦେଲେ ପିଟି ।
ଜାତ ହେଲା କୁମର କି ଅବା ଅମର ଦେଖି ଋଷି ନାମ ଚିନ୍ତିଲେ ତାଙ୍କର
"ଭଂଗନ" କରିବାରୁ ଜନମିଲା ଘେନି 'ଭଂଜ' ବଂଶ ନାମ କଲେ ମହାମୁନି ।
ମୋଦକୁ ଦେବାରୁ ମୋଦକ ବୋଲି ତାର ନିଜ ନାମ ଗୋଟି ଦେଲେ ଋଷିବର ।

× ×

ସୂର୍ଯ୍ୟ କିରଣରେ ପାକ ହେବା ଘେନି 'ସୂର୍ଯ୍ୟ ବଂଶୀ' ଭୂମେ ବୋଲାଇବ ପୁଣି
ମୟୂର ଅଣ୍ଡାରୁ ଜାହାର ହେବାରୁ ଖ୍ୟାତ ହେବ ମୟୂର ବଂଶ ବୋଲିବାରୁ
ଉଦୟପୁର ଦେଶ ନିଜ ବାହୁବଳ କରି ମଦନରଣା ହେଲେ ତହିଁ ଦଣ୍ଡଧାରୀ
ସ୍ଥାନଭାର ମୋଦକ ଭଂଜ ତହୁଁ ଚଳି ସୁବର୍ଣ୍ଣରେଖା ନଦୀ ତଟେ ଯାଇଁ ମିଳି
ଭଂଜଭୂମି ନାମରେ ହୋଇଲା ସେ ଖ୍ୟାତ, ହରିହରପୁର ନାମ ତା ବିଦିତ ।"

ଏହି ରାଜ ପ୍ରଶସ୍ତିରୁ ଜଣାପଡ଼େ ବଶିଷ୍ଠ ଋଷିଙ୍କ ଆଶ୍ରମରେ ରଖା ଯାଇଥିବା ପ୍ରଥମ ଡିମ୍ବଟି ସୂର୍ଯ୍ୟ କିରଣରେ ଫାଟି ଯାଇ ତହିଁରୁ ଯେଉଁ ପୁତ୍ର ଜାତ ହେଲେ ତାହାଙ୍କର ନାମ ମଦନ ରଣା ରଖାଗଲା ।

ସେହି ମଦନ ରଣା ରାଜସ୍ଥାନର ଉଦୟପୁରରେ ରଣା ବଂଶ ସ୍ଥାପନ କରିଥିଲେ । "ସୂର୍ଯ୍ୟ କିରଣ" ଏହି ପାଞ୍ଚ ଅକ୍ଷରର ଶେଷ ଦୁଇ ଅକ୍ଷର 'ରଣ' ହୋଇଥିବାରୁ

Digitized by srujanika@gmail.com

ନଦନ ରାଜା ହେବା ପରେ ନିଜ ବଂଶକୁ ରାଣା ବଂଶ ରୂପେ ପ୍ରତିଷ୍ଠା କରିଥିଲେ ।

ରାଣା ବଂଶ ଓ ଭଂଜ ବଂଶ ଗୋଟିଏ ବଂଶର ଦୁଇଭାଇ ହୋଇଥିବାରୁ କେନ୍ଦୁଝରର ସୀତାବିଂଜ ଶିଳାଭିଲେଖରେ "ରାଣକ ଶ୍ରୀ ଭଂଜ" ବୋଲି ରଚିତ ହୋଇଅଛି । ଏପରିକି ଓଡ଼ିଶାରେ ଇଂରେଜ ଶାସନ କାଳରେ ଭଂଜ ରାଜାମାନେ ନିଜର ବଂଶ ଉଦୟପୁର ରାଜ୍ୟର ରାଣା ବଂଶରୁ ଉତ୍ପତ୍ତି ହୋଇଥିବା ଦୃଷ୍ଟାନ୍ତ ସେମାନଙ୍କ ଦତ୍ତ ବଂଶାବଳୀ କୁର୍ଷି ନାମାରେ ଦେଖିବାକୁ ମିଳେ ତାହା ପରେ ଆଲୋଚିତ ହେବ ।

ଉଷା କାବ୍ୟରେ ଭଂଜ ବଂଶର ବର୍ଣ୍ଣନା

ଶାଲ୍ମଳୀ ଶୈଳେ ହେମପୁର ନାମେ ଥିଲା ବସତି
ତହିଁ ତହିଁ ରାଜପଣ କରୁଥିଲେ ରାଜା ବାହାନ ପତି
ଜୟନ୍ତ ପ୍ରଥମ କୁମର ତାଙ୍କର ଜୟନ୍ତ ନାମ
ବଳେ ଶକ୍ରଧର ଜିଣିଥିଲା ସେହି ଲାବଣ୍ୟ କାମ ।

— — —

ସେହି କାଳ ପ୍ରାନ୍ତେ ଶରତ ଜୟନ୍ତ ପର୍ଣ୍ଣ କୁଟୀର
ମୃଗୟା ବେଶରେ ଥିଲା ନମଗଜ ଝରିଛି ବୀର
ମହେନ୍ଦ୍ର ଅଚଳେ ଭାର୍ଗବ ଋଷିଙ୍କୁ ଭେଟିବା ଆଶେ
ଯାଉଥିଲେ ଯବେ ଶିଖିଧ୍ୱଜ ଶିଖିପୃଷ୍ଠେ ଆକାଶେ ।
ବନଦେବୀ ଅନୁରୋଧେ ଶିଖିଧ୍ୱଜ ଶୈଳେ ଓହ୍ଲାଇ
ଗୁଣ୍ଡ଼ ଦେଲେ ଶିଖୀ ବଳାଙ୍ଗୀ-ନଦୀରେ ଚରିବା ପାଇଁ ।

— — —

ଯବେ ଲୁବ୍ଧକ ଲୋଭୀ ହେଲେ ସେହି କଳାପ ଦେଖି
ମନେ ମନାସିଲେ ବଧିବେ ଶିଖିଙ୍କି ଅପୂର୍ବ କେକୀ
ଗୁଣେ ଶରଖଂଜ ଆକର୍ଣ୍ଣ ଶିଞ୍ଜିନୀ ଟାଣନ୍ତେ ଧୀର
ଶର ଆଗେ ଉଭା ହୋଇ ନିବାରିଲା ନୃପ କୁମାର
ଶରବନ-ଭବ ଦେବ ଜାଣି ଏହା ଜୟନ୍ତ ପ୍ରତି
ବାହନ ରକ୍ଷଣ ଅନ୍ତର୍ଗତେ ହେଲେ ପ୍ରସନ୍ନ ଅତି ।

— — —

ବାହନ ଶିଖରୁ ପଡ଼ିଲା ସେକାଳେ ବର୍ହି ରୁଚିର
ମହାଦରେ ତୋଳି ନେଲା ସେ କଳାପ ଜୟନ୍ତ ବୀର ।
ଭେଟିଲା ଭୂପତି ଗ୍ରାମୂରେ ତାହା ନେଇ ନୃପ ସନ୍ତତି
ମୁକୁଟର ଭୂଷା କଲେ ସେ ବର୍ହିଙ୍କୁ ବାହାନ ପ୍ରତି ।

Digitized by srujanika@gmail.com

ପୃ ୧୧୨ ଓ ୧୧୩ର ସଂଯୋଗ ପତ୍ର

ଯେବଲେ "ମୟୂରଧ୍ୱଜ" ରାଜ ସେବନ୍ତୁ ସଜ୍ଜନ
ସେହିଦିନୁ ରାଜ୍ୟେ ମୟୂର ନିଧନ ହେଲା ବାରଣ ।"

ପୁସ୍ତକର ପାଦ ଟୀକାରେ କବି ଲେଖିଛନ୍ତି "ମୟୂରଧ୍ୱଜ" ବଂଶୀୟ ରାଜାମାନେ ମୟୂରଭଞ୍ଜର ପୂର୍ବତନ ରାଜାଥିଲେ । ଯେଉଁ ରାଜବଂଶର ଗର୍ବ ଭଞ୍ଜନ କରି ରାଜପୁତନା ବାସୀ ଜୟସିଂହଙ୍କର ପୁତ୍ର ଆଦିଭଞ୍ଜ ଓ ଜ୍ୟୋତିଭଞ୍ଜ ଯଥାକ୍ରମେ ମୟୂରଭଞ୍ଜ ଓ କେନ୍ଦୁଝର ରାଜ୍ୟ ଗଠନ କରିଥିଲେ ମାତ୍ର ଓଡ଼ିଶାରେ ଭଞ୍ଜ ରାଜବଂଶର ପ୍ରତିଷ୍ଠାତା ଗଣଦଣ୍ଡଧର ବୀରଭଦ୍ର ଆଦିଭଞ୍ଜ ଓ ଜୟସିଂହଙ୍କର ପୁତ୍ର ଆଦିଭଞ୍ଜ ଯେ ଏକ ନଥିଲେ ଏକଥା କେଣ୍ ବୁଝାଯାଏ ।

ଭାରତୀୟ ରାଜନ୍ୟ ମଣ୍ଡଳୀର ବଂଶାନୁଚରିତ ଗ୍ରନ୍ଥରେ ଥିବା ପୌରାଣିକ ବର୍ଣ୍ଣନାରୁ ଜଣାଯାଏ ଯେ ବସ୍ତୁଙ୍କର ଭୂଜଭୂଷଣର ସାଦୃଶ୍ୟ ନେଇ ଐରାବତ ହସ୍ତୀର ଶୁଣ୍ଡଦଣ୍ଡର ବର୍ଣ୍ଣନା କରାଯାଇଅଛି ।

Digitized by srujan ka@gmail.com

ଏହି କାରଣରୁ ଆର୍ଯ୍ୟାବର୍ତ୍ତର ରାଜାମାନେ, ବଶିଷ୍ଠ-କୃପା ଶିଷ୍ୟ, ପରାଶର ଓ ଭୃଗୁ ଏହି ଗୃତ ଋଷିଙ୍କ ବଂଶରୁ ପ୍ରତିହାର, ପ୍ରମାମ୍ବକ, ରାଠୋର ଓ ଚୌହାନ ନାମକ ଚାରି ଗୋଟି ରାଜବଂଶ ଜାତ ହୋଇ ଆର୍ଯ୍ୟାବର୍ତ୍ତ ଶାସନ କଲେ ।

"ଜନ୍ମିବେ ସର୍ବେ ଏହି ଗୁଣବୀର କୁଳେ, ଭାରତର ନାନା ରାଜ୍ୟ ରାଜପଣ ଗୃନ, ଏ ବୀରଙ୍କ ବଂଶଧରେ ରଖିବେ ଜଗତେ ଜନକ-ଗହ୍ୱର ଗ୍ରାସୁ ଭାରତ ଚନ୍ଦ୍ରମା" ମହାଯାତ୍ରା କାବ୍ୟରୁ ଏହି ପଂକ୍ତିର 'ବାଖ୍ୟାନ୍' ଭଞ୍ଜବଂଶର ଉତ୍ପତ୍ତି ବଶିଷ୍ଠ ଋଷିଙ୍କ ଆଶ୍ରମରେ ସଂରକ୍ଷିତ ମୟୂରଅଣ୍ଡାରୁ ହୋଇଥିବା ଜଣାଯାଏ । ମହାଭାରତରେ ବର୍ଣ୍ଣିତ ଭରଦ୍ୱାଜ ଋଷିଙ୍କ ଆଶ୍ରମରେ ସଂରକ୍ଷିତ ଦ୍ରୋଣ ପକ୍ଷୀର ଡିମ୍ବରୁ କୁରୁକୁଳ ଗୁରୁ ଦ୍ରୋଣଙ୍କର ଜନ୍ମ ଉପାଖ୍ୟାନ ସହିତ ଭଞ୍ଜ ବଂଶର ଉତ୍ପତ୍ତି ଉପାଖ୍ୟାନ ପ୍ରାୟ ସମାନ ଅଟେ ।

ଯୋଗେଶ୍ୱର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସ୍ୱରଚିତ କାବ୍ୟ କଳାଗାରେ ନିଜ ବଂଶର ଉତ୍ପତ୍ତି ସମ୍ବନ୍ଧରେ ବର୍ଣ୍ଣିତ ହୋଇଛି ।—

କ) "ଯେ ବଂଶେ ଇଷ୍ଟ ଦୁର୍ଗ ଦେବୀ
ବରଣ୍ଡ କୋଷରୁ ସମ୍ଭବ ।"

ଖ) ବରଣ୍ଡୀ ବଂଶେ ଉଦ୍ଭବ ନୃପ ଧନଞ୍ଜୟ
ବଶିଷ୍ଠେ ସମୂହର ଅଧିକ ଗୁଣାଳୟ ।

ଏହି ସବୁ ବର୍ଣ୍ଣନାରୁ ଜଣାଯାଉଛି ଯେ ଭଞ୍ଜ ରାଜବଂଶ "ମୟୂରଡିମ୍ବ"ରୁ ଉତ୍ପତ୍ତି ହୋଇଅଛି । କେଣ୍ଡୁ ଓଡ଼ିଶାରେ ଭଞ୍ଜ ରାଜବଂଶ ଦ୍ୱାରା ପ୍ରଦତ୍ତ ତାମ୍ର ଶାସନରେ ଭଞ୍ଜ ମାନେ ସୂର୍ଯ୍ୟ ବଂଶ ଓ କାଶ୍ୟପ ବା କଶ୍ୟପ ଗୋଷ୍ଠୀ ବୋଲି ବର୍ଣ୍ଣିତ ହୋଇ ଅଛନ୍ତି ।

ଭଞ୍ଜ ଓ ମୌର୍ଯ୍ୟ ବଂଶ ମଧ୍ୟରେ ସମ୍ପର୍କ

ତିବ୍ବତୀୟ ଭାଷାରେ ରଚିତ "ପାଗ-ସାମ୍-ଜନ-ଜଙ୍ଗ" ପୁସ୍ତକରେ ବର୍ଣ୍ଣିତ ଅଛି ଯେ, ମୌର୍ଯ୍ୟ ବଂଶର ପ୍ରତିଷ୍ଠାତା ରାଜା ମୌର୍ଯ୍ୟ ବଶିଷ୍ଠ ଋଷିଙ୍କ କୋଟିଆଶ୍ରମରେ ସଂରକ୍ଷିତ ଗୋଟିଏ ମୟୂର ଡିମ୍ବ ସୂର୍ଯ୍ୟ କିରଣରେ ଫାଟିଯାଇ ତହିଁରୁ ଏକ ପୁତ୍ର ଜାତ ହୋଇ ଭାରତରେ ମୌର୍ଯ୍ୟ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ତାଙ୍କର କାଶ୍ୟପ ଗୋତ୍ର ଥିଲା । ମହାବଂଶ ପୁସ୍ତକର ରଚନାରୁ ଜଣାଯାଏ ଯେ ମୌର୍ଯ୍ୟ ସମ୍ରାଟ ଚଂଦ୍ରଗୁପ୍ତ ମୌର୍ଯ୍ୟଙ୍କର ବଂଶୋତ୍ପତ୍ତି ସହିତ ଭଞ୍ଜ ବଂଶାବଳୀ ପ୍ରାୟତଃ ସମାନ ହୋଇଥିବାରୁ ଉଭୟ ବଂଶ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥିବା ମନେ ହୁଏ ।

ଐତିହାସିକ ବେଗଲରଙ୍କ ମତରେ ଓଡ଼ିଶାର ଭଞ୍ଜ ରାଜବଂଶ ଭାରତର ସୁପ୍ରସିଦ୍ଧ ମୌର୍ଯ୍ୟ ରାଜ ବଂଶରୁ ଉତ୍ପତ୍ତି ହୋଇ ଅଛନ୍ତି ଯେଉଁ ବଂଶର ନାମାନ୍ତ

Digitized by srujanika@gmail.com

ଧର୍ମାଶୋକ ଅଶୋକ ଜନ୍ମଲାଭ କରିଥିଲେ । ବେଗଲରଙ୍କ ମତରେ ମୌର୍ଯ୍ୟ ଓ ମୟୂର ଶବ୍ଦ ଦ୍ୱୟ ମଧ୍ୟରେ ଶାବ୍ଦିକ ସାମଞ୍ଜସ୍ୟ ପରିଲକ୍ଷିତ ହେଉଥିବାରୁ ଏବଂ ଉଭୟ ବ୍ରକଦଂଶ ମୟୂର ଅଣ୍ଡାଜ ବଂଶ ପ୍ରଭବ ହୋଇଥିବାରୁ ସେ ଏହିପରି ମୀମାଂସାରେ ଉପନୀତ ହୋଇଥିବା ମନେହୁଏ । ମାତ୍ର ମୌର୍ଯ୍ୟ ବଂଶର ଉତ୍ପତ୍ତି ବିଷୟ ଆଗରୁ ଉତ୍କଳର ଭଞ୍ଜମାନେ ଶୁଦ୍ଧ କ୍ଷତ୍ରୀୟ ଜାତି ରୂପେ ପ୍ରତିଷ୍ଠିତ ହୋଇଥିବା ଦୃଷ୍ଟି କୋଣରୁ ମୌର୍ଯ୍ୟ ବଂଶରୁ ଭଞ୍ଜ ବଂଶର ଉତ୍ପତ୍ତି ହୋଇଥିବା ଧାରଣା ଭ୍ରମପୂର୍ଣ୍ଣ ମନେହୁଏ ।

ଓଡ଼ିଶାର ପ୍ରସିଦ୍ଧ ଐତିହାସିକ ବିନାୟକ ମିଶ୍ର ଓ ପରମାନନ୍ଦ ଆଚାର୍ଯ୍ୟଙ୍କ ମତରେ କେଉଁଝର ମଣ୍ଡଳର ମୌର୍ଯ୍ୟ ଓ ଖିଜିଙ୍ଗ ମଣ୍ଡଳର ଭଞ୍ଜରାଜାମାନେ ମୟୂର ବା ମୌର୍ଯ୍ୟ ବଂଶରୁ ଉତ୍ପତ୍ତି ହୋଇଥିବା କଥା ବର୍ଣ୍ଣନା କରି ଅଛନ୍ତି । ଏମାନଙ୍କ ମତକୁ ସମର୍ଥନ କରି ଐତିହାସିକ ହରପ୍ରସାଦ ଶାସ୍ତ୍ରୀ କହନ୍ତି ଯେ ଭଞ୍ଜ ରାଜ ବଂଶ, ମୌର୍ଯ୍ୟ ଏବଂ ମୟୂର ଶବ୍ଦ ଦ୍ୱୟରୁ ଉତ୍ପତ୍ତି ହୋଇଅଛି । ତେଣୁ କେଉଁଝର ମଣ୍ଡଳର ବରାହ ନଳକୁ ମୌର୍ଯ୍ୟ ବଂଶଧର ବୋଲି ପରିଚୟ ଦେବାକୁ ଯାଇ ସେମାନେ ସାପକୁ ମୃତ କରିଥିବା ଏକ ମୟୂର ପକ୍ଷୀକୁ ରାଜକୀୟ ସଙ୍କେତ ରୂପେ ବ୍ୟବହାର କରିଥାନ୍ତି । ସେମାନେ କହନ୍ତି ଯେ ସେମାନଙ୍କର ପୂର୍ବ ପୁରୁଷ ଜୟକୁଣ୍ଟ ଠାରୁ ସେଠାକୁ ଆସିଥିଲେ । ଐତିହାସିକମାନେ କହନ୍ତି ଯେ ସେମାନଙ୍କର ପୂର୍ବପୁରୁଷମାନେ ଜୟକୁଣ୍ଟ ଠାରୁ ସେଠାକୁ ଆସିଥିଲେ । ଐତିହାସିକ ଘଟଣା ବଳୀରୁ ଜଣାଯାଏ ଯେ ମୌର୍ଯ୍ୟ ବଂଶର ଗୋଟିଏ ଶାଖା ରାଜପୁତନାର ଜୟକୁଣ୍ଟ ଠାରୁ କେଉଁଝର ମଣ୍ଡଳକୁ ପଳାଇ ଆସି ସେଠାରେ ଶାସନ କ୍ଷମତା ହସ୍ତଗତ କରିଥିଲେ ।

କେଉଁଝର ମଣ୍ଡଳରୁ ପ୍ରାପ୍ତ ତାମ୍ର ଫଳକରୁ ଜଣାଯାଏ ଯେ ଉଦୟ ବରାହ ନାମକ ଜଣେ ବୌଦ୍ଧ ଧର୍ମାବଲମ୍ବୀ ମୌର୍ଯ୍ୟ ବଂଶଧର ରାଜକୁମାର ଜୟକୁଣ୍ଟ ସ୍ଥିତ ବଶିଷ୍ଠ ଋଷିଙ୍କ କୋଟିମ୍ଯାଶ୍ରମରୁ ପଳାଇ ଆସିଥିଲେ । ସେହି ମଣ୍ଡଳ ତାଙ୍କର ରାଜଧାନୀ ଥିଲା ଓ ତାଙ୍କ ପିତାଙ୍କର ନାମ ତେଜ ବରାହ ଥିଲା ।

ଏକଥା ସତ୍ୟ ଯେ ମୌର୍ଯ୍ୟ ବଂଶଧର ବରାହ ମାନେ ଯେଉଁ ସମୟରେ କେଉଁଝର ମଣ୍ଡଳରେ ରାଜ୍ୟ ଶାସନ କରୁଥିଲେ ସେହି ସମୟରେ ଭଞ୍ଜ ରାଜମାନେ ତାହାର ପଡ଼ୋଶୀ ରାଜ୍ୟ ଖିଜିଙ୍ଗ ମଣ୍ଡଳରେ ରାଜତ୍ୱ କରୁଥିଲେ । ତେଣୁ ଉଭୟ ରାଜବଂଶ ମଧ୍ୟରେ ସମ୍ପର୍କ ସ୍ଥାପିତ ହୋଇଥିବା ସ୍ୱାଭାବିକ ଅଟେ ।

ବୌଦ୍ଧ ଧର୍ମ ଗ୍ରନ୍ଥ ବିନୟ ପିଟକ ପଠନରୁ ଜଣାଯାଏ ଖ୍ରୀ: ପୂ: ୬୦୦ରେ ଖିଜିଙ୍ଗ ମଣ୍ଡଳ ଉତ୍କଳ ରାଜ୍ୟର ଅଙ୍ଗ ବିଶେଷ ଥାଇ ଭଞ୍ଜ ବଂଶ ଦ୍ୱାରା ଶାସିତ ହେଉଥିଲା ସେତେବେଳେ ଉତ୍କଳବାସୀ ଆଟବିକ ବାସୀ ବା ବିନ୍ଧ୍ୟବାସୀ ବୋଲି ପରିଚିତ ଥିଲେ ।

Digitized by srujan ka@gmail.com

ଖିଜିଙ୍ଗ ମଣ୍ଡଳରୁ ପ୍ରଦତ୍ତ ଖିଚିଙ୍ଗକୋଟ ତାମ୍ର ଫଳକରୁ ପ୍ରମାଣ ମିଳେଯେ ସେଠାରେ ରାଜା ରଘୁ ଭଞ୍ଜଙ୍କ ଶାସନ କାଳରେ କଣେଇ ମଣ୍ଡଳର ରାଜକୁମାରୀ ଧରଣୀ ବରାହ ତାହାଙ୍କ ଧର୍ମପତ୍ନୀ ଧୃର୍ତ୍ତୀ ଦେବୀଙ୍କ ପରାମର୍ଶରେ ରାଜଧାନୀ ଖିଚିଙ୍ଗକୋଟ ଠାରେ ଅବଲୋକିତେଶ୍ୱର ମନ୍ଦିର ନିର୍ମାଣ କରି ବିଗ୍ରହ ପ୍ରତିଷ୍ଠା କରିଥିଲେ ।

ଜୈନ ଧର୍ମଗ୍ରନ୍ଥ 'ଭଗବତୀ ସୂତ୍ର'ରେ ଲେଖାଅଛିଯେ ଜମ୍ବୁଦ୍ୱୀପ ଭାରତବର୍ଷର ତାମ୍ରଲିପ୍ତ ନାମକ ରାଜଧାନୀରେ ମୌର୍ଯ୍ୟ ବଂଶୋଦ୍ଭବ ତାମିଲ ମୌର୍ଯ୍ୟ ନାମକ ଜଣେ ରାଜା ଥିଲେ

"ହଣ୍ଟରସ୍ ଓଡ଼ିଶା" ପୁସ୍ତକରେ ଲେଖାଅଛିଯେ, ପ୍ରାଗ ଐତିହାସିକ ଭାରତରେ ତାମ୍ରଲୁକ ବା ତାମ୍ରଲିପ୍ତ ବନ୍ଦର ଏକଦା କଳିଙ୍ଗର ସାମୁଦ୍ରିକ ବନ୍ଦର ଓ ବହିର୍ବାଣିଜ୍ୟ କ୍ଷେତ୍ର ଥିଲା । ପରବର୍ତ୍ତୀ ସମୟରେ ଖିଜିଙ୍ଗ ମଣ୍ଡଳର ଜନୈକ ଭଞ୍ଜରାଜ ତାମ୍ରଲୁକ ମୌର୍ଯ୍ୟ ନାମରେ ନିଜକୁ ପରିଚିତ କରାଇ ମୟୂରଧ୍ୱଜ ବା ଶିଖିଧ୍ୱଜ-ଉପାଧିରେ ଭୂଷିତ କରାଇଥିଲେ । ଏହାଙ୍କର ପରବର୍ତ୍ତୀ ବଂଶଧରମାନେ କ୍ରମାନ୍ୱୟରେ ବତିଶ ପୁରୁଷ ଯାଏ ସେଠାରେ ନିରବଚ୍ଛିନ୍ନ ଭାବରେ ରାଜତ୍ୱ କରିଥିଲେ । ଏଥିରୁ ଅନୁମିତ ହୁଏଯେ ଏକଦା କଣାଇ ମଣ୍ଡଳ ଠାରୁ ଖିଜିଙ୍ଗ ମଣ୍ଡଳ ସମେତ ତାମ୍ରଲିପ୍ତ ଯାଏ ସମଗ୍ର ପୂର୍ବ ଉପକୂଳରେ ମୌର୍ଯ୍ୟ ଓ ଭଞ୍ଜମାନେ ଶାସନ କ୍ଷମତା ବିସ୍ତାର କରିଥିଲେ । ମୌର୍ଯ୍ୟମାନେ ନିଜକୁ କାଶ୍ୟପ ଗୋତ୍ର ବୋଲି ପରିଚୟ ଦେଉଥିବା ସମୟରେ ଖିଜିଙ୍ଗ ମଣ୍ଡଳର ଭଞ୍ଜ ରାଜାମାନେ ମଧ୍ୟ ନିଜକୁ କଶ୍ୟପ ଗୋଷ୍ଠୀ ବୋଲି ପରିଚୟ ଦେଇଥାନ୍ତି । ଉଭୟ ବଂଶ ଯେ "ମୟୂର ଅଣ୍ଡଜ ପ୍ରଭବ" ଏଥିରେ ଦ୍ୱିତ ମତ ନାହିଁ । ଏହି କାରଣରୁ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ଦ୍ୱାରା ଉଚିତ ଧଉଳି ଶିଳାଉତ୍କଳେଖରେ ମୟୂର ବଧକୁ ନିଷେଧ କରାଯାଇ ଅଛି ଓ ରାଜାଙ୍କର ଖାଦ୍ୟ ନିମନ୍ତେ ମୟୂର ମାଂସ ଭକ୍ଷଣ ବନ୍ଦ କରାଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି । ମୟୂର ବାହନ କୁମାରଙ୍କ ସହିତ ନାଗ ବଂଶର ବିବାଦର ସମାଧାନ ନିମନ୍ତେ ଏହିପରି ପ୍ରତିଶ୍ରୁତି ଦିଆଯାଇଥିବା ମନେହୁଏ ନେତେଣୁ କଣେଇ ମଣ୍ଡଳର ବରାହ ଓ ଖିଜିଙ୍ଗ ମଣ୍ଡଳର ଭଞ୍ଜ ରାଜାମାନେ ମୟୂରକୁ ରାଜକୀୟ ସମ୍ମାନ ପ୍ରଦର୍ଶନ କରି ରାଜ୍ୟ ଭିତରେ ମୟୂର ବଧକୁ ନିଷେଧ କରିଅଛନ୍ତି ।

ଓଡ଼ିଶାର ଭଞ୍ଜ ରାଜାମାନେ ନିଜକୁ ମୌର୍ଯ୍ୟ ବଂଶଧର ବୋଲି କହିବାର ନିମ୍ନ ମତେ ଧାରଣା କରାଯାଇପାରେ ।

ମୌର୍ଯ୍ୟ ସମ୍ରାଟ ଅଶୋକ କଳିଙ୍ଗ ବିଜୟ କରିଥିଲେହେଁ ସେ ପଶ୍ଚିମାଞ୍ଚଳରେ ଅବସ୍ଥିତ ଆଟବିକ ରାଜ୍ୟ ସମୂହ ଜୟ କରି ପାରିନଥିଲେ । ସେତେବେଳେ କଳିଙ୍ଗର ଏହି ମାଳଭୂମିରେ ଅନେକ ଗୁଡ଼ିଏ ସାମନ୍ତ ରାଜା ରାଜ୍ୟ ଶାସନ କରୁଥିଲେ । ସେମାନଙ୍କ ମଧ୍ୟରେ ଭଞ୍ଜରାଜବଂଶ ଅନ୍ୟତମ ଅଟେ । ଧଉଳି ପାହାଡ଼ରେ ଉଚିତ ସମ୍ରାଟ ଅଶୋକଙ୍କର ପ୍ରଥମ ସ୍ୱତନ୍ତ୍ର ଅନୁଶାସନରେ ଲେଖା ଅଛି .

Digitized by srujan ka@gmail.com

ଅପରାଜିତ ସୀମାନ୍ତବାସୀ ମାନେ ପଚ୍ଚର ପାରନ୍ତି "ରାଜା ଆମ ପାଇଁ କଣ କରୁଛନ୍ତି ?" ତାହାର ଉତ୍ତରରେ ମୁଁ କହେ :—

"ରାଜାଙ୍କର ଇଚ୍ଛା ସେମାନେ ତାଙ୍କୁ ଭୟ ନକରନ୍ତୁ । ସେମାନେ ମୋ ଠାରୁ ସୁଖ ପାଇବେ, ଦୁଃଖ ନୁହେଁ, ରାଜା ସେମାନଙ୍କ ପ୍ରତି ସହନଶୀଳ ହେବେ ଓ ମୋ ଖ୍ୟାତିରେ ସେମାନେ ଧର୍ମ ଆଚରଣ କରି ଇହଲୋକ ଓ ପରଲୋକରେ ସୁଖ ଲାଭ କରିବେ । ଏ ଦୁଇଟି ସତ୍ୟ ସେମାନେ ଦୃଢ଼ ଭାବରେ ଗ୍ରହଣ କରିବା ଉଚିତ ।

ସେହି ଅନୁସାରେ ମୁଁ ତୁମ୍ଭମାନଙ୍କୁ ନିର୍ଦ୍ଦେଶ ଦେଉଅଛି ଯେ ମୋର ଅଟଳ ପ୍ରତିଜ୍ଞା ଓ ଇଚ୍ଛାକୁ ସେମାନଙ୍କୁ ଜଣାଇ ଦେଇ ମୋର ନିର୍ଦ୍ଦେଶ ପାଳନ କରି ମୋ ପ୍ରତି ଋଣ-ମୁକ୍ତ ହୁଅ ।

ତଦନୁସାରେ କାର୍ଯ୍ୟ କରି ଉକ୍ତ ସୀମାନ୍ତବାସୀଙ୍କ ମନରେ ମୋ ପ୍ରତି ବିଶ୍ୱାସ ଜନ୍ମାଅ ଓ ସେମାନଙ୍କ ମନରେ ଏ ଧାରଣା ବଦ୍ଧମୂଳକ କରାଅ ଯେ ରାଜା, ଆମର ପିତା ସଦୃଶ ।

ସେ ନିଜକୁ ଯେପରି ସୁଖ ପାଆନ୍ତି; ଆମକୁ ମଧ୍ୟ ସେହିପରି ସୁଖ ପାଆନ୍ତି । ଆମେ ରାଜାଙ୍କ ସନ୍ତାନ ସଦୃଶ ।

ତୁମ୍ଭମାନଙ୍କୁ ଏ ନିର୍ଦ୍ଦେଶ ଦେଇ ମୋର ଧ୍ରୁବ ପ୍ରତିଜ୍ଞା ଓ ଇଚ୍ଛା ଜଣାଇ ମୁଁ ମୁଁ ଆଶା କରେ ଯେ ମୋର ସ୍ଥାନୀୟ କର୍ମଚାରୀମାନେ ତଦନୁସାରେ ବ୍ରତୀ ହେବେ । ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ଇହ ଓ ପରତ୍ର ସୁଖ ବିଧାନ କରିବା ପାଇଁ କାର୍ଯ୍ୟ କରିବାକୁ ତୁମ୍ଭେମାନେ ଅଛ, ସେ କାର୍ଯ୍ୟକଲେ ତୁମ୍ଭେମାନେ ସ୍ୱର୍ଗଲାଭ କରିବ ଓ ମୋ ଋଣରୁ ମୁକ୍ତ ହେବ ।

ସେଥିପାଇଁ ଏହି ଧର୍ମାନୁଶାସନ ଲିପିବଦ୍ଧ ହେଉଛି ଯେ ମହାପାତ୍ର ମାନେ ସୀମାନ୍ତ ବାସୀ ମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ଓ ସେମାନଙ୍କୁ ଧର୍ମ ପଥରେ ଚଳାଇବା ପାଇଁ ଅବିଶ୍ରାନ୍ତ ଚେଷ୍ଟା କରିବେ ।"

ରାଜା ଅଶୋକଙ୍କର ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନ ସୀମାନ୍ତବାସୀ ବନଜାତି ମାନଙ୍କ ପ୍ରତି ଉଦ୍ଦିଷ୍ଟ । ଗଡ଼ କଳିଙ୍ଗର ସେହି ଗିରିଜନମାନେ ଏ ଯାବତ ଅବହେଳିତ ହୋଇ ରହିଛନ୍ତି । ଦୁଇହଜାର ବର୍ଷର ସୁଦୀର୍ଘ ଶୂନ୍ୟତା ଅତିକ୍ରମ କରି ଆଜି ମଧ୍ୟ ଗିରି ଗହ୍ୱରରୁ ଅଶୋକଙ୍କର ଡାକ ଶୁଭୁଛି ।

ସୀମାନ୍ତବାସୀ ଅରଣ୍ୟକ [ମାନଙ୍କୁ ଧର୍ମ ମାର୍ଗକୁ ଆଣାଅ । ଯଦି ଶାସନ ଓ ସମାଜ ସେ ଡାକ ନଶୁଣେ, ତେବେ [ସେଥିପାଇଁ ପ୍ରାୟଶ୍ଚିତ ଭୋଗ କରିବାକୁ ହେବ ।

ଯାହାହେଉ ମୌର୍ଯ୍ୟ ରାଜବଂଶର ଏହିପରି ପବିତ୍ର ଶାସନ ପଦ୍ଧତି ସମଗ୍ର ଭାରତର ହିନ୍ଦୁ ରାଜବଂଶ ଦ୍ୱାରା ଊଣା ଅଧିକେ ଅନୁସୃତ ହୋଇ ଆସିଅଛି । ସେହି ଶାସନ ପ୍ରଣାଳୀ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ବିଚକ୍ଷଣ ମନ୍ତ୍ରୀ କୌଟିଲ୍ୟଙ୍କ "ଅର୍ଥଶାସ୍ତ୍ର"

Digitized by srujan ka@gmail.com

ଉପରେ ପ୍ରତିଷ୍ଠିତ ଓ ତାହାହିଁ ଚିରକାଳ ପାଇଁ ଭାରତୀୟ ଶାସନ ତନ୍ତ୍ରର ଆଦର୍ଶ ହୋଇ ରହିଥିବ ଏଥିରେ ସନ୍ଦେହ ନାହିଁ ।

ରାଜାଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ କୌଟିଲ୍ୟଙ୍କର ନିର୍ଦ୍ଦେଶ ହେଉଛି—

"ପ୍ରଜାଙ୍କ ସୁଖରେ ରାଜାଙ୍କର ସୁଖ ନିହିତ ଅଛି । ସେମାନଙ୍କର ମଙ୍ଗଳରେ ରାଜାଙ୍କର ମଙ୍ଗଳ । ରାଜାଙ୍କୁ ଯାହା ସୁଖ ଲାଗିବ ତାକୁ ମଙ୍ଗଳ ବୋଲି ମନେ କରିବା ଉଚିତ ନୁହେଁ । କିନ୍ତୁ ପ୍ରଜାଙ୍କୁ ଯାହା ସୁଖ ଲାଗିବ ତାହାହିଁ ସାଧୁ ବୋଲି ମନେ କରିବା ରାଜାଙ୍କ କର୍ତ୍ତବ୍ୟ ।"

ଏଥିରୁ ଅନୁମିତ ହୁଏ ଯେ କୌଟିଲ୍ୟଙ୍କ- ପରିକଳ୍ପିତ ଭାରତୀୟ ରାଜତନ୍ତ୍ର ଆଧୁନିକ ଗଣତନ୍ତ୍ର ଠାରୁ ବହୁ ଗୁଣରେ ଶ୍ରେଷ୍ଠ ଓ ଧେୟ ଥିଲା ।

ମୌର୍ଯ୍ୟ ରାଜବଂଶର ଏହି ମହାନୁଭବତାରେ ଆକୃଷ୍ଟ ହୋଇ ଭଞ୍ଜ ରାଜାମାନେ ସେମାନଙ୍କର ବଂଶ ମୌର୍ଯ୍ୟ ବଂଶରୁ ଉତ୍ପତ୍ତି ହୋଇଥିବା କଥା କହିବାରେ ବିଚିତ୍ରତା ନାହିଁ ।

ଭଞ୍ଜ ଓ ମୌର୍ଯ୍ୟ ବଂଶ ମଧ୍ୟରେ ସୁସମ୍ପର୍କ ସ୍ଥାପିତ ହେବାର ଅନ୍ୟତମ କାରଣ ହେଉଛି ଯେ ଜଗତ ଷଣ୍ଢକାସ୍ତ ନୃଶଂସ ଭୀଷଣ କଳିଙ୍ଗ ଯୁଦ୍ଧର ଅବସାନ ପରେ ମୌର୍ଯ୍ୟ ସମ୍ରାଟ ଚଣ୍ଡାଶୋକ ବୌଦ୍ଧଧର୍ମ ଗ୍ରହଣକରି ଧର୍ମାଶୋକରେ ପରିଣତ ହେବାରୁ କଳିଙ୍ଗର ଭଞ୍ଜମାନେ ବୌଦ୍ଧ ଧର୍ମାବଲମ୍ବୀ ଥାଇ ଅଶୋକଙ୍କୁ ଗୁରୁଭାଇ ରୂପେ ଲାଭକରି ନିଜକୁ ଗର୍ବିତ ମନେ କଲେ । ଫଳରେ କଳିଙ୍ଗରେ ଭଞ୍ଜ ରାଜବଂଶ ଓ ମୌର୍ଯ୍ୟ ରାଜବଂଶ ମଧ୍ୟରେ ସମନ୍ୱୟ ସ୍ଥାପିତ ହୋଇପାରିଥିଲା ।

ବସନ ଭଞ୍ଜ ଓ ମୌର୍ଯ୍ୟ ବଂଶର ଉତ୍ପତ୍ତି ସମ୍ବନ୍ଧୀୟ କଳ୍ପନା ସହିତ ବଣାଇ ମଣ୍ଡଳର ଅନ୍ୟତମ ରାଜବଂଶ କଦମ୍ବ ବଂଶ ମଧ୍ୟ ମୟୂର ପକ୍ଷୀକୁ ସ୍ୱକୀୟ ସମ୍ମାନ ଓ ପ୍ରତୀକ ରୂପେ ବ୍ୟବହାର କରିଅଛନ୍ତି । କଦମ୍ବ ଗାଥା ନାମକ ରଚନାରୁ ଜଣାଯାଏ ଯେ ସିଂହଳର ରାଜା ଭିକ୍ଷୁ ଭ୍ରାତାଗଣ ସଙ୍ଗରେ ଧରି ଶ୍ରୀଜଗନ୍ନାଥ ଦର୍ଶନ କରିବା ନିମନ୍ତେ ସିଂହଳରୁ ଆସି ଶ୍ରୀରାମେଶ୍ୱର ସେତୁବନ୍ଧ ଠାରେ ପହଞ୍ଚି ସେଠାରୁ ପୁରୀକୁ ଅଶ୍ୱ ପୃଷ୍ଠରେ ବସି ଯାତ୍ରାରମ୍ଭ କରି ପଥ ମଧ୍ୟରେ ଶ୍ରୀଲିଙ୍ଗରାଜ ଶ୍ରୀ ସାକ୍ଷୀଗୋପାଳ ଓ ସୂର୍ଯ୍ୟ ମନ୍ଦିର ଦର୍ଶନ କରି ଶ୍ରୀକ୍ଷେତ୍ର ପୁରୀର ଅଠରନଳା ଠାରେ ପହଞ୍ଚିଲେ । ଅଠରନଳା ଠାରେ ତୀର୍ଥଯାତ୍ରୀ କର ସଂଗ୍ରହ କରୁଥିବା ଗଜପତିଙ୍କର ରାଜ କର୍ମଚାରୀମାନେ ରାଜା ଭିକ୍ଷୁଙ୍କୁ ମହାସୁଲ ମାଗିବାରୁ ରାଜା ଭିକ୍ଷୁ ଜଗୁଆଳ ମାନଙ୍କୁ ଉତ୍ତର ଦେଲେ :—

" କଠୋର କଠୋର ଭଞ୍ଜ ଷଣ୍ଢ ଉତ୍ତମ
କଦମ୍ବ ବଂଶିକ ଆମ୍ଭେ ନୋହୁଁ ଅଧମ ।

Digitized by srujan ka@gmail.com

ନକରୁ ଭକତି କାହେ ପ୍ରଣାମ ନୋହୁଁ
'ଅଧୀନତାରେ ନରହୁ ବୀର ବୋଲଉଁ ।
କେବଳ ଦର୍ଶନ କରି କମଳ ଧାମ
ବାହୁଡ଼ିଣ ଯିବୁ ଆମ୍ଭେ ନିଜ ନଗର ";

ରାଜା ଭୀରୁଙ୍କର ଏହିପରି ଦମ୍ଭପୂର୍ଣ୍ଣ ବାର୍ତ୍ତା ପାଇ ଗଜପତି ଆଜ୍ଞା ଦେଲେ :-

"କରତ ପଥରେ ତୁମ୍ଭେ ବସାଇ ଦିଅ
ଏହି ପଥେ ଯାଅ ବୋଲି ତାହାଙ୍କୁ କୁହ ।
ଯେବେ ସେହି ପଥେ ଯିବେ ଚଳାଇ ଅଶ୍ୱ
ଜାଣିବ ସେଠାରୁ କ୍ଷତ୍ରୀ କଦମ୍ବ ବଂଶ ।

ପ୍ରହରୀ ମାନଙ୍କ ଠାରୁ ରାଜା ଭୀରୁ ଏହିପରି କଠିନ ପରୀକ୍ଷାର ବାର୍ତ୍ତା ପାଇ ନିଜ ବଂଶର ମର୍ଯ୍ୟାଦା ପ୍ରତିଷ୍ଠା ନିମନ୍ତେ ନିଜଭାଇ ମାନଙ୍କ ସହିତ ଅଶ୍ୱପୃଷ୍ଠରେ ବସି କରତ ବିଛା ପଥରେ ଚାଲିଯିବା ସମୟରେ ରାଜା ଭୀରୁ ଓ ତାଙ୍କର ଦୁଇଭାଇ ପ୍ରାଣ ତ୍ୟାଗ କଲେ । ଗଜପତି ସିଂହଳର ବୀର ମାନଙ୍କର ମୃତ୍ୟୁ ସମ୍ବାଦ ପାଇ ବହୁ ଦୁଃଖିତ ହେଲେ ଓ ଅନ୍ୟ ଭାଇମାନଙ୍କୁ ସାଦରରେ ବରଣ କରି କହିଲେ—

"ଶୁଣ ଷଟ୍‌ତ୍ରିଂଶ ଅଟ ତୁମ୍ଭେମାନେ
ବଂଧୁ ନୀତି ସେବା କରିବ ରଥ ମୋର ଭୁବନେ ।"

ତତ୍ପରେ କାଦମ୍ବ ବଂଶୀୟ ରାଜପୁତ୍ର ମାନେ ଶ୍ରୀ ଦର୍ଶନ, ପୂଜନ, ଅର୍ଚ୍ଚନ ଓ ମହାପ୍ରସାଦ ସେବନ କରି ପୁରୀରେ କିଛି କାଳ ଅବସ୍ଥାନ କରି ସେଠାରୁ ଶ୍ରୀ-ବୀରଜା କ୍ଷେତ୍ର ଦର୍ଶନ କରି ସିଂହଭୂମି ରାଜ୍ୟ ଗଠନ କରି ସେଠାରେ ରାଜା ହେଲେ । ସିଂହଭୂମି ଭଞ୍ଜ ଭୂମିର ଉତ୍ତରରେ ଅବସ୍ଥିତ ଅଟେ । ତାହାର କିଛିକାଳ ପରେ ପ୍ରତାପରୁଦ୍ର ନାମକ ଗୋଟିଏ ରାଜକୁମାର ସିଂହଭୂମି ରାଜ୍ୟର ପଶ୍ଚିମକୁ ଯାଇ ବ୍ରାହ୍ମଣୀ ନଦୀ ଅବବାହିକାରେ ବଣାଇ ରାଜ୍ୟ ଗଠନ କରି ସେଠାରେ ରାଜା ହୋଇଥିଲେ ।

କାଦମ୍ବ ଗାଥାରେ ଲେଖା ଅଛି—

"ଶୁଣିଲେ ବଣାଇ ନଗରେ ବାଣ ଈଶ୍ୱର ଲିଙ୍ଗ
ଅକର୍ମିଗଣ ଦୁଃଖ ଦେଖି ଦିଅନ୍ତି ଅପବର୍ଗ ।"

ତେଣୁ କାଦମ୍ବ କୁମାର ବଣାଇ ରାଜ୍ୟରେ ପ୍ରବେଶ କରି ବାଣେଶ୍ୱର ଲିଙ୍ଗଙ୍କର ପୂଜା ଆରାଧନ କଲେ ।

ସେହି ସମୟରେ ବଣାଇ ମଣ୍ଡଳର ଅଧିପତି ଥିଲେ ବାଣେଶ୍ୱରଙ୍କର ପରମ ପ୍ରିୟଭକ୍ତ ଦୈତ୍ୟପତି 'ବାଣାସୁର । ଏକଦା କାଦମ୍ବ କୁମାର ବାଣେଶ୍ୱରଙ୍କୁ ପୂଜା କରୁଥିବା ସମୟରେ ବାଣାସୁର ସେଠାରେ ପହଂଚି ଯିବାରୁ ରାଜକୁମାର ପ୍ରାଣଭୟରେ

Digitized by srujanika@gmail.com

ଦଉଡ଼ି ଯାଇ ବନ ମଧ୍ୟରେ ଥିବା ଗୋଟିଏ କଦମ୍ବ ଗଛର କୋଳ ମଧ୍ୟରେ ଲୁଚି ରହିଲେ । ଦୈବ ଯୋଗେ ଗୋଟିଏ ମୟୂର ଉକ୍ତ ରାଜକୁମାରଙ୍କର ବାହାରକୁ ବଢ଼ିଥିବା ପାଦ ଦୁଇଟିକୁ ଆବୃତ କରି ରଙ୍ଗି ପକ୍ଷ ମେଲି ନାଚିବାକୁ ଆରମ୍ଭ କଲା । ବାଣାସୁର କାଦମ୍ବ କୁମାରଙ୍କୁ ଖୋଜି ଖୋଜି ନପାଇ ସେଠାରୁ ପଳାଇ ଗଲା ପରେ ରାଜକୁମାର କଦମ୍ବ ଗଛର କୋରଡରୁ ବାହାରିଥିଲେ ଓ ମୟୂରଟି ରାଜକୁମାରଙ୍କୁ ନୃତ୍ୟ ଛଳରେ ଅଭିନନ୍ଦନ ଜ୍ଞାପନ କରିଥିଲା । କଦମ୍ବଗଛ ଓ ମୟୂରପକ୍ଷୀ ରାଜକୁମାରଙ୍କର ପ୍ରାଣ ରକ୍ଷା କରିଥିବାରୁ କାଦମ୍ବ ବଂଶୀୟ କ୍ଷତ୍ରୀୟମାନେ କଦମ୍ବ ବୃକ୍ଷକୁ ସ୍ପର୍ଶ କରନ୍ତି ନାହିଁ ଓ ମୟୂର ପକ୍ଷୀର ପୁଚ୍ଛକୁ ରାଜକୀୟ ସଙ୍କେତ ରୂପେ ମୁକୁଟରେ ଧାରଣ କରନ୍ତି ।

ଭଗବାନ ବାଣେଶ୍ୱର ରାଜକୁମାରଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ସ୍ୱପ୍ନରେ କହିଲେ —

“କାଲି ଏ ବରାଇ ରାଜ୍ୟରେ ହେବୁ ନରେଶ୍ୱର
କେବଳ ମୋହର ସେବାରେ ଥିବୁ ନିଶି ଦିବସ ।”

ତତ୍ ସଙ୍ଗେ ସଙ୍ଗେ ଭୂୟାଁ ରାଜାଙ୍କୁ ସ୍ୱପ୍ନାଦେଶ ହେଲା —

ବୋଇଲେ ମୋହର ମନ୍ଦିରେ ଅଛି ମହାପୁରୁଷ
କାଲିରୁ ବରାଇ ରାଜ୍ୟରେ ତାକୁ କର ନରେଶ ।
ନହେଁ ବାଣାସୁରେ ପ୍ରବେଶି ତାକୁ କହିଲେ ହର
କାଲି ଭୁଞ୍ଜିବ ଏଥି ନଗରୁ ତାକୁ କୁହ ବାହାର
ଭୈରବ ସ୍ୱରୂପ ରହିବୁ ଯାଇଁ ବରାଣସୀରେ
ନହେଲେ ତୋହର ନିପାତ ହେବ ଏହି ନଗରେ ।

× + +

ଶୁଣି ବାଣାସୁର ନିଜ କୁଟୁମ୍ବ ଧରି
ଚଳିଲ ପଶିଲ ଯାଇଁ ବାଣାସୁର ପୁର
ଭୈରବ ସ୍ୱରୂପେ ଆଜ ଯାଏ ଅଛି ରହି
ଭକ୍ତ ଯେବେ ପାଶେ ରଖିଛନ୍ତି ଉମା ସାଇଁ ।

ପରଦିନ ସକାଳୁ କାଦମ୍ବ କୁମାର ପ୍ରତାପ ଦେବ ଭୂୟାଁ ରାଜାଙ୍କ ସହାୟତାରେ ବରାଇ ନଗରେ ରାଜା ହୋଇ ଇନ୍ଦ୍ରଦେବ ନାମରେ ସେହିଦିନ ଠାରୁ କାଦମ୍ବ ବଂଶ ସ୍ଥାପନ କଲେ । କାଦମ୍ବ ବଂଶରେ ମଧ୍ୟ ମୟୂର ପକ୍ଷୀର ପ୍ରାଧାନ୍ୟ ଥିବା ଜନଶ୍ରୁତିରୁ ମନେହୁଏ ଯେ ମୌର୍ଯ୍ୟ; ଭଞ୍ଜ, ବରାହ ଓ କାଦମ୍ବ ମାନଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥିଲା । ଏଣୁ ଖିଚିଙ୍ଗ ମଣ୍ଡଳରେ ଭଞ୍ଜ ବଂଶ ଓ ବଣେଇ ମଣ୍ଡଳର ବରାହ ଓ କାଦମ୍ବ ରାଜବଂଶୀୟ ମାନେ ମୟୂର ପକ୍ଷୀକୁ ରାଜକୀୟ ସମ୍ମାନ ଦେଇ ଆସିଛନ୍ତି ।

Digitized by srujanika@gmail.com

କେବଳ ମେଣକ ନୁହେଁ ବାହ୍ମଣୀ ନଦୀ ଅବବାହିକାରେ ଦୁଇ ଗୋଟି ସାମ୍ରାଜ୍ୟ ସ୍ଥାପିତ ହୋଇ ଉଭୟ ରାଜବଂଶ "ଭବ ଭବ.ମାଣଃ ଥିଲେ ।

"ପୁରାଣ ମାନଙ୍କର ପ୍ରତିଷ୍ଠା ବଢିବା ସଙ୍ଗେ ସଙ୍ଗେ ଖ୍ରୀଷ୍ଟ ଏକାଦଶ ଶତାବ୍ଦୀର ପ୍ରାରମ୍ଭରେ ରାଜାମାନେ ନିଜର ବଂଶକୁ ସେହି ପୁରାଣ "ବର୍ଣ୍ଣିତ ବଂଶାବଳୀ ସହିତ ମିଶାଇବା ପାଇଁ ଓ ସେମାନଙ୍କ ସ୍ୱ ସ୍ୱ ବଂଶକୁ ସୂର୍ଯ୍ୟ, ଚନ୍ଦ୍ର, ବା ଅନ୍ୟ କୌଣସି ସ୍ୱର୍ଗୀୟ ଦେବତା ସହିତ ଯୋଗ କରିବା ପାଇଁ ବ୍ୟାକୁଳତା ପ୍ରକାଶ କରୁଥିଲେ । ଏଣୁ ଅନେକ ସ୍ଥଳରେ ବଂଶାବଳୀ ବାସ୍ତବତା ତ୍ୟାଗ କରି କଳ୍ପନାର ଆଶ୍ରୟ ନେଇଛି । ଏହିପରି ସ୍ଥଳେ ଅନ୍ୟାନ୍ୟ ରାଜବଂଶ ଗୁଡ଼ିକ ପରି ଭଞ୍ଜବଂଶର ଉତ୍ପତ୍ତି ଇତିହାସରେ କ୍ୟାବକ ଛନ୍ଦ ଅନୁସୃତ ହୋଇଥିବା ବିଚିତ୍ର ନୁହେଁ ।

କଦମ୍ବ ବଂଶର ଅଭ୍ୟୁଦୟ ବିଷୟରେ ଓଡ଼ିଶା ଇତିହାସରେ ଲେଖା ଅଛି ଯେ ମହୀଶୂରରୁ ଗଙ୍ଗବଂଶ ଯେତେବେଳେ ନିଜର ଭାଗ୍ୟ ଖୋଜି ଖୋଜି କଳିଙ୍ଗ ରାଜ୍ୟକୁ ଆସିଥିଲେ ସେତେବେଳେ ସେମାନଙ୍କ ସହିତ କଦମ୍ବ ବଂଶୀୟ ମାନେ ଆସିଥିଲେ । ମହୀଶୂରର ପୁନାଟ ଓ ଟଲ୍କଡ ବଂଶୀୟ ରାଜ୍ୟ ମଧ୍ୟରେ କଦମ୍ବ ମାନଙ୍କର ରାଜ୍ୟ ଥିଲା । କଳିଙ୍ଗରେ ଗଙ୍ଗ ବଂଶର ଅଭ୍ୟୁଦୟ ବେଳେ କଦମ୍ବ ମାନେ ଗଙ୍ଗ ବଂଶର ସାମନ୍ତ ରାଜା ଓ ଉଚ୍ଚପଦସ୍ଥ କର୍ମଚାରୀ ଥାଇ ନୂତନ ରାଜ୍ୟର ଆଧିପତ୍ୟକୁ ଉପଭୋଗ କରୁଥିଲେ । ଗଙ୍ଗ ଓ କଦମ୍ବମାନେ ବ୍ରାହ୍ମଣ ଥାଇ ଶହ ଶହ ବର୍ଷ ରାଜତ୍ୱ କଲାପରେ କ୍ଷତ୍ରିୟ ହୋଇଯାଇଥିଲେ । ପଞ୍ଚମ ଶତାବ୍ଦୀ ଠାରୁ ପଞ୍ଚଦଶ ଶତାବ୍ଦୀ ଯାଏଁ ଗଙ୍ଗ କଦମ୍ବମାନେ ଓଡ଼ିଶାର ରାଜା ଥାଇ ଓଡ଼ିଆ ଭାଷା ଓ ଓଡ଼ିଆ ଜାତି ଗଠନ କରିଥିଲେ ।

ଖିଜିଙ୍ଗ ମଣ୍ଡଳ

ଶାରଳା ମହାଭାରତର ଘଟଣାରୁ ଜଣାଯାଏ ଯେ ଆଜକୁ ପ୍ରାୟ ୫୦୦୦ ବର୍ଷ ପୂର୍ବେ ଦ୍ୱାପର ଯୁଗରେ ଆଧୁନିକ ମୟୂରଭଞ୍ଜ ଓ କେନ୍ଦୁଝର ରାଜ୍ୟ ଦ୍ୱୟ ମଦ ଓ ମତ୍ସ୍ୟ ଦେଶ ନାମରେ ପରିଚିତ ଥାଇ ପାଣ୍ଡବ ମାନଙ୍କର ମିତ୍ର ରାଜ୍ୟ ଥିଲା । ସେହି ସମୟରେ ମଦ ଦେଶରେ ବିରାଟ ବଂଶ ଓ ମତ୍ସ୍ୟ ଦେଶରେ ଗୁହ୍ୟକ ବା ଶବର ମାନେ ରାଜତ୍ୱ କରୁଥିଲେ । ମହାଭାରତ ଯୁଦ୍ଧର ଅବ୍ୟବହିତ ପରେ ମତ୍ସ୍ୟ ଦେଶର ଗୁହକ ରାଜା ମଦ ଦେଶ ଜୟ କରି ବିରାଟ ସାମ୍ରାଜ୍ୟକୁ ପଦାନତ କରିଥିଲେ । ତାହାର କିଛି କାଳ ପରେ ରାଜା ବିରାଟ ତାଙ୍କର ଶତ କୀଚକ ଶାଳକ ମାନଙ୍କ ସହାୟତାରେ ପୁନର୍ବାର ନିଜ ରାଜ୍ୟ ଲାଭ କରିବା ସଙ୍ଗେ ସଙ୍ଗେ ମତ୍ସ୍ୟଦେଶକୁ ମଧ୍ୟ ଜୟ କରିଥିଲେ । ସେତେବେଳେ ଏହି ଅଞ୍ଚଳ ଅବ୍ଦାଚଳ ନାମରେ କଥିତ ହେଉଥିବା ମନେ ହୁଏ ।

ଖିଜିଙ୍ଗ ଠାରେ ଅବସ୍ଥିତ ଦେବୀ କୀଚକେଶ୍ୱରୀ ଶତକୀଚକଙ୍କର ଇଷ୍ଟଦେବୀ ଥିଲେ । ପରବର୍ତ୍ତୀ ସମୟରେ କୁରୁକ୍ଷେତ୍ର ଯୁଦ୍ଧରେ ବିରାଟ ବଂଶରି ପତନ ହୋଇ

Digitized by srujanika@gmail.com

ଏହି ଅଞ୍ଚଳ ଖିଚକେଶ୍ୱରୀଙ୍କ ନାମାନୁସାରେ ଖିଚଙ୍ଗ ମଣ୍ଡଳ ବା ଖିଜଙ୍ଗ ମଣ୍ଡଳ ନାମରେ କଥିତ ହେଲା । ଏହାର ରାଜଧାନୀ ଥିଲା ଖିଚଙ୍ଗ ନଗର । ଏହି ଖିଚଙ୍ଗ ଗ୍ରାମ କରଞ୍ଜିଆ ଠାରୁ ୨୫ ମାଇଲ ଦୂରରେ ପଶ୍ଚିମରେ ପୁଣ୍ୟତୋୟା ବୈତରଣୀ ନଦୀ ଉପକୂଳରେ ଅବସ୍ଥିତ । ପ୍ରାଚୀନ କୀର୍ତ୍ତି ମାଳମା ଖିଚଙ୍ଗ ଗ୍ରାମରେ ଖିଚକେଶ୍ୱରୀଙ୍କ ବିଶାଳ ମନ୍ଦିର ଓ ବିଗ୍ରହ ବିଦ୍ୟମାନ କରଅଛି । ଏହା ଖିଜଙ୍ଗ ମଣ୍ଡଳର ରାଜଧାନୀ ଥିଲା । ଐତିହାସିକ ମାନଙ୍କ ମତରେ ଖିଚଙ୍ଗକୋଟ ଭଞ୍ଜରାଜା ଏକୋଟ ଭଞ୍ଜଙ୍କର ରାଜଧାନୀ ଥିଲା ।

ଖିଜିଙ୍ଗ ମଣ୍ଡଳ

ଓଡିଶାରେ ଭଞ୍ଜ ରାଜବଂଶର ଉତ୍ପତ୍ତି ଅନୁସନ୍ଧାନରୁ ଜଣାଯାଏ ଯେ ଖିଜଙ୍ଗ ମଣ୍ଡଳ ହେଉଛି ବାସ୍ତବରେ ଭଞ୍ଜରାଜା ମାନଙ୍କର ସର୍ବାଦ୍ୟ ବାସଭୂମି । ଏହାର ଅପର ନାମ ଭଞ୍ଜଭୂମି ଅଟେ । ଏହି ଖିଜଙ୍ଗ ମଣ୍ଡଳର ଭଞ୍ଜରାଜ ବଂଶର ଗୋଟିଏ ଶାଖା ଉତ୍ତରରୁ କ୍ରମଶଃ ଦକ୍ଷିଣ ପଶ୍ଚିମ ମାନ ପ୍ରଦେଶରେ ରାଜ୍ୟ ଶାସନ କରି ପ୍ରାୟ ୮୨୦ ଖ୍ରୀଷ୍ଟାବ୍ଦରେ ଦକ୍ଷିଣ ଓଡିଶାରେ ଖିଞ୍ଜିଳି ମଣ୍ଡଳ ନାମକ ସୁଦୃଢ ଭଞ୍ଜ ସାମ୍ରାଜ୍ୟ ଗଠନ କରିଥିଲେ । ଏହି ଖିଞ୍ଜିଳି ମଣ୍ଡଳ ବୌଦ ଘୁମୁସରକୁ ନେଇ ଗଠିତ ହୋଇ-ଥିଲା ବୋଲି ମନେହୁଏ ।

ଐତିହାସିକ ବିବରଣୀରେ କୁହାଯାଇଛି ଯେ ସୋମବଂଶର ରାଜା ଜଯାତି ଧୃତିପୁର ବା ଆଧୁନିକ ସୋନପୁର-ବୌଦ ଅଞ୍ଚଳରୁ ଭଞ୍ଜରାଜା ମାନଙ୍କୁ ତଡ଼ି ଦେବାରୁ ସେମାନେ ଗଞ୍ଜାମ ଜିଲ୍ଲାରେ ଘୁମୁସର ଠାରେ ରାଜ୍ୟ ପ୍ରତିଷ୍ଠା କରି ରାଜ୍ୟର ନାମ ଖିଞ୍ଜିଳି ମଣ୍ଡଳ ରଖିଥିଲେ । ତାହାର ରାଜଧାନୀ ଥିଲା କୁଳଡ ।

ବୌଦରୁ ପ୍ରାପ୍ତ ନେଟ ଭଞ୍ଜଙ୍କର ତାମ୍ର ଶାସନରୁ ଜଣାଯାଏ ଯେ ସେ ଅଙ୍ଗୁଲ ପଠନ ବା ଅନୁଗୁଳରୁ ତାହା ପ୍ରଦାନ କରିଥିଲେ । ଏଥିରୁ ଅନୁମିତ ହୁଏ ଯେ ଖିଜଙ୍ଗ ମଣ୍ଡଳର ଭଞ୍ଜବଂଶର ଗୋଟିଏ ଶାଖା ଅଙ୍ଗୁଲ ପଠନକୁ ପଳାଇଯାଇ ସେଠାରେ ରାଜ୍ୟ ବିସ୍ତାର କରିଥିଲେ । ମାତ୍ର ଶିବକର୍ତ୍ତୀ ସମୟରେ ସେମାନେ ସୁଲ୍କି ବଂଶ ଦ୍ୱାରା ସେଠାରୁ ବିତାଡ଼ିତ ହୋଇ ଧୃତିପୁର ବା ସୋନପୁର-ବୌଦ ମଣ୍ଡଳକୁ ପଳାଇ ଯାଇଥିଲେ । ପୁନଶ୍ଚ ସୋମବଂଶ ଶାସନ କାଳରେ ଏହି ଭଞ୍ଜ ରାଜାମାନେ ସେଠାରୁ ତଡାଖାଇ ଘୁମୁସର ଠାରେ ରାଜା ଇଦ୍ଦୁଭଞ୍ଜ ୮୨୦ ଖ୍ରୀଷ୍ଟାବ୍ଦରେ ଖିଞ୍ଜିଳି ମଣ୍ଡଳ ନାମରେ ନୂତନ ଭଞ୍ଜ ରାଜ୍ୟ ଗଠନ କରି ତାହାର ରାଜଧାନୀ କୁଳଡ ରଖିଥିଲେ । କିନ୍ତୁ ରାଜା ନେଟ ଭଞ୍ଜଙ୍କ ପ୍ରଦତ୍ତ ତାମ୍ର ଶାସନରୁ ଜଣାଯାଏ ସେ ଦ୍ରୁମ ରାଜବଂଶର ୯୯ ପୁରୁଷରେ ଜନ୍ମ ହୋଇଥିଲେ । ଯେ ଦ୍ରୁମ ବଂଶୀୟ ଥାଇ ଭଞ୍ଜ ଉପାଧି ଧାରଣ କରିଥିଲେ ।

କେନ୍ଦୁଝରର ଅସନପାଟ ଶିଳାଲେଖରେ ପ୍ରଖ୍ୟାତ ଭଞ୍ଜ ରାଜା ଶତ୍ରୁଭଞ୍ଜ ଦ୍ୱିତୀୟ ଖ୍ରୀଷ୍ଟାବ୍ଦର ସମଗ୍ର ପୂର୍ବ ଭାରତରେ ନିଜର ରାଜ୍ୟ ବିସ୍ତାର କରିବା ସଙ୍ଗେ

Digitized by srujanika@gmail.com

ସଙ୍ଗେ ଉତ୍ତର ଭାରତରେ ମଧ୍ୟ ପ୍ରଭାବ ବିସ୍ତାର କରିଥିଲେ । ସେ ବହୁ୍ୟାଟବୀ ରାଜ୍ୟ ବା ଗଣରାଷ୍ଟ୍ରକୁ ନିଜର ଅଧୀନରେ ରଖିସେ ନାଗବଂଶୀୟ ଥିବାର ପ୍ରମାଣ ମିଳେ । ଚତୁର୍ଥ ଖ୍ରୀଷ୍ଟାବ୍ଦରେ ଏହି ନାଗବଂଶ ଓ ଗଣରାଷ୍ଟ୍ର ମଗଧର ଗୁପ୍ତ ଶାସନ କାଳରେ ସମୁଦ୍ରଗୁପ୍ତଙ୍କ ଦ୍ୱାରା ବିନଷ୍ଟ ହୋଇ ଯାଇଥିଲା ।

ସେହିପରି ପଞ୍ଚମ ଶତାବ୍ଦୀରେ ରଚିତ ସୀତାବିଞ୍ଜି ଶୈଳଚିତ୍ରାଙ୍କନ ଓ ଶିଳା-ଲେଖରୁ ଖିଜିଂଗ ମଣ୍ଡଳର ଭଂଜ ବଂଶର ପ୍ରାଚୀନତା ସମ୍ବନ୍ଧରେ ସମ୍ୟକ ଧାରଣା କରାଯାଇ ପାରେ ।

ଐତିହାସିକ ରାଖାଲ ଦାସ ବାନାର୍ଜୀ ଖିଜିଂଗ ମଣ୍ଡଳ ମହାନଦୀ କୂଳରେ ଅବସ୍ଥିତ ଥିଲା ବୋଲି ବର୍ଣ୍ଣନା କରିଛନ୍ତି । ଏହି ମତାନୁଯାୟୀ ମହାନଦୀ କୂଳରେ ଅବସ୍ଥିତ ବଉଦ ଓ ଦଶପଲ୍ଲା ରାଜ୍ୟ ଖିଂଜଳି ମଣ୍ଡଳର ଅନ୍ତର୍ଗତ ଥିବା ଜଣାଯାଏ ।

ଭଂଜଭୂମିର ପୂର୍ବରେ ବୈତରଣୀ ନଦୀର ପାଦ ଦେଶରେ କର୍ଣ୍ଣିକା ବା କନକାର ରାଜବଂଶ ନିଜକୁ ଭଞ୍ଜ ବଂଶ ବୋଲି ଦାବି କରନ୍ତି । କନକାର ଭଂଜ ରାଜବଂଶର ବଂଶ ନାମାରୁ ଜଣାଯାଏ ଯେ ସପ୍ତଦଶ ଶତାବ୍ଦୀରେ ଛତ୍ରଭଦ୍ର ନାମକ ଜନୈକ ସେନାପତିଙ୍କ ସାହାଯ୍ୟରେ ମୟୂରଭଞ୍ଜର ରାଜକୁମାର ଭୁଜବଳ ଭଞ୍ଜ ପଳାଇ ଯାଇ ସେଠାରେ ଭଂଜ ରାଜ୍ୟ ଗଠନ କରିଥିଲେ । ଏହା ପୂର୍ବରୁ ସେଠାରେ କୈବର୍ତ୍ତ ଜାତିର ଦାସ ରାଜା ରାଜ୍ୟ ଶାସନ କରୁଥିଲେ । ସମ୍ରାଟ ଖାରବେଳଙ୍କ ଶାସନ କାଳରୁ କନକା କଳିଂଗର ପ୍ରଧାନ ନୌବାଣିଜ୍ୟ କେନ୍ଦ୍ର ଥାଇ ସୌଦାଗର ମାନଙ୍କ ଦ୍ୱାରା ଅଧ୍ୟୁଷିତ ଥିଲା ।

ରାଜା ଭୁଜବଳଙ୍କ ଠାରୁ ରାଜା ବଳଭଦ୍ର ଭଞ୍ଜଙ୍କ ଯାଏଁ କନକାର ସର୍ବ-ମୋଟ ୨୮ ଜଣ ଭଂଜ ରାଜା ରାଜ୍ୟ ଶାସନ କରିଥିଲେ । ଏଥିରୁ ଜଣାଯାଏ ଯେ ବୈତରଣୀ ନଦୀର ଆପାଦ ମସ୍ତକ ସମଗ୍ର ଅଞ୍ଚଳ ଭଂଜ ରାଜ୍ୟ ବା ଭଞ୍ଜଭୂମି ନାମରେ ଖ୍ୟାତ ଥିଲା । ବୈତରଣୀ, ବଲାଂଗୀ, ଶାଳନ୍ଦୀ, ସୁବର୍ଣ୍ଣରେଖା ପ୍ରଭୃତି ନଦୀ ଗୁଡ଼ିକ ହେଉଛନ୍ତି ଏହି ଭଂଜଭୂମିର ପ୍ରାଣ ସଞ୍ଚାରକ ।

ଭଂଜ ବଂଶୋତ୍ପତ୍ତି ସମ୍ବନ୍ଧରେ ଲେଖାଅଛି ଯେ ଏହି ବଂଶର ଆଦ୍ୟ ନରପତି "ଗଣ୍ଡଦଣ୍ଡ ବୀରଭଦ୍ର ଆଦି ଭଂଜ" ଥିଲେ । ତାହାଙ୍କର ଶାସନ କାଳ ନିର୍ଦ୍ଦିଷ୍ଟ ରୂପେ ଜଣାଯାଇନଥିଲେ ମଧ୍ୟ ଐତିହାସିକମାନେ ଏହା ନବମ ଶତାବ୍ଦୀରେ ହୋଇଥିବା ମନେ କରନ୍ତି । ସେମାନଙ୍କ ମତରେ ଗୁଡ଼ିଏ ଶାଖାରେ ବିଭକ୍ତ ହୋଇ ଭଂଜ ରାଜାମାନେ ଓଡ଼ିଶାର କେନ୍ଦୁଝର, ମୟୂରଭଂଜ, ଅନୁଗୁଳ, ବୌଦ-ସୋନପୁର, ଘୁମୁସର, ଦଶପଲ୍ଲା ଓ କନକା ପ୍ରଭୃତି ଦେଶୀୟ ରାଜ୍ୟ ଗୁଡ଼ିକରେ ରାଜତ୍ୱ କରୁଥିଲେ । ମୂଳ ଭଂଜ ରାଜବଂଶ ପ୍ରଥମେ ମୟୂରଭଂଜ-କେନ୍ଦୁଝର ବା ଆଦିପୁର ରାଜ୍ୟରେ ବସବାସ କରି ସେମାନଙ୍କର ରାଜ୍ୟ ଶାସନ ଗୁଡ଼ିକ ବାମନଘାଟି

Digitized by srujanika@gmail.com

ଦେଉଳୀ, ଖଣ୍ଡ, ଉଖୁଣ୍ଡା, କେଶରୀ ଓ ଆଦିପୁର ଠାରୁ ପ୍ରଦାନ କରିଥିଲେ । ଏହି ସବୁ ତାମ୍ର ଶାସନ ଗଠନରୁ ଜଣାଯାଏଯେ ଭଞ୍ଜବଂଶର ଆଦି ନରପତି "ଗଣଦଣ୍ଡ ଆଦିଭଞ୍ଜ ମୟୂର ଅଣ୍ଡାରୁ ଜାତ ହୋଇ ବଶିଷ୍ଠ ଋଷିଙ୍କ ଆଶ୍ରମରେ ପାଳିତ ହୋଇଥିଲେ ।

"ଆସୀତ୍ ମୟୂରାଣ୍ଡଂ ଭିତ୍ୱା ଗଣଦଣ୍ଡ ବୀରଭଦ୍ରାଖ୍ୟ ପ୍ରଜାପତି ନୃପଦ ଦକ୍ଷୋ ବଶିଷ୍ଠ ମୁନି ପାଳିତ ନୃପତିଃ ।"

ଆଦି ଭଞ୍ଜଙ୍କ ରାଜ୍ୟର ନାମ ଆଦିପୁର ଥିଲା । ଏହି ଆଦିପୁର ବୈତରଣୀ ଓ ଭଇରବତ୍ତୁଣ୍ଡି ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ । ବର୍ତ୍ତମାନ ଏହା ଚମ୍ପୁଆଁ ଥାନାର ଅନ୍ତର୍ଗତ ଅଟେ । ରାଜା ଆଦି ଭଞ୍ଜ "ଭବଭକ୍ତାଗଣଃ" ଥିବାର ନିଦର୍ଶନ ସ୍ୱରୂପ ସେଠାରେ ଏକାଦଶ ରୁଦ୍ର ନାମରେ ୧୧ ଗୋଟି ଶିବ ମନ୍ଦିର ରହିଅଛି । ଏହି ଆଦି ଭଞ୍ଜଙ୍କ ରାଜ୍ୟ ଉତ୍ତରରେ ଗଙ୍ଗା ଠାରୁ ଦକ୍ଷିଣରେ ମହେନ୍ଦ୍ର ପର୍ବତ ପର୍ଯ୍ୟନ୍ତ ବ୍ୟାପୃତ ଥାଇ ସମଗ୍ର ଉତ୍ତର ପୂର୍ବ ଭାରତରେ ଏକ ବିଶାଳ ଗଣରାଷ୍ଟ୍ର ଗଠିତ ହୋଇଥିଲା । ମାତ୍ର ତାହାଙ୍କର ନିର୍ଦ୍ଦିଷ୍ଟ ଶାସନକାଳ ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇପାରି ନାହିଁ ।

ଗଣ ଦଣ୍ଡପତି

ଗଣ ଦଣ୍ଡପତି ଶବ୍ଦର ଅର୍ଥ ହେଉଛି ଗଣତନ୍ତ୍ର ରକ୍ଷାକର୍ତ୍ତା । ଭଞ୍ଜ ରାଜବଂଶରେ ପ୍ରତିଷ୍ଠାତା ରାଜା ବୀରଭଦ୍ର ଆଦି ଭଞ୍ଜ ଗଣ ଦଣ୍ଡପତି ଥିବାରୁ ଭଂଜ ରାଜବଂଶ ପ୍ରତିଷ୍ଠା ମୂଳରେ ଯେ ଗଣତନ୍ତ୍ର ଚେତନା ନିହିତ ଥିଲା ଏହା ବେଶ ବୁଝାଯାଏ । ଏଥିରୁ ଅନୁମିତ ହୁଏଯେ ରାଜ୍ୟର ସାଧାରଣ ପ୍ରଜା ମିଳିତ ଭାବରେ ଜଣେ ବଳପୃରୁଷ ସମ୍ପନ୍ନ ସୁଦକ୍ଷ ବ୍ୟକ୍ତିଙ୍କୁ ସମାଜର ରକ୍ଷଣା ବେକ୍ଷଣ ନିମନ୍ତେ ନିଯୁକ୍ତ କରୁଥିଲେ । ତତ୍ପରେ ସେହି ମନୋନୀତ ବ୍ୟକ୍ତି ଯଣଙ୍କ ନିଜର କ୍ଷମତା କ୍ରମଶଃ ବିସ୍ତାର କରି ଶେଷରେ ରାଜା ବା ମହାରାଜା ଉପାଧିରେ ଭୂଷିତ ହେଉଥିଲେ । ପୃଥିବୀର ମାନବ ଜାତିର ଇତିହାସରେ ରାଜାର ସୃଷ୍ଟି ଏହିପରି ଗଣ ଚେତନାରୁ ସୃଷ୍ଟି ହୋଇଥିବା ମନେହୁଏ ।

ଭଂଜଭୂମିର ଆଦିମ ଅଧିବାସୀ ଭୂୟାଁ ମାନଙ୍କର ରାଜନୈତିକ ଚେତନାରୁ ଭଂଜ ରାଜବଂଶର ଶାସନତନ୍ତ୍ର ସ୍ଥାପିତ ହୋଇଥିବା ଜଣାଯାଏ । କାରଣ ପ୍ରାଚୀନ କାଳରୁ ରାଜ୍ୟ ଗଠନର ମୂଳଭିତ୍ତି ବିବାହ ଓ ବ୍ୟକ୍ତିଗତ ସମ୍ପତ୍ତି ନାମକ ଦୁଇ-ଗୋଟି ପ୍ରତିଷ୍ଠାନ ଉପରେ କେନ୍ଦ୍ରଭୂତ ହୋଇ ଆସିଛି ।

ରାଜଶକ୍ତିର ଉତ୍ପତ୍ତି ଏହି ଦୁଇଗୋଟି ମୌଳିକ ପ୍ରତିଷ୍ଠାନ ପାଇଁ ସୃଷ୍ଟି ହୋଇଥାଏ । ତେଣୁ ରାଜଶକ୍ତି ଓ ସମାଜ ମାନବ ସହିତ ଯୁଗପତ୍ ଅବସ୍ଥିତ । ସମାଜକୁ ରକ୍ଷା କରିବାକୁ ହେଲେ ଏବଂ ସାମାଜିକ ବୃଦ୍ଧି ସମୃଦ୍ଧ କାର୍ଯ୍ୟରେ ପରିଣତ ହେଲେ ଗୋଟିଏ ରାଜଶକ୍ତିର ଆବଶ୍ୟକ ପଡ଼େ । ପ୍ରଜାଙ୍କୁ ପାଳନ କରିବା ରାଜଶକ୍ତିର

Digitized by srujanika@gmail.com

ଆବଶ୍ୟକ ପଡ଼େ । ପ୍ରଜାଙ୍କୁ ପାଳନ କରିବା ରାଜଶକ୍ତିର ଧର୍ମ ଅଟେ । ତେଣୁ ପ୍ରାଚୀନ ମାନବ ସମାଜରେ ଲୋକେ ସମାଜର ତଥା ବ୍ୟକ୍ତିର ସୁରକ୍ଷା ନିମନ୍ତେ ଜଣେ ବୟସ୍କ । ଗୁଣ ସମ୍ପନ୍ନ ବଳବାନ ବ୍ୟକ୍ତିଙ୍କୁ ସେମାନଙ୍କର ରାଜା ରୂପେ ମାନୁଥିଲେ । ଏହି ବ୍ୟବସ୍ଥା ବସ୍ତୁତଃ ଗୋଟିଏ ଜାତି, ଗୋଷ୍ଠୀ ବା ପରିବାରକୁ ନେଇ ଗଠିତ ହୋଇ-ଥିଲା । ପ୍ରଜାଗଣଙ୍କର ସିମ୍ନ ସମ୍ମତିରେ ଯେଉଁ ବ୍ୟକ୍ତିଙ୍କର ପ୍ରାଧାନ୍ୟ ପ୍ରତିଷ୍ଠା କରାଯାଉଥିଲା ତାହାଙ୍କୁ ଗୋଷ୍ଠୀର ମଙ୍ଗଳ ଉଦ୍ଦେଶ୍ୟରେ ପ୍ରୟୋଗ କରିବା ପାଇଁ ସେହି ଜାତି ବା ଗୋଷ୍ଠୀର କେତେକ ମୁଖ୍ୟ ବ୍ୟକ୍ତିଙ୍କୁ ନେଇ ଗୋଟିଏ ପରାମର୍ଶଦାତା କମିଟି ବା ମନ୍ତ୍ରୀସଭା ରହୁଥିଲା । ଏହିପରି ଏକ ଗଣସଂସ୍ଥା ଦରବାରରେ ଗୋଷ୍ଠୀ ପରାମର୍ଶଦାତା ମାନେ ନିଜ ନିଜ ଜାତି ଗୋଷ୍ଠୀ, ବର୍ଣ୍ଣ, ଧର୍ମ, କର୍ମ ସାମାଜିକ ଆଗ୍ରହ ବ୍ୟବହାର ଓ ବ୍ୟକ୍ତିଗତ ସମ୍ପତ୍ତି ସୁରକ୍ଷା ବିଷୟରେ ଗଣ ଦଣ୍ଡପତିଙ୍କୁ ବିହିତ ପରାମର୍ଶ ଦେଉଥିଲେ । ଏହା ଦ୍ୱାରା ଗଣ ଦଣ୍ଡପତି ନିଜ ରାଜ୍ୟ ମଧ୍ୟରେ ବାସ କରୁଥିବା ବିଭିନ୍ନ ଜାତିର ପ୍ରଜାମାନଙ୍କ ସମ୍ବନ୍ଧରେ ସମ୍ପୂର୍ଣ୍ଣ ସଚେତନ ରହି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ ।

ଗଣ ଦଣ୍ଡପତିଙ୍କ ଶାସନ ଅଧୀନରେ ବାସ କରୁଥିବା ପ୍ରଜାଗଣ ସମାଜରେ ଏକତ୍ର ରହି ଶୃଙ୍ଖଳିତ ଜୀବନ ଯାପନ ପ୍ରଣାଳୀରେ ଚଳିବା କରିବା ପାଇଁ ଜଣେ ବ୍ରହ୍ମା ନିଯୁକ୍ତ ରହୁଥିଲେ । ଏହି ବ୍ରହ୍ମା ବଂଶର ଗୋଷ୍ଠୀୟ ବ୍ରାହ୍ମଣ ଥିଲେ । ସେ ରାଜାଙ୍କର ଧର୍ମ ପ୍ରତିନିଧି ରୂପେ ଦଣ୍ଡଦଣ୍ଡ ବିଧି ଅନୁଯାୟୀ ସାମାଜିକ ନୀତି ନିୟମ ଗୁଡ଼ିକ ତଦାରଖ କରୁଥିଲେ ।

ଅପର ପକ୍ଷରେ ଗଣଦଣ୍ଡପତି ଫୌଜଦାରୀ ମାମଲା ଗୁଡ଼ିକ ବାଦୀ ପ୍ରତିବାଦୀଙ୍କ ଯବାବ ସୁଆଲ ଶୁଣିବା ପରେ ରାଜା ନିଜ ତୁଣ୍ଡରେ ଯେଉଁ ବିଚାର ଦେଉଥିଲେ ତାହା "ତୁଣ୍ଡଦଣ୍ଡ" ନାମରେ ଖ୍ୟାତ ଥିଲା । ଏହି ତୁଣ୍ଡଦଣ୍ଡ ପାଇ ପ୍ରଜାମାନେ ସନ୍ତୋଷ ରହୁଥିଲେ । ସେତେବେଳେ ପ୍ରଚଳିତ ଗଣଦଣ୍ଡପତି ଶାସନ ବ୍ୟବସ୍ଥାନୁଯାୟୀ ରାଜା ପ୍ରଜା ଓ ରାଜପ୍ରତିନିଧି ମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ରହୁଥିଲା । ଏହି ରାଜ-ପ୍ରତିନିଧି ମାନେ ରାଜାଜ୍ଞାକୁ ମାନିନେଇ ସମାଜରେ କାର୍ଯ୍ୟକାରୀ କରାଉଥିଲେ ଏବଂ ଲୋକ ସମାଜର ଆପତ୍ତି ଅଭିଯୋଗ ଗୁଡ଼ିକୁ ରାଜ ଦରବାରରେ ଉପସ୍ଥାପନ କରି ସମାଧାନ କରାଇ ଦେଉଥିଲେ । ଏମାନେ ସମାଜରେ ଦୁଇଧାର ତରବାରୀ ରୂପେ ବ୍ୟବହୃତ ହେଉଥିଲେହେଁ ଆଜିକାଲିର ଲୋକପ୍ରତିନିଧିଙ୍କ ପରି ପ୍ରକାଶ ଛିଣ୍ଡି କାଟି ନଥିଲେ । ଏମାନଙ୍କ ଏହି ରାଜପ୍ରତିନିଧି ମାନେ ପୁରୁଷାନୁକ୍ରମିକ ରାଜ କାର୍ଯ୍ୟ ସମ୍ପାଦନାରେ ନିଯୁକ୍ତ ରହିଥିବାରୁ ଏବଂ ପ୍ରତ୍ୟେକ ଗୋଟିଏ ଗୋଟିଏ ଜାତି ବା ଗୋଷ୍ଠୀର ସରଦାର ଥିବାରୁ ରାଜାଙ୍କ ଆଦେଶକୁ ସହଜରେ ଲୋକଙ୍କ ପାଖରେ ପହଞ୍ଚାଇ ଦେଉଥିଲେ । ତାହା ଦ୍ୱାରା ରାଜା ପ୍ରଜାଙ୍କ ମଧ୍ୟରେ ସୁସମ୍ପର୍କ ରହୁଥିଲା ।

Digitized by srujanika@gmail.com

ପ୍ରାଚୀନ ସମାଜରେ ଜାତି, ଧର୍ମ, ବର୍ଣ୍ଣ ଚ୍ୟୁତ, ସ୍ନାନ, ଶୌଚ, ଶୁଦ୍ଧି-ଅଶୁଦ୍ଧ, ବିବାହ-ଗ୍ରହ, ସ୍ପୃଶ୍ୟ-ଅସ୍ପୃଶ୍ୟ ପ୍ରଭୃତି ନିୟମଗୁଡିକ ଗ୍ରାମାଧିପତିଙ୍କ ଦ୍ୱାରା ସୁରକ୍ଷିତ ହେଉଥିଲା । ସେ ତାଙ୍କର ବେତନ ସ୍ୱରୂପ ଗୋଟିଏ ହଳର ଚାଷ ପରିମାଣ ଜମି ନିଷ୍କର ଭୋଗ କରୁଥିଲେ ଓ ମାଗଣାରେ ଜଙ୍ଗଲଜାତ ଦ୍ରବ୍ୟ ବ୍ୟବହାର କରୁଥିଲେ । ସେ ସମୟରେ କର ବୋଲି କିଛି ନଥିଲା । ପଶୁ ଓ ସ୍ୱର୍ଣ୍ଣ ମୂଲ୍ୟର ଷଷ୍ଠ, ଅଷ୍ଟମ ବା ଦ୍ୱାଦଶ ଭାଗ କର ସ୍ୱରୂପ ଗ୍ରହଣ କରାଯାଉଥିଲା । କାରିଗର ଶିଳ୍ପୀ ମାନଙ୍କ ପ୍ରତି ମାସରେ ଏକ ଦିନର କାର୍ଯ୍ୟ କର ସ୍ୱରୂପ ଗ୍ରହଣ କରାଯାଉଥିଲା । ଅର୍ଥ ପରିବର୍ତ୍ତେ ଶସ୍ୟ, ପଶୁ, ସ୍ୱର୍ଣ୍ଣ ଓ ଶ୍ରମକୁ କର ସ୍ୱରୂପ ଗ୍ରହଣ କରାଯାଉଥିଲା ।

ଶାସନ କାର୍ଯ୍ୟ

ଶାସ୍ତ୍ରଜ୍ଞ ବ୍ରାହ୍ମଣ ଓ ମନ୍ତ୍ରଣା କୁଶଳୀ ମନ୍ତ୍ରୀ ମାନେ ରାଜାଙ୍କର ବିଚାର ସଭାରେ ବସୁଥିଲେ । ବ୍ରାହ୍ମଣ ମାନେ ଅଭିଯୋକ୍ତାଙ୍କର ଓ ମନ୍ତ୍ରୀମାନେ ଜୁରିର କାର୍ଯ୍ୟ କରୁଥିଲେ । ରାଜା ସ୍ୱୟଂ ଦରବାରରେ ବସି ବିଚାର କରୁଥିଲେ । ମାତ୍ର ରାଜ୍ୟର ସବୁ ସ୍ଥାନରେ ରାଜାଙ୍କର ଉପସ୍ଥିତି ଅସମ୍ଭବ ହେଉଥିବାରୁ ସୁବିଜ୍ଞ ବ୍ରାହ୍ମଣମାନେ ବିଚାର କାର୍ଯ୍ୟରେ ନିଯୁକ୍ତ ରହୁଥିଲେ । ରାଜ ଦରବାରରେ ଅପରାଧୀର ଦଣ୍ଡାଦେଶ ହେଉଥିଲା ଏବଂ ପୁରୋହିତ ସଭାରେ ଅପରାଧୀର ପ୍ରାୟଶ୍ଚିତ୍ତ ହେଉଥିଲା । ମିଥ୍ୟା ସାକ୍ଷ୍ୟ ପାଇଁ କଠିନ ଦଣ୍ଡର ବ୍ୟବସ୍ଥା ଥିଲା ।

ବ୍ରାହ୍ମଣ ସଭାରେ କେବଳ ଫୌଜଦାରୀ ମୋକଦ୍ଦମାର ବିଚାର ହେଉଥିଲା ସମ୍ଭବତଃ ଦଣ୍ଡର କଠୋରତା ହ୍ରାସ ପାଇଁ ବ୍ରାହ୍ମଣ ବିଚାର ସଭାର ଉତ୍ପତ୍ତି ହୋଇଥିଲା । କୌଣସି ଅପରାଧୀ ଏହି ବ୍ରାହ୍ମଣ ସଭାରେ ଦୋଷ ସ୍ୱୀକାର କରି ରାଜାଙ୍କର କଠୋର ଦଣ୍ଡରୁ ନିଷ୍କୃତି ଲାଭ କରୁଥିଲା । ବାଦୀ ପ୍ରତିବାଦୀ ବା ସାକ୍ଷୀଙ୍କର କୌଣସି ଦରକାର ନଥିଲା । ବ୍ରାହ୍ମଣ ପୁରୋହିତ ଜାତି କୁଳଧର୍ମ, ଶ୍ରେଣୀଧର୍ମ ଓ ଜାନପଦ ଧର୍ମ ପ୍ରତି ସର୍ବଦା ଲକ୍ଷ୍ୟ ଦୃଷ୍ଟି ଦେଉଥିଲେ ।

ଗଣଦଣ୍ଡପତି ଶାସନ କାଳରେ ଅପରାଧ ଗୁରୁତର ବିଚାରଣ ପାଇଁ ଭର୍ତ୍ସନା, ବାକ୍‌ଦଣ୍ଡ, ଧିକ୍‌ଦଣ୍ଡ, ଧନଦଣ୍ଡ ଓ ବଧଦଣ୍ଡ (ବେତ୍ରାଘାତ, ବ୍ରହ୍ମଅଙ୍କନ ଅଙ୍ଗଚ୍ଛେଦନ ଓ ପ୍ରାଣନାଶ) ପ୍ରଧାନ ଥିଲା ।

ପ୍ରାଚୀନ ସମାଜରେ ବ୍ୟବସାୟ ଜାତି ଧର୍ମ ଉପରେ ପର୍ଯ୍ୟବସିତ ଥିଲା । ବ୍ରାହ୍ମଣ ମାନେ ବେଦ କର୍ମ କରିବା, କ୍ଷତ୍ରିୟ ମାନେ ରାଜ୍ୟ ରକ୍ଷା କରିବା, ବୈଶ୍ୟ ମାନେ ଶିଳ୍ପବାଣିଜ୍ୟ, ପଶୁପାଳନ ଓ କୃଷିକର୍ମ କରିବା ଏବଂ ଶୂଦ୍ରମାନେ ଏହି ତିନି ଜାତିର ସେବା କରିବା ବ୍ୟବସ୍ଥା ଥିଲା । ଏହି ଗଣତନ୍ତ୍ରୀରେ ଖିଞ୍ଜଭୂମି କେନ୍ଦୁଝରର ଆଦିମ ଅଧିବାସୀ ଭୂୟାଁ ମାନଙ୍କର ଗଣତାନ୍ତ୍ରିକ ଚେତନାରୁ ଭଞ୍ଜ ରାଜତନ୍ତ୍ର ସ୍ଥାପିତ ହୋଇଥିବା ଜଣାଯାଏ । ଏହି ତଥ୍ୟର ପ୍ରମାଣ ସ୍ୱରୂପ କେନ୍ଦୁଝରରେ ନୂତନ ରାଜା ଅଭିଷେକ ହେବା ପୂର୍ବରୁ ସେ ପଞ୍ଚପ୍ରଧାନ ଭୂୟାଁ ସରଦାରଙ୍କ ପିଠିରେ ବସି ଅଭିଷେକ

Digitized by srujanika@gmail.com

ହୋଇଥାନ୍ତି । ଏହି ବ୍ୟବସ୍ଥା ରଜା ଜ୍ୟୋତି ଭଞ୍ଜଙ୍କ ଠାରୁ ଆରମ୍ଭ ହୋଇ ଅଦ୍ୟାବଧି ରହିଅଛି । ପୃଥିବୀର ମାନବ ସମାଜରେ ଏହିପରି ବ୍ୟବସ୍ଥା ଅନ୍ୟତ୍ର କୁତ୍ରାପି ଅଛି କି ନା ସନ୍ଦେହ ? କେନ୍ଦୁଝରରେ ଭଞ୍ଜ ରାଜତନ୍ତ୍ର ପ୍ରତିଷ୍ଠା ଦିଗରେ ଭୂୟାଁ ମାନଙ୍କର ସବିଶେଷ ଅବଦାନ ଥିବା କଥା ଏଥିରୁ ପ୍ରମାଣିତ ହେଉଅଛି । ଜନଶ୍ରୁତି ଅଛି ଯେ ଭଞ୍ଜ ରାଜବଂଶର ପ୍ରତିଷ୍ଠାତା ଗଣଦଣ୍ଡପତି ବୀରଭଦ୍ର ଆଦି ଭଞ୍ଜଙ୍କର କନିଷ୍ଠ ଭ୍ରାତା ଜ୍ୟୋତି ଭଞ୍ଜଙ୍କୁ ଭୂୟାଁମାନେ ଚୋରାଇ ଆଣି କେନ୍ଦୁଝରରେ ରାଜା କରାଇଥିଲେ । ଏହି ଜ୍ୟୋତି ଭଞ୍ଜଙ୍କ ଠାରୁ କେନ୍ଦୁଝର ରାଜ୍ୟ ଗଠିତ ହୋଇଥିବା କଥା ଐତିହାସିକ କ୍ଷେତ୍ର ମୋହନ ମିଶ୍ର ଲେଖି ଅଛନ୍ତି । ଭଞ୍ଜ ମହୋଦୟମ୍ ନାଟକରେ ଲେଖାଅଛି :—

"ଆଦୌ ଶ୍ରୀକେନ୍ଦୁଝର୍ପର୍ଯ୍ୟାମିହ ନୃପତିରଭୂତ୍ ଜ୍ୟୋତିରାଦିତ୍ୟ ଭଞ୍ଜ"

କେନ୍ଦୁଝରର ନିଜସ୍ୱ ସାହିତ୍ୟ କୃତି ଅମ୍ବିକା ବିଳାସ କାବ୍ୟରେ ରାଜକବି ପ୍ରତାପ ବଳଭଦ୍ର ନାରାୟଣ ଭଞ୍ଜ କେନ୍ଦୁଝର ରାଜ୍ୟ ବର୍ଣ୍ଣନାରେ ଲେଖିଛନ୍ତି—

ଅର୍କ ବଂଶେ ଜାତ   କ୍ଷିତିଏ ବିଦିତ
ଭଞ୍ଜ ସଂଜ୍ଞା କ୍ଷିତି ଖ୍ୟାତ
ଅସି ବନ୍ଧୁ ବର   ଯେହୁ କେନ୍ଦୁଝର
ରାଜ୍ୟେ ହେଲେ ନରନାଥ
ଅନୁ ପୁରୁଷେ   ପୃଥ୍ୱୀକି ଭୋଗ କଲେ
ଯଥା ବିଧି ରାଜ ଗୁଣେ ।

କେନ୍ଦୁଝର ରାଜ୍ୟର ଭୌଗଳିକ ଅବସ୍ଥିତି ହେଉଛି :—

ଅମ୍ବୁନିଧି ତଟ ବଟ ନିକଟେ
ପ୍ରକଟ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ସ୍ଥାନେ ।
ଅଛି ଏହି ପୁଣ୍ୟ କ୍ଷେତ୍ର   ଉତ୍ତରେ ସୁଚିତ୍ର
ରାଜ୍ୟ ନାମ କେନ୍ଦୁଝର
ଅଦ୍ରି ଅରଣ୍ୟ ଆବୃତ   ଅତ୍ୟନ୍ତ ନିଶ୍ଚିନ୍ତ
ଶତ୍ରୁ ଅଲଙ୍ଘିତ ପୁଷ୍ଟ ।
ଅନୁକମ୍ପା ସତ୍ତ୍ୱ ବହି   ତ୍ରୈଲୋକ୍ୟ ଗୋସାଇଁ
ବଳଭଦ୍ର ପ୍ରଭୁ ସର୍ବ ଭଜେ
ଅବଜ, କର୍ପୂର; ସୁନ୍ଦର   ଆନନ୍ଦ କନ୍ଦର
ଅନନ୍ତ ଦେବାଧି ଦେବରାଜେ ।
ଅନ୍ତର୍ଯ୍ୟାମୀ ଅଭୀଷ୍ଟ   ଫଳ ଦାତା କଷ୍ଟ
ନାଶନ ମଳ ବସନ ବଳ
ଅନ୍ୟ ଆଶା କରି ଦୂର   ତାଙ୍କ ଶ୍ରୀ ପୟର
ବଳଭଦ୍ର ଭଞ୍ଜ କରେ ମୂଳ ।

Digitized by srujan ka@gmail.com

ଅଖିଳ ପ୍ରସିଦ୍ଧି   ବୈତରଣୀ ନଦୀ
ଯେଉଁ ସ୍ଥଳରୁ ଜାତ ତୁ
ଅନ୍ତକର ତଣ୍ଡକର   ଦଣ୍ଡ ଖଣ୍ଡ
ନାମ ଗୋନାସିକା ତୀର୍ଥ
+   +   +
ଅଘ ସଂଘଟନ ପ୍ରାଣୀ   ମାନଙ୍କ ନଶାଣୀ
ସ୍ୱର୍ଗ ଅପବର୍ଗ ମାନଙ୍କୁ ଯେ,
ଅମ୍ଭୁ ସ୍ନାନ ପାନ କରି   ସୁଖେ କେନ୍ଦୁଝରି
ନୃପ ବଳଭଦ୍ର ଭଞ୍ଜ ମଣ୍ଡନ ।"

ଏହି ହେଉଛି ମୋର ମାନସୀ "ଶ୍ରୀଭଞ୍ଜଭୂମି କେନ୍ଦୁଝର" । ଏହି ମନୋଜ୍ଞ ସ୍ୱଂ ନଗ୍ନ ଶ୍ରୀକେନ୍ଦୁଝର ରାଜ୍ୟ ଗଠନ ଓ ରାଜା ଜ୍ୟୋତି ଭଂଜଙ୍କ ଠାରୁ ଭଂଜ ରାଜବଂଶର ଶାସନ ତନ୍ତ୍ର ବିଷୟରେ ସମ୍ୟକ ଆଲୋଚନା କରିବା ପୂର୍ବରୁ ଓଡ଼ିଶାର ଭଂଜ ରାଜବଂଶର ତଥାକଥିତ ରାଜପୁତ ବଂଶଧରତ୍ୱ ବିଷୟରେ ଆଲୋକପାତ କରିବା ।

ଗୌରବ ମାନିନୀ ଓଡ଼ିଶାର ପ୍ରଖ୍ୟାତ ଭଂଜ ରାଜନ୍ୟବର୍ଗ ୧୯୧୦ ଖ୍ରୀଷ୍ଟାବ୍ଦରେ ଇଂରେଜ ସରକାରଙ୍କୁ ଦେଇଥିବା ନିଜ ବଂଶର କୃଷିନାମାରେ ନିଜକୁ ରାଜପୁତ ବଂଶଧର ବୋଲି ଉଲ୍ଲେଖ କରି ବିଭିନ୍ନ କାଳ୍ପନିକ ଗଳ୍ପର ଅବତାରଣା କରିବାକୁ ଭୁଲିଯାଇ ନାହାନ୍ତି । ଐତିହାସିକ ଘଟଣାବଳୀରେ ଏହି ସବୁ କଳ୍ପନା ନିତାନ୍ତ ଅସାର ଓ ଅସମର୍ଥନୀୟ ଅଟେ ।

ଐତିହାସିକ ରାଖାଲଦାସ ବାନାର୍ଜୀ ମହୋଦୟ ଓଡ଼ିଶାର ରାଜନ୍ୟ ବର୍ଗଙ୍କର ରାଜପୁତ ବଂଶଧରତ୍ୱର ସମାଲୋଚନା ନିମ୍ନମତେ କରିଅଛନ୍ତି ।

ଓଡ଼ିଆ ରାଜ ମାନେ ନିଜନିଜର ରାଜପୁତ ବଂଶଧରତ୍ୱ ବୋଲାଇବା ପାଇଁ ଏହି ଯେଉଁ ଐକାନ୍ତିକ ଇଚ୍ଛା ମୋ ମତରେ ତାହାର ଏକମାତ୍ର କାରଣ ଏହିଯେ, ସପ୍ତଦଶ ଶତାବ୍ଦୀରେ ମୋଗଲ ଶାସନ ଅଧୀନରେ ରାଜପୁତମାନେ ଅତି ବହୁଳ ସଂଖ୍ୟାରେ ଯୋଦ୍ଧା ଓ ପେଷାଦାର ସୈନିକ ରୂପେ ନିଜର ଗଣ ବିସ୍ତାର କରିଥିଲେ । ମାଳବର ରାଜପୁତମାନେ ଅହମଦାବାଦ ଓ ଗୋଲକୁଣ୍ଡାର ପରାକ୍ରାନ୍ତ ରାଜାମାନଙ୍କର ସେନାବାହିନୀରେ କାର୍ଯ୍ୟକରି ଜୀବିକାର୍ଜନ କରିବା ସଙ୍ଗେ ସଙ୍ଗେ ସାମରିକ ଖ୍ୟାତି ଅର୍ଜନ କରିଥିଲେ । ତେଣୁ ମୋଗଲ ସାମ୍ରାଜ୍ୟରେ ରାଜପୁତ ଜାତିର ବୀରତ୍ୱରେ ଆକୃଷ୍ଟ ହୋଇ ଦେଶୀୟ ରାଜାମାନେ ନିଜ ବଂଶ ସେହି ବୀର ରାଜପୁତ ବଂଶରୁ ଉତ୍ପତ୍ତି ହୋଇଅଛି ବୋଲି ପ୍ରମାଣ କରାଯାଇଅଛି । ଏପରିକି ରାଜପୁତ ଜବାନ ଦେହରେ ରଙ୍ଗ ମାଟି ବୋଳି ହୋଇ ଅସଭ୍ୟ ବେଶରେ ବୁଲୁଥିବା ବେଳେ ଭାରତୀୟ ରାଜନ୍ୟବର୍ଗଙ୍କ ମଧ୍ୟରୁ ଯେଉଁ ମାନଙ୍କ ଧମନୀରେ ଆର୍ଯ୍ୟଜାତିର ଶ୍ରେଷ୍ଠତମ ରକ୍ତ

Digitized by srujanika@gmail.com

ପ୍ରକାଶିତ ହେଉଥିଲା, ସେମାନଙ୍କର ଆଧୁନିକ ବଂଶଧରଗଣ ଏହି ପ୍ରଚେଷ୍ଟାର ଯୋଗ ଦେବାକୁ ଭୁଲିଯାଇ ନାହାନ୍ତି । ଉଦାହରଣ ସ୍ୱରୂପ ଭାରତରେ ପ୍ରାଚୀନତ୍ତ ଶୁଦ୍ଧ ଋଷୀପ୍ର ବଂଶ ରୂପେ ସୁଖ୍ୟାତି ଅର୍ଜ୍ଜନ କରିଥିବା ମୟୂରଭଞ୍ଜ ରାଜବଂଶର ସୁଯୋଗ ମହାରାଜା ରାମଚନ୍ଦ୍ର ଭଞ୍ଜ ଦେବ ଇଂରେଜ ସରକାରଙ୍କ ନିଜ ବଂଶର ଯେଉଁ ବଂଶାବଳୀ ଟିପଣୀ ଦେଇଥିଲେ ସେଥିରେ ମୟୂରଭଞ୍ଜର ଭଞ୍ଜ ରାଜାମାନେ ରାଜପୁତ ବଂଶଧର ବୋଲି ଉଲ୍ଲେଖ କରିଥିଲେ । ସେହିପରି କେନ୍ଦୁଝରର ଭଞ୍ଜ ବଂଶାବଳୀରେ ରାଜପୁତ ବଂଶଧରଙ୍କୁ ମଧ୍ୟ ସ୍ୱୀକାର କରାଯାଇଅଛି । ଉକ୍ତ କଷଣାମାରେ ଜୟସିଂହଙ୍କ ପୁତ୍ର ଆଦି ଭଞ୍ଜ ଓ ଯୋଗୀ ଭଞ୍ଜ ବୋଲି ଯାହା କୁହାଯାଇଛି ତାହା ସମ୍ପୂର୍ଣ୍ଣ ଅସାର ଓ ଭ୍ରମପୂର୍ଣ୍ଣ ଅଟେ । ଏହି ସବୁ ତଥ୍ୟ ଗୁଡ଼ିକଯେ ସମ୍ପୂର୍ଣ୍ଣ ଅସାର ଏଥିରେ ସନ୍ଦେହ ନାହିଁ । ଭଞ୍ଜ ରାଜାମାନଙ୍କୁ ଛାଡ଼ି ଦେଲେ ଅନ୍ୟ ଶ୍ରେଷ୍ଠ ଶ୍ରେଷ୍ଠ ଗଡ଼ଜାତର ରଜାମାନେ ମଧ୍ୟ ରାଜପୁତ ଆଭିଜାତ୍ୟ ବ୍ୟୋମରେ ପଡ଼ି ନିଜର ପ୍ରକୃତ ଦାକ୍ଷିଣ୍ୟତ୍ୱକୁ ବିସ୍ମୃତ ହୋଇ ଅଛନ୍ତି ।

ଏଠାରେ ସ୍ମରଣ କରାଯାଇ ପାରେଯେ ଓଡ଼ିଶାର ଇତିହାସ ରାଜପୁତନା ଇତିହାସ ଠାରୁ କୌଣସି ଅଂଶରେ କମ୍ ଗୌରବମୟ ହୋଇନଥିବା ସମୟରେ ଆଧୁନିକ ଯୁଗର ରାଜାମାନେ ନିଜର ବଂଶଧରଙ୍କୁ ଭୁଲିଯିବା ବଡ଼ ଦୁଃଖର ବିଷୟ ଅଟେ । ହୁଏତ ପ୍ରାକୃତିକ ଅବସ୍ଥାର ବଶିଷ୍ଟତା ହେତୁ ଓଡ଼ିଶାର କାହ୍ନୁ ବଳମ ବ... କାଳ ଯାଏଁ ପ୍ରଦେଶର ଚତୁଃସୀମା ମଧ୍ୟରେ ଆବଦ୍ଧ ଥିଲା । ଏପରିକି ବେଳେବେଳେ ମଧ୍ୟ ମହାଭାରତସ୍ତୁ ଆଧିପତ୍ୟ ଓଡ଼ିଆ ରାଜା ମାନଙ୍କର କରଗତ ହୋଇଥିବା ସମୟରେ ସାରା ଭାରତ ନିଜର ସ୍ୱାଧୀନତା ହରାଇ ଯେଉଁ କାଳରେ ମୋଗଲ ଓ ଇଂରେଜ ସାମ୍ରାଜ୍ୟାଧୀନ ଥିଲା ସେତେବେଳେ ଓଡ଼ିଶା ସ୍ୱାଧୀନ ଥିଲା. ଓଡ଼ିଆମାନେ ମହାପ୍ରଭୁ ଥିଲେ ସେମାନେ ମେଷ ଦାଉ ସୈନ୍ୟରୂପେ ଅନ୍ୟର ଗୋଲାମୀ କରି ଜୀବିକାର୍ଜ୍ଜନ କରୁନଥିଲେ । ରାଜପୁତ ଜାତିର ଗୌରବ ମୁକୁଟ ରାଣା ପ୍ରତାପ ସିଂହଙ୍କର ପରାଜୟ ଓ ନି... ପତନ ହୋଇଥିଲା ବେଳେ ଦିଲ୍ଲୀର ବାଦସାହା ଆକବର ବଙ୍ଗ ବିଜୟ ନିମନ୍ତେ ସ୍ୱାଧୀନ ଓ ସୁଦୃଢ଼ ଉତ୍କଳ ରାଷ୍ଟ୍ରର ଗଜପତିଙ୍କର ସାହାଯ୍ୟପ୍ରାର୍ଥୀ ହୋଇଥିଲେ । ଇଂରେଜ ଶାସନ ସମୟରେ ସେହି ବୀରପ୍ରସୂ ଉତ୍କଳର ରାଜନ୍ୟବର୍ଗ ନିଜ ବ... ପ୍ରାଚୀନ ବଂଶ ପରମ୍ପରା ଓ ଆଭିଜାତ୍ୟକୁ ଭୁଲିଯାଇ ରାଜପୁତ ଆଭିଜାତ୍ୟ ନିମନ୍ତେ ପ୍ରୟାସୀ ହୋଇଥିବା ଓଡ଼ିଶାର ରାଜନ୍ୟବର୍ଗଙ୍କର ଏକ କଳଙ୍କମୟ ଅଧ୍ୟାୟର ପରିଚୟ ଦିଏ । ଏକଥା ମନେ ରଖିବା ଉଚିତଯେ ଯେଉଁ ସମୟରେ ଓଡ଼ିଶାର ରାଜନ୍ୟବର୍ଗ ସମ୍ମାନର ହିମାଳୟ ଆରୋହଣ କରିଥିଲେ ସେତେବେଳେ ରାଜପୁତ ଜାତି ଯାଜାବର ଗୁର୍ଜ୍ଜର ଅଥବା ମ୍ଳେଚ୍ଛ ହୂଣ ଛଡ଼ା ଅନ୍ୟ କିଛି ନଥିଲେ । ଏହା ଇତିହାସର ଅଭ୍ରାନ୍ତ ବାଣୀ ଅଟେ । ଏପରି କ୍ଷେତ୍ରରେ ଜଗତ୍‌ପ୍ରସିଦ୍ଧ ରାଜ କୁଳର ମଉଡ଼-ମଣି ଭଞ୍ଜ ରାଜାମାନେ ନିଜର ବଂଶ ରାଜପୁତ ବଂଶରୁ ଉତ୍ପତ୍ତି ହୋଇଥିବା କଥା ଦାବୀ କରିବା ଅଜ୍ଞାନତା ବ୍ୟତୀତ ଆଉ କଣ ହୋଇପାରେ ? ଏହି ପରିପ୍ରେକ୍ଷୀରେ କେନ୍ଦୁଝର ରାଜ୍ୟ ଗଠନର ପୁରୋଧା ରାଜା ଜ୍ୟୋତି ଭଞ୍ଜଙ୍କ ଠାରୁ ପରବର୍ତ୍ତୀ ବଂଶପ୍ର ବିଗ ଆରମ୍ଭ କରିବା ।

— ০ —

Digitized by srujanika@gmail.com

ଉତ୍କଳ ସାହିତ୍ୟ ସମାଜର

ଚତୁର୍ବିଂଶ ସାମ୍ବତ୍ସରିକ ଅଧିବେଶନ ।

ସଭାପତି

ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜ ବି, ଏଲ୍‌ଙ୍କ

ଅଭିଭାଷଣ

ପ୍ରକାଶକ—ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ।

ପ୍ରଥମ ସଂସ୍କରଣ ।

ମୂଲ୍ୟ ୦ • ୵ ମାତ୍ର ।

Digitized by srujan ka@gmail.com

ସଭାପତିଙ୍କ ନିବେଦନ ।

କଟକ ଉତ୍କଳ ସାହିତ୍ୟ ସମାଜର ଚତୁର୍ବିଂଶ ବାର୍ଷିକ ଅଧିବେଶନ ।

୧୯୨୯ ସେପ୍ଟେମ୍ବର ।

ଉତ୍କଳ ସାହିତ୍ୟସମାଜର ନମସ୍ୟ ସଭାପତି, ସଭ୍ୟବୃନ୍ଦ ଓ ଛାତ୍ରମଣ୍ଡଳ,

ଆଜି ଆପଣମାନେ ଏହି ଅଧିବେଶନରେ ମତେ ସଭାପତି ଆସନ ମାଡିବାକୁ ଆଦେଶ ଦେବାରୁ ମୁଁ ତାହା ନତମସ୍ତକରେ ଗ୍ରହଣ କରିଅଛି । ମୋର ଏ ଭାର ଗ୍ରହଣ କରିବାର ଯୋଗ୍ୟତା ବା ଅଯୋଗ୍ୟତା ସମ୍ବନ୍ଧରେ ଗୁଡ଼ିଏ କଅଁଳ କଥା ଆପଣମାନଙ୍କ ସମ୍ମୁଖରେ ପେଶ୍ କରି ମୋ ମୂଲ୍ୟ ପ୍ରଘଟ କରିବାକୁ ମୋ ମନ ଯାଉ ନାହିଁ । ଉତ୍କଳ ସାହିତ୍ୟ ସମ୍ବନ୍ଧରେ ଗଭୀର ଚିନ୍ତା ଓ ଗବେଷଣା ଏବଂ ପାଣ୍ଡିତ୍ୟପୂର୍ଣ୍ଣ ପ୍ରବନ୍ଧ ଆପଣମାନଙ୍କୁ ଶୁଣାଇବାକୁ ମୋର ଯୋଗ୍ୟତା ନାହିଁ ।

"ଉତ୍କଳ-କମଳା-ବିଳାସ-ଦୀର୍ଘିକା,
ମରାଳମାଳିନୀ ନୀଳାମ୍ବୁ ଚିଲିକା ।"
ମଧ୍ୟସ୍ତ
'କାଳଜାଈଗଣ୍ଡେ ପଡିଲେ ନଉକା
ହାଲୁପଟା ପାଇଁ ଥାଏ ସହି ଦକା ।"

ଏପରି ଗଭୀର ଓ ବିପଦସଙ୍କୁଳ ଗଣ୍ଡରେ ଭୀମ ପାଲଟସିଂହ, ଦିବ୍ୟସିଂହ ବାହୁବଳୀନ୍ଦ୍ର, ଦୁର୍ଯ୍ୟୋଧନ ପଶ୍ଚିମକବାଟଙ୍କ ପରି ଯୋଧୀ ନାଉରିମାନଙ୍କ ଅକଲ ଗୁମ୍ ହୋଇ ଯାଏ, ସେହି କାଳଜାଈ ଗଣ୍ଡରେ ସନ୍ତୁଆଙ୍କୁ ବାହାଣକାରଥ ପଦରେ ବରଣ କରି ଯେବେ ମଝି ଗଣ୍ଡରେ ହାଲୁପଟା ହେବେ, ସେଥିପାଇଁ ସନ୍ତୁଆଙ୍କୁ ଦୋଷ ଦେଲେ ଚଳିବ ନାହିଁ । ମୋ ଭଳି ଲୋକଙ୍କୁ ଉତ୍କଳ ସାହିତ୍ୟସମାଜର ବାର୍ଷିକ ଅଧିବେଶନରେ ଆପଣମାନେ ମଙ୍ଗଧରା କରି

Digitized by srujan ka@gmail.com

ବସାଇଲେ ଓ ମୋହରି ଉପରେ ସୁନା କଳସ ଢାଳ ଦେଲେ—ଏପରି କରି ଆପଣମାନେ ସମାଜର ଓ ସାହିତ୍ୟର କି ଉପକାରଟାଏ କଲେ, ତାହା ଆପଣମାନେ ଜାଣନ୍ତୁ ଓ ମୋ କସରତ ଯେ ଦେଖିବେ, ଶୁଣିବେ ଓ ପଢ଼ିବେ, ସେମାନେ ମଧ୍ୟ ଠଉରାଇବେ; କିନ୍ତୁ ଏଡ଼େ ଶସ୍ତାରେ ଓ ପାଡ଼ିକରି ଗଦ ଛକିଆ ନଗା ମିହନ୍ତରେ ମୋ ନାଆଁଟା ଉତ୍କଳର ସମ୍ବାଦପତ୍ର ମହଲରେ ବାଜି ଯିବ, ଏହି ପ୍ରଲୋଭନକୁ ମୁଁ ଏଡ଼ି ନ ପାରି ଆପଣମାନଙ୍କ ଆଦେଶ ପାଳନ କରିଅଛି । ଆଶା କରେଁ ଆପଣମାନେ ମୋର ଏ ଦୁର୍ବଳତାକୁ ମାର୍ଜନା କରିବେ । ମୁଁ ଆପଣମାନଙ୍କ ମଧ୍ୟରୁ ଜଣେ ସାନ ଭାଇ, ମତେ ଆଦେଶ ଦେବାରୁ ମୁଁ ଏଠାରେ ବସିଅଛି । ମୁଁ ଯାହା କହୁଅଛି, ତାହା ଆପଣମାନଙ୍କ ପକ୍ଷରୁ ଦେଶକୁ ନିବେଦନ କରୁଅଛି, ଧୃଷ୍ଟତା କ୍ଷମା କରିବେ ।

ବର୍ତ୍ତମାନ ସଭା ସମିତିରେ, ସମ୍ବାଦପତ୍ରରେ, ହାଟ ବାଟରେ ଗୋଟାଏ ଛୁଆ ଆମ ମୁହଁରେ ଶୁଣାଯାଏ । "ଆମର ପୂର୍ବ ପୁରୁଷେ ଭୁବନେଶ୍ୱର, କୋଣାର୍କ ଆଦିର ପ୍ରକାଣ୍ଡ ଓ କଳାପୂର୍ଣ୍ଣ ମନ୍ଦିରମାନ ଗଢ଼ିଥିଲେ । ଆମର ପୂର୍ବ ପୁରୁଷେ ବୈଦେହୀଶବିଳାସ, କଟଣୋସ୍ତ ଚମ୍ପୂ, ଭାଷା ରାମାୟଣ, ଭାଷା ମହାଭାରତ, ଭାଷା ଭାଗବତ ଆଦି ରଚନା କରିଥିଲେ । ଆମର ପୂର୍ବ ପୁରୁଷେ ଦେଶ ଦେଶାନ୍ତରରେ ବଣିଜ ବେପାର କରି ସାତ ସମୁଦ୍ର ଲଙ୍କା ପାରି ହୋଇ ଆମର ହାତଶାଳରେ, ଆମର ଅସ୍ତାବଳରେ ହାତୀ ଘୋଡ଼ା ଝୁଲାଉଥିଲେ । ଆମର ପୂର୍ବ ପୁରୁଷେ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରି ଭାରତର ଶିର ଖୁଣ୍ଟରେ ବାନା ପୋତିଥିଲେ । ଆମର ବଡ଼ ବଡ଼ିକେ ଶାରୀରିକ, ମାନସିକ, ସାମାଜିକ ରାଜନୈତିକ, ସାହିତ୍ୟିକ, ଐହିକ, ପାରତ୍ରିକ ଇତ୍ୟାଦି ସବୁ ପ୍ରକାର ଉନ୍ନତି କରି ନାଆଁ କରିଥିଲେ । ଆମେ ତାଙ୍କର ଉଆଲ ଉଆରସ ଉତ୍ତରାଧିକାରୀ କାଏମ୍ ମୁକାଏମ ସ୍ଥଳାଭିଷିକ୍ତ ଅଟୁଁ । ଅତଏବ ଆମେ ଓଡ଼ିଆ ଭାରି ବଡ଼ ଓ ଖାନ୍ଦାନ ଜାତି ।" ଏ ସବୁ ଛୁଆ ଶୁଣି ମୁଁ ମନରେ ପାଞ୍ଚେ ଯେ, କର୍ପୂର ତ ଗଲାଣି, ଭୁଚ୍ଛା କନାଟାକୁ ନିଜେ ଶୁଙ୍ଘି ଓ ପର ନାକରେ ଗୁଞ୍ଜି ଆଉ କେତେ କାଳ ଆମେ ଏ ଠେକକୁ ବଜାୟ ରଖିବା ଓ ଆମ ଖାନ୍ଦାନୀ ଜାହିର କରିବା ? ଯେଉଁ ବ୍ୟକ୍ତି ତା ପିତୃପିତାମହଙ୍କ ଗଚ୍ଛିତ ଧନକୁ ଏ ସଂସାରରେ ଯେତେ ଖେଳାଇ ଯେତେ ଧୋଇ ଶୁଖାଇ କାମରେ ଲଗାଇ ପାରେ, ସେ ସିନା ସେତିକ ପାରିଲାର ପୁଅ; ଦେଖିଲା ବେଳକୁ ମୋ ପେଟକୁ ଦାନା ନାହିଁ କି ପିଠିକି କନା ନାହିଁ, ଆମେ ବୀର ଶ୍ରୀ ଗଜପତି ଗଉଡ଼େଶ୍ୱର ନବକୋଟି

Digitized by srujan ka@gmail.com

କର୍ଣ୍ଣାଟକଲବର୍ଗେଶ୍ୱର ବୀରାଧିବୀରବର ମହାରାଜାଧିରାଜଙ୍କ ଦ୍ୱାରା ପ୍ରତିଷ୍ଠାପ୍ରାପ୍ତ ରାଜଗୁରୁ ସାମନ୍ତଙ୍କ ଅଣନାତିଙ୍କ ପଣନାତିଙ୍କ ସାବତ ଭାଇ ! ଏହି ଅଲଣା ବାଲିଙ୍ଗିରେ କେତେ ହୀନ ଗୁଜୁରାନ ଚଳିବ ? ନିଜ ଜାତିର ପ୍ରାଚୀନ ବିଭବ, ପ୍ରାଚୀନ ଗୌରବ, ପ୍ରାଚୀନ କୀର୍ତ୍ତି, ପ୍ରାଚୀନ କସରମତ ସମ୍ବନ୍ଧରେ ଗର୍ବ ଅନୁଭବ କରିବା ମନୁଷ୍ୟ ପକ୍ଷରେ ସ୍ୱାଭାବିକ, କିନ୍ତୁ ସେହି ଗର୍ବ ଅନୁଭୂତି ଯେବେ ମନୁଷ୍ୟକୁ ଉନ୍ନତିମାର୍ଗରେ ଅଗ୍ରସର କରାଇ ନ ପାରିଲା, ତେବେ ସେ ମୂହଁସୁଆଗିଆ ବିଭବ ଥାଇଁ କେତେ, ନ ଥାଇଁ କେତେ ? ଆମର ଅତି ସବୁ ବିଭବ ଓ ପ୍ରାଚୀନ ସମ୍ପଦ ସମ୍ବନ୍ଧରେ ଏଠାରେ ଆଲୋଚନା କରିବାର ଅବସର ନୁହେ । ଢେଙ୍କିଶାଳରେ ଢେଙ୍କାନାଳ ଚିନ୍ତା ନ କରି ଉତ୍କଳସାହିତ୍ୟ ସମ୍ବନ୍ଧରେ ପଦେ ଅଧେ ଆପଣମାନଙ୍କ ସମ୍ମୁଖରେ ନିବେଦନ କରିବି, ଶୁଣିବାକୁ ସାବଧାନ ମଣିମା !

ଭାରତର ଅନ୍ୟାନ୍ୟ ଆଧୁନିକ ସାହିତ୍ୟ ଓ ଭାଷାକ୍ଷେତ୍ରରେ ଯେଉଁ ଉନ୍ନତିଚେଷ୍ଟା ଓ ଜାତୀୟ ଜୀବନର ସ୍ପନ୍ଦନର ଯେଉଁ ସୁସ୍ପଷ୍ଟ ପ୍ରମାଣମାନ ଦେଖୁଥାଇଁ, ଉତ୍କଳ ସାହିତ୍ୟ ଓ ଭାଷାକ୍ଷେତ୍ରରେ ତାହା କି ପରିମାଣରେ ଆମ ଆଖିରେ ପଡୁଅଛି, ଏହା ଦେଖିବାର କଥା ।

ବଙ୍ଗଳା, ହିନ୍ଦୀ, ଗୁଜରାଟୀ, ମରହଟୀ ଆଦି ଭାଷା ଓଡ଼ିଆ ଭାଷା ପରି ସଂସ୍କୃତରୁ ମାଗଧୀ ପ୍ରାକୃତ ବାଟେ ଆସିଅଛି । ତେଲିଙ୍ଗୀ, ତାମିଲୀ, ମାଲୟୀ, କାନାଡ଼ୀ ଆଦି ଭାଷାମାନ ବହୁ ପରିମାଣରେ ସଂସ୍କୃତଦ୍ୱାରା ପ୍ରଭାବିତ । ଉର୍ଦ୍ଦୁ ଭାଷା ଆରବୀ ଓ ପାରସୀ ଭାଷାରୁ ଆସିଥିଲେ ମଧ୍ୟ ତାହା ବହୁ ପରିମାଣରେ ସଂସ୍କୃତଦ୍ୱାରା ପ୍ରଭାବିତ । ଅତଏବ ଭାରତରେ ପ୍ରଚଳିତ ପ୍ରାୟ ସମସ୍ତ ଭାଷା ଓ ସାହିତ୍ୟମାନ ଏକା ଘରେ ବଢ଼ିବା ପିଲାଙ୍କ ପରି । ଆମ ପ୍ରତିବେଶୀ ଭାଷାମାନଙ୍କ ମଧ୍ୟରେ ଅନେକ ଓଡ଼ିଆ ଭାଷା ତୁଳନାରେ ନବ୍ୟ । ପଣ୍ଡିତମାନେ କଳ୍ପନା କରନ୍ତି ଯେ, ଖ୍ରୀଷ୍ଟ ତୃତୀୟ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷା ମାଗଧୀ ପ୍ରାକୃତଠାରୁ ସ୍ୱତନ୍ତ୍ର ଭାଷାରୂପେ ଚଳିଥିଲା ଓ ସେହି ଯୁଗରେ ଆଧୁନିକ ଅନେକ ଭାଷା ଚଳୁଥିବାର ଗନ୍ଧ ସୁଦ୍ଧା ବାରି ହୋଇ ପାରୁ ନାହିଁ । କିନ୍ତୁ ସେ ସବୁ ଭାଷା ଓ ସାହିତ୍ୟମାନ ବର୍ତ୍ତମାନ ଯେଉଁ ପରି ଉନ୍ନତିମାର୍ଗରେ ଅଗ୍ରସର ହୋଇଅଛନ୍ତି, ତହିଁର ତୁଳନାରେ ଓଡ଼ିଆ ଭାଷା ଓ ସାହିତ୍ୟ ପାତପଛରେ ପଡ଼ିଅଛି ବୋଲି ବାଧ୍ୟ ହୋଇ ସ୍ୱୀକାର କରିବାକୁ ହେବ । ଭାଷାର ଓ ସାହିତ୍ୟର ଉନ୍ନତିପାଇଁ ଆମେ ବ୍ୟକ୍ତିଗତ ଭାବରେ ଓ ସମଷ୍ଟି ଭାବରେ କଅଣ କରୁଥାଇଁ, ଏହାହିଁ ସମସ୍ତେ ପ୍ରଣିଧାନ କରିବା ଉଚିତ । ଖ୍ରୀଷ୍ଟ ତୃତୀୟ ଓ ଚତୁର୍ଥ ଶତାବ୍ଦୀରେ ଓଡ୍ରମାନଙ୍କ

Digitized by srujan ka@gmail.com

ବ୍ୟବହୃତ ଯେଉଁ ଭାଷା ମାଗଧୀ ପ୍ରାକୃତଠାରୁ ପୃଥକ୍ ଆକାର ଧାରଣ କରି 'ବିଭାଷା' ଆଖ୍ୟା ପାଇଥିଲା ଓ ଚୀନପରିବ୍ରାଜକ ହୁଏନସାଂ ଖ୍ରୀଷ୍ଟ ସପ୍ତମ ଶତାବ୍ଦୀରେ ଓଡ଼ିଶାରେ ଯେଉଁ ସ୍ୱତନ୍ତ୍ର ଭାଷା ଚଳୁଥିବାର ଦେଖିଥିଲେ, ସେ ଭାଷା ଅନ୍ୟ ପ୍ରଚଳିତ ଭାରତୀୟ ଭାଷାମାନଙ୍କ ତୁଳନାରେ ୧୫୦୦ ବର୍ଷ ପରେ ବର୍ତ୍ତମାନ ଅନୁନ୍ନତ ଅବସ୍ଥାରେ ପଡ଼ିଅଛି—ଏହା ଭାବିଲେ ମନରେ କ୍ଷୋଭ ଜାତ ହୁଏ ।

ଉତ୍କଳଭାଷୀ ଅଞ୍ଚଳ ରାଜନୈତିକ ଘଟଣାକ୍ରମେ ବର୍ତ୍ତମାନ ବଙ୍ଗ, ବିହାର, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶ ଏପରି ଚାରିଗୋଟି ସ୍ୱତନ୍ତ୍ର ପ୍ରଦେଶର ଶାସନାଧୀନ । ଏପରି ଅଙ୍ଗଚ୍ଛେଦଦ୍ୱାରା ଓଡ଼ିଆଙ୍କର ଜାତୀୟ ଉନ୍ନତି ଓ ରାଜନୈତିକ ମଙ୍ଗଳ କେତେଦୂର ହୋଇଅଛି ଓ ଏହି ଅବସ୍ଥା ରହିଲେ କେତେଦୂର ମଙ୍ଗଳ ହେବ, ତାହା ଆଲୋଚନା କରିବାର ଏଠାରେ ଅବସର ନାହିଁ; କିନ୍ତୁ ମେଘ ଘୋଡ଼ିଥିବା ଅନ୍ଧକାର ରାତିରେ ବିଜୁଳି ଚମକିଲା ପରି ଏଥିରେ ଗୋଟିଏ ଆଲୋକରେଖା ଆମ ଆଖିରେ ପଡ଼ିଅଛି । ଭିନ୍ନ ଭିନ୍ନ ପ୍ରଦେଶ-ବାସୀ ପ୍ରଭାବଶାଳୀ (dominant) ଜାତିଙ୍କ ଭାଷାର ଛାୟା ଓ ପ୍ରଭାବରୁ ଓଡ଼ିଆ ଭାଷାର ଶବ୍ଦସମ୍ପଦ କିପରି ବଢ଼ିଅଛି, ଏହା ଭାବିଲେ ଚମତ୍କୃତ ହେବାକୁ ହୁଏ । ସଂସ୍କୃତ ଓ ଇଂରାଜୀ ଭାଷାର ପ୍ରତିଶବ୍ଦବହୁଳତା ସେହି ସେହି ଭାଷା ଓ ସାହିତ୍ୟର ବିକାଶ ପକ୍ଷରେ ବିଶେଷ ସାହାଯ୍ୟ କରିଅଛି । ଯେଉଁ ଭାଷା ଗୋଟିଏ ଶବ୍ଦକୁ ଯେତେ ବେଶି ଭିନ୍ନ ଭିନ୍ନ ପ୍ରତିଶବ୍ଦଦ୍ୱାରା ପ୍ରକାଶ କରିବାକୁ ସମର୍ଥ, ସେ ଭାଷାର ସାହିତ୍ୟ ସେତେ ବେଶି ବିକଶିତ ହେବାର ସୁବିଧା ପାଏ । ଏହି ପ୍ରତିଶବ୍ଦ-ସମ୍ପଦ ଯୋଗୁଁ ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ, ଅଭିମନ୍ୟୁ ଆଦି ବିଚିତ୍ର ଗ୍ରନ୍ଥମାନ ରଚନା କରି ପାରିଥିଲେ । ମୋଗଲବନ୍ଦିରେ ପ୍ରଚଳିତ ଗୋଟିଏ ଶବ୍ଦ ଗଡ଼ଜାତ, ସମ୍ବଲପୁର, ମେଦିନୀପୁର, ଗଞ୍ଜାମ, ସିଂହଭୂମ, ବସ୍ତରରେ ପ୍ରତିବେଶୀ ଭାଷାମାନଙ୍କ ସଂସ୍ରବ ଓ ପ୍ରଭାବରେ ଓ ଜଳବାୟୁର ଫଳରେ ଭିନ୍ନ ଭିନ୍ନ ନାମ ଓ ଉଚ୍ଚାରଣ ଧାରଣ କରିଅଛି । ଏପରି ଶବ୍ଦଗୁଡ଼ିକ ଅନୁଧ୍ୟାନ କଲେ ଓ ସଂଗ୍ରହ କରି ପାରିଲେ ଓଡ଼ିଆ ଭାଷାର ଶବ୍ଦସମ୍ପଦ ଭାରତର ଅନ୍ୟାନ୍ୟ ଚଳନ୍ତି ଭାଷାମାନଙ୍କରେ (Vernacular) ମିଳିବ ନାହିଁ ବୋଲି ମୋର ଧାରଣା । ଏହି ପ୍ରତିଶବ୍ଦ-ମାନଙ୍କୁ Dialect ବା Provincialism (ଦେଶ୍ୟକେ ଫାଙ୍କ୍ ଗାଉଁଲି ଭାଷା) କହି ଉଡ଼ାଇ ଦେଲେ ଚଳିବ ନାହିଁ । ଏକ ଅଞ୍ଚଳର ବିଭିନ୍ନ ଅଂଶରେ କଥିତ ଏକ ଶବ୍ଦର ବିଭିନ୍ନ ରୂପକୁ Dialect ଆଖ୍ୟା ଦିଆଯାଇ ପାରେ, କିନ୍ତୁ

Digitized by srujan ka@gmail.com

ସେହି ଶବ୍ଦଟି ଅନ୍ୟ ପ୍ରତିବେଶୀ ଭାଷାଦ୍ୱାରା ପ୍ରଭାବିତ ହୋଇ ଯେଉଁ ଆକାର ଧାରଣ କରେ, ତାକୁ Provincialisn ବା Dialect ନ କହି ଏକ ଶବ୍ଦର ବିଭିନ୍ନ ପ୍ରତିଶବ୍ଦ ବୋଲିବାହିଁ ସଙ୍ଗତ ।

କଟକ ପ୍ରଚଳିତ ଭାଷାକୁ ଆଦର୍ଶ ଓଡ଼ିଆ ଭାଷା (standard language) ବୋଲି ଧରି ନେଇ ଅନ୍ୟ ଓଡ଼ିଆଭାଷୀ ଅଞ୍ଚଳର ଭାଷାକୁ provincial (ଦେଶାଂଶପ୍ରଚଳିତ, ଓ ସାହିତ୍ୟରେ ଅବ୍ୟବହାର୍ଯ୍ୟ ଭାଷା ବୋଲି ଭୁଲୁଡ଼ାଇ ଦେବାଦ୍ୱାରା ଆମେ ଭାଷାର ଉପକାର କରୁଥାଉଁ ବା ଅନିଷ୍ଟ କରୁଥାଉଁ, ତାହା ଆପଣମାନେ ଥରେ ସ୍ଥିର ଭାବରେ ଭାବନ୍ତୁ । ଏଠାରେ ଉଦାହରଣ ଦେଇ ଏ କଥା ବୁଝାଇବାକୁ ମୋର ବେଳ ନାହିଁ, ବା ଆପଣମାନଙ୍କ ଧୈର୍ଯ୍ୟ ରହିବ ନାହିଁ । କିନ୍ତୁ ମୁଁ ଗତ ୧୫ ବର୍ଷ ମଧ୍ୟରେ ଏ ବିଷୟ ଯେତିକି ସନ୍ଧାନ କରିଅଛି, ସେତିକି ମୋର ମନରେ ଏ ଦୃଢ଼ ଧାରଣା ଦୃଢ଼ତର ହୋଇଅଛି ଯେ ମଧ୍ୟପ୍ରଦେଶ, ବଙ୍ଗ, ଛୋ ନାଗପୁର, ମାନ୍ଦ୍ରାଜ ଆଦି ଅଞ୍ଚଳରେ ବାସ କରୁଥିବା ଓଡ଼ିଆଙ୍କ ବ୍ୟବହୃତ ଶବ୍ଦମାନ ସଂଗ୍ରହ କରି ତାହା ସାହିତ୍ୟରେ ପ୍ରକାଶ କରାଇ ପାରିଲେ ଅଚିରେ ଓଡ଼ିଆ ଭାଷାକୁ ଭାରତର ଅନ୍ୟ ଉନ୍ନତ ଭାଷା-ମାନଙ୍କ ସଙ୍ଗେ ଉଚ୍ଚତର ଆସନରେ ନ ହେଉ ଅନ୍ତତଃ ଏକାସନରେ ବସାଇ ପାରନ୍ତେଇଁ । ଆଜି ପର୍ଯ୍ୟନ୍ତ ଉତ୍କଳଭାଷୀ ବିଭିନ୍ନ ଅଞ୍ଚଳରେ ଓଡ଼ିଆଙ୍କଦ୍ୱାରା କଥିତ ଶବ୍ଦମାନଙ୍କର ଗୋଟିଏ ବିସ୍ତାରିତ ଶବ୍ଦକୋଷ ସଂଗୃହୀତ ହୋଇ ପାରି ନାହିଁ । ଓଡ଼ିଆ ଭାଷାର ଗୋଟିଏ ପୂର୍ଣ୍ଣାଙ୍ଗ ଅଭିଧାନ ନାହିଁ । (ଶ୍ରୋତୃବୃନ୍ଦ ! ମୋର ଏ ବାକ୍ୟକୁ ମୋ ସଙ୍କଳିତ ଅଭିଧାନର ନୋଟିସ ବୋଲି ଧରିବେ ନାହିଁ । ମୁଁ ଯେଉଁ ଅଭିଧାନ ଓ ଶବ୍ଦକୋଷର ଅଭାବ ପ୍ରତି ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରୁଅଛି, ତାହା ମୋ ଭଳି ଜଣେ ପେଟବିକଳିଆ ମୂର୍ଖର କାମ ନୁହେ । ଏଥିପାଇଁ ସମଗ୍ର ଜାତିର ସମୂହ ଚେଷ୍ଟା କେନ୍ଦ୍ରୀଭୂତ ହେବା ଆବଶ୍ୟକ । ଶଂସିତ ଆଦର୍ଶ ଶବ୍ଦକୋଷର ସଂଗ୍ରାହକଙ୍କୁ ମୋ ସଂଗୃହୀତ ଶବ୍ଦମାନ କେତେପରିମାଣରେ ସାହାଯ୍ୟ କରିବ ମାତ୍ର । ଥଉନ୍ତୁ ସେ କଥା ।)

ଓଡ଼ିଶାର ଜଗନ୍ନାଥ ମନ୍ଦିରର ମାଦଳା ପାଞ୍ଜିରେ ଐତିହାସିକ ବିଷୟମାନ ଲିପିବଦ୍ଧ କରିବା ଖ୍ରୀଷ୍ଟ ଦ୍ୱାଦଶ ଶତାବ୍ଦୀରୁ ସୂତ୍ରପାତ ହୋଇଥିବାର ପ୍ରମାଣ ମିଳେ, ଅଥଚ ଆଜିପର୍ଯ୍ୟନ୍ତ ଉତ୍କଳର ଗୋଟିଏ ଧାରାବାହିକ ଇତିହାସ ସଂଗୃହୀତ ହୋଇ ପାରି ନାହିଁ ।

Digitized by srujan ka@gmail.com

ହଣ୍ଟର, ଗ୍ରୀଅରସନ୍, ମନୋମୋହନ, ଷ୍ଟାର୍ଲିଙ୍ଗ, ବିଜୟଚନ୍ଦ୍ର ଆଦି ଆମର ପ୍ରତ୍ନତତ୍ତ୍ୱ ସଂଗ୍ରହରେ ବ୍ୟସ୍ତ, କିନ୍ତୁ ଆମର ସେ ଦିଗକୁ ଯଥୋଚିତ ଦୃଷ୍ଟି ନାହିଁ । ଓଡ଼ିଶାର ପ୍ରାଚୀନ ଗ୍ରନ୍ଥମାନଙ୍କର ଯେଉଁ ତାଲିକା ହଣ୍ଟର ସାହେବ ଓ କଲିକତାର ଏସିଆଟିକ ସୋସାଇଟି ସଂଗ୍ରହ କରି ଯାଇଅଛନ୍ତି, ସେଥିରୁ ଅଧିକାଂଶ ପୁସ୍ତକ ଆମେ ସଂଗ୍ରହ କରି ପାରି ନ ଥାଉଁ । ଓଡିଶାର ଶତ ଶତ ପ୍ରାଚୀନ ଗ୍ରନ୍ଥମାନ ସଂଗୃହୀତ ହୋଇ ସୁଦୂର ଇଉରୋପ, ଇଂଲଣ୍ଡ, ଜର୍ମାନୀ ଆଦି ଦେଶର ସାଧାରଣ ପୁସ୍ତକାଗାରରେ ସାଇତା ହେଲା, କିନ୍ତୁ ସେ ଖବର ରଖିବାକୁ ଆମକୁ ସମୟ ନାହିଁ । ବଙ୍ଗ, ହିନ୍ଦୀ, ତେଲଗୁ, ତାମିଲ, ମରହଟ୍ଟୀ, ଗୁଜରାଟୀ ଆଦି ଭାଷାର ପଣ୍ଡିତମାନେ ଭାଷାବିଜ୍ଞାନ, ପାଶ୍ଚାତ୍ୟ ଓ ପ୍ରାଚ୍ୟ ବିଜ୍ଞାନର ଭିନ୍ନ ଭିନ୍ନ ଶାଖାମାନ ଆଲୋଚନା କରି ସହସ୍ର ସହସ୍ର ପାରିଭାଷିକ ଶବ୍ଦମାନଙ୍କଦ୍ୱାରା ନିଜ ନିଜ ଭାଷାକୁ ପୁଷ୍ଟ ଓ ମାର୍ଜିତ କରିବାରେ ଲାଗିଅଛନ୍ତି । କିନ୍ତୁ ଆମର ଚିଆଁ ପଡ଼ିତ ଭାଙ୍ଗୁ ନାହିଁ । ଆଉ ସବୁ ଅଭାବ ତେଣିକି ଥାଉ, ଓଡିଆ ଭାଷାର ଖଣ୍ଡିଏ ବ୍ୟାକରଣ ଅବଧି ହୋଇ ପାରି ନାହିଁ । ସଂସ୍କୃତ ବ୍ୟାକରଣ ପଢ଼ି ଆମେ ଓଡିଆ ବ୍ୟାକରଣରେ ପାଣ୍ଡିତ୍ୟ ଲାଭ କରୁଥାଉଁ । ଯୋଗଶାସ୍ତ୍ର ଓ ଯୋଗସାଧନକୁ ଆପାମର ସାଧାରଣଙ୍କ ବୋଧଗମ୍ୟ କରାଇ ହିନ୍ଦୁଧର୍ମ ଓ ହିନ୍ଦୁ ଦର୍ଶନ ସଙ୍ଗେ ବୌଦ୍ଧ ଧର୍ମ ଓ ଦର୍ଶନର ସମନ୍ୱୟରେ ଯୋଗସାଧନମାର୍ଗକୁ ସାଧାରଣଙ୍କର ସୁଗମ କରିବା ବିଷୟରେ ଓଡ଼ିଆ ସାଧକମାନେ (ଯଥା—ଅଚ୍ୟୁତାନନ୍ଦ, ବଳରାମ, ଯଶୋବନ୍ତ, ଦ୍ୱାରିକା ଦାସ) ଯେତେଦୂର କୃତକାର୍ଯ୍ୟ ହୋଇଅଛନ୍ତି, ମୋର ବିଶ୍ୱାସ ଯେ, ଭାରତର ଅନ୍ୟ କୌଣସି ଆଧୁନିକ ଜାତି ତାହା ପାରି ନାହିଁ । ହିନ୍ଦୁ ଓ ବୌଦ୍ଧ ଧର୍ମର ସମନ୍ୱୟ ସାଧନ କରି ବଡ଼ ଦେଉଳରେ ବଡ଼ ଠାକୁରଙ୍କୁ ସମଗ୍ର ଭାରତୀୟ ହିନ୍ଦୁଙ୍କର କୋଠ ଦିଅଁ କରିବା ବୁଦ୍ଧି ଓଡିଆଙ୍କ ମସ୍ତିଷ୍କରୁ ବାହାରିଥିଲା ଓ ଆଜିକୁ ହଜାରେ ବର୍ଷ ହେବ 'ବଡ଼ ଦେଉଳରେ ବସିଛି କାଲିଆ ଠେକି ଦେଇ ଦୁଇ ବାହୁକୁ' ପାପୀ ତାପୀ ଜନମାନଙ୍କୁ ଠାରୁଛି ପଶେଇ ନ କରି କାହାକୁ । ଭାଗବତ ପରି ଆଧ୍ୟାତ୍ମିକ ରହସ୍ୟପୂର୍ଣ୍ଣ ଗ୍ରନ୍ଥକୁ ସର୍ବଜନବୋଧ କରିବାରେ ଜଗନ୍ନାଥ ଯେଉଁ ଭାଷାର ସାହାଯ୍ୟ ନେଇଅଛନ୍ତି, ତାହା ଭାବିଲେ ଓ ଥରେ ସଂସ୍କୃତ ଭାଗବତକୁ ଦାସଙ୍କ ଭାଗବତ ସଙ୍ଗେ ମୁକାବିଲା କରି ଦେଖିଲେ ସ୍ତମ୍ଭୀଭୂତ ହେବାକୁ ହୁଏ । ଧରାକୋଟର ରାଜା କୃଷ୍ଣ ସିଂହ ପ୍ରକାଣ୍ଡ ମହାଭାରତ ଗ୍ରନ୍ଥକୁ ଓ ବିଶେଷତଃ ଭଗବଦ୍‌ଗୀତାକୁ ଓଡ଼ିଆ ପଦ୍ୟରେ ଯେଉଁପରି ସରସ ଓ ସୁଲଳିତ କରିଅଛନ୍ତି, ତାହା ମୁଆଁଜା କଲେ ମନ ଉତ୍‌ଫୁଲ୍ଲ ହୋଇ ଉଠେ । କବିତାରେ ଉପେନ୍ଦ୍ର, ଅଭିମନ୍ୟୁ, ପୂର୍ଣ୍ଣ ଅନୁବାଦରେ କୃଷ୍ଣ ସିଂହ, ଜଗନ୍ନାଥ, ବଳରାମ,

Digitized by srujan ka@gmail.com

ବିଶ୍ୱନାଥ ଖୁଣ୍ଟିଆ, ହଳଧର ଆଦି, ' ସଙ୍ଗୀତରେ ଭଞ୍ଜ ଓ କବିସୂର୍ଯ୍ୟବ୍ରହ୍ମ, ଗୋପାଳକୃଷ୍ଣ, ବନମାଳୀ ଆଦି, ଭକ୍ତି ଓ ପ୍ରେମ ବର୍ଣ୍ଣନାରେ ଭୂପତି, ଦୀନକୃଷ୍ଣ, ଭକ୍ତଚରଣ, ରାମ ଦାସ, ଭୀମ ଭୋଇ, ଦ୍ୱାରକା ଆଦି ଯେଉଁ କୃତିତ୍ୱ ଓ କସରତ୍ ଦେଖାଇଅଛନ୍ତି, ତାହା ଯେ କୌଣସି ଉନ୍ନତ ସାହିତ୍ୟ ପକ୍ଷରେ ସ୍ପର୍ଦ୍ଧା ଓ ଗୌରବର ବିଷୟ ହୋଇଥାନ୍ତା । ଏଗୁଡ଼ିକ ଆମ ବାପା ବଡ଼ବାପାଙ୍କ ଅମଳର ପେଡିଲୁଗା ଓ ସିନ୍ଦୁକସାଇତା ପାଞ୍ଚକନାଗୁଡ଼ିଆ ରହି ବୋଲି ମୁହଁରେ ଅସ୍ଫାଳନ କରି କିଛି ଫଳ ନାହିଁ । ଏକଦିଗରେ ଯେଉଁପରି ଏ ସବୁର ଅଯଥା ପ୍ରଶଂସା, ଅନ୍ୟ ଦିଗରେ ପ୍ରାଚୀନ ଗ୍ରନ୍ଥମାନଙ୍କର ଅଯଥା ନିନ୍ଦା କରିବା ରୋଗ ମଧ୍ୟ ନବ୍ୟ ଓଡ଼ିଆଙ୍କୁ ଘୋଟିଅଛି । ପ୍ରାଚୀନ ସାହିତ୍ୟ କୁରୁଚି ଓ ଅଶ୍ଳୀଳତାପୂର୍ଣ୍ଣ ବୋଲି ଏହାକୁ ଖଡ଼େଡ଼ିଦେଇ ଦ୍ୱୀପାନ୍ତରିତ କରିବାକୁ ରାୟ ଦେବା ଲୋକେ ଆମ ପାଠୁଆଙ୍କ ମଧ୍ୟରେ ବିରଳ ନୁହନ୍ତି । ସେ କାଳର ରୁଚି, ସେ କାଳର ରଚନାପ୍ରଣାଳୀ, ସେ କାଳର ଲୋକଚରିତ୍ର ଓ ଶିକ୍ଷା ଦୀକ୍ଷା ପ୍ରତି ଦୃଷ୍ଟି ନ କରି ଏପରି ମନ୍ତବ୍ୟ ପ୍ରକାଶ କରିବା ସମୀଚୀନ ନୁହେ । ଉଦାହରଣସ୍ୱରୂପ ଦେଖାଯାଉ ଯେ ଯେଉଁ ପ୍ରାଚୀନ ସାହିତ୍ୟକୁ ଖଡଗଦାରେ ମାଡିବାକୁ ପରାମର୍ଶ ଦେବାପାଇଁ ଆମେ ଦ୍ୱିଧା ବୋଧ କରୁ ନାହୁଁ, ତହିଁ ମଧ୍ୟରୁ କେତେଖଣ୍ଡି ଗ୍ରନ୍ଥ ବା ପୋଥି ସଙ୍ଗେ ଆମର ମୂଳକାଳ ବା ଚିହ୍ନା ପରିଚୟ ଅଛି ? ଯେଉଁମାନେ ଯାହା ପ୍ରାଚୀନ ତାହା ଆଦରଣୀୟ ବୋଲି କହୁଥାନ୍ତି ଓ ଯେଉଁମାନେ ଯାହା ପ୍ରାଚୀନ ତାହା ହେୟ ଓ ବର୍ଜନୀୟ ବୋଲି ରାଏ ଦିଅନ୍ତି, ସେମାନଙ୍କ ମଧ୍ୟରୁ କେତେ ଜଣ ପୂତମନା ସମାଲୋଚକ ଓ ଭାଷାବିଜ୍ଞାନପଣ୍ଡିତଙ୍କ ଦୃଷ୍ଟିରେ ପ୍ରାଚୀନ ସାହିତ୍ୟ ଗ୍ରନ୍ଥମାନ ଅଧ୍ୟୟନ କରିଅଛନ୍ତି ? କେବଳ 'ହୋ'ରେ ମାତି ଗୋଟାଏ ଛୁଆ ଧରିବା ଭଳି ସଜ କଥା—ରାଜା ମହାରାଜାଙ୍କଠାରୁ ଆରମ୍ଭ କରି କୁଟୀରବାସୀ ଚଷା ଭୂଷା, ଧୀବର, ବାଉରି, ବାର ଜାତି ତେର ଗୋଲା ପର୍ଯ୍ୟନ୍ତ, ବ୍ରାହ୍ମଣ ପଣ୍ଡିତଙ୍କଠାରୁ ଆରମ୍ଭ କରି ଅନ୍ତଃପୁରବାସିନୀ ପର୍ଯ୍ୟନ୍ତ ଯେଉଁ ଭାଷାରେ ଅମୂଲ୍ୟ ଗ୍ରନ୍ଥମାନ ରଚନା କରି ଯାଇଅଛନ୍ତି, ସେହି ଭାଷା ବର୍ତ୍ତମାନ ଅବନତ, ଲାଞ୍ଛିତ ଓ ଅବହେଳିତ ହେବାର ଦେଖିଲେ ମନ ଶୋକୋଦ୍ବେଳିତ ହୁଏ ।

ପାଶ୍ଚାତ୍ୟ ସଭ୍ୟତା, ଶିକ୍ଷା ଓ ସାହିତ୍ୟମାନଙ୍କ ସମ୍ପର୍କରେ ଆସି ଯେବେ ତହିଁର ଅମୃତଯାକ ଆମେ ଶୁଙ୍କି ଆଣି ଆମ ଭଣ୍ଡାରରେ ସାଇତି ନ ପାରିବା, ତେବେ ସେ ସବୁ ସଭ୍ୟତାର ସମ୍ପର୍କଦ୍ୱାରା ଆମେ ଋଣ ହେଉଥିଇଁ ବୋଲି କହିବାକୁ ହେବ । ଏ 'ପରଲୁଗା ପିନ୍ଧି ଯାତକୁ ଯିବା' କାମଟା ଭୁଲାଇବା ସହଜସାଧ୍ୟ ନୁହେ । ଏବେ ଉତ୍କଳ ସାହିତ୍ୟାକାଶରେ ଗୋଟିଏ ନୂଆ ବଉଦ

Digitized by srujan ka@gmail.com

ଉଠାଉଅଛି । ସେ ବହୁବର୍ଣ୍ଣମାନ ଭଳି ସାହିତ୍ୟକ ଭାଷା ଓ ଭାବକୁ କେଉଁ-ଆଡ଼କୁ ଉଡ଼ାଇ ନେଉଅଛି, ତାହା ସାଧାରଣ ପାଠକ ଓ ଶିକ୍ଷିତ ସାଧାରଣ ଠଉରାଇବା ଦୁଷ୍କର ହୋଇ ପଡ଼ିଅଛି । ବଙ୍ଗୀୟ କବିବର ରବୀନ୍ଦ୍ରନାଥଙ୍କ ଭାଷାର ପରିପାଟୀ ଓ ସୌନ୍ଦର୍ଯ୍ୟକୁ ଅନୁଶୀଳନ ଓ ସାଧନ ନ କରି ଓ ବୁଝି ନ ପାରି କେବଳ ତାହାର ସ୍ୱର-ଲିପି ଓ ଶବ୍ଦଯୋଜନାକୁ ଉଠାଇ ପକାଇ ତାଙ୍କ ଲେଖାର ଆପାତ ଅସମ୍ବଦ୍ଧତାକୁ ଅନୁକରଣ କରି ଓଡ଼ିଆ ସାହିତ୍ୟରେ ନୂତନତ୍ୱ ଆଣିବାର ପ୍ରୟାସ ଆଧୁନିକ ଲେଖକମାନେ କରୁଥିବାର ବୋଧ ହେଉଅଛି । ଏଥିପୂର୍ବରୁ ଓଡ଼ିଶାରେ ମହାତ୍ମା ଗାନ୍ଧୀ, ମଦନମୋହନ, ଚିତ୍ତରଞ୍ଜନ, ଲଜପତ୍, ରାଣାଡ଼େ, ଗୋଖଲେ, ଦାଦାଭାଇ, ତିଳକ ଆଦିଙ୍କର ଓଡ଼ିଶୀ ପକେଟ ସଂସ୍କରଣ ଓ ଓଡ଼ିଶୀ ଅବତାରମାନେ ବାହାରିଥିଲେ, ଏବକୁ ସାହିତ୍ୟ ଚୋଟାରେ ବିଶ୍ୱବନ୍ଦ୍ୟ କବି ରବୀନ୍ଦ୍ରନାଥଙ୍କ ଦାଢ଼ୁଆ ଚଳ ବହୁତ ପଡ଼ିଲାଣି, ସମ୍ଭବତଃ ଦିନ କେତେଟାରେ ସେ ଚଳସବୁ ଓଡ଼ିଶାର ଗମ୍ଭୀର, ଜୋର, ଜଳ ଆଦିରେ ରୁଆ ହୋଇଯିବ ଓ ସମ୍ଭବତଃ ଆମ ପୁଅ ନାତି ଅମଳକୁ ଓଡ଼ିଶା ତମାମ ରବୀନ୍ଦ୍ରନାଥଙ୍କ ପରି କବି ସାଲୁ ସାଲୁ ହେବେ । ପାଶ୍ଚାତ୍ୟ ଶିକ୍ଷା, ସଭ୍ୟତା ଓ ରୁଚି-ବିସ୍ତାର ସଙ୍ଗେ ସଙ୍ଗେ ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, କବିସୂର୍ଯ୍ୟଙ୍କ ରଚିତ ଗ୍ରନ୍ଥମାନଙ୍କର ସୌନ୍ଦର୍ଯ୍ୟ ଉପଲବ୍ଧି କରିବା ଶକ୍ତି ଆମର ଲୋପ ପାଉଅଛି । ଛନ୍ଦ ଓ ସଙ୍ଗୀତ ଓଡ଼ିଶାର ବିଶେଷତ୍ୱ ହେଲେ ମଧ୍ୟ ଆମ ଭିତରୁ ପଦରପଣ ଏବେ ଓଡ଼ିଆ ଛନ୍ଦ ଓ ସଙ୍ଗୀତ ବୋଲି ଜାଣୁ ନ ଥାଇଁ । ରାଗରାଗିଣୀ ଓ ସ୍ୱରଲିପି ରେ ମଧ୍ୟ ବଙ୍ଗୀୟ ଅନୁକରଣ ପଶିଲାଣି । ପ୍ରାଚୀନ ଗୀତ, ରୁଚି ଓ ଢଙ୍ଗର ସଂସ୍କାର ଏବଂ ସେମାନ ପରିପାଟୀ କରିବା ପ୍ରୟୋଜନ, ଏହା କେହି ଅସ୍ୱୀକାର କରି ନ ପାରେ । ଉତ୍କଳର ପ୍ରାଚୀନ କାବ୍ୟଗୁଡ଼ିକ ଅଧିକାଂଶ ଅନୁଭବପ୍ରଧାନ ବା Classic ଛାଞ୍ଚରେ ଗଢ଼ା । ଆଧୁନିକ କାବ୍ୟାଦି ଇଙ୍ଗିତପ୍ରଧାନ ବା Romantic ଧରଣର । ଏହି ଶେଷୋକ୍ତ ସାହିତ୍ୟ ବୁଝି ପାରିବା କଷ୍ଟକର ଏବଂ ତାହା ଆୟତ୍ତ କରି ସେହି ଛାଞ୍ଚରେ କାବ୍ୟାଦି ଲେଖିବା ଆହୁରି କାଠିକର ପାଠ । ଏପରି ଅବସ୍ଥାରେ ଅନ୍ୟ ସାହିତ୍ୟର ଲେଖାମାନଙ୍କର ଫମ୍ପା ଅନୁକରଣ କରିବାକୁ ଯାଇ ତହିଁର ଦୋଷ-ଗୁଡ଼ିକ ଅନୁକୃତ ହେଉଅଛି ମାତ୍ର । ଭାବର ଗାମ୍ଭୀର୍ଯ୍ୟରେ ବୁଡ଼ି ନବ୍ୟ ସାହିତ୍ୟ-ଲେଖକମାନେ ଭାଷାର ଆଡ଼ମ୍ବର ଓ ବେଢ଼ଣ ପ୍ରତି ଖାତିର କରୁ ନାହାନ୍ତି, କିନ୍ତୁ ଆଜିକାଲିର ଅଧିକାଂଶ ଲେଖକ କେବଳ ଭାଷାର ଅସମ୍ବଦ୍ଧତାକୁ ଅନୁକରଣ କରି ବ୍ୟାକରଣ, ସ୍ୱରଲିପି, ଭାଷାର ବିଶିଷ୍ଟ ରୀତି (Idiom) ପ୍ରତି ଅବହେଳା ଦେଖାଉଅଛନ୍ତି—ପାଠକ ତହିଁରେ 'ଅଭାବ' ଛଡ଼ା 'ଭାବ' ଦେଖୁ

Digitized by srujan ka@gmail.com

ନାହିଁ ଓ ଭାବର ସ୍ରୋତରେ ଭାସିଯିବାର ଅବକାଶ ମଧ୍ୟ ପାଉ ନାହିଁ । ପ୍ରାଚୀନ ଲେଖାରେ ଭାଷାର କ୍ଲିଷ୍ଟତା ଥିଲା, ଭାବର କ୍ଲିଷ୍ଟତା ନ ଥିଲା । କବିମାନେ ଇଚ୍ଛା କରି ଭାବର ସର୍ବଜନବୋଧତାକୁ ଭାଷାର କ୍ଲିଷ୍ଟତାଦ୍ୱାରା ଗୋପି ରଖୁଥିଲେ । ଯେ ପରିଶ୍ରମ କରି ଅଭିଧାନ, ବ୍ୟାକରଣ ଓ ଅଳଙ୍କାର ସାହାଯ୍ୟରେ ସେ ଲେଖାରୁ ଭାଷା-କ୍ଲିଷ୍ଟତାରୂପ ଚୋକାଖୋଳଣୀକୁ କାଢ଼ିପାରୁଥିଲେ ଅର୍ଥ ବୁଝିବାକୁ ସମର୍ଥ ହେଉଥିଲେ, ଭାଷାଜ୍ଞାନ ହେବା ସଙ୍ଗେ ସଙ୍ଗେ ପଠିତ ଗ୍ରନ୍ଥଗୁଡ଼ିକ ତାଙ୍କ ନିଜର ଅଳଙ୍କାର ହେଉଥିଲା । ସେଥିପାଇଁ ହଳୁଆ ହଳ କଲାବେଳେ, ଶଗଡ଼ିଆ ଶଗଡ଼ ବୋହିଲାବେଳେ, ବିଳାସୀ ମଉଜ ମଜଲିସରେ, ରସିକ ଗାଁ ପୋଖରୀକୂଳରେ, କୁଳବଧୂ ଅନ୍ତଃପୁରରେ ଓ ଝିଏ ଋଜପାଳନା ଓ ପୁଚିଖେଳରେ ସେ ଛନ୍ଦମାନ ବୋଲୁଥିଲେ ଏବଂ ସମୟୋଚିତ ରୁଚି ଅନୁଯାୟୀ ରସ ମଧ୍ୟ ଆସ୍ୱାଦିତ ହେଉଥିଲା । କିନ୍ତୁ ବର୍ତ୍ତମାନର ଲେଖା ଅବୋଧ ଅସମ୍ବଦ୍ଧ ଭାଷା ଓ ଭାବାବରଣ ମଧ୍ୟରେ ରହି ସାହିତ୍ୟକୁ ବିକଳାଙ୍ଗ କରୁଅଛି ମାତ୍ର । ଫଳତଃ ଏହା ଭଞ୍ଜଯୁଗର କ୍ଲିଷ୍ଟତାର ରୂପାନ୍ତର ବୋଲି ସାଧାରଣ ପାଠକ ଭାବୁଅଛି ।

ଆଧୁନିକ ସାହିତ୍ୟର ଏ ଶୋଚନୀୟ ଅବସ୍ଥାପାଇଁ ଉତ୍କଳ ସାହିତ୍ୟସମାଜ ଆପଣାକୁ ଦାୟୀ ମନେ କରିବା ଉଚିତ । ଏଥିର ପ୍ରତୀକାର କିପରି ଭାବରେ ଏ ସମାଜଦ୍ୱାରା ହୋଇ ପାରେ, ତାହା ପରେ ଆପଣମାନଙ୍କୁ ନିବେଦନ କରିବି । ଆଜି ଆମର ପ୍ରତିବେଶିନୀ ବଙ୍ଗଭାଷା ଭାରତରେ ଓ ସଭ୍ୟ ଜଗତରେ ଆଦୃତା; ଏମନ୍ତ କି ବଙ୍ଗଭାଷାର ବହୁଗ୍ରନ୍ଥ ବିଭିନ୍ନ ସଭ୍ୟ ଦେଶମାନଙ୍କ ଭାଷାରେ ଭାଷାନ୍ତରିତ ହୋଇ ସଭ୍ୟ ଜଗତରେ ଆଦୃତ ଓ ସମ୍ମାନିତ ହେଲାଣି । କେତେଖଣ୍ଡ ଓଡ଼ିଆ ବହି ଉତ୍କଳର ସୀମା ଟପି ଏବଂ କଲିକତା, ମାନ୍ଦ୍ରାଜ, ରେଙ୍ଗୁନ, ଜାମସେଦପୁରରେ ମୋଟ ବୋହୁଥିବା କୁଲି ଓ କୁଲି ସର୍ଦ୍ଦାରଙ୍କ ଆଖଡ଼ାର ହତା ଡେଇଁ ବାହାରକୁ ଗଲାଣି ? ଭାଷାନ୍ତରିତ ହେବା କଥା ଗାଧୋଇ ଯାଉ । ଉତ୍କଳ ସାରସ୍ୱତ ଭଣ୍ଡାରର ଅମୂଲ୍ୟ ରତ୍ନକୁ ଉତ୍କଳ ବାହାରେ ଥୋଇବାରେ ଆମ ଓଡ଼ିଆ ପୁଅ କେତେ ଜଣ ବ୍ୟସ୍ତ ? ଆଜି ବଙ୍ଗର ଘରେ ଘରେ ସାହିତ୍ୟଚର୍ଚ୍ଚା ଓ ସରସ୍ୱତୀ ଆରାଧନା ଲାଗିଅଛି । ଆମେ ଓଡ଼ିଆମାନେ ନିଜ ଭାଷାରେ ଗ୍ରନ୍ଥ ରଚନା କରିବା କଥା ଦୂରେ ଥାଉ, ଓଡ଼ିଆପୁଅ ଓଡ଼ିଆପୁଅ ପାଖକୁ ଅନ୍ୟ ଭାଷାରେ ଘରେଇ ଚିଠି ଲେଖୁଁ ଓ ସାହେବି କାଇଦାରେ ଇଂରାଜି ଭାଷାରେ ଆପଣା ନାଁଟାକୁ ଷ୍ଟଣ୍ଟ୍ କରି ଦସ୍ତଖତ୍ କରିବାକୁ ଆମକୁ ଭାରି କଉତୁକିଆ ଲାଗେ । ବିଜ୍ଞାପନ ଅଧରେ ଆପଣାର ଇଂରାଜି ଦସ୍ତଖତଟା ଦେଖିବାକୁ ଆମକୁ ଭାରି ସୁଖ

Digitized by srujan ka@gmail.com

ଲାଗେ । ଓଡ଼ିଆପୁଅଙ୍କର ଅନେକ ସ୍ଥଳରେ ବଙ୍ଗଳାରେ ବର୍ଣ୍ଣମାଳା ସଙ୍ଗେ ପ୍ରଥମେ ମୁଣ୍ଡକାଟ ହୁଏ । ଓଡ଼ିଆପୁଅ ସଙ୍ଗେ ଓଡ଼ିଆପୁଅ ଅନ୍ୟ ଭାଷାରେ କଥାଭାଷା କରିବାକୁ ସୁଖ ପାଉଁ । ଏଥିରୁ ବଳି ଗଭୀର ପରିତାପର ବିଷୟ କଣ ହୋଇ ପାରେ ? ଆଶାର କଥା ଏତିକି ଯେ, ଏହି ସ୍ୱୀୟ ଭାଷାର ନିକୃଷ୍ଟତା ସ୍ୱୀକାରକ ମନୋଭାବ କ୍ରମଶଃ କମି ଯାଉଛି । ଆଜିକି ୪୦ ବରଷ ତଳେ କଲିକତା-ବାସୀ ମୋର ଗୁରୁକଳ୍ପ ଜଣେ ପଦସ୍ଥ ଓଡ଼ିଆଙ୍କୁ ମୁଁ ଅଫିସରେ ଦେଖା କରିବାକୁ ଗଲି । ଅଫିସର ଅନ୍ୟ ବଙ୍ଗୀୟ କର୍ମଚାରୀମାନଙ୍କ ଉପସ୍ଥିତିରେ ତାଙ୍କ ସଙ୍ଗେ ଓଡ଼ିଆରେ କଥାବାର୍ତ୍ତା ନ କରିବା ପାଇଁ ଓ ମୁଁ ନିଜେ ଆପଣାକୁ ଓଡ଼ିଆ ବୋଲି ପରିଚୟ ନ ଦେବାକୁ ମତେ ସେ ଆଗରୁ ବାରମ୍ବାର ତାଗିଦ କରି ଦେଇଥିଲେ । ୪୦ ବରଷ ତଳେ ଓଡ଼ିଶା ମାଳୀ ଓ ଭାରବାହକଙ୍କ ଦେଶ ବୋଲି ବଙ୍ଗଦେଶରେ ଭଦ୍ର ଶିକ୍ଷିତ ସମାଜରେ ଧାରଣା ଥିଲା, ଏ ଜାତିରେ ଫେର୍ ଭଲ ଲୋକ କାହିଁ ଆସିବେ ? ଏ ଜାତିର ଗୋଟାଏ ସାହିତ୍ୟ ଓ ଭାଷା କୁଆଡ଼ୁ ଆସିବ ? ଏ ଧାରଣା ଯେ ବର୍ତ୍ତମାନ ଅନ୍ୟ ଦେଶମାନଙ୍କରୁ ସମ୍ପୂର୍ଣ୍ଣ ଦୂର ହେଲାଣି, ଏହା କହାଯାଇ ନ ପାରେ । ଏଥିପାଇଁ ଆମେ ଦାୟୀ । ଆମେ ଅନ୍ୟ ଜାତିଙ୍କ ଆଗରେ ଯେଉଁ ଘସରା ଓ ଲେଉଡ଼ା ଦର୍ପଣ ଖଣ୍ଡିମାନ ଧରିଲେଇଁ, ସେଥିରେ ଯେବେ ସେମାନେ ଆମର ରୂପକୁ ବେସରା ଓ କଦାକାର ଦେଖିଲେ, ସେଥିପାଇଁ ତାଙ୍କ ସଙ୍ଗେ ଫଉଜଦାରି କଲେ ଚଳିବ ନାହିଁ । ଛାଡ଼ ସେ କଥା ।

ଜାତୀୟ ସାହିତ୍ୟ ଜାତୀୟ ଉନ୍ନତିର ମାନଦଣ୍ଡ । ମୁଁ ଏଥିପୂର୍ବେ ଓଡ଼ିଶାର ପ୍ରାଚୀନ ସାହିତ୍ୟ-ବିଭବ କଥା ସୂଚନା କରିଅଛି; କିନ୍ତୁ ସେଗୁଡ଼ିକ ଧରି ବସିଲେ ଚଳିବ ନାହିଁ । ଯୁଗ ଓ ରୁଚିର ପରିବର୍ତ୍ତନ ଅନୁସାରେ ବର୍ତ୍ତମାନ ବିଶ୍ୱସାହିତ୍ୟର ଗତି ପରିବର୍ତ୍ତିତ ହୋଇଅଛି । ଆମ୍ଭମାନଙ୍କର ପ୍ରାଚୀନ ସାହିତ୍ୟ ଭଳି ଭାରତୀୟ ଅନ୍ୟ ଅନେକ ପ୍ରାଦେଶିକ ଭାଷାରେ ଅବଶ୍ୟ ପ୍ରାଚୀନ ସାହିତ୍ୟ ନାହିଁ; ଏହା ସତ୍ୟ । କିନ୍ତୁ ସେହି ସବୁ ପ୍ରାଚୀନ ସାହିତ୍ୟ ବର୍ତ୍ତମାନ ବିଶ୍ୱ-ସାହିତ୍ୟରେ କେଉଁ ସ୍ଥାନ ପାଇବ, ମୁଁ କହି ପାରୁ ନାହିଁ । ଅବସ୍ଥା ବିରୁଦ୍ଧରେ ସଂଗ୍ରାମ କଲେ, ମନୁଷ୍ୟ ସ୍ଥଳବିଶେଷରେ ଜୟୀ ହୋଇ ପାରେ; ମାତ୍ର ଯୁଗର ଗତି ଓ ସ୍ରୋତ ବିରୁଦ୍ଧରେ ସଂଗ୍ରାମ କଲେ ପଦେ ପଦେ ଲାଞ୍ଛିତ ଓ ଅପମାନିତ ହେବାକୁ ହୁଏ । ତେଣୁ ସାହିତ୍ୟ ଯୁଗୋଚିତ ରୁଚିର ଅନୁବର୍ତ୍ତୀ ହେବା ସର୍ବଥା ବାଞ୍ଛନୀୟ । ସାହିତ୍ୟହିଁ ମହାନୁଭବ ଓ ଯୁଗପ୍ରବର୍ତ୍ତକ ମନୀଷିମାନଙ୍କର ସାରଭୂତ ମନର ଉଚ୍ଚ ଚିନ୍ତାମାନ ଧାରଣ କରି ରଖେ । ସେହି ପ୍ରତିବିମ୍ବ ଦେଖିଲେ, ଜାତିର ସଭ୍ୟତା ଓ ଉନ୍ନତି ସ୍ପଷ୍ଟରୂପେ ଜଣାଯାଏ ।

Digitized by srujan ka@gmail.com

ବର୍ତ୍ତମାନ ଓଡ଼ିଆ ଭାଷାରେ ଏପରି କେତେ ଖଣ୍ଡ ପୁସ୍ତକ ଅଛି, ଯହିଁରେ ମହାନୁଭବ ବ୍ୟକ୍ତିମାନଙ୍କ ଉଚ୍ଚ ଚରିତ୍ରମାନ ପ୍ରତିବିମ୍ବିତ ହୋଇଅଛି ? ଜାତିରେ କେତେଜଣ ମାତ୍ର ମହାନୁଭବ ଉଦାର ମହାପୁରୁଷ ଜନ୍ମ ଗ୍ରହଣ କରି ସେମାନଙ୍କର ଅନୁଭୂତ ସତ୍ୟକୁ ସାହିତ୍ୟାକାରରେ ପ୍ରକାଶ କରଯାନ୍ତି । ଏହି ଗ୍ରନ୍ଥମାନଙ୍କରେ ଧର୍ମ, ନୀତି, ଚରିତ୍ରବଳ, ପରୋପକାର, ତ୍ୟାଗ, ସତ୍ୟ, ସ୍ୱଦେଶ-ପ୍ରେମ ପ୍ରଭୃତିର ଉଚ୍ଚ ଚିତ୍ରମାନ ଏପରି ସୁକୌଶଳରେ ଚିତ୍ରିତ ହୋଇଥାଏ ଯେ, ତଦ୍ୱାରା ସାଧାରଣ ଲୋକ-ସମାଜ ମଧ୍ୟରେ ସେହି ଭାବମାନ ପ୍ରବେଶ କରେ ଓ ସମାଜ ସେହି ଭାବରେ ଅନୁପ୍ରାଣିତ ହୋଇ ଉଠେ । ଫଳତଃ ଏହି କେତେଜଣ ମାତ୍ର କ୍ଷଣଜନ୍ମା ପୁରୁଷଙ୍କର ଉଚ୍ଚ ଚରିତ୍ରମାନ ସମଗ୍ର ଜାତୀୟ ଜୀବନରେ ପ୍ରତିବିମ୍ବିତ ହୋଇ ଜାତୀୟ ଜୀବନର ଗତିକୁ ପରିବର୍ତ୍ତିତ ଓ ଗଠିତ କରି ଦିଏ । ଆମ୍ଭମାନଙ୍କ ମଧ୍ୟରେ ଉଚ୍ଚ ଶିକ୍ଷିତ ଅଳ୍ପ ନାହାନ୍ତି ଓ ସେମାନଙ୍କ ସମ୍ମୁଖରେ ଉନ୍ନତ ଜାତିମାନଙ୍କର ସାହିତ୍ୟଦ୍ୱାର ଉନ୍ମୁକ୍ତ ରହିଅଛି; ଅଥଚ ସେହି ବିଶ୍ୱସାହିତ୍ୟର ଅନୁକରଣରେ ଓଡ଼ିଆ ସାହିତ୍ୟକୁ ଗଢ଼ିବାକୁ କାହାର ପ୍ରବୃତ୍ତି ଜନ୍ମୁନାହିଁ, ଏହାହିଁ କ୍ଷୋଭର ବିଷୟ । ଶତାଧିକ ବର୍ଷବ୍ୟାପୀ ଇଂରାଜ ରାଜତ୍ୱର ସୁଫଳ ଲାଭ କରି ଭାରତର ଅନ୍ୟ ପ୍ରାଦେଶିକ ଭାଷାମାନ ଯେଉଁ ଅଭାବନୀୟ ଉନ୍ନତି ସାଧନ କରି-ଅଛି, ଓଡ଼ିଆ ଭାଷା ଓ ସାହିତ୍ୟ ସେଥିରୁ ଏକ ପ୍ରକାର ବଞ୍ଚିତ । ଏଥିର ଏକମାତ୍ର କାରଣ ଆମ ଉଚ୍ଚ ଶିକ୍ଷିତମାନଙ୍କର ଔଦାସୀନ୍ୟ ଓ ଜଡ଼ତା । ଉଚ୍ଚପରୀକ୍ଷା ସାଙ୍ଗ କରି ଆପଣା ଦେହରେ ଗୋଟିଏ ଲେଖାଏଁ ହାଉକା ଛପା ମରା ହେଲା ପରେ ଆମେମାନେ ଜୀବନର ବ୍ରତ ଉଦ୍‌ଯାପନ କଲୁଁ ବୋଲି ନିଶ୍ଚିନ୍ତ ହୋଇ ଯେଝାର କର୍ମକ୍ଷେତ୍ରରେ ଓ ଘର ବାଡ଼ ଧନ୍ଦାରେ ଲାଗୁଁ । କିନ୍ତୁ କାଳେ ସକାଳେ 'ମା ସରସ୍ୱତୀ' ଆମର ମନେ ପଡ଼ନ୍ତି ନାହିଁ । ଏକ କଥାରେ କହିବାକୁ ଗଲେ, ମା ସରସ୍ୱତୀଙ୍କର ସେବା 'ଇତି ଶ୍ରୀ' ହୁଏ । ମା ସରସ୍ୱତୀଙ୍କ ସେବା ଅର୍ଥରେ ନିଜେ ଲେଖିବା କିମ୍ବା ଅନ୍ୟ ଲେଖାକୁ ପଢ଼ିବା କିମ୍ବା ସାହିତ୍ୟକ୍ଷେତ୍ରରେ ସାଧନା କରିବା ମୁଁ ବୁଝିଅଛି ।

ସାହିତ୍ୟର ଅଙ୍ଗ ଦୁଇଟି—ଗଦ୍ୟ ଓ ପଦ୍ୟ ।

୧ ଗଦ୍ୟସାହିତ୍ୟ —ଗଦ୍ୟ କହିବାକୁ ଗଲେ, ପ୍ରାଚୀନ କାଳର ମାଦଳା ପାଞ୍ଜି, ଗଦ୍ୟ କେତେଗୁଡ଼ିଏ ରାଜବଂଶଚରିତ ଓ ତାମ୍ରଶାସନ ଓ ସନନ୍ଦ ଛଡ଼ା ଅନ୍ୟ କିଛି ପ୍ରାଚୀନ ଗଦ୍ୟ ସାହିତ୍ୟ ଆମମାନଙ୍କ ହାବୁଡ଼ରେ ଏପର୍ଯ୍ୟନ୍ତ ପଡ଼ି ନାହିଁ । ପ୍ରଥମେ ଓଡ଼ିଶାର ସ୍କୁଲମାନଙ୍କରେ ସାହିତ୍ୟ ପାଠପାଇଁ 'ଆଖ୍ୟାନମଞ୍ଜରୀ,' 'ବସ୍ତୁବିଚାର'

Digitized by srujan ka@gmail.com

ଅବ କେତେକ ଗଦ୍ୟ ପୁସ୍ତକ ବଙ୍ଗଳାରୁ ଭାଷାନ୍ତରିତ ହୋଇଥିଲା । ଓଡ଼ିଆ ଭାଷାରେ ଭକ୍ତକବି ମଧୁସୂଦନ ମୌଳିକ ଗଦ୍ୟ ରଚନାର ସୂତ୍ରପାତ କଲେ । ସଂସ୍କୃତର ଛାଞ୍ଚରେ ତାହାଙ୍କର ସ୍ୱଭାବ-ସୁନ୍ଦର ଓ ଲଳିତ ମନୋହର ଗଦ୍ୟ ରଚନା ଓଡ଼ିଆ ଭାଷାର ପ୍ରଚ୍ଛନ୍ନ କ୍ଷମତାକୁ ସୂଚନା କଲା ମାତ୍ର । ଗୌରୀଶଙ୍କର, ସ୍ୱର୍ଗୀୟ ମହାରାଜା ସାର୍ ସୁବଳ ଦେବ, ସମ୍ବାଦପତ୍ର ମୁଖରେ ଗଦ୍ୟ ରଚନା ଚଳାଉଥିଲେ । ତତ୍ପରେ ରାମଶଙ୍କର, ଉମେଶ ସରକାର ଆଦି କେତେ ଖଣ୍ଡି ଉପନ୍ୟାସ ରଚନା କରି ଗଦ୍ୟ ଆଡ଼କୁ ଲୋକଙ୍କର ଦୃଷ୍ଟି ଆକର୍ଷଣ କଲେ, କିନ୍ତୁ ଶ୍ରମ-କାନ୍ତି-ଗୁଣ-ସମନ୍ୱିତ ଗଦ୍ୟ ରଚନାର ସୂତ୍ରପାତ ବିଶ୍ୱନାଥ କର ତାଙ୍କର ବିବିଧ ପ୍ରବନ୍ଧରେ ଏବଂ ଶଶିଭୂଷଣ ତାଙ୍କର ଦାକ୍ଷିଣାତ୍ୟଭ୍ରମଣରେ ଆରମ୍ଭ କରିଥିଲେ; ସ୍ୱର୍ଗୀୟ ମୃତ୍ୟୁଞ୍ଜୟ ରଥ ଏମାନଙ୍କ ପଦାଙ୍କ ଅନୁସରଣ କରି ଗଦ୍ୟ ରଚନାରେ ହସ୍ତକ୍ଷେପ କରିଥିଲେ । ଚନ୍ଦ୍ରମୋହନ ଗଦ୍ୟ ରଚନାଦ୍ୱାରା ଓଡ଼ିଆ ଭାଷାର ଯେଉଁ ଭବିଷ୍ୟତ୍ ସୂଚନା କରିଥିଲେ, ତାହା ବନର ମାଳତୀ ପରି ବନରେ ଫୁଟି ଝଡ଼ିଗଲା । ଏହି କ୍ଷେତ୍ରରେ "ଉତ୍କଳ ସାହିତ୍ୟ" ପତ୍ରିକାର କାର୍ଯ୍ୟ ଓ ଦାବୀ ଅଗ୍ରାହ୍ୟ କରିବାର ଅଧିକାର ଅନ୍ତତଃ ମୋର ନାହିଁ । "ଉତ୍କଳ ସାହିତ୍ୟ"ର ସମ୍ପାଦକ ବିଶ୍ୱନାଥଙ୍କ ଯତ୍ନରେ ଓ ଉତ୍ସାହରେ ଯେ ଅନେକ ଗଦ୍ୟଲେଖକ ଓ କବି ଆଜି ସାହିତ୍ୟିକ ବୋଲି ପରିଚିତ ହୋଇଅଛନ୍ତି, ଏଥିର ଗୋଟିଏ ଉଦାହରଣ ଆଜି ଆପଣମାନଙ୍କ ସମ୍ମୁଖରେ ସଶରୀରରେ ଉପସ୍ଥିତ । ଫକୀରମୋହନ ତାଙ୍କର ଗଳ୍ପସ୍ୱଳ୍ପରେ ଓଡ଼ିଆ ଗଦ୍ୟ ଲେଖାରେ 'ବାପା ହେ ବାପା ହେ, ଟିକାଙ୍କ ଉପରେ ଘଉଙ୍କ ମଧ୍ୟରେ ଘୃତ ଅଛନ୍ତି' ଏ ଭାଷାର ଯୁଗକୁ ପରିବର୍ତ୍ତନ କରି ଗଦ୍ୟକୁ ଓଡ଼ିଆର ଦୈନନ୍ଦିନ ବ୍ୟବହୃତ ଭାଷା ଆଡ଼କୁ ଟାଣି ଆଣିଥିଲେହେଁ ଏ କ୍ଷେତ୍ରରେ ତାଙ୍କର ପ୍ରତିଭା "ଉତ୍କଳ ସାହିତ୍ୟ"ରେ 'ଛମାଣ ଆଠଗୁଣ୍ଠ'ରେ ଫୁଟି ଉଠିଥିଲା । ଫକୀରମୋହନଙ୍କ ଅନୁକରଣରେ ତାଙ୍କର ଚେଲାମାନେ ଗଦ୍ୟ ସାହିତ୍ୟକୁ ଆଜି ପର୍ଯ୍ୟନ୍ତ ଚଳାଇ ଆଣୁଥିଲେ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ, ଶ୍ରୀମାନ୍ ନୀଳକଣ୍ଠ, ৺କୃପାସିନ୍ଧୁ ଆଦି ଲେଖକମାନେ ଓଡ଼ିଆ ଗଦ୍ୟର ଭିନ୍ନ ଭିନ୍ନ ଆକାର ପ୍ରକାର ଓ ନମୁନାମାନ ଆମ୍ଭମାନଙ୍କୁ ଦେଖାଇଅଛନ୍ତି । 'ମୁକୁର' ପତ୍ରିକା ମଧ୍ୟ କେତେଗୁଡ଼ିଏ ଲେଖକଙ୍କୁ ଉତ୍ସାହିତ କରି ଉତ୍କଳର ଆଧୁନିକ ଗଦ୍ୟସାହିତ୍ୟ ବିକାଶର ବାଟ ଦେଖାଇଅଛି । ଇତିମଧ୍ୟରେ ଆଉ କେତେକ ଉଦୀୟମାନ ଉଚ୍ଚ ଶିକ୍ଷିତ ଲେଖକ ଓ ଲେଖିକା (ଯଥା :—৺ଗୋପୀନାଥ ନନ୍ଦ, ଜଗବନ୍ଧୁ, କୃଷ୍ଣପ୍ରସାଦ, ରତ୍ନାକର, କୁଳମଣି, କୁନ୍ତଳାକୁମାରୀ, ଶ୍ରୀମାନ୍ ଆଚାର୍ଯ୍ୟ ଚନ୍ଦ୍ରମଣି, ଶଶିଭୂଷଣ ରଥ, ଦୟାନିଧି ମିଶ୍ର, ବାସୁଦେବ ମହାପାତ୍ର, ପ୍ରତିଭା, ସରଳା) ମାସିକ-

Digitized by srujan ka@gmail.com

ପତ୍ରର ସ୍ତମ୍ଭରେ ଓ ନିଜ ନିଜ ରଚିତ ଗ୍ରନ୍ଥମାନଙ୍କରେ ଗଦ୍ୟ ରଚନାରେ ନୂତନତ୍ବ ଓ ବିଶିଷ୍ଟତା ଦେଖାଇଅଛନ୍ତି । ଓଡ଼ିଆ ସାହିତ୍ୟପ୍ରଚାରିଣୀ ସଭା ଗୁଡ଼ିଏ ଗ୍ରନ୍ଥ ପ୍ରକାଶ କରି ଲେଖକମାନଙ୍କୁ ଉତ୍ସାହିତ କରୁଅଛନ୍ତି । କିନ୍ତୁ ସାହିତ୍ୟର ସମସ୍ତ ଶାଖାରେ (ଯଥା—ଉପନ୍ୟାସ, ବିଜ୍ଞାନ, ଜ୍ୟୋତିଷ, ସମାଲୋଚନା, ଇତିହାସ, ପ୍ରତ୍ନତତ୍ତ୍ବ, ଜୀବନଚରିତ, ଚିକିତ୍ସାଗ୍ରନ୍ଥ, ସ୍ବରବିଜ୍ଞାନ ଆଦି) ଗଦ୍ୟରଚନାରେ ଓଡ଼ିଆ ଲେଖକମାନଙ୍କର ନିଷ୍ଠା ଓ ସାଧନା ଆଶାନୁରୂପ ବିକାଶ ଲଭି ନାହିଁ ବୋଲି ଦମ୍ଭ ସହିତ କହାଯାଇ ପାରେ । ବିଶ୍ବସାହିତ୍ୟ ସଙ୍ଗରେ ପାଦ ପକାଇବା ପାଇଁ ଅବହମାନ କାଳରୁ ଆଜିପର୍ଯ୍ୟନ୍ତ ହୋଇଥିବା ଓଡ଼ିଆ ଗଦ୍ୟ ଲେଖାମାନଙ୍କୁ ହିସାବିଲେ ଖଣ୍ଡିଏ ପୁସ୍ତକ ମିଳିବ କି ? ଭାଷାର ବିଶୁଦ୍ଧତା ରକ୍ଷା କରି ନିଷ୍ଠାସହିତ ସାହିତ୍ୟସେବା କରିବା ଓ ଓଡ଼ିଆ ଭାଷାକୁ ବିଜାତୀୟ ପ୍ରଭାବରୁ ବଞ୍ଚାଇ ଭାଷାର ବିଶେଷତ୍ବ ଓ ସମ୍ମାନ ରକ୍ଷା କରିବାପାଇଁ ଆମ ମଧ୍ୟରୁ କେତେ ଜଣ ଚେଷ୍ଟା କରୁଅଛନ୍ତି ? ସମ୍ବାଦପତ୍ରମାନ ସାହିତ୍ୟର ପୁଷ୍ଟି ଓ ଉନ୍ନତି ବିଷୟରେ ପ୍ରଧାନ ସହାୟ, ଏ କଥା କେତେକ ପରିମାଣରେ ସମାଜ ଓ ଆଶାଙ୍କୁ ଛାଡ଼ି କେତେଜଣ ସମ୍ପାଦକ ଦୃଢ଼ ଭାବରେ ଭାବୁଅଛନ୍ତି ? ପାଠକମାନଙ୍କ ମନରେ ସମ୍ବାଦପତ୍ର ପଢ଼ି ଏହି ଧାରଣା ହେଉଅଛି ଯେ, ସମ୍ବାଦପତ୍ରର ଭାଷା ଓ ସାହିତ୍ୟର ଭାଷା ଅଲଗା ଅଲଗା । ଦୈନିକ ଆଶା ସାହିତ୍ୟ ଭାବରେ ଓ ସମ୍ବାଦପତ୍ର ଭାବରେ ନବଯୁଗର ଯେଉଁ ଶଙ୍ଖ ବଜାଇ-ଅଛି, ତାହା ଉତ୍କଳ ସାହିତ୍ୟର ଇତିହାସରେ ଚିରକାଳ ନିନାଦିତ ହେବ ବୋଲି ଆଶା କରାଯାଏ । ଦୈନିକ ପତ୍ରିକା ଓଡ଼ିଶାରେ ଚଳି ପାରିବ, ଏପରି ଆଶା ଦୁଇ ବର୍ଷ ପୂର୍ବେ ଦୁରାଶା ପରି ବୋଧ ହେଉଥିଲା ।

ମାସିକ ଓ ସାମୟିକ ପତ୍ରିକାମାନଙ୍କ ମଧ୍ୟରେ "ଉତ୍କଳସାହିତ୍ୟ" ଅଗ୍ରଣୀ, କିନ୍ତୁ ତାହାର ଅବସ୍ଥା ଓ ଭବିଷ୍ୟତ୍ ଭାବିଲେ ଦୁଃଖରେ ମ୍ରିୟମାଣ ହେବାକୁ ହୁଏ । ସାମୟିକ ପତ୍ରିକା ସାହିତ୍ୟର କିପରି ପୃଷ୍ଠପୋଷକ ତାହା ପ୍ରାତଃସ୍ମରଣୀୟ ସାହିତ୍ୟପ୍ରିୟ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ପ୍ରତିଷ୍ଠିତ 'ଉତ୍କଳପ୍ରଭା' ପତ୍ରିକା ଓଡ଼ିଶାକୁ ଦେଖାଇ ଯାଇଅଛି । ଉତ୍କଳସାହିତ୍ୟର ଅମୂଲ୍ୟ ରତ୍ନ ଚିଲିକା 'ଉତ୍କଳ ପ୍ରଭା'ର ଉତ୍ସାହରେ ପ୍ରଥମେ ରଚିତ ହୋଇଥିଲା । ଉତ୍କଳପ୍ରଭା, ଉତ୍କଳସାହିତ୍ୟ ଓ ମୁକୁରରେ କ୍ରମଶଃ ପ୍ରକାଶିତ କେତେ ଲେଖା ମଧ୍ୟ ସାରସ୍ବତ ଭଣ୍ଡାରରେ ଅମୂଲ୍ୟ ରତ୍ନରୂପେ ପରିଗଣିତ ହେଉଥିବ । ଓଡ଼ିଶାରେ କେତେ ଯେ ମାସିକ ପତ୍ରିକାର ଆବିର୍ଭାବ ଓ ତିରୋଭାବ ହୋଇଗଲାଣି, ତାହା ଏଠାରେ ଆଲୋଚନା କରିବାର ଅବସର ନାହିଁ । ଏବେ ମଧ୍ୟ ଊଣା ଅଧିକରେ ଉତ୍କଳଖଣ୍ଡରେ ୩୦ ଖଣ୍ଡ ମାସିକ ପତ୍ରିକା ଚାଲୁଅଛି । କିନ୍ତୁ ଏଗୁଡ଼ିକ ମାସିକ, କି ଦ୍ବୈମାସିକ, କି ତ୍ରୈମାସିକ,

Digitized by srujan ka@gmail.com

ବା ଚାତୁର୍ମାସିକ, ତାହା ଏମାନଙ୍କ ଜୀବନ କାଳରେ ଜଣାପଡ଼ୁ ନାହିଁ; ନ ମୃତ୍ୟୁରେ ବି ଜଣା ପଡ଼ୁ ନାହିଁ । 'ଉତ୍କଳସାହିତ୍ୟ' ପତ୍ରିକା ଖଣ୍ଡି ନାନା ଅଭାବ ଅସୁବିଧା ମଧ୍ୟରେ 'ଚେନ ଚେନ' ବଞ୍ଚି ରହିଅଛି । 'ମୁକୁର' ଜଣେ ଜମିଦାରଙ୍କ ଦ୍ୱାରା ପୋଷା, ଏଥିପାଇଁ ସେ ମଧ୍ୟ ଅର୍ଥଚିନ୍ତାରୁ ମୁକ୍ତ, ସେ ଗ୍ରାହକମାନଙ୍କ ଅନୁଗ୍ରହ ଉପରେ ନିର୍ଭର କରେ ନାହିଁ ଏବଂ ଗ୍ରାହକମାନେ ମଧ୍ୟ ନିୟମିତରୂପେ ପ୍ରକାଶର ଅଭାବ ବିରୁଦ୍ଧରେ ଆଇନ ଅନୁସାରେ ଦାବୀଦାର ନୁହନ୍ତି । 'ବାରୁଣୀ ପତ୍ରିକା' ୧୨ଟିକ ବାହାରିଲା ପରେ ଦୁଇ ତିନ ଥର ଉଇଁ ପୁଣି ହେଲିଙ୍କ ଧୂମକେତୁ (Hailey's Comet) ପରି କୁଆଡ଼େ ଉଭେଇ ଯାଇଅଛି । ପୁଣି କେବେ ଉତ୍କଳ ଆକାଶରେ ତାହାର ଉଦୟ ହେବ, ତାହା ପତ୍ରିକାସମ୍ପାଦକ ଓ ବିଶ୍ୱସମ୍ପାଦକଙ୍କୁ ଜଣା । ଉତ୍କଳଭାଷୀ ଅଞ୍ଚଳରେ ନବ୍ୟ ଶିକ୍ଷିତଙ୍କ ସଂଖ୍ୟା ବୃଦ୍ଧ ପ୍ରୌଢ଼, ତରୁଣ, ସାବାଳଗ, ନାବାଳକ ହୋଇ କୋଡ଼ିଏ ହଜାର ହେବ ବୋଲି ମୋଟରେ ଧରିଯାଇ ପାରେ, ଏଥିରୁ କେତେ ଜଣ ସାହିତ୍ୟ ପତ୍ରିକାମାନଙ୍କର ଗ୍ରାହକ ? ଏଥିରୁ ପୁଣି କେତେ ଜଣ ଦିଅ, କେତେ ଜଣ ଅଦିଅ ଓ କେତେ ଜଣ ଦୁଆରଦିଅ, ଏଥିର ଗୋଟିଏ ସେନ୍‌ସସ କରିଗଲେ ବଡ଼ କୌତୁକର ବିଷୟ ହୁଅନ୍ତା । ବଙ୍ଗୀୟ ପତ୍ରିକା ଓଡ଼ିଶାକୁ କେତେ ଖଣ୍ଡ ଆସେ, ତାହା ମଧ୍ୟ ଦେଖି ଶିଖିବାର କଥା ।

୨ ପଦ୍ୟ ସାହିତ୍ୟ :—କବିବର ରାଧାନାଥ, ମଧୁସୂଦନ ଏ ଯୁଗରେ ଜନ୍ମି ନ ଥିଲେ, ଏ ଯୁଗର ପଦ୍ୟ ସାହିତ୍ୟରେ ଆମେ କି ଗ୍ରନ୍ଥକୁ 'ପେଡ଼ିଲୁଗା' ପରି ଦାଣ୍ଡରେ ଦେଖାଉଥାନ୍ତେଇଁ, ତାହା ଭାବି ହେଉ ନାହିଁ । ୰ଉତ୍କଳମଣି ଗୋପବନ୍ଧୁ, ସାଧୁଚରଣ, ଗଙ୍ଗାଧର, ନନ୍ଦକିଶୋର, ଫକୀରମୋହନ ଓ ଚିନ୍ତାମଣି, ପଦ୍ମଚରଣ, ମଦନମୋହନ, ନୀଳକଣ୍ଠ, ଗୋଦାବରୀଶ, କାଳନ୍ଦୀଚରଣ, ବୈକୁଣ୍ଠନାଥ, ଅଜୟଚନ୍ଦ୍ର, କୁନ୍ତଳାକୁମାରୀ, ମାୟାଧର, ଚନ୍ଦ୍ରଶେଖର, ଏହିପରି କତିପୟ ଲେଖକ ଓ ଲେଖିକା ନୂତନ ରୂପରେ ଓ ଛନ୍ଦରେ ପଦ୍ୟ ସାହିତ୍ୟରେ କସରତ କରୁଅଛନ୍ତି, କିନ୍ତୁ ଏମାନଙ୍କୁ କବି ଆସନରେ ବସାଇବାର ଭାର ଭବିଷ୍ୟତ୍ ଉତ୍କଳ ସାହିତ୍ୟର ଇତିହାସଲେଖକଙ୍କଠାରେ ।

ଉତ୍କଳ ସଙ୍ଗୀତ ଛନ୍ଦ ଜଗତରେ ତ ପ୍ରସିଦ୍ଧ । ଅଶିକ୍ଷିତ ବ୍ୟକ୍ତିଙ୍କ ମୁହଁରୁ ମଧ୍ୟ ଅନେକ ସମୟରେ ସଙ୍ଗୀତ ଓ ଛନ୍ଦ ଯାହା ଶୁଣା ଯାଇ-ଥାଏ, ଦୁଃଖର ବିଷୟ ଯେ, ଆଜିକାଲି ଶିକ୍ଷିତମାନଙ୍କ ମଧ୍ୟରେ ତହିଁର ଏକାଂଶ ମଧ୍ୟ ମିଳିବା ଦୁର୍ଘଟ । ଦାମୋଦର ପଟ୍ଟନାୟକ ଗୋଟିଏ ପ୍ରାଚୀନ ସଙ୍ଗୀତ ସଂଗ୍ରହ

Digitized by srujan ka@gmail.com

କରି ଯେଉଁ ପଥ ଦେଖାଇ ଯାଇଥିଲେ, ତାହାକୁ କଟକର ଛାପାଖାନାବାଲାମାନେ ସଙ୍ଗୀତ ପାଟେଲିକଦଳୀ, ସଙ୍ଗୀତ ରସଗୋଲା, ସଙ୍ଗୀତ ବହୁଅଛ, ସଙ୍ଗୀତ ଛେନାଗୁଡ଼ ଇତ୍ୟାଦି ନାନା ଅଚନ୍ତନୀୟ ଆକାର ଓ ନଦାକାରରେ ଏପରି ଅପବ୍ୟବହାର କରିବେ ବୋଲି ଦାମୋଦର ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ । ପାରଲାଖେମୁଣ୍ଡି ରାଜାନୁକୂଲ୍ୟରେ ପ୍ରକାଶିତ ଗୋପାଳକୃଷ୍ଣଙ୍କ ସଙ୍ଗୀତସଂଗ୍ରହ ଓ ଖଲ୍ଲିକୋଟ ରାଜାନୁକୂଲ୍ୟରେ ପ୍ରକାଶିତ କୁଳମଣିଙ୍କ କବିସୂର୍ଯ୍ୟ ଗ୍ରନ୍ଥାବଳୀ ଯେଉଁ ମାର୍ଗ ଦେଖାଇଅଛନ୍ତି, ତାହା ଏହି କ୍ଷେତ୍ରରେ ସର୍ବଥା ଆଦରଣୀୟ ଓ ଅନୁକରଣୀୟ । ରଣପୁର ରାଜାନୁକୂଲ୍ୟରେ ପ୍ରକାଶିତ ସଙ୍ଗୀତ-ଜ୍ଞାନଭଣ୍ଡାର, ଓ ଗୀତବାଦ୍ୟ ତରଙ୍ଗରେ ଗୀତବାଦ୍ୟର ଚର୍ଚ୍ଚା ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷିତ ହୋଇଅଛି । ସଙ୍ଗୀତ ସାଧନାରେ ଗୋବିନ୍ଦଚନ୍ଦ୍ର, ସୁରଦେଓ, ଗୋକୁଳଚନ୍ଦ୍ର, ମୋହନ ଗୋସ୍ୱାମୀ କୃତିତ୍ୱ ଦେଖାଇଅଛନ୍ତି, କିନ୍ତୁ ତାହା ଉତ୍କଳୀୟ ଜାତିର ହୃଦୟତନ୍ତ୍ରୀରେ ସ୍ଥାୟୀରୂପେ ଝଙ୍କୃତ ହେବାକୁ ଅନେକ ଦିନ ବାକି ଅଛି ।

ଗୋଟିପୁଅ ନାଚ ଓ ଦକ୍ଷିଣୀ ସଙ୍ଗୀତ ସାଧନାପାଇଁ ଉତ୍କଳ ଦିନେ ଭାରତରେ ଖ୍ୟାତି ଲାଭ କରିଥିଲା । ଭିଙ୍ଗାରପୁର ଜମିଦାରବଂଶଙ୍କ ପ୍ରାଚୀନ ବିଭବ ଲୁପ୍ତ ହେଲା ପରେ ଓ ବଳଙ୍ଗା ରାଧାକୃଷ୍ଣ ଥିଏଟରର ପ୍ରତିଷ୍ଠାତା ଓ ଜୀବନ ବନମାଳୀ ଯିବା ଦିନଠାରୁ ଏ ଦିଗରେ ପୋଥିରେ ଡୋରି ବନ୍ଧା ହେଲା ପରି ଅଣଙ୍କା ହେଉଅଛି ।

ଗଦ୍ୟ ଓ ପଦ୍ୟ ସାହିତ୍ୟର ସମନ୍ୱୟରେ ନାଟକ ଜନ୍ମ ପାଏ । ଏ କ୍ଷେତ୍ରରେ ମଧ୍ୟ ଓଡ଼ିଆ ଅତି ହୀନ । ପ୍ରଥମେ ୮ ଜଗମୋହନ ଲାଲ 'ବାବାଜୀ' ନାଟକ ଲେଖିଥିଲେ । ତତ୍ପରେ ରାମଶଙ୍କର, ପଣ୍ଡିତ ହରିହର ରଥ ଓ ଏବେ ଭିକାରୀଚରଣ ଅଶ୍ୱିନୀକୁମାର, ତଳଚେର ରାଜା ରାଧାମୋହନ ଏ କ୍ଷେତ୍ରରେ ପରିଶ୍ରମ ଓ ସାଧନା ଦେଖାଇଅଛନ୍ତି । ଯୁବକ ଶ୍ରୀମାନ୍ ରାମଚନ୍ଦ୍ର ଦୁଇଖଣ୍ଡି ଓ ସମ୍ବଲପୁରର ଚୂଡ଼ାମଣି ଖଣ୍ଡିଏ ନାଟକ ଲେଖି ନାଟକରେ ନବଯୁଗର ସୂଚନା ଦେଖାଇଅଛନ୍ତି । ଏ କ୍ଷେତ୍ରରେ ମଧ୍ୟ ହାଏ ଦେବାର ଅବସ୍ଥା ବର୍ତ୍ତମାନ ପର୍ଯ୍ୟନ୍ତ ପହଞ୍ଚି ନାହିଁ ।

ଉତ୍କଳର କେନ୍ଦ୍ରରେ ଗୋଟାଏ ସ୍ଥାୟୀ ରଙ୍ଗମଞ୍ଚ ଅବଧି ହୋଇ ପାରିଲା ନାହିଁ । ବାସନ୍ତୀ ନାଟ୍ୟଶାଳାଟି ପ୍ରତି ଅବଧି ଉତ୍କଳର ସାହିତ୍ୟପ୍ରିୟ କୌଣସି ବରପୁତ୍ରଙ୍କର ଦୃଷ୍ଟି ପଡ଼ି ନାହିଁ । ମୋହନ ଗୋସ୍ୱାମୀ ସଙ୍ଗୀତ ଓ

Digitized by srujan ka@gmail.com

ନାଟ୍ୟ ବିଦ୍ୟାରେ ନିର୍ମଳଙ୍କରେ ଯେଉଁ କୃତିତ୍ୱ ଦେଖାଇଅଛନ୍ତି, ତାହା ସଙ୍ଗୀତପ୍ରିୟମାନଙ୍କ ଅନୁକରଣୀୟ ।

ଓଡ଼ିଶାରେ ଗୀତିନାଟ୍ୟର (Opera) ଅଭାବ ନାହିଁ । ରାମଲୀଳା, କୃଷ୍ଣଲୀଳା, ଭାରତଲୀଳା, ବୋଧ, ସୁଅଙ୍ଗ, ଚନ୍ଦ୍ରାବତୀହରଣଠାରୁ ଆରମ୍ଭ କରି ନାନାବିଧ ପୌରାଣିକ ଓ ଅପୌରାଣିକ ହରଣ ପର୍ଯ୍ୟନ୍ତ ଉତ୍କଳର ଭିନ୍ନ ଭିନ୍ନ ସ୍ଥାନରେ, ଉତ୍କଳ ଭିନ୍ନ ଭିନ୍ନ ଅଖଡ଼ାରେ, ଉତ୍କଳର ଭିନ୍ନ ଭିନ୍ନ ରାଜଦ୍ୱାରରେ, ପ୍ରବାସୀ ଉତ୍କଳୀୟଙ୍କ ଭିନ୍ନ ଭିନ୍ନ ଖଣ୍ଡରେ ପ୍ରତିନିୟତ ଅଭିନୀତ ହେଉଅଛି । ଏଥିର ଭାଷା, ଏଥିର ଭାବ, ଏଥିର ରୁଚି ଦେଖିଲେ, ଆମ ଜାତିର ଭବିଷ୍ୟତ୍ ସମ୍ବନ୍ଧରେ ମନୁଷ୍ୟର ଆଶା କୁଆଡ଼େ ଉଡ଼ିଯାଏ । ସମାଜରେ କୁରୁଚି, କଦାଚାର ଓ ଭାଷାରେ କଦର୍ଯ୍ୟତା ଏ ଶ୍ରେଣୀର କବିମାନେ ଖୁନ୍ଦୁଅଛନ୍ତି ଏବଂ ଆମେ ଶିକ୍ଷିତମାନେ ଜଳଜଳ କରି ଏହାକୁ ଚାହିଁଅଛୁଁ । ଏ ଶ୍ରେଣୀର କବିମାନଙ୍କୁ ବାହାଦୁରୀ ଦେବାପାଇଁ ସମ୍ବାଦପତ୍ରର ସମ୍ପାଦକୀୟ ଓ ବିଜ୍ଞାପନ ସ୍ତମ୍ଭମାନ କଳୁଷିତ ହେଉଅଛି ଏବଂ ଜାତିର ରୁଚି ଓ ନୈତିକ ଚରିତ୍ର ଯାହା କି କଲିକତା, ରେଙ୍ଗୁନ ଓ ଟାଟାନଗରରେ ଚହଟୁଅଛି, ସେଗୁଡ଼ିକର ପଥ ମଧ୍ୟ ପରିଷ୍କାର ହେଉଅଛି ମାତ୍ର । ଇତର ଲୋକଙ୍କର ଜୀବନ ଦୁଃଖମୟ; ଯେଉଁଥିରେ ଆମୋଦ ପ୍ରମୋଦହିଁ ଗୋଟିଏ ଆଲୋକରେଖା । ସେ ଆମୋଦ-ପ୍ରମୋଦର ସ୍ଥାନ ଆମେ ପଢ଼ୁଆମାନେ ପୂରଣ କରିବା ନାହିଁ । ଏଥିର ସ୍ଥଳରେ ସେମାନେ ଏହି କୁରୁଚିପୂର୍ଣ୍ଣ ଯାତ୍ରା ସୁଆଙ୍ଗର ଆଶ୍ରା ନ ନେଇ ଆଉ କରିବେ କଣ ? ଲୌକିକ ସାହିତ୍ୟ ସବୁ ଆଧୁନିକ ସାହିତ୍ୟରେ ସ୍ଥାନ ପାଉଅଛି ଏବଂ ତାହା ମାର୍ଜିତ ଓ ସୁରୁଚିସମ୍ପନ୍ନ କରିବା ବିଷୟରେ ସାହିତ୍ୟସେବକମାନେ ଲାଗିଅଛନ୍ତି । ଓଡ଼ିଶାରେ ସବୁ କ୍ଷେତ୍ରରେ ମଧ୍ୟ ହେଉ । କାହାଣୀ, କ୍ଷୁଦ୍ର ଗଳ୍ପ, ପ୍ରବଚନ, ଭଜନ, ଜଣାଣ, ଚଉତିଶା ପ୍ରତି ପଢ଼ୁଆଙ୍କର ସମୁଚିତ ଦୃଷ୍ଟି ପଡ଼ୁ ନାହିଁ ।

ଶିଶୁ ସାହିତ୍ୟ ମଧ୍ୟ ସାହିତ୍ୟର ଏକ ବିଶିଷ୍ଟ ଅଙ୍ଗ । ଶ୍ରୀମାନ୍ ନୀଳକଣ୍ଠ ପିଲାଙ୍କର ଉପଯୋଗୀ ଖଣ୍ଡିକେତେ ପୁସ୍ତକ ରଚନା କରିଅଛନ୍ତି । ଏହା ଛଡ଼ା କେତେ ଖଣ୍ଡ ପାଠ୍ୟ ପୁସ୍ତକ ହେବା ଉଦ୍ଦେଶ୍ୟରେ ରଚିତ ପୁସ୍ତିକା ଓ ବ୍ରହ୍ମପୁର ଷ୍ଟୁଡେଣ୍ଟସ୍ ଷ୍ଟୋର ପ୍ରକାଶିତ ପୁସ୍ତିକା ଓ ପଞ୍ଚାମୃତ ପତ୍ରିକା ଛାଡ଼ି ଦେଲେ, ଏ କ୍ଷେତ୍ରରେ ଉପଯୁକ୍ତ ଶିକ୍ଷାପ୍ରଦ ପୁସ୍ତକର ଅଭାବ ଏପର୍ଯ୍ୟନ୍ତ ତୁଟି ନାହିଁ । ପ୍ରତିବର୍ଷ ଓଡ଼ିଆରେ ଶତ ଶତ ନୂତନ ପୁସ୍ତକ ପ୍ରକାଶିତ ହେଉଅଛି । ସରକାରୀ

Digitized by srujan ka@gmail.com

ଗେଜେଟରେ ନୂଆ ବହିର ଯେଉଁ ସାମୟିକ ତାଲିକା ବାହାରେ, ସେଥିରୁ ଜଣାଯାଏ ଯେ, ଅଧିକାଂଶ ଓଡ଼ିଆ ବହିର ମୂଲ୍ୟ ଗୃହ ଅଣା ତଳକୁ। ମୁଦ୍ରାଯନ୍ତ୍ରର ସୁଲଭତାରୁ କେତେକ ବ୍ୟବସାୟୀ ଏହି ସବୁ ଅଳ୍ପ ମୂଲ୍ୟର ପୁସ୍ତକ ପ୍ରକାଶ କରି ଓ ଅନ୍ୟତ୍ର ପରିଶ୍ରମସମ୍ଭୂତ ବସ୍ତୁମାନ ଚୋରି କରି ବା ବଦଳାଇ କରି ବେଶ ଦୁଇ ପଇସା ରୋଜଗାର କରୁଅଛନ୍ତି; ମାତ୍ର ଏ ସବୁରେ ଉଚ୍ଚ ଚିନ୍ତା ବା ଗମ୍ଭୀର ଗବେଷଣାର ଗନ୍ଧ ସମ୍ବନ୍ଧ ନାହିଁ। ସାଧାରଣଙ୍କୁ ପ୍ରତାରଣା କରିବାହିଁ ଏ ସବୁ ବ୍ୟବସାୟିଙ୍କର ଲକ୍ଷ୍ୟ।

ଓଡ଼ିଆରେ ବ୍ୟାକରଣର ଅଭାବ ବିଷୟ ମୁଁ ପୂର୍ବେ ସୂଚନା କରିଅଛି। ବ୍ୟାକରଣ ଓ ଅଳଙ୍କାର ଗ୍ରନ୍ଥ ଭାଷାର ଜୀବନୀଶକ୍ତିର ପରିଚାୟକ। ଏହାହିଁ ଉଚ୍ଛୃଙ୍ଖଳ ଲେଖକମାନଙ୍କର ଯଥେଚ୍ଛାଚାର-କଳୁଷିତ ଲେଖନୀକୁ ସଂଯତ କରେ। ଓଡ଼ିଆ ଭାଷାରେ ଯେଉଁ ସବୁ ବ୍ୟାକରଣ ହୋଇଅଛି, ତାହା ସଂସ୍କୃତ ବ୍ୟାକରଣର ବିକୃତ ଉତ୍କଳ ଅନୁବାଦ ମାତ୍ର। ଅଳଙ୍କାର ଗ୍ରନ୍ଥ ସମ୍ବନ୍ଧରେ ବାମଣ୍ଡାରୁ ପ୍ରକାଶିତ 'ଅଳଙ୍କାରବୋଧୋଦୟ' ଓ 'ଅଳଙ୍କାରସାର' ସଂସ୍କୃତ ଅଳଙ୍କାର ଶାସ୍ତ୍ରରୂପ ଅର୍ଣ୍ଣବଯାନର ତୁଳନାରେ କାଠପଟାଳ ମାତ୍ର। ବର୍ତ୍ତମାନ ପଣ୍ଡିତ ଲୁଳମଣିଙ୍କର "ଅଳଙ୍କାରତରଙ୍ଗିଣୀ" ଏ ଦିଗରେ ଗୋଟିଏ ପ୍ରକୃତ ଅଭାବ ଦୂର କରି ପାରିଅଛି।

"ଖଜୁରିଗଛର କି ଗୁଣ ବାଖାଣିବି, ମୂଳରୁ ପାହାଚ ପାହାଚ।" ଓଡ଼ିଶାର ଇତିହାସ କଥା ଗାଧେଇ ଯାଉ, ଆଜଯାଏ ଓଡ଼ିଆ ଭାଷା ବା ଓଡ଼ିଆ ସାହିତ୍ୟର ଖଣ୍ଡିଏ ଇତିହାସ ଲେଖା ଯାଇ ପାରି ନାହିଁ। ତାରିଣୀଚରଣ ରଥଙ୍କ ପୁସ୍ତିକା ଖଣ୍ଡିଏ ତାଲିକା ମାତ୍ର। ବିନାୟକଙ୍କ 'ଓଡ଼ିଆ ଭାଷାର ଇତିହାସ' ଓ 'ଓଡ଼ିଆ ସାହିତ୍ୟର ଇତିହାସ'ରେ ଏ ସମ୍ବନ୍ଧୀୟ ଆଲୋଚନାର ସୂତ୍ର ପଡ଼ିଅଛି ମାତ୍ର। ଜଗବନ୍ଧୁ ସିଂହ ତାଙ୍କ ରଚିତ 'ପ୍ରାଚୀନ ଉତ୍କଳ'ରେ ଅନେକଗୁଡ଼ିଏ ସାହିତ୍ୟିକ ଓ ଐତିହାସିକ ତଥ୍ୟ ସଂଗ୍ରହ କରି ଓଡ଼ିଆ ସାହିତ୍ୟର ଇତିହାସଲେଖକଙ୍କ ପଥ ସୁଗମ କରିଅଛନ୍ତି। ଆଚାର୍ଯ୍ୟ ଚିନ୍ତାମଣି ଓ ବିରୂପାକ୍ଷ, ଡାକ୍ତର ରାଧାଚରଣ ପ୍ରତ୍ନତତ୍ତ୍ୱ ଆଲୋଚନାର ସୂତ୍ରପାତ କରିଅଛନ୍ତି ମାତ୍ର। ଆଚାର୍ଯ୍ୟ ବିଜୟଚନ୍ଦ୍ର ମଜୁମଦାରଙ୍କ ପ୍ରତ୍ନତତ୍ତ୍ୱ ଗବେଷଣାରେ ନିଷ୍ଠା ଆମ୍ଭମାନଙ୍କର ଅନୁକରଣୀୟ।

ଭାଷାବିଜ୍ଞାନ-ଚର୍ଚ୍ଚା ଓଡ଼ିଶାରେ ନାହିଁ କହିଲେ ଚଳେ। ଉତ୍କଳ ଅଭିଧାନକାର ୰ଗୋପୀନାଥ ନନ୍ଦ ତାଙ୍କର ନାନା ଅଭାବ ସତ୍ତ୍ୱେ ଓଡ଼ିଆ ଭାଷା-

Digitized by srujan ka@gmail.com

ତନ୍ତ୍ରରେ ଯେଉଁ ଅଧ୍ୟବସାୟ ଓ ଗବେଷଣାର ଉଦାହରଣ ଦେଖାଇଅଛନ୍ତି, ତାଙ୍କ ଅପେକ୍ଷା ବହୁତର ଭାଷାଉଣଙ୍କ କୌଣସି ନବ୍ୟ ଶିକ୍ଷିତ ବ୍ୟକ୍ତି ସେଥିରେ ହସ୍ତକ୍ଷେପ କଲେ ଓଡ଼ିଆ ଭାଷାର ଗୋଟିଏ ପ୍ରଧାନ ଅଭାବ ଓ କଳଙ୍କ ଦୂର ହୁଅନ୍ତା ।

ପାରଳାର ସ୍ୱର୍ଗୀୟ ଶ୍ୟାମସୁନ୍ଦର ରାଜଗୁରୁ ପ୍ରାଚୀନ କବିଙ୍କ ଜୀବନୀ ସଂଗ୍ରହ, ଓଡ଼ିଆ ଛନ୍ଦ, ଅଳଙ୍କାର ସମ୍ବନ୍ଧରେ ଯେଉଁ ଗବେଷଣାର ପରିଚୟ ଦେଇଥିଲେ, ସତ୍ୟନାରାୟଣ ତାଙ୍କ ପଦାଙ୍କ ଅନୁସରଣ କରିବା ଆନନ୍ଦର ବିଷୟ ।

ପ୍ରାଚୀନ ସାହିତ୍ୟ ଓ କବିଙ୍କ ଜୀବନୀ ସଂଗ୍ରହ ବିଷୟରେ ପ୍ରୋଫେସର ଆର୍ତ୍ତବଲ୍ଲଭ ଯେଉଁ ପ୍ରାଣାନ୍ତକ ପରିଶ୍ରମର ଉଦାହରଣ ଦେଖାଉଅଛନ୍ତି, ତାହା ଯଦି ସୁସଂବଦ୍ଧ ପ୍ରାଚୀସମିତି ଅନୁଷ୍ଠାନର ଫଳରୂପେ ଓଡ଼ିଶାରେ ଚିରସ୍ଥାୟୀ ଭାବରେ ସାହିତ୍ୟସାଧନାର କ୍ଷେତ୍ର ହୋଇ ପାରନ୍ତା, ତେବେ ଓଡ଼ିଶାର ତାହା ଦ୍ୱାରା ଢେର ଉପକାର ହୁଅନ୍ତା; କିନ୍ତୁ ଓଡ଼ିଶାର ହାଉଆର ଦୁର୍ଗୁଣ ଦେଖି ମନକୁ ଭାରି ପାପ କୁଉଁଅଛି । ଆର୍ତ୍ତବଲ୍ଲଭ ରୋଗାକ୍ରାନ୍ତ ଅବସ୍ଥାରେ ଯେ ଏଥିରେ ଲାଗିଅଛନ୍ତି, ଏହାହିଁ ଓଡ଼ିଶା ପକ୍ଷରେ ଆଶା ଓ ଆନନ୍ଦର କଥା । ପ୍ରାଚୀ ସମିତିର ମୂଳଦୁଆ ବାନ୍ଧିବାପାଇଁ ଭଦ୍ରଖର ଭୂୟାଁ ଭାସ୍କରଚନ୍ଦ୍ର, ଯେଉଁ ବଦାନ୍ୟତାର ପରିଚୟ ଦେଇଅଛନ୍ତି, ତହିଁପ୍ରତି ଉତ୍କଳୀୟ ଧନପତିମାନଙ୍କ ଦୃଷ୍ଟି ପଡ଼ିଲେ ଉତ୍କଳରେ ଅନେକଗୁଡ଼ିଏ ପ୍ରାଚୀନ କୀର୍ତ୍ତିର ଉଦ୍ଧାର ହୋଇ ପାରନ୍ତା । ଏ ସବୁ କଥା ବର୍ତ୍ତମାନ ଥାଉ, ବର୍ତ୍ତମାନ ଆର୍ତ୍ତବଲ୍ଲଭ ନିଜର ବହୁବର୍ଷର ଗବେଷଣା ଓ ପରିଶ୍ରମର ଫଳ—ପ୍ରାଚୀସମିତି ନାମରେ ଫଳତଃ ଏକାକୀ ତାଙ୍କର ଉଦ୍ୟମରେ ପ୍ରକାଶିତ ଗ୍ରନ୍ଥଗୁଡ଼ିକର—କପିରାଇଟ ସ୍ୱତ୍ୱ ପ୍ରାଚୀସମିତିକୁ ଦାନପତ୍ରଦ୍ୱାରା ଦାନ କରି ସାରସ୍ୱତ ଭଣ୍ଡାରରେ ଅକ୍ଷୟ କୀର୍ତ୍ତି ସମ୍ପାଦ କଲେ । ଏ କପିରାଇଟ ସ୍ୱତ୍ୱର ମୂଲ୍ୟ ଆର୍ତ୍ତବଲ୍ଲଭ ପନ୍ଦର ହଜାର ଟଙ୍କା ଧରିଅଛନ୍ତି । କିନ୍ତୁ ଏ ସ୍ୱାର୍ଥତ୍ୟାଗ ଉଦାହରଣର ମୂଲ୍ୟ ସୁପ୍ତ ଓଡ଼ିଆ ଜାତି ପ୍ରତି ଅମୂଲ୍ୟ ।

କଟକ କେବଳ ଯେ ଓଡ଼ିଶା ବିଭାଗର ବର୍ତ୍ତମାନ ରାଜଧାନୀ, ଏହା ନୁହେଁ; ଏହା ଅନ୍ତତଃ ୭।୮ ଶତାବ୍ଦୀ ହେଲା ରାଜନୈତିକ ଓ ଐତିହାସିକ ଉତ୍କଳର ରାଜଧାନୀ ଓ କେନ୍ଦ୍ରସ୍ଥଳ । ଭବିଷ୍ୟତରେ ଏହାହିଁ ରାଜନୈତିକ ଉତ୍କଳର କେନ୍ଦ୍ରସ୍ଥଳ ରହିବ ବୋଲି ବିଶ୍ୱାସ କରିବା ସ୍ୱାଭାବିକ । ବର୍ତ୍ତମାନ

Digitized by srujan ka@gmail.com

ମଧ୍ୟ ଗୃର ବଉଳ ପ୍ରଦେଶରେ ବାସ କରୁଥିବା ସୁଦୂର ମାନ୍ଦ୍ରାଜ, ବ୍ରହ୍ମଦେଶ, ଆସାମରେ କାର୍ଯ୍ୟୋପଲକ୍ଷରେ ରହୁଥିବା ଏକକୋଟିରୁ ବେଶି ଓଡ଼ିଆ କଟକକୁ ଉତ୍କଳର ସବୁ ସ୍ଥାନ ମଧ୍ୟରେ ପ୍ରଧାନ ଆସନ ଦେଇଥାନ୍ତି । ଏଣୁ ଏଣୁ ବିଶ୍ୱବିଦ୍ୟାଳୟର ଉଚ୍ଚତମ ଶ୍ରେଣୀର ଓଡ଼ିଆ ପାଠ୍ୟପୁସ୍ତକଠାରୁ ଆରମ୍ଭ କରି 'ଦିଅର ଭାଉଜ ରହସ୍ୟ' ଓ 'ଫାର୍ସମାଳିକା' ପୁସ୍ତକ ପର୍ଯ୍ୟନ୍ତ—ସବୁ ଉତ୍କୃଷ୍ଟ ଓ ନିକୃଷ୍ଟ ପୁସ୍ତକମାନଙ୍କ ପାଇଁ ସମସ୍ତେ କଟକକୁ ଅର୍ଡ଼ର ଦିଅନ୍ତି ଓ ଗ୍ରହି ବହିଥାଅନ୍ତି । ଜାତିର ଜାଗରଣ ଜାତିର ସାହିତ୍ୟଦ୍ୱାରା ସୂଚିତ ହୁଏ । କଟକ ପରି ଗୋଟିଏ କେନ୍ଦ୍ରସ୍ଥଳରେ ଗୋଟିଏ ସାହିତ୍ୟିକ ଆବହାୱା ବା ହାଉଆ (atmosphere) ବହିବା ଦରକାର, ଯାହା କି ସମସ୍ତ ଉତ୍କଳୀୟଙ୍କୁ ଛୁଇଁ ପାରିବ ଓ ପ୍ରଭାବିତ କରି ପାରିବ ।

କିନ୍ତୁ କଟକରେ ସାହିତ୍ୟିକ ହାଉଆର ଧାସ୍ତା କେଉଁଠାରେ ଜଣା ପଡ଼ୁଅଛି କି ? ତିନି ଜଣ ଯେଉଁଠାରେ ଦିନମାନର ଦୁଃଖ ଧନ୍ଦାରୁ ଫୁରୁସତ୍ ପାଇ ସନ୍ଧ୍ୟାବେଳେ ଦେଶର ଭାଷା ଓ ସାହିତ୍ୟ ବିଷୟରେ ପଦେ କଥା ଦୁଃଖ ସୁଖ ହେବେ ବା ପଦେ କଥା ଶୁଣିବେ, କଟକରେ ଏପରି ଗୋଟିଏ ସ୍ଥାନ ଅଛି କି ? ଆଗେ ତ ଏପରି କର୍ମୀଙ୍କର ମୁଣ୍ଡ ଗୁଞ୍ଜିବାକୁ ଟିକିଏ ଥାନ ନ ଥିଲା । ସ୍ୱର୍ଗୀୟ ମହାରାଜା ମୟୂରଭଞ୍ଜଙ୍କ (ଯାହାଙ୍କ ପୂର୍ବପୁରୁଷଙ୍କର ଓ ବର୍ତ୍ତମାନ ଅଧୀଶ୍ୱରଙ୍କର ବଦାନ୍ୟତା ଉତ୍କଳର ସାହିତ୍ୟ, ଶିକ୍ଷା, ଗ୍ରନ୍ଥପ୍ରଚାର, ପ୍ରତ୍ନତତ୍ତ୍ୱାନ୍ୱେଷଣ— ଏହିପରି ସବୁ କ୍ଷେତ୍ରରେ ଫୁଟି ଉଠିଅଛି) ବିଶିଷ୍ଟାନୁକୂଲ୍ୟ ଓ ଆଜିର ଅଧୀଶ୍ୱରଙ୍କର ପ୍ରାଥମିକ ଅର୍ଥସାହାଯ୍ୟରେ ଆଜି 'ଉତ୍କଳ-ସାହିତ୍ୟ-ସମାଜ' ଖଣ୍ଡିଏ ଗୃହ (ଗୃହ ନୁହେ, ରାଜଯୋଗ୍ୟ ପ୍ରାସାଦ) ତୋଳି ପାରିଅଛି । ଏହି ଗୃହ ବର୍ତ୍ତମାନ ସାଜସଜ୍ଜାଶୂନ୍ୟ ଓ ଏଥିରେ ଉତ୍କଳ ରାଜଧାନୀର ଲାଏକ ପୁସ୍ତକାଗାର ନାହିଁ । କ୍ରମଶଃ ଏଗୁଡ଼ିକ ଦାତାମାନେ ପୂରଣ କରିବେ ବୋଲି ଆଶା କରିବା ସ୍ୱାଭାବିକ । ଏଥିପାଇଁ ଯାହାଙ୍କ ମୁଣ୍ଡ ଘର ତିଆରିପାଇଁ ବଥାଉଥିଲା, ତାଙ୍କର ମୁଣ୍ଡ ଅବଶ୍ୟ ବଥାଉଥିବ ଓ ବଥାଇବ । କିନ୍ତୁ ଏତିକି ବାହାରର ରୂପ ପୂରଣ ହେଲାକ୍ଷଣି କଅଣ ହେବ ? ବିଭାଘରର ସମସ୍ତ ଆୟୋଜନ ହୋଇ ବଜନ୍ତ୍ରୀଙ୍କୁ ବହନା ଦିଆ ସରିଲାଣି, ମଣିଅମା ଭଣ୍ଡାରୁଣୀ ଆସି ବାଣ୍ଡରେ ଝୋଟି ଦେଲାଣି ଓ ହାଣ୍ଡି ମଙ୍ଗଳା ହେଲାଣି; କିନ୍ତୁ ଅବଧି ବରପାତ୍ରଙ୍କର ଠିକଣା ନାହିଁ । ଏକଥା ସେହିତା ହେବ । ଏହି ସବୁ ଆୟୋଜନ ସତ୍ତ୍ୱେ ଯେବେ ପ୍ରତିଦିନ ଏଠାରେ ଗୋଟିଏ ସାହିତ୍ୟିକ ବୈଠକ ନ ହେବ ଓ ଏ ଗୃହରେ ସାହିତ୍ୟର ହାଉଆ ନ

Digitized by srujan ka@gmail.com

ବୋହବ, ତେବେ ଏ ସବୁ ଭୁଚ୍ଛା ଆରମ୍ଭ ମାତ୍ର । ଏଥିପାଇଁ ଆମ୍ଭମାନଙ୍କର ଶ୍ରଦ୍ଧେୟ ଶ୍ରୀମାନ୍ ବଚ୍ଛାନନ୍ଦଙ୍କ ଉଦ୍ୟମରେ ଏହି ଭବନରେ ଗୋଟିଏ Young Utkal Club ବା 'ଯୁବକ ଉତ୍କଳ ସାନ୍ଧ୍ୟବୈଠକ'ର ସୂତ୍ରପାତ ହୋଇଅଛି । ପ୍ରଭୁ କରନ୍ତୁ, ଏହି ନବୀନ ଅନୁଷ୍ଠାନଟି ତାସ ଓ ପଶାଖେଳର ଅଡ୍ଡା, ପରଚ୍ଛିଦ୍ରାନ୍ୱେଷଣ ଓ ସ୍ୱାର୍ଥଦଳାଦଳର କେନ୍ଦ୍ର ନ ହୋଇ, ଉତ୍କଳୀୟ ସାହିତ୍ୟିକ ଓ ସାମାଜିକମାନଙ୍କ ଦୈନିକ ସମ୍ମିଳନ କ୍ଷେତ୍ରରେ ପରିଣତ ହୋଇ ଉତ୍କଳର ବାଣୀମନ୍ଦିରରେ ବାଣୀସେବାପାଇଁ ଗୋଟିଏ ବାଟ ଫିଟାଉ ।

ପାଶ୍ଚାତ୍ୟ ଜାତିମାନେ ଏହି କ୍ଲବ୍ (Club) ପ୍ରଥା ଯୋଗୁଁ ସବୁଠି ଜୟୀ ହୋଇଅଛନ୍ତି । ସନ୍ଧ୍ୟାବେଳେ ଯେ ଯାହାର କାମ ଧନ୍ଦା ସାରି, କଚେରି ପୋଷାକ ପାଲଟି ପକାଇ କ୍ଲବ୍‌ରେ ଆସି ଏକାସନରେ ବସନ୍ତି । ଏଠାରେ ନବାବଙ୍କର ନବାବି ଛୁଟିଯାଏ ଓ ମୂଲିଆର ମନମୁଣ୍ଡ ଲୁଚିଯାଏ । ଯେଝା ମନ ଖୋଲି ସେଠେଇଁ ସମସ୍ତେ ଦୁଇପଦ କଥା କହନ୍ତି ଓ ଶୁଣନ୍ତି । ଏମନ୍ତ କି, ଏହି କ୍ଲବ୍‌ରେ ବଡ଼ ବଡ଼ ସାମ୍ରାଜ୍ୟର ଭାଗ୍ୟ ଘରେଇ ଭାବରେ ଆଗରୁ ନିଷ୍ପତ୍ତି ହୋଇଯାଏ । ଏହି ପ୍ରଥା ମଧ୍ୟ ଆମ ଦେଶରେ ଥିଲା । ଜାତି ସନ୍ଧ୍ୟାବେଳେ ଗାଁବାଲାମାନେ ଭାଗବତଟୁଙ୍ଗୀରେ ବା ଗାଁଅର ଠାକୁରଘରେ ବସି ପୁରାଣାଦି ଶୁଣୁଥିଲେ ଓ ନାନା ବିଷୟର ଚର୍ଚ୍ଚା କରୁଥିଲେ; ଯଥା—ସଙ୍ଗୀତ, ସାହିତ୍ୟ, ସମାଜ । ପାଶ୍ଚାତ୍ୟ ଶିକ୍ଷା ବଢ଼ିବା ସଙ୍ଗେ ସଙ୍ଗେ ଆମେ ଗାଁ ଛାଡ଼ିଲେଇଁ ଓ ଗାଁର ସାନ୍ଧ୍ୟସମ୍ମିଳନକୁ ମଧ୍ୟ ଛାଡ଼ିଲେଇଁ । ଏହି କଟକ ସହରର ଯାହାଙ୍କୁ ଆମେ ହଟାରି, ବଜାରି ଓ ସହରିଆ ବୋଲି ଘୃଣା ଚକ୍ଷୁରେ ଦେଖୁଁ, ସେହି ଭଣ୍ଡାରି, ତେଲି, କେଉଟ ଓ ଯୋବାମାନେ ସନ୍ଧ୍ୟାବେଳେ ନିଜ ନିଜ ସାହିର ଓ ବଜାରର ଦେବମନ୍ଦିରରେ ଓ ଠାକୁରାଣୀମେଳାରେ ସଙ୍କୀର୍ତ୍ତନ ଛଳରେ ବୈଠକ କରନ୍ତି, କିନ୍ତୁ ଆମ ପଢ଼ୁଆମାନଙ୍କ ସେ ସବୁ କଥା ଗନ୍ଧାଏ । ଏହି କ୍ଲବ୍ ପ୍ରତି ଭାରତୀୟ ଅନ୍ୟ ଜାତିମାନେ କ୍ରମଶଃ ଆକୃଷ୍ଟ ହେଲେଣି; ଓଡ଼ିଆ-ମାନଙ୍କର ଏହି ଦୈନିକ ସମ୍ମିଳନ ପ୍ରତି ମନ ନ ଗଲବାଯାଏ ଅନ୍ତତଃ ସାହିତ୍ୟ ଓ ଭାଷାର ଉନ୍ନତି ହେବ ନାହିଁ । ଉତ୍କଳର ସ୍ୱନାମଧନ୍ୟ ସ୍ୱର୍ଗୀୟ ବନମାଳୀ ଜିହ୍ନ, ପ୍ୟାରୀମୋହନ ସେନ୍, ଗୌରୀଶଙ୍କର, ରାଧାମୋହନ ଓ ସମୟେ ସମୟେ କବିବର ରାଧାନାଥ, ଜଗମୋହନ, ପ୍ୟାରୀମୋହନ, ନନ୍ଦକିଶୋର, ଗୋବିନ୍ଦ ରଥ ଆଦି ଆଜକୁ ପଚିଶ ବର୍ଷ ତଳେ ଏହି କଟକରେ ପ୍ରତିଦିନ ସନ୍ଧ୍ୟାବେଳେ ବସି ପ୍ରାଚୀନ ଓଡ଼ିଆ ପୁସ୍ତକମାନ ଆଲୋଚନା କରୁଥିଲେ ଓ ସଙ୍ଗୀତ ଏବ

Digitized by srujan ka@gmail.com

ଛାନ୍ଦ ଆଦିର ଚର୍ଚ୍ଚା ମଧ୍ୟ କରୁଥିଲେ । ଏହି ସାନ୍ଧ୍ୟସମ୍ମିଳନୀରେ କଟକର ପ୍ରିଣ୍ଟିଂ କମ୍ପାନୀ ଏବଂ ଉତ୍କଳଦୀପିକାର କଳ୍ପନା ଆରମ୍ଭ ହୋଇ ଏ କଳ୍ପନାମାନ କାର୍ଯ୍ୟରେ ପରିଣତ ହେଲା ଓ ଏହି ସମ୍ମିଳନୀ ଫଳରେ ଉତ୍କଳର ଅନେକଗୁଡ଼ିଏ ପ୍ରାଚୀନ ଗ୍ରନ୍ଥ ପ୍ରକାଶିତ ହେଲା ।

ରାଜା ଆଶ୍ରୟରେ କବିତା, ବନିତା, ଲତା ବର୍ଦ୍ଧନ ପାଇବା କଥା ଚିରପ୍ରସିଦ୍ଧ । ଭୋଜରାଜା ଓ ବିକ୍ରମାଦିତ୍ୟଙ୍କଠାରୁ ଆରମ୍ଭ କରି ଆକବର ବାଦ୍‌ସାହଙ୍କ ପର୍ଯ୍ୟନ୍ତ ରାଜାମାନଙ୍କ ବାହୁଚ୍ଛାୟାତଳେ ସାହିତ୍ୟିକ, ଜ୍ୟୋତିଷିକ, କାବ୍ୟକାରମାନେ ଆଶ୍ରୟ ପାଇ ସାହିତ୍ୟଭଣ୍ଡାରରେ ଅକ୍ଷୟ ରତ୍ନମାନ ସଞ୍ଚି ଯାଇଅଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ଇଂଲଣ୍ଡ ରାଜାଙ୍କ ରାଜସଭାରେ ରାଜକବି ପୋଷା ଯାଉଅଛନ୍ତି; କିନ୍ତୁ ଆମ ଦେଶୀୟ ଭାଷାମାନଙ୍କର ମାଆ ବାପ କିଏ ? ଗଭର୍ଣ୍ଣମେଣ୍ଟ ଅବଶ୍ୟ ବିଶ୍ୱବିଦ୍ୟାଳୟ, ଶିକ୍ଷାମନ୍ଦିର ଓ ପୁସ୍ତକାଗାରମାନ ସ୍ଥାପନ କରି ଏବଂ କୌଣସି କୌଣସି ବିଶେଷ ଗବେଷଣାରୁ ଉଦ୍ଭବ ଗ୍ରନ୍ଥ ପ୍ରକାଶରେ ପୃଷ୍ଠପୋଷକ ହୋଇ ଦେଶୀୟ ସାହିତ୍ୟ ପ୍ରତି ଅନୁରାଗ ଦେଖାଉଅଛନ୍ତି, କିନ୍ତୁ ସାହିତ୍ୟାନୁରାଗର ଜ୍ୱଳନ୍ତ ଉଦାହରଣ ଆମ୍ଭେମାନେ ଆମ୍ଭ ଦେଶୀୟ ରାଜନ୍ୟମଣ୍ଡଳ ଓ ଧନପତିମାନଙ୍କଠାରୁ ପାଇବା ଓ ଆଶା କରିବାହିଁ ସ୍ୱାଭାବିକ ।

ଭାରତବର୍ଷରେ ରାଜାମାନେ କିଏ କଣ କରୁଅଛନ୍ତି ସେ କଥା ଏଠାରେ ଆଲୋଚନା କରିବାର ଅବସର ନୁହେ । ଉତ୍କଳର ମହାରାଜା, ରାଜା, ଧନପତି, ମହାଜନ ଓ ମହନ୍ତମାନେ ଉତ୍କଳ ସାହିତ୍ୟ ସେବା ଓ ଅନୁରାଗର ଉଦାହରଣ ଯେ ଦେଖାଇ ନାହାନ୍ତି, ତାହା ମୁଁ କହୁ ନାହିଁ । ରାଜାନୁଗ୍ରହରେ ଉତ୍କଳର ପ୍ରାଚୀନ ସାହିତ୍ୟ ପରିପୁଷ୍ଟ, ସମୁଜ୍ଜ୍ୱଳ ଓ ଶକ୍ତିଶାଳୀ ହୋଇଥିଲା । ରାଜ୍ୟଭାର ମୁଣ୍ଡାଇ ସାହିତ୍ୟସାଧନାରେ ଜୀବନ କଟାଇବା ଏବଂ ନିଜେ ଲେଖନୀ ଧରି ଜନସାଧାରଣଙ୍କୁ ମୁଗ୍ଧ ଓ ଉନ୍ନତ କରିବା, କେବଳ ଉତ୍କଳର ରାଜବଂଶରେ ସମ୍ଭବ ହୋଇଥିଲା । ଘୋର ରାଜଜଞ୍ଜାଳ ମଧ୍ୟରେ ସାହିତ୍ୟସେବା ଓ ସାଧନା ପାଇଁ ଅବସର ଖୋଜିବା ଉତ୍କଳୀୟ ରାଜନ୍ୟବର୍ଗଙ୍କର ସାଧାରଣ ରୀତି ଥିଲା । ଘୁମୁସର ଭଞ୍ଜବଂଶୀୟ ନରପତିମାନେ, ଧରାକୋଟ ରାଜା କୃଷ୍ଣ ସିଂହ ଆଦି ପ୍ରାଚୀନ ଉତ୍କଳର ଅନେକ ରାଜା, ମହାରାଜା, ଏମନ୍ତ କି ରାଣୀମାନେ ମଧ୍ୟ ସାହିତ୍ୟସେବାଦ୍ୱାରା ଆପଣାକୁ ଧନ୍ୟ ଓ ଯଶସ୍ୱୀ କରି ଯାଇଅଛନ୍ତି । ଆଠମଲ୍ଲିକ, ମୟୂରଭଞ୍ଜ, ଢେଙ୍କାନାଳ, ଖଡ଼ିଆଳ, ଖଲ୍ଲିକୋଟ, ପାରଳାଖେମେଣ୍ଡି, ସୋନପୁର ଓ ବୋଦ ଆଦି ଗାଦିର ସ୍ୱର୍ଗୀୟ ରାଜା, ରାଜପୁତ୍ର ଓ ରାଜବଂଶୀୟ

Digitized by srujan ka@gmail.com

ଓ ଗୁଣୀମାନେ ସାହିତ୍ୟସେବା କରି, ସାହିତ୍ୟିକମାନଙ୍କୁ ଉତ୍ସାହ ଦେଇ ଓ ପୋଷି ଦେଶରେ ଶିକ୍ଷାବିସ୍ତାର ଲାଗି ବହୁତ ଅର୍ଥ ଓ ଯତ୍ନ ବ୍ୟୟ କରିଅଛନ୍ତି । ପାରଳାର ସ୍ୱନାମଧନ୍ୟ ସେକେଣ୍ଡ ପ୍ରିନ୍ସ ଚନ୍ଦ୍ର ମହାରାଜା ଉତ୍କଳ ସାହିତ୍ୟ, ନାଟକ ଓ ରଙ୍ଗମଞ୍ଚର ଉନ୍ନତି କରିବାକୁ ମନଃପ୍ରାଣ ଢାଳି ଦେଇଥିଲେ । ଏ ସବୁ ପୂର୍ବର କଥା । ବର୍ତ୍ତମାନ ତାଳଚେରର ରାଜାସାହେବ, ସୋନପୁର ମହାରାଜା--ମହାରାଣୀ, ମୟୂରଭଞ୍ଜ ମହାରାଜା, କଳାହାଣ୍ଡି ମହାରାଜା, ଧରାକୋଟ, ଖଲ୍ଲିକୋଟ, ବୌଦ, ଢେଙ୍କାନାଳ, ଚିକିଟି, ଲାଞ୍ଜିଗଡ଼, ଆଳି, ମଧୁପୁରର ରାଜାମାନେ, ଡମ୍ପଡ଼ାର ରାଣୀ, ଜୟପୁର ରାଜକୁମାର ବିକ୍ରମଦେବ, ମୟୂରଭଞ୍ଜର ଲାଲ ସାହେବ ପ୍ରଫୁଲ୍ଲଚନ୍ଦ୍ର, ଓରଫ ବହୁତ ରାଜା, ବାମଣ୍ଡାର ବଳଭଦ୍ର, ପୁରୀ ଏମାର ମଠର ମହନ୍ତ ମହାରାଜ ଏମାନଙ୍କ ମଧ୍ୟରୁ କିଏ ସାହିତ୍ୟସେବା କରି, କିଏ ସାହିତ୍ୟିକମାନଙ୍କୁ ଉତ୍ସାହ ଓ ସାହାଯ୍ୟ ଦେଇ, କେହି କେହି ସ୍ୱରଚିତ ଓ ଅନ୍ୟରଚିତ ଗ୍ରନ୍ଥମାନ ଛପା କରାଇ, କିଏ ପ୍ରବନ୍ଧ ପାଇଁ ପୁରସ୍କାର ଘୋଷଣା କରି, କିଏ ସାହିତ୍ୟ ସମାଜକୁ ବିଶିଷ୍ଟ ସାହାଯ୍ୟ ଦେଇ, ଦେଶସେବାରେ ନିଜ ନିଜର ଶକ୍ତି କେତେକ ପରିମାଣରେ ବ୍ୟୟ କରୁଅଛନ୍ତି । ଏ ବ୍ୟୟ ଓଡ଼ିଆ ଭଳି ଅନୁନ୍ନତ ଜାତି ପକ୍ଷରେ 'କାଣୀ ଆଖିରେ କଜଳ ଗାରେ'ପରି ହୋଇଅଛି । କିନ୍ତୁ ଏମାନ ସେମାନଙ୍କ ଶକ୍ତି ଓ ସାମର୍ଥ୍ୟ ଦୃଷ୍ଟିରେ ଯଥେଷ୍ଟ କି ନା, ତାହା ସେମାନଙ୍କୁ ଜଣା ।

ଉତ୍କଳଭାଷୀ ଭିନ୍ନ ଭିନ୍ନ ଅଞ୍ଚଳମାନଙ୍କର (ଯଥା—ଓଡ଼ିଶାର ତଦାନୀନ୍ତନ ଅଠର ଗଡ଼ଜାତ, ମଧ୍ୟ ପ୍ରଦେଶର ତଦାନୀନ୍ତନ ଛତିଶ ଗଡ଼ଜାତ, ମାନ୍ଦ୍ରାଜର ଖାଡ଼ି ଜୟପୁର ପାରଳା, ଧରାକୋଟ ଆଦି, ମେଦନୀପୁର ଓ ଛୋଟନାଗପୁର ଅଞ୍ଚଳର ଧଳଭୂମି, ସିଂହଭୂମି, ବାଲ୍ମୀ ବେଢ଼ା, ବାସୁଦେବପୁର, ମୁଗବାଡ଼ିଆ ଓ ଆଧୁନିକ ଓଡ଼ିଶାର ତ୍ରିସୀମାରେ ଅବସ୍ଥିତ ଅଞ୍ଚଳମାନଙ୍କର ରାଜଦ୍ୱାରମାନ ପୂର୍ବେ ପଣ୍ଡିତ, ଗୁଣୀ ଓ ସାହିତ୍ୟିକମାନଙ୍କ ପାଇଁ ସର୍ବଦା ଉନ୍ମୁକ୍ତ ଥିଲା । ଉତ୍କଳର କବି, ଗୁଣୀ, ପଣ୍ଡିତ ଓ ଲେଖକବୃନ୍ଦ ରାଜାନୁଗ୍ରହରେ ପ୍ରତିପାଳିତ ଓ ସଂସାର ଚିନ୍ତାରୁ ମୁକ୍ତ ହୋଇ ସରସ୍ୱତୀଙ୍କ ସେବାରେ ବ୍ରତୀ ହୋଇ ପାରୁଥିଲେ । ଉତ୍କଳୀୟଙ୍କ ପ୍ରତିଷ୍ଠା ରାଜନ୍ୟବୃନ୍ଦଙ୍କ ବାହୁଛାୟା ପାଇ ଉତ୍କଳରେ ସାରସ୍ୱତ କୁଞ୍ଜ ନିର୍ମାଣ କରିଥିଲା । ଭୁଲିଗଲେ ପେଟ ଓ ଅଭାବିଆ ମଣିଷର ମୁଣ୍ଡରେ ସାହିତ୍ୟଚିନ୍ତା ପଶିବ କାହିଁ ? ଓଡ଼ିଆ ପଣ୍ଡିତ ଓ ଗୁଣିମାନେ 'ଗାଁରେ ଅଧେ ଦିନ ରହୁଥିଲେ, ବାକି ଅଧେ ଦିନ ରାଜଦ୍ୱାରରେ ପଡି ରହି ସେଠାରୁ ଯେଉଁ

Digitized by srujan ka@gmail.com

ସଜ୍ଜା, ବସାଖରଚ, ପାଟଯୋଡ଼ି, କୁଣ୍ଡଳ, ବାଣ୍ଟଖରଚ ବଦାନ୍ଧ ପାଇ ଚଉରସ ଜାଉଁଳନ୍ତମାନ ବାଜ୍ଞ ସାଥିଲୁଙ୍କ ସାଙ୍ଗରେ ଯାଉଥିବା ଅବୋଲକରା ଭଣ୍ଡାର ମୁଣ୍ଡରେ ଲଦ ଗାଁକୁ ବାହୁଡ଼ୁଥିଲେ । ଗାଁରେ ମାସେ ଦୁଇ ମାସକେ ରାଜଦ୍ୱାରରୁ ପ୍ରାପ୍ତ ମାଲଚକ ଶାଗଲ ମାଛଲିରେ ଫୁଙ୍କି ଦେଇସାର ପୁଣି ସେହି ରାଜଦ୍ୱାରମାନଙ୍କୁ ଧାଉଡ଼ କରୁଥିଲେ । ପୁଣି ଗଜପତି ମହାରାଜାଙ୍କ ସିଂହଦ୍ୱାର ଓ ରାଜସଭାରେ ଉତ୍କଳଭାଷୀ ସମସ୍ତ ଅଞ୍ଚଳର ପଣ୍ଡିତ, ଗୁଣୀ, କବି, କଥକ ରୁଣ୍ଡ ହେଉଥିଲେ । ଅବଶ୍ୟ ଆଜ ସେ ଖାର ଶ୍ରୀ ଗଜପତି ବଭବ ବନମାଳୀ ଅବଧାନଙ୍କ ଦଳାଦ ପାଞ୍ଜିର ମାମୁଲ ବିଜ୍ଞାପନା ଛଡ଼ା ଅନ୍ୟତ୍ର ଦେଖିବାକୁ ମିଳୁ ନାହିଁ, କିନ୍ତୁ ଉତ୍କଳରେ ଅନ୍ୟ ଯେଉଁ ଜମିଦାରମାନ ଓ ଅର୍ଥ ବିଷୟରେ ସବଳ ରାଜ୍ୟ, ଜମିଦାରୀ ଓ ମଠମାନ ଅଛି, ସେମାନଙ୍କ ମଧ୍ୟରୁ ଉପରେ ଲେଖାଥିବା ଜଣକେତେ ମହାରାଜା ରାଜା ଆଦିଙ୍କୁ ବାଦ ଦେଲେ ବାକି ଅନ୍ୟ ରାଜା, ମହାରାଜା, ଜମିଦାର, ଧନୀ, ମହାଜନ, ସାହୁକାର, ମହନ୍ତ ଓ ବିଭବଶାଳୀ ଲୋକଙ୍କଦ୍ୱାରା ଉତ୍କଳର ପଣ୍ଡିତ, ଗୁଣୀ ଓ ସାହିତ୍ୟିକମାନେ କି ପରିମାଣରେ ଉତ୍ସାହିତ ଓ ସାହାଯ୍ୟ ପ୍ରାପ୍ତ ହେଉଅଛନ୍ତି, ତାହା ସମସ୍ତେ ବହୁତ ଅନୁଭବ କରୁଥାଇଁ । ଦଉଟି ଗୋଟିଏ ରାଜ୍ୟକୁ ଛାଡ଼ିଦେଲେ ଏବେ ଉତ୍କଳୀୟ ରାଜସଭାମାନ କାବ୍ୟ, କବିତା ଓ ଉତ୍କଳ ଭାରତୀଙ୍କ ବୀଣାର ସୁମଧୁର ଝଙ୍କାରରେ ମୁଖରିତ ହେବାର ଶୁଣା ଯାଉ ନାହିଁ ।

ଉତ୍କଳଭାରତୀଙ୍କର ଆଜ ଏପରି ହୀନମାନଥ ଅବସ୍ଥା ହୋଇଅଛି ଯେ, ଅଜଗବ କେହି ପେଟବିକଳଥ ଗୁଣୀ, ପଣ୍ଡିତ ବା ସାହିତ୍ୟିକ ସିଂହଦ୍ୱାରରେ ଯାଇ ପହଞ୍ଚିଲେ ତାଙ୍କୁ ବସା ଥିପୁ, ବସାଖରଚ, ସିଧା, ସଜ୍ଜା, କାଠବାଛ, ସଜାଡ଼ି, ପାଟ ଯଥା, ବାଟଖରଚ ବଦାନ୍ଧ ମିଳିବା କଥା ଦୂରେ ଥାଉ, ତାଙ୍କ ଡାକ ପ୍ରାଇଭେଟ ସେକ୍ରେଟର, ସୁପ୍ରିଣ୍ଟେଣ୍ଡେଣ୍ଟ, ପ୍ରେସିଡେଣ୍ଟ, ରେସିଡେଣ୍ଟ, ମେନେଜର, ଦେବାନ, ଦ୍ୱାରୀ, ଛାମୁଆ, ମର୍ଦ୍ଦନିଆ, ରଣସିଂହ, ପାଲଟାସିଂହ, ଉତ୍ତରକବାଟ ଆଦିଙ୍କ କାନରେ ପଡ଼ି ଛାମୁଙ୍କ କାନରେ ବାଜିବା ଯାଏଁ ଅପେକ୍ଷା କଲାବେଳକୁ ଆଗନ୍ତୁକଙ୍କୁ ପନ୍ଦର ବର୍ଷ ହୁଣେଇସି ଗଣ୍ଡା ହୋଇଯାଏ । ଏମନ୍ତ କି, ଉତ୍କଳର ମାର୍କାମରା ବିଶିଷ୍ଟ ବ୍ୟକ୍ତିମାନଙ୍କ ସ୍ୱାକ୍ଷରରେ କୌଣସି ବିଶିଷ୍ଟ ସାହିତ୍ୟିକ ଅନୁଷ୍ଠାନ ପାଇଁ ଛାପା ପ୍ରାର୍ଥନାପତ୍ର ରେଜିଷ୍ଟ୍ରି ଡାକରେ ଗୁଡ଼ିଅଣା ପଇସା ଖରଚ କରି ସାହାଯ୍ୟପ୍ରାର୍ଥୀ ଛାମୁଙ୍କୁ ପଠାଇଲେ ତହିଁର ଫଳରେ ଖଣ୍ଡେଦମ୍ ପ୍ରାର୍ଥୀ ମୁଣ୍ଡରେ ରାଜକୋଷର ଅସରପି ତୋଡ଼ା ଅଜାଡ଼ ଦେବା କଥା ଦୂରେ

Digitized by srujan ka@gmail.com

ଥାଉ 'ଅରେ ନବୋଧ ତନ୍ତ୍ରୀ ପ୍ରାର୍ଥୀ, ତୋତେ ସାହାଯ୍ୟ କରିବାକୁ ଆମ କୋଷରେ ଧନର ଅଭାବ ଓ ଆମ ବଜେଟରେ ସମ୍ବଲର ଅଭାବ ଓ ତୋ ରଦ୍ଦି କାଗଜକୁ ପଢ଼ିବାକୁ ଆମର ସମସ୍ତ ଅଭାବ' ଏତକ ଜବାବ ପଠାଇବାକୁ ଖଣ୍ଡିଏ ପୋଷ୍ଟକାର୍ଡ଼ କିଣିବା ଲାଗି ରାଜ ଟ୍ରେଜରରେ କୌଣସି ବଜେଟ୍ ହେଡଙ୍ଗରେ ଦୁଇଟା ପଇସାର ସମ୍ବଲ ନ ଥାଏ । ଫଳତଃ ବୁଝି ବସିଲେ ଆଧୁନିକ ପଞ୍ଚ ମକାର (ମଟରଗାଡ଼ି, ମୁହଁ ବାଲଙ୍ଗି, ମାଇପି ସ୍ୱାଧୀନ, ମେଘଜ୍ୟୋତି (ଅର୍ଥାତ୍ ବିଜୁଳି) ବତି ଓ ପଙ୍ଖା, ମଉଜ ମଜଲିସ୍) ପ୍ରଭାବ ଆମ ଦେଶକୁ ବିଶେଷତଃ ଅଦ୍ଧାର ମୁଲକକୁ ଏପରି ଘେରିଅଛି ଯେ, ସେ ଘେରକୁ ଡେଇଁ ଝମ୍ପ ଦେଇ ସିଂହଦ୍ୱାର ଗଳି କବାଟକୁ ଟପି ଓ ସେଠାରେ ଖଡ଼ା ପହରି ଦ୍ୱାରୀ, ଡାହାଳ କୁକୁର, କୁକୁରୀ ଓ କୁକୁରିଆଙ୍କ ହାତ, ପାଟି, ମୁହଁ ଓ ଦଣ୍ଡାର ଆଦର ଅଭ୍ୟର୍ଥନାର ଘୋଘାକୁ ଏଡ଼ି ଓ କେଉଁ କେଉଁ ରାଜଦନ୍ତୁଡ଼ ପାଖରେ ଥିବା ମୃଦଙ୍ଗ ଘରର ଖୋଳକରତାଳ ମାଡ଼ରେ ବୁଡ଼ି ନ ଯାଇ ଦୀନ ଦୁଃଖୀ ରଙ୍କି ଭିକାରିଙ୍କ ବିକଳିଆ ଡାକ ଶ୍ରୀମୁଖଙ୍କ ଶ୍ରୀକର୍ଣ୍ଣର ଶ୍ରୀକୁହର ମଧ୍ୟରେ ପ୍ରବେଶ କରି ପାରୁ ନ ଥିବ ପରି ! ଅହା, ରାଜଦ୍ୱାରରେ ହଲ୍ଲପଟା ଓ ଘୋଷରି ଝିଙ୍କା ହେଉଥିବା ମାଗନ୍ତା ଲୋକେ ସିଂହଦୁଆରରୁ ଫେରି ଏ ସୁଗ୍ରାହକ ନରଦେବତାମାନଙ୍କ ନାମରେ ଶ୍ରୀରାଜ୍ୟର ବାହାରେ ଯେଉଁ ଛନ୍ଦ ପିଟନ୍ତି, ସେହି ସବୁ ନାମରୁ ଗୁଏ ହରୁଅ ହେଲେ ଶ୍ରୀଅଙ୍କ କାନରେ ବାଜୁଥାଆନ୍ତା କି !

ଗ୍ରନ୍ଥକାର ଓ ଲେଖକମାନଙ୍କୁ ରାଜାମାନେ ତନ୍ତ୍ରୀ ବୋଲି ସମ୍ବୋଧନ କରିବା କଥା ମୁଁ କହିଲି ବୋଲି ଏଥିରେ ଚମକି ପଡ଼ିବାର କଥା ନାହିଁ । ଆଜିକାଲିର ଆଧୁନିକ ଲେଖକ ବିଶେଷତଃ ସାହିତ୍ୟସେବୀଲୋକଙ୍କ ଅବସ୍ଥା ଆମ ଦେଶୀ ତନ୍ତବାପୁଡ଼ାଙ୍କଠାରୁ ବଳେ । ତନ୍ତବାପୁଡ଼ା ସାହୁକାର ଘରୁ କାଢ଼ିଆଣି ସୂତ ମାଇପ ସମସ୍ତେ ଲାଗି ପଡ଼ି ଲହିରେ ଓଦା କରି ପକାଇ ପଖାଳକେରି ଖାଇ କମ୍ପା ଚଉଁରିଆ ଶାଢ଼ୀ ଖଣ୍ଡେ ବୁଣିଲା । ଲୁଗା ଖଣ୍ଡି ବୁଣା ସରିଲା । ଢଗ ଅଛି —'ସବୁ ବିକ ଭାଙ୍ଗି କଲି କଂସା, କଂସାରେ ଖାଇବାକୁ ନାହିଁ ପଇସା ।' ଏବେ ସେ ଲୁଗା ଖଣ୍ଡି ବିକା ହେଉଛି କିପରି ? ସେଇଠଉଁ ତନ୍ତବଜାରର ଲାଟିଲା କୁକୁର ଧାଉଡ଼ି । "ଅରେ ଭଲ ନେଉଛି ବିକାଳିଆ ଲୁକ ଖଦ ନବ କିଏ ହୋ ?" ଏହି ଡାକ ମାରି ମାରିକା ତନ୍ତବାପୁଡ଼ା ରାଜପ୍ରାସାଦଠାରୁ ଆରମ୍ଭ କରି ବାରିଦୁଆର ଶୁଣ୍ଡିପିଣ୍ଡା ବୁଲେ, ମୁଣ୍ଡ ଝାଳ ଭୂଇଁରେ ମାରେ, ବୁଲି ବୁଲି ତା ହଂସା ଉଡ଼ିଲାଣି, ଛାଇ ଗଡ଼ିଲାଣି, ଦିହରୁ

Digitized by srujan ka@gmail.com

ଚେତା ବୁଡ଼ିଲାଣି, ତେବେ ପୂର୍ବ ଆଖର ଲୁଗା ଖଣ୍ଡେ ବିକ୍ରି ନ ହେଲା । ଏ ଅବସ୍ଥାରେ କୁଟୁମ୍ବପୋଷା କଥା ଦୂରେ ଥାଉ, ଲୁଗା ବୁଣିବା ଅବସ୍ଥାଠାରୁ ବୁଲେଇ ବିକିବା ଅବସ୍ଥା ଚାଲିଗଲା । ଉତ୍କଳର ସାହିତ୍ୟିକମାନଙ୍କ ଅବସ୍ଥା ଓ ହଳପଟା ତହୁଁ ବଳେ । ଲେଖକ ଜୀବନର ଦିନ ନାହିଁ, ରାତି ନାହିଁ, ଖରା ନାହିଁ, ବର୍ଷା ନାହିଁ, ଉଆଁସ ନାହିଁ କି ଗୁରୁବାର ନାହିଁ, ପେଟମରା ନାହିଁ, ପରସ୍ତ୍ରୀପୋଡ଼ା ନାହିଁ, ସେ ଦିନେ ନୁହେ, ମାସେ ନୁହେ, ବରଷେ ନୁହେ, ଯୁଗେ ଯୁଗେ ତା ପୂଜା ଦେବ ଚିନ୍ତା କରି ଲାଗିଲା ରକ୍ଷା ରଖିବାରେ । ସମସ୍ତ ଉତ୍କଳରେ ସର୍ବସାଧାରଣଙ୍କ ପାଇଁ ଗୋଟିଏ Reference Library (ଅଭିଜ୍ଞାନ ଗ୍ରନ୍ଥାଗାର) ନାହିଁ । ଲେଖକ ଯା ଘର ତା ଘର ବୁଲି, ଯାକୁ ତାକୁ ଦାନ୍ତରେ କୁଟା ହୋଇ Reference book (ଅଭିଜ୍ଞାନ ପୁସ୍ତକ) ଗୁଡ଼ିଏ ମାଗି ଯାଚି ଆଣି ତାର ମନ ମୂନ ତଇତନ ଲଗାଇ ସାହା କରିବାର କଥା । ଏ ବହୁ ବର୍ଷର ସାଧନା ହୋଇଅଛି—ଲହୁରେ ଓଦାକନା ପକାଇ ଓ ମୁଦ୍ର ଦୋକାନରୁ ସଜ୍ଜିଦା କାଢ଼ିଥାଏ । କଅଣ ? ନା, ମୋ ଲେଖା ମାଲକୁ ଉତ୍କଳର ଗୁଣତଉସି ଗ୍ରାହକ ଚଢ଼ି ମଳେ ଦରଦାର ତୋଡ଼ କରିଦେବେ ଓ ମୋ ପୁଅ, ମାଇପ, ଝିଅ କବଳ, ସମସ୍ତଙ୍କ ଦୁଃଖ ଲୁଆଡ଼େ ପାଣି ପରି ଉଭେଇ ଯିବ । "ବସୁ ଯଚ୍ଛତୁ ବା ନ ବା ନରେନ୍ଦ୍ରଃ ଯଦି କର୍ଣ୍ଣେ କବିତ୍ୱରଙ୍ଗଂ ଶୃଣୋତି" ମାଲତକ ଲେଖିବା କଥା ତେଣିକି ଯାଉ, ତାକୁ ଥରେ ଆଖିରେ ଦେଖିବାକୁ ଗ୍ରାହକ ମିଳିଲେ ନାହିଁ । ଲେଖକ ମୁଣ୍ଡରେ ଛଣେମୁହଁ ଫିଙ୍ଗାଇ ମଉଡ଼ ଅଯାଡ଼ ଦେବା କଥା ଛାଡ଼, ତାକୁ ସାବାସି ଦେବା କଥା ଛାଡ଼, ରାଜରାଜୋଡ଼ାଙ୍କ କଥା ଛାଡ଼, ଉତ୍କଳୀୟ ଶିକ୍ଷିତ ସମାଜରେ ତାର ପରିଶ୍ରମର ଫଳ ଉପରେ ଆଖି ବୁଲାଇ ଦେବାକୁ ପୁଞ୍ଜାଏ 'ସାହିତ୍ୟରଥୀ' ଜୁଟିଲେ ନାହିଁ । ଧରି ଯେ ତା କର୍ମଜୋରକୁ ସେ ଏ ଧାଡ଼ି କୌଣସି ପ୍ରକାରେ ଉଭୁରିଲା, ତା ଭାଗ୍ୟକୁ ଅନ୍ୟ ଜାତିର ରଥୀ ହାବୁଡ଼ରେ ପଡ଼ିଲେ, 'ଅମୁକେଇ ଦେଶରେ ଘର, ଅମୁକେଇଙ୍କ ପୁଅ; ଅମୁକେଇ ଭଲ ପିଲା' ବୋଲି ସେ ଖଣ୍ଡେ କେତେ ସାର୍ଟିଫିକେଟ ହାସଲ କଲା । ସେଇଠାରୁ ଲାଗିଲା ପ୍ରାର୍ଥନାପତ୍ର, ଅନୁସରଣ, ନମସ୍କାର, ବଡ଼ସ୍କାର, ଭାରସ୍କାର ଓ ଶେଷକୁ ଧନମାନଙ୍କ ହାତୁଡ଼ିରୁ ବହିଷ୍କାର । ବଶୃଦ୍ଧ ଗତ୍ୟନ୍ତର ନ ଦେଖି ଓ ମୁଦ ଦୋକାନୀଙ୍କ କାଳ କଉଡ଼ି ଭାଗିଦାରୁ ଉଦ୍ଧାର ପାଇବାକୁ ସେ ଏ ରଦ୍ଦି କାଗଜଯାକରୁ ପୋଟଳବନ୍ଧା ଦୋକାନୀଙ୍କୁ ସେର ଦରରେ ବିକିଲା । ତାର ଯୁଗବ୍ୟାପୀ ସାଧନାର ଫଳ ଲକ୍ଷଣ ବେହେରାଙ୍କ ବଣିଅଛି ଦୋକାନରେ ଠୁଙ୍ଗା ଅବତାର ଗ୍ରହଣ କରି ଉତ୍କଳର

Digitized by srujan ka@gmail.com

ଘରେ ଘରେ ବିରାଜିଲା । ତା ପରେ ମେଉନିସିପାଲିଟି କଚରାଗାଡ଼ି ସାହାଯ୍ୟରେ ପୋତା ହେଉଥିବା ଖାଲରେ ପଡ଼ି ଭୂଗର୍ଭରେ ଚିରକାଳପାଇଁ ପ୍ରୋଥିତ ହେଲା । ଏଇଥିପାଇଁ ଆମ ସାହିତ୍ୟସେବୀମାନେ ବି ସାହିତ୍ୟସେବା ସଙ୍ଗେ ସଙ୍ଗେ 'କୃଷ୍ଣସେବା' ମଧ୍ୟ ଧରିଥାନ୍ତି । ନଚେତ୍ ଯୁଗବ୍ୟାପୀ ବହିମିହନ୍ତ୍ରର ଫଳ ଦେଖି ଆତ୍ମହତ୍ୟାହିଁ ସାର ହେଉଥାନ୍ତା । ଥାଉ ସେ ଯଥା ।

ଜଣେ ପଣ୍ଡିତ ଭାରି ଅଭିମାନରେ ମା ସ୍ୱରସ୍ୱତୀଙ୍କୁ ଏମନେ କହିଥିଲେ:—

"ମାତଃ ସରସ୍ୱତି ! ନ କୁପ୍ୟସି ଚେଦ୍ୱଦାମି
ନାରାୟଣସ୍ୟ ବନିତା କମଳୈବ ନାନ୍ୟା ।
ନୋଚେତ୍ କଥଂ କଥୟ ରାଜସଭାସୁ ମଧ୍ୟେ
ମୂକା ବୟଂ କଥମହୋ ଧନିନଃ ପ୍ରଗଲ୍ଭାଃ ।"

ହେ ମା ସରସ୍ୱତି ! ଯେବେ ନ ରୁଷିବ ତେବେ ପଦେ ମରମ କଥା କହନ୍ତି—ଲକ୍ଷ୍ମୀ ଏକା ଭଗବାନଙ୍କ ବନିତା, ନଇଲେ ରାଜସଭାରେ ଲକ୍ଷ୍ମୀଙ୍କ ପୁଅମାନେ ଉଚ୍ଚ ଗଳାରେ ସଭାକୁ କମ୍ପାଉଥାଆନ୍ତେ ଓ ଆମେ ତୁମ ପୁଅଲୁଗୁଡ଼ିକ ମୁହଁରେ ବଣ୍ଡା ମାରି ବସି ଥାଆନ୍ତୁ ? ସରସ୍ୱତୀ-ପୁଅମାନେ ମା ଲକ୍ଷ୍ମୀଙ୍କ ସାବତପୁଅ, ଏପରି ଅବସ୍ଥାରେ ସାବତପୁଅଙ୍କ ପ୍ରତି ମା ଲକ୍ଷ୍ମୀଙ୍କର ସୁଦୃଷ୍ଟି ନ ରହିବାହିଁ ସ୍ୱାଭାବିକ । କିନ୍ତୁ ସୌଭାଗ୍ୟର ବିଷୟ ଏହି ଯେ, ଲକ୍ଷ୍ମୀଙ୍କ ପୁଅମାନେ ମାଙ୍କ ଢଙ୍ଗ ନ ଧରି ସାବତ ଭାଇଙ୍କ ଉପରେ ବେଳେ ବେଳେ କୃପା ଦୃଷ୍ଟି ପକାଇଥାଆନ୍ତି । ଏତକ ରକ୍ଷିବାକୁ ସରସ୍ୱତୀଙ୍କ ପୁତ୍ରମାନେ ତାହା ଲକ୍ଷ୍ମୀପୁତ୍ରମାନଙ୍କ ନାମରେ ଗ୍ରନ୍ଥ ରଚିତା କରି ଓ ଗ୍ରନ୍ଥ ଉତ୍ସର୍ଗ କରି ସେମାନଙ୍କ ନାମକୁ ସାହିତ୍ୟର ଇତିହାସରେ ଅମର କରି ଦେଇ ଯାଆନ୍ତି । ଆଜିକାଲି ସ୍ୱଦେଶୀ ଆନ୍ଦୋଳନ ଯୋଗୁଁ କେତେ ବିଲାତି ମାଲ ଉପରେ 'ସ୍ୱଦେଶୀ ଛାପା' ମରା ହେଲା ଭଳି ଅନେକ ପଣ୍ଡିତ ନିଜର ପରିଶ୍ରମକୁ ଧନପତିମାନଙ୍କଠାରୁ କିଛି ଧନ ପାଇ ତନ୍ତ୍ରରେ ନିଜର ଗ୍ରନ୍ଥକର୍ତ୍ତୃତ୍ୱକୁ ମଧ୍ୟ ବିକିଦିଅନ୍ତି ଓ ସେ ଗ୍ରନ୍ଥମାନ ଭକ୍ତ ଧନପତିଙ୍କ ମସ୍ତିଷ୍କସମ୍ଭୂତ ଓ ଲେଖନୀପ୍ରସୂତ ବୋଲି ଜଗତରେ ଘୋଷିତ ହୋଇଯାଏ । ସଂସାରରେ ପୁଅ ଝିଅ ବିକି ହେଉଅଛନ୍ତି, ବିଦ୍ୟା ବିକି ହେଉଅଛି, ନ୍ୟାୟବିଚାର ବିକି ହେଉଅଛି, ଧର୍ମ ବିକି ହେଉଅଛି, କବିତାଇତ୍ ବିକି ହେଉଅଛି, ଗ୍ରନ୍ଥକର୍ତ୍ତୃତ୍ୱ ବିକି ନ ହେବ କାହିଁ ? ସେ ଦିନ

Digitized by srujan ka@gmail.com

ମୁଁ ଜଣେ ଲକ୍ଷ୍ମୀଙ୍କ ବରପୁତ୍ରଙ୍କ ଶ୍ରୀମୁଖରେ ନିବେଦନ କରୁଥିଲି— ଏ ସଂସାର ଛାଡ଼ି ଦିନେ ଆପଣ ଚାଲିଯିବେ, ମୁଁ ଚାଲିଯିବି, ମୋ ଲେଖାତକ ଯିବ ଓ ଆପଣଙ୍କ ଧନ ଓ ରାଜଶ୍ରୀ ମଧ୍ୟ ଯିବ । ଏହିପରି ବେଦବ୍ୟାସ ଗଲେ, ବାଲ୍ମୀକି ଗଲେ, ଭଞ୍ଜ ଗଲେ, ସାରଳା ଗଲେ, କବିସୂର୍ଯ୍ୟ ଗଲେ, ରାଧାନାଥ ଗଲେ, ରାମଚନ୍ଦ୍ର ଗଲେ, ପୁରୁଷୋତ୍ତମଦେବ ଗଲେ, କପିଳେନ୍ଦ୍ରଦେବ ଗଲେ, ବାଲୁକେଶ ହରଚନ୍ଦନ ଗଲେ । ଏହିପରି ସମସ୍ତେ ଯିବା, କିନ୍ତୁ ମୋର ବହୁ ବର୍ଷର ସାଧନା ଓ କଲମଠେଲାର ଫଳ ଏହି ରଦି କାଗଜଗୁଡ଼ାକରେ ମୁଢ଼ି ଓ ବଣିଆଙ୍କ ଦୋକାନର ଲୁଙ୍ଗା ଓ ପୁଡ଼ା ବନ୍ଧାହେବା ପୂର୍ବରୁ ଯେବେ ଶ୍ରୀମୁଖଙ୍କ ବଦାନ୍ୟତା ଓ ସାହାଯ୍ୟରେ ସେଗୁଡ଼ିକ ଥରେ ଛାପାଖାନା ବାଟ ଦେଇ ବୁଲିଯାଏ, ତେବେ ଏ ରଙ୍କିର ନାମ ସଙ୍ଗେ ଶ୍ରୀମୁଖଙ୍କ ନାମ ମଧ୍ୟ ସରସ୍ୱତୀଙ୍କ କୋଠ ଭଣ୍ଡାରରେ ଯୁଗଯୁଗାନ୍ତକୁ ସାଇତା ହୋଇ ରହିବ । ଶ୍ରୀମୁଖ ଏ ନିବେଦନ ଶୁଣି ମୁରୁକିହସାଟାଏ ମାଇଲେ । ମୁଁ ଆପଣା ଭାଗ୍ୟବଳକୁ ଧନ୍ୟବାଦ ଦେଲି । ବିଶ୍ୱରାଳି ଷୋଳ ବରଷର ପୁଅ ତ ମୋ ଭାଗ୍ୟକୁ କହିଛ ଆଁ କଲା, ଆଉ କଅଣ ବେଶି ଆଶା କରନ୍ତି ?

ଉତ୍କଳର ରାଜା, ମହାରାଜା, ଧନପତି, ସାହୁକାର, ଜମିଦାର, ମହାଜନ, ସନ୍ତ, ମହନ୍ତଙ୍କ ନିକଟରେ ସାହିତ୍ୟସେବକମାନଙ୍କ ପକ୍ଷରୁ ମୋର ଏତିକି ମାତ୍ର ମାଗୁଣି—ସାହାଯ୍ୟ କରିବା ପୂର୍ବରୁ ମାଲତକ ଭଲ କି ଭେଲ ଆଗ୍ରାକରି ପରଖ କର, ପରଖ କରିଥିଅ, ୨୫ ପଳଅଛ ବଣାରେ ଖାଦ୍ୟ ଢାଳିଲ କରି ନିଅ, ଦେଖି ବଜାଇ ଚଣି କି ଫଟା, ଭଙ୍ଗା କି ଭୁଟା, ମାରୁ କି ଘଟା, ଆଗ୍ରା କରି ଦେଖୁଥାଅ । ଯେ ଏ ଅଗ୍ନିପରୀକ୍ଷାରୁ ଉତୁରିଲା, ଯେ ଏ ଧର୍ମମାଣ୍ଡ୍ରୁରୁ ବର୍ତ୍ତିଲା, ତାକୁ ଅଣସ୍ତୁ ଦିଅ ।

ଆଜିକାଲି 'ଯେଝା ହାତରେ ଯେ ଚଉଦ ପା' ରୋଗ ଉତ୍କଳରେ ସଞ୍ଚାର ଯୋଉଅଛି । ସେ ଦିନ ଜଣେ ସାମାଜିକ ଦୈନିକ ଆଶାକୁ ଲେଖିଥିଲେ ଯେ, ଆମ୍ଭେମାନେ ଗୋଟିଏ ଲେଖାଏଁ ନୂଆ ପୋଖରୀ ଖୋଳାଇ ବା ନୂଆ କୀର୍ତ୍ତି କରି ନିଜ ନିଜର ନାମକୁ ଚିରସ୍ଥାୟୀ କରିବାକୁ ଖୁବ୍ ବ୍ୟଗ୍ର; କିନ୍ତୁ ଯେଉଁ ପ୍ରାଚୀନ କୀର୍ତ୍ତିମାନ ଲୁପ୍ତ ପଡ଼ିବାକୁ ବସିଲେଣି, ସେଗୁଡ଼ିକ ସଂସ୍କାର କରିବା ପାଇଁ ଆମର ମନ ଯାଉନାହିଁ । ଆମ୍ଭେ ଭାବି ପାରୁ ନ ଥାଉଁ ଯେ, ଆଜ ଆମ୍ଭେ ଯେଉଁ ପୋଖରୀ ଖୋଳାଉଥାଉଁ, ତାହା କାଳକ୍ରମେ ଲୁପ୍ତ ଯିବ ଓ ପୋତି ହୋଇଯିବ । କିନ୍ତୁ ଯେବେ ପୂର୍ବପୁରୁଷ କରିଥିବା ଲୁପ୍ତପ୍ରାୟ କୀର୍ତ୍ତିକୁ ଆମ୍ଭେ

Digitized by srujan ka@gmail.com

ପୁନରୁଜ୍ଜୀବିତ କରନ୍ତେଇଁ ଓ ଆମ ବଂଶଧରମାନେ ଆମର ପଦାଙ୍କ ଅନୁସରଣ କରନ୍ତେ, ତେବେ ଦେଶର ପ୍ରାଚୀନ କୀର୍ତ୍ତିଗୁଡିକ ଚିରସ୍ଥାୟୀ ହୁଅନ୍ତା । ସାହିତ୍ୟ-କ୍ଷେତ୍ରରେ ମଧ୍ୟ ସେହି ରୋଗର ପ୍ରାବଲ୍ୟ । ଯେଉଁ ପୁରୁଣା ସାହିତ୍ୟସମାଜ ଅଛି, ତାକୁ ସଂସ୍କାର କରି, ତହିଁର ଉନ୍ନତି କରିବାକୁ ନ ଯାଇ ଆମେ ଯେଣ୍ଠା ନାମରେ ଓ କର୍ମଛଟରେ ଆଉ ଗୋଟିଏ ଲେଖାଏଁ ନୂଆ ଅନୁଷ୍ଠାନ ଠିଆ କରାଇବାକୁ ପ୍ରୟାସୀ ହେଉଥାଉଁ । କଟକର ଟାଉନ୍ ଲାଇବ୍ରେରୀ ଓ ଏ ସମାଜର ଲାଇବ୍ରେରୀକୁ ପୂର୍ଣ୍ଣାଙ୍ଗ ଓ ପରିପୁଷ୍ଟ ନ କରି ଆଉ ଗୋଟିଏ ନୂଆ ଲାଇବ୍ରେରି କରିବାକୁ ବସିଥାଉଁ । ଉତ୍କଳରେ ସର୍ବତ୍ର ଏହି ନାମ କରିବା ଓ ନାମ ପାଇବା ରୋଗ ଘୋଟିଅଛି । ପୁରୁଣା କାମ ଓ ଅନୁଷ୍ଠାନରେ ଯୋଗ ଦେଲେ ମୋ ନାଁଟା ତ ସବୁଆଡ଼େ ବାଜିବ ନାହିଁ । 'ଉତ୍କଳ ସାହିତ୍ୟସମାଜ' ଦ୍ୱାରା କିଛି କାମ କରାଇଲେ ତ ମୋ ନାଁ ବାଜିବ ନାହିଁ । 'ଟାଉନ ଲାଇବ୍ରେରୀ'କୁ ବଢ଼ାଇଲେ ତ ମୋ ନାଁ ବାଜିବ ନାହିଁ । ଅମୁକର ସଂକଳିତ ଗ୍ରନ୍ଥ ବା ଅଭିଧାନ ପ୍ରକାଶରେ ସାହାଯ୍ୟ କଲେ ମୋ ନାଁଟୀ ତ ବାଜିବ ନାହିଁ । ଏ ସମ୍ପର୍କରେ ବଙ୍ଗର ବିଖ୍ୟାତ ବ୍ୟଙ୍ଗ କବି ଡି. ଏଲ୍. ରାୟଙ୍କ "ଏକ୍‌ଟା କିଛୁ ନୂତନ କର" ଏ ଗୀତଟି ମନେ ପଡ଼େ । ଏହିପରି ଆପଣମାନେ ଦେଖନ୍ତୁ ଯେ, ଏ ରୋଗ କି ରାଜନୈତିକ, କି ସାମାଜିକ, କି ନୈତିକ, କି ସାହିତ୍ୟିକ ସବୁ ଅନୁଷ୍ଠାନର ଉଦ୍ୟମିମାନଙ୍କୁ ଘୋଟିଅଛି । ଏହା ନବ୍ୟଶିକ୍ଷିତମାନଙ୍କୁ ବେଶି ଘୋଟିଅଛି, ଏହାହିଁ ଘୋରତର ବିଷୟ ! ଉତ୍କଳ-ସାହିତ୍ୟ-ସମାଜର ବାର୍ଷିକ ଅଧିବେଶନରେ ଆପଣମାନେ ମତେ ଧରିଆଣି ସଭାପତି ପଦରେ ବସାଇଅଛନ୍ତି, ଅବଶ୍ୟ ତହିଁପାଇଁ କୃତଜ୍ଞତା ପ୍ରକାଶ ନ କରି ଗୁଡ଼ାଏ ଅପ୍ରୀତିକର ଅଲଣା କଥା ଶୁଣାଇବା ଭଦ୍ରତାବିରୁଦ୍ଧ ହେବ । କିନ୍ତୁ ଉତ୍କଳରେ ବିଶେଷତଃ ସାହିତ୍ୟକ୍ଷେତ୍ରରେ ଏହି ଯେଉଁ ସନ୍ନିପାତ ରୋଗ ଘୋଟିଅଛି, ସେ ରୋଗ ନ ଛାଡ଼ିବାଯାକେ ଆମ ଜାତିର ମଙ୍ଗଳ ନାହିଁ । ଏହି ନାଁ ବାଜିବା ପାଇଁ ଉତ୍କଣ୍ଠା ରୋଗଦ୍ୱାରା ଓଡ଼ିଆ ଜାତି ଜର୍ଜରିତ ଓ ମ୍ଳାନପ୍ରାଣ ହେଲାଣି ଓ ଏ ରୋଗ ବିଲାତିଦଳ ପରି ମାଡ଼ି ଯାଉଅଛି । ନାଁ ପାଇବା ପାଇଁ ସାହିତ୍ୟସେବା କରିବା ବିଡ଼ମ୍ବନା ମାତ୍ର । ଆଜିକାଲି ଓଡ଼ିଶାର ସବୁ କ୍ଷେତ୍ରରେ ଦେଖାଯାଏ, ଗୋଟାଏ ଖୁବ୍ ଘନଘଟା ଓ ବିଜ୍ଞାପନରେ ଦେଶତମାମ୍ ଚହଲ ପଡ଼ିଗଲା ଯେ, ଅମୁକ ସ୍ଥାନରେ ସଭା ହୋଇ ନିର୍ଦ୍ଧାରଣ ହେଲା ଯେ ଅମୁକ ସ୍ଥାନରେ ଗୋଟାଏ ପ୍ରକାଣ୍ଡ 'ପ୍ରାଚୀନତତ୍ତ୍ୱଗବେଷଣୀ ସଭା'ର ଅଧିବେଶନ ହୋଇ ସର୍ବସମ୍ମତି-କ୍ରମେ ଧାର୍ଯ୍ୟ ହେଲା ଯେ, ଗୋଟାଏ ନାହିଁ ନ ଥିବା ନ ହେବା 'ସାର ସଂସାର

Digitized by srujan ka@gmail.com

କୋଷ' ଗ୍ରନ୍ଥ ସଙ୍କଳିତ ହେବ । ପ୍ରସ୍ତାବ କଲେ ଶ୍ରୀ ଅମୁକ ଏ, ବି. ସି. ଡି, ଏହାକୁ ଦ୍ୱିତୀୟ କଲେ (Second) ଅମୁକ ଇ, ଏଫ୍, ଜି, ଏଇଚ୍,; ଏହାକୁ ଟେକ ଧରିଲେ (Support) ଅମୁକ ଏଚ୍, ଆଇ, ଜେ, କେ, ଓ ପ୍ରସ୍ତାବ ସର୍ବସମ୍ମତିକ୍ରମେ, ସବୁ ସଭ୍ୟଙ୍କର ତାଳରେ ଗୃହୀତହେଲା (Carried) । ଏ ଅନୁଷ୍ଠାନର ସଭାପତି ଅମୁକ, ସହକାରୀ ସଭାପତି ଅମୁକ, ଯୁଗ୍ମସମ୍ପାଦକ ଅମୁକ ଅମୁକ, ସହକାରୀ ସମ୍ପାଦକ ଅମୁକ, ଅବୈତନିକ ସମ୍ପାଦକ ଅମୁକ କୋଷ-ରକ୍ଷକ ଅମୁକ, ପରୀକ୍ଷକ ଅମୁକ, ସମୀକ୍ଷକ ଅମୁକ, ପରିଦର୍ଶକ ଅମୁକ, ଏଥିରେ ମାଲମସଲା ସଂଗ୍ରହ କରିବା ପାଇଁ ବିଜ୍ଞାନ କମିଟି, ସଜ୍ଞାନ କମିଟି, ଅଜ୍ଞାନ କମିଟି, ଦିବ୍ୟଜ୍ଞାନ କମିଟି, ବ୍ରହ୍ମଜ୍ଞାନ କମିଟି, ଅର୍ଥଜ୍ଞାନ କମିଟି, ଧର୍ମଜ୍ଞାନ କମିଟି, ଅଧର୍ମ-ଜ୍ଞାନ କମିଟି, ଦେଶୀୟ ଶବ୍ଦସଂଗ୍ରାହକ, ବିଭାଷିକ ଶବ୍ଦସଂଗ୍ରାହକ, ପାରିଭାଷିକ ଶବ୍ଦ ସଂଗ୍ରାହକ, ଦ୍ୱୈଭାଷିକ, ବହୁଭାଷିକ ଶବ୍ଦସଂଗ୍ରାହକ କମିଟି ଓ ବହୁ ବହୁ ସଭ୍ୟମାନେ ମନୋନୀତ ହେଲେ । କର୍ମଚାରୀ ନିଯୁକ୍ତିପାଇଁ ବିଜ୍ଞାପନ ବାହାରିଲା, ପ୍ରାର୍ଥୀ ଖୋଜା ହେଲା, ଅଫିସ୍ ହେଲା; ଟେବଲ୍ ବେଞ୍ଚ୍ ତିଆର ହେଲା, ସମ୍ବାଦପତ୍ରମାନଙ୍କରେ ସମ୍ପାଦକୀୟ, ସ୍ୱନାମୀ, ବେନାମୀ, ସୁନାମୀ, ବଦନାମୀ, ନେକନାମୀ, ଦଶନାମୀ ସ୍ତମ୍ଭମାନ ଏ ବିଷୟରେ ବାହାରିପଡ଼ିଲା । ଏ ଅନୁଷ୍ଠାନର ଅନୁଷ୍ଠାତା, ଅଧିଷ୍ଠାତା, ପ୍ରତିଷ୍ଠାତା ଆଦିଙ୍କ ନାଁ ସବୁଆଡ଼େ ବାଜିଗଲା । ଦେଶତମାମ୍ ରାଷ୍ଟ୍ର ହୋଇ ଗଲା ଯେ—'ଯାଇଁ ପଡ଼ ହୋ, ଉତ୍କଳର ଅପୂର୍ବ କୋଷ ଦେଖିବ ।' ଏ ସବୁ ହୋ ହୋ ପରେ 'ମୋ କଥାଟି ସରିଲା, ଫୁଲ ଗଛଟି ମଲା ।' ନାଁ ତ ବାଜିବାର ଥିଲା; ବାଜି ତ ଗଲା । ଆଉ କଣ ବାକି ରହିଲା ଯେ, ଏ କ୍ଷେତ୍ରରେ ଆଉ ଚେଷ୍ଟା ଦରକାର ?

ଆପଣମାନଙ୍କ ଭିତରେ ମୁଁ ବି ଜଣେ । ଏ ସଂକ୍ରାମକ ରୋଗ ସମସ୍ତଙ୍କୁ ତ ଘୋଟିଅଛି; ମତେ ବା କିଆଁ ଛାଡ଼ିବ ?

ଆଉ ସବୁ କ୍ଷେତ୍ରରେ ଏ ହୋ ହା, ଏ ବାଗାଡ଼ମ୍ବର, ଏ ମେଘାଡ଼ମ୍ବର, ଏ ଶବ୍ଦାଡମ୍ବର, ଏ ବାଦ୍ୟାଡ଼ମ୍ବର ଚାଲି ଯାଉଅଛି । ଦେଖିଲୁ ଯେ, କଂଗ୍ରେସ ଓ ସ୍ୱରାଜ୍ୟ ହୋ ହାରେ ଭାରତ ମାତିଅଛି; ଓଡ଼ିଶା ମଧ୍ୟ ମାତିଅଛି । ବିଲାତି ବର୍ଜନ, ସ୍ୱଦେଶୀ ଗର୍ଜନ, ସ୍ୱରାଜ୍ୟ ତର୍ଜନ, ବିଲାତି ଦହନ, ଜାତୀୟ ପତାକା ବହନ, ଅରଟରେ ସୂତା କଟନ, ଖଦଡ଼ଲୁଗା ସହନ, ଧର୍ମଘଟ, ଅଧର୍ମଘଟ, ନିଶାନିବାରଣ, ଜାତୀୟ ବିଦ୍ୟାଳୟ ସ୍ଥାପନ, ଗ୍ରାମସଂଗଠନ, ଆପଣା ପୁଅମାଈପଙ୍କ ଅନ୍ନ ବସ୍ତ୍ରା-ଲଙ୍କାରବ୍ରଦ ସସ୍ଥାନ, ସେବାଶ୍ରମ, ବିଧବାଶ୍ରମ, ଅଛୁତାଶ୍ରମ, ପଶ୍ୱାଶ୍ରମ, କୃଷ୍ଟିୟ

Digitized by srujan ka@gmail.com

ପ୍ରତିରୋଧ, ସକ୍ରିୟ ପ୍ରତିରୋଧ, ବହିଷ୍କ୍ରିୟ ପ୍ରତିରୋଧ ଇତ୍ୟାଦି ଆନ୍ଦୋଳନର ହୋ ସବୁଠାରେ ଲାଗିଅଛି ଓ ଖବରକାଗଜରେ ହୋ ଉଠୁଅଛି । ଆମ ଓଡ଼ିଶାରେ କଣ କହିବାକୁ ପାଟି ଓ ଲେଖିବାକୁ କାଳି କଲମ ଓ ଛାପିବାକୁ ଖବରକାଗଜ ନାହିଁ କି ? ଆମ ଘରେ କଣ ପାରଲାର ପୁଅ ନାହାନ୍ତି କି ? ଓଡ଼ିଶା କଅଁ ଏ ତାଲିକାରୁ ବାଦ୍ ଯିବ ? କିନ୍ତୁ ଫଳତଃ ଯାହା ଦେଖୁଅଛି, ତାହା ସମସ୍ତେ ଅନୁଭବ କରୁଥାଇଁ । ଆମର ସବୁ କସରତ ଓ ଫଳ ଭାରତବ୍ୟାପୀ ଆନ୍ଦୋଳନର ଫଳ ମଧ୍ୟରେ ଲୁଚି ଯିବାରୁ ସେଗୁଡ଼ିକ ପାଇଁ ଆମର ଢାଉସାଦ ଓ ଆଳସ୍ୟ ଭାରତୀୟ ନେତାଙ୍କ ଆଗରେ ଧରା ପଡ଼ୁ ନାହିଁ । କିନ୍ତୁ ଯେତେବେଳେ ଖାସ୍ ଓଡ଼ିଶାଗତ କୌଣସି ଆନ୍ଦୋଳନ-ଫଳର ହିସାବ କିତାବ୍ ହେଉଅଛି, ସେତିକିବେଳେ ଆମର ଯୋଗ୍ୟପଣିଆ ଧରା ପଡ଼ୁଅଛି । ଗୋପବନ୍ଧୁ ସ୍ମୃତିରକ୍ଷା ଫଣ୍ଡ୍ କେତେଦୂର ହେଲା ? ନିର୍ବାଚିତ ମିଆଦ ତାରିଖ ମଧ୍ୟରେ କଂଗ୍ରେସ୍ ସଭ୍ୟ କେତେ ନାଲ୍ ବହିରେ ନା ଲେଖାଇଲେ ? ବିଲକୋଷ ଭୁଆଡ଼େ ଗଲା ? ଏ ସବୁର ହିସାବ କିତାବ୍ ବେଳକୁ ସିନା ବ୍ୟସ୍ତ ! ସେତେ-ବେଳେ ଘଡ଼ିଏ ପହରେ କାଠମୁହଁ ବାନ୍ଧି ଦେଲେ କାମ ଚଳିଯିବ ଯେ !

ଆଜି ଏ 'ଉତ୍କଳ ସାହିତ୍ୟ ସମାଜ'ର ଅବସ୍ଥା, 'ଉତ୍କଳ ସାହିତ୍ୟ ପତ୍ରିକା'ର ଅବସ୍ଥା, 'ଉତ୍କଳଦୀପିକା'ର ଅବସ୍ଥା, 'ଟାଉନ୍ ଲାଇବ୍ରେରି'ର ଅବସ୍ଥା ଦେଖିଲେ ମନରେ ଏ କ୍ଷୋଭ ଉଦିତ ହେବା ସ୍ୱାଭାବିକ ।

ବଣରେ ସିନା ଅରଣ୍ୟରୋଦନ କରାଯାଏ; କିନ୍ତୁ ସଭାରେ ରୋଦନ ମଧ୍ୟ ଅରଣ୍ୟରୋଦନ ହେଉଅଛି—ଏହାହିଁ ଓଡ଼ିଶା ଦାଉଆର ବଶିଷ୍ଟତା ଓ ବୈଚିତ୍ର୍ୟ ।

କେହି କିଛି କରୁ ନ ଥାଇଁ; ଅଥଚ ନାଁଟା କମିତ୍ତି ମିଳିଯିବ,ଏଥିପାଇଁ ତୁମେ ମୋ ନାଁଟା ପ୍ରଚାର କର; ମୁଁ ତୁମ ନାଁଟା ପ୍ରଚାର କରାଇବି । ଏହି mutual admiration societyର (ବାହାଦୁର କିଆଦେଇ ସାହିତ୍ୟ ସଂଘ) ସଭ୍ୟରୂପେ ଦେଶକୁ, ଜାତିକୁ ସାହିତ୍ୟକୁ ଟେକିବା ଓ ଟେକିଆଣି ନେଇ ସ୍ୱର୍ଗ ପାଖରେ ପହଞ୍ଚାଇବା । ଯେଉଁ କ୍ଷମକ୍ଦାରାମ୍ ଏ କୁହୁକକୁ, ଏ ଧୂଳିଘରକୁ ଭାଙ୍ଗିବ ଓ ଯେ ପ୍ରକୃତରେ ନୀରବରେ କିଛି କାର୍ଯ୍ୟ କରିବ, ତାକୁ ଏକଘରକିଆ କରିବା, ତା ପିଠି କାମୁଡ଼ିବା (backbite), ତା ନାକଦଣ୍ଡାରେ, ବେକଷଣ୍ଢାରେ, ଗୋଡ଼ବଣ୍ଡାରେ, ବାହାଦଣ୍ଡାରେ, କାନମୁଣ୍ଡାରେ ମାଡ଼

Digitized by srujan ka@gmail.com

ଦେବା । ଆମେ ତ ମୂର୍ଖଆଶାର ଫୋକଟ୍‌ରେ ଦେଶଟାକୁ ଦୂନେଏ ଶୂନେଏ ସ୍ୱର୍ଗକୁ ଉଠାଇବାର ନାଁ ମାରନେବାକୁ ବସିଥାଉଁ; ଏଇଟା କୁଅଡ଼ୁ ଆସି ଆମକୁ ଲଣ୍ଡଭଣ୍ଡରେ ପକାଉଅଛି ଓ ଆମ ଦାନାରେ ଧୂଳି ପକାଉଅଛି । ଏ ମୁଣ୍ଡ ଟେକଲା ବେଳକୁ ଯାକୁ ଏପରି ଚାଟେ ଦେବା ଯେ, ଏ ରାଇଜ ଛାଡ଼ି ପଳାଇବ, ନଇଲେ କଡଗ୍ଲଗା ହେବ ।

ଶେଷ କଥା ଏହି କି, ଜାତିର ଉନ୍ନତିର ମାନଦଣ୍ଡ ସାହିତ୍ୟ । ଏ କଥା ଭୁଲିହେଇବାର ଜୋ ନାହିଁ । ସାହିତ୍ୟକୁ ଉନ୍ନତ କରିବାର ଅର୍ଥ— ଜାତିର ଉନ୍ନତି କରିବା । ଏଥିପାଇଁ ନିଷ୍ଠାପର ସେବକ, ନୀରବ ସାଧକ, ଅଧ୍ୟବସାୟୀ କର୍ମୀ, ନିର୍ଭୀକ ବକ୍ତା, ଧର୍ମାନୁପ୍ରାଣିତ ସମାଲୋଚକ, ନୀତି ସ୍ୱାର୍ଥାଗ୍ରହରହିତ ଓ ତପୋନିରତ ସହକର୍ମୀ ଲୋଡ଼ା ।

'ଧନପତିଲୁବ୍ଧକ ସାହିତ୍ୟସେବୀ ଓ ସାହିତ୍ୟିକମାନଙ୍କୁ ଉତ୍ସାହ ଦେବାରେ ତାଙ୍କ ଲୁହାସିନ୍ଦୁକର ସାଇତା ଧନକୁ ଆମ ଉପରେ ଅଜାଡ଼ି ଦେଉ-ନାହାନ୍ତି କାହିଁ ?' ବୋଲି ଦୋଷ ସେମାନଙ୍କ ଉପରେ ଢାଳି ଦେଇ, ସାହିତ୍ୟର ଅବନତି ଓ ଅନାଦରପାଇଁ ସେମାନଙ୍କୁ ଦାୟୀ କରି ଆମ ମୁଣ୍ଡରୁ ଦୋଷ ଖସାଇ ଦେଲେ ଚଳିବ ନାହିଁ । ସାହିତ୍ୟକ୍ଷେତ୍ରରେ ଏପରି ଗୋଟିଏ ଅନୁଷ୍ଠାନ ରହିବା ଉଚିତ କି, ଯାହାର ସିଏ ଫଇସଲା ଉତ୍କଳରେ ସମସ୍ତେ ନତମସ୍ତକରେ ଗ୍ରହଣ କରିବେ । ମନେ କରନ୍ତୁ, ଆଧୁନିକ ପଞ୍ଚମକାର ସେବା କରି ସାରିବା ପରେ ଜଣେ ଧନୀଙ୍କ ପାଖରେ ଗୁଡ଼ିଏ ଧନ ଅଛି । ମୁଁ ଖଣ୍ଡିଏ ମୋ ରଚିତ କାବ୍ୟ ବହି ନେଇ ପହଞ୍ଚିଲି—ମହାରାଜା, ଯାକୁ ଉପଦେଶ । ଆଉ ଜଣେ ଖଣ୍ଡିଏ ନାଟକ ନେଇ ପହଞ୍ଚିଲେ । ଜଣେ ଗୁଡ଼ିଏ ପ୍ରାଚୀନ ପୋଥି ନେଇ ପହଞ୍ଚିଲେ । ଜଣେ ଗୁଡ଼ିଏ ମାସିକ ବା ପାକ୍ଷିକ ବା ସାପ୍ତାହିକ ବା ଦୈନିକ, ଦ୍ୱାହିକ । ତ୍ର୍ୟାହିକ, ଚାତୁର୍ଥିକ ପତ୍ର ବାହାର କରିବା ପାଇଁ ଅନୁଷ୍ଠାନ ପତ୍ରସହିତ ପହଞ୍ଚିଲେ । ଧନୀ ଭଲ କରିବେ କଅଣ ? କାହାକୁ ଫେରାଇ ଦେବେ ? କାହାକୁ ଦେବେ ? ଏପରି ସ୍ଥଳରେ 'ମୂରରେସ୍ଥଗତଃ ପନ୍ଥାଃ' କରି କାହାକୁ ନ ଦେଲେ ତ ଲଠି ଛୁଟିଯିବ !

ଯେବେ ଆମେ ଉତ୍କଳ ସାହିତ୍ୟସମାଜକୁ ସାହିତ୍ୟ ଓ ଭାଷାର ନିୟାମକ ଓ ବିଚାରପତି କରି ବସାଇ ପାରନ୍ତେଇଁ ଓ ସମାଜରେ ସାହିତ୍ୟିକ ଓ ଭାଷାଗତ ସମସ୍ୟାମାନଙ୍କ ମୀମାଂସା କରନ୍ତେଇଁ ଓ ଯେଉଁ ଗ୍ରନ୍ଥ ବା ଲେଖା

Digitized by srujan ka@gmail.com

ଉତ୍ସାହ ପାଇବା ଯୋଗ୍ୟ, ତାହା ଦୃଢ଼ଭାବରେ ମତ ଦେଇ ପାରନ୍ତେଇଁ, ତେବେ ଧନପତିମାନଙ୍କୁ ମୋ ଭଳି ଉତ୍କଳୀୟ ଲେଖାଳଲୁଗ୍ଧକ ଯେଉଁପରି କଳିକଳି କରୁଥାଇଁ, ସେଥିରୁ ସେମାନେ ତ୍ରାହି ପାଆନ୍ତେ ଓ ସଙ୍ଗେ ସଙ୍ଗେ ଉତ୍କଳ-ସାହିତ୍ୟରେ ଆବର୍ଜନାଗୁଡ଼ାକ ସ୍ଥାନ ପାଆନ୍ତା ନାହିଁ ।

ହିନ୍ଦୁସ୍ଥାନ, ଗୁଜୁରାଟ, ବଙ୍ଗଦେଶ, ତୈଲଙ୍ଗ ଦେଶମାନଙ୍କରେ ସାହିତ୍ୟିକ ପ୍ରଶ୍ନର ମୀମାଂସା କରିବା ପାଇଁ ତତ୍‌ଦେଶରେ ସାହିତ୍ୟସମାଜମାନ ବସିଅଛନ୍ତି । କିନ୍ତୁ ଉତ୍କଳ ସାହିତ୍ୟସମାଜର ଦଶା କଣ ହୋଇଅଛି ? ଅମୁକ ଏ ସମାଜର ସମ୍ପାଦକ ଗୃହକୁ ଇସ୍ତଫାର ପତ୍ର ଦେଇ ସାରିଲେଣି, ଅମୁକ କିଆଁ ସ୍ଥାୟୀ ସଭାପତି ହେବେ ? ଏ ସମାଜରେ ଆମ ଦଳରୁ କିଆଁ ବହୁତ ସଭ୍ୟ ନ ରହିବେ—ଏହି ଆନ୍ଦୋଳନ ଚାଲିଅଛି । କିନ୍ତୁ ସାହିତ୍ୟସମାଜର ଉନ୍ନତି-କଳ୍ପେ ନିଷ୍ଠାସହିତ ଆମ ଭିତରୁ କେତେ ଜଣ ଅଣ୍ଟା ଭିଡ଼ିଅଛନ୍ତି ? ଏହି ଦୁଃସ୍ଥମନ୍ତ ମଧ୍ୟରେ 'ନାଁ ବାଜିବା' ବୀଜ-ମନ୍ତ୍ର ରହିଅଛି । ଯେବେ ଦେଶରେ ଥିବା ସମସ୍ତ ସାହିତ୍ୟିକ ଅନୁଷ୍ଠାନ, ଚେଷ୍ଟା ଓ ଉଦ୍ୟମକୁ ଏକତ୍ର କେନ୍ଦ୍ରୀଭୂତ କରି ଏହି ସାହିତ୍ୟସମାଜକୁ ଉତ୍କଳ ସାହିତ୍ୟର କେନ୍ଦ୍ରିକ ଅନୁଷ୍ଠାନରୂପେ ଗଢ଼ନ୍ତେଇଁ ଓ ସାହିତ୍ୟର ଉନ୍ନତିକଳ୍ପେ ସମସ୍ତେ ସମସ୍ତଙ୍କର ସବୁ ପ୍ରକାରର ଚେଷ୍ଟା, ସୁପାରିସ୍, କର୍ତ୍ତୃମତ (Influence), ଧର୍ମବଳ, ମନବଳ, ମୂଳବଳକୁ ଏହି ସମାଜକୁ ଗଢ଼ିବାରେ ଲଗାନ୍ତେଇଁ, ତାହାହେଲେ ରାଜା, ମହାରାଜା, ଗ୍ରନ୍ଥକାର, ଔପନ୍ୟାସିକ, ସମ୍ବାଦପତ୍ରର ସମ୍ପାଦକ, ପ୍ରାଚୀନ ଗ୍ରନ୍ଥ-ସଂଗ୍ରାହକ ସମସ୍ତେ ଏକ ଆଦର୍ଶରେ ଚାଲି, ଉତ୍କଳ ସାହିତ୍ୟର ମୁଖକୁ ଉଜ୍ଜ୍ୱଳ କରି ପାରନ୍ତେଇଁ । ଏକଥା ପ୍ରତି ମୁଁ ଆପଣମାନଙ୍କର, ତଥା ଉତ୍କଳର ଧନପତି ଓ ସାହିତ୍ୟାନୁରାଗୀମାନଙ୍କର ଦୃଷ୍ଟି ଆକର୍ଷଣ କରୁଅଛି । ଏହି ସମାଜକୁ ମେରୁଦଣ୍ଡ କରି ଦେଶର ସାହିତ୍ୟ ଏହାର ଦ୍ୱାରା ନିୟନ୍ତ୍ରିତ ହେଲେ ଓ ଏହାର ଆକର୍ଷଣ ବଳରେ ଘାଉଁରି ଖାଇଲେ, ଅତିରେ ସାହିତ୍ୟର ଉନ୍ନତି ଅନୁଭୂତ ହୋଇ ପାରନ୍ତା । ଏହା ଦ୍ୱାରା ମୁଁ କହୁ ନାହିଁ ଯେ ସାହିତ୍ୟସମାଜର ଜରିଆରେ ଛପା ହେବା ଗ୍ରନ୍ଥ ଛଡ଼ା ଉତ୍କଳରେ ଅନ୍ୟ ଗ୍ରନ୍ଥ ଛପା ହେବ ନାହିଁ । ଯାହାଙ୍କର କାଳି କଲମ ଅଛି, ସେ ଲେଖନ୍ତୁ; ଯାହାଙ୍କର ଧନ ବା ଛପାଖାନା ଅଛି, ସେ ଗ୍ରନ୍ଥମାନ ଛପାନ୍ତୁ; କିନ୍ତୁ ଯେଉଁ ଗ୍ରନ୍ଥରେ ଓ ଉଦ୍ୟମରେ ସାହିତ୍ୟ-ସମାଜର Hall mark (ଛାରପ୍ ଛପା) ମାରିଥିବ, ତାହାହିଁ ସର୍ବତ୍ର ଆଦୃତ ହେବ । ଉତ୍କୃଷ୍ଟ ଗ୍ରନ୍ଥରୂପ ହାଟବଜାରରେ ସାହିତ୍ୟସମାଜର ସମର୍ଥନା

Digitized by srujan ka@gmail.com

ସୁନାକୁ ଅଣି ପରି ହେବ । ସାହିତ୍ୟକ୍ଷେତ୍ର ଏ ସମାଜ ସଙ୍ଗେ ମିଳିତ ହେଲେ ଉତ୍କଳ ପକ୍ଷରେ ଗୌରବର ବିଷୟ ହୁଅନ୍ତା ।

ଛାପାଖାନା ବୃଦ୍ଧି ସଙ୍ଗେ ଦେଶରେ ଆଉ ଗୋଟିଏ ଅତ୍ୟାଚାର ବଢ଼ିଅଛି । ଏକ ଗ୍ରନ୍ଥକାରଙ୍କ ଗ୍ରନ୍ଥ ବା ଲେଖା ବା ସଙ୍କଳନର ସାଧାରଣରେ ଆଦର ଓ କାଟତି ଦେଖି ଅନ୍ୟ ଲୋକ ଚୋରି କରି ନାମ ବଦଳାଇ ଛପାଉଅଛନ୍ତି । ଏମନ୍ତ କି, ବଡ଼ ବଡ଼ ଛାପାଖାନାର କର୍ତ୍ତାମାନେ ଏହାକୁ ଆପଣା ଆୟବୃଦ୍ଧିର ଗୋଟିଏ ଉପାୟ କରିଅଛନ୍ତି । ଜଣେ ବ୍ୟକ୍ତି ନିଜର ବୁଦ୍ଧି ଓ ପରିଶ୍ରମଦ୍ୱାରା ଯାହା ରଚନା କରିବେ ଓ ଯାହା ସଙ୍କଳନ କରିବେ, ତାକୁ ଅନ୍ୟ କେହି ତାଙ୍କ ଜୀବଦ୍ଦଶାରେ ଏବଂ ମରିବା ପରେ ୫୦ ବର୍ଷ ପର୍ଯ୍ୟନ୍ତ ଛାପି ପାରିବେ ନାହିଁ । ଛାପିଲେ ଫୌଜଦାରି ଓ ଦେୱାନୀ ମକଦ୍ଦମାର ଆଇନ୍ ଅନୁସାରେ ଶିକ୍ଷା ପାଇବାର ବିଧାନ ଆଇନ୍‌ରେ ଅଛି ବୋଲି ଅଧିକାଂଶ ଗ୍ରନ୍ଥକାର ଜାଣନ୍ତି ନାହିଁ । ଏ ସମ୍ବନ୍ଧରେ ଜ୍ଞାନ ପ୍ରଚାର କରିବା ସମାଜର ଗୋଟିଏ କାର୍ଯ୍ୟ ହେବା ଉଚିତ ।

ସରସ୍ୱତୀଙ୍କ ନବ୍ୟ ଓଡ଼ିଶି ସାଧକ ପୁତ୍ରମାନଙ୍କୁ ସ୍ଥୂଳରେ ତିନି ଶ୍ରେଣୀରେ ବିଭକ୍ତ କରାଯାଇ ପାରେ—

(୧) ମା' ସରସ୍ୱତୀଙ୍କର ଜନ୍ମିତ ପୁତ୍ର; ଯଥା—ରାଧାନାଥ, ମଧୁସୂଦନ, ଫକୀରମୋହନ, ଗୌରୀଶଙ୍କର, ନନ୍ଦକିଶୋର, ଗଙ୍ଗାଧର, ରାମଶଙ୍କର, କବି ଚନ୍ଦ୍ରାମଣି, ବଇନାଥ କର, ଶଶିଭୂଷଣ ରାୟ ।

(୨) ବାଣୀଙ୍କର ମାର୍କାମରା ପୋଷିଆ ପୁଅ, ଯେଉଁମାନେ ସରସ୍ୱତୀଙ୍କ ସେବାରେ ଜୀବନ ଉତ୍ସର୍ଗ କରିବା ପାଇଁ ସରକାରଠାରୁ ଦ୍ୱାରକାଛପା, ମାଳ, ଝୁଲି, ଡୋରକଉପୁନି, ଭେକ, ଆଶାବାଡ଼ି ପାଇ ଗୋଟିଏ ଲେଖାଏଁ ଗାଦି ମାଡି ବସିଅଛନ୍ତି ଓ କିଏ ସଂସ୍କୃତରେ, କିଏ ଓଡ଼ିଆରେ, କିଏ ଜଡ଼ବିଜ୍ଞାନରେ, କିଏ ଜୀବବିଜ୍ଞାନରେ, କିଏ ଉଦ୍ଭିଦ ବିଜ୍ଞାନରେ, କିଏ ଚିକିତ୍ସା ବିଜ୍ଞାନରେ—ଏହିପରି ନାନା ବିଭାଗରେ ବିଶେଷଜ୍ଞ ବୋଲି ଯାହାଙ୍କଠାରେ ଗଭର୍ଣ୍ଣମେଣ୍ଟଙ୍କର ତଥା ଲୋକ ସାଧାରଣଙ୍କର ଆସ୍ଥା ଅଛି ।

(୩) ଅମରଭଳ ମନମୁଣ୍ଡିଆ ଗୁଣ୍ଡାପୁଅ, ଯେଉଁମାନେ ଲହୁରେ ଓଦାକନା ପକାଇ ଗୁଡ଼ାଏ ବାନ୍ଧୁଅଛନ୍ତି ଓ ନିଜାନ୍ତ ପେଟ ପୋଡଲାରୁ ନାନା ପେଶାର ଆଶ୍ରୟ ନେଉଅଛନ୍ତି ।

Digitized by srujan ka@gmail.com

ପ୍ରଥମ ଶ୍ରେଣୀର ସାଧକମାନେ ସାଧାରଣଙ୍କ ବାହାବୁତ ବା ନିନ୍ଦାକୁ ଭ୍ରୂକ୍ଷେପ ନ କରି ତାଙ୍କ କାମରେ ଲାଗିଥାନ୍ତି । ଲୋକେ ଶୁଣନ୍ତୁ ନ ଶୁଣନ୍ତୁ— ସେ ତାଙ୍କ କାମରେ ଲାଗିଥିଲେ, ଲାଗିଅଛନ୍ତି ଓ ଲାଗିଥିବେ । ଦ୍ୱିତୀୟ ଶ୍ରେଣୀର ମାର୍କାମରା ଅଧିକାଂଶ ପୋଷାପୁଅମାନଙ୍କୁ ଦେଖିଲେ ଆମ ଦେଶର ବାବାଜୀମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ମନେ ପଡ଼େ । ଆମ ଶାସ୍ତ୍ରକାରମାନେ କହିଅଛନ୍ତି, "ଯାନାରୂଢ଼ଂ ଯତିଂ ଦୃଷ୍ଟ୍ୱା ସଚେଲଂ ସ୍ନାନମାଚରେତ୍ ।" ଯାନ ବାହନାରୂଢ଼ ପରାକ୍ରମୀ ମହନ୍ତ ମହାରାଜଙ୍କୁ ଦେଖି ମନୁଷ୍ୟ ତାଙ୍କ ଡରରେ ଲୁଗା ଧୋଇବାର ପରେ ଦରକାର ପଡ଼ିବ, ଏହା ପୂର୍ବରୁ ଜାଣି ପାରି ଆମ ଶାସ୍ତ୍ରକାରମାନେ ସବୁ ଦୋଷ ଛଡ଼ାଇ ଲେଖିଗଲେ, ଏପରି ଜୀବଙ୍କୁ ଦେଖିଲେ ସଙ୍ଗେ ସଙ୍ଗେ ଲୁଗା ହଳାଇ ପକାଇବ (ଅବଶ୍ୟ, ହିଦଥରି ବନ୍ଦ ହେଲା ପରେ) । ସମୟ ସମୟରେ ବିଷୟ-ମାୟା-ଜର୍ଜରିତ କଚେରୀରେ ପକ୍ଷରୂପେ, ମିଶନ୍‌ରେ ଅନାହାରୀ ମେଜେଷ୍ଟ୍ରର-ରୂପେ, ଇନ୍‌କମ୍‌ଟିକସ୍ ଅଫିସରେ ଋଣ୍ଡିଦାତା ଅସେସିରୂପେ ଓ କାଉନ୍‌ସିଲରେ ଏମ୍. ଏଲ୍. ସି ରୂପେ ଲଣ୍ଡଭଣ୍ଡ ହେଉଥିବା ବୈରାଗୀମାନଙ୍କୁ ଦେଖି ମୁଁ ନମସ୍କାର କରେଁ ଓ ମନେ ମନେ ପଚାରେଁ—"ଜି ହୋ ! ମହନ୍ତ ମହାପ୍ରଭୁ, ତୁମେ ତ ସବୁ କଥାରେ ଆମ ଗୃହସ୍ଥ ଓ ସଂସାରୀ ଜୀବଙ୍କଠାରୁ ବଳିଗଲ, ତେବେ ଭେକ ନେଲ କାହିଁ ? ଡୋର କଉପୁନୀ ନେଲ କାହିଁ ? ମାହାଙ୍ଗେ ରେଜେଷ୍ଟ୍ରିରେ ନାଁ ଲେଖାଇଲ କାହିଁ ?" ସେହିପରି ଏ ଭେକଧାରୀ ମା ସରସ୍ୱତୀଙ୍କର ପୋଷିଅ ପୁଅମାନଙ୍କୁ ଦେଖିଲେ, ମୋ ମନରେ ଏହି ପ୍ରଶ୍ନର ଉଦୟ ହୋଇଥାଏ—ଜି ରେ ତୁମେ ତ ଆମରି ପେଟବିକଳିଆଙ୍କ ଭଳି ସବୁ ଅପନା, ସବୁ ଲଟର ଘାଣ୍ଟିଲ, ଆମରି ଭଳି ଚାଷ, ପଣା, ଚୌପାରିମାଡ଼ କଲ, ମକଦ୍ଦମା ମାମଲା କଲ, ଦଳାଦଳିରେ ପଶିଲ; ଆଉ ପାଗ ପଟୁକା ବାନ୍ଧିଲ କାହିଁ ? ସରକାରଙ୍କ ଆଖିରେ ଧୂଳି ପକାଇବା ଲାଗି ସିନା ! ସରକାର ବାହାଦୂର ଯେଉଁମାନଙ୍କୁ ମୋଟା ଦରମା, ବୃତ୍ତି ଗ୍ରାଣ୍ଟ, ଜଳପାନି ଓ ପଙ୍ଖା ଦେଇ ସରସ୍ୱତୀସେବା ପାଇଁ ପୋଷିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ କିଅଣ କରି ସମୟ କାଟୁଅଛନ୍ତି, ତାହା ଆମ ଅପେକ୍ଷା ସେମାନଙ୍କ ସମ୍ପର୍କରେ ଆସୁଥିବା ଚେଲାମାନେ ବେଶି ଅଟେ ଜାଣିଅଛନ୍ତି । ତହିଁରୁ କେତେଜଣ ହଳୀଶା, ଲାଙ୍ଗଳୀଶା ପରି ବିଦ୍ୟା ଓ ବିଜ୍ଞାନ ଚର୍ଚ୍ଚାରେ ସମୟ ଯାପନ କରୁଅଛନ୍ତି—ତାହାର କୈଫିୟତ୍ ସେମାନେ ଯାହାଙ୍କୁ ଦେବାର ଦେବେ; ଆମର ଏ କୈଫିୟତ୍ ମାଗିବାର ଅଧିକାର ନାହିଁ । ଏ ଶ୍ରେଣୀରେ ଯେ ରାଜହଂସ ନାହାନ୍ତି, ତାହା ମୁଁ କହୁ ନାହିଁ; କିନ୍ତୁ 'ବଗୁଲା ବଗୁଲୀ' ସଂଖ୍ୟା ଅତ୍ୟଧିକ । "ହିଜଯାକ ମାଛରେ ଧ୍ୟାନ; ଗ୍ରାହକରେ ଦେଖାଇ

Digitized by srujan ka@gmail.com

ମାଛ ସପନ ।" ଏମାନେ ବନ ଗୃହ ଅପଣା ଚିନ୍ତା, ଅପଣା ପୁଅ ମାଇପଙ୍କ ବସ୍ତ୍ରାଳଙ୍କାର ଚିନ୍ତା, ଆପଣା ସଞ୍ଚିତ ଧନ ଓ ଆପଣା ଜମିବାଡ଼ି ଚିନ୍ତାରେ ନିମଗ୍ନ ଅଛନ୍ତି, ଏଥିରୁ ସମୟ ବଳିଲେ ତାସ ପିଙ୍ଗା ଓ ପଶା ମାଡ଼ ! ଏ କଣ ସରସ୍ୱତୀ-ସେବା ନୁହେ କି ?

(ଙ) ତା ପରେ ମୋ ଭଳି ତୃତୀୟ ଶ୍ରେଣୀ ଗୁଣ୍ଡାପୁଅଙ୍କଲୁଗ୍ନଙ୍କ କଥା । ଆମର ନା ପେଷା, ନା ସରସ୍ୱତୀସେବା କିଛି ହେଉଛି ? ମନ ହେଲାବେଳେ ଧନ ନାହିଁ; ଧନ ହାତ ଚଢ଼ିଲାବେଳେ ମନ ହେଉ ନାହିଁ । ଆମର ମଧ୍ୟ ଲଗା ନାହିଁ କି ପଘା ନାହିଁ । ଆମ ମୁଣ୍ଡରେ ବାଆଁସ ବାଜିବାକୁ କେହି ନାହିଁ । ଯାହା ମନ ହେଉଛି, ଗୁଡ଼ାଏ ଲେଖି ଯାଉଥାଇଁ । ହାଁ, ହାଁ, ଏ କଣ ? ଏଥିର ଉତ୍ତର—ଅମେ କାହା ବାପର ଖାଉଁ ନା ଧାରୁଁ ଯେ, ଏଥିର କିଏ କୈଫିୟତ୍ ମାଗିବ ! ତେମେଣି ଚଢ଼େଇଯାକ ଆମର ପୁରୁଣା ଦେଉଳଯାକକୁ ଯାହା କଲେଣି, ଅମେ ଅମ ମା ସରସ୍ୱତୀଙ୍କ ମନ୍ଦିରକୁ ସେଇତା କରି ସାରିଲୁଣି । ବର୍ତ୍ତମାନ ବଜାରରେ ଯେଉଁ ସାହିତ୍ୟ ପୁସ୍ତକମାନ ବାହାରୁଛି, ଓ ପତ୍ରିକା-ମାନଙ୍କରେ ଯେଉଁ ପ୍ରବନ୍ଧ ଓ କବିତାମାନ ବାହାରୁଛି, ସେଥିରୁ ଅଧିକାଂଶ ତେମେଣି ଲଣ୍ଡିଠାରୁ କେତେଦୂର ଉତ୍କୃଷ୍ଟ, ତାହା ଉତ୍କଳ ସାହିତ୍ୟର ଭବିଷ୍ୟତ୍ ଇତିହାସଲେଖକ ଅବଶ୍ୟ ସ୍ଥିର କରିବେ । ସମ୍ପାଦକମାନେ ଆମ ଲେଖା ନ ଛାପି ଯିବେ କୁଆଡେ ? ଅମେ ତ ତାଙ୍କ ମୁଁହରେ ହାତ ପଡ଼େଇବାକୁ ଯାଉ ନାହୁଁ, ପ୍ରବନ୍ଧ ଓ କବିତା ପାଇଁ ତ ସେମାନେ ଆମକୁ ନଗଦ ଠଣାଠଣ୍ ଚୂନିମ ଗଣି ଦଉ ନାହାନ୍ତି ? ଏଥି ପାଇଁ ବାଧ ବାଧକତା କଣ ?

ଉପସ୍ଥିତ ସଭ୍ୟବୃନ୍ଦ ! ମୋର ଏହି ନୀରସ ଅଭିଭାଷଣରେ ମୁଁ ଜାଣି ପାରୁଅଛି ଯେ, ଅପଣମାନଙ୍କର ଧୈର୍ଯ୍ୟଚ୍ୟୁତି ହୋଇଅଛି । ତଥାପି ଅଉ ଦୁଇପଦ ନ କହି ରହି ପାରୁ ନାହିଁ । 'ପରୋପଦେଶେ ପାଣ୍ଡିତ୍ୟଂ'—ସମସ୍ତଙ୍କର ଅଛି । ମୋର ବି ଅଛି । ମୁଁ କେବଳ ଅଭାବ ଗୁଡ଼ାଏ ଦେଖାଇଲି, ଦୁର୍ଗୁଣ ଗୁଡ଼ାଏ ଗାଇଲି; କିନ୍ତୁ ଏଥିର ପ୍ରତିକାର କିଛି ସୂଚନା କରି ନାହିଁ । ଏ ଅଭିଯୋଗର ଉତ୍ତରରେ ମୁଁ ଶେଷରେ ଦୁଇ ଚାରି କଥା ଅପଣମାନଙ୍କୁ ନିବେଦନ କରୁ-ଅଛି ।

ଏ ଯୁଗରେ ସଂଘବଦ୍ଧ ଚେଷ୍ଟାଦ୍ୱାରା ସାଧାରଣ କାର୍ଯ୍ୟ ଓ ଜାତୀୟ କାର୍ଯ୍ୟର ଯେପରି ଉନ୍ନତି ସାଧିତ ହେଉଅଛି, ତାହା ସମସ୍ତଙ୍କୁ ଉତ୍ତମରୂପେ

Digitized by srujan ka@gmail.com

ଜଣା । ଜାତିର ବର୍ତ୍ତମାନ ଅବସ୍ଥାରେ ଜାତୀୟ ଜୀବନରେ ଆମ ଦେଶରେ ନନ୍‌-କୋ-ଅପରେଶନ୍‌ କେତେଦୂର ଲୋଡ଼ା, ତାହା ଭାରତର ରାଜନୈତିକ ମନ୍ତ୍ରମାନେ ସ୍ଥିର କରୁଅଛନ୍ତି, କିନ୍ତୁ ସାହିତ୍ୟର ଉନ୍ନତିପାଇଁ ସମସ୍ତଙ୍କର କୋ-ଅପରେଶନ୍‌ ଅର୍ଥାତ୍‌ ସଙ୍ଘବଦ୍ଧ ଚେଷ୍ଟା ଏକାନ୍ତ ଆବଶ୍ୟକ । ବ୍ୟକ୍ତିଗତ ଭାବରେ ଜାତୀୟ ସାହିତ୍ୟକୁ ପୁଷ୍ଟ ଓ ଉନ୍ନତ କରିବାର ଚେଷ୍ଟା ଓ ଆଶା ଦୁରାଶା ମାତ୍ର । କିଏ ଆଶା କରିଥିଲା ଯେ, ଏହି ମ୍ରିୟମାଣ ଉତ୍କଳ ସାହିତ୍ୟସମାଜ ଆଜି ଏ ପ୍ରାସାଦର ଅଧିକାରୀ ହେବ ? କିଏ ଆଶା କରିଥିଲା ଯେ, ଏଠାରେ ଉତ୍କଳ ସାହିତ୍ୟର ମୂଳଭିତ୍ତି ସ୍ଥାପିତ ହେବ ? ଆମ ଭିତରୁ କେତେ ଜଣ ବର୍ତ୍ତମାନ ଆଶା କରୁଅଛନ୍ତି ଯେ, ଏ ସମାଜଗୃହଟି ଏ ଶ୍ରୀ ରାମଚନ୍ଦ୍ର ଭବନଟି, ଏ ମା ସରସ୍ୱତୀଙ୍କ ମନ୍ଦିରଟି ସାଜସଜ୍ଜା ଓ ଉପକରଣରେ ପୂର୍ଣ୍ଣ ହୋଇଯିବ ? ଏହା ସବୁ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରେରଣା, ପରିଶ୍ରମ, ସାଧୁ ସାଧନା ଓ ଅନୁସରଣର ଫଳ—ଏହା କହିବା ବାହୁଲ୍ୟ । କିନ୍ତୁ 'ଉତ୍କଳ ସାହିତ୍ୟସମାଜ' ଏହି ସଂଘବଦ୍ଧ ନାମକରଣ ସେହି ବିଶିଷ୍ଟ ବ୍ୟକ୍ତିମାନଙ୍କର ତପସ୍ୟାକୁ ଫଳବତୀ କରିଅଛି । ମୁହଁରେ କହି ଦେବା ଓ ପତ୍ରିକାରେ ଆଲୋଚନା କରିବା ଓ ମନ୍ତବ୍ୟ ଛାଡ଼ି ଦେବା ବଡ଼ ସଜ କଥା । କିନ୍ତୁ ଯେଉଁ ବ୍ୟକ୍ତିମାନଙ୍କର ବିଶିଷ୍ଟ ଚେଷ୍ଟାଦ୍ୱାରା ଏହି ସାହିତ୍ୟସମାଜର ଉନ୍ନତି ହୋଇଅଛି ଓ ହେବ, ସେମାନେ ତୁମ ଆମ କଥା ସ୍ତୁତିକୁ ପରେଇ କରୁଥିଲେ ବୋଧ ହୁଏ ଆଜି ଆମେମାନେ ଏ ଦ୍ୱିତଳ ପ୍ରାସାଦର ଅଧିକାରୀ ହୋଇ ପାରି ନ ଥାନ୍ତୁ । ଛଡ଼ନ୍ତୁ ସେ କଥା । ଏ ବିଷୟ ଅବତାରଣା କରିବାର ଅର୍ଥ ଏହି କି, ମୁଁ ଯେଉଁ ଯେଉଁ ପ୍ରସ୍ତାବମାନ ଆପଣ-ମାନଙ୍କ ସମ୍ମୁଖରେ ଉପସ୍ଥାପିତ କରୁଅଛି, ସେଗୁଡ଼ିକ ଅର୍ଥସାପେକ୍ଷ । 'ଆଲୋ ମଉସା, କଡ଼ ପଇସା ।' ସବୁ ଚେଷ୍ଟା, ସବୁ ଉନ୍ନତି ପାଇଁ ଧନ ଲୋଡ଼ା । ମୋର ଏହି ପ୍ରସ୍ତାବମାନ କାର୍ଯ୍ୟରେ ପରିଣତ କରିବା ପାଇଁ ବିଂଶ ସହସ୍ରାଧିକ ଟଙ୍କା ଅବଶ୍ୟକ । ଯେଉଁ ସାହିତ୍ୟପ୍ରାଣ, ଉତ୍ସାହୀ, ସ୍ୱଳ୍ପସଂଖ୍ୟକ ବ୍ୟକ୍ତିଙ୍କର ଓ ବିଶେଷତଃ ଏ ସମାଜର ସମ୍ପାଦକଙ୍କ ପ୍ରେରଣାରେ ଓ ଚେଷ୍ଟାରେ ଆଜି ପର୍ଯ୍ୟନ୍ତ ହୋଇଥିବା ବ୍ୟୟମାନ ସମ୍ଭବପର ହୋଇଅଛି, ସେହିମାନଙ୍କର ଚେଷ୍ଟାରେହିଁ ଏହା ସମ୍ଭବପର ହେବ । ସେମାନେ ଆମ୍ଭମାନଙ୍କର ସଂଘବଦ୍ଧ ନାମ ଓ ସହଯୋଗିତା ମାତ୍ର ଭିକ୍ଷା କରନ୍ତି । ସେତିକ ଦେବାରେ ପରାଙ୍ମୁଖ ହୋଇ ଆମେ ତାଙ୍କ ଦେହରେ କଣ୍ଟା ଫୋଡ଼ିଲେ ଏସମାଜ କେବେହେଁ ଉଧେଇବ ନାହିଁ ।

Digitized by srujan ka@gmail.com

ମୋର ପ୍ରସ୍ତାବମାନ ଏହି :—

(୧) ଉତ୍କଳର ଅନ୍ତତଃ କଟକର ଦୁର୍ଦ୍ଦଶାଗ୍ରସ୍ତ ମାସିକ ପତ୍ରିକା-ମାନଙ୍କୁ ଏକତ୍ର କରି ଏହି ସମାଜ ପକ୍ଷରୁ 'ଉତ୍କଳ ସାହିତ୍ୟ' ନାମରେ ଖଣ୍ଡିଏ ସର୍ବାଙ୍ଗସୁନ୍ଦର ମାସିକପତ୍ରିକା ପ୍ରକାଶ କରାଯାଉ । ଏଥିରେ ଉତ୍କୃଷ୍ଟ ପ୍ରବନ୍ଧ ଓ ପଦ୍ୟର ଲେଖକମାନଙ୍କୁ ଯଥୋଚିତ ପାରିଶ୍ରମିକ ଓ ପୁରସ୍କାର ଦିଆଯିବାର ବ୍ୟବସ୍ଥା ହେଉ । ଏହାର ପରିଚାଳନ ନିମନ୍ତେ ଗୋଟିଏ 'ସମ୍ପାଦକ-ମଣ୍ଡଳ' ଗଠିତ ହେଉ ଏବଂ ସମାଜର ପ୍ରବୀଣ ସାହିତ୍ୟିକଙ୍କୁ ଏହାର ସମ୍ପାଦକୀୟ ଆସନ ଦିଆଯାଉ ।

(୨) ପୁଣ୍ୟଶ୍ଲୋକ ମହାରାଜ ଶ୍ରୀରାମଚନ୍ଦ୍ର ଯେପରି ବିଶିଷ୍ଟ ସାହିତ୍ୟିକ ଗ୍ରନ୍ଥଲେଖକମାନଙ୍କୁ ବହୁମୂଲ୍ୟ ପୁରସ୍କାର ଦେବାକୁ ଘୋଷଣା କରୁଥିଲେ ଏବଂ ଯାହାର ଫଳରେ 'ଚିଲିକା' ପରି ପୁସ୍ତକ ରଚିତ ହୋଇଥିଲା, ବର୍ତ୍ତମାନ ଉତ୍କଳର ରାଜା ମହାରାଜା ଓ ଧନପତିମାନଙ୍କ, ସେହିପରି ଉତ୍କୃଷ୍ଟ କାବ୍ୟ, ନାଟକ, ଉପନ୍ୟାସ, ଭାଷାତତ୍ତ୍ୱ, ବ୍ୟାକରଣ ଇତିହାସ ଆଦି ଲେଖିବା ପାଇଁ ମୂଲ୍ୟବାନ୍ ପୁରସ୍କାର ଓ ପାରିଶ୍ରମିକ ଦେବାକୁ ସମାଜପକ୍ଷରୁ ପ୍ରବର୍ତ୍ତିତ କରା-ଯାଉ । ସେହି ସବୁ ପୁସ୍ତକର ଉତ୍କର୍ଷାପକର୍ଷ ବିବେଚନା ଭାର 'ସାହିତ୍ୟ ସମାଜ' ହାତରେ ରହୁ । ରାଜା ମହାରାଜା ଧନପତିମାନେ ସାହିତ୍ୟିକ ଗ୍ରନ୍ଥମାନଙ୍କୁ ସାହାଯ୍ୟ ଦେବା ପୂର୍ବରୁ ଏ ସମାଜର ମତ ନେଉନ୍ତୁ ଓ ଗ୍ରନ୍ଥ ପ୍ରକାଶର ଭାର ଏ ସମାଜ ହାତରେ ଦିଅନ୍ତୁ ।

(୩) ସାହିତ୍ୟିକ ପ୍ରବନ୍ଧାଦି ନିମନ୍ତେ ସାହିତ୍ୟସମାଜ ହାତରେ ଦାତାମାନେ ନିଜ ନିଜର କଳ୍ପିତ ବିଷୟମାନ ସ୍ଥିର କରି ପ୍ରତି ବର୍ଷ ଯେଉଁ ଟଙ୍କା ଦେଉଅଛନ୍ତି, ସେହି ଟଙ୍କା ଯେମନ୍ତେ 'ସାହିତ୍ୟ-ସମାଜ' ସ୍ୱାଧୀନ ଭାବରେ ବ୍ୟୟ କରିବାର ଭାର ଦାତାମାନଙ୍କଠାରୁ ପାଆନ୍ତି, ତାହା ହେଲେ ବର୍ତ୍ତମାନ ଯୁଗୋଚିତ ଆଲୋଚନାପାଇଁ ଲେଖକମାନଙ୍କୁ ଆହ୍ୱାନ କରନ୍ତି ।

(୪) ଅସଂଯତ ଲେଖକମାନଙ୍କର ଭାଷା ଓ ଭାବକୁ ଏବଂ ଅଶ୍ଳୀଳ ପୁସ୍ତକମାନଙ୍କର ପ୍ରକାଶକୁ ତୀବ୍ର ଭାବରେ ସମାଲୋଚନା କରି ସାହିତ୍ୟ କ୍ଷେତ୍ରରୁ ସେ ସବୁ ଆବର୍ଜନା ଦୂର କରାଯାଉ । ଶୁଦ୍ଧ ପୂତ ଉତ୍କୃଷ୍ଟ ସାହିତ୍ୟର ଲେଖକମାନଙ୍କୁ ପ୍ରୋତ୍ସାହିତ କରାଯାଉ ଓ ଅଶ୍ଳୀଳ ଗ୍ରନ୍ଥର ବର୍ଜନ ନିମନ୍ତେ ସରକାରଙ୍କୁ ଅନୁରୋଧ ଓ ସାହାଯ୍ୟ କରାଯାଉ ।

Digitized by srujan ka@gmail.com

(୫) ବିଭିନ୍ନ ଶ୍ରେଣୀର ବିଦ୍ୟାଳୟମାନଙ୍କରେ ଯେଉଁ ସବୁ ପାଠ୍ୟ ପୁସ୍ତକ ସାହିତ୍ୟ ପୁସ୍ତକରୂପେ ପ୍ରଚଳିତ ହେଉଅଛି, ସେ ସବୁ ନାନା ଦୋଷଦୁଷ୍ଟ। ଏ ସମ୍ବନ୍ଧରେ ଶିକ୍ଷାବିଭାଗର ଡ଼ାଇରେକ୍ଟର ଓ ଟେକ୍ସ୍ଟବୁକ୍ କମିଟିର ଦୃଷ୍ଟି ଆକର୍ଷଣ କରାଯାଉ ଏବଂ ଉତ୍କୃଷ୍ଟ ପୁସ୍ତକମାନଙ୍କୁ ପାଠ୍ୟ ପୁସ୍ତକରୂପେ ନିର୍ବାଚିତ କରିବା ପାଇଁ ଡାଇରେକ୍ଟରଙ୍କୁ ଓ ବିଶ୍ୱବିଦ୍ୟାଳୟଙ୍କୁ ସମାଜ ପକ୍ଷରୁ ଅନୁରୋଧ କରାଯାଉ।

ମୁଁ ଆଶା କରେଁ, ଆପଣମାନେ ମୋର ସମସ୍ତ ତ୍ରୁଟି ମାର୍ଜନା କରି ମୋର ପ୍ରଦର୍ଶିତ ବିଷୟମାନ ପ୍ରଣିଧାନ କରିବେ। ଏ ବାଣୀମନ୍ଦିର ନୀଚ ସଙ୍କୀର୍ଣ୍ଣତା, ସ୍ୱାର୍ଥପରତା, ଦଳାଦଳି, ଦଳଗତ ଘୃଣା ଓ ଈର୍ଷା, ଆତ୍ମପ୍ରାଧାନ୍ୟ ଆଦି ଦୁର୍ଗୁଣର ଲୀଳାସ୍ଥଳ ନ ହୋଇ ସରସ୍ୱତୀ ଆରାଧନାର ଶୁଦ୍ଧ ପୂତ ମନ୍ଦିର ହେଉ। ଏଥିର ଶାଖା ପ୍ରଶାଖା ସମସ୍ତ ଉତ୍କଳଭାଷୀ ଅଞ୍ଚଳରେ ଆମ୍ଭମାନଙ୍କର ବ୍ୟକ୍ତିଗତ ଓ ଦଳଗତ ଚେଷ୍ଟାଦ୍ୱାରା ବିସ୍ତାରିତ ହୋଇ ଉତ୍କଳରେ ସାହିତ୍ୟ-ଜୀବନର ନବ ବିକାଶ ଦେଖାଇ ସଭ୍ୟଜଗତଙ୍କୁ ଚମତ୍କୃତ କରୁ। ମୋର ପରାତ୍ପରଙ୍କ ପାଦରେ ଏତିକି ମାତ୍ର ମାଗୁଣି।

ସ୍ୱର୍ଗୀୟ ମହାମହୋପାଧ୍ୟାୟ ସଦାଶିବ କାବ୍ୟକଣ୍ଠଙ୍କ ବିୟୋଗରେ ଉତ୍କଳ ତଥା ଏ ସମାଜ ବେଦନା ଅନୁଭବ କରୁଅଛି। ସେ ଦିନେ ଏ ସମାଜରେ ସଭାପତି ଆସନ ଅଲଙ୍କୃତ କରିଥିଲେ। ତାଙ୍କ ନିଷ୍ଠାପର ଦେଶସେବାର ଉଦାହରଣ ଆମ୍ଭମାନଙ୍କୁ ଏ ସମାଜର କାର୍ଯ୍ୟରେ ଲଗାଉ।

Printed by V. Kar at the U. S. Press, Cuttack.

Digitized by srujan ka@gmail.com

ନାରୀ କ

ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ

ଭିକ୍ଷୁକ ସଙ୍ଗତେ ନୃପ ମୁକୁଟ-ମଣ୍ଡିତ
କାଳବଳେ ହେବେ ସର୍ବେ ଭବୁ ଅନ୍ତର୍ହିତ,
କିନ୍ତୁ ତୁମ୍ଭେ ଦୀନଜବ ! ରହିବ ଜୀବନ୍ତ
ଯେତେ ଦିନ ଭବେ ଥିବ ଓଡ଼ିଆ ସାହିତ୍ୟ !!

ଶ୍ରୀ ରାଧାଚରଣ ପଣ୍ଡା

Digitized by srujan ka@gmail.com

ପଢନ୍ତୁ ! ପଢନ୍ତୁ !!

ଡାକ୍ତର ସୁଧାଚରଣ ପଣ୍ଡାଙ୍କ ପ୍ରଣୀତ

ସୁନ୍ଦର ଓ ସରଳ ପ୍ରାଇଜ ଲାଇବ୍ରେରୀ ପୁସ୍ତକ !!!

୧ । ଉତ୍କଳର ଶିଳ୍ପସମୃଦ୍ଧି—[ଉତ୍କଳ ସାହିତ୍ୟସମାଜରୁ 'ହିନ୍ଦୋଳ ପୁରସ୍କାର' ପ୍ରାପ୍ତ ପ୍ରବନ୍ଧ] ଟ ୧

୨ । ଉତ୍କଳର କୁଟୀରଶିଳ୍ପ—[ଉତ୍କଳ ସାହିତ୍ୟସମାଜରୁ 'ଜଗନ୍ନାଥ ପୁରସ୍କାର' ପ୍ରାପ୍ତ ପ୍ରବନ୍ଧ] ଟ ୦

୩ । ଉତ୍କଳର ପଲ୍ଲୀପ୍ରସଙ୍ଗ—ଆଦର୍ଶ ପଲ୍ଲୀସଂଗଠନ ପାଇଁ ଉତ୍କୃଷ୍ଟ ଗ୍ରନ୍ଥ ଟ ୦

୪ । ପାରକୁଦ—ଆନ୍ଧ୍ର ବିଶ୍ୱବିଦ୍ୟାଳୟର ଏଫ୍. ଏ. ପାଠ୍ୟପୁସ୍ତକ ଟ ୧

୫ । ସ୍ୱାସ୍ଥ୍ୟଶିକ୍ଷା—୧୦ମ ସଂସ୍କରଣ—ମାଇନର୍ „ ଟ ୦

୬ । ଉ. ପ୍ରା. ସ୍ୱାସ୍ଥ୍ୟଶିକ୍ଷା ଟ ୦

୭ । ପିଲାଙ୍କ ସ୍ୱାସ୍ଥ୍ୟଶିକ୍ଷା ଟ ୦

୮ । ସ୍ୱର୍ଗତ ବୀରମଦେବ ବର୍ମା— (ଜୀବନୀ) ଟ

୯ । ସ୍ୱର୍ଗତ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ („) ଟ

୧୦ । ମହାପୁରୁଷ ପିଟର („) ଟ

୧୧ । ଡାକ୍ତର ଲିଭିଂଷ୍ଟନ („) ଟ

୧୨ । ମେଲେରିଆ (ସ୍ୱାସ୍ଥ୍ୟବିଜ୍ଞାନ) ଟ

୧୩ । କୁଷ୍ଠରୋଗ („) ଟ

୧୪ । ପାନ (ଓଡ଼ିଶାର ଫଳଙ୍କ) ଟ

୧୫ । ଧୂଆଁପତ୍ର („) ଟ

୧୬ । ଅଫିମ („) ଟ

ସବୁପୁସ୍ତକରୁ ଏକସେଟ୍ ନେଲେ ଟଙ୍କାରେ ସୁବିଧା କମିସନ ମି

ପ୍ରାପ୍ତିସ୍ଥାନ—ସାରସ୍ୱତ ଭଣ୍ଡାର୍, ପୋ. ଗୃହମାଗୌଡ, ଢେ

ପୁରୀ ଏବଂ ବ୍ରହ୍ମପୁରର ବଡ ବହିଦୋକାନରେ ମଧ୍ୟ ମିଳେ

Digitized by srujan ka@gmail.com

ଆଦର୍ଶ ଜୀବନୀମାଳା ... ...

ନାରୀକବି
ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ

ମୂଲ୍ୟ—ଛଅ ଅଣା।

ଲେଖକ ଓ ପ୍ରକାଶକ

ରାଧାଚରଣ ପଣ୍ଡା

ପ୍ରଥମ ସଂସ୍କରଣ
୧୯୫୮

Digitized by srujan ka@gmail.com

KEDARNATH GAVESHANA PRATISTHAN
Bhubaneswar
LIBRARY
ACC. No.
Estd-1983

ନାରୀକବି ଶ୍ରୀମତୀ ଅନ୍ନପୂର୍ଣ୍ଣା

Digitized by srujan ka@gmail.com

ଉପହାର

ଏଇ ଯୁଗର ପ୍ରଥମ ଓଡ଼ିଆ ନାଟ୍ୟକାର

ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କ

କରକମଳେଷୁ

ଦେବି,

ଆମ ଦେଶର ଧର୍ମବିଶ୍ୱାସୀମାନେ ଯେପରି ଗଙ୍ଗା ଜଳକୁ ଦୁଇ ହାତରେ ଉପରକୁ ଉଠାଇ, ମନ୍ତ୍ରୋଚ୍ଚାରଣ କରି ସେଇ ଗଙ୍ଗାସ୍ରୋତରେ ଢ଼ାଳିବାଦ୍ୱାରା "ପୁଣ୍ୟ" ଲାଭ କରିବା ଆଶା କରନ୍ତି, ଠିକ୍ ସେଇପରି ମୁଁ ତୁମର ଗତ ୫୫ ବର୍ଷର ଜୀବନୀ ସଂଗ୍ରହ କରି ଏଇ ପୁସ୍ତକ ଆକାରରେ ଛାପି ଆଜି ତୁମ ହାତରେ ପୁଣି ତାହାକୁ "ଉପହାର" ଦେଉଛି। ଏହାଦ୍ୱାରା ମୋର ଅବଶ୍ୟ କୌଣସି "ପୁଣ୍ୟ" ଲାଭ କରିବା ଆଶା ନାହିଁ, କେବଳ ତୁମେ। ସରଳହୃଦୟରେ ଏହାକୁ ଗ୍ରହଣ କଲେ ମୋ ପରିଶ୍ରମର ସଦ୍‌ବ୍ୟବହାର ହୋଇଛି ବୋଲି ମୁଁ ବିଶ୍ୱାସ କରିବି।

Digitized by srujan ka@gmail.com

... ଥର କହୁଥିଲ ଯେ, ତୁମ୍ଭ ଜୀବ-
...ରେ ଏପରି ଖଣ୍ଡିଏ ଜୀବନୀ ପୁସ୍ତକ-ଆକାରରେ ...ଶା ସମ୍ଭବ ନୁହେଁ । ପୁରୁଷମାନେ ସ୍ୱାର୍ଥପର ...ଇ ଧର୍ମନାମରେ ସ୍ତ୍ରୀମାନଙ୍କ ପ୍ରତି ଯେପରି ସଂକୀର୍ଣ୍ଣ ଭାବ ପ୍ରକାଶ କରନ୍ତି ଏବଂ ସେମାନଙ୍କୁ ସମସ୍ତ ଉନ୍ନତିର ମାର୍ଗରୁ ବଞ୍ଚିତ କରନ୍ତି, ସେ ଦୃଷ୍ଟିରେ କୌଣସି ପୁରୁଷ ତୁମ୍ଭର ଜୀବନୀ ଲେଖିବାକୁ ସ୍ୱତଃ ଇଚ୍ଛୁକ ହେବେ ନାହିଁ ବୋଲି ତୁମ୍ଭର ଦୃଢ଼ ବିଶ୍ୱାସ ଥିଲା । ଆଜି ଏହି ପୁସ୍ତକ ପ୍ରକାଶଦ୍ୱାରା ତୁମ୍ଭର ପୂର୍ବବିଶ୍ୱାସ କେତେ ଦୂର ବଦଳିଛି, ତା ସ୍ଥିର କରିବେ ।

ଦେବି, କୌଣସି ସ୍କୁଲକଲେଜରେ ଶିକ୍ଷା ଲାଭ ନ କରି ସୁଦ୍ଧା ଓଡ଼ିଆ ସାହିତ୍ୟର ସମୋନ୍ନତି ପାଇଁ ଅତି ଅଳ୍ପ ବୟ-ସରୁ ଯେପରି ଯତ୍ନ କରିଥିଲ ଏବଂ ଏଥିଯୋଗୁଁ ନିଜର ସମାଜ, ବନ୍ଧୁ ଏବଂ ଅଳ୍ପ କେତେ ଜଣ ଗୃହପୋଷକମାନଙ୍କଠାରୁ ଯେପରି ଅପମାନ, ଲାଞ୍ଛନା ଓ ଅସହ୍ୟ କଷ୍ଟ ଭୋଗ କରିଛ, ସେ ସବୁ ହୃଦୟଙ୍ଗମ କରିବା ପାଇଁ ଏ ଦେଶରେ ପ୍ରକୃତ ଲୋକ ନାହାନ୍ତି ବୋଲି ମୁଁ କହିପାରେ । ତା ନ ହେଲେ ତୁମ୍ଭ ପରି ଓଡ଼ିଶାର ପ୍ରଥମ ନାରୀଲେଖିକାଙ୍କ ଅବସ୍ଥା ଦିନୁ ଦିନ ଏପରି ଶୋଚନୀୟ ହୁଅନ୍ତା କାହିଁକି ?

ଦେବି, ମୁଁ ତୁମ୍ଭଙ୍କୁ ଏକାଧିକ ଥର କହୁଛି ଯେ, ଆଧୁନିକ ଯୁଗର ଶିକ୍ଷିତ ଓଡ଼ିଆମାନେ "ପ୍ରତିଭା-ପୂଜା" କରି

Digitized by srujan ka@gmail.com

ଜାଣନ୍ତି ନାହିଁ । ତା ନ ହେଲେ ଆ...
ଗୋପବନ୍ଧୁ' ଏବଂ 'କର୍ମବୀର ମଧୁବାବୁ'ଙ୍କୁ ଯା...
ତାହାଁ ବଙ୍ଗୀୟ, ତାହାଁ ପାଶ୍ଚାତ୍ୟ ବୀରମାନଙ୍କ...
କରିବାକୁ ମନ ବଳାନ୍ତେ । ଜଣେ ରାମମୋହନ ଏବଂ ...
ରାମକୃଷ୍ଣଙ୍କର ଶତବାର୍ଷିକ ପୂଜା ଓଡ଼ିଶାର ଅଧିକାଂଶ ପୁର-
ପଲ୍ଲୀରେ ହୋଇଥିଲା; କିନ୍ତୁ ଓଡ଼ିଶାର ପ୍ରସିଦ୍ଧ ପାଞ୍ଜିକାର
ପଠାଣି ସାମନ୍ତ, କବିସୂର୍ଯ୍ୟ ବଳଦେବ ରଥ ଏବଂ ସାହିତ୍ୟ-
ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ଶତବାର୍ଷିକ ସ୍ମୃତିପୂଜା କେତେ
ଜଣ ଶିକ୍ଷିତ ଓଡ଼ିଆ ପାଳନ୍ତି ? ଯେଉଁ ଶିକ୍ଷିତ ଓଡ଼ିଆ
ନିଜର ପୂର୍ବପୁରୁଷଙ୍କୁ ମନେ ରଖି ନାହିଁ, ସେ ପ୍ରକୃତରେ
"ବୀରପୂଜା" ବା ପ୍ରତିଭାପୂଜା କରି ଜାଣେ ବୋଲି କିଏ
କହିବ ?

ଦେଖ, ତୁମ୍ଭେ ସାଇତି ରଖିଥିବା ଶତାଧିକ ପତ୍ର ପାଠ କରି ମୁଁ ବେଶ୍ ବୁଝିପାରୁଛି ଯେ, ଆଜିକାଲିର ଶିକ୍ଷିତ ବାବୁ ଓ ଧନୀ ବ୍ୟକ୍ତିମାନେ ତୁମ୍ଭଙ୍କୁ ଉଚିତ ସମ୍ମାନ ଦେଖାଇ ନ ଥିଲେ ସୁଦ୍ଧା କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ସରସ୍ୱତୀ ଫକୀରମୋହନ ଏବଂ ଗଙ୍ଗାଧର, ଚନ୍ଦ୍ରମୋହନ, ବିଦ୍ୟା-ରତ୍ନ ଓ ଚିନ୍ତାମଣି ପ୍ରଭୃତି ଓଡ଼ିଶାର କବିଶ୍ରେଷ୍ଠମାନେ ତୁମ୍ଭଙ୍କୁ ଓଡ଼ିଆ ସାହିତ୍ୟ ଚର୍ଚ୍ଚା ଦିଗରେ ଯଥେଷ୍ଟ ଉତ୍ସାହ ଓ ସହାନୁଭୂତି ଦେଇଛନ୍ତି । ମୋର ବିଶ୍ୱାସ, କେବଳ ସେଇ-ମାନଙ୍କଠାରୁ ସଦୁପଦେଶ ଲଭି କରି ତୁମ୍ଭେ ତୁମ୍ଭର ସହସାଧିକ

Digitized by srujan ka@gmail.com

...ର୍ଗ ଉତ୍କଳ ସାହିତ୍ୟ ଭଣ୍ଡାର ପୁଷ୍ଟି
...ମ୍ପ ପର ଓଡ଼ିଶାର ଅବୁ କେତେ ଜଣ ଲେଖକ-
...ଙ୍କ କବିଶ୍ରେଷ୍ଠମାନଙ୍କଠାରୁ ଉତ୍ସାହବାଣୀ ପାଇ-
...ମୁଁ ଜାଣେ ନାହିଁ !

ଦେବ, ତୁମ୍ଭ ରଚିତ ଶତ ଶତ ଗଦ୍ୟ ଓ ପଦ୍ୟ ଲେଖା ମୁଁ ଦେଖିଛି । ପ୍ରତ୍ୟେକ ଲେଖା ପାଠ କଲେ ହୃଦୟରେ ଗୋଟିଏ ଗୋଟିଏ ନୂତନ ଭାବ ବା ସ୍ପନ୍ଦନ ଜାତ ହୁଏ । ଅଧିକାଂଶ ଲେଖାରେ ତୁମ୍ଭେ ତୁମ୍ଭ ହୃଦୟର ବେଦନା ଅତି ସ୍ପଷ୍ଟ ଭାବରେ ପ୍ରକାଶ କରିଅଛ । କିନ୍ତୁ ତୁମ୍ଭ ଲେଖାଗୁଡ଼ିକୁ ଆଦର କରିବା ଭଳି ମହତ୍ ବ୍ୟକ୍ତି ତୁମ୍ଭ ଜନ୍ମଭୂମି ଓଡ଼ିଶାରେ ନ ଥିବାରୁ ତୁମ୍ଭେ ଅତି ଦୁଃଖ ମଧ୍ୟ ପ୍ରକାଶ କରିଛ, ମାତ୍ର ଏପରି ଦୁଃଖ ବା ଅଭିମାନ କରିବା ତୁମ୍ଭ ପକ୍ଷରେ ଆଦୌ ଉଚିତ ନୁହେଁ ବୋଲି ମୁଁ କହିପାରେ । ଗୋଟିଏ ଲେଖାରେ ତୁମ୍ଭେ ନିଜେ ଲେଖିଛ—

"କେତେ କେତେ ମହାକବି ଜୀବନ-କ୍ଷେତ୍ରରେ
ଭୋଗିଛନ୍ତି ନାନା କଷ୍ଟ ଅତି ଦୁର୍ଭାଗ୍ୟରେ,
ଜୀବିତ କାଳରେ ତାଙ୍କୁ କିଏ ପଚାରିଛି ?
ମୃତ୍ୟୁ ଅନ୍ତେ କିଏ ଅବା ତାଙ୍କୁ ନ ସ୍ମରିଛି ?"

[ନିବେଦନ]

Digitized by srujan ka@gmail.com

ଏପରି ସ୍ଥଳେ ତୁମ୍ଭର ଜୈ... କରି ନାହାନ୍ତି ବୋଲି କିମ୍ବା ତୁମ୍ଭ ଜୀବଦ୍ଦଶା... ଗ୍ରନ୍ଥାକାରରେ ଛାପା ହେଲା ନାହିଁ ବୋଲି କିମ୍ବା ଦୁଃଖ କରିବା ଦରକାର କଅଣ ?

ଦେବି, ଏ ପର୍ଯ୍ୟନ୍ତ ଘଟିଥିବା ସମସ୍ତ ପ୍ରକାର ବାଧାବିଘ୍ନକୁ ହେୟ ଜ୍ଞାନ କରି ଓଡ଼ିଆ ସାହିତ୍ୟ ଭଣ୍ଡାରରେ ତୁମ୍ଭେ ଯେପରି କେତେକ ଅମୂଲ୍ୟ ସମ୍ପଦ ରଖିଯାଇଛ, ଠିକ୍ ସେହିପରି ଉତ୍କଟ ଅର୍ଥାଭାବସତ୍ତ୍ୱେ ତୁମ୍ଭେ ତୁମ୍ଭର ପୁତ୍ର ଓ କନ୍ୟାମାନଙ୍କୁ ବିଶ୍ୱବିଦ୍ୟାଳୟର ଉଚ୍ଚ ଡିଗ୍ରୀ ଲାଭ କରିବା ଦିଗରେ ଯତ୍ନ କରି ପ୍ରତ୍ୟେକ ଓଡ଼ିଆ ପରିବାରଙ୍କ ଆଗରେ ପ୍ରକୃତ ଆଦର୍ଶ ରଖି-ଯାଇଅଛ । ବର୍ତ୍ତମାନ ଦିନ ଆସୁଛି, ଏହି ଶିକ୍ଷିତ ସନ୍ତାନ-ମାନଙ୍କ ଯୋଗୁଁ ତୁମ୍ଭର ସବୁ ଦୁଃଖ ଅଚିରେ ଦୂର ହେବ ଏବଂ ତୁମ୍ଭେ ସେମାନଙ୍କର କ୍ରମୋନ୍ନତିରେ ଅଧିକ ଉତ୍ସାହିତ ହୋଇ ଜୀବନର ସୂର୍ଯ୍ୟାସ୍ତ ପୂର୍ବରୁ ଆହୁରି ଅଧିକ ମୂଲ୍ୟବାନ୍ ସାହିତ୍ୟ-ରତ୍ନଗୁଡ଼ିକୁ ଦେଶ ପାଇଁ ଦାନ କରି ଯିବ—ଏହାହିଁ ମୋର ଆନ୍ତରିକ ଅନୁରୋଧ ।

ଦେବି, ଦୀର୍ଘ ୩୦।୩୫ ବର୍ଷ ହେଲା ଅବିଚ୍ଛିନ୍ନ ଭାବରେ ସମସ୍ତ ବାଧାବିଘ୍ନକୁ ଏଡ଼ାଇଦେଇ ତୁମ୍ଭେ ଯେପରି ଓଡ଼ିଆ ଭାଷାରେ ଅସଂଖ୍ୟ ଗଦ୍ୟ ଓ ପଦ୍ୟ ଲେଖିଯାଇଛ, ସେଗୁଡ଼ିକୁ ଦେଖିଲେ ଯେ କୌଣସି ସାହିତ୍ୟିକ ଗର୍ବ କରିବା କଥା;

Digitized by srujan ka@gmail.com

[illegible] ସାହିତ୍ୟର ଦୁର୍ଭାଗ୍ୟ ଯେ, ତୁମ୍ଭ [illegible] ପର୍ଯ୍ୟନ୍ତ ଅନାଦୃତ ହୋଇ ପଡ଼ିଛି ! ଯେ [illegible]ର ବିଶ୍ୱାସ, ଆଜି ମୁଁ ତୁମ୍ଭର ପୂର୍ବ ପ୍ରତିଜ୍ଞା ଭଙ୍ଗ ଯେପରି ଏଇ ଜୀବନୀ ଲେଖିପାରୁଛି, ଠିକ୍ ସେଇପରି କୌଣସି ହୃଦୟବାନ୍ ନୀରବ ସାହିତ୍ୟସେବୀ ତୁମ୍ଭର ଗ୍ରନ୍ଥାବଳୀ ପ୍ରକାଶ କରିବା ପାଇଁ ତତ୍ପର ହେବେ । ସେ ଦିନ ଅଚିରେ ଆସିବ ବୋଲି ମୋର ବିଶ୍ୱାସ ।

କାକଟପୁର (ପୁରୀ) ୨୫।୯।୧୯୩୭	}	ତୁମ୍ଭର ଗୁଣମୁଗ୍ଧ ସୁଧାଚରଣ

Digitized by srujan ka@gmail.com

କେତୋଟି କଥା

ମୁଁ ଦେଖିଥିବା ଏବଂ ଜାଣିଥିବା କେତେ ବ୍ୟକ୍ତିଙ୍କ ଜୀବନୀ ସଂଗ୍ରହ କରି ଗୋଟିଏ "ଆଦର୍ଶ ଜୀବ-ମାଳା" ପ୍ରକାଶ କରିବା ପାଇଁ ବହୁଦିନରୁ ଇଚ୍ଛା କରିଥିଲି। ସେଇ ଲକ୍ଷ୍ୟରେ ଏଇ ମାଳାର ପ୍ରଥମ ଗ୍ରନ୍ଥ "ରାଜକବି ଶ୍ରୀ ବଳମଦେବ ବର୍ମା" ଏଥିପୂର୍ବରୁ ପ୍ରକାଶିତ ହୋଇଛି। ବର୍ତ୍ତମାନ 'ନାରୀକବି ଶ୍ରୀମତୀ ଅନ୍ନପୂର୍ଣ୍ଣା'ଙ୍କ ଜୀବନୀ ପ୍ରକାଶ କରିଛି ।

ଓଡ଼ିଶା ଜଳବାୟୁରେ ଜନ୍ମଗ୍ରହଣ କରି ଯେଉଁମାନେ କେତେକ ମହତ୍ କାର୍ଯ୍ୟଦ୍ୱାରା ନିଜର ଜୀବନକୁ ଆଦର୍ଶ କରି ଯାଇଅଛନ୍ତି, ସେମାନେ ଯେ କୌଣସି ଲୋକର ଆଦର୍ଶ ସ୍ଥାନୀୟ ହେବା ସମ୍ଭବ। ଏ ଦୃଷ୍ଟିରେ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ଜୀବନୀ ସମାଲୋଚନା କରିବା ଭାର କେବଳ ପାଠକ ପାଠିକାମାନଙ୍କ ହାତରେ ରହିଛି ।

ଏଇ ଜୀବନୀ ସଂଗ୍ରହ କରିବା ପାଇଁ ମୁଁ ନାରୀକବିଙ୍କୁ ବହୁବାର ବ୍ୟସ୍ତ କରିଛି—ତାହାଙ୍କର ଅସଂଖ୍ୟ କାଗଜପତ୍ର ଖଣ୍ଡା ଅଣ୍ଡାଳି ତହିଁରୁ ମୋର ଆବଶ୍ୟକୀୟ ଅଂଶ ସବୁ ଗୋଟାଇଛି। ବହୁବାର ତାଙ୍କ ପାଖକୁ ଚିଠି ଦେଇ ତହିଁର ଉତ୍ତର ପାଇଛି। ଏକାଧିକ ଥର ପାଣ୍ଡୁଲିପି ତାଙ୍କୁ ଦେଖାଇ ତହିଁର ଆବଶ୍ୟକୀୟ ପରିବର୍ତ୍ତନ ଓ ପରିବର୍ଦ୍ଧନ କରାଇଛି। ପାଣ୍ଡୁଲିପି ପ୍ରେସକୁ ଦେବା ପୂର୍ବରୁ ଏଥିର ସମୁଦାୟ ଅଂଶ ପ୍ରକାଶ କରିବା ପାଇଁ ତାଙ୍କର ଅନୁକୂଳ ମତ ପାଇଛି।

Digitized by srujan ka@gmail.com

ରୁଗ୍ଣ ପ୍ରବାସରେ ମୋର
ଶିକ୍ଷାକର ମୋତେ ଏତେ ସୁବିଧା
ମୁଁ ପର୍ଯ୍ୟାଙ୍କଠାରେ କୃତଜ୍ଞ ।

ମୋ ଏଇ ଜୀବନୀରେ ଓଡ଼ିଶାର ଏକାଧିକ ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ବନ୍ଧରେ କେତେକ ଲେଖା ପ୍ରକାଶିତ ହୋଇଛି । ଏଗୁଡ଼ିକ ନାଗରିକଙ୍କ ଦୃଷ୍ଟିରେ ସତ୍ୟ ହେଲେହେଁ ସେଇ ବ୍ୟକ୍ତିମାନଙ୍କ ପ୍ରତି ଅତି ଅପ୍ରିୟ ସତ୍ୟ ହେବା ସମ୍ଭବ; କିନ୍ତୁ, ଯେ କୌଣସି ଜୀବନୀ ଲେଖିବା ସମୟରେ ସତ୍ୟ ଘଟଣାଗୁଡ଼ିକୁ ଲେଖି ନିଜର ନିରପେକ୍ଷ କର୍ତ୍ତବ୍ୟ କରିବାହିଁ ଲେଖକର ଉଚିତ । ଆଜି ନ ହେଲେ ଶହେ ବର୍ଷ ପରେ ମଧ୍ୟ ଏ ସବୁ ସତ୍ୟ ଘଟଣା ପ୍ରକାଶିତ ହେବା ସମ୍ଭବ । ଏଇ ଦୃଷ୍ଟିରେ ମୁଁ ମୋର କର୍ତ୍ତବ୍ୟ ମାତ୍ର ପାଳନ କରିଛି । ଏହା ପ୍ରକାଶ କରିବାଦ୍ୱାରା କାହାର ମନରେ କୌଣସି କଷ୍ଟ ଦେବା କିମ୍ବା କାହାର ନିନ୍ଦା ରଟନା କରିବା ମୋର ଉଦ୍ଦେଶ୍ୟ ନୁହେଁ ।

ଲେଖକ—

Digitized by srujan ka@gmail.com

ବିଷୟ

୧ ।	ପରିଚୟ	
୨ ।	ବଂଶାବଳୀ	
୩ ।	ଜନ୍ମ	
୪ ।	ବାଲ୍ୟାବସ୍ଥା	
୫ ।	ଶିକ୍ଷା	୨
୬ ।	ବିବାହ	୮
୭ ।	ଶ୍ରୀଯୁକ୍ତ ଶ୍ରୀରାମ ପଟ୍ଟନାୟକ	୨୦
୮ ।	ବଡଖେମୁଣ୍ଡିର ଅନୁଭୂତି	୧୩
୯ ।	ବ୍ରହ୍ମପୁରର ଅନୁଭୂତି	୩୭
୧୦ ।	ପାରଳାଖେମୁଣ୍ଡିର ଅନୁଭୂତି	୪୫
୧୧ ।	ବିଶାଖପାଟଣାର ଅନୁଭୂତି	୬୬
୧୨ ।	ସନ୍ତାନସନ୍ତତି	୯୫
୧୩ ।	ପାରିବାରିକ ଜୀବନ	୯୮
୧୪ ।	ସଦ୍‌ଗୁଣାବଳୀ	୧୦୦
୧୫ ।	ସାହିତ୍ୟ ଚର୍ଚ୍ଚା	୧୧୦
୧୬ ।	ପୁସ୍ତକପରିଚୟ	୧୧୮
୧୭ ।	ଉତ୍କଳରେ ନାୟକଙ୍କ ସ୍ଥାନ	୧୨୫
୧୮ ।	ନାୟକଙ୍କ ସମ୍ବନ୍ଧରେ ପ୍ରଶଂସା ପତ୍ର	୧୨୭

—୫✻୫—

ଛାପା ଭୁଲ

"୩୩ ପୃଷ୍ଠାର ତୃତୀୟ ପାରା—" ଠାରୁ—ପ୍ରଥମ ପାରଳା-ଖେମୁଣ୍ଡି ଯାତ୍ରାଠାରୁ ଆରମ୍ଭ କରି ୩୭ ପୃଷ୍ଠାର ଶେଷ ସୁଦ୍ଧା ଥିବା ବିଷୟଗୁଡ଼ିକ ୪୪ ପୃଷ୍ଠା ଶେଷରେ ପଢ଼ିବାକୁ ହେବ ।

Digitized by srujan ka@gmail.com

ନାରୀକବି
ଅନ୍ନପୂର୍ଣ୍ଣା

ପରିଚୟ

ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ଆଧୁନିକ ଯୁଗର ପ୍ରଥମ ଓଡ଼ିଆ ନାରୀକବି ଅଟନ୍ତି । ତାଙ୍କ ପୂର୍ବରୁ ଓଡ଼ିଶାରେ ସେପରି ଉଲ୍ଲେଖଯୋଗ୍ୟ ନାରୀ ଲେଖିକା କେହି ନ ଥିବାରୁ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କୁହିଁ ବିଂଶ ଶତାବ୍ଦୀର ପ୍ରଥମ ଓଡ଼ିଆ ନାରୀକବି କୁହାଯାଇପାରେ ।

କଥାରେ ଅଛି, "ଗାଁ ଝିଅ ସିଂଘାଣିନାକୀ"—ଆମ ଦେଶର ପୁଅମାନେ ବିଶ୍ୱବିଦ୍ୟାଳୟରୁ ଉଚ୍ଚ ଡିଗ୍ରୀ ପାଇ ସୁଦ୍ଧା କେହି ହେଲେ ଆଦର୍ଶ ଲେଖକ ହେବା ପାଇଁ ଇଚ୍ଛା କରନ୍ତି ନାହିଁ । ଏପରି ସ୍ଥଳେ ଆମ ଓଡ଼ିଆ ଘରର ଜଣେ ଭୁଆସୁଣୀ ବୋହୂ ଅତି ଅଳ୍ପ ବୟସରେ ସରଳ ଓଡ଼ିଆ ଭାଷାରେ ଗଦ୍ୟ ଓ ପଦ୍ୟ ଲେଖି ଏବଂ କେତେ ଖଣ୍ଡ ସରଳ ଓଡ଼ିଆ ପୁସ୍ତକ ପ୍ରକାଶ କରି "ନାରୀକବି" ହୋଇପାରିବ, ଏ କଥା କେହି ହେଲେ ବିଶ୍ୱାସ କରନ୍ତି ନାହିଁ । ଏହି କାରଣରୁ ଆମ ଦେଶର ଶିକ୍ଷିତ ବାବୁମାନେ କହନ୍ତି, "ଓଡ଼ିଶାରେ ଆଦର୍ଶ ଲେଖିକା କିଏ ଅଛି ? ଯେଉଁ ସ୍ତ୍ରୀମାନେ ନିଜ ନାମ ପ୍ରକାଶ କରି କୌଣସି ପ୍ରବନ୍ଧ

Digitized by srujan ka@gmail.com

ବା କବିତା ଲେଖନ୍ତି, ସେମାନେ କେବଳ ଅନ୍ୟଦ୍ୱାରା ସେହି କାର୍ଯ୍ୟ କରାଇ ନିଜର ବାହାଦୁରୀ ଦେଖାନ୍ତି—"ଇତ୍ୟାଦି ! କିନ୍ତୁ ଆଉ ଟିକିଏ ଭିତରକୁ ଖୋଜି ଦେଖିଲେ ଏ ଦେଶର କୁଳବଧୂମାନଙ୍କ ମଧ୍ୟରେ ଏକାଧିକ ସୁଲେଖିକା ଥିବାର ସ୍ପଷ୍ଟ ଜାଣିହେବ । ଅବଶ୍ୟ ସେମାନେ କୌଣସି ସ୍କୁଲ କଲେଜରେ ପଢ଼ି ଉଚ୍ଚ ଡିଗ୍ରୀ ପାଇ ନାହାନ୍ତି । ତଥାପି ସୁବିଧା ଓ ସୁଯୋଗ ପାଇଲେ ଏ ଶ୍ରେଣୀର ସ୍ତ୍ରୀମାନେ ନିଜର ଧୀଶକ୍ତି ଏବଂ ପ୍ରଗାଢ଼ ଅଧ୍ୟବସାୟଦ୍ୱାରା କିପରି ଅତି ସୁନ୍ଦର ଓ ସରଳ ସାହିତ୍ୟ ଲେଖିପାରନ୍ତି, ତାହା ଦେଖିଲେ ବାସ୍ତବରେ ବିସ୍ମିତ ହେବାକୁ ହୁଏ । ଆମ୍ଭେମାନେ ଏ ପର୍ଯ୍ୟନ୍ତ ଏ ଶ୍ରେଣୀର ନାରୀକବି-ମାନଙ୍କୁ ଚିହ୍ନି ନାହୁଁ । କେଣୁ ଓଡ଼ିଶାର ଅନେକ ପୁରପଲ୍ଲୀରେ ଏକାଧିକ ନାରୀକବି ବଣର ମାଳତୀ ପରି ବଣେ ଫୁଟି ଝଡ଼ୁଛନ୍ତି !

ଶ୍ରୀମତୀ ଅନ୍ନପୂର୍ଣ୍ଣା ଠିକ୍ ଏହି ଶ୍ରେଣୀର ଜଣେ ନାରୀକବି ଅଟନ୍ତି । ସେ ଜଣେ ଖାଣ୍ଟି ଓଡ଼ିଆ କରଣ ଘରର ଝିଅ । ସେହି ଜାତିର ଜଣେ ଆଦର୍ଶ ବ୍ୟକ୍ତିଙ୍କୁ ସେ ବିବାହ କରିଛନ୍ତି । ତାହାଙ୍କର ଘର ଗଞ୍ଜାମ ଜିଲ୍ଲାରେ । ଜୀବନର ଅର୍ଦ୍ଧାଧିକ ସମୟ ସେ ସେହି ଜିଲ୍ଲାର କେତୋଟି ରାଜଧାନୀରେ ଅତି ଦୁଃଖକଷ୍ଟରେ କଟାଇ-ଥିଲେ । ଏହି ଅଶାନ୍ତିପୂର୍ଣ୍ଣ ଅବସ୍ଥାରେ ମଧ୍ୟ ସେ ଶତ ଶତ କବିତା ଓ ପ୍ରବନ୍ଧ ଲେଖିଯାଇଛନ୍ତି । ଏଥି ମଧ୍ୟରୁ ଅତି ଅଳ୍ପ କେତୋଟି ମାତ୍ର ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଅଛି । ଅନ୍ୟଗୁଡ଼ିକ ସେହିପରି ଅପ୍ରକାଶିତ ଅବସ୍ଥାରେ ପଡ଼ିରହିଛି । ଏଗୁଡ଼ିକୁ ପୁସ୍ତକାକାରରେ ପ୍ରକାଶ କରିବା ପାଇଁ ଓଡ଼ିଶାର ଏକାଧିକ ରାଜା, ଧନୀ, ପଣ୍ଡିତ ଓ ସଂପାଦକ ନାରୀକବିଙ୍କୁ ବାକ୍ୟ ଦେଇଥିଲେ । କିନ୍ତୁ ଅତି ଦୁଃଖର ବିଷୟ, ସେପରି କୌଣସି ବ୍ୟକ୍ତି ଏ ପର୍ଯ୍ୟନ୍ତ ନିଜର ସତ୍ୟରକ୍ଷା କରିପାରି ନାହାନ୍ତି !

Digitized by srujan ka@gmail.com

ଗଞ୍ଜାମରେ ଜନ୍ମଗ୍ରହଣ କରି ସେହି ଜିଲ୍ଲାର କେତେକ ରାଜଧାନୀରେ କେତେ କାଳ କଟାଇବା ପରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଗତ ୧୮ । ୧୯ ବର୍ଷ ହେଲା ମାନ୍ଦ୍ରାଜ ପ୍ରଦେଶର ବିଶାଖପାଟଣା ସହରରେ ନିଜର ସ୍ୱାମୀ ଓ ପୁତ୍ରକନ୍ୟାମାନଙ୍କୁ ଧରି ବାସ କରୁଥିଲେ। ଆଜୀବନ ଅର୍ଥାଭାବ, ଅସ୍ୱାସ୍ଥ୍ୟ ଓ ବନ୍ଧୁମିତ୍ରମାନଙ୍କ ସହାନୁଭୂତିରୁ ବଞ୍ଚିତା ହୋଇ ଗୋଟିଏ ଖାଣ୍ଟି ତେଲୁଗୁ ଦେଶରେ ରହି ସୁଦ୍ଧା ନିଜର ଜାତୀୟତା ରକ୍ଷା କରିବା ସଙ୍ଗେ ସଙ୍ଗେ ନିଜ ଫୁରସତ ସମୟରେ ନିଜ ମାତୃଭାଷା ଓଡ଼ିଆ ସାହିତ୍ୟ ଚର୍ଚ୍ଚା ଦିଗରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଯେପରି ମନଧ୍ୟାନ ଦେଉଛନ୍ତି, ତା ଦେଖିଲେ ବିସ୍ମିତ ହେବାକୁ ହୁଏ। ନିତାନ୍ତ ଅଭାବ ଅସୁବିଧାରେ ପଡ଼ି ଯେଉଁମାନେ ନିଜର ଜାତୀୟ ରୀତିନୀତିଗୁଡ଼ିକୁ ହରାଇ ଏବଂ ପଡ଼ୋଶୀ ଜାତି ସଙ୍ଗେ ମିଶିବା ପାଇଁ ଇଚ୍ଛା କରନ୍ତି, ସେପରି ଦୁର୍ବଳ ବ୍ୟକ୍ତିମାନେ ଏହାଙ୍କ ଜୀବନରୁ ଯଥେଷ୍ଟ ଶିକ୍ଷା କରିପାରନ୍ତି, ଏହି ଉଦ୍ଦେଶ୍ୟରେ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ଆଦର୍ଶ ଜୀବନୀ ସଂକ୍ଷିପ୍ତ ଭାବରେ ଏହି ପୁସ୍ତକର ଅନ୍ୟ ଅଧ୍ୟାୟଗୁଡ଼ିକରେ ଲେଖିଅଛି। ଏହାକୁ ପାଠକରି କୌଣସି ପାଠକ-ପାଠିକା ନାରୀକବିଙ୍କ ଜୀବନୀରୁ କିଛି ଶିକ୍ଷା କରିଥିବାର ଶୁଣିଲେ ସୁଖୀ ହେବି।

ଏହି ଲେଖାରେ ଓଡ଼ିଶାର କେତୋଟି ରାଜପରିବାରଙ୍କ ସମ୍ବନ୍ଧରେ ନାରୀକବିଙ୍କର ମତାମତ ପ୍ରକାଶ ପାଇଛି। ଏହା ନାରୀକବିଙ୍କର ସ୍ୱାଧୀନ ଲେଖା। ଛାପାହେବା ପୂର୍ବରୁ ନାରୀକବି ନିଜେ ଏସବୁ ଲେଖାଗୁଡ଼ିକୁ ତନ୍ନ ତନ୍ନ କରି ଦେଖି ନିଜର ଅନୁକୂଳ ମତ ଦେଇଛନ୍ତି। ଏସବୁ ଲେଖାଦ୍ୱାରା କୌଣସି ବ୍ୟକ୍ତି ବିଶେଷଙ୍କ ପ୍ରତି ଆକ୍ଷେପ ବା ନିନ୍ଦା କରିବା ମୋର ଉଦ୍ଦେଶ୍ୟ ନୁହେଁ।

Digitized by srujan ka@gmail.com

ବଂଶାବଳୀ

ସୂର୍ଯ୍ୟନାରାୟଣ ପଟ୍ଟନାୟକ (ମୁ.-ଗଞ୍ଜାମ,ପୁରୁଷୋତ୍ତମପୁର) | ଗୋବିନ୍ଦ ପଟ୍ଟନାୟକ (ମୁ-ଗଞ୍ଜାମ,ଛକୋଟୀ)

ଶ୍ରୀରାମ ପଟ୍ଟନାୟକ + ଅନ୍ନପୂର୍ଣ୍ଣା

ମନୋରମା | ମନମୋହନ | ପ୍ରେମଲତା

ଜନ୍ମ

୧୮୮୩ ଖ୍ରୀଷ୍ଟାବ୍ଦର ମେ ମାସ ୨୪ ତାରିଖ ଦିନ ଗଞ୍ଜାମ ଜିଲ୍ଲା ଛକୋଟୀ ଗ୍ରାମର ଗୋଟିଏ କରଣ ପରିବାରରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଜନ୍ମଗ୍ରହଣ କରିଥିଲେ । ତାହାଙ୍କର ପିତାଙ୍କର ନାମ ଗୋବିନ୍ଦ ପଟ୍ଟନାୟକ ଏବଂ ମାତାଙ୍କ ନାମ ସୁଭଦ୍ରା ଦେବୀ ।

ଗୋବିନ୍ଦ ପଟ୍ଟନାୟକ ଜଣେ ମଧ୍ୟବିତ୍ତ ଲୋକ ଥିଲେ । ସେ ଅତି ଚରିତ୍ରବାନ, ସହୃଦୟ, ପରୋପକାରୀ ଏବଂ ଦେବବ୍ରାହ୍ମଣଙ୍କ ପ୍ରତି ଅତି ଭକ୍ତିପରାୟଣ ଥିଲେ । ବିଶେଷ କିଛି ଶିକ୍ଷା ପାଇ ନ ଥିଲେ ସୁଦ୍ଧା ସେ ନିଜର ସାଧାରଣ ଜ୍ଞାନ ଓ ବୁଦ୍ଧିବଳରେ ଛକୋଟୀ ତାଲୁକାର କଳବାଡ଼ ଗ୍ରାମର ଜମିଦାରୀ-କରଣ କାର୍ଯ୍ୟ କରି ସେହି ଚାକିରୀ ଉପାର୍ଜନରେ ନିଜ ପରିବାରକୁ ନେଇ ବେଶ୍ ଚଳି ଯାଉଥିଲେ । ମାତା ସୁଭଦ୍ରାଦେବୀ ନିରକ୍ଷର ଥିଲେ । ତଥାପି ନିଜର ସ୍ୱାମୀ ଓ ଗୁରୁଜନଙ୍କ ପ୍ରତି ଅଟଳ ଭକ୍ତି ଦେଖାଇବା ପାଇଁ

Digitized by srujan ka@gmail.com

ଏବଂ ନିଜ ଗୃହର ସମସ୍ତ କାର୍ଯ୍ୟ ସୁଗୃହିଣୀରୂପେ କରି ଆଦର୍ଶ ଗୃହିଣୀ ହେବା ପାଇଁ ତାହାଙ୍କର ସାଧାରଣ ଜ୍ଞାନ ଯଥେଷ୍ଟ ଥିଲା ।

ଏପରି ଆଦର୍ଶ ପିତାମାତାଙ୍କଠାରୁ ଅନ୍ନପୂର୍ଣ୍ଣା ଜନ୍ମଗ୍ରହଣ କରିଥିଲେ । ତାହାଙ୍କର ଜଣେ ଜ୍ୟେଷ୍ଠ, ଦୁଇଜଣ କନିଷ୍ଠ ଭାଇ ଏବଂ ଗୋଟିଏ ମାତ୍ର ଛୋଟ ଭଉଣୀ ଥିଲେ । ଏତେ ଗୁଡ଼ିଏ ପୁତ୍ର-କନ୍ୟାଙ୍କୁ ନେଇ ଗୋବିନ୍ଦ ପଟ୍ଟନାୟକ ଓ ତାହାଙ୍କର ସ୍ତ୍ରୀ ସୁଭଦ୍ରା ଦେବୀ ସୁଖଦୁଃଖରେ ଚଳିଯାଉଥିଲେ । ଗରିବ ହେଲେ ସୁଦ୍ଧା ଗୋବିନ୍ଦ ପଟ୍ଟନାୟକଙ୍କର ନୀତି ଥିଲା—

"ଯେତେ ଦୁଃଖ ମୋର, ଯାଏ ମୁ ପାସୋରି
ପୁଅ ଦୁହିତାଙ୍କୁ, ଦେଖିଲେ ଯାଇ-ବାଇଧନ ରେ !"

ଗୋବିନ୍ଦ ପଟ୍ଟନାୟକଙ୍କର ଜଣେ ବଡ଼ ଭାଇ ଥିଲେ । ତାହାଙ୍କର ନାମ ଗୌରଚନ୍ଦ୍ର ପଟ୍ଟନାୟକ । ସେ ନିଃସନ୍ତାନ ଥିଲେ । ସେହି କାରଣରୁ ଅନ୍ନପୂର୍ଣ୍ଣା ଓ ତାହାଙ୍କର ଜ୍ୟେଷ୍ଠ ଭାଇକୁ ଗୌରଚନ୍ଦ୍ର ପୋଷିଥିଲେ । ଏହି ପୋଷ୍ୟ ପିତାଙ୍କଠାରୁ ଅଧିକ ଆଦର ଓ ସ୍ନେହ ପାଇ ଅନ୍ନପୂର୍ଣ୍ଣା ଅତି ବାଲ୍ୟରୁ ବେଶ ସୁନ୍ଦର ଓ ସୁଖକର ଜୀବନ କାଟିଥିଲେ !

——

ବାଲ୍ୟାବସ୍ଥା

ବାଲ୍ୟ ଜୀବନରେ ଅନ୍ନପୂର୍ଣ୍ଣା ନିଜ ପିତାମାତାଙ୍କର ଗଣ୍ଠିଧନ ଥିଲେ । ତାହାଙ୍କ ପ୍ରତି ପିତା ଓ ମାତାଙ୍କର ଆଦର ଏବଂ ସ୍ନେହ ଅସୀମ ଥିଲା । ନିଜର ପିତାମାତା ଓ ଗୁରୁଜନମାନଙ୍କ ପ୍ରତି ଭକ୍ତି ଦେଖାଇବା ଏବଂ ସେମାନଙ୍କର ଆଜ୍ଞାପାଳନ କରିବା ପ୍ରଭୃତି କେତୋଟି ସଦ୍‌ଗୁଣ ଅତି ପିଲା ଦିନରୁ ସେ ଶିକ୍ଷା କରିଥିଲେ ।

Digitized by srujan ka@gmail.com

ଏହି କେତେକ ସଦ୍‌ଗୁଣ ନେଇ ସେ ସମସ୍ତଙ୍କର ଆଦରର ପାତ୍ରୀ ଥିଲେ । ଅତି ଛୋଟ ବୟସରେ ସାଧାରଣ ପିଲାମାନେ ଯେପରି ଖେଳକୌତୁକରେ ନିଜର ସମୟ କଟାନ୍ତି ଏବଂ ଗୁରୁଜନମାନଙ୍କ ପ୍ରତି ନିଜର ସମ୍ମାନ ଦେଖାଇବାରେ ତ୍ରୁଟି କରନ୍ତି, ସେପରି କୌଣସି ଦୋଷ ଅନ୍ନପୂର୍ଣ୍ଣାଙ୍କଠାରେ ନ ଥିଲା । ପିତାମାତା ଓ ଗୁରୁଜନଙ୍କର ସେବା କରିବା ଗୋଟିଏ ପବିତ୍ର କାର୍ଯ୍ୟ ବୋଲି ସେ ଏହି ବାଲ୍ୟ କାଳରୁ ଶିକ୍ଷା କରିଥିଲେ !

—:*:—

ଶିକ୍ଷା

ସେକାଳର ଶକ୍ତୀଗଡ଼ରେ କୌଣସି ସରକାରୀ ସ୍କୁଲ ନ ଥିଲା । ଅନ୍ନପୂର୍ଣ୍ଣାଙ୍କ ଜ୍ୟେଷ୍ଠ ପିତା ଗୌରଚନ୍ଦ୍ର ପଟ୍ଟନାୟକ ସ୍ଥାନୀୟ ରାଜାଙ୍କ ଶିକ୍ଷାଗୁରୁ ଥିଲେ । ରାଜପୁତ୍ରମାନଙ୍କୁ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଗୌରଚନ୍ଦ୍ର ନିଜ ଘରେ ଗୋଟିଏ ଚାହାଳ ସ୍ଥାପନ କରି ସେଥିରେ ନିଜ ଗ୍ରାମର କେତୋଟି ବାଳକ ଓ ବାଳିକାଙ୍କୁ ସାଧାରଣ ଓଡ଼ିଆ ପାଠ ଏବଂ ଗଣିତ ପ୍ରଭୃତି ପଢ଼ାଉଥିଲେ । ଅନ୍ନପୂର୍ଣ୍ଣା ନିଜର ପାଞ୍ଚବର୍ଷ ବୟସରେ ଏହି ଚାହାଳରେ ଖଡ଼ି ଛୁଇଁ ଥିଲେ । ଖଡ଼ିଛୁଆଁ ପରେ ସେ ପ୍ରାୟ ୯ ବର୍ଷ ବୟସ ଯାଏ ଏହି ଚାହାଳରେ ରହି ଓଡ଼ିଆ ଅଭିଧାନ, ବର୍ଣ୍ଣ ପରିଚୟ ଏବଂ ଗଣିତ ପ୍ରଭୃତି ଶିକ୍ଷା କରି-ଥିଲେ । ୯ ବର୍ଷ ବୟସ ପୂର୍ଣ୍ଣ ହେବା ସଙ୍ଗେ ସଙ୍ଗେ ତାହାଙ୍କର ପାଠପଢ଼ା ଶେଷ ହେଲା ! ଏହି ପାଠ ପଢ଼ା ଶେଷହେବା ସମ୍ବନ୍ଧରେ ଗୋଟିଏ ବିଶେଷ ଘଟଣା ଘଟିଥିଲା ।

ସେହି ବର୍ଷର ବାର୍ଷିକ ପରୀକ୍ଷା ସମୟରେ ସ୍କୁଲ ବିଭାଗୀୟ ଇନସ୍ପେକ୍ଟର ମହୋଦୟ ଏହି ଚାଟଶାଳୀ ଦେଖିବାକୁ ଆସିଥିଲେ ।

Digitized by srujan ka@gmail.com

ତାହାଙ୍କୁ ସମ୍ମାନ ଦେଖାଇବା ପାଇଁ ଗୁହାଳୀର ପ୍ରତ୍ୟେକ ପିଲାଙ୍କୁ ଉତ୍ତମ ଲୁଗାପଟା ପିନ୍ଧି ଠିକ ସମୟରେ ଆସିବା ପାଇଁ ଶିକ୍ଷକ ଆଦେଶ ଦେଇଥିଲେ । ଅନ୍ୟ ସବୁ ପିଲାଙ୍କ ପରି ଅନ୍ନପୂର୍ଣ୍ଣା ମଧ୍ୟ ନିଜର ଭଲ ଲୁଗା ପିନ୍ଧିଥିଲେ । କିନ୍ତୁ ଗୁହାଳୀକୁ ଯିବା ପୂର୍ବରୁ ତାହାଙ୍କ ନିଜ ପିତା ଗୋବିନ୍ଦ ପଟ୍ଟନାୟକ ଅନ୍ନପୂର୍ଣ୍ଣାଙ୍କୁ ସେଠାକୁ ଯିବାପାଇଁ ମନା କଲେ । ଗୋବିନ୍ଦ ପଟ୍ଟନାୟକ ଯେତେ ମରହଟ୍ଟୀ ଲୋକ ନ ଥିଲେ ମଧ୍ୟ ବାଳିକା ଶିକ୍ଷା ବିରୁଦ୍ଧରେ ସେ ତୀବ୍ର ମତ ପ୍ରକାଶ କରୁଥିଲେ । ନିଜର ଝିଅ ଗୁହାଳରେ ପଢ଼ିବା ସେ ଆଦୌ ପସନ୍ଦ କରୁ ନ ଥିଲେ । ବିଶେଷତଃ ଜଣେ ସ୍କୁଲ୍ ଇନ୍‌ସ୍ପେକ୍ଟରଙ୍କ ଆଗରେ ଠିଆ ହୋଇ ପରୀକ୍ଷା ଦେବ ଏବଂ ତଦ୍ଦ୍ୱାରା ନିଜର ନାମକୁ ପ୍ରକାଶ କରିବ, ଏସବୁ କାର୍ଯ୍ୟ ତାହାଙ୍କୁ ଅସହ୍ୟ ବୋଧହେଲା । ସେଥିପାଇଁ ଗୋବିନ୍ଦ ପଟ୍ଟନାୟକ ଅନ୍ନପୂର୍ଣ୍ଣାଙ୍କୁ ଗୁହାଳକୁ ଯିବାପାଇଁ ମନା କଲେ । ଏତିକିରେ ଅନ୍ନପୂର୍ଣ୍ଣାଙ୍କର ପାଠପଢ଼ା ଶେଷ ହେଲା ! ସେ ଦିନରୁ ସେ ଅନ୍ୟ କୌଣସି ସ୍କୁଲକୁ ଯାଇ ନ ଥିଲେ ।

ଗୃହଶାଳୀରେ ପାଠ ପଢ଼ିବା ସମୟରେ ଅନ୍ନପୂର୍ଣ୍ଣାଙ୍କର ପାଠପଢ଼ା ପ୍ରତି କିପରି ଆଗ୍ରହ ଥିଲା, ସେ କଥା ତାହାଙ୍କର ଦୈନିକ ହାଜିରାରୁ ସ୍ପଷ୍ଟ ଜାଣିହୁଏ । ସେ କାଳରେ ଗୃହଶାଳୀ ପିଲାଙ୍କୁ "ଶୂନଦିଆ" ପ୍ରଥା ଥିଲା । ପ୍ରତିଦିନ ଯେଉଁ ପିଲା ସମସ୍ତଙ୍କଠାରୁ ଆଗରେ ଆସିବ, ଶିକ୍ଷକ ତାର ହାତ ନେଉଳରେ ବେତମୂନରେ ଗୋଟିଏ 'ଶୂନ ମୁଣ୍ଡଳା' କାଟି ଦିଅନ୍ତି । ପରେ ଯେଉଁ ପିଲାମାନେ ଆସନ୍ତି, ସେମାନଙ୍କୁ ଯଥାକ୍ରମେ ଏକ, ଦୁଇ, ତିନି ଏହିପରି ବେତ ମାଡ଼ ଦିଅନ୍ତି ! ଏହି ନିୟମରେ ଅନ୍ନପୂର୍ଣ୍ଣା ପ୍ରତିଦିନ କେବଳ 'ଶୂନ' ପାଉଥିଲେ ଏବଂ ଏଥିଦ୍ୱାରା ପ୍ରାଥମିକ ପାଠ ପଢ଼ା ପ୍ରତି ତାହାଙ୍କର କିପରି ଶ୍ରଦ୍ଧା ଥିଲା, ତାହା ବେଶ୍ ଜାଣି ହୁଏ ।

Digitized by srujan ka@gmail.com

ଗୃହଶାଳୀ ଛାଡ଼ିବା ସତ୍ତ୍ୱେ ଅନ୍ନପୂର୍ଣ୍ଣାଙ୍କର ପାଠ ପଢ଼ା ଶେଷ ହୋଇ ନ ଥିଲା । ନିଜ ପାଳିତ ପିତାଙ୍କ ପରାମର୍ଶରେ ସେ ଘରେ ବସି ଅସଂଖ୍ୟ ଓଡ଼ିଆ ପୁସ୍ତକ ପଢିଥିଲେ । ଏହି ସମୟରେ ସେ ପଢ଼ିଥିବା ପୁସ୍ତକ ମଧ୍ୟରୁ ଓଡ଼ିଆ ଭାଗବତ, ରାମାୟଣ, ମହାଭାରତ ଓ ଚୈତନ୍ୟ ଚରିତାମୃତ ପ୍ରଭୃତି ପ୍ରଧାନ ଅଟେ । ଏହି ଭେତେକ ପୌରାଣିକ ପୁସ୍ତକ ପଢ଼ିବା ସଙ୍ଗେ ସଙ୍ଗେ ସେ ପ୍ରତିଦିନ ହସ୍ତାକ୍ଷର ଲେଖୁଥିଲେ ଏବଂ ବୟସ୍କ ଲୋକମାନଙ୍କଠାରୁ ଭେତେକ ଛୋଟକଥା ଓ ଈଶ୍ୱର ସମ୍ବନ୍ଧୀୟ ଗଳ୍ପଗୁଡ଼ିକ ଶୁଣୁଥିଲେ । ଅତି କୋମଳ ବୟସରେ ଲାଭ କରିଥିବା ଏହି ଭେତେକ ଧର୍ମ ଓ ଆଧ୍ୟାତ୍ମିକ ଶିକ୍ଷାହିଁ ଆଜି ଅନ୍ନପୂର୍ଣ୍ଣାଙ୍କୁ ଆଦର୍ଶ ଗୃହିଣୀ ହେବାପାଇଁ ସୁବିଧା ଦେଇଥିବାର ଅନୁମିତ ହୁଏ ।

ବିବାହ

୧୯୦୦ ଖ୍ରୀଷ୍ଟାବ୍ଦର ମେ ମାସରେ, ପ୍ରାୟ ୧୭ ବର୍ଷ ବୟସରେ ଅନ୍ନପୂର୍ଣ୍ଣା ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର-ନିବାସୀ ଶ୍ରୀଯୁକ୍ତ ଶ୍ରୀରାମ ପଟ୍ଟନାୟକଙ୍କୁ ବିବାହ କରିଥିଲେ । ବିବାହ ପୂର୍ବରୁ ଶ୍ରୀରାମ ପଟ୍ଟନାୟକ ବଡ଼ଖେମୁଣ୍ଡି ରାଜାଙ୍କର ଜଣେ ଅଧୀନସ୍ଥ କର୍ମଚାରୀ ରୂପେ କାର୍ଯ୍ୟ କରୁଥିଲେ ।

ସେ ସମୟରେ ବଡ଼ଖେମୁଣ୍ଡି ଏବଂ ଚିକିଟି ରାଜାମାନଙ୍କ ମଧ୍ୟରେ ଭେତେକ ମନାନ୍ତର ଚାଲିଥିଲା । ଏହି ମନାନ୍ତର ଯୋଗୁଁ ଗୋଟିଏ ରାଜ୍ୟର ଲୋକମାନେ ଅନ୍ୟ ରାଜ୍ୟବାସୀଙ୍କ ସଙ୍ଗେ ସାଧାରଣ କଥାବାର୍ତ୍ତା କରିବା କିମ୍ବା ସାମାଜିକ ସମ୍ବନ୍ଧ ସ୍ଥାପନ କରିବା ପ୍ରଭୃତି କାର୍ଯ୍ୟବେଳେ ବିଶେଷ ଅସୁବିଧା ପାଉଥିଲେ । ଠିକ୍

Digitized by srujan ka@gmail.com

ଏହି ସମୟରେ ଶ୍ରୀରାମ ପଟ୍ଟନାୟକ ଅନ୍ନପୂର୍ଣ୍ଣାଙ୍କୁ ବିବାହ କରିବା ପାଇଁ ସ୍ଥିର କରିଥିଲେ । ଏହି ବିବାହ ବିରୁଦ୍ଧରେ ଏକ ଦିଗରୁ ବଡ଼ଖେମୁଣ୍ଡିର ରାଜା ଓ ତାଙ୍କର ପାର୍ଶ୍ୱଚରମାନେ ଏବଂ ଅନ୍ୟ ଦିଗରୁ ଟେକ୍‌ଟୀର ରାଜା ଏବଂ ରାଜକର୍ମଚାରୀ ଅନେକ ବାଧା ଘଟାଇ-ଥିଲେ । ଏହି ବିବାହ ପାଇଁ ଯେଉଁ ସବାରି, ବେହେରା, ବାଦ୍ୟକାର ଓ ଶଙ୍ଖୁଆ ପ୍ରଭୃତି ନିଶାଣ ଦରକାର ଥିଲା, ତାହା ମଧ୍ୟ ଏମାନଙ୍କୁ ମିଳି ନ ଥିଲା । ଏ ଦୁଇ ରାଜ୍ୟର ରାଜା ଓ ରାଜକର୍ମଚାରୀମାନେ ଏପରି ବିରୁଦ୍ଧାଚରଣ କରିଥିବାରୁ ବର ଓ କନ୍ୟାପକ୍ଷର ଲୋକମାନେ ଏକମେଣ୍ଟ ହୋଇ ସେ ଦୁଇ ରାଜ୍ୟର ସୀମାନ୍ତରେ ଥିବା ଏକ ଛୋଟ ପଲ୍ଲୀ—ଇକାର ଗ୍ରାମରେ କୌଣସି ପ୍ରକାର ନିଶାଣ ପ୍ରଭୃତି ନ ଥାଇ ସୁଦ୍ଧା ଏମାନଙ୍କର ବିବାହ ସମ୍ପନ୍ନ କରାଇଥିଲେ ! ନିଜର ସ୍ୱାର୍ଥସିଦ୍ଧି ପାଇଁ, ବିଶେଷତଃ ଗଡ଼ିଆ ଓ କାନକୁହାଙ୍କ କଥାରେ ପଡ଼ି ରାଜାମାନେ ନିଜର ଅଧୀନସ୍ଥ କର୍ମଚାରୀମାନଙ୍କ ପ୍ରତି କିପରି କୁବ୍ୟବହାର କରିପାରନ୍ତି, ତାହା ଅନ୍ନପୂର୍ଣ୍ଣାଙ୍କର ଏହି ବିବାହ ଦିନର ଘଟଣାରୁ ସ୍ପଷ୍ଟ ଜାଣିହୁଏ ! ସେ ଯାହା ହେଉ, ବିବାହ ସମୟରେ ଅନ୍ୟ କୌଣସି ଗୁରୁତର ବିପଦ ଘଟି ନ ଥିଲା । କିନ୍ତୁ ଏହି ବିବାହ ପରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ନିଜର ସ୍ୱାମୀଙ୍କ ସହ ପୁଣି ସେହି ବଡ଼ଖେମୁଣ୍ଡି ରାଜଧାନୀରେ ରହିବାରୁ ସେଠାରେ ସେମାନଙ୍କୁ ଅସଂଖ୍ୟ ବିପଦରେ ପଡ଼ିବାକୁ ହୋଇଥିଲା । ସେ ସବୁ ବିଷୟ ଅନ୍ୟ ଏକ ଅଧ୍ୟାୟରେ ବର୍ଣ୍ଣିତ ହେବ ।

Digitized by srujan ka@gmail.com

ଶ୍ରୀଯୁକ୍ତ ଶ୍ରୀରାମ ପଟ୍ଟନାୟକ

ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ଜୀବନୀ ଆଲୋଚନା କଲା ସମୟରେ ତାହାଙ୍କର ସ୍ୱାମୀ ଶ୍ରୀଯୁକ୍ତ ଶ୍ରୀରାମ ପଟ୍ଟନାୟକଙ୍କ ବିଷୟରେ କିଛି ଜାଣିବାକୁ ହେବ । ତା' ନ ହେଲେ ଏହି ଜୀବନୀ ଅପୂର୍ଣ୍ଣ ହେବା ସମ୍ଭବ । ଏହି ଉଦ୍ଦେଶ୍ୟରେ ଏଠାରେ ଶ୍ରୀରାମଙ୍କ ସଂକ୍ଷିପ୍ତ ପରିଚୟ ଦିଆଯିବ ।

୧୮୭୩ ଖ୍ରୀଷ୍ଟାବ୍ଦରେ ଗଞ୍ଜାମ ଜିଲାର ପୁରୁଷୋତ୍ତମପୁର ଗ୍ରାମରେ ଶ୍ରୀରାମ ପଟ୍ଟନାୟକ ଜନ୍ମଗ୍ରହଣ କରିଥିଲେ । ତାହାଙ୍କର ପିତାଙ୍କ ନାମ ସୂର୍ଯ୍ୟନାରାୟଣ ପଟ୍ଟନାୟକ । ପିଲାଦିନରେ ଶ୍ରୀରାମ ନିଜ ଗ୍ରାମରେ ପ୍ରାଥମିକ ଶିକ୍ଷା ଶେଷ କରି ପରେ ଯଥାକ୍ରମେ ରସଲକୋଣ୍ଡା ଏବଂ ବ୍ରହ୍ମପୁରରେ ରହି ମାଟ୍ରିକ ଶ୍ରେଣୀଯାଏ ଓଡ଼ିଆ ଏବଂ ଇଂରାଜୀ ଶିକ୍ଷା କରିଥିଲେ । ଛାତ୍ରଜୀବନରେ ତାହାଙ୍କର ଆର୍ଥିକ ଅବସ୍ଥା ଅତି ଶୋଚନୀୟ ଥିଲା । ନିଜର ପିତା କୌଣସି ରୋଜଗାର କରୁ ନ ଥିଲେ । କେବଳ ଜଣେ ଦାତାଙ୍କ ଆର୍ଥିକ ସାହାଯ୍ୟରେ ସେ ଏହି ଶିକ୍ଷା ପାଇବା ପାଇଁ ସୁବିଧା ଘଟିଥିଲା । ମାଟ୍ରିକ ଶେଷ କରି ଅର୍ଥାଭାବରୁ ସେ ଉଚ୍ଚ ଶିକ୍ଷା ପାଇଁ ଯତ୍ନ ନ କରି ଗଞ୍ଜାମ ଛତ୍ରପୁର ଜିଲା ରେଜିଷ୍ଟ୍ରାର ଅଫିସରେ ମାସିକ ଟ ୧୫ ୲ ବେତନରେ ସ୍ଥାୟୀ କିରାନୀ କାର୍ଯ୍ୟ ପାଇଥିଲେ । ଗୃର ପାଞ୍ଚ ବର୍ଷ ଏହି କାର୍ଯ୍ୟ କଲା ପରେ ଜିଲା କଲେକ୍ଟରଙ୍କ ଆଦେଶ-ମତେ ଶ୍ରୀରାମ ପଟ୍ଟନାୟକ ସେ କାଳର "କୋର୍ଟ ଅଫ୍ ୱାର୍ଡ଼ସ" (Court of Wards) ଅଧୀନରେ ଥିବା ନାବାଳକ ରାଜପୁତ୍ର-ମାନଙ୍କର ଶିକ୍ଷକ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ଏହି ରାଜପୁତ୍ର-ମାନଙ୍କ ମଧ୍ୟରୁ ବଡ଼ଖେମୁଣ୍ଡିର ଭୂତପୂର୍ବ ରାଜା କୃପାମୟ ଦେବ ଜଣେ ଥିଲେ । ଶିକ୍ଷକ ହେବା ସମୟରେ ଶ୍ରୀରାମ ପଟ୍ଟନାୟକ

Digitized by srujan ka@gmail.com

ଶ୍ରୀଯୁକ୍ତ ଶ୍ରୀରାମ ପଟ୍ଟନାୟକ

Digitized by srujan ka@gmail.com

ଏବଂ କୃପାମୟ ଦେବଙ୍କ ମଧ୍ୟରେ ଘନିଷ୍ଠତା ଜନ୍ମିଥିଲା । ଏହି କାରଣରୁ କୃପାମୟ ଦେବ ନିଜର ରାଜଗାଦି ପାଇବା ସଙ୍ଗେ ସଙ୍ଗେ ଶ୍ରୀରାମ ପଟ୍ଟନାୟକଙ୍କୁ ମାସିକ ତୋଡ଼ିଏ ଟଙ୍କା ବେତନ ଦେଇ ନିଜ ରାଜ୍ୟରେ ରେଭିନ୍ୟୁ ଇନସ୍ପେକ୍ଟର କାର୍ଯ୍ୟରେ ନିଯୁକ୍ତ କଲେ । ମାସିକ ଦରମା ବ୍ୟତୀତ ନିଜ ରହିବା ପାଇଁ ଖଣ୍ଡିଏ ଘର ଏବଂ ବାର୍ଷିକ ଚଳିବା ଭଳି ଭୂସମ୍ପତ୍ତି ମଧ୍ୟ ଶ୍ରୀରାମଙ୍କୁ ସେଇ ରାଜା ଦେଇଥିଲେ ।

ରାଜାଙ୍କଠାରୁ ଏ ସବୁ ସୁବିଧା ପାଇ ଶ୍ରୀରାମ ପଟ୍ଟନାୟକ ପୂର୍ବ ସରକାରୀ କାର୍ଯ୍ୟ ଛାଡ଼ି ବଡ଼ଖେମୁଣ୍ଡି ରାଜଧାନୀ ଦିଗ-ପହଣ୍ଡିରେ ଯାଇ ରହିଲେ । ସେଠାରେ ରହିବାର ଅଳ୍ପ କେତେକ ସମୟ ପରେ ସେ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କୁ ବିବାହ କରିଥିଲେ । ଏହି ବିବାହ ସମୟରେ କୃପାମୟ ଦେବ ଶ୍ରୀରାମଙ୍କୁ କି କି ଅସୁବିଧାରେ ପକାଇଥିଲେ, ସେ କଥା ପୂର୍ବ ଅଧ୍ୟାୟରେ କୁହା-ଯାଇଛି । ସମସ୍ତ ବାହ୍ୟ ସୁବିଧା କରିବା ସତ୍ତ୍ୱେ କୃପାମୟ ଦେବଙ୍କର ଆନ୍ତରିକ କୃପା ଅଭାବରୁ ଶ୍ରୀରାମ ପଟ୍ଟନାୟକ ଏହି ବିବାହ ପରେ ଆହୁରି ଅନେକ କଷ୍ଟ ଭୋଗ କରିବାକୁ ବାଧ୍ୟ ହୋଇଥିଲେ । ସେ ସବୁ ବିଷୟ ପରବର୍ତ୍ତୀ ଅଧ୍ୟାୟରେ ବିସ୍ତୃତରୂପେ ବର୍ଣ୍ଣିତ ହେବ ।

ବ୍ୟକ୍ତିଗତ ଭାବରେ ଶ୍ରୀରାମ ଜଣେ ସ୍ପଷ୍ଟବାଦୀ, ନିର୍ଭୀକ, ଆଧୁନିକ ସମାଜର ସଂକୀର୍ଣ୍ଣ ଭାବ ବିରୋଧୀ—କାହାକୁ ଅଯଥା ଖୋସାମଦ କରିବା କିମ୍ବା ତାହାଠାରୁ ଖୋସାମଦ ପାଇବା ଇଚ୍ଛା କରନ୍ତି ନାହିଁ । ତାହାଙ୍କର ଦୃଢ଼ ବିଶ୍ୱାସ ଯେ, ଏ ଜଗତରେ ସ୍ତ୍ରୀ ଏବଂ ପୁରୁଷ ଏକ ଅଭିନ୍ନ ବ୍ୟକ୍ତି ଅଟନ୍ତି । କୌଣସି ସମୟରେ ସ୍ତ୍ରୀ ଏବଂ ପୁରୁଷଙ୍କ ମଧ୍ୟରେ ଉଚ୍ଚନୀଚ ଭେଦାଭେଦ ରହିବା

Digitized by srujan ka@gmail.com

ଉଚିତ ନୁହେଁ । ଆମ ଦେଶରେ ଘରର ଭୁଆସୁଣୀ ବୋହୂମାନଙ୍କ ପ୍ରତି ଶାଶୁ ଓ ନଣନ୍ଦମାନଙ୍କର ଅସ୍ୱାଭାବିକ ବ୍ୟବହାର ଓ ଦମନ ନୀତି ବିରୁଦ୍ଧରେ ସେ ସର୍ବଦା ମତ ଦିଅନ୍ତି । ପୁରୁଷଙ୍କ ପରି ସ୍ତ୍ରୀମାନେ ମଧ୍ୟ ଉଚ୍ଚଶିକ୍ଷା ପାଇ ନିଜର ସ୍ୱାଧୀନ ବ୍ୟବସାୟ କରନ୍ତୁ ଏବଂ ପ୍ରତ୍ୟେକ କାର୍ଯ୍ୟରେ ସେମାନଙ୍କୁ ସ୍ୱାଧୀନତା ଦିଆଯାଉ, ସେମାନେ ନିଜର ସ୍ୱାଧୀନ ମତ ପ୍ରକାଶ କରନ୍ତୁ—ତଦ୍ୱାରା ଯେ କୌଣସି ଜାତିର ସାମାଜିକ ଜୀବନ ପ୍ରକୃତରେ ଉନ୍ନତ ହେବା ସମ୍ଭବ ବୋଲି ଶ୍ରୀରାମଙ୍କର ଦୃଢ଼ ବିଶ୍ୱାସ ଅଛି । ଏ ନୈତିକ ନୀତି ସେ ସର୍ବଦା ପ୍ରଚାର କରନ୍ତି ଏବଂ ନିଜେ ପାଳନ କରନ୍ତି । ଏପରି ସ୍ୱାଧୀନ ଭାବ ଥିବାରୁ ସେ ବିବାହ ହେବା ସଙ୍ଗେ ସଙ୍ଗେ ନିଜର ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ସେହି ଆଦର୍ଶରେ ଜୀବନ ଯାପନ କରିବା ପାଇଁ ସୁବିଧା ଦେଇଥିଲେ ଏବଂ ସେହି କାରଣରୁ ଆଜି ଶ୍ରୀମତୀ ଅନ୍ନପୂର୍ଣ୍ଣା ସାହିତ୍ୟ ଚର୍ଚ୍ଚା ଏବଂ ସାମାଜିକ ଜୀବନରେ ଏପରି ଉନ୍ନତି ଲାଭ କରିଛନ୍ତି ବୋଲି କହିପାରୁଁ । ଅବଶ୍ୟ ଆଧୁନିକ ଓଡ଼ିଆ ସମାଜ, ବିଶେଷତଃ କରଣ ସମାଜ ଶ୍ରୀରାମଙ୍କର ଏସବୁ ସ୍ତ୍ରୀ-ସ୍ୱାଧୀନତା ପ୍ରଭୃତି କାର୍ଯ୍ୟକୁ ତେତେ ପସନ୍ଦ କରୁ ନାହିଁ । ଏହି କାରଣରୁ ଏହି ପରିବାରକୁ ଏକାଧିକ ସ୍ଥଳରେ ଅନେକ ଗୁଡ଼ିଏ ସାମାଜିକ ଘଟଣା ସହିବାକୁ ପଡ଼ିଥିଲା । ଅନେକ ଭର୍ତ୍ସନା ଓ ଅପବାଦ ମଧ୍ୟ ପାଇଥିଲେ; ତଥାପି ଯାହାର ମନ ଯେତେ, ତାହାର ଆଦର୍ଶ ତେତେ, ଏହି ନୀତିରେ ଶ୍ରୀରାମ କିମ୍ବା ତାହାଙ୍କର ସ୍ତ୍ରୀ କୌଣସି ଦିନ କୌଣସି ପ୍ରକାର ସାମାଜିକ ନିର୍ଯ୍ୟାତନାକୁ ଡରି ନିଜର କର୍ତ୍ତବ୍ୟ କରିବାରେ ପଛଘୁଞ୍ଚା ଦେଇଥିବାର ଜଣାଯାଏ ନାହିଁ ।

Digitized by srujan ka@gmail.com

ବଡଖେମୁଣ୍ଡିର ଅନୁଭୂତି

ବିବାହ ପରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ନିଜ ସ୍ୱାମୀଙ୍କ ସହ ବଡ଼ଖେମୁଣ୍ଡି ରାଜଧାନୀ ଦିଗପହଣ୍ଡିରେ ପ୍ରାୟ ନଅବର୍ଷ କାଳ ରହିଥିଲେ । ଏହି ନଅବର୍ଷ ମଧ୍ୟରେ ତାହାଙ୍କର ନିମ୍ନ କେତେକ ଅସୁବିଧା ଘଟିଥିଲା ।

୧ମ, ଅର୍ଥାଭାବ—

ବିବାହ ପୂର୍ବରୁ ଏବଂ ପରେ ତାହାଙ୍କର ସ୍ୱାମୀ ନିଜ ଗୃହ ଖର୍ଚ୍ଚ ନିମନ୍ତେ ଅନେକ ଗୁଡ଼ିଏ ଟଙ୍କା କରଜ କରି ଋଣଗ୍ରସ୍ତ ହୋଇଥିଲେ । ଏହି ଋଣ ପରିଶୋଧ ପାଇଁ ଅନ୍ନପୂର୍ଣ୍ଣା ନିଜର ସମସ୍ତ ଅଳଙ୍କାର ବନ୍ଧେ କରି ନିଃସ୍ୱ ହୋଇଥିଲେ !

୨ୟ, ଅନାହାର—

ଉତ୍କଟ ଅର୍ଥାଭାବ ହେବାରୁ ଶ୍ରୀମତୀ ଅନ୍ନପୂର୍ଣ୍ଣା ଏବଂ ତାହାଙ୍କର ସମସ୍ତ ପରିବାର ଏକାଧିକ ଦିନ ଅନାହାରରେ ଜୀବନ ଯାପନ କରିବାକୁ ବାଧ୍ୟ ହେଉଥିଲେ ! ଏପରି କି ପ୍ରତିମାସରେ ଅନ୍ନପୂର୍ଣ୍ଣାଙ୍କ ପରିବାରକୁ ପ୍ରାୟ ୧୫ । ୨୦ ଦିନ ଅନାହାରରେ ଦିନ କଟାଇବାକୁ ପଡ଼ୁଥିଲା ।

୩ୟ, ବାସଗୃହର ଅଭାବ—

ପଇସା ଅଭାବରୁ ଦିଗପହଣ୍ଡି ବାସଗୃହ ଖଣ୍ଡିକ ମଧ୍ୟ ପ୍ରତିବର୍ଷ ଉତ୍ତମରୂପେ ଛପର ଓ ମରାମତି ହୋଇପାରୁ ନ ଥିଲା । ଘରର ଚାଳ ପ୍ରାୟ ଭାଙ୍ଗି ପଡ଼ିଥିଲା, ଅନାବୃତ କାନ୍ଥଗୁଡ଼ିକ ଭାଙ୍ଗିଯାଇ ଠିଆହୋଇ ରହିଥିଲା । ଏପରି ଭଙ୍ଗା ଦଦରା ଘରେ ଏ ପରିବାର କିପରି ଚଳୁଥିଲେ, ବିଶେଷତଃ ବର୍ଷା ଓ ଶୀତ ଦିନରେ ସେମାନଙ୍କର କି କଷ୍ଟ ହେଉଥିଲା, ସେ କଥା ଶ୍ରୀମତୀଙ୍କଠାରୁ ଶୁଣିଲେ ହୃଦୟ ଥରିଉଠେ ।

Digitized by srujan ka@gmail.com

୪ର୍ଥ, ରାଜକୃପାରୁ ବଞ୍ଚିତ—

ବଡ଼ଖେମୁଣ୍ଡିର ରାଜା ସ୍ୱର୍ଗୀୟ କୃପାମୟ ଦେବ ସ୍ୱଇଚ୍ଛାରେ ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀ ଶ୍ରୀରାମଙ୍କୁ ସେଠାରେ ଆଣି ଜଣେ କର୍ମଚାରୀରୂପେ ରଖାଇଥିଲେ । ରାଜକାର୍ଯ୍ୟରେ ରହିବା ଯୋଗୁଁ ଶ୍ରୀରାମଙ୍କୁ ସରକାରୀ କାର୍ଯ୍ୟ ଛାଡିବାକୁ ହୋଇଥିଲା । ବଡଖେମୁଣ୍ଡିରେ ରାଜାଶ୍ରୟ ବ୍ୟତୀତ ଅନ୍ୟ କୌଣସି ସୁବିଧା ବା ଆଶ୍ରୟ ଏ ପରିବାରର ନ ଥିଲା । ଅନ୍ନ-ପୂର୍ଣ୍ଣାଙ୍କ ବିବାହ ପର୍ଯ୍ୟନ୍ତ କୃପାମୟ ଦେବ ଶ୍ରୀରାମଙ୍କ ପ୍ରତି ବେଶ୍ ସ୍ନେହ ଦେଖାଉଥିଲେ । କିନ୍ତୁ ରାଜାଙ୍କ ଇଚ୍ଛା ବିରୁଦ୍ଧରେ ଅନ୍ନପୂର୍ଣ୍ଣାଙ୍କୁ ବିବାହ କରିଥିବାରୁ ଶ୍ରୀରାମ କୃପାମୟଙ୍କ କୃପାରୁ ଏକାବେଳେ ବଞ୍ଚିତ ହେଲେ । କେବଳ ସେତିକି ନୁହେଁ, କେତେକ ଖଳୁଆ ରାଜକର୍ମଚାରୀମାନଙ୍କ ଦ୍ୱାରା ଏହି ପରିବାରଙ୍କ ସ୍ୱାଧୀନ ଜୀବନରେ ଅନେକ ପ୍ରକାର ଅସୁବିଧା ଏବଂ ବାଧା ମଧ୍ୟ ଘଟିଥିଲା !

୫ମ, ସାମାଜିକ ନିର୍ଯ୍ୟାତନା—

ସ୍କୁଲ୍ କଲେଜରେ କୌଣସି ଶିକ୍ଷାଲାଭ ନ କରି ସୁଦ୍ଧା ଅନ୍ନ-ପୂର୍ଣ୍ଣା ଅତି ପିଲାଦିନରୁ ଆଧୁନିକ ସାମାଜିକ କୁସଂସ୍କାର ବିରୁଦ୍ଧରେ କାର୍ଯ୍ୟ କରିବା ପାଇଁ ଇଚ୍ଛା କରୁଥିଲେ । "ଅଗ୍ନିକି ପବନ ସାହା" ହେବା ନ୍ୟାୟରେ ତାହାଙ୍କର ଏହି କାର୍ଯ୍ୟରେ ସ୍ୱାମୀ ଶ୍ରୀରାମ ଯଥେଷ୍ଟ ଉତ୍ସାହ ଦେଇଥିଲେ । ନିଜ ସ୍ୱାମୀଙ୍କଠାରୁ ଏପରି ଉତ୍ସାହ ପାଇବାରୁ ଅନ୍ନପୂର୍ଣ୍ଣା ବଡ଼ଖେମୁଣ୍ଡି ରାଜଧାନୀରେ ଥିବା ସ୍ତ୍ରୀମାନଙ୍କ ମଧ୍ୟରେ ସ୍ତ୍ରୀଶିକ୍ଷା ଏବଂ ଓଢ଼ଣା (ପରଦା) ପ୍ରଥା ଉଠାଇ ଦେବାପାଇଁ ପ୍ରଚାର କରୁଥିଲେ । ସ୍ତ୍ରୀମାନେ ପୁରୁଷଙ୍କ ପରି ଉଚ୍ଚ ଶିକ୍ଷା ପାଆନ୍ତୁ ଏବଂ ପ୍ରତ୍ୟେକ କାର୍ଯ୍ୟରେ ନିଜର ସ୍ୱାଧୀନ ମତ ପ୍ରକାଶ କରିବା ପାଇଁ ଅଧିକାର ପାଆନ୍ତୁ, ଏହାହିଁ ତାଙ୍କ ପ୍ରଚାରର ମୂଳମନ୍ତ୍ର ଥିଲା । ବଡ଼ଖେମୁଣ୍ଡିକୁ ଆସିବାର ଅତି ଅଳ୍ପ ସମୟ ମଧ୍ୟରେ ସେ ଏପରି

Digitized by srujan ka@gmail.com

ପ୍ରଚାର କରିବା ସଙ୍ଗେ ସଙ୍ଗେ ସ୍ଥାନୀୟ ମରହଟ୍ଟୀଆ (ରକ୍ଷଣଶୀଳ) ମାନଙ୍କ ମଧ୍ୟରେ ଘୋର ଆନ୍ଦୋଳନ ସୃଷ୍ଟି ହୋଇଥିଲା । କିଏ କହିଲା, "ଅନ୍ନପୂର୍ଣ୍ଣା ଖିରସ୍ତାନ ହେଲା", ଆଉ କିଏ କହିଲା, "ସେ ଜାତି ଧର୍ମ ଛାଡ଼ି ବ୍ୟଭିଚାରିଣୀ ହେବାକୁ ବସିଛି" ଇତ୍ୟାଦି । ସାଧାରଣ ଲୋକମାନଙ୍କର ଏ ଏପରି କଟୁ ସମାଲୋଚନା ସଙ୍ଗେ ସଙ୍ଗେ ସ୍ଥାନୀୟ ରାଜା ଓ ତାହାଙ୍କର ଅନୁଚରବର୍ଗ ଅନ୍ନପୂର୍ଣ୍ଣା ଏବଂ ତାହାଙ୍କ ପରିବାରଙ୍କ ପ୍ରତି ଅସ୍ୱାଭାବିକ ସାମାଜିକ କଟକଣାମାନ ପ୍ରୟୋଗ କରିଥିଲେ । କିନ୍ତୁ ଏତେ ନିର୍ଯ୍ୟାତନା ସତ୍ତ୍ୱେ ଅନ୍ନପୂର୍ଣ୍ଣା କିମ୍ବା ତାହାଙ୍କର ସ୍ୱାମୀ ନିଜର କର୍ତ୍ତବ୍ୟପଥରୁ ବିଚଳିତ ହୋଇ ନ ଥିଲେ । ଏଥିପାଇଁ ସେମାନଙ୍କୁ ଆହୁରି ଅନେକ କଷ୍ଟ ସହିବାକୁ ହୋଇଥିଲା ।

ଏପରି କେତେକ ଅଭାବ ଓ ଅସୁବିଧା ସତ୍ତ୍ୱେ ଏହି ବଡ଼-ଖେମୁଣ୍ଡିରେ ରହିବା ସମୟରେ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ଜୀବନରେ ନିମ୍ନ କେତୋଟି ବିଶେଷ ଘଟଣା ମଧ୍ୟ ଘଟିଥିଲା ।

୧ମ—ଏହିଠାରେ ସେ ନିଜର ଓଡ଼ିଆ ସାହିତ୍ୟଚର୍ଚ୍ଚା କରିବା ପାଇଁ ମୂଳଦୁଆ ଗଢ଼ିଥିଲେ ।

୨ୟ—ନିଜେ ଲେଖିଥିବା ଅସଂଖ୍ୟ ଛୋଟ ଓ ବଡ଼ କବିତା ଏବଂ ପ୍ରବନ୍ଧଗୁଡ଼ିକୁ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ କରି ଓଡ଼ିଶାର ବିଶିଷ୍ଟ ସାହିତ୍ୟିକମାନଙ୍କଠାରୁ "କବୀକିନ୍ନରୀ" ଉପାଧି ପାଇଥିଲେ ।

୩ୟ—ସଂବାଦପତ୍ରଗୁଡ଼ିକରେ ନିଜର ଲେଖା ପ୍ରକାଶିତ ହେବା ପରେ ଓଡ଼ିଶାର ଏକାଧିକ ବିଶିଷ୍ଟ ସାହିତ୍ୟିକ ଶ୍ରୀମତୀ ଅନ୍ନ-ପୂର୍ଣ୍ଣାଙ୍କୁ ସ୍ୱଚକ୍ଷୁରେ ଦେଖିବା ପାଇଁ ଏହି ବଡ଼ଖେମୁଣ୍ଡି ଆସିଥିଲେ ଏବଂ ଏହି ସୂତ୍ରରେ ଅନ୍ନପୂର୍ଣ୍ଣା ନିଜ ସାହିତ୍ୟଚର୍ଚ୍ଚାର ବିଶେଷ ପ୍ରଚାର କରିପାରିଥିଲେ ।

Digitized by srujan ka@gmail.com

୪ର୍ଥ – ତାହାଙ୍କର ସରଳ, ମାଧୂର୍ଯ୍ୟପୂର୍ଣ୍ଣ ଏବଂ ଆବାଳବୃଦ୍ଧ-ବନିତାଙ୍କ ଉପଯୋଗୀ ଲେଖାଗୁଡ଼ିକୁ ଦେଖି କେତେକ ବିଶିଷ୍ଟ ଧନୀ ଓ ସାହିତ୍ୟପ୍ରେମୀ ସ୍ୱତଃପ୍ରବୃତ୍ତ ହୋଇ ସେଥିରୁ କେତେକ କବିତା ପୁସ୍ତକାକାରରେ ପ୍ରକାଶ କରିବାର ବ୍ୟୟ ଓ ଭାର ଗ୍ରହଣ କରିଥିଲେ ।

ଅନ୍ନପୂର୍ଣ୍ଣାଙ୍କର ଉକ୍ତ ସମାଜସଂସ୍କାରବାଦ ଏବଂ ସାହିତ୍ୟ ଚର୍ଚ୍ଚା ଦେଖି ବଡ଼ଖେମୁଣ୍ଡିରେ ତତ୍କାଳୀନ ରାଜା ତାହାଙ୍କ ପ୍ରତି ଯେତେ ବିଦ୍ୱେଷୀ ହୋଇଥିଲେ ମଧ୍ୟ ଏହି ବଡ଼ଖେମୁଣ୍ଡିରେ ରହିବା ସମୟରେ ଶ୍ରୀମତୀଙ୍କର ପ୍ରତିଭା ସମଗ୍ର ଓଡ଼ିଶାରେ ପ୍ରଚାରିତ ହୋଇଥିଲା ବୋଲି ସ୍ପଷ୍ଟ କୁହାଯାଇପାରେ ।

ବଡ଼ଖେମୁଣ୍ଡିରେ ଶେଷବର୍ଷ—

ବଡ଼ଖେମୁଣ୍ଡିରେ ରହିବାର ଛଅବର୍ଷ ମଧ୍ୟରେ ପ୍ରଥମ ତିନି ଚାରିବର୍ଷ ଶ୍ରୀରାମ ପଟ୍ଟନାୟକ ନିଜର ଦୈନିକ ରାଜକାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରି ରାଜାଙ୍କଠାରୁ ନିୟମିତ ମାସିକ ଦରମା ପାଉଥିଲେ । କିନ୍ତୁ ପରେ ଅର୍ଥାତ୍ ଅନ୍ନପୂର୍ଣ୍ଣାଙ୍କୁ ବିବାହ କଲା ଦିନରୁ ସେହି ଦରମା ତାହାଙ୍କୁ ଆଉ ସୁବିଧାରେ ମିଳିଲା ନାହିଁ । ଏହି କାରଣରୁ ସେମାନଙ୍କର ଦୈନିକ ଗୃହଖର୍ଚ୍ଚ କରିବାରେ ବିଶେଷ ଅସୁବିଧା ଘଟିଲା । ସେଥିପାଇଁ ଏମାନଙ୍କୁ ବାଧ୍ୟ ହୋଇ ଋଣ କରିବାକୁ ପଡ଼ିଲା । ରାଜପୋଷକତା ଏବଂ ମାସିକ ଦରମା ବ୍ୟତୀତ ଏମାନଙ୍କର ଅନ୍ୟ କୌଣସି ଆୟ ନ ଥିଲା । ବର୍ତ୍ତମାନ ସେ ଦୁଇ ଦିଗର ଆୟ ପ୍ରାୟ ବନ୍ଦ ହେବାରୁ ଏମାନଙ୍କର ଋଣଭାର ଦିନକୁ ଦିନ ବୃଦ୍ଧି ଲାଭକଲା । ଏପରି ଋଣଗ୍ରସ୍ତ ହୋଇ ବର୍ଷାଧିକ ସମୟ ଚଳିବା ପରେ ନିମ୍ନଘଟନାକ୍ରମେ ଏମାନେ ବଡ଼ଖେମୁଣ୍ଡି ରାଜାଙ୍କର କୃପାରୁ ଚିର ଦିନପାଇଁ ବଞ୍ଚିତ ହେଲେ ଏବଂ ସଙ୍ଗେ ସଙ୍ଗେ ସେହି ରାଜ୍ୟରୁ ବହିଷ୍କୃତ ହେଲେ !

•

Digitized by srujan ka@gmail.com

ଦିନେ ଅନେକ ଅନୁରୋଧ ପରେ ରାଜା କୃପାମୟ ଦେବ ଶ୍ରୀରାମ ପଟ୍ଟନାୟକଙ୍କୁ ଦଶ ଟଙ୍କା ଦେଇଥିଲେ । ଏହି ଟଙ୍କା ନିଜର କୌଣସି ଜରୁରୀ କାର୍ଯ୍ୟପାଇଁ ଲୋଡ଼ା ବୋଲି ତାହା ଶ୍ରୀରାମ ଆଣିଥିଲେ । କିନ୍ତୁ ଏହି ଘଟଣାର ଅଳ୍ପ ଦିନ ପରେ ରାଜାଙ୍କ ଆଦେଶରେ [?] ଗଞ୍ଜାମର "ଗୁଣଦର୍ପଣ" ଏବଂ ସମ୍ବଲପୁରର "ହିତୈଷିଣୀ" ପତ୍ରିକା-ଗୁଡ଼ିକରେ ପ୍ରକାଶିତ ହୋଇଥିଲା ଯେ, ବଡ଼ଖେମୁଣ୍ଡିର ରାଜା ନାଟ୍ୟକାର ଅନ୍ନପୂର୍ଣ୍ଣାଙ୍କ ସାହିତ୍ୟ ଚର୍ଚ୍ଚା ପାଇଁ ଏହି ଟଙ୍କା ସାହାଯ୍ୟ କରିଥିଲେ ଏବଂ ଏହିପରି ସାମୟିକ ସାହାଯ୍ୟ ରାଜା ମହୋଦୟ କରିଥାଆନ୍ତି—ଇତ୍ୟାଦି । ଏହି ସଂବାଦ ସଂପୂର୍ଣ୍ଣ ମିଥ୍ୟା ଥିବାରୁ ଏବଂ ଏଥିଦ୍ୱାରା ନିଜର ପ୍ରତିପତ୍ତିରେ ବାଧା ପଡ଼ିଥିବାରୁ ଶ୍ରୀମତୀ ଅନ୍ନପୂର୍ଣ୍ଣା ଏଥିର ତୀବ୍ର ପ୍ରତିବାଦ କରି ନିମ୍ନ ଦୁଇ ଗୋଟି ପତ୍ର ଯଥାକ୍ରମେ ସଂବାଦ-ପତ୍ରକୁ ଏବଂ ରାଜା ମହୋଦୟଙ୍କ ପାଖକୁ ଲେଖିଥିଲେ ।

—ସଂବାଦ ପତ୍ରର ଲେଖା—

"ମହାଶୟ,

ଆପଣ ଅବଶ୍ୟ "ଗୁଣଦର୍ପଣ" ୩ୟ ଭାଗ ୧୩ଶ ସଂଖ୍ୟା ଦେଖିଥିବେ ଯେ, ବଡ଼ଖେମୁଣ୍ଡିର ରାଜାମହୋଦୟ ମୋତେ ୧୦ଟଙ୍କା ଦାନ କରିଅଛନ୍ତି ଏବଂ ସାମୟିକ ଉତ୍ସାହ ଓ ସହାନୁଭୂତି ପ୍ରଦାନ-ପୂର୍ବକ ମୋର [ସାହିତ୍ୟ ସେବାରୂପ] ମହାବ୍ରତରେ ସହାୟ ହୋଇଅଛନ୍ତି । ପୁଣି ସମ୍ବଲପୁର "ହିତୈଷିଣୀ" ର ୪୦ ସଂଖ୍ୟାରେ ଏହି ବିଷୟକୁ ନେଇ ଯେଉଁ ସମ୍ପାଦକୀୟ ମନ୍ତବ୍ୟ ପ୍ରକାଶିତ ହୋଇଅଛି, ତାହା ଅବଶ୍ୟ ପାଠକମାନଙ୍କର ସ୍ମରଣ ଥିବ । ଏହି ଦୁଇ ପତ୍ରିକାରେ ମୋ ସମ୍ବନ୍ଧରେ ଯାହା ଲେଖା ହୋଇଅଛି, ତାହା ପାଠକଙ୍କ ମାନଙ୍କ ମନରେ ଯେଉଁ ଦୁଃଖଭାବ ଜନ୍ମହେଲା,

Digitized by srujan ka@gmail.com

ତାହା ଅଧିକ କରି କଣ ଜଣାଇବ ? ମନରେ ହେଲା, ଆଉ ଲେଖନୀ ଧରିବ ନାହିଁ । ନାନା ପ୍ରକାର ଦୁଶ୍ଚିନ୍ତାରେ ଜୀବନ ବ୍ୟାକୁଳ ହୋଇପଡିଲା । ପରିଶେଷରେ ହୃଦୟର ଭାର ଲଘବ ଆଶାରେ ମନୋବେଦନା କିଛି ଜଣାଇବା ନିମନ୍ତେ ଲେଖନୀ ଧାରଣ କଲି । ଏଥିରୁ ପାଠକମାନେ ମୋର ଅବସ୍ଥା ଅନାୟାସରେ ବୁଝିପାରିବେ । ମୋର ସ୍ୱାମୀ ଗବର୍ଣ୍ଣମେଣ୍ଟ ଅଧୀନରେ କାର୍ଯ୍ୟ କରୁଥିଲେ । ବଡ଼ଖେଣ୍ଡି ରାଜାମହୋଦୟ ତାଙ୍କୁ ଅଣାଇ କାର୍ଯ୍ୟ ଦେଇଅଛନ୍ତି । ତାଙ୍କର ବେତନବୃଦ୍ଧି ହେବାର କଥା ଉଠିଥିଲା ସତ୍ୟ; ମାତ୍ର ବେତନ ବୃଦ୍ଧି ହୋଇ ଅଛି କି ନାହିଁ, ତାହା ମୁଁ ଆଜ ପର୍ଯ୍ୟନ୍ତ ଜାଣି ନାହିଁ, ମଧ୍ୟ ମୋର ଜାଣିବାର ଆବଶ୍ୟକ ନାହିଁ । ଶୁଣିଥିଲି, ସ୍ୱାମୀ କୌଣସି ଦୁଃଖ ଜଣାଇ ବଡ଼ଖେମୁଣ୍ଡି ରାଜାଙ୍କଠାରୁ ୧୦ଟଙ୍କା ପାଇଅଛନ୍ତି । ସେହି ଟଙ୍କାଟା ମୋର ପୁରସ୍କାର ଭ୍ରମରେ ଆପଣମାନେ ପ୍ରକାଶ କରିଅଛନ୍ତି । ଭ୍ରମ ସଂଶୋଧନ କରିବେ କି ? ନ କରନ୍ତୁ, ଲୋଡ଼ା ନାହିଁ; କେବଳ ମୁଁ ଜାଣିଲି, ମୁଁ ଯେତେବେଳେ ନିଃସହାୟ ଓ ଯେତେବେଳେ ଚିନ୍ତାଦଗ୍ଧ ଜୀବନରେ ଗୃହକୋଣରେ ବସି ମୋର ଭବିଷ୍ୟତ ଜୀବନ ଆଶାରେ ଜଳାଞ୍ଜଳି ଦେଇ କିଂକର୍ତ୍ତବ୍ୟବିମୂଢ଼ ହୋଇ ଥିବି, ସେତେବେଳେ ଆପଣମାନେ ମୋ ଉପରେ କଳ୍ପନାପୁଷ୍ପ ଗୁଡ଼ାଏ ଢାଳୁଥିବେ । ଯାହା ହେଉ, ମୁଁ କାହାକୁ ଦୋଷ ଦେବି ନାହିଁ; ତାହା ମୋହର ଅଦୃଷ୍ଟ ଦୋଷ । କେବଳ ଏପରି ଅକାରଣ ବାକ୍ୟ ପୁରସ୍କାର ଆପଣମାନଙ୍କଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଲଭ କରିବି ।

କୌଣସି ସଂଗତିସମ୍ପନ୍ନ ବ୍ୟକ୍ତି ମୋର ଗ୍ରାସାଚ୍ଛାଦାନ ବିଷୟରେ କେବେ ପ୍ରତିଶ୍ରୁତି ଦେବାର ମୁଁ ଜାଣେ ନାହିଁ । ସ୍ୱାମୀୟ ରାଜାଙ୍କଠାରୁ ମୋ କବିତା ସମ୍ବନ୍ଧରେ ବା ଅନ୍ୟ ପ୍ରକାର ସାହାଯ୍ୟ [ମୁଁ କବିତା ଲେଖିବା ଦିନଠାରୁ] କେବେ କିଛି ପାଇଲି ପରି

Digitized by srujan ka@gmail.com

ବୋଧହେଉ ନାହିଁ । ଏତକ କଥା ଯେ, ଭଣଜାଇରେ ପଢ଼ିବା ଯୋଗୁଁ କିଛି କରିପାରୁ ନାହିଁ । ତେଣୁ ଯାହା କିଛି କଷ୍ଟ ଓ ଅପମାନ ସହ୍ୟ କରି ଦିନ ଯାପନ କରିବାକୁ ହେଉଅଛି । ମୋର "ନିବେଦନ" ପଦ୍ୟ ଓ ଏହି ପତ୍ରଟି ମାନ ସାଦରେ ପାଠକଲେ ଜୀବନ ଚରିତାର୍ଥ ହେବ । ଆଜି ଏତିକି, ପରେ ଅନ୍ୟାନ୍ୟ ଦୁଃଖ ଲେଖିବ ।

ଆପଣଙ୍କର
ଶ୍ରୀମତୀ ଅନ୍ନପୂର୍ଣ୍ଣା
("ଉତ୍କଳବାସୀ" ତା ୭ । ୭ । ୧୯୦୭)

ବଡଖେମୁଣ୍ଡି ରାଜାଙ୍କ ପାଖକୁ ପଠାଇଥିବା ପତ୍ର

ବୃହତ୍‌ଖେମୁଣ୍ଡି,
ତା୩୦।୭।୧୯୦୭,

ଶ୍ରୀମାନ୍ ମହାରାଜ,

ଆଜି ମୁଁ ଅନେକ ହୃଦୟର କଥା ଜଣାଇବ । ଭଲ ହେଉ ବା ମନ୍ଦ ହେଉ, ଶ୍ରୀଛାମୁଙ୍କ ବାହୁଛାୟାରେ ପଡ଼ିଥିବା ମୁଁ ଜଣେ ନାରୀ-ଭକ୍ତ । ଭକ୍ତମାନେ ବିପଦରେ ପଡ଼ିଲେ ଜଗଦୀଶ୍ୱରଙ୍କୁ ଗାଳଗୁଳରେ ହୃଦୟବେଦନା ଜଣାଇଲା ପରି, ମୋହର ଏହା "ନିବେଦନ" ପଦ୍ୟ ଶ୍ରୀଛାମୁଙ୍କ ଦିବ୍ୟ ଅବଧାନରେ ଆସିବ । ହୃଦୟ ଦୁଃଖ ବଳ ପଢ଼ି-ବାରୁ ଦୁଃଖ ଅବସ୍ଥା ଦିନକୁ ଦିନ ପ୍ରାଣ ଘାରି ଦେଉଅଛି । ତେଣୁ କୃପାବତାର କ୍ଷମାସାଗର ମହାରାଜାଙ୍କ ଛାମୁରେ ଜଣାଉଅଛି ।

"ଗୁଣଦର୍ପଣ"ରେ ମହାରାଜ ମତେ ସାହାଯ୍ୟ ଓ ଉତ୍ସାହ ଦେବା କଥା ଲେଖାଥିବା ଦେଖି ବଡ଼ ଆଶ୍ଚର୍ଯ୍ୟ ହେଲି । ମୁଁ କବିତା ଲେଖିବା ଦିନଠାରୁ ମୋର ମନ୍ଦ ଅଦୃଷ୍ଟ ଯୋଗରୁ ମୁଁ

Digitized by srujan ka@gmail.com

ମହାରାଜାଙ୍କଠାରୁ କୌଣସି ଉତ୍ସାହ ପାଇ ନାହିଁ । ମଧ୍ୟ ଏ ଜୀବନରେ ପାଇବି, ଏପରି ଆଶା କରିପାରୁ ନାହିଁ । ସେଥିନିମନ୍ତେ ଛାମୁଙ୍କୁ ଦୋଷ ଦେଇ ନ ପାରେଁ; କାରଣ କୋଟି ଲୋକଙ୍କର ଦୁଃଖ ଅମୃତ ବୃଷ୍ଟିରେ ଚାଲିଯାଉଅଛି, କେବଳ ମୋ କପାଳକୁ ତାହାଙ୍କ ସେ ଅମୃତ ଦୃଷ୍ଟି ଘଟୁ ନାହିଁ, ତାହା ମୋର ମନ୍ଦ କପାଳର ଚକ୍ର ମାତ୍ର ।

ବୃଥା କପରି ସମ୍ବାଦପତ୍ରମାନଙ୍କରେ ଛାମୁଙ୍କ ସାହାଯ୍ୟ ଦେବା କଥା ପ୍ରକାଶିତ ହେଲା, ମୁଁ କିଛି ଜାଣିପାରୁ ନାହିଁ । ମୁଁ ଛାମୁଙ୍କୁ କେତେ ଥର ପତ୍ର ଦେଇଅଛି, ଚାତକ ପରି ଚାହିଁ ବସି ରହିଲେହେଁ ଉତ୍ତର ଛଳରେ ଅନୁଗ୍ରହ ଓ ଉତ୍ସାହ ଆଜି ପର୍ଯ୍ୟନ୍ତ ଉଚିତ ଭାବରେ ପାଇଲି ନାହିଁ । ଉତ୍କଳର ପ୍ରତି ରାଜା ଓ ରାଣୀଙ୍କ ପାଖକୁ ମୁଁ ପତ୍ର ଦେଇଥାଏଁ । ମୋତେ ସୁଦ୍ଧା ସେମାନେ ପତ୍ର ଓ ସାହାଯ୍ୟ ଦେଇଥାନ୍ତି । ସେ ସବୁ କଥା ଖବରକାଗଜରେ ବାହାରିଥାଏ । ମୁଁ ଜାଣେ ଯେ, ସେ ସବୁ ଛାମୁଙ୍କର ଆଶ୍ରୟର ଫଳ ।

ପତିମହୋଦୟ ଛାମୁରେ କାର୍ଯ୍ୟ କରନ୍ତି । ସମୟ ସମୟରେ ନିଜର ଦୁଃଖ ନିବେଦନ କରି ଅନେକ ସାହାଯ୍ୟ ପାଉଥିବେ, ତାହା ହୋଇପାରେ । ମାତ୍ର ମୋ ନାମଟା ବୃଥା ସମ୍ବାଦପତ୍ରରେ କାହିଁକି ବାହାରି ପଡ଼ିଲା, ମୁଁ କିଛି ଜାଣିପାରୁଁ ନାହିଁ । ଯେବେ ମହାରାଜ ମୋତେ ଓ ମୋ କବିତା ପ୍ରତି ଟିକିଏ ଅମୃତ ଦୃଷ୍ଟି ଦେଇଥାନ୍ତେ, ତେବେ ମୋର ଏ ଛାର ଦୁଃଖଦଶା ରହିଥାନ୍ତା କି ? ଏଣୁକରି ମହାରାଜାଙ୍କଠାରେ ମୋର ଏତିକି ପ୍ରାର୍ଥନା ଯେ, ସମ୍ବାଦ ପତ୍ରମାନଙ୍କରେ ପ୍ରକାଶ ହେଉଥିବା ମୋର କବିତା ଦେଖି ମୋ ପ୍ରତି ବିରକ୍ତ ହେବେ ନାହିଁ ! କର୍ତ୍ତବ୍ୟ ପାଳିବା ତ ମନୁଷ୍ୟର ଗୋଟିଏ କାର୍ଯ୍ୟ ଅଟେ । ମୁଁ ଛାମୁଙ୍କ ଭରସାରେ କର୍ତ୍ତବ୍ୟ ବାଟରେ ଚାଲିଅଛି ।

Digitized by srujan ka@gmail.com

ଆଉ ସେଥିରୁ ମନ ଫେରାଇବାକୁ ମୋ ମନ ବଳୁ ନାହିଁ । ମୁଁ ଛାମୁଙ୍କ ଆଶ୍ରୟରେ ରହି ଯେଉଁ ବାଟ ପାଇଅଛି, ମରିବା ପର୍ଯ୍ୟନ୍ତ ସେହି ବାଟରେ ଚାଲୁଥିବି ।

ବର୍ତ୍ତମାନ ସମ୍ବାଦପତ୍ରରେ ମୋର ସାହାଯ୍ୟ ସମ୍ବନ୍ଧରେ ଅକାରଣ ଗୁଡ଼ାଏ କଥା ବାହାରିବାରୁ ମୋ ମନ ଏତେ ବ୍ୟାକୁଳ ହେଲା ଯେ, ମୁଁ ଛାମୁଙ୍କୁ ନ ଜଣାଇ ରହିପାରିଲି ନାହିଁ । ପ୍ରାର୍ଥନା କରୁଅଛି ଯେ, ଏପରି ବୃଥାରଚନା ଯେପରି 'ଗୁଣଦର୍ପଣ'ରେ ନ ବାହାରେ, ସେଥିପ୍ରତି ଶ୍ରୀଛାମୁ ବିଚାର କରିବେ ।

ପରିଶେଷରେ ଜଣାଉଅଛି ଯେ, ସମ୍ବାଦପତ୍ରରେ ଏହି ସାହାଯ୍ୟ କଥା ଓ ରାଜ-ଅନୁଗ୍ରହ କଥା ପ୍ରକାଶ ହେବାଦ୍ୱାରା ମୋର ବିଶେଷ ଅନିଷ୍ଟ ହୋଇପଡ଼ୁଛି । ଇତି ।

ଶ୍ରୀଛାମୁଙ୍କ ଦୁହିତା
ଶ୍ରୀମତୀ ଅନ୍ନପୂର୍ଣ୍ଣା

ଏହି ପତ୍ରସହ ଅନ୍ନପୂର୍ଣ୍ଣା ନିମ୍ନଲିଖିତ "ନିବେଦନ" ପଦ୍ୟ ମଧ୍ୟ ରାଜାଙ୍କ ନିକଟକୁ ପଠାଇଥିଲେ ! (ଏ ପଦ୍ୟ 'ମନୋରମା'ରେ ପ୍ରକାଶିତ ହୋଇଥିଲା ।)

ନିବେଦନ

ଅଛ କି ହେ ସୁସନ୍ତାନେ ଉତ୍କଳ ମାତାର
ଚିହ୍ନିବାକୁ ଭଗିନୀର ହୃଦୟ ଭଣ୍ଡାର ।
ଜାଣି ଶୁଣି ପଛଘୁଞ୍ଚା ଦେଉଛ କିପାଇଁ
ଅଭିମାନ ରଖିବାକୁ ସାହସ କି ନାହିଁ ?

Digitized by srujan ka@gmail.com

ବୀର ସୁର ହୋଇଅଛ ବିଜ୍ଞାନ ବଳରେ
କରୁଛ ଉନ୍ନତି ଚେଷ୍ଟା ମନର ଛଳରେ !
ଦୟା କ୍ଷମା ଧୈର୍ଯ୍ୟ ଧରି କରୁଛ ସମାଜ
ମୋ ବିଷୟ ଶୁଣି କିବା ଲଭ ଭାଇ ! ଲଜ ?
ଉପୁଜାଅ ହିତ କିପାଁ ଛାର ନାସ୍ତି ପ୍ରତି
ମୁହିଁ କିନ୍ତୁ ଜାଣୁ ନାହିଁ କିସ ହେବ କ୍ଷତି ।
ଉତ୍କଳରେ ଥାଉଁ ଥାଉଁ ଏବେ ଭ୍ରାତୃଗଣ
ନୁହେଁ ଶାନ୍ତ କିପାଁ ଭଗ୍ନୀ ବିଦଗ୍ଧ-ଜୀବନ ।
ତବ ଚକ୍ଷୁକର୍ଣ୍ଣ ଥାଇ ଦେଖ ଶୁଣ ଭାଇ
ଛଳେ ମାତ୍ର ଭଗ୍ନୀ ଅଭିମାନ ରଖ ନାହିଁ ।
ଦେହ ତ ଚହ୍ନିଲ ନାହିଁ ମୋ ହୃଦୟ ଭାବ
ନିଜ ଛଳେ ଭ୍ରାତୃ ପାଶେ ଦେଉଅଛ ଗବ ।
ଛଳ ବାଟେ ଛଳ ଯାଏ ଶ୍ରମ ହୁଏ ସାର
ପାପୀର ଗର୍ଭରେ ପୂର୍ଣ୍ଣ ଦୁଃଖର ଆଧାର ।
ଭାଇ ଭଗ୍ନୀଙ୍କରଠାରେ ଭିନ୍ନ କିସ ଜାଣ
ଗର୍ବ ଭାବେ ହୃଦୟର ବହୁଅଛି ଠାଣ ।
ଧନ ତ ତାହାର ସଙ୍ଗେ ଗୋଡ଼ାଇବ ନାହିଁ
ଯେପରି ଆସିଛି ସେହିପରି ଯିବ ଧାଇଁ ।
ବୃଥାଠାରେ ମୋହବଶେ ହେଉଛି ଅଜ୍ଞାନ
ସର୍ବ ତେଜ୍ୟା କରି ଶୂନ୍ୟେ ଶୂନ୍ୟେ ଯିବ ପ୍ରାଣ ।
କୁହୁକ-ମାୟା-ମନ୍ତ୍ରର ପ୍ରବନ୍ଧ ଆକାରେ
ପ୍ରକାଶିତ ପତ୍ରିକାରେ ମୋର ବିଷୟରେ,
ଦେଖି ଦେହ ବିଶ୍ୱାସକୁ ଯିବ ନାହିଁ ଭାଇ
ଯଥା ତଥା ଅବସ୍ଥାର ସୀମା ଥାଉ ନାହିଁ ।

Digitized by srujan ka@gmail.com

କୁହୁକ-ମନ୍ତ୍ରକୁ କେହି ବୃଥେ ଜପ ନାହିଁ
କଦାପି ତ ସେ ମନ୍ତ୍ରରେ ଗଣ୍ଡମୁକ୍ତି ନାହିଁ ।
ମନ୍ତ୍ର ଦୂତ ହେଲେ ପ୍ରାଣ ହେବ କଣ୍ଠାଗତ
ଯଥା ତଥା ଗତି ଅଛି ନାହିଁ ମୁଁ ନିଶ୍ଚିନ୍ତ ।
ମାତ୍ର ସର୍ବେ ଜାଣିଥିବେ ପାଇ ମନ୍ତ୍ର ବଳ
ସାର ସୁଖ ଲଭୁଥିବ ଜୀବନ କେବଳ ।
ଏହି କଥା ବୃଥା ସ୍ୱବ କିଛି ନାହିଁ ସାର
ମନ୍ତ୍ରରୂପ ଶୋଭା ଧରି ହୋଇଛି ବିସ୍ତାର ।
ରୂପେ ଆସକତ ଆଉ କେହି ନୁହ ଭାଇ
ଯାର ଯେଉଁ ମତ ରଖ ସ୍ନେହକୁ ବସାଇ ।
ଯାର ଇଚ୍ଛା ସେହି ଧରି ହୁଅ ଅଗ୍ରସର
ସର୍ବ କଣ୍ଠେ ମନ୍ତ୍ରଭାବ କରିବ ଗୋଚର ।
ଶୁଣି ହୃଦେ ଉଚ୍ଛୁଳିବ ପ୍ରେମର ଲହରୀ
ତରଙ୍ଗ ମାରିବ ପୁଣି ଖେଳିବେ ଶଫରୀ ।
ଅମୃତ ସାଗରେ ଥାଇ ପଙ୍କ କରେ ପାନ
ବୁଝ ଆହେ ଭକ୍ତଗଣେ କପରି ଅଜ୍ଞାନ ।
ଅମୃତ ଗରିଖୀ ସିନା ଚାଖିବ ଅମୃତ
କା ସାର ଉତ୍ପନ୍ନ ହେବ କ୍ଷୀରେ ଦେଲେ ଘୃତ ।
କ୍ଷୀରେ ଘୃତ ଦେଲେ ସିନା ହେବ ଭସ୍ମସାତ
ମନ ଅନୁସାରେ ଫଳ ନିଶ୍ଚୟେ ନପାତ ।
ଏହା ଭଲରୂପେ ଜାଣିଥିବ ଭ୍ରାତୃଗଣ
ଆକାଶ ଚନ୍ଦ୍ରଙ୍କ ଉଦେ ହେବେ ଏ ଭୁବନ ।
ଚନ୍ଦ୍ର ଯେବେ ଉଦେ ହେବେ ତାହିଁ ତା ବପତ୍ତି
ଙ୍କ କାରଣେ ଉପୁଜିବ ହୃଦୟରେ ପ୍ରୀତି ।

Digitized by srujan ka@gmail.com

ଘନ-ସୁଧା ପାନ କରି ନ ତରିବ ଜୀବ
ଏକଇର ଚନ୍ତା କପାଁ ସର୍ବ ହୃଦେ ଥିବ ।
ତାର୍ ଶ୍ରୁତି ନ ଶୁଣନ୍ତି ମୋର୍ ନିବେଦନ
ସୁଖେ ଦିନ କାଟୁଥାନ୍ତୁ ଭଜି ପରଂବ୍ରହ୍ମ ।
ଦେହ ଯେବେ ପ୍ରତିକାର୍ ବସ୍ତୁର୍ କରନ୍ତି
ଅଗ୍ରସର ହେଲେ ସିନା ପ୍ରକୃତ ଚହ୍ନନ୍ତି ।
କ୍ଷୁଦ୍ର ଜୀବ ସୃଷ୍ଟି ଏକ ଏତେ ଅପମାନ
ପାଉଅଛୁ ଉତ୍କଳରେ ତାର୍ ନାହିଁ ମାନ ।
କରମ ଦୋଷରୁ ସ୍ଥଳେ ହେଲୁ ହୀନମାନ
ତୁମ୍ଭେ ଥାଉଁ ସର୍ବ ସ୍ଥଳ ହେବ କି ସମାନ ।
ନ ବୁଝୁଛ କି କ୍ଷୋଭରୁ ଏପରି ଦୁର୍ଦ୍ଦଶା
ଜ୍ଞାତି ବନ୍ଧୁ ପ୍ରଭୁ ଆଦି ନ ହେଲେ ଭରସା ।
ସବୁଠାରେ ଏ ଜୀବନ ହେଲା ହାସ୍ୟାସ୍ପଦ
ତଥାପି ମଣିଛୁଁ ଧର୍ମ କେବଳ ସମ୍ପଦ ।
ସେହି ଧନ ଅଙ୍ଗେ ବହି ସଂସାର ସ୍ରୋତରେ
ଶମ୍ଭୁପଦେ ଚିତ୍ତ ଦେଇ ବସିଛୁ ନାବରେ ।
ଲୋକ ଅପବାଦ ମ'ନ କୁହୁଡି ଆକାର
ବେଳେ ବେଳେ ଘୋଟିଥାଏ କ୍ଷଣ ଅନ୍ଧକାର ।
ସତ୍ୟ ଜ୍ୟୋତି ପ୍ରକାଶିତ ହେବା କ୍ଷଣି ଜାଣ
ପାପରାଶି ଉଡିଯାଏ ଲଭୁ ଦିବ୍ୟ ଜ୍ଞାନ ।
ସତ୍ୟ ଜ୍ୟୋତିର୍ମୟ ପ୍ରଭୁ ନିତ୍ୟ ନିରଞ୍ଜନ
ସର୍ବଭୂତେ ସମଭାବେ କରନ୍ତି ପାଳନ ।
ପକ୍ଷପାତ ନାହିଁ ଜାଣ ତାଙ୍କର ନୟନରେ
ତୁମ୍ଭେମାନେ ଯେଉଁ ପରି ଭାବୁଛ ମନରେ ।

Digitized by srujan ka@gmail.com

ସେ କଦାପି ନ ଭୁଲିବେ ଦେଖି ଏ ଆଚାର
ପଚାରିବେ ନିଷ୍ଠୁରେ ଭାବ ବ୍ୟବହାର ।
କି ଉତ୍ତର ଦେବାକୁ ବା ଭାବିଥିବ ଚିତ୍ତେ
ପ୍ରଭୁ ନାସ୍ତି ବୋଲି କଥା ଅଛୁ ତ ଭାରତେ ।
ଅନେକ ତ ଧର୍ମ ମାର୍ଗ ଅଛି ଏ ଦେଶରେ
ମୋର କଥା ଶୁଣି କିପାଁ ହସାଇବ ଲୋକରେ ।
ହେଉ କିମ୍ବା ନ ହେଉ ହେ ମୋ କଥା ଆଦର
ସେଥିପ୍ରତି ଲକ୍ଷ୍ୟ ନାହିଁ କିଞ୍ଚିତ ମାତର ।
ଅସଙ୍ଗତ ମିଥ୍ୟାବାଦ କୁଟିଳ କୁକର୍ମ
ଦେଖି ମାନ ସହ୍ୟ କରି ରହିବା କି ଧର୍ମ ?
ଏକସ୍ୱରେ ଏକ ମାର୍ଗେ ଏକଇ ଜୀବନ
କି ଦାରୁଣ କଷ୍ଟେ ଦିନ କରଇ କର୍ତ୍ତନ ।
ସ୍ୱର ଯାଇ ଭେଦିବଣି ଅନେକ ରକ୍ତରେ
ଶତ୍ରୁନ୍ନ କି ଭାର ଦେହ ଅନ୍ୟ ଶୋଣିତରେ ।
ମୋର ମାନରକ୍ଷା ଅର୍ଥେ ସମସ୍ତ ଦେଶରେ
ନିବେଦନ ପତ୍ର ଲେଖି ଫିଙ୍ଗିଲି ଡାକରେ ।
ଜଣେ ହେଲେ ମୋ ଗୌରବ ବୁଝି ନ ପାରିଲ
କପଟରେ ଅଛୁ ବୋଲି କେହି ନ ଭାଳିଲ ।
ବୃଥା ମୋର ଅଭିମାନ ତୁମ୍ଭଠାରେ ଥାଇ
ଲୋକାଚାର ତୁମେ କିପାଁ ହେବ ତୁମ୍ଭେ ଦାୟୀ ।
ପ୍ରବର୍ତ୍ତକ ଯେ ଅଟନ୍ତି ମୋର ଏ ଜୀବନେ
କଦାପି କି ଭୁଲିଯିବେ ଭାବି ଅଛ ମନେ ?
ଭ୍ରମବଶେ ପଦ୍ୟାକାରେ ମାନ ରକ୍ଷାପାଇଁ
ଗଞ୍ଜଣା ଲାଞ୍ଛନା ସହି ଲେଖୁଛୁ ବୁଝାଇ ।

Digitized by srujan ka@gmail.com

ଭବିଷ୍ୟତ କାଳେ କଷ୍ଟେ ଝୁରିବ ସମସ୍ତେ
ଥିଲ ବୋଲି ନାସ୍ତିଟିଏ ଏପରି ଜଗତେ ।
ଯେତେ ଯେତେ ମହାତ୍ମା ଜୀବନ କ୍ଷେତ୍ରରେ,
ଭୋଗିଛନ୍ତି ନାନା କଷ୍ଟ ଅଛି ସ୍ୱର୍ଣ୍ଣାକ୍ଷରେ ।
ଜୀବିତ କାଳରେ ତାଙ୍କୁ କିଏ ପଚାରୁଛି ?
ମୃତ୍ୟୁ ଅନ୍ତେ କିଏ ଅବା ତାଙ୍କୁ ନ ଝୁରୁଛି ?
ଏପରି ତ ରୀତିନୀତି ଜାଣ ହେ ସମସ୍ତ
କେହୁ କିପାଁ ଶକ୍ତି ଅବା ରଖିବ ମହତ ।
ତେଣୁ ଆଶା-ପଥେ ଦେଲି ମୁହିଁ ଜଳାଞ୍ଜଳି
ବନ୍ଧୁପଦେ ଚିର ଦେଇ କରୁଅଛି ଅଳି ।
ଶୀଘ୍ର ଯେହେତୁ ଭବକ୍ଷେତ୍ରୁ ହୋଇବି ଉଦ୍ଧାର
ଏହିମାତ୍ର ବର ଦିଅ ଅହେ ସୃଷ୍ଟିକାର !
ତାହାଠାରେ କିପାଁ ଅବା ମାନ ଅଭିମାନ,
କରିବ ହେ ଅନ୍ତର୍ଯ୍ୟାମୀ ହୋଇ ମୁଁ ଅଜ୍ଞାନ ।
ତବ ପରି ପ୍ରଭୁ ଥାଉ କିପାଁ ଅନ୍ୟ ଜଣେ
ଚାହିଁବ କି ଭବକ୍ଷେତ୍ରେ ଆସିବା ବହନେ ?
କଦାପି ତ ନ ହୋଇବ କାରି ହୃଦୟରେ
ସର୍ବେ ବିହ୍ୱଳିତ ସଦା ବିଳାସ ଭୋଗରେ ।
ଚଳିବାକୁ ଶକ୍ତି କାହିଁ କାରି କାମନାରେ
କର୍ମସେବା ଲୋଡ଼ୁଥାନ୍ତି ବିଭିନ୍ନ ଆକାରେ ।
ଅକର୍ମଣ୍ୟ ଯେହୁ ହେଲା ସେ କି କର୍ମବୀର
ବୋଲାଇବ ଲୋକ ମଧ୍ୟେ ହୋଇ ଧର୍ମବୀର ?
ନଗଣ୍ୟ ଯେ ହେଲା ସେ କି ଅଟେ କର୍ମବୀର
ବୋଲାଇବ ଲୋକ ମଧ୍ୟେ ହୋଇ ଧର୍ମବୀର ?

Digitized by srujan ka@gmail.com

ନଗଣ୍ୟା ନାରୀଟିଏ ମୁହିଁ ଯେ କିଛି ଲେଖିଲି
କିଛି ଦୋଷ ନ ଧରିବେ ବିନୟେ କହିଲି ।
ସମଗ୍ର ଉତ୍କଳ ଦେଶେ ହୁଏ ତ ଭାରତେ
ଭ୍ରମିବାକୁ ଆଶା ଥିଲା ମୋର ହୃଦଗତେ ।
ନାନା ସ୍ଥାନେ ଦୃଶ୍ୟମାନ ଦେଖି ଚମତ୍କାର
ଲେଖିଥାନ୍ତି କିଛି କିଛି ଥିଲା ମୋ ବିଚାର ।
ସ୍ଥାନ ବିଶେଷରେ ମଧ୍ୟ ନାରୀଜାତି ଧର୍ମ
ଉପଦେଶ ଦେବାପାଇଁ ଧରିଥାନ୍ତି ପଣ ।
କୁସଂସ୍କାର ଜାତିଭେଦ କରି ଅତିକ୍ରମ
ନିଶ୍ଚୟରେ ପାଳିଥାନ୍ତି କର୍ତ୍ତବ୍ୟ କରମ ।
ଯେବେ ତାର ହୁଏ ନୁହେଁ ମୋ କଥା ପସନ୍ଦ
ତୁମ୍ଭ ସଙ୍ଗେ ଯାଇ କିବା କରିବି ମୁଁ ଦ୍ୱନ୍ଦ୍ୱ ?
ଜନସାଧାରଣ ଇଚ୍ଛା କେବଳ ବିଚାରି
ପଦ୍ୟାକାରେ ଲେଖୁଥାଏ ହୃଦୟ ବିସ୍ତାରି ।
ମନୋଗତ ଭାବ ଲେଖି ପନେ ବାର ମାତ୍ର
ଜଣାଉଁଛି ବିଜ୍ଞପାଶେ ଦୟା ନାହିଁ କାର ?
ଥିଲେ ଥାଉ, ଚଲେ କର ନାହିଁ . ମୋ ବିଚାର
ମାତ୍ର ଦେଶସେବାଲାଗି କର ସୁବିଚାର ।
ପଦ୍ୟ ଲେଖି ବିଜ୍ଞପଦେ କରୁଛି ଜୁହାର
ବଳବାନ ଭାଇ ଅଟେ କର ପ୍ରତିକାର ।
ପୂଜିବୁ ଶ୍ରୀଚରଣରେ ମଙ୍ଗଳ ବିଧାନେ
ଚଳାଇବୁ ହୃଦଭାବ ବିଭୁଭକ୍ତ୍ୟ ଜ୍ଞାନେ ।
ଭକ୍ତି ପୁଷ୍ପହାର ଦୟାବନ୍ତର କଣ୍ଠରେ
ଶ୍ରଦ୍ଧା-ନଇବେଦ୍ୟ ଦେଇ ପୂଜିବୁ ପୟରେ ।

Digitized by srujan ka@gmail.com

ସତ୍ୟ-ଜ୍ୟୋତି-ଆଲୋକରେ କରିବୁ ଆଳତି
ନିରେଖିବୁ ତାଙ୍କ ରୂପ ଛବି ଜୀବନ୍ତି ।
କେବଳ ତାଙ୍କର ଶୁଭେ ସତତ ଯତନ
ହେବୁ କ୍ଷେତ୍ରେ ସର୍ବକାର୍ଯ୍ୟେ ଦୃଢ଼ କରି ମନ ।
ଆଉ କାସ ଅଧିକରେ କରିବ ଲେଖନ
ଯାର ଇଚ୍ଛା ଯାହା ତୁମ୍ଭ ଲେଖନ୍ତୁ ବହନ ।
ପ୍ରତିନିତ୍ୟ ତାଙ୍କ ଗୃହଁ ଉତ୍ସୁକ ଆଶାରେ
ବସିଅଛୁ କେଉଁ ବଞ୍ଚ ପଠାଇବ ବାରେ ।
ପଶିବୁ ଶରଣ ତାର ପବିତ୍ର ଛବିରେ,
ଚିରକାଳ ଋଣୀ ହୋଇ ସେବିବୁ ପଯ୍ୟରେ ।
ଉତ୍ସର୍ଗ କରିବୁ ପ୍ରାଣ ତାଙ୍କ ଉଦ୍ଦେଶ୍ୟରେ
ସତ୍ୟ ସତ୍ୟ ଏହି ସତ୍ୟ ନିବାର ସତ୍ୟରେ ।
ସତ୍ୟ ପାଳି ସତ୍ୟ ରକ୍ଷା କର ଭକ୍ତଗଣେ
ସତ୍ୟ ପାଳି ସତ୍ୟ କହି ରହିଛନ୍ତି ସଦନେ ।
ମୋର ସତ୍ୟ ରକ୍ଷାକର, ଧର୍ମ ପ୍ରତିପାଳ
ସତ୍ୟ ସୁଧା ବିନ୍ଦୁପଦେ ନିତ୍ୟ ଦେବ ଢାଳି ।

ଶ୍ରୀମତୀ ଅନ୍ନପୂର୍ଣ୍ଣା

"ମନୋରମା"—

ସାହିତ୍ୟ ଚର୍ଚ୍ଚାପାଇଁ ପ୍ରଶଂସା—

ସମସ୍ତ ଅସୁବିଧା ଓ ଅଭାବ ସତ୍ତ୍ୱେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଏହି ବଡଖେମୁଣ୍ଡିରେ ରହିବା ସମୟରେ ଯେପରି ମାତୃଭାଷାର ସେବା କରିଛନ୍ତି, ସେ ସମ୍ବନ୍ଧରେ ଗୋଟିଏ ସଂବାଦ ନିମ୍ନରେ ଉଦ୍ଧୃତ କରାଯିବ ।

Digitized by srujan ka@gmail.com

ଶ୍ରୀମତୀ ଅନ୍ନପୂର୍ଣ୍ଣା

ବଡଖେମୁଣ୍ଡି ରାଜଧାନୀର କରଣବଂଶୀୟା ଶ୍ରୀମତୀ ଅନ୍ନପୂର୍ଣ୍ଣା ବର୍ତ୍ତମାନ ଉତ୍କଳରେ ଜଣେ ନାରୀକବି । ତାଙ୍କର ଆର୍ଥିକ ଅବସ୍ଥା ଅତି ମନ୍ଦ ହେଲେ ମଧ୍ୟ ସେ ସ୍ୱୀୟ ଅବସର କାଳ ଧର୍ମପରିଚର୍ଯ୍ୟା ଏବଂ କବିତା ରଚନାରେ ନିଯୁକ୍ତ କରିଥାନ୍ତି । ତାଙ୍କ ରଚିତ କତିପୟ ପଦ୍ୟ ପବିତ୍ରଭାବ ଏବଂ ସରଳ ଶବ୍ଦରେ ପୂର୍ଣ୍ଣ । ଆଶାକରୁଁ ,ବଡଖେମୁଣ୍ଡିର ଉତ୍ସାହୀ ଏବଂ ଗୁଣଗ୍ରାହୀ ନରପତି ଏହି ନାରୀକବିଙ୍କୁ ସମୁଚିତ ଉତ୍ସାହ ପ୍ରଦାନ କରିବା ବିଷୟରେ କଦାଚ କୁଣ୍ଠିତ ହେବେ ନାହିଁ ।

[ପ୍ରଜାବନ୍ଧୁ—୧-୭-୧୯୦୪]

•

ରାଜାଙ୍କ କ୍ରୋଧ—

ନିଜ ରାଜ୍ୟରେ ପ୍ରକାଶ ପାଇଥିବା ମିଥ୍ୟା ସମ୍ବାଦର ପ୍ରତିବାଦ କରି ଏବଂ ଭବିଷ୍ୟତରେ ସେପରି କୌଣସି ସମ୍ବାଦ ପ୍ରକାଶ ନ କରିବା ଦିଗରେ ଯତ୍ନ ନେବା ପାଇଁ ଶ୍ରୀମତୀ ଅନ୍ନପୂର୍ଣ୍ଣା ବଡଖେମୁଣ୍ଡିର ରାଜାଙ୍କଠାକୁ ଯେଉଁ ପତ୍ର ପଠାଇଥିଲେ, ସେହି ପତ୍ର ପାଇବାମାତ୍ରେ ରାଜାମହୋଦୟ ଅନ୍ନପୂର୍ଣ୍ଣାଙ୍କ ପ୍ରତି ଆହୁରି ଅଧିକ ରୁଷ୍ଟ ହୋଇ-ଥିଲେ ଏବଂ ଏହି କ୍ରୋଧହିଁ ଶ୍ରୀମତୀଙ୍କ ପକ୍ଷରେ ବୋଝ ଉପରେ ନଳିତାବିଡ଼ା ପରି ଦୁର୍ବହ ହେଲା । ଅନ୍ନପୂର୍ଣ୍ଣାଙ୍କ ପତ୍ର ପାଇବାର ଦିନେ ଦୁଇ ଦିନ ମଧ୍ୟରେ ରାଜାମହୋଦୟ ଶ୍ରୀରାମ ପଟ୍ଟନାୟକଙ୍କୁ ନିଜ ରାଜ୍ୟରୁ ବାହାରିଯିବା ପାଇଁ ହୁକୁମ ଦେଲେ । କେବଳ ସେତିକି ନୁହେଁ, ଏହି ହୁକୁମ ଉପରି ତାରିହେଲା, ସେ ସମ୍ବନ୍ଧରେ ନିମ୍ନ କେତୋଟି ସମ୍ବାଦ ଉଦ୍ଧୃତ କଲେ ପାଠକପାଠିକାମାନେ ଏହି ସମୟର ପ୍ରକୃତ ଘଟନାସବୁ ଉତ୍ତମରୂପେ ବୁଝିପାରିବେ ।

Digitized by srujan ka@gmail.com

୧ମ ସଂବାଦ—"ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କର ବିପଦ"—

ସହଯୋଗୀ ଗଞ୍ଜାମ "ଗୁଣଦର୍ପଣ" ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କୁ ବୃହତ୍‌ଖେମୁଣ୍ଡି ରାଜା ୧୦ ଟଙ୍କା ସାହାଯ୍ୟ ଦାନ କରିଥିବାର ଅପ୍ରକୃତ ସମ୍ବାଦ ପ୍ରକାଶ କରିବାରୁ ଶ୍ରୀମତୀ ସେହି ସମ୍ବାଦ "ଉତ୍କଳବାର୍ତ୍ତା" ଓ ସମ୍ବଲପୁର "ହିତୈଷିଣୀ"ରେ ଲେଖିଥିଲେ । ପରନ୍ତୁ ସେ ସମ୍ବନ୍ଧେ ବୃହତ୍‌ଖେମୁଣ୍ଡିର ରାଜାମହୋଦୟଙ୍କଠାରୁ ମଧ୍ୟ ଖଣ୍ଡିଏ ପତ୍ର ଲେଖିଥିଲେ । ଶୁଣିଲୁଁ, ରାଜାମହୋଦୟ ଶ୍ରୀମତୀଙ୍କର ଏହି କାର୍ଯ୍ୟରେ ବିରକ୍ତ ହୋଇ ତାହାଙ୍କର ସ୍ୱାମୀଙ୍କୁ ଦେଇଥିବା ଚାକିରୀରୁ ବରଖାସ୍ତ କରିଅଛନ୍ତି । ବାସ କରୁଥିବା ଗୃହରୁ ମଧ୍ୟ ବାହାରିଯିବା କାରଣ ନୋଟିସ ଦେବାରୁ ସେମାନେ ନିରୁପାୟ ହୋଇ ସେଠାରୁ ବାହାରି ଆସି ବ୍ରହ୍ମପୁରଠାରେ ରହିଅଛନ୍ତି । * * *

—ଉତ୍କଳବାର୍ତ୍ତା—୨୧-୮-୧୯୦୭

୨ୟ ସମ୍ବାଦ—"ନାଟ୍ୟକାରଙ୍କ ବିପଦ"—

ନାଟ୍ୟକାର ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ପତିଙ୍କୁ ବୃହତ୍‌ଖେମୁଣ୍ଡିର ରାଜା ଚାକିରୀ ଓ ଭୂସମ୍ପତ୍ତି ଦାନ କରିବାରୁ ସେ ଅନ୍ୟଠାରୁ ଯେଉଁ ସାହାଯ୍ୟ ପାଉଥିଲେ, ତହିଁରୁ ବଞ୍ଚିତ ହେଲେ । ରାଜଦତ୍ତ ସାହାଯ୍ୟରେ ତାହାଙ୍କର ଚଳାଚଳ କଷ୍ଟ ହେଲା । ଏଣୁ ସେ ନିଜର କଷ୍ଟ କୌଣସି କୌଣସି ସମ୍ବାଦ ପତ୍ରରେ ଲେଖିଥିଲେ; ବୃହତ୍‌ଖେମୁଣ୍ଡିର ରାଜାମହୋଦୟଙ୍କୁ ମଧ୍ୟ ପତ୍ରଦ୍ୱାରା ଜଣାଇଥିଲେ । ବର୍ତ୍ତମାନ ଶୁଣୁଅଛୁଁ ଯେ, ରାଜାମହୋଦୟ ନାଟ୍ୟକାରଙ୍କର ଏତାଦୃଶ କାର୍ଯ୍ୟରେ ବିରକ୍ତ ହୋଇ ତାହାଙ୍କ ସ୍ୱାମୀଙ୍କୁ ଚାକିରୀରୁ ବରଖାସ୍ତ କରିଅଛନ୍ତି । ପତ୍ରାନ୍ତରରୁ ପ୍ରକାଶ ଯେ, ସେମାନଙ୍କୁ ଗୃହରୁ ବାହାରିଯିବା ପାଇଁ ନୋଟିସ ଦେଇଥିଲେ । ବର୍ତ୍ତମାନ ଏହି ଦମ୍ପତି ବ୍ରହ୍ମପୁରରେ

Digitized by srujan ka@gmail.com

ଅବସ୍ଥାନ କରୁଅଛନ୍ତି । ସହଯୋଗୀ "ଗୁଣଦର୍ପଣ" ଶ୍ରୀମତୀଙ୍କ ପତ୍ରକୁ ଯେ ଭାବରେ ବ୍ୟାଖ୍ୟା କରିଅଛନ୍ତି, ବୋଧହୁଏ ରାଜାବାହାଦୂର ସେ ଭାବରେ ବୁଝି ଏପରି ଆଦେଶ ଦେଇଅଛନ୍ତି । ସହଯୋଗୀ ଯେ କି ଗୂଢ଼ ରହସ୍ୟ ଜାଣନ୍ତି, ତାହା ଆମ୍ଭେମାନେ ବୁଝିବାକୁ ଅକ୍ଷମ ।

—"ମନୋରମା" ୨୬-୮-୧୯୦୭

ଅନ୍ୟ ସଂବାଦ—"ନାଗ୍ପୁରର ଅନ୍ନପୂର୍ଣ୍ଣାଙ୍କ ଅବସ୍ଥା"—

ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ବୃହତ୍‌ଖେମୁଣ୍ଡି ରାଜାଙ୍କୁ ଯେଉଁ ପତ୍ର ଲେଖିଥିଲେ, ତାହାର ଅବିକଳ ନକଲ ସହିତ ଆମ୍ଭମାନଙ୍କର ଜନୈକ ବନ୍ଧୁ କଟକରୁ ଲେଖିଛନ୍ତି, "ନାଗ୍ପୁରର ଅନ୍ନପୂର୍ଣ୍ଣା ଯେପରି ଅପମାନିତା ହୋଇ ବଡଖେମୁଣ୍ଡିରୁ ବିତାଡିତ ହୋଇଅଛନ୍ତି, ତାହା ଶୁଣିଲେ ହୃଦୟ ଅବସନ୍ନ ହୋଇଯାଏ । ବଡ଼ଖେମୁଣ୍ଡି ରାଜାଙ୍କର ଏହିପରି ଅନୁଚିତ ବ୍ୟାପାର ଦେଖି ଆମ୍ଭେମାନେ ଏକାବେଳକେ ଅବାକ୍ ! ଗୃହରୁ ଅନ୍ତର ହେବା ନିମନ୍ତେ ନୋଟିସ ଦେଇଥିବା କଥା ଯଥାର୍ଥ । ଏତିକିମାତ୍ର ନୁହେଁ, ରାଜା ସାହେବ ପୋଲିସ ସହାୟରେ ଅନ୍ନପୂର୍ଣ୍ଣାଙ୍କୁ ବିତାଡିତ କରିବା ନିମନ୍ତେ କେତେକ ପୋଲିସ (Constable) କନଷ୍ଟେବଲଙ୍କୁ ମଧ୍ୟ ପଠାଇଥିଲେ । "ଗୁଣଦର୍ପଣ"ରେ ଅନ୍ନପୂର୍ଣ୍ଣା ଦେବୀଙ୍କ ପତ୍ରର ମର୍ମ ଯେଉଁ ପ୍ରକାରେ ପ୍ରକାଶିତ ହୋଇଅଛି, ତାହା ବାସ୍ତବ ନୁହେଁ । ରାଜାଙ୍କ ନିକଟକୁ ଏହି ପତ୍ର ପ୍ରେରିତ ହୋଇଥିଲା । ମାତ୍ର 'ଗୁଣଦର୍ପଣ' ଏଥିର ମର୍ମ ବିକୃତାକାରରେ ପ୍ରକାଶ କରି ପାଠକମାନଙ୍କୁ ପ୍ରତାରିତ କରିଅଛନ୍ତି ।"

"ମନୋରମା"—୧୬ । ୯ । ୧୯୦୭

ବଡ଼ଖେମୁଣ୍ଡି ତ୍ୟାଗ—

ନିଜ ରାଜ୍ୟ ଛାଡ଼ିବାପାଇଁ ରାଜାମହୋଦୟଙ୍କଠାରୁ ଅତି ଜରୁର ହୁକୁମ ପାଇବା ମାତ୍ରେ ଶ୍ରୀରାମ ପଟ୍ଟନାୟକ ନିଜ ପରିବାରଙ୍କୁ ନେଇ କେଉଁ ସ୍ଥାନକୁ ଯିବେ, ତାହା ସ୍ଥିର କରିପାରି ନ ଥିଲେ। ନିଜ ଜନ୍ମସ୍ଥାନ ପୁରୁଷୋତ୍ତମପୁର୍‌ରେ ନିଜର ଘରଖଣ୍ଡିକ ବ୍ୟତୀତ ଅନ୍ୟ କୌଣସି ସଂପତ୍ତି ନ ଥିଲା। ଏଣୁ ଯେ କୌଣସି ସ୍ଥାନକୁ ଗଲେ ମଧ୍ୟ ପ୍ରଥମେ ନିଜର ଏବଂ ନିଜ ପରିବାରଙ୍କ ପାଇଁ ଖାଦ୍ୟ-ପେୟର ସୁବିଧା କରିବାକୁ ହେବ। ବଡଖେମୁଣ୍ଡିରେ ଛଅ ବର୍ଷ କାଳ ରହି ସୁଦ୍ଧା କୌଣସି ସ୍ଥାୟୀ ସଂପତ୍ତି କିଂବା ପ୍ରଚୁର ଧନ ସେ ରଖିପାରି ନ ଥିଲେ; ନିର୍ଦ୍ଧନ ହେବା ସଙ୍ଗେ ସଙ୍ଗେ ଅନେକ ଲୋକଙ୍କଠାରୁ ଧାର ଉଧାର କରି ଋଣୀ ହୋଇଥିଲେ। ଏପରି ଏକାଧିକ ଅସୁବିଧା ସତ୍ତ୍ୱେ ବର୍ତ୍ତମାନ ଏହି ରାଜ୍ୟ ଛାଡ଼ିବା ପାଇଁ ଶ୍ରୀରାମଙ୍କୁ ବାଧ୍ୟ କରାଯାଇଥିଲା। ଏହି ଅବସ୍ଥାରେ ଶ୍ରୀରାମ ଏବଂ ଅନ୍ନପୂର୍ଣ୍ଣା ଅନ୍ୟ କୌଣସି ସୁବିଧା ନ ଦେଖି ଓଡ଼ିଶାର ଏକାଧିକ ରାଜା, ମହାରାଜା ଓ ଧନୀ ବ୍ୟକ୍ତିଙ୍କ ପାଖକୁ ପତ୍ର ଲେଖି ସେମାନଙ୍କର ଆଶ୍ରୟ ଭିକ୍ଷା କରିଥିଲେ ! କିନ୍ତୁ ପରିତାପର ବିଷୟ, କୌଣସି ରାଜାମହାରାଜା ଏମାନଙ୍କୁ ଆର୍ଥିକ ସାହାଯ୍ୟ ଦେବା ତେଣେ ଥାଉ, ପ୍ରେରିତ କାତରୋକ୍ତିପୂର୍ଣ୍ଣ ପତ୍ରର ଉତ୍ତର ମଧ୍ୟ ଦେଇ ନ ଥିଲେ !

ସବୁଦିଗରୁ ଏପରି ହତାଶ ହୋଇ ମୁଣ୍ଡରେ ହାତ ଦେଇ ବସିବା ସମୟରେ ହଠାତ୍ ଖଣ୍ଡିଏ ଚିଠି ଆସି ଶ୍ରୀରାମଙ୍କଠାରେ ପହଞ୍ଚିଲା। ଏହି ଚିଠିରେ ବ୍ରହ୍ମପୁରର ଓକିଲ ଶ୍ରୀଯୁକ୍ତ ପର୍ଶୁରାମ ପାତ୍ର(ଆଜିକାଲି ସର ଏ.ପି. ପାତ୍ର)ଏମାନଙ୍କ ପାଖକୁ ଲେଖିଥିଲେ।

Digitized by srujan ka@gmail.com

"ମୁଁ ତୁମ୍ଭମାନଙ୍କ ପାଇଁ ସମସ୍ତ ସୁବିଧା କରୁଛି । ତୁମ୍ଭେମାନେ ଯଥାଶୀଘ୍ର ଏଠାକୁ ଆସିବା ପାଇଁ ଯତ୍ନକର ।"

"ବୁଢ଼ା ମଲା ଲୋକ କୁଷ୍ଠାଶଣ୍ଡିକୁ ଧରିବା" ନ୍ୟାୟରେ ବଡ଼ଖେମୁଣ୍ଡି ରାଜ୍ୟରୁ ବାହାର ହେବା ସଙ୍ଗେ ସଙ୍ଗେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଏବଂ ତାହାଙ୍କର ସ୍ୱାମୀ ସପରିବାରରେ ସେଠାରୁ ଯାଇ ବ୍ରହ୍ମପୁରରେ ଶ୍ରୀଯୁକ୍ତ ପାତ୍ରଙ୍କ ଓଳତଳେ ଆଶ୍ରୟ ନେଲେ । ରାଜା ଏବଂ ରାଜକର୍ମଚାରୀଙ୍କ ବ୍ୟତୀତ ବଡ଼ଖେମୁଣ୍ଡିର ଅନେକ ସାଧାରଣ ଲୋକ ଏମାନଙ୍କର ବଡଖେମୁଣ୍ଡି ତ୍ୟାଗରେ ବିଶେଷ ଦୁଃଖିତ ଥିଲେ । ଏପରି କି, ଅନେକ ମହାଜନ ନିଜର ବାକି ଟଙ୍କା ଆଉ ନ ମାଗିବା ପାଇଁ କହିଲେ ଏବଂ ଏକାଧିକ ସ୍ଥାନୀୟ ଧନୀବ୍ୟକ୍ତି ଏହି ପରିବାରଙ୍କ ବାଟଖର୍ଚ୍ଚ ଏବଂ ଖାଦ୍ୟପେୟ ପାଇଁ ପ୍ରାୟ ୫୦ ଟଙ୍କା ନିଜ ମଧ୍ୟରେ ଚାନ୍ଦା ଉଠାଇ ଏମାନଙ୍କ ହାତରେ ଦେଇଥିଲେ । ଏପରି ଅସମୟରେ ସାହାଯ୍ୟକାରୀ ଅସଂଖ୍ୟ ବନ୍ଧୁଙ୍କୁ ଶ୍ରୀମତୀ ଅନ୍ନପୂର୍ଣ୍ଣା ଏବଂ ଶ୍ରୀରାମ ଆଜି ପର୍ଯ୍ୟନ୍ତ ପାସୋରି ନାହାନ୍ତି । ସେମାନଙ୍କର ଉଦାରତା ଏବଂ ଆର୍ଥିକ ସାହାଯ୍ୟ ପାଇଁ ଏମାନେ ଚିରକୃତଜ୍ଞ ଥିବାର ମଧ୍ୟ କହନ୍ତି ।

୨ଷ୍ଟ—ପ୍ରଥମବାର ପାରଳାଖେମୁଣ୍ଡି ଯାତ୍ରା—

ବ୍ରହ୍ମପୁରରେ ଥିବା ସମୟରେ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ସଦ୍‌ଗୁଣ ଗୁଡ଼ିକୁ ଶୁଣିପାରି ପାରଳାର ରାଜାସାହେବ (ବର୍ତ୍ତମାନର ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ) ଅନ୍ନପୂର୍ଣ୍ଣାଙ୍କୁ ନେଇ ନିଜ ରାଜଧାନୀରେ ରଖିବା ପାଇଁ ଇଚ୍ଛା କରିଥିଲେ । ଏହି ଇଚ୍ଛା ପୂରଣ କରିବା ପାଇଁ ରାଜାସାହେବ ଶ୍ରୀଯୁକ୍ତ ମାନଧାତା ଗୋରଚନ୍ଦ୍ର ପଟ୍ଟନାୟକ ବି. ଏଲ୍ ଏବଂ ନିଜର 'ପାଲେସ୍ ସୁପରିଣ୍ଟେଣ୍ଡେଣ୍ଟ

Digitized by srujan ka@gmail.com

ଶ୍ରୀଯୁକ୍ତ ନିତ୍ୟାନନ୍ଦ ପଟ୍ଟନାୟକଙ୍କ ଜରିଆରେ ଶ୍ରୀମତୀଙ୍କ ପାଖକୁ ସମ୍ବାଦ ପଠାଇଥିଲେ ଏବଂ ନିଜେ ବ୍ରହ୍ମପୁର ଆସି ଏ ବିଷୟରେ ଶ୍ରୀରାମ ପଟ୍ଟନାୟକଙ୍କ ସହ କଥାବାର୍ତ୍ତା ହୋଇଥିଲେ । ସରଳବିଶ୍ୱାସୀ ଶ୍ରୀରାମ ପାରଳା ଯିବା ପାଇଁ ସମ୍ମତ ହୋଇଥିଲେ; କିନ୍ତୁ ଏ କଥା ଶୁଣିବା ମାତ୍ରେ ଅନ୍ନପୂର୍ଣ୍ଣା ବିଶେଷ ବ୍ୟଥିତ ହେଲେ । ବଡ଼ଖେମୁଣ୍ଡି ରାଜ୍ୟର ଅନୁଭୂତି ପରେ ପୁଣି ଆଉ ଏକ ରାଜଧାନୀରେ ରହି ସେଠା ରାଜାଙ୍କ ଆଶ୍ରିତ ହେବା ସମ୍ବନ୍ଧେ ଶ୍ରୀମତୀ ନିଜର ତୀବ୍ର ପ୍ରତିବାଦ ପ୍ରକାଶ କଲେ । ତଥାପି ନିଜର ସ୍ୱାମୀ ପୂର୍ବରୁ ରାଜା-ମହୋଦୟଙ୍କଠାରେ ସତ୍ୟ କରିଥିବାରୁ ପାରଳାର ଆଭ୍ୟନ୍ତରୀଣ ଅବସ୍ଥା ଜାଣିବା ପାଇଁ ଅନ୍ନପୂର୍ଣ୍ଣା ଥରେ ସେଠାକୁ ଯିବା ସ୍ଥିର କଲେ । ଏହି ଲକ୍ଷ୍ୟରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ନିଜର ସ୍ୱାମୀ ଓ ପିଲା-ମାନଙ୍କୁ ଧରି ପ୍ରଥମ ଥର ପାଇଁ ୧୯୧୫ ଖ୍ରୀଷ୍ଟାବ୍ଦର ପ୍ରଥମ ଭାଗରେ ପାରଳାଖେମୁଣ୍ଡି ଗଲେ । ଏମାନେ ଯିବା ପାଇଁ ରାଜାମହୋଦୟ ସମସ୍ତ ସୁବିଧା କରିଦେଇଥିଲେ ।

ପାରଳାରେ ପହଞ୍ଚିବା ପରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ସେଠା ରାଜ-ନବରକୁ ଯାଇ ରାଜାଙ୍କ ପଟ୍ଟ-ମହିଷୀ ଓ ରାଜମାତା ପ୍ରଭୃତିଙ୍କ ସହିତ ସାକ୍ଷାତ୍ କରିଥିଲେ । ଏହି ପ୍ରଥମ ସାକ୍ଷାତ୍ ପରେ ରାଜା ସାହେବଙ୍କର ଇଚ୍ଛା ହେଲ ଯେ, ଅନ୍ନପୂର୍ଣ୍ଣା ପଟ୍ଟମହିଷୀଙ୍କ ଶିକ୍ଷୟିତ୍ରୀରୂପେ ନିଯୁକ୍ତ ହେବେ ଏବଂ ତାହାଙ୍କ ସ୍ୱାମୀଙ୍କୁ ସ୍ଥାନୀୟ ରାଜକୀୟ ମୁଦ୍ରଣାଳୟରେ କାର୍ଯ୍ୟ ଦିଆଯିବ । ଏହି ପ୍ରସ୍ତାବରେ ଶ୍ରୀରାମ ପଟ୍ଟନାୟକ ଏକପ୍ରକାର ସ୍ୱୀକୃତ ହେଲେ; କିନ୍ତୁ ଅନ୍ନପୂର୍ଣ୍ଣାଙ୍କର ଆଦୌ ଇଚ୍ଛା ହେଲ ନାହିଁ । ବ୍ୟକ୍ତିଗତ ଭାବରେ ପାଟରାଣୀଙ୍କୁ ଦେଖି ଅନ୍ନପୂର୍ଣ୍ଣା ମୁଗ୍ଧ ହୋଇଥିଲେ । କିନ୍ତୁ ରାଜ-ଅନ୍ତଃପୁରବାସିନୀମାନଙ୍କର ସମସ୍ତ ସ୍ନେହ ଓ ଆଦରସତ୍ତ୍ୱେ ରାଜସେବା କରି ପୁଣି ବଡଖେମୁଣ୍ଡିର

Digitized by srujan ka@gmail.com

ଅନୁଭୂତିକୁ ଆହ୍ୱାନ କରିବା ତାହାଙ୍କୁ ସୁଖକର ବୋଧହେଲା ନାହିଁ । ଏପରି ଅସ୍ଥିର ମନରେ ଅନ୍ନପୂର୍ଣ୍ଣା ଏବଂ ଶ୍ରୀରାମ ପଟ୍ଟନାୟକ ସ୍ୱଜନପରିବାରଙ୍କଠାରୁ ବିଦାୟ ନେଇ ବ୍ରହ୍ମପୁର ଫେରିଥିଲେ । ବ୍ରହ୍ମପୁର ଫେରିବା ପରେ ଶ୍ରୀମତୀ ନିମ୍ନ କବିତା ଲେଖି ପ୍ରକାଶ କରିଥିଲେ ।

ବିଦାୟ

ଶ୍ରୀରାମଙ୍କ ନିକଟରୁ ନେଉଛି ବିଦାୟ,
କରୁଣା ନୟନେ ଚାହିଁ କହନ୍ତୁ ଉପାୟ ।
ଯାଉଅଛି ରଖି ଦୟା ନ କର ନିରାଶ,
ଦୂରୀଭୂତ ହେଉ ମନୁ ସକଳ ହୁତାଶ ।
ଗୌରବ ରଖଇ ସିନା ସମଭାବ ପ୍ରାଣ,
ଅନ୍ୟପ୍ରାଣେ ଏହି କଥା ନ ମିଳେ କାରଣ ।
ସମୟ ସ୍ରୋତରେ ଜୀବ ହୁଏ ଭାସମାନ,
ସମୟର ମୂଲ୍ୟ ଚିହ୍ନି ଉପୁଜାନ୍ତୁ ଜ୍ଞାନ ।
ଜଗତକୁ କି ହେତୁରେ ଆସିଅଛି ଜୀବ,
ଏହି କଥା ଭଲରୂପେ ତବ ଚିତ୍ତେ ଥିବ ।
ନାରୀ ଅଭିମାନ ସିନା ରଖିପାରେ ନାରୀ,
ଅନ୍ଧକାରୁ ଆଲୋକକୁ ଆଣଇ ଉଦ୍ଧରି ।
ଏ ମୁହୂର୍ତ୍ତେ ତବ ବାହୁଚ୍ଛାୟାରେ ଆଶ୍ରିତ,
ହେଲୁ ଜାଣ ଅନ୍ୟଭାବ ନ କର ଉଦିତ ।
ମନପୁଷ୍ପ ଅର୍ପିଦେଲି ତବ ଚରଣରେ,
ସୁଗନ୍ଧ ଗ୍ରହଣ କର ସାଦର ପ୍ରେମରେ ।

ଶ୍ରୀମତୀ ଅନ୍ନପୂର୍ଣ୍ଣା

[ଉତ୍କଳବାର୍ତ୍ତା—୨ । ୧୦ । ୧୯୧୫]

Digitized by srujan ka@gmail.com

ଅନ୍ନପୂର୍ଣ୍ଣାଙ୍କର ପୁଣି ସ୍ଥାୟୀ ହୋଇ ରହିବା ପାଇଁ ଅନିଚ୍ଛା ହେବା ଦେଖି ଶ୍ରୀରାମ ପଟ୍ଟନାୟକ ତାହାଙ୍କୁ ଦିଓଟି ପ୍ରଲୋଭନ ଦେଖାଇଥିଲେ ।

ପ୍ରଥମ—ସ୍ଥାୟୀ ବିଶେଷତଃ ପାରଳା ରାଜାଙ୍କ ପରି ଶିକ୍ଷିତ ଓ ଦାନଶୀଳ ରାଜାଙ୍କ ଆଶ୍ରିତ ହୋଇ ରହିଲେ ନିଜର ପୂର୍ବ ଋଣ ସବୁ ଅଚିରେ ପରିଶୋଧ କରିପାରିବେ ।

ଦ୍ୱିତୀୟ—ଏହି ରାଜାଙ୍କର ଗୋଟିଏ ସ୍ୱତନ୍ତ୍ର ଛାପାଖାନା ଅଛି । ଏଠାରେ ଅନ୍ନପୂର୍ଣ୍ଣାଙ୍କର ସବୁ ଲେଖାଗୁଡ଼ିକ ପୁସ୍ତକାକାରରେ ଛାପି ପ୍ରକାଶ କରିବା ସମ୍ଭବ ହେବ ।

ଏ ଦିଓଟି ପ୍ରଲୋଭନ ଦେଖାଇ ଶ୍ରୀରାମ ନାଟ୍ୟକାରଙ୍କୁ ପାରଳା ଯିବାପାଇଁ ସ୍ୱୀକୃତ କରାଇଲେ । ସ୍ୱାମୀଙ୍କଠାରେ ଦୃଢ଼ ବିଶ୍ୱାସ ରଖି ପୁଣି ପାରଳା ଯାଇ ସେଠାରେ ସ୍ଥାୟୀ ହୋଇ ରହିବା ସମୟରେ ଏମାନଙ୍କର କି କି ଅନୁଭୂତ ହୋଇଥିଲା, ସେ ବିଷୟ ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣିତ ହେବ ।

୬ମ—କଟକେମୁଣ୍ଡିରୁ ଆସିବା ପରେ ଶ୍ରୀରାମ ପଟ୍ଟନାୟକ ବ୍ରହ୍ମପୁରର ସ୍ଥାନୀୟ ତହସିଲଦାରଙ୍କ ଅଫିସରେ କିରାଣୀ କାର୍ଯ୍ୟ ପାଇ-ଥିଲେ । ଏହି କାର୍ଯ୍ୟ ଅଳ୍ପ କେତେକ ସମୟ କଲା ପରେ ଶ୍ରୀଯୁକ୍ତ ପରଶୁରାମ ପାତ୍ରଙ୍କ ଆନୁକୂଲ୍ୟରେ ସ୍ଥାନୀୟ ବନ୍ଦୋବସ୍ତ (ସେଟେଲ୍-ମେଣ୍ଟ) ଅଫିସରେ ମାସିକ ୫୩୫୧ର ସ୍ଥାୟୀ କାର୍ଯ୍ୟ ପାଇଥିଲେ । ଏହି କାର୍ଯ୍ୟରେ ଶ୍ରୀରାମ ବ୍ରହ୍ମପୁର ଛାଡ଼ିବାଯାଏ ରହିଥିଲେ ।

—:*:—

Digitized by srujan ka@gmail.com

ବ୍ରହ୍ମପୁରର ଅନୁଭୂତି

ବ୍ରହ୍ମପୁର ଆସି ଏଠାର ଓକିଲ ଶ୍ରୀଯୁକ୍ତ ପରଶୁରାମ ପାତ୍ରଙ୍କ ଆଶ୍ରୟରେ ରହିବା ସମୟରେ ଅନ୍ନପୂର୍ଣ୍ଣାଙ୍କ ଅବସ୍ଥା କଣ ଥିଲା, ସେ କଥା ନିମ୍ନ ସଂବାଦରୁ ସ୍ପଷ୍ଟ ଜାଣିହେବ—

—ନାଟ୍ୟକବିଙ୍କର ଦୁରବସ୍ଥା—

"ବାବୁ ଶ୍ରୀରାମ ପଟ୍ଟନାୟକଙ୍କ ସହଧର୍ମିଣୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ଉତ୍କଳରେ ଜଣେ ନାଟ୍ୟକବି । ଶ୍ରୀମତୀଙ୍କର କବିତା ଶକ୍ତି ଶ୍ରୀରାମଙ୍କର ସର୍ବନାଶ ହୋଇଅଛି । ନାମଧାମ ପ୍ରକାଶ କରି କବିତା ଲେଖିବା ହେତୁ ଉକ୍ତ ଦମ୍ପତି ଅନେକ ରକ୍ଷଣଶୀଳ ଲୋକଙ୍କର ଚକ୍ଷୁଃଶୂଳ ହୋଇଅଛନ୍ତି । ଶ୍ରୀରାମ ବାବୁ ବଡ଼ଖେମଣ୍ଡି ରାଜାଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ । କି ବିଶେଷ ଘଟଣାବଶତଃ ଉକ୍ତ ଦମ୍ପତି ବଡଖେମୁଣ୍ଡି ତ୍ୟାଗ କରି ବ୍ରହ୍ମପୁରରେ ବାସକରୁଅଛନ୍ତି । ସେମାନଙ୍କର ଆର୍ଥିକ ଅବସ୍ଥା ଅତି ମନ୍ଦ । ବର୍ତ୍ତମାନ ପଞ୍ଚଶତାଧିକ ଟଙ୍କା ଋଣ ଅଛି । ଅର୍ଥାଭାବରୁ ଭ୍ରାତାମାନଙ୍କୁ ଶିକ୍ଷା ଦେବାକୁ ଅପାରଗ । ବର୍ତ୍ତମାନ ଶ୍ରୀମତୀ ଅନ୍ତଃସତ୍ତ୍ୱା ଅବସ୍ଥାରେ ଥାଇ ରୋଗପୀଡିତା ହୋଇଅଛନ୍ତି । ଏଣୁ ଶ୍ରୀରାମ ବାବୁ ବଡ଼ କଷ୍ଟରେ ଅଛନ୍ତି । ବ୍ରହ୍ମପୁରର ସୁପ୍ରସିଦ୍ଧ ଓକିଲ ପରଶୁରାମ ବାବୁ ଉକ୍ତ ବିପନ୍ନ ପରିବାର ପ୍ରତି କୃପାଦୃଷ୍ଟି ନିକ୍ଷେପ କରି ନ ଥିଲେ ସେମାନଙ୍କ ଦୁରବସ୍ଥାର ସୀମା ନ ଥାନ୍ତା । ଉତ୍କଳରେ ଗୁଣଗ୍ରାହକ ସହୃଦୟସମ୍ପନ୍ନ ବ୍ୟକ୍ତିର ଅଭାବ ନାହିଁ । ଆଶାକରୁ, ସେମାନେ ଉକ୍ତ ବିପନ୍ନ ପରିବାର ପ୍ରତି ପରଶୁରାମ ବାବୁଙ୍କ ପରି ଯଥୋଚିତ ପ୍ରସନ୍ନ ଦୃଷ୍ଟି ନିକ୍ଷେପ କରିବେ ।"

[ପ୍ରଜାବନ୍ଧୁ—ତା ୧୯ । ୯ । ୧୯୦୭]

ବ୍ରହ୍ମପୁରରେ ପହଞ୍ଚିବାର କିଛିଦିନ ପରେ ପର୍ଶୁରାମ ପାତ୍ରଙ୍କ ଯତ୍ନରୁ ଶ୍ରୀରାମ ପଟ୍ଟନାୟକ ସ୍ୱାମୀଙ୍କ ତହସିଲ୍‌ଦାରଙ୍କ ଅଫିସରେ ମାସିକ ୧୯୫୯ର ଗୋଟିଏ କିରାଣୀ କାର୍ଯ୍ୟ ପାଇଥିଲେ । ଏହି ମାସିକ ବେତନ ଅତି ସ୍ୱଳ୍ପ ଥିବାରୁ ତାହାର ଖର୍ଚ୍ଚରେ ଏହି ପରିବାର ଚଳିବା ପାଇଁ ଅସୁବିଧା ଭୋଗ କରୁଥିଲେ । ପୂର୍ବରୁ ଏହି ପରିବାରଙ୍କୁ ରକ୍ଷା କରିବା ନିମନ୍ତେ ପ୍ରତିଜ୍ଞା କରିଥିବାରୁ ପାତ୍ରମହୋଦୟ ଅନ୍ନପୂର୍ଣ୍ଣାଙ୍କର ଯାହା ଅଭାବ ହେଉଥିଲା, ତାହା ପୂରଣ କରୁଥିଲେ । ଏପରି ଦୀର୍ଘ ୮।୯ ବର୍ଷ କାଳ ପର୍ଶୁରାମ ବାବୁ ଏହି ପରିବାରଙ୍କୁ ପୋଷିଥିଲେ । ଏଥିପାଇଁ ଏମାନେ ପାତ୍ରଙ୍କଠାରେ ଆଜୀବନ ଋଣୀ ଥିବାର ସର୍ବଦା ପ୍ରକାଶ କରନ୍ତି । ଏ ସମ୍ବନ୍ଧରେ ନାସ୍ତିକବଙ୍କ ଖଣ୍ଡିଏ ପତ୍ର ଏଠାରେ ଉଦ୍ଧୃତ ହେବ ।

—କୃତଜ୍ଞତା—

"ଆମ୍ଭମାନଙ୍କର ଉତ୍କଟ ଲାଞ୍ଛନା ଭୋଗ ବିଷୟ ଉତ୍କଳ ସଂପୂର୍ଣ୍ଣ ଅବଗତ । ସେ ସମ୍ବନ୍ଧରେ ଅଧିକ କହି ହୃଦୟର କ୍ଷୁଦ୍ରତା ପ୍ରକାଶ କରିବା ମୋର ଇଚ୍ଛା ନୁହେଁ । "ଗତସ୍ୟ ଶୋଚନା ନାସ୍ତି" ଏହି ମହାବାଣୀ ସ୍ମରଣ କରି ହୃଦୟକୁ ଶାନ୍ତ କରେ । ଘୋର ବର୍ଷା କାଳରେ ନିଃସହାୟ ହୋଇ ଅପରିଚିତ ସ୍ଥାନରେ ବାସ କରିବା କେତେଦୂର କଷ୍ଟକର, ତାହା ଅଧିକ କହିବାର ଆବଶ୍ୟକ ନାହିଁ । ଏହି ଘୋର ସଂକଟକାଳରେ ଶ୍ରୀଯୁକ୍ତ ବାବୁ ପରଶୁରାମ ପାତ୍ର ମହୋଦୟ ଆମ୍ଭମାନଙ୍କର ପୂର୍ଣ୍ଣ ସାହାଯ୍ୟ କରି ବିପନ୍ନବତ୍ସଳତାର ପରାକାଷ୍ଠା ଦେଖାଇଅଛନ୍ତି । ବ୍ରହ୍ମପୁରରେ ସୁଖସ୍ୱଚ୍ଛନ୍ଦରେ ରହିବା ଏବଂ ମୋର ପୂଜନୀୟ ପତିମହୋଦୟଙ୍କର କାର୍ଯ୍ୟଲାଭ ହେବା ବିଷୟରେ ବାବୁ ମହାଶୟ ଯଥେଷ୍ଟ ଶ୍ରମସ୍ୱୀକାର ଏବଂ ଅର୍ଥ

Digitized by srujan ka@gmail.com

ବ୍ୟସ୍ତ କରିଅଛନ୍ତି । ତାହାଙ୍କର ସହାୟତା ଲାଭ କରି ନ ଥିଲେ ଆମ୍ଭମାନଙ୍କର ଗତି କଅଣ ହୋଇଥାନ୍ତା, ତାହା ଭାବିଲେ ହୃତ୍କମ୍ପ ହୁଏ । ଏହି ସବୁ କାରଣରୁ ତାଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିବା ମୋର ଏକାନ୍ତ କର୍ତ୍ତବ୍ୟ । ବାବୁ ମହାଶୟଙ୍କର ଜୟ ହେଉ ଏବଂ ସେ ସୁଦୀର୍ଘଜୀବୀ ହୋଇ ଉତ୍କଳର ଉନ୍ନତ-ଗଗନରେ ଏହିପରି ଧ୍ରୁବ ନକ୍ଷତ୍ରରୂପେ ବିରାଜମାନ ଥାନ୍ତୁ, ଈଶ୍ୱରଙ୍କ ନିକଟରେ ମୋର ଏହି ପ୍ରାର୍ଥନା ।

ଶ୍ରୀମତୀ ଅନ୍ନପୂର୍ଣ୍ଣା
["ପ୍ରଜାବନ୍ଧୁ"-୧୯ । ୧୨ । ୧୯୦୭]

ବ୍ରହ୍ମପୁରରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଓ ଶ୍ରୀରାମ ପଟ୍ଟନାୟକ ୧୯୦୭ଠାରୁ ୧୯୧୪ପର୍ଯ୍ୟନ୍ତ ଦୀର୍ଘ ୮ ବର୍ଷ କାଳ ରହିଥିଲେ । ଏହି ୮ ବର୍ଷ ମଧ୍ୟରେ ବ୍ରହ୍ମପୁର ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଏକାଧିକ ସାହିତ୍ୟିକଙ୍କ ସହ ଘନିଷ୍ଠତା ସ୍ଥାପନ, ବିଭିନ୍ନ ସଭା-ସମିତିରେ ଯୋଗଦାନ ଏବଂ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ସମ୍ବାଦ-ପତ୍ରରେ ନିଜର କବିତା ଓ ପ୍ରବନ୍ଧମାନ ପ୍ରକାଶ କରିବାପାଇଁ ଶ୍ରୀମତୀ ସୁବିଧା ପାଇଥିଲେ । ବଡ଼ଖେମୁଣ୍ଡିରେ ଯେଉଁ ଅଳ୍ପ କେତେକ କବିତା ଓ ପ୍ରବନ୍ଧ ତାହାଙ୍କର କଲମ ମୁନରୁ ଅଙ୍କୁରିଥିଲା, ଏଠାରେ ସେ ଗୁଡ଼ିକ ପ୍ରସ୍ଫୁଟିତ ହୋଇ ଦେଶବାସୀଙ୍କ ମଧ୍ୟରେ ବିକଶିଥିଲା !

ଏଠାରେ ଥିବା ସମୟରେ ଶ୍ରୀମତୀଙ୍କ ସବୁ ଅନୁଭୂତିଗୁଡ଼ିକୁ ନିମ୍ନ କେତେକ ଭାଗରେ ବଣ୍ଟାଯାଇପାରେ—

୧ମ—ବିଶିଷ୍ଟ ବ୍ୟକ୍ତିମାନଙ୍କର ପରିଚୟ ଲାଭ—

ସମ୍ବାଦ ପତ୍ରରେ ଶ୍ରୀମତୀଙ୍କ ଲେଖାଗୁଡ଼ିକୁ ପାଠ କରି ଗଞ୍ଜାମ ଏବଂ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଏବଂ ଧନୀ ବ୍ୟକ୍ତିମାନେ ତାହାଙ୍କ

Digitized by srujan ka@gmail.com

କୁଟୀରକୁ ଆସି ସାହିତ୍ୟ ଚର୍ଚ୍ଚା ଦିଗରେ ଶ୍ରୀମତୀଙ୍କୁ ଉତ୍ସାହ ଦେଉଥିଲେ । ତଦ୍ୱାରା ଅନ୍ନପୂର୍ଣ୍ଣାଙ୍କର ଲେଖାଧାରା ଆହୁରି ଉନ୍ନତ ହୋଇଥିଲା ।

୨ୟ—ଭାରତସେବକ ସମିତିର ସଭ୍ୟ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଏମ୍. ଏ ଶ୍ରୀମତୀଙ୍କୁ ଏହି ବ୍ରହ୍ମପୁରରେ ପ୍ରଥମ ଥର ପାଇ ଦେଖିଥିଲେ । ଏହାଙ୍କୁ ଦେଖିବା ସମୟରେ ଅନ୍ନପୂର୍ଣ୍ଣାଙ୍କର ଅବସ୍ଥା କଣ ଥିଲା, ସେ ସମ୍ବନ୍ଧରେ ଶ୍ରୀଯୁକ୍ତ ସାହୁ ମହୋଦୟ "ଅନ୍ନପୂର୍ଣ୍ଣା" ନାମକ ଗୋଟିଏ ପ୍ରବନ୍ଧ ଲେଖି ନିଜର "ପ୍ରତିବିମ୍ବ" ପତ୍ରିକାରେ ପ୍ରକାଶ କରିଥିଲେ ।

୩ୟ—ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କ ପ୍ରରୋଚନାରେ ଅନ୍ନପୂର୍ଣ୍ଣା କଟକ ଏବଂ ବାଲେଶ୍ୱର ଯାଇ ସେଠାରେ ବିଶିଷ୍ଟ ସାହିତ୍ୟିକମାନଙ୍କୁ ଦେଖିପାରିଥିଲେ । ଶେଷୋକ୍ତ ସ୍ଥାନରେ ସେ ସରସ୍ୱତୀ ଫକୀରମୋହନ ସେନାପତିଙ୍କ ଘରେ ପ୍ରାୟ ଏକ ସପ୍ତାହ ରହି ତାହାଙ୍କୁ ନିଜର ପଦ୍ୟ ଓ ଗଦ୍ୟ ଲେଖାଗୁଡ଼ିକୁ ଦେଖାଇ ତହିଁର ଆବଶ୍ୟକୀୟ ସଂଶୋଧନ କରାଇବା ଏବଂ ଭବିଷ୍ୟତରେ ଏ ଶ୍ରେଣୀର ଲେଖାଗୁଡ଼ିକୁ ଲେଖିବା ପାଇଁ କି କି ନିୟମ ପାଳନ କରିବାକୁ ହେବ, ସେ ସମସ୍ତ ବିଷୟରେ ବିଶେଷ ଶିକ୍ଷା ଲାଭ କରିଥିଲେ ।

ଫକୀରମୋହନଙ୍କ ପରେ କଟକରେ ୰ ଭକ୍ତକବି ମଧୁସୂଦନ ରାଓଙ୍କଠାରୁ ମଧ୍ୟ ଅନ୍ନପୂର୍ଣ୍ଣା ଯଥେଷ୍ଟ ଆଦର ଏବଂ ଉତ୍ସାହ ପାଇଥିଲେ । ଭକ୍ତକବି ଅନ୍ନପୂର୍ଣ୍ଣାଙ୍କର ଅନେକ ପଦ୍ୟ ଓ ଗଦ୍ୟ ଲେଖାର ଆବଶ୍ୟକୀୟ ସଂଶୋଧନ କରିଦେଇଥିଲେ । ଏ ଦୁଇ ଜଣ ବିଶିଷ୍ଟ କବି ନିଜର ସବୁ ଗ୍ରନ୍ଥରୁ ଖଣ୍ଡିଏ ଖଣ୍ଡିଏ ନାଟ୍ୟକବିଙ୍କୁ ଉପହାର ଦେଇଥିଲେ । ଏହି ଉପହାର ମଧ୍ୟରୁ ସେନାପତିଙ୍କ

Digitized by srujan ka@gmail.com

"ପଦ୍ୟମାଳା" ପୁସ୍ତକ ଖଣ୍ଡିକୁ ଅନ୍ନପୂର୍ଣ୍ଣା ଆଜୀବନ ସାଥୀ କରି ରଖିଥିଲେ । ମନରେ କୌଣସି ଅଶାନ୍ତି ଜନ୍ମିଲେ କିମ୍ବା ନିଜ ସ୍ୱାମୀଙ୍କ ସହ ଏକାଠି ବସି ଭଗବତ୍ ପ୍ରାର୍ଥନା କଲା ସମୟରେ ଏହି 'ପଦ୍ୟମାଳା' ର ପଦ୍ୟଗୁଡିକୁ ପଢି ତହିଁର ପୁନରାବୃତ୍ତି କରି ସେ ଅସୀମ ସୁଖ ଅନୁଭବ କରନ୍ତି । ଏହି "ପଦ୍ୟମାଳା"ର ପ୍ରଥମ ପୃଷ୍ଠାରେ ଥିବା "ପ୍ରାର୍ଥନା" ପଦ୍ୟଟି ଏହାଙ୍କର ଦୈନିକ ଉପାସନା ପଦ୍ୟରୂପେ ବ୍ୟବହୃତ ହୁଏ ।

୪ର୍ଥ—ବ୍ରହ୍ମପୁରରେ ରହିବା ସମୟରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଏଠାର ଅସଂଖ୍ୟ ଓଡ଼ିଆ , ତେଲୁଗୁ, ମୁସଲମାନ ଏବଂ ଖ୍ରୀଷ୍ଟିଆନ୍ ପରିବାରର ଭଦ୍ରମହିଳାମାନଙ୍କ ସଂସର୍ଗରେ ଆସି ସେମାନଙ୍କ ସହ ବନ୍ଧୁତା ସୂତ୍ରରେ ଆବଦ୍ଧ ହୋଇଥିଲେ । ପ୍ରାୟ ପ୍ରତ୍ୟେକ ଜାତିର ସାମାଜିକ ମିଳନ ଏବଂ ବିବାହ ପ୍ରଭୃତି ଶୁଭକାର୍ଯ୍ୟରେ ସେ ସାଦର ଅଭ୍ୟର୍ଥନା ପାଉଥିଲେ । ଅଳ୍ପ କେତୋଟି ସଭାସମିତିରେ ସେ ଯୋଗ ଦେଇ ନିଜର ସ୍ୱାଧୀନ ମତ ପ୍ରକାଶ କରିବା ପାଇଁ ସୁବିଧା ମଧ୍ୟ ପାଉଥିଲେ । ଏ ସମ୍ବନ୍ଧରେ ନିମ୍ନ କେତୋଟି ସଂବାଦ ଏଠାରେ ଉଦ୍ଧାର କରିବା ଉଚିତ ମନେକରେ :—

—ସମିତିରେ ଅନ୍ନପୂର୍ଣ୍ଣା—

"ସେଦିନ ବ୍ରହ୍ମପୁରର ସମସ୍ତ ଖ୍ରୀଷ୍ଟୀୟ ମହିଳାଗଣ ଏକ ସଭା କରି ନାଗରିକ ଅନ୍ନପୂର୍ଣ୍ଣାଙ୍କୁ ନିମନ୍ତ୍ରଣ କରିଥିଲେ; ମାତ୍ର କୌଣସି ଅନିବାର୍ଯ୍ୟ ପ୍ରତିବନ୍ଧକରୁ ସେ ନ ଯିବାରୁ ସମିତି ଦୁଃଖ ପ୍ରକାଶ କରି-ଥିଲେ । ତତ୍ପରେ ୨ୟ ଦିନ ବାଦ କତିପୟ ମହିଳା ଆଉ ଏକ ସଭା କରି ଅନ୍ନପୂର୍ଣ୍ଣାଙ୍କୁ ଗାଡ଼ିରେ ନେଇଥିଲେ । ସେଦିନ ସମସ୍ତେ ଶ୍ରୀମତୀ-

Digitized by srujan ka@gmail.com

ଙ୍କର ବକ୍ତୃତା ଓ ଗଦ୍ୟପଦ୍ୟ ପ୍ରବନ୍ଧ ଶ୍ରବଣ କରି ଆନ୍ତରିକ ଧନ୍ୟବାଦ ପ୍ରଦାନ କରିଥିଲେ । ଶୁଣିଲୁ, ତାଙ୍କୁ ଇଂରାଜୀ ଶିକ୍ଷା ଦେବା ନିମିତ୍ତ ସେମାନେ ଏକ ସ୍କୁଲ ବନ୍ଦୋବସ୍ତ କରିଦେଇ ଏବେ ଏବେ ମଧ୍ୟେ ମଧ୍ୟେ ତାଙ୍କ ନିକଟକୁ ଯାଇ ନାନାପ୍ରକାର ଶିକ୍ଷା ଓ ସଦୁପଦେଶ ଦେଉଅଛନ୍ତି । ଶ୍ରୀମତୀଙ୍କର ସତ୍ସାହସ ଏବଂ ଖ୍ୟାତି ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ସେ ଉତ୍ତରୋତ୍ତର ଉନ୍ନତି କରିବା ନିମନ୍ତେ ଆମ୍ଭେ ତାହାଙ୍କୁ ଆଶୀର୍ବାଦ କରୁଅଛୁଁ ।”

[“ଉତ୍କଳବାସୀ”—୨୮।୫।୧୯୦୭]

—ବ୍ରହ୍ମପୁର ସଭା—

“ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରରେ ନୀଚ ଜାତିମାନଙ୍କ ଉନ୍ନତିକଳ୍ପେ ଯେଉଁ ଅଧିବେଶନ ହୋଇଥିଲା, ତହିଁରେ ଜିଲ୍ଲା ଜଜ୍ ମାନ୍ୟବର ମି. ସଦାଶିବ ରାଓ ମହୋଦୟ ସଭାପତିର ଆସନ ଗ୍ରହଣ କରିଥିଲେ । ଉତ୍କଳର ଲେଖିକା ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ତତ୍ସମ୍ବନ୍ଧେ ଏକ ଗଭୀରତାପୂର୍ଣ୍ଣ ପ୍ରବନ୍ଧ ଲେଖିଥିଲେ । ଶ୍ରୀମତୀ ସଭାରେ ଉପସ୍ଥିତ ଥିଲେହେଁ ଶାରୀରିକ ଅସ୍ୱାସ୍ଥ୍ୟ ନିବନ୍ଧନ ନିଜେ ପ୍ରବନ୍ଧ ପାଠ କରି ନ ପାରିବାରୁ ଜଣେ ସ୍କୁଲ ଛାତ୍ରଙ୍କଦ୍ୱାରା ତାହା ପଠିତ ହୋଇଥିଲା । ଶ୍ରୀମତୀଙ୍କ ଲେଖାର ସାର ମର୍ମ ଏହି— ଯେ କେବଳ ଐଶ୍ୱର୍ଯ୍ୟ ଭୋଗ କରେ, ସେ ମନୁଷ୍ୟ ନୁହେଁ; ମାତ୍ର ଯେ ଅଧମମାନଙ୍କୁ ଉନ୍ନତି ଦିଗକୁ ଟାଣିବାକୁ ଚେଷ୍ଟା କରେ, ସେ ପ୍ରକୃତ ମନୁଷ୍ୟପଦବାଚ୍ୟ । ଉତ୍କଳର ଅନ୍ତଃପୁରସ୍ଥା ଜଣେ ଅବଳା ସଭା-ସମିତିରେ ଯୋଗଦେଇ ତାହାଙ୍କ ମୁଖରୁ ଏହି ପ୍ରକାର ମୂଲ୍ୟବାନ୍ ଉକ୍ତି ବାହାରିବା ବଡ଼ ଆଶାର କଥା ଅଟେ ।

(“ଗଡ଼ଜାତବାସିନୀ”—୧୭।୧୨।୧୯୧୦)

Digitized by srujan ka@gmail.com

୫୪—ବଡ଼ଖେମୁଣ୍ଡି ଛାଡ଼ିବା ସମୟର ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କୁ ସ୍ଥାନୀୟ ବଶିଷ୍ଟ ଓକିଲ ପର୍ଶୁରାମ ପାତ୍ର ସାଦର ଆହ୍ୱାନ କରିଥିବା କଥା ପୂର୍ବରୁ କୁହାଯାଇଛି । ଏହି ପାତ୍ରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କର ଅତି ଘନିଷ୍ଠ ସହକର୍ମିଣୀ ଏବଂ ପୃଷ୍ଠପୋଷିକା ଥିଲେ । ଏଠାରେ ଏକାଧିକ ସଭାସମିତିରେ ଏବଂ ସାମାଜିକ କାର୍ଯ୍ୟରେ ଏ ଦୁହିଙ୍କର ମିଳନ ଅତି ମଧୁର ଥିଲା । କିନ୍ତୁ, ଆକସ୍ମିକ ଭାବରେ ପାତ୍ରଙ୍କ ସ୍ତ୍ରୀ ମୃତ୍ୟୁମୁଖରେ ପଡ଼ିଥିବାରୁ ଅନ୍ନପୂର୍ଣ୍ଣା ହତାଶ ହେଲେ । ଏ ସମ୍ବନ୍ଧରେ ତାହାଙ୍କର ଗୋଟିଏ ଲେଖା ନିମ୍ନରେ ଉଦ୍ଧୃତ ହେଉଅଛି :—

ବ୍ରହ୍ମପୁରସ୍ଥା ସ୍ୱର୍ଗୀୟା ସୌଭାଗ୍ୟବତୀ

ଶ୍ରୀମତୀ ଲୀଳାବତୀ ଦେବୀ

"ଶ୍ରୀଯୁକ୍ତ ପରଶୁରାମ ପାତ୍ର ମହାଶୟ ଏହି ଜିଲ୍ଲାର ଜଣେ ପ୍ରଧାନ ବ୍ୟକ୍ତିଙ୍କ ପ୍ରତି ଯେଉଁ ଅକାଳ ଦୁର୍ଘଟଣା ଘଟି ଯାଇଅଛି, ସେଥିସକାଶ ଦେଶୀୟ ଓ ବିଦେଶୀୟ ସୁଦ୍ଧା ଅତି ଦୁଃଖିତ ଅଛନ୍ତି । ଜିଲ୍ଲାର ଉନ୍ନତି ସକାଶେ ତାଙ୍କର ଯେ ସକଳ ଉଦ୍‌ଯୋଗ, ବିଶେଷରେ ସମାଜ ସଂସ୍କାର ପକ୍ଷେ ଶ୍ରୀମତୀ ଏକାନ୍ତ ପୃଷ୍ଠପୋଷକ ଥିଲେ । ବିଧବା ବିବାହରେ ସେ ବିଶେଷ ଉତ୍‌ସାହିତ ଥିଲେ; ପୁଣି ସବୁ ବାଳିକାମାନଙ୍କୁ ଓ ସେମାନଙ୍କର କୁଟୁମ୍ବସମୂହକୁ ମୁକ୍ତହସ୍ତେ ଉପକାର କରୁଥିଲେ । ଗତ କେତେ ବର୍ଷ ମଧ୍ୟରେ ସେ ଯେ ଯେ କୁଟୁମ୍ବମାନଙ୍କ ପରିଚିତ ଥିଲେ, ସେମାନଙ୍କୁ ବାର୍ଷିକ ପାରିତୋଷିକ ପ୍ରେରଣ କରୁଥାନ୍ତି । ବିଧବା ବିବାହରେ ଯେଉଁମାନେ ପରିଣୀତ, ଏପରି ଲୋକଙ୍କ ମଧ୍ୟରେ ପରସ୍ପରରେ ଯେମନ୍ତ ସଦ୍‌ଭାବ ସ୍ଥାପିତହେବ, ଏଥିସକାଶେ ଗୋଟିଏ ସଭା କରିବାକୁ ସେ ପରଶୁରାମ ବାବୁଙ୍କୁ ମଣାଉ–

ଥିଲେ । ଅତି ଅଳ୍ପ ସମୟ ମଧ୍ୟରେ, ଅଥଚ ବିବାହିତ ହେବାର ଚାରିବର୍ଷ ମଧ୍ୟରେ ସହରର ଅନେକ ଦରିଦ୍ର ପରିବାରଙ୍କର ସୁବିଧା କରିଥିଲେ । ସେ ପତିବ୍ରତା ଏବଂ ଆପଣାର ସ୍ୱାମୀଙ୍କ ଅନୁଗାମିନୀ ଥିଲେ । ଶ୍ରୀମତୀ ପି. ବେଙ୍କଟେଶ୍ୱର ରାଓଙ୍କ ପରିଚାଳନାରେ ଯେ ସବୁ ସ୍ତ୍ରୀ ସଭା ହୋଇଥିଲା, ସେ ସବୁରେ ସେ ଅଗ୍ରଗଣ୍ୟା ଥିଲେ । ଉଭୟ ସମ୍ପ୍ରଦାୟ ମଧ୍ୟରେ ସେ ଶୃଙ୍ଖଳାବନ୍ଧ ସ୍ୱରୂପ ହୋଇ ଉଭୟର ସହାନୁଭୂତି ଓ ସ୍ନେହକୁ ଯୋଗ କରିବାକୁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଥିଲେ । ତାହାଙ୍କର ମରଣରେ ସମ୍ପ୍ରଦାୟ ଜଣେ କ୍ଷମତାପନ୍ନ କାର୍ଯ୍ୟକାରିକଙ୍କୁ ହରାଇଦେଲେ, ଯେ କି ବ୍ରାହ୍ମଣ, ଅବ୍ରାହ୍ମଣ, ଓଡ଼ିଆ ଓ ତୈଲଙ୍ଗୀ ପରିବାରଙ୍କୁ ଏକତ୍ର କରିବାରେ ଉତ୍ସାହିତ ଥିଲେ । ଏହି ସହରରେ ପ୍ରାର୍ଥନା ସମାଜର ସ୍ଥାନୀୟ ବାସସ୍ଥାନ ନ ଥିବାରୁ, ତାହାକୁ ଦାନ କରିବା ଉପଲକ୍ଷେ ସେ ଖଣ୍ଡେ ଜମି କିଣିଥିଲେ । ସେ କେବଳ ୨୦ ବର୍ଷବୟସ୍କା ଥିଲେ । ଯେଉଁ ପରିବାର ବହୁକାଳ ପର୍ଯ୍ୟନ୍ତ ଖିମିଡ଼ି ରାଜାଙ୍କ ପ୍ରତିପୋଷକ ଥିବାରୁ "ଦୋର" ନାମକ ଉପାଧି ପାଇଛନ୍ତି, ଏପରି ଏକ ପୁରାତନ ବଂଶରୁ ସେ ଆଗତ ହୋଇଥିଲେ । ତାଙ୍କ ସହିତ ମୁଁ ଅନେକ ଥର ସଙ୍ଗଲାଭ କରି ମଧୁର ଆଳାପ କରିବା ସୁଯୋଗ ପାଉଥିଲି । ମୋର ଉତ୍ସାହ ବୃଦ୍ଧି ସକାଶେ ସେ ନାନାକଥା ମୋତେ ପ୍ରଶ୍ନ କରୁଥାନ୍ତି । ତାଙ୍କର ସ୍ନେହରେ ମୋର ଜୀବନ ଏକାନ୍ତ ମୁଗ୍ଧ ଥିଲା । ମାତୃହୀନ ଦୁଇଗୋଟି ଶିଶୁଙ୍କୁ ପିତାଙ୍କ କୋଳରେ ଅର୍ପଣ କରିଦେଇ ସେ ଚିରବିଦାୟ ନେଇଛନ୍ତି । ଶ୍ରୀ ପରଶୁରାମ ବାବୁଙ୍କ ପ୍ରତି ଏହି ଆଘାତ ଅତି କଠିଣ ହୋଇପଡ଼ିଅଛି । ମାତ୍ର ଈଶ୍ୱରଙ୍କଠାରେ ତାଙ୍କର ବିଶ୍ୱାସ, ତାହାଙ୍କୁ ସାନ୍ତ୍ୱନା ଦେବେ । × × ଇତି । ଶ୍ରୀମତୀ ଅନ୍ନପୂର୍ଣ୍ଣା"

["ହିତୈଷିଣୀ"—୨୦।୧୧।୧୯୦୯]

Digitized by srujan ka@gmail.com

ପାରଳାଖେମୁଣ୍ଡିର ଅନୁଭୂତି

ପାରଳାରୁ ଆହ୍ୱାନ ପତ୍ର

ପ୍ରଥମ ଥର ପାରଳାଖେମୁଣ୍ଡି ଯାଇ ବ୍ରହ୍ମପୁର ଫେରିବାର ଅଳ୍ପ କେତେକ ଦିନ ପରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ନିମ୍ନ ଆହ୍ୱାନପତ୍ର ପାଇଥିଲେ--

"ରାଜବାଟି, ପାରଳା

୧୮।୭।୧୯୧୫,

"ଶ୍ରୀହରି ଶରଣମ୍"

"ସହୋଦରୀପ୍ରତିମେ,

ଆପଣଙ୍କ ପତ୍ର ପାଇଅଛୁ । କିନ୍ତୁ ଶ୍ରୀମନ୍ମହାରାଜାଙ୍କ ସମୟା-ଭାବରୁ ଉତ୍ତର ଦେବାରେ ଯାହା କିଛି ବିଳମ୍ବ ଘଟିଅଛି । ବର୍ତ୍ତମାନ ମହାରାଜାଙ୍କ ଆଦେଶାନୁସାରେ ଆପଣଙ୍କୁ ଜଣାଇଦିଆଯାଉଅଛି ଯେ, ଆପଣ ଯେଉଁ ସମୟରେ ଏଠାକୁ ଆଗମନ କରିଥିଲେ, ସେହି ସମୟରେ ନାନା କାରଣରୁ ବୋଧହୁଏ ଆପଣମାନଙ୍କୁ ଏଠାରେ କିଛି ଅସୁବିଧା ବୋଧ ହୋଇଥାଇପାରେ; କିନ୍ତୁ ସେ ସବୁ ସଦାଶେ ସ୍ୱୀୟ ସୌଜନ୍ୟବଶତଃ ଆମ୍ଭମାନଙ୍କ ପ୍ରତି ମାର୍ଜନା କରିବେ ।

"ଶ୍ରୀମାନ୍ ରାଜାସାହେବଙ୍କ ସୁବିଚାରରେ ସେ ବୁଝିଅଛନ୍ତି ଯେ, ଆପଣଙ୍କ ଯୋଗେ ଏଠାରେ କେତେକ ସୁକାର୍ଯ୍ୟ ସଂସାଧିତ ହୋଇ-ପାରେ । ଅତଏବ ଉଭୟ ପକ୍ଷୀୟ ସୁବିଧା ଓ ସନ୍ତୁଷ୍ଟି ବୋଧପର୍ଯ୍ୟନ୍ତ ଅବକାଶ ରକ୍ଷା କରିବାକୁ ହେଲେ ବାବୁ ଶ୍ରୀରାମ ପଟ୍ଟନାୟକ ମହୋଦୟ ସ୍ୱୀୟ କାର୍ଯ୍ୟରୁ ପ୍ରାୟ ଦୁଇ ତିନ ମାସ ଅବସର ଗ୍ରହଣ କରି ସପରିବାରେ ଏଠାରେ ଆସି ଅବସ୍ଥାନ କରିବେ ।

Digitized by srujan ka@gmail.com

ସେହି ସମୟରେ ଆପଣମାନଙ୍କ ଯାବତୀୟ ବନ୍ଦୋବସ୍ତ ଯଥାବଧି ରକ୍ଷା କରାଯିବ, ଯେପରି ଲୋକଦୃଷ୍ଟିରେ ଆପଣଙ୍କର କୌଣସି ପ୍ରକାର ଅସମ୍ମାନ ପରିଦୃଷ୍ଟ ହେବ ନାହିଁ; ଅର୍ଥାତ୍ ଶ୍ରୀରାମ ବାବୁ କୌଣସି ଗୋଟିଏ କାର୍ଯ୍ୟରେ ଉପଯୁକ୍ତ ବେତନରେ ନିଯୁକ୍ତ ରହିବେ ଏବଂ ଆପଣଙ୍କଠାରୁ ଯାହା କିଛି ଆଶା କରାଯାଇଅଛି, ତାହା କେବଳ ଆପଣଙ୍କ ଭଦ୍ରମହିଳାସୁଲଭ କର୍ତ୍ତବ୍ୟ ପାଳନ ଭାବେ ଉଭୟ ପକ୍ଷ ବିବେଚନା କରିବାକୁ ହେବ ।

"ଶ୍ରୀମାନ୍ ରାଜାସାହେବଙ୍କ ଉପରୋକ୍ତ ପ୍ରସ୍ତାବରେ ଯଦି ଆପଣଙ୍କର କୌଣସି ମତଦ୍ୱୈଧ ନ ଥାଏ, ତାହା ହେଲେ ଯଥାଶୀଘ୍ର ଶ୍ରୀରାମ ବାବୁ କାର୍ଯ୍ୟରୁ ଅବସର ଗ୍ରହଣ କରି ଏଠାକୁ ଆଗମନ କରନ୍ତୁ । ଏଠାରେ ଦୁଇ ତିନି ମାସ କାର୍ଯ୍ୟ କଲା ପରେ ବନ୍ଦୋବସ୍ତ ଯଦି ଉଭୟ ପକ୍ଷର ପରିତୁଷ୍ଟିଜନକ ହୋଇପାରେ, ତାହା ହେଲେ ସେହି ବନ୍ଦୋବସ୍ତକୁ ଚିରସ୍ଥାୟୀ କରାଯିବା ବିଷୟରେ କୌଣସି ସନ୍ଦେହ ରହିବ ନାହିଁ, ଜାଣିବ ।

ଶ୍ରୀ ନିତ୍ୟାନନ୍ଦ ପଟ୍ଟନାୟକ
ପାଲେସ ସୁପରିଣ୍ଟେଣ୍ଡେଣ୍ଟ
୧୮ । ୬ । ୧୪"

ଦ୍ୱିତୀୟବାର ପାରଳାଯାତ୍ରା

ଏହି ଆହ୍ୱାନପତ୍ର ପାଇବାର ଏକମାସ ମଧ୍ୟରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ସ୍ୱାମୀ ଓ ପିଲାମାନଙ୍କୁ ନେଇ ଦ୍ୱିତୀୟ ବାର ପାରଳା-ଖେମୁଣ୍ଡିରେ ଯାଇ ପହଞ୍ଚିଲେ । ସେଠାରେ ପହଞ୍ଚିବା ମାତ୍ରେ ନିମ୍ନ-ସମ୍ବାଦ ଓଡ଼ିଶାର ସବୁ ପତ୍ରିକାରେ ପ୍ରକାଶିତ ହେଲା ।

"ନାଟ୍ୟକଳ"

"ଆମ୍ଭମାନଙ୍କର ଭଗିନୀ ନାଟ୍ୟକଳ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କୁ ବୋଧହୁଏ ପାଠକମାନେ ଜାଣନ୍ତି । ସେ ଇତିମଧ୍ୟରେ ନାନା ଦୁଃଖଜଞ୍ଜାଳରେ ବ୍ୟତିବ୍ୟସ୍ତ ଥିଲେ ମଧ୍ୟ ବାଣୀସେବା ପରିତ୍ୟାଗ କରି ନାହାନ୍ତି । ବର୍ତ୍ତମାନ ଶୁଣି ସୁଖୀ ହେଲୁଁ ଯେ, ସେ ପାରଳାର ପ୍ରଶଂସିତ ଗଜପତି ମହାରାଜାଙ୍କ ଆଶ୍ରୟରେ ଅବସ୍ଥାନ କରିବା ଉଦ୍ଦେଶ୍ୟରେ ଯାଇଅଛନ୍ତି । ଆମ୍ଭମାନଙ୍କର ପୂର୍ଣ୍ଣ ବିଶ୍ୱାସ ଯେ, ଗୁଣଗ୍ରାହୀ ମହାରାଜା ନାଟ୍ୟକଳଙ୍କୁ ଉପଯୁକ୍ତ ଆଶ୍ରୟ ଦେବେ ।"

["ଗଡ଼ଜାତବାସିନୀ"—୧୭ । ୭ । ୧୯୨୫]

"ନାଟ୍ୟକଳ ଓ ପାରଳାଧୀଶ୍ୱର"

"ବର୍ତ୍ତମାନ ସମଗ୍ର ଉତ୍କଳରେ ଏକମାତ୍ର ନାଟ୍ୟକଳ ଶ୍ରୀମତୀ ଅନ୍ନପୂର୍ଣ୍ଣା । ଶ୍ରୀମତୀ ଗୋଟିଏ ବଡ଼ ପରିବାରର ଏକମାତ୍ର ଗୃହିଣୀ । ତାହାଙ୍କର ସ୍ୱାମୀ ଶ୍ରୀମାନ୍ ଶ୍ରୀରାମ ପଟ୍ଟନାୟକ ମହାଶୟ ସ୍ୱଳ୍ପ-ବେତନଭୋଗୀ ଜଣେ ସରକାରୀ କର୍ମଚାରୀ । ବାଳକ ବାଳିକା ଗୁଡ଼ିଏ ଥିବାରୁ ସେମାନଙ୍କର ଶିକ୍ଷା ପ୍ରଭୃତିର ବ୍ୟୟ ନିର୍ବାହ କରି ଚଳିବା ଶ୍ରୀମତୀଙ୍କ ପକ୍ଷେ ବଡ଼ କଷ୍ଟକର ହେଉଥିଲା । ଶ୍ରୀମତୀ ଅଭାବ-ଗ୍ରସ୍ତ ପରିବାରର ଗୃହିଣୀ । ସେ ସବୁଙ୍କ ଜଞ୍ଜାଳରେ ବ୍ୟସ୍ତ ଥାଇ ଶ୍ରୀମତୀ ଯେଉଁ ଲେଖାଲେଖି କରନ୍ତି, ତାହା ତାଙ୍କର ଅଦମ୍ୟ ଅଧ୍ୟବସାୟର ଫଳ ଅଟେ । ଶ୍ରୀମତୀ ଯଦି ଧନଶାଳିନୀ ହୋଇଥାନ୍ତେ, କିମ୍ବା ଉଚ୍ଚଶିକ୍ଷା ଲାଭ କରିପାରିଥାନ୍ତେ, ଅଥବା ଉପଯୁକ୍ତ ଉତ୍ସାହ ଓ ସାହାଯ୍ୟ ପାଇପାରିଥାନ୍ତେ, ତେବେ ସେ କେତେ କେତେ ବିଷୟ ଯେ ଲେଖିପାରିଥାନ୍ତେ, ତାହା ସ୍ଥିର କରିବା ଅସାଧ୍ୟ ।

Digitized by srujan ka@gmail.com

କିନ୍ତୁ ଯାହା ହୋଇ ନାହିଁ ତତ୍‌ପ୍ରତି ଅନୁତାପ କରିବା ନିରର୍ଥକ ।
ବର୍ତ୍ତମାନ ଶ୍ରୀମତୀଙ୍କ ପତ୍ରରୁ ଅବଗତ ହେଲୁଁ, ପାରଳାର ଗଜପତି ମହାରାଣୀ ମହୋଦୟା ନିଜ ଦୁର୍ଗରେ ଶ୍ରୀମତୀଙ୍କୁ ଆଶ୍ରୟ ଦେଇଛନ୍ତି । ପାରଳାର ଉଦାର୍ଯ୍ୟମାନ ମହାରାଜା ମହୋଦୟ ଶ୍ରୀମତୀଙ୍କ ଅଭାବଗ୍ରସ୍ତ ପରିବାରକୁ ସମୁଚିତ ସାହାଯ୍ୟ ଦାନ କରିବାକୁ ଅଙ୍ଗୀକୃତ ହୋଇ-ଅଛନ୍ତି । ଶ୍ରୀମତୀଙ୍କ ନିଃଶ୍ରୟ ପରିବାର ଯେପରି ସମ୍ମାନର ସହିତ ସୁଖସ୍ୱଚ୍ଛନ୍ଦରେ କାଳାତିପାତ କରିପାରିବେ, ସେ ତହିଁର ସୁବନ୍ଦୋ-ବସ୍ତ କରିଦେଇଅଛନ୍ତି ।

"ସୁପ୍ରସିଦ୍ଧ ଗଙ୍ଗବଂଶାବତଂସ ଶ୍ରୀମାନ୍ ପାରଳାଧୀଶ୍ୱରଙ୍କ ସ୍ୱଜାତିବାତ୍ସଲ୍ୟ, ସ୍ୱଦେଶ ହିତୈଷଣା ଓ ମାତୃଭାଷାର ଉନ୍ନତି କାମନା ପ୍ରଭୃତିର ପରିଚୟ ଅଳ୍ପକାଳ ମଧ୍ୟରେ ଉତ୍କଳବ୍ୟାପ୍ତ ହୋଇଅଛି । ତା ପରେ ନାଗ୍ରୀକବ ଅନ୍ନପୂର୍ଣ୍ଣାଙ୍କ ପ୍ରତି ଏହି ଯେ ଅତୁଳ ଦୟାଦାକ୍ଷିଣ୍ୟ ପ୍ରକାଶ କରିଅଛନ୍ତି, ତାହା ବସ୍ତୁତରେ ଅତ୍ୟନ୍ତ ପ୍ରଶଂସନୀୟ ଅଟେ ।

"ଆମ୍ଭେମାନେ ପାରଳାର ଗଜପତି ନରେଶଙ୍କୁ ତାଙ୍କର ଅତୁଳନୀୟ ସଦ୍‌ଗୁଣ ସକଳ ଦେଖି ମୁକ୍ତକଣ୍ଠରେ ଧନ୍ୟବାଦ ଅର୍ପଣ କରୁଅଛୁଁ । ମହାରାଜ ମହୋଦୟ ସବଂଶରେ ଚିରଜୀବୀ ହୁଅନ୍ତୁ, ଉତ୍କଳବାସୀ ବର୍ତ୍ତମାନ ଏହି କାମନା କରିବା ଉଚିତ । ପାରଳା ରାଜବଂଶ ଦ୍ୱାରା ଉତ୍କଳ ବିଶେଷ ଉପକୃତ ହେବ ।"

["ଉତ୍କଳସେବକ"—୨ । ୯ । ୧୯୧୫]

—:—

କୃତଜ୍ଞତା

ପାରଳାରେ ପ୍ରବେଶ କଲା ପରେ, ପୂର୍ବ ପ୍ରସ୍ତାବ ଅନୁସାରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ପାଟଗ୍ରାହୀ ମହୋଦୟାଙ୍କୁ ଓଡ଼ିଆ ସାହିତ୍ୟ ଓ ପ୍ରୁଫ୍ ପ୍ରଭୃତି ପଢ଼ାଇବା ପାଇଁ ମାସିକ ୫୨୫ ବେତନରେ ନିଯୁକ୍ତ ହେଲେ ଏବଂ ତାହାଙ୍କ ସ୍ୱାମୀ ମାସିକ କୋଡ଼ିଏ ଟଙ୍କା ବେତନରେ ସ୍କୋଳାଙ୍କ ଛାପାଖାନାଟିରେ କାର୍ଯ୍ୟ ପାଇଲେ । ନିଜର କାର୍ଯ୍ୟରେ ଯୋଗ ଦେବା ସଙ୍ଗେ ସଙ୍ଗେ ଶ୍ରୀମତୀ ନିଜର କୃତଜ୍ଞତା ନିମ୍ନ ସ୍ୱରୂପରେ ପ୍ରକାଶ କରିଥିଲେ ।

"ଆତ୍ମନିବେଦନ"

"ମୁଁ ଉତ୍କଳବାସିନୀ ଗୋଟିଏ ସାମାନ୍ୟ ନାରୀ । ସାମାନ୍ୟ ପ୍ରକାର ଲେଖି ପଢ଼ି ପାରେ, ତତୋଽଧିକ ସାମାନ୍ୟ ପ୍ରକାର ଗଦ୍ୟ ପଦ୍ୟ ରଚନା କରିଥାଏ । ମାତ୍ର ମୋହର ପରମ ସୌଭାଗ୍ୟ ବିଷୟ, ମୋହର ସାମାନ୍ୟ ପ୍ରକାର ରଚନା ଦେଖି ପୂଜ୍ୟପାଦ ପିତୃକଳ୍ପ ସ୍ନେହପ୍ରବଣ ଭ୍ରାତୃତୁଲ୍ୟ ସ୍ୱଦେଶବାସୀ ଶିକ୍ଷିତ ମହୋଦୟଗଣ ମୋତେ ଆଶୀର୍ବାଦ ଏବଂ ସ୍ନେହଚକ୍ଷୁରେ ଦେଖିଥାନ୍ତି ଏବଂ ସରଳ ଭାବରେ ମୋପ୍ରତି ସହାନୁଭୂତି ପ୍ରକାଶ କରିଥାନ୍ତି । ଈଦୃଶ ସୌଭାଗ୍ୟବତୀ ହୋଇ ମଧ୍ୟ ମୁଁ ଏତାବତ୍ କାଳ ଯାବତ୍ ପୋଷ୍ୟ-ବର୍ଗର ବାହୁଲ୍ୟ ଏବଂ ଅର୍ଥାଗମ ମାର୍ଗର ସଂକୀର୍ଣ୍ଣତା ହେତୁରୁ କଷ୍ଟ ସୃଷ୍ଟରେ କାଳ ଯାପନ କରୁଥିଲି । ସର୍ବସାଧାରଣଙ୍କ ମଙ୍ଗଳ କାମନା ସର୍ବୋପରି ପରମପିତା ପରମେଶ୍ୱରଙ୍କ ଅନୁଗ୍ରହରୁ ମୁଁ ବର୍ତ୍ତମାନ ବାଞ୍ଛାକଳ୍ପତରୁ ସ୍ୱରୂପ ମହାପୁରୁଷଙ୍କ ଆଶ୍ରୟ ଛାୟା ପ୍ରାପ୍ତ ହୋଇ ପରମ ଆନନ୍ଦ ଓ ପରମ ଶାନ୍ତିରେ ଜୀବନ ଯାପନ କରୁଅଛି ।

Digitized by srujan ka@gmail.com

"ସ୍ୱଦେଶବାସୀ ଶିକ୍ଷିତ ସମ୍ପ୍ରଦାୟ ସର୍ବଦା ମୋହର ମଙ୍ଗଳ କାମନା କରୁଥାନ୍ତି । ସେମାନଙ୍କ ଆନନ୍ଦ ସାଧନ ନିମନ୍ତେ ମୋହର ବର୍ତ୍ତମାନ ସୌଭାଗ୍ୟର ବିଷୟ ସର୍ବସାଧାରଣରେ ପ୍ରକାଶ ନ କରି ସ୍ଥିର ରହିପାରୁ ନାହିଁ ।

"ଉତ୍କଳର ସୁପ୍ରସିଦ୍ଧ ପ୍ରାଚୀନ ଗଜପତି ବଂଶଜ ପାରଳାଖେମୁଣ୍ଡିର ସ୍ୱନାମଖ୍ୟାତ ନବୀନ ମହାରାଜା ରାଜ-ସିଂହାସନରେ ଅଧିଷ୍ଠିତ ହୋଇ ଅଳ୍ପଦିନ ମଧ୍ୟରେ ଯେପରି ସ୍ୱଜାତିବାତ୍ସଲ୍ୟ, ମାତୃଭାଷାର ଉନ୍ନତି କାମନା ଏବଂ ଲୋକହିତୈଷଣାର ପରିଚୟ ଦେଇ-ଅଛନ୍ତି, ତାହା ବର୍ତ୍ତମାନ ଉତ୍କଳର ସର୍ବସାଧାରଣରେ ଅବିଦିତ ନାହିଁ । ମୋହର 'କେଉଁ' ପୂର୍ବ ସୁକୃତ ବଳରୁ ମୁଁ ହଠାତ୍ ଶ୍ରୀମହାରାଜ ମହୋଦୟଙ୍କୁ ମୋହର ସୌଭାଗ୍ୟ ମାର୍ଗରେ ଦର୍ଶନ ପାଇଲି । ଏଥିପାଇଁ ମୁଁ ଗୋଟିଏ ସାମାନ୍ୟ ନାରୀ, ତାହାଙ୍କଠାରେ କଣ କୃତଜ୍ଞତା ଦେଖାଇବି ? ଶକ୍ତି ବା କାହିଁ ? ସର୍ବାନ୍ତଃକରଣରେ ଦୟାମୟ ପରମେଶ୍ୱରଙ୍କଠାରେ ପ୍ରତିନିୟତ ତାହାଙ୍କର ମଙ୍ଗଳ କାମନା କରୁଅଛି ।

"ଶ୍ରୀଳ ଶ୍ରୀଯୁକ୍ତ ମହାରାଜା ମହୋଦୟ ତାହାଙ୍କ ନୈସର୍ଗିକ ଦୟାଗୁଣପରବଶ ହୋଇ ମୋହର ନିରାଶ୍ରୟ ପରିବାର ଯେପରି ସମ୍ମାନ ସହିତ ସୁଖସ୍ୱଚ୍ଛନ୍ଦରେ କାଳାତିପାତ କରିବାକୁ ସକ୍ଷମ ହେବେ, ସେଥିର ସୁବନ୍ଦୋବସ୍ତ କରିଦେଇଅଛନ୍ତି । ଏପରି ସୁଖ-ସୌଭାଗ୍ୟ ପ୍ରତ୍ୟାଶା ମୋ କ୍ଷୁଦ୍ର ଜୀବନରେ କେବେ ଉଦୟ ହୋଇ ନ ଥିଲା ।

"ଅସୂର୍ଯ୍ୟଂପଶ୍ୟା ଦୟାସ୍ୱରୂପିଣୀ ମହାମାନ୍ୟା ରାଜ-ଅନ୍ତଃପୁର-ବାସିନୀଙ୍କ ସମୀପରୁ ମୁଁ ଯେଉଁ ଅନାବିଳ କରୁଣାଯୁକ୍ତ ସ୍ନେହ ଲାଭ

Digitized by srujan ka@gmail.com

କରୁଅଛି ଏବଂ ତଜ୍ଜନିତ ମୋ ମନରେ ଯେଉଁ ଅତୁଳନୀୟ ଆନନ୍ଦ ଜାତ ହେଉଅଛି, ତାହା ପ୍ରକାଶ କରିବାକୁ ମୋତେ ଭାଷା ଅସୁ-ନାହିଁ ।

"ଏହି ଆନନ୍ଦ କଥା ମୋର ନିଜ ଭାଷା ଓ ଲେଖନୀରେ ଲେଖିବାକୁ ମୁଁ ନିତାନ୍ତ ଅକ୍ଷମ ହେବା ଯୋଗୁଁ ସମସ୍ତ ଉତ୍କଳବାସୀଙ୍କ ନିକଟରେ ପ୍ରାର୍ଥନା କରୁଅଛି ଯେ, ଆପଣମାନେ ପୂର୍ବରୁ ମୋ ପ୍ରତି କରୁଣା ଭାବ ପୋଷିଥିଲେ ତାହା ଯାର୍ ଯାର୍ କର୍ତ୍ତବ୍ୟ ଧର୍ମ ପାଳିବାକୁ ବଦ୍ଧପରିକର ହୋଇ ମହାରାଜା ମହୋଦୟଙ୍କ ଯଶ କୀର୍ତ୍ତି ଉଦାରହୃଦୟର କର୍ତ୍ତବ୍ୟନିଷ୍ଠତା ପ୍ରଭୃତିର ଭୂରି ଭୂରି ପ୍ରଶଂସା ଗାନ କରି ଦେଶର ଓ ଜାତିର କଲ୍ୟାଣଭାଜନ ହେବେ; ଆଉ ମୋ ପ୍ରତି ଯେଉଁ ମହତ୍ ଭାବ ପୋଷଣ କରି ମହାରାଜା ମହୋଦୟ ମତେ ଏ ଅଯାଚିତ ସ୍ୱଳ୍ପଭିତରେ ମଣ୍ଡିଲେ, ଏହି ଦାୟିତ୍ୱପୂର୍ଣ୍ଣ ଭାର ମୁଁ ବହନ କରି ରାଜପରିବାର ଓ ସମସ୍ତ ଦେଶବାସୀଙ୍କର ଅଭୀଷ୍ଟ ସାଧନା କରିପାରିବ, ଏଥିପାଇଁ ମୁଁ ଆପଣ-ମାନଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା ମାଗୁଅଛି । ଆପଣମାନଙ୍କ ଆଶୀର୍ବାଦ ବିନା ମୁଁ ଏପରି ଦାୟିତ୍ୱପୂର୍ଣ୍ଣ କର୍ତ୍ତବ୍ୟ ସମାଧା କରିବା ପାଇଁ ଶକ୍ତିଶାଳିନୀ ହୋଇ ନ ପାରେ । ମୁଁ ସମ୍ପୂର୍ଣ୍ଣ ଆଶା କରେଁ, ସମସ୍ତ ଉତ୍କଳବାସୀ ମୋ ସପକ୍ଷରେ ବନ୍ଧୁମାନ ହୋଇ ରାଜା ମହୋଦୟଙ୍କର ଦୀର୍ଘାୟୁ କାମନା ଯଶ କୀର୍ତ୍ତିଗାୟନ କରି ଜାତୀୟ ଜୀବନର ପରାକାଷ୍ଠା ଦେଖାଇବେ, ପୁଣି ମତେ ଆଶୀର୍ବାଦ କରିବାକୁ ସୁଦ୍ଧା ଭୁଲିବେ ନାହିଁ ।

"ଏତେବେଳେ ମୋର ଉତ୍ସାହଶୂନ୍ୟ ହୃଦୟ-ସରୋବରରେ ବାରିପୂର୍ଣ୍ଣ ହୋଇଗଲା । କ୍ରମଶଃ ଅନେକ ମନୋଭାବ କମନୀୟ ପଦ୍ମ ଫୁଟିବ । ତାହା ସମସ୍ତ ଉତ୍କଳବାସୀଙ୍କ ହସ୍ତରେ ଅର୍ପଣ କରି ଜୀବନ

Digitized by srujan ka@gmail.com

ଧନ୍ୟ କରିବ—ଏହି ଆଶାରେ ଆପଣମାନଙ୍କ ମନୋଯୋଗ ଆକର୍ଷଣ କରେଁ । ମୋର ଏତକ କର୍ତ୍ତବ୍ୟ ସ୍ଥିର କରିଅଛି ଯେ, ଏ ସାରା ଜୀବନ (ଦେହ) ମୋର ସମ ଜାତିପାଇଁ ଉତ୍ସର୍ଗ, ଆଉ ମନଟା ଈଶ୍ୱରଙ୍କଠାରେ ଅର୍ପଣ କରିଦେବ । ଏହି ସୂକ୍ଷ୍ମରେ ମତେ ଯେଉଁ ମହାତ୍ମା ଭୂଷିତ କରିଛନ୍ତି, ତାଙ୍କର ମଙ୍ଗଳ କାମନାରେ ପ୍ରାଣକୁ ଦୀକ୍ଷିତ କରିଦେଲି । ମୋର ଏହି ଆନନ୍ଦରେ ସମସ୍ତ ଦେଶ-ବାସୀ ଆନନ୍ଦିତ ହୋଇ ମହାରାଣୀ ମହୋଦୟାଙ୍କର ସ୍ୱକୋଚିତ କର୍ତ୍ତବ୍ୟାନୁଷ୍ଠାନ ଧ୍ରୁବତା ଚିନ୍ତା କରିନେବେ । କ୍ରମଶଃ ମୋର ଅବଶେଷ ଦେଶବାସୀଙ୍କି ଜଣାଉଥିବ ।

"ମନେ ରଖିବେ, ମୋର ସ୍ୱତ୍ୱ [ସମ୍ପଦ] ମୁଁ ନିଜେ ଭୋଗି-ବାକୁ ଆଦୌ ମୋର ଇଚ୍ଛା ନାହିଁ । କେବଳ ଆପଣମାନଙ୍କୁ ମୋର ସର୍ବସ୍ୱ ଦେଇ ଖାଲି ପିଣ୍ଡଟା ମାତ୍ର ଶ୍ମଶାନ ଭୂମିରେ ଶାୟିତ ଓ ଭସ୍ମୀଭୂତ ହେବ । ସେହି ସ୍ଥାନରେ ଯୋଗ ଦେବା ପର୍ଯ୍ୟନ୍ତ ଥିବା ଅବସର ମଧ୍ୟରେ ମୋର ପ୍ରତ୍ୟେକ ସୂକ୍ଷ୍ମ ସ୍ୱାଂଶରେ ଆପଣମାନଙ୍କର ସମ୍ପୂର୍ଣ୍ଣ ଅଧିପତ୍ୟ । ମୋର କିଛି ସ୍ୱାର୍ଥ ନାହିଁ ଜାଣିବେ । କେବଳ ସମସ୍ତ ଦେଶବାସୀ ମୋର ନିଜର ରକ୍ତମାଂସରେ ଅନ୍ତର୍ଭୁକ୍ତ । ଜାଣିଥିବେ, ମୋର ନିଜର ଶରୀର କ୍ଷତ ହେଲେ ଯେଉଁ ସାଂଘାତିକ କଷ୍ଟ ହୁଏ, ମୋର ଜାତିର କୌଣସି ଅସମ୍ମାନ ହେଲେ ସେତେ କଷ୍ଟ ହୁଏ; ମାତ୍ର ପ୍ରକାଶ କରେ ନାହିଁ, ନୀରବରେ ଅଶ୍ରୁପାତ କରିନିଏଁ । ମୋର ଆଶା-ପଥରେ ସମସ୍ତ ଦେଶବାସୀଙ୍କ ମଧ୍ୟରେ କେତେ ଜଣ ପୁରୁଷ ଓ କେତେ ଜଣ ସ୍ତ୍ରୀ ଆଗ ବାହାରି ରାଣୀ ମହୋଦୟାଙ୍କର ଅଭିବାଦନ ଓ ମତେ ଆଶୀର୍ବାଦ କରିବେ, ଏହି ଆଶା ସୂତା ପୋଷିଅଛି । ମୋର ହୃଦୟ-ସିଂହାସନରେ ଆରୋହିତ ସର୍ବଙ୍କାଙ୍କ ଭକ୍ତ-ଭୂଷିତ ସମସ୍ତ ଦେଶବାସୀଙ୍କ ହୃଦୟରେ ସୂତା ସମ ଆସୀନ

Digitized by srujan ka@gmail.com

କରିଅଛନ୍ତି । ଏକାତ୍ମକ ଭାବ ନିର୍ଦ୍ଧାରଣ କରିଦେବା ପାଇଁ ଗାୟତ୍ରୀ ମନ୍ତ୍ରର ସାରଭାବ ଓ ମହତ୍ତ୍ୱ ଉପଲବ୍ଧି କରି ତାହାଙ୍କ ଜୀବନ ଉଜ୍ଜ୍ୱଳ କରିବେ ।

ଶ୍ରୀମତୀ ଅନ୍ନପୂର୍ଣ୍ଣା ”

[ହିତୈଷିଣୀ—ତା୧୧ । ୯ । ୧୯୧୫]

ଦୈନିକ କର୍ତ୍ତବ୍ୟ ପାଳନ

ରାଣୀସାହେବାଙ୍କ ଶିକ୍ଷୟିତ୍ରୀରୂପେ ନିଯୁକ୍ତ ହେବା ଦିନରୁ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କୁ ଅନ୍ୟ କୌଣସି ସାମାଜିକ ବା ବାହ୍ୟ କାର୍ଯ୍ୟ କରିବା ପାଇଁ ସମୟ ନ ଥିଲା । ପ୍ରତିଦିନ ସକାଳବେଳା ନିଜର ଘରକାର୍ଯ୍ୟ ଶେଷକରି ପ୍ରାୟ ଦୁଇ ଘଣ୍ଟା ସମୟରେ ସେ ରାଜ-ନବରକୁ ଯିବାପାଇଁ ପ୍ରସ୍ତୁତ ହେଉଥିଲେ । ତାହାଙ୍କର ଯିବାପାଇଁ ସ୍ୱତନ୍ତ୍ର ଯାନର ବନ୍ଦୋବସ୍ତ ହୋଇଥିଲା । ରାଣୀଙ୍କ ପାଖକୁ ଯାଇ ସେ କେତେକ ଓଡ଼ିଆ ଗଳ୍ପ ପୁସ୍ତକ, ରାମାୟଣ ଓ ମହାଭାରତ ପ୍ରଭୃତି ପୁରାଣ ଗ୍ରନ୍ଥ ପଢ଼ି ତାଙ୍କୁ ଶୁଣାଉଥିଲେ । ରାଣୀ ମଧ୍ୟ ସମୟ ସମୟରେ ଏସବୁ ଗ୍ରନ୍ଥ ନିଜେ ପଢ଼ି ତହିଁର ଭାବ ଓ ଅର୍ଥ ଅନ୍ନପୂର୍ଣ୍ଣାଙ୍କଠାରୁ ବୁଝିନେଉଥିଲେ । ଏହି ରୀତିରେ ସେ ନିଜର କର୍ତ୍ତବ୍ୟ ଶେଷ କରି ସନ୍ଧ୍ୟା ପୂର୍ବରୁ ନିଜ ବସାକୁ ଫେରୁଥିଲେ ।

ରାଜକୁମାରଙ୍କ ସେବାଶୁଶ୍ରୂଷା

ଏପରି କେତେକ ସମୟ କଟିଗଲା ପରେ ପାରଳାର ଯୁବରାଜ ସାହେବ ଜନ୍ମ ହେଲେ । ସେ ଜନ୍ମ ହେବା ପରେ ରାଣୀ ସାହେବାଙ୍କର ଦେହ ଅସୁସ୍ଥ ହେଲା । ରାଣୀ ସାହେବା ନବଜାତ ଶିଶୁଟିର

ଲାଳନ ପାଳନ କରିବା ପାଇଁ ଅକ୍ଷମ ହେଲେ । ଇତିମଧ୍ୟରେ ଅନ୍ନପୂର୍ଣ୍ଣାଙ୍କର ପିଲାମାନେ ଅସୁସ୍ଥ ଥିବାରୁ ଅନ୍ନପୂର୍ଣ୍ଣା କିଛି ଦିନ ପାଇଁ ନିଜ ଘରେ ବସି ରହିଲେ । ତେଣେ ରାଣୀଙ୍କ ଅସୁସ୍ଥତା ଯୋଗୁଁ ନବଜାତ ଶିଶୁଟି ବ୍ୟସ୍ତ ହେଉଥିଲା । ଦିନେ ଏପରି ସମୟ ଉପସ୍ଥିତ ହେଲା ଯେ, ସେହି ଶିଶୁଟି ଦିନ୍ ରାତି କାନ୍ଦି କାନ୍ଦି ସମସ୍ତଙ୍କୁ ବ୍ୟସ୍ତ କଲା । କୌଣସି ଉପାୟରେ ତାହାର କ୍ରନ୍ଦନ କେହି ବନ୍ଦ କରିପାରି ନ ଥିଲେ । ଠିକ୍ ଏତିକିବେଳେ ରାଣୀଙ୍କ ଅନୁରୋଧକ୍ରମେ ରାଜା ସାହେବ ଅନ୍ନପୂର୍ଣ୍ଣାଙ୍କୁ ତୁରନ୍ତ ଡକାଇଲେ । ଅନ୍ନପୂର୍ଣ୍ଣା ନଅରରେ ପହଞ୍ଚିବା ମାତ୍ରେ ରାଣୀ ସାହେବା ତାହାଙ୍କୁ ଦେଖି କହିଲେ, "ଆପଣ ଏହି ଶିଶୁଟିର ଭାର ନିଅନ୍ତୁ ।" ଏହା କହିବାମାତ୍ରେ ଅନ୍ନପୂର୍ଣ୍ଣା କାନ୍ଦିତ ଶିଶୁକୁ ଉଠାଇ ନିଜ କୋଳକୁ ନେଲେ ଏବଂ ସଙ୍ଗେ ସଙ୍ଗେ ଶିଶୁଟି ନିଶ୍ଚିନ୍ତ ହୋଇ ରହିଲା ! ସମସ୍ତଙ୍କ ମନରେ ଆନନ୍ଦର ଢେଉ ଖେଳିଗଲା । ସେହି ଦିନରୁ ଅନ୍ନପୂର୍ଣ୍ଣା ସେହି ନବଜାତ ଶିଶୁର ଏବଂ ରାଣୀ ସାହେବାଙ୍କର ସେବାଶୁଶ୍ରୂଷାକାରିଣୀରୂପେ ନିଯୁକ୍ତ ହେଲେ । ରାଜକୁମାରଙ୍କ ଅସୁସ୍ଥାବସ୍ଥାରେ ଶ୍ରୀମତୀ ନିମ୍ନଲିଖିତ ପଦ୍ୟ ଲେଖି ସର୍ବଦା ପାଠ କରୁଥିଲେ—

ଅର୍ପଣ

"ଅର୍ପୁ ଅଛି ମହାପ୍ରଭୁ ଅମୂଲ୍ୟ ରତନ,
ନିବାରଣ କର ବାରେ ଏ ବାଳ କଷଣ ।
କୋଟି କୋଟି ଜୀବନର ହେବେ ସେ ପୋଷକ,
ଏକ ପ୍ରାଣ ହେତୁ କେତେ ଶାନ୍ତ ହେବେ ଲୋକ ।
କେହି ଜାଣି ନ ପାରଇ ସେ ହୃଦବେଦନା,
ମାତ୍ର ଗୃହୁଁ ବାରେ ପ୍ରାଣ ହୁଏ ବିଡ଼ମ୍ବନା ।

Digitized by srujan ka@gmail.com

ହୃଦ-ସରୋବରେ ଫୁଟେ ବ୍ୟାକୁଳ-କୁମୁଦ,
ଗନ୍ଧ ଶୋଭା କିଛି ନାହିଁ ତେବେ ହୁଏ ମୁଦ ।
ନ ପାରଇ ଭୃଙ୍ଗ ଦୁଷ୍ଟ ନିଘୃଣ ଘାତରେ,
ମକରନ୍ଦ ଦାନ କର ପ୍ରଭୁ କରୁଣାରେ ।
ନାହିଁ ଜ୍ଞାନ ପ୍ରେମ ଶିଶୁ କୋମଳ ପ୍ରତିମା,
ତାଙ୍କ ମୁଖ ଗୋଟି ଦେଖି ଫୁଟଇ ଗରିମା ।
ଦିଅ ବଳ ନାଥ ପୀଡ଼ା କରୁଣାସାଗର,
ତବ ବିନା କେ ଜାଣିବ ବେଦନା ଅନ୍ତର ।
ତାଙ୍କ ମୁଖ ପ୍ରସନ୍ନରେ ନାଶ ମୋର ଦୁଃଖ,
ଅର୍ପି ଅଛି ପଦ୍ମପାଦେ ମନେ ଦିଅ ସୁଖ ।”

ପ୍ରାର୍ଥନା

“ଯେତେ କହନ୍ତି ମହାପ୍ରଭୁ ଅଛି ଏ ଜଗତେ,
ପ୍ରତ୍ୟକ୍ଷ ପ୍ରମାଣ ଆଜ ଦେଖାଅନ୍ତୁ ମତେ ।
କୋମଳ ପ୍ରାଣର କଷ୍ଟ ଦେଖି ହେଉ ନାହିଁ,
ସତ୍ୟ ଯେବେ ମହାପ୍ରଭୁ ଦିଅନ୍ତୁ ଉଡ଼ାଇ ।
ସୁମନ ଉପରେ କାହା ଢାଙ୍କିଛି ମନ୍ଦର,
ଗୁଳିଯାଇଅଛି ଗନ୍ଧ ନ ଦିଶେ ସୁନ୍ଦର ।
କୋକିଳ ବସିଛି ବୃକ୍ଷେ ନ ଶୁଭଇ ସ୍ୱନ,
ବସନ୍ତର ଶୋଭା ନାହିଁ ସ୍ଥିର ନାହିଁ ମନ ।
ଦିଅ ବଳ ଦିଅ ଶକ୍ତି ପ୍ରକାଶି ମହିମା,
ପ୍ରଫୁଲ୍ଲେ ନାଚବ ହୃଦେ ମାନବ ଗରିମା ।
କେହି କଳି ନ ପାରଇ ଶରୀରର ତତ୍ତ୍ୱ,
ତେ ଅନୁସନ୍ଧାନ କରେ ଫିଙ୍ଗି ନିଜ ମତ ।

Digitized by srujan ka@gmail.com

ଭାବେ ଭାବ ମିଶୁ ନାହିଁ ହେଲେଣି ଦୁର୍ବଳ,
ମଙ୍ଗଳ ସାଧନ ହରି କରନ୍ତୁ ମଙ୍ଗଳ ।
ତୁମ୍ଭ ବିନା ଦେଖ ନାହିଁ ଡାକୁଛି ଦୁଃଖିନୀ,
ଶୀତଳ କରିଅ ପ୍ରାଣ ପ୍ରେମବୀଜ ବୁଣି ।
ବୀଜର ଆକାର ହେଉ ବୃକ୍ଷର ସମାନ,
ଫୁଟି ପୁଷ୍ପ ନକେ ହରି କରନ୍ତୁ ଆଘ୍ରାଣ ।
ହେ ସଚ୍ଚିଦାନନ୍ଦ ହରି ଦେଖାଅନ୍ତୁ ସତ୍ୟ,
ଅବଶ୍ୟ ବୁଝିବ ପ୍ରଭୁ ଅନ୍ତର ନିତ୍ୟ ।”

ପାରଳାଖେମୁଣ୍ଡି
୨୭।୭।୧୬

ଶ୍ରୀମତୀ ଅନ୍ନପୂର୍ଣ୍ଣା
‘ଗଡଜାତବାସିନୀ’

ଶୋକସ୍ତ୍ରିବା ହେବା ସଙ୍ଗେ ସଙ୍ଗେ ସେ ଏହି ରାଜପରିବାରର ଶୁଶ୍ରୂଷାକାରିଣୀ ମଧ୍ୟ ହେଲେ । ଏ ସବୁ କାର୍ଯ୍ୟ ଅତି ସୁଶୃଙ୍ଖଳରୂପେ ଏବଂ ଅକୁଣ୍ଠିତ ଚିତ୍ତରେ କରିବାରୁ ଅନ୍ନପୂର୍ଣ୍ଣା ସେହି ସମୟରେ ଅସୀମ ସୁଖ ଅନୁଭବ କରିଥିବାର ପ୍ରକାଶ କରନ୍ତି ।

ବିଷମ ପରିଣତି

ପ୍ରଥମ ଧକ୍କା

ଯୁବରାଜ ଜନ୍ମ ହେବା ପରେ ପାରଳା ପାଟମହାଦେଇଙ୍କର କିଓଟି ସନ୍ତାନ ଗର୍ଭରୁ ନଷ୍ଟ ହେଲେ । ଦୈବ ଦୁର୍ବିପାକକୁ ମନୁଷ୍ୟର ଗୃହ କଅଣ ? ଦୈବଯୋଗକୁ ଅନ୍ନପୂର୍ଣ୍ଣା ଏଥି ପୂର୍ବରୁ ଦୁଇଟି ମୃତ ସନ୍ତାନ ଜନ୍ମ କରିଥିଲେ । ରାଜନବରର ଦାସୀମାନେ ପ୍ରଥମେ ପରସ୍ପର ମଧ୍ୟରେ କୁହାକୁହି ହେଲେ ଯେ, ଅନ୍ନପୂର୍ଣ୍ଣାଙ୍କ ସହବାସ ଫଳରେ ପାଟମହାଦେଇଙ୍କର ଦୁଇଟି ସନ୍ତାନ ନଷ୍ଟ ହୋଇଅଛନ୍ତି । ଏହି ଅନ୍ଧବିଶ୍ୱାସ ଏତେ ଦୂର ବ୍ୟାପକ ଓ ବଳବତ୍ତର

Digitized by srujan ka@gmail.com

ହେଲା ଯେ, ଯେଉଁ ଦିନ ରାଣୀଙ୍କର ଦ୍ୱିତୀୟ ସନ୍ତାନ ଜନ୍ମ ହୋଇ ନଷ୍ଟ ହେଲା, ସେ ଦିନ ଅନ୍ନପୂର୍ଣ୍ଣା ରାଜନବରରେ ଉପସ୍ଥିତ ଥିବାବେଳେ କେତେକ ଦାସୀ ତାଙ୍କ ମୁହେଁ ମୁହେଁ ଏ ଅଭିଯୋଗ କଲେ ଓ ଏଥିପାଇଁ ତାଙ୍କୁ କୁବାକ୍ୟରେ ଭର୍ତ୍ସନା ମଧ୍ୟ କଲେ ! ସହାସ୍ୟ ଅନ୍ନପୂର୍ଣ୍ଣା ସେସବୁ ଭର୍ତ୍ସନାକୁ ଅତି ଧୈର୍ଯ୍ୟ ସହ ସହିଗଲେ ଏବଂ ସନ୍ଧ୍ୟାରେ ନିଜ ବସାକୁ ନୀରବରେ ଫେରିଲେ । ତହିଁ ଆର ଦିନ ତାହାଙ୍କୁ ରାଜଦ୍ୱାର ବନ୍ଧ ହେଲା । ପୂର୍ବ ଦିନ ପରି ନଗରରୁ ଆଉ ଶଗଡ଼ ଆସିଲା ନାହିଁ, କି ସେ ରାଣୀଙ୍କ ପାଖକୁ ଯିବାପାଇଁ ସୁବିଧା ପାଇଲେ ନାହିଁ । ଦୁଇ ଚାରି ଦିନ ପରେ ଅନ୍ନପୂର୍ଣ୍ଣା ସ୍ୱ-ଇଚ୍ଛାରେ ରାଣୀସାହେବାଙ୍କ ନିକଟକୁ ସଂବାଦ ଦେବାରୁ ନଗରରୁ ଖବର ଆସିଲା, "ରାଜାଙ୍କ ଶଗଡ ଚକ ଭାଙ୍ଗି ଯାଇଛି, ବଳଦ ପଟେ ମରିଯାଇଛି, ଆଉ ଶଗଡ଼ ଯିବା ସୁବିଧା ନାହିଁ" ଇତ୍ୟାଦି । ପାରଲା ଆସିବାର ପ୍ରାୟ ଚାରିବର୍ଷ ପରେ ରାଜ-ନବରରୁ ଏପରି ସଂବାଦ ପାଇ ଅନ୍ନପୂର୍ଣ୍ଣାଙ୍କ ମନରେ ପ୍ରଥମ ଧକ୍କା ବାଜିଥିଲା ।

ଏକ ବର୍ଷର ପରୀକ୍ଷା

ରାଜଦ୍ୱାର ବନ୍ଦ ହେବା ସତ୍ତ୍ୱେ ନାରୀକବି ରାଜଦ୍ୱାରରୁ ପ୍ରାୟ ଛ'ମାସଯାଏ ନିଜର ମାସିକ ଦରମା ଠିକମତେ ପାଉଥିଲେ ! ପରେ ସେହିଟିକ ମଧ୍ୟ ବନ୍ଦ ହେଲା । କେବଳ ତାହାଙ୍କର ସ୍ୱାମୀ ମାହିଁକ ୨୦ଟଙ୍କା ଦରମା ପାଇ ପ୍ରେସରେ କାର୍ଯ୍ୟ କରୁଥିଲେ । ଏଇ ସ୍ୱଳ୍ପ ବେତନ ପାଇ ମଧ୍ୟ ଏହି ପରିବାର ଅନନ୍ୟୋପାୟ ହୋଇ ପାରଳାରେ ଏକବର୍ଷ ରହିଥିଲେ । ଏକ ବର୍ଷ ଶେଷରେ ରାଣୀ ସାହେବାଙ୍କର ଆଉ ଗୋଟିଏ ସନ୍ତାନ ଜନ୍ମହେଲା । ଏହି ଶିଶୁଟି ଜୀବିତ ରହିବାରୁ ରାଜନବରରେ ଆନନ୍ଦର କୋଳାହଳ ଚାଲିଲା;

Digitized by srujan ka@gmail.com

କାନ୍ତୁ ପୁତ୍ର ମୃତ ସନ୍ତାନଗୃହର କେବଳ ଅନ୍ନପୂର୍ଣ୍ଣାଙ୍କ ଯୋଗୁଁ ନଷ୍ଟ ହୋଇଥିବାର ସମସ୍ତେ ସ୍ଥିର କରିଥିଲେ !

ତିନୋଟି ପତ୍ର

ଇତିମଧ୍ୟରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ନିଜର ଦୋଷ କଣ, ବୁଝିବା ପାଇଁ ରାଜାସାହେବ, ରାଣୀସାହେବା ଏବଂ ରାଜମାତାଙ୍କ ପାଖକୁ ଏକାଧିକ ପତ୍ର ଦେଇଥିଲେ । ପାଲେସ୍ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ନିତ୍ୟାନନ୍ଦ ପଟ୍ଟନାୟକଙ୍କ ପାଖକୁ ମଧ୍ୟ ନିଜର ସମସ୍ତ ଅବସ୍ଥା ବର୍ଣ୍ଣନା କରି ଖଣ୍ଡିଏ ପତ୍ର ଦେଇଥିଲେ । ଏ ସବୁ ପତ୍ର ମଧ୍ୟରୁ ନିମ୍ନ ତିନୋଟି ପତ୍ର ଏଠାରେ ଉଦ୍ଧାର କଲେ ନାରୀରତ୍ନଙ୍କ ତତ୍କାଳୀନ ଅବସ୍ଥା ବେଶ୍ ଜାଣିହେବ ।

—ପ୍ରଥମ ପତ୍ର—

[ଶ୍ରୀଯୁକ୍ତ ନିତ୍ୟାନନ୍ଦ ପଟ୍ଟନାୟକଙ୍କ ପାଖକୁ]

"ପାରଳାଖେମୁଣ୍ଡି
ତା ୨୬ । ୫ । ୧୯୧୯

ପ୍ରିୟ ଭାଇ,

ଆଜ ଆମେ ଏକ ମନ୍ଦର ଆଘାତରେ ଛଟପଟ ହୋଇ ଦଣ୍ଡନ ସକାଶେ ମୀରବ ରହି ଯେ କଷଣ ହୃଦୟରୁ ଯାହା ଜାତ ହେଲା, ତାହା କାତର ସ୍ୱରରେ ଆପଣଙ୍କ ନିକଟରେ ନିବେଦନ କରୁଅଛୁଁ । × × ଆମ୍ଭେମାନେ ବ୍ରହ୍ମପୁରରେ ଥିବା ସମୟରେ ମୋର ସ୍ୱାମୀ କାନ୍ଥ ଅଦର୍ମା ନ ଥିଲେ କିମ୍ବା ମୁଁ ସୁଦ୍ଧା କାନ୍ଥ କାତର ପ୍ରାର୍ଥନା କରି-ନ ଥିଲି । × × ସେ ସମୟରେ ମହାରାଜ ସାହେବ ବ୍ରହ୍ମପୁର ଜଜେକର ଆମ୍ଭର ସ୍ୱାମୀଙ୍କି ଡକାଇ ଉଦାରହୃଦୟର ପରିଚୟ ଦେଇ ସତ୍ୟ ପ୍ରତିଜ୍ଞାର ବାକ୍ୟ ବୃଷ୍ଟି କରିଥିଲେ । × × ମାତ୍ର ମୋର ମନ

Digitized by srujan ka@gmail.com

ତହିଁରେ ଆକର୍ଷଣ ହେଉ ନ ଥିଲି । କାରଣ, ବଡ଼ଖେମୁଣ୍ଡି କଥା ମୋ ମନରେ ଚିର ଜାଗରୁକ ଥାଏ । ଅଛି ମଧ୍ୟ । × × ପୁଣି ଆଉ ଥରେ ଗୋପବନ୍ଧୁ ବାବୁ ଆମ୍ଭର ଗୃହକୁ ଆସି ଯେପରି ମଧୁର ଭାଷା ବର୍ଷଣ କରିଥିଲେ, ସେ ଏକାବେଳକେ ମୋ ମନକୁ ମୁଗ୍ଧ କରି ହୃଦୟରେ ଶାନ୍ତିବାରି ଢାଳି ଦେଇଥିଲେ । ପଚାରିଥିଲେ, "ରାଜାଙ୍କର ଆଜ୍ଞା ହୋଇଛି, ତୁମ୍ଭମାନଙ୍କୁ କିସ ଲୋଡ଼ା ?" ମୁଁ ଉତ୍ତର ଦେଇଥିଲି, "ରାଜାଙ୍କର ଚିର ଅନୁଗ୍ରହ ଓ ମୁଁ ଯାହା କ ବ ତ କରି ଗୀତପଦ ଲେଖିଅଛି, ତାହା ଛପାଇଦେଲେ ମୁଁ ବଡ଼ ଖୁସିହେବି ।" ପୁନର୍ବାର ବାବୁ ମହୋଦୟ ଉତ୍ତର ଦେଇଥିଲେ, "ଏହା ତ ଅବଶ୍ୟ କରାଯିବ, ଆଉ କିସ ଲୋଡ଼ା ?" ମୁଁ ଉତ୍ତର ଦେଲି, "ଆଉ ମୋତେ କିଛି ଆବଶ୍ୟକ ନାହିଁ ।" × × ରାଜାଙ୍କର କେତେଖଣ୍ଡ ପତ୍ର ପାଇ ଓ ଅନେକ ଲୋକଙ୍କ ଉତ୍ସାହରେ ଏକ ସପ୍ତାହ ଛୁଟି ନେଇ ପାରଳାଖେମୁଣ୍ଡି ଆସିଲୁ । ରାଜା ଓ ରାଣୀ ମହୋଦୟାଗଣଙ୍କ ସ୍ନେହସମ୍ମାନରେ ମୋର ଚିତ୍ତ ମୁଗ୍ଧ ହେଲା । ମାତ୍ର ରାଜା ସାହେବ ଆମ୍ଭର ସ୍ୱାମୀଙ୍କି ଦର୍ଶନ ନ ଦେବାରେ ମୋର ମନରେ ସନ୍ଦେହ ହେଲା । ପାରଳା ଯିବାର ଭଲ ନ ଥିବ ବୋଲି ଭୁନା ହେଉଁ ।

"ପୁନର୍ବାର ଆପଣଙ୍କର ପତ୍ର ୨ । ୩ ଖଣ୍ଡ ପଢ଼ିବାରୁ ଆମ୍ଭ ସ୍ୱାମୀଙ୍କର ଚିତ୍ତ ତରଳ ହୋଇ ଆସିବାକୁ ଚେଷ୍ଟା କଲେ ନା, ମୋର ଆଦୌ ଆସିବାକୁ ମନ ନ ଥିଲା । ହିନ୍ଦୁ ଜାତିର ସ୍ତ୍ରୀମାନଙ୍କ ଅବସ୍ଥା କଅଣ ? ସ୍ୱାମୀ ଯାହା କରିବେ, ସ୍ତ୍ରୀ ତାହା କଲା ।,ଆମ୍ଭେମାନେ ଏହି ସ୍ଥାନକୁ ଆସିବା ଦିନଠାରୁ ଆମ୍ଭର ଦୁଃଖର ଭାବ ଜଣେ ଜାଣି-ପାରିବ କି ? କର୍ମକୁ ଅନୁସରି ଉତ୍କଣ୍ଠରେ ଦିନ ଯାପନ କରୁଁ ।

"ମୋର ଅଦୃଷ୍ଟରେ ଯେତୋଟି ସନ୍ତାନ ରହିବାକୁ ଯୋଗ ଥିଲା, ସେତୋଟି ରହି ଅନ୍ୟ ଗୁଡ଼ିକ ଅନନ୍ତ ସାଗରରେ ଲୀନ ହେଲେ । ସେଥିକି କିଏ କିସ କରିବ ? ଏଣୁକରି ମୋଦ୍ୱାରା ରାଣୀ ସର୍ବାଣୀଙ୍କର ସନ୍ତାନ ନଷ୍ଟ ହେଲା ବୋଲି କହି ମନା କରିବାର ଉଚିତ ହୋଇଅଛି କି ? ହେଉ, ମୋର ସନ୍ତାନ ନଷ୍ଟ ହେବା ତାଟେଲ ମୁଁ ନହରକୁ ଯିବାକୁ ମର୍ଜି କରିଥିଲି କି ? ଆପଣଙ୍କୁ ତ ପତ୍ର ପଠାଇଲି, "ମୋର ସନ୍ତାନମାନେ ନଷ୍ଟ ହେଉଛନ୍ତି, ବର୍ତ୍ତମାନ ରାଣୀ ମହୋଦୟା ଗର୍ଭବତୀ ହୋଇଅଛନ୍ତି, କି କଥା ଆସିପାରେ, ମୁଁ କିପରି ଯିବି ?" ଆପଣ ଉତ୍ତର ଦେଇ ନ ଥିଲେ କି, ଏ ନହରରେ ସେପରି କୁସଂସ୍କାର କଥା ଆଦୌ ନାହିଁ, ତକ୍ଷଣେ ଆସିବାର ଅଛି ?" ସେଥିରେ ମଧ୍ୟ ମୋ ମନ ନ ମାନି ନାନୀ ଓ ମାତାଙ୍କଦ୍ୱାରା ଭିତରକୁ ଖବର ଦେଲି । ସେମାନେ ସୁଦ୍ଧା କିଛି ପରୁଆ ନାହିଁ, ତୁମ୍ଭେ ତକ୍ଷଣେ ଆସିବାର ଅଛି ବୋଲି ଖବର ଦେଲେ । ମୁଁ ଗଲି । ଯିବା କାଳେ ମଧ୍ୟ ମୋର ପ୍ରାଣକୁ ବହୁ ସତର୍କରେ ରଖି ଚଳାଚଳ ହେଉଥାଏଁ । ଏପରି ଆମ୍ଭେମାନେ ଶଶ୍ୱାସରେ ଥିବା କାଳେ ଆମ୍ଭଙ୍କୁ ଉଚ୍ଚ ଆସନରେ ବସାଇ ପଞ୍ଚ ହସ୍ତ ଧକ୍କା ଦେବାରୁ ପଡ଼ିଯାଇ ଛଟପଟ ହେବା ସମୟରେ ନାକରେ ଆଙ୍ଗୁଠି ଦେଇ ହସିବା ନ୍ୟାୟ କଲେ ପରା ? ଏପରି କଲେ ଯେ, ଏ କାଳ କନ୍ଦାରରେ ସ୍ତ୍ରୀବାଳକୁଟୁମ୍ବ ଓ ଟ ୩୦୦୮ ରଣ ବୁଝିଲା ବୋହି କୁଆଡ଼େ ଯିବୁ ? କଣ କରିବୁ ? ମହାରାଜାଙ୍କର ରତ୍ନ ପାଦୁକାରେ କି ଦୋଷ କଲୁ ? ତାହା ଦେଖାଇ ଦେଇ ଦଣ୍ଡ ଦେବା ଉଚିତ ଥିଲା । ବର୍ତ୍ତମାନ କି ଉପାୟ କରିବୁ, କହିବେ କି ? ଆପଣ ମୋର ପ୍ରିୟତମ ବନ୍ଧୁ ବୋଲି ମୋର ହୃଦୟ ରାଜ୍ୟରେ ଦୃଢ଼ ଧାରଣା କରିଅଛି; ତେଣୁକରି ଆମ୍ଭ ହୃଦ ଭାବ ଓ ଆପତ୍ତି ବିପତ୍ତି ନ କହି ରହିପାରୁ ନାହିଁ । ଆପଣଙ୍କର ଯାହା

କର୍ତ୍ତବ୍ୟ,ତାହା ପାଳି ନେବେ କି ? ହେଲେ ଉତ୍ତମ,ନ ହେଲେ ଗଲା ; ରାଜାଙ୍କ ଛାମୁକୁ ଚିଠି ଖଣ୍ଡିଏ ଲେଖିବି କି ? ଆପଣ ଆଦେଶ ଦେଲେ ଲେଖିବି, ନ ହେଲେ ନାହିଁ । ଏ କୁଟୁମ୍ବର ଭାର ଆପଣଙ୍କ ଉପରେ ଲଦା ହେଲା ଜାଣିବେ ।

“× × ଭାଇ,ଆମ୍ଭ ଏ ନିରୀହ କୁଟୁମ୍ବଟିକୁ ଅଣାଇ ଏ ଦୁର୍ଦ୍ଦଶା ଜାଲରେ ଭସାଇଦେବା ବାଦ୍ ଭବିଷ୍ୟତ୍ ଜୀବନରେ ମଧ୍ୟ ଧୂଳି-ପକାଇଦେବା ମାର୍ଗ ଖୋଲି ଦେଇଅଛନ୍ତି । ଏପରି ସମୟରେ ଯଦି ଆପଣ ନୀରବ ରହନ୍ତି,ଆମ୍ଭମାନଙ୍କର ଗତି କଣ ହେବ,ଭାବି ଦେଖନ୍ତୁ । ଆମ୍ଭଙ୍କୁ ଥିବା ଋଣ, ପାଥେୟ ଖର୍ଚ୍ଚ, ମାସେ ଦୁଇ ମାସର ଖୋରାକି, ମୋଟ ଟ୫୦୦୲ ରାଜଦ୍ୱାରରୁ ମିଳଇ ନ ଦେଲେ ଆମ୍ଭେମାନେ ନୂତନ କର୍ମଦ୍ୱାର ଠେଙ୍କିବାକୁ ଯିବୁ କିପରି ? ନୂତନ କର୍ମଦ୍ୱାର ଠେଙ୍କିବା କାଳେ କେତେ ପ୍ରକାର ପ୍ରଶ୍ନ ଓ ମୀମାଂସା ଉଠିବ, ଥରେ ଶୁଣିବେ କି ?

“ସ୍ୱାମୀଙ୍କର ବାଲ୍ୟବୟସ କଟିଗଲାଣି । ନାନା ସ୍ଥାନର ବିବରଣ ଓ ମହତ୍ ଭାବର ପରିଭାଷା ପଚାରିବା କିଏ ଛାଡିବ ନାହିଁ । କଣ କହିବୁ ? ଯଥାର୍ଥ କହିଲେ ନିଜ ଦେଶ ଜାତିର ମହତ୍ତ୍ୱ ବୁଡିଯିବ ; ପୁଣି ଆମ୍ଭଙ୍କୁ ଦାନାପାଣି ମଧ୍ୟ ମିଳିବ ନାହିଁ । ମିଛ କହିଲେ ଠକ ଆଖ୍ୟା ପାଇ ଧକ୍କା ଖାଇବୁ । ପଚାରିବା ତ କିଏ ଛାଡିବେ ନାହିଁ, କିନ୍ତୁ ନ ପଚାରି ନ ଜାଣି କିଏ ମାନ ଗୌରବ ବୁଝିବା ଭଳି ଉତ୍କଳ-ବୀର ପୁରୁଷ କିବା ବିଦୁଷୀ ରମଣୀ ଅଛନ୍ତି, ଯେ ମୋତେ ସ୍ଥାନ ଯୋଗାଇବେ ? କହିବାକୁ ଗଲେ ଆମ୍ଭ ବିଷୟ ଉତ୍କଳ କ୍ଷେତ୍ରରେ ଓ ଅନ୍ୟଜାତୀୟ ହୃଦୟରେ ସୁଢା ପରିଚୟ ଦିଆଯାଇଅଛି । ଏତିକି କଥା,ପ୍ରକୃତ ରକ୍ତ ଓ ଜାତୀୟ ଅଭିମାନ ଯାହାର ହୃଦୟରେ ଅଛି,ସେ କଦାପି ଆମ୍ଭ ଉପସ୍ଥିତ ବିପତ୍ତି ସମୟରେ ନୀରବ ହୋଇ ରହିବ

Digitized by srujan ka@gmail.com

ନାହିଁ । ଆଉ ତେବେ ତାହାର ରକ୍ତର ମୂଲ୍ୟ ଚାହିଁ ଗ୍ରାହକ ଅନ୍ୱେଷଣ କରିବ ? ଏହି ତ ସମସ୍ୟ ? ଦେଖାଯାଉ, ଆପଣ ଏ ପତ୍ର ଖଣ୍ଡିକ କିପରିଭାବରେ ଗ୍ରହଣ କରିବେ ।”

—ଦ୍ୱିତୀୟ ପତ୍ର—

[ଶ୍ରୀମାନ୍ ରାଜା ସାହେବଙ୍କ ପାଖକୁ]

“ପାରଳାଖେମୁଣ୍ଡି
୭ । ୭ । ୧୯୧୯

“ଶ୍ରୀଛାମୁ,

“ମୁଁ ଶିକ୍ଷିତା ବୋଲି କେବେ ଗର୍ବ କରେ ନାହିଁ, କେବେ କହେ ବି ନାହିଁ । ଶିକ୍ଷିତା ବୋଲି ଶ୍ରୀଛାମୁ ମୋତେ ଆଶ୍ରୟ ଦେଇ ନ ଥିଲେ । କେବଳ ନିରାଶ୍ରୟା ମନେକରି ଏବଂ ଜଣେ ଓଡ଼ିଆ ମହିଳାକୁ ପୋଷଣ କରିବା ଉଦ୍ଦେଶ୍ୟରେ ଉଦାର ଭାବରେ ପ୍ରଣୋଦିତ ହୋଇ ଶ୍ରୀଛାମୁ ମୋତେ ଡକାଇଥିଲେ । ରାଜବାଟୀ ସହିତ ସଂପର୍କରେ ମୁଁ ଶ୍ରୀଛାମୁଙ୍କ ହସ୍ତରେ ଯଥେଷ୍ଟ ଉପକାର ପାଇଅଛି । ସେଥିପାଇଁ ମୁଁ ଶ୍ରୀଛାମୁଙ୍କୁ ଧନ୍ୟବାଦ ଦେଉଅଛି ।

“ମୁଁ ତେବେ କୌଣସି କ୍ଷତି କରିଥିବାର ମୋ ମନେ ହେଉ ନାହିଁ । ଯଦି ଅଜ୍ଞାତସାରରେ ତେବେ କିଛି କ୍ଷତି ହୋଇଥିବ, କ୍ଷମା କରିବା ହେବେ ।

“ମୋତେ ଯେଉଁ କାରଣରୁ କାର୍ଯ୍ୟଚ୍ୟୁତ କରି ନିଗ୍ରହ ଦେଖାଇଛନ୍ତି, ସେଥିପାଇଁ ମୁଁ ଦାୟୀ ନୁହେଁ । ଏହା କେବଳ ମୋର କର୍ମର ଫଳ ବୋଲି ମନେକରି ନୀରବ ରହୁଅଛି । ସେଥିପାଇଁ ଶ୍ରୀଛାମୁଙ୍କୁ ନିନ୍ଦା ମଧ୍ୟ କରୁ ନାହିଁ । ସେସବୁ ଦୁରଦୃଷ୍ଟର ଫଳ । ଶ୍ରୀଛାମୁ କଣ କରିବେ ? ତେବେ ଶ୍ରୀଛାମୁ ଗୋଟିଏ ରାଜ୍ୟର ଅଧୀଶ୍ୱର, ମୁଁ ଜଣେ ଅବଳା । ମୁଁ ଯଥାତଥା କରି କାଳ ଯାପନ

Digitized by srujan ka@gmail.com

କରୁଥିଲି । କୌଣସି ଉଚ୍ଚ ଆଶା ନ ଥିଲା । ଉଚ୍ଚ ଆଶା ଶ୍ରୀଛାମୁ ଦେଖାଇଲେ ଏବଂ ସେହି ଆଶା ଏବେ ଭଙ୍ଗ କଲେ ! ସେଥିରେ ଶ୍ରୀଛାମୁଙ୍କର କୌଣସି କ୍ଷତି ନାହିଁ । ମୋ ପରି କେତେ ବ୍ୟକ୍ତି ନିରନ୍ନ, ନିରାଶ୍ରୟ ହୋଇ ପଡ଼ିଛନ୍ତି । ମୁଁ ସେମାନଙ୍କ ମଧ୍ୟରୁ ଜଣେ ବୋଲି ମନେକରି ମୋତେ ତ୍ୟାଗ କଲେ ! ମାତ୍ର ମୁଁ ଏପରି ବ୍ୟବହାର ଆଶା କରି ନ ଥିଲି । ଶ୍ରୀଛାମୁ ଉଦାର ଓ ଦାନଶୀଳ । ମୁଁ ଗରିବ ନିଷ୍କର୍ମା, ଦରିଦ୍ର ଏବଂ ଅବଳା । ମୋତେ ଶ୍ରୀଛାମୁ କୌଣସି କାର୍ଯ୍ୟ ନ ଦିଅନ୍ତୁ, ସେଥିରେ କୌଣସି ଚିନ୍ତା ନାହିଁ । ମୁଁ ସେ ଅଳ୍ପ ଆଉ କରିବି ନାହିଁ । ମାତ୍ର ମୋହର ଅବସ୍ଥାକୁ ଅଧିକ ଶୋଚନୀୟ କରିବା ନ କରିବା କଥା ଶ୍ରୀଛାମୁଙ୍କ ହସ୍ତରେ ଅଛି । କୌଣସି କାର୍ଯ୍ୟ ନ ଥାଇ ମୋତେ କେତେକ ବୃତ୍ତି ଖଞ୍ଜିଦେବା ଶ୍ରୀଛାମୁଙ୍କ କ୍ଷମତାର ବହିର୍ଭୂତ ନୁହେଁ ତ !

"ଏବେ ମୁଁ ୫୩୦୦୮ ପର୍ଯ୍ୟନ୍ତ ଋଣଗ୍ରସ୍ତ ହୋଇଅଛି । ଅନ୍ୟଠାକୁ ଯାଇ ରହିବାକୁ ହେଲେ ଆଉ କିଛି ଦରକାର । ଶ୍ରୀଛାମୁ ଏବେ ମୋପ୍ରତି ସଦୟ ହୋଇ ପୁନରପି ନୂତନରେ ସଂସାର କରିବାକୁ ଏ ବିଷୟରେ ପର୍ଯ୍ୟନ୍ତ ସାହାଯ୍ୟ କରିପାରିବେ ନାହିଁ କି ? ସେତିକି ହେଲେ ମୁଁ କୃତାର୍ଥ ହେବି ଏବଂ କୌଣସି ଦୁଃଖକୁ ଦୁଃଖ ବୋଲି ମଣିବି ନାହିଁ । ମୋତେ ଏହି ଦୁର୍ଦ୍ଦିନରେ ଶ୍ରୀଛାମୁ ସଦୟ ହୁଅନ୍ତୁ । ଏହାହିଁ ଶେଷଭିକ୍ଷା ଓ ପ୍ରାର୍ଥନା ।"

ନିରାଶା

ଏ ଦିଓଟି ପତ୍ର ଯଥାସମୟରେ ପାଲେସ-ସୁପରିଣ୍ଟେଣ୍ଡେଣ୍ଟ ଏବଂ ରାଜାସାହେବଙ୍କ ନିକଟକୁ ପଠାଇ ଦିଆଯାଇଥିଲା । କିନ୍ତୁ ସେଗୁଡ଼ିକର କୌଣସି ଉତ୍ତର ଶ୍ରୀମତୀ ପାଇ ନ ଥିଲେ । ଏହି କାରଣରୁ ସେ ନିରାଶ ହୋଇ ରହିଲେ ।

Digitized by srujan ka@gmail.com

ଶେଷଧକ୍କା

ଇତିମଧ୍ୟରେ ରାଜା ସାହେବ ନିଜ ପରିବାରବର୍ଗଙ୍କୁ ନେଇ ତୀର୍ଥଯାତ୍ରା କରି ଗଲେ । ପୂର୍ବ ପରି ଅନ୍ନପୂର୍ଣ୍ଣା ରାଜ-ଅନୁଗ୍ରହରୁ ବଞ୍ଚିତା ହୋଇ ନିଜ ଘରେ ବସିରହିଲେ । ତାହାଙ୍କର ସ୍ୱାମୀ କେବଳ ରାଜାଙ୍କ ଛାପାଖାନାରେ କାର୍ଯ୍ୟ କରି ମାସିକ ଦରମା ପାଉଥିଲେ । ରାଜାଙ୍କ ତୀର୍ଥାଟନ ସମୟରେ ମଧ୍ୟ ଶ୍ରୀମତୀ ଅନ୍ନପୂର୍ଣ୍ଣା ଏତାଧିକ ପତ୍ର ଲେଖିଥିଲେ; କିନ୍ତୁ ତାହାଁର କୌଣସି ଉତ୍ତର ପାଇ ନ ଥିଲେ ।

ଏପରି ଦୁଃଖ ଏବଂ ଅଭାବରେ ଦିନ କାଟୁଥିବା ସମୟରେ ଦିନେ ତାହାଙ୍କର ସ୍ୱାମୀ ରାଜ-ଅଫିସରୁ ଆଦେଶ ପାଇଲେ ଯେ, ସେ ଆଉ ପୂର୍ବ ପରି ପ୍ରେସରେ କାର୍ଯ୍ୟ କରିବେ ନାହିଁ । ଏହି ନିଷେଧ ଆଦେଶ ପାଇବା ପୂର୍ବରୁ ରାଜାସାହେବ ନିଜ କର୍ମଚାରୀମାନଙ୍କ-ପାଖକୁ ତାର ପଠାଇଥିବାର ଶୁଣାଯାଇଥିଲା । ଏହି ରାଜ-ଆଦେଶ ଫଳରେ ଶ୍ରୀରାମ ମଧ୍ୟ ନିଜ କାର୍ଯ୍ୟରୁ ଚିରଦିନ ପାଇଁ ଅନ୍ତର ହେଲେ । ସ୍ୱାମୀଙ୍କ କାର୍ଯ୍ୟଚ୍ୟୁତି ପରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ନିମ୍ନ କବିତା ଖଣ୍ଡିକ ଲେଖି ସଂବାଦ ପତ୍ରକୁ ପଠାଇଥିଲେ—

କିସ ହେଲା ?

"ଆସିଲି ସୁଖ ଆଶା ଧରି, ମଣ୍ଡିଲି ଅଙ୍ଗେ ରାଜଶିରୀ ।
ମନରେ ହେଲି ହୃଷ୍ଟ ପୁଷ୍ଟ, ତଥାପି ନ ଗଲା ମୋ କଷ୍ଟ ।
ଇଚ୍ଛିଲି କେତେ କେତେ ଭୋଗ, ଭୋଗିଲି ଯାହା ଥିଲା ଯୋଗ ।
ରତନ ପାଇଁ ପାତ କରି, ମୃତ୍ତିକା ପ୍ରାପ୍ତ ନିରନ୍ତର ।
ତାହା ମୁଁ ଦେଖେ ନୟନରେ, ସହିଛି ଅତି ଯତନରେ ।

Digitized by srujan ka@gmail.com

ମୃତ୍ତିକା ହେବ କି ରତନ, ଦେଖେ ତାହାର ନିଜ ବର୍ଣ୍ଣ ।
ସେଥିରେ କି ସାଧିବ କର୍ମ, ଭାବଇ ଏହା ନଷ୍ଟେ ଭ୍ରମ ।
କେବଳ ଅଦୃଷ୍ଟ ପ୍ରଧାନ, ତାଠାରୁ ବଳ ନାହିଁ ଆନ ।
ସେ ଯେବେ ନୁହନ୍ତି ପ୍ରସନ୍ନ, ଧିକ ଅଟଇ ଏ ଜୀବନ ।
ଜୀବିତ ମୃତ୍ୟୁ ସଙ୍ଗେ ସରି, ଯେବେ ହୁଅଇ ଏତେ ପରି ।
ଯାଗର ସଙ୍ଗେ ମିତ୍ରପଣ, ବହିଲି ଯିବ ବା କଷଣ ।
ତୃଷାରେ ହେବାରୁ ଆତୁର, ଭାବିଲି ଏ ଜଳ ମଧୁର ।
ପାନ କରିବି ଅବିରତେ, ସ୍ଥିର ମୁଁ ହେବି ଏ ଜଗତେ ।
କେହି ନ ଦେବ ଆଉ ଦଣ୍ଡ, ସକଳ ଭାବ ହେବ ଭଣ୍ଡ ।
ମୋ ଶିକ୍ଷା ଦେଖିବେ ସକଳେ, ସାଧନା ସିଦ୍ଧ ହେବ ବୋଲେ ।
ତୃଷା ଗରିମା ସବୁ ଚୂର, ଚିନ୍ତା ହୋଇବ ମନୁ ଦୂର ।
ହୃଦୟ କ୍ଷେତ୍ର ନିର୍ମଳରେ, ଉର୍ବରା କ୍ଷେତ୍ର ସଙ୍ଗତରେ ।
ଭାବନା ବୀଜ ବୁଣିଦେବି, ନିରତେ ତାହା ଗୃହୁଁ ଥିବି ।
ବୀଜ ଉପରି ଅଙ୍କୁରିବ, ଧଇର୍ଯ୍ୟ ବୃକ୍ଷ ପଲ୍ଲବିବ ।
ଯାଇବ ସଦା ପ୍ରେମନୀର, ବହିବ ମଳୟ ସୁଧୀର ।
ଫୁଟିବ ଶାନ୍ତିର ସୁମନ, ବ୍ୟାପିବ ଗନ୍ଧେ ଏ ଭୁବନ ।
ଫଳିବ କାମନାର ଫଳ, ବର୍ଷ'ସେ ହୋଇବ ଅଟଳ ।
ଭକ୍ତିରେ ତାହା ମୁଁ ତୋଳିବି, ଆନନ୍ଦ ମନରେ ଭୁଞ୍ଜିବି ।
ତେବେ ତୁଟିବ ମନୁ ଚିନ୍ତା, ଜୀବନେ ପାଇବି ଅଚିନ୍ତା ।
ସୁଖରେ ରହିବି ଜଗତେ, ଶେଷରେ ମିଶିବି ଅନନ୍ତେ ।
ସେ ସବୁ ଭାବ ଗଲା କାହିଁ, ରହିଲି ଶୂନ୍ୟକୁ ଅନାଇଁ ।
ଶୂନ୍ୟରୁ କି ଅବା ମିଳିବ, ଶୂନ୍ୟର ଭାବ ଶୂନ୍ୟେ ଯିବ ।
ଏବେ ରହିଲି କର୍ମ ଭଜି, ମନର କାମନା ବରଜି ।
ହେ ମାୟାଧାରି ରଙ୍ଗାଧର, ଏବେ ମୋ ଇଚ୍ଛା ପୂର୍ଣ୍ଣ କର ।

Digitized by srujan ka@gmail.com

ଆଜ୍ ପରୀକ୍ଷା ଲେଖା ନାହିଁ, ଜଗତେ ନ ରଖ ବାଞ୍ଛା ।
ତୋର ପଦରେ ହେଉ ଲୀନ, ଦେଖିଲୁ ସବୁ ପଦଶଙ୍କା ।
ଶ୍ରୀମତୀ ଅନ୍ନପୂର୍ଣ୍ଣା"

["ସଂବାଦବାହିକା"– ୨୩ । ୧୦ । ୧୯୧୯]

ପାର୍ଲାତ୍ୟାଗ

ନିଜ ପାଇଁ ରାଜଦ୍ୱାର ବନ୍ଦହେବା ପରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଯେପରି ମର୍ମାହତ ହେଲେ, ରାଜାଜ୍ଞାରେ ନିଜ ସ୍ୱାମୀଙ୍କର ଗୃହକର୍ତ୍ତୃତ୍ୱ ଖଣ୍ଡିତ ଚିରଦିନ ପାଇଁ ଲୋପ ହେବାରୁ ସେ ତହିଁରୁ ଅଧିକ ଜୀବନ୍ମୃତ ହେଲେ । ବର୍ତ୍ତମାନ ସେମାନେ ଅନ୍ୟ କୌଣସି ଉପାୟ ନ ଦେଖି ପାର୍ଲା ତ୍ୟାଗ କରିବା ପାଇଁ ସ୍ଥିର କଲେ । ଠିକ୍ ଏତିକିବେଳେ ମଞ୍ଜୁଷାର ସ୍ୱର୍ଗୀୟ ରାଜା ଶ୍ରୀନିବାସ ରାଜମଣି ରାଜଦେବ ସ୍ୱଇଚ୍ଛାରେ ଶ୍ରୀମତୀଙ୍କ ପାଖକୁ ୯ଦଶତ ଟଙ୍କା ସାହାଯ୍ୟ ପଠାଇଥିଲେ ଏବଂ ସ୍ଥାନୀୟ କେତେକ ପରିଚିତ ବନ୍ଧୁ ନିଜ ମଧ୍ୟରେ ଚାନ୍ଦା ଉଠାଇ ପ୍ରାୟ ୨୫୲୩୦ ଟଙ୍କା ଦାନ କରିଥିଲେ । ଏହି କେତେକ ଟଙ୍କା ପାଇ ସେମାନେ ୧୯୧୯ ଖ୍ରୀଷ୍ଟାବ୍ଦର ନଭେମ୍ବର ମାସରେ ଚିରଦିନ ପାଇଁ ପାର୍ଲାଖେମୁଣ୍ଡି ଛାଡିଲେ ।

ବିଶାଖପାଟଣାର ଅନୁଭୂତି

ପାର୍ଲାଖେମୁଣ୍ଡି ଛାଡି କେଉଁ ସ୍ଥାନକୁ ଯିବେ, ଏହି ବିଷୟରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଏବଂ ତାହାଙ୍କ ସ୍ୱାମୀଙ୍କୁ ଅନେକ ସମୟ ଭାବିବାକୁ ପଡିଲା । ଗଞ୍ଜାମ ଭଳି ରାଜ-ବହୁଳ ଜିଲାର

Digitized by srujan ka@gmail.com

ଅନ୍ୟ କୌଣସି ସ୍ଥାନକୁ ଯିବା ପାଇଁ ସେମାନଙ୍କର ଆଦୌ ଇଚ୍ଛା ହେଲା ନାହିଁ । ନିଜର ଜନ୍ମସ୍ଥାନରେ ସେମାନଙ୍କର କୌଣସି ସଂପତ୍ତି ନ ଥିଲା । ଏପରି ଅବସ୍ଥାରେ କେଉଁଠାକୁ ଗଲେ ଜୀବନର ଶେଷକାଳ ସୁଖଦୁଃଖରେ କଟାଇବେ, ଏ କଥା ଭାବି ଭାବି ସେମାନେ ଶେଷକୁ ସ୍ଥିର କଲେ ଯେ, ଦକ୍ଷିଣ ବଣାଖପାଟଣା ସହରକୁ ଯାଇ ସେଠାରେ ନିଜ କର୍ମ ଆଦର ରଖିବେ । ମାନ୍ଦ୍ରାଜ ପ୍ରଦେଶସ୍ଥ ବଣାଖ-ପାଟଣା ଯିବା ପାଇଁ ସେମାନଙ୍କର ନିମ୍ନ ଦିଓଟି ପ୍ରଲୋଭନ ଥିଲା—

୧ମ—ଶ୍ରୀରାମଙ୍କର ପୂର୍ବ ପରିଚିତ ଦୁଇ ଜଣ କର୍ମଗୁରୁ ସେହି ବଣାଖପାଟଣାରେ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଶ୍ରୀଯୁକ୍ତ ପି. ମାର୍ଗବନ୍ଧୁ ଆୟୁର ବନ୍ଦୋବସ୍ତ ଅଫିସର ପ୍ରଧାନ ଗୃଳକ (ଡିରେକ୍ଟର ଅଫ ସର୍ଭେ) ଏବଂ ଅନ୍ୟ ଜଣକ ଶ୍ରୀଯୁକ୍ତ ଜ. ବଳରାମମୂର୍ତ୍ତି ବନ୍ଦୋବସ୍ତ ଅଫିସର ବଡ କିରାନୀ ।

୨ୟ—ଏହି ବଣାଖପାଟଣାରେ ରାଜକବି ଶ୍ରୀ ବିକ୍ରମଦେବ ବର୍ମା (ବର୍ତ୍ତମାନ 'ସାହିତ୍ୟସମ୍ରାଟ' ଜୟପୁରାଧୀଶ ମହାରାଜା ଶ୍ରୀ ଶ୍ରୀ ବିକ୍ରମଦେବ ବର୍ମା) ବାସ କରୁଥିଲେ ।

ଅନ୍ନପୂର୍ଣ୍ଣା ଏବଂ ଶ୍ରୀରାମଙ୍କର ପ୍ରବଳ ଇଚ୍ଛା ହେଲା ଯେ, ଏହି ପୂର୍ବ ପରିଚିତ ବନ୍ଧୁ ଏବଂ ରାଜକବିଙ୍କ ସାହାଯ୍ୟରେ ଏମାନେ ବଣାଖପାଟଣା ସହରରେ ବେଶ୍ ସୁନ୍ଦର ଚଳିପାରିବେ । ଏପରି ଇଚ୍ଛା କରି ଶ୍ରୀରାମ ପଟ୍ଟନାୟକ ପ୍ରୋକ୍ତ ବନ୍ଧୁମାନଙ୍କ ପାଖକୁ ପୂର୍ବରୁ ପତ୍ର ଦେଇ ପରିବାରଙ୍କୁ ନେଇ ବଣାଖପାଟଣାରେ ପହଞ୍ଚିଲେ । ଏମାନେ ପହଞ୍ଚିବା ପରେ ନିମ୍ନ ସମ୍ବାଦ ପ୍ରକାଶିତ ହୋଇଥିଲା—

Digitized by srujan ka@gmail.com

ନାଟ୍ୟରତ୍ନ ଅନ୍ନପୂର୍ଣ୍ଣା

"ନାଟ୍ୟରତ୍ନ ଅନ୍ନପୂର୍ଣ୍ଣାଙ୍କର ଖଣ୍ଡିଏ ପତ୍ର ଆମ୍ଭମାନଙ୍କର ହସ୍ତଗତ ହୋଇଅଛି । ସେ ଆଉ ପାରଳାଖେମୁଣ୍ଡିରେ ନାହାନ୍ତି । ବର୍ତ୍ତମାନ ସେ ସୁଦୂର ବିଶାଖପାଟଣାରେ ଅବସ୍ଥାନ କରୁଅଛନ୍ତି । ତାଙ୍କ ପତ୍ରରୁ ପ୍ରକାଶ, ସେ ପାରଳାରୁ ବଡ଼ ଲାଞ୍ଛିତା ଓ ଅପମାନିତା ହୋଇ ଯାଇଛନ୍ତି ।"

["ହିତୈଷିଣୀ"–୨୦।୧୨।୧୯୧୯]

ବିଶାଖପାଟଣାରେ ଶ୍ରୀରାମଙ୍କର ଚାକିରି

ବିଶାଖପାଟଣା ଆସିବା ସଙ୍ଗେ ସଙ୍ଗେ ଶ୍ରୀରାମ ପଟ୍ଟନାୟକ ସ୍ଥାନୀୟ ବନ୍ଦୋବସ୍ତ ଅଫିସରେ ଅସ୍ଥାୟୀ କିରାଣି କାର୍ଯ୍ୟ ପାଇଥିଲେ । ପ୍ରାୟ ଏକବର୍ଷ ଏହି ଅଫିସରେ କାର୍ଯ୍ୟ କଲା ପରେ ବ୍ୟୟସଙ୍କୋଚ ଯୋଗୁଁ ସେ ସେହି କାର୍ଯ୍ୟରୁ ବଞ୍ଚିତ ହେଲେ । କିନ୍ତୁ ତାହାଁର ଅଳ୍ପ କେତେକ ଦିନ ପରେ ସ୍ଥାନୀୟ ଏଜେନ୍‌ସି କମିସନରଙ୍କ ଅଫିସରେ ଅସ୍ଥାୟୀରୂପେ 'କପିଷ୍ଟ' କାର୍ଯ୍ୟ ପାଇଥିଲେ । ପରେ ସେହି ଅସ୍ଥାୟୀ କାର୍ଯ୍ୟ ଛାଡି ସ୍ଥାନୀୟ କଲେକ୍ଟରୀ ଅଫିସରେ ମାସିକ ଟ ୧୫୲ ବେତନରେ ସେହି 'କପିଷ୍ଟ' କାର୍ଯ୍ୟ ପାଇଥିଲେ । ସେହି ଦିନରୁ ଆଜି ସୁଦ୍ଧା (ପ୍ରାୟ ୧୭।୧୮ ବର୍ଷ ହେବ) ଶ୍ରୀରାମ ପଟ୍ଟନାୟକ ଏହି କାର୍ଯ୍ୟ କରିଆସୁଅଛନ୍ତି । ମାସିକ ପନ୍ଦର ଟଙ୍କା ବ୍ୟତୀତ ପ୍ରତି ତିନି ମାସକୁ ଥରେ କିଛି କିଛି 'ବୋନସ' ଟଙ୍କା ମଧ୍ୟ ପାଆନ୍ତି । ଏହି ଟଙ୍କାରେ ସେ ନିଜର ପରିବାରକୁ ନେଇ ଦୁଃଖେ ସୁଖେ ଚଳନ୍ତି !

ବିଶାଖପାଟଣାର କେତୋଟି ବିଶେଷତ୍ୱ

ବିଶାଖପାଟଣା ଗୋଟିଏ ଶାଣ୍ଟି କେନ୍ଦ୍ର ସହର । ଏଠାରେ ଅତି ଅଳ୍ପ କେତୋଟି ସ୍ଥାୟୀ ଓଡ଼ିଆ ଘର ଏବଂ କେତେକ

Digitized by srujan ka@gmail.com

ସ୍କୁଲ, କଲେଜ ଆଦି ଓ ଶିକ୍ଷିତ ବାସ କରନ୍ତି । ଶ୍ରୀମ ପଟ୍ଟନାୟକ ନିଜ ପରିବାରକୁ ନେଇ ଏଠାରେ ପହଞ୍ଚିବା ସମୟରେ (୧୯୧୯) ମହାରାଜ ବିକ୍ରମଦେବ ବର୍ମା ଏଠାରେ ବାସ କରୁଥିବା କଥା ପୂର୍ବରୁ କୁହାଯାଇଛି । ଏହି ରାଜକବି ଅନ୍ନପୂର୍ଣ୍ଣାଙ୍କୁ ପୂର୍ବରୁ ଚିହ୍ନିଥିଲେ । ଅନ୍ନପୂର୍ଣ୍ଣା ବର୍ହାମ୍ପୁରରେ ଥିବା ସମୟରେ ବିକ୍ରମଦେବ ଏହାଙ୍କ କବିତାଗୁଡ଼ିକୁ ପଢ଼ି ମୁଗ୍ଧ ହେଉଥିଲେ ଏବଂ ସାମୟିକ ଉତ୍ସାହ ମଧ୍ୟ ଦେଉଥିଲେ । ଏକ୍ଷଣି ଅନ୍ନପୂର୍ଣ୍ଣା ଅନେକ ଅଭାବ ଓ ଅସୁବିଧା ଭୋଗ କରି ଏହି ସହରକୁ ଆସିବା ସଙ୍ଗେ ସଙ୍ଗେ ବିକ୍ରମଦେବ ତାହାଙ୍କର ସମସ୍ତ ସୁବିଧା କରିବା ପାଇଁ ଯଥାଶକ୍ତି ଯତ୍ନ କରିଥିଲେ । ବାସ୍ତବରେ ବିଶାଖପାଟଣା ଭଳି ତେଲୁଗୁ ରାଜ୍ୟରେ ମହାରାଜାଙ୍କ ପ୍ରଦତ୍ତ ସାହାଯ୍ୟ ବ୍ୟତୀତ ଏହି ପରିବାର ସ୍ୱଚ୍ଛନ୍ଦରେ ଚଳିବା ଅସମ୍ଭବ ହୁଅନ୍ତା । ଏଥିପାଇଁ ଶ୍ରୀମତୀ ଅନ୍ନପୂର୍ଣ୍ଣା ଏବଂ ତାହାଙ୍କର ସ୍ୱାମୀ ମହାରାଜାଙ୍କଠାରେ ଚିରଋଣୀ ଥିବାର ସର୍ବଦା ପ୍ରକାଶ କରନ୍ତି ।

ସ୍ଥାନୀୟ ତେଲୁଗୁମାନଙ୍କଠାରୁ ମଧ୍ୟ ଏହି ପରିବାର ଅନେକ ପ୍ରକାର ଶ୍ରଦ୍ଧା, ସାହାଯ୍ୟ ଏବ ସହାନୁଭୂତି ପାଇଥିଲେ । ନିଜର ଜନ୍ମଭୂମି ଏବଂ ବନ୍ଧୁମାନଙ୍କଠାରୁ ସମ୍ପୂର୍ଣ୍ଣ ଅଲଗା ହୋଇ ସୁଦ୍ଧା ସ୍ଥାନୀୟ ତେଲୁଗୁମାନଙ୍କ ଯୋଗୁଁ ଏମାନଙ୍କର ସେପରି କୌଣସି ଗୁରୁତର ଅଭାବ ନ ଥିବାରୁ ଏମାନେ ଦୀର୍ଘ ୧୭।୧୮ବର୍ଷ କାଳ ଏହି ସହରରେ କଟାଇଛନ୍ତି ।

ମାତୃଭୂମି ଛାଡ଼ି ଖାଣ୍ଟି ତେଲୁଗୁ ରାଜ୍ୟରେ ରହି ସୁଦ୍ଧା ଏମାନେ ନିଜର ଜାତୀୟ ମମତା ଏବଂ ସାମାଜିକ ରୀତିନୀତିଗୁଡ଼ିକୁ ହରାଇ ନ ଥିଲେ । ଶ୍ରୀମତୀ ଅନ୍ନପୂର୍ଣ୍ଣା ଏଠାରେ ରହି ସୁଦ୍ଧା ନିଜର ସ୍ୱାଭାବିକ ଓଡ଼ିଆ ସାହିତ୍ୟ ଚର୍ଚ୍ଚା କରିବାରେ କ୍ଷମା ଓଡ଼ିଶାର

Digitized by srujan ka@gmail.com

ପ୍ରତ୍ୟେକ ସମ୍ବାଦ ପତ୍ରକୁ ନିଜର ପଦ୍ୟ ଓ ଗଦ୍ୟ ଲେଖାଗୁଡ଼ିକ ଯୋଗାଇବାରେ କେବେ ତ୍ରୁଟି କରି ନ ଥିଲେ । ଏଥିରେହିଁ ତାହାଙ୍କର ବିଶେଷତ୍ୱ ଅକ୍ଷୁଣ୍ଣ ରହିଛି ।

ପ୍ରବାସରେ ଅଠମାସ

୧୯୧୯ ଖ୍ରୀଷ୍ଟାବ୍ଦର ନଭେମ୍ବର ମାସରେ ବଶୀଶପାଟଣାରେ ପହଞ୍ଚିବା ପରେ ଭିହିଁ ଆର ବର୍ଷ ଫେବ୍ରୁୟାରୀ ମାସରେ ନିଜର ବନ୍ଦୋବସ୍ତ ଭାର୍ଯ୍ୟା ନେଇ ଶ୍ରୀରାମ ପଟ୍ଟନାୟକ ଏହି ଜିଲାର ନରସିପାଟଣା ଗ୍ରାମକୁ ଯାଇ ସେଠାରେ ଅଠମାସ ଯାଏଁ ରହିଥିଲେ । ଏହି ନରସିପାଟଣାରେ ଥିବା ସମୟରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ନିଜର ସମସ୍ତ ଅବସ୍ଥା ବର୍ଣ୍ଣନା କରି ଯେଉଁ 'ପ୍ରାର୍ଥନା ପତ୍ର'ଟି ଲେଖି ପ୍ରକାଶ କରିଥିଲେ, ତାହା ନିମ୍ନରେ ଉଦ୍ଧୃତ ହେଉଅଛି ।

ପ୍ରାର୍ଥନା ପତ୍ର

ମୁଁ ସତର ଅଠର ବର୍ଷ ହେଲା ଉତ୍କଳର ସମଗ୍ର ଦେଶବାସୀଙ୍କ ହୃଦୟରେ ନିଜର ପରିଚୟ ଦେଇଆସୁଅଛି । ସେମାନେ ମୁଖ ମୋର ଗୌରବ ବୃଦ୍ଧି ସକାଶେ ପଶ୍ଚାତ୍ପଦ ହୋଇ ନାହାନ୍ତି । ମାତ୍ର ଅଦ୍ୟାବଧି ମୋର ଜୀବନର କୌଣସି ଅଭାବ ପୂରଣ ହୋଇପାରିନାହିଁ । ଏହା ଯେ ଦେଶ ବା ଜାତିର ଦୋଷ ବୋଲି ମୁଁ କହି ନ ପାରେ । ଯେହେତୁ ଅଦ୍ୟାପି ଜାତି ମଧ୍ୟରେ ସାହସ, ନୈତିକ ଶକ୍ତି, ସଙ୍ଘବଳ, ଉନ୍ନତିକାମନା ଓ ନେତୃପଦାଙ୍କାନୁସରଣ ପ୍ରଭୃତି ଗୁଣମାନେ ବଦ୍ଧମୂଳ ହୋଇପାରି ନାହାନ୍ତି ଏବଂ ଉକ୍ତ ଗୁଣସଂପନ୍ନ ନେତାମାନେ ମୁଷ୍ଟିମେୟ ହେବାରୁ ସ୍ୱଳ୍ପ ବଳବଳ ଘେନି ଜାତିମାନଙ୍କୁ ଉନ୍ନତି ମାର୍ଗରେ ଅଗ୍ରସର କରିବାକୁ ସମର୍ଥ ହୋଇପାରୁ ନାହାନ୍ତି—ଏ କଥା ମୁଁ ଦେଖିଆସୁଅଛି । ଏକା କେବଳ

Digitized by srujan ka@gmail.com

ଉତ୍କଳରେ ନୁହେଁ, ଭାରତ ମାତ୍ରାରେ କହିଲେ ଅତ୍ୟୁକ୍ତି ହେବ ନାହିଁ । ତଥାପି ନାରୀଜାତିର ଉନ୍ନତିରେ ଦେଶର ଅର୍ଦ୍ଧେକ ଉନ୍ନତି ସାଧିତ ହୋଇ ପାରିବ—ଏ କଥା ଚିନ୍ତାଶୀଳ ବ୍ୟକ୍ତିମାନର ଅବଜ୍ଞାତ ନ ଥିବା ସ୍ଥଳେ, ଯେ "ପଢ଼ ପଢ଼କରେ ପାଠ ସରେ, ପାଦ ପାଦକରେ ବାଟ ସରେ" ଏହି ନୀତି ଅନୁସାରେ ଗୋଟିଏ ନାରୀକୁ ଉନ୍ନତି ମାର୍ଗରେ ପହଞ୍ଚାଇଲେ ସିନା ନେତାମାନେ ନାରୀ ଜାତି ମାନଙ୍କୁ ଉନ୍ନତ କରିପାରିବେ । ଏହା ଅରେ ତ ହୋଇପାରେ ନାହିଁ । ଯଦି ବା ନାରୀଜାତିର ଶିକ୍ଷା ଉନ୍ନତି କରିବା ସକାଶେ ନେତାମାନେ ନାନାବିଧ ଉପାୟ ଅବଲମ୍ବନ କରିଆସୁଅଛନ୍ତି, ରକ୍ଷାର ଉପାୟ କଣ ସ୍ଥିର କଲେ ? ଭିକ୍ଷା ? ଅଥବା ନାରୀ ଜାତି ଶିକ୍ଷା ଲାଭ କରିବା ଉତ୍ତାରୁ ରକ୍ଷାର ଉପାୟ ନିଜେ ଉପାର୍ଜନ କରିବା ଉଚିତ ବୋଲିଯାଇପାରେ ସତ୍ୟ; ମାତ୍ର ଯେଉଁମାନେ ଉଚ୍ଚ ଶିକ୍ଷା ଲାଭ କରି ତାଦୃଶ ସମାଜରେ ଥାଇ ସେପରି ସାହାଯ୍ୟରୁ ବଞ୍ଚିତ ହୋଇ ନାହାନ୍ତି, ସେମାନଙ୍କ ପକ୍ଷେ ତାହା ଉଚିତ । କିନ୍ତୁ ମୋ ପରି ସ୍ୱଳ୍ପ ଶିକ୍ଷା ଲାଭ କରିବା ଲୋକ ଦେଶବାସୀମାନଙ୍କ ଉତ୍ସାହ-ଉପଦେଶ-ତନ୍ତ୍ରରେ ଆକୃଷ୍ଟ ହୋଇ ନବନୀତ ଦାଣ୍ଡରେ ବଲକ୍ଷ୍ୟ ଭାବରେ ଦଣ୍ଡାୟମାନ ହେବା କେବଳ ରକ୍ଷାର ଉପାୟ—ପଥ ତାହାକୁ ଦେଖାଇଦେବା ଦାୟିତ୍ୱ ସେହି ଦେଶବାସୀମାନଙ୍କର, ମାତ୍ର ନିଜର ନୁହେଁ । ଏହି କଥା ମଧ୍ୟ ଆଜି ମୁଁ ମୁଖରେ କହିବା ଯାଏ ଗଲି ! ଏହା ଭାବନା କଲେ ଦେଶବାସୀମାନଙ୍କ ମନରେ ବ୍ୟଥାର ଛାୟା ପଡ଼ି ଯାଇ ପାରିବ ନିଶ୍ଚୟ । ମୋତେ ଆଦୌ ଉତ୍ସାହ ଦେଇ ନ ଥିଲେ, ମୁଁ ସେହି ଅବସ୍ଥାରେ ବଡ଼ଖେମଣ୍ଡିରେ ପଡ଼ି ରହି-ଥାନ୍ତି । ଆଜି ବ୍ରାହ୍ମ ପଣ୍ଡିତଙ୍କ [କେଶବଚନ୍ଦ୍ରଙ୍କର ନବନୀତ] ଆଶ୍ରୟ କରି ଶୁଦ୍ଧ ଚରିତ୍ର ଅର୍ଜନ କରିଅଛି, ଏହା ତ ନୁହେଁ । ବଡ-

Digitized by srujan ka@gmail.com

ଖେମୁଣ୍ଡିଟାରେ ମୋର ସୁଚରିତ୍ର ଦେଖି ଶ୍ରୀ ବଡଖେମଣ୍ଡି ରାଜା ମହୋଦୟ ମୋତେ ପରମ ପ୍ରଶଂସା କରନ୍ତି । ରାଜାଶ୍ରିତ ଭଦ୍ରଲୋକ-ମାନେ ମୋତେ ବିଷମ ଶଙ୍କିଥିଲେ । କେବଳ ବର୍ତ୍ତିତ ମହାରାଜା ମହୋଦୟ ମୋ ଉପରେ ସ୍ନିଗ୍ଧ ଦୟା ଦୃଷ୍ଟି ନ ପକାଇବାରୁ ମୁଁ ଦୁଃଖିତ ଥିଲି । ମୋର ସୁଚରିତ୍ର ଦେଖି ମୋର ମାତୃ କୁଟୁମ୍ବ ଅନ୍ନ-ଜଳ ମାତ୍ର ଛୁଅଁନ୍ତି ନାହିଁ ; ବରଂ ପ୍ରାଣାଧିକ ଲୋଭ କରନ୍ତି । ସେଠାରେ ମୁଁ କୁମୁଟି ମଧ୍ୟରେ କୁମୁଟିଆଣୀ, କ୍ଷତ୍ରିୟଙ୍କ ମଧ୍ୟରେ କ୍ଷତ୍ରିୟାଣୀ· ବ୍ରାହ୍ମଣ ମଧ୍ୟରେ ବାହ୍ମଣୀ ହୋଇ ମିଳି ମିଶି ଥାଏ । ସେମାନଙ୍କର ମୋ ପ୍ରତି ଯେପରି ସ୍ନେହପୂର୍ଣ୍ଣ ଦୃଷ୍ଟି ପଡ଼ୁଥିଲା, ସୁନା ଠେକା ମରେଇ ମରେଇ ରଖିଥାନ୍ତି ତହାଲେ ଅତ୍ୟୁକ୍ତି ହେବ ନାହିଁ । ମୁଁ କଣ୍ଠ ମାତ୍ର ମିଥ୍ୟା ଲେଖି ନାହିଁ । ସେତେବେଳେ ପଣ୍ଡିତ ଶ୍ରୀ ଗଦାଧର ବିଦ୍ୟାଭୂଷଣ ମହାଶୟ ବଡ଼ଖେମୁଣ୍ଡିରେ ବାସ କରୁଥାନ୍ତି । ସେ ମୋର ତାଦୃଶ ଅବସ୍ଥାର ଅଦ୍ୱିତୀୟ ସାକ୍ଷୀ । ଦେଶବାସୀଙ୍କର ମୋପ୍ରତି ତାଦୃଶ ସ୍ନେହ ଓ ଉତ୍ସାହ ଦେଖି ମୁଁ ସେହି ସ୍ଥାନ ତ୍ୟାଗ କରି ବାହାରି ଆସିବାକୁ ବାଧ୍ୟ ହେଲି । ବ୍ରହ୍ମପୁରରେ ବାସ କରି ଅତି କଷ୍ଟରେ କେତେ କାଳ ଅତିବାହିତ କଲି; କେହି ହେଲେ ଭଦ୍ର ଦେଶବାସୀ ସେଠାରେ ଯୋଗ ଦାନ କଲେ ନାହିଁ । ଦେଖୁ ଦେଖୁ ବଳ ବୟସ ରୂପ ରଙ୍ଗ ସବୁ କ୍ଷୀଣ ହେବାକୁ ଲାଗିଲା । ତେତିକବେଳେ ନିଷ୍କାମ ବ୍ରତ ଅବଲମ୍ବନ କରି ସନ୍ନ୍ୟାସିନୀ ହୋଇଯାଇଥିଲେ ଏବେ ଏ ଚନ୍ତା କ୍ରନ୍ଦନ କରନ୍ତା ନାହିଁ । ଅବାରିତ ଯନ୍ତ୍ରଣାର ବେଦନାରୁ ସେହି ସକାଶ ସରଣୀରେ ସଦା ପଥିକା ହେବାକୁ ବାଧ୍ୟ ହେଲି । ମଧ୍ୟରେ ମାତ୍ର ପାରଳା-ଖେମଣ୍ଡିର ଶ୍ରୀଗଜପତି ମହାରାଜା ମହୋଦୟ ଡ଼କାଇ ନେଇ କାର୍ଣ୍ଣେ ଚାକର ଦେଇ ପ୍ରତିପୋଷଣର ଉପାୟ ଦେଖାଇ ଦେଇଥିଲେ । ନୂଆ ନୂଆରେ କେତେ କାଳ ଭଲରେ ବାହାରିଗଲା; ମାତ୍ର

Digitized by srujan ka@gmail.com

ଯେତେବେଳେ କ୍ରମେ କ୍ରମେ ପୂର୍ବୋକ୍ତ ମଦୀୟ ସୁଗୁଣ ଚରିତ୍ରାଣି ପ୍ରସ୍ଫୁଟ ହେବାକୁ ଲାଗିଲା, ଆଶା ହେଉଥିଲା, ମହାରାଜ ମହୋଦୟଙ୍କର ଅନୁରାଗ ମୋ ଉପରେ ସ୍ଥିର ହୋଇଯିବ । ମାତ୍ର ମୋର ସେହି କାମନା ବିପରୀତ ଅବସ୍ଥାରେ ପର୍ଯ୍ୟବସିତ ହେବାରୁ ଶେଷରେ ଲାଞ୍ଛିତ ହୋଇ ବିତାଡିତ ହେବାକୁ ପଡିଲା । ଏବେ ସୁଦୂର ତୈଲଙ୍ଗ ଦେଶକୁ ଆସି ପଡି ରହିଅଛି । ତେବେ ହେଲେ ସହାୟ ନାହିଁ । ମୋର ସିନା କାମନା ଗୃଲିଛି, ସ୍ୱାମୀ ବୃଦ୍ଧ ହୋଇ ପଡିଲେଣି । ହେ ସହୃଦୟବୃନ୍ଦ, ଏତିକିବେଳେ ଯେ ରଖିବାକୁ ପାର ରଖ । ସାଧାରଣ ରୀତିରେ ଅନ୍ନବସ୍ତ୍ର ଚଳିଗଲେ ମୋତେ ଯଥେଷ୍ଟ ! ଏହା ବୋଲି ମୋତେ ବୃଥା ରଖ ରଖ ବୋଲି ଚିତ୍କାର କରୁ ନାହିଁ । ମୋହର ଶକ୍ତି ଅନୁସାରେ ଦେଶର କାର୍ଯ୍ୟ କରିବାକୁ ମୁଁ ତୟାର ଅଛି । ଏମନ୍ତ କି ମୋର ଅନ୍ତର ଭଣ୍ଡାରରେ ଯେତେ ଭାବରତ୍ନ ଭରତି କରିଅଛି, ସେ ସବୁ ଭଣ୍ଡାର ଉନ୍ମୁକ୍ତ କରି ଦେଶବାସୀଙ୍କୁ ପ୍ରତ୍ୟକ୍ଷ କରାଇଦେବି । ତାହା ଲିପିବଦ୍ଧ ହୋଇ ଚିରକାଳ ସକାଶେ ଦେଶରେ ରହିଯିବ । ମୁଁ ସତ୍ୟର ଶପଥ କରି କହେ — ନାରୀ ଜନ୍ମ ଲାଭ କରି ମୋ ଭିନ୍ନ ଅନ୍ୟ ଲୋକ ସେପରି ଭାବପୂର୍ଣ୍ଣ ଭଣ୍ଡାର ଉନ୍ମୁକ୍ତ କରି ଦେଶବାସୀଙ୍କୁ ଦେଖାଇ ପାରିବ ନାହିଁ । ଅତଏବ ମୁଁ ପ୍ରାର୍ଥନା କରେ କି, ତେହ୍ନ ଜଣେ ଧନୀ ଓ ସୁଜ୍ଞ ଲୋକ ମୋତେ ରକ୍ଷା କରିବାକୁ ସମର୍ଥ ହୋଇ ନ ପାରନ୍ତୁ । ଅନେକ ଲୋକ ଆଂଶିକ ଭାବରେ ମୋର ଭରଣ ଭାର ଗ୍ରହଣ କରିବେ, ତାହା ହେଲେ ଏହି କ୍ଷୁଦ୍ର ପରିବାର ରକ୍ଷା ପାଇବ, ମୋର କାମନା ପୂରଣ ହେବ; ଅଥଚ କାହାକୁ ଅତୀବ ଆୟାସ ହେବ ନାହିଁ । ଆଚ୍ଛା ଦେଖାଯାଉ, ଏଥିପାଇଁ କିଏ ସାବିତ୍ରୀରୂପା ନାରୀ, କିଏ ଅବା ସେପରି ପୁରୁଷ ଅଛି । ଯଦି କେହି ହେଲେ ମୋର ଏ

Digitized by srujan ka@gmail.com

ତାଙ୍କର ନିବେଦନ ଶୁଣିବେ ନାହିଁ, ଏଥର ତଳେଇବାକୁ ତ୍ୟାଗ କରିବା ନିଷ୍ଚୟ । ସେ ଉତ୍କଳ ଦେଶବାସୀମାନେ ମୋତେ ସ୍ମରଣ କରି ମତ୍ଟିକ ଦାନର ବଦଳରେ ଅବଶ୍ୟ ନେତ୍ରୋଦକ ବିନ୍ଦୁ ହେଲେ ଅବଶ୍ୟ ଦାନ କରିବେ । ଇତି ।

ଭଗିନୀ ଶ୍ରୀମତୀ ଅନ୍ନପୂର୍ଣ୍ଣା
ପୋଃ କର୍ଣ୍ଣିପାଟଣା, ଜିଃ ଖଶାଖପାଟଣା
[ରତ୍ନାକର-୨୯।୭।୧୯୨୦]

ସମ୍ପାଦିକା ଅନ୍ନପୂର୍ଣ୍ଣା

ଅନ୍ନପୂର୍ଣ୍ଣାଙ୍କ ଖଶାଖପାଟଣା ଜୀବନର ଆଉ କେତୋଟି ବିଶେଷ ଘଟଣା

୧ ମ—ବ୍ରହ୍ମପୁର ପରି ଖଶାଖପାଟଣାରେ ମଧ୍ୟ ଶ୍ରୀମତୀ ଅନ୍ନ-ପୂର୍ଣ୍ଣା ନିଜର ସାହିତ୍ୟ ଚର୍ଚ୍ଚା ଅକ୍ଷୁଣ୍ଣ ଭାବରେ କରୁଥିଲେ । ଓଡ଼ି-ଶାର ଅଧିକାଂଶ ସଂବାଦ ପତ୍ର ପାଇଁ ସେ କବିତା ଓ ପ୍ରବନ୍ଧମାନ ଲେଖି ପଠାଉଥିଲେ । ଏହି କବିତା ଓ ପ୍ରବନ୍ଧମାନ ପାଠ କରି ଦେଶର ଅନେକ ବିଶିଷ୍ଟ ସାହିତ୍ୟିକ ଓ ପଣ୍ଡିତ ଶ୍ରୀମତୀଙ୍କୁ ଭୂରି ଭୂରି ପ୍ରଶଂସା କରୁଥିଲେ ।

୨ୟ—ଏଠାରେ ମଧ୍ୟ ଏକାଧିକ ସଭାସମିତିରେ ଯୋଗଦେଇ ସ୍ଥାନୀୟ ତେଲୁଗୁମାନଙ୍କ ମଧ୍ୟରେ ନିଜର ଜାତୀୟ ବିଶେଷତ୍ୱ ରକ୍ଷା କରିପାରୁଥିଲେ ! (ଏ ବିଷୟରେ କେତୋଟି ଉଦାହରଣ ଅନ୍ୟ ଅଧ୍ୟାୟରେ ବର୍ଣ୍ଣିତ ହେବ)

୩ୟ—ଖଶାଖପାଟଣା ପରି ଖାଣ୍ଟି ତେଲୁଗୁ ଦେଶରେ ରହି ମୁଦ୍ଧା ଶ୍ରୀମତୀଙ୍କ ଓଡ଼ିଆ ସାହିତ୍ୟ ପ୍ରୀତି ଏତେ ବେଶି ଥିଲା ଯେ, ସେ ସେହି ସ୍ଥାନରେ ରହି କଟକରୁ ପ୍ରକାଶିତ ହେଉଥିବା "ସହକାର"

Digitized by srujan ka@gmail.com

ମାସିକ ପତ୍ରିକାର ସଂପାଦିକା ଭାର ଗ୍ରହଣ କରିଥିଲେ । ସଂପାଦିକା ହେବା ସଙ୍ଗେ ସଙ୍ଗେ ସେହି ପତ୍ରିକାର ୭ମ ଭାଗ, ୩ୟ ସଂଖ୍ୟା [୧୩୩୩ ସାଲ, ମାର୍ଗଶିର]-ରେ ସେ ଯେଉଁ ଆତ୍ମପରିଚୟ ଲେଖି-ଥିଲେ, ତାହା ଏଠାରେ ଉଦ୍ଧାର କଲେ ଏହି କାର୍ଯ୍ୟରେ ତାହାଙ୍କର କିପରି ଦକ୍ଷତା ଥିଲା, ତାହା ସ୍ପଷ୍ଟ ଜାଣିହେବ ।

ମୋର ପ୍ରିୟ ପାଠକପାଠିକା ମହୋଦୟଗଣ,

ଆଜ ମୋତେ ମୋର ପ୍ରିୟତମ ଭ୍ରାତୃବତ୍ସଳ ଶ୍ରୀମାନ୍ ଲକ୍ଷ୍ମୀନାରା-ୟଣ ସାହୁ ମହୋଦୟ "ସହକାର"ର ସମ୍ପାଦିକା ପଦରେ ନିଯୁକ୍ତ କରିଅଛନ୍ତି । ଏଥିରେ ମୁଁ ଭାରି ଖୁସି । କିନ୍ତୁ ସମ୍ପାଦିକା ପଦକୁ ମୁଁ କେତେଦୂର ଉପଯୁକ୍ତା, ମୋର ଶିକ୍ଷା ଦୀକ୍ଷା ସବୁ ଦେଶବାସୀ ଜାଣନ୍ତି । ସମସ୍ତେ ଜାଣନ୍ତି ମୁଁ କିଛି ଶିକ୍ଷାଲାଭ କରି ନାହିଁ । କୌଣସି ଐଶୀଶକ୍ତି ବଳରୁ କ, ମ, ଚ, କରି ଗୁରୁପଦ ମନଭାବ ଲେଖିଦେଇ ଦେଶ-ବାସୀଙ୍କି ଅର୍ପଣ କରିଦେଉଅଛି । ମାତ୍ର ମୋର ମନ ପ୍ରାଣ ଦେଶ ଓ ଜାତିପାଇଁ ଢାଳି ଦେଇଅଛି । ଯେବେ ମୋର ଭାଇ ମତେ ସମ୍ପା-ଦିକା ପଦରେ ମନୋନୀତ କରିଅଛନ୍ତି, ମୁଁ ଅବା କାହିଁକି ଆନ-ନ୍ଦର ସହିତ ସେ ଭାର ଗ୍ରହଣ ନ କରିବି ? ତାଙ୍କ ଆଦେଶ ପ୍ରତି-ପାଳନ କରିବାକୁ ଅବଶ୍ୟ ମୁଁ ବାଧ୍ୟ ଓ ମୋର ତାହାହିଁ ଜୀବନର କର୍ତ୍ତବ୍ୟ ବ୍ରତ । ତାଙ୍କ ବାକ୍ୟ ଅନୁସାରୁ ନୂତନ ଜୀବନରେ ନୂତନ ଭାବ ପୋଷି "ସହକାର" ଚାଳନା କରିବାକୁ ଅନେକ ଭାବରାଶି ଶିଖିବାକୁ ହେବ ।

ହେ ମୋର ଭାଇ ଭଗିନୀଗଣ, ମୁଁ ସମ୍ପାଦିକା ପଦକୁ ଉପ-ଯୁକ୍ତା ନ ହେଲେ ସୁଦ୍ଧା ମୁଁ ପ୍ରଥମରେ ଏହି ଭିକ୍ଷା ସର୍ବସାଧାରଣଙ୍କୁ ମାଗୁଅଛି ଯେ, ମୁଁ ଯାହା ମୋର ସାମାନ୍ୟ ଶକ୍ତି ଅନୁସାରେ ଲେଖା

Digitized by srujan ka@gmail.com

ଲେଖି କରନ୍ତୁ, ତାହାଙ୍କର ଦୋଷାଦୋଷ ସମସ୍ତେ କରୁଣା ଦୃଷ୍ଟିରେ ମାର୍ଜ୍ଜନା କରିବେ ।

ଅବଶ୍ୟ ପୃଥିବୀ ଓ ତତ୍ ସଂଲଗ୍ନ ପ୍ରାଣୀଗଣଙ୍କର ଉତ୍ଥାନ ପତନ ରହସ୍ୟ, ଜ୍ଞାନର ଉତ୍କର୍ଷ ବଳରେ ପରିବର୍ତ୍ତନଶୀଳ ଜଗତର ସାମୟିକ କର୍ମକୁଶଳତା ପ୍ରଭୃତି ଚିନ୍ତାଶୀଳ ବ୍ୟକ୍ତିଗଣ ହୃଦୟଙ୍ଗମ କରିପାରୁଅଛନ୍ତି । ଏହି ପରିବର୍ତ୍ତନର ଗତିଶୀଳତା ଖୁବ୍ ପ୍ରଖର ଭାବରେ ପ୍ରତ୍ୟେକ ଜାତୀୟ ରକ୍ତରେ ମୁହୂର୍ତ୍ତକୁ ଉଷ୍ଣତା ପ୍ରଦାନ କରୁଅଛି । ଏହା କୌଣସିଭାବେ ଅଟକିବା ଜିନିଷ ନୁହେଁ । ଏହି ଗତିଶୀଳତାରେ ଆମ୍ଭ ଓଡ଼ିଆ ଜାତିର ସୁଦ୍ଧା ଜୀବନ ବିକାଶର ଧାରା ଅଙ୍କନ କରିଯିବ । ସୁନ୍ଦର ଓ ପ୍ରକୃତ ଜୀବନ ଗଠନର ଆୟୋଜନ ପ୍ରତ୍ୟେକ ପ୍ରାଣୀଙ୍କ ମନୋରାଜ୍ୟରେ ସର୍ବଦା ଜାଗ୍ରତ କରୁଥିଲେ ସୁଦ୍ଧା ଦୁର୍ବଳ ପ୍ରକୃତି ବଶରେ ଅଭ୍ୟାସଗତ ବ୍ୟାଧିଜଡ଼ିତ ମରଶରୀର ଦୈହିକ ସୁଖ ଲାଳସାରେ ଘାଣ୍ଟିହୋଇ ପବିତ୍ର ଆତ୍ମ-ଗୌରବ ପ୍ରତିଷ୍ଠା କରିପାରୁ ନାହିଁ । ଏହା ନ ହେଲେ ଦେଶ ବା ଜାତିର ମୁକ୍ତି ନାହିଁ କିବା ରକ୍ଷା ନାହିଁ । ଏହି ସର୍ବବାଦୀ ପ୍ରାଣିତତ୍ତ୍ୱ କେବଳ ନର ନାରୀ ସମ-ଦାୟିତ୍ୱରେ ପ୍ରତିଷ୍ଠିତ ହେବ । ମାତ୍ର ଜଣେ ଜଣକୁ ନ୍ୟୂନ କିବା ହୀନଶ୍ରୀରେ ଆଖ୍ୟା ପ୍ରଦାନ କରୁଥିବା ଜାତି କିବା ଦେଶ ଯେ ଉଚ୍ଚକୁ ଖାଲ କିବା ଯୁଗଭେଦରେ ଉଠିଯିବ, ତାହା କେବେ ସମ୍ଭବ ନୁହେଁ । ଏହାପରି ନାନା ସୁଲଭ ଭାବରେ ମୋର ପ୍ରାଣ ସଦା ବ୍ୟାକୁଳ ହୋଇ ଯାହା ତାହା ପାଗଳଣୀ ପ୍ରଳାପ ପରି ଲେଖିଯାଉ-ଅଛି ।

ଉତ୍କଳରେ ନାରୀ ଜାତିର ଦଶା ଓ ଅବସ୍ଥା କାହାକୁ ଅଜଣା ଅଛି ? ମୁଁ ଭାବୁଛି, ମୋର ସମ୍ପାଦିକା ନିଯୁକ୍ତି ଉତ୍କଳସମାଜ ଗୃହରେ ଗୋଟିଏ କୁଣ୍ଢେଇ ଖେଳ କିବା କ୍ଷୁଦ୍ର ସନ୍ତାନର ଅର୍ଦ୍ଧସ୍ଫୁଟ

Digitized by srujan ka@gmail.com

ବାକ୍ୟ ଶୁଣି କାବ୍ୟ ଦେଖି ଯେଉଁ ଆନନ୍ଦ ଉପଭୋଗ କରନ୍ତି, ମୋର ଲେଖାଲେଖି ପାଠକରୁ ମୋର ଭାଇ ଭଉଣୀ ଅବଶ୍ୟ ସେହିପରି କେବଳ ଲଭିବେ ବୋଲି ମୋର ପ୍ରାର୍ଥନା ।

ଯେଉଁ ପରମପୂତ ପରମେଶ୍ୱର ତାଙ୍କ ହୃଦୟରେ ବର୍ତ୍ତମାନ ହୋଇ ଏହି ଭାବରେ ପ୍ରଣୋଦିତ କରାଇଅଛନ୍ତି, ସେହି ଏକା ମୋର ଭରସା । ସେ ଯାହା କହିବେ, ମୁଁ ତାହା ଲେଖି ପାରିବା ପର୍ଯ୍ୟନ୍ତ କରିବି, ଆଉ ସହକାରର ପଦସେବାକୁ ଭାଜନ ହେବି ।

ପରିଶେଷରେ ସହକାରର ପାଠକପାଠିକାଗଣ ଓ ସମସ୍ତ ଓଡ଼ିଶାବାସୀଙ୍କ ନିକଟରେ ମୋର ଏତିକି ପ୍ରାର୍ଥନା ଯେ, ମୋର ଗୌରବ, ମହତ୍ ରକ୍ଷା ସବୁ ଆପଣମାନଙ୍କ ହାତରେ ଅଛି । ଦେଶ ଓ ଜାତି ପାଇଁ ଏହି କ୍ଷୁଦ୍ର ପ୍ରାଣ ବଳିଦାନ ଅର୍ଥେ ଉତ୍ସର୍ଗ କରି ବସିଅଛି । ଉତ୍କଳର ପ୍ରତ୍ୟେକ ଭାଇ ଭଗିନୀଙ୍କ କରୁଣା ଦୃଷ୍ଟି ଆକର୍ଷଣରେ ସମ୍ପାଦିକା ସୁଲଭ ମର୍ଯ୍ୟାଦା ଅବଶ୍ୟ ରକ୍ଷା ହେବ, ପୁଣି ମୋର ଜୀବନର ଅଭିଳାଷ ପୂର୍ଣ୍ଣ ହେବ । ମୋ ପ୍ରତି ସମସ୍ତେ ଦୟା ରଖି ମୋର ପଦମର୍ଯ୍ୟାଦା ସୁଲଭ ରକ୍ଷା କରିବେ—ଏହି କେବଳ ମୋର ନିବେଦନ ।

ଜୀବନର ହର୍ତ୍ତାକର୍ତ୍ତା ପରମାତ୍ମା ହୃଦନ୍ନିବାସୀ ଭଗବାନ ଏତେ ଦିନେ ମୋର ଜୀବନପଥରେ ଭାବ-ଆଲୋକ ଜାଳି ମୋର ଦେଶବାସୀଙ୍କୁ ମୋର ପରିଚୟ ଦେବା ଲାଗି ପଥ ଆବିଷ୍କାର କରି-ଦେଇଥିବାରୁ ଆଜି ସମସ୍ତଙ୍କୁ ମୋର ଆନ୍ତରିକ ଅଭିବାଦନ ଅର୍ପଣ କରୁଅଛି । ଇତି ।

ଶ୍ରୀମତୀ ଅନ୍ନପୂର୍ଣ୍ଣା

[ସହକାର ୭ମ ଭାଗ ୩ୟ ସଂଖ୍ୟା].

Digitized by srujan ka@gmail.com

ସେ କାଳରେ ସହକାରର କଳେବର ଅତି କ୍ଷୁଦ୍ର ଥିଲା ଏବଂ ତାହାଁର ବିଷୟ ନିର୍ବାଚନ ପ୍ରଭୃତି ଦିଗରେ ମଧ୍ୟ ଅନେକ ତ୍ରୁଟି ଦେଖାଯାଉଥିଲା । ଏହା ସତ୍ତ୍ୱେ ଶ୍ରୀମତୀ ଅନ୍ନପୂର୍ଣ୍ଣା ତାହାଁର ସମ୍ପାଦିକା ହୋଇ ନିଜର ଯଥାସାଧ୍ୟ ଉନ୍ନତ କରିବା ପାଇଁ ସଙ୍କଳ୍ପ କରିଥିଲେ। ଏହି ଉଦ୍ଦେଶ୍ୟ ରଖି ସେ ଏକାଧିକ ବାର 'ସହକାର'ରେ ଯେଉଁ ପ୍ରବନ୍ଧମାନ ପ୍ରକାଶ କରିଥିଲେ; ତାହାରୁ ନିମ୍ନ ଦିଓଟି ଲେଖା ପାଠ କଲେ ଶ୍ରୀମତୀଙ୍କର ତତ୍କାଳୀନ ମନୋଭାବ କିପରି ଥିଲା, ବେଶ୍ ଜାଣି ହୁଏ ।

ସହକାରର ପାଠକପାଠିକାଙ୍କ ପ୍ରତି

ମୋର ପ୍ରିୟ ପାଠକପାଠିକାଗଣ,

ଆପଣମାନେ ମୋର ସମ୍ପାଦିକା-ନିଯୁକ୍ତିରେ ବଡ଼ ତୃପ୍ତ ହୋଇ ଅନେକ ନୂଆ କଥା ଓ ବଡ଼ ଉତ୍କୃଷ୍ଟ ଧରଣର ଲେଖା ଦେଖିବୁ, ପାଠକରିବୁ ବୋଲି ଅବଶ୍ୟ ଭାବଥିବେ । ମୋର ମଧ୍ୟ ଅନେକ ଦିନରୁ ଏହି ଆଶା ପ୍ରାଣରେ ଖେଳୁଥିଲା । ଶକ୍ତିଦାତା ପରମେଶ୍ୱର ମାନବଜଗତକୁ ବିଶ୍ୱମୋହିନୀ ମନ୍ତ୍ର ଦେବା ଇଙ୍ଗିତ ଦ୍ୱାରା ସାମୟିକ ଉପାଦାନର ଯୋଗାଡ଼ କରିଥାନ୍ତି । ସେହି ବଳରେ ଜଗତ୍ ତଥା ପ୍ରାଣିଗଣ ନିଜ ନିଜର ଦାୟିତ୍ୱପୂର୍ଣ୍ଣ-ଜୀବନର ବିକାଶ-ଛବି ଅଙ୍କନ କରିବାକୁ ଲାଳାୟିତ ହୁଅନ୍ତି । ଅବଶ୍ୟ ଏହି ଲାଳସା ମନ୍ଦ ନୁହେଁ; ବରଂ ଜୀବନର ଲକ୍ଷ୍ୟସ୍ଥଳୀ ଅଟେ । ଲକ୍ଷ୍ୟସ୍ଥଳୀରେ ପ୍ରାଣୀ କିପରି ନିର୍ଭୟ ହେବ, ସର୍ବଦା ଏହି ଚିନ୍ତା ରଖି ନିଜର ଜୀବନ କର୍ମମୟ ଭାରାକ୍ରାନ୍ତ ବିଷୟ-ଜଞ୍ଜାଳରେ ଛାଡ଼ିଦିଏ । ଯେବେ ଛାଡ଼ିଦିଏ, ଆଉ ତାହାଁରୁ ବିମୁକ୍ତ ହୋଇପାରେ ନାହିଁ । ମାତ୍ର ବିମୁକ୍ତିର ଚିନ୍ତା ସର୍ବଦା ଜାଗରୁକ ଥାଏ ।

Digitized by srujan ka@gmail.com

ଆଜ ଏହି ପ୍ରବୃତ୍ତିର ମୁଁ ବଶୀଭୂତ ହୋଇ ଆପଣମାନଙ୍କୁ କଣ ଶୁଣାଇବ, କଣ ଲେଖିବ ବୋଲି ଚିନ୍ତା କରୁଅଛି । ଦେଖୁଛି ଯେ, ପୃଥିବୀରେ ଜୀବନର ସଂଗ୍ରାମ ଏପରି ଭୟଙ୍କରଭାବେ ବଢ଼ି-ଯାଉଅଛି ଯେ, ସତେ କି ବା ଜଗତଟା କ୍ଷଣକରେ ଭସ୍ମୀଭୂତ ହୋଇଯିବ ! ଅନେକ ଚିନ୍ତାଶୀଳ ପ୍ରାଣିପୁଞ୍ଜ ଜୀବନର ଉତ୍କଣ୍ଠିତ ବଳରେ ତତ୍ତ୍ୱ ଅନୁସନ୍ଧାନ କଲେ ମଧ୍ୟ ପ୍ରାଣ ରହସ୍ୟ ଓ ଜଗତ୍ ସମ୍ବନ୍ଧେ ମନୋମତ ଦୀକ୍ଷାରେ ପ୍ରାଣୀଙ୍କି ବୁଝାଇପାରୁ ନାହାନ୍ତି ।

କି ଭାବ, କି କର୍ମଦ୍ୱାରା ପ୍ରାଣିତତ୍ତ୍ୱ ପ୍ରାଣୀ ହୃଦୟଙ୍ଗମ୍ୟରେ ହେବ ଓ ଜଗତରେ ଶାନ୍ତି ସ୍ଥାପିତ ହେବ, ଅବଶ୍ୟ ଏହି ଚିନ୍ତା ଅନେକ କରୁଛନ୍ତି । ଏ ଚିନ୍ତାର ସମ୍ୟକ୍ ଲେଖା ସମ୍ବାଦପତ୍ରମାନ-ଙ୍କରେ ଲେଖାଯାଉଅଛି । ଲେଖାମାନର ଭାବ ଏପରି ବୁଝାଯାଏ ଯେ, ସତେ କି ଲେଖକ ନିଜର ମରଣଶୀଳ ତତ୍ତ୍ୱ ଅନ୍ୟ ପ୍ରାଣରେ ପ୍ରବିଷ୍ଟ କରିଦେଉଅଛି । ମାତ୍ର ଦେଖିଲ ବେଳକୁ ପୃଥିବୀର ନାନାସ୍ଥାନରେ ନାନାବିଧ ଅଭିନୟ ଘଣିରେ ଜାତୀୟ-ଜୀବନ ଗଢ଼ା ଭଙ୍ଗା ରହସ୍ୟ ଲାଗିଅଛି । ଗଢ଼ା ଭଙ୍ଗା ରହସ୍ୟ ଭେଦ ନ କରି ଯେ ଯାହାର କୃତିତ୍ୱ ଦେଖାଇବାକୁ ବ୍ୟକ୍ତିଗତ ଜୀବନ ସଂଗ୍ରାମର ଆୟୋଜନ କରୁ-ଅଛନ୍ତି । ବ୍ୟକ୍ତିଗତ ଜୀବନରେ ସାମ୍ୟବାଦୀର ଭାବଶ୍ରେଣୀ ଅନ୍ତର୍ଗତ ସରଣୀରେ କାର୍ଯ୍ୟକାରୀ ହୋଇ ନ ପାରି ନାନାବିଧ ମତଭେଦ ଉତ୍ପାଦନ କରୁଅଛି ।

ଏଥିର ରହସ୍ୟ ଅବଶ୍ୟ ପୃଥିବୀରେ ଆଲୋଚିତ ହୋଇଅଛି; ଆଉ ମଧ୍ୟ ପ୍ରତ୍ୟେକ ହୃଦୟରେ ପ୍ରତିବିମ୍ବିତ ଅଛି । ତଥାପି ମାନବ ଜଗତ ପ୍ରକୃତ ଦୋଷରେ ଜଡ଼ିତ ହୋଇ ନିଜର ଗନ୍ତବ୍ୟ ପଥ ଅନ୍ଧାର କରି ପକାଉଅଛି । ଦୋଷ କଣ ? ନରନାରୀଙ୍କଭେଦ

Digitized by srujan ka@gmail.com

ଜ୍ଞାନ କରିବା ଓ ଅହଂ ପ୍ରକୃତିର ବଶୀଭୂତ ହେବା—ଏହି ଦୋଷରେ ଆଜି ପୃଥିବୀ ଖଣ୍ଡିତ ହୋଇ ଦୋଷବିହୀନ ତ୍ୟାଗୀ ବୀର ପୁତ୍ର ପୁତ୍ରୀ ବା ଆଦର୍ଶ ଜୀବନ ପ୍ରତିଷ୍ଠା କରିପାରୁ ନାହିଁ । ସାମ୍ୟବାଦୀ ଭାବ ପୃଥିବୀରେ ପ୍ରତିଷ୍ଠା ଲାଭ ହେଲା ପର୍ଯ୍ୟନ୍ତ ପୃଥିବୀର ନାନା ଅଞ୍ଚଳରେ ନାନାଜାତୀୟ ଭାବର ଅଭିନୟ ଦୃଷ୍ଟିଗୋଚର ହେଉଥିବ । ଏହି ଅଭିନୟର ଅଭିନାୟକ ଓ ଅଭିନାୟିକାଗଣଙ୍କର ଭାବଭଙ୍ଗି, ଯେ ଯାହାର ଦେଶ ଓ ଜାତୀୟ ଭାଷାରେ ଲେଖନୀ ଚାଳନା କରୁଅଛନ୍ତି ।

ଏହି ଦୋଷରୁ ପୃଥିବୀ କପର ଉଦ୍ଧାର ଲାଭ କରିବ ? ଯେବେ ପ୍ରାଣୀ ନିଜର ଅହଂ ପ୍ରକୃତିରେ ବଶୀଭୂତ ନ ହୋଇ ନାରୀଜାତିକୁ ନିଜର ମାତୃଜ୍ଞାନ ଦୃଷ୍ଟିରେ ଦେଖି ପାରିବ କିମ୍ବା ସାମ୍ୟ ଅବତାର ବୋଲି ଭାବି ପାରିବ, ତେବେ ଉଜ୍ଜ୍ୱଳ ଜ୍ଞାନରଶ୍ମି ଦ୍ୱାରା ପୃଥିବୀ ଆଲୋକିତ ହେବ । ଏହା ନ ହେବା ଯାଏ ନାନାବିଧ ଲେଖା, ଭାବ, କର୍ମ ଦେଖିବାକୁ ନରନାରୀ ଭାଗ୍ୟରେ ଘଟିଥିବ, ସନ୍ଦେହ ନାହିଁ । ନର ନାରୀକୁ ଘୃଣାଚକ୍ଷୁରେ ଦେଖୁଛି । ଗୋଟିଏ ଜାତି ଅନ୍ୟକୁ ତୁଚ୍ଛ ମଣୁଛି, ଆଉ ଗୋଟିଏ ଜାତି ମହାନ୍ ଭାଗ୍ୟଶାଳୀ ହୋଇ ଦୁର୍ବଳକୁ ଦବାଇ ଦେଉଛି । ଏହି ତ ଭାଗ୍ୟ ରହସ୍ୟ ଧରି ଭୁଞ୍ଜୁଅଛି । ଜଣେ ଜଣକୁ ତୁଚ୍ଛ ଓ ହୀନ ମଣି ତୁଚ୍ଛ ହେଉଥିବା ଜ୍ଞାନ ଏ ପର୍ଯ୍ୟନ୍ତ ଅନେକ ମହାଜାତିର ଜୀବନରେ ଫୁଟିପାରୁ ନାହିଁ । ଯେ ଉଚ, ସେ କ୍ଷଣେ ସୁଦ୍ଧା ଭାବୁ ନାହିଁ ଯେ, ମୋର ଅନ୍ତିମ କ୍ରୀଡ଼ା ରଙ୍ଗ ସ୍ଥଳୀରେ କେଉଁ ଅଭିନୟ ହେବ । ଯେ ତ ତୁଚ୍ଛ ଓ ଦୁର୍ବଳ, ତାହାର କଥା ଅବା ଶୁଣିବା ଗ୍ରାହକ କିଏ ? ଜଣେ ଜଣକୁ ହୀନ କିମ୍ବା ଦୁର୍ବଳ ମଣି କେଉଁ ଦେଶ କେଉଁ ଜାତି କେବେ ହେଲେ ଆଦର୍ଶ ହୋଇ ନାହିଁ, ହେବ ନାହିଁ । ଏହି ଦୋଷ ସର୍ବପ୍ରଥମେ ଶିକ୍ଷିତ ଓ ହୃଦୟବାନ୍ ପ୍ରାଣିପୁଞ୍ଜ ଯେବେ ହୃଦୟଙ୍ଗମ କରି କାର୍ଯ୍ୟରେ ପରିଣତ କରିପାରନ୍ତି ତାହା ହେଲେ ଜାତୀୟ ଜୀବନ ପ୍ରତିଷ୍ଠା ଲାଭ କରିପାରେ ।

Digitized by srujan ka@gmail.com

ପୃଥିବୀରେ ନରନାରୀ ଦୁଇ ଜାତି । ଗୁଣକର୍ମ ଅନୁସାରେ ଜାତିର ନିରୂପଣ, ଆଉ ମାନବର ସେବା ଏହି ତ୍ରିଗୁଣାତ୍ମକ ଉଚ୍ଚ ଆଦର୍ଶରେ ଜୀବନ ଗଠନ କରିବାକୁ ମୋର ପାଠକ ପାଠିକା ମହୋଦୟଗଣଙ୍କୁ କୃତାଞ୍ଜଳିପୁଟରେ ନିବେଦନ କରୁଅଛି । ବ୍ୟକ୍ତିଗତ ଜୀବନ ସୁଦ୍ଧ ସହକାର-ରଜ୍ଜୁରେ ସାମାଜିକ ଏକ ଜାତି ବନ୍ଧନରେ ବାନ୍ଧି ହୋଇ ନାରୀ ଜାତିକି ନିଜର ପଥରେ ଅଗ୍ରଗାମୀ କରିପାରିଲେ ଜୀବନର ପୂର୍ଣ୍ଣ ବିକାଶ ହେବ, ଆଉ ବିଶ୍ୱବିଧାତାଙ୍କ ସୃଷ୍ଟିର ସାର୍ଥକତା ହେବ । ଆଜି ଏତିକି ।

ନିବେଦନ

ମୋର ପ୍ରତ୍ୟେକ ଭଗିନୀଗଣଙ୍କୁ ସାନୁନୟ ନିବେଦନ ଏହି କି, ଦେଶ ଓ ଜାତିର କଲ୍ୟାଣ ଇଚ୍ଛାରେ ଆପଣମାନେ ଅଗ୍ରସର ହୋଇ ନିଜ ନିଜର ଭାବରାଶି ଲେଖି ସହକାରର କଳେବର ପୂର୍ଣ୍ଣ କରିବେ, ଆଉ ଉତ୍କଳମାତାର ମୁଖ ଉଜ୍ଜ୍ୱଳ କରିବେ । ଆପଣମାନଙ୍କ ଯୋଗେ ମୋର ସମ୍ପାଦିକା ମର୍ଯ୍ୟାଦା ସାର୍ଥକତା ଲଭ କରିବ । ଆପଣମାନେ ମୋର ଜୀବନର ସର୍ବସ୍ୱ । ମୋର ବଡ ଆଶା ଯେ, ମୋର ଜୀବନ-ପଥରେ ଆପଣମାନଙ୍କୁ ଉପର ବସାଇଦେଇ ନାରୀଜାତିର ମୁଖ ଉଜ୍ଜ୍ୱଳ ଓ ଆଦର୍ଶ କରିବ ।

[ସହକାର—୬ଷ୍ଠ ଭାଗ, ୬ମ ସଂଖ୍ୟା]

Digitized by srujan ka@gmail.com

ସମ୍ପାଦିକା

ସମ୍ପାଦିକାର ଅର୍ଥ କଣ ? ପୃଥିବୀ ଓ ନର ନାରୀଙ୍କ ହୃଦୟ ଭାବରାଶି ଉତ୍ତୋଳନ ଓ ସଂକଳନ କରିବା, ସକଳର ଭାବରାଶି ସମ୍ପାଦନା କରିବା, ଆଉ ସମସ୍ତଙ୍କର ଭାବରାଶି ଲେଖନୀର ସୁନ୍ଦରତା, ଲୋକରେ ଗ୍ରାହ୍ୟତା, ସୁପାଠ୍ୟ କରିବା ସମ୍ପାଦିକାର କର୍ତ୍ତବ୍ୟ । ଜଣେ ଲେଖକ ବା ଲେଖିକାର ଭାବ ଏକାଥରକେ ସର୍ବବାଦିସମ୍ମତ ହୋଇଯିବ, ଏହା କଦାପି ସମ୍ଭବ ନୁହେଁ । ଏହା ବୋଲି ତାହାଙ୍କର ଲେଖା ତୁଚ୍ଛ କରିବାକୁ ହେବ ନାହିଁ । କାରଣ ଅବଶ୍ୟ ସେ ନିଜର ଭାବରାଜ୍ୟର କର୍ତ୍ତବ୍ୟ ସୀମାରେ ପହଞ୍ଚି ନିଜର ଭୁକ୍ତଭୋଗ କର୍ମରାଶି ମସ୍ତିଷ୍କ ଚାଳନା କରି ଲେଖିଥାଏ । ତାହା ଭଲ ବା ମନ୍ଦ ବୋଲିବା ହଠାତ୍ ସିଦ୍ଧାନ୍ତ କରିଦେଲେ ଲେଖକର କୋମଳ ମାନସରେ ବଜ୍ରାଘାତ ହୋଇପାରେ । ସମସ୍ତଙ୍କ ହୃଦୟ-ଜଗତରେ ସମ୍ପାଦିକା ଦାୟିତ୍ୱ ସୁଲଭ ପ୍ରବେଶ କରି ଲୋକ ମନରଞ୍ଜନ କରିବା, ଗ୍ରାହକ ଗ୍ରାହିକାଙ୍କ ବାକ୍ୟ-ସାଗରର ଢେଉରେ ଖେଳ ଭାବଲହରୀଙ୍କୁ ପ୍ରେମକଣ୍ଠରେ ବାରମ୍ବାର ଚୁମ୍ବିବା, ନିଜର ଶକ୍ତିରେ ମାର୍ଜନା କରି ଜନସାଧାରଣର କରପୁଟରେ ଅର୍ପଣ କରିବା ସମ୍ପାଦିକାର କର୍ତ୍ତବ୍ୟ । ଗୋଟିଏ କଥା ମନେ ରଖିବାକୁ ହେବ । ଲେଖକ ଲେଖିକାଗଣ ଲେଖନୀ ଧାରଣ କରିବା ପୂର୍ବେ ଲେଖିବା ବିଷୟ ନିଜ ଚିନ୍ତାରାଜ୍ୟରେ ଉତ୍ତମରୂପେ ବିଚାର କରି ଲେଖନୀ ଚାଳନା-କଲେ ଦେଶର ଓ ଜାତିର ମଙ୍ଗଳ ହେବ, ଆଉ ସମ୍ପାଦିକା ଦାୟିତ୍ୱରେ କିଛି ଆଘାତ ଆସିବ ନାହିଁ ।

[ସହକାର—୬ଷ୍ଠ ଭାଗ, ୮ମ ସଂଖ୍ୟା]

Digitized by srujan ka@gmail.com

'ସହକାରର୍' ତତ୍କାଳୀନ ଅବସ୍ଥାରେ ଯେ କୌଣସି ଲେଖ ସମ୍ପାଦକ ହୋଇଲେ ଯାହା କରନ୍ତେ, ଶ୍ରୀମତୀ ଅନ୍ନପୂର୍ଣ୍ଣା ମଧ୍ୟ ସେହି-ମତ କରିବାରେ କେବେ ତ୍ରୁଟି କରି ନ ଥିଲେ । କିନ୍ତୁ ଦେଶର ଅନୁଦାର ଶିକ୍ଷିତ ପାଠକ ଓ ଲେଖକମାନଙ୍କ ଯୋଗ୍ୟ ସେହି ପତ୍ରିକାର କଳେବର ବା ପ୍ରବନ୍ଧ ଯୋଜନା କେତେ ଉନ୍ନତ କରିପାରୁ ନ ଥିଲା । ଏହି କେତେକ ଅଭାବ ଦେଖି ଏକାଧିକ ସମାଲୋଚକ 'ସହ-କାର୍' ତଥା ଶ୍ରୀମତୀଙ୍କ ପ୍ରତି ଅତି କଟୁ ସମାଲୋଚନା କରିବାକୁ ଛାଡି ନ ଥିଲେ । ଏପରି ନିର୍ଦ୍ଦୟ ସମାଲୋଚକମାନଙ୍କୁ ଲକ୍ଷ୍ୟ କରି ଶ୍ରୀମତୀ ଯେଉଁ ଉତ୍ତର ସମ୍ବାଦପତ୍ରରେ ପ୍ରକାଶିତ କରିଥିଲେ, ତାହା ପଢିଲେ ସେ କିପରି ଏହି ଗୁରୁଭାର ବହନ କରି ଅସଂଖ୍ୟ ଅସୁବିଧା ସତ୍ତ୍ୱେ ନିଜର କର୍ତ୍ତବ୍ୟ ପାଳନ କରିଥିଲେ, ସେ କଥା ଜଣାପଡ଼ିବ । ସେହି ଉତ୍ତର ଖଣ୍ଡିକ ନିମ୍ନରେ ଉଦ୍ଧୃତ ହେଲା ।

ପ୍ରିୟ ମହାଶୟ,

ପ୍ରଜାତନ୍ତ୍ର ସଂଖ୍ୟା ତା ୩ । ୩ । ୨୭ ରିଖରେ ପ୍ରକାଶିତ ଆପଣଙ୍କ ଲେଖା କଦାପି ଅଯୌକ୍ତିକ ନୁହେଁ । ତାହା ଅବଶ୍ୟ ସତ୍ୟ । ମୋର ମତ ମୁଁ କହୁଅଛି । ମୋର କ୍ଷୁଦ୍ର ଓ ଅଶିକ୍ଷିତା ବୁଦ୍ଧିରେ ମୁଁ ଯେତେ ଦୂର ଭାବରାଜ୍ୟରେ ଚିନ୍ତା କରି ଯାହା ଲେଖିଅଛି, ତାହା କଦାପି ଶାସ୍ତ୍ରରୁ ପଢେ, ଗୁରୁଙ୍କଠାରୁ ପଢେ ଲେଖିନାହିଁ ବୋଲି ମୋର ବିଶ୍ୱାସ । ଈଶ୍ୱରଙ୍କ କୃପାବଳରୁ ମୋତେ ଯେଉଁ ଭାବ ଦିଶେ, ତାହା ମୁଁ ଲେଖି ଆପଣମାନଙ୍କ ଚରଣକମଳରେ ଅର୍ପଣ କରିଦିଏ । ତାହା ପ୍ରକାଶ କରିବାକୁ ଆପଣମାନଙ୍କୁ ମୁଁ କିଛି ଜୋର ଜୁଲମ କରି ନ ଥାଏ । କାରଣ ମୋର ବ୍ୟକ୍ତିଗତ ଶିକ୍ଷା ଓ ଅନୁଭବ ଶକ୍ତି ମୁଁ ଜାଣେ; ଆଉ ମଧ୍ୟ ପୃଥିବୀ ଓ ସଭ୍ୟତାର ଆଲୋକ ଦେଖି ମୋର 'ଜୀବନ ସ୍ରୋତରେ ସର୍ବଦା ଖେଳୁଅଛି ।

Digitized by srujan ka@gmail.com

ଏପରି ଅବସ୍ଥାରେ ଆପଣମାନଙ୍କୁ ମୋର ଲେଖାଭାବ ନାପସନ୍ଦ ଓ ଅଯୌକ୍ତିକ ଦୃଶ୍ୟ ହେଉଛି ତାହା ମାତ୍ର ସୁନ୍ଦର ଓ ସୁସଙ୍ଗତ ପରିବର୍ତ୍ତନ କରିଦେଲେ ହେବ ନାହିଁ କି ? ଭଗିନୀଗଣଙ୍କର ଅଭିମାନ ଭାଇମାନେ ରକ୍ଷା କଲେ ମାନହାନି ହେବ କି ? ନିଜ ଗୃହଛିଦ୍ର, ବିବାଦ, ଦୋଷ ଯେବେ ଦୂର ହେଉ ନାହିଁ, ତେବେ ଉଚ୍ଚ ଆଶା କଣ କରିବା ? ଏକାଥରକେ ପୃଥିବୀରେ କେଉଁ ଜାତି ଉନ୍ନତିଶୀଳ ହୋଇପାରି ନାହାନ୍ତି । କ୍ରମଶଃ ହୋଇଛନ୍ତି, ହେଉଅଛନ୍ତି ହେବେ ମଧ୍ୟ ।

ବାବୁ ! ଥରେ ଆପଣମାନେ ଦିବ୍ୟ ଚକ୍ଷୁରେ ଭାବ ନିଅନ୍ତୁ । ଆଜି ପୃଥିବୀରେ ପ୍ରତ୍ୟେକ ଜାତି ନିଜର (ଦୁର୍ବଳ ଓ ମିଥ୍ୟା) ଯେଉଁ ଭାବ ଓ କର୍ମଗୁଡ଼ିକ ବୋଲି ବୁଝିପାରୁଛନ୍ତି, ସେହି ଗୁଡ଼ିକରୁ ସୀମା ଲଙ୍ଘି ଉଚ୍ଚକୁ ଉଠିଗଲେଣି । ଆମ୍ଭ ଓଡ଼ିଆ ଜାତି କାହିଁକି ପତନୋନ୍ମୁଖ ହୋଇ ସବୁଠାରେ ଦାସତ୍ୱ, ହୀନତ୍ୱ ଓ କଦର୍ଯ୍ୟ ଭାବରେ ପରପଦ ଲେହନ କରି ଜୀବନ ଯାପନ କରୁଅଛନ୍ତି ? ଓଡ଼ିଆ ବୋଲିବା ମାତ୍ରେ ଉନ୍ନତିଶୀଳ ଜାତିଙ୍କୁ ଗନ୍ଧ ମାଡ଼ୁ ନାହିଁ କି ? ଶିକ୍ଷା ଓ ବିବେଚନା ନ ଥିବା ଯୋଗୁଁ ଏପରି ଦଶା ଘଟୁ ନାହିଁ କି ?

ବାବୁ ! ଏଥିରୁ ବୁଝିନେବେ ଯେ ଉନ୍ନତ ହେବା ପନ୍ଥା ସଙ୍ଗରେ ପ୍ରତିଯୋଗ ଦେବାଟା କିଛି ଅଧିକ କଥା ନୁହେଁ ବୋଲି ମୋର ମତ । 'ସହକାର' କିଛି ବିଦେଶୀ ପନ୍ଥା ନୁହେଁ । ଆମ୍ଭେ-ମାନେ ଯେବେ ଗୋଟିଏ ଜାତି, ଗୋଟିଏ ମାତୃକୋଳରେ ଜନ୍ମଲାଭ କରିଅଛେ, ଭିନ୍ନ ମତ ତ୍ୟାଗ କରିବାକୁ ହେବ । ଆଜି 'ସହକାର' ଅତି ବାଲ୍ୟ ଓ ୨ ବର୍ଷର ଶିଶୁମାତ୍ର । ସେ କିପରି ଉନ୍ନତି ଲାଭ କରିବ, ଏହି ଭାବ ସମସ୍ତଙ୍କ ହୃଦୟରେ ଦୃଢ଼ ହେଲେ ହେବ

Digitized by srujan ka@gmail.com

ନାହିଁ କି ? ପିତାମାତା ଓ ଜ୍ୟେଷ୍ଠ ଭ୍ରାତା ସାନ ପିଲାଙ୍କୁ ହସାଇ ଖେଳାଇ ଓ ନାନାପ୍ରକାର ବେଶଭୂଷା କରି ତାର ଅର୍ଦ୍ଧସ୍ଫୁଟ ଭାଷାରେ ବିମୁଗ୍ଧ ହୁଅନ୍ତି, ସେହିପରି ମୋର ପ୍ରିୟ ଭାଇଭଉଣୀ-ମାନେ ଏହି ଭାବ ସହକାରେ ମତ ରଖିଲେ ସୁନ୍ଦର ହେବ ନାହିଁ କି ?

ଆଉ ଗୋଟିଏ କଥା । ମୋର ଏ ଯୁକ୍ତି ଲେଖାଟି ଶିକ୍ଷିତ ହୃଦୟରେ ମିଥ୍ୟା ଭଣ୍ଡାଣ କଥା ମାଇପିଭାଷା ଲେଖା ବା ଦୁର୍ବଳ ଅଯୁକ୍ତିପୂର୍ଣ୍ଣ ଛଳ ଉକ୍ତି ବୋଲି ସୁଲଭ ମତ ଦେଇପାରନ୍ତି । ମାତ୍ର ମୋର ମତ ସମର୍ଥନ ପାଇଁ ଗୋଟିଏ ମାତ୍ର କାରଣ ଦୃଷ୍ଟିରେ ଆପଣଙ୍କ ନିବେଦନ ବାକ୍ୟରେ ସମାଲୋଚନା କରିବା ପାଇଁ ମୁଁ କହୁଅଛି । ଆଜ ହିନ୍ଦୁସ୍ଥାନ ଓ ତହିଁରେ ଓଡ଼ିଆ ଜାତିର ଶିକ୍ଷା ଆଉ ନାରୀର ମର୍ଯ୍ୟାଦା କିପରି ଅଛି ? ଏଥିରେ ଯେବେ ଶିକ୍ଷିତ ଭାଇମାନେ ତାଙ୍କର ପରି ଭାଷା ଲେଖା ହେଉ ନାହିଁ ବୋଲି ସମାଲୋଚନା ଖଡ୍ଗ ଧରି ବସିବେ, ତେବେ ମହତ୍ତ୍ୱ ହାନି ହେବ କାହାର ?

ସାମ୍ପାଦିକା ହେବାକୁ ଯୋଗ୍ୟ ବୋଲି କେବେ ମୁଁ ଭାବ-ନାହିଁ । ମୋର ପ୍ରିୟ ଭାଇ ଲକ୍ଷ୍ମୀ ବାବୁଙ୍କ ପବିତ୍ର ଓ ସରଳ ଭକ୍ତି ଅନୁରୋଧ ରକ୍ଷା କରିବାକୁ ମୁଁ ହୁଁ ମାରିଅଛି । ଆଉ ମଧ୍ୟ ମୋର ଏହିଟି କର୍ତ୍ତବ୍ୟ ନୁହେଁ କି ? ଏବେ ଦେଖନ୍ତୁ, ଗୋଟିଏ ବଡ଼-କୁଟୁମ୍ବୀ ଓଡ଼ିଆ ପରିବାର ମଧ୍ୟରେ ଗୋସାଇଁ ମା-ବାପା ଓ ବାପା, ମା ଗୁରୁଜଣ ଜୀବିତ । ସେମାନେ ଆଜନ୍ମ ଗଣ୍ଡମୂର୍ଖ ଓ ଶାନ୍ତ ପ୍ରାଣୀ । ତୃତୀୟ ପୁରୁଷ ନାତି ଦେହକରେ ନବ୍ୟ ଧରଣରେ ଶିକ୍ଷିତ ହେବେ । ଗୃହର କୌଣସି ସଦନୁଷ୍ଠାନ ବେଳେ ସେହି

Digitized by srujan ka@gmail.com

ବୃଦ୍ଧ:ସ୍ୱର ଜଣ ମୁରବିପଣିଆରେ ଶିକ୍ଷିତ ଯାଠମାନଙ୍କର କଣ୍ଠତାଲୁ ଶୁଖିଯାଏ । ଶେଷକୁ ସେମାନଙ୍କ ମୁରବିପଣିଆ ସ୍ଥାୟୀ ହୁଏ । ମୋର ନିଷ୍ପତ୍ତି ଏହା ଉତ୍ତମ ନୁହେଁ କି ?

ଏଥିପାଇଁ ସମସ୍ତେ ନୀରବ ରହିଲେ ହେବ କି ? ଅଶିକ୍ଷିତ ବୃଦ୍ଧା ମାତାର କୋଳରେ ପାଞ୍ଚ ବର୍ଷର ଶିଶୁ ଉପରୁ ପାଳିତ ହେବ, ଟିକିଏ ମାତ୍ର ମୋର ଶିକ୍ଷିତ ଭ୍ରାତୃଗଣ ନିଜ ନିଜ ହୃଦୟରେ ବିଚାର କରନ୍ତୁ ।

ଆହୁରି ଗୋଟିଏ କଥା, ଓଡ଼ିଆ ନାରୀ ସମାଜ ଉପରୁ ଏଛୁ, କି ଉନ୍ନତି ଲାଭ କରିଅଛି, କି ଉଚ୍ଚ ଶିକ୍ଷାରେ ହୃଦୟ ପୂର୍ଣ୍ଣ କରି-ଅଛି, କି ଦକ୍ଷତା ପାଇଅଛି ଓ ନାରୀ ସମାଜକୁ କିଏ ନିଷ୍କପଟ ଓ ଦିବ୍ୟ ଦୃଷ୍ଟିରେ ଦେଖୁଅଛି, ଏଥିର ରହସ୍ୟ ମୋତେ ଥରେ କିଏ ବୁଝାଇ ଦେଇପାରିବେ କି ? ପଶୁକୀଟଠାରୁ ମଧ୍ୟ ହୀନ ନୁହନ୍ତି କି ? କାରଣ ସେମାନେ (ପଶୁକୀଟ) ସ୍ୱତନ୍ତ୍ର ପ୍ରାଣୀ । ଏଥିରେ ସହକାରକୁ ସମାଲୋଚନା ଦ୍ୱାରା ଥଠା, ଇଙ୍ଗିତ କଲେ କଷ୍ଟ ଓ ଅପମାନ ତାହାକୁ ହେଉଅଛି, ଲେଖକମାନେ ନିଜ ନିଜ ହୃଦୟ ଶବେଦକ ବାକ୍ୟକୁ ମନକୁ ପ୍ରେରଣ କରିବେ । ତେବେ ଲେଖିକା ଓ ଲେଖକଙ୍କର ମନରେ କିଛି କଷ୍ଟ ହେବ ନାହିଁ । ତାହାଙ୍କ ନା ମନର ଭାବବୃତ୍ତିଗୁଡ଼ିକ ପଦାରେ ବାଛିହୋଇ ଯାଇଅଛି । ସେମାନେ ଅବା ମନକୁ ତାହା କାହିଁକି ନେବେ ? ଖାଣ୍ଟି ଓଡ଼ିଆଣୀ ଜଣେ ସମ୍ପାଦିକା ପଦକୁ ଅନୁପଯୁକ୍ତା ବୋଲି କିଏ କହୁ ନାହିଁ, ଏହା ଅବଶ୍ୟ ଅସଲ ସତ ।

ଏବେ ଦେଖନ୍ତୁ, ଆମ୍ଭମାନଙ୍କର କୌଣସି ମଙ୍ଗଳ କର୍ମ ଅନୁ-ଷ୍ଠାନ ବେଳେ କୁମ୍ଭରେ ଆମ୍ବପତ୍ର ଜଳ ଭରି ଫଳ ସ୍ଥାପନ କରି

Digitized by srujan ka@gmail.com

କର୍ମ ଆରମ୍ଭ କରିବାକୁ ହେଉଅଛି। ସେହି କୁମ୍ଭରେ କିଏ ସେ ଥାଏ କି ? ଦେବାଳୟରେ ବିଗ୍ରହ, ଯାହା କି ଆମ୍ଭମାନଙ୍କର ନାନା ରକମର ଦେବତା ବିଶେଷ। ଏ ଗୁଡ଼ିକର ପ୍ରାଣ, ଜ୍ଞାନ କିସ ଥାଇ-ପାରେ କି ? ତଥାପି ଆମ୍ଭମାନଙ୍କର କର୍ମକୌଶଳଦ୍ୱାରା ଦେବା-ଳୟ ଗଠନ, ଦେବତାମାନଙ୍କ ସ୍ୱରୂପ ଆମ୍ଭ ମନୋନୀତ ଆକାରରେ ନିର୍ମାଣ, ସେମାନଙ୍କ ବାହ୍ୟ ସୌନ୍ଦର୍ଯ୍ୟାବଳୀ ବିଭବ ପ୍ରଭୃତି କେବଳ ଆମ୍ଭମାନଙ୍କଦ୍ୱାରା କରାଯାଇଅଛି, କରାଁଯାଉଅଛି।

ଆଜି ଭାରତଭୂମି ପୃଥିବୀରେ ବିଗ୍ରହ ଆରାଧନାର ପୁଣ୍ୟପୀଠ ବୋଲି ହୁର ପଡ଼ୁ ନାହିଁ କି ?

ଭାଇମାନେ, ଆପଣ ଏତେ ଶୀଘ୍ର ନାଗ୍ରିକାଙ୍କଠାରୁ ଏତେ ଆଶା କରିବା ବିଡ଼ମ୍ବନା ମାତ୍ର। ଆସ୍ତେ ଆସ୍ତେ ମୋର ମୂର୍ଖଣୀ-ଭାଷାରେ ମୋର ଜୀବନ କାହାଣୀ ପତ୍ରିକାରେ ବଖାଣିବି। ଭାଷା ସମ୍ବନ୍ଧେ କିବା ଶିକ୍ଷିତ ଢ଼ଙ୍ଗରେ ଲେଖା ଦେଖିବାକୁ ଇଚ୍ଛା କଲେ ମୁଁ ନାଚାର ! ଆପଣମାନେ ମୋଠାରୁ ବେଶି ହେବେ।

କାରଣ ମୁଁ ମାତା, ଦେଶ ମୋର ଗୃହ, ତଦ୍‌ବାସିଗଣ ମୋର ପୁତ୍ରକନ୍ୟା। ପୁତ୍ରକନ୍ୟା ଯେବେ ମାତାର ଗୌରବ ପ୍ରତିଷ୍ଠାକୁ ନିନ୍ଦା କରିବେ, ତେବେ କ୍ଷତି କାହାର ? ମାତା ତ କେବେ ନିଜ ସନ୍ତାନର ଦୋଷ ବାଛୁନ ନାହିଁ। ସେହିପରି ଆପଣମାନଙ୍କ ସମାଲୋଚନା ଦ୍ୱାରା ମୁଁ କଦାପି ବିଚଳିତ ନୁହେଁ। ମାତ୍ର ମୋର ଲେଖା ଆପଣ-ମାନେ ପ୍ରକାଶ ନ କଲେ ମୋ ଭାବ ମୋଠାରେ ମୃତ ହେବ। ବର୍ତ୍ତ-ମାନ ସୁଦ୍ଧା ମୋଠାରେ ଅନେକ ମୃତବତ୍ ଅଛି। ଏହା ମାତ୍ର ବେଳେ ବେଳେ ମନରେ କଷ୍ଟ ଦିଏ।

Digitized by srujan ka@gmail.com

ନାରୀ ଜଣେ ମାନବ, ଦେବାଳୟର ବିଗ୍ରହ କିବା ପଥର ବା କାଠର କନ୍ଦର୍ପ କଳଣା ଶବ-କୁଣ୍ଡାଇ ପର ସମ୍ପାଦିକାଟେ ହେଲି ବୋଲି ଆପଣମାନେ ଏତେ ଶୀଘ୍ର ସମାଲୋଚନା ଅସ୍ତ୍ର ଚାଳନା କଲେ ମୁଁ କଅଣ କରିବ ! ଆପଣମାନେ ଏତା ମୋତେ ବୁଦ୍ଧି ଶିଖାନ୍ତୁ । ମୁଁ ଅବଶ୍ୟ ତାହା ପ୍ରତିପାଳନା କରିବ ।

ଆପଣମାନେ କହନ୍ତୁ, 'ସହକାର'ଟି ର ପ୍ରାଣନାଶ କରି ସାହିତ୍ୟ ଓ ବାରୁଣୀକୁ ଚିରଂଜୀବୀ ଓ ଶ୍ରୀମାନ କଲେ ଭଲ ହେବ । ତାହା କେବଳ 'ସହକାର'ର ମୃତ୍ୟୁ ହେଲେ ଏତା ହେବ; ସେ ଜୀବିତ ଥାଉଁ ଅନ୍ୟର ଶ୍ରୀବୃଦ୍ଧି ସାଧନ ଅସମ୍ଭବ କି ? ତାହା ମୋ ହାତରେ ରହି ଆପଣମାନଙ୍କ ଦ୍ୱାରା ତାହାର ସୌନ୍ଦର୍ଯ୍ୟ ସମ୍ପାଦିତ ହେଲେ ଭାଇମାନଙ୍କର ଓ ଦେଶର କ୍ଷତି କଅଣ ? ମୋର ନାମ ଓ ପ୍ରତିଷ୍ଠା ତାହାର କରଗତ, ଅଳ୍ପ ଚନ୍ଦ୍ରାକର ଦେଖିବେ କି ?

ଆଜି ମୋହର ଏହି ହତାଶ ଓ ନିରୁତ୍ସାହ ଜୀବନ ପଥରେ ଏତେ କାଳେ ମୋର ପ୍ରିୟତମ ଭାଇ ଲକ୍ଷ୍ମୀ ଉଜ୍ଜ୍ୱଳ ଜ୍ୟୋତି ଜାଳି ଦେଶବାସୀଙ୍କ ନିକଟରେ ମତେ ପରିଚିତା କରାଇଦେବାକୁ କୃତ-ସଂକଳ୍ପ ହୋଇ ଦଣ୍ଡାୟମାନ ହେବାଠାରେ ଆପଣମାନେ ମୋର ଏହି ଆନନ୍ଦ ଓ ଉତ୍ସାହରେ କୁଠାରାଘାତ କରି ଉଚିତ କି ?

ସହକାରର ଆକାର, ପ୍ରକାର, ଚନ ସମ୍ବନ୍ଧେ ମୁଁ ଜାଣେ, କିଏ ମାସ ଦେଖି ନ ଥିବେ । ଆପଣମାନଙ୍କ ଉତ୍ସାହ ବଳରେ କ୍ରମଶଃ ତାହା ପରିବର୍ତ୍ତନ ହୋଇପାରେ ।

ଆପଣଙ୍କ ଲେଖାର ଏହି କେତୋଟି ପଙ୍କ୍ତିର ଭାବ ବୁଝିଲି ନାହିଁ—"ଏଣିକି ଲକ୍ଷ୍ମୀ ବାବୁ ନାରୀପ୍ରସାଦର ପରିଚାର ଯଥାତଥା

Digitized by srujan ka@gmail.com

ଦିନ ଗୁଜୁରାଣ ପାଇଁ ଚେଷ୍ଟା କରୁଅଛନ୍ତି । ଆମ ଦେଶର ନାରୀମାନେ ହାଣ୍ଡିଶାଳ ଧୂଆଁ ପିଇ ପିଇ ବେଦମ । ସେମାନେ ପାରିବ ପରିବାର ଅଙ୍ଗ ସୌଷ୍ଠବ ସାଧନା ପାଇଁ ଏ ପର୍ଯ୍ୟନ୍ତ ଉପଯୁକ୍ତା ହୋଇ ନାହାନ୍ତି ।"

ଭାଇ ଆଚ୍ଛା ମନ୍ତବ୍ୟ ଢାଳିଲେ, "ଏଣିକି ନାରୀପ୍ରସାଦରେ ଲକ୍ଷ୍ମୀବାବୁ ପରିବା ଖଣ୍ଡିକ ଯଥାତଥା ଦିନ ଗୁଜରାଣ କରିବାକୁ ବସିଛନ୍ତି ।" ଭାଇର ବିଭବ ତାଙ୍କ ମୁଣ୍ଡରେ ଓ ମୋ ମୁଣ୍ଡରେ ଲଦାହେଲା । ଆମ ଦେଶର ନାରୀମାନେ ହାଣ୍ଡିଶାଳରେ ଧୂଆଁ ପିଇ ବେଦମ୍, ସତ-କଥା । ଦୋଷ କାହାର ? ହାଣ୍ଡିଶାଳରେ ରନ୍ଧା ସମାଧିତା ହେଲି ବୋଲି ଆପଣମାନଙ୍କୁ ଲଜ୍ଜା ବୋଧ ହେଉଅଛି କି ? ମୋର କର୍ତ୍ତବ୍ୟ ଧର୍ମପାଳନା ବିଷୟରେ କିଛି ହେଲେ ବିଚାର କରିବ ନାହିଁ ? ମୁଁ ତ ସବୁ କରିଅଛି । ଦେଖନ୍ତୁ, ପିତାଙ୍କ ଆଳୟରେ ଦୁହିତା ହୋଇ ଥିଲି । ସ୍ୱାମୀ ଆଳୟରେ ପତ୍ନୀ ହେଲି, ମୃତ ଜୀବିତ ସନ୍ତାନର ମାତା ହେଲି । ରନ୍ଧାଶାଳର ମାଲିକ ହୋଇ କେବେ କାର୍ଯ୍ୟ ଛାଡ଼ି ନାହିଁ । କେବଳ ବର୍ଷକରେ ଏକ ମାସ ପନ୍ଦର ଦିନ ଛୁଟିପାଏ । ତମାମସମୟ ମୋର ନିବାସ ହାଣ୍ଡିଶାଳ । ଲେଖା ମଧ୍ୟ ମୋର ସେଠାରେ ହୁଏ ।

ପରିବାର ଅଙ୍ଗସୌଷ୍ଠବ ପାଇଁ ନାରୀମାନେ ଏ ପର୍ଯ୍ୟନ୍ତ ଉପ-ଯୁକ୍ତ ହୋଇ ନାହାନ୍ତି । କିଏ କହୁଅଛି ହୋଇଛନ୍ତି ? ଆପଣ କାହା କାହାକୁ ଶୁଣାଉଛନ୍ତି ? ଶ୍ରୋତା କିଏ ? ଆପଣଙ୍କର ଉଦ୍ଦେଶ୍ୟ କାହା-ପ୍ରତି ? ଯାଉ, କେବେହେଲେ କହିବେ ନା ? ସଂପୂର୍ଣ୍ଣରେ ଆପଣଙ୍କ ଲେଖାଟି ପାଠକଲି । ଦୁଃଖର ବିଷୟ, ତହିଁରୁ ମୋର ବା ନାରୀ ଜାତିର ଶିକ୍ଷଣୀୟ ବିଷୟ କିଛି ନାହିଁ । ତହିଁର ବିଶେଷତ୍ୱ ଏତିକି ଯେ, ନାରୀ ପ୍ରସାଦରେ ଏଣିକି ଲକ୍ଷ୍ମୀବାବୁ ପରିବା ଖଣ୍ଡିକ ପରି-ଚାଳନା କରିବାକୁ ଦିନ ଗୁଜରାଣ କଲେଣି । ଧୂଆଁ ପିଆ ମାଇପିଲେତ

ସମ୍ପାଦିକା ହେଲେଣି । ଏ ଦୁଇଟି ବଡ ସରସ ଓ ମହତ୍ । ଆପଣ ସବୁ କହୁଥିବାରୁ ଏ ଦୁଇଟିରୁ ଗୋଟିଏ ମୁଁ ଅଙ୍ଗୀକାର କରେ; ମାତ୍ର ଅନ୍ୟଟି ଆପଣ ମିଥ୍ୟା କହୁଅଛନ୍ତି । ମୋର ଭାଇ ଲକ୍ଷ୍ମୀ କଦାପି ନାଟ୍ୟ-ପ୍ରସାଦକୁ ଆଶା କରେ ନାହିଁ । ମାତ୍ର ନାଟ୍ୟ ମାତୃତ୍ୱ ସକାଶେ କର୍ତ୍ତବ୍ୟ-ଧର୍ମ୍ମ ପାଳେ । ସେଥିଲାଗି ଆପଣମାନେ ତାଙ୍କୁ ଏପରି ସାଟିକା ଦେଇ ଆକ୍ରମଣ କଲେ ତାଙ୍କର କିଛି କ୍ଷତି ହେବ ନାହିଁ । କାରଣ ତାଙ୍କ ଅଧିକାର ଓ ଦାୟିତ୍ୱ ମତେ ଅର୍ପଣ କରି ଦେଇଅଛନ୍ତି । ତାଙ୍କର ଅଂଶିତ୍ୱ ମୁଁ ନେଲି । ଆଉ ଆପଣମାନଙ୍କଠାରୁ ମୁଁ କଣ ପାଇବି ? ଏହିପରି ଲେଖା ଅମୃତଲହରୀରେ ମୋର ହୃଦୟ ଖେଳାଇବ କି ?

ସମ୍ପାଦିକାଟେ ହେଲିଣି । କେତେ ପ୍ରକାର କଥା ଭାବ ଶୁଣିବାକୁ ହେବ । ଏଥିରେ ମୁଁ ବିଚଳିତା ନୁହେଁ । ପ୍ରଥମ ସମ୍ପାଦିକାର ପଦମର୍ଯ୍ୟାଦା ହାଣ୍ଡିଶାଳର ଧୂଆଁ ପିଇବା କେବଳ ଜୀବନର ଆଧାର । ଲେଖକ ମହାଶୟ ନାଟ୍ୟକାରର ପଦମର୍ଯ୍ୟାଦା ରକ୍ଷା କରିବାକୁ କିଛି କର୍ତ୍ତବ୍ୟନିଷ୍ଠ ହେଲେ ଭଲ ହୁଅନ୍ତା ।

ପରିଶେଷରେ ମୋର ଏତିକି ପ୍ରାର୍ଥନା ଯେ, ମୋର ସମସ୍ତ ଓଡ଼ିଆ ଭାଇ ଭଉଣୀ ଅନ୍ନପୂର୍ଣ୍ଣାଙ୍କ ପ୍ରତି ଦୟାଦୃଷ୍ଟି ରଖନ୍ତୁ । ମୁଁ ସମସ୍ତଙ୍କର, ମୋର ସମସ୍ତେ । ସହକାରୀର ପୁରାତନ ନୂତନ ଗ୍ରାହକଗଣ ସୁଦ୍ଧା ମୋପ୍ରତି କୃପା ରଖି, ତାର କଳେବର ସୁନ୍ଦର କରନ୍ତୁ । ସେ ଯେପରି ପରିହାସମୁଖରେ ସମସ୍ତଙ୍କର କରପୃଷ୍ଠରେ ଖେଳିବ ଓ ସମସ୍ତଙ୍କର ମନୋରଞ୍ଜନ କରିପାରିବ, ସେପରି ଭାବରେ ଅଭିଳାଷୀ ହୁଅନ୍ତୁ ।

ଆପଣମାନଙ୍କ ସମାଲୋଚନା ବର୍ତ୍ତମାନ ମୋପକ୍ଷେ କିବା ନାଟ୍ୟକାରପକ୍ଷେ ଅନୁକୂଳ ନୁହେଁ । ଆଶାକରେ, ମୋର କର୍ତ୍ତବ୍ୟପାଳନ

Digitized by srujan ka@gmail.com

ପଥରେ ଆପଣମାନେ କଣ୍ଟା ପକାଇବେ ନାହିଁ, କିମ୍ବା ମୋର ନିଯୋଜିତ ଲକ୍ଷ୍ମୀବାବୁଙ୍କୁ ଦୋଷ ଦେବେ ନାହିଁ । ସେ କିଛି ଅନ୍ୟାୟ କିମ୍ବା ଅଜ୍ଞାନର କାର୍ଯ୍ୟ କରି ନାହାନ୍ତି । ନିଜ ନିଜ ଜ୍ଞାନ ଓ ବିବେକ ଦ୍ୱାରା ବିଗୁରି ଉପଦେଶ ଦିଅନ୍ତୁ ।

ମୁଁ ଏତେ କାଳେ ସୁରୁମୁଣ୍ଡି ସ୍ଥାପନ କରି ଉତ୍କଳଦେଶରେ ଗୋଟିଏ ମାସିକପତ୍ରର ସମ୍ପାଦିକା ହେଲି ବୋଲି ଡେଢ଼େ ବଡ଼ ଗୌରବାନ୍ୱିତା ହେଉଅଛି । ମୋର ହ୍ରାସିଶୀଳ ଶରୀର ଓ ନାରୀ-ମର୍ଯ୍ୟାଦା ଯେତେ ତଥା ଆପଣମାନଙ୍କ ଆଗରେ ବାଢ଼ିବି ବୋଲି ଆଶା କରିଅଛି । ମୋର ଲେଖାର ସୌନ୍ଦର୍ଯ୍ୟ ଆପଣମାନଙ୍କ ହାତରେ ସ୍ୱୀକାର ଆପଣମାନଙ୍କୁ ମୋର ମାଇପିଭାଷାରେ ଲେଖିଥିବା ।ସାଦରେ ଗ୍ରହଣ କଲେ ମୋର ଜୀବନକୁ ଧନ୍ୟ ମଣନ୍ତି; ନୋହିଲେ ନାହିଁ । ମୋର ସ୍ଥାୟୀ କର୍ମକୁ ମୁଁ କୌଣସିମତେ ଅନୁପଯୁକ୍ତା ନୁହେଁ । ଇତି ।

ଶ୍ରୀମତୀ ଅନ୍ନପୂର୍ଣ୍ଣା

(ଗଞ୍ଜାମବାସିନୀ—୨୪ଶ ଭାଗ, ୨୨ଶ ସଂଖ୍ୟା)

୪ର୍ଥ—ଆଜୀବନ ଅର୍ଥାଭାବ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କୁ ସର୍ବଦା ବ୍ୟସ୍ତ-କରୁଥିଲା । ଏଥିପାଇଁ ସେ ତାହାଙ୍କର ଏକାଧିକ ଲେଖାରେ ଦେଶ-ବାସୀଙ୍କୁ ନିଜ ଦୁରବସ୍ଥା କଥା ଜଣାଉଥିଲେ । ଏପରି କେତେକ ଲେଖା ପାଠକରି କଟକର ଦେଶସେବିକା ଶ୍ରୀମତୀ ସରଳା ଦେବୀ [ବର୍ତ୍ତମାନ ଏମ.ଏଲ୍. ଏ.] 'ସହକାର' ମାସିକ ପତ୍ରର ୪ର୍ଥଭାଗ ୪ର୍ଥ ସଂଖ୍ୟାରେ ଗୋଟିଏ 'ନିବେଦନ' ପ୍ରକାଶ କରିଥିଲେ । ଏହି ନିବେଦନ ପାଠକରି ଓଡ଼ିଶାର କେତେକ ବଦାନ୍ୟ ବ୍ୟକ୍ତି ନାରୀରତ୍ନଙ୍କ ପାଇଁ ୫୪ ୯ ଟଙ୍କା ଉଠାଇଥିଲେ । ସେତେବେଳକୁ ଶ୍ରୀମତୀଙ୍କ

Digitized by srujan ka@gmail.com

ଅବସ୍ଥା ଖରାପ ଥିଲା, ତାହା ତାହାଙ୍କର ନିମ୍ନ ପତ୍ରରୁ ବେଶ୍ ଜାଣିହୁଏ ।

ସଂପାଦକମାନଙ୍କ ପାଖକୁ ଖଣ୍ଡିଏ ପତ୍ର

"ଯେଉଁ ସମୟରେ ଚାରିଦିନ ପାଇଁ ପେଟ ଉଠି ଅନ୍ନାଳ ହେଉଥିଲା, ଉଠିବାକୁ ଶକ୍ତି ପାଉ ନ ଥିଲା, ବସିବାକୁ ସ୍ଥାନ ସୁଦ୍ଧା ନ ଥିଲା, ଅନବରତ ହୃଦୟ ଦମ୍ ଦମ୍ ନାଚ ଉଠୁଥିଲା, ଆଗକୁ ଚାହିଁଲେ ସାହୁକାର, ପଛକୁ ଚାହିଁଲେ ସମୟର ଧକ୍କା, ମସ୍ତକ ଉପରେ ଋଣର ଭାର ସର୍ବଦା ମନର ଉଦ୍‌ବେଗ ଦ୍ୱାରା ଦଣ୍ଡେ ସ୍ଥିର ନ ଥିଲା ଏବଂ ଅନୁକ୍ଷଣ ଜୀବନରେ ବ୍ୟାକୁଳତା ଖେଳୁଥିଲା, ଏ ସବୁ ଚଇତାନନ୍ଦ ନିର୍ବିକାରଙ୍କ ଉପରେ ନିର୍ଭର କରି ଦିନ ଯାପନ କରୁଥିବାରୁ ଦୁଃଖଟା ନିତ୍ୟ ସ୍ୱଭାବ କରୁଥାଏ ସିନା; ମୋର ଆତ୍ମାକୁ କିଛି ଆଘାତ ଦେଇପାରୁ ନ ଥିଲା । ମାତ୍ର ସାହୁକାରର ମୁଖର ବିକ-ଟାଳ ଦୃଶ୍ୟ, ବାକ୍ୟର ଛଟା, ହୃଦର ଜୋର, ଚକ୍ଷୁର ଆରକ୍ତ ଦୃଷ୍ଟିଭଙ୍ଗୀ ଏବଂ ହୃଦୟର ଆବେଗ-ବଚନ-ଶର-ଗୁଚ୍ଛ ଟାଣିଆସି ମୋର ସ୍ୱାମୀଙ୍କର ମରମରେ ବାଜି ହୃଦୟ ବିଦାରଣ କରି ପକାଉଥିଲା × × ।"

[ତା ୨୯।୧୨।୧୯୨୫]

୫ମ—ନାଟ୍ୟକାରଙ୍କ ଆର୍ଥିକ ଦୁରବସ୍ଥା କଥା ସଂବାଦ ପତ୍ରରୁ ପାଠ କରି ସେ ସମୟର ଓଡ଼ିଆ ମୁନ୍‌ସିଫ୍ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଏମ୍.ବି.ଇ., କଟକ ରେଭେନସା ଗାର୍ଲସ କଲେଜର ପ୍ରିନ୍‌ସିପାଲ କୁମାରୀ ନାୟକ ଓ ଅନ୍ୟ କେତେକ ବିଶିଷ୍ଟ ମହିଳାଙ୍କଦ୍ୱାରା ନାଟ୍ୟକାରଙ୍କ ସାହାଯ୍ୟ ପାଇଁ ଗୋଟିଏ 'ନିବେଦନ' ପ୍ରକାଶ କରିଥିଲେ । ଏହି ନିବେଦନ ଫଳରେ ୧୯୨୫ ଖ୍ରୀଷ୍ଟାବ୍ଦର ମେ ଓ ଅକ୍ଟୋବର ମାସ ମଧ୍ୟରେ ପ୍ରାୟ ୪୦୦ ଟଙ୍କାରୁ ଊର୍ଦ୍ଧ୍ୱ ଚାନ୍ଦା ସଂଗ୍ରହ କରାଯାଇ-

Digitized by srujan ka@gmail.com

ଥିଲା । ଏଥିରୁ ଶୁହ୍ରଶତ ଟଙ୍କା ଅନ୍ନପୂର୍ଣ୍ଣାଙ୍କୁ ଦିଆଯାଇ ତାହାଙ୍କର ସବୁ ଋଣ ପରିଶୋଧ କରାଯାଇଥିଲା !

ଅତି ଆଶ୍ଚର୍ଯ୍ୟର କଥା, ପ୍ରୋକ୍ତ ଶୁହ୍ରଶତ ଟଙ୍କା ମଧ୍ୟରୁ, ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ପତ୍ର ଅନୁସାରେ, ସମଗ୍ର ଗଞ୍ଜାମରୁ ଏକ ପାହୁଲା ସୁଦ୍ଧା ମିଳି ନ ଥିଲା ! ସେ ସମୁଦାୟ ଟଙ୍କା କେବଳ ପୁରୀ, କଟକ ଓ ବାଲେଶ୍ୱର ପ୍ରଭୃତି ଜିଲାରୁ ଆଦାୟ ହୋଇଥିଲା । ସେ ସମୟରେ ଅଳ୍ପ କେତେକ ସାହିତ୍ୟିକଙ୍କ ବ୍ୟତୀତ ଓଡ଼ିଶା ମୋଗଲ-ବନ୍ଦୀବାସୀ ଶ୍ରୀ-ଟୀ ଅନ୍ନପୂର୍ଣ୍ଣାଙ୍କୁ ପ୍ରାୟ ଜାଣି ନ ଥିଲେ । ତଥାପି ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଯତ୍ନରୁ ଏତେଗୁଡ଼ିଏ ଟଙ୍କା ଅତି ଅଳ୍ପ ସମୟରେ ମଧ୍ୟରେ ସଂଗୃହ କରାଯାଇଥିଲା ! ଏଥିପାଇଁ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ପରିବାର ଶ୍ରୀଯୁକ୍ତ ପଟ୍ଟନାୟକଙ୍କଠାରେ ଋଣୀ ଥିବାର ସର୍ବଦା କହନ୍ତି ।

୭ସ୍ଥ—ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ନାଟ୍ୟକବିଙ୍କ ଆର୍ଥିକ ଦୁରବସ୍ଥା ଦୂର କରିବା ପାଇଁ ୧୯୨୫ରେ ଏତେ ଯତ୍ନକରି ସୁଦ୍ଧା ତହିଁ ଆରବର୍ଷ (୧୯୨୬) ଠାରୁ ଏହି ବେତନ ଦେବାର ପ୍ରତି କାହିଁକି ଯେ ଅସନ୍ତୁଷ୍ଟ ହେଲେ, ବୁଝିହେଉ ନାହିଁ । ତାହାଙ୍କର ଏକାଧିକ ପତ୍ରରେ ଶ୍ରୀଯୁକ୍ତ ପଟ୍ଟନାୟକ ମହାଶୟ ଏ ନାଟ୍ୟକବିଙ୍କର ସବୁ ଲେଖା-ଗୁଡ଼ିକୁ ସଂଗ୍ରହ କରି ନିଜ ପ୍ରବର୍ତ୍ତିତ "ଓଡ଼ିଆ ସାହିତ୍ୟ ପ୍ରଚୁର ସଂଘ" ବ୍ୟୟରେ ପୁସ୍ତକାକାରରେ ଛାପିବା ପାଇଁ ଇଚ୍ଛା କରିଥିଲେ; କିନ୍ତୁ ପରେ ତାହାଠାରୁ ଇଚ୍ଛିତ ପାଇ କାମ୍ଯ ସ୍ୱ ଇଚ୍ଛାରେ ନାଟ୍ୟକବିଙ୍କ ପ୍ରତି ନିଜର କୋପଦୃଷ୍ଟି କରିଥିଲେ, ତହିଁର କୌଣସି କାରଣ ବୁଝିହେଉ ନାହିଁ । ଏ ସମ୍ବନ୍ଧରେ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ

Digitized by srujan ka@gmail.com

ବାବୁଙ୍କର ନିମ୍ନ କିଛି ପତ୍ର ଏଠାରେ ପାଠକପାଠିକାମାନଙ୍କ ପାଇଁ ଉପହାର ଦେବାକୁ ଇଚ୍ଛାକରେ ।

—ପ୍ରଥମ ପତ୍ର—

"କଟକ,
୨୫ । ୭ । ୨୨

"ପ୍ରିୟ ଶ୍ରୀରାମ ବାବୁ,

ଅତି ଦୁଃଖର ସହ ଜଣାଉଅଛି ଯେ, ମୁଁ ଆପଣଙ୍କୁ ଆଉ କିଛି ସାହାଯ୍ୟ କରି ନ ପାରେ । ଏ ବିଷୟ ଆପଣଙ୍କୁ ପୂର୍ବରୁ ଜଣାଇ ଦେଇଛି । ପୁଣି ଗଞ୍ଜାମ ଅନ୍ନପୂର୍ଣ୍ଣାଙ୍କ ପ୍ରତି ବିଷ ଉଦ୍‌ଗାରଣ କରୁଛି। ଏହି କାରଣରୁ ତୁମ୍ଭର ସାହାଯ୍ୟ ପାଇଁ ମୁଁ ଓଡ଼ିଶାବାସୀଙ୍କୁ ନିବେଦନ କରି ନ ପାରେ ! ଏହାହିଁ ମୋର ଶେଷକଥା । ଆଉ ଏଣିକି ଆପଣ ମୋ ପାଖକୁ ଚିଠିପତ୍ର ଦେବେ ନାହିଁ । ଏହି ପତ୍ରଦ୍ୱାରା ମୁଁ ଆପଣଙ୍କୁ ତାଲାକ୍ କରୁଛି ।

ଆପଣଙ୍କର

ଲକ୍ଷ୍ମୀନାରାୟଣ ପଟ୍ଟନାୟକ"

—ଦ୍ୱିତୀୟ ପତ୍ର—

ନାଗ୍ଭବଙ୍କ ଜ୍ୟେଷ୍ଠ କନ୍ୟା କୁମାରୀ ମନୋରମା ମାନ୍ଦ୍ରାଜରେ ଉଚ୍ଚ ଶିକ୍ଷା କରୁଥିବା ସମୟରେ ନିଜ ଖର୍ଚ୍ଚ ପାଇଁ କିଛି ସାହାଯ୍ୟ ପଠାଇବା ସକାଶେ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ବାବୁଙ୍କ ପାଖକୁ ଚିଠି ଦେଇଥିଲେ । ସେହି ଚିଠିର ଉତ୍ତରରେ ଶ୍ରୀଯୁକ୍ତ ପଟ୍ଟନାୟକ ମହୋଦୟ ଲେଖିଥିଲେ—

"ତୁମ୍ଭମାନଙ୍କ ସହ ମୋର ଯେଉଁ ବନ୍ଧୁତା ଥିଲା, ତାହା ତୁମ୍ଭର ମାଆଙ୍କ ଯୋଗୁଁ ଅତି ଜଘନ୍ୟ ହୋଇସାରିଛି । ସେ ବିଷୟ

Digitized by srujan ka@gmail.com

ଶ୍ରୀରାମଙ୍କ ପରିବାର

ପ୍ରେମଲତା　　　　ମନମୋହନ

ମନୋରମା　　　　ନାରାୟଣ　　　　ଶ୍ରୀରାମ

Digitized by srujan ka@gmail.com

ତୁମ୍ଭେ ଜାଣ। ଏହି ବିଷୟ ନେଇ ତୁମ୍ଭେ ମୋ ପାଖକୁ ଲେଖି ନ ଥିଲେ ଭଲ ହୁଅନ୍ତା । ତୁମ୍ଭ ପ୍ରତି ଥିବା ମୋର ମମତା ବହୁଦିନରୁ ଲୋପ ପାଇଛି । ତୁମ୍ଭପାଇଁ କିଛି କରି ନ ପାରି ମୁଁ ଦୁଃଖିତ !

ତୁମ୍ଭର
ଲକ୍ଷ୍ମୀନାରାୟଣ

ମନୁଷ୍ୟମାନେ ତ୍ରୁଟି କରନ୍ତି । ଶ୍ରୀମତୀ ଅନ୍ନପୂର୍ଣ୍ଣା ମଧ୍ୟ କିଛି ତ୍ରୁଟି କରିପାରିଥାନ୍ତି । ଗଞ୍ଜାମର ଲୋକମାନେ ଶ୍ରୀମତୀଙ୍କ ପ୍ରତି ଅସୂୟା ବା ଅହଙ୍କାର ଦେଖାଇପାରନ୍ତି; କିନ୍ତୁ ଯେଉଁ ବ୍ୟକ୍ତି ପୂର୍ବରୁ ସ୍ୱଇଚ୍ଛାରେ ଏତେ ଆର୍ଥିକ ସାହାଯ୍ୟ କରିଥିଲେ, ସେହି ଲକ୍ଷ୍ମୀନାରାୟଣ ବାବୁ କାହିଁକି ଯେ ଏହାଙ୍କ ପ୍ରତି ଏପରି ନିର୍ଦ୍ଦୟ ହେଲେ, ସେ କଥା ଜାଣିବା ସହଜ ନୁହେଁ । ଏ ସମ୍ବନ୍ଧରେ ଏକାଧିକ ପତ୍ର ଲେଖି ସୁଦ୍ଧା ମୁଁ ଶ୍ରୀଯୁକ୍ତ ପଟ୍ଟନାୟକଙ୍କଠାରୁ କୌଣସି ଉତ୍ତର ପାଇ ନାହିଁ ।

ସନ୍ତାନସନ୍ତତି

ଉତ୍କଟ ଅର୍ଥାଭାବ, ସାମାଜିକ ନିର୍ଯ୍ୟାତନା ଏବଂ ଅନ୍ୟ ସମସ୍ତ ଅଭାବ ଅସୁବିଧା ସତ୍ତ୍ୱେ ଶ୍ରୀମତୀ ଅନ୍ନପୂର୍ଣ୍ଣା ନିଜର ତିନୋଟି ସନ୍ତାନଙ୍କୁ ନେଇ ଚିରସୁଖ ଅନୁଭବ କରନ୍ତି । ଏହି ସନ୍ତାନମାନଙ୍କର ସଂକ୍ଷିପ୍ତ ପରିଚୟ ନିମ୍ନରେ ଦିଆଯିବ ।

୧ମ—କନ୍ୟା—କୁମାରୀ ମନୋରମା

୧୯୧୨ ଖ୍ରୀଷ୍ଟାବ୍ଦର ମେ ମାସ ୨୦ ତାରିଖ ଦିନ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ବ୍ରହ୍ମପୁର କୁଟୀରରେ ଏ ଜନ୍ମ ଗ୍ରହଣ କରିଥିଲେ । ଏହାଙ୍କ ଜନ୍ମ ସମୟରେ ଅନ୍ନପୂର୍ଣ୍ଣା ସ୍ଥାନୀୟ ତେଲୁଗୁ ମହିଳାମାନଙ୍କ-

Digitized by srujan ka@gmail.com

ଠାରୁ ଅଯାଚିତ ସ୍ନେହ ଓ ସାନ୍ତ୍ୱନା ଲାଭ କରିଥିଲେ ! ଶିଶୁ ଜନ୍ମ ହେବା ପରେ ମଧ୍ୟ ସେମାନଙ୍କର ଆଦର କମ୍ ନ ଥିଲା । 'ତୁଳସୀ ଦୁଇ ପତ୍ରରୁ ବାସେ'—ଏହି ନୀତିରେ ମନୋରମା ଅତି ପିଲା ଦିନରୁ ତୀକ୍ଷ୍ଣବୁଦ୍ଧି ଓ ଭାବନା ଶକ୍ତି ଦେଖାଇଥିଲେ । ତାହାଙ୍କର ଏହି ଐଶୀ–ଶକ୍ତି ଦେଖି ପିତାମାତା ଅତି ଶୈଶବରୁ ଏହି ଶିଶୁଟିର ବିଦ୍ୟାଭ୍ୟାସ କରାଇଥିଲେ । ଫଳରେ ସେ ଅସାଧାରଣ ଅଧ୍ୟବସାୟ କରି ମାଡ୍ରାଜ ବିଶ୍ୱବିଦ୍ୟାଳୟରୁ ଅତି ଉଚ୍ଚ ଡିଗ୍ରୀ ଏମ୍. ଏ. ଏଲ୍.ଟି ଲାଭ କରିଛନ୍ତି ! ସମଗ୍ର ଓଡ଼ିଶାରେ ମନୋରମାଙ୍କ ପରି ଏତେ ଉଚ୍ଚଶିକ୍ଷା ଲାଭ କରିଥିବା ଓଡ଼ିଆ ଝିଅ ଆଉ କେହି ଅଛନ୍ତି କି ନାହିଁ, ସନ୍ଦେହ !

ପିତାମାତାଙ୍କ ଆର୍ଥିକ ଦୁରବସ୍ଥା ଏବଂ ସମାଜର ଉତ୍କଟ ପରିହାସ ସତ୍ତ୍ୱେ ମନୋରମା ନିଜର ସଦ୍‌ବୁଦ୍ଧି, ଅସୀମ ସହିଷ୍ଣୁତା ଏବଂ ଅଟଳ ଧୈର୍ଯ୍ୟଦ୍ୱାରା ବିଶାଖାପାଟଣା ଏବଂ ମାଡ୍ରାଜର ତେଲୁଗୁ ଏବଂ ତାମିଲ ପ୍ରଦେଶରେ ରହି ବିଶ୍ୱବିଦ୍ୟାଳୟର ଉଚ୍ଚ ଡିଗ୍ରୀ ପାଇ ଓଡ଼ିଆ ନାରୀସମାଜର ମୁଖ ଉଜ୍ଜ୍ୱଳ କରିପାରିଛନ୍ତି । କିନ୍ତୁ ତାହାଙ୍କର ଏତେ କୃତିତ୍ୱ ସତ୍ତ୍ୱେ ଓଡ଼ିଶାର ଶିକ୍ଷା ବିଭାଗରେ କୌଣସି ଉଚ୍ଚ ସ୍ଥାନ ପାଇବା ତାହାଙ୍କ ଭାଗ୍ୟରେ ଘଟି ନ ଥିଲା । ଏଥିପାଇଁ ଏ ଦେଶର କର୍ତ୍ତାମାନେ ଆଦୌ ଚିନ୍ତିତ ନ ଥିଲେ ! ଏଥିଦ୍ୱାରା ଓଡ଼ିଶାରେ ପ୍ରତିଭାପୂଜା କିପରି ହେଉଛି, ତାହା ପାଠକ ପାଠିକା–ମାନେ ବେଶ୍ ବୁଝିପାରନ୍ତି ।

ନିଜ ଦେଶରେ ନିଜ ପାଇଁ କୌଣସି ସୁବିଧା ନ ଥିବାରୁ କୁମାରୀ ମନୋରମା ସୁଦୂର ପଞ୍ଜାବ ପ୍ରଦେଶର 'ଜଲନ୍ଧର, ସହରକୁ ଯାଇ ସେଠାର ଗୋଟିଏ କଲେଜରେ କେତେ ଦିନ ପାଇଁ ଶିକ୍ଷୟିତ୍ରୀ

Digitized by srujan ka@gmail.com

ହୋଇଥିଲେ । ପରେ ସେହି କାର୍ଯ୍ୟ ଛାଡ଼ି ମଧ୍ୟପ୍ରଦେଶର ମୋଗ୍ରଦା-ବାଦ ସହରର ନାଗ୍ରି କଲେଜରେ କାର୍ଯ୍ୟ କଲେ । ଇତିମଧ୍ୟରେ ଗତ ୧୯୩୭ ଖ୍ରୀଷ୍ଟାବ୍ଦର ଅକ୍ଟୋବର ମାସରେ ଗଞ୍ଜାମ ଜିଲ୍ଲାସ୍ଥ ବ୍ରହ୍ମପୁର ସହରର ବାଲିକା ଟ୍ରେନିଂ ସ୍କୁଲରେ ଗୋଟିଏ ସ୍ଥାନ ଅପୂର୍ଣ୍ଣ ଥିବାରୁ ସେ ମଧ୍ୟପ୍ରଦେଶରୁ ଆସି ନିଜର ଜନ୍ମସ୍ଥାନ ବ୍ରହ୍ମ-ପୁରରେ ଶିକ୍ଷୟିତ୍ରୀ କାର୍ଯ୍ୟ କରୁଛନ୍ତି । ଏହି ସ୍କୁଲ୍ ସରକାରଙ୍କଦ୍ୱାରା ପରିଚାଳିତ ଥିବାରୁ ଏଠାରେ ମାସିକ ଦରମା ପଞ୍ଜାବ ଓ ମଧ୍ୟପ୍ରଦେଶ ତୁଳନାରେ ଅତି କମ ଥିଲେ ମଧ୍ୟ ନିଜର ଜନ୍ମସ୍ଥାନ ଏବଂ ନିଜ ପ୍ରଦେଶରେ ରହିବା ଉଦ୍ଦେଶ୍ୟରେ ସେ ଏହି ଅଳ୍ପ ବେତନରେ ରହିବା ଇଚ୍ଛା କରୁଛନ୍ତି । ସମଗ୍ର ଓଡ଼ିଶାରେ ତାଙ୍କ ପରି ଉଚ୍ଚ ଶିକ୍ଷିତା କେହିଂ ନ ଥିବାରୁ ନିକଟ ଭବିଷ୍ୟତରେ ତାହାଙ୍କୁ ଶିକ୍ଷା ବିଭାଗର କୌଣସି ଉଚ୍ଚ ସ୍ଥାନ ମିଳିବା ଆଶା କରାଯାଏ ।

୨ୟ—ପୁତ୍ର ମନମୋହନ—

୧୯୧୪ ଖ୍ରୀଷ୍ଟାବ୍ଦରେ ସେହି ବ୍ରହ୍ମପୁର ସହରରେ ଜନ୍ମ ହୋଇ-ଥିଲେ । ନିଜ ଜ୍ୟେଷ୍ଠ ଭଗିନୀ ପରି ଏ ମଧ୍ୟ ପିଲା ଦିନରୁ ଉଚ୍ଚ ଶିକ୍ଷା ଦିଗରେ ମନ ବଳାଇଥିବାରୁ ଆଜି ଅନ୍ଧ୍ର ବିଶ୍ୱ ବିଦ୍ୟାଳୟରୁ ବି. ଏସସି. ଡିଗ୍ରୀ ପାଇଛନ୍ତି । ଏହା ପରେ କଟକଜିଲ୍ଲାର ନବପ୍ରତିଷ୍ଠିତ ସାଲେପୁର ହାଇସ୍କୁଲରେ ଶିକ୍ଷକ କାର୍ଯ୍ୟ କରି ଚଳିତ ୧୯୩୭ ଖ୍ରୀଷ୍ଟାବ୍ଦରେ କଟକ ଟ୍ରେନିଂକଲେଜରୁ ଡି.ଇଡି. ପାସ୍ କରିଛନ୍ତି । ନିଜ ଜ୍ୟେଷ୍ଠ ଭଗିନୀ ପରି ମନମୋହନ ମଧ୍ୟ ଅତି ସଚ୍ଚରିତ୍ର ଓ ମେଧାବୀ ଦେଖାଯାନ୍ତି । ଶିକ୍ଷା ବିଭାଗରେ କାର୍ଯ୍ୟ କରି ଓଡ଼ିଶାରେ ଆଦର୍ଶ ନୂତନ ଶିକ୍ଷାପ୍ରଣାଳୀ ସମ୍ବନ୍ଧରେ ଯୁବକ ମନମୋହନ ବିଶେଷ ଗବେଷଣା କରିବେ ବୋଲି ଆଶା କରାଯାଏ ।

Digitized by srujan ka@gmail.com

୩ୟ—କନ୍ୟା ପ୍ରେମଲତା—

୧୯୨୩ ଖ୍ରୀଷ୍ଟାବ୍ଦର ଜୁଲାଇ ମାସରେ ଖଣାଖପାଟଣା ସହରରେ ଜନ୍ମ । ଜ୍ୟେଷ୍ଠ ଭଗିନୀ ଓ ଭାଇଙ୍କ ପରି ଏ ମଧ୍ୟ ଉଚ୍ଚ ଶିକ୍ଷାଲାଭ ପାଇଁ ଯତ୍ନ କରୁଥିବାରୁ ଏକ୍ଷଣି ମାଟ୍ରିକ ପ୍ରଥମ ଶ୍ରେଣୀରେ ଅଧ୍ୟୟନ କରେ । ଆଜି ସୁଦ୍ଧା ସେହି ଖଣାଖପାଟଣା ସହରରେ ଥାଇ ଗତ ଚଳିତ ବର୍ଷ ବ୍ରହ୍ମପୁର ଆସି ସେଠାରେ ନିଜର ଭଗିନୀ ମନୋରମାଙ୍କ ତତ୍ତ୍ୱାବଧାନରେ ଶିକ୍ଷା କରୁଛି । ଏ ତିନୋଟି ପୁତ୍ରକନ୍ୟା ବ୍ୟତୀତ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କର ଆଉ କେତୋଟି ସନ୍ତାନ ଜନ୍ମ ହୋଇ ନଷ୍ଟ ହୋଇଥିଲେ । ଏଥିପାଇଁ ତାହାଙ୍କୁ ପାରଳା ରାଜପରିବାରଙ୍କଠାରେ ଅକଥନୀୟ ଅପବାଦ ସହିବାକୁ ପଡିଥିଲା । ଯେ ହେଉ, ଏକ୍ଷଣି ଏହି ପୁତ୍ରକନ୍ୟାଙ୍କୁ ନେଇ ଶ୍ରୀମତୀ ଅନ୍ନପୂର୍ଣ୍ଣା ଏବଂ ତାହାଙ୍କର ସ୍ୱାମୀ ଶ୍ରୀରାମ ପଟ୍ଟନାୟକ ନିଜର ସମସ୍ତ ଦୁଃଖ ଓ ଅଭାବ ପାସୋରି ଦେଇଛନ୍ତି ! ଏହି ସନ୍ତାନମାନଙ୍କ ଯୋଗୁଁ ସେମାନଙ୍କ ଜୀବନର ସୂର୍ଯ୍ୟାସ୍ତ ସମୟ ଅତି ସୁଖରେ କଟିଯିବା ସମ୍ଭବ ଦେଖାଯାଏ ।

ପାରିବାରିକ ଜୀବନ

"ବୈକୁଣ୍ଠ ସମାନ ଅଟେ ଆହା ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।"

[ମଧୁସୂଦନ]

ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ପାରିବାରିକ ଜୀବନ ଆଲୋଚନା କରି ଦେଖିଲେ ସ୍ପଷ୍ଟ ଜାଣିହୁଏ ଯେ, ସମସ୍ତ ପ୍ରକାର ଅଭାବ ଓ ଅସୁବିଧା ସତ୍ତ୍ୱେ ଏହି ପରିବାରର ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଦୈନିକ

Digitized by srujan ka@gmail.com

କର୍ତ୍ତବ୍ୟ ଯଥାସାଧ୍ୟ ପୂରଣ କରି ଆଜୀବନ ସୁଖୀ ହେବା ପାଇଁ ସର୍ବଦା ଯତ୍ନ କରନ୍ତି ! ଏଥିପାଇଁ ଏମାନଙ୍କୁ ଉତ୍କଟ ଆର୍ଥିକ ଅଭାବ, ପ୍ରିୟଜନମାନଙ୍କର ସାମାଜିକ ନିର୍ଯ୍ୟାତନା କିମ୍ବା କୌଣସି ସ୍ୱଜ-ପରିବାରର ନିଷ୍ଠୁର ବ୍ୟବହାର ଆଦୌ ବିଚଳିତ ବା ନିସ୍ତ କରି-ପାରି ନ ଥିଲା !

ସ୍ତ୍ରୀ ଏବଂ ପୁରୁଷ ଏକ ଜୀବାତ୍ମା ଏବଂ ଏକ ରକ୍ତମାଂସ ଓ କଙ୍କାଳ ଧରି ଜନ୍ମ ହୋଇଥିବାରୁ କେହି କାହାଠାରୁ ବଡ଼ କିମ୍ବା ସାନ ନ ଥିବାର ଶ୍ରୀମତୀ ଅନ୍ନପୂର୍ଣ୍ଣା ଏବଂ ତାହାଙ୍କର ସ୍ୱାମୀ ବିଶ୍ୱାସ କରନ୍ତି । ଏଥିପାଇଁ ବିବାହ ହେବା ଦିନଠାରୁ ଆଜ ଯାଏ ଏ ଦୁଇ ପ୍ରାଣୀଙ୍କ ମଧ୍ୟରେ ଯେଉଁ ଘନିଷ୍ଠ ପ୍ରେମ ଓ ସଦ୍‌ଭାବ ରହିଛି, ତାହା ଅତି ଅଳ୍ପସଂଖ୍ୟକ ସ୍ତ୍ରୀ ଓ ପୁରୁଷଙ୍କଠାରେ ଥିବାର ଏମାନେ ବିଶ୍ୱାସ କରନ୍ତି । ଏ ସମ୍ବନ୍ଧରେ ଅଧିକ ବାକ୍ୟ ବ୍ୟୟ କରିବା ଅପେକ୍ଷା ଏ ଦୁଇ ପ୍ରାଣୀଙ୍କ ମଧ୍ୟରେ ଥିବା ସ୍ନେହ, ଆନ୍ତରିକତା ଏବଂ ଗାଢ଼ ପ୍ରେମ ପ୍ରଭୃତି ପ୍ରତ୍ୟେକ ବ୍ୟକ୍ତି ନିଜ ଆଖିରେ ଦେଖିବାହିଁ ଉଚିତ ମନେ କରୁଁ ।

ଏକ୍ଷଣି ଏହି ପରିବାରରେ ସ୍ୱାମୀ, ସ୍ତ୍ରୀ ଏବଂ ଛଅୋଟି ସନ୍ତାନ ବ୍ୟତୀତ ଶ୍ରୀମତୀଙ୍କର ଜଣେ ବିଧବା ଭଉଣୀ ମଧ୍ୟ ଏହାଙ୍କ ଘରେ ବାସ କରନ୍ତି । ଏହି ବିଧବାଟି ଏମାନଙ୍କ ଦୁଃଖସୁଖରେ ନିଜର ଦୁଃଖସୁଖକୁ ମିଶାଇ ଜୀବନ ଯାପନ କରୁଥିବାରୁ ଏହାଙ୍କଦ୍ୱାରା ଶ୍ରୀମତୀଙ୍କ ପରିବାରର ଅନେକ ଅଭାବ ଅସୁବିଧା ଦୂର ହେଉଅଛି ।

—୫❊୫—

Digitized by srujan ka@gmail.com

ସଦ୍‌ଗୁଣାବଳୀ

ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ଜୀବନ ଆଲୋଚନା କରି ଦେଖିଲେ ତାହାଙ୍କଠାରେ ଥିବା ସଦ୍‌ଗୁଣଗୁଡ଼ିକ ଆମ୍ଭମାନଙ୍କୁ ମୁଗ୍ଧ କରିଦିଏ । ପୁରୁଷ ଯାହାକୁ 'ଅବଳା' ଓ 'ଦୁର୍ବଳା' କହି ଘରର ଅନ୍ଧାର କୋଣରେ ଲୁଚାଇବାକୁ ଚାହେଁ ଏବଂ ଯେଉଁ ନାରୀ ହାତେ ଲମ୍ବ ଓଢ଼ଣା ଦେଇ କବାଟ କୋଣରେ ଲୁଚି ରହି 'ଚୁ' ମାରିବା କଥା, ସେହି ଶ୍ରେଣୀର ଜଣେ ନାରୀଠାରେ କି କି ସଦ୍‌ଗୁଣ ଥାଇପାରେ ଏବଂ ସୁବିଧା ଓ ସୁଯୋଗ ପାଇଲେ ସେହି ଅବଳା ନାରୀ ସେ ଗୁଣଗୁଡ଼ିକର କପରି ସଦ୍‌ବ୍ୟବହାର କରିପାରେ, ତହିଁର ସ୍ପଷ୍ଟ ଉଦାହରଣ ଆମ୍ଭେମାନେ ଅନ୍ନପୂର୍ଣ୍ଣାଙ୍କଠାରେ ଦେଖିପାଉଁ ! ଯେଉଁ ସ୍ତ୍ରୀ ଗର୍ଭଧାରିଣୀ ମାତାରୂପେ, ଆଦର୍ଶ ସହଧର୍ମିଣୀରୂପେ ଏବଂ ପ୍ରକୃତ ଗୃହିଣୀରୂପେ ନିଜର କର୍ତ୍ତବ୍ୟ ପାଳନ କରେ, ତାହାକୁ ପୁରୁଷମାନେ କେତେ ହୀନସ୍ତରରେ ନେଇ ରଖନ୍ତି ଓ ତଦ୍ଦ୍ୱାରା ସେହି ନାରୀ ଜାତିପ୍ରତି କି ଅବମାନନା କରନ୍ତି, ଏ କଥା କେତେ ଜଣ ହୃଦୟଙ୍ଗମ କରନ୍ତି ! ନିଷ୍ଠୁର ପୁରୁଷ ନିଜର ଅର୍ଦ୍ଧାଙ୍ଗିନୀ ପ୍ରତି ଯେବେ ଏତେ କଠୋର ନିୟମମାନ ଜାରି କରିପାରେ, ତାହା ହେଲେ ତାହାକୁ ହୃଦୟବାନ୍ ବୋଲି କହିକି ହୁଯିବ ?

ଶ୍ରୀମତୀଙ୍କ ସଦ୍‌ଗୁଣଗୁଡ଼ିକୁ ଅନେକ ଦିଗରୁ ଦେଖାଯାଇପାରେ । ତନ୍ମଧ୍ୟରୁ ନିମ୍ନରେ କେତୋଟି ମାତ୍ର ବର୍ଣ୍ଣନା କରାଯିବ ।

୧ମ—ସହିଷ୍ଣୁତା ଶକ୍ତି—

ଶ୍ରୀମତୀ ଅନ୍ନପୂର୍ଣ୍ଣା ଅଜନ୍ମରୁ ସହିଷ୍ଣୁ ଅଟନ୍ତି । ବିବାହ ପରେ ସ୍ୱାମୀ ଗୃହକୁ ଆସିବା ଦିନଠାରୁ ଅର୍ଥାତ୍ ଗତ ୩୭ ବର୍ଷ ମଧ୍ୟରେ

Digitized by srujan ka@gmail.com

ସେ ଯେପରି ଅସଂଖ୍ୟ ଅଭାବ ଓ ଅସୁବିଧାରେ ପଡ଼ିଛନ୍ତି, ଅନ୍ୟ ଯେ କୌଣସି ସାଧାରଣ ସ୍ତ୍ରୀ ହୋଇଥିଲେ ନିଶ୍ଚୟରେ ପାଗଳିନୀ ହୁଅନ୍ତେ; କିନ୍ତୁ ତାହାଙ୍କର ସେହି ଅଟଳ ସହିଷ୍ଣୁତା ଶକ୍ତି ଯୋଗୁ ଶ୍ରୀମତୀ କେବେ ହେଲେ ବିଚଳିତ ବା ଦୁଃଖିତ ଥିବାର ଜଣାଯାଇ ନାହିଁ । ସହିବା ଶକ୍ତିର ଗୋଟିଏ ସୀମା ଅଛି । ସୀମାତୀତ ହେଲେ ଅତି ଧୈର୍ଯ୍ୟଶାଳୀ ବ୍ୟକ୍ତି ମଧ୍ୟ ବିଚଳିତ ହୁଅନ୍ତି । କିନ୍ତୁ ଶ୍ରୀମତୀଙ୍କ ସହିଷ୍ଣୁତା ଶକ୍ତି ଅସୀମ ଅଟେ । ସେଥିପାଇଁ ସେ ସବୁ ଦୁଃଖକଷ୍ଟକୁ ଅତି ତୁଚ୍ଛ ମନେ କରନ୍ତି ଏବଂ ତଦ୍ଦ୍ୱାରାହିଁ ସେ ପରମ ସୁଖ ଅନୁଭବ କରନ୍ତି !

୨ୟ — ଶାନ୍ତ ସ୍ୱଭାବ —

ମାତୃରୂପିଣୀ ସ୍ତ୍ରୀମାନେ ଶାନ୍ତ ସ୍ୱଭାବାପନ୍ନା ହେବା କଥା; କିନ୍ତୁ ଅନେକ ସ୍ତ୍ରୀ ଅତି କଳହପ୍ରିୟା, ମୁଖରା ଓ କପଟାଚାରିଣୀ ହୁଅନ୍ତି । ସେମାନଙ୍କୁ ଦେଖିଲେ ହୃଦୟରେ ଗଭୀର ଦୁଃଖ ଜାତ ହୁଏ । ଅନ୍ନପୂର୍ଣ୍ଣା ଏସବୁ ସ୍ତରର ବହୁତ ଉପରେ ଦେଖାଯାନ୍ତି ! ପୂର୍ବେ ନିଜର ଶାଶୁ, ନଣନ୍ଦ ଓ ଦେବରମାନଙ୍କୁ ନେଇ ସେ ଯେପରି ସମ-ଆଦରରେ ଚଳୁଥିଲେ, ଏକ୍ଷଣି ନିଜର ସ୍ୱାମୀ, ପୁତ୍ରକନ୍ୟା ଏବଂ ପଡ଼ୋଶୀ ସ୍ତ୍ରୀ ବ୍ୟକ୍ତିମାନଙ୍କ ସଙ୍ଗେ ମଧ୍ୟ ସେ ଠିକ୍ ସେହି ଭାବରେ ଚଳନ୍ତି । କୌଣସି ବ୍ୟକ୍ତି ବିଶେଷଙ୍କଠାରେ ତାଙ୍କର ରାଗ, ହିଂସା ବା କପଟତା ଥିବାର ଦେଖାଯାଏ ନାହିଁ । ଏକାଧିକ ଓଡ଼ିଆ ଓ ତେଲୁଗୁ ପରିବାର ସଙ୍ଗେ ତାହାଙ୍କର ଯେପରି ବନ୍ଧୁତା ଦେଖାଯାଏ, ତାହା ବାସ୍ତବରେ ତାଙ୍କର ସରଳ ହୃଦୟର ନିଦର୍ଶନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

Digitized by srujan ka@gmail.com

୩ୟ—ପତିପରାୟଣତା—

ଅତ୍ୟନ୍ତ ସହିଷ୍ଣୁ ଓ ଶାନ୍ତଭାବାପନ୍ନା ଥିବାରୁ ଅନ୍ନପୂର୍ଣ୍ଣା ନିଜ ପତିଙ୍କଠାରେ ଯେପରି ଭକ୍ତି, ସ୍ନେହ ଓ ମମତା ଦେଖାନ୍ତି, ତାହା ଯେ କୌଣସି ସ୍ତ୍ରୀର ଅନୁକରଣୀୟ ହେବା ଦରକାର। ସ୍ତ୍ରୀର ସ୍ୱାମୀହିଁ ଗୁରୁ, ଦେବତା ଓ ପୂଜ୍ୟ, ଏହି ମହାମନ୍ତ୍ର ଜପ କରି ଅନ୍ନପୂର୍ଣ୍ଣା ନିଜ ସ୍ୱାମୀଙ୍କର ପ୍ରତ୍ୟେକ କାର୍ଯ୍ୟରେ ଏକମତ ହୋଇ କାର୍ଯ୍ୟ କରନ୍ତି। ଅବଶ୍ୟ ଏପରି କରିବାଦ୍ୱାରା ସେ ଓ ତାହାଙ୍କର ପରିବାର ଏକାଧିକ ବାର ଅନେକ ଅସୁବିଧାରେ ପଡ଼ିଛନ୍ତି; ତଥାପି ପତିଙ୍କ ଇଚ୍ଛା ବିରୁଦ୍ଧରେ ସେ କୌଣସି କାର୍ଯ୍ୟ କରିବା ପାଇଁ ଯତ୍ନ କରନ୍ତି ନାହିଁ। ସେଥିରେ ହିଁ ତାହାଙ୍କଠାରେ ଥିବା ପତିପରାୟଣତାର ବିଶେଷତ୍ୱ ଫୁଟିଉଠେ !

୪ର୍ଥ—ସମାଜ ସଂସ୍କାର—

ଓଡ଼ିଆ ଜାତିରେ ସ୍ତ୍ରୀମାନଙ୍କ ପାଇଁ ଯେଉଁସବୁ କୁତ୍ସିତ ଓ କଠୋର ନିୟମଗୁଡ଼ିକ "ସମାଜିକ" ନିୟମ ନାମରେ ଜାରି ହୋଇଅଛି, ସେଗୁଡ଼ିକର ସଂସ୍କାର ପାଇଁ ଶ୍ରୀମତୀ ଅନ୍ନପୂର୍ଣ୍ଣା ସର୍ବଦା କାର୍ଯ୍ୟ କରନ୍ତି। ଏହାର ପ୍ରଥମ ନିଦର୍ଶନ ସ୍ୱରୂପ ସେ ନିଜ ସମାଜର ସମସ୍ତ ଲାଞ୍ଛନା ଓ ଅନିଚ୍ଛାସତ୍ତ୍ୱେ ନିଜର ଦୁଇଟି କନ୍ୟାଙ୍କୁ ବିଶ୍ୱ-ବିଦ୍ୟାଳୟର ଉଚ୍ଚଶିକ୍ଷା ଦେଇ ସେମାନଙ୍କ ଜରିଆରେ ସ୍ତ୍ରୀମାନଙ୍କ ମଧ୍ୟରେ ଥିବା ଓଢ଼ଣା [ପରଦା] ପ୍ରଥା ଉଠାଇବା ପାଇଁ ଏବଂ ପୁରୁଷଙ୍କ ପରି ସ୍ତ୍ରୀମାନେ ମଧ୍ୟ ସମାନ ଅଧିକାର ପାଇବା ଉଚିତ ବୋଲି ଦାବୀ କରନ୍ତି। ଏ ସମ୍ବନ୍ଧରେ ବ୍ରହ୍ମପୁର ଓ ବିଶାଖପାଟଣାରେ ଥିବା ସମୟରେ ଏକାଧିକ ପ୍ରକାଶ୍ୟ ସଭାସମିତିରେ ଯୋଗଦେଇ ଶ୍ରୀମତୀ ନିଜର ସ୍ୱାଧୀନ ମତ ପ୍ରକାଶ କରିବାକୁ କୁଣ୍ଠିତ ହୋଇ ନ ଥିଲେ। ନାରୀମହଲର କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ

Digitized by srujan ka@gmail.com

ତାହାଙ୍କର ଉପରେ ଦୃଢ଼ ମତ ଅଛି, ସେ କଥା ନିମ୍ନ ଘଟଣାରୁ ବେଶ୍ ଜାଣିହେବ ।

ଥରେ ବିଶାଖପାଟଣା ସହରରେ ପରଦା ଉଠାଇବା ସମ୍ବନ୍ଧରେ ଗୋଟିଏ ସଭା ହୋଇଥିଲା । ସେହି ସଭାରେ ଶ୍ରୀମତୀ ନିଜେ ସଭାନେତ୍ରୀ ହୋଇଥିଲେ । ସଭାର ଅଧିକାଂଶ ସଭ୍ୟ ଉକ୍ତ ପ୍ରସ୍ତାବ ସପକ୍ଷରେ ମତ ଦେଉଥିବା ସମୟରେ ଅଳ୍ପ କେତେ ଜଣ ସଭ୍ୟ ପରଦା ଉଠାଇବା ବିରୁଦ୍ଧରେ ମତ ଦେବା ପାଇଁ ଉଠିଥିଲେ । ଏହାର ଉତ୍ତର ଦେବାକୁ ଯାଇ ଶ୍ରୀମତୀ କହିଥିଲେ—

"ଯେଉଁ ଭାଇମାନେ ମୋ ପରି ଜଣେ ଭଦ୍ରମହିଳାକୁ ଏହି ସଭାର ସଭାନେତ୍ରୀ କରିଛନ୍ତି, ସେମାନଙ୍କ ମଧ୍ୟରୁ କେତେ ଜଣ ପରଦା ଉଠାଇବା ବିରୁଦ୍ଧରେ ମତ ଦେବା ପାଇଁ ବାହାରିବାଦ୍ୱାରା ମୋପ୍ରତି ତଥା ନାରୀଜାତି ପ୍ରତି ଘୋର ଅବମାନନା କରୁଛନ୍ତି ସିନା ! ସେମାନଙ୍କ ମୁଖରୁ "ସମାଜସଂସ୍କାର" କରିବା ପାଇଁ ବାକ୍ୟାଡ଼ମ୍ବର ଶୁଣାଯାଉଥିଲେ ହେଁ ହୃଦୟରେ ଏହି ସଂସ୍କାର ପାଇ ଆଦୌ ସ୍ଥାନ ନ ଥାଏ । ତା ନ ହେଲେ, 'ଆଜ ଏହି ପ୍ରକାଶ୍ୟ ସଭାରେ ସେମାନଙ୍କର ଏହି ବିରୁଦ୍ଧାଚରଣ କାହିଁକି, ବୁଝିହେଉ ନାହିଁ"— ଇତ୍ୟାଦି

ଅନ୍ନପୂର୍ଣ୍ଣାଙ୍କଠାରୁ ଏହା ଶୁଣିବାମାତ୍ରେ ସଭାସ୍ଥ କୌଣସି ସଭ୍ୟ ତାହାଙ୍କ ବିରୁଦ୍ଧରେ ବକ୍ତୃତା ଦେବା କିମ୍ବା କୌଣସି ପ୍ରସ୍ତାବ ଆଣିବା ପାଇଁ ସାହସ କରି ନ ଥିଲେ ।

୫ମ—ଅତିଥିଚର୍ଯ୍ୟା—

ଅତିଥିଚର୍ଯ୍ୟା ପାଇଁ ଶ୍ରୀମତୀ ଅନ୍ନପୂର୍ଣ୍ଣା ଏବଂ ତାହାଙ୍କର ସ୍ୱାମୀ ସର୍ବଦା ବ୍ୟାକୁଳ ଥିବାର ଦେଖାଯାନ୍ତି । ବଡଲୋମଣ୍ଡିରେ

Digitized by srujan ka@gmail.com

ଥିବା ସମୟରେ କେବଳ ଏହା ଅନ୍ତର୍ଥିତର୍ଗା କରି ସେମାନେ ଋଣଗ୍ରସ୍ତ ହୋଇଥିଲେ । ରାଜଦର୍ଶନ ପାଇଁ ଆସୁଥିବା ପ୍ରତ୍ୟେକ ସାହିତ୍ୟିକ ଏବଂ ବଶିଷ୍ଟ ବ୍ୟକ୍ତି ଅନ୍ନପୂର୍ଣ୍ଣାଙ୍କ ହାତରନ୍ଧା ଖାଦ୍ୟପେୟ ଖାଇ ପରମ ପ୍ରୀତ ହେଉଥିଲେ । ଏହି କାରଣରୁ ମଧ୍ୟ ବଡ଼କେମୁଣ୍ଡି ରାଜା ଏହି ପରିବାର ପ୍ରତି ବିଶେଷ ରାଗିଥିବାର ଏମାନେ କହନ୍ତି ।

୬ଷ୍ଠ—ରୋଗିସେବା

ରୋଗୀମାନଙ୍କର ସେବାଶୁଶ୍ରୂଷା କରିବା ପାଇଁ ଶ୍ରୀମତୀ ଅନ୍ନପୂର୍ଣ୍ଣା ବିଶେଷ ସୁଖ ପାନ୍ତି । ସେଥିପାଇଁ ଅନେକ ବ୍ୟକ୍ତି ନିଜର ରୋଗୀମାନଙ୍କୁ ସାନ୍ତ୍ୱନା ଦେବା ଏବଂ ସେମାନଙ୍କ ପାଇଁ ସୁସ୍ୱାଦୁ ପଥ୍ୟ ରାନ୍ଧିଦେବା ପାଇଁ ତାହାଙ୍କୁ ଅନୁରୋଧ କରନ୍ତି ।

୭ମ—ନିର୍ଭୀକତା—

ସତ୍ୟ କଥା ଏବଂ ସ୍ପଷ୍ଟ କଥା କହିବା ପାଇଁ ସେ କେବେ କୁଣ୍ଠିତ ହୁଅନ୍ତି ନାହିଁ । ଏ ସମ୍ବନ୍ଧରେ ତାହାଙ୍କର ଶତାଧିକ ପ୍ରବନ୍ଧ ଓ ପଦ୍ୟ— ଗୁଚ୍ଛକ ହିଁ ପ୍ରମାଣ ଥିବାର ଦେଖାଯାଏ । ପ୍ରତ୍ୟେକ ସତ୍‌କାର୍ଯ୍ୟରେ ଏପରି ନିର୍ଭୀକ ଭାବ ପ୍ରକାଶ କରିବା ପାଇଁ କେତେ ଜଣ ଓଡ଼ିଆ ନାରୀ ଆମ ଦେଶରେ ଅଛନ୍ତି ? ନିଜର ଦେହରୁ ଭୟ ଦୂର କରିବା ପାଇଁ ସେ ଓ ତାହାଙ୍କର ସ୍ୱାମୀ ଏକାଧିକ ବାର ଶ୍ମଶାନକୁ ଯାଇ ସେଠାରେ ମୃତବ୍ୟକ୍ତିଙ୍କୁ ଦେଖିବା ଭଲ ମନେକରନ୍ତି । ବ୍ରହ୍ମପୁରରେ ଥିବା ସମୟରେ ସେ ଏକାଧିକ ହଇଜା ରୋଗୀଙ୍କୁ ଅକୁଣ୍ଠିତ ଚିତ୍ତରେ ଦେଖିବା ପାଇଁ ଯାଇଥିବାର ପ୍ରକାଶ କରନ୍ତି ।

୮ମ—ପ୍ରକୃତି ଏବଂ ସୌନ୍ଦର୍ଯ୍ୟର ଉପାସନା--

ନିତାନ୍ତ କ୍ଷୁଦ୍ର ଏବଂ ଭଙ୍ଗା କୁଟୀରରେ ରହି ସୁଦ୍ଧା ସେହି କୁଟୀର ପ୍ରାଙ୍ଗଣରେ ବିବିଧ ବର୍ଣ୍ଣର ପୁଷ୍ପ ଓ ଲତା ଲଗାଇବା ଏବଂ

Digitized by srujan ka@gmail.com

ନିଜ ହାତରେ ସେଗୁଡ଼ିକୁ ପାଣି ଦେଇ ତାହାଁର ଯତ୍ନ ନେବା ପାଇଁ ସେ ସର୍ବଦା ଇଚ୍ଛା କରନ୍ତି । ବାଉଁଶମୁଣ୍ଡିରେ ଥିବା ସମୟରେ ତାଙ୍କର ପୁଷ୍ପୋଦ୍ୟାନ ଦେଖିବା ପାଇଁ ଗ୍ରାମବାସୀ ଏବଂ ଅନେକ ବିଶିଷ୍ଟ ବ୍ୟକ୍ତି ଆସି ମୁଗ୍ଧ ହେଉଥିବାର ସେ କହନ୍ତି ।

୯ମ—ଆଦର୍ଶ ଧାତ୍ରୀବ୍ରତ—

'ଶିଶୁପାଳନ' ଓ 'ଧାତ୍ରୀ' ବିଦ୍ୟା ସମ୍ବନ୍ଧରେ କୌଣସି ଶିକ୍ଷାଲାଭ ନ କରି ସୁଦ୍ଧା ଶ୍ରୀମତୀ ଅନ୍ନପୂର୍ଣ୍ଣା ସର୍ବଦା ଆଦର୍ଶ ଧାତ୍ରୀର କାର୍ଯ୍ୟ କରନ୍ତି । ଏଥିପାଇଁ ସେ ନିଜର ପୁତ୍ର ଓ କନ୍ୟାମାନଙ୍କୁ ସର୍ବଦା ସୁସ୍ଥ ଓ ସବଳ କରିପାରିଛନ୍ତି । ଶିଶୁପାଳନ ଦିଗରେ ତାଙ୍କର କିପରି ଜ୍ଞାନ ଥିଲା, ସେକଥା ପାରଲା ଯୁବରାଜଙ୍କ ଶୁଶ୍ରୂଷାରୁ ବେଶ ଜାଣିହୁଏ ।

୧୦ମ—ଅନୁକରଣ ଶକ୍ତି—

ଓଡ଼ିଶାର ପୁଅ ଓ ଝିଅମାନେ ଏ ପର୍ଯ୍ୟନ୍ତ କୂପମଣ୍ଡୂକ ପରି ନିଜ ଘର କୋଣରେ ବସି ରହିବା ପାଇଁ ଭଲପାନ୍ତି । ବିଭିନ୍ନ ଦେଶ ଭ୍ରମଣ କରି ସେହି ସେହି ଅଞ୍ଚଳର ଲୋକମାନଙ୍କ ଆଚାର, ବ୍ୟବହାର, ଶିକ୍ଷା, ସଭ୍ୟତା ଏବଂ ସାଂସ୍କୃତିକ ଦିଗ କିପରି ଉନ୍ନତ ଧରଣର, ତାହାକୁ ଦେଖି ନିଜର ଅନୁକରଣ ଶକ୍ତି ବୃଦ୍ଧି କରିବା ସଙ୍ଗେ ସଙ୍ଗେ ନିଜ ଦେଶ ଏବଂ ଜାତିର ସବୁ ଦିଗରେ ସଂସ୍କୃତି ଆଣିବା ପାଇଁ କେହି ହେଲେ ଇଚ୍ଛା କରନ୍ତି ନାହିଁ । କିନ୍ତୁ ଏ ଦିଗରେ ମଧ୍ୟ ଶ୍ରୀମତୀ ଅନ୍ନ-ପୂର୍ଣ୍ଣା ଯଥେଷ୍ଟ ଆଦର୍ଶ ଦେଖାଇଛନ୍ତି । ନିଜର ସୁଯୋଗ ଓ ସୁବିଧା କ୍ରମେ ସେ ଅନେକ ଦେଶ ଭ୍ରମଣ କରି ଅନେକ ଜାତିର ଲୋକମାନଙ୍କ ସଦ୍‌ଗୁଣ ଗୁଡ଼ିକୁ ଉତ୍ତମରୂପେ ଅନୁକରଣ କରିପାରିଛନ୍ତି । ପ୍ରତ୍ୟେକ ପଡ଼ୋଶୀ ଜାତିର ଲୋକଙ୍କଠାରେ ଥିବା ଉଚ୍ଚ ଜାତୀୟ ଭାବ ଏବଂ ଉଚ୍ଚ ସଂସ୍କୃତିଗୁଡ଼ିକୁ ଅନୁକରଣ କରି ସେହି ଆଦର୍ଶରେ ନିଜ ଜାତିର ସ୍ତ୍ରୀ ଏବଂ ପୁରୁଷମାନଙ୍କୁ ଗଠିତ କରିବା ପାଇଁ ସେ ଅସଂଖ୍ୟ ଛୋଟ

ଓ ବଡ଼ କବିତା ଲେଖିଛନ୍ତି । ଏଗୁଡ଼ିକୁ ପାଠକଲେ ବାସ୍ତବରେ ତାହାଙ୍କଠାରେ ଥିବା ଗଭୀର ଦେଶପ୍ରେମ ଏବଂ ଅନୁକରଣ ଶକ୍ତି ପାଠକପାଠିକାମାନଙ୍କୁ ମୁଗ୍ଧ କରିଦିଏ । କେବଳ ଗଞ୍ଜାମ ଏବଂ କଟକପାଟଣା ସହର ଯେ ସେ ବୁଲି ଦେଖିଛନ୍ତି, ସେତିକି ନୁହେଁ, ନିଜର କୋମ୍ଳ କନ୍ୟା ସଙ୍ଗେ ଯାଇ ସେ ସୁଦୂର ମାନ୍ଦ୍ରାଜ ସହର, ପଞ୍ଜାବର ଜଳନ୍ଧର ସହର, ମଧ୍ୟପ୍ରଦେଶର ମୋରାଦାବାଦ୍, ଲକ୍ଷ୍ନୌ ଏବଂ କଲିକତା ପ୍ରଭୃତି ମଧ୍ୟ ଦେଖି ସେହି ସେହି ସହରର ଭଦ୍ରମହିଳାମାନଙ୍କ ସହ କଥୋପକଥନ କରି ସେମାନଙ୍କଠାରୁ ଯଥେଷ୍ଟ ନୂତନ ସ୍ପନ୍ଦନ ପାଇଛନ୍ତି । ଏ ସମସ୍ତ ବିଷୟରେ ମଧ୍ୟ ତାହାଙ୍କର ଅସଂଖ୍ୟ କବିତା ଲେଖା ରହିଛି । ଲକ୍ଷ୍ନୌ ସହରରେ ଗତ ୧୯୩୬ ଖ୍ରୀଷ୍ଟାବ୍ଦରେ ଯେଉଁ ଭାରତ ଜାତୀୟ କଂଗ୍ରେସ ବସିଥିଲା, ସେଥିରେ ସେ ଦର୍ଶକ ଭାବରେ ଯୋଗ ଦେବା ପାଇଁ ସୁବିଧା ପାଇଥିଲେ । ଏସବୁ ଘଟଣାରୁ ବହୁ ଦେଶ ବୁଲି ବହୁ ଜାତିର ଲୋକମାନଙ୍କ ସଭ୍ୟତା ଅନୁକରଣ କରିବା ପାଇଁ ତାହାଙ୍କର ଯଥେଷ୍ଟ ଧୈର୍ଯ୍ୟ ଓ ସାହସ ଅଛି ବୋଲି ସ୍ପଷ୍ଟ କୁହାଯାଇପାରେ ।

୧୧ଶ—ଅବିଶ୍ରାନ୍ତ ଲେଖିକା—

୧୯୦୨ ଖ୍ରୀଷ୍ଟାବ୍ଦଠାରୁ ଆଜି ସୁଦ୍ଧା ସେ ଯେପରି ଅବିଶ୍ରାନ୍ତ ଭାବରେ ନିଜର ଲେଖନୀ ଚଳାଇଛନ୍ତି, ଓଡ଼ିଶାର ଅନ୍ୟ କୌଣସି ଲେଖକ ସେପରି ଲେଖନ୍ତି କି ନାହିଁ, ସନ୍ଦେହ । କୌଣସି ଦୁଃଖ ହେଲେ ମନରେ ଘୋର ଅଶାନ୍ତି ଜାତ ହୁଏ ଏବଂ ସେହି ସମୟରେ ନିଜର ଦୈନିକ କର୍ତ୍ତବ୍ୟ ପାଳନ କରିହୁଏ ନାହିଁ । କିନ୍ତୁ ଅତି ଦୁଃଖ ଅବସ୍ଥାରେ ମଧ୍ୟ ଶ୍ରୀମତୀ ନିଜର ଲେଖନୀ କୌଣସି ଦିନ ଛାଡ଼ିବାର ଦେଖାଯାଏ ନାହିଁ । ଏପରି କି, ପ୍ରତିଦିନ ଗୋଟିଏ କିଛିଟି ପଦ୍ୟ ନ ଲେଖିଲେ ତାହାଙ୍କର ମନରେ ଆଦୌ ତୃପ୍ତି ଜନ୍ମେ

ନାହିଁ । ଉଚ୍ଚଶିକ୍ଷା ପାଇଁ ବିଦେଶରେ ଥିବା ନିଜର ପୁତ୍ରକନ୍ୟାମାନଙ୍କ ପାଖକୁ କିମ୍ବା କୌଣସି ସମୟରେ ନିଜର ସ୍ୱାମୀଙ୍କଠାରୁ ଦୂରରେ ରହିଲେ ସେମାନଙ୍କ ପାଖକୁ ଯେଉଁ ଦୈନିକ ପତ୍ର ଲେଖନ୍ତି, ସେହି ପତ୍ରଗୁଡ଼ିକରେ ମଧ୍ୟ ଗୋଟିଏ ଦିଗୋଟି କବିତା ଲେଖି ପଠାଇବାକୁ କେବେ ଭୁଲନ୍ତି ନାହିଁ । ଏସବୁ କବିତାଗୁଡ଼ିକରେ ଶ୍ରୀମତୀ ତାହାଙ୍କର ତତ୍କାଳୀନ ମନୋଭାବ ବିଷୟ କିମ୍ବା କୌଣସି ବିଶେଷ ଘଟଣା ବିଷୟ ବର୍ଣ୍ଣନା କରନ୍ତି । ତାହାଙ୍କର ଏ ଶ୍ରେଣୀର କବିତାଗୁଡ଼ିକ ଶତ ଶତ ଲେଖାହୋଇ ରହିଛି । ସେଗୁଡ଼ିକ ପ୍ରକାଶିତ ହେଲେ ଓଡ଼ିଆ ସାହିତ୍ୟ ଭଣ୍ଡାରର କଲେବର ଶତଗୁଣରେ ବୃଦ୍ଧି ହେବା ସମ୍ଭବ ।

୧୨ଶ—ଦେଶସେବା —

ଜନନୀ ଜନ୍ମଭୂମିର ସେବା କରିବା ପାଇଁ ସେ ସର୍ବଦା ଚିନ୍ତିତ ଥିବାର ପ୍ରକାଶ କରନ୍ତି । କେବଳ ସେତିକି ନୁହେଁ, ଏ ଦିଗରେ ତାହାଙ୍କର ଶତାଧିକ ଜାତୀୟ ସଙ୍ଗୀତ ଏବଂ ଉଦ୍‌ବୋଧନ ଗଦ୍ୟଲେଖାଗୁଡ଼ିକରେ ସେ ଯଥେଷ୍ଟ ପ୍ରମାଣ ଦେଇଅଛନ୍ତି । ସୁବିଧା ଓ ସୁଯୋଗ ପାଇଲେ ଯେ କୌଣସି ଓଡ଼ିଆ ମହିଳା ଦେଶ ପାଇଁ ଯଥେଷ୍ଟ ସେବା କରିବା ଆଶା କରାଯାଏ । ଏ ଦିଗରେ ଗତ ଓଡ଼ିଶା ସୀମାତଦନ୍ତ କମିଟୀ ବା ଫିଲିପ୍‌ଡଫ୍ କମିଟି ଆଗରେ ଦକ୍ଷିଣ ଓଡ଼ିଶାବାସୀଙ୍କ ପକ୍ଷରୁ ତତ୍କାଳୀନ ଶ୍ରୀ ବିକ୍ରମଦେବଙ୍କ ନେତୃତ୍ୱରେ ବିଶାଖପାଟଣା ସହରରେ ଯେଉଁ ଓଡ଼ିଆ ପ୍ରତିନିଧିଙ୍କ ଡେପୁଟେସନ ଦିଆଯାଇଥିଲା, ସେଥିରେ ନାରୀକବି ଯୋଗ ଦେଇ ନିଜ ଆସନକୁ ଯଥେଷ୍ଟ ଉଚ୍ଚକୁ ନେଇଯାଇଥିଲେ ।

ନାରୀଜାତିର ଉନ୍ନତି ଏବଂ ପୁରୁଷ ପରି ନାରୀକୁ ମଧ୍ୟ ଯୋଗ୍ୟ ଆସନ ଦେବା ଦିଗରେ ସେ ଯଥେଷ୍ଟ ଦାବୀ କରିଛନ୍ତି । ଏ

Digitized by srujan ka@gmail.com

ସମ୍ବନ୍ଧରେ ତାହାଙ୍କର ଗୋଟିଏ ପତ୍ର ଏଠାରେ ପ୍ରକାଶ କରିବା ଖୁଚଭ ମନେକରେ ।

ଗତ ଉତ୍କଳ ସମ୍ମିଳନୀର ପାରଳା ଅଧିବେଶନରେ ଯୋଗ-ଦେବା ପାଇଁ ପାରଳାର ଶ୍ରୀକାସାହେବ ନାସ୍ତକବଙ୍କୁ ନିମନ୍ତ୍ରଣ କରିଥିଲେ । ଏହି ନିମନ୍ତ୍ରଣର ଉତ୍ତରରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ନିମ୍ନ ଉତ୍ତର ପଠାଇଥିଲେ—

ଓଁ

"ମାତୃପଦେ ପ୍ରେମାଞ୍ଜଳି
ଦେଲେ ଝିଅ ସବେ ମିଳି
ହେବ ସିନା ଭ୍ରାତୃଗଣ
ଭଗ୍ନୀଙ୍କର କାହିଁ ପଣ ?

"ଶ୍ରୀମନ୍ ମହାରାଜ !

ଆପଣଙ୍କର ତା ୧୨ । ୧୨ । ୧୦ ଉତ୍କଳ ସମ୍ମିଳନୀର ଆମନ୍ତ୍ରଣ ପତ୍ର ପାଇ ପରମ ଆପ୍ୟାୟିତ ହୋଇଅଛୁ । କେତେକ ଗୁରୁତର ପ୍ରତିବନ୍ଧକ ମୋର କର୍ତ୍ତବ୍ୟ ପଥରେ ଦଣ୍ଡାୟ-ମାନ ଥିବାଯୋଗୁଁ ଆମନ୍ତ୍ରଣ ରକ୍ଷା କରିବା ପାଇଁ ଶକ୍ତିହୀନା ହୋଇ-ଅଛୁ । ମାତ୍ର ପ୍ରତିବନ୍ଧକର ବିଶଦ ବିବରଣ ଆପଣଙ୍କୁ ବୁଝାଇ ଦେଲେ ସିନା ଆପଣ ସଭାପତି ମହୋଦୟ ଓ ସଭ୍ୟବୃନ୍ଦଙ୍କୁ କହି କହି ପାରିବେ ।

"ଏପରି ଜନସାଧାରଣ ସମ୍ମିଳନୀରେ ମାତୃପୂଜାରେ ଯୋଗଦେବାଦ୍ୱାରା ଜାତୀୟ ଉନ୍ନତି ଓ ମାନସିକ ପରିବର୍ତ୍ତନ ଅବଶ୍ୟ ହୋଇପାରେ + + କିନ୍ତୁ ଏହି ସମ୍ମିଳନୀରେ ବ୍ରାହ୍ମ ଓ ଖ୍ରୀଷ୍ଟିଆନ ଛଡ଼ା ହିନ୍ଦୁ ଅଖ୍ୟାଧାରୀ ଓଡ଼ିଆଣୀ ଜଣେ କିଏ ଯୋଗ

ଦେଇପାରିବେ କି ? କର୍ତ୍ତବ୍ୟନିଷ୍ଠ ପୁରୁଷ ଜାତି ସଭ୍ୟ ଜଗତରେ ତାର୍ ନିଜ ପତ୍ନୀ ସହିତ ଦେଶ ଓ ଜାତିହିତକର ଅନୁଷ୍ଠାନରେ ଯୋଗ ଦେଉଅଛି କି ? ଆପଣମାନେ ଭବିଷ୍ୟତକୁ ସୁନ୍ଦର କରିପାରିବେ ବୋଲି ଆଶା ରହୁ ନାହିଁ । ଏପରି ଗତିରେ ମୋ– ଠାକୁ ନିମନ୍ତ୍ରଣ ପତ୍ର ପ୍ରେରଣ କରିଛନ୍ତି ଯେ, ତାହା କିପରି ରକ୍ଷା କରାଯିବ ।

"ମୁଁ ଯେପରି ପତି ଲାଭ କରିଅଛି, ସଭା ସମିତିରେ ଯାଇ ଯୋଗଦେବା କିଛି ଆପତ୍ତି ନାହିଁ ; ମାତ୍ର ଆପଣମାନଙ୍କର ମନ-ରୁଚି ହେବ ନାହିଁ । ଓଡ଼ିଆ ଜାତି ଛଡ଼ା ଅନ୍ୟ ସମ୍ପ୍ରଦାୟର ସଭା, ସମିତି ଓ ବନ୍ଧୁମେଳରେ ମୁଁ ଯୋଗ ଦେଉଅଛି; ମାତ୍ର ଓଡ଼ିଆ ମଧ୍ୟରେ ମୋର ସେପରି ସୁଯୋଗ ପାଇବା ସାହସ ମତେ ଏ ପର୍ଯ୍ୟନ୍ତ ପହୁଞ୍ଚି ନାହିଁ । ମୋର ଜାତୀୟ ଭଗିନୀମାନେ ଯେବେ ଯୋଗ ଦେଉଥାନ୍ତେ, ମୋର ମନୋଭାବ ସେମାନଙ୍କୁ କହିଥାନ୍ତି । କୌଣସି ଦୈବୀଶକ୍ତି କିମ୍ବା ସ୍ୱାଭାବିକ ବଳରୁ ବିନା ଅଧ୍ୟବସାୟରେ ଜ. ମ. ତ. କରି କବିତାଗୁଡ଼ିଏ ଲେଖିବା ଯୋଗୁ ଭ୍ରାତାମାନଙ୍କର କଟୂ ବାକ୍ୟରେ କର୍ଣ୍ଣ ବଧିର ହେଲଣି । କେବେ କେବେ ମଧ୍ୟ ଯାହା ଉତ୍ସାହ ପାଉଅଛି, ତାହା ଚିରସ୍ମରଣ ରହୁଅଛି । ଏପରି ଅବସ୍ଥାରେ ଆପଣମାନଙ୍କ ମାତୃପୂଜା ଅନୁଷ୍ଠାନରେ କିପରି ଯୋଗ୍ୟା ହେବି ଭାବି,ଅତି ଦୁଃଖର ସହିତ ଆମନ୍ତ୍ରଣ ପତ୍ର ପ୍ରତ୍ୟାଖ୍ୟାନ କରୁଅଛି ।

ଆପଣଙ୍କର
ଶ୍ରୀମତୀ ଅନ୍ନପୂର୍ଣ୍ଣା "

ଉପର୍ଯ୍ୟୁକ୍ତ ପତ୍ରରୁ ନାରୀଜାତିର ଉନ୍ନତି ପାଇଁ ସେ କିପରି ଚିନ୍ତିତ ଅଛନ୍ତି ଏବଂ ପୁରୁଷମାନଙ୍କର ସଂକୀର୍ଣ୍ଣ ବା ଉଦାସୀନ ଭାବକୁ ସେ କିପରି ଦୃଷ୍ଟିରେ ଦେଖନ୍ତି, ତାହା ସ୍ପଷ୍ଟ ଜାଣିହୁଏ ।

Digitized by srujan ka@gmail.com

ସାହିତ୍ୟ ଚର୍ଚ୍ଚା

ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ଜୀବନୀର ଅତି ଉତ୍କୃଷ୍ଟ ସାମଗ୍ରୀ ତାହାଙ୍କର ସାହିତ୍ୟଚର୍ଚ୍ଚା । ଓଡ଼ିଶାର ଆଧୁନିକ ଓ ପ୍ରାଚୀନ କବି-ମାନେ ଶ୍ରୀମତୀଙ୍କ ଅପେକ୍ଷା ଅତି ମୂଲ୍ୟବାନ୍ ଓ ଉପାଦେୟ ଗ୍ରନ୍ଥ ଲେଖିଛନ୍ତି ସତ୍ୟ; କିନ୍ତୁ ସେମାନଙ୍କର ଉଚ୍ଚ ଶିକ୍ଷା ଓ ଅନ୍ୟସବୁ ସୁବିଧା ତୁଳନାରେ ଶ୍ରୀମତୀଙ୍କ ସାହିତ୍ୟ ଚର୍ଚ୍ଚାରେ ଅନେକ ବିଶେଷତ୍ୱ ରହିଛି । ଏହି ବିଶେଷତ୍ୱ ମଧ୍ୟରୁ—

୧ । ଗୃହଶାଳା ଶିକ୍ଷା ବ୍ୟତୀତ ସେ ଅନ୍ୟ କୌଣସି ସ୍କୁଲଶିକ୍ଷା ପାଇ ନ ଥିଲେ ।

୨ । ସ୍କୁଲ ଶିକ୍ଷା ଅଭାବରେ କୌଣସି ଗୃହ-ଶିକ୍ଷକଙ୍କଠାରୁ ବିଶେଷ ଶିକ୍ଷା ପାଇବା ସୁବିଧା ମଧ୍ୟ ତାଙ୍କର ନ ଥିଲା ।

୩ । ବିବାହ ହେବା ସଙ୍ଗେ ସଙ୍ଗେ ସେ ନିଜ ସ୍ୱାମୀଙ୍କ ଗୃହରେ ଶାଶୁ, ନଣନ୍ଦ ଏବଂ ଦେବରମାନଙ୍କ ମଧ୍ୟରେ ଅତି ସଂକୀର୍ଣ୍ଣ ବାୟୁ-ମଣ୍ଡଳରେ ଚଳିବା ସତ୍ତ୍ୱେ ଫୁରସତ ସମୟରେ ନିଜେ ନିଜର ଉଚ୍ଚ ଶିକ୍ଷା ଲାଭ ପାଇଁ ଯତ୍ନ କରୁଥିଲେ ।

୪ । ଯେଉଁ ସମୟରେ ଓଡ଼ିଶାର ନାରୀ-ମହଲରେ ଆଧୁନିକ ଶିକ୍ଷାଲୋକ ଆଦୌ ପ୍ରବେଶ କରି ନ ଥିଲା, ସେତିକିବେଳେ ସେ ନିଜର ସାହିତ୍ୟ ଚର୍ଚ୍ଚା ଆରମ୍ଭ କରି ବିଂଶ ଶତାବ୍ଦୀରେ "ପ୍ରଥମ ଓଡ଼ିଆ ନାଟ୍ୟକାରୀ"ର ସ୍ଥାନ ଅଧିକାର କରିଛନ୍ତି !

୫ । ଏହି ସାହିତ୍ୟ ଚର୍ଚ୍ଚାଦ୍ୱାରା ତାହାଙ୍କୁ ଅସଂଖ୍ୟ ସାମାଜିକ ନିର୍ଯ୍ୟାତନା ସହିବାକୁ ପଡ଼ିଥିଲା ।

୬ । ଯେଉଁ ପଦ୍ୟ ଓ ଗଦ୍ୟ ଲେଖା ସେ ଓଡ଼ିଶାର ସମ୍ବାଦ ପତ୍ରରେ ପ୍ରକାଶ କରି ପ୍ରକୃତ "ନାଟ୍ୟକାରୀ" ଆଖ୍ୟା ପାଇ-

Digitized by srujan ka@gmail.com

ଥିଲେ, ସେହି ସବୁ ଲେଖା ଯୋଗୁଁ ସେ ବଡ଼କେମୁଣ୍ଡିର ଭକ୍ତିମାର୍ଗୀୟ ରାଜାଙ୍କ କୃପାରୁ ବଞ୍ଚିତ ହୋଇଥିଲେ ।

୭ । ପ୍ରବଳ ସାମାଜିକ ନର୍ଯ୍ୟାତନା ସଙ୍ଗେ ସଙ୍ଗେ ଉତ୍କଟ ଆର୍ଥିକ ଅଭାବ ସତ୍ତ୍ୱେ ସେ କେବେ ହେଲେ ନିଜର ଜାତୀୟ ସାହିତ୍ୟ ଚର୍ଚ୍ଚାରୁ ଅବସର ନେଇ ନାହାନ୍ତି ।

୮ । ଓଡ଼ିଶାର ଏକାଧିକ ଧନୀ ଓ ଜମୀଦାରଙ୍କଠାରୁ ନିଜର ଶତ ଶତ ଲେଖାଗୁଡ଼ିକୁ ପୁସ୍ତକାକାରରେ ପ୍ରକାଶ କରିବା ପାଇଁ ମୌଖିକ ସହାନୁଭୂତି ପାଇଥିଲେ ସୁଦ୍ଧା ପ୍ରକୃତରେ ପ୍ରକାଶିତ ନ ହେବା ଦେଖି ଶ୍ରୀମତୀ କେବେ ହେଲେ ଧୈର୍ଯ୍ୟଚ୍ୟୁତ ହୋଇ ନାହାନ୍ତି ବା ନିଜର ପଦ୍ୟ ଓ ଗଦ୍ୟ ଲେଖିବାରୁ ବିରତ ହୋଇ ନାହାନ୍ତି ।

୯ । ତାହାଙ୍କର ଲେଖାଗୁଡ଼ିକ ପାଠ କଲେ ଜଣାଯାଏ ଯେ, ସେ କୋମଳମତି ବାଳକବାଳିକାମାନଙ୍କ ପାଇଁ ଯେପରି ସୁକୋମଳ ଗଦ୍ୟ ଓ ପଦ୍ୟ ଲେଖିପାରନ୍ତି, ଅତି ବୟସ୍କ ଓ ବୃଦ୍ଧମାନଙ୍କ ପାଇଁ ମଧ୍ୟ ଠିକ୍ ସେହିପରି ଅତି ଉଚ୍ଚ ଧରଣର ହିତୋପଦେଶ ଓ ଭକ୍ତିଭାବପୂର୍ଣ୍ଣ ଲେଖା ଲେଖିପାରନ୍ତି ।

୧୦ । ସମାଜ ଓ ପ୍ରିୟଜନମାନଙ୍କଠାରୁ ବହୁ ଦୂରରେ, କେବଳ କେତୁଗମାନଙ୍କ ମଧ୍ୟରେ ରହି ସେ ଦିନକ ପାଇଁ ସୁଦ୍ଧା ନିଜର ସାହିତ୍ୟ ଚର୍ଚ୍ଚା ଛାଡ଼ି ନାହାନ୍ତି ।

ଏହି କେତେକ କାରଣରୁ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ସାହିତ୍ୟ ଚର୍ଚ୍ଚା ଅନ୍ୟ ଓଡ଼ିଆ ସାହିତ୍ୟିକମାନଙ୍କଠାରୁ ସଂପୂର୍ଣ୍ଣ ପୃଥକ୍ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ତାହାଙ୍କର ସବୁ ଲେଖା ପ୍ରକାଶିତ ହେଲେ ଓଡ଼ିଆ ସାହିତ୍ୟ ଭଣ୍ଡାରର କଳେବର ଆହୁରି ବୃଦ୍ଧି ହେବା ନିଃସନ୍ଦେହ !

Digitized by srujan ka@gmail.com

ସ୍କୁଲ କଲେଜରେ କୌଣସି ଶିକ୍ଷା ନ ପାଇ ସୁଦ୍ଧା ଶ୍ରୀମତୀ ଅନ୍ନପୂର୍ଣ୍ଣା ଓଡ଼ିଆଭାଷାରେ କିପରି ଆଦର୍ଶ ପଦ୍ୟ ଓ ଗଦ୍ୟ ଲେଖନ୍ତି, ଏହି ପ୍ରଶ୍ନର ଉତ୍ତରରେ ଶ୍ରୀମତୀ ନିଜେ କହନ୍ତି ଯେ, ଦିନେ ଅର୍ଦ୍ଧରାତ୍ର ସମୟରେ ସେ ଓ ତାହାଙ୍କର ସ୍ୱାମୀ ଏକ ରକମର ସ୍ୱପ୍ନ ଦେଖିଥିଲେ ; ଜଣେ ବୃଦ୍ଧ ସ୍ୱପ୍ନରେ ସେମାନଙ୍କୁ ଚାରିଗୋଟି ଧାଡ଼ି କବିତା ଶୁଣାଇ ତାହା କାଗଜରେ ଲେଖିବା ପାଇଁ କହି ଅଦୃଶ୍ୟ ହେଲେ । ସେହିକ୍ଷଣି ତାଙ୍କର ସ୍ୱାମୀ ନିଦ୍ରାରୁ ଉଠି କାଗଜରେ ଦୁଇଧାଡ଼ି ମାତ୍ର ଲେଖି-ଥିଲେ, ଅନ୍ୟ ଦୁଇ ଧାଡ଼ି ତାହାଙ୍କର ମନେ ରହି ନ ଥିଲା । ସେ ସେହି ଦୁଇ ଧାଡ଼ି କଥା ଭାବୁ ଭାବୁ ଶ୍ରୀମତୀ ଶେଯରୁ ଉଠି ନିଜ-ସ୍ୱାମୀଙ୍କୁ ସ୍ୱପ୍ନ ବୃତ୍ତାନ୍ତ କହିଥିଲେ ଏବଂ ସଙ୍ଗେ ସଙ୍ଗେ ଅନ୍ୟ ଦୁଇ-ଧାଡ଼ି କବିତା କାଗଜରେ ଲେଖିଥିଲେ ! ଏହି ଲେଖା ଦେଖି ତାଙ୍କର ସ୍ୱାମୀ ବିସ୍ମିତ ହେଲେ । ପ୍ରକୃତରେ ସ୍ତ୍ରୀ ଏବଂ ପୁରୁଷ ଏକ ସ୍ୱପ୍ନରେ ଏକା ରକମ ସ୍ୱପ୍ନ ଦେଖିବା ଏବଂ ଜଣେ ଦୁଇ ଧାଡ଼ି ଲେଖିବା ସଙ୍ଗେ ସଙ୍ଗେ ଅନ୍ୟ ଜଣକ ଅନ୍ୟ ଦୁଇଧାଡ଼ି ଲେଖି ପଦ୍ୟଟିର ପାଦପୂରଣ କରିବା କଥା ଶୁଣିଲେ କମ୍ ଆଶ୍ଚର୍ଯ୍ୟ ଲାଗେ • ନାହିଁ ! ଏହି ଘଟଣାର ପର ଦିନଠାରୁ ଶ୍ରୀଯୁକ୍ତ ଶ୍ରୀରାମ ପଟ୍ଟନାୟକ ନିଜ ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କ-ଠାରେ କୌଣସି ଐଶୀଶକ୍ତି ଥିବାର ସ୍ଥିର କରି ପ୍ରତିଦିନ ନିଜ ଇଚ୍ଛାନୁଯାୟୀ ଯେ କୌଣସି ପଦ୍ୟ ବା ଗଦ୍ୟ ଲେଖିବା ପାଇଁ ଶ୍ରୀମତୀଙ୍କୁ ଉପଦେଶ ଏବଂ ଉତ୍ସାହ ଦେଉଥିଲେ । ନିଜ ସ୍ୱାମୀଙ୍କଠାରୁ ଏପରି ପ୍ରେରଣା ପାଇ ଶ୍ରୀମତୀ ଗତ ୩୫।୩୬ ବର୍ଷ ହେଲା ଶତ ଶତ ଗଦ୍ୟ ଓ ପଦ୍ୟ ଲେଖିଯାଇଛନ୍ତି । ଏଥି ମଧ୍ୟରୁ ଅତି ଅଳ୍ପ କେତୋଟି ମାତ୍ର ପତ୍ରପତ୍ରିକାଗୁଡ଼ିକରେ ଛାପା ହୋଇଛି; ଅନ୍ୟଗୁଡ଼ିକ ହୁଏ ତ ଏଣେ ତେଣେ ପଡ଼ିଛି କିମ୍ବା କେତେକ କୀଟ ଦଷ୍ଟ ହୋଇଛି ! ଶ୍ରୀମତୀଙ୍କର ସ୍ୱପ୍ନ ବୃତ୍ତାନ୍ତରେ କେତେ ଦୂର ସତ୍ୟତା ରହିଛି, ତାହା ସ୍ଥିର କରିବା

Digitized by srujan ka@gmail.com

ସନ୍ଦେହ ନାହିଁ । ଓଡ଼ିଶାର ଏତାଧିକ ପ୍ରାଚୀନ କବି ଏପରି ସ୍ୱପ୍ନାଦିଷ୍ଟ ହୋଇ ନିଜର ପ୍ରକାଣ୍ଡ ଗ୍ରନ୍ଥମାନ ଲେଖିଥିବାର ବର୍ଣ୍ଣିତ ଅଛି । ବିଶେଷତଃ ସ୍ୱଭାବ କବି ଉପେନ୍ଦ୍ର ଭଞ୍ଜ ଏବଂ ଶୂଦ୍ରମୁନି ସାରଳା ଦାସ କୌଣସି ଐଶୀଶକ୍ତିଠାରୁ ଆଦେଶ ପାଇ ନିଜର ସବୁ ଲେଖା ଲେଖି-ପାରିଥିବାର ଜଣାଯାଏ । ଏ ଦୃଷ୍ଟିରେ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ସ୍ୱପ୍ନ ବୃତ୍ତାନ୍ତରେ କେତେଦୂର ସତ୍ୟ ଥାଇପାରେ, ତାହା ପାଠକ ପାଠିକା ବିଚାର କରିପାରନ୍ତି ! ସେ ଯାହା ହେଉ, ତାହାଙ୍କର ବିଭିନ୍ନ ସମ-ସ୍ୟର ଏବଂ ବିଭିନ୍ନ ବିଷୟ ନେଇ ଯେଉଁ ସବୁ ଲେଖା ଏ ପର୍ଯ୍ୟନ୍ତ ପଢ଼ିବାର ସୁବିଧା ମୁଁ ପାଇଛି, ସେ ଦୃଷ୍ଟିରେ ସ୍ପଷ୍ଟ କହିପାରେ ଯେ, ଓଡ଼ିଆ ସାହିତ୍ୟ ଚର୍ଚ୍ଚା କରି ଓଡ଼ିଆ ଭାଷାରେ ଗଦ୍ୟ ଓ ପଦ୍ୟ ଲେଖିବା ପୂର୍ବରୁ ଶ୍ରୀମତୀ ଅନେକ ଗବେଷଣା ଏବଂ ଅଟଳ ସାହସ ସହ କାର୍ଯ୍ୟ କରିଥିବାର ବିଶ୍ୱାସ ହୁଏ ।

ପ୍ରୋକ୍ତ ସ୍ୱପ୍ନ ବୃତ୍ତାନ୍ତ ସମ୍ବନ୍ଧରେ ତାଙ୍କଦ୍ୱାରା ନିମ୍ନ ପଦ୍ୟଟି ଏଠାରେ ଉଦ୍ଧୃତ କଲି ପାଠକପାଠିକାଗଣ ସେ ସମ୍ବନ୍ଧରେ ନିଜର ମତାମତ ସ୍ଥିର କରିପାରନ୍ତି ।

ସ୍ୱପ୍ନରେ ଋଷିବାକ୍ୟ

"ଅନିତ୍ୟ ଶରୀର ପାଇଁ କାହିଁ ଏତେ ଘର,
ତୁମ୍ଭଙ୍କୁ କେ ଦେବ ସୁଖ ଦିଅ ତା ପାସୋର ।
ତାହାପାଇଁ କରୁଅଛୁ ମନେ ଏତେ ଚିନ୍ତା,
ଅମୃତକୁ ପାନ କରି ମଣ ନାହିଁ ପିତା ।
ସତ୍ୟେ ଯେବେ ଗୃହଅନ୍ତ ଦୃଶ୍ୟ ହେବ ବାଟ,
ବିଚଳିତ ହୁଅ ନାହିଁ ଦେଖି ମାୟା-ନାଟ ।

ତୁମ୍ଭର ନିର୍ମଳ ଆତ୍ମା ଅଛୁ ମୁହିଁ ଜାଣି,
ସୁଶୀତଳ କର ପ୍ରାଣ ଶୁଣି ମୋର ବାଣୀ ।
ଧର୍ମେ ଜୟ ପାପେ କ୍ଷୟ ଏ କଥା ନିଶ୍ଚୟ,
ଧୀର ଭାବେ ଧୈର୍ଯ୍ୟ ଧର କର ନାହିଁ ଭୟ ।
ଜ୍ଞାନକୁ ଅଜ୍ଞାନ କେବେ ପର ହେବ ନାହିଁ,
ଅହ୍ନବରେ ଭାବ ପୂର୍ଣ୍ଣ କେ କରନ୍ତୁ ତାହିଁ ?
ଧର ଜ୍ଞାନ ଦୃଢ ଗିରି ନ ଥିବ ଆପତ୍ତି,
ସହଜେ ଦେଖିବ ନାଟ ସ୍ଥିରେ ଥିଲେ ମତି ।
ଅତର ସୁଖରେ କେବେ ନୁହଁ ଆସକତ,
ମହତ ପଣରେ ଚହ୍ନି ପାରିବ ଜଗତ ।
ମୋର ବାକ୍ୟ ଶିରୋଧାର୍ଯ୍ୟ କର ଦୁଇ ଜଣ;
ମନ ପ୍ରସନ୍ନରେ ସାକ୍ଷୀ ରଖିବ ଜୀବନ ।

ପାରଳାଖେମୁଣ୍ଡି } ଶ୍ରୀମତୀ ଅନ୍ନପୂର୍ଣ୍ଣା"

[ଗଡଜାତବାସିନୀ--୩୦ । ୯ । ୧୯୧୭]

ଓଡ଼ିଆ ଭାଷାରେ ଗଦ୍ୟ ପଦ୍ୟ ଲେଖି ଜାତୀୟ ସାହିତ୍ୟର ଉନ୍ନତି କରିବା ପାଇଁ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦୀର୍ଘ ୩୪।୩୫ ବର୍ଷ କଟାଇଛନ୍ତି । ଇତିମଧ୍ୟରେ ତାହାଙ୍କୁ ଅନେକ ପ୍ରକାର ପରୀକ୍ଷା ଦେବାକୁ ହୋଇଥିଲା । ଏକାଧିକ ଉଚ୍ଚଶିକ୍ଷିତ ବ୍ୟକ୍ତି ଏବଂ ସଂବାଦ ପତ୍ରର ସଂପାଦକମାନେ ତାହାଙ୍କର ସାହିତ୍ୟଚର୍ଚ୍ଚା ସମ୍ବନ୍ଧରେ ସନ୍ଦେହ କରି ଅତି ଆକ୍ଷେପଜନକ ସମାଲୋଚନାମାନ କରିବାକୁ କୁଣ୍ଠିତ ହୋଇ ନ ଥିଲେ । ଏକାଧିକ ବ୍ୟକ୍ତି ଅନ୍ନପୂର୍ଣ୍ଣାଙ୍କୁ ନିଜେ ଦେଖି ନିଜ ଚକ୍ଷୁ-କର୍ଣ୍ଣର ବିବାଦ ମେଣ୍ଟାଇଥିଲେ । ଏପରି ପରୀକ୍ଷକମାନଙ୍କ ମଧ୍ୟରୁ ସେ କାଳର "ଷ୍ଟାର୍ ଅଫ୍ ଉତ୍କଳ"(Star of Utkal) ପତ୍ରିକାର

ସଂପାଦକ ୰କ୍ଷୀରୋଦଚନ୍ଦ୍ର ରାୟ ଏବଂ ଗଡ଼ଆଳର ଭୂତପୂର୍ବ ସ୍ୱତ୍ୱସ୍ଥ ବିକ୍ରମ ଦେବ ପ୍ରଧାନ ଥିଲେ । ଏମାନେ ଶ୍ରୀମତୀଙ୍କ କୁଟୀରକୁ ଆସି ନିଜ ସମ୍ମୁଖରେ ଶ୍ରୀମତୀଙ୍କର କବିତା ଲେଖିବା ପ୍ରଣାଳୀ ସବୁ ଦେଖି ମୁଗ୍ଧ ହୋଇଥିଲେ । ଏହି ସମୟର କେତୋଟି ସଂବାଦ ଏଠାରେ ଉଦ୍ଧାର କରୁଛୁ ।

କଥାଟେ ଭ୍ରାନ୍ତ

ହିତୈଷିଣୀ ସମ୍ପାଦକ ଜନୈକ ଗଞ୍ଜାମ ଭ୍ରମଣକାରୀଙ୍କଠାରୁ ଅବଗତ ହୋଇଅଛନ୍ତି ଯେ, "ଶ୍ରୀମତୀ ଅନ୍ନପୂର୍ଣ୍ଣା କବିତା ରଚନା କରି ସାଧାରଣରେ ନାମ ଖ୍ୟାତ କରିବାରୁ ଗଞ୍ଜାମବାସୀମାନେ ତାଙ୍କର "ଇଜ୍ଜତ ନଷ୍ଟ" ହେବାର କହି ତାଙ୍କୁ ଘୃଣା କରିଥାନ୍ତି ଏବଂ ଏହି କାରଣରୁ ତାଙ୍କର ବନ୍ଧୁ ବାନ୍ଧବ ଏମନ୍ତ କି ତାଙ୍କର ପିତା ପର୍ଯ୍ୟନ୍ତ ତାଙ୍କ ଘରକୁ ଆସିବାକୁ ନାହାନ୍ତି ।" ଶ୍ରୀମତୀ କବିତା ଲେଖି କେତେକ ଜଣଙ୍କର କୋପକଟାକ୍ଷରେ ପଡ଼ିଅଛନ୍ତି ଏବଂ ବନ୍ଧୁବାନ୍ଧବମାନଙ୍କ ଦ୍ୱାରା ନିଗୃହୀତା ହେଉଅଛନ୍ତି, ଏ କଥା ମିଥ୍ୟା ନୁହେଁ । ମାତ୍ର ଏହା ଗଞ୍ଜାମରେ ହେଲା, ଅନ୍ୟ ସ୍ଥାନରେ ଘଟି ନ ଥାଏ, ଏପରି ନୁହେଁ—ପ୍ରତି ରକ୍ଷଣଶୀଳ ସ୍ଥାନରେ ଏହାପରି ଘଟିବ । ଗଞ୍ଜାମର ଲୋକମାନେ ଶ୍ରୀମତୀଙ୍କୁ ଘୃଣା କରିବା ଏବଂ ତାଙ୍କର "ଇଜ୍ଜତ ନଷ୍ଟହେଲା" ବୋଲି କହିବା କଥା ସତ୍ୟ ନୁହେଁ । ଆମ୍ଭେମାନେ ଜାଣୁ, ଗଞ୍ଜାମର ସାଧାରଣ ଶିକ୍ଷିତ ବ୍ୟକ୍ତିମାନେ ଶ୍ରୀମତୀଙ୍କ ସାହିତ୍ୟ ଚର୍ଚ୍ଚାରେ ସନ୍ତୁଷ୍ଟ ହୋଇ ତାହାଙ୍କୁ ଧନ୍ୟବାଦ ପ୍ରଦାନ କରିଥାନ୍ତି । ସୁତରାଂ ଜଣେ ଭ୍ରମଣକାରୀଙ୍କଠାରୁ ଶୁଣି ଗଞ୍ଜାମ ସମ୍ବନ୍ଧରେ ସହଯୋଗିନୀ ଯେଉଁ ମତ ପୋଷଣ କରିଅଛନ୍ତି, ତାହା ସତ୍ୟପୂର୍ଣ୍ଣ ନୁହେଁ ।

(ପ୍ରଜାବନ୍ଧୁ—୪ । ୧୦ । ୧୯୦୫)

ଭ୍ରମଭଞ୍ଜନ

"ନାଟ୍ୟକବି ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ଉତ୍କଳରେ ସୁପରିଚିତା । ସେ ନିଜେ ରଚନା କରିପାରନ୍ତି ନାହିଁ—ସ୍ୱୀୟ ସ୍ୱାମୀଙ୍କ ରଚିତ ରଚନାକୁ ନିଜକୃତ ବୋଲି ପ୍ରକାଶ କରନ୍ତି ବୋଲି କେତେକ ନୀଚମନା ଲୋକ ରଟନା କରି ଶ୍ରୀମତୀଙ୍କ ଗୌରବ ଖର୍ବର ଚେଷ୍ଟା କରୁଥାନ୍ତି । ମାତ୍ର ଏହି ରଟନା ଯେ ଅସତ୍ୟପୂର୍ଣ୍ଣ, ଏ କଥା ଆମ୍ଭେମାନେ ଏବଂ ଉତ୍କଳର ଆଉ ଅନେକ ବ୍ୟକ୍ତି ଗତ ଉତ୍କଳ ସମ୍ମିଳନୀ ସମୟରେ ଅବଗତ ହୋଇଅଛୁଁ । ସେ ଉପଯୁକ୍ତ ଉତ୍ସାହ ଓ ଉପଦେଷ୍ଟା ପ୍ରାପ୍ତ ହେଲେ ଯେ ଜଣେ ଯଶସ୍ୱିନୀ କବି ମଧ୍ୟରେ ପରିଗଣିତା ହୋଇପାରିବେ, ଏହା ଅନେକଙ୍କର ଅଭିମତ । ବଡ଼ ଦୁଃଖର ବିଷୟ, ସେପରି ପୃଷ୍ଠପୋଷକ ଅଭାବରୁ ତାଙ୍କର ନୈସର୍ଗିକ ପ୍ରତିଭା କ୍ରମଶଃ ବିଲୁପ୍ତ ହେବାକୁ ବସିଅଛି ।"

(ପ୍ରଜାବନ୍ଧୁ—୧୬ । ୧ । ୧୯୦୭)

ଖଣ୍ଡିଆଳ ଯୁବରାଜଙ୍କ ଦର୍ଶନେ

ଦେଖିଲି ମୁଁ ଆକାଶରେ ରଙ୍କ ଶଶଧର
ବିମଳ କୌମୁଦୀ ସୁଧା ଢାଳୁଛି ସୁନ୍ଦର ।
ଭ୍ରମି ଭ୍ରମି ଶୁଭ-ବେଳେ ଦେଖିଲି କି ଜ୍ୟୋତ୍ତ
ନବ ବଳ ନବ ପ୍ରାଣ ଲଭି ନବ ମତ୍ତ ।
କି ତେଜରେ ଆହା! ଶୋଭି ବିରାଜେ ଗଗନେ
ଲୀଳାମୟୀ କି ପ୍ରସନ୍ନେ ତୋଷିଲେ ନୟନେ ।
କି ଆନନ୍ଦ ସରୋବର ବହିଲା ସରଳେ
ଚନ୍ଦ୍ର-କୁମୁଦିନୀ ଗୃହୁଁ ଅଛି କି ନୀରେଳେ ।

Digitized by srujan ka@gmail.com

ସେ ଚଟିମାତଟେ ବସି ଭାବେ ନବ ଆଶ
ବିଦଗଧ ହୃଦୟରୁ ଗଲ କିବା ତ୍ରାସ ।
ମନୋହର ଶାନ୍ତବଦନେ ଉତ୍ସ ପ୍ରେମ-ସ୍ରଣୀ
ଭକ୍ତିଭରେ ସୁଧାଙ୍କର ପାନ କଲ ଛାଣି ।
ଅମୃତ ପ୍ରସାଦେ ଆଜି ପାଇ ନବବଳ
ଉଦ୍‌ଯାପିତ ହେଲ ସବୁ ବିପଦ-ଗରଳ ।
ସମ୍ଭାଷଣ କରିବାକୁ ଆଉ କଣ୍ଠ ନାହିଁ
ମନପୁଷ୍ପ ଅର୍ପି ଅଛୁ ଶ୍ରୀମୁଖକୁ ଗୃହିଁ ।
ବିଶ୍ୱ ବିମୋହନକର କୌତୁକ ମାଧୁରୀ
ଅମୃତ ଲାବଣ୍ୟ ଶୋଭା ଭାବେ ଗଲି ପୂରି ।
ଜ୍ୟୋତିରେ ଜ୍ୟୋତି ମିଶାଇ ମୁଗ୍ଧ ହେଲ ମନ
ଧନ୍ୟ ଧନ୍ୟ ତବ ଲୀଳା ରଖନ୍ତୁ ଶରଣ ।

ଶ୍ରୀମତୀ ଅନ୍ନପୂର୍ଣ୍ଣା

[ଉତ୍କଳବାସୀ—ତା ୮ । ୧୦ । ୧୯୦୭]

ନାରୀର ଦେତେତ ନିର୍ଦ୍ଦୟ ସମାଲୋଚକମାନଙ୍କୁ ଲକ୍ଷ୍ୟ କରି ଶ୍ରୀମତୀ ଯେଉଁ ପଦ୍ୟ ଖଣ୍ଡିକ ଲେଖିଥିଲେ, ତାହା ନିମ୍ନରେ ଦିଆଯିବ—

ପ୍ରାର୍ଥନା

"ସମାଜ ଉନ୍ନତିକଳ୍ପେ ନାନା ଚରିତରେ
ଲେଖୁଥାଅ ପର ସଦା ପ୍ରବନ୍ଧ ରୂପରେ ।
ଦେଖ ଏ ଅଶିକ୍ଷିତା ନାରୀ ପଦ୍ୟ ଗୁରୁପାଦ
ଲେଖେ ବୋଲି କି ସୁନ୍ଦର ହୁଏ ଅପବାଦ ।

Digitized by srujan ka@gmail.com

ପଦ୍ୟ ଲେଖି ବସେ ବସି କରୁଛୁ ନିବେଦନ
ଉତ୍କଳେ କି କେହି ଅଛି କରିବ ଶ୍ରବଣ ।
ଦୁଃଖବର୍ଣ୍ଣି ବିମୋଚନେ ଅର୍ଜିବ କି ପୁଣ୍ୟ
ଭକ୍ତି ଭାବେ ମନୋରଥ ହେବ କିବା ପୂର୍ଣ୍ଣ ।
ନାରୀପକ୍ଷେ ଯେବେ ଅଛି ଉନ୍ନତି କାମନା
ମୋ ସପକ୍ଷେ କିଛି କିଛି କରନ୍ତୁ ଭାବନା ।
ଅନାଦୃତା ନାରୀ ପକ୍ଷେଁ ହୁଅ ଦୟାବାନ
ହତାଶରେ ପଡିଅଛି ହୋଇ ମୁଁ ଅଜ୍ଞାନ ।
ଉତ୍ସାହକୁ ଦେଇ ମତେ କରନ୍ତୁ ଉଦ୍ଧାର
ନୋହିଲେ ଜୀବନ ନଷ୍ଟ ହେବ ନାରଖାର ।
ଆଶା ମାତ୍ର ପୂର୍ଣ୍ଣ ମୋର ସର୍ବ ପତ୍ରିକାରେ
ରଖିଅଛି ଜୀବନକୁ ଉଦ୍ଧର ବା ପାରେ ।
ପତ୍ରିକାର ସାର୍ଥକତା କରନ୍ତୁ ବହନ
ଏହି ଆଶେ ରହିଅଛି ଏ ପାପ ଜୀବନ ।
କର୍ତ୍ତବ୍ୟ ସାଧନେ ସଦା ହୁଅ ଅଗ୍ରସର
ଉତ୍କଳରେ ଚିରକାଳ ହେବ ପ୍ରିୟତର ।

ଶ୍ରୀମତୀ ଅନ୍ନପୂର୍ଣ୍ଣା
("ହିତୈଷିଣୀ"–ତା ୧୦ । ୧୨ । ୧୯୦୪)

ପୁସ୍ତକପରିଚୟ

ଶ୍ରୀମତୀ ଅନ୍ନପୂର୍ଣ୍ଣା ଲେଖିଥିବା ରାଶୀକୃତ ପଦ୍ୟ ଓ ଗଦ୍ୟ ଲେଖା ମଧ୍ୟରୁ ଅତି ଅଳ୍ପ କେତୋଟି ପଦ୍ୟ ଲେଖା ନେଇ ନିମ୍ନ ଛଅଖଣ୍ଡ ଛୋଟ ପୁସ୍ତିକା ପ୍ରକାଶିତ ହୋଇଅଛି ।

Digitized by srujan ka@gmail.com

୧ମ-ପଦ୍ୟମାଳା --

(୧ମ ଭାଗ)

ଏହା ୧୯୦୪ ଖ୍ରୀଷ୍ଟାବ୍ଦରେ ଖଲ୍ଲିକୋଟ ଅଷ୍ଟାଦଶଗଡ଼ାଧୀଶ୍ବରୀ ଶ୍ରୀମତୀ ପଟ୍ଟମହାଦେବୀଙ୍କ ସାହାଯ୍ୟରେ ୰ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଦ୍ୱାରା ରମ୍ଭା ମର୍ଦ୍ଦରାଜ ପ୍ରେସ୍‌ରେ ମୁଦ୍ରିତ ହୋଇଥିଲା । ଏଥିରେ 'ପ୍ରାର୍ଥନା, 'ଗୋଧନ ବାହୁଡ଼ା,' ପୁଷ୍ପ, 'ପଞ୍ଚପର୍ଣ୍ଣୀଙ୍କ ପ୍ରାର୍ଥନା, 'ଶଯ୍ୟାର ପ୍ରାର୍ଥନା' ଏବଂ 'ଜୀବନରେ ଦୟା' ନାମକ ୬ ଗୋଟି ପଦ୍ୟ ଅଛି ।

୨ୟ-ପଦ୍ୟମାଳା--

(୨ୟ ଭାଗ)

ଏହା ୧୯୦୫ ଖ୍ରୀଷ୍ଟାବ୍ଦରେ ମାନନୀୟ ୰ ଧଳଭୋଟାଧୀଶ୍ବର ଏବଂ ଶ୍ରୀ ଚନ୍ଦ୍ରମୋହନ ମହାରଣା ବି. ଏ.ଙ୍କ ଆନୁକୂଲ୍ୟରେ ୰ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଦ୍ୱାରା ରମ୍ଭା ମର୍ଦ୍ଦରାଜ ପ୍ରେସରେ ଛାପା ହୋଇଥିଲା । ଏଥିରେ 'ବ୍ରହ୍ମପ୍ରାର୍ଥନା, 'ଶୀତକାଳରେ ବୃକ୍ଷମାନଙ୍କର ଶୋଭା' 'ଭକ୍ତି ପ୍ରାର୍ଥନା', 'ସଂସାରର ଚକ୍ର', ଏବଂ 'ସ୍ତବ' ନାମକ ପାଞ୍ଚଟି ପଦ୍ୟ ଅଛି ।

୩ୟ-ପକ୍ଷିଘର—

ଏହା ୧୯୦୭ ଖ୍ରୀଷ୍ଟାବ୍ଦରେ ୰ ମହାମହୋପାଧ୍ୟାୟ ପଣ୍ଡିତ ସଦାଶିବ ମିଶ୍ର କାବ୍ୟକଣ୍ଠଙ୍କ ଆନୁକୂଲ୍ୟରେ ପୁରୀ ଜଗନ୍ନାଥ ପ୍ରେସରେ ଛାପା ହୋଇଥିଲା । ଏଥିରେ 'ପକ୍ଷିଘର' ଏବଂ 'ଭକ୍ତି ପ୍ରାର୍ଥନା' ନାମକ ଦୁଇଟି ପଦ୍ୟ ଛାପା ହୋଇଅଛି ।

ଏ ତିନୋଟି ପୁସ୍ତକର କବିତାଗୁଡ଼ିକୁ ନାଗ୍ରୀକର ତାହାଙ୍କର ବାଡ଼ଖେମୁଣ୍ଡି ଅବସ୍ଥାନ ସମୟରେ ଲେଖି ପ୍ରକାଶ କରିଥିଲେ ।

Digitized by srujan ka@gmail.com

ଏଗୁଡ଼ିକ ବ୍ୟତୀତ ତାହାଙ୍କର ଏହି ସମୟର ଆହୁରି ଶତାଧିକ ପଦ୍ୟ ଓ ଗଦ୍ୟ ଲେଖା ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକା ଗୁଡ଼ିକରେ ଛାପା ହୋଇଥିଲା । ସେଗୁଡ଼ିକ ଏ ପର୍ଯ୍ୟନ୍ତ ଅପ୍ରକାଶିତ ହୋଇ ପଡ଼ିଛି । ବିବାହ ପରେ ଶାଶୁଘରେ ଗୋଡ଼ ଦେବା ଦିନଠାରୁ [୧୯୦୦ ଖ୍ରୀ.] ଆଜ ସୁଦ୍ଧା ଶ୍ରୀମତୀ ଅନ୍ନପୂର୍ଣ୍ଣା ଯେଉଁ ହଜାର ହଜାର କବିତା ଓ ଗଦ୍ୟ ଲେଖା ଲେଖିଅଛନ୍ତି, ସେଗୁଡ଼ିକୁ ସଂଗ୍ରହ କରି ପ୍ରକାଶ କଲେ ଗୋଟିଏ ଅଭିନବ ଗ୍ରନ୍ଥାବଳୀ ହେବା ନିଃସନ୍ଦେହ । ତାହାଙ୍କର ଏସବୁ ଲେଖା ସମ୍ବନ୍ଧରେ କୌଣସି ସମାଲୋଚନା ନ କରି ଓଡ଼ିଶାର ପ୍ରଧାନ ସମ୍ବାଦ ପତ୍ରରେ ଏବଂ ବିଶିଷ୍ଟ ସାହିତ୍ୟିକମାନଙ୍କଦ୍ୱାରା ଯେଉଁ ସବୁ ମତ ପ୍ରକାଶିତ ହୋଇଛି, ସେଥିରୁ କେତୋଟି ଏଠାରେ ଉଦ୍ଧାର କରାଯିବ । ଏଗୁଡ଼ିକୁ ପାଠକଲେ ପାଠକପାଠିକାଗଣ ଓଡ଼ିଆ ସାହିତ୍ୟ ଚର୍ଚ୍ଚା ସମ୍ବନ୍ଧରେ ନାରୀକବିଙ୍କର କିପରି କୃତିତ୍ୱ ଅଛି, ତାହା ବେଶ୍ ଜାଣିହେବ ।

— ପଦ୍ୟମାଳା —

ବୃହତ୍‌ଖେମୁଣ୍ଡି ନିବାସିନୀ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କଦ୍ୱାରା ରଚିତ ଏବଂ ଖଲ୍ଲିକୋଟ-ଅଷ୍ଟଦୁର୍ଗାଧୀଶ୍ୱରୀ ଶ୍ରୀମତୀ ପଟ୍ଟମହାଦେବୀଙ୍କ ସାହାଯ୍ୟରେ ପ୍ରକାଶିତ । ଏଥିରେ ପ୍ରାର୍ଥନା, ଗୋଧନବାହୁଡ଼ା, ପୁଷ୍ପ, ପତିପତ୍ନୀଙ୍କ ପ୍ରାର୍ଥନା, ବିଧବାର ପ୍ରାର୍ଥନା, ଜୀବରେ ଦୟା—ଏହି ଛଅଟି ପଦ୍ୟ ପ୍ରକାଶିତ ହୋଇଅଛି । ପଦ୍ୟଗୁଡ଼ିକର ରଚନା ସରଳ ଏବଂ ପ୍ରତ୍ୟେକରେ କିପରି ଗୋଟିଏ ଅନୁପମ ମାଧୁରୀ ରହିଅଛି । ସର୍ବୋପରି ଏଥିରେ କୋମଳ ହୃଦୟର ଯେଉଁ ସରଳ ଧର୍ମବିଶ୍ୱାସ ଓ ଈଶ୍ୱରାନୁରାଗ ପ୍ରତିଫଳିତ ହୋଇଅଛି, ତାହା ଅତ୍ୟନ୍ତ ମନୋହର । ପରଲୋକଗତା ସୁଲକ୍ଷଣା ଦେବୀଙ୍କ ପରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଆମ୍ଭମାନଙ୍କୁ ଏ ଶ୍ରେଣୀର

Digitized by srujan ka@gmail.com

କବିତା ଶୁଣାଇଲେ । ସାହିତ୍ୟକ୍ଷେତ୍ରରେ ଆମ୍ଭେମାନେ ତାଙ୍କୁ ସାଦର ସମ୍ଭାଷଣ ଜଣାଉଅଛୁଁ । ଅବସ୍ଥା ବିବେଚନାରେ ରଚନାର ନାନା ପ୍ରକାର ଦୋଷକୁ କି ମାର୍ଜନୀୟ । ଖଣ୍ଡିକୋଟ-ଅଷ୍ଟଦୁର୍ଗାଧୀଶ୍ୱରୀ ମହୋଦୟା ଏହି ନାରୀକବିଙ୍କର ପୃଷ୍ଠପୋଷକତା କରିବାକୁ ଅଗ୍ରସର ହୋଇଥିବାର ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ସାଧାରଣଙ୍କଠାରୁ ଉତ୍ସାହ ପାଇବାର ଦେଖିଲେ ଅଧିକତର ଆନନ୍ଦ ଅନୁଭବ କରିବୁଁ ।

["ଉତ୍କଳସାହିତ୍ୟ"—୮ମ ଭାଗ, ୮ମ ସଂଖ୍ୟା] ।

—ପଦ୍ୟମାଳା—

ବୃହତ୍‌ଖେମୁଣ୍ଡି ନିବାସିନୀ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କଦ୍ୱାରା ରଚିତ ଏବଂ ଖଣ୍ଡିକୋଟ-ଅଷ୍ଟଦୁର୍ଗାଧୀଶ୍ୱରୀଙ୍କ ସାହାଯ୍ୟରେ ପ୍ରକାଶିତ । ଏଥିରେ ୭ ଗୋଟି ମନୋହର ପଦ୍ୟ ଅଛି । ନାରୀକବିଙ୍କ ଶାନ୍ତରସାତ୍ମକ ଭାବପୂର୍ଣ୍ଣ ପଦ୍ୟ ପାଠ କରି ଆମ୍ଭେମାନେ ଅତିଶୟ ତୃପ୍ତି ଲାଭ କରିଅଛୁଁ । ପୁସ୍ତକଖଣ୍ଡିକ ସାଧାରଣରେ ଅନାଦରଣୀୟ ହେବ ନାହିଁ, ଏହା ଆମ୍ଭର ସମ୍ପୂର୍ଣ୍ଣ ବିଶ୍ୱାସ ।

("ଉତ୍କଳହିତୈଷିଣୀ"—୧୭ । ୧୨ । ୧୯୦୭)

—ନାରୀକବିଙ୍କ କବିତା ପ୍ରକାଶ—

ନାରୀକବି ଶ୍ରୀମତୀ ଅନ୍ନପୂର୍ଣ୍ଣା ୭୨୫ଟା ପଦରେ ୮। ଗୋଟି ଛୋଟ, ବଡ଼ କବିତା ରଚନା କରିଅଛନ୍ତି । ତାଙ୍କର କୌଣସି କବିତା ପୁସ୍ତକାକାରରେ ବାହାରି ପାରି ନାହିଁ । ତାଙ୍କର ଦରିଦ୍ରତାହିଁ ଏହିର ପ୍ରଧାନ କାରଣ । ବର୍ତ୍ତମାନ ଆନନ୍ଦର ସହିତ ଜଣାଉଅଛୁଁ ଯେ, ଖଣ୍ଡିକୋଟ-ଅଷ୍ଟଦୁର୍ଗାଧୀଶ୍ୱରୀ ଶ୍ରୀମତୀ ପଞ୍ଚମହାଦେବୀ ଉକ୍ତ ନାରୀ-

Digitized by srujan ka@gmail.com

କବିଙ୍କର କେତେ ଗୋଟି କବିତାର ମୁଦ୍ରାଙ୍କନ ଭାର ଗ୍ରହଣ କରି-ଅଛନ୍ତି । ମୁଦ୍ରାଙ୍କନ କାର୍ଯ୍ୟ ମର୍ଦ୍ଧ୍ୱଲ୍ଲକ ପ୍ରେସରେ ଆରମ୍ଭ ହୋଇଅଛି । ଏହି ଆନୁକୂଲ୍ୟ ହେତୁ ଶ୍ରୀମତୀ ପଞ୍ଚମହାଦେବୀଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ଉତ୍ସାହ-ବର୍ଦ୍ଧନାର୍ଥ ତାଙ୍କର କବିତା ପ୍ରକାଶ ବିଷୟରେ ସାହାଯ୍ୟ କରିବାନିମନ୍ତେ ଆମ୍ଭେମାନେ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ନିକଟକୁ ପ୍ରାର୍ଥନା ପତ୍ର ପଠାଇଅଛୁଁ, ପଠାଉ-ଅଛୁଁ । ତହିଁ ମଧ୍ୟରେ ସଦୁତ୍ସାହୀ ସୁରଙ୍ଗୀର ରାଜା ମହୋଦୟ ଆମ୍ଭମାନଙ୍କ ନିକଟକୁ ପତ୍ର ଲେଖି ଉକ୍ତ ନାଟ୍ୟକବିଙ୍କ କବିତା ପ୍ରକାଶ ବିଷୟରେ ତାଙ୍କର ଅନେକ ଦିନରୁ ଇଚ୍ଛା ଥିବାର ଜଣାଇ ତାଙ୍କ ରଚିତ ପୁସ୍ତକ, କବିତାର ସଂଖ୍ୟା ଓ ଆକାର ସମ୍ବନ୍ଧରେ କେତେକ ପ୍ରଶ୍ନ କରିଥିଲେ । ଉପଯୁକ୍ତ ଉତ୍ତର ଦିଆଯାଇଅଛି । ଆମ୍ଭମାନଙ୍କର ପୂର୍ଣ୍ଣ ବିଶ୍ୱାସ, ଉକ୍ତ ରାଜାମହୋଦୟ ନିଜର ପ୍ରେସରେ ଅନ୍ନପୂର୍ଣ୍ଣାଙ୍କ କେତେକ କବିତା ମୁଦ୍ରିତ କରାଇ ତାଙ୍କୁ ଉତ୍ସାହିତ କରିବେ । ବର୍ତ୍ତମାନ ଧରକୋଟାଧୀଶ୍ୱରଙ୍କ ପତ୍ରରୁ ଅବଗତ ହେଲୁ ଯେ, ତାଙ୍କ ନବସ୍ଥାପିତ ପ୍ରେସରେ ଅନେକ କାର୍ଯ୍ୟ ଲାଗିଥିବାରୁ ବର୍ତ୍ତ-ମାନ କବିତା ପ୍ରକାଶ କରିପାରିବେ ନାହିଁ । ସୁତରାଂ ଅନ୍ୟ ପ୍ରେସରେ ଅନ୍ନପୂର୍ଣ୍ଣାଙ୍କ କେତେକ କବିତା ମୁଦ୍ରିତ ହେବା ନିମନ୍ତେ ୧୦ ଟଙ୍କା ସାହାଯ୍ୟ ସ୍ୱରୂପ ପ୍ରେରଣ କରିଅଛନ୍ତି । ଯାହା ହେଉ, ରାଜା ମହୋ-ଦୟଙ୍କର ଏହି ସ୍ନେହପ୍ରଦତ୍ତ ସାହାଯ୍ୟକୁ ଆମ୍ଭେମାନେ ମୂଲ୍ୟବାନ ମନେକରି ତାଙ୍କର ମଙ୍ଗଳବାଦ କରୁଅଛୁଁ ।

[ପ୍ରଜାବନ୍ଧୁ—୨୬ । ୭ । ୧୯୦୪]

Digitized by srujan ka@gmail.com

—ପଦ୍ୟମାଳା—

ବୃହତ୍‌ଖେମଣ୍ଡି ନିବାସୀ ଶ୍ରୀଯୁକ୍ତ ଶ୍ରୀରାମ ପଞ୍ଚାଧ୍ୟାୟୀଙ୍କ ସହଧର୍ମିଣୀ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ରଚିତ ପଦ୍ୟାବଳୀର କେତେକ ଅଂଶ ମାନନୀୟା ଶ୍ରୀମତୀ ଖଲ୍ଲିକୋଟ-ଅଷ୍ଟଦୁର୍ଗେଶ୍ୱରୀଙ୍କ ସାହାଯ୍ୟରେ ମର୍ଦ୍ଦରାଜ ପ୍ରେସରେ ମୁଦ୍ରିତ ହୋଇଅଛି । ଉକ୍ତ ପୁସ୍ତକ ଖଣ୍ଡିକ ଆମ୍ଭେ ଆଦ୍ୟୋପାନ୍ତ ପାଠକରି ଅତ୍ୟନ୍ତ ପ୍ରୀତ ହୋଇଅଛୁ । ପଦ୍ୟଗୁଡ଼ିକ ଅତି ସରଳ ଓ ଭଗବଦ୍‌ଭାବପୂର୍ଣ୍ଣ । ଉପଯୁକ୍ତ ଉତ୍ସାହ ପାଇଲେ ଅନ୍ନପୂର୍ଣ୍ଣା ଯେ ଜଣେ ସୁକବି ହୋଇପାରିବେ, ଏଥିରେ ସନ୍ଦେହ ନାହିଁ । ସର୍ବବିଧ ସ୍ୱାଧୀନତାରୁ ବଞ୍ଚିତା, ଭୀଷଣ ଦାରିଦ୍ର୍ୟ-ପ୍ରପୀଡ଼ିତା ଏବଂ କାରାବାସ ଅପେକ୍ଷା କଠିନତର ବନ୍ଧନରେ ଅନ୍ତଃପୁରବାସିନୀ ମହିଳାର ଈଦୃଶ ସାହିତ୍ୟପ୍ରୀତି ଓ ରଚନା ଶକ୍ତି ସଂଦର୍ଶନ କରି ସୁଦ୍ଧା ସ୍ୱଦେଶାନୁରାଗୀ ଓ ଶିକ୍ଷିତ ବ୍ୟକ୍ତିମାନେ ତାହାଙ୍କୁ ଉତ୍ସାହପ୍ରଦାନ କରିବାରେ କୁଣ୍ଠିତ ହେବା ବଡ଼ ଲଜ୍ଜାର କଥା ! ସମସ୍ତ ଶିକ୍ଷିତ ବ୍ୟକ୍ତି ଉକ୍ତ ପଦ୍ୟମାଳାରୁ ଖଣ୍ଡେ ଖଣ୍ଡେ ଗ୍ରହଣ କରି ଅନ୍ନପୂର୍ଣ୍ଣାଙ୍କ ଅପ୍ରକାଶିତ ରଚନାଗୁଡ଼ିକ ପ୍ରକାଶ କରିବାର ଚେଷ୍ଟା କଲେ ଦେଶର ଗୋଟିଏ ଉପକାର ସାଧିତ ହେବ । ଏହି ସୁମହତ୍ କାର୍ଯ୍ୟରେ ମାନନୀୟା ଶ୍ରୀମତୀ ଖଲ୍ଲିକୋଟ ଓ ଅଷ୍ଟଦୁର୍ଗେଶ୍ୱରୀଙ୍କୁ ଅଗ୍ରଣୀ ଦେଖି ତାହାଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଅଛୁ ।

ଶ୍ରୀଦୀନବନ୍ଧୁ ପାଲ

[ପ୍ରଜାବନ୍ଧୁ—୫ । ୧୦ । ୧୯୦୪]

—ସମାଲୋଚନା—

ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କଦ୍ୱାରା ରଚିତ 'ପଦ୍ୟମାଳା'କୁ ଆଦ୍ୟୋପାନ୍ତ ପାଠକରି ପ୍ରୀତ ହୋଇଅଛୁ, ଏହା ରମ୍ଭା ମର୍ଦ୍ଦରାଜ ପ୍ରେସରେ ମୁଦ୍ରିତ। ମୂଲ୍ୟ ଏକଅଣା ମାତ୍ର ।

Digitized by srujan ka@gmail.com

ଏଥିରେ ଛଅଗୋଟି ପଦ୍ୟ କବିତା ସନ୍ନିବେଶିତ । ପ୍ରତ୍ୟେକ କବିତା ବିଶୁଦ୍ଧ ଭକ୍ତିପୂର୍ଣ୍ଣ, ଭାଷା ସରଳ ଓ ଚିତ୍ତାକର୍ଷୀ ।

ଅନ୍ନପୂର୍ଣ୍ଣାଙ୍କ କବିତାରେ ଯଦ୍ୟପି ଶବ୍ଦାଡ଼ମ୍ବର ଓ ଭାବ-ବୈଚିତ୍ର୍ୟ ପ୍ରଭୃତିର ତାଦୃଶ ସମାବେଶ ନାହିଁ, ତଥାପି ପ୍ରତିପଦ୍ୟରେ ସୁନ୍ଦର ସ୍ୱଭାବୋକ୍ତି ବିଦ୍ୟମାନ । ଏତଦ୍ଦ୍ୱାରା କବିଙ୍କ ପ୍ରେମପ୍ରବଣ ଚିତ୍ତର ପ୍ରତ୍ୟକ୍ଷ ପରିଚୟ ମିଳୁଅଛି । ଜଣେ ସ୍ତ୍ରୀକବି ବିଶେଷତଃ ଉତ୍କଳର ସ୍ତ୍ରୀକବିଙ୍କ ଲେଖନୀରୁ ଈଦୃଶ କବିତା ନିଃସୃତ ହେବା ଦେଖି ମନ ଅତ୍ୟନ୍ତ ଆନନ୍ଦ ପ୍ରାପ୍ତ ହେଉଅଛି । ଏହା ଗଞ୍ଜାମର ସୌଭାଗ୍ୟ !

ପୁରୁଷମାନଙ୍କ ଅପେକ୍ଷା ସ୍ତ୍ରୀମାନଙ୍କ ଗୃହବୁଦ୍ଧି ଅଧିକ, ଏହା ସର୍ବବାଦିସମ୍ମତ । ସେହି ସ୍ତ୍ରୀମାନଙ୍କୁ ହୀନା ଓ ଦୀନା ନ ରଖି ଉପଯୁକ୍ତ ଶିକ୍ଷା (ଯଦ୍ଦ୍ୱାରା ସ୍ତ୍ରୀମାନଙ୍କ ଶ୍ରେଷ୍ଠଭୂଷଣ ଲଜ୍ଜା ଏବଂ ଶ୍ରେଷ୍ଠ ଧର୍ମ ପାତିବ୍ରତ୍ୟ ଲେଶମାତ୍ର ନ୍ୟୂନ ନ ହୋଇ ପରିମାର୍ଜ୍ଜିତ ଓ ପରିବର୍ଦ୍ଧିତ ହେବ) ଦିଆଗଲେ, ଯଥାର୍ଥରେ ଦେଶର ପରମ କଲ୍ୟାଣ ସାଧିତ ହେବ ।

ଅତଏବ ‘ପଦ୍ୟମାଳାର ଦ୍ୱିତୀୟ ଭାଗ ଦେଖିବା ଆଶା ରହିଲ । ପରିଶେଷରେ ଜଗଦୀଶ୍ୱରଙ୍କପାରେ ପ୍ରାର୍ଥନା କି ଶ୍ରୀମତୀ ଅନ୍ନପୂର୍ଣ୍ଣା ସକଳ ସାଂସାରିକ ସୁବିଧା ପାଇ ଏହିପରି ସାହିତ୍ୟସେବା କରନ୍ତୁ ଏବଂ ଅନ୍ୟାନ୍ୟ ସ୍ତ୍ରୀଗଣ ତାହାଙ୍କୁ ଅନୁକରଣ କରି ଦେଶର ଉପକାର କରନ୍ତୁ ।

ଶ୍ରୀ ସଦାଶିବ ବିଦ୍ୟାଭୂଷଣ

(ପ୍ରଜାବନ୍ଧୁ—୧୪ । ୧୨ । ୧୯୦୪).

Digitized by srujan ka@gmail.com

ଉତ୍କଳରେ ନାରୀକବିଙ୍କ ସ୍ଥାନ

ନାରୀକବି ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କର ଜନ୍ମ ଗଞ୍ଜାମ ଜିଲ୍ଲାର ଗୋଟିଏ ରାଜଧାନୀରେ । ସେ ଜଣେ ଖାଣ୍ଟି ଓଡ଼ିଆଣୀ । ଆଜୀବନ ଓଡ଼ିଆ ସାହିତ୍ୟ ଚର୍ଚ୍ଚା କରି ସମୟ କଟାଇଛନ୍ତି । ତଥାପି ଏ ପର୍ଯ୍ୟନ୍ତ ଓଡ଼ିଶାବାସୀ ତାହାଙ୍କୁ ଉଚିତ ଭାବେ ସମ୍ମାନ ଦେଖାଇ ନାହାନ୍ତି । ଏହା ଓଡ଼ିଶାବାସୀଙ୍କ ପକ୍ଷରେ କମ୍ ଲଜ୍ଜାର କଥା ନୁହେଁ !

ଜଗତରେ ପ୍ରତ୍ୟେକ ଦେଶବାସୀ 'ବୀରପୂଜା' (ପ୍ରତିଭାପୂଜା) କରନ୍ତି । ଯୁଦ୍ଧରେ ଯୋଗଦେବା ଯୋଦ୍ଧାକୁ ଯେ ବୀର କୁହାଯିବ, ସେତିକି ନୁହେଁ; ଯୁଦ୍ଧବୀର ସଙ୍ଗେ ସଙ୍ଗେ କର୍ମବୀର, ସାହିତ୍ୟବୀର ଏବଂ ଆଧ୍ୟାତ୍ମିକ ଓ ବୈଜ୍ଞାନିକ ବୀରମାନଙ୍କୁ ମଧ୍ୟ ଉଚିତ ସମ୍ମାନ ଦେବାକୁ ହେବ । ଏପରି ପ୍ରତିଭାଶାଳୀ ବ୍ୟକ୍ତିମାନଙ୍କୁ ସମ୍ମାନ ଦେଖାଇଲେ ଯେ କୌଣସି ଦେଶର ଗୌରବ ବୃଦ୍ଧି ହୁଏ ଏବଂ ଯେ କୌଣସି ଜାତି ପୃଥିବୀର ସଭ୍ୟ ଜାତି ସଙ୍ଗେ ଏକ ଆସନ ଲାଭ କରିପାରେ ।

ଉତ୍କଟ ଆର୍ଥିକ ଅଭାବ, ନିଷ୍ଠୁର ସାମାଜିକ ନିର୍ଯ୍ୟାତନା ଏବଂ ରାଜପୋଷକମାନଙ୍କଠାରୁ ନିର୍ଦ୍ଦୟ ବ୍ୟବହାର ସହ୍ୟ କରି ସୁଦ୍ଧା ଯେଉଁ ଓଡ଼ିଆ ଅବଳା ଓଡ଼ିଆ ସାହିତ୍ୟର ଉନ୍ନତି ଦିଗରେ ନିଜର ସମସ୍ତ ସମୟ କଟାଇଛନ୍ତି, ସେ କି ଓଡ଼ିଶାବାସୀଙ୍କଠାରୁ ଉଚିତ ସମ୍ମାନ ପାଇବାର ଯୋଗ୍ୟ ନୁହନ୍ତି ? କିନ୍ତୁ ହାୟ, କେତେ ଜଣ ଆଧୁନିକ ଓଡ଼ିଆ ସାହିତ୍ୟିକ ଓ ଧନୀ ବ୍ୟକ୍ତି ଏହାଙ୍କ ପ୍ରତି ସଦୟ ହୋଇଛନ୍ତି ? ଓଡ଼ିଶାର ପ୍ରଥମ ଓଡ଼ିଆ ନାରୀକବି ନିଜର ଜନ୍ମସ୍ଥାନ, ନିଜର ମାତୃଭୂମି ଠାରୁ ସୁଦୂର ତେଲୁଗୁ ରାଜ୍ୟରେ ରହିବା ସତ୍ତ୍ୱେ

Digitized by srujan ka@gmail.com

ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ଏତେ ଯତ୍ନ କରୁଥିବା ସ୍ଥଳେ, ତାହାଙ୍କର ଲେଖାଗୁଡ଼ିକୁ ସଂଗ୍ରହ କରି ପୁସ୍ତକାକାରରେ ପ୍ରକାଶ କରିବା ଏବଂ ତାହାଙ୍କର ଏହି ଶେଷ ଜୀବନରେ ସ୍ୱଚ୍ଛନ୍ଦରେ ଚଳିବା ଭଳି କୌଣସି ବ୍ୟବସ୍ଥା କରିବା କଣ ଏ ଦେଶବାସୀଙ୍କର ଗୋଟିଏ କର୍ତ୍ତବ୍ୟ ନୁହେଁ ? ଆର୍ଥିକ ଅଭାବ ଦୂର ହେଲେ ଏବଂ ଉଚିତ ସମ୍ମାନ ଓ ସାହାଯ୍ୟ ପାଇଲେ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କଦ୍ୱାରା ଓଡ଼ିଆ ସାହିତ୍ୟ ଭଣ୍ଡାର ଯେ ଆହୁରି ଉନ୍ନତିଲାଭ କରନ୍ତା, ଏଥିରେ କୌଣସି ସନ୍ଦେହ ନାହିଁ; କିନ୍ତୁ ଏ ଦିଗରେ କେତେ ଜଣ ଚିନ୍ତା କରନ୍ତି ?

ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ହୋଇସାରିଛି । ଏହି ପ୍ରଦେଶ ହେବାର ବହୁ ଆଗରୁ "ଫିଲିପ୍-ଡଫ୍ କମିସନ"ଙ୍କ ସୀମା ତଦନ୍ତ ସମୟରେ ମାନ୍ଦ୍ରାଜ ଓଡ଼ିଆଙ୍କ ପକ୍ଷରୁ ଯେଉଁ ସାକ୍ଷ୍ୟ ଦିଆଯାଇଥିଲା, ସେଥିମଧ୍ୟରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ନିଜେ ଯାଇ ଉକ୍ତ କମିସନ ଆଗରେ ନିଜର ଦାବୀ ମଞ୍ଜୁର କରାଇଥିଲେ । ବର୍ତ୍ତମାନ ସ୍ୱତନ୍ତ୍ର ପ୍ରଦେଶ ହେବା ସତ୍ତ୍ୱେ ଶ୍ରୀମତୀ ଅନ୍ନପୂର୍ଣ୍ଣା ସେହି ବଣାଖପାଟଣା ସହରରେ ରହିଛନ୍ତି । ଅବଶ୍ୟ ତାଙ୍କର ଜ୍ୟେଷ୍ଠ କନ୍ୟା କୁମାରୀ ମନୋରମା ବର୍ତ୍ତମାନ ବ୍ରହ୍ମପୁର ବାଳିକା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ-ରୂପେ କାର୍ଯ୍ୟ କରନ୍ତି । କିନ୍ତୁ ଶ୍ରୀମତୀଙ୍କର ସ୍ଥାୟୀ ବାସଗୃହ ସେହି ବଣାଖପାଟଣାରେ ରହିଛି । ତାଙ୍କର ସ୍ୱାମୀ ଶ୍ରୀରାମ ପଟ୍ଟନାୟକ ଏ ବୃଦ୍ଧ ବୟସରେ ମଧ୍ୟ ନିଜର ସେହି ପୁରୁଣା 'କମିଶ୍ନ' କାର୍ଯ୍ୟ କରି ଚଳନ୍ତି । ଏପରି ଅବସ୍ଥାରେ ଓଡ଼ିଶାର ସାହିତ୍ୟିକ ଓ ହିତାକାଙ୍କ୍ଷୀ-ମାନଙ୍କର ପ୍ରଧାନ କର୍ତ୍ତବ୍ୟ ହେଉଛି ଶ୍ରୀମତୀ ଅନ୍ନପୂର୍ଣ୍ଣା ଏବଂ ତାଙ୍କର ସ୍ୱାମୀ ଶ୍ରୀରାମଙ୍କୁ ଓଡ଼ିଶା ପ୍ରଦେଶକୁ ଆଣି ସେମାନଙ୍କର ଅବଶିଷ୍ଟ ଜୀବନ ସୁଖମୟ ହେବା ପାଇଁ ବିଶେଷ ବ୍ୟବସ୍ଥା କରିବା ।

Digitized by srujan ka@gmail.com

ଏ ଦିଗରେ ପ୍ରତ୍ୟେକ ଶିକ୍ଷିତ ଓଡ଼ିଆ ବିଶେଷ ଦୃଷ୍ଟି ଦେବାର ଆଶାକରେ ।

—※—

ନାରୀକବିଙ୍କ ସମ୍ବନ୍ଧରେ ପ୍ରଶଂସା ପତ୍ର

ଓଡ଼ିଆ ଭାଷାରେ ସରଳ, ନୀତୋପଦେଶପୂର୍ଣ୍ଣ ଏବଂ ଭକ୍ତି-ରସାତ୍ମକ ପଦ୍ୟ ଓ ପ୍ରବନ୍ଧ ଲେଖି ଦେଶର ଅଧିକାଂଶ ପତ୍ରପତ୍ରିକା ଗୁଡ଼ିକରେ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଓଡ଼ିଶାର ବହୁ ବିଶିଷ୍ଟ ସାହିତ୍ୟିକମାନଙ୍କଦ୍ୱାରା ପ୍ରଶଂସିତ ହୋଇ-ଥିଲେ । ଏପରି ପ୍ରଶଂସା କରିଥିବା ବ୍ୟକ୍ତିମାନଙ୍କର ଅସଂଖ୍ୟ ଚିଠି ନାତ୍ନୀକର ନିଜ ପାଖରେ ସାଇତି ରଖି ଏ ଜୀବନୀ ଗ୍ରନ୍ଥ ଲେଖିବା ସମୟରେ ମୋତେ ଦେଇଥିଲେ । ଏହି ସ୍ୱୀକୃତ ପ୍ରଶଂସା ପତ୍ରଗୁଡ଼ିକରୁ ନିମ୍ନ କେତୋଟି ମାତ୍ର ଏଠାରେ ଉଦ୍ଧାର କରିବି । ଯେଉଁମାନେ ଓଡ଼ିଶାର ବିଶିଷ୍ଟ କବିଶ୍ରେଷ୍ଠମାନଙ୍କର ହାତଲେଖା ଚିଠି ଦେଖିବାକୁ ଇଚ୍ଛା କରନ୍ତି, ସେମାନେ ଦୟା କରି ମୋ ପାଖକୁ ଆସିଲେ ମୁଁ ସେହି ପତ୍ରଗୁଡ଼ିକ ଦେଖାଇବି ।

୧ମ—କବିବର ରାଧାନାଥ ରାୟ—

"ପଦ୍ୟମାଳା ପାଠଦ୍ୱାରା ଆପଣଙ୍କ ଶକ୍ତିମତ୍ତା ସମ୍ବନ୍ଧରେ ମୋହର ଅନୁକୂଳ ଧାରଣା ବଦ୍ଧମୂଳ ହୋଇଅଛି । ଅଧ୍ୟବସାୟ ଅବଲମ୍ବନ କଲେ ଆପଣ ଉତ୍କଳ ସାହିତ୍ୟ ସଂସାରରେ ଅମରକୀର୍ତ୍ତି ସଂସ୍ଥାପନ କରିପାରିବେ, ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ ।"

[୨୧ । ୧୧ । ୧୯୦୪]

Digitized by srujan ka@gmail.com

୨ୟ—ଭକ୍ତକବି ମଧୁସୂଦନ—

"ସ୍ୱଭାବଙ୍କର ଲେଖା ସଂଶୋଧନର ଅପେକ୍ଷା ରଖେ ନାହିଁ, ତାହା ନିଜେ ଜନ୍ମରୁ ଶୁଦ୍ଧ ଏବଂ ସୁନ୍ଦର । ଆପଣଙ୍କର ଭବଭାଗ୍ୟ ସେହି ଶ୍ରେଣୀର ଲେଖା ।"

[୨୭ । ୮ । ୧୯୦୪]

୩ୟ—ଭବବର ଚନ୍ଦ୍ରମଣି ମହାନ୍ତ—

" × × ବର୍ତ୍ତମାନ ଲୋକେ ତୁମ୍ଭଙ୍କୁ ନ ଚିହ୍ନନ୍ତୁ ପଛକେ, ଭବିଷ୍ୟତ୍ ବଂଶଧରମାନେ ତୁମ୍ଭ ଉଦ୍ଦେଶ୍ୟରେ ପୂଜା କରିବେ, ଏଥିରେ ସନ୍ଦେହ ନାହିଁ ।"

[୧୮ । ୧୧ । ୧୯୦୪]

୪ର୍ଥ—ଶ୍ରୀ ରାଧାଚରଣ ଦାସ (ବାଲେଶ୍ୱର)—

"ଯେଉଁ ପ୍ରେରଣାରେ ତୁମ୍ଭେ ଏ ଦେଶକୁ ଆସିଅଛ, ତାହାର ସୀମା ତୁମ୍ଭ କର୍ତ୍ତବ୍ୟ ବୁଦ୍ଧି ଓ ଶକ୍ତିଦ୍ୱାରା ସ୍ଥିରୀକୃତ ହେଉ ।"

୫ମ—ଭବ ଗଙ୍ଗାଧର ମେହେର—

"ଈଶ୍ୱର ଆପଣଙ୍କୁ କେବଳ ଉତ୍କଳର ସୁନାମ ନିମନ୍ତେ ଉତ୍କଳରେ ଜାତ କରିଅଛନ୍ତି । × × ବିଶେଷ ଭାବରେ ଏହା ଅନୁରୋଧ କରୁଅଛୁ ଯେ, ଆପଣ ଉତ୍ତରୋତ୍ତର ଉତ୍ତମ ଉତ୍ତମ ପଦ୍ୟ ପ୍ରବନ୍ଧ ଲେଖି ଉତ୍କଳର ନାରୀକୁଳର ଉତ୍କୃଷ୍ଟ ଆଦର୍ଶ ସ୍ଥାନୀୟ ହେଉନ୍ତୁ ।"

[୨୫ । ୧୦ । ୧୯୧୦]

ପୁଣି, "ଆପଣ ଉନ୍ନତି ପଥରେ ଅଗ୍ରସର ହେଉଥିବା ସ୍ଥଳେ ଆମ୍ଭେମାନେ ଆପଣଙ୍କର ସାହାଯ୍ୟ ନ ହେବା ନିନ୍ଦାର ବିଷୟ ହେବ । ଅବଶ୍ୟ ଯଥାସାଧ୍ୟ ସହାନୁଭୂତି ଦାନରେ ମୁଁ ପଶ୍ଚାତ୍ପଦ

Digitized by srujan ka@gmail.com

ହେବ ନାହିଁ × × ଆପଣଙ୍କ ପ୍ରତି ଅନ୍ୟ ଭଗିନୀମାନେ ବିଦ୍ୱେଷପୂର୍ଣ୍ଣ ଘୃଣା ପ୍ରକାଶ କରୁଥିବାରୁ ଶୁଣି ସେ (ମୋ ସ୍ତ୍ରୀ) ଦୁଃଖିତା ହୋଇ-ଥାନ୍ତି ଏବଂ ଆପଣଙ୍କ ଆଚରଣକୁ ପ୍ରଶଂସା ମଧ୍ୟ କରିଥାନ୍ତି।"

[୧୦ । ୧୧ । ୧୯୧୦]

୭ମ—ବ୍ୟାସକବି ଫକୀରମୋହନ ସେନାପତି—

[କ] "ମୁଁ କବିତାରୂପ ଦର୍ପଣରେ ଆପଣଙ୍କ ହୃଦୟର ପ୍ରତିବିମ୍ବ ଦେଖୁଅଛି। ଆପଣ ଗୋଟିଏ କ୍ଷୁଦ୍ର ତପସ୍ୱିନୀ ଅଟନ୍ତି। ଆଶୀର୍ବାଦ କରେ, ଦୀର୍ଘଜୀବନୀ ହୋଇ ପବିତ୍ର ଭାବରେ ଦିନ ଯାପନ କରନ୍ତୁ।"

[୪ । ୪ । ୧୯୦୩]

[ଖ] "ଗତ ପରଦିନ ସନ୍ଧିରେ 'ସାହିତ୍ୟ ସମାଜ (କଟକ)'ର ବାର୍ଷିକବାହିକ ସାନ୍ଧ୍ୟ ସମିତିରେ ତୁମ୍ଭ ନାମ ଉଲ୍ଲେଖ ହୋଇଥିଲା । ସମସ୍ତ ପ୍ରଧାନ ପ୍ରଧାନ ସଭ୍ୟ ଏକବାକ୍ୟରେ ତୁମ୍ଭର କବିତାକୁ ପ୍ରଶଂସା କଲେ।"

[୨୧ । ୧୨ । ୧୯୦୪]

[ଗ] ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ

ଉତ୍କଳ-ଜନମାଦିତ୍ୟ ସୁତକଳଦେବଙ୍କୁ ହରାଇ ଆମ୍ଭେମାନେ ବ୍ୟାକୁଳ ଭାବରେ ଅଛୁଁ; କୌଣସି ଭୂପତିଙ୍କୁ ତାହାଙ୍କ ସ୍ଥାନୀୟ ଦେଖିବାକୁ ପାଇଲେ କଥଞ୍ଚିତ୍ ସାନ୍ତ୍ୱନା ଲାଭ କରିବୁଁ।

ଉପସ୍ଥିତ ସମୟରେ ବୃଦ୍ଧବ୍ରହ୍ମଖେମୁଣ୍ଡି ଭୂପତିଙ୍କୁ ଉତ୍କଳ ଭାଷା ଉନ୍ନତିକଳ୍ପେ କେତେଗୁଡ଼ିଏ କାର୍ଯ୍ୟ କରୁଥିବାର ଦେଖି ଅତ୍ୟନ୍ତ

Digitized by srujan ka@gmail.com

ଆନନ୍ଦିତ ହୋଇଅଛୁଁ । ଆମ୍ଭେମାନେ ରାଜା ମହୋଦୟଙ୍କଠାରୁ ବହୁଳ ଦେଶହିତକର କାର୍ଯ୍ୟ ପ୍ରତ୍ୟାଶା କରୁଁ । ରାଜାନୁଗତ ବିଦ୍ୟା । ବିଦ୍ୟୋତ୍ସାହୀ ଭୂପତିଙ୍କର ପ୍ରଜାମଣ୍ଡଳୀ ସହଜରେ ବିଦ୍ୟାନୁରାଗୀ ହୋଇଥାନ୍ତି । ବୃହତ୍‌ଖେମୁଣ୍ଡି ଭୂପତି ପ୍ରକୃତିପୁଞ୍ଜକୁ ଶିକ୍ଷିତ କରାଇବାକୁ ବିଶେଷ ଅନୁରାଗୀ । ସେଥିର ବିଶେଷ ନିଦର୍ଶନ ଅନ୍ନପୂର୍ଣ୍ଣା ଦେବୀ । ବର୍ତ୍ତମାନ ସମୟରେ ଉତ୍କଳଭୂମିରେ ଏକମାତ୍ର ନାରୀକବି ବୃହତ୍‌ଖେମୁଣ୍ଡିନିବାସିନୀ ଅନ୍ନପୂର୍ଣ୍ଣା ଦେବୀ । ଯେଉଁ ଦେଶରେ ସତୀ, ପବିତ୍ରହୃଦୟା, ଧର୍ମପରାୟଣା, ବିଦ୍ୟାବତୀ ରମଣୀ ବାସ କରନ୍ତି, ସେ ଦେଶ ଧନ୍ୟ, ଦେଶସ୍ଥ ଭୂପତି ପୂଜନୀୟ ।

ଅନ୍ନପୂର୍ଣ୍ଣା ଦେବୀଙ୍କର ପ୍ରାୟ ଅର୍ଦ୍ଧଶତ କବିତା ଆମ୍ଭେମାନେ ପାଠ କରିବାକୁ ସୁଯୋଗ ପ୍ରାପ୍ତ ହୋଇଅଛୁଁ । ଏହି ସମସ୍ତ କବିତା ପାଣ୍ଡୁଲେଖ୍ୟ ଅବସ୍ଥାରେ ଅଛି । ସ୍କୁଲସମୂହର ଡେଃ ଇନ୍‌ସ୍ପେକ୍‌ଟର ଉତ୍କଳର ସୁପରିଚିତ କବି ବାବୁ ଚନ୍ଦ୍ରମୋହନ ମହାରଣା ବି. ଏ. ଉକ୍ତ କବିତା ମଧ୍ୟରେ ସୁକବିସୁଲଭ ପ୍ରତିଭାର ନିଦର୍ଶନ ଦେଖି ମୋହିତ ହୋଇଥିଲେ ଏବଂ ସ୍ୱ ବ୍ୟୟରେ କେତେକ କବିତା ପ୍ରକାଶ କରିବାକୁ ସ୍ୱୀକୃତ ହୋଇଥିଲେ । ଆମ୍ଭମାନଙ୍କ ଶାରୀରିକ ଅସ୍ୱାସ୍ଥ୍ୟ ନିବନ୍ଧନ ତାହାଙ୍କର ପ୍ରତିଶ୍ରୁତ କାର୍ଯ୍ୟରେ ପରିଣତ ହୋଇ ନାହିଁ ।

ଆମ୍ଭେମାନେ ସର୍ବାନ୍ତଃକରଣରେ କବି ଅନ୍ନପୂର୍ଣ୍ଣା ଦେବୀଙ୍କ ଦୀର୍ଘଜୀବନ କାମନା ଏବଂ ବୃହତ୍‌ଖେମୁଣ୍ଡି ଭୂପତିଙ୍କ ସୁଯଶ ଘୋଷଣା କରୁଅଛୁଁ ।

[ଶ୍ରୀ ଫକୀରମୋହନ ସେନାପତି
ପ୍ରଜାବନ୍ଧୁ—ତା ୧୩ । ୬ । ୧୯୦୪]

Digitized by srujan ka@gmail.com

[ଘ] ଗୋଟିଏ ଚିଠିରେ ବ୍ୟାସକବି ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କୁ ନିମ୍ନ କେତୋଟି ଉପଦେଶ ପାଳନ କରିବା ପାଇଁ ଲେଖିଥିଲେ :—

“ମୁଁ ବୃଦ୍ଧ, ତୁମ୍ଭର ପିତୃସ୍ଥାନୀୟ, ମୋ ଉପଦେଶ ଶୁଣ—

୧ । ତୁମ୍ଭେ ଦୁଇଜଣ ପବିତ୍ର ହୃଦୟରେ ପ୍ରତିଦିନ ପ୍ରଭୁଙ୍କ-ଠାରେ ପ୍ରାର୍ଥନା କର ।

୨ । ସମସ୍ତ ନିନ୍ଦା ପ୍ରଶଂସା ପ୍ରଭୁଙ୍କ ପ୍ରତି ସମର୍ପଣ କର ।

୩ । ସ୍ୱାମୀଙ୍କ ଅମଙ୍ଗଳ ଚାହିଁବ ନାହିଁ ବା ତାହାଙ୍କର ଗ୍ଳାନି ତାହାରିଠାରେ କହିବ ନାହିଁ ।

୪ । ନିନ୍ଦାକାରୀକୁ କ୍ଷମାକର ।

୫ । ତୁମ୍ଭର ଉପସ୍ଥିତ ବିପଦ ସାମୟିକ; ଚିରସ୍ଥାୟୀ ନୁହେଁ ।”

[ତା ୮ । ୮ । ୧୯୦୪]

[ଙ] କବି ଅନ୍ନପୂର୍ଣ୍ଣା

ଅନ୍ନଶୂନ୍ୟା ଅନ୍ନପୂର୍ଣ୍ଣା ମହିଳାମଣ୍ଡନା
କବିନାମେ ମୁହିଁ ତୋତେ କରୁଛି ଗଣନା ।
ସାମାନ୍ୟ ଗୃହିଣୀ ତୁହି ନୋହୁ ଧନବତୀ,
ମାତ୍ର ମୋ ବିଶ୍ୱାସ ତୁହି ମହାଭାଗ୍ୟବତୀ !
ଧର୍ମନିଷ୍ଠା ପତିଭକ୍ତି କରିଛୁ ସମ୍ବଳ,
କୁଳବତୀ ପକ୍ଷେ ଯାହା ସମ୍ପତ୍ତି କେବଳ ।
ଦାରିଦ୍ର୍ୟର ବେଦନାଘାତେ ନୋହି ବିଚଳିତ,
ସୁଖେ ଦୁଃଖେ ରଖିଅଛୁ ପ୍ରଭୁପଦେ ଚିତ୍ତ ।
ଭୋଗେ ଦୁଃଖେ ପଡ଼ି ମଧ୍ୟ ସ୍ଥିରକରି ମନ,
ସାହିତ୍ୟସେବାରେ କଲୁ ଚିତ୍ତ ସମର୍ପଣ ।

Digitized by srujan ka@gmail.com

ଜଗତର ସୁଖ ଦୁଃଖ ନୁହେଁ, ଚିରସ୍ଥାୟୀ,
ଭୁଞ୍ଜନ୍ତି ମାନବଗଣ ଭାଗ୍ୟ ଅନୁଯାୟୀ ।
ଆସୁ ବା ଐଶ୍ୱର୍ଯ୍ୟ କିମ୍ବା ବିପଦ ଭୀଷଣ,
ଧୈର୍ଯ୍ୟ ଧରି କରିବୁ ତା ମସ୍ତକେ ଧାରଣ ।
ବିଚଳିତ ହେବୁ ନାହିଁ ସମ୍ପଦେ ବିପଦେ,
ଦୃଢ଼ରୂପେ ରଖିଥିବୁ ଚିତ୍ତ ପ୍ରଭୁପଦେ ।
ଯେ କୀର୍ତ୍ତି ରଖିଲୁ ମା ତୁ ଉତ୍କଳ ମଣ୍ଡଳେ,
ଗାଇବେ ତା ଭବିଷ୍ୟତ ମାନବ ସକଳେ ।
ଆଶୀର୍ବାଦ କରୁଅଛି ଆଗୋ ସାଧ୍ୱି ସତି,
ମହାପ୍ରଭୁ ପାଦପଦ୍ମେ ଥାଉ ତୋର ମତି ।
ମୋର ଏହି ଅଭିଳାଷ ଶୁଣରେ ନନ୍ଦିନୀ,
କାଟିବୁ ଜୀବନ, ବ୍ରତ ଧରି ତପସ୍ୱିନୀ ।
ମଣିବୁ ତୋ ଜଗତରେ ଶତ୍ରୁ ମିତ୍ର ନାହିଁ,
ନିରନ୍ତରେ ରହିଥିବୁ ପ୍ରଭୁପଦ ଗୃହିଁ ।

ଶ୍ରୀ ଫକୀରମୋହନ ସେନାପତି

[ଉତ୍କଳବାସୀ—୮ । ୧୧ । ୧୯୦୪]

[ଚ] ଥରେ ୰ ଫକୀରମୋହନ ଗଞ୍ଜାମ ଭ୍ରମଣ କରିବାକୁ ଯାଇ ସେଠାରେ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କୁ ଦେଖିବା ପରେ ତାହାଙ୍କ ସମ୍ବନ୍ଧରେ ନିମ୍ନ କବିତାଟି ପ୍ରକାଶ କରିଥିଲେ :—

ଅନ୍ନଶୂନ୍ୟା ଅନ୍ନପୂର୍ଣ୍ଣା ଯାଏ ଗୀତ ବାନ୍ଧି
ସ୍ମରିଲେ କଷଣ ତାର ପଡ଼ାଏ ମୁଁ କାନ୍ଦି ।

Digitized by srujan ka@gmail.com

ଗୃହଶାଳୀ ପାଠେ ନାମ ମାତ୍ର ଶିକ୍ଷା ପାଇ,
ଲେଖେ ପଦେ ଅଧେ ଗୀତ ଶକ୍ତି ଅନୁଯାୟୀ ।
ଏ ହେତୁ ସେ ତାହା ତାହା ତୋପତଟାକ୍ଷରେ,
ପଢ଼ ଦିନ କାଟୁଅଛି ମହା ହରଷରେ ।
ଟଙ୍କା ଦେଇ କିଣନ୍ତି ଯେ ନାମ, ଖ୍ୟାତି, ଯଶ,
ସେମାନେ ବୁଝିବେ ତାହୁଁ କବିତାର ରସ ।
ଦେଖିଛି ମୁଁ କେତେ "ହି" ଅକ୍ଷର ବିବର୍ଜିତ,
ଟଙ୍କା ଦେଇ ପରଗୁଣେ ବୋଲନ୍ତି ପଣ୍ଡିତ ।
ସେମାନେ ବୁଝିବେ ଯଦି ନାରୀକବି ମାନ,
କିଏ ଭଲ ହେବ ଆଉ ବାତୁଳ ଅଜ୍ଞାନ ?
ଡର୍‌ ନାହିଁ ଡର ନାହିଁ ନାରୀକବି ଭୟ,
ଶୁଭକାର୍ଯ୍ୟେ ବିଘ୍ନ ଘଟେ ଏହା ସୁନିଶ୍ଚୟ ।
ଶତ ବାଧା ଶତ ବିଘ୍ନେ ନ ହୋଇ ଅସ୍ଥିର,
କର ସଦବ୍ୟବହାର ଆପଣା ଶକ୍ତିର ।
ଏ ନୀତିବଚନ ମନେ ରଖ ସବୁବେଳେ,
"କୀର୍ତ୍ତିରକ୍ଷରସମ୍ବନ୍ଧା [ସ୍ଥିର] ଉବଣ୍ଡ ଭୂତଳେ ।

[ପ୍ରଜାବନ୍ଧୁ—୫ । ୨ । ୧୯୦୭]

ବ୍ୟାସକବିଙ୍କ ଉଦ୍ଦେଶ୍ୟରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଲେଖିଥିବା ଦିଓଟି କବିତା ନିମ୍ନରେ ଉଦ୍ଧୃତ ହେବ:—

ଶ୍ରୀଯୁକ୍ତ ଫକୀର ମୋହନ ସେନାପତିଙ୍କ ପ୍ରତି

ଲଳିତ—ଆଡ଼ା

ଜୟ ଜୟ ଗୁରୁଦେବ ହୃଦୟ-ମଣ୍ଡନ
ହୃଦୟରେ ପୂର୍ତ୍ତି କଲ ଜ୍ଞାନରୂପ ଧନ । ୦ ।

Digitized by srujan ka@gmail.com

ଥିଲି ନସ୍ୱର ଭାବନେ ଅତି ଚଞ୍ଚଳିତ ମନେ
ତରୁଥିଲି ବସି ଚିନ୍ତା ନ ବୁଝି କାରଣ । ୧ ।
ସଦା ମନ୍ଦ ମାର୍ଗେ ଗମି ସଂସାର ଭ୍ରମରେ ଭ୍ରମି
ଲଭୁଥିଲି କେତେ କଷ୍ଟ ଏ ପାପ ଜୀବନ । ୨ ।
ମରୁମୟ ହୃଦସ୍ଥଳ ନ ଥିଲା ତ ଜ୍ଞାନ-ଜଳ
ଫୁଟିଣ ଦୁଃଖ-କମଳ ଚଞ୍ଚଳିତ ମନ । ୩ ।
ପଡ଼ି ପାପ ସନ୍ତାପରେ ଡାକୁଥିଲି କାତରେ
ସାହା ହୀନେ ଭାସୁଥିଲି ଦୁଃଖରେ ବଦନ । ୪ ।
ପାପ-ଚକ୍ଷେ ଜରଜର ସଦା ଥିଲା ତନୁ ମୋର
ନ ଥିଲା ମୋ ଦିବ୍ୟ ବୁଦ୍ଧି ନ ଥିଲା ଜୀବନ । ୫ ।
ନବ ଜୀବନକୁ ଦେଲ ସକଳ ଭରସା ହେଲ
ଦୁଃଖୀ ମନୋରଥ ପୂର୍ଣ୍ଣ କଲ ତ ପ୍ରସନ୍ନ । ୬ ।
ନେଇ ଅନ୍ଧକାରୁ ଟାଣି ଶୁଣାଇ ପୀୟୂଷ ବାଣୀ
ନାଶିଲ ଘୋର ବିପତ୍ତି ସ୍ଥିର କଲ ମନ । ୭ ।
କେବଳ ତବ ଆଦେଶ ହୃଦେ ହେଲା ପରବେଶ
ସଂସାର ସରବ ଶବ୍ଦ ଟଳିଲି ତକ୍ଷଣ । ୮ ।
ଦଗ୍ଧ ସନ୍ତାପରେ ପଡ଼ି ଦେଉଥିଲି ଶୂନ୍ୟେ ଗଡ଼ି
ପଦ୍ମ-ଜଳେ ଶାନ୍ତ କଲ ନାଶିଣ ତକ୍ଷଣ । ୯ ।
ଦୀକ୍ଷା-ଜ୍ଞାନଦାତା ପ୍ରଭୁ ଉନ୍ନତି ତ ଦେଲ ସବୁ
ତବ ପୁଣ୍ୟ-ଶାନ୍ତି-ଜଳ ସଞ୍ଚିଲା ଜୀବନ । ୧୦ ।
ଅମୃତ-ବାଣୀ ଭ୍ରମର ସଦା ଝରେ ସୁଧାଝର
ତାହା ଦାନ କର ମତେ ରଖିଛ ଭୁବନ । ୧୧ ।
ତବ ପଦ ଛାୟାତଳେ ମାଳ ଗଲା ଅଶା ଜଳେ
ଫୁଟିଲା ଜ୍ଞାନ-ସୁମନ ଏ ଦୁଃଖ-ବନ । ୧୨ ।

Digitized by srujan ka@gmail.com

ସର୍ବ ଚିନ୍ତା ଗଲା ତୁଟି   ଯିବାରୁ ସୁମନ ଫୁଟି
ତୁମ୍ଭର କରୁଣା-ଜଳେ ଗଲେ ରିପୁଗଣ । ୧୩ ।
ରିପୁ ଥିଲେ ମଧ୍ୟ ଆଉ   ନ ବାଧଇ ତାଙ୍କ ଦାଉ
କି କରିବ ତାଙ୍କ ତାପ ଭ୍ରିବେ ମୋର ମନ । ୧୪ ।
କଳଙ୍କ ଉଞ୍ଜତମସ୍ତ   ଅଟଇ ମୋର ହୃଦୟ
ଲଭି ଶୁଭ୍ର ପ୍ରାଣ, ଜାଳ ହେଲ ନିବାରଣ ; ୧୫ ।
ତୁମ୍ଭେ ସର୍ବ ସୁଖଦାତା   , ଅଟ ମୋର ପିତା, ମାତା
ଜାଣିଅଛ ଭଲରୂପେ ନ ଦେଖେ ବଦନ । ୧୬ ।
ପଦତଳେ ବସିବାର   ଦେଲେ ମତେ ଅଧିକାର
ପୂଜୁଥାନ୍ତି ପ୍ରେମଭରେ ତୁମ୍ଭର ଚରଣ ! ୧୭ ।
ବଳୁ ଜ୍ଞାନ ହୃଦସ୍ଥଳ   ପୂରି ହେଲି ମୁଁ ନିର୍ମ୍ମଳ
ଯାହା ଇଚ୍ଛା ତାହା କର ଅର୍ପିଲି ଜୀବନ । ୧୮ ।
ହୃଦୟେ କଲ୍ପନା ଧରି   ତବ ନାମ ସ୍ମରି ସ୍ମରି
ପୂଜୁଥିବି ଭକ୍ତିଭରେ ଦିଅ ଏହି ଧନ ।୧୯ ।
ଉପାସନା କ୍ରମ ମତେ   ବୁଝାଇଲି ହୃଢ଼ବ୍ରତେ
କରିବାକୁ ନିୟମିତେ କାର୍ଯ୍ୟରେ ସାଧନ । ୨୦ ।
ଜାଣିଅଛ ତୁମ୍ଭେ ମୋର   ଅଟ ହେ ଜ୍ଞାନ-ଈଶ୍ୱର
ଗ୍ରହଣ କର ସତ୍ୱରେ କବିତା-ସୁମନ । ୨୧ ।
ଆଉ କେହି ତୁମ୍ଭ ବିନା   ଚିହ୍ନିବ ନାହିଁ ରଚନା
ତେଣୁକରି ଶ୍ରୀହସ୍ତରେ କରୁଛି ଅର୍ପଣ । ୨୨ ।
ମୋର କବିତା-ସୁମନ   ଦେଖି ତୁମ୍ଭର ନୟନ
କରିବେ ଯେବେ ଆମ୍ଭେ ଆନନ୍ଦେ ପଠନ । ୨୩ ।
ସାର ହେବ ଏ ଜୀବନ   ଚିହ୍ନିବ ହୃଦ କଷଣ
ତବ ଆଶୀର୍ବାଦେ ମୁହିଁ ଲଭିବି କାରଣ । ୨୪ ।

Digitized by srujan ka@gmail.com

କଣ୍ଟକିତ ସଂଶୋଧନେ   ଜ୍ୟୋତି ବର୍ଜ୍ଜ ଭୁବନେ
ଦିଶିବ ଅତି ସୁନ୍ଦର ହର ସର୍ବ ମନ । ୨୪ ।
ଆପଣ କର ଆଘ୍ରାଣ   କରିଲେ ମତେ ପ୍ରଦାନ
ସେହି ସୁମନ ଗୁନ୍ଥିବ ଲଭି ଶିକ୍ଷାଧନ । ୨୫ ।
ଗଳାରେ ଲମ୍ବାଇ ମାଳ,   ଭବ ପଦେ ଭକ୍ତି ଢାଳ
କାଟିବ ଜୀବନ କାଳ ପଶିବ ଶରଣ । ୨୬ ।

[ସମ୍ବାଦବାହିକା—୧ । ୮ । ୧୯୦୬]

ଏହି ପଦ୍ୟ ଲେଖିବାର ପ୍ରାୟ ୯ ବର୍ଷ ପରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ବାଲେଶ୍ୱର ଯାଇ ସେଠାରେ ବ୍ୟାସକବିଙ୍କ ଅତିଥି ହୋଇଥିଲେ । ବାଲେଶ୍ୱରରୁ ଫେରିବା ପରେ ଫକୀରମୋହନ ଲେଖିଥିଲେ—

"ତୁମ୍ଭେ କେତେ କ୍ଲେଶ ସ୍ୱୀକାର କରି ମୋ ପାଖକୁ ଆସିଥିଲ । ତୁମ୍ଭେ ମେଲାଣି ଘେନିବା ବେଳେ ମୁଁ ଏତେ ଦୂର କାତର ଏବଂ ଅଜ୍ଞାନ ହୋଇପଡିଥିଲି ଯେ, ସମ୍ମାନ ସହିତ ତୁମ୍ଭଙ୍କୁ ବିଦାୟ କରିପାରି ନାହିଁ । ସେଥି ସକାଶେ ମୁଁ ନିତାନ୍ତ ଦୁଃଖିତ । × × ×"

[୧୮ । ୧୨ । ୧୯୧୨]

ସେନାପତିଙ୍କ ମୃତ୍ୟୁ ସମ୍ବାଦ ପାଇ ଶ୍ରୀମତୀ ନିମ୍ନ କବିତାଟି ପ୍ରକାଶ କରିଥିଲେ—

ଶୋକ

ଆହେ ମିତ୍ରଦେବ   କି ଦାରୁଣ ଶବ୍ଦ
ବାଜିଲା ମୋ କର୍ଣ୍ଣଦ୍ୱାରେ,
ମରମ ମନ୍ଥନ   ହେଲା ବେଗି ବେଗି
ଚିନ୍ତା ଶେଳ ଭାବନାରେ । ୧ ।

ଉତ୍କଳର ଆହା ! ଅଛ ଗଣ୍ଡିଧନ
ପାଳଥିଲ ମାତା ଯତ୍ନେ,
ଫକୀରମୋହନ ମୋ ଉତ୍ସାହ ଧନ
ତାହାଁ ଗୁଲିଲ ବହନେ । ୨ ।

ଶୂନ୍ୟ କରି ଧରା ଦେଇ ଅଶ୍ରୁଧାର
ସକଳ ହୃଦ ତତାଇ
କି ଆଶା ଭରସା ଛେଦି ବ୍ୟାସଦେବ
ଗଲ ଧରଣୀ କନ୍ଦାଇ ।୩।

ତାହାଠାରୁ ଅବା ପାଇ ହୃତାଦର
ଶରତ୍ ଜନ୍ମିଲ ତବ.
ହୃଦୟ ଦେଶରେ ପୋଷେ ନବ ଭାବ
ତେଜିଦେଲ ଏହି ଭବ । ୪ ।

ଅକ୍ଷୟ କୀରତି ସ୍ଥାପି ନିତ ନିତ
ମାତୃଦେବୀ ସେବା କରି,
ନବ ନବ ପୁଷ୍ପ . ଗୁନ୍ଥିକରି ମାଳ
କଣ୍ଠେ ଦେଉଥିଲ ଭରି । ୫ ।

ତାହାଁ ସେହି ଶୋଭା ଦୃଶ୍ୟ ଆଉ ନାହିଁ
ସବୁ ଦିଶେ ଅନ୍ଧକାର
ଉତ୍କଳେ ଉତ୍କଳ ଲୁଟି ଶୋକସ୍ରୋତେ
ସକଳ ମଣି ଅସାର । ୬ ।

ଆହା ! ଗୁଣମଣି ଆନନ୍ଦର ଖଣି
ଉତ୍ସାହର ବରଦାତା,
ଭରସାର ସ୍ଥଳ ଭକ୍ତିର ସମ୍ବଳ
ଦୁଃଖର ଦୁଃଖୀ ନାଶନ୍ତା । ୭ ।

Digitized by srujan ka@gmail.com

ସ୍ୱଦେଶ ସକାଶେ ଢାଳିଥିଲ ପ୍ରାଣ
ନିଜର ସ୍ୱାର୍ଥ ପାସୋରି,
ପର ଉପକାରେ ସାଧୁଥିଲ କର୍ମ୍ମ
ଧଇର୍ଯ୍ୟ-କେତନ ଧରି ।୮।
ଆହେ ବୀରବର ସୁନାମ ସୁନ୍ଦର
ଜ୍ଞାନ କରି ବିତରଣ,
ଜନମନ ମୋହି ପ୍ରେମ ବାତ୍ୟା କହି
ଧର୍ମ୍ମେ ଗୁନ୍ଥୁଥିଲ ମନ ।୯।
ଛଣାସୁଧା ପରି ଅମୃତ ବଚନ
ଜୀବନେ କି ଯିବ ଭୁଲି
ସେ ମିଷ୍ଟ ଆଳାପ କେ ଦେବ ହେ ପିତା !
ଗଲେ ଏ ସଂସାରେ ଭୁଲି ।୧୦।
ତାଙ୍କ ଅନ୍ତର ହେଲ ପିତା ମୋର
ଜୀବନେ ଦେଇ ଅନଳ,
ହରଷରେ ଆସି ଢାଙ୍କିଲି ବରଷ
ଏଥର ସରିଲା ବଳ ।୧୧।

ଫଳ ଆଶା ଧରି ହେଲି ଦୁଃଖେ ମଗ୍ନ
କେ ଦେବ ଉତ୍ସାହ ଆଉ,
ନବ ନବ ଭାବ ପୁସ୍ତକ ଆକାରେ
ଆଉ ମୁଁ ପାଇବି କାହୁଁ ।୧୨।
କାହାକୁ ଭରସା କରି ଏ ଅଧୀନା
ଲେଖିବ କବିତାମାଳା,
କାହାର ହସ୍ତରେ କରିବ ଅର୍ପଣ
କାଟିଦେଲ ମୋର ଗଳା ।୧୩।

Digitized by srujan ka@gmail.com

ଦେହ ସଂଶୋଧନ କରିବ ଦେ ଦେବ
ବାତ୍ସଲ୍ୟ ସ୍ନେହତା ବହି
ଭାବନା ଛଳନା ଦେ ଶୁଣିବ ଆଉ
ମର୍ଯ୍ୟାଦା ଭାବକୁ ଚହି । ୧୪ ।
ଝୁରୁଥିବ ବସି ତୁମ୍ଭର ସୁନାମ
ବୁହାଇ ନୟନୁ ନୀର
ମନର ଭାବନା ° ମନେ ସିନା ଯିବ
ବାୟୁରେ ମିଶି ସମୀର । ୧୫ ।
ଯେତେ ଦିନ ଥିବ ଏ ମର୍ତ୍ତ୍ୟ ଭୁବନେ
ପୂଜିବ ପାଦ ପ୍ରସୂନେ .
ତୁମ୍ଭର ରଚିତ କବିତା ସୁନ୍ଦର
ପୀରତର "ପୂଜାଫୁଲେ" । ୧୬ ।

ଶ୍ରୀମତୀ ଅନ୍ନପୂର୍ଣ୍ଣା,
ପାରଳାଖେମୁଣ୍ଡି ।
[ହିତୈଷିଣୀ—୧୦।୮।୧୯୧୮]

୬ମ :—୪ ଚନ୍ଦ୍ରମୋହନ ମହାରଣା ବି. ଏ ଖଣ୍ଡିଏ ପତ୍ରରେ ସାଧାରଣ ଦେଦେଚ ବିଷୟ ଲେଖିବା ପରେ ନାରୀକବିଙ୍କ ସମ୍ବନ୍ଧରେ ନିମ୍ନ କବିତାଟି ଲେଖି ପଠାଇଥିଲେ—

ସତୀ ଅୟି ଅନ୍ନପୂର୍ଣ୍ଣେ, ଉତ୍କଳ ଅରଣ୍ୟ,
ସେ ବନେ ମାଳତୀ ତୁହି, ଗୁଣ ତୋ ବରେଣ୍ୟ ।
ଯେ ଅଟେ ଯାହାକୁ ଯୋଗ୍ୟ ତାହାକୁ ତହିଁରେ
ନିହିଥାନ୍ତି ବିଧି, ଏହି ବିଧି ସବୁଠାରେ ।
ତୁ ବନମାଳତୀ, ତୋର ଲୀଳାଭୂମି ବନ,
ଏହାକୁ ଜାଣିବୁ ବିଧି କୃପା ନିଦର୍ଶନ ।

Digitized by srujan ka@gmail.com

କୃତ୍ରିମତା କପଟର କଳୁଷର ଖଣି
ଜନତାକୁ ମନେ ମୁହିଁ ସଦା ଥାଏଁ ଗଣି ।
ତୋହି ଯୋଗ୍ୟ ଲୀଳାଭୂମି ଦେଇଛନ୍ତି ଧାତା,
ନୋହିଲେ ମାଳତୀ ବାସ କାହିଁ ମହିମନ୍ତା ।
ଶ୍ଲାଘ୍ୟ ଏ ବିଜନ ଲୀଳା, ଚହଟି ତୋ ବାସ,
ସମସ୍ତ ଉତ୍କଳେ ଦେଉ ବିମଳ ସନ୍ତୋଷ ।

ଆଉ ଏ ଉତ୍କଳଭୂମି ଏହିପରି ବନ,
ତୋ ପରି ମାଳତୀ ଏଥିଁ ଫୁଟି ଅଗଣନ ।
ମାଳତୀର ଶୁଭ୍ରତେଜେ ପଳାଉ ତାମସ,
ଅପସରୁ ପୁଣ୍ୟଗନ୍ଧେ ଉତ୍କଳ-କଳୁଷ ।
ବିଧାତା ସ୍ୱର୍ଗରେ ଦେଖୁ ବନର ମାଳତୀ
କ୍ଷୋଦୀୟସୀ ହେଲେ ମଧ୍ୟ ଶୁଭ୍ର ଜ୍ୟୋତିଷ୍ମତୀ ।
ପୁଣି ସୁକୋମଳ ତାର ଗନ୍ଧ, ମନୋରମ,
ଗନ୍ଧବହ ବହି ତାକୁ ସାର୍ଥ କରେ ନାମ ।
ବନର ମାଳତୀ ତନୁ-ଲତାଙ୍କଶାୟିନୀ
ବପୁରେ ହେଲେହେଁ କ୍ଷୁଦ୍ର, ଉଚ୍ଚାଭିଳାଷିଣୀ ।
ବାସ ତାର ତରୁବର-ପର୍ବତ ଶିଖରେ,
ଜନ୍ମ, ଲୀଳା, ଅବସାନ ସବୁ ବିଜନରେ ।

ବିଜନତା ଯେ ମାଧୁରୀ ଯେଉଁ ପବିତ୍ରତା
ଭଣ୍ଡାରେ ନାହିଛି, କାହୁଁ ପାଇବ ଜନତା ?
ପବିତ୍ର ଆକୃତି ଯାର, ପବିତ୍ର ଯା ଗୁଣ,
ବିଜନ ବାସଟି କରେ ତାହାର କଲ୍ୟାଣ ।
ଏଣୁଟି ସକଳ ଲୀଳା ତାର ବିଜନରେ
ବୁଦ୍ଧିମନ୍ତ ବିହି ଲେଖିଥାନ୍ତି ଲଲାଟରେ ।

Digitized by srujan ka@gmail.com

ବନର ମାଳତୀ ଫୁଟି ବିଜନ ବନରେ
ମର୍ତ୍ତ୍ୟଲୀଳା ସାଙ୍ଗ କରେ ବିଧି ବିଧାନରେ ।
ମାନବ ମଧ୍ୟରେ ଥାଏ ବନର ମାଳତୀ,
ଉତ୍କଳ ଅରଣ୍ୟେ ଅନ୍ନପୂର୍ଣ୍ଣା ସରସ୍ୱତୀ ।

[ପ୍ରଜାବନ୍ଧୁ, ତା ୧୫ । ୨ । ୧୯୦୫]

୮ମ :—ଶ୍ରୀଯୁକ୍ତ ଶ୍ରୀବତ୍ସ ପଣ୍ଡା, ବି. ଏ ଙ୍କ ପ୍ରଶଂସାପତ୍ର—

ଅନ୍ନପୂର୍ଣ୍ଣା

ମା, ଅନ୍ନପୂର୍ଣ୍ଣା, ଜଗଦ୍ଧାତ୍ରୀ, ଜଗତ୍ତାରିଣୀ, ଜଗତ୍ପାଳିନୀ, ଜଗତନାଶିନୀ, ଗୁରୁବାର ଗୁଆ ରୂପେଣ ସଂସ୍ଥିତା, ଘରେ ଘରେ ଚୂଆ-ଚନ୍ଦନଚର୍ଚ୍ଚିତା, ଶିରଦ୍ଧାନ୍ୟପୂଜିତା । ଏହି ନିର୍ଜୀବ ଜଡ଼ ଅନ୍ନ-ପୂର୍ଣ୍ଣାଙ୍କୁ ଲୋକେ କେତେ ଉପଚାରରେ କେତେ ପ୍ରକାର ପୂଜା ଆରାଧନା କରନ୍ତି; କିନ୍ତୁ ଜୀବାତ୍ମା ଅନ୍ନପୂର୍ଣ୍ଣାଙ୍କୁ ଲୋକେ, ଲୋକଙ୍କ କଥା ଛାଡ଼, ଧନକୁବେର ଜମିଦାରମାନେ ମଧ୍ୟ ଅନାଦର କରନ୍ତି, ହତାଦର କରନ୍ତି । ଅବିଦ୍ୟା, ମୂଢ଼ା, ପରଶ୍ରୀକାତର୍, ମୁଖର୍, କୁଟିଳା, ଅନ୍ନପୂର୍ଣ୍ଣାଙ୍କ ପ୍ରତି କେତେ ଆଦର ଅଭ୍ୟର୍ଥନା; ସବିଦ୍ୟା, ଗୂଢ଼ା, ପରଦୁଃଖକାତର୍, ଚତୁର୍, ସରଳା, ଅନ୍ନପୂର୍ଣ୍ଣାଙ୍କ ପ୍ରତି ଏତେ ତିରସ୍କାର, ଲାଞ୍ଛନା ! ଧନବତୀ ଗର୍ବେଶ୍ୱରୀ ଅନ୍ନପୂର୍ଣ୍ଣାଙ୍କୁ ଧନଧାନ୍ୟ, ଟଙ୍କାସୁନା, ମୋତିମାଣିକ୍ୟ ଇତ୍ୟାଦି ଦିଆଯାଏ; ଧୀମତୀ ଗର୍ଭଧାତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ମୁଠେ ଅନ୍ନ ମିଳେ ନାହିଁ । ଅଶ୍ଳୀଳ ଶୃଙ୍ଗାର-ସରସ ସଙ୍ଗୀତଗାୟିକା ବ୍ୟଭିଚାରିଣୀ ବସାସଖିଶାଢ଼ୀ ସହ ଶହେ ଷୋଳ ଟଙ୍କା ବିଦାକି ପାଏ; କିନ୍ତୁ ନୀତିଭକ୍ତି-ରସରଞ୍ଜିତା ସରଳ ସୁନ୍ଦର କବିତା ଲେଖିକା ସତୀ ସହଧର୍ମିଣୀ ଶାଲ୍ ଗୋଟିକ ପୋଷାକ ତକ ନ ପାଇ ବିତାଡ଼ିତା ହୁଏ । ଉତ୍କଳର ଏକ ବିଚିତ୍ର ବ୍ୟାପାର !

Digitized by srujan ka@gmail.com

ସ୍ତ୍ରୀଶିକ୍ଷା ସ୍ତ୍ରୀଶିକ୍ଷା ବୋଲି ସର୍ବତ୍ର ଚହଳ ପଡ଼ିଅଛି । ଶିକ୍ଷିତା ମହିଳା ସର୍ବତ୍ର ବିରଳ ବା ଦୁର୍ମିଳ; ତଥାପି କେହି ଜଣେ ଅଧେ ସ୍ୱଭାବସୁଲଭ ଶିକ୍ଷିତା ସାଧ୍ୱୀଙ୍କ ଅନଳ ପରୀକ୍ଷା ଦେବାକୁ ପଡ଼େ । ସୀତାର ଅଗ୍ନି ପରୀକ୍ଷା ନୁହେଁ, ଜଠରାଗ୍ନି ପରୀକ୍ଷା । ଅନ୍ନପୂର୍ଣ୍ଣାଙ୍କୁ ସମସ୍ତେ ଜାଣନ୍ତି, ମୋହର ଅଧିକ ପରିଚୟ ଦେବା କେବଳ ଅତିଶୟୋକ୍ତି! କିନ୍ତୁ ତାହାଙ୍କୁ କେହି ଚିହ୍ନି ନାହାନ୍ତି । ସାଧାରଣ ବା ମଧ୍ୟବିତ୍ତ ଲୋକଙ୍କ କଥା ଛାଡ଼, ରାଜା ଜମିଦାରମାନେ ମଧ୍ୟ ଖାଇ-ବାକୁ ମୁଠେ, ପିନ୍ଧିବାକୁ ଖଣ୍ଡେ ଦେଇ ରଖିପାରିଲେ ନାହିଁ । ଶୁଣା-ଯାଉଥିଲା ଯେ, ଘୋଡ଼ା ଘାସ ନ ଖାଇଲାରୁ ସୁବର୍ଣ୍ଣପଣ୍ଡାର ଦୋଷ ହେଲା, ତଥା ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀ କାର୍ଯ୍ୟରେ ନ ଟିକିଲେ, ଅନ୍ନପୂର୍ଣ୍ଣାଙ୍କ ଖଣ୍ଡାବାଡ଼ି କାଟ ହେଲା କିମ୍ବା ଠାକୁରଙ୍କ ପୁଅ ମଲା, ଅନ୍ନପୂର୍ଣ୍ଣା ହେଲେ ଯୋଗିନୀ, ଡାକିନୀ, ଅଥବା ଠାକୁରାଣୀଙ୍କର ପେଟବୀଥା ହେଲା, ଅନ୍ନପୂର୍ଣ୍ଣାଙ୍କ ଦୃଷ୍ଟି ପଡ଼ିଲା ଇତ୍ୟାଦି । ଏହିପରି ନାନାବିଧ ଉପଦ୍ରବରେ ପଡ଼ି ଶ୍ରୀମତୀ ଅନ୍ନପୂର୍ଣ୍ଣା ଅନ୍ନ ମୁଠାକରୁ ବଞ୍ଚିତା ହେଲେ । ଜମିଦାରବହୁଳ ଗଞ୍ଜାମରେ ପେଟ ପୋଷି ନ ପାରିବା ଶୁଣାଯାଏ । ଏବେ ଆନ୍ଧ୍ରକୁଳରେ ଆଶ୍ରୟ ଗ୍ରହଣ କରିଛନ୍ତି । ଏହା କି ଅନ୍ନପୂର୍ଣ୍ଣାଙ୍କ ଚରିତ୍ରର ଦୋଷ, କର୍ମର ଦୋଷ କିମ୍ବା କପାଳର ଦୋଷ କିମ୍ବା ଗାଁ କନ୍ୟା ସିଙ୍ଘାଣିନାକୀ ? ସେ ଯାହା ହେଉ, ନାରୀଜଗତ ଅନ୍ନପୂର୍ଣ୍ଣାଙ୍କ ଅନାଟନ ସକାଶେ ଉତ୍କଳର ଅଗ୍ରାହ୍ୟତା ବା ଉଦାସୀନତା ଅତୀବ ଅଧିକ୍ଷେପର ବିଷୟ !

ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ କଥାରେ କେହି ବ୍ୟକ୍ତି ଏହିପରି ଏକତରଫା ବିଚାର କରିପାରେ; କିନ୍ତୁ ଅପର ପକ୍ଷ କଥା ନ ଶୁଣି ଶେଷ ସିଦ୍ଧାନ୍ତରେ ଉପନୀତ ହେବା ନିରାପଦ ନୁହେଁ । ସଂସାରରେ ଘର କରିଥିଲେ କେତେ ଭାବ ଅଭାବ, ସୁଖ ଦୁଃଖ, ମାନ ଅପମାନ

Digitized by srujan ka@gmail.com

ଭୋଗ କରିବାକୁ ପଡ଼େ । ଏଥିପାଇଁ ବିଚଳିତ ନ ହୋଇ ସହିଷ୍ଣୁ ହେବାକୁ ହେବ ଏବଂ ସ୍ଥୈର୍ଯ୍ୟ ଧୈର୍ଯ୍ୟ ଅବଲମ୍ବନ କରିବାକୁ ହେବ । ମନେ ରଖିବାକୁ ହେବ ଯେ, କେହି କାହାକୁ ଅନ୍ନବସ୍ତ୍ର ଯୋଗାଇ ଦେଇପାରେ ନାହିଁ କିମ୍ବା କାହାର ଖଣ୍ଡା ବାଣ୍ଟ କେହି କାଟି ଦେଇପାରେ ନାହିଁ । କବିବର ହେଉନ୍ତୁ, ନାସ୍ତିକ ହେଉନ୍ତୁ, ବିଚକ୍ଷଣ ବିଦ୍ୱାନ୍ ହେଉନ୍ତୁ କିମ୍ବା ବିଶୁଦ୍ଧ ମୂର୍ଖ ହେଉନ୍ତୁ, ଧନାଢ୍ୟ ହେଉନ୍ତୁ ବା ଦରିଦ୍ର ହେଉନ୍ତୁ, ସ୍ୱର୍ଗର ଇନ୍ଦ୍ର ହେଉନ୍ତୁ କିମ୍ବା କୁଟୀରବାସୀ କୁଲି ହେଉ, ଯେ ଯାହା କର୍ମଫଳ ଭୋଗ କରନ୍ତି । ଅତଏବ ଅପର କୌଣସି ଲୋକକୁ ନିନ୍ଦା କରିବା ପୂର୍ବେ ଟିକିଏ ଅନ୍ତର୍ମୁଖୀନ ହୋଇ ଆତ୍ମଦୋଷାଦୋଷ ବିଚାର କରିବା ଉଚିତ । ଈଶ୍ୱର କରନ୍ତୁ—ଲୋକାଃ ସମସ୍ତାଃ ସୁଖିନୋଭବନ୍ତୁ ।

ଶ୍ରୀ ଶ୍ରୀବତ୍ସ ପଣ୍ଡା

[ଉତ୍କଳ ସେବକ–୨ । ୮ । ୧୯୨୦]

୯ମ—

ପୁରୀର ସ୍ୱର୍ଗୀୟ ମହାମହୋପାଧ୍ୟାୟ ସଦାଶିବ କାବ୍ୟକଣ୍ଠ ଲେଖିଥିଲେ:—

"ଆପଣ ଶୁଭକ୍ଷଣରେ ଲେଖନୀ ଧାରଣ କରିଅଛନ୍ତି × × ଭଗବାନ ଆପଣଙ୍କୁ ଦୀର୍ଘ ଜୀବନ ପ୍ରଦାନ କରି ମାତୃସମା ମାତୃଭାଷା ଚର୍ଚ୍ଚାରେ ନିଯୁକ୍ତ କରାଇ ଆମ୍ଭମାନଙ୍କୁ ଆନନ୍ଦିତ କରନ୍ତୁ । ଏହା ତାଙ୍କ ପଦେ ପ୍ରାର୍ଥନା ।"

[୩ । ୧୨ । ୧୯୦୪]

Digitized by srujan ka@gmail.com

୧୦ମ—ପଣ୍ଡିତ ଗଦାଧର ବିଦ୍ୟାଭୂଷଣଙ୍କ ପ୍ରଶଂସା ପତ୍ର—

ଗଞ୍ଜାମର ନାଟ୍ୟକବି

ଶ୍ରୀମତୀ ଅନ୍ନପୂର୍ଣ୍ଣା ! ତୁମ୍ଭେ ସଂପୃକ୍ତ ଗର୍ଭରେ ରତ୍ନକଳିକା ପରି ନିଜର ଭବନ-ଗର୍ଭରେ ଯାହା ଉପେକ୍ଷିତ ଭାବରେ ରଖିଅଛ, ତାହା ଭୌତିକ ଶରୀରର ଗୋଚର ମାତ୍ର । ଜଗଦନ୍ତରାଳରେ ଚନ୍ଦ୍ରିକା ନ୍ୟାୟ ପୁଣି କୀର୍ତ୍ତି ଶରୀରରେ ସମସ୍ତ ଶିକ୍ଷିତ ଉତ୍କଳୀୟମାନଙ୍କ ପ୍ରାଙ୍ଗଣ ପ୍ରଦେଶରେ ପ୍ରକାଶ୍ୟ ଭାବରେ ଦେଖାଦେଇଅଛ ! କେବଳ କୀର୍ତ୍ତି-ଶରୀର ନୁହେଁ, ସେ ପୁଣି ସରସତା ପରିମଳ ପରିପୂର୍ଣ୍ଣ ଓ କୋମଳ କବିତାମୟ କୁସୁମହାରରେ ପରିକଳ୍ପିତ ଏବଂ ସୁଶୀଳତାମୟ ବିମଳ ଦୁକୂଳରେ ସୁପରିହିତ । ଆଃ, ଆଜି ଉତ୍କଳ ଧରଣୀର କି ଭାଗ୍ୟ ! ଯେଉଁ ମହିଳାମଣ୍ଡଳୀର ଶିକ୍ଷାଙ୍କୁର ଦେଖିବାକୁ ଦୁର୍ଲଭ ହୋଇଥିଲା, ଅତୀତରେ ତାହାର କୁସୁମସମ୍ପତ୍ତି ଚତୁର୍ଦିଗ ସୁରଭିତ କରୁଅଛି ! ଅତଏବ ମୁଁ ତୁମ୍ଭଙ୍କୁ ସେହି ଅଭିନବ ଶରୀରର ପୁରସ୍କାର କରି କିଛି ଅଭିନନ୍ଦନ ନ କରି ରହିପାରୁ ନାହିଁ । ସୁବୁଦ୍ଧିମତି ! ତୁମ୍ଭର ଏହି ସ୍ମୃହଣୀୟ କଳେବରର ନବାବିର୍ଭାବରେ ଆଜି ଉତ୍କଳ କୁଳମାନ ବିଭୂଷିତ, ଗୁଣଗ୍ରାହକଗୋଷ୍ଠୀ ସନ୍ତୋଷରେ ଶୀତଳିତ, ପରିଷ୍କାର ପ୍ରିୟ-ପରିଷଦ୍ ହୃଦୟ ମଧ୍ୟରେ ପ୍ରଫୁଲ୍ଲିତ । ଆହା !

ଧନ୍ୟ ତୁମ୍ଭର ଜନନୀ ଧନ୍ୟ ତୁମ୍ଭ ପିତା
ଧନ୍ୟ ତୁମ୍ଭ ପୂର୍ବପୁଣ୍ୟ ଧନ୍ୟ ତୁମ୍ଭ ଭର୍ତ୍ତା ।

ଦେଖ, ଗଞ୍ଜାମମଣ୍ଡଳରେ କେତେ କେତେ ଉତ୍କଳମହିଳା ଜନ୍ମଗ୍ରହଣ କରି ନାହାନ୍ତି ! ମାତ୍ର ଯହିଁରେ କୁଳର କେତେକ କୁନିୟମାବଳୀ-ଲୌହଶୃଙ୍ଖଳା ଦିଆଯାଇ ନ ପାରେ, ଯାହାକୁ

Digitized by srujan ka@gmail.com

ଯେନ ବ୍ରହ୍ମାଣ୍ଡ ପର୍ଯ୍ୟଟନ କଲେ ମଧ୍ୟ ଯୁବତୀ ଜାତିର ନିନ୍ଦା ନାହିଁ; ଯହିଁରେ ପୁଣି ଜରା ଓ ଜ୍ୱର ପ୍ରବେଶ କରିବା ଏକାନ୍ତ ଅସମ୍ଭବ, ସେହି ଯଶୋମୟ ଶରୀର ଧାରଣ କରିବାକୁ କେହି ହେଲେ ସମର୍ଥ ହୋଇପାରି ନାହାନ୍ତି । ଯଶସ୍ୱିନି ! ବୋଧହୁଏ ଏହି ଅଦ୍ଭୁତ ଶରୀର ସହକାରରେ ପ୍ରଶସ୍ତ ଉତ୍କଳ ଦ୍ୱାରରେ ପ୍ରବେଶ କରିବା ଦେଖିଲେ ତୁମ୍ଭେ ମହିଳାମଣ୍ଡଳୀ ଶିକ୍ଷା ପ୍ରଦାନ କରିବାକୁ ଦୀକ୍ଷାଗ୍ରହଣ କରିଅଛ । ଅନ୍ୟଥା ପ୍ରାକୃତ ଭୋଗସାଧନ ନିମନ୍ତେ ସେହି ଭୌତିକ ଶରୀର କି ପର୍ଯ୍ୟାପ୍ତ ନୁହନ୍ତା । ଯାହା ହେଉ, ପ୍ରାଚୀ ଗଗନକୁ ପ୍ରଭାତ-ତାରା ପରି ତୁମ୍ଭେ ବୃହତ୍‌କେଶମୁଣ୍ଡି ରାଜ୍ୟକୁ ଭୂଷିତ କରିଅଛ । ଶ୍ରୀମାନ୍ ମହାରାଜା ମହୋଦୟ ଯେ ଯଶସ୍କାମୀ, ସ୍ୱଦେଶର ଉନ୍ନତିଚିନ୍ତକ ଓ ଗୁଣଗ୍ରାହକ, ଅବଶ୍ୟ ତୁମ୍ଭେ ତଦୀୟ ଗ୍ରାହକତାର ପାତ୍ର ହୋଇଥିବ ବୋଲି ବିଶ୍ୱାସ କରୁଁ । ତାହାହେଲେ ଉତ୍ତରୋତ୍ତର ତୁମ୍ଭର ସାହିତ୍ୟ ଓ କବିତା ଶକ୍ତିର ସଙ୍ଗେ ସଙ୍ଗେ ଯଶଃଶରୀର ବୃଦ୍ଧିଲାଭ କରିବ ଏବଂ ଭାବିନୀ ଉତ୍କଳବନିତାବଳୀ ଶିକ୍ଷା ସମ୍ବନ୍ଧେ ତୁମ୍ଭଙ୍କୁ ଆଦର୍ଶ କରିବେ, ଏହି ଆଶାଲତା ମଦ୍ବିଧମାନଙ୍କ ହୃଦୟ-କେଦାରରେ ଅଦ୍ୟାବଧି ରୋପିତ ହେଲା । ସଂପ୍ରତି ତୁମ୍ଭେ ହୃଦୟକୁ ଶିଳାଭିତ୍ତି କରି ତହିଁରେ ଧୃତିଟଙ୍କଦ୍ୱାରା ମୋର ବକ୍ଷ୍ୟମାଣ କେତେକ ଉପଦେଶାକ୍ଷରଗୁଡିକ କାଟିରଖ, ଯାହା କି—ଯଦି ତୁମ୍ଭର ସାହିତ୍ୟ ଚର୍ଚ୍ଚା ବ୍ୟକ୍ତିଗତ ରୁଚିର ସ୍ଥାନ ନ ହୁଏ, ତଥାପି ସାମାଜିକ ରୁଚିର ଏକାନ୍ତ ଭାଜନ । ଅତଏବ ତାହାର ବିସ୍ତର ଦେଖି କ୍ଷୋଭ କରିବ ନାହିଁ, ଏବଂ ନ ମତ୍ସରୀ, ଅସୂୟକ ଓ ଅକ୍ଷମୀମାନେ ପରର ଗୁଣରେ ମୌନମତ୍ତା, ଦୋଷାରୋପ ଓ ବିଘ୍ନୋତ୍ପାଦନ କରିଥାନ୍ତି; ତାହା ଲାଗି ଦୁଃଖ କରିବ ନାହିଁ । କୌଣସି ମାନେ, ପରପ୍ରଣୀତ କବିତା ନିଜ ନାମରେ ତୁମ୍ଭେ ପ୍ରକାଶ କରୁଥିବାର ସମ୍ଭାବନା କରନ୍ତି, ତହିଁରୁ ତୁମ୍ଭର କ୍ଷତି ହେବ ନାହିଁ । ସମ୍ଭାବନା ମାତ୍ରରେ ନିସର୍ଗର ବିନିମୟ ହୁଏ

Digitized by srujan ka@gmail.com

ନାହିଁ । ଯେଣୁ କୁଳବୃଦ୍ଧ ଯଦି କୁଳ ପରମ୍ପରାର ବିରୋଧ ଦେଖାନ୍ତି, ସୁଧୀବର୍ଗମାନେ ସ୍ୱୀକାର କରିପାରିବେ ଯେ, ପୂର୍ବରେ ଏହି ଦେଶରେ ବ୍ରାହ୍ମଣ, କ୍ଷତ୍ରିୟ ଓ ଇତର କୁଳମାନଙ୍କରେ ଅନେକ ନାରୀକବି ଥିଲେ, ଯାହାଙ୍କର କୃତି ଅଦ୍ୟାପି ଆଳୁଣ୍ଠମନ୍ତ । ତେବେ ତାଦୃଶ ବିରୋଧକୁ ଭୟ କାହିଁକି ? ଖଳର ନିନ୍ଦାକୁ ତ ମନୁଷ୍ୟର ଦୋଷ ଆବଶ୍ୟକ ନାହିଁ, ତାହାଙ୍କୁ ଅବା ଜାତର ବାଧା କି ? ତୁମ୍ଭର ସାହିତ୍ୟ ଚର୍ଚ୍ଚାକୁ ସଭ୍ୟ ସାଧାରଣ ଅର୍ଚ୍ଚନା କରିବେ । ତୁମ୍ଭ ସଦନୁଷ୍ଠାନ ତୁମ୍ଭର ଇଷ୍ଟଦେବତା । ସେହି ତୁମ୍ଭର ସମସ୍ତ ମଙ୍ଗଳ କରିବେ ।

ଶ୍ରୀ ଗଦାଧର ବିଦ୍ୟାଭୂଷଣ

[ପ୍ରଜାବନ୍ଧୁ—ତା ୩ । ୮ । ୧୯୦୪]

୧୧ଶ—କବି ପଦ୍ମଚରଣ ଲେଖିଥିଲେ –

ଗଞ୍ଜାମର ନାରୀକବି

(ମାନନୀୟା ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ପ୍ରତି)

ଅନ୍ନପୂର୍ଣ୍ଣା ଗଞ୍ଜାମର ରମଣୀ-ଲଲାମ
ଧନ୍ୟ ତବ ପିତା ମାତା ଧନ୍ୟ ସେ ଗଞ୍ଜାମ ।
ଯେ ସରେ ସରସେ ଶୋଭୁଥିଲେ ରଥ, ଭଞ୍ଜ,
ସେ ସରର ଅଟ ତୁମ୍ଭେ କମନୀୟ କଞ୍ଜ ।
କଳିତ-କବିତାମାଳା ଗୁନ୍ଥି ପ୍ରେମଭରେ
ପୂଜୁଛ ବାଗ୍‌ଦେବୀ-ପଦ ନିର୍ଜ୍ଜନେ ନିସ୍ଥଳେ !
ଗାଉଛ ଆନନ୍ଦ ଭରେ ବିଭୁ ପୁଣ୍ୟନାମ,
ସାଧୁଛ ନୀରବେ ବସି ଜୀବନ-କରମ ।
ଲଭୁଛ ସେ ପଦୁଁ ତେଣୁ ଅଭୟ ସାନ୍ତ୍ୱନା,
ଭୁଲୁଛ ନିର୍ଦ୍ଦୟ-ଭବ-ଅସହ୍ୟ-ଯାତନା ।

Digitized by srujan ka@gmail.com

ଶୁଣିଛୁ ମୁଁ ତବ ଦୁଃଖ, ଗୁଣ, କେତେ ଥର,
ଶୁଣିଲେ ପାଷାଣ ନଷ୍ଟେ ହୋଇବ ତରଳ ।
କଳ୍ପନା-ନୟନେ ତବ ମୂର୍ତ୍ତି ଦେଖି କର
ପାଷାଣ ନୟନୁ ମୋର ବାରୁ ଆସେ ଝର ।
ବିଭୁ-ନାମ ସଦା ଧ୍ୟାୟି ବାଣୀପଦ ସେବ
ପ୍ରଭୁ-କୃପାବଳେ ସୁଖେ ବସିଥାଅ ଦେବ !

ଶ୍ରୀ ପଦ୍ମଚରଣ ପଟ୍ଟନାୟକ, ପୁରୀ

[ପ୍ରଜାବନ୍ଧୁ—୮ । ୩ । ୧୯୦୪]

୧୨ଶ—

"ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ସୁଖ୍ୟାତି

ହିନ୍ଦୀ ବଙ୍ଗବାସୀରେ ନାଗ୍ପୁରର ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କର ସୁଖ୍ୟାତି ଶ୍ରବଣ କରି ସାତିଶୟ ପ୍ରୀତ ହୋଇଅଛୁଁ । ସହଯୋଗୀ ଲେଖିଅଛନ୍ତି, 'ମାନ୍ଦ୍ରାଜରେ ବଡ଼ଖେମୁଣ୍ଡି ନାମକ ଗୋଟିଏ କ୍ଷୁଦ୍ର ରାଜ୍ୟରେ ଜଣେ ପଣ୍ଡିତ ରାଜା ଅଛନ୍ତି । ଏହି ରାଜ୍ୟରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ନାମରେ ଏକବିଂଶ ବର୍ଷବୟସ୍କା ଗୋଟିଏ ହିନ୍ଦୁ ରମଣୀ ଅଛନ୍ତି । ସେ ପାଠଶାଳା ପ୍ରଭୃତିରେ ବିଧିମତ ଶିକ୍ଷା ନ କରି ସୁଦ୍ଧା ଓଡ଼ିଆ ଭାଷା ଉତ୍ତମରୂପେ ଲେଖି ଓ ପଢ଼ି ପାରନ୍ତି ଏବଂ ଭୁରନ୍ତ ପଦ୍ୟ ରଚନା କରି ସାଧାରଣଙ୍କୁ ମୋହିତ କରୁଅଛନ୍ତି । ଅନ୍ନପୂର୍ଣ୍ଣା ଚରିତ୍ରରେ ସତୀତ୍ୱ ଓ ରଚନାରେ କୃତିତ୍ୱ ପ୍ରଦର୍ଶନ କରି ଦେଶ ବିଦେଶର ସ୍ତ୍ରୀ ଓ ପୁରୁଷ ସମାଜରେ ଉତ୍ତରୋତ୍ତର ପ୍ରତିପତ୍ତି ଲାଭ କରନ୍ତୁ, ଆମ୍ଭେମାନେ ଏହି ଆଶୀର୍ବାଦ କରୁଅଛୁଁ ।

[ଉତ୍କଳ ବାସୀ—୨୯ । ୮ । ୧୯୦୫]

Digitized by srujan ka@gmail.com

୩ ଶ—

"ନାସ୍ତିକର ଶ୍ରୀମତୀ ଅନ୍ନପୂର୍ଣ୍ଣା"

ଶୁଭଯୋଗେ ଜନ୍ମ ତବ ଉତ୍କଳ-ଭୁବନେ;
ନୂତନତ୍ୱ ଦେଖାଇଲ ଉତ୍କଳୀୟ ଜନେ,
ଦୂର ଦେଶେ ଥାଇଁ ମୁହିଁ ହୃଦେ ସ୍ମରୁଥାଏ,
ସ୍ମରୁଥିବ ପୁଣି ମାତଃ, ପ୍ରାଣ ଥିବା ଯାଏ ।
ତୁମ୍ଭ ଶକ୍ତି ଭାଙ୍ଗିବାକୁ କେତେ ଯେ ଯତନ,
କରୁଛନ୍ତି, ମା ତଃ ! ସେଇ ଈର୍ଷାପର ଜନ ।
ତିଳେମାତ୍ର ନ କରଣ ତାହାଙ୍କୁ ଖାତର,
ବାଣୀକୁ ସେବୁଛ ଏବେ ସୁଖେ ନିରନ୍ତର ।
ଜୟ ଲଭ କରିବ ମା ! ଜୀବନ-ଆହବେ,
ପରମ-ଆରାଧ୍ୟା ହେବ ନିଶ୍ଚେ ଭବିତବ୍ୟେ ।
ଯାହାଙ୍କଠାରୁ ଶୁଣୁଛ ଆଜ କେତେ କଥା,
ଜୀବନ-ସଂଗ୍ରାମେ ନତ ହେବ ତାଙ୍କ ମଥା ।
ଉପଯୁକ୍ତ ଶକ୍ତି ଦେଲେ ଯେବେ ବାଣୀ ଦେବୀ,
ଲେଖ ସୁକବିତା ସଦା ତାଙ୍କ ପଦ ସେବି ।

ଶ୍ରୀ ଜଗନ୍ନାଥ ପଣ୍ଡା—

[ମତ୍ପ୍ରଣୀତ 'ହୃଦୟ-ଗାଥା' ନାମକ ପୁସ୍ତକର ପାଣ୍ଡୁ-ଲିପିରୁ ଉଦ୍ଧୃତ ହେଲା ।]

['ହିତୈଷିଣୀ'-୨୩ । ୯ । ୦୪]

୧୪ଶ—୪ ସଦାନନ୍ଦ ମହାନ୍ତି ବି. ଏଲ୍‌ଙ୍କ ଲେଖା—

ଜାତିବିଶେଷରେ ଉନ୍ନତି ବହୁପରିମାଣରେ ତଦ୍ଦେଶର ସାହିତ୍ୟୋନ୍ନତି ଉପରେ ନିର୍ଭର କରେ, ଏହା ଇତିହାସବେତ୍ତାମାନଙ୍କୁ ଅଗୋଚର ନୁହେଁ । କବିତା ରଚନା ସମସ୍ତ ଉନ୍ନତ ଜାତି

ସାହିତ୍ୟର ଗୋଟାଏ ପ୍ରଧାନ ଅଙ୍ଗ କହିଲେ ଚଳେ । ଇଂଗ୍ଲଜ ଓ ଫ୍ରେଞ୍ଚ ଆଦି ଜାତିର ସାହିତ୍ୟାକାଶରେ ଅମୂଲ୍ୟ କବିତାରତ୍ନ ସଞ୍ଚିତ ହୋଇଅଛି । ସୁକବିତାଦ୍ୱାରା ଜାତିବିଶେଷର ରୁଚି କି ପରିମାଣରେ ଓ କି ଆଶ୍ଚର୍ଯ୍ୟ ଭାବରେ ପରିବର୍ତ୍ତିତ ହୁଏ, ତାହା କ୍ଷଣେ ଚିନ୍ତାକଲେ ସ୍ପଷ୍ଟ ପ୍ରତୀୟମାନ ହୁଏ । କବିତା ରଚନା ସଭ୍ୟତାର ଏକ ଅପରିହାର୍ଯ୍ୟ ଉପାଦାନ ଅଟେ । ଯେଉଁ ଜାତିର କବିତା ସୁରୁଚିସମ୍ପନ୍ନ ନୁହେଁ, ସେହି ଜାତି କଦାଚ ସଭ୍ୟପଦବାଚ୍ୟ ହୋଇ ନପାରେ । କହିଲେ ଅନୁପଯୁକ୍ତ ହେବ ନାହିଁ ଯେ, ଯେଉଁ ଦେଶର ସାହିତ୍ୟକ୍ଷେତ୍ରରେ ରମଣୀଗଣ କୃଷି ନ କରନ୍ତି, ସେହି ଜାତି ମଧ୍ୟ ସଭ୍ୟପଦବାଚ୍ୟ ନୁହେଁ । ଗଞ୍ଜାମର ସାହିତ୍ୟଗତ ଅବସ୍ଥା ପ୍ରତି ଦୃଷ୍ଟିପାତ କଲେ ଜଣାଯାଏ ଯେ, ଭଞ୍ଜ, କବିସୂର୍ଯ୍ୟ ଆଦି କବିମାନଙ୍କର ଅବସାନ ଉତ୍ତାରେ ତାହାର ସାହିତ୍ୟ ଚର୍ଚ୍ଚା ମଧ୍ୟ ହୀନ ଦଶାକୁ ଲଭିଅଛି । ନିରନ୍ତର ଅଧୋଗତି ବା ଉନ୍ନତି କୌଣସି ଦେଶ ବା ଜାତିର ସ୍ୱତ୍ୱାଧିକାର ବା ନୈସର୍ଗିକ ଗୁଣ ନୁହେଁ, ଜଗତ୍ ଇତିହାସ ଏଥିର ଜ୍ୱଳନ୍ତ ଉଦାହରଣ ପ୍ରଦାନ କରୁଅଛି । ଆଜ ଗଞ୍ଜାମରେ ଜଣେ ନାରୀକବିଙ୍କର ଆବିର୍ଭାବ ଦେଖି ବିଶ୍ୱାସ ଜନ୍ମୁଅଛି ଯେ, ଗଞ୍ଜାମ ପୁନର୍ବାର ଉତ୍କଳ-ସାହିତ୍ୟ ପରିପୁଷ୍ଟ କରିବାକୁ ଲାଗିଲାଣି । ମାତ୍ର ଏହି ନବଜାଗରଣରେ ଏକ ବିଶେଷ ଲକ୍ଷଣ ଲକ୍ଷିତ ହୁଏ । ତାହା ଏହି ଯେ, ନାରୀମାନେ ସୁଦ୍ଧା ସାହିତ୍ୟ ପରିବର୍ଦ୍ଧନ ବ୍ରତରେ ବ୍ରତୀ ଅଟନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ରାଣୀ କନକମଞ୍ଜରୀ ଦେବୀ । ସେ ଗଦ୍ୟକ୍ଷେତ୍ରରେ ପୁରୁଷମାନଙ୍କର ପ୍ରତିଦ୍ୱନ୍ଦ୍ୱିତା ଗ୍ରହଣ କରିଅଛନ୍ତି । କବିତା ପ୍ରଣୟନରେ ସୁଦ୍ଧା ଅବଳାଗଣ ପଶ୍ଚାତ୍‌ପଦ ନୁହନ୍ତି । ଆଜ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ ଲଳିତ କବିତାରାଜି ପ୍ରଣୟନପୂର୍ବକ ସ୍ତ୍ରୀମାନଙ୍କର କବିତା ରଚନା ଶକ୍ତି ସାବ୍ୟସ୍ତ କରୁଅଛନ୍ତି । ମାତ୍ର ଦୁଃଖର ବିଷୟ ଏହି ଯେ, ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କର ଲେଖନୀ ଧାରଣ ସମ୍ବନ୍ଧେ କୌଣସି କୌଣସି

Digitized by srujan ka@gmail.com

ଦିଗରେ ଅସ୍ପୃଶ୍ୟା ପ୍ରଦର୍ଶକ ଗୁଣୁ ଗୁଣୁ ଶବ୍ଦ ଶ୍ରୁତ ହେଉଅଛି । ଏଥିର ଏକ ବା ଦୁଇଗୋଟି କାରଣ ଥାଇପାରେ । ହୁଏ ତ ଅନ୍ନପୂର୍ଣ୍ଣାଙ୍କର ଲେଖନୀ ରାୟ ଅଥବା ରାଓ କବିଙ୍କର ଲେଖନୀ ସଦୃଶ ଶକ୍ତିମନ୍ତ ନୁହେଁ, କିଅବା ଗଞ୍ଜାମ ଉତ୍କଳୀୟମାନେ ନାରୀମାନଙ୍କ ଲେଖନୀ-ଧାରଣର ବିରୋଧୀ ଅଟନ୍ତି । କେବଳ ଯୁକ୍ତି ନିମନ୍ତେ ଯେବେ ପ୍ରଥମ ଅନୁମାନଟିକୁ ସତ୍ୟ ବୋଲି ଗ୍ରହଣ କରିବା, ତେବେ କବିଙ୍କର ନବୀନତା ବିବେଚନା କରି ତାହାଙ୍କ ପୃଷ୍ଠପୋଷକ ହେବା ସମସ୍ତ ଶିକ୍ଷିତ ବ୍ୟକ୍ତିଙ୍କର କର୍ତ୍ତବ୍ୟ । ଜନ୍ମହେବା ମାତ୍ରକେ କେହି ତ ପଣ୍ଡିତ ହୋଇଯାଉ ନାହିଁ । ଅତି ପୂର୍ବକାଳୀନ ପଣ୍ଡିତମାନେ ବିଶେଷ ବିଶେଷ କାରଣବଶତଃ ସହସା କବିତା ରଚନା ଶକ୍ତି ପାଇଥିବାର କଥା ଶୁଣିଅଛୁ । ମାତ୍ର ଆଧୁନିକ କବିମାନଙ୍କର ଜୀବନରେ ସେହି-ପରି ଆଶ୍ଚର୍ଯ୍ୟଜନକ ଘଟଣା ଘଟିବାର ଦେଖାଯାଉ ନାହିଁ । "ଲେଖୁ ଲେଖୁ କରଣ" ଏହା ଆଧୁନିକ ନିୟମ । ଅତଏବ ନବ୍ୟ କବିଙ୍କୁ ଯଥାଯୋଗ୍ୟ ଉତ୍ସାହ ପ୍ରଦାନ କରିବା ନିମନ୍ତେ ପ୍ରତ୍ୟେକ ଶିକ୍ଷିତ ଲୋକ ମାତ୍ରକେ ବାଧ୍ୟ । ତାହା କଲେ କିଏ କହିପାରେ ଯେ, ଦିନେ ସେ ରାୟ ବା ରାଓ କବି ହୋଇ ନ ପାରିବେ? ଶୁଣିଲୁ ଯେ, ଅର୍ଥାଭାବରୁ ତାଙ୍କର ସ୍ୱରଚିତ ଅନେକ କବିତା ଖଡ଼ା ବନ୍ଧାହୋଇ ଘରେ ପଡ଼ି ରହିଅଛି । ଆହା, ଏହି ବିଂଶଶତାବ୍ଦୀରେ ମଧ୍ୟ ଜଣେ ସ୍ତ୍ରୀର ଲେଖାକୁ ଆଦର କରିବାକୁ ମାନ୍ୟଗଣ୍ୟ ଓ ଶିକ୍ଷିତ ବ୍ୟକ୍ତିଗଣ ପଶ୍ଚାତ୍ପଦ ଓ କୁଣ୍ଠିତ ! ପାଠଶାଳା ଅଥବା ବିଶ୍ୱବିଦ୍ୟାଳୟରେ ଶିକ୍ଷିତ ନ ହୋଇ, ଗୃହ ଅନ୍ତରାଳରେ ବେଷ୍ଟିତା ହୋଇ, ପାରିବାରିକ ବନ୍ଧନରେ ଆବଦ୍ଧା ହୋଇ ସୁଦ୍ଧା, ସେ କବିତା ରଚନା ନିମନ୍ତେ ଅବସର ପାଇଅଛନ୍ତି, ଏହା ଅତୀବ ପ୍ରଶଂସାର୍ହ । ଦିନେ ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କର କେତୋଟି କବିତା ପଢ଼ିବାର ସୁଯୋଗ ପାଇଥିଲି । ତହିଁରେ ଶ୍ରୀମତୀ ରେବ ରାୟଙ୍କର ଭାଷାର ଲାଳିତ୍ୟ ନ ଥିଲେ ମଧ୍ୟ କବିତାରେ ଅନ୍ୟାନ୍ୟ

Digitized by srujan ka@gmail.com

ଗୁଣଗ୍ରାମବିଶିଷ୍ଟ ଥିବାରୁ ତାହା ମନୋଜ୍ଞ ଓ ପଠନୀୟ ହୋଇଅଛି । କବିଙ୍କର ଭାଷାର ସାରଲ୍ୟ, ଭାବର ଔଦାର୍ଯ୍ୟ ଓ ହିତୋପଦେଶ-ବୋଧକତା ବିଶେଷରୂପେ ଚିତ୍ତାକର୍ଷକ ଅଟେ ।

ପୂର୍ବୋକ୍ତ ଦ୍ୱିତୀୟ ଅନୁମାନଟି ମଧ୍ୟ ଅସଙ୍ଗତ ବୋଧହୁଏ । ଉତ୍କଳୀୟ ଶିକ୍ଷିତ ସମାଜ ମିସେସ୍ ବ୍ରାଉନିଙ୍ଗ୍, ହେମାନ୍ସ ଆଦି ପାଶ୍ଚାତ୍ୟ ନାରୀକବିମାନଙ୍କର ରଚନାକୁ ପରମାଦର ସହକାରେ ଗ୍ରହଣ ଓ ପଠନ କରୁଥିବା ସ୍ଥଳେ, ସ୍ୱଦେଶୀୟ ଜଣେ ନାରୀକବିଙ୍କର ଲେଖନୀଧାରଣ ଘୃଣ୍ୟ ବୋଧ କରୁଅଛନ୍ତି, ଏହା କିଏ ବିଶ୍ୱାସ କରିବ ? ତେବେ ତାହାଙ୍କ ପ୍ରତି ଅସହାନୁଭୂତି ପ୍ରକାଶର କାରଣ କି ? ଏବଂ ତାହାଙ୍କ କବିତାବଳୀ କେଉଁ କାରଣବଶତଃ ଲୋକ ମନୋରଞ୍ଜନ ନ କରି ଅନ୍ଧକାରମୟ ପ୍ରକୋଷ୍ଠରେ ନ୍ୟସ୍ତ ଅଛି ? ଉତ୍ତମରୂପେ ବିବେଚନା କଲେ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ ଯେ, ଗଞ୍ଜାମ ଉତ୍କଳୀୟ ସମାଜସ୍ଥ ଧନୀ ଓ କୃତବିଦ୍ୟ ବହୁ ବ୍ୟକ୍ତି ଆଜଯାଏ ସୁଦ୍ଧା "ଔଦାସ୍ୟ ଅଙ୍କରେ" ଶାୟିତ ।

ଉପସଂହାର ସ୍ଥଳେ ଏତିକି ମାତ୍ର ବକ୍ତବ୍ୟ ଯେ, ଗଞ୍ଜାମର ନବୀନା ନାରୀକବି ଶ୍ରୀମତୀ ଅନ୍ନପୂର୍ଣ୍ଣାଙ୍କ ଲେଖନୀପ୍ରସୂତ କବିତାଚୟ ଯଦି ଦିନେ ପ୍ରଦେଶରେ ବ୍ୟାପ୍ତ ଓ ଆଦରଣୀୟ ନ ହୁଏ, ବଡ଼ ଭୟ ଅଛି, ଗଞ୍ଜାମ ଶିକ୍ଷିତ ସମାଜର ଓ ଗଞ୍ଜାମ କୁବେରମାନଙ୍କର କାର୍ପଣ୍ୟ ତନ୍ନିମନ୍ତେ ବହୁ ପରିମାଣରେ ଦାୟୀ ହେବ ।

ସଦାନନ୍ଦ ମହାନ୍ତି--ମାନ୍ଦ୍ରାଜ

[ପ୍ରଜାବନ୍ଧୁ--୨୪ । ୮ । ୧୯୦୪]

Digitized by srujan ka@gmail.com

୧୫ଶ—ନାରୀଭବ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ—

ରାଗ—ରାମକେରୀ

ନାହାନ୍ତି କେତେ ଏ ଉତ୍କଳେ ନାରୀକୁଳଲଲାମ
ତହୁଁ ଭଲ ଦେଶ ନିମନ୍ତେ କରୁଛନ୍ତି କାଏ କାମ ? । ୧ ।
ବେଶ ଭୂଷା ଧନ ସଞ୍ଚୟ ପତି ପୁତ୍ର ଶୁଶ୍ରୂଷା
ଗାର୍ହସ୍ଥ୍ୟ ବିଧାନେ ସୁଦକ୍ଷା ନ ପ୍ରବୃତ୍ତି ଉଷା । ୨ ।
ଦେଖାନ୍ତି ଦକ୍ଷତା ପଡୋଶୀ ନାରୀଗଣ ମଧ୍ୟରେ
ଏ ଗୃହର ଯେତେକ ଛଟା ସମସ୍ତ ମୁହିଁ କରେଁ । ୩ ।
ମାତ୍ର ଗୃହସ୍ଥର ଗୃହିଣୀ ଅନ୍ନପୂର୍ଣ୍ଣା ସୁନ୍ଦରୀ
ଉତ୍କଳ ମଧ୍ୟେ ଏକେ ଅଛି ଜଣେ ସ୍ତ୍ରୀ ତା ପରି । ୪ ।
ଗାର୍ହସ୍ଥ୍ୟ ବିଧାନ ନିମିତ୍ତ ଏ ଦରିଦ୍ର ଘରଣୀ
ବିଚ୍ଛିନ୍ନ ଉତ୍କଳ ଖଣ୍ଡରେ ନାରୀ-ମଣ୍ଡଳମଣି । ୫ ।
ଦେଖଇ ଚୌଦିଗେ କେତେ କ୍ଲିଷ୍ଟ ଭାଷିଣୀ ବାମା
ଯାହାଙ୍କ ଭାଷାକୁ ମର୍ତ୍ତ୍ୟରେ ନାହିଁ କେଉଁ ଉପମା । ୬ ।
କି ଗୌରବ କପାଳ ଠଙ୍କ ଗୃହକୋଣରେ ବସି
ହୋଇଛି କବିତା ଲେଖିକା ମଧ୍ୟରେ ଆଦରଣୀ । ।୭।
ତରୁଣ କୁଳୀନା ଚରଣ ମେଲ୍ ନ ପାରେ ଦାନ୍ତେ
ପୂରିତ ହୋଇଛି ମାତୃକ ସୁଧା ତା ହୃଦଭାଣ୍ଡେ । ୮ ।
ଈଶଭକ୍ତି ଦେଶସେବାରେ କେତେ ଉତ୍ସାହ ତାର
ନ ହେଉ ପଛକେ ସିଦ୍ଧ ସେ ନାରୀ ମାତୃକ ଛାର । ୯ ।
କେତେ ପ୍ରଶସ୍ତ ସେ ହୃଦୟ କେତେ ଉଦାର ନୀତି
ତହିଁ ନାହିଁ କିନ୍ତୁ ପରଶ ଯାକୁ କୁଟିଳ ଭୀତି । ୧୦ ।
ଧନ୍ୟ ଦେବି, ତୁମ୍ଭ ଚରିତ ଧନ୍ୟ ତବ କର୍ତ୍ତବ୍ୟ
ତବ ଶୋଣିତେ କି ପୂରିତ ସ୍ୱର୍ଗୀୟ ଐଶୀ ଦ୍ରବ୍ୟ । ୧୧ ।

Digitized by srujan ka@gmail.com

ତବ ମାଂସମଜ୍ଜା କି ଅବା ଅମୃତ ରସାବଳୀ
ତବ ପ୍ରେମଭକ୍ତି ଈଶ୍ୱର-ହୃଦ-ପଙ୍କଜ-ଜଳ । ୧୨ ।
ତବ ଜୀବ-ଆତ୍ମା ବାସ୍ତବ କ୍ଷେତ୍ରେ ପରିପ୍ଲୁତ
ତବ ହୃଦୟ କି ନିଃସ୍ୱାର୍ଥ ହିତର ସେ ପାଳତ । ୧୩ ।
ଆହେ ଦେଶବାସୀ ସୁଯୋଗ୍ୟ ଭ୍ରାତୃବୃନ୍ଦସକଳ
ଦିଅ ଜେ ଦେଉଛୁ ଅବଳା ଜନଙ୍କୁ ଦିବ୍ୟ ବଳ । ୧୪ ।
ମାଗୁଛୁ ମେଲଣି ଦେବ ରୋ ମାତ ବସ୍ତୁ ବଳକ୍ଷ୍ମୀ
ବାଣୀ ତୋ ବୀଣା ତାନ ଶୁଣି ଦିବ୍ୟ ଶକତ ଲଭି
ହେଉନ୍ତୁ ଶ୍ରୀମତୀ ଅବଳା ଅନ୍ନପୂର୍ଣ୍ଣା ଭାରତୀ
ଦିଅ ତାଙ୍କୁ ଉଦ୍ଘନାଯୁକ୍ତ ନାନା ସଙ୍କେତ ଗଚ୍ଛ । ୨୬ ।

ଶ୍ରୀ ବାଞ୍ଛାନିଧି ଜବଭୂଷଣ

ଜଗତପୁର, କଟକ

[ଗଡ଼ଜାତବାସିନୀ ୧୧ । ୨ । ୧୯୧୧]

୧୭ଶ--

ଅଭିନନ୍ଦନ

ଭଗିନୀ କୁଳମଣ୍ଡନା ନାମୀ ଅନ୍ନପୂର୍ଣ୍ଣା
ପ୍ରସୂନ୍ତୁ ଉତ୍କଳରେ ଯେଉଁ ସୁରଚନା ।
ସୁବର୍ଣ୍ଣ ଅକ୍ଷରେ ତାହା ଲିପିବଦ୍ଧ ହେବ
ଉତ୍କଳ ସଦା ତୋ କୀର୍ତ୍ତି ରଟନା କରିବ ।
ଗାଇବେ ମଧୁସୂଦନ, ଫକୀରମୋହନ
ଗାଇବେ ଗଞ୍ଜାମେ ନୀଳମଣି ବିଦ୍ୟାରତ୍ନ ।
ଗାଇବେ ଆଉର ବିଶ୍ୱନାଥ କଟକରେ
ରଚିବ ତୋ କୀର୍ତ୍ତି ବ୍ରଜସୁନ୍ଦର ସୁସ୍ୱରେ ।

Digitized by srujan ka@gmail.com

ଗାଇବ ଉଚ୍ଚକଣ୍ଠରେ ତୋ କୀର୍ତ୍ତିଗୀତିକା
ଉତ୍କଳର ମାନନୀୟା ଉତ୍କଳ ଦୀପିକା ।
ଗାଇବ ନନ୍ଦକିଶୋର ଶ୍ରୀ ଶଶିଭୂଷଣ
ଗାଇବ କେ ନାମୀ ଦାମୋଦର କବିରତ୍ନ ।
ସମ୍ବଲପୁରେ ଗାଇବ କବି ଗଙ୍ଗାଧର
ଗାଇବ ଉନ୍ମୁକ୍ତ କଣ୍ଠେ ଦାସ ସ୍ୱପ୍ନେଶ୍ୱର ।
ଗାଇବେ ତୋ କୀର୍ତ୍ତି ନାମୀ ଶ୍ରୀରାମତାରକ
ବାଲେଶ୍ୱରେ ଥାଇ ତାରସ୍ୱରେ ଦେଇ ଡାକ ।
ଗାଇବ ପାରଲା ରାଜ୍ଞୀ ତୋ କୀର୍ତ୍ତି ଅପର୍ଣ୍ଣା
ଗାଇବ ନିଶ୍ଚେ ବାମଣ୍ଡା ରାଜ୍ଞୀ ସୁଲୋଚନା ।
ଏପରି ଅଛନ୍ତି ବହୁ କବି ସୁପଣ୍ଡିତ
ଗାଇବେ ସେମାନେ ନିଶ୍ଚେ ତୋ ସୁକୀର୍ତ୍ତି ଗୀତ ।
ନିର୍ଭୟେ ତୋ କାର୍ଯ୍ୟ ତୁମ୍ଭ ସାଧୁଥାଅ ନାମୀ
ଯଶ ପ୍ରକାଶ ଉତ୍କଳେ ନୁହଁ ଅଭିମାନୀ ।

ଶ୍ରୀ ଦିଗମ୍ବର ସଦସ୍ୟ, ପୋଃ ବୈଦ୍ୟେଶ୍ୱର,
ଜିଃ କଟକ ।
[ସମ୍ବଲପୁର ହିତୈଷିଣୀ—ତା ୧୦।୮।୧୯୧୧]

୧୭ଶ--

ନାଟ୍ୟକଳା ଶ୍ରୀମତୀ ଅନ୍ନପୂର୍ଣ୍ଣା

ଉତ୍କଳ-କରଣକୁଳର ଗୌରବସ୍ଥାନୀୟା ଶ୍ରୀମତୀ ଅନ୍ନପୂର୍ଣ୍ଣା ସର୍ବଦା ନିଜ ସୁଗୁଣର ପରିଚୟ ଦେଇ ଉତ୍କଳ ନାଟ୍ୟକାରର ଶୀର୍ଷସ୍ଥାନ ଅଧିକାର କରି ଆଦର୍ଶ ମହିଳାରୂପେ ଗଞ୍ଜାମ ଗୌରବ ରକ୍ଷା କରିଅଛନ୍ତି । ସେ କୌଣସି ଉଚ୍ଚବିଦ୍ୟାଳୟମାନଙ୍କରେ ଶିକ୍ଷାଲାଭ ନ କରି ସାଧାରଣ ଚାଟଶାଳୀରେ କିଛି ପଢାଶୁଣା କରି ଯେ କବିତା-

ଗୁଡ଼ିକ ଲେଖିଯାନ୍ତି, ତାହାଦ୍ୱାରା ତାହାଙ୍କର ଅସୀମ ସାହସ ଶକ୍ତିର ଓ ବିଦ୍ୟା ବିଚକ୍ଷଣତାର ଗଭୀର ପରିଚୟ ମିଳୁଅଛି । ସେ ଏପରି ସତ୍-ସାହସ କରି ସାହିତ୍ୟ ସେବାରେ ବ୍ରତୀ ହୋଇଥିବା ଯୋଗୁଁ ସର୍ବଜନ ତାହାଙ୍କର ପ୍ରଶଂସାବାଦ କରି ତାହାଙ୍କୁ ଉତ୍ସାହ ଦେବା ଦୂରେ ଥାଉ,[କିରଣିଆଣୀ ହୋଇ ସଭ୍ୟମାନଙ୍କରେ ଖ୍ରୀଷ୍ଟିୟାନ୍ ପରି ଆଚରଣ କରୁଅଛନ୍ତି ଇତ୍ୟାଦି] ନାନାପ୍ରକାର ମିଥ୍ୟାବାଦଗୁଡ଼ିଏ ଦେଇ ସାଧାରଣରେ ଏବଂ କରଣ ଜାତି ମଧ୍ୟରେ ତାହାଙ୍କୁ ନିରୁ-ତ୍ସାହମୀ କରାଉଅଛନ୍ତି । ପାଠକେ, ଦେଖନ୍ତୁ ଉତ୍କଳ ଖଣ୍ଡରେ କିପରି ନରପଶୁଗୁଡ଼ିଏ ଜନ୍ମଗ୍ରହଣ କରି ଦେଶର ଉନ୍ନତିପଥ ଧ୍ୱଂସ କରୁଅଛନ୍ତି । ଏପରି ଅସତ୍କର୍ମୀ ନରପଶୁଗଣଙ୍କର ଯେ କୌଣସି ପ୍ରତୀକାର ଶୀଘ୍ର ନ ହେଲେ ଉନ୍ନତି ହେବା ସୁକଠିନ । ଅତଃପର ନାଗରିକଙ୍କୁ ଏହି ପ୍ରାର୍ଥନା ଯେ, ଏପରି କୁତ୍ସିତ ଜନମାନଙ୍କର କଟୂକ୍ତିରେ ପ୍ରତାରିତ ନ ହୋଇ ଆଉ କେତେ ଖଣ୍ଡ ବହି ଲେଖି ନିଜର କର୍ତ୍ତବ୍ୟ କର୍ମ ସାଧନରେ ଯତ୍ନ ନେବେ ।

ଶ୍ରୀନିବାସ ପଟ୍ଟନାୟକ, ରମ୍ଭା
[ହିତୈଷିଣୀ - ୨।୮।୧୯୧୩]

୧୮ଶ --

ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଏମ୍. ଏ. ଲେଖିଛନ୍ତି—

“ଅନ୍ନପୂର୍ଣ୍ଣା ସୁଖେ-ଦୁଃଖେ ବାସ୍ତବିକ ଅନ୍ନପୂର୍ଣ୍ଣା । ଅତିଥି ସେବାରେ ସିଦ୍ଧହସ୍ତା, ନାନା ବିପଦରେ ପଡ଼ି ସୁଦ୍ଧା ନିଜର ସଦଭ୍ୟମାନ ଛାଡ଼ି ନାହାନ୍ତି । ଓଡ଼ିଶା ଆଜି ପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣାଙ୍କୁ ଚିହ୍ନିଲା ନାହିଁ । କାହୁଁ ଅବା ଚିହ୍ନିବ ? ଗୁଣୀ ସିନା ଗୁଣର ଆଦର କରେ; ଯାହାଠାରେ ଗୁଣ ନାହିଁ, ସେ କାହୁଁ ଗୁଣୀକି ଚିହ୍ନିବ ?”

[“ପ୍ରତିବିମ୍ବ”--୨୦ । ୨୧ ପୃଷ୍ଠା]

୧୯ଶ—

ଅନ୍ନପୂର୍ଣ୍ଣାଙ୍କ ସମ୍ବନ୍ଧରେ ଇଂରାଜୀ ପତ୍ରିକାର ମନ୍ତବ୍ୟ.—

"Sreemati Annapurna is a young Oriya poetess living at Beddakimedi. She is now one and twenty. She writes spontaneously and possesses sweet imagination. She was never sent to school and her home education was not much. But she writes poetry with ease, beauty and simplicity. She is a poet by nature. The only thing to be regretted is she receives little and no encouragement from the literary men of Utkal Desa. She is suffering from piles and her spirits are depressed by 'chill penury'. The indifference and perhaps envious hatred shown to her, because she is a woman-poet—a thing quite extraordinary in the eyes of the Oriyas is deplorable. Srimati Annapurna and her husband are both simple, pure-minded and highly devoted to God. Our friends will be more interested in the life and work of this young poetess, when we tell them that she is a staunch friend of the reform party.

A powerful critic of the obnoxious Oriya customs such as the Purdha. We hope that our Oriyas will feel sympathy for this poor poetess and contribute their individual help as encouragement to her further literary achievements. Sons

Digitized by srujan ka@gmail.com

of Utkal Mata, see that your sister will not fade and wither away in a desert forest for want of some occasional showers of encouragement before the sweet fragrance of her poetry is felt and enjoyed by you all. Let her not be one of the "full many a flower born to blush unseen and waste its sweetness on the desert air." We wish the Almighty God will spare the honest couple for many years to come and crown their days with peace and happiness."

"The Banner" dated September and October 1904 Vol. I No. 9 and 10.

୨୦ଶ--

The Pride of Beddakimedi

I paid a visit to Beddakimedi a fortnight ago. Beddakimedi is a small town situated nearly fifteen miles off Berhampur. It is a well-managed estate under an attractive Rajah. He seems to be very sympathetic and generous and readily helps the needy. It is reported that he is a staunch friend of the Pandit and the Sastri.

Beddakimedi is to be specially mentioned in connection with a young Oriya poetess. Many of our leaders, I believe, have not yet heard the name of Srimati Annapurna, the pride of Beddakimedi. She is aged nearly one and twenty and

Digitized by srujan ka@gmail.com

belongs to a very poor but respectable Pattanayak family. Srimati is one of the best of modern Oriya poets. I had the pleasure of going to her house with the express purpose of knowing something of her personality and assuring myself of the truth of the many stories current in these parts in favour of her. She was never sent to school and I can assure my readers on the strength of the poetesse's own words that her home education was little or nothing. It is very rare among us—Hindus that the husband or the brother should instruct his wife or sister, it is more so in the Oriya community. It is simply wonderful how this young lady could learn to read and write Oriya with facility through her individual exertions and what is more she can compose verses extempore.

What she writes is not simple doggerel verse but beautiful inofried poems in the real sense of the word. She knows little about rhyme and metre and writes spontaneously. She is possessed with sweet imagination. She wrote in my presence, of course, Purdha being between us, nearly 1000 lines in an hour and a half.

She is very devotional and chaste. Her present circumstances are straitened. She is sick and her naturally jovial spirit has been pressed down

Digitized by srujan ka@gmail.com

under the heavy weight of "chill penury." She has already published a book which is dedicated to Her Highness the Rani of Kalikota. She has written much, but not yet got it printed for want of sufficient funds."

(By our Parlakhimedi correspondent)

" The Telegraph", 23rd, November 1904.

୨୧ଶ—ମାନ୍ଦ୍ରାଜର ଇଂରାଜୀ 'ହିନ୍ଦୁ' ପତ୍ରିକାର ୩୦।୧୧।୧୯୧୦ ସଂଖ୍ୟାରେ ଶ୍ରୀମତୀଙ୍କ ସମ୍ବନ୍ଧରେ ନିମ୍ନ ସମ୍ବାଦ ପ୍ରକାଶିତ ହୋଇଥିଲା:—

Elevation of the depressed Classes

"The interesting and enlivening feature of the meeting was an address on the " Depressed classes" prepared by the Oriya Poetess Srimati Annapurna, the wife of the humble clerk in the Settlement Office, who was born of an Oriya Patnaik family. She has, by her writings and verses impromtu, been showing that even in backward Ganjam many a gem is hid in the bosom of the deep. She exhorted that cleanliness should be taught and the environment of the depressed classes should be improved. She reminded that many lives not for bread alone and that he who worked for the uplifting of his countrymen is the only true son of India. She regretted that numerous caste divisions are tearing us asunder and impressed on the audience that there are only two

Digitized by srujan ka@gmail.com

broad divisions, man and woman whose souls however were all one."

['The Hindu'—30·11·1910]

୨୨ଶ—ମାନ୍ଦ୍ରାଜର ଇଂରାଜୀ "ମାନ୍ଦ୍ରାଜ ଷ୍ଟାଣ୍ଡାର୍ଡ" ପତ୍ରିକାରେ—

" An Oriya address on this subject prepared by the talented Oriya lady, Srimati Annapurna Devi, of this town, well-known for her poetic gifts, was then read. It breathed feelings of humanity and universal brotherhood, and urged that no time should be lost in making earnest efforts for the amelioration of the depressed classes among whom the writer included Hindu ladies also.

[The Madras Standard—3. 12. 1910]

ଓଡ଼ିଶାର କେତେକ ବିଶିଷ୍ଟ ସାହିତ୍ୟିକଙ୍କ ପ୍ରଶଂସାପତ୍ର ଉପରେ ଉଦ୍ଧାର କରାଯାଇଛି । ନାଟ୍ୟକାରଙ୍କ ସମ୍ବନ୍ଧରେ ଆହୁରି ଶତାଧିକ ପ୍ରଶଂସାପତ୍ର ଏବଂ ଚିଠି ମୋଠାରେ ଅଛି । ସେ ସବୁଗୁଡ଼ିକୁ ପ୍ରକାଶ କଲେ ଗୋଟିଏ ପ୍ରକାଣ୍ଡ ପୁସ୍ତକ ହେବା ସମ୍ଭବ ।

ବର୍ତ୍ତମାନ ନାଟ୍ୟକାର ଜୀବନର ସୂର୍ଯ୍ୟାସ୍ତ ସମୟରେ ପହଞ୍ଚିଛନ୍ତି । ବ୍ୟକ୍ତିଗତ ପ୍ରଶଂସା କିମ୍ବା ତାହାଙ୍କର ଲେଖାରେ କୌଣସି ବିଶେଷତ୍ୱ ଖୋଜିବା ଅପେକ୍ଷା ଗ[illegible] । ୩୫ ବର୍ଷ ମଧ୍ୟରେ ସେ ଯେଉଁ ହଜାର ହଜାର କବିତା ଲେଖି ରଖିଯାଇଛନ୍ତି, ସେଗୁଡ଼ିକୁ ସଂଗ୍ରହ କରି ପୁସ୍ତକ ଆକାରରେ ଛାପିବାପାଇଁ ଯତ୍ନକଲେ ତାହାଙ୍କ ପ୍ରତି ଯଥେଷ୍ଟ ସମ୍ମାନ ହେବ ଏବଂ ତଦ୍ୱାରା ପ୍ରକୃତ ପ୍ରତିଭା ପ୍ରକାଶ ହେବା ସମ୍ଭବ । ଏ ଦିଗରେ କୌଣସି ଧନୀ ବ୍ୟକ୍ତି କିମ୍ବା ଓଡ଼ିଶାର କୌଣସି ସାହିତ୍ୟିକ ଅନୁଷ୍ଠାନ ଶୁଭଦୃଷ୍ଟି ଦେଲେ ସୁଖୀ ହେବ ।

Printed by B. K. Kar B. A. at the Saraswata Press, Cuttack, 1937.

Digitized by srujan ka@gmail.com